# ପ୍ରଜ୍ଞାପୁରୁଷ ପଣ୍ଡିତ ନୀଳକଣ୍ଠ



ସାରଳା ସାହିତ୍ୟ ସଂସଦ

Digitized by PPRACHIN, SOA

# ପ୍ରଜ୍ଞାପୁରୁଷ ପଣ୍ଡିତ ନୀଳକଣ୍ଠ

ସମ୍ପାଦନା

ଅଧ୍ୟାପକ ପଠାଣି ପଟ୍ଟନାୟକ
ଡ. ହେମନ୍ତ କୁମାର ଦାସ
ଶ୍ରୀ ଗଗନ ଚନ୍ଦ୍ର ଦାସ
ଡ. ବୈରାଗୀ ଚରଣ ଜେନା
ଡ. ବାବାଜୀ ଚରଣ ପଟ୍ଟନାୟକ
ଡ. ସୁଲୋଚନା ଦାସ
ଡ. ରଞ୍ଜିତା ନାୟକ
ଡ. ପ୍ରସନ୍ନ କୁମାର ସ୍ୱାଇଁ

ସଂକଳନ

## ସାରଳା ସାହିତ୍ୟ ସଂସଦ

କଟକ - ୭୫୩ ୦୦୮

Digitized by PPRACHIN, SOA

# ପ୍ରଜ୍ଞାପୁରୁଷ ପଣ୍ଡିତ ନୀଳକଣ୍ଠ

ସଂକଳନ ଓ ସମ୍ପାଦନା :
**ସାରଳା ସାହିତ୍ୟ ସଂସଦ**
କଟକ - ୭୫୩ ୦୦୮

© ସାରଳା ସାହିତ୍ୟ ସଂସଦ

ପ୍ରକାଶକ
**ବିଶ୍ୱ ବୁକ୍ସ୍**
ବାଲୁବଜାର, କଟକ - ୭୫୩ ୦୦୨

ପ୍ରାପ୍ତିସ୍ଥାନ :
**ଓଡ଼ିଶା ବୁକ୍ ଷ୍ଟୋର**
ବିନୋଦ ବିହାରୀ, କଟକ - ୭୫୩ ୦୦୨

ଛାପା ସଂଖ୍ୟା - ୫୦୦

ପ୍ରଚ୍ଛଦ : ଶ୍ରୀ ଶଶିକାନ୍ତ ରାଉତ

**ପ୍ରଥମ ପ୍ରକାଶ : ଡିସେମ୍ବର, ୨୦୧୫**

ଟାଇପ୍ ସେଟ୍ : ଆନନ୍ଦ ଗ୍ରାଫିକ୍ସ୍, କଟକ - ୯

ମୁଦ୍ରଣ : ଗୁରୁପ୍ରସନ୍ନ ପ୍ରେସ୍, କଟକ - ୧

## PRAJNA PURUSA PANDITA NILAKANTHA

*Compiled & Edited by*
SARALA SAHITYA SANSAD

*Published by*
**Biswa Books**
Balu Bazar, Cuttack -753 002

*Available at*
**ORISSA BOOK STORE**
Binod Behari, Cuttack - 753 002

*1st Edition :* **December, 2015**

Price : Rs. **225/-**
ISBN - 81-86091-74-4

Digitized by PPRACHIN, SOA

# ସାରଳା ସାହିତ୍ୟ ସଂସଦ

ଓଡ଼ିଆ ଭାଷା ସାହିତ୍ୟର ଜନକ ଆଦିକବି ସାରଳା ଦାସଙ୍କ ସ୍ମୃତିରକ୍ଷା ପାଇଁ ଓଡ଼ିଆ ସାହିତ୍ୟ ସଂସ୍କୃତିର ପ୍ରାଣକେନ୍ଦ୍ର କଟକଠାରେ 'ସାରଳା ସାହିତ୍ୟ ସଂସଦ' ପ୍ରତିଷ୍ଠିତ । ଇଂ ପ୍ରଭାକର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଏହି ସଂସଦ ବିଧିବଦ୍ଧ ଭାବରେ ଜନ୍ମ ନେଲା ୧୯୮୨ ମସିହା ଜାନୁୟାରୀ ମାସ, ମାଘ ସପ୍ତମୀରେ - ଶ୍ରୀରାମଚନ୍ଦ୍ର ଭବନଠାରେ ଆଦିକବିଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ । ୩୪ ବର୍ଷ ଭିତରେ 'ସାରଳା ସାହିତ୍ୟ ସଂସଦ' ଆମ ଦେଶରେ ଏକ ପ୍ରମୁଖ ସାହିତ୍ୟାନୁଷ୍ଠାନ ରୂପେ ସ୍ୱୀକୃତ ହୋଇଛି । ସଂସଦ ଦ୍ୱାରା ଏଯାବତ୍ ୫୨ଟି ପ୍ରକାଶିତ ପୁସ୍ତକମଧ୍ୟରେ ରହିଛି ସାରଳା ସାହିତ୍ୟ ସମୀକ୍ଷା, ସାରଳା ମହାଭାରତ: ଚରିତ୍ରର ଚିତ୍ରଶାଳା, ମହାଭାରତର ପଟ୍ଟଭୂମି: ବ୍ୟାସଦେବ ଓ ସାରଳା ଦାସ, ସାରଳା ମହାଭାରତର ଆଖ୍ୟାନ, ସାରଳା କଥା କଲ୍ଲୋଳ, ସାରଳା ସୃଷ୍ଟିର ଦିଗଦିଗନ୍ତ, ସାରଳା ଦାସ କଥା ସାଗର (ହିନ୍ଦୀ), Stories from Sarala's Mahabharat, କଥା ଭାଗବତ, କଥା ରାମାୟଣ, ଉତ୍କଳର କବି ଜୟଦେବ, ଯୁଗପୁରୁଷ ଫକୀରମୋହନ, ଅଚ୍ୟୁତାନନ୍ଦ କଥା ସରିତ, ସାରଳା କଥା ବିତାନ, ଗଙ୍ଗାଧର କାବ୍ୟ ମାନସ, ନୃସିଂହ କଥା ସମ୍ଭାର, ସାରଳା କଥା ପ୍ରତିଭା, ସାରସ୍ୱତ ପୁରୁଷ ମଧୁସୂଦନ, ନନ୍ଦକିଶୋର ସାହିତ୍ୟ ଚିନ୍ତନ, ସୂର୍ଯ୍ୟ କଥା ଭାରତୀ, ଶିବ କଥା କଳ୍ପନା, ସନ୍ଥକବି ଭୀମଭୋଇ, ବ୍ରହ୍ମବୈବର୍ତ୍ତ ଭାସ୍ୱର, ମାନସିଂହ ମାନସ ମୁକୁର, ବ୍ରହ୍ମପୁରାଣ କଥା ସାଗର, କବିବର କାବ୍ୟ ସମୀକ୍ଷା, କବି ମନୀଷୀ ପଣ୍ଡିତ ଗୋଦାବରୀଶ, କଥା କାହାଣୀ, ଅଭିମନ୍ୟୁ କାବ୍ୟଚର୍ଯ୍ୟା, ସୃଷ୍ଟିର ଦର୍ପଣରେ କାଳିନ୍ଦୀଚରଣ, ସାଂପ୍ରତିକ କବି ଓ କବିତା (ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ), କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ, ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ, ସୃଜନ ଶିଳ୍ପୀ, ଉପେନ୍ଦ୍ର ଭଞ୍ଜ : କାବ୍ୟପ୍ରତିଭା, କଥାଶିଳ୍ପୀ କାହ୍ନୁଚରଣ, ଗୋପୀନାଥ ମହାନ୍ତି : ସ୍ରଷ୍ଟା ମାନସ, ସୁରେନ୍ଦ୍ର ମହାନ୍ତି : ସୃଷ୍ଟି ସମୀକ୍ଷା, 'ଶତାବ୍ଦୀ ସାଧକ ନିତ୍ୟାନନ୍ଦ ମହାପାତ୍ର', 'ମହାପାତ୍ର ନୀଳମଣି ସାହୁ : ସୃଷ୍ଟି ମାନସ', 'ଉତ୍କଳଭାରତୀ କୁନ୍ତଳାକୁମାରୀ' ଇତ୍ୟାଦି । ଚଳିତ ବର୍ଷ ସଂସଦ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସୃଷ୍ଟି ସମଗ୍ରକୁ ନେଇ ପ୍ରକାଶ ପାଉଛି 'ପ୍ରଜ୍ଞାପୁରୁଷ ପଣ୍ଡିତ ନୀଳକଣ୍ଠ' ।

ବିଗତ ବର୍ଷମାନଙ୍କରେ ସଂସଦ ପକ୍ଷରୁ ବହୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସିମ୍ଲାଠାରେ ମହାଭାରତ ଉପରେ ଜାତୀୟ ଆଲୋଚନାଚକ୍ର, କଲିକତା

Digitized by PPRACHIN, SOA

ଠାରେ ସାରଳା ସାହିତ୍ୟ ସମ୍ପର୍କରେ ସମ୍ମିଳନୀ, ଶାନ୍ତିନିକେତନଠାରେ ସାରଳା ସାହିତ୍ୟ ଉପରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ର ପ୍ରଭୃତି ଉଲ୍ଲେଖନୀୟ । ସାରଳା ସାହିତ୍ୟ ସଂସଦ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ 'ସନ୍ଥ ସାହିତ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଏବଂ କଟକରେ କଥାକାର ବାମାଚରଣ ମିତ୍ରଙ୍କ କୃତି ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ୨୦୦୨ ଡିସେମ୍ବରରେ ଆମ ସଂସଦ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଲେଖିକା ସମ୍ମେଳନ ସାରଳା ଭବନରେ ମଧ୍ୟ ଆୟୋଜିତ ହୋଇଥିଲା । ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସଂସଦର ମିଳିତ ଆନୁକୂଲ୍ୟରେ ୨୦୦୬ ମସିହାରେ ଏକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର 'ସାରଳା ଭବନ'ରେ ହୋଇଥିଲା । ୨୦୦୭ ମସିହାରେ ଆମ ସଂସଦ ଓ ଏନ୍.ବି.ଟି.ର ମିଳିତ ଆନୁକୂଲ୍ୟରେ ଶିଶୁ ସାହିତ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ମଧ୍ୟ 'ସାରଳା ଭବନ'ରେ ଅନୁଷ୍ଠିତ ହୋଇଥିଲା । ୨୦୧୫ ନଭେମ୍ବର ୮ ତାରିଖରେ 'ଓଡ଼ିଆ ଉପନ୍ୟାସ' ଶୀର୍ଷକ ଏକଦିବସୀୟ ଆଲୋଚନାଚକ୍ର କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ସାରଳା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ 'ସାରଳା ଭବନ'ଠାରେ ଅନୁଷ୍ଠିତ ହୋଇଯାଇଅଛି ।

ଅନୁଷ୍ଠାନର ସାମ୍ବତ୍ସରିକ ଉତ୍ସବମାନଙ୍କରେ ଦେଶର ଯେଉଁ ବିଦ୍ୱାନ୍ ଓ ସ୍ୱନାମଧନ୍ୟ ସାରସ୍ୱତ ସ୍ରଷ୍ଟାମାନେ ଯୋଗଦାନ କରି ଆମକୁ ଉତ୍ସାହିତ କରିଛନ୍ତି, ସେମାନେ ହେଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ତତ୍କାଳୀନ ସଭାପତି ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ଡ. ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟ, କେନ୍ଦ୍ର ସାହିତ୍ୟ ଏକାଡ଼େମୀର ତତ୍କାଳୀନ ସମ୍ପାଦକ ଡ. ଇନ୍ଦ୍ରନାଥ ଚୌଧୁରୀ, ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଡ. ନାମଓ୍ୱର୍ ସିଂହ, ବିଶିଷ୍ଟ ବଙ୍ଗୀୟ କବି ଶ୍ରୀ ଆଶିଷ ସାନ୍ୟାଲ୍, ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଡ. ବିଶ୍ୱମ୍ଭର ନାଥ ପାଣ୍ଡେ, ମଣିପୁରର ତତ୍କାଳୀନ ରାଜ୍ୟପାଳ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ, ପ୍ରଖ୍ୟାତ ସାହିତ୍ୟିକ ଓ ଐତିହାସିକ ଡ. ହରେକୃଷ୍ଣ ମହତାବ, ପ୍ରବୀଣ ସାହିତ୍ୟିକ ଓ ସାମ୍ବାଦିକ ଡ. ରାଧାନାଥ ରଥ, ଲୋକସଭାର ତତ୍କାଳୀନ ବାଚସ୍ପତି ଶ୍ରୀ ରବି ରାୟ, ବିଶିଷ୍ଟ ଐତିହାସିକ ଡ. ମନ୍ମଥନାଥ ଦାସ, ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କବି ଡ. ସଚ୍ଚି ରାଉତରାୟ, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ବଙ୍ଗୀୟ କବି ଶ୍ରୀ ସୁଭାଷ ମୁଖୋପାଧ୍ୟାୟ, ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ଡ. ଶିବ ପ୍ରସାଦ ସିଂହ, ପ୍ରଫେସର ବାଲ୍‌ସୌରୀ ରେଡ୍‌ଡ୍ରୀ, ଭାରତୀୟ ଜ୍ଞାନପୀଠ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ଆର୍. ପାଣ୍ଡୁରଙ୍ଗା ରାଓ, ବିଶିଷ୍ଟ ବଙ୍ଗୀୟ କବି ଶ୍ରୀମତୀ ନବନୀତା ଦେବସେନ୍, ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ତତ୍କାଳୀନ ନିର୍ଦ୍ଦେଶକ

Digitized by PPRACHIN, SOA

ଡ. ଗଙ୍ଗାପ୍ରସାଦ ବିମଳ, ସରସ୍ୱତୀ ସମ୍ମାନପ୍ରାପ୍ତ ପ୍ରଖ୍ୟାତ କବି ଶ୍ରୀ ରମାକାନ୍ତ ରଥ, ଜ୍ଞାନପୀଠ ପୁରସ୍କାର ବିଜେତା କବି ଡ. ସୀତାକାନ୍ତ ମହାପାତ୍ର, ପ୍ରଖ୍ୟାତ କବି ଡ. ସୌଭାଗ୍ୟ କୁମାର ମିଶ୍ର, ଭାରତୀୟ ଭାଷା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପ୍ରଭାକର ସୋତ୍ରୀୟ, ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ମିଶ୍ର, ବିଶିଷ୍ଟ ବଙ୍ଗୀୟ ସମାଲୋଚକ ପ୍ରଫେସର ଡ. ଅମିୟ ଦେବ, ପ୍ରଖ୍ୟାତ କଥାକାର ଶ୍ରୀ ମନୋଜ ଦାସ, ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ତେଲୁଗୁ ଲେଖକ ପ୍ରଫେସର ସି. ନାରାୟଣ ରେଡ଼୍‌ଡ଼ୀ, ପୂର୍ବତନ କୁଳପତି ପ୍ରଫେସର ଲକ୍ଷ୍ମୀନାରାୟଣ ମିଶ୍ର, ପ୍ରଖ୍ୟାତ କବି ଡ. ଜୟନ୍ତ ମହାପାତ୍ର, ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଶ୍ରୀ ରାମେଶ୍ୱର ଠାକୁର, ପୂର୍ବତନ ରାଜ୍ୟପାଳ ଶ୍ରୀ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ, ମହାପାତ୍ର ନୀଳମଣି ସାହୁ, ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ, ଜଷ୍ଟିସ୍ ଗୋପାଳବଲ୍ଲଭ ପଟ୍ଟନାୟକ, ଜ୍ଞାନପୀଠ ପୁରସ୍କାରପ୍ରାପ୍ତ କବି କେଦାରନାଥ ସିଂହ ପ୍ରମୁଖ ।

୧୯୮୩ ମସିହାରୁ ସାରଳା ସାହିତ୍ୟ ସଂସଦ ପ୍ରଦତ୍ତ 'ସାରଳା ସମ୍ମାନ'ରେ ସମ୍ମାନିତ ହୋଇଥିବା ବିଦ୍ୱାନମାନେ ହେଉଛନ୍ତି ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (୧୯୮୩), ଶ୍ରୀ ସୁରେନ୍ଦ୍ର ମହାନ୍ତି (୧୯୮୪), ଡ. ବଂଶୀଧର ମହାନ୍ତି (୧୯୮୫), ଡ. କୃଷ୍ଣଚରଣ ସାହୁ (୧୯୮୬), ଡ. ଦୀନବନ୍ଧୁ ରଥ (୧୯୮୭), ଡ. କୁଞ୍ଜବିହାରୀ ତ୍ରିପାଠୀ (୧୯୮୮), ଡ. ସତ୍ୟନାରାୟଣ ରାଜଗୁରୁ (୧୯୮୯), ପ୍ରଫେସର ଭୁବନେଶ୍ୱର ବେହେରା (୧୯୯୦), ଫତୁରାନନ୍ଦ (୧୯୯୧), ଶ୍ରୀମତୀ ବ୍ରହ୍ମୋତ୍ରୀ ମହାନ୍ତି (୧୯୯୨), ଶ୍ରୀ ରାଜକିଶୋର ରାୟ (୧୯୯୩), ଶ୍ରୀ ପଠାଣି ପଟ୍ଟନାୟକ (୧୯୯୪) ଡ. ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) (୧୯୯୫), ଶ୍ରୀ ଚିନ୍ତାମଣି ବେହେରା (୧୯୯୬), ପ୍ରଫେସର ଗଙ୍ଗାଧର ବଳ (୧୯୯୭), ଶ୍ରୀ ଅଚ୍ୟୁତାନନ୍ଦ ପତି (୧୯୯୮), ଶ୍ରୀ ସହଦେବ ସାହୁ (୨୦୦୦), ଶ୍ରୀ ଶ୍ରୀନିବାସ ଉଦ୍‌ଗାତା (୨୦୦୧), ଡ. ବିଚିତ୍ରାନନ୍ଦ ମହାନ୍ତି ଓ ଡ. ହେମନ୍ତ କୁମାର ଦାସ (ଯୁଗ୍ମ ପୁରସ୍କାର - ୨୦୦୨), ଶ୍ରୀ ସାତକଡ଼ି ହୋତା (୨୦୦୩), ଶ୍ରୀ ବିପିନ ବିହାରୀ ମିଶ୍ର (୨୦୦୪), ଶ୍ରୀ ମନୋଜ ଦାସ (୨୦୦୫), ଡ. ସୀତାକାନ୍ତ ମହାପାତ୍ର (୨୦୦୬), ଶ୍ରୀ ଯଦୁନାଥ ଦାଶମହାପାତ୍ର (୨୦୦୭), ଡ. ଦାଶରଥି ଦାସ (୨୦୦୮), ମହାପାତ୍ର ନୀଳମଣି ସାହୁ (୨୦୦୯), କବି ଡ. ଜୟନ୍ତ ମହାପାତ୍ର (୨୦୧୦), ପ୍ରଖ୍ୟାତ କବି ଶ୍ରୀ ରମାକାନ୍ତ ରଥ (୨୦୧୧), ଶ୍ରୀମତୀ ମନୋରମା ମହାପାତ୍ର (୨୦୧୨) ଏବଂ ପ୍ରଖ୍ୟାତ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟ (୨୦୧୩) । ଚଳିତ ବର୍ଷ ଯୁଗ୍ମ ଭାବେ ଏହି ସମ୍ମାନ ଲାଭ କରୁଛନ୍ତି ପ୍ରସିଦ୍ଧ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓ ଯଶସ୍ୱୀ କବି ଡ. ରବିନାରାୟଣ ସେନାପତି । ଏଠାରେ ସୂଚନାଯୋଗ୍ୟ ଯେ ଅନିବାର୍ଯ୍ୟ କାରଣବଶତଃ ୨୦୦୦ ମସିହା ପାଇଁ କାହାରିକୁ 'ସାରଳା ସମ୍ମାନ' ଦିଆଯାଇନଥିଲା ।

Digitized by PPRACHIN, SOA

ଏତଦ୍‌ବ୍ୟତୀତ ସଂସଦ ପକ୍ଷରୁ ୨୦୦୩ ମସିହାରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳନ ସହିତ ଜଣେ ସାରସ୍ୱତ ସାଧକଙ୍କୁ 'ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ'ରେ ସମ୍ମାନିତ କରାଯାଉଛି । କବି ଶ୍ରୀ ସରୋଜ ରଞ୍ଜନ ମହାନ୍ତି, ପ୍ରଫେସର ନିତ୍ୟାନନ୍ଦ ଶତପଥୀ, ଶ୍ରୀ ସୁରେନ୍ଦ୍ରନାଥ ଶତପଥୀ, ଡ. ଧନେଶ୍ୱର ମହାପାତ୍ର, ଡ. କୃଷ୍ଣଚରଣ ବେହେରା, ପ୍ରଫେସର ଶରତ୍‌ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରଫେସର ରଜତ କୁମାର କର, ଡାକ୍ତର ଗୁରୁପ୍ରସାଦ ମହାନ୍ତି, ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଏହି ସମ୍ମାନ ପାଇଛନ୍ତି । ୨୦୦୪ ମସିହାରୁ ସଂସଦ କବି ମାୟାଧର ମାନସିଂହଙ୍କ ଜୟନ୍ତୀ ପାଳନ କରିବା ସହିତ ଜଣେ ଯଶସ୍ୱୀ ସାହିତ୍ୟିକଙ୍କୁ 'ମାନସିଂହ ସମ୍ମାନ'ରେ ସମ୍ମାନିତ କରିଆସୁଛି । ପ୍ରଫେସର ହୃଦାନନ୍ଦ ରାୟ, କବି ଶ୍ରୀ ଜୟନ୍ତ ମହାପାତ୍ର, ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ଖଗେଶ୍ୱର ମହାପାତ୍ର, ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ସୁଜାତା ପ୍ରିୟମ୍ବଦା, ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ, ପ୍ରଫେସର ବୈରାଗୀ ଚରଣ ଜେନା, ଡଃ ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ବୈଷ୍ଣବ ଚରଣ ସାମଲ, ପ୍ରଫେସର ମନୋରଞ୍ଜନ ପ୍ରଧାନ, ଶ୍ରୀ କବିବର ପରିଡ଼ା ପ୍ରମୁଖ ଏହି ସମ୍ମାନ ପାଇଛନ୍ତି । ୨୦୧୪ ମସିହାରେ ବିଶିଷ୍ଟ ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ଶତବାର୍ଷିକୀ ପାଳନ ଅବସରରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା । ୨୦୧୪ ଅଗଷ୍ଟ ୨୨ ତାରିଖ ଦିନ ଏହି ଅବସରରେ ଅନୁଷ୍ଠିତ ଏକ ସାରସ୍ୱତ ସମାରୋହରେ ବିଶିଷ୍ଟ ସାହିତ୍ୟିକ ଦେବ୍ରାଜ ଲେଙ୍କାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ୨୦୧୫ ଅକ୍ଟୋବର ୧୦ ତାରିଖରେ ସଂସଦ ପକ୍ଷରୁ ଅନୁଷ୍ଠିତ 'ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ' ଲାଭ କରିଛନ୍ତି ବିଶିଷ୍ଟ କବି ଶ୍ରୀ ନିତ୍ୟାନନ୍ଦ ନାୟକ । ଏହି ସମ୍ମାନ ସ୍ୱରୂପ ପଚିଶ ହଜାର ଟଙ୍କା ଅର୍ଥରାଶି, ତାମ୍ରଫଳକ ଏବଂ ଉପଢ଼ୌକନ ପ୍ରଦାନ କରାଯାଇଛି । ସଂସଦ ପକ୍ଷରୁ ମଧ୍ୟ ୨୦୧୫ ସେପ୍‌ଟେମ୍ବର ୨୯ ତାରିଖରେ ଗଙ୍ଗାଧର ମେହେର ସାରସ୍ୱତ ସମାରୋହ ପାଳନ କରାଯାଇଛି । ତତ୍‌ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସଂସଦର ରଜତ ଜୟନ୍ତୀ ସମାରୋହରେ ବହୁ ସାରସ୍ୱତ ସାଧକଙ୍କୁ 'ରଜତ ଜୟନ୍ତୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଉରକେଲାଠାରେ ଡ. ନଟବର ଶତପଥୀ, ଶ୍ରୀ କବିବର ପରିଡ଼ା, ସମ୍ବଲପୁରଠାରେ କବି ଶ୍ରୀ ଉମାଶଙ୍କର ପଣ୍ଡା, କବି ଶ୍ରୀ ହୁସେନ୍ ରବି ଗାନ୍ଧୀ, ବ୍ରହ୍ମପୁରଠାରେ ପ୍ରଫେସର ବେଣୀମାଧବ ପାଢ଼ୀ, ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ୨୦୦୭ ମସିହାରୁ ଆମ ସଂସଦ ପକ୍ଷରୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ଉତ୍କଳମାତାର ଜଣେ ବରପୁତ୍ରଙ୍କୁ ସଂସଦ ପକ୍ଷରୁ 'କଳିଙ୍ଗରତ୍ନ' ଉପାଧି ପ୍ରଦାନ କରାଯାଉଅଛି । ବିଗତ ବର୍ଷମାନଙ୍କରେ ଏହି ସମ୍ମାନ ଲାଭ କରିଛନ୍ତି ଜଷ୍ଟିସ୍ ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର (୨୦୦୭), ଲୋକସଭାର ପୂର୍ବତନ ବାଚସ୍ପତି ଶ୍ରୀଯୁକ୍ତ ରବି

Digitized by PPRACHIN, SOA

ରାୟ (୨୦୦୮), ଜଷ୍ଟିସ୍ ଶ୍ରୀଯୁକ୍ତ ଅରିଜିତ୍ ପଶାୟତ (୨୦୦୯), ଶ୍ରୀଯୁକ୍ତ ରମାକାନ୍ତ ରଥ (୨୦୧୦), ପଦ୍ମଶ୍ରୀ ତୁଳସୀ ମୁଣ୍ଡା (୨୦୧୧), ଡ. ସୀତାକାନ୍ତ ମହାପାତ୍ର (୨୦୧୨) ଓ ପଦ୍ମଶ୍ରୀ ଡଃ ପ୍ରତିଭା ରାୟ (୨୦୧୪) । ଏଠାରେ ସୂଚନାଯୋଗ୍ୟ ଯେ ୨୦୧୩ ମସିହାରେ ଏହି ପୁରସ୍କାର ପାଇଁ ଚୟନ କମିଟି ସୁପାରିଶ ହୋଇ ଆସିଥିବା ନାମ ମଧ୍ୟରୁ କାହାକୁ ଯୋଗ୍ୟ ବିବେଚନା କରିନଥିଲେ । ଚଳିତ ବର୍ଷ (୨୦୧୫) ଏହି ସମ୍ମାନ ଲାଭ କରୁଛନ୍ତି ଜଷ୍ଟିସ୍ ଶ୍ରୀଯୁକ୍ତ ଅନଙ୍ଗ କୁମାର ପଟ୍ଟନାୟକ ।

ସାରଳା ସାହିତ୍ୟ ସଂସଦର ପ୍ରଥମ ସଭାପତି ଥିଲେ ପ୍ରଖ୍ୟାତ ସାହିତ୍ୟିକ ଡ. କାଳିନ୍ଦୀଚରଣ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ହେଲେ ଶ୍ରୀ ଅଶୋକ କୁମାର ମହାପାତ୍ର, ସମ୍ପାଦକ ହେଲେ ଏହାର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ଓ କୋଷାଧ୍ୟକ୍ଷ ରହିଥିଲେ ଡ. ନୀରଦ କୁମାର ଗଛାୟତ । ୧୯୮୮ ମସିହାରେ ସାରଳା ସାହିତ୍ୟ ସଂସଦ ସହିତ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସମ୍ପୃକ୍ତ ହେଲେ ଓ ଏହାର ସଭାପତି ପଦ ମଣ୍ଡନ କଲେ । ତାଙ୍କ ଅନ୍ତେ ୨୦୦୩ ନଭେମ୍ବର ୨ ତାରିଖରୁ ୨୦୧୪ ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ମୁଁ ଏହି ପଦରେ ଥିଲି । ମୁଁ ସ୍ୱଇଚ୍ଛାରେ ଏହି ପଦରୁ ଅବ୍ୟାହତି ନେବାରୁ ୨୦୧୪ ଜୁଲାଇ ୧୪ ତାରିଖରୁ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ଏହି ଦାୟିତ୍ୱ ବହନ କରିଛନ୍ତି ।

ସଂସଦର ତତ୍କାଳୀନ ସଭାପତି ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଆନ୍ତରିକ ଉଦ୍ୟମ ଫଳରେ ରାଜ୍ୟ ସରକାର ୧୯୯୬ ରେ ବାରବାଟୀ ଦୁର୍ଗ ଉପକଣ୍ଠରେ ସଂସଦକୁ ପ୍ରାୟ ଅଧ ଏକର ଜମି ଯୋଗାଇଦେଲେ ଓ ଏହି ଜମିରେ ଭବନ ନିର୍ମାଣ ପାଇଁ ତିରିଶ ଲକ୍ଷ ଟଙ୍କା ସରକାରୀ ସାହାଯ୍ୟ ମିଳିଥିଲା । ଏହି ଅର୍ଥରେ ସାରଳା ଭବନର କେବଳ ଷ୍ଟ୍ରକ୍‌ଚର ନିର୍ମାଣ ହୋଇପାରିଲା । ଅର୍ଥାଭାବରୁ ୨୦୦୦ ମସିହାରୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଲା । ଆମେ ଅଳ୍ପ କେତେଜଣ ସଭ୍ୟ ଯଥା : ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ପଚାଶ ହଜାର ଟଙ୍କା, ଡାକ୍ତର ନିରଞ୍ଜନ ତ୍ରିପାଠୀ ଚାଳିଶ ହଜାର ଟଙ୍କା, ଶ୍ରୀ ଗଗନ ଚନ୍ଦ୍ର ଦାସ ପଚିଶ ହଜାର ଟଙ୍କା ଓ ମୁଁ (ଶ୍ରୀ ସହଦେବ ସାହୁ) ଏକଲକ୍ଷ ଟଙ୍କା ଦାନ କରି, ପୁଣି କିଛି ଅର୍ଥ ଋଣ କରି ଏବଂ କିଛି ଅର୍ଥ କେତେକ ବଦାନ୍ୟ ବ୍ୟକ୍ତିଙ୍କଠାରୁ ସଂଗ୍ରହ କରି ୨୦୦୨ ଫେବୃୟାରୀରେ ତଳ ମହଲା ସମ୍ପୂର୍ଣ୍ଣ କଲୁ ।

ଉପର ଦୁଇମହଲା ନିର୍ମାଣ ପାଇଁ ସଂସଦର ମୁଖ୍ୟ ଉପଦେଷ୍ଟା ମାନ୍ୟବର ଶ୍ରୀ ରଙ୍ଗନାଥ ମିଶ୍ର ତାଙ୍କ ସାଂସଦ ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କଲେ । ଦ୍ୱିତୀୟ ମହଲା ୧୦ ଫେବୃୟାରୀ ୨୦୦୩ରେ ଏବଂ ତୃତୀୟ ମହଲା ମାର୍ଚ୍ଚ ୨୦୦୪ରେ ଲୋକାର୍ପିତ ହେଲା । ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କ ସାଂସଦ ପାଣ୍ଠିର ସାହାଯ୍ୟରେ 'ସାରଳା ଭବନ'ର ସମ୍ମୁଖ ପାର୍ଶ୍ୱର ନିର୍ମାଣ କାର୍ଯ୍ୟ ହୋଇଛି । ଅଡ଼ିଟୋରିୟମ୍‌ର ଶବ୍ଦ ନିୟନ୍ତ୍ରଣ କାର୍ଯ୍ୟ ମଧ୍ୟ ବଦାନ୍ୟ

Digitized by PPRACHIN, SOA

ବ୍ୟକ୍ତିଙ୍କ ସାହାଯ୍ୟରେ କରାଯାଇଛି । ସାରଳା ଭବନର ଲାଇବ୍ରେରି ସାଂସଦ ଶ୍ରୀ ପ୍ୟାରୀମୋହନ ମହାପାତ୍ରଙ୍କ ସାଂସଦ ପାଣ୍ଠିର ସାହାଯ୍ୟରେ କରାଯାଇଛି । ସାଂସଦ ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆଙ୍କ ସାଂସଦ ପାଣ୍ଠିର ଅନୁଦାନରେ ସାରଳା ଭବନର ସମ୍ପ୍ରସାରଣ ଓ ଏହାର ମଞ୍ଚ ନିର୍ମାଣ ହୋଇପାରିଛି । ସାଂସଦ ଶ୍ରୀ ଶଶିଭୂଷଣ ବେହେରା, ସାଂସଦ ଶ୍ରୀ ଦିଲ୍ଲୀପ ରାୟ ଓ ସାଂସଦ ଶ୍ରୀବୈଷ୍ଣବଚରଣ ପରିଡ଼ା ସେମାନଙ୍କର ସାଂସଦ ପାଣ୍ଠିରୁ ଏହି ଭବନର କେତେକ କାର୍ଯ୍ୟପାଇଁ ଅନୁଦାନ ଦେଇଛନ୍ତି । କିନ୍ତୁ ଏଠାରେ ଉଲ୍ଲେଖଯୋଗ୍ୟ ସେ ସାରଳା ଭବନର ବହୁଳ ନିର୍ମାଣ କାର୍ଯ୍ୟ ଜଷ୍ଟିସ୍ ଶ୍ରୀ ରଙ୍ଗନାଥ ମିଶ୍ର ଓ ଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆଙ୍କ ସାଂସଦ ପାଣ୍ଠିର ଅନୁଦାନରେ ସମ୍ଭବ ହୋଇପାରିଛି । ଏହି ଅବସରରେ ସମସ୍ତ ସାଂସଦଙ୍କୁ ମୁଁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ଏ ଅବସରରେ କାର୍ଯ୍ୟକାରୀ କମିଟିର ସଭ୍ୟ ଶ୍ରୀ ଗଗନ ଚନ୍ଦ୍ର ଦାସ, ଶ୍ରୀ ବିପିନ ବିହାରୀ ମିଶ୍ର, ଡ. ପ୍ରତିଭା ରାୟ, ଡ. ରବିନାରାୟଣ ସେନାପତି, ଡାକ୍ତର ନିରଞ୍ଜନ ତ୍ରିପାଠୀ, ଡାକ୍ତର ନିମାଇଁ ଚରଣ ପରିଜା ଏବଂ ବିଶିଷ୍ଟ ପ୍ରକାଶକ ଓଡ଼ିଶା ବୁକ୍ ଷ୍ଟୋରର ସ୍ୱତ୍ୱାଧିକାରୀ ଶ୍ରୀ ଗୋବିନ୍ଦ ଚରଣ ପାତ୍ର ଓ ତାଙ୍କ ସୁପୁତ୍ର ଶ୍ରୀ ବିଜୟ ଶଙ୍କର ପାତ୍ରଙ୍କ ସକ୍ରିୟ ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରୁଛି । କୋଷାଧ୍ୟକ୍ଷ ପ୍ରଫେସର ଡାକ୍ତର ନୀରଦ କୁମାର ଗଛାୟତ ତାଙ୍କ ଦାୟିତ୍ୱ ଦକ୍ଷତାର ସହ ତୁଲାଇ ଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି । ସଂସଦର ଆରମ୍ଭରୁ ଏହାର ପ୍ରାଣପ୍ରତିଷ୍ଠାତା ଇଂ. ଶ୍ରୀ ପ୍ରଭାକର ସ୍ୱାଇଁଙ୍କର ଐକାନ୍ତିକ ଉଦ୍ୟମ ଓ ଅଜସ୍ର ପରିଶ୍ରମ ହିଁ ସଂସଦକୁ ପୂର୍ଣ୍ଣାଙ୍ଗ ଭାବେ ଗଢ଼ିତୋଳିଛି ଓ ଏଯାବତ୍ ପ୍ରାଣବନ୍ତ କରି ରଖିଛି । ମୁଁ ଏତିକି କହିପାରେ, ଆମେମାନେ ସମସ୍ତେ ସଂସଦ ସହିତ ସମ୍ପୃକ୍ତ ଥିଲେ ମଧ୍ୟ ଇଂ. ଶ୍ରୀ ସ୍ୱାଇଁ ସାରଳା ସାହିତ୍ୟ ସଂସଦର ଏକକ ସ୍ଥପତି । ସେ ବହୁ ଶ୍ରମ ସ୍ୱୀକାର କରି ଅନେକଙ୍କଠାରୁ ସାହାଯ୍ୟ ସହଯୋଗ ଆଣି 'ସାରଳା ସାହିତ୍ୟ ସଂସଦ' ଓ ତା'ର 'ସାରଳା ଭବନ' ଗଢ଼ିଛନ୍ତି । ତେଣୁ ସାରଳା ସାହିତ୍ୟ ସଂସଦର ସବୁ ଶ୍ରେୟ ତାଙ୍କୁ ଦିଆଯିବ । ମୋର ତାଙ୍କୁ ଅସରନ୍ତି ଧନ୍ୟବାଦ ।

ଆଶା କରୁଛି, ସାରଳା ଦାସଙ୍କ ସ୍ମୃତିକୁ ଆହୁରି ପ୍ରସାରିତ କରିବାରେ ଓଡ଼ିଶାବାସୀ ଆମକୁ ଅଧିକରୁ ଅଧିକ ସାହାଯ୍ୟ କରିବେ ।

ସାରଳା ଭବନ, କଟକ
ଡିସେମ୍ବର, ୨୦୧୫

(signature)
ମୁଖ୍ୟ ଉପଦେଷ୍ଟା
ସାରଳା ସାହିତ୍ୟ ସଂସଦ

Digitized by PPRACHIN, SOA

# ସାରଳା ସାହିତ୍ୟ ସଂସଦର
# କଥା ଓ ଗାଥା

ଆମ ଭାଷା ସାହିତ୍ୟର ଆଦିକବି ହେଉଛନ୍ତି ସାରଳା ଦାସ । ସେ ସମୃଦ୍ଧ ଓଡ଼ିଆ ଭାଷା ଓ ସାହିତ୍ୟର ସ୍ରଷ୍ଟା । କେବଳ ଭାରତୀୟ ସାହିତ୍ୟ କାହିଁକି, ସମଗ୍ର ବିଶ୍ୱ ସାହିତ୍ୟର ସେ ହେଉଛନ୍ତି ଅନନ୍ୟ ପ୍ରତିଭା । ଏହି ମହାକବିଙ୍କ କୃତି ଓ କୀର୍ତ୍ତିର ସ୍ମୃତିରକ୍ଷା ପାଇଁ ତାଙ୍କ ଜନ୍ମ, ସାଧନା ଓ ସମାଧିପୀଠ ଝଙ୍କଡ଼ (ତିର୍ତ୍ତୋଲ ଅଞ୍ଚଳ) ଭିନ୍ନ ଅନ୍ୟ କେଉଁସ୍ଥାନରେ କୌଣସି କାର୍ଯ୍ୟକ୍ରମ କରାଯାଉ ନଥିଲା । ଏହି ଅଭାବବୋଧ ଅନୁଭବ କରି ମୁଁ ରାଉରକେଲା ଆଞ୍ଚଳିକ ଇଞ୍ଜିନିୟରିଂ କଲେଜ (ସମ୍ପ୍ରତି ଜାତୀୟ ବୈଷୟିକ ପ୍ରତିଷ୍ଠାନ, ରାଉରକେଲା)ର ଦ୍ୱିତୀୟ ବର୍ଷର ଛାତ୍ରାବସ୍ଥାରେ (୧୯୭୧) ଆନ୍ତର୍ଜାତୀୟ ସହର ରାଉରକେଲାଠାରେ ଏହି ମନୀଷୀଙ୍କ ସ୍ମୃତିରକ୍ଷା ପାଇଁ ଏକ ଅନୁଷ୍ଠାନ ଗଠନ କରି ତା ମାଧ୍ୟମରେ ତାଙ୍କ କୃତିର ସମ୍ୟକ୍ ଆଲୋଚନା ପାଇଁ ସାହିତ୍ୟ ସଭାମାନ କରିପାରିଥିଲି । ୧୯୭୫ ମସିହାରେ ମୁଁ ଇଞ୍ଜିନିୟରିଂ ଡିଗ୍ରୀ ପାଠ ଶେଷ କରି ରାଉରକେଲା ଛାଡ଼ିଲି । ପରେ ବୁର୍ଲାଠାରେ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଅଧୀନରେ ଚାକିରି ଆରମ୍ଭ କଲି । ସେଠାରେ ବହୁ ସାରସ୍ୱତ ଉତ୍ସବର ଆୟୋଜନ କରୁଥିଲି । ସେଠାରୁ କଟକକୁ ୧୯୮୧ ମସିହା ଏପ୍ରିଲ୍ ମାସରେ ବଦଳି ହୋଇ ଆସିଲି । ସେହିବର୍ଷ ଡିସେମ୍ବରରେ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ମହାନଗରୀରେ ସାରଳା ଦାସଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏକ ଅନୁଷ୍ଠାନ ଗଢ଼ିବା ପାଇଁ ଇଚ୍ଛା କଲି । ଏକ ଶୀତ ସକାଳେ ମୁଁ ମୋର ଅଗ୍ରଜସମ ଡାକ୍ତର ନୀରଦ କୁମାର ଗଛାୟତଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କଲି ଓ ତାଙ୍କଠାରୁ ଉତ୍ସାହ ପାଇଲି । ତା'ପରେ ଭେଟିଲି ଆମ ରାଜ୍ୟର ପ୍ରଖ୍ୟାତ ଶିକ୍ଷାବିତ୍ ତଥା ତତ୍କାଳୀନ ଲୋକସେବା ଆୟୋଗର ସଦସ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କୁ । ସେତେବେଳେ ସେ ରହୁଥାନ୍ତି କ୍ୟାଣ୍ଟନମେଣ୍ଟ ବଙ୍ଗଳା ନଂ୮ରେ । ବୁର୍ଲାରେ ଅବସ୍ଥାନ କାଳରେ ୧୯୭୬ ମସିହାରୁ ତାଙ୍କ ସହିତ ମୋର ସୁସମ୍ପର୍କ ରହିଥାଏ । ସେ ମୋତେ ବହୁତ ଶ୍ରଦ୍ଧା କରନ୍ତି । ମୁଁ ତାଙ୍କ ସହିତ ସାରଳା ଦାସଙ୍କ ସ୍ମୃତିରେ ଏକ ଅନୁଷ୍ଠାନ ଗଠନ ସମ୍ପର୍କରେ ଆଲୋଚନା କଲି । ସେ ମୋତେ ପ୍ରେରଣା ଦେଲେ ଓ ପ୍ରୋତ୍ସାହନ ଯୋଗାଇଲେ । ପରେ ପରେ ଭେଟିଲି ପ୍ରଖ୍ୟାତ ସାହିତ୍ୟିକ ପଦ୍ମଭୂଷଣ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ । ତାଙ୍କୁ ନିଜର ଅଭୀପ୍ସା ଜଣାଇଲି । ସେ ମଧ୍ୟ ମୋତେ ବହୁଭାବରେ ଉତ୍ସାହିତ କଲେ । ଅନୁଷ୍ଠାନ ଗଠନ

Digitized by PPRACHIN, SOA

ସମ୍ପର୍କରେ ପ୍ରାରମ୍ଭିକ ଆଲୋଚନା ପାଇଁ ଡିସେମ୍ବର ଶେଷ ଭାଗର ଏକ ସନ୍ଧ୍ୟାରେ ପ୍ରଫେସର ପତିଙ୍କ ସରକାରୀ ବାସଭବନ (ସି.ବି.-୮)ରେ ବୈଠକଟିଏ ଡକାଇଲି ।

ଏହି ବୈଠକରେ ସାରଳା ଦାସଙ୍କ ନାମରେ 'ସାରଳା ସାହିତ୍ୟ ସଂସଦ' ନାମରେ ଏକ ଅନୁଷ୍ଠାନ ଗଠନ ପାଇଁ ଘୋଷଣା କଲି । ଅତଏବ ଏଇଠି ଜନ୍ମନେଲା 'ସାରଳା ସାହିତ୍ୟ ସଂସଦ' । ଏହାକୁ ସେଦିନ ସେଠାରେ ଉପସ୍ଥିତ ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ସ୍ୱାଗତ କଲେ । ପରେ ୧୯୮୨ ମସିହା ଜାନୁଆରୀ ପ୍ରଥମ ସପ୍ତାହରେ ଏକ ବିଧିବଦ୍ଧ ବୈଠକ ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କ ସି.ବି.-୮ ଘରେ ଅନୁଷ୍ଠିତ ହେଲା । ଏହି ବୈଠକରେ ପ୍ରଥିତଯଶା ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ସଭାପତିତ୍ୱ କଲେ । ପ୍ରଫେସର ପ୍ରଫୁଲ୍ଲ କୁମାର ପତି, ବରିଷ୍ଠ ପ୍ରଶାସକ ଶ୍ରୀ ଅଶୋକ କୁମାର ମହାପାତ୍ର, ପ୍ରଥିତଯଶା କଥାକାର ଡ. ପ୍ରତିଭା ରାୟ, ଡ. ବିଚିତ୍ରାନନ୍ଦ ମହାନ୍ତି, ଡାକ୍ତର ନୀରଦ କୁମାର ଗଛାୟତ, ଡ. ଜୟନ୍ତ ଦାସ (ଆକାଶବାଣୀ), ଡ. ରେଖା ମହାନ୍ତି, ଅଧ୍ୟାପକ ଡ. ମହେଶ୍ୱର ମହାନ୍ତି, ଶ୍ରୀ ରମେଶ ଚନ୍ଦ୍ର ଜେନା, ଇଂ. ତପନ କୁମାର ବେହେରା ପ୍ରମୁଖ ବହୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଏଥିରେ ଯୋଗଦେଲେ । ଏହି ବୈଠକରେ ସାରଳା ସାହିତ୍ୟ ସଂସଦର କର୍ମକର୍ତ୍ତା ମନୋନୀତ ହେଲେ । ସର୍ବସମ୍ମତିକ୍ରମେ ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀ ରହିଲେ ଏହାର ସଭାପତି, ମୁଁ ରହିଲି ଏହାର ସମ୍ପାଦକ, ଶ୍ରୀ ଅଶୋକ କୁମାର ମହାପାତ୍ର କାର୍ଯ୍ୟକାରୀ ସଭାପତି, ଡାକ୍ତର ନୀରଦ କୁମାର ଗଛାୟତ କୋଷାଧ୍ୟକ୍ଷ ହେଲେ । ସର୍ବୋପରି ପ୍ରଫେସର ପ୍ରଫୁଲ୍ଲ କୁମାର ପତି ସଂସଦର ଉପଦେଷ୍ଟା ରହିଲେ । ସେହି ବୈଠକରେ ପରବର୍ତ୍ତୀ ମାଘ ସପ୍ତମୀ ସନ୍ଧ୍ୟାରେ କଟକ ସହରରେ ସାରଳା ଦାସଙ୍କ ପବିତ୍ର ଶ୍ରାଦ୍ଧୋତ୍ସବ ପାଳନ ପାଇଁ ସ୍ଥିର କରାଗଲା ।

ସେହିବର୍ଷ (୧୯୮୨)ର ମାଘ ସପ୍ତମୀ ପଡ଼ିଲା ଜାନୁୟାରୀ ମାସ ୨୯ ତାରିଖରେ । ଦିନରାତି ଲାଗି ଉତ୍ସବର ଆୟୋଜନ କଲି । ଉତ୍ସବ ଅନୁଷ୍ଠିତ ହେଲା କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ । ପ୍ରଖ୍ୟାତ ସମାଜସେବୀ ତଥା ଦୈନିକ 'ସମାଜ'ର ତତ୍‌କାଳୀନ ସମ୍ପାଦକ ଡଃ ରାଧାନାଥ ରଥ ଆୟୋଜିତ ଉତ୍ସବରେ ଯୋଗଦେଇ ଆଶୀର୍ବାଣୀ ପ୍ରଦାନ କରିଥିଲେ । ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ତତ୍‌କାଳୀନ ମନ୍ତ୍ରୀ ବାସୁଦେବ ମହାପାତ୍ର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରଫେସର ଓ ମୁଖ୍ୟ ଡଃ ବଂଶୀଧର ମହାନ୍ତି, ଅଧ୍ୟାପକ ପଠାଣି ପଟ୍ଟନାୟକ ମଞ୍ଚ ଅଳଙ୍କୃତ କରି ସାରଳା ଦାସଙ୍କ ସ୍ମୃତିପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ସାରଳା ସାହିତ୍ୟ ଉପରେ ଆଲୋଚନା କରିଥିଲେ । ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କର ସଂଗୀତ ପରିବେଷଣ କରିଥିଲେ । ସେଦିନ ଭରପୂର ହୋଇ ଉଠିଥିଲା ଶ୍ରୀରାମଚନ୍ଦ୍ର ଭବନ । ଲୋକେ ଜାଗା ନ ପାଇ ହଲ୍ ବାହାରେ ଠିଆ

Digitized by PPRACHIN, SOA

ହୋଇ ରହିଥିଲେ । କଟକ ସହରର ବହୁ ମାନ୍ୟଗଣ୍ୟ ସାହିତ୍ୟିକ ଶ୍ରୋତୃମଣ୍ଡଳୀରେ ଉପସ୍ଥିତ ଥିଲେ । ଉତ୍ସବର ସଫଳତା ମୋତେ ବହୁ ଭାବରେ ଉତ୍ସାହିତ କରିଥିଲା । ଏଣିକି ଏହି ଅନୁଷ୍ଠାନର ବିକାଶ ପାଇଁ ମୁଁ ସତତ ପ୍ରୟାସୀ ହେଲି । ସରକାରଙ୍କ ସୋସାଇଟି ରେଜିଷ୍ଟ୍ରେସନ୍ ନିୟମ ୧୮୬୦ ଅନୁଯାୟୀ ଏହାକୁ ରେଜିଷ୍ଟ୍ରୀଭୁକ୍ତ କରାଇଲି ।

ଦ୍ୱିତୀୟ ବର୍ଷର ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ କଲି । ସେ ବର୍ଷ ପାଇଁ ସାରଳା ସାହିତ୍ୟର ବିଭିନ୍ନ ଦିଗକୁ ନେଇ ଏକ ଆଲୋଚନାମୂଳକ ପୁସ୍ତକ ପ୍ରକାଶ ପାଇଁ ଉଦ୍ୟମ କଲି । ଫଳତଃ ପ୍ରକାଶ ପାଇଲା 'ସାରଳା ସାହିତ୍ୟ ସମୀକ୍ଷା' ଗ୍ରନ୍ଥ । ସଂସଦର ଦ୍ୱିତୀୟ ସମ୍ମିଳନୀ ଅନୁଷ୍ଠିତ ହେଲା ୧୯୮୩ ମସିହା ମାଘ ସପ୍ତମୀରେ, କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ । ପରିପୂର୍ଣ୍ଣ ହୋଇଥିଲା ପ୍ରେକ୍ଷାଳୟ, କଟକ ଭୁବନେଶ୍ୱରର ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ଉପସ୍ଥିତିରେ । ଏହି ଉତ୍ସବରେ ଓଡ଼ିଶାର ବରପୁତ୍ର ରାଷ୍ଟ୍ରନୀତିଜ୍ଞ ଡ. ହରେକୃଷ୍ଣ ମହତାବ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । 'ସାରଳା ସାହିତ୍ୟ ସମୀକ୍ଷା' ଗ୍ରନ୍ଥ ଉତ୍ସବରେ ଉନ୍ମୋଚିତ ହୋଇଥିଲା । ଏହା ମୋତେ ଅଧିକରୁ ଅଧିକ ଉତ୍ସାହ ଯୋଗାଇଲା । ମୋର ମାନସ ସନ୍ତାନ 'ସାରଳା ସାହିତ୍ୟ ସଂସଦ'କୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଦିନରାତି ମୁଁ ଚିନ୍ତାକଲି । ତାହାର ଫଳସ୍ୱରୂପ ସଂସଦ ପକ୍ଷରୁ ଏଯାବତ୍ ଓଡ଼ିଆରେ ପ୍ରକାଶ ପାଇଛି ସାରଳା ସାହିତ୍ୟ ସମୀକ୍ଷା, ସାରଳା ମହାଭାରତ : ଚରିତ୍ରର ଚିତ୍ରଶାଳା, ମହାଭାରତର ପଟ୍ଟଭୂମି : ବ୍ୟାସଦେବ ଓ ସାରଳା ଦାସ, ସାରଳା ମହାଭାରତର ଆଖ୍ୟାନ, ସାରଳା କଥା କଲ୍ଲୋଳ, ସାରଳା ସୃଷ୍ଟିର ଦିଗ ଦିଗନ୍ତ, କଥା ଭାଗବତ, କଥା ରାମାୟଣ, ଉତ୍କଳର କବି ଜୟଦେବ, ଯୁଗପୁରୁଷ ଫକୀରମୋହନ, ଅଚ୍ୟୁତାନନ୍ଦ କଥା ସରିତ, ସାରଳା କଥା ବିତାନ, ଗଙ୍ଗାଧର କାବ୍ୟ ମାନସ, ନୃସିଂହ କଥା ସମ୍ଭାର, ସାରଳା କଥା ପ୍ରତିଭା, ସାରସ୍ୱତ ପୁରୁଷ ମଧୁସୂଦନ, ନନ୍ଦକିଶୋର ସାହିତ୍ୟ ଚିନ୍ତନ, ସୂର୍ଯ୍ୟ କଥା ଭାରତୀ, ଶିବ କଥା କଳ୍ପନା, ସନ୍ଥକବି ଭୀମଭୋଇ, ବ୍ରହ୍ମବୈବର୍ତ୍ତ ଭାସ୍ୱର, ମାନସିଂହ ମାନସ ମୁକୁର, ବ୍ରହ୍ମପୁରାଣ କଥା ସାଗର, କବିବର କାବ୍ୟ ସମୀକ୍ଷା, କବି ମନୀଷୀ ପଣ୍ଡିତ ଗୋଦାବରୀଶ, କଥା କାହାଣୀ, ଅଭିମନ୍ୟୁ କାବ୍ୟଚର୍ଯ୍ୟା, ସୃଷ୍ଟିର ଦର୍ପଣରେ କାଳିନ୍ଦୀଚରଣ, ସାମ୍ପ୍ରତିକ କବି ଓ କବିତା (ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ), କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ, ସାମ୍ପ୍ରତିକ ଓଡ଼ିଆ ସାହିତ୍ୟ, ସୃଜନ ଶିଳ୍ପୀ, କାବ୍ୟଶିଳ୍ପୀ ଉପେନ୍ଦ୍ର ଭଞ୍ଜ, କଥାଶିଳ୍ପୀ କାହ୍ନୁଚରଣ, ଗୋପୀନାଥ ମହାନ୍ତି : ସ୍ରଷ୍ଟାମାନସ, ସୁରେନ୍ଦ୍ର ମହାନ୍ତି ସୃଷ୍ଟି ସମୀକ୍ଷା, ଶତାବ୍ଦୀ ସାଧକ ନିତ୍ୟାନନ୍ଦ ମହାପାତ୍ର, ମହାପାତ୍ର ନୀଳମଣି ସାହୁ ସୃଷ୍ଟି ମାନସ, ଉତ୍କଳ ଭାରତୀ କୁନ୍ତଳାକୁମାରୀ ପ୍ରଭୃତି ଗ୍ରନ୍ଥ ଏବଂ ଚଳିତ ବର୍ଷ ପ୍ରକାଶ ପାଉଛି 'ପ୍ରଜ୍ଞାପୁରୁଷ ପଣ୍ଡିତ ନୀଳକଣ୍ଠ' । ସେଥିପାଇଁ ମୁଁ ବହୁ ଶ୍ରମ ସ୍ୱୀକାର କରି ଲେଖକମାନଙ୍କ ପାଖକୁ ବାରମ୍ବାର ଦୌଡ଼ି ଲେଖା ସଂଗ୍ରହ କରିଛି, ପ୍ରକାଶନ ନିମିତ୍ତ ପ୍ରେସ୍‌କୁ ଦୌଡ଼ି ପ୍ରୁଫ୍ ଦେଖିବା ସମେତ ସବୁକାର୍ଯ୍ୟ ନିଜେ ହିଁ କରିଛି । ସଂକଳନ ଠାରୁ

Digitized by PPRACHIN, SOA

ପ୍ରକାଶନ ପର୍ଯ୍ୟନ୍ତ ବହୁ ବର୍ଷଧରି ସବୁକାର୍ଯ୍ୟ ଏକକ ଭାବେ କରି ଗ୍ରନ୍ଥଗୁଡ଼ିକୁ ଲୋକଲୋଚନକୁ ଆଣିପାରିଛି ।

ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସାରଳା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଆମେ ପ୍ରକାଶ କରିଛୁ ଇଂରାଜୀ ପୁସ୍ତକ 'Stories from Sarala's Mahabharat' ଓ ହିନ୍ଦୀ ପୁସ୍ତକ 'ସାରଳା ଦାସ କଥା ସାଗର' । ଇଂରାଜୀ ବହିଟି ପାଠକରି ଭାରତର ତତ୍‌କାଳୀନ ରାଷ୍ଟ୍ରପତି ଡଃ ଶଙ୍କର ଦୟାଲ ଶର୍ମା ଏହାର ଭୂୟସୀ ପ୍ରଶଂସା କରି ଏକ ପତ୍ର ଲେଖିଥିଲେ ।

୧୯୬୫ ମସିହାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସାରଳା ଦାସକୃତ ମହାଭାରତର ଶୁଦ୍ଧ ସଂସ୍କରଣ ପ୍ରଥମେ ପ୍ରକାଶ କରିଥିଲେ । ଏହା ଭିତରେ ସେଗୁଡ଼ିକ ବିକ୍ରୟ ହୋଇଯାଇଛି । ସମ୍ପୂର୍ଣ୍ଣ ସେଟ୍ ବହୁତ ଦିନ ହେବ ମିଳୁନଥିଲା । ଏହି ଅଭାବ ପରିଲକ୍ଷିତ କରି ମୁଁ ଆମ ସଂସଦ ପକ୍ଷରୁ 'ସାରଳା ମହାଭାରତ'ର ନବ ସଂସ୍କରଣ ପାଇଁ ଉଦ୍ୟମ କଲି । ଅତ୍ୟନ୍ତ ଆନନ୍ଦର କଥା ୨୦୦୭ ମସିହାର ପବିତ୍ର ମାଘ ସପ୍ତମୀ ତିଥିରେ ସଂସଦର ବାର୍ଷିକ ଉତ୍ସବ ଅବସରରେ 'ସାରଳା ମହାଭାରତ' ନବକଳେବର ଧାରଣ କରି ଆତ୍ମପ୍ରକାଶ କଲା ।

ଆଦିକବି ସାରଳା ଦାସଙ୍କ ସ୍ମୃତିରେ ଆମ ଭାଷା ସାହିତ୍ୟର ଯଶସ୍ୱୀ ସାହିତ୍ୟିକଙ୍କୁ ସମ୍ମାନିତ କରିବା ପାଇଁ ମୁଁ ଇଚ୍ଛାକଲି । ୧୯୮୩, ୧୯୮୪, ୧୯୮୫, ୧୯୮୬, ୧୯୮୭ ପାଇଁ ସାରଳା ସାହିତ୍ୟର ଗବେଷକମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ପରେ ସାରଳା ସାହିତ୍ୟରେ ଗବେଷକଙ୍କର ଅଭାବ ପରିଲକ୍ଷିତ ହେବାରୁ ଓଡ଼ିଆ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟାଙ୍କୁ ଏହି ପୁରସ୍କାର ଦେବାକୁ ସ୍ଥିର କରାଗଲା । ଏହି ପୁରସ୍କାର ସଂସଦର ବାର୍ଷିକ ଉତ୍ସବରେ ପ୍ରଦାନ କରାଯାଇଥାଏ । ଏହି ପୁରସ୍କାରର ଆର୍ଥିକ ପରିମାଣ ଦୁଇ ହଜାର ଟଙ୍କାରୁ କ୍ରମଶଃ ବୃଦ୍ଧି ପାଇ ସମ୍ପ୍ରତି ପଚାଶ ହଜାର ଟଙ୍କା ଦିଆଯାଉଛି । ଏହି ସାରସ୍ୱତ ପୁରସ୍କାର 'ସାରଳା ସମ୍ମାନ' ରାଜ୍ୟରେ ମର୍ଯ୍ୟାଦା ଓ ପ୍ରତିଷ୍ଠା ଲାଭ କରିଛି । ଏହି ସମ୍ମାନ ଚୟନ ପାଇଁ ପ୍ରତ୍ୟେକ ବର୍ଷ ୪ ବା ୫ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ନେଇ ଏକ କମିଟି ଗଠନ କରାଯାଇଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସଂସଦର ନିଷ୍ପତ୍ତି ଅନୁଯାୟୀ ୨୦୦୪ର ପୁରସ୍କାର ପର୍ଯ୍ୟନ୍ତ ଜାତୀୟ ପୁରସ୍କାର (ଜ୍ଞାନପୀଠ, ସରସ୍ୱତୀ, ମୂର୍ତ୍ତିଦେବୀ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ) ଲାଭ କରିଥିବା ସାହିତ୍ୟିକଙ୍କୁ ଚୟନର ଅନ୍ତର୍ଭୁକ୍ତ କରାଯାଉ ନଥିଲା । ମାତ୍ର ୨୦୦୫ ବର୍ଷର ପୁରସ୍କାରଠାରୁ ପୂର୍ବ ନିଷ୍ପତ୍ତିର ପରିବର୍ତ୍ତନ କରାଯାଇ ଏହି ସମ୍ମାନ ପାଇଁ ସମସ୍ତ ଓଡ଼ିଆ ସାହିତ୍ୟିକଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ପୁଣି ୨୦୦୭ ମସିହାରୁ ଜାତୀୟ ବା ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଜଣେ ଓଡ଼ିଆଙ୍କୁ 'କଳିଙ୍ଗ ରତ୍ନ' ଉପାଧିରେ ଭୂଷିତ କରାଯାଉଛି ।

Digitized by PPRACHIN, SOA

ଓଡ଼ିଶାର ସାହିତ୍ୟିକମାନେ ଅନ୍ୟ ଭାରତୀୟ ଭାଷାର ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନଙ୍କ ବକ୍ତବ୍ୟ ଶୁଣିବା ଓ ତାଙ୍କ ସହିତ ଭାବ ବିନିମୟ କରିବା ପାଇଁ ଚିନ୍ତାକରି ୧୯୮୬ ମସିହାଠାରୁ ପ୍ରତ୍ୟେକ ବର୍ଷ ସଂସଦର ବାର୍ଷିକ ଉତ୍ସବକୁ ଅନ୍ୟ ଭାଷାର ଜଣେ ଯଶସ୍ୱୀ ସାହିତ୍ୟିକଙ୍କୁ ନିମନ୍ତ୍ରଣ କରାଯାଉଛି । ଫଳତଃ ଦେଶର ବହୁ ଜ୍ଞାନପୀଠ ପୁରସ୍କାର ଓ ସରସ୍ୱତୀ ସମ୍ମାନପ୍ରାପ୍ତ ସାହିତ୍ୟିକ ସଂସଦର ବାର୍ଷିକୋତ୍ସବରେ ଯୋଗଦେଇ ଉପାଦେୟ ଭାଷଣ ପ୍ରଦାନ କରୁଛନ୍ତି । ତେଣୁ ଆମର ଉଦ୍ଦେଶ୍ୟ ବହୁଭାବରେ ସାଧିତ ହୋଇପାରିଛି ।

ଅତ୍ୟନ୍ତ ସୁଖର କଥା, ୧୯୯୧ ମସିହାଠାରୁ 'ସାରଳା ସାହିତ୍ୟ ସଂସଦ' କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତି ଲାଭ କରିଛି ।

୧୯୮୮ ମସିହାର କଥା । ଡଃ କାଳିନ୍ଦୀ ଚରଣ ପାଣିଗ୍ରାହୀ ଶଯ୍ୟାଶାୟୀ ହୋଇଗଲେ । ସେ ଆଉ ସଂସଦର ବୈଠକରେ ଯୋଗ ଦେଇପାରିଲେ ନାହିଁ । ତେଣୁ ସେ ସଭାପତି ପଦରୁ ଅବ୍ୟାହତି ନେବା ପାଇଁ ଇଚ୍ଛା ଜଣାଇଦେଲେ । କାହାକୁ ସେହି ପଦରେ ଅଧିଷ୍ଠିତ କରାଯିବ, ମୁଁ ସେ ବିଷୟରେ ଚିନ୍ତିତ ହୋଇପଡ଼ିଲି । ସେତେବେଳକୁ ସାରଳା ପୀଠର ଜଣେ ସୁଯୋଗ୍ୟ ସନ୍ତାନ ଭାବେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ବସନ୍ତ କୁମାର ବିଶ୍ୱାଳ ପ୍ରତିଷ୍ଠା ଲାଭ କରିସାରିଥାନ୍ତି । ସେତେବେଳେ ସେ ମନ୍ତ୍ରୀ ବା ବିଧାୟକ ନଥାନ୍ତି । କିନ୍ତୁ ସେ 'ସାମ୍ପ୍ରତିକ' ନାମକ ଏକ ସାହିତ୍ୟାନୁଷ୍ଠାନ ଗଢ଼ିଥାନ୍ତି । ଏହାବ୍ୟତୀତ ସେ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର କାର୍ଯ୍ୟକାରୀ ସଭାପତି ହୋଇଥାନ୍ତି । ତେଣୁ ତାଙ୍କୁ ମୁଁ 'ସାରଳା ସାହିତ୍ୟ ସଂସଦ' ସହିତ ସମ୍ପୃକ୍ତ କରି ସଭାପତି କରିବା ପାଇଁ ମନେ ମନେ ଚିନ୍ତାକଲି । କେତେଜଣ ବନ୍ଧୁଙ୍କ ସହିତ ଏ ବିଷୟରେ ପରାମର୍ଶ କଲି । ସପକ୍ଷରେ ଓ ବିପକ୍ଷରେ ଭିନ୍ନ ମତ ପାଇଲି । କିନ୍ତୁ ସିଦ୍ଧାନ୍ତ ନେଲି ତାଙ୍କୁ ସଭାପତି କରିବା ପାଇଁ । ତାହା ହିଁ ହେଲା । ତାଙ୍କୁ ସାକ୍ଷାତ୍ କରି ମୋର ଅନୁରୋଧ ଜଣାଇଲି ଓ ସେ ଅତି ଆନନ୍ଦର ସହିତ ସମ୍ମତି ଦେଲେ । ୧୯୮୮ର ଏକ ବୈଠକରେ ତାଙ୍କୁ ସଭାପତି ଭାବେ ମନୋନୀତ କରାଗଲା । ୧୯୮୩ରୁ ସଂସଦର ଗୋଟିଏ ସ୍ଥାୟୀ ଭବନ ନିର୍ମାଣ କରିବା ପାଇଁ ଚିନ୍ତାକରି ଖଣ୍ଡିଏ ଜମି ପାଇଁ ଚେଷ୍ଟା କରି ଆସୁଥିଲି । ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଆବେଦନ ଫଳରେ ତୁଳସୀପୁରର ଟି.ଭି. ଷ୍ଟେସନ୍ ପାଖରେ ସରକାର ୪ ଗୁଣ୍ଠର ଏକ ତିନିକୋଣିଆ ଖାଲୁଆ ଜମିଟିଏ ଦେଇଥାନ୍ତି । ମୁଁ ବସନ୍ତ ବାବୁଙ୍କୁ ସେ ଜମିଟି ଦେଖାଇବାକୁ ନେଲି ଓ ସେ ତାହା ଦେଖି ନାପସନ୍ଦ କଲେ ଓ ଅପେକ୍ଷା କରିବାକୁ ମୋତେ ପରାମର୍ଶ ଦେଲେ ।

୧୯୮୫ ଅକ୍ଟୋବରରୁ ୨୦୦୩ ଏପ୍ରିଲ୍ ପର୍ଯ୍ୟନ୍ତ ମୁଁ ବାରବାଟୀ ଦୁର୍ଗ ପରିସରରେ ଏକ ସରକାରୀ କ୍ୱାର୍ଟରରେ ରହୁଥିଲି । ସେଠାରୁ ପ୍ରାୟ ପ୍ରତ୍ୟେକ ଦିନ ବିଜୁ ପଟ୍ଟନାୟକ ଛକ ବଜାରକୁ ଯାଏ । ଆଜି 'ସାରଳା ଭବନ' ନିର୍ମିତ ହୋଇଥିବା ଖାଲି ଜମି ଖଣ୍ଡିକ ମୋ ଆଖି ସାମ୍ନାରେ ବାରମ୍ବାର ପଡ଼େ । ଇଚ୍ଛାହୁଏ ସେଇ ଜମି ଖଣ୍ଡିକ ମିଳିଯା'ନ୍ତା ଓ ସାରଳା ଦାସଙ୍କ ସ୍ମୃତିରେ ସେଥିରେ 'ସାରଳା ଭବନ' ନିର୍ମାଣ ହୁଅନ୍ତା କି ? ସତ୍ ଇଚ୍ଛା, ସତ୍ କର୍ମ କେବେ ବି ବିଫଳ ହୁଏନା । ୧୯୯୫ରେ ବସନ୍ତ ବାବୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହେଲେ । ଆଜିର ମୁଖ୍ୟ ଉପଦେଷ୍ଟା ଶ୍ରୀ ସହଦେବ ସାହୁ

Digitized by PPRACHIN, SOA

ସେତେବେଳେ ଥିଲେ ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବ । ମୁଁ ବସନ୍ତ ବାବୁଙ୍କ ସହିତ 'ସାରଳା ସାହିତ୍ୟ ସଂସଦ'ର ସ୍ଥାୟୀ ଭବନ ସମ୍ପର୍କରେ ଆଲୋଚନା କରେ । ସେ ମତେ ୩/୪ଟି ଭଲ ଜାଗା ଦେଖିବା ପାଇଁ କହନ୍ତି । ମୁଁ ଅମିନ, ରେଭିନ୍ୟୁ ଇନିସ୍‌ପେକ୍ଟରଙ୍କଠାରୁ ଆରମ୍ଭ କରି କଲେକ୍ଟରଙ୍କ ପର୍ଯ୍ୟନ୍ତ ଦୌଡ଼ିଲି । ତିନୋଟି ଜାଗା ସ୍ଥିର କଲି । ସେଥିରୁ ସମ୍ପ୍ରତି 'ସାରଳା ଭବନ' ନିର୍ମିତ ହୋଇଥିବା ବିଜୁ ପଟ୍ଟନାୟକ ଛକସ୍ଥିତ ଜମି ଗୋଟାଏ ଥିଲା ।

ଦିନେ ବସନ୍ତ ବାବୁ ଓ ସହଦେବ ବାବୁଙ୍କୁ ସେହି ତିନୋଟି ଜାଗା ଦେଖାଇଲି । କିନ୍ତୁ ବାରବାଟୀ ଦୁର୍ଗ ଉପକଣ୍ଠରେ ବିଜୁ ପଟ୍ଟନାୟକ ଛକ ନିକଟରେ ସେହି ଜାଗା ସପକ୍ଷରେ ମୋର ଦୃଢ଼ ଯୁକ୍ତି ଉପସ୍ଥାପନ କଲି । ତାହାକୁ ସେମାନେ ଗ୍ରହଣ କଲେ । ପୂର୍ବରୁ ମିଳିଥିବା ପୁରୁଣା ଟି.ଭି. ସେଣ୍ଟର ନିକଟବର୍ତ୍ତୀ ଜମିକୁ ନାକଚ କରିବା ପାଇଁ କଲେକ୍‌ଟରଙ୍କୁ ଲେଖିବା ସହିତ ନୂଆ ଜମି ପାଇଁ ଆବେଦନ କଲି । ସେଥିପାଇଁ ମୁଁ ବିଭିନ୍ନ ଅଫିସ୍‌କୁ ଦୌଡ଼ିଲି । ସହଦେବ ବାବୁ ଏଥିରେ ମୋତେ ସାହାଯ୍ୟ କଲେ । ବସନ୍ତ ବାବୁଙ୍କ ଉଦ୍ୟମରେ ରାଜ୍ୟ ସରକାର ୧୯୯୬ରେ ପ୍ରାୟ ଅଧ ଏକର ପରିମିତ ଜମି ସଂସଦକୁ ଯୋଗାଇଦେଲେ । ତା' ବ୍ୟତୀତ ସରକାର ଭବନ ନିର୍ମାଣ ପାଇଁ ତିରିଶି ଲକ୍ଷ ଟଙ୍କା ମଞ୍ଜୁର କରିଦେଲେ । ମୁଁ ପ୍ରସ୍ତାବିତ ଭବନର ନାମ 'ସାରଳା ଭବନ' ଦେଲି । ସମସ୍ତ ସଭ୍ୟ ଏହାକୁ ସମର୍ଥନ କଲେ । ୧୯୯୬ ଜାନୁୟାରୀ ୨୬ ତାରିଖରେ 'ସାରଳା ଭବନ'ର ଶିଳାନ୍ୟାସ ହେଲା । ସରକାରୀ ସାହାଯ୍ୟପ୍ରାପ୍ତ ଅର୍ଥରେ 'ସାରଳା ଭବନ'ର ତିନି ମହଲାର ଷ୍ଟ୍ରକଚର ନିର୍ମାଣ ହୋଇପାରିଲା । ତା' ପରେ ଅର୍ଥାଭାବରୁ ୨୦୦୦ ମସିହା ମାର୍ଚ୍ଚ ମାସଠାରୁ ୧୮ ମାସ ପାଇଁ 'ସାରଳା ଭବନ'ର ନିର୍ମାଣ ସୁପ୍ତ ଅବସ୍ଥାରେ ରହିଗଲା । ଶ୍ରୀ ସହଦେବ ସାହୁ, ମୁଁ (ଶ୍ରୀ ପ୍ରଭାକର ସ୍ୱାଇଁ), ଶ୍ରୀ ଗଗନ ଚନ୍ଦ୍ର ଦାସ ଓ ଡାକ୍ତର ନିରଞ୍ଜନ ତ୍ରିପାଠୀ 'ସାରଳା ଭବନ'ର ନିର୍ମାଣ ପାଇଁ କିଛି କିଛି ଅର୍ଥ ଦାନ କଲୁ । ପରେ କିଛି ଋଣ ସଂଗ୍ରହ କରାଗଲା । ଆଉ ମଧ୍ୟ ଆମେ (ଶ୍ରୀ ସହଦେବ ସାହୁ, ଶ୍ରୀ ଗଗନ ଚନ୍ଦ୍ର ଦାସ ଓ ମୁଁ) ତିନିଜଣ କିଛି ବଦାନ୍ୟ ବ୍ୟକ୍ତିଙ୍କ ପାଖକୁ ଯାଇ ସାହାଯ୍ୟ ଆଣିଲୁ । ଫଳରେ ୨୦୦୧ ଅକ୍ଟୋବରଠାରୁ ତଳ ମହଲାର ନିର୍ମାଣ କାର୍ଯ୍ୟ ପୁଣି ଆରମ୍ଭ ହୋଇ ୨୦୦୨ ଫେବୃୟାରୀରେ ତାହା ଶେଷ ହେଲା । ଆନନ୍ଦ ଉଲ୍ଲାସ ମଧ୍ୟରେ ୨୦୦୨ ଫେବୃୟାରୀ ୨୦ ତାରିଖରେ ତାହାର ଶୁଭ ଉଦ୍‌ଘାଟନ ହେଲା । ପୁଣି ଅର୍ଥ ଚିନ୍ତା ପଡ଼ିଲା, ଏହି ତିନିମହଲା ବିଶିଷ୍ଟ ଭବନର ଉପର ଦୁଇ ମହଲାର ନିର୍ମାଣ ପାଇଁ ଅର୍ଥ କେଉଁଠୁ ଆସିବ ? ସେଥିପାଇଁ ମୁଁ ରାଜ୍ୟସଭା ସାଂସଦ ମାନ୍ୟବର ନ୍ୟାୟମୂର୍ତ୍ତି ଶ୍ରୀ ରଙ୍ଗନାଥ ମିଶ୍ରଙ୍କୁ ତାଙ୍କ ସାଂସଦ୍ ପାଣ୍ଠିରୁ ଅନୁଦାନ ପାଇଁ ନିବେଦନ କଲି । ସେ ତାଙ୍କ ସାଂସଦ ପାଣ୍ଠିରୁ ସାହାଯ୍ୟ କରିବେ ବୋଲି ମତେ ପ୍ରତିଶ୍ରୁତି ଦେଲେ ଓ ଅର୍ଥ ବ୍ୟବସ୍ଥା କରିଦେଲେ । ଫଳରେ ଦ୍ୱିତୀୟ ମହଲାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ୨୦୦୩ ଫେବୃୟାରୀ ୧୦ ତାରିଖରେ ଲୋକାର୍ପିତ ହେଲା । ପୁଣି ତୃତୀୟ ମହଲାର ନିର୍ମାଣ ପାଇଁ ତାଙ୍କ ସାଂସଦ ପାଣ୍ଠିରୁ ସେ ଅର୍ଥ ବ୍ୟବସ୍ଥା କରିଦେଲେ ଏବଂ ମାର୍ଚ୍ଚ ୨୦୦୪ରେ ତାହାର କାର୍ଯ୍ୟ ଶେଷ

Digitized by PPRACHIN, SOA

ହୋଇ ଲୋକାର୍ପଣ କରାଗଲା । କେତେକ ବଦାନ୍ୟ ବ୍ୟକ୍ତିବିଶେଷ ଓ ଶିକ୍ଷାନୁଷ୍ଠାନର ସାହାଯ୍ୟରେ 'ସାରଳା ଭବନ' ଅଡ଼ିଟୋରିୟମ୍‌ର ଶବ୍ଦ ନିୟନ୍ତ୍ରଣ ବ୍ୟବସ୍ଥା ହେଲା । ଇତି ମଧ୍ୟରେ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ବୈଜୟନ୍ତ ପଣ୍ଡା, ଦିଲ୍ଲୀପ ରାୟ, ପ୍ୟାରୀମୋହନ ମହାପାତ୍ର, ଶଶିଭୂଷଣ ବେହେରା, ଭର୍ତ୍ତୃହରି ମହତାବ, ବୈଷ୍ଣବ ଚରଣ ପରିଡ଼ାଙ୍କ ସାଂସଦ ପାଣ୍ଠିରୁ ସଂସଦ ଅନୁଦାନ ଲାଭ କରିଛି ।

ଶ୍ରୀ ସହଦେବ ସାହୁ ୧୯୮୫ ମସିହାଠାରୁ ଅନୁଷ୍ଠାନ ସହିତ ସକ୍ରିୟ ସଭ୍ୟଭାବେ ସମ୍ପୃକ୍ତ ହୋଇଥିଲେ । ସେ ୧୯୯୨ରୁ ସେ ଏହାର ଉପଦେଷ୍ଟା ପଦ ଅଳଙ୍କୃତ କରିଥିଲେ । ପୁଣି ୨୦୦୩ ମସିହା ନଭେମ୍ବର ୨ ତାରିଖଠାରୁ ୨୦୧୪ ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ସେ ସଂସଦର ସଭାପତି ପଦ ମଣ୍ଡନ କରିଥିଲେ । ଅନୁଷ୍ଠାନର ଉନ୍ନତି ପାଇଁ ସେ ମତେ ସଦା ସହଯୋଗ ଓ ପ୍ରୋତ୍ସାହନ ଯୋଗାଇଥାନ୍ତି । ଆଜି 'ସାରଳା ଭବନ' ଏକ ସୁରମ୍ୟ ଅଟ୍ଟାଳିକା ରୂପେ ଦଣ୍ଡାୟମାନ । ଏହାର ଅଡ଼ିଟୋରିୟମ୍ ଓଡ଼ିଶାର ଏକ ଉଚ୍ଚମାନର ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷରୂପେ ବିବେଚିତ ହେଉଛି । ଏହାର ପାଠାଗାର ଓ ରିଡିଂ ରୁମ୍ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି । ଏତଦ୍‌ଭିନ୍ନ ଗତ ୨୦ ଅଗଷ୍ଟ, ୨୦୧୫ରେ 'ସାରଳା ଭବନ'ରେ ଲେଖକ ଗ୍ୟାଲେରୀ ଖୋଲାଯାଇଛି । ଏପରି କାର୍ଯ୍ୟକ୍ରମ ଆମ ରାଜ୍ୟରେ ପ୍ରଥମ । ପ୍ରାରମ୍ଭିକ ପର୍ଯ୍ୟାୟରେ ପଦ୍ମଶ୍ରୀ ସଚ୍ଚି ରାଉତରାୟ ଓ ପଦ୍ମଭୂଷଣ ଗୋପୀନାଥ ମହାନ୍ତିଙ୍କ ତୈଳଚିତ୍ର ସମେତ ବ୍ୟବହାର୍ଯ୍ୟ ଉପକରଣ ସଂରକ୍ଷିତ କରାଯାଇଛି ।

ସଂସଦ ପକ୍ଷରୁ ବିଗତ ବର୍ଷମାନଙ୍କରେ ଦେଶର ବିଭିନ୍ନ ସ୍ଥାନରେ ଯଥା : ସିମ୍‌ଲାଠାରେ ମହାଭାରତ ଉପରେ ଜାତୀୟ ଆଲୋଚନାଚକ୍ର, କଲିକତାଠାରେ ସାରଳା ସାହିତ୍ୟ ସମ୍ପର୍କରେ ସମ୍ମିଳନୀ, ଶାନ୍ତିନିକେତନଠାରେ ସାରଳା ସାହିତ୍ୟ ଉପରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସିମ୍‌ଲାସ୍ଥିତ Indian Institute of Advanced Studiesଠାରେ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ଯୋଗଦେଇ ଦେଶର ବିଭିନ୍ନ ଭାଷାର ବହୁ ମହାଭାରତ ବିଶେଷଜ୍ଞ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । 'ସାରଳା ମହାଭାରତ' ସମଗ୍ର ଆଞ୍ଚଳିକ ଭାଷାରେ ଲିଖିତ ପ୍ରଥମ ସମ୍ପୂର୍ଣ୍ଣ ମହାଭାରତ ବୋଲି ଏହି ସମ୍ମିଳନୀରେ ପ୍ରମାଣିତ ହୋଇଥିଲା । ଫଳରେ ମୁଁ ଓ ସମସ୍ତ ଉପସ୍ଥିତ ଓଡ଼ିଆ ଆନନ୍ଦ ଉଲ୍ଲାସରେ ବିଭୋର ହୋଇ ଉଠିଥିଲୁ । ଏହାବ୍ୟତୀତ ଏହି ସଂସଦ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ମିଳିତ ଭାବେ ଭୁବନେଶ୍ୱରଠାରେ 'ସନ୍ଥ ସାହିତ୍ୟ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର, କଟକ ଶ୍ରୀରାମଚନ୍ଦ୍ର ଭବନଠାରେ କଥାକାର ବାମାଚରଣ ମିତ୍ରଙ୍କ କୃତି ସମ୍ପର୍କରେ ଆଲୋଚନାଚକ୍ର ଆୟୋଜନ କରିଥିଲା । ଏତଦ୍‌ଭିନ୍ନ ଆମ ସଂସଦ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ୨୦୦୨ ମସିହାର ଡିସେମ୍ବର ୨୪-୨୫ ଦୁଇଦିନ ଧରି କଟକର 'ସାରଳା ଭବନ'ଠାରେ ରାଜ୍ୟସ୍ତରୀୟ ଲେଖିକା ସମାରୋହ ଅନୁଷ୍ଠିତ ହୋଇଥିଲା । ସଂସଦର ପ୍ରତିଷ୍ଠାତା ସଦସ୍ୟା ଡ. ପ୍ରତିଭା

Digitized by PPRACHIN, SOA

ରାୟଙ୍କ ଆନ୍ତରିକ ଉଦ୍ୟମକ୍ରମେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନର ସମ୍ମିଳନୀ କକ୍ଷରେ ୨୦୦୫ ଏପ୍ରିଲ ୨୨-୨୩ ଦୁଇଦିନ ଧରି 'ସାରଳା ଦାସ ଓ ଭକ୍ତି ପରମ୍ପରା' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ରର ଆୟୋଜନ କରିଥିଲେ । ଏହି ଆଲୋଚନାଚକ୍ରରେ ଦେଶର ବିଭିନ୍ନ ଭାଷାରୁ ବହୁ ବିଦ୍ୱାନ ଓ ଯଶସ୍ୱୀ ସାହିତ୍ୟିକ ଅଂଶଗ୍ରହଣ କରି 'ସାରଳା ମହାଭାରତ' ବିଶ୍ୱ ସାହିତ୍ୟର ଅନନ୍ୟ କୃତି ବୋଲି ମତବ୍ୟକ୍ତ କରିଥିଲେ । ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସଂସଦର ମିଳିତ ଆନୁକୂଲ୍ୟରେ ୨୦୦୬ ମସିହାରେ ଏକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର 'ସାରଳା ଭବନ'ଠାରେ ଅନୁଷ୍ଠିତ ହୋଇଥିଲା । ଏତଦ୍‌ଭିନ୍ନ ସାରଳା ସାହିତ୍ୟ ସଂସଦ ଓ ନାସନାଲ୍ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ୨୦୦୭ ମସିହାରେ ଏକ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟ ସମ୍ମେଳନ 'ସାରଳା ଭବନ'ଠାରେ ଆୟୋଜିତ ହୋଇଥିଲା । ପୁଣି ୮ ନଭେମ୍ବର, ୨୦୧୫ରେ ଆମ ସଂସଦ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ଉପନ୍ୟାସ' ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା ।

ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ ଭିନ୍ନ ପ୍ରତିବର୍ଷ ବହୁ ସାରସ୍ୱତ ସମାରୋହର ଆୟୋଜନ କରାଯାଇଥାଏ । ଆମର ପ୍ରଥମ ସଭାପତି ଡଃ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ କରିଥିଲୁ । ଆଉ ମଧ୍ୟ ଆମ ସଂସଦ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ କବି ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କୁ ୨୦୦୩ ମସିହା ସେପ୍ଟେମ୍ବର ୨ ତାରିଖରେ 'କାବ୍ୟ ସରସ୍ୱତୀ' ଉପାଧିରେ ଭୂଷିତ କରିଥିଲା । ୨୦୦୧ ମସିହାରୁ ଆମ ସଂସଦ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଜୟନ୍ତୀ ପାଳନ କରିବା ସହିତ ଜଣେ ସାରସ୍ୱତ ସାଧକଙ୍କୁ 'ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ' ପ୍ରଦାନ କରୁଛି । ସେହିଭଳି ୨୦୦୪ ମସିହାରୁ ଆମେ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା ଡ. ମାୟାଧର ମାନସିଂହଙ୍କ ଜୟନ୍ତୀ ପାଳନ କରୁଛୁ ଓ ଏହି ଅବସରରେ ଜଣେ ଯଶସ୍ୱୀ ସାରସ୍ୱତ ସାଧକଙ୍କୁ 'ମାନସିଂହ ସମ୍ମାନ'ରେ ସମ୍ମାନିତ କରୁଛୁ । ୨୦୦୫ରେ ମାନସିଂହ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଡ. ଜୟନ୍ତ ମହାପାତ୍ରଙ୍କୁ 'ମାନସିଂହ ଶତାବ୍ଦୀ ସମ୍ମାନ' ପ୍ରଦାନ କରାଯିବା ସହିତ ତାଙ୍କୁ 'କବି ଭାରତୀ' ଉପାଧିରେ ଭୂଷିତ କରାଯାଇଥିଲା । ୨୦୦୫ ଫେବୃୟାରୀ ୮ ତାରିଖରେ ସଂସଦ ଏକ ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀର ଆୟୋଜନ କରିଥିଲା । ସେହି ସମ୍ମିଳନୀରେ ତତ୍କାଳୀନ ସମାଜ ସମ୍ପାଦିକା ତଥା ଯଶସ୍ୱୀ କବି ଶ୍ରୀମତୀ ମନୋରମା ମହାପାତ୍ରଙ୍କୁ 'କବିରତ୍ନ' ଉପାଧିରେ ଭୂଷିତ କରାଯାଇଥିଲା । ସେହିପରି ପ୍ରସିଦ୍ଧ ଶିକ୍ଷାବିତ୍ ଓ ସଂସଦର ପ୍ରଥମ ଉପଦେଷ୍ଟା ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କୁ 'ପ୍ରଜ୍ଞାରତ୍ନ' ଉପାଧି ପ୍ରଦାନ କରାଯାଇଥିଲା ।

ଏତଦ୍‌ଭିନ୍ନ ଆମ ସଂସଦ ସଚ୍ଚି ରାଉତରାୟଙ୍କ ଆତ୍ମଜୀବନୀ 'ଉତ୍ତରକକ୍ଷ', ଡ. ପ୍ରତିଭା ରାୟଙ୍କ କ୍ରାନ୍ତିକାରୀ ଉପନ୍ୟାସ 'ମଗ୍ନମାଟି', ଶ୍ରୀ ବିପିନବିହାରୀ ମିଶ୍ରଙ୍କ 'ବିଗତ

Digitized by PPRACHIN, SOA

ସହସ୍ରାବ୍ଦୀ' ସମେତ ବହୁ ପ୍ରତିଷ୍ଠିତ ସାରସ୍ୱତ ସ୍ରଷ୍ଟାଙ୍କ ଉପାଦେୟ ଗ୍ରନ୍ଥର ଲୋକାର୍ପଣ ଉତ୍ସବର ଆୟୋଜନ କରିଛି ।

'ସାରଳା ସାହିତ୍ୟ ସଂସଦ'ର ରଜତ ଜୟନ୍ତୀ ଉତ୍ସବର ଉଦ୍‌ଘାଟନ ହୋଇଥିଲା ଇସ୍ପାତ ନଗରୀ ରାଉରକେଲାଠାରେ, ମୁଁ ଯେଉଁଠି ସାରଳା ଦାସଙ୍କ ସ୍ମୃତିରେ ପ୍ରଥମେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲି । ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ପତି ୨୦୦୫ ଏପ୍ରିଲ ୨୦ତାରିଖରେ ଏହି ରଜତ ଜୟନ୍ତୀ ଉତ୍ସବର ପ୍ରଥମ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ । ତା' ପରେ ରାଜ୍ୟର ପଶ୍ଚିମାଞ୍ଚଳର କେନ୍ଦ୍ରସ୍ଥଳ ସମ୍ବଲପୁରଠାରେ ୨୦୦୫ ଅଗଷ୍ଟ ୪ ତାରିଖରେ ସଂସଦର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେହିପରି ରାଜ୍ୟର ଦକ୍ଷିଣାଞ୍ଚଳ ବ୍ରହ୍ମପୁରଠାରେ ୨୦୦୫ ନଭେମ୍ବର ୪ ତାରିଖରେ ଏହି ଉପଲକ୍ଷେ ଏକ ଉତ୍ସବର ଆୟୋଜନ ହୋଇଥିଲା । ଶେଷରେ ସଂସଦର ରଜତ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ୨୦୦୬ ଫେବୃୟାରୀ ୬ ତାରିଖରେ କଟକର 'ସାରଳା ଭବନ'ଠାରେ ଅନୁଷ୍ଠିତ ହୋଇଥିଲା ।

ସଂସଦ କବି ଗଙ୍ଗାଧର ମେହେରଙ୍କର ୧୫୦ତମ ଜୟନ୍ତୀ; କବି ରାଧାମୋହନ ଗଡ଼ନାୟକ, କବି ଅନନ୍ତ ପଟ୍ଟନାୟକ, କଥାକାର ରାଜକିଶୋର ରାୟ ଏବଂ ସାହିତ୍ୟିକ ବିଶ୍ୱନାଥ ପଣ୍ଡାୟତଙ୍କ ଜନ୍ମଶତବାର୍ଷିକୀ ପାଳନ କରିବା ସହିତ ଏହି ମହାନ ସ୍ରଷ୍ଟାମାନଙ୍କ ସ୍ମୃତିରେ ସାରସ୍ୱତ ସାଧକମାନଙ୍କୁ ସମ୍ମାନିତ କରିଛି । ଚଳିତ ବର୍ଷଠାରୁ ସଂସଦ ପକ୍ଷରୁ ପ୍ରତିବର୍ଷ ବିଶ୍ୱନାଥ ପଣ୍ଡାୟତଙ୍କ ଜୟନ୍ତୀ ପାଳନ କରାଯିବା ସହିତ ଏକ ସାରସ୍ୱତ ପୁରସ୍କାର ଜଣେ ସାରସ୍ୱତ ସାଧକଙ୍କୁ ଦିଆଯିବା ପାଇଁ ସ୍ଥିରୀକୃତ ହୋଇଛି । ସମ୍ପ୍ରତି ସଂସଦ ପ୍ରତି ମାସରେ ୩ ବା ୪ଟି ସାହିତ୍ୟ ସଭାର ଆୟୋଜନ କରୁଛି ।

'ସାରଳା ସମ୍ମାନ' ପ୍ରଦାନ କରିବା ପାଇଁ ସଂସଦର କୌଣସି ଗଚ୍ଛିତ ପାଣ୍ଠି ନଥିଲା । ମାତ୍ର ଚଳିତ ବର୍ଷଠାରୁ ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟାଙ୍କରେ ସ୍ଥାୟୀ ଜମା ଆକାରରେ ରଖାଯାଇଛି, ଯାହାର ବାର୍ଷିକ ସୁଧରେ ଏହି ସମ୍ମାନର ଅର୍ଥରାଶି ପଚାଶ ହଜାର ଟଙ୍କା ଦିଆଯାଇପାରିବ । ମାତ୍ର ଖୁବ୍ ଶୀଘ୍ର ଏହାର ବ୍ୟବସ୍ଥା ହୋଇଯିବ ବୋଲି ମୁଁ ଆଶାବାଦୀ । ସଂସଦର ବହୁତ କାମ କରିବାର ଅଛି । ସେସବୁ ପାଇଁ ମୁଁ ମା' ଶାରଳାଙ୍କର କରୁଣା ଭିକ୍ଷା କରୁଛି ।

ସାରଳା ଭବନ, କଟକ
ଡିସେମ୍ବର, ୨୦୧୫

(signature)
ପ୍ରତିଷ୍ଠାତା ଓ ସଭାପତି
ସାରଳା ସାହିତ୍ୟ ସଂସଦ

Digitized by PPRACHIN, SOA

# ଅନୁଭବରୁ ଖିଏ

ଓଡ଼ିଆ ଭାଷା ସାହିତ୍ୟର ଆଦିସ୍ରଷ୍ଟା ସାରଳା ଦାସଙ୍କ ସ୍ମୃତିରକ୍ଷା ପାଇଁ ସାହିତ୍ୟିକ ଇଂ. ପ୍ରଭାକର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ୧୯୮୧ ମସିହା ଡିସେମ୍ବର ମାସର ଏକ ପବିତ୍ର ଲଗ୍ନରେ କଟକଠାରେ ଜନ୍ମନେଇଥିଲା 'ସାରଳା ସାହିତ୍ୟ ସଂସଦ' । ଏହାମଧ୍ୟରେ ୩୪ ବର୍ଷ ବିତିଗଲାଣି । ସଂସଦ ଏହି ସମୟ ମଧ୍ୟରେ ହିନ୍ଦୀ, ଇଂରାଜୀ ଓ ଓଡ଼ିଆ ଭାଷାରେ ୫୩ ଖଣ୍ଡ ଉପାଦେୟ ଗ୍ରନ୍ଥ ପ୍ରକାଶ କରିପାରିଛି । ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ଓ ଓଡ଼ିଶା ସରକାରଙ୍କ ପ୍ରକାଶିତ 'ସାରଳା ମହାଭାରତ' ଉପଲବ୍ଧ ହେଉନଥିବାରୁ ସଂସଦ ୨୦୦୭ ମସିହା ମାଘ ସପ୍ତମୀରେ ନବ ପରିପାଟୀ ସହିତ 'ସାରଳା ମହାଭାରତ' ପ୍ରକାଶ କରିଛି । ଫଳତଃ ଆଦିକବି ସାରଳା ଦାସଙ୍କ ଶ୍ରେଷ୍ଠକୃତି 'ସାରଳା ମହାଭାରତ' ସମସ୍ତଙ୍କ ପାଇଁ ଆଜି ଉପଲବ୍ଧ ହୋଇପାରିଛି । ସଂସଦ ମଧ୍ୟ ପ୍ରାୟ ଅଧଏକର ପରିମିତ ଜମି ମଧ୍ୟରେ ୨୫୦୦୦ ବର୍ଗଫୁଟ ବିଶିଷ୍ଟ ତ୍ରିତଳ ସୁଦୃଶ୍ୟ ଅଟ୍ଟାଳିକା 'ସାରଳା ଭବନ' ନିର୍ମାଣ କରିଛି । ଏହି ଭବନରେ ୬୦୦ ସ୍ଥାନ ସଂଖ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ସଭାକକ୍ଷ ସମେତ ଲାଇବ୍ରେରୀ, ରିଡିଂ ରୁମ୍, ମ୍ୟୁଜିୟମ୍ ଓ ଲେଖକ ଗ୍ୟାଲେରୀ ରହିଛି । ସଂସଦର ବିଭିନ୍ନ ଉତ୍ସବରେ ଦେଶର ବହୁ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜ୍ଞାନପୀଠ ଓ ସରସ୍ୱତୀ ସମ୍ମାନପ୍ରାପ୍ତ ବହୁ ଲେଖକ ଲେଖିକା ଯୋଗଦେଇ ଏହାର ବିଭିନ୍ନ କାର୍ଯ୍ୟାବଳୀ ଉପରେ ସନ୍ତୋଷ ପ୍ରକାଶ କରିବା ସହିତ ଏହାକୁ ଏକ ଜାତୀୟ ସାରସ୍ୱତ ଅନୁଷ୍ଠାନ ରୂପେ ଅଭିହିତ କରିଛନ୍ତି । ଏହି ସଂସଦ ପ୍ରତିଷ୍ଠାର ନଅବର୍ଷ ମଧ୍ୟରେ ଅର୍ଥାତ୍ ୧୯୯୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତି ପ୍ରାପ୍ତ ହୋଇଥିଲା । 'ସାରଳା ସାହିତ୍ୟ ସଂସଦ' ପ୍ରତ୍ୟେକ ମାସରେ ୩/୪ଟି ସାରସ୍ୱତ ଉତ୍ସବ, ଆଲୋଚନାଚକ୍ର ଓ କର୍ମଶାଳାର ଆୟୋଜନ କରି ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

'ସାରଳା ସାହିତ୍ୟ ସଂସଦ'ର ଆରମ୍ଭ ଦିନରୁ ଏଯାବତ୍ ଯାହାସବୁ ସମ୍ଭବ ହୋଇଛି, ତାହାର ମୁଖ୍ୟ ସ୍ଥପତି ହେଉଛନ୍ତି ଇଂ. ପ୍ରଭାକର ସ୍ୱାଇଁ । ସେ ମନ, ଧନ ଓ ତନ ଦେଇ ଏହି ସଂସଦକୁ ଗଢ଼ି ତୋଳିଛନ୍ତି । ସଂସଦକୁ ଗଢ଼ିବା ପାଇଁ ସେ ବହୁ ଶ୍ରମ ଓ ତ୍ୟାଗ ସ୍ୱୀକାର କରିଛନ୍ତି । ତା'ର ମୂକସାକ୍ଷୀ ହେଉଛି 'ସାରଳା ସାହିତ୍ୟ ସଂସଦ' ଓ 'ସାରଳା ଭବନ'ର ପ୍ରତ୍ୟେକ ଅଣୁକଣିକା ଏବଂ ଜୀବନ୍ତ ସାକ୍ଷୀ ହେଉଛୁ ଆମ୍ଭେମାନେ (ସାରଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ) । ସେ ବହୁ ଲୋକଙ୍କଠାରୁ ସାହାଯ୍ୟ ଆଦାୟ କରି ଏସବୁ କରିଛନ୍ତି ସତ, ମାତ୍ର ସାହାଯ୍ୟ ଆଦାୟ କରିବା ବହୁ କଷ୍ଟକର ବ୍ୟାପାର । ଏହା ଆମେ ସମସ୍ତେ ଅନୁଭବ କରିଛୁ । ସର୍ବୋପରି ଇଂ.ଶ୍ରୀ ସ୍ୱାଇଁଙ୍କୁ 'ସାରଳା ସାହିତ୍ୟ ସଂସଦ'ର ଏକକ ସ୍ଥପତି କହିଲେ ଅତ୍ୟୁକ୍ତି ହେବନାହିଁ । ସାରଳା ସାହିତ୍ୟ ସଂସଦର ବିଭିନ୍ନ କାର୍ଯ୍ୟକ୍ରମରେ ଯେଉଁମାନେ ସହଯୋଗର ହାତ ବଢ଼ାଇଛନ୍ତି, ମୁଁ ସମସ୍ତଙ୍କୁ ଏହି ଅବସରରେ ଧନ୍ୟବାଦ ଜଣାଉଛି । ପୂର୍ବବର୍ଷମାନଙ୍କ ପରି ଚଳିତ ବର୍ଷ ସଂସଦ ପକ୍ଷରୁ 'ପ୍ରଜ୍ଞାପୁରୁଷ ପଣ୍ଡିତ ନୀଳକଣ୍ଠ' ଗ୍ରନ୍ଥ ପ୍ରକାଶ ପାଉଛି । ମୁଁ ଏହି ଗ୍ରନ୍ଥର ସମସ୍ତ ଲେଖକଲେଖିକା, ସମ୍ପାଦନାମଣ୍ଡଳୀ ଓ ଗ୍ରନ୍ଥର ପ୍ରକାଶକ ଶ୍ରୀ ବିଶ୍ୱଜ୍ୟୋତି ପାତ୍ରଙ୍କୁ ସାଧୁବାଦ ଜଣାଉଛି ।

ନିରଞ୍ଜନ ତ୍ରିପାଠୀ

ସମ୍ପାଦକ

ସାରଳା ସାହିତ୍ୟ ସଂସଦ

ସାରଳା ଭବନ, କଟକ

ଡିସେମ୍ବର, ୨୦୧୫

Digitized by PPRACHIN, SOA

# ସୂଚୀପତ୍ର


| | | |
|---|---|---|
| ପଣ୍ଡିତ ନୀଳକଣ୍ଠଙ୍କ 'କୋଣାର୍କେ' | ॥ ୧ ॥ | ଡ. ମାୟାଧର ମାନସିଂହ |
| 'କୋଣାର୍କେ'ରେ ବାସ୍ତବତାର ସ୍ୱପ୍ନ | ॥ ୯ ॥ | ଶ୍ରୀ ହରପ୍ରସାଦ ଦାସ |
| ନୀଳକଣ୍ଠଙ୍କ ସମାଲୋଚନା: ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି | ॥ ୧୫ ॥ | ପ୍ରଫେସର ନିତ୍ୟାନନ୍ଦ ଶତପଥୀ |
| କାବ୍ୟାନୁବାଦ ଓ ପଣ୍ଡିତ ନୀଳକଣ୍ଠ | ॥ ୩୪ ॥ | ଡ. ବାବାଜୀଚରଣ ପଟ୍ଟନାୟକ |
| ନୀଳକଣ୍ଠଙ୍କ ସୃଷ୍ଟିରେ ଦର୍ଶନ, ସୌନ୍ଦର୍ଯ୍ୟ ଓ ଜାତୀୟତା | ॥ ୪୫ ॥ | ପ୍ରଫେସର ସଂଘମିତ୍ରା ମିଶ୍ର |
| ଭାରତୀୟ ସଂସ୍କୃତି ଓ ଆଚାର୍ଯ୍ୟ ନୀଳକଣ୍ଠ | ॥ ୫୪ ॥ | ଡ. ହେମନ୍ତକୁମାର ଦାସ |
| ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ 'ଗୀତା' | ॥ ୬୯ ॥ | ଡ. କୁମୁଦିନୀ ମିଶ୍ର |
| ଓଡ଼ିଆ ଅସ୍ମିତା ବିଚାରରେ 'ରାମଚଣ୍ଡୀଠାରେ ରାତି ଓ ସକାଳ' | ॥ ୧୦୨ ॥ | ଡ. ଦିଲୀପକୁମାର ସ୍ୱାଇଁ |
| ପ୍ରିନ୍‌ସେସ୍ ଓ ପ୍ରଣୟିନୀ | ॥ ୧୧୧ ॥ | ଡ. ଅଜୟକୁମାର ତ୍ରିପାଠୀ |
| ନୀଳକଣ୍ଠ : ସାଂସ୍କୃତିକ ଚେତନାର ବୈପ୍ଳବିକ ଆତ୍ମସତ୍ତା | ॥ ୧୨୧ ॥ | ଡ. ନଗେନ୍ ଦାସ |
| ପ୍ରେମ-ପ୍ରତୀକ୍ଷା ଓ ତ୍ୟାଗର କରୁଣ ସ୍ୱରଲିପି: 'ଦାସନାଏକ' | ॥ ୧୩୨ ॥ | ଡ. ଉଷାରାଣୀ ରଥ |


Digitized by PPRACHIN, SOA

| | | |
|---|---|---|
| ଓଡ଼ିଆ ବ୍ୟାକରଣ ଓ ପଣ୍ଡିତ ନୀଳକଣ୍ଠ | ॥ ୧୪୦ ॥ | ଡ. ହରପ୍ରସାଦ ମିଶ୍ର |
| ଐତିହାସିକ କାବ୍ୟ 'ଖାରବେଳ' | ॥ ୧୫୯ ॥ | ଡ. ପ୍ରମୋଦ କୁମାର ଦ୍ୱିବେଦୀ |
| ନୀଳକଣ୍ଠଙ୍କ ଆତ୍ମଜୀବନୀ : ଏକ ଆତ୍ମିକ ସମୀକ୍ଷା | ॥ ୧୬୯ ॥ | ଡ. ଅଜାମ୍ବର ମଲ୍ଲ |
| ଦେଶହିତୈଷୀ ପଣ୍ଡିତ ନୀଳକଣ୍ଠ | ॥ ୧୭୮ ॥ | ଡ. ପୁଷ୍ପରେଣୁ ଜେନା |
| ନୀଳକଣ୍ଠଙ୍କ ପ୍ରବନ୍ଧରେ ସମାଜ ସଂସ୍କାର | ॥ ୧୮୨ ॥ | ଡ. ଗୋବିନ୍ଦ ଭୂୟାଁ |
| ନୀଳକଣ୍ଠଙ୍କ ପ୍ରବନ୍ଧରେ ଜାତୀୟତାର ପଦଧ୍ୱନି | ॥ ୧୯୬ ॥ | ଡ. ସଂଜିତା ମିଶ୍ର |
| ନୀଳକଣ୍ଠଙ୍କ ଆତ୍ମଜୀବନୀର କେତୋଟି ଦିଗ | ॥ ୨୦୨ ॥ | ଶ୍ରୀ ଚନ୍ଦ୍ରଶେଖର ହୋତା |
| ସଂସ୍କୃତ ଓ ସଂସ୍କୃତି ଅନ୍ୱେଷଣରେ ପଣ୍ଡିତ ନୀଳକଣ୍ଠ | ॥ ୨୧୨ ॥ | ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ |
| 'ଲାବଣ୍ୟବତୀ'ର ଟୀକାକାର ପଣ୍ଡିତ ନୀଳକଣ୍ଠ | ॥ ୨୨୬ ॥ | ଡ. ନଟବର ଶତପଥୀ |
| ପଣ୍ଡିତ ନୀଳକଣ୍ଠଙ୍କ ଅନାଲୋଚିତ ପ୍ରବନ୍ଧ | ॥ ୨୩୫ ॥ | ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ |
| ଓଡ଼ିଆ ପ୍ରବନ୍ଧରେ ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସ | ॥ ୨୫୨ ॥ | ପ୍ରଫେସର ବୈଷ୍ଣବ ଚରଣ ସାମଲ |
| ପଣ୍ଡିତ ନୀଳକଣ୍ଠ ଦାସ : ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ | ॥ ୨୭୦ ॥ | ପ୍ରଫେସର ଦାଶରଥି ଦାସ |


●

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ 'କୋଣାର୍କେ'

ଡ. ମାୟାଧର ମାନସିଂହ

ଓଡ଼ିଆ ସାହିତ୍ୟ, କାବ୍ୟବହୁଳ; କିନ୍ତୁ 'ଗୋଦାବରୀଠାରୁ ଗଙ୍ଗା ଯାଏଁ ବ୍ୟାପି, କୀର୍ତ୍ତିମାଳା ଯା'ର ବିରାଜେ ଅଦ୍ୟାପି, ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍ୱର' ସେଇ ତୁଙ୍ଗ ଗୌରବ ସ୍ୱାଧୀନ, ସମୃଦ୍ଧ, ସୁନ୍ଦର ଉତ୍କଳର ଚିତ୍ର ଏଇ କାବ୍ୟ-ବହୁଳ ଭାଷାରେ ଖୋଜି ପାଇବା ଦୁଷ୍କର । ଅବଶ୍ୟ, ପ୍ରାଚୀନ ଓଡ଼ିଆମାନେ କଠିନ ପଥରରେ ଯେଉଁ ଏପିକ୍ ଓ ଲିରିକ୍ ଲେଖି ଯାଇଛନ୍ତି, ତାହା ସମଗ୍ର ବିଶ୍ୱ-ଚିତ୍ତକୁ ଆନନ୍ଦ ଓ ବିସ୍ମୟ ଦାନ କରିପାରୁଚି । କିନ୍ତୁ ସ୍ଥାପତ୍ୟ ଦେଖାଏ ସିନା, କାବ୍ୟ କଥା କହେ । ପ୍ରାଚୀନ ଉତ୍କଳ କେଉଁଠି କଥା କହୁଚି, ତାହାର ବହୁ ଅନୁସନ୍ଧାନ ମୁଁ ନିଜେ କରିଚି । ପଣ୍ଡିତ ନୀଳକଣ୍ଠ ଦାସଙ୍କ 'କୋଣାର୍କେ' କାବ୍ୟ -ଯୁଗ୍ମରେ ପୁରାଣ ଉତ୍କଳର ପ୍ରାଣୀ-ବାଣୀ ଯେପରି ସ୍ପଷ୍ଟ ଭାବରେ ମୋର ଶ୍ରୁତିଗୋଚର ହୋଇଚି, ତାହା ଓଡ଼ିଆ, ଇଂରାଜୀ ବା ଅନ୍ୟ କୌଣସି ଭାଷାର କୌଣସି ଲେଖାଠାରୁ ମୁଁ ପାଇ ପାରିନି ।

କିନ୍ତୁ 'କୋଣାର୍କେ' କାବ୍ୟ; ଇତିହାସ ନୁହେଁ । ମୁଖ୍ୟ ଭାବରେ କାବ୍ୟ, ଇତିହାସ କେବଳ ପୀଠିକା ମାତ୍ର । କାବ୍ୟ -ଉତ୍କର୍ଷ ଫଳରେ ହିଁ ନୀରସ ଇତିହାସ ଜୀବନ୍ତ ହୋଇ ଉଠିଚି । ମୁଁ ଏ ପୁସ୍ତକ ବାରମ୍ବାର ପଢ଼ିଚି । କାବ୍ୟ ଭାବରେ ମନୋଜ୍ଞ ହୋଇ ନଥିଲେ, ଏ ପୁସ୍ତକକୁ ଏତେଥର ପଢ଼ିବା ମୋ ପକ୍ଷରେ ସମ୍ଭବ ହୋଇ ନଥାନ୍ତା । ଭାଷା, ଭାବ, ଚରିତ୍ର - ଚିତ୍ରଣ, କଳ୍ପନା, ବର୍ଣ୍ଣନା, ଉପମା, ଅଳଙ୍କାରାଦି ଯେ କୌଣସି ଦିଗରୁ ବିଚାର କରି ବସିଲେ, 'କୋଣାର୍କେ' ଓଡ଼ିଆ ଭାଷାରେ ଅନୁପମ କାବ୍ୟ । ସମୃଦ୍ଧ ବଙ୍ଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏପର୍ଯ୍ୟନ୍ତ ମୋ ଆଖିରେ ପଡ଼ିନାଇଁ ।

ସତ୍ୟବାଦୀ ବିହାରର ଛାତ୍ରମାନଙ୍କୁ ଘେନି କବି ନିଜେ ଥରେ କୋଣାର୍କ ବୁଲି ଯାଇଥିଲେ । ସେଦିନ କୋଜାଗରୀ ପୂର୍ଣ୍ଣିମା । ଶାରଦ ଜ୍ୟୋତ୍ସ୍ନାରେ କୋଣାର୍କ ଦର୍ଶନ କିନ୍ତୁ ବିଫଳ ହେଲା । କାରଣ ଏଡ଼େ ଝଡ଼ି ବର୍ଷା ହେଲା ଯେ, ଛାତ୍ର ଓ ଶିକ୍ଷକ କୋଣାର୍କରୁ ଆସି ୪ ମାଇଲ ଦୂର ରାମଚଣ୍ଡୀ ମନ୍ଦିରରେ ରାତିକ ଆଶ୍ରୟ ନେବାକୁ ବାଧ୍ୟ ହେଲେ । ପିଲାମାନେ ଶୋଇପଡ଼ିଲେ । ତରୁଣ ଶିକ୍ଷକ -କବିଙ୍କୁ କିନ୍ତୁ ନିଦ ହେଲାନି । ଭଗ୍ନ କୋଣାର୍କକୁ ସ୍ମରଣ କରୁ କରୁ ଅଧଃପତିତ ଓଡ଼ିଆ ଜାତିର ଗୌରବମୟ ସମଗ୍ର ପ୍ରାଚୀନ ଗୌରବ ତାଙ୍କ ମନରେ ଖେଳିଗଲା । ସ୍ୱଜାତିର ମୂର୍ତ୍ତିମନ୍ତ ଆଶା ସ୍ୱରୂପ ସୁପ୍ତ କିଶୋର ଛାତ୍ରମାନଙ୍କର ସ୍ୱପ୍ନ

Digitized by PPRACHIN, SOA

ପର୍ଯ୍ୟାୟ ଭାବରେ କବିଙ୍କର ସେଇ ଜାଗର ମୁହୂର୍ତ୍ତଗୁଡ଼ିକର ଭାବନାରାଜି 'ରାମଚଣ୍ଡୀଠାରେ ରାତି'ରେ ବର୍ଣ୍ଣିତ ହୋଇଛି । ତାପରେ ହୋଇଚି, 'ରାମଚଣ୍ଡୀଠାରେ ସକାଳ ।' ଶିକ୍ଷକ ଓ ଛାତ୍ର ସତୃଷ୍ଣ ନେତ୍ରରେ କୋଣାର୍କକୁ ଚହିଁ ଚହିଁ ସତ୍ୟବାଦୀ ଫେରିଚନ୍ତି । ବକୁଳବନର ଛାଇ ତଳେ କବି -କୁଳପତି କିଶୋରମାନଙ୍କର ଜିଜ୍ଞାସାକୁ ସନ୍ତୁଷ୍ଟ କରିବା ପାଇଁ କୋଣାର୍କ -ରଚନା ଓ କୋଣାର୍କ- ପୀଠରେ ମାୟା-ଦେବୀ ମନ୍ଦିର ଗଠନ କିପରି ଓ କାହିଁକି ହେଲା, ସେ ସମ୍ବନ୍ଧରେ ସେ ଥରେ ଗଡ଼ଜାତ ବୁଲି ଯାଇଥିଲାବେଳେ ଜନୈକ ଭାଟ ମୁଖରୁ ଯେଉଁ ଗଳ୍ପ ଶୁଣିଥିଲେ, ତାହା 'ମାୟାଦେବୀ' କାବ୍ୟରେ ବର୍ଣ୍ଣିତ ହୋଇଚି ।

ଓଡ଼ିଆରେ ସାଧାରଣତଃ ଯେପରି କାବ୍ୟ ଆମ୍ଭେମାନେ ପଢ଼ିବାକୁ ପାଉଁ, ସେଗୁଡ଼ିକର ଗତାନୁଗତିକ ସ୍ଥାପତ୍ୟଠାରୁ 'କୋଣାର୍କେ' କାବ୍ୟର ସ୍ଥାପତ୍ୟ ସଂପୂର୍ଣ୍ଣ ଭିନ୍ନ । ଏହାର କାରୁ-ଶିଳ୍ପ ମଧ୍ୟ କବିଙ୍କର ଅନେକାଂଶରେ ନିଜସ୍ୱ ହୋଇଥିବାରୁ, ଏ କାବ୍ୟ ଜନସାଧାରଣରେ ପ୍ରିୟ ନହୋଇପାରେ । କିନ୍ତୁ ଠିକ୍ ସେଇ ସେଇ କାରଣରୁ ହିଁ ଚିହ୍ନରା ଗ୍ରାହକମାନଙ୍କ ନିକଟରେ ଏହାର ମୂଲ୍ୟ ବେଶି । ଗତାନୁଗତିକଠାରୁ ଭିନ୍ନ ହୋଇଥିବାରୁ ହିଁ, ଏଇ କାବ୍ୟପ୍ରତି ମୋର ସ୍ୱତନ୍ତ୍ର ଶ୍ରଦ୍ଧା ।

ସବୁ କାବ୍ୟପରି ଏ କାବ୍ୟରେ ମଧ୍ୟ ପ୍ରଣୟ ହିଁ ମୂଳ କଥା । କିନ୍ତୁ ଏ ପ୍ରଣୟରେ ଏପରି ଏକ ଶୁଚିତା, ପୌରୁଷ ଓ ଦୃଢ଼ତା ସୂଚିତ ହୋଇଚି, ଯାହା ଓଡ଼ିଆ ସାହିତ୍ୟର ଅନ୍ୟ କୁତ୍ରାପି ଦୃଷ୍ଟିଗୋଚର ହୁଏ ନାହିଁ । କୁମାର ନରସିଂହ ଓ ଦରିଦ୍ରୀଭୂତ ସାମନ୍ତର କନ୍ୟା ମାୟାଦେବୀଙ୍କର ପ୍ରେମ, କାବ୍ୟ- ପୁରାଣର ବର୍ଣ୍ଣ -ରଞ୍ଜିତ ପ୍ରେମ ନୁହେଁ । ଏଠି ସ୍ୱର୍ଣ୍ଣ ପ୍ରଦୀପରେ ଗନ୍ଧ - ତୈଳ ଜଳୁନି ବା ବିରହିଣୀର ଉତ୍ତାପ ନାଶ ପାଇଁ ପରିଚାରିକାମାନେ ଉଶୀରମୂଳ ବ୍ୟାଟୁଥିବାର ଶସ୍ତା ବର୍ଣ୍ଣନା କବି ଆମକୁ ଦେଇନାହାନ୍ତି । ତସ୍କର - ତଡ଼ନାବ୍ୟସ୍ତ ନରସିଂହ ଲୁଣ୍ଠିତ ଶିଶୁପାଳ ଗଡ଼ର ଭଗ୍ନ ଦୁର୍ଗରେ ମାୟାଦେବୀଙ୍କି ଭେଟନ୍ତି, ପରିଚୟର ଘନିଷ୍ଠତା ଉତ୍ତାରେ, ସେଇ ସ୍ଥାନରେ ଭଙ୍ଗା ଖଟରେ ତାଙ୍କର ହୁଏ ପ୍ରଥମ ମିଳନ । ବାପା ଅନଙ୍ଗଭୀମ ଦେବ ତେଣେ ଯୁବରାଜଙ୍କର କାଶ୍ମୀର ରାଜକନ୍ୟାଙ୍କ ସଙ୍ଗେ ନିର୍ବନ୍ଧ କରେଇ ସାରିଚନ୍ତି । ଏ କଥା ନରସିଂହ ଜାଣି ନ ଥିଲେ । ଜାଣିଥିଲେ, ନରସିଂହ ମାୟାଦେବୀଙ୍କ ପ୍ରତି ଚହିଁ ନ ଥାନ୍ତେ, ବୋଧହୁଏ । ଜାଣିଲାପରେ, ସେ ବାରବାଟୀ ଦୁର୍ଗରୁ ଶିଶୁପାଳ ଗଡ଼କୁ ନିଜେ ଧାଇଁ ଆସି ମାୟାଦେବୀଙ୍କ ନିକଟରେ ପ୍ରଥମ ଅଶ୍ରୁ ବିନ୍ଦୁ ତ୍ୟାଗ କଲେ । କିନ୍ତୁ ମାୟା ନିଜର ସମସ୍ତ ଅସ୍ତିତ୍ୱକୁ ପୋଛି ଦେଇ ନରସିଂହଙ୍କର ମନୋବେଦନା ଦୂର କରିବାକୁ ଚେଷ୍ଟା କରି, ନିଜ ସ୍ୱାମୀ ଓ ସପତ୍ନୀ କାଶ୍ମୀର ଜେମାଙ୍କ ହୃଦୟରେ ଯେପରି, ପାଠକମାନଙ୍କ ହୃଦୟରେ ମଧ୍ୟ ସେଇପରି, କାରୁଣ୍ୟଧୌତ ସ୍ୱର୍ଣ୍ଣ-ସିଂହାସନରେ ଆସୀନା ହୋଇ ପାରିଚନ୍ତି ।

ଏଇ ସାମାନ୍ୟ କଥାବସ୍ତୁ ଉପରେ 'ମାୟାଦେବୀ' ରଚିତ । ଧଙ୍କସଗଡ଼ର ତସ୍କର, ଟଙ୍କ ସହିତ ନରସିଂହଙ୍କର ସଂଘର୍ଷ, ଏଇ କାବ୍ୟ ଭିତରେ ଏକ ଶାଖା -ଉପାଖ୍ୟାନ । ଏ

Digitized by PPRACHIN, SOA

ଉପାଖ୍ୟାନ ନ ଥିଲେ କାବ୍ୟ ଅସଂପୂର୍ଣ୍ଣ ହୋଇ ନ ଥାନ୍ତା; କିନ୍ତୁ ଥିବା ଦ୍ୱାରା କାବ୍ୟ ଶବଳିତ ଓ ସେକାଳର ଚିତ୍ର ସ୍ପଷ୍ଟତର ହୋଇ ଉଠିଚି ।

କିନ୍ତୁ ଗଳ୍ପର ଚମତ୍କାରିତା ବା ଭାଷାର ସ୍ନିଗ୍‌ଧତା ଦେଇ ପାଠକ ଚିତ୍ତ ମୁଗ୍‌ଧ କରିବାର ପ୍ରୟାସ ଆମ୍ଭେମାନେ 'କୋଣାର୍କେ'ରେ ପାଉନା । ସେ ଲିପ୍‌ସା ଥିଲେ କବି ଅନାୟାସରେ ସେପ୍ରକାର ସିଦ୍ଧିଲାଭ କରି ପାରିଥାନ୍ତେ ।

ଆଜି ଯେ କୁଆଁର ପୁନିଅଁ କେତେ ସୁଖ ସରଧା,
ମାଆ ଭଉଣୀଙ୍କ ଆଦର, ନବ - ବସନ-ପିନ୍ଧା ।
× × ×
ଲୁଗାରେ ହଳଦୀ ଲାଗଇ ରହିଁଥିବେ ଜନନୀ
ପିଠାପଣା ଖାଉ ନଥିବ ସୁଖେ ଆଜି ଭଗିନୀ ।
(ପୃଷ୍ଠା ୧୭ ଧା୫,.୯୯,୧୦)

ବା

ରାଣୀ ରାଜ-ଜେମା ଡାକନ୍ତି ଭିତରେ,
ଶୁଣନ୍ତି ଏ ଭଙ୍ଗା ବୀଣାର ବାଣୀ;
ପାଟ ପତନୀରେ ଶୋହୁଥିଲା ଶିର,
ଗାଉଥିଲୁ ସୁଖେ କୀର୍ତ୍ତି -କାହାଣୀ ।
(ପୃଷ୍ଠା ୬୩ ଧା,୪୧,୪୨)

ଏପରି ସହଜ ଓ ସୁଶ୍ରାବ୍ୟ ପଦାବଳି ଦେଇ ଯେଉଁ କବି ଆମର ପରିଚିତ ଅନୁଭୂତିଗୁଡ଼ିକ ପ୍ରକାଶ କରି ପାରନ୍ତି; ସେ ଭାବିଥିଲେ ସମଗ୍ର ଗ୍ରନ୍ଥଟି ମଧ୍ୟ ସେହିପରି ଲେଖିଯାଇ ପାରିଥାନ୍ତେ । କିନ୍ତୁ ତା ଫଳରେ ଏ କାବ୍ୟ ଦରିଦ୍ର ହୋଇ ପଡ଼ିଥାନ୍ତା । ନାନା ରୀତିର ପ୍ରକାଶରେ ଏ କାବ୍ୟ ବର୍ତ୍ତମାନ ଯେପରି ବିଚିତ୍ର, ସମୃଦ୍ଧ ଓ ଲୀଳାମୟ ହୋଇପାରିଚି, ସେପରି ହୋଇପାରି ନଥାନ୍ତା । ବିଭିନ୍ନ ପ୍ରକାଶଧାରାର କେତେକ ଦୃଷ୍ଟାନ୍ତ ପୁଣି ଦିଏଁ ।

(୧) ରହ ରହ ବାଆ ବତାସି, ରହ ବରଷା ଧାରା
କୁଆଁର ପୁନିଅଁ ହେଉ ରେ ଆଜି ରଜନୀ ସାରା ।
ଉଠିଆସୁ ନୀଳ ଲହରୀ ଭେଦି ତାରକା ରାଜି,
ନିଶାମଣି ଶୋହୁ ଗଗନେ ମହୀ - ମୁକୁର ମାଜି,
(ପୃଷ୍ଠା ୧୮, ଧା-୩୯-୪୨)

Digitized by PPRACHIN, SOA

(୨) ଦେଖ, କି ପୁଲକେ ରମଣୀ ପର୍ବ - ଦିନ-ଭୂଷଣେ,
ପୃଥୁଳ -ଉରସ- ବିସ୍ତାରେ, ଗର୍ବ - ପୀନ - ନୟନେ,
ତାତ ଭ୍ରାତ ସୁତ ଦୟିତେ ରଣ -ଭୂଷଣେ ସାଜି,
ଦୂର -ପରିପନ୍ଥି -ବିନାଶେ ଦେବେ ସୁଖେ ବରଜି ।
(ପୃଷ୍ଠା ୩୫, ଧା ୩୭୯-୩୮୨)

(୩) ପୀନ ନେତ୍ର ତାର ଦିଶିଲା ଉଜ୍ଜ୍ୱଳ
କହିଲା ସରସେ ଫିଟାଇ ଭାଷା;
"ବାୟା ହେଲ ବାବୁ, ସଙ୍ଗୀ କି କରିବେ ?
ସଙ୍ଗୀ ତ ଆମ୍ଭ କୂଳ -ବେଉସା ।
(ପୃଷ୍ଠା ୬୩, ଧା ୩୩,୩୪)

(୪) ଗମ୍ଭୀର -ଦୁର୍ଦ୍ଦିନ - ତାମସେ ଚପଳା
ଚମକି କରଇ ଗମ୍ଭୀରତର;
ଗିରି -ନିର୍ଝରିଣୀ- ମୋହନ-ଶବଦ
ଶୁଣି, ଘୋରବନେ ମାଡ଼ଇ ଡର ।
ପ୍ରବୀଣ ପଥିକ ଜାଣି ସେ ଚମକେ,
ପଲକେ, ଦିଅଇ ଲୋଚକ ବୁଜି;
କୁଶଳ ମୃଗୟୁ ସେ ନଦୀ -ଶବଦେ
ପୁଲକେ ଶ୍ୱାପଦ ଦେଖଇ ଖୋଜି ।
(ପୃ. ୧୨୭, ଧା-୫୫-୫୮)

(୫) 'କି ଘେନି ଯାଅ ସାଧବ-ପୁଅ ଆସ ହେ ପାଶେ ମୋର;
ସିଂହଳ -କୂଳ - ମୁକୁତା -ଫଳ ଦିଅ, ରଚିବି ହାର ।'
(ପୃଷ୍ଠା ୧୨୮- ଗୀତର ପ୍ରଥମ ପଦ)

(୬) 'ଏକା ହୋଇ ଯାଅ ନାହିଁ, ନିଅ ମୋତେ ତୁଲେ;
ଅର୍ଦ୍ଧ ଅଙ୍ଗ କେସନେ ମୁଁ ରହିବଇଁ ଭଲେ ।
ଢାଲ ତୂଣୀର ବୋହିବି ;
ଛାଡ଼ି ମୋ ପରାଣ ମୁଁ ତ ଏକା ନ ରହିବି ।'
(ପୃଷ୍ଠା ୧୩୦ ଗୀତ)

(ଗୁରୁ ଲଘୁ ନିୟମ )

Digitized by PPRACHIN, SOA

(୭) ସ୍ତବକେ ହସି ହସି, ପୁଷ୍ପ ପଡ଼ିବ ଖସି;
ଶ୍ୱାପଦ ଲୁଚୁଅଛି ଘୋର ଗହନେ ରସି;
ଉଠ ଉଠ ବୀର- କଦମ୍ବକ-ପାଳକ
ଶ୍ୟାମଳ ଅରୁଣିତ ସୌର -କରେ ।

( ପୃଷ୍ଠା ୧୩୩- ପାରିଧି ଗୀତ ଶେଷ ପଦ )

ପ୍ରକାଶ ଭଙ୍ଗୀର ବିଭିନ୍ନତାର ଏହି ସୁଷମା କବିଙ୍କ ନିଜସ୍ୱ ଯୁକ୍ତିରେ ପ୍ରଖ୍ୟାପିତ ହୋଇଚି ।

ସମ ବଇଭବେ ଅଛଇ କି ସୁଖ
ବିଷମେ ସିନା ଏ ପରାଣ ଖେଳେ;
ଦିବସେ ହସଇ କାନନ ଧରଣୀ
ରଜନୀ -ତାମସ - ସ୍ମରଣ - ବଳେ ।'

(ପୃଷ୍ଠା ୧୮୨ ଶେଷ ଦୁଇ ଧାଡ଼ିଠୁ)

ଏ ଗ୍ରନ୍ଥରେ କବି ଏପରି ବିଷୟମାନ ଉପସ୍ଥାପିତ କରିଚନ୍ତି, ଯାହା ଉପରେ ଓଡ଼ିଆ ସାହିତ୍ୟରେ ଅପର କୌଣସି କବି ଲେଖନୀ ଚାଳନା କରି ନଥିଲେ । ତେଣୁ କବିଙ୍କର ନୂତନ ବର୍ଣ୍ଣର ନୂତନ ଚିତ୍ରଣ ପାଠକମାନଙ୍କୁ ପ୍ରଥମେ ଅସ୍ୱାଭାବିକ ଲାଗିପାରେ । କିନ୍ତୁ ବିଚାର କଲେ ସ୍ପଷ୍ଟ ପ୍ରତୀତି ହେବ ଯେ, ସେଇ ସେଇ ଚିତ୍ରଣ ପାଇଁ ସେଇ ସେଇ ବର୍ଣ୍ଣ ଓ ସେଇ ଭିତ୍ତି ହିଁ ପ୍ରକୃଷ୍ଟ । 'ମାୟାଦେବୀ'ର ଷଷ୍ଠ ସର୍ଗରେ ଯୁବରାଜ ନରସିଂହ ତାମ୍ରଲିପ୍ତ ବନ୍ଦରରେ ଜଳଯୁଦ୍ଧରେ ଜଳଦସ୍ୟୁମାନଙ୍କୁ ନିପାତ କରିବାର ବର୍ଣ୍ଣନା ଅଛି । ମୁଁ ପାଠକମାନଙ୍କୁ ଏଇ ଜଳଯୁଦ୍ଧ ବର୍ଣ୍ଣନାଟି ପଢ଼ିବାକୁ ଅନୁରୋଧ କରେ । କବିଙ୍କ ଭାଷା ବିଷୟାନୁସାରୀ ମାତ୍ର ହୋଇଚି କି ନାହିଁ, ସେମାନେ ତାହା ପଢ଼ିଲେଇଁ ବୁଝିପାରିବେ ।

ଅବଶ୍ୟ କହି ରଖେ ଯେ, 'ତୁଙ୍ଗ', 'ଅନନ୍ତ', 'ରଭସ', 'ଉପାନ୍ତ', 'ବିସାର', 'ପ୍ରସାର', 'କମ୍ର' ପ୍ରଭୃତି କେତେଗୁଡ଼ିଏ ପଦ କବି ଯତ୍ର ତତ୍ର ବ୍ୟବହାର କରି ସେଗୁଡ଼ିକର ମର୍ଯ୍ୟାଦା କ୍ଷୁଣ୍ଣ କରିବା ସଙ୍ଗେ ସଙ୍ଗେ, ନିଜର ଭାବରାଜିକୁ ପାଠକ ନିକଟରେ ଅକାରଣ କେତେ ସ୍ଥାନରେ ଗୋଳିଆ କରି ଯାଇଛନ୍ତି । କାବ୍ୟର ଭିନ୍ନ ଭିନ୍ନ ଅଂଶ ପରସ୍ପର ପ୍ରତି ଅନୁପାତ ରଖି ଯେପରି ଗଢ଼ା ହେବାର କଥା, ପ୍ରେରଣା-ରଭସରେ କବି ତାହା କରି ନାହାନ୍ତି । କେତେଗୁଡ଼ାଏ ଅଂଶ କାଟି ଦେଇଥିଲେ, ଦୈର୍ଘ୍ୟ କ୍ଷୁଦ୍ର ହେବା ହେତୁ କାବ୍ୟ - ତ୍ରୟୀ, ଉପଭୋଗ କରିବା ପାଠକ ପକ୍ଷରେ ଅଧିକ ସୁଖକର କଥା ହୋଇଥାନ୍ତା । ସ୍ଥାନେ ସ୍ଥାନେ ପଦାବଳି ଏପରି କ୍ଲୁପ୍ତ ବା ବିଚ୍ଛିନ୍ନ ରୀତିରେ ବ୍ୟବହାର ହୋଇଛି ଯେ, ପଦଗୁଡ଼ିକ ବୋଧଗମ୍ୟ ହେଲେହେଁ ସେମାନଙ୍କର ସମୂହ ଅର୍ଥ ବୁଝିବା କଠିନ ହୋଇପଡ଼ିଛି -

Digitized by PPRACHIN, SOA

ଯଉବନ ଜଳେ ଅନନ୍ତ ବିଭାସେ,
ତରୁଣ ବିକାଶେ ଅନନ୍ତ ମୁଖେ;
କରମ ସଂଯମ ଗରବ ବିନୟ
ତରୁଣେ ଖେଳଇ ଅନନ୍ତ ସୁଖେ । ( ପୃ ୧୨୨, ୧୨ ଧାଡ଼ିରୁ)

ଏପରି ଏକ ଶ୍ଳୋକର ଅର୍ଥ-ପ୍ରତୀତି ଯେ ସାଧାରଣ ପାଠକ ନିକଟରେ ସହଜ ନୁହେଁ ତାହା ହୁଏତ କବି ନିଜେ ସ୍ୱୀକାର କରିବେ । ତାଙ୍କ ବ୍ୟବହୃତ ଗୋଟିଏ ଗୋଟିଏ ସମସ୍ତ-ପଦରେ ଏତେଗୁଡ଼ିଏ ଭାବ ପିଣ୍ଡୀକୃତ ହୋଇଯାଇଛି ଯେ, ସାଧାରଣ ପାଠକ ପଢୁ ପଢୁ ସେସବୁ ସଙ୍ଗେ ସଙ୍ଗେ ବିଶ୍ଳେଷଣ କରି ଧରି ପାରିବାର ଆଶା କରାଯାଇ ନ ପାରେ । ସୂର୍ଯ୍ୟୋଦୟ ବେଳେ ପୂର୍ବଦିଗରେ ମେଘ ଥିଲେ, ମେଘର ପ୍ରାନ୍ତଭାଗ ସବୁ ପ୍ରଥମେ ଆଲୋକିତ ହୁଅନ୍ତି । ସମୁଦ୍ର କୂଳରେ ସୂର୍ଯ୍ୟୋଦୟ ବେଳେ ସୂର୍ଯ୍ୟ ପାଣି ଉପରେ ଖଣ୍ଡେ, ତଳେ ଖଣ୍ଡେ ଓ ମଝିଟା କ୍ଷୀଣ, ଏହିପରି ଡମ୍ବରୁ ଆକାରରେ ସାମାନ୍ୟ କେତେ ମୁହୂର୍ତ୍ତ ପାଇଁ ଦେଖା ଦିଅନ୍ତି । ଡମ୍ବରୁର ଉପର ଓ ତଳପ୍ରାନ୍ତ ସମତଳ; କିନ୍ତୁ ସୂର୍ଯ୍ୟ - ଡମ୍ବରୁର ତଳ -ଉପର ବର୍ତ୍ତୁଳ ଦେଖାଯାଏ । ଏହି ସୂକ୍ଷ୍ମ ଦର୍ଶନଗୁଡ଼ିକ କବି ନିଖୁଣ ଭାବରେ ଏହିପରି ପ୍ରକାଶ କରିଛନ୍ତି -

ଫାଟିଯାଏ ଦେଖ କାଳିମା ଉଷା -ରଜତ -ପରେ ;
ପାରଦ - ଉପାନ୍ତ - ପ୍ରସରେ ମେଘ ଚଳେ ଅମ୍ବରେ ।
(ପୃ ୫୪ ଧା ୮୮୫, ୮୮୬)

× × ×

ବୃତ୍ତାଭାସ ପରି ଦିଶିଲା ଉଠି ଅର୍ଦ୍ଧ-ମଣ୍ଡଳ ;
ବର୍ତ୍ତୁଳିତ -ପ୍ରାନ୍ତ - ଡମ୍ବରୁ କ୍ରମେ ଦିଶେ ସୁନ୍ଦର ।
(ପୃ ୫୫ ଧା ୯୦୭, ୯୦୮)

କିନ୍ତୁ ପୁସ୍ତକର ଅନେକତ୍ର ଏପରି ସମସ୍ତ -ପଦ ସବୁ ରହିଯାଇଛି, ଯାହାକି ମୁଁ ନିଜେ ଏ ପର୍ଯ୍ୟନ୍ତ ପୂରା ସମଜି ପାରିନି । ସାଧାରଣ ପାଠକର ଉପକାର ପାଇଁ ଏ ପୁସ୍ତକରେ ତେଣୁ ବହୁଳତର ଟୀକା ଦରକାର ଅଛି ।

ରାଧାନାଥ ଓ ମଧୁସୂଦନ ଓଡ଼ିଆ ସାହିତ୍ୟରେ ବଙ୍ଗଳା-ଅନୁକରଣରେ-ଉପଧା-ମିଳନ ପୂରାନ୍ତି । ଆମେ ସବୁ ରାଧାନାଥ ଓ ମଧୁସୂଦନଙ୍କ ବହି ପଢ଼ି ମଣିଷ ହେଲୁଁ । ଉପଧା-ମିଳନ ଯେ ଖାଣ୍ଟି ଓଡ଼ିଆ ଜିନିଷ ନୁହେଁ, ଏହା ଆମ୍ଭେମାନେ ବହୁତ ଡେରିରେ ଜାଣିଲୁଁ । ସେତେବେଳକୁ ଉପଧା-ମିଳନ ଗତରେ ପଡ଼ିଗଲାଣି -ଭୁଲ ଜାଣି ମଧ ଏବେ ବି ଉପଧା ମିଳେଇ ଲେଖୁଛୁ । କିନ୍ତୁ କ୍ରମେ ଏଇ ଧାରଣା ବଦ୍ଧମୂଳ ହେଉଛି ଯେ, ଏହି ଉପଧା ମିଳନପରି କୃତ୍ରିମ ସୌଷ୍ଟବକୁ ପ୍ରଶ୍ରୟ ଦେବା ଦ୍ୱାରା ଓଡ଼ିଆ ସାହିତ୍ୟର ଅନିଷ୍ଟ ଇ

Digitized by PPRACHIN, SOA

ହୋଇଚି । ଭାଷା ତା'ର ସ୍ୱଚ୍ଛନ୍ଦତା ହରେଇଚି, କବି ତା' ଆଙ୍ଗୁଠିରେ ସୁନାର ଶୃଙ୍ଖଳ ଦେଇଛି । ପଣ୍ଡିତ ନୀଳକଣ୍ଠ ଦାସଙ୍କର 'କୋଣାର୍କେ'ଭାଷାର ଯେଉଁ ସ୍ୱୈର, ଜାଙ୍ଗଲିକ ସୁଷମା ଦେଖିବାକୁ ମିଳେ, ତାହା ଉପଧା -ମିଳନର କୃତିମତାର ସଂପୂର୍ଣ୍ଣ ଅଭାବ ଯୋଗୁଁ ହିଁ ସମ୍ଭବ ହୋଇଛି ।

କେବଳ ଉପଧା -ମିଳନକୁ ପ୍ରତ୍ୟାଖ୍ୟାନ କରି ଦେଲେ ହିଁ ଯେ ଭାଷାର ସ୍ୱାଚ୍ଛନ୍ଦିକ ସୁଷମା ଫୁଟି ଉଠିବ, ତାହା ଅବଶ୍ୟ ନୁହେଁ । ଅନେକ ପ୍ରାଚୀନ ଓଡ଼ିଆ କବି ଏ କ୍ଷେତ୍ରରେ ଭାବାଡ଼ମ୍ବରର ଆଶ୍ରୟ ନେଇଛନ୍ତି, ଭାଷାକୁ ସୁଶ୍ରାବ୍ୟ କରିବା ପାଇଁ । କିନ୍ତୁ ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟର ଏକମାତ୍ର ଉପାୟନ ହେଉଛି ଭାବାଡମ୍ବର । ମୂଳରୁ ଶେଷ ଯାଏଁ ସେ କେବଳ ତାଙ୍କର ଚିନ୍ତା, ଅନୁଭୂତି, ସୂକ୍ଷ୍ମ ଦର୍ଶନ, ପାଣ୍ଡିତ୍ୟ ଓ ଚିତ୍ରଣ -ପାଟବରେ ହିଁ ମୁଗ୍ଧ କରି କରି ପାଠକକୁ ଘେନି ଚାଲିଛନ୍ତି । କୌଣସି ବାହ୍ୟିକ, କୃତ୍ରିମ , ଅର୍ଥହୀନ ଉପଚାର ଉପରେ ନିର୍ଭର କରିବା ତାଙ୍କର ଦରକାର ହୋଇନାହିଁ ।

ଭାଷା ସହିତ ଏ ପୁସ୍ତକର ଉପମାଗୁଡ଼ିକର ସ୍ୱାତନ୍ତ୍ର୍ୟ ମଧ୍ୟ ଉପଭୋଗର ବସ୍ତୁ । ଏ ଗୁଡ଼ିକ ନାନାସ୍ଥାନରୁ ଆହୃତ, ବିଶେଷତଃ ବିଜ୍ଞାନରୁ, କେତେକ ଇଂରାଜୀ ସାହିତ୍ୟରୁ, ଅଧିକାଂଶ କବିଙ୍କର ସ୍ୱକୀୟ ସୂକ୍ଷ୍ମ ଦର୍ଶନରୁ ।

ବିଭାଗ ଆଦରି ଦଳେ ଦଳେ ପଥେ
ଯାଉଛନ୍ତି ସେନା ବିପିନେ ମିଶି,
ନରାଜ ବରଜି ମହାନଦୀ ସେ କି
ଶାଖେ ଶାଖେ ଯାଏ ଅନୂପେ ପଶି ।
(ପୃ ୧୩୪ ଧା ୧୦୯, ୧୧୦)

× × × ×

ପରିବାରୀ -ଜନେ ଦେଖନ୍ତି ସୁହାସ,
ନ ଜାଣନ୍ତି ସେହୁ ବେଦନା ତିଳେ;
ଗ୍ରୀଷମ -ସନ୍ତାପେ ଶୁଖଇ ପଲ୍ଲବ
ବାଧଇ କି ତାହା ପତତ୍ରି -ନୀଡ଼େ ?
(ପୃ ୧୦୨ ଧା ୬୩, ୬୪)

× × × ×

କହି ଏତେ କବି, ରହିଁଲେ କୁମାରେ ;
ଜନ-ସଂଘ ଦ୍ୱିଧା ଭଜିଲା କିବା !

Digitized by PPRACHIN, SOA

ଏକ-ପଦୀ ବାଟେ ଗୁଳ୍ମ -ବନେ ଯଥା ,
କୁମାର -ପୁରତେ ଆସିଲେ ଯୁବା ।
( ପୃ ୧୩୦ ଧା ୮୭, ୮୮)

ଏହି ଉପମାଗୁଡ଼ିକ ଯେପରି ନୂତନ ଅଥଚ, ସେହିପରି ପରିଚିତ, କବିଙ୍କର ନିଜସ୍ୱ ଆବିଷ୍କାର ଓ ବିଷୟ ପ୍ରତି ଅତ୍ୟନ୍ତ ପ୍ରଯୁକ୍ତ ।

ଜାତୀୟ ଇତିହାସର ଘଟଣା ସଙ୍ଗେ ଆଧିଭୌତିକ କାଣ୍ଡର ସମାବେଶ କରି କାବ୍ୟ କବିତା ଲେଖିବା ଅଷ୍ଟାଦଶ ଶତାବ୍ଦୀର ଶେଷଆଡ଼କୁ ଇଂରେଜୀ ଭାଷାରେ ଏକ ରୀତି ହୋଇ ଉଠିଲା । ସ୍କଟ୍ ଏହାର ପଚ୍ଛ-ଗୁରୁ । 'କୋଣାର୍କେ' ସ୍କଟ୍, ଟେନିସନ୍‌ଙ୍କ ପ୍ରତିବିମ୍ବ ସୁସ୍ପଷ୍ଟ । ତାମ୍ରଲିପ୍ତର ଜଳଯୁଦ୍ଧ ବର୍ଣ୍ଣନା, ନେଲସନ୍‌ଙ୍କ ଟ୍ରାଫାଲଗାର -ବିଜୟ ପରି ବୋଧହୁଏ ।

କିନ୍ତୁ ଧାର, ଉଧାର ବାଦ୍ ଦେଲେ ମଧ୍ୟ ବାକିଯାହା ରହୁଛି, ତାହା ପଣ୍ଡିତ ନୀଳକଣ୍ଠଙ୍କର ଏପରି ଏକାନ୍ତ ନିଜସ୍ୱ ଓ ସେ ନିଜସ୍ୱର ମୂଲ୍ୟ ଏତେ ଉଚ୍ଚ ଯେ, ଧାରର କଥା ନ ପକାଇଲେଇ ହୁଏ ।

ପଣ୍ଡିତଜୀଙ୍କୁ ମୁଁ ଯେତେବେଳେ କହେ ଯେ, ମୁଁ ତାଙ୍କ 'କୋଣାର୍କେ' ବାରମ୍ବାର ପଢ଼ିଛି, ସେ ବିସ୍ମିତ ହୁଅନ୍ତି - ତାଙ୍କ କାବ୍ୟ ଏ ଦେଶରେ ଲୋକେ ପୁଣି ପଢ଼ନ୍ତି ! ସେ ନିଜେ କହିଛନ୍ତି ।

ଗ୍ରାହକତା ସିନା କବି -ସ୍ୱର୍ଗ- ସୁଖ,
ଆନ ମୂଲେ କବି ତୋଷଇ କେହି (ପୃ. ୧୨୭, ଧା.-୭୦)

ଏହି ପରଶ୍ରୀକାତର ଦେଶରେ ଗ୍ରାହକତାର ପ୍ରକୃତ ଅଭାବ । ତେବେ ପଣ୍ଡିତ ନୀଳକଣ୍ଠ ନିଶ୍ଚିନ୍ତ ରହନ୍ତୁ ଯେ, ରାଜନୈତିକ ନୀଳକଣ୍ଠ କାଆଲି ଧୂଳିରେ ମିଶି ବିସ୍ମୃତ ହୋଇଯିବେ; କିନ୍ତୁ 'କୋଣାର୍କେ'ର ଲେଖକ ନୀଳକଣ୍ଠଙ୍କର ମୃତ୍ୟୁ ନାଇ ।

ପଣ୍ଡିତ ନୀଳକଣ୍ଠ ପ୍ରକୃତରେ ପଣ୍ଡିତ । ତାଙ୍କ ନିକଟରେ ମୁଁ ଶିଶୁ-ବୟସ ଓ ଜ୍ଞାନରେ । ତାଙ୍କ ପୁସ୍ତକର ବିଶେଷତଃ 'କୋଣାର୍କେ'ର ଭୂମିକା ମୋ ପକ୍ଷରେ ଲେଖିବା ଏକ ଧୃଷ୍ଟତା । ତେବେ ପଣ୍ଡିତଜୀ ମୋର ଗ୍ରାହକତାରେ ମୁଗ୍ଧ ହୋଇ ମତେ ଏହା ଲେଖିବାକୁ କହିବାରୁ, ଯେତିକି ଜାଣେ ସେତିକି କହିଲି ମାତ୍ର । ଇତି ।

Digitized by PPRACHIN, SOA

# 'କୋଣାର୍କେ'ରେ ବାସ୍ତବତାର ସ୍ୱପ୍ନ

ଶ୍ରୀ ହରପ୍ରସାଦ ଦାସ

ଜ୍ୟୋସ୍ନା ରାତି । ଭାର୍ଗବୀ ନଈର ବନ୍ଧ ଉପରେ, ବରଗଛ ମୂଳ ଛାଇରେ ବସି ଗଳ୍ପ କହୁଛନ୍ତି ଗୋପବନ୍ଧୁ । ଗଳ୍ପର ଚିତ୍ର ସବୁ ଆଙ୍କି ହୋଇଯାଉଛି ଗୋଟିଏ ତରୁଣ ହୃଦୟରେ । ଜହ୍ନ ବୁଡ଼ିଗଲା ଶେଷରେ, ଗଳ୍ପ ସରିଗଲା । ଗଳ୍ପ ସରିଲାବେଳକୁ ଭାର୍ଗବୀର ବାଲୁକା ଶଯ୍ୟାରେ ମହାମାରୀର ଶ୍ମଶାନ ଚିତା ଜଳୁଥିଲା କି ନାହିଁ ଜଣା ନାହିଁ; କିନ୍ତୁ ତରୁଣଟିର ହୃଦୟରେ ସେତେବେଳକୁ ଜଳିସାରିଥିଲା ଦେଶପ୍ରେମର ଚିତା, କ୍ଷୟର ଭୟଙ୍କର ପୃଷ୍ଠଭୂମିରେ; ଭୋର୍‌ର ଆକାଶରେ ଜଳିସାରିଥିଲା ଅଭ୍ୟୁଦୟର ନିଆଁ । ସେ ତରୁଣଟି ନୀଳକଣ୍ଠ । ସ୍ୱରାଜ୍ୟର ଯେଉଁ ଜ୍ୟୋସ୍ନାରେ କବି ହୋଇଉଠିଥିଲେ ଗୋପବନ୍ଧୁ ସେ ଜ୍ୟୋସ୍ନାରେ ନୀଳକଣ୍ଠଙ୍କ ପାଇଁ ମିଶିଥିଲା ନଶ୍ୱରତାର ଏହି ଅଗ୍ନିକଣା । ବୋଧେ ସେଇଥିପାଇଁ, ନୀଳକଣ୍ଠ କବି ହେଲେ କମ, ପଣ୍ଡିତ ହେଲେ ବେଶି । ନିଜକୁ କବି ବୋଲି ଚିହ୍ନାଇବାରେ ବି ରହିଲା ବହୁ ସଙ୍କୋଚ । ରାଧାନାଥ ଓ ମଧୁସୂଦନଙ୍କୁ ଆକ୍ରୋଶରେ ଉଡ଼ାଇ ଦେଇଥିବା ଏ ଦାମ୍ଭିକ ପ୍ରାଜ୍ଞ, ଶ୍ରୀଚୈତନ୍ୟ ଏପରିକି ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ଭାକ୍ତିକତାର ଭ୍ରମ ବୋଲି କହି ପାଚି ଲାଲ ହୋଇଯାଇଥିବା ଏ ଗୁରୁ ଜଣକ, ନିଜକୁ କବି ବୋଲି କହିଲେ ନାହିଁ କାହିଁକି ? ସତ୍ୟବାଦୀର ଛୁରିଅନା ବଣରେ ବନବିଦ୍ୟାଳୟର ପ୍ରଥମ ଇଟା ଖଣ୍ଡକ ପୋତି ଦେଲାବେଳେ କାହିଁକି ଯାଙ୍କ ଆଖିରେ ନଥିଲା ଗୋପବନ୍ଧୁଙ୍କ ଆଖିର ଲୁହ ? କାହିଁକି ଏ ମଣିଷଟି ବାଛିନେଲେ, ଭକ୍ତିର ମାର୍ଗ ଛାଡ଼ି ଜ୍ଞାନର ମାର୍ଗ ? କାରଣ, ଯାଙ୍କ ଭିତରେ ଥିଲା ସମଗ୍ର ଜୀବନକାଳ ବଦଳରେ କେବଳ ଗୋଟିଏ ରାତିର କବିତ୍ୱ, ଯାହାକୁ ସେ ନିଜେ ଚିହ୍ନି ନଥିଲେ । ତାଙ୍କର ପ୍ରଚଣ୍ଡ ପ୍ରତିଭାର କେଉଁ ଅଜ୍ଞାତ କୋଣରେ, ରାତିଟିଏ ମାଗିନେଇଥିଲା ଏତେ ଟିକେ ଆଶ୍ରୟ । ସେ ରାତି ରାମଚଣ୍ଡୀର ରାତି । ସତେ ଯେମିତି ଭାର୍ଗବୀ ନଈକୂଳରେ ସେ ନଶ୍ୱରତାର ରାତି ନିଜ ହାତରେ ଗଢ଼ି ଦେଇଥିଲା ରାମଚଣ୍ଡୀର ସେଇ ପ୍ରସିଦ୍ଧ ରାତିଟିକୁ ନିଜ ଉପାଦାନରେ ।

'ରାମଚଣ୍ଡୀଙ୍କଠାରେ ରାତି ଓ ସକାଳ' ଯାହା ନୀଳକଣ୍ଠଙ୍କର 'କୋଣାର୍କେ' କାବ୍ୟର ପରିଚିତ ପ୍ରଥମ ଭାଗ, ତାକୁ 'କୋଣାର୍କେ'ର ଆତ୍ମା କୁହାଯିବ । ମୁଁ ମନେ କରେ ଯେ 'କୋଣାର୍କେ'ର ଦ୍ୱିତୀୟ ଭାଗଟି ଗୋଟିଏ ସମ୍ପୂର୍ଣ୍ଣ ଅଲଗା ରଚନା, 'ମାୟାଦେବୀ ଉପାଖ୍ୟାନ' ଭଳି ଗୋଟିଏ ଲୋକଗାଥାକୁ କୋଣାର୍କର ଐତିହାସିକ ସ୍ୱପ୍ନ -ଭୂମି କରି

Digitized by PPRACHIN, SOA

ଠିଆ କରାଇବାରେ କବିତ୍ୱ ଅପେକ୍ଷା ଗାଥା କାରିଗରୀର ପ୍ରତାପ ପ୍ରବଳ । ସେଠି କିମ୍ବଦନ୍ତୀକୁ ଇତିହାସର ଭାବସ୍ରୋତରେ ମିଶାଇବାର ଚାତୁର୍ଯ୍ୟ ରହିଚି ଅବଶ୍ୟ, ହେଲେ ରାମଚଣ୍ଡୀର ସେ ରାତିର ସ୍ୱପ୍ନ କାହିଁ ?

ତେଣୁ 'କୋଣାର୍କେ' କହିଲେ ମୁଁ ବୁଝେ, 'ରାମଚଣ୍ଡୀଠାରେ ରାତି ଓ ସକାଳ'କୁ । କ୍ଲାନ୍ତ ହୋଇ ଶୋଇପଡ଼ିଥିବା ସୁକୁମାର ବିଦ୍ୟାର୍ଥୀର ଶୈଶବକୁ ଯୁବକ ଗୁରୁର ବିନିଦ୍ର ରଜନୀର ଉପହାର । ଯାକୁ ପୁଣି ନୀଳକଣ୍ଠ ମାତ୍ର ସତର ଦିନରେ ଲେଖିଥିଲେ ରାଧାନାଥୀ କାବ୍ୟଧାରାର ବିକଳ୍ପ ଭାବରେ । ନା, ବିକଳ୍ପ ନୁହେଁ, ପ୍ରତିରୋଧ ଭାବରେ । କି ପ୍ରତିରୋଧ ଏ ? କି ବିକଳ୍ପ ? କବିର ଏ ପ୍ରତିରୋଧର ନାମ ଓଡ଼ିଆତ୍ୱ, ଏ ବିକଳ୍ପର ନାମ ସ୍ୱପ୍ନ ।

'ରାମଚଣ୍ଡୀଠାରେ ରାତି ଓ ସକାଳ'ରେ ଓଡ଼ିଆ ଭାଷା-ପ୍ରୟୋଗର ଐତିହାସିକ ପୃଷ୍ଠଭୂମି, ଓଡ଼ିଆତ୍ୱର ସେହି ପୃଷ୍ଠଭୂମି, ଯାହା ଗୋଟିଏ ଝଲକରେ ଆଲୋକିତ କରିଦିଏ ଏଭଳି ଗୋଟିଏ ଚେତନାକୁ ଯାହାର ମୂଳ ଉପାଦାନ ବିସ୍ମୟ । ତୁମୁଳ ବର୍ଷା ତୋଫାନ୍ ଭିତରେ ଲୁଚି ରହିଥିବା ଜହ୍ନରାତି ଭଳି ସେ ବିସ୍ମୟ । ବିସ୍ମୟର ଇତିହାସ -ଦର୍ଶନ ପଛରେ ଛପିଯାଇଥିବା ବା ନିରୀହ ଶୈଶବର ସୌକୁମାର୍ଯ୍ୟ ଭଳି ସେ ବିସ୍ମୟ ।

ବହୁ ବାଲିବନ୍ତ ଡେଇଁ ହେ ଆଜି ଆସିଛ ଚାଲି
ସଉକତ ନଦୀଗରଭେ ପଶି ହୋଇଛ ପାରି ।
ଉରଗ କୁଟିଳ ତଟିନୀ ଭରା ଆସାର ନୀରେ
ବିସ୍ମୟ ସୋହାଗେ ଭେଟିଛ କେତେ ବାଙ୍କେ ପ୍ରାନ୍ତରେ ।
ବାଟଭୁଲି କେତେ ଅନ୍ଧାରେ ସହି ବରଷା ଧାରା
ନବ ଗୁଡ଼କଙ୍କ ଲତିକା ମାଡ଼ି ଚାଲିଛ ପରା ।
କାନ୍ଧେ ଭାର ବହି, ଏସବୁ ପଥେ ସହି ନିରତେ
କୁତୂହଳେ ପୁଣି ଶାମୁକା ସାଉଁଟିଛ ହେ କେତେ ।

ଶୈଶବର ଏ ଯାତ୍ରା ପଥରେ, ବିସ୍ମୟରୁ ବିସ୍ଫୋରଣ ଓ କୌତୂହଳର ଜନ୍ମ । କୌତୂହଳରୁ ପୁଣି ଜନ୍ମିବ ଶୁଦ୍ଧ ଆନନ୍ଦ । ନଈମୁହାଣରେ ନୂଆ ଜୀବଟିଏ ଦେଖି ନାଚି ଉଠିବାର ଶିଶୁ -ସୁଲଭ ଆନନ୍ଦ, ଯାହା ବୟସ୍କ ବ୍ୟକ୍ତିଟି ବୁଝିପାରିବ ନାହିଁ । ଏଇ ବୁଝି ନ ପାରିବାର ସ୍ୱୀକାରୋକ୍ତିରୁ ଓଡ଼ିଶା ଭାଷା କଳ୍ପନାର ପାରମ୍ପରିକ ରେଖା ସ୍ପଷ୍ଟ କରି ଚିହ୍ନାଇ ଦେବ କବିଟିକୁ –

ସେ ଭାବ ମୋହର କାହିଁ ହେ, କାହୁଁ ବୁଝିବି ମୁହିଁ ?
ଶିଶୁମେଳେ ସିନା ବୁଝୁଛି, କାଳ ଯାଉଛି ବହି

Digitized by PPRACHIN, SOA

ସୁମରିଲେ ପଦ ବେଦନା ଭାର ନ ଦିଶେ ମୋତେ
ଭାରଟିଏ ନେବି ଭାବିଲେ ପାଦ ନ ପଡ଼େ ହାତେ ।

ବୟସ୍କସତ୍ତାକୁ ନ୍ୟୂନ କରି ଶୈଶବର ସରଳ ଅନୁଭବକୁ ପ୍ରତିଷ୍ଠିତ କରିବାରେ ଓଡ଼ିଆ କାବ୍ୟ ପରମ୍ପରାର ଗୋଟିଏ ବିଶେଷ ଗୁଣ ପ୍ରତିଫଳିତ ହେଉ ନାହିଁ କି ? ସତରେ କ'ଣ ଶିଶୁର ବିସ୍ମୟ, ଉଦ୍ଦୀପନା ଓ ଆନନ୍ଦକୁ କବି ବୁଝିପାରୁ ନାହାନ୍ତି ? ସତରେ କ'ଣ ତାଙ୍କୁ କ୍ଳାନ୍ତିକର ଲାଗିଛି ସେ ଯାତ୍ରା ? ସତରେ କ'ଣ ଭାର ବୋହିଲେ ଟଳ ଟଳ ହୁଏ କବିର ପାଦ ? ନା, ଏଠି ବୁଝିବାକୁ ହେବ ଯେ କବି, ଶୈଶବର ସବୁତକ ସୌକୁମାର୍ଯ୍ୟକୁ ଗଭୀର ତୃପ୍ତିର ସହିତ ଗ୍ରହଣ କରି ସାରିଛନ୍ତି; କିନ୍ତୁ ନିଜକୁ ନ୍ୟୂନ କରି , ନିଜକୁ ସ୍ପର୍ଶହୀନ ବୋଲି କହି, ଅତି ଚତୁରତାର ସହିତ କବିତାର ଗୋଟିଏ ଆବେଗ - ମଞ୍ଚ ପ୍ରସ୍ତୁତ କରୁଛନ୍ତି । ସେ ଆବେଗ - ମଞ୍ଚରେ ସତେ ଯେମିତି ଗୋଟିଏ ନାଟକର ପ୍ରଥମ ଦୃଶ୍ୟ ଉଦ୍‌ଘାଟିତ ହେଉଚି । ପ୍ରଥମ ଦୃଶ୍ୟରେ, ନିଦ୍ରାମଗ୍ନ ଶିଶୁ ଓ ଜାଗ୍ରତ ଗୁରୁ । ଜାଗ୍ରତ ଗୁରୁଙ୍କର ନିଜକୁ ଅଚାନକ ଗୌଣ କରିଦେବାରେ କବିର ମାହାତ୍ମ୍ୟ । ଏଇ ଶୈଳୀଟି ମଧ୍ୟ ଗୋଟିଏ ବହୁ ପ୍ରତିଷ୍ଠିତ ଛନ୍ଦୋକ୍ତି- ଶୈଳୀର ସୁନ୍ଦର ଆଧୁନିକୀକରଣର ଦୃଷ୍ଟାନ୍ତ । ଏଠି ଅଛି ମମତ୍ୱବୋଧର ଛଳନା -ଅଭିଜ୍ଞତାକୁ ଅପସାରିତ କରି ଆବେଗକୁ ସ୍ଥାପିତ କରିବାର ଯୋଜନା । ଆବେଗକୁ ପ୍ରତିଷ୍ଠିତ ନ କଲେ, ପରବର୍ତ୍ତୀ କାଳରେ, ବିନା ଅମ୍ଳାନରେ ସ୍ମୃତିର ସୁଡ଼ଙ୍ଗରେ ପ୍ରବେଶ କରିବା କଷ୍ଟକର ହେବ । ଓଡ଼ିଆ ଭାଷାର ଜୀବନ୍ତ ଚିତ୍ରଶାଳାରେ ସମ- ବିଷମ ଓ ଲଳିତ -ବନ୍ଧୁର ସମନ୍ୱୟ ହେଉଛି ସେଇ ଅମ୍ଳାନ, ଯାହା ସ୍ମୃତି ଏବଂ ଇତିହାସକୁ ଅଲୌକିକ କଳ୍ପନା ଓ ଦୃଶ୍ୟମାନ ବାସ୍ତବତାର ଯୋଜକ କରି ବଞ୍ଚାଇ ରଖେ । ଦେଖନ୍ତୁ, ନୀଳକଣ୍ଠଙ୍କ ଭାଷା ପ୍ରୟୋଗରେ କିପରି ଓଡ଼ିଆ ପରମ୍ପରାର ଗୋଟିଏ ଆଧୁନିକ ପକ୍ଷ ଉଦ୍‌ଘାଟିତ ହେଉଚି । ଏଠି ଲୁଚିଯାଇ ସେଠି ଦିଶୁଥିବା ନଈର ଇନ୍ଦ୍ରଜାଲ, ବାଟ ଭୁଲି ବର୍ଷା ଅନ୍ଧାରରେ ଚାଲିଥିବା ଯାତ୍ରାର ପ୍ରାଣସ୍ଫୂର୍ତ୍ତି ଭାରବାହୀ ମଣିଷର କ୍ଳେଶ ଓ ସରଳ ଆବିଷ୍କାରର ସ୍ପନ୍ଦନ, ଏ ସବୁକୁ ବ୍ୟକ୍ତ କରିପାରୁଥିବା ଓଡ଼ିଆ ଶବ୍ଦମାନେ କେତେବେଳେ ଅଳଙ୍କୃତ ତ କେତେବେଳେ ସମ୍ପୂର୍ଣ୍ଣ ନଗ୍ନ ସରଳ । 'ଉରଗ - କୁଟିଳ ତଟିନୀ'ରେ ଅଙ୍କାବଙ୍କା ନଈଟି ଅଳଂକାରଟିଏ ପିନ୍ଧି ଦେଇଚି । କିନ୍ତୁ ବାଟଭୁଲି ଅବାଟରେ ପଶିଯାଇଥିବା ମଣିଷଟିଏ ସମ୍ପୂର୍ଣ୍ଣ ସାଧାରଣରୁ ଆହରଣ କରିଚି ତାର ସୌନ୍ଦର୍ଯ୍ୟ । 'ବିସ୍ମୟ ସୋହାଗ'ରେ ପୁଣି ଗଢ଼ି ଉଠୁଚି ଗୋଟିଏ ଅଦ୍ଭୁତ ଭାବମୂର୍ତ୍ତି । ମାତ୍ର ଦୁଇଟି ଶବ୍ଦର ପାରସ୍ପରିକତାରୁ ତିଆରି ହେଉଚି ଗୋଟିଏ ବ୍ୟାପକ ମାନସଭୂମି । ପଥଶ୍ରାନ୍ତି ମନେପଡ଼ିଲେ ଭାରବହନ ପାଇଁ ଅନିଚ୍ଛା, ଭାରବୋହିବାକୁ ଚାହିଁଲେ ପାଦ ନ ଉଠିବାର ଜଡ଼ତା ଏଥିରେ ଓଡ଼ିଆ କାବ୍ୟଭାଷାର ଲୋକଧାରା । ଉଭୟ ଛାନ୍ଦ -ଚାତୁର୍ଯ୍ୟ ଓ ସରଳ ଲୋକୋକ୍ତିର ମାଧୁର୍ଯ୍ୟକୁ ନେଇ ନିର୍ମିତ ନୀଳକଣ୍ଠଙ୍କ ଭାଷା ଅନ୍ତତଃ ଦୁଇଟି ଉପାୟରେ ରାଧାନାଥ ପରମ୍ପରାର ବିକଳ୍ପ ଓ ପ୍ରତିରୋଧ ହୋଇ ଠିଆ ହେଉଚି -ପ୍ରଥମେ କବିତାରେ ଓଡ଼ିଆ ବାକ୍‌ଛନ୍ଦର ପ୍ରୟୋଗ, ଦ୍ୱିତୀୟରେ

Digitized by PPRACHIN, SOA

ଶବ୍ଦ ଚୟନରେ ମୃତ୍ତିକାଶ୍ରୟୀ ହେବାର ଚଟୁଳ ଗାମ୍ଭୀର୍ଯ୍ୟ । ଚଟୁଳତା ଓ ଗାମ୍ଭୀର୍ଯ୍ୟ, କଥାଭାଷା ଓ ମନ୍ତ୍ରୋଚ୍ଚାରଣକୁ ସମନ୍ୱିତ କରି ଗୋଟିଏ ସ୍ୱତନ୍ତ୍ର ଓଡ଼ିଆ କାବ୍ୟଭାଷା ନିର୍ମାଣର ଏଭଳି ଉଦାହରଣ ସତ୍ୟବାଦୀ ସାଂସ୍କୃତିକତାର ନୀଳକଣ୍ଠ ପ୍ରସ୍ଥ, ଯାହା ଗୋପବନ୍ଧୁ ଓ ଗୋଦାବରୀଶଙ୍କ କାବ୍ୟଧାରାଠାରୁ ଗୁଣାତ୍ମକ ଭାବରେ ଭିନ୍ନ । 'କୋଣାର୍କେ'ର ମାୟାଦେବୀ – ଗାଥା ଅଂଶଟିର ବିଭିନ୍ନ ଛାନ୍ଦ ଓ ଗୀତ ଶୈଳୀରେ ରଚନାଗୁଡ଼ିକୁ ପଢ଼ିଲାବେଳେ ରାମଚଣ୍ଡୀର ମନ୍ମୟ ଅଂଶଟିର ତାତ୍ପର୍ଯ୍ୟ ବୁଝି ହୁଏ । ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଏଇଠି ଯେ, ସେ ପ୍ରତିଜ୍ଞାବଦ୍ଧ ହୋଇ ରାଧାନାଥୀ ସ୍ରୋତର ବିପକ୍ଷରେ ଗୋଟିଏ ପ୍ରତିରୋଧ ଓ ଗୋଟିଏ ବିକଳ୍ପ ଠିଆ କଲେ, ତାଙ୍କର କବିତ୍ୱ ଏହି ଯେ ରାମଚଣ୍ଡୀର ସେ ବର୍ଷା ରାତିରେ ସେ ଆଉ ବୁଦ୍ଧିମାନ ମଣିଷଟିଏ ନ ହୋଇ ନିଜ ଅଜ୍ଞାତସାରର ବ୍ୟାକୁଳ ପ୍ରାଣୀଟିଏ ହୋଇଗଲେ । 'କୋଣାର୍କେ'ର ରାମଚଣ୍ଡୀ ଅଂଶଟି ନୀଳକଣ୍ଠଙ୍କ କବିତ୍ୱ, 'ମାୟାଦେବୀ' ଅଂଶଟି ତାଙ୍କର ପାଣ୍ଡିତ୍ୟ, ଇତିହାସ ବୋଧ, କିମ୍ବଦନ୍ତୀୟତା ଇତ୍ୟାଦି ଇତ୍ୟାଦି । 'ରାମଚଣ୍ଡୀ'ରେ ଝଡ଼ବତାସ ସହିତ ତାଙ୍କର କେତେପଦ ଆଳାପ ।

ରହ ରହ ବାଆ ବତାସି, ରହ ବରଷା ଧାରା,
କୁଆଁର ପୁନିଅଁ ହେଉରେ, ଆଜି ରଜନୀ ସାରା ।
ଉଠି ଆସୁ ନୀଳଲହରୀ, ଭେଦି ତାରକା ରାଜି,
ନିଶାମଣି ଶୋହୁ ଗଗନେ, ମହୀ ମୁକୁର ମାଜି
ଥୟ ହୁଅନ୍ତୁ କି ବତାସି, ମେଘ ଯାଆନ୍ତୁ ଚାଲି,
ପୁନିଅଁ ବିହାରେ ବୁଲନ୍ତେ ଶିଶୁ ଏଥି ବାହାରି;
ଚାନ୍ଦିନୀ ଧବଳ ବିତାନେ, ସିକତିକ ପ୍ରାନ୍ତରେ,
ଶିଶୁ ସଙ୍ଗେ ବସି ପୁହାନ୍ତି ରାତି ମୁଁ ଉଜାଗରେ ।
କଳ କଳେ ନଦୀ ଚରଣ ଚୁମ୍ବି ଯାଆନ୍ତା ବହି,
ଅର୍ଦ୍ଧ ନିଦ୍ରାବଶେ ରହନ୍ତି ସୁଖେ ଆଦରି ମହୀ ।
ନୀରବେ ଶିଶୁରୁ ମୟୂଖେ ବରଷନ୍ତା ଶିଶିର,
ସିକତୀ ପଖାଳି ତିନ୍ତାନ୍ତା ମୋର ସୁପ୍ତ ଶରୀର ।
ରାତି ତ ହେଲାଣି ବହୁତ, କିମ୍ପା ବତାସି ଆଉ
ତୁହାଇ ଆଣୁଛୁ ବରଷା, କିବା ସାଧୁଛୁ ଦାଉ ?
ଚନ୍ଦ୍ରିକା ଧବଳ କୋଣାର୍କ ପ୍ରତ୍ନ କୀରତି ମାଳା
ଦେଖିବାର ପଛେ ନହେଲା, ହୁଅ ତୁ ଏବେ ଥିରା ।
ବହୁ ସୁଖେ ଶିଶୁ ଆସିଲେ ଦେଖି ଶରଦ କାଳ,
ରାତି ଶେଷେ ଥରେ ଦେଖନ୍ତୁ ନଭେ ଚାନ୍ଦ ବିମଳ ।

Digitized by PPRACHIN, SOA

ଝଡ଼ପବନ ଓ ବର୍ଷାଧାରାକୁ କହିଥିବା ଏଇ କେଇପଦ କଥା ଭିତରେ ଯେଉଁ ଆବେଗମୟ ସ୍ୱର ଶୁଣୁଛନ୍ତି ତାହାରି ଅନ୍ତରାଳରେ ରହିଚି ପ୍ରାକ୍-ସବୁଜ କାଳର ସ୍ୱଚ୍ଛନ୍ଦତାବାଦ (ରୋମାଣ୍ଟିସିଜ୍‌ମ) । ଓଡ଼ିଆ କବିତାରେ, ନୀଳକଣ୍ଠଙ୍କ ପୂର୍ବରୁ ସ୍ୱଚ୍ଛନ୍ଦତାବାଦୀ କବିତାର ଯେଉଁ ପ୍ରୟୋଗ ସବୁ ହୋଇଥିଲା, ସେଥିରେ ଅନୁକରଣ ବା ଭାବାନୁସରଣର ଉଦାହରଣ ଥିଲା ଅଧିକ । କିନ୍ତୁ ନୀଳକଣ୍ଠଙ୍କ କବିତାରେ ସ୍ୱଚ୍ଛନ୍ଦତାବାଦ ତାର ଓଡ଼ିଆ ଆତ୍ମପରିଚୟ ନେଇ ପ୍ରତିଷ୍ଠିତ ହେଲା । କହିବାରେ ଦ୍ୱିଧା ନାହିଁ ଯେ ନୀଳକଣ୍ଠ (ଆଶ୍ଚର୍ଯ୍ୟଜନକ ଭାବରେ ନୀଳକଣ୍ଠ) ପ୍ରଥମ ଓଡ଼ିଆ ସ୍ୱଚ୍ଛନ୍ଦତାବାଦୀ (ରୋମାଣ୍ଟିକ୍) କବି ।

ସବୁଜ କବିମାନଙ୍କର ଦୁର୍ବଳତାକୁ ଚିହ୍ନିବାପାଇଁ 'କୋଣାର୍କେ'ରେ 'ରାମଚଣ୍ଡୀ' ଅଂଶଟି ଯଥେଷ୍ଟ, ତେବେ ସେ କଥା ପରେ । ଇଂରାଜୀ ରୋମାଣ୍ଟିକ୍ କବିମାନେ କେତେବେଳେ ପବନକୁ, କେତେବେଳେ ପକ୍ଷୀକୁ ବା କେତେବେଳେ ଫୁଲଟିକୁ ଯାହା ସବୁ କହିଲେ ସେଥିରେ ସ୍ମୃତିକୁ ପୁନର୍ନବା କରିବାର ଯେଉଁ ତାତ୍ତ୍ୱିକ - ପ୍ରୟାସ ଓ ଅନ୍ତରଙ୍ଗ ଉଦାମତା ଥିଲା, ତାର ତୁଙ୍ଗିମା ଓଡ଼ିଆ କବି ନୀଳକଣ୍ଠଙ୍କ କବିତାରେ । ପ୍ରକୃତି ସହିତ ଆଳାପ କରିବାର ପରମ୍ପରା ଆମର ଅତି ପୁରାତନ । ନାୟକ ନାୟିକାମାନେ ପ୍ରକୃତିକୁ ନିଜର ଦୁଃଖସୁଖର ଭାଗୀ କରାଇବାର ବହୁ ପ୍ରାଣସ୍ପର୍ଶୀ ଦୃଷ୍ଟାନ୍ତ ଆମର ପ୍ରାଚୀନ କାବ୍ୟ କବିତାରେ । ତେଣୁ, ଇଂରାଜୀ ସ୍ୱଚ୍ଛନ୍ଦତାବାଦର ମାନବ -ପ୍ରକୃତି ସମ୍ପର୍କରୁ ଅବା ଏଭଳି କଣ ପାଇବାର ଥିଲା ? ବୋଧହୁଏ ଏଇ ଯେ, ସ୍ୱଚ୍ଛନ୍ଦତାବାଦୀ କବିତାରେ ମଣିଷ ନିଜର ଭାଗ୍ୟ ସହିତ ପ୍ରକୃତିକୁ ସମାନ୍ତର ବୋଧ ନ କରି, ପ୍ରକୃତି ହାତରେ ଦେଇଦେଲା ଭାଗ୍ୟଡୋର । ପ୍ରକୃତିକୁ କାନ୍ଥର ଚିତ୍ରରୁ ଜୀବନ୍ତ ବିଗ୍ରହ କରି ପ୍ରତିଷ୍ଠିତ କରିବାରେ ଏ ସ୍ୱଚ୍ଛନ୍ଦତା । ନୀଳକଣ୍ଠ ଯେତେବେଳେ ଅର୍ଦ୍ଧ-ନିଦ୍ରାରେ ମଜ୍ଜିଯିବାକୁ ସୁଖ ବୋଲି କହୁଛନ୍ତି ବା ଶିଶିର ବର୍ଷାରେ ଭିଜିଯିବାକୁ ଚାହୁଁଛନ୍ତି ସେତେବେଳେ, କୋଣାର୍କ -ଦର୍ଶନ ହୋଇଯାଇଛି ଗୋଟିଏ ଗୌଣ ଉଦ୍ଦେଶ୍ୟ । କୋଣାର୍କ ଦେଖିବାଠାରୁ ଶରତର ଚନ୍ଦ୍ର ଦେଖିବା ହୋଇଯାଇଚି ଅଧିକ ଲୋଭନୀୟ, ଅଧିକ କାମ୍ୟ ।

ପ୍ରକୃତିକୁ ସ୍ୱଚ୍ଛନ୍ଦତାର ସହିତ ଭାଗ୍ୟ ଅର୍ପଣ କରିବାର ଯେଉଁ ସାହସ, ତାର ଆଉ ଗୋଟିଏ ପକ୍ଷ ସ୍ୱପ୍ନର ବାସ୍ତବତା । ସ୍ୱପ୍ନରେ ବାସ୍ତବତାକୁ ଦେଖିବାର ସ୍ୱଚ୍ଛନ୍ଦତାବାଦୀ କବିକଳ୍ପନାର ଯେଉଁ ଉଦାହରଣ ମୁଁ ଦେବାକୁ ଯାଉଚି 'ରାମଚଣ୍ଡୀ'ରୁ ତାର ତୁଳନା ବିଶ୍ୱସାହିତ୍ୟରେ ବିରଳ । ( ଆପଣ ପଣ୍ଡିତ ନହୋଇ, କେବଳ କବି ହୋଇ ରହିପାରିଥିଲେ କଣ କିଛି କ୍ଷତି ହୋଇଥାନ୍ତା ଗୁରୁଦେବ ?)

ଶୁଣନ୍ତୁ :

ସ୍ୱପନେ କି ପୁଣି ନ ହୁଏ ? ମୁହିଁ ବାଳକ ପରି
ରାତି ଉଜାଗରେ ଭାଳୁଛି, ବାବୁ ଯିବ କି ଡରି ?

Digitized by PPRACHIN, SOA

ସପନେ ବୋଇତ ଭାସଇ ଜନ କୁହେଳି ଧରି,
ସାଗର ଉରସେ ଉଠଇ ତୁଙ୍ଗ ତୁହିନ -ଗିରି ।
ଚାହୁଁ ଚାହୁଁ ଗିରି ପାଲଟି ହୁଏ ସୁର ଦୀର୍ଘିକା,
ନଦୀ ପୁଣି ଭାସି ଆସଇ ଧରି ଶଇଳ -ଶିଖା ।
ଗଛେ ଚଢ଼ି ଭାସି ଯାଆନ୍ତି ଜନ ସମୀର ରଙ୍ଗେ,
ଦେଖୁ ଗଛ ହୁଏ ବୋଇତ ଗିରି ପ୍ରପାତ ଭଙ୍ଗେ ।୩
ପଡ଼ଇ ଅତଳେ, ହୁଅଇ ପୁଣି ରମ୍ୟ ନଗରୀ,
ଚାହୁଁ ପୁଣି ମରୁ ଗରଜେ ଭାଙ୍ଗି ନଗର ଶିରୀ ।

ସ୍ୱପ୍ନରେ ଏ ବାସ୍ତବତାର ଚେତନା -ପ୍ଲାବନ, ଜାଗତିକ ସମୀରେଖାର ଏ ବିଲୟ, ସତ୍ତା ଓ ସାଙ୍କେତିକତାର ଏ ବିନିମୟ ଅବର୍ଣନୀୟ । ସମୁଦ୍ରରେ ଶୃଙ୍ଗ, ଶୃଙ୍ଗରେ ଉଦ୍ୟାନ, ନଦୀର ଶୃଙ୍ଗ, ଜଳରେ ବୋଇତ, ବୋଇତରେ ଗଛ, ଜଳପ୍ରପାତରେ ଚୂର୍ଣ୍ଣ-ଗଛର ବୋଇତ, ଅତଳରେ ପୁଣି ତାର ରମ୍ୟ ରୂପରେ ଜୀବନ୍ୟାସ, ସେ ଜୀବନ ପୁଣି ମରୁବାଲିରେ ବିଲୀନ । ଧ୍ୱଂସ ଓ ସୃଜନର ଏ ଲୀଳା ବର୍ଣ୍ଣନା ଯାଠାରୁ ଅଧିକ ଆଧୁନିକତାର ସହିତ କରିବା ଅସମ୍ଭବ । ଏଭଳି ଚେତନା -ପ୍ରବାହୀ ଅମୂର୍ତ୍ତ ଦୃଶ୍ୟ -କଳ୍ପନା ମଧ୍ୟ ଅସମ୍ଭବ । ପାଠକେ 'ରାମଚଣ୍ଡୀ'ର ଦ୍ୱାଦଶ ଅଂଶଟିକୁ ଟିକିଏ ହୃଦୟରେ ପଢ଼ନ୍ତୁ । ସ୍ୱପ୍ନରେ ଦେଖିଥିବା ଇତିହାସ ତେଣୁ ଉପଲକ୍ଷ ମାତ୍ର, ଯେଉଁପରି ଉପଲକ୍ଷ କୋଣାର୍କ, ଯେଉଁପରି ଉପଲକ୍ଷ ଶୈଶବ । ରାମଚଣ୍ଡୀଠାରେ ସେ ବର୍ଷା ରାତି ଆମର ବାସ୍ତବତା, ଯାହା ସ୍ୱପ୍ନ ସେହି ଜ୍ୟୋତ୍ସ୍ନା, ଯାହା ସତ୍ୟ ଅଥଚ ଅପ୍ରକାଶ୍ୟ । ଆମର ଭାବବୋଧର ବାସ୍ତବତା ସେହିପରି ଇତିହାସବୋଧ; କିନ୍ତୁ ସେ ସ୍ୱପ୍ନ ହେଉଛି ସୌକୁମାର୍ଯ୍ୟ । ତେଣୁ, ନ ଦେଖିଥିବା କୋଣାର୍କର କାବ୍ୟ 'କୋଣାର୍କେ' । 'କୋଣାର୍କେ'ର ତାତ୍ପର୍ଯ୍ୟ ସେହି କୋଣାର୍କଠାରେ; କିନ୍ତୁ କୋଣାର୍କରେ ନୁହେଁ । 'କୋଣାର୍କେ'ର ଆଳରେ ଜୀବନର କୋଣାର୍କିତ ରହସ୍ୟକୁ ଚଟୁଳ ଗାମ୍ଭୀର୍ଯ୍ୟରେ ଛୁଇଁ ଦେବାରେ ନୀଳକଣ୍ଠଙ୍କ କବିତ୍ୱ, ସେଇ ତାଙ୍କର ସ୍ୱଚ୍ଛନ୍ଦବାଦୀ ଅନ୍ୱେଷା :

ସ୍ୱପନେ ମିଶଇ ସପନ, ସ୍ୱପ୍ନ ସପନେ ଭାଙ୍ଗେ
ବିପିନ, ସାଗର, ଗଗନ, ସବୁ ମିଶଇ ରଙ୍ଗେ ।

ooo

Digitized by PPRACHIN, SOA

# ନୀଳକଣ୍ଠଙ୍କ ସମାଲୋଚନାରେ
# ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି

ପ୍ରଫେସର ନିତ୍ୟାନନ୍ଦ ଶତପଥୀ

ଓଡ଼ିଶା ସାହିତ୍ୟର, ସମାଲୋଚନାରେ ନୀଳକଣ୍ଠ ଏକ ବିଶିଷ୍ଟ ଚେତନାର ବାର୍ତ୍ତାବହ ।ତାଙ୍କ ସମାଲୋଚନା ପରିମାଣାତ୍ମକ ଦୃଷ୍ଟିରୁ ଅଧିକ ନହେଲେ ବି ଗୁଣାତ୍ମକ ଦୃଷ୍ଟିରୁ ନୂତନ ଭାବ ଓ ଭାଷ୍ୟର ଚିହ୍ନ ବହନ କରେ । ନିରୁତା ସାହିତ୍ୟ ସଂପର୍କୀୟ ସମାଲୋଚନାଗୁଡ଼ିକ ମଧ୍ୟରେ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକରେ ସନ୍ନିବେଶିତ ସାରଳାଦାସ, ଲାବଣ୍ୟବତୀ, ଫକୀରମୋହନ ଓ ଓଡ଼ିଆ ଉପନ୍ୟାସ, ଫକୀରମୋହନଙ୍କ ଆଦର୍ଶବାଦ, ଫକୀରମୋହନ ଓ ଓଡ଼ିଆ ସାହିତ୍ୟ, ଓଡ଼ିଆ ସାହିତ୍ୟରେ ମଧୁସୂଦନ, ରାଧାନାଥ ଓ ଉତ୍କଳ ସାହିତ୍ୟ, ନନ୍ଦକିଶୋରଙ୍କ ମୌଳିକତା, ମାତ୍ର କେତୋଟି ସୃଷ୍ଟି ଓ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ପରି ବିପୁଳ ସାଂସ୍କୃତିକ ପ୍ରସାରିତ ଦୃଷ୍ଟିସଂପନ୍ନ ନିବନ୍ଧମାଳା ଅନ୍ୟତମ । ପୁଣି ରଚନାବଳୀ ମଧ୍ୟରେ 'ଆର୍ଯ୍ୟଜୀବନ' ଓ କେତେକ ପ୍ରବନ୍ଧ । ଏ ସବୁରେ ନୀଳକଣ୍ଠଙ୍କ ଦୃଷ୍ଟିଭଙ୍ଗୀରେ ଯେଉଁ ଅନନ୍ୟତା ପ୍ରକାଶ ପାଇଛି ତାହା ଆଲୋଚନାର ମୌଳିକତାରେ କେବଳ ନୁହେଁ, ବାକ୍ୟବିନ୍ୟାସ ଓ ଶବ୍ଦ ସଂଗଠନରେ ମଧ ଲକ୍ଷ୍ୟ କରାଯିବ । ଏହା ସହିତ ଓଡ଼ିଆ ଭାଷା, ବ୍ୟାକରଣ, ଛନ୍ଦ, ଗଦ୍ୟ କବିତା, ଓଡ଼ିଆ ବର୍ଣ୍ଣ ଓ ଲିପି, କବିତାର ରୂପ ଓ ରସ ସଂପର୍କରେ ମଧ ନୀଳକଣ୍ଠ ଆଲୋଚନା କରିଛନ୍ତି । ମୁଁ କିନ୍ତୁ ଏହି ପ୍ରବନ୍ଧରେ ତାଙ୍କ ସମାଲୋଚନାରେ ପ୍ରକାଶ ପାଇଥିବା ବୈଚିତ୍ର୍ୟ ସଂପର୍କରେ ଉଲ୍ଲେଖ କରିବାକୁ ଯାଉଛି । ଏଥିରେ ଆଲୋଚନା, ପ୍ରବନ୍ଧ ଓ ନିବନ୍ଧକୁ ବାଦ ଦେବାକୁ ହେଉଛି । କାରଣ ତାହା ସମାଲୋଚନା ପର୍ଯ୍ୟାୟଭୁକ୍ତ ନୁହେଁ । ଅନ୍ୟ ସୃଷ୍ଟି ବା ସ୍ରଷ୍ଟାକୁ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ଯେଉଁଠି ଆଲୋଚନା କରାଯାଏ ତାହା ସମାଲୋଚନା ପର୍ଯ୍ୟାୟଭୁକ୍ତ ହେବ । ଏଇ ସମାଲୋଚନାରେ ନୀଳକଣ୍ଠ ଯେଉଁ ଚାହାଣୀର ପରିଚୟ ଦେଇଛନ୍ତି ତାହା ଓଡ଼ିଆ ସାହିତ୍ୟ ପାଇଁ ଏକାନ୍ତ ଚମକପ୍ରଦ ବିଷୟ । ବିଶେଷତଃ ସାହିତ୍ୟ ସମାଲୋଚନା ପ୍ରସଙ୍ଗରେ ନୀଳକଣ୍ଠ ବାରମ୍ବାର 'ଚାହାଣି, ଚଳଣି ଓ ଚମକ' କଥାଟି ଉଲ୍ଲେଖ କରିଛନ୍ତି । କେବଳ ଆନୁପ୍ରାସିକ ଶବ୍ଦମାଳା ଯୋଗୁ ନୁହେଁ ଏହି ତିନୋଟି ଶବ୍ଦ ମଧ୍ୟରେ ଯେଉଁ ବିଭବଶାଳୀ ଶକ୍ତିମତ୍ତା ରହିଛି ତା'ର ଯଥାର୍ଥ କଳନା ଏଯାବତ୍ ଓଡ଼ିଆ ସାହିତ୍ୟରେ ହୋଇଛି ବୋଲି ମନେ ହୁଏ ନାହିଁ । ଏହି ତିନୋଟି ଶବ୍ଦର ସମଅର୍ଥବୋଧକ ଅନ୍ୟ ତିନିଟି ଶବ୍ଦ ହେଉଛି

Digitized by PPRACHIN, SOA

'ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି' । ନୀଳକଣ୍ଠ ତାଙ୍କ ସମାଲୋଚନା ଶାସ୍ତ୍ରରେ ପରମ୍ପରା ଓ ପରିସ୍ଥିତିରେ ଜଣେ ବିଶିଷ୍ଟ ନିରୀକ୍ଷକ, ତହିଁରୁ ତାଙ୍କ ପୁରୋଦୃଷ୍ଟିର ସ୍ୱତନ୍ତ୍ର ପରିଚୟ ମିଳିଥାଏ । ଉତ୍କୃଷ୍ଟ ସମାଲୋଚନାଭାବେ ଏହି ଶବ୍ଦମାଳା ମଧ୍ୟରେ ଯେ କି ଗଭୀର ଆଲୋଡ଼ନ, ଉଷ୍ମତା ଓ ଅର୍ଥଦ୍ୟୋତନା ରହିଛି ତାହା ତାଙ୍କରି ସମାଲୋଚନାମାନଙ୍କରୁ ଦେଖାଇ ଦେବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ନୀଳକଣ୍ଠ ତାଙ୍କ ଲିଖିତ ଜୈନଧର୍ମର ମୁଖବନ୍ଧ ବା ଶ୍ରୀମଦ୍ ଭଗବଦ୍ ଗୀତାର ଭାଷ୍ୟରେ ବାରମ୍ବାର ଭାକ୍ତିକ ମିଥ୍ୟା ଓ ପୌରାଣିକ ମିଥ୍ୟା ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ ଅତିରିକ୍ତ ଭକ୍ତି ହେତୁ ଉଦ୍ଦେଶ୍ୟ ସାଧନର କୌଶଳ ରୂପେ ସାହିତ୍ୟ - ରାଜ୍ୟକୁ ଯୁଗେ ଯୁଗେ ଭାକ୍ତିକ ମିଥ୍ୟାର ସ୍ରୋତ ମାଡ଼ି ଆସିଛି । ସମଗ୍ର ପୁରାଣ ଓ ପୌରାଣିକ ମିଥ୍ୟା ଓ ଅତିରଞ୍ଜନରେ ପରିପୂର୍ଣ୍ଣ । ତେବେ ସେସବୁ କାଳ୍ପନିକ ସାହିତ୍ୟ ହୋଇଥିବାରୁ ସେ ବିଷୟ ଏଠାରେ ଉତ୍‌ଥାପନ ନ କରି ଇତିହାସ ଓ ପରିଚିତ ଅତୀତ ଭିତରୁ ଘଟଣାର ସତ୍ୟତାକୁ ନିରୂପଣ କରିବାକୁ ହେବ । ଏହି ପ୍ରସଙ୍ଗରେ ସାରଳା ଦାସଙ୍କ ସଂପର୍କରେ ତାଙ୍କ ବକ୍ତବ୍ୟ ଅତି ସ୍ପଷ୍ଟ । ସାରଳା ଦାସଙ୍କ ଅନ୍ତେ ଯେଉଁମାନେ ତାଙ୍କ ସଂପର୍କରେ ଅନେକ ଅତିଭୌତିକ ରହସ୍ୟ ଯୋଡ଼ି ତାଙ୍କୁ ବିଜ୍ଞାପିତ କରିଛନ୍ତି ସେମାନେ ତାଙ୍କର ମଙ୍ଗଳ କରିଛନ୍ତି କି ଅମଙ୍ଗଳ କରିଛନ୍ତି ସେମାନେ ଜାଣନ୍ତି ନାହିଁ । ତେଣୁ ସାରଳା ଦାସଙ୍କୁ ପ୍ରବାଦାନୁସାରେ ସେମାନେ ମୂର୍ଖ ଓ ଅଜାମର ବୋଲି କହିଛନ୍ତି । ପୁଣି ତାଳପତ୍ର ପୋଥିକୁ ବୃଦ୍ଧାନଦୀର ଜଳସ୍ରୋତରେ ଭସାଇ ଦେବା ପ୍ରସଙ୍ଗ ଏଠାରେ ଆଉ ଏକ ଭାକ୍ତିକ ମିଥ୍ୟା ମାତ୍ର । ଯେଉଁ ପତ୍ରଗୁଡ଼ିକ ଭାସି ନ ଯାଇ ସୁଅରେ ଉଜାଣି ଫେରି ଆସିବ ସେଇଗୁଡ଼ିକ କେବଳ କ୍ରମାନ୍ୱୟରେ ପୋଥିରେ ରହିବ । ତାହାହିଁ ହେଲା ସାରଳାଦାସଙ୍କ ମହାଭାରତ ପୋଥି ।

ନୀଳକଣ୍ଠ କିନ୍ତୁ ସାରଳା ଦାସଙ୍କୁ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ଭାବେ ସମ୍ମାନିତ କରିଛନ୍ତି । ତାଙ୍କ ମତରେ "ସାରଳା ଦାସ ଜଣେ ଯୁଗ ପ୍ରବର୍ତ୍ତକ ବିଦ୍ରୋହୀ । ସେ ପୁଣି ଥିଲେ, ଏ ଦେଶର ଯଥାର୍ଥ ଦେଶୀ -କଞ୍ଚା ଓ ଖାଣ୍ଟି ଓଡ଼ିଆ । ତାଙ୍କର ଏ ବିଦ୍ରୋହ ଅଣଓଡ଼ିଆ ବା ଅଣଓଡ଼ିଶୀଙ୍କ ଚୋଟିଚିପା ପ୍ରଭାବ ବିରୁଦ୍ଧରେ ଓଡ଼ିଆ ବୀରର ଆତ୍ମରକ୍ଷାର ବିଦ୍ରୋହ । ଜଗନ୍ନାଥଙ୍କ ସେବକ ଶବର ବିଶ୍ୱାବସୁଙ୍କ ବିଦ୍ରୋହ ପୁରାଣ ଓ କିମ୍ବଦନ୍ତୀର କଥା । କିନ୍ତୁ ଶୂଦ୍ର ସିଦ୍ଧେଶ୍ୱରଙ୍କ ବିଦ୍ରୋହ ସତ୍ୟ । ସମାଜ, ସାହିତ୍ୟ ଓ ସଂସ୍କୃତି ରକ୍ଷା ଓ ପ୍ରତିଷ୍ଠା ପାଇଁ ଏହା ଓଡ଼ିଆର ପ୍ରଥମ, ସ୍ପଷ୍ଟ, ପ୍ରଧାନ ସଫଳ ବିଦ୍ରୋହ । (ପୃ ୧୦୮) । ଖାରବେଳଙ୍କ ପରେ କପିଳେନ୍ଦ୍ର ଦେବଙ୍କୁ ସେ ଖାଣ୍ଟି ଓଡ଼ିଆ ସମ୍ରାଟ ଭାବେ ଗୌରବ ଦେଇ ସମସାମୟିକ ସାରଳା ଦାସଙ୍କୁ ଖାଣ୍ଟି ଓଡ଼ିଆ କବି ଭାବେ ନାମିତ କରିଛନ୍ତି । ତାଙ୍କ ମତରେ 'ସଂସ୍କୃତର ନିସନ୍ଧା ଶିକୁଳି ଭିତରୁ ଓଡ଼ିଆକୁ ଫିଟାଇ ଛାଡ଼ିଦେଇ ସାରଳା ଦାସ ପ୍ରଥମେ ଏଯୁଗର ଯଥାର୍ଥ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲେ ।" (ପୃ ୧୧୧)

Digitized by PPRACHIN, SOA

କିନ୍ତୁ ଉପେନ୍ଦ୍ରଙ୍କ ସମୟକୁ ଓଡ଼ିଆ ଭାଷାର ଏ ନିରୁତା ଗ୍ରାମ୍ୟ ସୁଷମା ଆଉ ରହିଲା ନାହିଁ । ସାରଳା ଦାସଙ୍କ ପରେ ପରେ ଜଗନ୍ନାଥ ଦାସଙ୍କ ଠାରୁ ଏ ଭାଷାର ପୁଣି କୌଳୀଣ୍ୟ ନାମରେ ସଂସ୍କୃତର ପ୍ରଭାବ କ୍ରମେ ଅନୁଭୂତ ହେଲା, ଯାହାର ପରିଣତି ହେବେ ଉପେନ୍ଦ୍ର ଭଞ୍ଜ । ଏପରି କି ଉପେନ୍ଦ୍ରଙ୍କ ପୂର୍ବେ ଜଗନ୍ନାଥ ଦାସଙ୍କ ଭାଗବତ ପରି ଶ୍ରେଷ୍ଠ ଓଡ଼ିଆ ଗ୍ରନ୍ଥ ମଧ୍ୟ ପଣ୍ଡିତ ମଣ୍ଡଳୀରେ ଆଦର ପାଇ ନଥିଲା । ଜଗନ୍ନାଥ ଦାସ ଏହି ଗ୍ରନ୍ଥର ଅନୁବାଦ କରି ବହୁ ଲାଞ୍ଛନା ଭୋଗ କରିଥିବବାର ଶୁଣିବାକୁ ମିଳେ । ତେଣୁ ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀ ସମେତ ପ୍ରତ୍ୟେକ କାବ୍ୟର ଅଧ୍ୟାୟ ଶେଷରେ ବିଜ୍ଞ ପଣ୍ଡିତମାନଙ୍କୁ ବହୁତ ବିନୟୋକ୍ତି କରିଛନ୍ତି । ନୀଳକଣ୍ଠଙ୍କ ମତରେ ଉପେନ୍ଦ୍ରଭଞ୍ଜଙ୍କ ଭାଷା କ୍ଲିଷ୍ଟ ହେଲେ ବି କୃତ୍ରିମ ନୁହେଁ । ସଂସ୍କୃତ ଛାଞ୍ଚରେ ଆଳଙ୍କାରିକ ନିଗଡ଼ ମଧ୍ୟରେ ଓ ଦୁର୍ଭେଦ୍ୟ ଶବ୍ଦ-ବ୍ୟୂହରେ ମଧ୍ୟ ସେ ଭାଷାର ସ୍ୱାଭାବିକତା ରକ୍ଷା କରିଛନ୍ତି । ନୀଳକଣ୍ଠଙ୍କ ନିଜସ୍ୱ କାବ୍ୟ ସମ୍ଭାର ପ୍ରତି ଦୃଷ୍ଟିପାତ କଲେ ମନେ ହେବ ଯେ ସାରଳା ଦାସ ଓ ଉପେନ୍ଦ୍ରଭଞ୍ଜ ହିଁ ନୀଳକଣ୍ଠଙ୍କ ଭାଷା ପ୍ରୟୋଗରେ ସମନ୍ୱିତ ହୋଇଯାଇଛନ୍ତି । ସରଳ ଓ ଜଟିଳ ଶବ୍ଦମାଳାର ପାରସ୍ପରିକ ସହାବସ୍ଥାନରେ ନୀଳକଣ୍ଠଙ୍କ କାବ୍ୟ ଯେତିକି ପ୍ରଜ୍ଞାର ଅପେକ୍ଷା ରଖେ ସେତିକି "ପଦ ସରଳ ଧ୍ୱନିରେ ମାନସ ମୋହିବ" ମର୍ମର ନିଷ୍ଠାପର ପରିଚୟ ବହନ କରେ । ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟକୁ ଆଲୋଚନା କରିବାକୁଯାଇ ସେ କୁହନ୍ତି – "ପୁଣି ଶବ୍ଦ ସନ୍ଦର୍ଭର ଆପାତ କ୍ଲିଷ୍ଟତା ରସାଣିବା ପାଇଁ, ଭାଷାର କଠୋରତା ମଧ୍ୟରେ ଭାବ ସନ୍ଦର୍ଭ ଫୁଟାଇବା ପାଇଁ, ଦୃଢ଼ ନିବଦ୍ଧ ଆଳଙ୍କାରିକ ପଦ୍ଧତିରେ କାବ୍ୟକଳା କୁଶଳତା ଦେଖାଇବା ପାଇଁ , ବ୍ୟାବହାରିକ ରୁଚିର ଆପାତ ଅପକର୍ଷ ମଧ୍ୟରେ ପାଠକକୁ ରସୋପଲବ୍ଧିରେ ଆତ୍ମବିସ୍ମୃତ କରିବାପାଇଁ ସେ ଯେଉଁ ଛନ୍ଦରାଶିର ସୃଷ୍ଟି କରିଛନ୍ତି, ତାହା ତାଙ୍କର ଅଦ୍ୱିତୀୟ ଶକ୍ତିମତ୍ତା ପ୍ରଖ୍ୟାପନ କରୁଅଛି ।" (ପୃ ୧୨୫) ଏହି ପର୍ଯ୍ୟାୟରେ ନୀଳକଣ୍ଠ କବିତାରେ ସଙ୍ଗୀତର ଉପଯୋଗିତାକୁ ପୂର୍ଣ୍ଣ ସ୍ୱୀକୃତି ଜଣାଇଛନ୍ତି । "ସଙ୍ଗୀତ, ଯତିଲୟ ଓ ବର୍ଣ୍ଣ ବିନ୍ୟାସପାଟବ କରିତାର ବିଗ୍ରହ । ଏଥିରେ କବିତାର ଆତ୍ମା ବ୍ୟକ୍ତ ହୁଏ -ଭାବରାଶି ଯଥାଯଥ ରୂପେ ଉନ୍ମୀଳିତ ହୁଏ ।" ଉପେନ୍ଦ୍ରଭଞ୍ଜଙ୍କ କବିତାରେ ଛନ୍ଦର ଚାତୁରୀ ମଧ୍ୟରେ ଭାଷାର କର୍କଶତା ଲୁଚି ଯାଇଥିବା ଅନୁଭୂତ ହେବ ।

ଭଞ୍ଜ ସାହିତ୍ୟର ଅତିରିକ୍ତ ଆଳଙ୍କାରିକ ଶୃଙ୍ଖଳା ସଂପର୍କରେ ନୀଳକଣ୍ଠଙ୍କ ମତ ମଧ୍ୟ ଅତି ନିର୍ଦ୍ଦିଷ୍ଟ । ଅତିରିକ୍ତ ଆଳଙ୍କାରିକତା କାବ୍ୟର ସୂକ୍ଷ୍ମ ବିକାଶ ଓ ଆବେଗର ସ୍ୱଚ୍ଛଳ ପ୍ରକାଶକୁ ବ୍ୟାହତ କରେ । ତାହାହିଁ ଭଞ୍ଜ କବିତାରେ ହୋଇଛି । ତାଙ୍କ କାବ୍ୟର ଆତ୍ମା ଏହି ଆଙ୍ଗିକ ଆବରଣରେ ଅନେକ ସମୟରେ ଅତି ମାତ୍ରାରେ ଆଛନ୍ନ ହୋଇ ପଡ଼ିଛି । ଫଳରେ ଭାବ ପ୍ରକଟନରେ ଅଭାବ ଘଟିଛି । ତଥାପି ନୀଳକଣ୍ଠଙ୍କ ଶ୍ରଦ୍ଧାଶୀଳ ସମାଲୋଚନାର ଧାରାରେ ଭଞ୍ଜ କବିଙ୍କ ପ୍ରତି ଉତ୍କଟ ଆକ୍ରମଣ ନାହିଁ । ସେ ସ୍ପଷ୍ଟ କହିଛନ୍ତି ଯେ ଭାଷାର କ୍ଲିଷ୍ଟତା ସଙ୍ଗେ ବିନ୍ୟାସ କୌଶଳ, ଆଳଙ୍କାରିକ କୃତ୍ରିମତା ମଧ୍ୟରେ ସରଳ

Digitized by PPRACHIN, SOA

ଭାବୋନ୍ମେଷ, ବିଷୟ ପରିକଳ୍ପନାର ପୌରାଣିକତା ମଧ୍ୟରେ ବିଶ୍ୱାସର ନିଷ୍ଠା ଓ ସ୍ଥାୟୀଭାବର ବିକାଶ, ନାନାବିଧ ଘଟଣାର ଅଙ୍ଗାଙ୍ଗୀଭାବ ଓ ପ୍ରାକୃତିକ ସମନ୍ୱୟ, ପ୍ରଣାଳୀବଦ୍ଧ କଳ୍ପନାରେ ନୂତନତା, ବିଧିବଦ୍ଧ ବର୍ଣ୍ଣନାରେ ସ୍ୱାଭାବିକତା ଆଦି ଭଞ୍ଜଙ୍କ, 'ଲାବଣ୍ୟବତୀ' କାବ୍ୟରେ ସ୍ପଷ୍ଟ ପ୍ରକଟିତ ହୋଇଛି ।

ଭଞ୍ଜ କବିତା ପ୍ରତି ଅଶ୍ଳୀଳ ଓ ରୁଚିହୀନ ଆକ୍ଷେପ ବିରୁଦ୍ଧରେ କବି ନୀଳକଣ୍ଠ ସ୍ପଷ୍ଟ ମନ୍ତବ୍ୟ ଦେଇଛନ୍ତି । ଏଥିପାଇଁ ସେ ଭଞ୍ଜ ରାଜପ୍ରାସାଦର ତତ୍କାଳୀନ ପରିବେଶ ପ୍ରତି ବିଶେଷ ଦୃଷ୍ଟିପାତ କରିଛନ୍ତି । ସେ କାଳର ପରିସ୍ଥିତିରେ ଏପରି କାବ୍ୟ ବ୍ୟତୀତ ଅନ୍ୟ କିଛି ଲେଖା ଯିବା ସମ୍ଭବ ନଥିଲା । ମନ୍ଦିର ଗାତ୍ରରେ ନିର୍ମିତ ସ୍ଥାପତ୍ୟ ଓ ଚିତ୍ରଶିଳ୍ପରେ ଯେପରି ଗ୍ରୀସଠାରୁ ଭାରତ ପର୍ଯ୍ୟନ୍ତ ନଗ୍ନ ନାରୀ ଓ ନରମୂର୍ତ୍ତିକୁ ଆମେ ଅଶ୍ଳୀଳ ବୋଲି କହିନାହେଁ, ସେହିପରି ସାହିତ୍ୟରେ ଅଶ୍ଳୀଳତା ବୋଲି କିଛି ନାହିଁ । ରୁଚି ଯାହା କହୁ ପଛେ ଶିଳ୍ପୀର ରୁଚି କିନ୍ତୁ ଭିନ୍ନ । "ଯେଉଁମାନେ କବିତାର ଶିଳ୍ପ ଗ୍ରହଣ କରନ୍ତି, କବିତାରେ ଅଶ୍ଳୀଳତା ଦେଖିବାପାଇଁ ସେମାନଙ୍କର ଅବକାଶ କାହିଁ ?" ତଥାପିସହାନୁଭୂତିପ୍ରବଣ ନୀଳକଣ୍ଠ ସମାଲୋଚକ ଭାବରେ ନିରପେକ୍ଷତା ପ୍ରକାଶ କରିବାକୁ ପଛେଇ ନାହାନ୍ତି । ତାଙ୍କ ମତରେ ନାୟକନାୟିକାଙ୍କ ମିଳନରେ ଯେଉଁ ଉଦ୍‌ବେଗ ଓ ଉତ୍କଣ୍ଠା ପ୍ରକାଶ ପାଇବାର କଥା ଉପେନ୍ଦ୍ରଭଞ୍ଜଙ୍କ ଚିତ୍ରରେ ତାହା ନଥିବାରୁ ବହୁ ପରିମାଣରେ କାବ୍ୟଚେତନାର ସ୍ୱାଭାବିକତା ବ୍ୟାହତ ହୋଇଛି । ଏଥିପାଇଁ ମଧ୍ୟ ନୀଳକଣ୍ଠଙ୍କ କୈଫିୟତର ଅଭାବ ନାହିଁ । ରାଜ ପରିବାରର ବହୁପତ୍ନୀ ଓ ଉଚ୍ଛ୍ୱସିତ ଯୌନବିଳାସ ମଧ୍ୟରେ ପ୍ରଣୟରେ ଦୈହିକ ମିଳନ ବା ସମ୍ଭୋଗ ବ୍ୟତୀତ ଆଉ କେଉଁ ଆଦର୍ଶ ଫୁଟିପାରନ୍ତା ? ଏ ଯୁକ୍ତି ଅକାଟ୍ୟ ନୁହେଁ କି ? ନୀଳକଣ୍ଠ ତାଙ୍କ ପ୍ରାଞ୍ଜିକ ଚାହାଣିରେ ଭାଷାରେ କୁହନ୍ତି- "ଆଦର୍ଶର ନୀରସ କଠୋରତାରେ ଦାର୍ଶନିକର ଚିତ୍ତବିନୋଦ ହୋଇପାରେ; କିନ୍ତୁ କାବ୍ୟର ଆଦର୍ଶ ସ୍ୱତନ୍ତ୍ର । କାବ୍ୟରେ କବି ସରସତା ଲୋଡ଼ନ୍ତି । ବାସ୍ତବ ରାଜ୍ୟରେ ରହି କବି ସଂସାରକୁ ସରସ ଓ ପୂର୍ଣ୍ଣ ଦେଖନ୍ତି । ଶୁଷ୍କ ଆଦର୍ଶର ନୀରସତା ସେ ସୁଖ ପାନ୍ତି ନାହିଁ । × × × ଲାବଣ୍ୟବତୀ ଓ ଚନ୍ଦ୍ରଭାନୁରେ ଉପେନ୍ଦ୍ରଭଞ୍ଜ ଯେଉଁ ଚିତ୍ର ଦେଇଛନ୍ତି, ତହିଁରେ ନୀରସ ଉପଯୋଗିତାର ଶୁଷ୍କ ଆଦର୍ଶ କାହିଁକି ରହିବ ?" (ପୃଷ୍ଠା ୧୨୫) । ତଥାପି ଉପେନ୍ଦ୍ର ଭଞ୍ଜଙ୍କ ପ୍ରଣୟୀ ଯୁଗଳ ରାଜ ପରିବାର ଭୋଗବିଳାସ ଉପାଦାନରେ ଚିତ୍ରିତ ହୋଇଥିଲେ ବି ସେମାନଙ୍କ ଆଚରଣରେ ଅତିବିଳାସର ବୀଭତ୍ସତା ନାହିଁ । ବରଂ ବିରହୀ ଚନ୍ଦ୍ରଭାନୁର ପରିତାପ ଜନିତ ଚିନ୍ତା ଓ ଖେଦ ମଧ୍ୟରେ ରୂପଜମୋହ କ୍ରମେ ରସୋପଲବ୍ଧିର ସ୍ଥାୟୀଭାବ ପ୍ରକାଶ କରିଛି । ପ୍ରେମ ସେଠାରେ ଆଉ ଦେହଜ ନୁହେଁ ବରଂ ପବିତ୍ର ଓ ସ୍ଥିର ।

"ମନ ଜାଣିବାକୁ ପ୍ରିୟ ସମ ଜଣେ
ଖୋଜିଲେ ନ ଥିବ କାହିଁ

ମୋ ମନେ ଘେନୁଛି ପ୍ରୀତି ଘେନିବାକୁ
ତାହାରି ସମାନ ସେହି ।" ଇତ୍ୟାଦି ... (ଲାବଣ୍ୟବତୀ)

'ଲାବଣ୍ୟବତୀ'ର ଅନେକ ଛାନ୍ଦପାଠ ପରେ ୪୦ ଛାନ୍ଦରେ ପାଠକ ଏ ଯେଉଁ ବିଶ୍ଳେଷଣର ସମ୍ମୁଖୀନ ହୁଏ ତାହା 'ବିଦଗ୍ଧ ଚିନ୍ତାମଣି' ଠାରୁ ଆଧୁନିକ ପ୍ରେମ କବିତା ପର୍ଯ୍ୟନ୍ତ ପରିବ୍ୟାପ୍ତ । ନୀଳକଣ୍ଠଙ୍କ ମତରେ "ଯେକୌଣସି ଆଧୁନିକ ପଦ୍ୟ ଲେଖକ ଓଡ଼ିଶାରେ ଆଜି ଏପରି ପଦ୍ୟ ଲେଖି ସମ୍ମାନିତ ହେବେ ।" ବୋଧହୁଏ ଏଇ ପ୍ରେରଣାରୁ ତାଙ୍କ 'ଖାରବେଳ' କାବ୍ୟରେ ପ୍ରେମଚିତ୍ର ଇନ୍ଦ୍ରିୟଜ ନ ହୋଇ ଭାବବାହୀ ହୋଇପାରିଛି । ତଥାପି ରାଜୋଚିତ କର୍ତ୍ତବ୍ୟ ଓ ଯୌବନସୁଲଭ ପ୍ରଣୟ ଚିନ୍ତା ଭିତରେ ନୀଳକଣ୍ଠଙ୍କ କାବ୍ୟରେ ଯେଉଁ ଭାରସାମ୍ୟ ପ୍ରକଟିତ ତାହା 'ଖାରବେଳ' କାବ୍ୟର ପଙ୍‌କ୍ତିମାନଙ୍କରୁ ସ୍ପଷ୍ଟ ହେବ ।

ବିରହଶଙ୍କିନୀ ବିଳାସିନୀଠାରେ ଉପେନ୍ଦ୍ର ଭଞ୍ଜ ଯେଉଁପରି ହିନ୍ଦୁ ରମଣୀସୁଲଭ ସଂଯମ ଦେଇଛନ୍ତି, ନୀଳକଣ୍ଠ ମଧ ସେହିପରି ପ୍ରଣୟ ଓ ମିଳନ ବ୍ୟାପାରରେ ସଂଯମ ପ୍ରଦର୍ଶନ କରିଛନ୍ତି । ଏପରି କି ମାୟାଦେବୀଙ୍କ ସହ ନରସିଂହଙ୍କ ମିଳନରେ ମଧ କୌଣସି ସ୍ଥାନରେ କାମୁକତା ବା ଅନାଚାରର ଚିତ୍ର ନାହିଁ । 'ଖାରବେଳ' ତ ସହଜେ ଏକ କାବ୍ୟ, ଯେଉଁଠି ଶୌର୍ଯ୍ୟ ସହିତ ପ୍ରଣୟର ହୋଇଛି ଚମତ୍କାର ସହାବସ୍ଥାନ । ଖାରବେଳଙ୍କ ଆଗରେ ଆଗ କର୍ତ୍ତବ୍ୟ, ପରେ ଧୂଷୀଙ୍କ ସହ ପ୍ରଣୟ ଓ ଅନ୍ତିମରେ ପରିଣୟ ।

ମୋଟ ଉପରେ 'ଲାବଣ୍ୟବତୀ'ର ସମାଲୋଚନା ପ୍ରସଙ୍ଗରେ ଭଞ୍ଜକବିଙ୍କ ବିଶେଷତ୍ୱ ପ୍ରଦର୍ଶନରେ ନୀଳକଣ୍ଠ କେଉଁଠି କାର୍ପଣ୍ୟ ପ୍ରକାଶ କରି ନାହାନ୍ତି । ଯେଉଁଠି ସେ ଭାବର ସରଳତା ଓ ସ୍ଥାୟିତ୍ୱ , ବର୍ଣ୍ଣବିନ୍ୟାସରେ ମୋହନବିଭ୍ରମ ଓ ତରଳତା ତଥା ଅଳଙ୍କାର ପ୍ରୟୋଗ ମଧରେ ନିରାଭରଣ କାବ୍ୟ ପଙ୍‌କ୍ତି ଦେଖିଛନ୍ତି, ତହିଁରେ ଭଞ୍ଜକବିଙ୍କ ସ୍ୱାଦେଶିକତା ଓ ରସିକତାର ଚିହ୍ନ ଖୋଜିଛନ୍ତି । ତାଙ୍କ ମତରେ ଆମ ଜନଜୀବନର ବାର୍ତ୍ତାବହ ଭାବେ 'ଲାବଣ୍ୟବତୀ' ଆମରି ଭାଷା, ଆମରି ଆଶା, ଆମର ପ୍ରକୃତି ଓ ପ୍ରକ୍ରିୟା, ଆମର ପ୍ରଣୟ, ଇଙ୍ଗିତ, ଆଳାପ ଓ ଆତ୍ମୀୟତା ପ୍ରକାଶ କରିପାରିଛି ବୋଲି ଆମର ଏତେ ପ୍ରିୟ ହୋଇପାରିଛି । ଜଣେ ମଧ୍ୟଯୁଗୀୟ କବିପ୍ରତି ଆଧୁନିକ କବି ନୀଳକଣ୍ଠଙ୍କର ଏ ଯେଉଁ ଶ୍ରଦ୍ଧା ନୈବେଦ୍ୟ ଏହା ସମାଲୋଚନାର ମହାନ ଉଦାରତା ଉପରେ ପ୍ରତିଷ୍ଠିତ ନୁହେଁ କି ? ନୀଳକଣ୍ଠ କହନ୍ତି- "ଅବିଚଳିତଚିତ୍ତତା, ଅକୁଣ୍ଠିତ ସହାନୁଭୂତି, ଦେଶକାଳପାତ୍ର, ନିର୍ବିଶେଷରେ ସାମାଜିକ ଅବସ୍ଥା ଓ ଅନୁଷ୍ଠାନାଦି ପ୍ରତି ଉନ୍ମୁକ୍ତ ଉଦାରତା ଓ ଆଦର ଅତୀତ ତଥ୍ୟ ନିର୍ଦ୍ଦେଶ ପଥରେ କେବଳ ସହାୟ । (ପୃ ୧୧୮) । ଏହାହିଁ ନୀଳକଣ୍ଠଙ୍କ ଦୃଷ୍ଟିରେ ସମାଲୋଚନାରେ ପରମ୍ପରା ଓ ଚଳଣି ପ୍ରତି ଆଦର । ଅତୀତକୁ ଏକ ଭିନ୍ନ ସତ୍ତାଭାବେ ଦେଖି ବର୍ତ୍ତମାନର ସାହିତ୍ୟକୁ ମୂଲ୍ୟାୟନ କରାଯାଇ ପାରିବ ନାହିଁ । ଅତୀତର ମୂଲ୍ୟାୟନ କାଳରେ ବର୍ତ୍ତମାନର ବିଚାର-ମାନଟି ସବୁବେଳେ ନିର୍ଭୁଲ ଭାବେ ବ୍ୟବହୃତ ହୋଇ

Digitized by PPRACHIN, SOA

ପାରିବ କି ? ତେଣୁ ତାଙ୍କ ଦୃଷ୍ଟିରେ ବର୍ତ୍ତମାନର ପରିସ୍ଥିତି ଭୂଇଁଫୋଡ଼ ସମ୍ପର୍କଶୂନ୍ୟ ନୁହେଁ ବା ଅତୀତ ନିର୍ବିଶେଷ ନୁହେଁ । ବର୍ତ୍ତମାନ ବିପୁଳ ହର୍ମ୍ୟ ନିର୍ମାଣ ପାଇଁ ଅତୀତର ଇଟାଖଣ୍ଡର ମଧ୍ୟ ପ୍ରୟୋଜନ ରହିଛି । ଏପରିକି ପୁରାତନର ମୂଳଦୁଆ ବା ଭିତ୍ତି ଉପରେ ବର୍ତ୍ତମାନର ଅଟାଳିକାଟି ଠିଆ ମଧ୍ୟ ହୋଇପାରେ । କିନ୍ତୁ ଚିରନ୍ତନ ସାହିତ୍ୟରେ ସବୁବେଳେ ଥାଏ ଏକ ବିପୁଳ ପୁରୋଦୃଷ୍ଟି ଯାହା ଯୁଗ ଯୁଗକୁ ଓ କାଳ କାଳକୁ ଏକ ବିହ୍ୱଳ ଋଷି - ଦୃଷ୍ଟିସମ୍ପନ୍ନତାରେ ଲମ୍ୱିଯାଏ । ଫରାସୀ ସାହିତ୍ୟିକ ଓ ସମାଲୋଚକ ରେନେସାର୍ ଯଥାର୍ଥରେ କହିଥିଲେ - "ସାହିତ୍ୟର ଗୋଟିଏ ଅଙ୍ଗର ପ୍ରତୀକ ହେଉଛି ବୃକ୍ଷ ଓ ଅପର ଅଙ୍ଗର ପ୍ରତୀକ ହେଉଛି ପକ୍ଷୀ । କାବ୍ୟରେ ବୃକ୍ଷ ପାଏ ମାଟି ଓ ପକ୍ଷୀ ପାଏ ଆକାଶ ।" ଏକଥାଟି ବେଶ୍ ଏକ ପ୍ରତୀକବାଦୀ ଚିତ୍ରକଳ୍ପ ମଧ୍ୟ ଦେଇ ପ୍ରକାଶ ପାଇଛି । ଅର୍ଥାତ୍ ବୃକ୍ଷ ମାଟିରୁ ଚେର ସାହାଯ୍ୟରେ ତରଳ ଖାଦ୍ୟ ଆହରଣ କରି ଶାଖା ପ୍ରଶାଖା ମେଲିଦିଏ । ଶାଖା ପ୍ରଶାଖାର ବିସ୍ତାରଣ ହିଁ ବୃକ୍ଷର ସଂଜ୍ଞା ଓ ତାତ୍କାଳିକ ପରିସ୍ଥିତିର ଚିହ୍ନ ବହନ କରେ । ମାଟି ହୋଇପାରେ ତାର ପରମ୍ପରା ବା ଐତିହ୍ୟ ଯାହା ତାକୁ ଖାଦ୍ୟ ବା ଉପାଦାନ ଯୋଗାଇଥାଏ । କିନ୍ତୁ ସେଇ ବୃକ୍ଷର ଡାଳରେ ଆଶ୍ରିତ ପକ୍ଷୀଟି ଡେଣାମେଲି ନୀଳ ଆକାଶକୁ ଉଡ଼ିଯାଏ । ସାହିତ୍ୟରେ ତାହାହିଁ ଚିରନ୍ତନତାର ବିଭବ । ସୀମା, ପରିବେଶ ଓ ପରିସ୍ଥିତିରୁ ରସଦ୍ ସଂଗ୍ରହ କରି ପରମ୍ପରାର ଏକ ଶକ୍ତ ମୂଳଦୁଆ ଉପରେ ସାହିତ୍ୟ ଠିଆ ହେଲେ ବି ତହିଁରେ ଯଦି ପୁରୋଦୃଷ୍ଟି ବା ଯୁଗାତୀତ ବାର୍ତ୍ତା ନଥାଏ ତେବେ ତାହା ଚିରନ୍ତନତାର ମୁଦ୍ରାଙ୍କ ବହନ କରିପାରିବ ନାହିଁ । ଏହି ପୁରୋଦୃଷ୍ଟି ହିଁ କବି ବା ଲେଖକକୁ କରେ ମହିମାନ୍ୱିତ । ବୋଧହୁଏ ସେଇଥିପାଇଁ କୁହାଯାଇଛି - "Poets are the prophets of mankind."

ନୀଳକଣ୍ଠ ତାଙ୍କ ସମାଲୋଚନାରେ ସାହିତ୍ୟର ଜାତୀୟ ଓ ବହିର୍ଦ୍ଦେଶାଗତ ଉପାଦାନ ପ୍ରତି ଥିଲେ ଖୁବ୍ ସଚେତନ । ଓଡ଼ିଆ ସାହିତ୍ୟକୁ କେଉଁଠି ଅଯଥା ବଙ୍ଗଳା ପ୍ରଭାବ ବିକଳାଙ୍ଗ କରିଛି, କେଉଁଠି ଆମ ନିଜସ୍ୱ ଛନ୍ଦନିୟମ ଲୋପପାଇ ବିଦେଶୀ ସାହିତ୍ୟର ପ୍ରଭାବରେ ଉପଧାପ୍ରତି ଆସକ୍ତି ପ୍ରକାଶ ପାଇଛି, ତଦ୍ୱାରା ଆମ କାବ୍ୟ ଓ ଯତିନିୟମର ନିଜସ୍ୱ ବିଭବଟି ହୋଇଛି ଆହତ, ଅତିରିକ୍ତ ସଂସ୍କୃତ ସାହିତ୍ୟ ସୁଲଭ ଆଳଙ୍କାରିକତା କିପରି ଆମ କାବ୍ୟକବିତାକୁ ଜନଜୀବନଠାରୁ ଦୂରେଇ ନେଇଛି ଓ ପାଠକ -ଲେଖକ ମଧ୍ୟରେ ଛାଡ଼ିଯାଇଛି ବିରାଟ ବ୍ୟବଧାନ - ଏସବୁ ପ୍ରତି ସମାଲୋଚକ ଅତ୍ୟନ୍ତ ଯୁକ୍ତିପ୍ରବଣ ହୋଇ ଉଠିଛନ୍ତି । ଏପରିକି ସଂସ୍କୃତର ସମସ୍ତ ପ୍ରଭାବ ସତ୍ତ୍ୱେ ଓଡ଼ିଆ କବି ଉପେନ୍ଦ୍ର ଭଞ୍ଜ ତାଙ୍କ କବିତାକୁ ସମ୍ପୂର୍ଣ୍ଣ ରୂପେ ସଂସ୍କୃତ ଅନୁସାରୀ କରି ନାହାନ୍ତି । ଓଡ଼ିଆଭାଷାର ଶକ୍ତି ବୁଝି ସଂସ୍କୃତ ସହିତ ତାର ସମ୍ବନ୍ଧର ପ୍ରାକୃତିକ ସୀମା ଠିକ୍ ରଖିଛନ୍ତି । କୋବିଦ ଓ ପ୍ରାଜ୍ଞମାନଙ୍କ ପାଇଁ ଅଳଙ୍କାର ଆଡ଼ମ୍ବରପୂର୍ଣ୍ଣ ତତ୍ସମ ଭାଷା, ପୁଣି ସାଧାରଣ ପାଠକପାଇଁ ଖାଣ୍ଟି ଓଡ଼ିଆ ଚଳଣିର ଦେଶଜ ଭାଷା ପ୍ରୟୋଗରେ ଭଞ୍ଜ - କବିତାର

Digitized by PPRACHIN, SOA

ଦକ୍ଷତା ଅସାଧାରଣ – ଏକଥା 'ଲାବଣ୍ୟବତୀ' କାବ୍ୟ ଆଲୋଚନା ପ୍ରସଙ୍ଗରେ ବହୁ ଉଦାହରଣ ଦେଇ ପ୍ରମାଣ କରିଛନ୍ତି ସମାଲୋଚକ ନୀଳକଣ୍ଠ ।

ପୁଣି ମଧ୍ୟଯୁଗୀୟ ସାହିତ୍ୟରୁ ଆଧୁନିକ ସାହିତ୍ୟ ରାଜ୍ୟକୁ ଆସିଲା ବେଳେ ନୀଳକଣ୍ଠଙ୍କ ଆଗରେ ଦେଖାଦେଇଛନ୍ତି ଚାରିଜଣ ବିଶିଷ୍ଟ ସାହିତ୍ୟ-ସୂରି । ସେମାନେ ହେଲେ ଫକୀରମୋହନ, ରାଧାନାଥ, ମଧୁସୂଦନ ଓ ନନ୍ଦକିଶୋର । ଏମାନଙ୍କ ସଂପର୍କରେ ଆଲୋଚନାବେଳେ ନୀଳକଣ୍ଠ ଯେଉଁ ସମାଲୋଚନା -ମାନ ରକ୍ଷା କରିଛନ୍ତି ତାହା ପୁନଶ୍ଚ ସେହି "ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି"ର । ନୀଳକଣ୍ଠ ତାଙ୍କ 'ଫକୀରମୋହନ ଓ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆଲୋଚନାରେ କହିଛନ୍ତି, "ମୁଁ ବରାବର କହେ, ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି, ଏହି ତିନିଟି ଉପାଦାନ ଅବିଚ୍ଛେଦ୍ୟ । ଏଇମାନଙ୍କ ଅଙ୍ଗାଙ୍ଗୀ ସମ୍ପର୍କରେ ବ୍ୟକ୍ତିତ୍ୱର ପ୍ରତିଷ୍ଠା । ପରିସ୍ଥିତିର ଆଲୋଚନା ଓ କଳ୍ପନାରେ ଏଇ ବ୍ୟକ୍ତିତ୍ୱ ହେଉଛି ପରମ ଅବଲମ୍ବନ । ପରମ୍ପରାର ପ୍ରଭାବ ନ ଥିଲେ ପରିସ୍ଥିତିର ନିର୍ମଳ ଅବବୋଧ ହୁଏ ନାହିଁ । ତା' ନ ହେଲେ ପରିସ୍ଥିତିର କଳନା ବିନା ଭବିଷ୍ୟତର କଳ୍ପନା ସୁଗମ ନୁହେଁ" (ପୃ. ୧୮୭) । ଯେଉଁ ପରିସ୍ଥିତିରେ ଫକୀରମୋହନ ଗଳ୍ପ ଉପନ୍ୟାସ ଆଦି ରଚନା କଲେ ସେ ପରିସ୍ଥିତିରେ ସେ ଖାଣ୍ଟି ଓଡ଼ିଆ ହେବାକୁ ବାଧ୍ୟ । ମଧୁ, ରାଧାନାଥଙ୍କ ସାହିତ୍ୟରେ ଉପଧା ମିଳନ ପରି ଅଣଓଡ଼ିଆ ଉପାଦାନ ସହିତ ଭାଷାରେ ବଙ୍ଗୀୟ ପ୍ରଭାବର ଅନେକ ଦୃଷ୍ଟାନ୍ତ ଥିଲା ବେଳେ ଫକୀରମୋହନ ଖାଣ୍ଟି ଓଡ଼ିଆ ଭାଷାର ପ୍ରୟୋଗ କରିଥିବାରୁ ନୀଳକଣ୍ଠ ତାଙ୍କୁ ଅଜସ୍ର ସାଧୁବାଦ ଜଣାଇଛନ୍ତି । ତଥାପି ସେ ସ୍ପଷ୍ଟ କହିଛନ୍ତି ଯେ, 'ପ୍ରାୟଶ୍ଚିତ୍ତ' ରେ ରୋମିଓ ଜୁଲିଏଟ୍ ପ୍ରଭୃତି ପରି ୟୁରୋପୀୟ ବିୟୋଗାନ୍ତ ନାଟକର ରୂପ ଓ ପ୍ରକାରର ପ୍ରଚ୍ଛନ୍ନ ଭାବରେ ଅନୁକରଣ ଥିଲାପରି ଜଣାଯାଏ । ପୁନଶ୍ଚ 'ଲଛମା' ଉପନ୍ୟାସ ସମ୍ପର୍କରେ ତାଙ୍କର ବକ୍ତବ୍ୟ ହେଲା, "ବିଷୟାଂଶମାନଙ୍କ ସଂଶ୍ଳେଷଣରେ 'ଲଛମା'ର କୃତ୍ରିମତା ଅତ୍ୟନ୍ତ ସ୍ପଷ୍ଟ । 'ଲଛମା'ର ପୃଷ୍ଠପଟରେ ଯେଉଁ ଇତିହାସର ଧାରାଟି ରହିଚି, ତା ଠିକ୍ ଓଡ଼ିଆ କି ନୁହେଁ, ତା' ବାରିବା ଦୁଷ୍କର । × × × ପରିସ୍ଥିତିର କଳନାରେ ଅନ୍ତରଙ୍ଗ ଭାବରେ ଅନୁପ୍ରାଣିତ ହେବାଭଳି ଓଡ଼ିଆ ସାମଗ୍ରୀ ସେଥିରେ ବିଶେଷ ଥିବାପରି ଲାଗୁନାଇ । ଖାଲି ଅଦ୍ଭୁତଭାବରେ ବିଚ୍ଛେଦ ଓ ଆକାଙ୍କ୍ଷିତ ମିଳନରେ ବିଷୟ ପରିସମାପ୍ତ ହେଲେ କେବଳ ନାଟକ ବା ଉପନ୍ୟାସ ପୂର୍ଣ୍ଣାଙ୍ଗ ହୁଏ ବୋଲି ବିଚାରିବା ଠିକ୍ ନୁହେଁ ।" (ପୃ ୧୯୨) । ମୋର ଯେପରି ମନେହୁଏ ଓଡ଼ିଆ ସାହିତ୍ୟର ପରମ୍ପରାର ନିକଷରେ କଷି ଫକୀରମୋହନଙ୍କ ସମ୍ପର୍କରେ ଏପରି ମନ୍ତବ୍ୟ ଆଗରୁ ବା ପରେ କୌଣସି ସମାଲୋଚକ ଦେଇ ନାହାନ୍ତି । ଐତିହ୍ୟ – ପ୍ରୀତି ଥିଲା ନୀଳକଣ୍ଠଙ୍କ କାବ୍ୟ ଚେତନା ଓ ଭାବଚେତନାର ଅନ୍ୟତମ ବଳିଷ୍ଠ ଭିତ୍ତିଭୂମି । ସେଥିରୁ ସେ ଏତେ ଟିକେ ବି ବିଚଳିତ ହୋଇ ନାହାନ୍ତି ।

ଏଇ ପରିପ୍ରେକ୍ଷୀରେ ସେ 'ମାନବୀୟ ପରମ୍ପରା' ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରିଛନ୍ତି । ତାଙ୍କ ମତରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ଓ 'ମାମୁଁ' ଉପନ୍ୟାସ

Digitized by PPRACHIN, SOA

ଦୁଇଟି ମାନବୀୟପରମ୍ପରା ଦ୍ୱାରା ପରିଚାଳିତ ହୋଇ ଦୋଷୀକୁ ଦଣ୍ଡ ଦେବାରେ ପରିଣତିମୁଖୀ ହୋଇଛି । ତା'ନ ହୋଇଥିଲେ ଆମ ସମାଜର ଭାରକେନ୍ଦ୍ର ସ୍ଥିର ରହିପାରି ନଥା'ନ୍ତା । ଆଧୁନିକ ଲେଖକମାନେ କିନ୍ତୁ ବାସ୍ତବବାଦ ନାମରେ ମାନବୀୟ ପରମ୍ପରାକୁ ଶୁଷ୍କ ଆଦର୍ଶ ବୋଲି ତ୍ୟାଗ କରିଛନ୍ତି । ସେମାନଙ୍କ ମତରେ ମଣିଷର ପ୍ରକୃତି ହେଉଛି ଆଦର୍ଶର ବିରୋଧୀ । ତେଣୁ ସାହିତ୍ୟରେ ପ୍ରକୃତିର ସ୍ୱାଭାବିକ ଚିତ୍ର ନ ରହିଲେ ତାହା ଜୀବନ୍ତ ହେବନାହିଁ । ପରମ୍ପରାବାଦୀ ନୀଳକଣ୍ଠ ଏଇଠାରେ କୁହନ୍ତି- "ଆଜି ନୂତନ ଭାବଚିତ୍ରରେ କଲମ ପ୍ରକୃତି ସଙ୍ଗେ ଗତିକରିବାର ବାହାନା କରିପାରେ । ବେଳେବେଳେ ସେ ବାହାନା ସତ୍ୟର ଅନୁରୂପ ହୋଇପାରେ । କିନ୍ତୁ ସମାଜର ଗଠନ ସ୍ପୃହାରେ ତା'ର ସ୍ଥାନ ନାଇ, ଏହା ମଧ ମନେ ରଖିବାର ଅଛି ।" (୧୯୪ ପୃଷ୍ଠା)ତାଙ୍କ ମତରେ 'ମାମୁଁ' ଓ 'ଛମାଣ ଆଠଗୁଣ୍ଠ' ରେ ଫକୀରମୋହନ ପୂରାପୂରି ଓଡ଼ିଆ । କାରଣ ଓଡ଼ିଆ ସମାଜର ଏଇ ସନାତନ ବିଚାରବୋଧ ଉପରେ ତାଙ୍କ ଉପନ୍ୟାସର ପରିଣତି ପର୍ଯ୍ୟବସିତ । ସାମାଜିକ ନ୍ୟାୟର ନିକିତିରେ ସେ ଚରିତ୍ରମାନଙ୍କୁ ମାପି ବସିଛନ୍ତି । 'ମାମୁଁ' ରେ ପରିସ୍ଥିତିର ବର୍ଣ୍ଣନାରେ କଳ୍ପନାର ଟିକିଏ ଉଦ୍ଦାମତା ହୁଏତ ଠାଏଠାଏ ଅଛି । କିନ୍ତୁ 'ଛମାଣ ଆଠଗୁଣ୍ଠ' ନିଗୁଢ଼ ସ୍ୱାଭାବିକ ପରିସ୍ଥିତିର ଜୀବନ୍ତ ଚିତ୍ର । ନୀଳକଣ୍ଠଙ୍କ ପାଇଁ ଏହାହିଁ ଆଶ୍ୱାସନାର ବିଷୟ ଯେ କଳ୍ପନାର ଉଦ୍ଦାମତା ସତ୍ତ୍ୱେ ଓଡ଼ିଶାର କୌଣସି ନା କୌଣସି ପଲ୍ଲୀରେ ରାମଚନ୍ଦ୍ର ମଙ୍ଗରାଜ ଓ କୌଣସି ସହରରେ ଏପରି ମାମୁଁ ଜୀବନ୍ତ ରୂପରେ ଥାଇ ପାରନ୍ତି ।

ପୁଣି ଫକୀରମୋହନଙ୍କ ଗଳ୍ପ ପ୍ରସଙ୍ଗରେ ନୀଳକଣ୍ଠଙ୍କ ମନ୍ତବ୍ୟ କେତେ ସ୍ପଷ୍ଟ ଓ ନିରପେକ୍ଷ ତାହା ନିମ୍ନ ମନ୍ତବ୍ୟରୁ ସ୍ପଷ୍ଟ ହେବ । "ଫକୀରମୋହନଙ୍କ ଗଳ୍ପ ଏବେ ମଧ ଓଡ଼ିଶାରେ ଅନନୁକୃତ ରହିଛି । ଓଡ଼ିଶାର ପରିସ୍ଥିତି ଭିତରେ ଇତିହାସ ସଙ୍ଗେ ସାମାଜିକତାକୁ ମିଶାଇ ଏପରି ଗଳ୍ପ କଳ୍ପନା କରିବା ଆମ ସାହିତ୍ୟରେ ଏବେ ବି ଅନନ୍ୟ ସାଧାରଣ ।" (ପୃ ୧୯୬) । ପୁନଶ୍ଚ ଫକୀରମୋହନଙ୍କ ଆତ୍ମଜୀବନୀ ପଢ଼ି ନୀଳକଣ୍ଠ କାହିଁକି ଓଡ଼ିଶାର ଯେ କୌଣସି ସୁଧୀପାଠକ ଉଚ୍ଛ୍ୱସିତ ମନ୍ତବ୍ୟ ଦେବେ । କିନ୍ତୁ ନୀଳକଣ୍ଠଙ୍କ ମନ୍ତବ୍ୟରେ ଯେଉଁ ଅନ୍ୟତା ରହିଛି ତାହା ନିମ୍ନ ପଙ୍‌କ୍ତିରୁ ସ୍ପଷ୍ଟ ବୁଝା ପଡ଼ିବ । "କି ସୁନ୍ଦର ସରସତାରେ ନିଜର ଦୈନ୍ୟ ଦୁର୍ବଳତା ପର୍ଯ୍ୟନ୍ତ ଫକୀରମୋହନ ଏଥିରେ ପ୍ରକାଶ କରି ବେଳେ ବେଳେ ଗଭୀର ଆତ୍ମଗ୍ଲାନିକୁ ଘୋର ଆତ୍ମଶ୍ଳାଘାରେ ପରିଣତ କରିଛନ୍ତି, ଅଥଚ ପ୍ରାଣର ଚଞ୍ଚଳତା ବା ନିଜକୁ ବହୁ ମାନ ଦେବାର ଉଦ୍‌ବେଗ ନାଇଁ, ଏହା ଏକା ଦେଖିବାର ଜିନିଷ ।" (ପୃ ୧୯୫)

ଫକୀରମୋହନଙ୍କ ସାହିତ୍ୟର ଭାଷା ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଇ ନୀଳକଣ୍ଠ ଓଡ଼ିଆ ଭାଷାର ପରମ୍ପରା ଖୋଜିଛନ୍ତି । ତାଙ୍କ ହିସାବରେ ସାରଳା ଦାସ ହିଁ ଶୁଦ୍ଧ ଓଡ଼ିଆ ଭାଷା ପରମ୍ପରାର ପ୍ରଥମ ପଥିକୃତ । ଚୈତନ୍ୟଙ୍କ କାଳଠାରୁ ମଧୁ-ରାଧାନାଥଙ୍କ କାଳପର୍ଯ୍ୟନ୍ତ ଓଡ଼ିଆ ଭାଷା ନିଜସ୍ୱ ପରମ୍ପରା ହଜାଇ ବସିଥିବା ବେଳେ ଫକୀରମୋହନ

Digitized by PPRACHIN, SOA

ଯଥାର୍ଥରେ ନିଜସ୍ୱ ଓଡ଼ିଆ ଭାଷାର ପୁନଃ ପ୍ରତିଷ୍ଠା କଲେ । କର୍ଣ୍ଣାଟୀ ସଙ୍ଗୀତ ପ୍ରଭାବରେ ଓଡ଼ିଆ ଛାନ୍ଦ ସାହିତ୍ୟ ଓ ଗୌଡ଼ୀୟ ଭାଷା ପ୍ରଭାବରେ ଉଡ୍‌ଡ୍ରୀୟାନ ପରମ୍ପରା ଓ ଭାଷା ସଂକ୍ରମିତ ହୋଇଥିବା ବେଳେ ଯଥାର୍ଥ ଓଡ଼ିଆ ପରମ୍ପରା ଓ ଭାଷାର ପ୍ରାଣପ୍ରତିଷ୍ଠା କଲେ ଫକୀରମୋହନ । କିନ୍ତୁ ନିଜେ ଫକୀରମୋହନ ଏପରି ଏକ ସମୟରେ ସାହିତ୍ୟ ଚାଳନା କରିଥିଲେ ଯେଉଁ ସମୟରେକି ତାଙ୍କ ଆତ୍ମପ୍ରତ୍ୟୟ କ୍ଷୁଣ୍ଣ ହେବାର ପରିସ୍ଥିତି ଜାଗ୍ରତ ହୋଇଥିଲା । ଅର୍ଥାତ୍ ସମସାମୟିକ ପରିସ୍ଥିତି ଫକୀରମୋହନଙ୍କ ଭାଷାକୁ ଓଡ଼ିଆ ସାହିତ୍ୟ ପାଇଁ ଏକାନ୍ତ ନିଜସ୍ୱ କରି ତାହାରି ଅନୁସରଣ କରିବାକୁ ଆଉ ପ୍ରସ୍ତୁତ ନ ଥିଲା ।

ନୀଳକଣ୍ଠଙ୍କ ଏ ଖେଦ ଅନେକ ପରିମାଣରେ ନିଜ କବିତାର ଭାଷାରେ ପରିପୂର୍ତ୍ତି ଲାଭ କରିଛି । ଗ୍ରାମ୍ୟ ଓ ସଂସ୍କୃତ ବା ଦିବ୍ୟ ଓ ଅଦିବ୍ୟ ଭାଷାର ଚମତ୍କାର ସମାହାରରେ ତାଙ୍କ କାବ୍ୟ-ପଙ୍‌କ୍ତି ଗଠିତ ହୋଇଥିବା ଲକ୍ଷ୍ୟ କରାଯିବ । ଉଦାହରଣ ସ୍ୱରୂପ-

"ଅଳପ ବରଷେ ସରିଯାଇଅଛି
ଏ ଜୀବନ ମଧୁମାସ
ଅଳପ ମରମେ ମଉଳି ପଡ଼ିବ
ଏ ଫୁଲର ମଧୁହାସ ।
ଏତେ କହି ବାଳା ଗୁରୁ ଶ୍ୱାସଛାଡ଼ି
ଅଞ୍ଚଳେ ପୋଛିଲେ ଆଖି
ଦ୍ରାବିଡ଼ ଲଳନା ବୁଝିଲେ ମରମେ
ଗଲା ପରିହାସ ଲାଖି ।" (ଖାରବେଳ)

'ଖାରବେଳ'ରୁ ଉଦ୍ଧୃତ ଉପରିଲିଖିତ ପଙ୍‌କ୍ତିରୁ ଖାଣ୍ଟି ଦେଶଜ ଶବ୍ଦ ଓ ତଦ୍‌ଭବ ଶବ୍ଦ ପାଖେ ପାଖେ ତତ୍‌ସମ ଶବ୍ଦର ଯେଉଁ ମଧୁର ସମ୍ମିଳନ ଘଟିଛି ତାହା ନୀଳକଣ୍ଠ କାବ୍ୟ ବିନ୍ୟାସ ରୀତି (Idiom)ର ଅନ୍ୟତମ ବିଶେଷତ୍ୱ ।

ଏଥୁଅନ୍ତେ ରାଧାନାଥଙ୍କ ପ୍ରସଙ୍ଗରେ ନୀଳକଣ୍ଠଙ୍କ ଦୀର୍ଘ ଆଲୋଚନାରୁ ସମାଲୋଚନାର ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟି ସମ୍ପର୍କରେ ତାଙ୍କ ମନ୍ତବ୍ୟ ଆଲୋଚନା କରାଯାଇପାରେ । ଏ ଆଲୋଚନାଟି ନୀଳକଣ୍ଠ ଲେଖିଥିଲେ ୧୯୦୮ରେ ଓ ରାଧାନାଥଙ୍କ ମୃତ୍ୟୁ ପରେ ପରେ 'ସେଣ୍ଟ୍ରାଲ ୟଙ୍ଗ ଉତ୍କଳ ଆସୋସିଏସନ୍' ପରିଚାଳିତ ଶ୍ରାଦ୍ଧ ସଭାରେ ଏହା ପାଠ କରିଥିଲେ । ପରେ ସାମାନ୍ୟ ପରିବର୍ଦ୍ଧିତ ହୋଇ 'ମୁକୁର' ମାସିକର ୩ୟ ବର୍ଷରେ (୧୯୦୮-୦୯) ଏହି ଦୀର୍ଘ ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା । ବିଷୟ ନିର୍ବାଚନ ଦୃଷ୍ଟିରୁ ପରମ୍ପରାରୁ କକ୍ଷଚ୍ୟୁତ ହେଲେ ବି ସମସାମୟିକ ଅନିବାର୍ଯ୍ୟ ପରିସ୍ଥିତିର ସୁଯୋଗ ନେଇ ରାଧାନାଥ ନୂତନ ଚେତନାର ପ୍ରବର୍ତ୍ତନ କରିଥିବାରୁ ଓଡ଼ିଆ ସାହିତ୍ୟରେ ଶ୍ଳାଘ୍ୟ ବିବେଚିତ ହେବେ । ନୀଳକଣ୍ଠଙ୍କ ମତରେ ଏହାହିଁ ନୂତନ ରୁଚି ପ୍ରବର୍ତ୍ତନରେ ସ୍ୱାଧୀନତାର

Digitized by PPRACHIN, SOA

ବିକାଶ । "ଲୋକଙ୍କ ରୁଚି ଓ ଆଦର୍ଶ ଯେଉଁ ଦିଗରେ ଗତିକରି ଆସୁଥିଲା ତାହାର ପରିବର୍ତ୍ତନ ପ୍ରଥମେ ବାଞ୍ଛନୀୟ । କିନ୍ତୁ ଲେଖକଙ୍କର ଅସାଧାରଣ ଶକ୍ତି ସେପରି ପରିବର୍ତ୍ତନ ପାଇଁ ଉପଯୁକ୍ତ ନ ହେଲେ ପ୍ରାଚୀନ ପଦ୍ଧତି ପରିହାର କରିବାର ଉପାୟ ନାହିଁ । ରାଧାନାଥଙ୍କ ସମୟର ପରିସ୍ଥିତି ଏପରି ନୂତନ ରୁଚିପାଇଁ ସମ୍ପୂର୍ଣ୍ଣ ଅନୁକୂଳ ଥିଲା । ତେଣୁ ରାଧାନାଥ ନିଜ ସାହିତ୍ୟ କୃତିରେ ଅଦ୍‌ଭୁତ ଭାବରେ କୃତକାର୍ଯ୍ୟ ହେଲେ ।' ରାଧାନାଥ ଆହରଣ କଲେ ବିଦେଶୀ ସାହିତ୍ୟରୁ, ପଡ଼ୋଶୀ ସାହିତ୍ୟରୁ ଓ ବହୁ ପୂର୍ବର ସଂସ୍କୃତ ସାହିତ୍ୟରୁ; କିନ୍ତୁ ସମ୍ପୂର୍ଣ୍ଣଭାବେ ସମୀକୃତ କରି ସେସବୁକୁ ଅପୂର୍ବ ଦ୍ୱିଜତ୍ୱ ଦେଲେ । ଅନ୍ୟ କାବ୍ୟରୁ ଭାବ ସଂଗ୍ରହ କରି ଗୋଟାଏ ମୌଳିକ ନବୀନ କାବ୍ୟ ପ୍ରସ୍ତୁତ କରିବା କମ୍ ଦୁରୂହ ବ୍ୟାପାର ନୁହେଁ । ଏହା ଖୁବ୍ ଶକ୍ତିଶାଳୀ ପ୍ରତିଭାସାପେକ୍ଷ ଏକ କାବ୍ୟନିର୍ମାଣ ଜିଜ୍ଞାସା । ଅନେକ ପରିମାଣରେ ସେକ୍‌ସପିଅର ଓ ମିଲଟନ୍ ମଧ୍ୟ ଏହି ପଦ୍ଧତି ଦେଇ କାବ୍ୟ ଜୀବନର ବିକାଶ ସାଧନ କରିଛନ୍ତି । ଏହାକୁହିଁ ନୀଳକଣ୍ଠ କୁହନ୍ତି ଉତ୍କଳସାହିତ୍ୟରେ ଯୁଗାନ୍ତର ଓ ସ୍ୱାଧୀନତାର ଉନ୍‌ମେଷ । ବିଷୟଗତ ଚିତ୍ର ଓ ପ୍ରକୃତିର ଆଦର୍ଶ ଦୃଷ୍ଟିରୁ ନବଯୌବନା, ଖେଳାଖଞ୍ଜରୀଟ ଦୃଶା, ଚମ୍ପକବର୍ଣ୍ଣା, ବୀର୍ଯ୍ୟାନୁରାଗିଣୀ, ରାଜବାଳା ନନ୍ଦିକେଶ୍ୱରୀ ଗଭୀର ନିଶୀଥରେ ଅବିବାହିତ, ନବଯୁବା, ବୀର ଉନ୍ମତ୍ତ ରାଜପୁତ୍ର ଚୋରଗଙ୍ଗଙ୍କ ପାଖରେ ପ୍ରେମଭିକାରିଣୀ ହେବା ଓ ଚୋରଗଙ୍ଗଙ୍କ ବୀରୋଚିତ ବ୍ୟବହାର ଓ ପରେ ନନ୍ଦିକେଶ୍ୱରୀଙ୍କ ସ୍ୱର୍ଗୀୟ ପ୍ରେମର ଆଲେଖ୍ୟ ତାଙ୍କ ପ୍ରେମପତ୍ର, ଏସବୁ ଉତ୍କଳ ସାହିତ୍ୟରେ ଅଭିନବ । "ଏହା କେବଳ ସାହିତ୍ୟ ଶ୍ରୀ ସମ୍ପାଦନା କରି କ୍ଷାନ୍ତ ନୁହେଁ, ଏହା ଲୋକଚରିତ୍ରର , ଆଦର୍ଶର ଓ ପାଠକଙ୍କ ରୁଚିରେ ବିପ୍ଳବ ସମ୍ପାଦନା କରିଅଛି । ନବୀନ ଲେଖକମଣ୍ଡଳୀ ଉତ୍କଳ ସାହିତ୍ୟର ଏକ ମହତ୍ତର ଆଭାସ ପାଇଁ ପୁଲକିତ ହେଉଅଛନ୍ତି ।" (ପୃଷ୍ଠା ୭୪୦) ସେଇ ନୀଳକଣ୍ଠ କିନ୍ତୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ରାଧାନାଥଙ୍କ କାବ୍ୟର ଏହି ଅଣ - ଐତିହାସିକ ଉପାଦାନ ପ୍ରତି ଓ ପରମ୍ପରାର ବିଦ୍‌ରୂପ ପ୍ରତି ସ୍ୱାଭାବିକ ଭାବେ ସଂଶୟାଚ୍ଛନ୍ନ ହୋଇ ଉଠିଛନ୍ତି । ସେ 'କୋଣାର୍କେ'ର ମୁଖବନ୍ଧରେ ସ୍ପଷ୍ଟ କହିଛନ୍ତି ଯେ "ମୁଁ ଦେଖିଲି, ରାଧାନାଥଙ୍କ ସମ୍ବନ୍ଧରେ ମୋର ପିଲାଦିନର ଅନେକ ଧାରଣା ବଦଳିଗଲା ।" ଜ୍ଞାନବୃଦ୍ଧି ସଙ୍ଗେ ସଙ୍ଗେ ଚିନ୍ତାଧାରା ମାର୍ଜିତ ହୁଏ, ଏହା ସ୍ୱାଭାବିକ ମଧ୍ୟ । ତେଣୁ ଇତିହାସର ଯେଉଁ ବିକୃତି ରାଧାନାଥ-ସାହିତ୍ୟରେ ଘଟିଛି ପରମ୍ପରାବାଦୀ ନୀଳକଣ୍ଠ ତାହା ସହ୍ୟ କରିବା ସମ୍ଭବ ନୁହେଁ । ତେଣୁ ସେ 'କେଦାରଗୌରୀ' ଚେତନାଟି ଯବନ ଦେଶରୁ ବିଦେଶରୁ ଆସିଥିବା କଥା କହିଦେଇ, 'ଚନ୍ଦ୍ରଭାଗା'ର ସୁମନ୍ୟୁ ଓ ଚନ୍ଦ୍ରଭାଗାଙ୍କୁ ସେଇ ନ୍ୟାୟରେ ବିଦେଶୀ ଓ ଯବନାନୀ ବୋଲି ଦୃଢ଼ ଆକ୍ଷେପ କରିଛନ୍ତି । ତା'ପରେ ତାଙ୍କର 'ରାମଚଣ୍ଡୀରେ ରାତି'ର ସେଇ ବିଖ୍ୟାତ ପଙ୍‌କ୍ତି କଥା ଏଠାରେ ଉଲ୍ଲେଖ କରାଯାଇପାରେ -

"ଘର ଛାଡ଼ି କିମ୍ପା ଯିବେ ସେ ବୀର -ବାଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା

Digitized by PPRACHIN, SOA

କଉସୁଁଲାଗାଙ୍ଗ ଧଉଳି ଏହି ନୟନେ ନାଚେ
କବିଙ୍କୁ ସୁମରି ବିରାଗେ ମୁଖ ଫେରାଅ ପଛେ ।"

ଯେଉଁ ନୀଳକଣ୍ଠ ୧୯୦୮ରେ 'ନନ୍ଦିକେଶ୍ୱରୀ'ର କାବ୍ୟ -ବକ୍ତବ୍ୟକୁ ଅଭିନବ ଓ ସ୍ୱାଧୀନ ସ୍ପୃହା କହି ତାରିଫ୍ କରିଛନ୍ତି ସେ ନୀଳକଣ୍ଠ ପରମ୍ପରା ବିଚାରରୁ ଏ କାବ୍ୟରେ ଓ ରାଧାନାଥଙ୍କ ଅନ୍ୟାନ୍ୟ କାବ୍ୟରେ ଥିବା ଐତିହାସିକ ଉପାଦାନ ପ୍ରତି ଆକ୍ଷେପ କରିବା ସ୍ୱାଭାବିକ ହେଲେହେଁ କବି ରାଧାନାଥଙ୍କୁ କୁତ୍ରାପି ଏ ପଂକ୍ତିମାନଙ୍କରେ ତିରସ୍କାର କରିନାହାନ୍ତି । 'ରାମଚଣ୍ଡୀଠାରେ ରାତି ଓ ସକାଳ','କୋଣାର୍କେ' କାବ୍ୟର କାବ୍ୟମୁଖ ଅର୍ଥାତ୍ ମହାନ୍ କାବ୍ୟ 'ମାୟାଦେବୀ' ରଚନା ପାଇଁ ଏ ଦୁଇଟି ଅଂଶ ଅନୁକୂଳ ପ୍ରସ୍ତୁତି ମାତ୍ର । ସେ କୋଣାର୍କ ମନ୍ଦିର ଗଠନର ଏକ କାଳ୍ପନିକ (ଅର୍ଦ୍ଧ ଐତିହାସିକ ହୋଇପାରେ) ବିବୃତି ଦେବା ପୂର୍ବରୁ ପାଠକମାନଙ୍କ ମାନସିକ ପ୍ରସ୍ତୁତି ନିମନ୍ତେ ଏହିପରି କାଳ୍ପନିକ, ଅର୍ଦ୍ଧ ଐତିହାସିକ କିମ୍ବଦନ୍ତୀମୂଳକ କାବ୍ୟ ରଚନା ପ୍ରତି ସେମାନଙ୍କୁ ଆକୃଷ୍ଟ କରିବା ସ୍ୱାଭାବିକ । ସେ କହିବାକୁ ଚାହାନ୍ତି ଯେ ରାଧାନାଥ ଇତିହାସର ଅପଳାପ କରିଛନ୍ତି, ଅଥଚ କୋଣାର୍କ ମନ୍ଦିରର ଗଠନ ନିମନ୍ତେ ଥିବା ଅନ୍ୟ ଏକ ଇତିହାସକୁ ସେ ବଖାଣିବାକୁ ଯାଉଛନ୍ତି । ତେଣୁ ସେହି ସୁଦୂର ଅତୀତ ପ୍ରତି ଦୃଷ୍ଟିପାତ କରିବା ପାଇଁ ପାଠକମାନଙ୍କୁ ତାଙ୍କର ଏକାନ୍ତ ଆହ୍ୱାନମୂଳକ ଏଇ ପଙ୍କ୍ତିରେ ରାଧାନାଥଙ୍କ ପ୍ରତି ବିଦ୍ୱିଷ୍ଟ ଭାବ ନାଇ, ଅଛି ବରଂ ତାଙ୍କୁ ସ୍ମରଣ କରିବାର ବା ମନେପକେଇବାର ଉପାଦାନ । ସେ ପାଠକମାନଙ୍କୁ ସବୁ କଥା ସ୍ମୃତିରେ ଖେଳେଇ ଦେବାକୁ ଅନୁରୋଧ କରିଛନ୍ତି ଓ ଗୋଟିକ ପରେ ଗୋଟିଏ କଥା ରାଧାନାଥଙ୍କ କାବ୍ୟରୁ କହି ଚାଲିଛନ୍ତି ଓ ତାକୁ ସ୍ମରଣ କରି ଅତୀତର ଗୌରବାବହ ଘଟଣାପ୍ରତି ଏଣିକି କ୍ଷୋଭ ବା ଦୁଃଖ ସହିତ ଆଖିପକେଇବାକୁ କହିଛନ୍ତି । କାରଣ ଏ ଗୌରବ ମଧ୍ୟ ଆଜି ଲୁଣ୍ଠିତ । ଜନସ୍ମୃତିରୁ ଖୁବ୍ ଶୀଘ୍ର ଅତୀତର ଗୌରବବୋଧ ଲୋପ ପାଇଯାଉଥିବାବେଳେ ସେମାନଙ୍କୁ ବୀରତ୍ୱବ୍ୟଞ୍ଜକ ଘଟଣାବଳୀ ପ୍ରତି ଆକୃଷ୍ଟ କରିବା ନୀଳକଣ୍ଠଙ୍କ ସଫଳ ଆକାଙ୍କ୍ଷା ମାତ୍ର; କିନ୍ତୁ ଦୁଃଖର କଥା ଓଡ଼ିଆ ସାହିତ୍ୟ ସମାଲୋଚନାରେ ନୀଳକଣ୍ଠଙ୍କ ଦୃଷ୍ଟି ଭଙ୍ଗୀରେ ଥିବା ଏହି ପରମ୍ପରା, ପରିସ୍ଥିତି ଓ ପୁରୋଦୃଷ୍ଟିର ଚେତନାଟିକୁ ଠିକ୍‌ଭାବେ ଧରି ନ ପାରି ବହୁ ସମାଲୋଚକ ଏ ଯାବତ୍ ଏଇ ପଙ୍କ୍ତିଗୁଡ଼ିକର କଦର୍ଥ କରିଛନ୍ତି । ସେମାନଙ୍କର ଧାରଣା ଯେ ରାଧାନାଥଙ୍କୁ ବା ତାଙ୍କ କାବ୍ୟ -ସାହିତ୍ୟକୁ ଘୃଣାର ସହିତ ପଛକରି ଚାଲିଆସିବାକୁ ନୀଳକଣ୍ଠ ଏ ପଙ୍କ୍ତିରେ ଦେଇଛନ୍ତି ଏକ ପ୍ରତିକ୍ରିୟାଶୀଳ ଆହ୍ୱାନ । ତା' ହୋଇଥିଲେ ନୀଳକଣ୍ଠଙ୍କ 'ମାୟାଦେବୀ' ଓ 'ଖାରବେଳ' କାବ୍ୟରେ ସର୍ବତୋଭାବେ ରାଧାନାଥ ଘଟଣା ବିନ୍ୟାସ ରୀତି, ରୂପଚିତ୍ର, ବର୍ଣ୍ଣନାଭଙ୍ଗୀ, ଐତିହାସିକ ଓ ପୌରାଣିକ ଭ୍ରାନ୍ତି, ସ୍ୱପ୍ନବୃତ୍ତାନ୍ତ (ଯେପରି ନରସିଂହ ଥିଲେ ତପନ ଓ ମାୟା ଥିଲେ ସୂର୍ଯ୍ୟପତ୍ନୀ ଛାୟା ଓ ଜମ୍ବୁରାଜକୁମାରୀ ଥିଲେ ଅନ୍ୟତମା ପତ୍ନୀ ସଂଜ୍ଞା) ଅଲୌକିକତା ଓ ଅତିଭୌତିକତା ଉପରେ ନିର୍ଭରଶୀଳ ହୋଇ ନଥାନ୍ତେ । ଏପରିକି ତାଙ୍କ କାବ୍ୟମାନସର

Digitized by PPRACHIN, SOA

ରୋମାଣ୍ଟିକ୍ ବର୍ଣ୍ଣନା ରୀତି ଓ ପ୍ରକୃତି ଚେତନା, ରାଧାନାଥ-କାବ୍ୟ-ଚେତନା ସହିତ ସମ୍ପୂର୍ଣ୍ଣ ସାମ୍ୟ ସ୍ଥାପନ କରେ । ୧ । ମୋଟ କଥା ହେଲା ରାଧାନାଥ କାବ୍ୟଚେତନାକୁ ନୀଳକଣ୍ଠ ସମ୍ପୂର୍ଣ୍ଣଭାବେ ମାନିନେଇ ଆପଣାକାବ୍ୟରେ ତା'ର ପରୀକ୍ଷା ଓ ପ୍ରୟୋଗ କରିଥିଲାବେଳେ ରାଧାନାଥଙ୍କ କାବ୍ୟ ବିଷୟରେ ଥିବା ଅପାରମ୍ପରିକ ବିଜାତୀୟ ଭାବରାଜିକୁ ପରିହାର କରିଛନ୍ତି । ଏକ ପକ୍ଷରେ ରାଧାନାଥଙ୍କୁ ଓଡ଼ିଆ ସାହିତ୍ୟରେ ଜାତୀୟଭାବନା ବା ସ୍ୱଦେଶପ୍ରେମର ପଥିକୃତ୍ ଭାବେ ସ୍ୱୀକାର କରି ନୀଳକଣ୍ଠ ନିଜ କାବ୍ୟଚେତନାରେ ଏହି ପ୍ରସଙ୍ଗରେ ରାଧାନାଥଙ୍କୁ ଅତିକ୍ରମ କରିଯାଇ ନାହାନ୍ତି କି ? କିନ୍ତୁ ଉତ୍ସକୁ ବା ମୂଳକୁ କ'ଣ ଏପରି ଅସ୍ୱୀକାର କରିହୁଏ ? ମୋଟ ଉପରେ ନୀଳକଣ୍ଠଙ୍କୁ ଠିକ୍‌ଭାବେ ନ ବୁଝି ଅନେକ ଦ୍ଦିନ ଧରି ଏଇ ଚାରୋଟି ପଙ୍‌କ୍ତିର ଯେଉଁ କଦର୍ଥ ଓଡ଼ିଆ ସମାଲୋଚନା ସାହିତ୍ୟରେ ହୋଇ ଆସିଛି ଏଣିକି ତାହା ବନ୍ଦ ନ ହେଲେ ନୀଳକଣ୍ଠ ସାହିତ୍ୟର ଯଥାର୍ଥ ଓ ନିରପେକ୍ଷ ମୂଲ୍ୟାୟନ ହୋଇପାରିବ ନାହିଁ ବା ସେ ସାହିତ୍ୟରେ ଥିବା ବିପୁଳ ପୁରୋଦୃଷ୍ଟିର ଅଙ୍ଗୀକାର ଫିଟିବ ନାହିଁ ।

ନୀଳକଣ୍ଠ ଅନ୍ୟତ୍ର କହିଛନ୍ତି- "ଚିଲିକା ରେ ପଦ୍ମାବତୀଙ୍କ ରୂପ, ଚିଲିକାର ତୋଫାନ, ନନ୍ଦିକେଶ୍ୱରୀରେ ସନ୍ଧ୍ୟା ଓ ନନ୍ଦିକେଶ୍ୱରୀଙ୍କ ରୂପ ପ୍ରଭୃତି ଅସଂଖ୍ୟ ସ୍ଥଳରେ ରାଧାନାଥ ବର୍ଣ୍ଣନାରେ ଯେ କୃତିତ୍ୱ ପ୍ରକାଶ କରିଛନ୍ତି, ତାହା ଉତ୍କଳ ଭାଷାର ଗୋଟିଏ ସାରତମ ଉପାଦାନ । 'ଚିଲିକା' ପରି ବିଶୁଦ୍ଧକାବ୍ୟ ଯେକୌଣସି ଦେଶର ସାହିତ୍ୟ ପକ୍ଷରେ ଉପାଦେୟ ।" ଜଣେ ସମସ୍ପର୍ଦ୍ଧୀ ଲେଖକର ଏହି ଔପଚାରିକତାରେ ବିଦ୍ୱେଷର ଚିହ୍ନ ମଧ୍ୟ ନାହିଁ । ରାଧାନାଥଙ୍କ ବହୁ ବର୍ଣ୍ଣନାତ୍ମକ କାବ୍ୟର ମୂଳ ଉପାଦାନ ଯେପରି ଭିକ୍‌ଟୋରିଆନ୍ ଯୁଗର ସ୍କଟ୍, ଟେନିସନ୍, ଆରନୋଲଡ୍ ଠିକ୍ ସେହିପରି ନୀଳକଣ୍ଠଙ୍କ 'ପ୍ରଣୟିନୀ' ଓ 'ଦାସ ନାଏକ'ର ମୂଳଉତ୍ସ ହେଉଛନ୍ତି ଯଥାକ୍ରମେ ସ୍କଟ ଓ ଟେନିସନ୍ । ମୋଟ ଉପରେ ଉଭୟ ରୋମାଣ୍ଟିକ ଦେଶାନୁରାଗୀ କବି । ପୁଣି ଆଙ୍ଗିକ ରୀତିରେ ଉଭୟ ମଧ୍ୟ ପ୍ରାଚୀନ ଓ ଆଧୁନିକ ଉଭୟ ରୀତିରେ ବିଶ୍ୱାସୀ । ମୋଟ ଉପରେ କୁହାଯାଇ ପାରିବ ଯେ ନୀଳକଣ୍ଠ କାବ୍ୟ ଚେତନାରେ ରାଧାନାଥଙ୍କ ଯଥାର୍ଥ ଉତ୍ତରାଧିକାରୀ ଓ ପ୍ରତିନିଧି । ତେଣୁ ରାଧାନାଥଙ୍କୁ ଘୃଣାକରି ମୁହଁ ଫେରାଇ ଆଣିବାକୁ ସେ କିପରି କୁହନ୍ତେ ? ଏଇ "ମୁହଁ ଫେରାଅ ପଛେ" ଯଥାର୍ଥତଃ ଅତୀତ ଆଡ଼କୁ ଦୃଷ୍ଟିପାତ କରିବାପାଇଁ ଉଦ୍‌ବୋଧନ ମାତ୍ର ।

ସେଇ ସତ୍‌ପ୍ରଶଂସାର ଆଉ ଏକ ଦୃଷ୍ଟାନ୍ତ ନିଅନ୍ତୁ । ଶଂସିତ ଆଲୋଚନାର କିଞ୍ଚିତ୍ ପରେ ରାଧାନାଥଙ୍କ ସ୍ୱଦେଶ-ବାତ୍ସଲ୍ୟ ସମ୍ପର୍କରେ ନୀଳକଣ୍ଠ ଲେଖିଛନ୍ତି - "ରାଧାନାଥଙ୍କ ଲେଖନୀ ବଳରେ ଉତ୍କଳର ପ୍ରତ୍ୟେକ ନଦ, ନଦୀ, ହ୍ରଦ, ନିର୍ଝର, ଟଂକ, ପର୍ବତ, ଉପତ୍ୟକା, ଦହ, ପାଟ ପ୍ରଭୃତି କି ଅଦ୍ଭୁତ ଜୀବନୀ ଶକ୍ତିରେ ପ୍ରତ୍ୟେକ ଉତ୍କଳୀୟଙ୍କ ହୃଦୟ ସ୍ପର୍ଶ କରୁଅଛି । ଚନ୍ଦ୍ରଭାଗାର ବାଲୁକାମୟ ଉପକୂଳଠାରୁ କେଦାରଗୌରୀର ନିର୍ଝର

Digitized by PPRACHIN, SOA

ପର୍ଯ୍ୟନ୍ତ, ମହାନଦୀର ପଠା ଓ 'ବୀରରକ୍ତ ପିଣ୍ଡେ ଗଡ଼ା" ବାରବାଟୀଠାରୁ "ଉତ୍କଳ - କମଳା - ବିଳାସ -ଦୀର୍ଘିକା" ଚିଲିକା ପର୍ଯ୍ୟନ୍ତ, କ୍ଷୁଦ୍ର ରତ୍ନଚିରାଠାରୁ ସମୁନ୍ନତ ମେଘାସନ ପର୍ଯ୍ୟନ୍ତ, ସମସ୍ତ ଯେପରିକି ରାଧାନାଥ ପ୍ରତିଭାରେ ସଦ୍ୟସ୍ନାତ ହୋଇ କି ଏକ ନବୀନ, ଶକ୍ତିମୟ, ଜୀବନ୍ତ ଆଭାରେ ବିଭାସିତ ରହିଅଛନ୍ତି ।" (ପୃ ୨୫୦) । "ଏଣୁ ଦେଖ, ତୁମର ଭାଷାରେ କିପରି ତାଙ୍କର ଚିତ୍ର ଦିନକୁଦିନ ଉଜ୍ଜ୍ୱଳତର ହେଉଅଛି; ତାଙ୍କର ଦେଶପ୍ରେମ କିପରି ଅବତାର ଗ୍ରହଣ କରି ତୁମର ଅନ୍ତଃସ୍ଥଳକୁ ଆନ୍ଦୋଳିତ କରୁଅଛି ।" ( ପୃ ୨୫୨) ।

କିନ୍ତୁ ରାଧାନାଥଙ୍କ କାବ୍ୟର ଭାଷାକୁ ନୀଳକଣ୍ଠ ସାରଳା ଦାସଙ୍କ ଭାଷାର ପ୍ରାଣସ୍ରୋତ ଭାବେ ଗ୍ରହଣ କରିପାରି ନାହାନ୍ତି । ଏହାର କାରଣ ହେଲା ସେତେବେଳେ ଓଡ଼ିଆ ଭାଷା ତାର ସ୍ୱଭାବ ସୁନ୍ଦର ପ୍ରାକୃତିକତାକୁ ପରିହାର କରି ମାର୍ଜିତ ଓ ସଂସ୍କୃତ ହେବାକୁ ଅଧିକ ଉନ୍ମୁଖ ହୋଇ ଉଠିଥିଲା । କି ଗଦ୍ୟ, କି ପଦ୍ୟ ସବୁରେ ଥିଲା ଏହି ବିଶୁଦ୍ଧ ସଂସ୍କୃତ ଶବ୍ଦ ଓ ରୀତିର ଅନୁସରଣ । ବୋଧହୁଏ ଭାଷାର ମୌଳିକ ଶକ୍ତି ସାରଳାଙ୍କ କାଳରୁ କ୍ରମେ କ୍ଷୟ ପାଇ ପାଇ ରାଧାନାଥଙ୍କ ବେଳକୁ ବଙ୍ଗୀୟ ପ୍ରଭାବରେ ସଂସ୍କୃତାନୁସାରୀ ହୋଇପଡ଼ିଥିଲା । ରାଧାନାଥ ଓ ମଧୁରାଓ ଉଭୟେ ବଙ୍ଗଳାଭାଷାକୁ ଚମତ୍କାର ଆୟତ୍ତ କରିଥିଲେ, ବଙ୍ଗଳା ସାହିତ୍ୟ ଅନୁଧ୍ୟାନ ମଧ୍ୟ କରିଥିଲେ । ଏମାନେ ପୁଣି ଅଣଓଡ଼ିଆ ଥିବାରୁ ସ୍ୱାଭାବିକ ଭାବେ ସାରଳାଙ୍କ ବା ଫକୀରମୋହନଙ୍କ ଭାଷାର ବିଭବକୁ ଆୟତ୍ତ କରିପାରି ନ ଥା'ନ୍ତେ । ତେଣୁ ଏହି ପରିସ୍ଥିତି ବିଚାରରୁ ରାଧାନାଥଙ୍କ ପ୍ରତି ମଧ୍ୟ ନୀଳକଣ୍ଠଙ୍କ କ୍ଷୋଭ ନ ରହିବାର କଥା । ତେଣୁ ସେ ଏକ ସୁଚିନ୍ତିତ ମନ୍ତବ୍ୟ ଦେଇ କହିଛନ୍ତି - "ଅପଭ୍ରଷ୍ଟ ଶବ୍ଦ ବାହୁଲ୍ୟରେ ସ୍ଥାନେ ସ୍ଥାନେ ଅଯଥା ଭାରାନ୍ୱିତ ହେଲେହେଁ ରାଧାନାଥଙ୍କ ଲେଖା ପଦ୍ଧତିରେ ଗୋଟିଏ ବଡ଼ ଉଚ୍ଚ ଆଦର୍ଶ ସର୍ବଦା ପରିଲକ୍ଷିତ ହୁଏ । ତାହା ତାଙ୍କ ଲେଖାରେ କ୍ରମଶଃ ପ୍ରକାଶ ପାଇ 'ଦରବାର'ରେ ପରିସ୍ଫୁଟ ହୋଇଅଛି । ଓଡ଼ିଆ ସାଧାରଣଙ୍କ ଭାଷାକୁ ନିଜର ସଂସ୍କୃତମୂଳକ ଭାଷାରେ ଅଙ୍ଗାଙ୍ଗୀଭାବରେ ପିହିତ ରଖିବା ଏହି ଆଦର୍ଶର ପ୍ରଧାନ ଉପକରଣ ।" ନୀଳକଣ୍ଠ ମଧ୍ୟ ପରେ ଅଲଘଂନୀୟ ପରିସ୍ଥିତିକୁ ଅତିକ୍ରମ କରିପାରି ନାହାନ୍ତି ଓ ଭାଷା ବିକାଶରେ ନିଜର ସମସ୍ତ କାବ୍ୟରେ ଏହିପରି ଅନପଭ୍ରଷ୍ଟ ଶବ୍ଦମାଳା ସହିତ ଏକାନ୍ତ ଦେଶଜ ଭାଷାର ସମ୍ମିଶ୍ରଣ ଘଟାଇଛନ୍ତି ।

ପୁଣି ରାଧାନାଥ ସାହିତ୍ୟରେ ସଂପୂର୍ଣ୍ଣ ଆକସ୍ମିକ ଅମିତ୍ରାକ୍ଷର ଛନ୍ଦ ପ୍ରଚଳନ ସଂପର୍କରେ ନୀଳକଣ୍ଠ ତଦୀୟ ସମାଲୋଚନାରେ ଯେଉଁ ପୁରୋଦୃଷ୍ଟିର ପରିଚୟ ଦେଇଛନ୍ତି ଏଠାରେ ତାହା ପ୍ରଣିଧାନଯୋଗ୍ୟ । ନୀଳକଣ୍ଠ କୁତ୍ରାପି ଅମିତ୍ରାକ୍ଷରର ପ୍ରଚଳନ ନ କରିଥିଲେ ମଧ୍ୟ ଏହାର ଶକ୍ତିଶାଳୀ ପ୍ରଭାବ ଓ ଭାବପ୍ରକାଶରେ ଏହାର ଅନୁକୂଳତା ପ୍ରତି ଥିଲେ ସଚେତନ । ସେ ଲେଖିଛନ୍ତି- "ଯୁଗର ଉନ୍ନତି ଓ ସଭ୍ୟତାର ପ୍ରଚାର ସଙ୍ଗେ ସଙ୍ଗେ କବିତା ଛନ୍ଦୋବଦ୍ଧରୁ ବିଚ୍ଛିନ୍ନ ହୋଇ ଭାବରେ ପର୍ଯ୍ୟବସିତ ହେଉଅଛି । ଯେତେବେଳେ

Digitized by PPRACHIN, SOA

ଭାବର ବିକାଶ ଅଳ୍ପ ଥିଲା, ସେତେବେଳେ ମନୁଷ୍ୟ ଛନ୍ଦନିୟମର ଲାଳିତ୍ୟରେ ମୁଗ୍ଧ ହେଉଥିଲା; କିନ୍ତୁ କାଳକ୍ରମେ ଉପନ୍ୟାସ କବିତା ନାମରେ ଆଖ୍ୟାତ ହେଉଛି । ମନୋଭାବର ସୂକ୍ଷ୍ମ ଅଂଶ କଳା ବ୍ୟକ୍ତ କରିବାରେ ଯେଉଁ ଭାଷା ଉତ୍ତମ ଉପଯୋଗୀ, ତାହା ହିଁ ଆଜି କବିତାର ଭାଷା ହେଉଅଛି । ପୁଣି କବିତା ଛନ୍ଦନିୟମରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ ହେବା ଉଚିତ ନୁହେଁ । ଅନ୍ତତଃ ବର୍ତ୍ତମାନ ଯାଏ ତାହା ମାନବର ସାଙ୍ଗୀତିକ ମନୋବୃତ୍ତି ସଙ୍ଗେ ସାମାନ୍ୟତା ହେଲେ ହେଁ ସମ୍ବନ୍ଧ ରଖିଅଛି; ତେଣୁ ଅମିତ୍ରାକ୍ଷର ଛନ୍ଦର ଏତେ ପ୍ରତିପତ୍ତି । ଏଥିରେ କବିଙ୍କ ପ୍ରତିଭା ଗୋଟିଏ କୃତ୍ରିମ ବନ୍ଧନ ପରିତ୍ୟାଗ କରି ଆଉ ଗୋଟିଏ ପ୍ରାକୃତିକ ବନ୍ଧନ ଯୋଗେ ମହତ୍ତର ହୁଏ ।" (ପୃ ୨୭୫) । ଲକ୍ଷ୍ୟ କରିବାର କଥା ଯେ ନୀଳକଣ୍ଠ ନିଜ କାବ୍ୟ କବିତାରେ ଏହି ଛନ୍ଦର ପରୀକ୍ଷା କରି ନଥିଲେ ବି ଜଣେ ରକ୍ଷଣଶୀଳ ସମାଲୋଚକପରି ଏହାର ବିରୋଧ କରି ନାହାନ୍ତି । ଆଜି ଓଡ଼ିଆ କବିତାରେ ଅମିତ୍ରାକ୍ଷର ଛନ୍ଦର କ୍ରାନ୍ତିକାରୀ ପ୍ରଭାବ ବେଶ୍ ଅନୁଭୂତ ହେଉଅଛି । ଏହା ହିଁ ରାଧାନାଥଙ୍କ କାବ୍ୟ ଆଙ୍ଗିକର ପୁରୋଦୃଷ୍ଟି ବୋଲି କହିବାକୁ ହେବ ।

ପୁଣି ବିଷୟ- ବିନ୍ୟାସରେ ରାଧାନାଥ ପୁରୋଦୃଷ୍ଟି ବଳରେ 'ମହାଯାତ୍ରା' କାବ୍ୟର ପ୍ରାଗୈତିହାସିକ ଯୁଧିଷ୍ଠିରଙ୍କୁ ପରବର୍ତ୍ତୀକାଳରେ ଭାରତବାସୀଙ୍କ ନୈତିକ ଅବନତି ଓ ଦ୍ୱାଦଶ ଶତାବ୍ଦୀର ଭ୍ରାତୃ - ବିବାଦଜନିତ ଦୁର୍ଗତି ଦେଖାଇ ଦେଇଛନ୍ତି । 'ମହାଯାତ୍ରା' କାବ୍ୟର ସମସ୍ତ କ୍ଲିଷ୍ଟତା ସତ୍ତ୍ୱେ ଏପରି ଏକ ଦୂରଦୃଷ୍ଟି ଅତ୍ୟନ୍ତ ଶ୍ଳାଘ୍ୟ । ଜଣେ ସୁ -ସମାଲୋଚକ କେବଳ କାବ୍ୟର ଗୁଣ ଓ ସମୃଦ୍ଧି ଦେଖେନାହିଁ, କାବ୍ୟର ଦୋଷ ଓ ଦୁର୍ବଳତା ମଧ୍ୟ ଦେଖିଥାଏ । ନୀଳକଣ୍ଠ ରାଧାନାଥଙ୍କ କାବ୍ୟରେ ଦୋଷ ଦୁର୍ବଳତା ଦେଖିଲାବେଳେ ଯେ ଖୁବ୍ ନରମ, ମାର୍ଜିତ ଓ ସହାନୁଭୂତି ସଂପନ୍ନ ବାକ୍ୟ ପ୍ରୟୋଗ କରିଛନ୍ତି ଏହା ସମାଲୋଚନାର ଏକ ଆଦର୍ଶ ରୂପେ କଥିତ ହେବ । ଏଥିରେ ଅଯଥା କଟୁ ତିରସ୍କାର ବା ଅସୂୟା ନାହିଁ । ରାଧାନାଥଙ୍କ କାବ୍ୟରେ ନୀତିଶିକ୍ଷା ଓ ଅର୍ଥାନ୍ତର ନ୍ୟାସର ପ୍ରାଚୁର୍ଯ୍ୟ ସାଙ୍ଗକୁ ନାଟକୀୟତାର ବାହୁଲ୍ୟକୁ କାବ୍ୟ-ଦୋଷ ଭାବେ ନୀଳକଣ୍ଠ ନିର୍ଣ୍ଣୟ କରିଛନ୍ତି । ତେଣୁ ପ୍ରେମାକାଙ୍‌କ୍ଷିଣୀ ନନ୍ଦିକେଶ୍ୱରୀଙ୍କୁ ଚୋଳଗଙ୍ଗଙ୍କ ଉତ୍ତରରେ ଆଦର୍ଶର ଭୌତିକ ବିକାଶ ଦେଖିଛନ୍ତି । କୌଶଲ୍ୟାର ଆତ୍ମ କାହାଣୀରେ ନାଟକୀୟତା ପ୍ରତିଷ୍ଠିତ କରିବାକୁ ଯାଇ ଅତର୍କିତ ଭାବେ ରାଧାନାଥ ଆଦର୍ଶରେ ଜଳାଞ୍ଜଳି ଦେଇଛନ୍ତି । ତେଣୁ କୌଶଲ୍ୟା ପ୍ରତି ସହାନୁଭୂତି ପରିବର୍ତ୍ତେ ରାଜାଙ୍କ ପ୍ରତି ଜୁଗୁପ୍‌ସା ଓ ବିଦ୍ୱେଷ ପାଠକ ମନରେ ପ୍ରବଳତର ହୁଏ ।" "ଅମାନୁଷୀ ପ୍ରକ୍ରିୟାର ଚିତ୍ର ଦ୍ୱାରା କବି ପାଠକଙ୍କ ମନରେ ସ୍ୱୀୟ ନାଟକୀୟତା ବଳରେ ଭାବାବେଗ ଉଦ୍ରେକ କରାଇବାର ଉଦ୍ୟୋଗ କଲାପରି ଜଣାଯାଏ । ସେପରି ଭାବାବେଗ ହୁଏତ ସତ୍ୟ; କିନ୍ତୁ ତାହା ଗୋଟିଏ ମୋହ ଏବଂ ତାହା ସରଳ ଓ ପବିତ୍ର ନୁହେଁ ।" (ପୃ ୨୬୩) । ଏପରି କି କ୍ଷୁଧାତୁରା ଜନନୀ କୌଶଲ୍ୟା ଭୋକ ବିକଳରେ ମୃତ ଶିଶୁର ସଢ଼ା ଶବ ଭକ୍ଷଣ କରିବା ପରି ଅମାନୁଷୀ ଚିତ୍ର ଦ୍ୱାରା ଏ ସାହିତ୍ୟର କୌଣସି ଉପକାର ହୋଇ

Digitized by PPRACHIN, SOA

ନାହିଁ ବା ଚରିତ୍ର ପ୍ରତି ଏହା ସହାନୁଭୂତି ଉଦ୍ରେକ କରେ ନାହିଁ ବୋଲି ନୀଳକଣ୍ଠ ମତ ଦେଇଛନ୍ତି । ଉପସଂହାରରେ ନୀଳକଣ୍ଠ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ଲକ୍ଷ୍ୟ କରନ୍ତୁ: "ବିଦ୍ୟାସାଗର, ମାଇକେଲ ପ୍ରଭୃତି ଯେତେ ଶୀଘ୍ର ବଙ୍ଗ-ସାହିତ୍ୟରୁ ବିଦାୟ ଗ୍ରହଣ କରିଥିଲେ, ବୋଧହୁଏ ରାଧାନାଥ ସେତେ ଶୀଘ୍ର ଉତ୍କଳ-ସାହିତ୍ୟରୁ ଆଧିପତ୍ୟ ହରାଉ ନାହାନ୍ତି । ରାଧାନାଥ ଉତ୍କଳ ସାହିତ୍ୟକୁ ଯେଉଁ ନିରୁପମ ଜୀବନୀ ଶକ୍ତି ଦେଇଅଛନ୍ତି ତାହା ଅତି ଅଳ୍ପ କବି ଓ ମନୀଷୀ ସାହିତ୍ୟ ବିଶେଷକୁ ଏକାବେଳକେ ପ୍ରଦାନ କରନ୍ତି । × × × ରାଧାନାଥ ଯୁଗପ୍ରବର୍ତ୍ତକ ରୂପେ ଉତ୍କଳ ସାହିତ୍ୟରେ ଅମରତ୍ୱ ଲାଭ କରିବେ ।" (ପୃ ୨୭୫) । ଏହି ମନ୍ତବ୍ୟଟି ଅନୁଧ୍ୟାନକଲେ "କବିଙ୍କୁ ସୁମରି ବିରାଗେ ମୁଖ ଫେରାଅ ପଛେ" ପଙ୍‌କ୍ତିର ଅର୍ଥ -ଅବବୋଧରେ କୌଣସି ବିରୋଧାଭାସ ସୃଷ୍ଟି ହେବ ନାହିଁ ।

ଭକ୍ତକବି ମଧୁସୂଦନଙ୍କ ସଂପର୍କୀୟ ସମାଲୋଚନାବେଳେ ନୀଳକଣ୍ଠ ଅତିରିକ୍ତ ସଂଯମ ଆଚରଣ କରିଥିବା ମନେହୁଏ । ମଧୁସୂଦନଙ୍କ ଗଦ୍ୟ ଭାଷାର ଅତିରିକ୍ତ ସଂସ୍କୃତମୁଖାପେକ୍ଷିତାଜନିତ ତ୍ରୁଟି ସଂପର୍କରେ ଉଲ୍ଲେଖ କରିଥିଲେ ବି ଆଧୁନିକ ଓଡ଼ିଆ କବିତାର ଓଡ୍, ସନେଟ୍ ଓ ଏଲିଜି ଆଦି କାବ୍ୟ ଆଙ୍ଗିକର ପ୍ରଚଳୟିତା ଭାବେ ତାଙ୍କୁ ସେ ବହୁ ମାନ୍ୟ କରିଛନ୍ତି । ଏହି ମର୍ମରେ ସାହିତ୍ୟର ସମାଲୋଚନା ପ୍ରସଙ୍ଗରେ ସେ କହିଛନ୍ତି ଯେ 'ସାହିତ୍ୟର ସମସ୍ତ ସମାଲୋଚନାରେ ସାହିତ୍ୟର ଅଭିବୃଦ୍ଧି ଆମ୍ଭମାନଙ୍କର କାମନା, ବ୍ୟବଚ୍ଛେଦର ବୀଭତ୍ସତାରେ ଯଦି କେବଳ ଚିତ୍ତବିକୃତି ଜନ୍ମିବାର ଆଶଙ୍କା ଥାଏ, ତେବେ ସେ ପ୍ରକାର ସମାଲୋଚନା ବେଳେ ଲେଖନୀର ଧୀରତା ଆଦୌ ପ୍ରୟୋଜନୀୟ । ସମାଲୋଚନାର ତୀବ୍ରତାରେ ପାଣ୍ଡିତ୍ୟ ଓ ବିଚକ୍ଷଣତା ଥାଇପାରେ; କିନ୍ତୁ ଉପଯୋଗିତା ଅଭାବ ହେଲେ ତାହା ଗୋଟିଏ ବିଡ଼ମ୍ବନା (ପୃ ୨୨୧) । ସମାଲୋଚନାର ଏହି ଉପଯୋଗିତା ଓ ନିରପେକ୍ଷତା ବହୁ ସମାଲୋଚକ ବୁଝୁଛନ୍ତି ବୋଲି ନିର୍ଭରଯୋଗ୍ୟ ଭାବେ କହିହେବ ନାହିଁ । କାରଣ ଓଡ଼ିଆ ସାହିତ୍ୟର ସମାଲୋଚନାରେ ଆଜି ଯେଉଁ ଏକ ଦେଶଦର୍ଶୀ ଗୋଷ୍ଠୀବଦ୍ଧ ମନୋବୃତ୍ତି ପ୍ରକାଶିତ ହେଉଛି ତାହା ଯେକୌଣସି କାଳର ସାହିତ୍ୟ ପାଇଁ ଅତି ନିନ୍ଦନୀୟ ବିଷୟ ନୁହେଁ କି ? ସୁକବିତା ସଂପର୍କରେ ନୀଳକଣ୍ଠଙ୍କ ମତ କେତେ ମୂଲ୍ୟବାନ ଓ ପ୍ରଣିଧାନୀୟ ଲକ୍ଷ୍ୟ କରନ୍ତୁ- "କବିତା ଗୋଟିଏ କୋମଳ ଶିଳ୍ପକଳା । କବିର ପ୍ରାଣ ଏଥିରେ ବିଳାସ ଅନୁଭବ କରେ । ଅନୁଭୂତିରେ ପ୍ରାଣ ଭାସିଗଲେ ରସୋପଲବ୍ଧିରେ ମାନବ ଆତ୍ମବିସ୍ମୃତ ହେଲେ, କବିତା ସ୍ୱତଃ ବିକଶିତ ହୁଏ । ଏଥିରେ ତରଙ୍ଗିତ ଚପଳତା, ରୀତିବଦ୍ଧ ବିରୁଦ୍ଧରେ ଉଚ୍ଛୃଙ୍ଖଳତା, ରସାଣିତ ଭାଷାବିନ୍ୟାସରେ ଅସାବଧାନତା ପ୍ରଭୃତିର ଆଶଙ୍କା ଯଥେଷ୍ଟ ରହିଅଛି । କବିମାନେ ସମସ୍ତ ପଦ୍ଧତିର ଅନୁସରଣ କରନ୍ତି ସତ; କିନ୍ତୁ ଭାବର ଉନ୍ମାଦବେଳେ ପ୍ରବୃତ୍ତିର ବନ୍ଧ ସମୟ ବିଶେଷରେ ଭାଙ୍ଗିଯାଏ । ଅଜ୍ଞାତ ଭାବରେ କବିମାନେ ଉଚ୍ଛୃଙ୍ଖଳତାର ଅଧୀନ ହୋଇପଡ଼ନ୍ତି । ସଂଯମର ଅଙ୍କୁଶ ଭୁଲିଯାନ୍ତି" (ପୃ ୨୧୬) । ମଧୁବାବୁଙ୍କ କବିତାରେ କୁତ୍ରାପି ଏହି ଉଚ୍ଛୃଙ୍ଖଳତାର ଚିତ୍ର

Digitized by PPRACHIN, SOA

ନାହିଁ । ଭାବର ପରିପାଟୀ ଓ ସୀବନ ଶିଳ୍ପର ସଫଳତାରେ ସେସବୁ ଗ୍ରଥିତ । ପୁନଶ୍ଚ ମଧୁସୂଦନଙ୍କ କବିତାରେ ଅତିରିକ୍ତ ଶିକ୍ଷଣୀୟ ଉପାଦାନ ଓ ଉପଦେଶାତ୍ମକତା ତାଙ୍କର କାବ୍ୟାବେଗକୁ ବ୍ୟାହତ କରିଛି ବୋଲି ସମାଲୋଚକମାନଙ୍କ ମତ ବିରୁଦ୍ଧରେ ନୀଳକଣ୍ଠ ସ୍ପଷ୍ଟ କୁହନ୍ତି ଯେ "ଯେଉଁଠାରେ ଶିକ୍ଷା, ସେଠାରେ ଉପଦେଶ । କବିତାରେ ଉପଦେଶ ବା ନ ରହିବ କିପରି"? କବିତାରେ ପ୍ରାଣର ଉଚ୍ଛ୍ୱାସ ଥିଲେ ବି ସଂଯମ, ଶୃଙ୍ଖଳାକୁ ଓ ଆଦର୍ଶକୁ ଏଡ଼ି ଦିଆଯାଇ ପାରିବ ନାହିଁ । ବୋଧହୁଏ ସେଇଥିପାଇଁ କବି ଓ୍ୱାଡ଼ସଓ୍ୱାର୍ଥ ଥରେ କବିତାର ସଂଜ୍ଞା ନିରୂପଣ କରି ଏହାକୁ Emotional overflow of powerful feelings' ବୋଲି କହିଥିଲା ବେଳେ ପରବର୍ତ୍ତୀ ଅବସ୍ଥାରେ ଅନୁଭବ କରିଛନ୍ତି ଯେ poetry is emotions recallected in tranquillity" । ଆବେଗ ସହିତ ଯୁକ୍ତିବତ୍ତାର ମଧୁର ସମ୍ମିଳନରେ ଉଚ୍ଚକୋଟୀର କାବ୍ୟ ଶିଳ୍ପ ଗଢ଼ି ଉଠେ, ଏଥିରେ ବୋଧହୁଏ କାହାରି ମତଦ୍ୱୈଧ ନ ଥିବ । କୌଣସି ଏକ ଭାବଚିତ୍ରଣରେ ଯେଉଁ ରୁଚି ଅରୁଚିର ପ୍ରଶ୍ନ ତାହାହିଁ କବିଙ୍କୁ ଏକ ନିର୍ଦ୍ଦିଷ୍ଟ କାବ୍ୟାଦର୍ଶ ଆଡ଼କୁ ଆଗେଇ ନିଏ ।" ପାଠକ ଅଲକ୍ଷିତ ଭାବରେ ସେଇ ଆଦର୍ଶରେ ଅନୁପ୍ରାଣିତ ହୁଏ । ତେବେ ଉପଦେଶ କବିତାର ଗୋଟିଏ ଅଙ୍ଗ । ଏତିକି ମାତ୍ର ବିଶେଷତ୍ୱ ଥାଇପାରେ ଯେ, ସେ ଉପଦେଶ ନୀରସ ନୀତି ଉପଦେଶ ପରି ଉନ୍ମୁକ୍ତ ଶିକ୍ଷଣୀୟତାର ରୀତିବନ୍ଧ ସହେ ନାଇ, ସାକ୍ଷାତ ଭାବରେ ପାଠକଙ୍କୁ କୌଣସି ନୀତିମନ୍ତ୍ର ଶୁଣାଏ ନାଇଁ । ପାଠକ ଅନୁଭୂତିରେ ଆତ୍ମବିସ୍ମୃତ ହେଲାବେଳେ ପ୍ରାଣରେ ସେ ଉପଦେଶର ଆବେଗ ଅନୁଭବ କରେ" (ପୃ ୨୨୦) । ଆଦର୍ଶ ଓ ଉଦ୍ଦେଶ୍ୟ ମଧ୍ୟରେ ନାନା କ୍ଷେତ୍ରରେ ମଧୁସୂଦନଙ୍କ ଲେଖାରେ ସମନ୍ୱୟ ପ୍ରତିଷ୍ଠିତ ହୋଇଥିବା ଲକ୍ଷ୍ୟ କରାଗଲେ ବି ସବୁଠାରେ ତାହା ଅନୁଭବ୍ୟ ନୁହେଁ ।" ଉଦ୍ଦେଶ୍ୟରେ ବେଳେବେଳେ ଆଦର୍ଶ ଶାଣିତ ହୋଇଅଛି । ଉପାୟର ଅନ୍ୱେଷଣ କରିଅଛନ୍ତି । ସେଥିରେ ତାଙ୍କ ଉପଦେଶାବଳୀ ବେଳେବେଳେ ଉନ୍ମୁକ୍ତ ଓ ସ୍ପଷ୍ଟ ହେଲେ ମଧ୍ୟ କବିତାର ସମୂହ ଆଲୋଚନାରେ ସେସବୁର ଅପକର୍ଷ ଦେଖାଯାଏ ନାଇ ।' (ପୃ ୨୨୧) ନୀଳକଣ୍ଠଙ୍କ ମତରେ ଏ ପନ୍ଥାରେ କୃତିତ୍ୱ ଇତର ସାଧାରଣ କବିଙ୍କ ଠାରେ ଆଶା କରାଯାଇ ନ ପାରେ । ମଧୁସୂଦନଙ୍କ ଠାରେ ହିଁ ତାହା ସମ୍ଭବ ହୋଇ ପାରିଛି । ତାହା ନ ହୋଇଥିଲେ ପତିତା ରମଣୀ ପ୍ରତି ତାଙ୍କ ଭାବାଦର୍ଶରେ ଏପରି ସହାନୁଭୂତିର ସ୍ୱର ପ୍ରକାଶ ପାଇ ନ ଥା'ନ୍ତା ।

ପୁଣି ମଧୁସୂଦନଙ୍କ କବିତାରେ ସର୍ବତ୍ର ନୈରାଶ୍ୟ ଓ ବୈରାଗ୍ୟ ଭାବର ପ୍ରଚାର ପରିଲକ୍ଷିତ ହେଲେ ବି ଏହି ବୈରାଗ୍ୟ ଭାବକୁ ସେ ସର୍ବଦା ସରସ କରିବାକୁ ଉଦ୍ୟମ କରିଛନ୍ତି । ବସ୍ତୁତଃ ପାଠକମାନଙ୍କ ଆତ୍ମଶକ୍ତିରେ ପ୍ରତ୍ୟୟ ଓ ପ୍ରାଣରେ ସାଧୁବିଶ୍ୱାସ ପ୍ରତିଷ୍ଠା କରିବା ଲେଖକର ଏକ ମୌଳିକ ଲକ୍ଷ୍ୟ । ଲେଖକ ସତ୍ୟଦ୍ରଷ୍ଟାଭାବେ ଜୀବନରେ ସମସ୍ତ ଦୁର୍ଭାଗ୍ୟ ଓ ସ୍ୱାଭାବିକ ଅପଚୟକୁ ଅଙ୍ଗୁଳି ନିର୍ଦ୍ଦେଶ କଲେ ବି ସେଥିରୁ ପୁଣି ନିଷ୍କୃତିର ପନ୍ଥା ନିର୍ଦ୍ଦେଶ କରେ । ମଧୁସୂଦନଙ୍କ ସମଗ୍ର ସୃଷ୍ଟି ଏହିପରି ଗଭୀର ନୈରାଶ୍ୟ ଓ ଦ୍ରୁତ

Digitized by PPRACHIN, SOA

ଆଶାବାଦର ସ୍ୱରରେ ବିଜଡ଼ିତ । ପାଠକକୁ ଆତ୍ମଗ୍ଲାନିରେ ଜର୍ଜରିତ ହେବାକୁ ନ ଦେଇ ସେ ନାନାଭାବରେ ଜୀବନର ଓ ଜଗତର ସରସତା ସନ୍ଧାନ କରିଛନ୍ତି । ସଂସାରକୁ - ପରମ ମଙ୍ଗଳମୟ ଦେଖିବାପାଇଁ ତାଙ୍କ ପ୍ରୟାସର ଶେଷ ନାହିଁ । ନୀଳକଣ୍ଠଙ୍କ ମତରେ ଏଇଥିପାଇଁ 'ଋଷି ପ୍ରାଣେ ଦେବାବତରଣ'ର ପରିକଳ୍ପନା । ସେଠାରେ ଆଉ ସଂସାରର ଆବିଳତା ନାହିଁ, ବରଂ ସବୁ ଉଦାର, ପ୍ରଶାନ୍ତ ଓ ମହୀୟାନ । ପରମ୍ପରା ଓ ପୁରୋଦୃଷ୍ଟିର ଦୁଇ ସୀମାରେଖାକୁ ମିଶେଇ ଦେଇ ଏଇଠାରେ ନୀଳକଣ୍ଠ ତାଙ୍କ ବିଶ୍ଳେଷଣରେ ମଧୁସୂଦନଙ୍କ 'ଋଷିପ୍ରାଣେ ଦେବାବତରଣ' କବିତାରେ ଏକ ମହୀୟସୀ ଉଦାରତାର ସନ୍ଧାନ କରିଛନ୍ତି, ଯାହା ଦେଖିଛନ୍ତି ସେ ଅତୀତର ବୈଦିକ ଋଷିଠାରେ । 'ଆଶା' କବିତାର କବି ସେହିପରି ଆଗକୁ ଦୃଷ୍ଟିନିକ୍ଷେପ କରିଛନ୍ତି ଓ ମଣିଷ ସମାଜକୁ ଶୁଣାଇଛନ୍ତି ଆଶାନ୍ୱିତ ଉଦ୍‌ବୋଧନୀ । "ଭବିଷ୍ୟତ ନିମନ୍ତେ ପ୍ରାଣୀ ବଞ୍ଚିଅଛି ଓ ଅତୀତର ସ୍ମୃତିରେ ମହତ୍ତ୍ୱ ଦେଖିବା ମାନବର ସ୍ୱଭାବ ।" ( ପୃ ୨୨୮) ମଧୁସୂଦନଙ୍କ କବିତାରେ ବିଷାଦବାଦ ସମ୍ପର୍କରେ ନୀଳକଣ୍ଠଙ୍କ ମନ୍ତବ୍ୟ କେତେ ଶାଣିତ ଓ ଭାରସମ (Balanced) ତାହା ନିମ୍ନ ପଙ୍‌କ୍ତିମାନଙ୍କରୁ ବୁଝାଯିବ - "ବୋଧହୁଏ ଯେପରିକି ବିଷାଦ ତାଙ୍କର ପ୍ରକୃତି; କିନ୍ତୁ ଉଦ୍ଦେଶ୍ୟ ବା ଅଭିଳାଷ ନୁହେଁ । ମାତ୍ର ଗୋଟିଏ କଥା ମନେ ରଖିବାକୁ ହେବ, ମଧୁସୂଦନଙ୍କର ଏ ସମସ୍ତ ବିଷାଦ ଆତ୍ମାରେ । ଅନ୍ତର୍ଦୃଷ୍ଟି ବେଳେ ତାଙ୍କର ଗ୍ଲାନି ଓ ବର୍ତ୍ତମାନରେ ଅସନ୍ତୋଷ । ମାତ୍ର ବିଶ୍ୱ-ସଂସାର ଚିତ୍ର, ପ୍ରକୃତି, ତାଙ୍କ ନିକଟରେ ଅମୃତ ସମ୍ପଦର ଆଧାର, ଅକ୍ଷୟ ସୌଭାଗ୍ୟର ଭଣ୍ଡାର ।" (ପୃ ୨୨୯) ମୋଟ ଉପରେ କବି ମଧୁସୂଦନଙ୍କ ସମ୍ପର୍କରେ ଏପରି ପ୍ରଶଂସା ଓ ସହାନୁଭୂତିର ସ୍ୱର ଅନ୍ୟ କୌଣସି ଓଡ଼ିଆ ସମାଲୋଚକ ପ୍ରକାଶ କରିଥିବା ମନେହୁଏ ନାହିଁ ।

କିନ୍ତୁ ଏ ସମାଲୋଚନା ତାଙ୍କର ଯୁବ ବୟସର ରଚନା ବୋଲି ତଥାପି କହିବାକୁ ହେବ । କାରଣ ଏହା ପ୍ରଥମେ 'ଉତ୍କଳ ସାହିତ୍ୟ'ର ୨୦ ଭାଗ ୧ମ / ୨ୟ ସଂଖ୍ୟାରେ ୧୯୧୬ରେ ପ୍ରକାଶ ପାଇଥିଲା । ସେତେବେଳକୁ ନୀଳକଣ୍ଠଙ୍କ ବୟସ ମାତ୍ର ୩୦ ବର୍ଷ । କିନ୍ତୁ ପ୍ରବୃଦ୍ଧ ବୟସରେ ନନ୍ଦକିଶୋର ଗ୍ରନ୍ଥାବଳୀର 'ମୁଖବନ୍ଧ'ରେ ୧୨/ ୪/ ୧୯୫୫ରେ ସେ ଯେଉଁ ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିଛନ୍ତି ତାହା ଯେକୌଣସି ପ୍ରଜ୍ଞାଶୀଳ ପାଠକ ଓ ସମାଲୋଚକକୁ ଆକୃଷ୍ଟ କରିବ । ଏଠାରେ ମଧ ତାଙ୍କ ଆଲୋଚନାର ସେଇ ପରମ୍ପରା , ପରିସ୍ଥିତି ଓ ପୁରୋଦୃଷ୍ଟିର ପରିଚୟ ମିଳେ । ଏହି ୪୦ ବର୍ଷ ମଧ୍ୟରେ ନୀଳକଣ୍ଠଙ୍କ ଅଧ୍ୟୟନର ଦିଗନ୍ତ ବିସ୍ତୃତତର ହୋଇଛି ଓ ସଂସ୍କୃତି ସଂପର୍କୀୟ ଆଲୋଚନା 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ରେ ସେ ଏକ ନୂଆ ଦିଗ ଆବିଷ୍କାର କରିଛନ୍ତି । ପ୍ରଖର ପାଣ୍ଡିତ୍ୟ ସହିତ ଗଭୀର ଅନ୍ତର୍ଦୃଷ୍ଟି, ଅନ୍ୱେଷଣ ଓ ଅନୁଶୀଳନ ତାଙ୍କ ସମାଲୋଚନାକୁ କରିଛି ଅଧିକ ମନୋଜ୍ଞ ଓ ତାତ୍ତ୍ୱିକ । ବସ୍ତୁତଃ ଓଡ଼ିଆ ସାହିତ୍ୟରେ ସଂସ୍କୃତି-ଚେତନାରେ ସେ ଅଗ୍ରଗାମୀ ନେତୃତ୍ୱ ନେଇ ସାରିଛନ୍ତି । ପୁଣି ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ତୁଳନାତ୍ମକ

Digitized by PPRACHIN, SOA

ବିବରଣୀ ପ୍ରଦାନରେ ସେ ଗଭୀର ଅଧ୍ୟୟନର ପରାକାଷ୍ଠା ଦେଖାଇଛନ୍ତି । ଏଠାରେ ତାହା ଆଲୋଚନାର କଥା ନୁହେଁ । ଏହିପରି ଏକ ପ୍ରବୃଦ୍ଧ ବୟସରେ ନନ୍ଦକିଶୋରଙ୍କ ସମ୍ପର୍କରେ ତାଙ୍କ ମନ୍ତବ୍ୟରେ ଅପୂର୍ବ ବିଜ୍ଞତା ଓ ରସାଳ ଅଭିବ୍ୟକ୍ତି ପ୍ରକାଶ ପାଇଛି । ନନ୍ଦକିଶୋରଙ୍କ 'ନାନାବାୟା ଗୀତ', 'ନିର୍ଝରିଣୀ' ବା 'କାକବାରତା' ଆଦି ପଦ୍ୟମାନଙ୍କୁ ଅନୁଶୀଳନ କରି ସେ ଯେଉଁ ପ୍ରାଣବାନ ମନ୍ତବ୍ୟ ଦେଇଛନ୍ତି ତାହା ନନ୍ଦକିଶୋରଙ୍କ କାବ୍ୟଚେତନାର ଅବବୋଧ ନିମନ୍ତେ ଏକାନ୍ତ ପ୍ରଣିଧାନଯୋଗ୍ୟ । ସେ କହନ୍ତି- "ଏହିପରି ଗୀତମାନ ଉଦାହରଣ ଦେଇ ଦେଖାଇଦେବା ଯେପରି ସହଜ, ଭାଷରେ ଉଦ୍‌ଘାଟନ କରି ଏହାର ପ୍ରାଣ ପ୍ରକାଶ କରିବା ସେପରି ସହଜ ନୁହେଁ । ଶୁଣିଲେ ଲୋକେ ମନେ କରିବେ, ଏ ତ ଥିଲା, ଏଥିରେ ଅଧିକା କ'ଣ ଅଛି ? ଏହିପରି ନିତି ଥିଲା ଜିନିଷରେ ଯାହା ଅଧିକ ଥାଏ, ତାହାଇ ହେଉଛି ସେ ଜିନିଷର ପ୍ରାଣ । ଜୀବନ୍ତ ବସ୍ତୁରେ ପ୍ରାଣ ଥାଏ; କିନ୍ତୁ ଦିଶୁ ନଥାଏ । ବସ୍ତୁରେ ସେଇ ଟିକକ ଅଧିକା । ଏ କବିତାସବୁରେ ସେହି ଅଧିକା ଜିନିଷଟି ଅଧିଗମ୍ୟ, ହୁଏତ ସ୍ପଷ୍ଟ ବର୍ଣ୍ଣନୀୟ ନୁହେଁ ।" (ପୃ ୨୬୯) । ମୋର ଯେପରି ମନେହୁଏ, ଓଡ଼ିଆ ସାହିତ୍ୟରେ କୌଣସି ସମାଲୋଚକ ନନ୍ଦକିଶୋରଙ୍କ କବିତାର ଏପରି ସୂକ୍ଷ୍ମ ଅନ୍ୱେଷଣ କରି ନାହାନ୍ତି । ଇଂରାଜୀ 'Nursery Songs'ର ଓଡ଼ିଆ ଭାଷାନ୍ତର 'ନାନାବାୟା' ଗୀତ ନାମରେ ନାମିତ କରି ସେ ଏ ସାହିତ୍ୟରେ ଏକ ଅଦ୍ଭୁତ ପ୍ରଭାବ ଛାଡ଼ିଦେଲେ । ଏପରି ଗୀତରଚନାର ଆବଶ୍ୟକତା ବହୁତ ଥିଲା । "ଏ ସଙ୍ଗୀତ ମାନବ ପ୍ରାଣଗଠନର ଆଦି ଉପାଦାନ । ଏହା ସର୍ବତ୍ର ଅଛି । କିନ୍ତୁ ଖୋଜିଲେ ସହଜରେ ମିଳେ ନାଇ । ଏହା ଅତି ପୁରାଣ ପରମ୍ପରାରେ ପ୍ରତିଷ୍ଠିତ ହେଲେ ମଧ୍ୟ ପଦ ପଦାର୍ଥ ଯୋଜନାରେ ଏହାର ତାଦୃଶ ସଙ୍ଗତି ନାଇ । ଏହା ସ୍ୱଭାବ ସୁନ୍ଦର । ଇନ୍ଦ୍ରଧନୁର ବର୍ଣ୍ଣବିଭବ ତଥା ଦୂର ବନାନ୍ତରର ଅନାସକ୍ତ ଧୂମ୍ର ନୀଳିମା ପ୍ରଭୃତି ପରି କାବ୍ୟକଳାର ସ୍ୱାଭାବିକ ଉପାଦାନ ସଙ୍ଗେ ଏହାର କିଞ୍ଚିତ୍ ତୁଳନା କରାଯାଇପାରେ । ପଲ୍ଲୀପ୍ରାଣରୁ ଏହାକୁ ଛାଣି ବାହାର କରି ଫିଟାଇ ଦେଖାଇଲେ ନନ୍ଦିକିଶୋର ।" ( ପୃ୨୬୮)

ଏ ପର୍ଯ୍ୟନ୍ତ ସମସ୍ତ ସମାଲୋଚକ ନନ୍ଦକିଶୋରଙ୍କୁ କେବଳ 'ପଲ୍ଲୀକବି' ବୋଲି ନାମିତ କରିଛନ୍ତି । ଏହାଦ୍ୱାରା ତାଙ୍କର ଉପଯୁକ୍ତ କଳନା ହୋଇଛି କି ନାହିଁ ମୁଁ ଜାଣେନା, କିନ୍ତୁ ନୀଳକଣ୍ଠ କେଉଁଠାରେ ହେଲେ ପଲ୍ଲୀକବି ବୋଲି ତାଙ୍କୁ କହିନାହାନ୍ତି । ତାଙ୍କ ମତରେ ସେ 'ପଲ୍ଲୀପ୍ରାଣ' । ପଲ୍ଲୀର ଜୀବନ ସହିତ ଯାହାର କାବ୍ୟକବିତାର ପ୍ରାଣ ଅଭିନ୍ନ ଭାବେ ମିଶି ରହିଛି ତାଙ୍କୁ 'ପଲ୍ଲୀପ୍ରାଣ' କହିବାହିଁ ଯଥାର୍ଥ । ଏହାଦ୍ୱାରା ସମାଲୋଚନାରେ ତୀକ୍ଷ୍ଣତା ଓ ଆନୁପାତିକତା ପ୍ରତିଷ୍ଠିତ ହେଲା ବୋଲି କହିବାକୁ ହେବ । ପଲ୍ଲୀକବି କହିଲେ ପଲ୍ଲୀର ଯେକୌଣସି କବିଙ୍କୁ ତ ବୁଝାଇବ ଓ ଏଇ ମର୍ମରେ ଶତାଧିକ କବି ଓଡ଼ିଆ ସାହିତ୍ୟରେ ପଟୁଆର କରି ଆଗେଇ ଆସିବେ । କିନ୍ତୁ ସେମାନଙ୍କ ମଧ୍ୟରେ ଯଥାର୍ଥ ପଲ୍ଲୀପ୍ରାଣ କବି ଥିବା ଦରକାର । ବୋଧହୁଏ ଏଇଥିପାଇଁ ନୀଳକଣ୍ଠ ତାଙ୍କ ପ୍ରବନ୍ଧର ଉପସଂହାରରେ

Digitized by PPRACHIN, SOA

କହିଛନ୍ତି ଯେ ନନ୍ଦକିଶୋରଙ୍କ କାବ୍ୟକବିତାର ଯଥାର୍ଥ ଆଲୋଚନା ପାଇଁ ପ୍ରାଣବନ୍ତ ଯୁବକଙ୍କର ଆବଶ୍ୟକତା ରହିଛି । "ସେ ନିଜ କାବ୍ୟ ସାହିତ୍ୟ କଳନାରେ ଯେଉଁ ପୁରୋଦୃଷ୍ଟିରେ ଆତ୍ମଦାନ କରିଥିଲେ, ଆଜି ପ୍ରବନ୍ଧମାନ ଓଡ଼ିଆ ସାହିତ୍ୟରେ ତାହାର ପ୍ରଭାବ ଓ ପ୍ରେରଣା ସେଇ ପ୍ରାଣବନ୍ତ ଯୁବକମାନେ କଳନା କରି ଦେଖନ୍ତୁ । ଶରୀର ସମ୍ବନ୍ଧରୁ ଅତୀତ ହେଲେ ବ୍ୟକ୍ତିର ନିର୍ମଳ ପ୍ରତିଭା ଓ ଆତ୍ମାର ଅନାବିଳ ପ୍ରକାଶ ଦେଖାପଡ଼େ । ସେହି ଭାବରେ ମୁଁ କହୁଛି, କବି ନନ୍ଦକିଶୋରଙ୍କ ପ୍ରଭାବ ଆଜି ସର୍ଜନ ସାହିତ୍ୟର ପୃଷ୍ଠପଟ୍ଟ ରୂପେ ଖୁବ୍ ଉପାଦାନ ଯୋଗାଉଛି ।" (ପୃ ୨୭୨) । ନୀଳକଣ୍ଠଙ୍କ ଏ କଳନା କେତେ ଯଥାର୍ଥ ଆଉ ଅଧିକ କହିବା ଦରକାର ନାଇ । ମୋଟ ଉପରେ ସମାଲୋଚନା ଶାସ୍ତ୍ରରେ ନୀଳକଣ୍ଠ କେବଳ ଗୋଟିଏ ନାମ ମାତ୍ର ନୁହନ୍ତି ବରଂ ଏକ ସ୍ୱଷ୍ଟ ଆଭିମୁଖ୍ୟ ଓ ଆଦର୍ଶଭାବେ ଠିଆ ହୁଅନ୍ତି । ଶବ୍ଦ ସଂଯୋଜନା, ଭାଷା ପ୍ରକରଣ, ଭାବବିଳାସ, ଆତ୍ମା ଓ ଅଙ୍ଗ ସବୁଦିଗରୁ ସାହିତ୍ୟକୁ ଉଖାରି ନିଖାରି ଦେଖିବାରେ ସେ ଯେଉଁ ଚମକ ବା ପୁରୋଦୃଷ୍ଟିର ପରିଚୟ ଦେଇଯାଇଛନ୍ତି ତାହ ସମ୍ପର୍କରେ ଅଧିକରୁ ଅଧିକ ଆଲୋଚନା ଓ ଗବେଷଣା ନିମନ୍ତେ ସମୟ ଆସିଛି । ନଚେତ୍ ଏ ସାହିତ୍ୟ ଏକ ବଳିଷ୍ଠ ଦିଗ୍‌ଦର୍ଶନକୁ କ୍ରମେ ହରାଇ ବସିବ ଓ ସମାଲୋଚନାଶାସ୍ତ୍ର ମନମୁଖୀ ଓ ସ୍ୱୈରାଚାରୀ ଉଦ୍‌ଭଟତାର ଦିଗ୍‌ଭ୍ରଷ୍ଟ ହୋଇଯିବ ।

ପାଦଟୀକା :-

(୧) ପରବର୍ତ୍ତୀ ପ୍ରସଙ୍ଗ 'ମାୟାଦେବୀ' : ଏକ ମାନସିକ ଦ୍ୱନ୍ଦ୍ୱରେ ଏହି ବିଷୟରେ ବିସ୍ତୃତ ବର୍ଣ୍ଣନା କରାଯାଇଛି ।

Digitized by PPRACHIN, SOA

# କାବ୍ୟାନୁବାଦ ଓ ପଣ୍ଡିତ ନୀଳକଣ୍ଠ

ଡ. ବାବାଜୀଚରଣ ପଟ୍ଟନାୟକ

ସଂପ୍ରତି 'ଅନୁବାଦ' କହିଲେ ଇଂରାଜୀ ଭାଷାରେ ବ୍ୟବହୃତ translation ର ଓଡ଼ିଆ ଭାଷାନ୍ତରଣକୁ ବୁଝାଯାଉଛି । ସମୟ ଥିଲା translationକୁ ପ୍ରଯୋଜନ ଅଥଚ ଗୌଣ (subsidiary) ଓ ଅମୌଳିକ କୃତି (derivative) କହି ସାହିତ୍ୟ ପରମ୍ପରାରେ ଉପେକ୍ଷା କରାଯାଇଥିଲା । ଆଜି କିନ୍ତୁ ଅବସ୍ଥା ବଦଳିଛି । ପୃଥିବୀ ଗୋଟାଏ ସାଂସ୍କୃତିକ ଗାଁ ହେବାକୁ ଯାଉଛି । ଏ ପରିସ୍ଥିତିରେ ବ୍ୟକ୍ତି ଅନୁବାଦ ଜାଣିବ ନତୁବା ମରିବ । (ପଲ ଇଞ୍ଜେଲ writting from the world -11 ବହିର ମୁଖବନ୍ଧରେ ଲେଖିଛନ୍ତି - As the word srinks like an aging orange and all people in all cultures move closer togethor, it may be that the crucial sentence for our remaining years on earth may be very simple - translate or die, ) ହୁଏତ ଜୀବନର ଚଳଣି, ନିତ୍ୟ ନୈମିତ୍ତିକ ବ୍ୟାବହାରିକତାରେ ଭାଷାନ୍ତରଣ ଆଜିର ମଣିଷମାନଙ୍କପାଇଁ ଅତ୍ୟାବଶ୍ୟକ ମନେ ହୋଇଛି । ପୁଣି ଗୋଟିଏ ଭାଷା-ଭାଷୀଙ୍କ ସାହିତ୍ୟକୁ ଅନ୍ୟ ଭାଷାଭାଷୀମାନେ ନିଜ ଭାଷା ହେଉ କିମ୍ବା ଯୋଗସୂତ୍ରରକ୍ଷାକାରୀ ଭାଷା ଜରିଆରେ ଜାଣିବାକୁ ଆଗ୍ରହୀ ହେଉଛନ୍ତି । ସେଥିପାଇଁ ଅନୁବାଦ କଳାକର୍ମ ଓ କୃତି ସମ୍ବନ୍ଧରେ ବିଂଶ ଶତାବ୍ଦୀର ପଞ୍ଚମ ଦଶନ୍ଧିଠାରୁ ବିଶ୍ୱ ମାନବ ସମାଜରେ ବିଶେଷ ଗୁରୁତ୍ୱ ଦିଆଯାଇ ଆସୁଛି । ହେଲେ, କାବ୍ୟାନୁବାଦ ଯେ ଜଟିଳ ପ୍ରକ୍ରିୟା ଏହା ସବୁସମୟରେ ସ୍ରଷ୍ଟା ଓ ବିଦ୍ୱାନ ଗବେଷକ ମାନଙ୍କଦ୍ୱାରା ସ୍ୱୀକାର କରାଯାଇଛି । ରବର୍ଟ ଫ୍ରଷ୍ଟ (Robert frost) କହନ୍ତି; poetry is what is lost in translation କାବ୍ୟର ଅନୁବାଦ କେବଳ ଅସାଧ୍ୟ ନୁହେଁ, ଉଦ୍ୟମକାରୀଙ୍କ ନିର୍ବୋଧତାବୋଲି ସୂଚାଇଛନ୍ତି ଭିକ୍ଟର ହ୍ୟୁଗୋ । କାବ୍ୟର ଅନୁବାଦ କରି ହେବନାହିଁ ବୋଲି କହନ୍ତି ଡକ୍ଟର ଜନସନ । ରୋମାଣ୍ଟିକ କବି ଶେଲି କବିତା ଅନୁବାଦକୁ ବାବେଲ (Babel) କର୍ମ କହିଛନ୍ତି । ଅର୍ଥାତ୍ ବେବୋଲୋନବାସୀଙ୍କ ସ୍ୱର୍ଗକୁ ସିଡ଼ିବନ୍ଧା ଉଦ୍ୟମ ପରି ଅସଫଳ ପ୍ରୟାସ । ଏତେସବୁ ବାରଣସୂଚକ ସଂଜ୍ଞା ଅନୁବାଦକମାନଙ୍କୁ ସେମାନଙ୍କ କଳାକର୍ମରୁ ନିବୃତ୍ତ କରିପାରି ନାହିଁ । କାବ୍ୟାନୁବାଦ ପ୍ରକ୍ରିୟା ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତରେ ମୌଳିକ କଳାକର୍ମଭାବେ ଆଦୃତ ହୋଇଛି । ନିର୍ଦ୍ଦିଷ୍ଟ ଭାଷା; ଧରନ୍ତୁ ଲାଟିନ କିମ୍ବା ଜର୍ମାନଭାଷାର ସାହିତ୍ୟ ଯେପରି

Digitized by PPRACHIN, SOA

ଇଂରାଜୀ ଭାଷାରେ ଅନୂଦିତ ହୋଇ ଅଗଣିତ ଭିନ୍ନ ଭାଷୀ ପାଠକ ମାନଙ୍କ ପାଖରେ ପହଞ୍ଚିପାରିଛି ସେହିପରି ସଂସ୍କୃତ ଭାଷାର ଅମୂଲ୍ୟ ଗ୍ରନ୍ଥରାଜି ଭାରତବର୍ଷର ଆଞ୍ଚଳିକ ଭାଷାଗୁଡ଼ିକରେ ହେଉ କିମ୍ବା ଇଂରାଜୀ ଭାଷାରେ ଅନୂଦିତ ହୋଇ ବିଶ୍ୱ -ପରିଚିତି ଲାଭ କରିଛି । ଏହି ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ କାବ୍ୟାନୁବାଦରେ କୃତିତ୍ୱ ବିଚାର୍ଯ୍ୟ ।

ନୀଳକଣ୍ଠଙ୍କ 'ପ୍ରଣୟିନୀ' (୧୯୧୯) ଓ 'ଦାସନାୟକ' (୧୯୨୩)- ଏ କାବ୍ୟ ଦୁଇଟି ଇଂରାଜୀ ଭାଷା ସାହିତ୍ୟର ଯଥାକ୍ରମେ 'The Princess' ୧୮୪୭ ଏବଂ Enoch Arden (1864)ର ଅନୁବାଦ ରୂପ । ଇଂରାଜୀ ଭାଷାରେ ଲିଖିତ ଗ୍ରନ୍ଥ ଦୁଇଟିର ସ୍ରଷ୍ଟା ହେଉଛନ୍ତି ଆଲଫ୍ରେଡ଼ ଟେନିସନ (1809-1892) । ନୀଳକଣ୍ଠ ବି.ଏ. ଶ୍ରେଣୀର ଛାତ୍ରଥିବା ସମୟରେ ଦି ପ୍ରିନ୍‌ସେସ୍ ପଢ଼ାଯାଉଥିଲା ଓ ତାହାକୁ ମହତ୍ତ୍ୱପୂର୍ଣ୍ଣ ଭାବରେ ପଢ଼ାଉଥିଲେ ରେଭେନ୍‌ସା ମହାବିଦ୍ୟାଳୟର ତତ୍‌କାଳୀନ ଇଂରାଜୀ ବିଭାଗର ଅଧ୍ୟାପକ ଗୋପାଳଚନ୍ଦ୍ର ଗଙ୍ଗୋପାଧ୍ୟାୟ । ନୀଳକଣ୍ଠ ତାଙ୍କ ଅନୂଦିତ କୃତି-କୀର୍ତ୍ତି 'ପ୍ରଣୟିନୀ'କୁ ଗଙ୍ଗୋପାଧ୍ୟାୟଙ୍କୁ ଉତ୍ସର୍ଗ କରିଛନ୍ତି । 'ଦାସନାୟକ'କୁ ଏନକ ଆର୍ଡ଼େନ'ର ଅନୁବାଦ କ୍ରମେ ସେ ପ୍ରସ୍ତୁତ କରିଥିଲେ ହଜାରିବାଗ ଜେଲରେ ଥିବା ସମୟରେ । ଏହି ବହିର ଭୂମିକାରେ ପଣ୍ଡିତ ଦାସ ଲେଖିଛନ୍ତି - "ସାଧାରଣ ଲୋକେ ବୁଝିବାଭଳି ଭାଷା ତଥା ଭାବରେ କାବ୍ୟ ଏବେ ଲେଖିହେବ କି ନା, ଏକଥା ବହୁଦିନରୁ ବିଚାରୁଥିଲି । ସେଥିପାଇଁ ସାଧାରଣ ଘରୋଇ ଭାଷାରେ ଏହାକୁ ଲେଖିଛି । × × × ସ୍ତ୍ରୀର ସତୀତ୍ୱ ଆଦର୍ଶଘେନି ଏ ଦେଶରେ ବହୁତ ଲେଖା ଯାଇଛି ଓ ଯିବ । ପୃଥିବୀର ସଭ୍ୟ ସାଧାରଣଙ୍କର ଏହାହିଁ ଏବେ ମଧ୍ୟ ଆଦର୍ଶ ଅଛି । ମାତ୍ର ଏ କାବ୍ୟରେ ନାରୀର ସ୍ୱଭାବ ସୁନ୍ଦର ସତୀତ୍ୱ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତିସାଧନ ସାହିତ୍ୟ ରାଜ୍ୟରେ ଗୋଟିଏ ନୂତନ ବିଭାବ । ଏ ବିଭାବ ମଧ୍ୟ ମୋର ଏ କାବ୍ୟପ୍ରତି ଆଦର ବଢ଼ାଇଥିଲା- ଏ କଥା କହି ରଖିବା ଉଚିତ ମନେ କରେ ।" - ଦି ପ୍ରିନ୍‌ସେସକୁ ଅନୁବାଦ କରିବା ପଛରେ ନୀଳକଣ୍ଠଙ୍କର ଯେଉଁ ମନୋଭାବ ସ୍ପଷ୍ଟ, ତାହା ହେଉଛି; ନାରୀ ଜାଗରଣ । ଦି ପ୍ରିନ୍‌ସେସ୍‌ରେ ଟେନିସନ ନାରୀଜାଗରଣ ବାର୍ତ୍ତାକୁ ଅଗ୍ରାଧିକାର ଦେଇଛନ୍ତି । ବିଷୟବସ୍ତୁକୁ କାବ୍ୟଢଙ୍ଗରେ ବର୍ଣ୍ଣନା କରାଯାଇଥିଲେ ହେଁ ଅଭିନୟରୀତିରେ ଘଟଣାବଳୀ ଅଭିବ୍ୟକ୍ତ । ସେଥିପାଇଁ ଟେନିସନ ତାଙ୍କ ଲେଖାର ନାଁ ରଖିଛନ୍ତି The Princess: A Medley । A medley କୁ ଓଡ଼ିଆ ଭାଷାରେ 'ଏକ ସାହିତ୍ୟିକ ଆଳିମାଳିକା' କୁହାଯାଇପାରିବ । କିନ୍ତୁ ନୀଳକଣ୍ଠ ଏହାର ଅର୍ଥ କରିଛନ୍ତି 'କୌତୁକ କାବ୍ୟ' The Princessର ଓଡ଼ିଆ କରିଛନ୍ତି ପ୍ରଣୟିନୀ । ଦି ପ୍ରିନ୍‌ସେସର ସାତୋଟି Conto କୁ ଓଡ଼ିଆରେ ସାତଟି ସର୍ଗ କରାଯାଇଛି । ରଚନା ରୀତି Blank verseର ହୋଇଥିବାରୁ ନୀଳକଣ୍ଠ ତାଙ୍କ ଅନୁବାଦ କୃତିକୁ ଅମିତ୍ରାକ୍ଷର ଛନ୍ଦର କରିଅଛନ୍ତି ।

Digitized by PPRACHIN, SOA

ଦି ପ୍ରିନ୍‌ସେସର ସ୍ଥୁଳ କଥାବସ୍ତୁ ହେଉଚି; ବନ୍ଧୁଙ୍କର ବାପା Walter Viviancଙ୍କ ନିମନ୍ତ୍ରଣପାଇ କାବ୍ୟନାୟକ ଗ୍ରୀଷ୍ମଋତୁର ଏକ ଉତ୍ସବରେ ବନ୍ଧୁଙ୍କ ଘରକୁ ଯାଇଥିଲେ । ସେଠାରେ ତାଙ୍କ ବନ୍ଧୁ, ବନ୍ଧୁଙ୍କ ଭଗ୍ନୀ ଲିଲିଆ ଓ ଆଉ ପାଞ୍ଚଜଣ ମିଶି ଅଭିନୟ କରିଥିଲେ । ପୂର୍ବରୁ ନାରୀଗଣ ଯେପରି ସ୍ୱାଧୀନତା ଭୋଗ କରୁଥିଲେ ତାହା ତଦାନୀନ୍ତନ କାଳରେ ନଥିବା ଲିଲିଆ ପ୍ରକାଶ କରିଛନ୍ତି । ସେ ଯଦି ରାଜକୁମାରୀ ହୋଇଥାନ୍ତେ ତେବେ ତାହା ଖୁବ୍ ଶ୍ରୀଘ୍ର କରାଇ ପାରନ୍ତେ ବୋଲି ଲିଲିଆ ଘୋଷଣା କରିବା କ୍ଷଣି ନାଟକ ଆରମ୍ଭ ହୋଇଛି । କାବ୍ୟନାୟକ ହୋଇଛନ୍ତି ଉତ୍ତରାଞ୍ଚଳର ରାଜକୁମାର, ଲୀଲା ହୋଇଛନ୍ତି ପଡ଼ୋଶୀ ରାଜ୍ୟର ରାଜକୁମାରୀ, Idal ରାଜକୁମାରଙ୍କ ସହିତ ରାଜକୁମାରୀଙ୍କର ବିବାହପାଇଁ ନିର୍ବନ୍ଧ ହୋଇଛି । କିନ୍ତୁ Ida ତାହାଙ୍କୁ ଅସ୍ୱୀକାର କରି ନାରୀମାନଙ୍କ ଉନ୍ନତି ପାଇଁ Lady Psyche ଓ Lady Blanche ଙ୍କ ସହାୟତାରେ ଏକ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଛନ୍ତି । ଯେଉଁଠାରେ କେବଳ ଝିଅମାନେ ପଢ଼ିବେ ଓ ନାରୀମାନେ କର୍ମଚାରୀ ହେବେ । ସେଠାକୁ ପୁରୁଷମାନଙ୍କ ପ୍ରବେଶ ବି ବାରଣ କରାଯାଇଛି । ଏକଦା ରାଜକୁମାର ତାଙ୍କ ସାଙ୍ଗ Florion ଓ Eyrilଙ୍କୁ ନାରୀବେଶ କରାଇ ଓ ନିଜକୁ ତଦନୁରୂପ କରି ସେଠାକୁ ଯାଇଛନ୍ତି । ପରେ ସତକଥା ଜଣାପଡ଼ିଛି । ରାଜକୁମାରୀ Ida ରାଜକୁମାରଙ୍କୁ ଭର୍ତ୍ସନା କରିଛନ୍ତି । ଅପରପକ୍ଷେ ରାଜକୁମାରଙ୍କ ପିତା ରାଜକୁମାରୀଙ୍କ ପିତାଙ୍କ ମଧ୍ୟରେ ଯୁଦ୍ଧହୋଇଛି । ଯୁଦ୍ଧରେ କ୍ଷତାକ୍ତ ହୋଇଛନ୍ତି ରାଜକୁମାର ଓ ରାଜକୁମାରୀଙ୍କ ଭାଇ Arac । ରାଜକୁମାରୀ ପୁରୁଷ ବିଦ୍ୱେଷୀ ମନୋଭାବ ପରିତ୍ୟାଗ କରି ରାଜକୁମାର ଓ ନିଜ ଭାଇର ସେବା କରିଛନ୍ତି । ବସ୍ତୁତଃ ନାରୀ ଓ ପୁରୁଷ -ପାରସ୍ପରିକ ସହଯୋଗରେ ଦୁହିଁଙ୍କର ଉନ୍ନତି ।

ନୀଳକଣ୍ଠ ଅନୁବାଦ କଲାବେଳେ ପ୍ରଣୟିନୀର ପୃଷ୍ଠଭୂମି ଓଡ଼ିଶା ଭଳି କରିଛନ୍ତି । କାବ୍ୟନାୟକ ଶରତ ଋତୁର ପୂଜାଛୁଟିରେ ଯାଇଛନ୍ତି ସାଙ୍ଗ ଘରକୁ । ସେଠାରେ ଆଉ ପାଞ୍ଚଦଶ ସହପାଠୀ ମିଳିବାରୁ ସେମାନେ ସାତଜଣ ହୋଇ ନାନା ଖେଳ କରୁଥିଲେ । ବନ୍ଧୁଙ୍କ ଭଉଣୀ କୁମୁଦିନୀ ସେମାନଙ୍କୁ ସୋଦର ଜ୍ଞାନ କରି ଘରେ ଥିବା ଛବିଗୁଡ଼ିକୁ ବୁଲାଇ ଦେଖାଇଥିଲେ । ତନ୍ମଧ୍ୟରେ ଅନେକ ନାରୀ ମୂର୍ତ୍ତି ଥିଲା । ହଠାତ୍ ଜଣେ କହିଲେ- 'ବର୍ତ୍ତମାନ ଏପରି ଅବସ୍ଥା ଆସନ୍ତା -ନାରୀ ଶିକ୍ଷିକା ହୁଅନ୍ତେ, କଠୋର ସାଧନାର ରୁକ୍ଷ କ୍ଷେତ୍ରରୂପକ ବିଦ୍ୟାଳୟ ପ୍ରେମର ରଙ୍ଗଭୂମି ପାଲଟିଯାନ୍ତା । ଅଧିକନ୍ତୁ

ନାରୀଏ ହୁଅନ୍ତେ ଭବେ ବିଶ୍ୱେ ବିଜୟିନୀ
ଯୁଦ୍ଧବିନା ବିଜୟର ଉଡ଼ନ୍ତା ନିଶାଣ
× × × ×
ମନ୍ତ୍ରେ ଆଶୀବି ବିଷପରି ରହନ୍ତେ ପୁରୁଷେ !
ରମଣୀ ହୁଅନ୍ତେ ନର, ନାରୀ ନରରୂପେ

Digitized by PPRACHIN, SOA

ଯଶ ସଉରଭେ ଦେଶ କରନ୍ତେ ମୋଦିତ ।
ଏକଥା ଶୁଣି କୁମୁଦିନୀ କହିଛନ୍ତି; ଅହଂକାରୀ ପୁରୁଷ ରମଣୀକୁ ବିଦ୍ରୂପ କରେ ।
ପୁନଶ୍ଚ- 'କାହାର ଏ ଦୋଷ ? ଯଦି ଜ୍ଞାନର ଆଲୋକ
ପାଆନ୍ତେ ରମଣୀକୁଳ, ପୁରୁଷ ରମଣୀ
ହୁଅନ୍ତେ ସମାନ ନିକି ? ନିସର୍ଗ ବିଧାନେ !

ବନ୍ଧୁ ପରିହାସରେ କହିଲେ; 'କୁମୁଦିନୀ ଯଦି କୌଣସି ଦେଶର ରାଣୀ ହୁଅନ୍ତେ, ତେବେ ନୂଆଯୁଗ ଆଣନ୍ତେ ।' କୁମୁଦିନୀ କହିଲେ, 'ମୁଁ ଯଦି ରଜା ଝିଅ ହୋଇଥାନ୍ତି ତେବେ ନାରୀଶିକ୍ଷା ଲାଗି ନାଳନ୍ଦାଭଳି ବିଶ୍ୱବିଦ୍ୟାଳୟ କରିପାରନ୍ତି, ଯେଉଁଠି ପୁରୁଷର ଛାଇ ପଡ଼ନ୍ତା ନାହିଁ । ଏଥର କାବ୍ୟନାୟକ ଅଭିନୟର ପ୍ରସ୍ତାବ ଦେଲେ । ନିଜେ ରାଜପୁତ୍ର ହେଲେ, କୁମୁଦିନୀ ହେଲେ ନୃପତି ନନ୍ଦିନୀ । ଅନ୍ୟବନ୍ଧୁମାନଙ୍କ ସହଯୋଗରେ ଟେନିସନଙ୍କ ଭାବକୁ ଓଡ଼ିଶୀକରଣ ଦେଇ ଓଡ଼ିଆ ଭାଷାରେ ଅଭିନୟ କରାଇଥିଲେ ପଣ୍ଡିତ ନୀଳକଣ୍ଠ । ପ୍ରିନ୍‌ସେସର Lilia ନୀଳକଣ୍ଠଙ୍କ କୁମୁଦିନୀ, Lady Psyche ମତି, Lady Blanche ମହାଶ୍ୱେତା, ରାଜପୁତ୍ରଙ୍କ ବନ୍ଧୁ Florian ଏବଂ Cyril ନୀଳକଣ୍ଠଙ୍କ କୃତିରେ ଯଥାକ୍ରମେ ପାରିଜାତ ଏବଂ ରତ୍ନଧ୍ୱଜ ନାମରେ ନାମିତ । ରାଜକୁମାରୀଙ୍କ ଭାଇ Arac ହୋଇଛି ଅରୁଣ । ଦି ପ୍ରିନ୍‌ସେସ୍‌କୁ ଅନୁବାଦ କଲାବେଳେ ନୀଳକଣ୍ଠ ବିଷୟବସ୍ତୁକୁ ଓଡ଼ିଶାର ଭଳି କରିବାକୁ ଉଦ୍ୟମ କରିଛନ୍ତି । ତେଣୁ ପ୍ରଣୟିନୀକୁ ଦି ପ୍ରିନ୍‌ସେସ୍‌ର ଭାବାନୁବାଦ କରିହେବ । ମୂଳପଦ ସହିତ ପ୍ରଣୟିନୀର କେତେକ ପଦ ତୁଳାନାତ୍ମକ ପାଇଁ ନିମ୍ନରେ ଉପସ୍ଥାପନ କରାଯାଉଛି ।

ରାଜପୁତ୍ର ଭୂମିକାରେ ଅଭିନୟ କରୁଥିବା କାବ୍ୟନାୟକ ନାରୀବେଶ ଧାରଣ କରି ଓ ସାଥୀ ଦୁଇଜଣ ଯଥା; Psyche (ମତି) ଏବଂ Blanche (ମହାଶ୍ୱେତା)ଙ୍କୁ ନାରୀବେଶରେ ଧରି ବିଶ୍ୱବିଦ୍ୟାଳୟ ଫାଟକରେ ପହଞ୍ଚି Lilia (କୁମୁଦିନୀ) ଙ୍କ ପାଖକୁ ଚିଠି ଲେଖିଛନ୍ତି । ତାହା ଏହିପରି -

Three ladies of the northern empire pray
Your highness would enroll them with your own,
As leady psyche's pupils. This I sealed:
The seal was cupid bent above a scroll,
[The Princess-Canto- III)

ଅନୁବାଦ : "ମତି ଶିଷ୍ୟା ତେବେ ଆମ୍ଭେ"
ବସି ତହୁଁ ମୁହିଁ

Digitized by PPRACHIN, SOA

ଲେଖିଲି ରମଣୀପରି ରୁଚିର ଅକ୍ଷରେ
ସମ- ସମଶୀର୍ଷ - ଘନ ବିରଳ - ଲେଖନେ,
"ଉତ୍ତରପ୍ରଦେଶବାସୀ ତିନୋଟି ମହିଳା
ନିବେଦନ୍ତି ଶ୍ରୀଛାମୁରେ ଅନୁଗ୍ରହେ ତାଙ୍କୁ
ଦେବେ ସ୍ଥାନ ଛାମୁଙ୍କର ଏ ବିଦ୍ୟା ଭବନେ,
ମତି ଦେବୀ ଅନ୍ତେବାସୀ ହେବେ ସେ ଏଠାରେ ।
ମୁଦିଣ ଏ ପତ୍ର, ମୁଦେ ଦେଲି ମୁଁ ମୁଦ୍ରାଙ୍କ
ସେ ମୁଦ୍ରାଙ୍କେ ରତିପତି ଥିଲେ ନିଦ୍ରାବେଶେ ।
(ପ୍ରଣୟିନୀ -ତୃତୀୟସର୍ଗ)

ରାଜକୁମାର ଭୂମିକାରେ ଅଭିନୟ କରୁଥିବା କାବ୍ୟନାୟକ ହେଉଛନ୍ତି ପ୍ରଣୟୀ । ଅଭିନେତ୍ରୀ ରାଜକୁମାରୀ ପ୍ରଣୟିନୀ । ବିପ୍ରଲମ୍ଭ ଶୃଙ୍ଗାର ଉଚିତ ଭାବନା ରାଜକୁମାର ଚରିତ୍ରର ଅନୁଚିନ୍ତାରେ ଏହିଭଳି ଅନୁରଣିତ ।

O swallow , swallow , if I could follow ,
and light upon her lattice, I would pipe and trill,
And cheep and twitter twenty million loves. (Canto-IV)

ଥାଆନ୍ତାରେ ପିକ, ପତତ୍ର ମୋହର
ତୋ ତୁଲେ ଯାଆନ୍ତି ଉଡ଼ି,
ଓହ୍ଲାଇ ବସନ୍ତି ବାତାୟନ ଚୂଳେ
ଯାଆନ୍ତା ପରାଣ ପୂରି !
ପରାଣ ପୁଲକେ ଭାବର ସ୍ପନ୍ଦନେ
ଗାଆନ୍ତି ମରମ ଫେଇ,
ଶତ ମଧୁଧାରେ ଭସାଇ ଦିଅନ୍ତି
ପ୍ରଣୟିନୀ ପୁର ମୁହିଁ ।
(ପ୍ରଣୟିନୀ - ଚତୁର୍ଥ ସର୍ଗ )

ପ୍ରଣୟୀର ସର୍ବକାଳୀନ ଅନ୍ତର୍ଦାହୀ ଭାବନା ଟେନିସନଙ୍କ ଭାଷାରେ ଜୀବନ - ସତ୍ୟର ଦର୍ଶନ ଉନ୍ମୋଚନ କରିଛି । ଯେପରି :

O' tell her, brief is life but love is long
And brief the son of summer in the north,
And brief the moon of beauty in the south.

Digitized by PPRACHIN, SOA

ଅନୁବାଦକ ନୀଳକଣ୍ଠଙ୍କ ଭାଷାରେ;

କହ ତାକୁ ଫେଡ଼ି କ୍ଷଣିକ ଜୀବନ
ପ୍ରଣୟ ବଂଧନ ଚିର,
କ୍ଷଣିକ ମଳୟ ଉତ୍ତରେ, କ୍ଷଣିକ
ଦକ୍ଷିଣେ ରୂପ ସମ୍ଭାର ।

ପ୍ରଣୟୀର ଆକୂତି କିଭଳି ବିନୟୋକ୍ତି ହୋଇ ପାରିଛି ତାହା ଟେନିସନଙ୍କ ବର୍ଣ୍ଣନାରୁ ଲକ୍ଷ୍ୟ କରାଯାଉ -

I waste my heart in signs: let be , my bride
my wife , my life. O we will walk this world,
Yoked in all exercise of noble end,
And so thro' those dark gates across the wild
That no man knows. Indeed I love thee : come,
Yield thyself up : my hopes and thire are one ;
Accomplish thou my manhood and thyself,
Lay thy sweet hands in mine and trust to one.
(The princess-canto-VII)

ନୀଳକଣ୍ଠଙ୍କ ଅନୁବାଦ ଭାଷାରେ;

ପ୍ରଣୟିନୀ, ପ୍ରେୟସିରେ, ପ୍ରାଣର ଦୟିତା
ଜୀବନୁ ଜୀବନ ମମ ଭ୍ରମିବା ସଂସାରେ
ଏକ - ମହା, ଲକ୍ଷ୍ୟେ ନୁହେଁ, ଯୁଗଳ - କରମୀ,
ତାମସିତ ସେ ବିପିନେ- ନରପାଦ ଯାହା
ଦେଖିନାହିଁ, ପ୍ରାଣଭରେ ପ୍ରେମ ମମ ତୋରେ,
ଆସ, ପ୍ରାଣ ଦିଅ ଢାଳି ଏ ପରାଣେ ମମ,
କର ଆତ୍ମଦାନ ପ୍ରିୟେ, ହୃଦୟେ ହୃଦୟେ
ଏକ ଆଶା ଅଭିଳାଷ ଉଠଇ, ପ୍ରେୟସି,
କର ପୂର୍ଣ୍ଣ ଏ ଜୀବନ, କର ପୂର୍ଣ୍ଣତାରେ
ସୁମନ -ଲଳିତ ତବ କର ମମ କରେ ତ
ରଖ ବାଳା, ନିଅ ମୋରେ ବିଶ୍ୱାସ ଜୀବନେ ।
(ପ୍ରଣୟିନୀ - ସପ୍ତମ ସର୍ଗ )

Digitized by PPRACHIN, SOA

ଟେନିସନଙ୍କ କାବ୍ୟନାୟକ (ଅଭିନେତା- ରାଜକୁମାର) କାବ୍ୟନାୟିକା (ଅଭିନେତ୍ରୀ- ରାଜକୁମାରୀ)ଙ୍କୁ ପରାମର୍ଶ ଦେଇଛନ୍ତି - ନାରୀଜାତିର ଉନ୍ନତିକଳ୍ପେ ପ୍ରତିଜ୍ଞାବଦ୍ଧ ହୋଇ କାମ କରିବାକୁ । ନାରୀ -ପୁରୁଷଙ୍କ ମଧ୍ୟରେ ବୈଷମ୍ୟ ଅଛି । ତେବେ ଉଭୟ ପରସ୍ପରର ପରିପୂରକ ଭାବେ କାମକଲେ ସମତା ଆସିବ, ଉଭୟଙ୍କର ସ୍ୱାତନ୍ତ୍ର୍ୟ ବିକଶିତ ହେବ । ଯେପରି ;

For woman is not undeveloped man,
But diverse : could we make her as the man,
Sweet love were slain : his dearest bond is this,
Not like to like, but like in difference.
(The Princess-canto-VII)

ନୀଳକଣ୍ଠଙ୍କ ଅନୁବାଦରୁ ଟେନିସନଙ୍କ ଭାବ ଅବଧାରଣୀୟ;
ନାରୀ ନୁହେଁ ଭବେ ଅର୍ଦ୍ଧ -ବିକଶିତ - ନର,
ବିପରୀତ ବିଭାବେ ସେ ଦୁହେଁ ଦୁହିଁଙ୍କର
ହୁଅନ୍ତେ ବିକାଶେ ଯେବେ ରମଣୀଏ ନର
ପ୍ରେମର ପୀୟୂଷଧାରା ଶୁଖନ୍ତା ଜଗତେ ।
ପ୍ରେମର ବଂଧନ ନୁହେଁ ସମାନେ ସମାନେ,
ବିଷମେ - ମିଳନେ ପ୍ରେମେ ଉପୁଜଇ ସମ;

× × × ×

ତୁଲ ନରନାରୀ
ଛାଡ ଏ ଧାରଣା, ଦେଖ ଏକ ଆନବିନୁ
ଅପୂର୍ଣ୍ଣ ଅର୍ଦ୍ଧେକମାତ୍ର, ପ୍ରକୃତ ପ୍ରଣୟେ
ନାହିଁ ସମ, ବିଷମଟି ନାହିଁ, ବିଷମସେ
ସମ ସେହି, ପୂର୍ଣ୍ଣ କରେ ଏକର ଅଭାବ ଅପର ।
(ପ୍ରଣୟିନୀ - ସପ୍ତମସର୍ଗ)

ନୀଳକଣ୍ଠଙ୍କ ଅନୂଦିତ କାବ୍ୟ 'ପ୍ରଣୟିନୀ'ରେ କବିଙ୍କ ଛନ୍ଦ ବ୍ୟବହାର, ଘଟଣାବଳୀକୁ ଓଡ଼ିଶାର ଭଳି କରିବା ପ୍ରଚେଷ୍ଟା କୃତିଟିକୁ ପାଠକମାନଙ୍କ ନିକଟରେ ନୂତନ ସ୍ୱାଦ ଦେଇଥାଏ । କୃତିଟିର ମୁଖବନ୍ଧକୁ ନ ପଢ଼ିଥିବା ପାଠକଙ୍କ ପାଖରେ ଏହାର ମୌଳିକତା ସ୍ୱୀକୃତ ହୋଇଥାଏ ।

ଇଲିୟାଡ୍ ଅନୁବାଦ୍ କରିବା ସମୟରେ William Cowper ଲେଖିଛନ୍ତି, Fidelity is indeed the very essence of translation. ଅର୍ଥାତ୍ ଅନୁବାଦରେ

Digitized by PPRACHIN, SOA

ଅନୁବାଦକଙ୍କ ବିଶ୍ୱସ୍ତତା ବଡ଼କଥା । ଅନୁବାଦରେ ଦୁଇଟି କଥା ଦେଖାଯାଏ (୧) ଅନୁବାଦ କୃତି ସୁନ୍ଦର ହୋଇଥାଏ; କିନ୍ତୁ ଯାହାକୁ ଅନୁବାଦ କରାଯାଏ ତହିଁ ପ୍ରତି ଅନୁବାଦକ ବିଶ୍ୱସ୍ତ ହୋଇନଥାନ୍ତି । ତେଣୁ କୃତିଟି Faithless beautyର ଉଦାହରଣ ହୋଇଥାଏ । (୨) କେତେକ ସ୍ଥଳରେ ବିଶ୍ୱସ୍ତତା ଥାଇ ବି ଅନୂଦିତ କୃତି କଦର୍ଯ୍ୟ, ବିରୂପ ହୋଇଥାଏ । ଏ ଧରଣର କୃତିକୁ faithful ugliness ର ଦୃଷ୍ଟାନ୍ତଭାବେ ଗ୍ରହଣ କରାଯାଏ । ଅବଶ୍ୟ ଅନୁବାଦ କୃତିକୁ ବିଶ୍ୱସ୍ତ ଅଥବା ସୁନ୍ଦରୀ ପ୍ରତିମା ହେବା କେହି କେହି ସୂଚାଇଛନ୍ତି । କିନ୍ତୁ ଅନେକତ୍ର ବିଶ୍ୱସ୍ତତା ଓ ସୌନ୍ଦର୍ଯ୍ୟବତ୍ତା ଅନୂଦିତ କୃତିକୁ ମନୋଜ୍ଞ କରିଥାଏ, ଯହିଁର ସଫଳ, ଉଲ୍ଲେଖଯୋଗ୍ୟ କୃତି ହେଉଛି ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ଦାସନାଏକ' କାବ୍ୟ । ଟେନିସନଙ୍କ Enoch -Arden ର ଅନୂଦିତ କାବ୍ୟ ପ୍ରତିମା 'ଦାସ ନାଏକ' । ଟେନିସନଙ୍କ କେଉଁ ଭାବାଦର୍ଶ ନୀଳକଣ୍ଠଙ୍କୁ ଅନୁବାଦ ପାଇଁ ଅନୁପ୍ରେରିତ କରିଛି ତାହା ପୁସ୍ତକର ଭୂମିକାରେ ସୂଚିତ ଓ ପୂର୍ବରୁ ଏହି ଲେଖାରେ ତାହା ଉଦ୍ଧୃତ । କବି ଟେନିସନ ଠାଏ ଲେଖିଛନ୍ତି । ତିନୋଟି ଗୁଣ ମଣିଷ ଜୀବନକୁ ଅମିତ ଶକ୍ତି ଦିଅନ୍ତି – ତାହା ହେଉଛି – ଆତ୍ମସମ୍ମାନ (self reverence) ଆତ୍ମଜ୍ଞାନ, (self knowledge) , ଆତ୍ମନିୟନ୍ତ୍ରଣ (self control) ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱରେ ଏହି ତିନୋଟି ଗୁଣର ପ୍ରତିଫଳନ ଦେଖାଯାଏ ନାହିଁ କି ? ବୋଧହୁଏ ଏଇଥିପାଇଁ ଟେନିସନଙ୍କ ରଚନାବଳୀ ତାଙ୍କୁ ଭଲଲାଗିଛି ଓ ସେ କାବ୍ୟାନୁବାଦ କର୍ମରେ ହାତ ଦେଇଛନ୍ତି । କେବଳ ଘରୋଇ ଓଡ଼ିଆ ଭାଷା ବ୍ୟବହାର ଦୃଷ୍ଟିରୁ କାହିଁକି ପରିବେଶ ଓ ପରିସ୍ଥିତିକୁ ଆପଣାର କଲାଭଳି ନୀଳକଣ୍ଠ 'ଦାସନାଏକ'ରେ ଯେଉଁ ପୁରୋଦୃଷ୍ଟିର ପରିଚୟ ଦେଇଅଛନ୍ତି ତାହା ଏହି କୃତିକୁ ଅନୁବାଦ କହିବା ବଦଳରେ ଅନୁସୃଷ୍ଟି (Transcreation) କରିବା ପାଇଁ ଯେ କେହି ରସିକ ପାଠକ ଏବଂ ବିଦ୍ୱାନ ସମାଲୋଚକଙ୍କୁ ବାଧ୍ୟ କରାଇବ ।

Enoch -Ardenର ପ୍ରାରମ୍ଭରେ କବି ଟେନିସନ ଏକ ପରିବେଶର ବର୍ଣ୍ଣନା କରିଛନ୍ତି ।" ସମୁଦ୍ର ଧାରରେ ଥିବା ଉଚ୍ଚପଥର (Cliff) ଲହଡ଼ି ମାଡଦ୍ୱାରା କ୍ରମଶଃ କ୍ଷୟ ହୁଏ । ସେହି ପଥରରେ ସୃଷ୍ଟି ହୁଏ ଖୋଲ (Chasm) । ସମୁଦ୍ର ଲହଡ଼ି ଆସିଲେ ଖୋଲ ଭିତରକୁ ପଶିଯାଏ ବାଲି ଆଉ ଲହଡ଼ିର ଫେଣ । ଅଣଓସାରିଆ ଜେଟିଟିଏ ନାଲିଛାତର ପରପାରରେ ଥିବା ଦେଖାଯାଏ । ସେଇ ଧାରରେ ଦୃଶ୍ୟ ହୁଏ ଗୁଳ୍ମ - ଭର୍ତ୍ତି ଜଙ୍ଗଲ, ଶରତକାଳୀନ ଫଳ ଓ ଫୁଲ । ଏହି ବର୍ଣ୍ଣୋତ୍ସବ ଭିତରେ ଉଚ୍ଚ ପଥରଟି ଦିଶେ ଗର୍ଭାୟିତ ଶାଗୁଆରଙ୍ଗର କପଟିଏ ଭଳି । ଟେନିସନଙ୍କ ବର୍ଣ୍ଣନାକୁ ଦେଖାଯାଉ –

Long lines of cliff breaking have left a chasm ;
And in the chasm are foam and yellow sands;
Beyond, red roofs about a narrow wharf

Digitized by PPRACHIN, SOA

In cluster; then a mouldered church; and higher
A long street climbs to one tall-towered mill;
And in high in heaven behind it a gray down
With Danish barrow; and a hazelwood,
By autumn nutters haunted, flourishes
Green in a cup-like hollow of the down.

(Encho-Arden-Tennyson poems and plays, page-117,1968, London Oxford University Press Newyork Toronto)

ପୂର୍ବରୁ ଦର୍ଶାଯାଇଛି; ନୀଳକଣ୍ଠ ବିଦେଶୀ କବିଙ୍କ ଭାବକୁ ଆପଣାମତେ ଦେଶୀ କରିଛନ୍ତି । ଏଇ ଯେପରି ପୂର୍ବୋକ୍ତ ପରିବେଶ ବର୍ଣ୍ଣନା ନୀଳକଣ୍ଠଙ୍କ ହାତରେ କିଭଳି ଓଡ଼ିଶାର ଏବଂ ଓଡ଼ିଆଙ୍କର ଭଳି ହୋଇଛି ତାହା ଲକ୍ଷ୍ୟ କରାଯାଉ –

ସମୁଦ୍ରକିନାରେ ପାହାଡ଼ର ମାଳା
ସାନ ସାନ ଜୁଇ ନାସି ତହୁଁ
ଭେଦିଛି ସାଗର ଦୁହିଙ୍କ ଭିତରେ
ବିଶେ ବାଲିଖଣ୍ଡ ଦାଉ ଦାଉ
ମେଲାଇ ସେ ବାଲି – ସିନ୍ଧୁକୂଳଯାଏ
ସେହି ନାସି ଖୋଳେ ଧାଡ଼ିଧରି ,
ମାଳ ମାଳ ଘର ଗିରି ଅଧ ଯାଏ
ବୁଦା ଗହଳରେ ହୁଏ ବାରି ।
ସିନ୍ଧୁ ଫେଣ ଘେନି ସାଗର ପବନ
ଲହରେ ହସାଏ ସେ ବସତି
ସାନ ସାନ ତରୀ ଭାସଇ ସାଗରେ
ଅଳପେ ଫୁଲାଇ ଯାଇ ଛାତି ।
ଅଳପ ଜଙ୍ଗଲ ସେ ନାସି ଉପରେ;
ଚଢ଼ିଲେ ଦିଶଇ ଘୋର ବନ,
ବସନ୍ତେ ଚହଟେ କେତେ ଫୁଲ ବାସ
ଗ୍ରୀଷମେ ପାଚଇ ଫଳମାନ ।

(ଦାସ ନାଏକ – ପ୍ରଥମ ସର୍ଗ)

Digitized by PPRACHIN, SOA

ଟେନିସନ କଥାବସ୍ତୁ ଏହିଭଳି ଆରମ୍ଭ କରିଛନ୍ତି –

Here on this beach a hundred years ago,
Three children of three houses, Annie Lee
The prettiest little damsel in this port,
And Philip Ray the miller's only son,
And Enoch Arden, a rough sailors lad
Made orphan by a winter shipwrek.

ଟେନିସନଙ୍କ Philip Ray ନୀଳକଣ୍ଠଙ୍କ ଗ୍ରାମ ବେହେରା ପୁଅ ଲଇଖଣ, Enoch Arden ଦାସ ଓ Annie Lee ମେଲା ନାଁରେ ଚିତ୍ରିତ । ଲଇଖଣ ମାତୃହୀନ, ଦାସ ପିତୃ-ମାତୃହୀନ । ଗାଆଁଝିଅ ମେଲା ସାଥୀରେ ଦୁଇଜଣ ସାଙ୍ଗ ହୁଅନ୍ତି ।

ଫିଲିପ ଓ ଏନକ କଳି କରନ୍ତି । ଆନି ସେମାନଙ୍କୁ ବୁଝାଏ । ଆନି –

Pray them not to quarrel for her sake
And say she would be little arife to both.

ଅନୁରୂପ ଭାବେ ନୀଳକଣ୍ଠଙ୍କ ଲଇଖଣ ଓ ଦାସ ମେଲା ପାଇଁ କଳି କରନ୍ତି । ମେଲା 'ସେମାନଙ୍କୁ ବୁଝାଏ ।

ଟିକି ମେଲାଟି ସେ      ଛଳଛଳ ଆଖି
କରି, କହେ କିଆଁ କଳିକର ?
ଦୁହିଙ୍କର ମୁହିଁ      ଟିକି ବୋହୂ ହେବି
ଦୁହେଁଯାକ ତୁମେ ମୋର ବର ।

ଟେନିସନଙ୍କ ବର୍ଣ୍ଣନାରେ ଫିଲିପ, ଏନକ ଆନି ଯୌବନରେ ପହଞ୍ଚିଛନ୍ତି । ଏକଦା ଏନକ ଆନିକୁ ପ୍ରେମ ନିବେଦନ କରିଛି । ଫିଲିପ ମୁହଁ ଖୋଲି କହି ନପାରି ମନେ ମନେ ଆନିକୁ ଭଲ ପାଇଛି । ଏନକ ଗୋଟିଏ ବୋଟ କିଣିଛି । ଜଳଯାତ୍ରାରେ ଦୁଃସାହସିକତା ପାଇଁ ସମସ୍ତଙ୍କର ସ୍ନେହପାତ୍ର ହୋଇଛି । ଆନି ପାଇଁ ସେ ଘର ତୋଳିଛି ।

ଶରତଋତୁର ସୁବର୍ଣ୍ଣ ସଂଧ୍ୟା । ଗାଆଁର ଯୁବକ ଯୁବତୀମାନେ ବଡ଼ ବଡ଼ ଅଖା, ଥଳିଆ, ବ୍ୟାଗ ଧରି, ସମୁଦ୍ର ନାସିରେ ଅବସ୍ଥିତ ଗୁଳ୍ମାକୀର୍ଣ୍ଣ ପାହାଡ଼ ଉପରକୁ ଯାଇଛନ୍ତି । ଫିଲିପ୍‌ର ବାପାଙ୍କ ଦେହ ଖରାପ ଥିବାରୁ ସେ ଘଣ୍ଟାଏ ପରେ ଯାଇ ପହଞ୍ଚିଛି ସେଇଠି ଯେଉଁଠୁ ଜଙ୍ଗଲ ଆରମ୍ଭ ହୋଇଛି । ଦେଖିଛି –

Digitized by PPRACHIN, SOA

+ + The Pair

Enoch and Annie, sitting hand in hand,
His large gray eyes and weather beaten face
All-kindled by a still and sacred fire,
That burn'd as on an Altar. Philip looked
And in their eyes and faces read his doom.

ଯୋଡ଼ିଙ୍କ ଆଖି ଚରୋଟିରୁ ଫିଲିପ ନିଜର ଅଦୃଷ୍ଟକୁ ପଢ଼ିନେଇଛି । ଆନନ୍ଦମୁଖର ପରିବେଶଠାରୁ ନିଜକୁ ଜଙ୍ଗଲର ଗଳି ଭିତରକୁ ଭିଡ଼ି ନେଇଛି ସେ । ଅତୀତର ମାଧୁରିମା ତା'ର ମନ ଆକାଶରେ ଉଙ୍କି ମାରିଛି । ହୃଦୟରେ ତା'ର ସୃଷ୍ଟି ହୋଇଛି ଅନନ୍ତ କ୍ଷୁଧା । ନୀଳକଣ୍ଠ କିନ୍ତୁ ଦାସ ଏବଂ ମେଲାଙ୍କୁ ହାତ ଧରାଧରି ହୋଇ ବସିବାକୁ ଦେଇ ନାହାନ୍ତି, ବରଂ ଓଡ଼ିଆ କାବ୍ୟ ପରମ୍ପରାଭଳି ମେଲାକୁ ଚଳାଇଛନ୍ତି । ତା' ପାଦରେ କଣ୍ଟା ପଶିବାର ବାହାନା କରି ସେ ସଙ୍ଗିନୀମାନଙ୍କଠାରୁ ଦୂରେଇ ରହୁଛି । ଦାସ ଆସିବାରୁ ତା' ସାଥିରେ ଚାଲିଛି । ଲଇଖଣ ଏ ଦୃଶ୍ୟ ଦେଖି ଭାଙ୍ଗିପଡ଼ିଛି । ପରବର୍ତ୍ତୀ ସମୟରେ ଏନକ ଆଡ଼େନ ଛୋଟା ହୋଇଛି, ତିନୋଟି ପିଲା ଓ ଆନିଙ୍କୁ ଛାଡ଼ି ଚୀନ ଚାଲିଯାଇଛି । ଫିଲିପ, ଆନି ଓ ତା'ର ପିଲାମାନଙ୍କ ଦାୟିତ୍ୱ ନେଇଛି । ଦୀର୍ଘ ଦଶ ବର୍ଷ ପରେ ଏନକ ଫେରିଛି । ହେଲେ ଫିଲିପଠାରୁ ଆନିକୁ ଅଲଗା କରାଇବାକୁ ଚାହିଁ ନାହିଁ । Land lady miriam lane (ନୀଳକଣ୍ଠ କରିଛନ୍ତି ମଗୁଆ ବୁଢ଼ୀ) ଘରେ ରୋଗାକ୍ରାନ୍ତ ଅବସ୍ଥାରେ ନିଜର ପରିଚୟ ଦେଇ ମୃତ୍ୟୁବରଣ କରିଛି । ପ୍ରେମରେ ତ୍ୟାଗ - ଏହି ଭାବାଦର୍ଶ ଥିଲା ଟେନିସନଙ୍କ ଈପ୍‌ସିତ ବୃତ୍ତି ଯାହା ନୀଳକଣ୍ଠଙ୍କୁ ପ୍ରଭାବିତ କରିଛି ଓ ସେ କାହାଣୀଟିକୁ ଓଡ଼ିଶା ଏବଂ ଓଡ଼ିଆଙ୍କ ମାନସିକତା ଅନୁରୂପ କରିବା ସହିତ ସହଜ ଗାଉଁଲି ଓଡ଼ିଆ ଭାଷାରେ 'ଦାସ ନାଏକ' କାବ୍ୟ ଲେଖିଛନ୍ତି । ବସ୍ତୁତଃ କାବ୍ୟାନୁବାଦ ପର୍ଯ୍ୟାୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ କୃତିତ୍ୱ ପ୍ରଣୟିନୀ ଓ ଦାସ ନାଏକ କାବ୍ୟଦ୍ୱୟରୁ ଅବଧାରଣ କରିହୁଏ । ଭାଷା, ଛନ୍ଦ, ଆଦର୍ଶ ପ୍ରତିପାଦନ, ପରିବେଶ ଉପସ୍ଥାପନ ଏବଂ ଭାଷା ପ୍ରୟୋଗ ଦୃଷ୍ଟିରୁ ତାଙ୍କ ଅନୁବାଦ କଳା -କୃତିତ୍ୱ ଓଡ଼ିଆଭାଷା ସାହିତ୍ୟକୁ ଏହି ଦୁଇଟି ଭିନ୍ନ ରୁଚିର କାବ୍ୟ ଦେଇ ପାରିଛି ଯାହାକୁ ଅନୁବାଦ ଅପେକ୍ଷା ଅନୁସୃଷ୍ଟି କହିବା ଅଧିକ ପ୍ରାସଙ୍ଗିକ ହେବ ।

Digitized by PPRACHIN, SOA

# ନୀଳକଣ୍ଠଙ୍କ ଦୃଷ୍ଟିରେ ଦର୍ଶନ, ସୌନ୍ଦର୍ଯ୍ୟ ଓ ଜାତୀୟତା

ପ୍ରଫେସର ସଂଘମିତ୍ରା ମିଶ୍ର

ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶାର ବରପୁତ୍ର । ଓଡ଼ିଶୀ ସ୍ୱାଭିମାନର ପତ୍ରିଭୂ । ସେ ଏକାଧାରରେ କବି, ଶିଶୁସାହିତ୍ୟିକ, ଅନୁବାଦକ, ସାହିତ୍ୟର ଇତିହାସଲେଖକ, ବ୍ୟାକରଣ ସଂପର୍କୀୟ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ଅଧିକାରୀ ତଥା ପ୍ରଚଣ୍ଡ ଅନମନୀୟ ବ୍ୟକ୍ତିତ୍ୱର ଅଧିକାରୀ । ସତ୍ୟବାଦୀର ବନବିଦ୍ୟାଳୟ ଯେଉଁ ଯୁଗାନ୍ତକାରୀ ଗୁରୁକୁଳଙ୍କୁ ଲାଳନ କରିଥିଲା ସେମାନଙ୍କ ମଧ୍ୟରୁ ନୀଳକଣ୍ଠ ଥିଲେ ଅନ୍ୟତମ । ଯେଉଁ ସମୟରେ ଓଡ଼ିଶୀ ଜାତୀୟତା ଦାନା ବାନ୍ଧୁଥିଲା ଠିକ୍ ସେତିକିବେଳେ ଏହି ଦ୍ରଷ୍ଟାପୁରୁଷଗଣ ଏକତ୍ର ହୋଇ ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସକୁ ପୁନରାବଲୋକନ କରିଛନ୍ତି ଓ ଲୋକମୁଖୀ ଭାଷା ତଥା ରାଜସିକତା ନେଇ ଓଡ଼ିଶାର ଜନଜୀବନକୁ ପ୍ରଭାବିତ କରିଛନ୍ତି ।

୫/୮/୧୮୮୪ରେ ପୁରୀର ବୀରରାମଚନ୍ଦ୍ରପୁରରେ ଜନ୍ମ ଏହି ଶିକ୍ଷକକବି ୬/ ୧୧/୧୯୬୭ରେ ସ୍ୱର୍ଗାରୋହଣ କରିଛନ୍ତି । ପୁରୀ ଜିଲ୍ଲା ହାଇସ୍କୁଲରେ ପାଠ ପଢୁଥିବା ସମୟରେ ନୀଳକଣ୍ଠ, ଗୋପବନ୍ଧୁ, ଆର୍ତ୍ତତ୍ରାଣ ହରିହର ଓ ପ୍ରଚାରକ ଅନନ୍ତ ମିଶ୍ର ପ୍ରଭୃତି ଭାର୍ଗବୀ କୂଳରେ ଶପଥ ନେଇଥିଲେ ଯେ ସେମାନେ ସରକାରୀ ଚାକିରି କରିବେ ନାହିଁ । ଦେଶ ପାଇଁ କିଛି କରିବେ ଓ ଜନ୍ମ ବେଳକୁ ଦେଖିଥିବା ଦେଶକୁ ମୃତ୍ୟୁ ପୂର୍ବରୁ ଆହୁରି ଉନ୍ନତତର କରିବେ । ୧୯୦୪ରେ ସେ ମଧୁସୂଦନଙ୍କ ଦ୍ୱାରା ଆୟୋଜିତ ସଭାରେ ବିଦେଶୀ ଦ୍ରବ୍ୟ ବ୍ୟବହାର ନକରିବା ପାଇଁ ଶପଥ ପତ୍ରରେ ସ୍ୱାକ୍ଷର କରିଥିଲେ । ୧୯୦୯ରେ ବି.ଏ. ପାସ୍ କରିବା ପରେ ସେ ବନବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ହୋଇଥିଲେ । ୧୯୧୧ରେ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପାସ୍ କରିବା ପରେ ସେ ବନବିଦ୍ୟାଳୟର କୁଳପତି ତଥା ସତ୍ୟବାଦୀ ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ହୋଇଥିଲେ । ୧୯୧୮ରେ ସେ କୁଳପତି ପଦ ତ୍ୟାଗ କରିଥିଲେ ।୧୯୨୦ରେ ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଅନୁରୋଧରେ ସେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ ବିଭାଗର ପ୍ରାଧ୍ୟାପକ ପଦ ମଣ୍ଡନ କରିଥିଲେ । ୧୯୨୧ରେ ପ୍ରାଧ୍ୟାପକ ପଦରୁ ଇସ୍ତଫା ଦେଇ ଅସହଯୋଗ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ ଓ 'ସେବା' ଶୀର୍ଷକ ସାପ୍ତାହିକ ପତ୍ରିକାର ସଂପାଦନା କରିଥିଲେ । ୧୯୨୪ରେ ସେ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ମୋତିଲାଲ ନେହେରୁ ଥିଲେ ବ୍ୟବସ୍ଥାପକ

Digitized by PPRACHIN, SOA

ସଭାର ଅଧ୍ୟକ୍ଷ । ସେ ୧୯୨୪, ୧୯୨୬, ୧୯୩୦, ୧୯୩୫ ୫ଥର କଂଗ୍ରେସ ସ୍ୱରାଜ୍ୟପାର୍ଟିର ସର୍ବଭାରତୀୟ ସଂପାଦକ ହୋଇଥିଲେ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ପରେ କିଛି ଦିନ ସେ 'ସମାଜ'ର ସମ୍ପାଦନା କରିଥିଲେ । ୧୯୩୦ରେ ବ୍ୟବସ୍ଥାପକ ସଭାକୁ ତୃତୀୟ ଥର ନିର୍ବାଚିତ ହେବାର ୧୨ ଦିନ ପରେ ସେ ଇସ୍ତଫା ଦେଇଥିଲେ । ତାପରେ ଲବଣ ସତ୍ୟାଗ୍ରହ କରି ଛଅମାସ ପାଇଁ କାରାବରଣ କରିଥିଲେ । ଜେଲ୍‌ରୁ ଫେରି ସେ ବାରାଣସୀରେ ହେଉଥିବା "ଶିକ୍ଷାରେ ଆଦର୍ଶମୂଳକ ଦୃଷ୍ଟିଭଙ୍ଗୀ" ସନ୍ଦର୍ଭ ଉପସ୍ଥାପନ କରି ଆଲୋଚନାକୁ ଆସିଥିଲେ । ୧୯୩୧ରେ ଜାତୀୟ କଂଗ୍ରେସର ପୁରୀ ଅଧିବେଶନ ଆୟୋଜକ କମିଟିର ସେ ଥିଲେ ସଭାପତି । ୧୯୩୪ରେ 'ନବଭାରତ' ପ୍ରତିଷ୍ଠା ତାଙ୍କ ଜୀବନର ଅନ୍ୟ ଏକ ଉଜ୍ଜ୍ୱଳ ଦିଗନ୍ତ ଉନ୍ମୋଚନ ସରିଥିଲା । ଓଡ଼ିଶାର ବହୁ ବରେଣ୍ୟ ସାହିତ୍ୟ ସ୍ରଷ୍ଟାଙ୍କର ପ୍ରାଥମିକ ରଚନାମାନ 'ନବଭାରତ'ରେ ସ୍ଥାନିତ କରି ସତେ ଯେପରି ସେ ସଚେତନ ସାହିତ୍ୟ ସ୍ରଷ୍ଟାମାନଙ୍କ ଲେଖନୀଙ୍କୁ ସମର୍ଥ କରାଇଥିଲେ ।

୧୯୩୪-୩୭ ସେ ଥିଲେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି । ୧୯୩୬ରେ 'ଲୋକମତ' ଶୀର୍ଷକ ସାପ୍ତାହିକ ପତ୍ରିକା ସେ ସଂପାଦନା କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାପନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୩୯ରେ ସେ ପ୍ରାଦେଶିକ କଂଗ୍ରେସ ପାର୍ଟିର ସଭାପତି ହେଲେ ଓ ମନ ନ ମାନିବାରୁ ସେଥିରୁ ଇସ୍ତଫା ଦେଇଥିଲେ । ୧୯୪୨ରେ କଂଗ୍ରେସରୁ ଇସ୍ତଫା ଦେଇ ସେ ୧୯୫୨ ରେ "ସ୍ୱାଧୀନ ଜନସମ୍ପାଦକ" ନାମକ ନୂତନ ରାଜନୀତିକ ଦଳ ଗଠନ କରିଥିଲେ ଓ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୪ରେ ସେ ପୁନର୍ବାର କଂଗ୍ରେସରେ ଯୋଗ ଦେଇଥିଲେ । ୧୯୫୫ରେ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନସୂଚକ D.Litt. ପ୍ରଦାନ କରାଯାଇଥିଲା ଓ ସେ Prochancellar ପଦରେ ଅଧିଷ୍ଠିତ ହୋଇଥିଲେ । ୧୯୫୭ରେ ସେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ବାଚସ୍ପତି ପଦଗ୍ରହଣ କରିଥିଲେ । ୧୯୫୮ରେ ସେ ରାଷ୍ଟ୍ରପତି ରାଜେନ୍ଦ୍ରପ୍ରସାଦଙ୍କଠାରୁ ପଦ୍ମଭୂଷଣ ଉପାଧି ଗ୍ରହଣ କରିଥିଲେ । ସେ ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଦସ୍ୟ ଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଥିଲେ । ୧୯୬୩ରେ ନିଜର ଆତ୍ମଜୀବନୀ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୁରସ୍କାର ଲାଭ କରିଥିଲେ । ଏ ଯାହା ସବୁ ଏଠାରେ ଉଲ୍ଲେଖ କରା ଯାଇଛି ତାହା ନୀଳକଣ୍ଠଙ୍କର ଜୀବନର ବିଭିନ୍ନ ପାହାଚର ତାଲିକା ମାତ୍ର । ତା ବାହାରେ ଓଡ଼ିଆ ସାହିତ୍ୟକୁ ଭଲପାଉଥିବା, ଶିଶୁ ମନରେ ନୈତିକତା ସୃଷ୍ଟିରେ କ୍ଷମ, ଆଦର୍ଶ ମୂଲ୍ୟବୋଧପଣ୍ଡିତ ଜୀବନର ବାର୍ତ୍ତା ଦେଉଥିବା ନୀଳକଣ୍ଠଙ୍କୁ ଆଲୋଚନା କରିବା ଆମର ଉଦ୍ଦେଶ୍ୟ । କେବଳ ସେତିକି ନୁହେଁ ପାଶ୍ଚାତ୍ୟଜଗତର ଅମୂଲ୍ୟ ଗ୍ରନ୍ଥମାନ ଅନୁବାଦ କରି ସେ ଓଡ଼ିଆ ସାହିତ୍ୟର ପରିସରକୁ ବ୍ୟାପକ କରିଛନ୍ତି ଓ ଓଡ଼ିଶାର ଇତିହାସ କିମ୍ବଦନ୍ତୀକୁ ପୁନର୍ବାର ଉଜ୍ଜୀବିତ କରାଇ ସେ ଓଡ଼ିଆ ସାହିତ୍ୟକୁ ଗଭୀରତା ତଥା ଭାବଗାମ୍ଭୀର୍ଯ୍ୟ ପ୍ରଦାନ କରିଛନ୍ତି ।

Digitized by PPRACHIN, SOA

ସାହିତ୍ୟ, ରାଜନୀତି, ସମାଜସେବା ତଥା ଶିକ୍ଷା ସଂପୃକ୍ତିକୁ ନେଇ ତାଙ୍କର ବ୍ୟକ୍ତିତ୍ୱ ଗଠିତ । ଖାରବେଳ, ପ୍ରଣୟିନୀ, କୋଣାର୍କେ, ଦାସନାୟକ ପ୍ରଭୃତି ତାଙ୍କ ରଚିତ କାବ୍ୟ । ଖାରବେଳକୁ ଅନେକ ଆଲୋଚକ ଚରିତ ପୁରାଣ ପର୍ଯ୍ୟାୟବାଚୀ ବୋଲି କହିଥାଆନ୍ତି । ପ୍ରଣୟିନୀ Tennysonଙ୍କର Princessର ଛାୟାନୁବାଦ । ଦାସନାୟକ Tennysonଙ୍କର Enoch Ardenର ଛାୟାନୁବାଦ । Victorian ageର ନୈତିକ 'ଆଦର୍ଶ ଓ ସ୍ୱଦେଶ ଗରିମାର ସଂପୂର୍ଣ୍ଣ ପ୍ରତିଫଳନ ଏହି କାବ୍ୟଗୁଡ଼ିକରେ ପରିଦୃଷ୍ଟ ହୋଇଥାଏ । ଗୌରବାବହ ଇତିହାସକୁ 'କୋଣାର୍କେ'ରେ ନୀଳକଣ୍ଠ ଜୀବନ୍ତ କରିଛନ୍ତି । କୋଣାର୍କକୁ ଉପଲକ୍ଷ କରି ସେ ଉତ୍କଳ ଇତିହାସର ଛିନ୍ନ ପୃଷ୍ଠାମାନଙ୍କୁ ଏକତ୍ର କରିଛନ୍ତି । କାଳର ପ୍ରତିଲୋମରେ ଯାଇ ଭେଟିଛନ୍ତି ଅନେକ ଐତିହାସିକ ତଥା କିମ୍ବଦନ୍ତୀର ଗାଥା । ବନବିଦ୍ୟାଳୟର ଛାତ୍ରମାନଙ୍କୁ ସେ କହନ୍ତି :-

ଅତୀତ- ବିଭବ କାହାଣୀ ବହି ବିବିଧ ରଙ୍ଗେ
ଆମ୍ଭାକୁ ବିସୋରି ମିଶିବେ ପୂର୍ବପୁରୁଷ ସଂଗେ
ଅତୀତୁଁ ଅତୀତ ପ୍ରସାରେ ବହି ଜୀବନଧାରା
ବ୍ୟାପିଯିବ ମହାବିସ୍ତାରେ ଭେଦି ଶରୀରକାରା ।

କବି ନୀଳକଣ୍ଠଙ୍କୁ ମହାନ୍ କବି ଭବଭୂତିଙ୍କ ସହିତ ତୁଳନା କରାଯାଇଥାଏ । ଭବଭୂତିଙ୍କ ପ୍ରକୃତି ଦୁର୍ଦ୍ଦମନୀୟ । ମାତ୍ର ମନୁଷ୍ୟକୁ ଆତ୍ମନିର୍ଭରଶୀଳ କରିବା ସହିତ ସେ କବିକୁ ସୃଷ୍ଟିଶୀଳ କରାଇଥାଏ । ଭବଭୂତିଙ୍କ ଭଳି ନୀଳକଣ୍ଠ କରୁଣରସର ପ୍ରାଧାନ୍ୟକୁ ସ୍ୱୀକାର କରିଛନ୍ତି । ପ୍ରସିଦ୍ଧ ଇଂରାଜୀ କବି Byronଙ୍କର The Child Harold's Pilgrimageରେ ରୋମୀୟ ଗୌରବ ପ୍ରଖ୍ୟାପନ ପାଇଁ ଅତୀତର ସ୍ମୃତିଚାରଣ ଯେଉଁଭଳି କରାଯାଇଛି ସେହିଭଳି ନୀଳକଣ୍ଠ ଅତୀତର ପ୍ରାଣୋଚ୍ଛଳ ବର୍ଣ୍ଣନା କଲାବେଳେ ରୋମାଣ୍ଟିକ ଦୃଷ୍ଟିଭଙ୍ଗୀକୁ ଆପଣେଇଛନ୍ତି । ରୋମାଣ୍ଟିକ୍ ଧାରାରେ ଦୁଃଖବାଦ ଏକ ବିଭବ । ସେହି ଦୃଷ୍ଟିରୁ ନୀଳକଣ୍ଠ ଦୁଃଖବାଦୀ ।

ଅନୁଗୋଳ ରାଜାଙ୍କର ରାଟବଂଶର ଜଣେ ଭିକାରୀଠାରୁ ଶୁଣିଥିବା କିମ୍ବଦନ୍ତୀକୁ ସେ 'ମାୟାଦେବୀ'ରେ ରୂପ ଦେଇଛନ୍ତି । ତାଙ୍କ ନିଜ ଭାଷାରେ– "××× ଏଇ ଲୋକଟି ସଙ୍ଗେ କଥାବାର୍ତ୍ତା ହୋଇ ମୋ ମନରେ ଯାହା ହେଲା କହିବା ଦରକାର ନାହିଁ । ସେତିକିବେଳେ ଇଂରେଜ କବି ସ୍କଟଙ୍କର "Lay of the last ministral" ମନେ ପଡ଼ିଥିଲା । ମୁଁ ଭାବିଥିଲି ଏହିପରି ଗୋଟିଏ ଭାଟକୁ ଦେଖି ସ୍କଟ ସେ କାବ୍ୟଟି ଲେଖିଥିଲେ । ଏବେ କୋଣାର୍କ ନିର୍ମାଣ କଥା ଲେଖିବାକୁ ବସି ସେଇ ଭାଟ କଥାଟି ମନେପଡ଼ିଲା । ମୁଁ 'ମାୟାଦେବୀ' କାବ୍ୟ ଲେଖିବାକୁ ବସି ପୁଣି ସପ୍ତାହକେ ଶେଷ କରି ପକାଇଲି ।" 'ଖାରବେଳ' କାବ୍ୟର ମୁଖ୍ୟ ନାରୀଚରିତ୍ର ଧୂସୀ ଓଡ଼ିଆ ସାହିତ୍ୟରେ ଏକ ଅନୁପମ ସଂଯୋଜକ । କୃଷକ ସୈନ୍ୟଙ୍କର ସେନାପତି ଧୂସୀ ପୁରୁଷ ବେଶରେ ରଣାଙ୍ଗନରେ

Digitized by PPRACHIN, SOA

ଉପନୀତା । ସେ ଖାରବେଳଙ୍କ ପ୍ରତି ଆକୃଷ୍ଟ । ଗ୍ରୀକ୍‌ବୀର ଦତ୍ତିମଙ୍କ ଆକ୍ରମଣକୁ ପ୍ରତିହତ କରିବାପାଇଁ ଖାରବେଳ ଓ ଧୂସୀ ଏକତ୍ର ଯୁଦ୍ଧ କରିଛନ୍ତି । ନାରୀ ଚରିତ୍ରରେ ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟର ସମାହାର ଧୂସୀକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି । (ଆମେ ଭଷାରେ ଶୌର୍ଯ୍ୟ ଓ ସୌନ୍ଦର୍ଯ୍ୟର ସମନ୍ୱୟ ଦେଖିଥିଲୁ ମାତ୍ର ତାହା ଥିଲା କ୍ଷଣସ୍ଥାୟୀ । ତାର କୌଣସି ସାଫଲ୍ୟ ନଥିଲା)

୧୯୨୩ରେ ହଜାରିବାଗ ଜେଲ୍‌ରେ ଥିବାବେଳେ ସେ Enoch Arden ଅନୁସରଣରେ 'ଦାସନାୟକ' ରଚନା କରିଥିଲେ । ଏତା ଗ୍ରାମ୍ୟ ଭାଷାରେ ରଚିତ । ଦାସ ଲକ୍ଷ୍ମଣ ଓ ମେଲା (Enode, Phillp ଓ Annie) ଚରିତ୍ର ଉତ୍କଳୀୟ ପରିବେଶରେ ପରିପୁଷ୍ଟ । ତ୍ୟାଗ ଓ ପ୍ରେମର ସୁଷମ ସମନ୍ୱୟରେ ଗଠିତ ଏହି ନାରୀ 'ମେଲା' ଧୈର୍ଯ୍ୟର ଅନନ୍ୟସାଧାରଣ ପରାକାଷ୍ଠା ଦେଖାଇପାରିନୁ । 'ଦାସନାୟକ' ଅବତରଣିକାରେ ସେ ଲେଖିଛନ୍ତି । ନାରୀର ସ୍ୱଭାବସୁଲଭ ସତୀତ୍ୱ ଓ ପୁରୁଷର ସାଧୁ ଓ ସୁକଠୋର ପ୍ରୀତିସାଧନ ସାହିତ୍ୟ ରାଜ୍ୟର ଗୋଟିଏ ନୂତନ ବିଭବ । ଏ ବିଭାବ ମଧ ଏ କାବ୍ୟପ୍ରତି ମୋର ଆଦର ବଢ଼ାଇଥିଲା । ଏ କଥା କହି ରଖିବା ଉଚିତ ମନେ କରେ । ସମାଜରେ ନିମ୍ନବର୍ଗର ବ୍ୟକ୍ତିମାନଙ୍କର ଜୀବନ ସଂଗ୍ରାମ, ଉନ୍ନତ ନୈତିକ ଭାବନା, ପ୍ରଣୟର ମହତ୍ତ୍ୱରକ୍ଷା, ତ୍ୟାଗନିଷ୍ଠ ଦାମ୍ପତ୍ୟ ଜୀବନର ଚିତ୍ର ଏହି କାବ୍ୟରେ ପ୍ରତିଫଳିତ । ନୀଳକଣ୍ଠ ଯୁକ୍ତିପ୍ରବଣ ଅସାଧାରଣ ବାଗ୍ମୀ । ସେ ପାରମ୍ପରିକ ମୂଲ୍ୟବୋଧର ଉପାସକ । ତେଣୁ ତାଙ୍କ ସୃଷ୍ଟିରେ ପ୍ରେମର ବର୍ଣ୍ଣନା ସର୍ବଦା ତ୍ୟାଗପିଣ୍ଡିତ କରୁଣ ଓ ଅସାଧାରଣ । 'କୋଣାର୍କେ' ତାଙ୍କର କାବ୍ୟ ସମୂହର ମଧ-ମଣି ସଦୃଶ । ଏହି 'କୋଣାର୍କେ'ର ସ୍ୱାତନ୍ତ୍ର୍ୟ ବହୁ ପାଠକଙ୍କୁ ବହୁ ଭାବରେ ଉଦ୍‌ବୁଦ୍ଧ କରିଆସିଛି । କବି ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ମତରେ, "ଯଥାର୍ଥରେ ଏହା ଏକ ମାନସିକ ଭ୍ରମଣ । ସଂସ୍କୃତିରୁ ସଂସ୍କୃତିକୁ । ବିଦଗ୍ଧର ଅନୁଭବ୍ୟ; କିନ୍ତୁ ଅଲୌକିକ ଆନନ୍ଦର ଲୀଳା ବିଳାସ କାବ୍ୟିକ ଭାଷାରେ ଏଥିରେ ରୂପାୟିତ ହୋଇପାରି ନାହିଁ ।"

ନୀଳକଣ୍ଠଙ୍କର କବିତା ରଚନା ତାଙ୍କର ସଂସ୍କାରପ୍ରୟାସୀ ମନୋଭାବର ଦ୍ୟୋତକ । ସେ ପ୍ରଥମେ 'କୋଣାର୍କେ'ରେ ରାଧାନାଥଙ୍କୁ ସମାଲୋଚନା କରିଛନ୍ତି । ରାଧାନାଥଙ୍କର ବିଜାତୀୟ ପ୍ରେମର ଚିତ୍ର ଓ କାବ୍ୟିକ ପରିଣତିରେ ବିଚ୍ଛେଦର ଇଚ୍ଛାକୃତ ରୂପାୟନ ତାଙ୍କୁ ସୁଖକର ହୋଇନାହିଁ । ତେଣୁ ସେ କହନ୍ତି-

"ଘର ଛାଡ଼ି କିମ୍ପା ଯିବେ ସେ ବୀରବାଳା ନନ୍ଦିକା
ସହକାର କୁଞ୍ଜ ଗହଳେ ଭେଦି କ୍ଷୀଣଚନ୍ଦ୍ରିକା ---' ଇତ୍ୟାଦି ।

ଏଭଳି ସମାଲୋଚନା ଯେ ବହୁପାଠିତା, ଯୁକ୍ତିସଂଗତି ଓ ଦୃଢ଼ ପ୍ରକାଶଭଙ୍ଗୀର ସମନ୍ୱୟ ଏହା ପାଠକମାତ୍ରେ ଅନୁଭବ କରିପାରେ । ରାଧାନାଥଙ୍କୁ ସମାଲୋଚନା କରିଥିଲେ ହେଁ ନୀଳକଣ୍ଠ ଅନେକତ୍ର ରାଧାନାଥ ବର୍ଣ୍ଣନାକୁଶଳତାକୁ ଅତିକ୍ରମ କରିପାରିନାହାନ୍ତି । ପ୍ରଭାତ ଓ ସନ୍ଧ୍ୟାର ବର୍ଣ୍ଣନା 'ଖାରବେଳ' କାବ୍ୟରେ ରାଧାନାଥ ବର୍ଣ୍ଣନାବିଳାସର ସ୍ମରଣ

Digitized by PPRACHIN, SOA

କରାଇଦିଏ । ସେହିପରି ଧୂସୀ ଓ ଖାରବେଳଙ୍କ ମିଳନକାଳୀନ ବର୍ଣ୍ଣନାରେ ମାନସିକ ଭାବାବେଗ ଓ ପ୍ରାକୃତିକ ବିଭାବର ବର୍ଣ୍ଣନା ଏହିପରି -

ଧୀରେ ଧୀରେ ଝରେ ଶାରଦ ଚାନ୍ଦିନୀ ରଜତେ ଧବଳି ବେଶ
ଲାଜେ ଭୟେ ଯଥା ତରୁଣୀ ପରାଣେ ନବ ଅନୁରାଗ ହାସ
ଉପଳ ଶୟନେ ଝରଇ ତଟିନୀ ସିନ୍ଧୁ ଅନୁରାଗ ଥରି ଥରି
ଉପଳ ଆସନେ ବସିଛି ସୁନ୍ଦରୀ ନବ ଅନୁରାଗ ସ୍ମରି
ଭାସିଯାଏ କିବା ପରାଣ ସୁଦୂରେ କେଉଁ ମହାସିନ୍ଧୁ ଆଶେ
ଥରି ଥରି ସତେ ଉଠଇ ମରମେ ଭାଳିଭାଗ୍ୟ ପରିହାସେ"

କାବ୍ୟ ମଧ୍ୟରେ ଯୌବନ କାଳର ପ୍ରଭାବ ଓ ପ୍ରତିଷ୍ଠା ସଂପର୍କରେ ସେ ଦାର୍ଶନିକ ବ୍ୟାଖ୍ୟା କରିଛନ୍ତି ଯାହା ତାଙ୍କର ବିଶିଷ୍ଟ ପ୍ରବନ୍ଧ 'ଯୌବନର ପ୍ରଭାବ ଓ ପ୍ରତିଷ୍ଠା'ରେ ଲକ୍ଷ୍ୟ କରାଯାଏ ।

ନୀଳକଣ୍ଠଙ୍କର ନାରୀ କେବଳ ପ୍ରେମିକା ନୁହେଁ, ସେ ବୀରାଙ୍ଗନା, ଦେଶପାଇଁ ସମର୍ପିତା । ଖାରବେଳ, ନରସିଂହ, ମାୟାଦେବୀ, ଧୂସୀଙ୍କର ପ୍ରଣୟ କେବଳ ପରିଣୟରେ ସୀମିତ ନୁହେଁ ତହିଁରେ ଅଗ୍ରଗାମୀ ଯୁବଶକ୍ତିର ଉଦ୍ଦାମ ସ୍ୱର ନିହିତ । ଉପମା ଓ ରୂପକ ପ୍ରୟୋଗରେ ତାଙ୍କର ସ୍ୱାତନ୍ତ୍ର୍ୟ କାବ୍ୟର ଅନେକତ୍ର ପରିଲକ୍ଷିତ ହୁଏ । ଖାରବେଳଙ୍କର ପ୍ରଥମ ଦର୍ଶନରେ ଧୂସୀ ବିହ୍ୱଳିତା, ସଖୀମାନଙ୍କର ପରିହାସରେ ସେ ଯେଉଁ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି କବିଙ୍କ ଭାଷାରେ

'ପ୍ରାବୃଟ ନିଶୀଥେ ଚନ୍ଦ୍ରଦୀପ ପରି ଜଳୁଥିଲା ଅନୁରାଗ "ବର୍ଷାକାଳରେ ପ୍ରଦୀପ ଲିଭିଯିବା ସ୍ୱାଭାବିକ ମାତ୍ର ଚନ୍ଦ୍ରଦୀପ ଲିଭିବା ସମ୍ଭବ ନୁହେଁ । ସେହି ଚନ୍ଦ୍ରର ନିର୍ବାତ ଦୀପଶିଖା ଧୂସୀଙ୍କ ଅନ୍ତରତଳେ ଜଳୁଥିଲା, ପୁନଶ୍ଚ ଧୂସୀ ଚରିତ୍ର ଏହିପରି

"ରମଣୀ ରହସ୍ୟ ଭବେ ବିସ୍ମୟବତ, ସୁକୁମାରୀ ରମଣୀର ଅସୀମ ବଳ
କାଳଚଣ୍ଡୀ ସେହି ସେହି ଭୁବନେଶ୍ୱରୀ, ଗିରୀଶ ସଂଯମ ନାଶୀ ସେହି ଗଉରୀ"

ବିଭିନ୍ନ ବେଦ, ଗୀତା ଓ ଉପନିଷଦ ଇତ୍ୟାଦିର ମନ୍ତ୍ରର ଅନୁବାଦ 'ଉପାସନା' ଶୀର୍ଷକରେ ପ୍ରକାଶିତ । ଅଧ୍ୟାତ୍ମ ଶାସ୍ତ୍ର ଭଗବଦ୍ ଗୀତା, ଶ୍ୱେତାଶ୍ୱେତର ଉପନିଷଦ, ଛାନ୍ଦୋଗ୍ୟ ଉପନିଷଦ ପ୍ରଭୃତିରେ ନୀଳକଣ୍ଠଙ୍କର ଗଭୀର ଅନୁପ୍ରବେଶ ଥିଲା । ବୃହଦାରଣ୍ୟକ ଉପନିଷଦର "ଅସତୋଂ ମାଂ ସଦଗମୟ, ତମସୋଃମାଂ ଜ୍ୟୋତିର୍ଗମୟ, ମୃତ୍ୟୋଃର୍ମାଂ ଅମୃତଂଗମୟ" ର ଅନୁବାଦ ଏହିଭଳି -

"ଅସତ୍ୟ ଏ ମର ଦେହ ସତ୍ୟରୂପୀ ତୁମ୍ଭେ
ନିଅ ମୋତେ ସେ ସତ୍ୟ ବିଭବେ

Digitized by PPRACHIN, SOA

ଅନ୍ଧକାରେ ମୃତ୍ୟୁରାଜ୍ୟେ ପଡ଼ିଅଛି ମୁହିଁ
ଅମୃତ ସେ ଜ୍ୟୋତି ରାଜ୍ୟ ତବ ବିନା କେବେ କି ସମ୍ଭବେ ?"

ଶ୍ୱେତାଶ୍ୱେତର ଉପନିଷଦର ଶ୍ଳୋକ-

"ବେଦାହ ମେତଂ ପୁରୁଷଂ ମହାନ୍ତଂ ଅନିତ୍ୟ ବର୍ଣ୍ଣଂ ତମସ୍ୟୟଃ ପରସ୍ତାତ୍
ତ୍ୱମେବ ବିଦିତ୍ୱାମତି ମୃତ୍ୟୁମେତି ନାନ୍ୟପନ୍ଥା ବିଦ୍ୟତେ ଅୟନାମ୍"ର ଅନୁବାଦ

"ତମୋମୟ ମରରାଜ୍ୟ ଅତୀତ ଜଗତେ
ତବସତ୍ତା, ଜ୍ୟୋତିର୍ମୟ ହେ ମହାପୁରୁଷ
ଜ୍ଞାନମୋର ପରାହତ ସେ ତତ୍ତ୍ୱ ଚିନ୍ତନେ
ମୃତ୍ୟୁପାରେ ତାହା ମୁହିଁ ମୃତ୍ୟୁର କିଙ୍କର
ବନ୍ଦେ ଦେବ ଦିଅ ଜ୍ଞାନ ହେଉ ଗତି ମୋର
ସଦ୍‌ଗତିର ପନ୍ଥା ଆଉ ନାହିଁ ତ୍ରିଜଗତେ"

ଏହି ପର୍ଯ୍ୟାୟର କବିତାରେ ନୀଳକଣ୍ଠ ମଧୁସୂଦନଙ୍କର ବ୍ରହ୍ମବାଦିତା ସହିତ ଯୋଗସୂତ୍ର ରକ୍ଷା କରିଛନ୍ତି । ମାତ୍ର ମଧୁସୂଦନଙ୍କର ଭକ୍ତିମତ୍ତା ସହିତ ତାଙ୍କର ଚିନ୍ତାସାମ୍ୟ ଦେଖାଯାଏ ନାହିଁ । ଭକ୍ତି ଗଦ୍‌ଗଦ୍ ଭାବନାକୁ ସେ ସ୍ଥଳବିଶେଷରେ ଭାକ୍ତିକମିଥ୍ୟା ବୋଲି ସମାଲୋଚନା କରିଛନ୍ତି । ଜଗନ୍ନାଥ ତାଙ୍କ ପାଇଁ କୈବଲ୍ୟଦାତା ନୁହନ୍ତି ଓଡ଼ିଶା ଜାତୀୟତାର ପ୍ରାଣପୁରୁଷ । ଉତ୍କଳୀୟମାନଙ୍କୁ ଜୟଯୁକ୍ତ କରିବାପାଇଁ ଦେବତା ମଧ୍ୟ କଳାଘୋଡ଼ା ଓ ଧଳାଘୋଡ଼ାରେ ଚଢ଼ି ଯୁଦ୍ଧ ପାଇଁ ଅଭିଯାନ କରନ୍ତି । 'କୋଣାର୍କେ' ରୁ

"ଜଗନ୍ନାଥେ ବିଜେ କରିବେ କଳା ତୁରଗ ଚଢ଼ି
ପଦ୍ମାବତୀ ଜିଣି ଆଣିବେ ନୃପକୁଳ କେଶରୀ"

କୃଷ୍ଣପୁତ୍ର ଶାମ୍ବ ବ୍ୟାଧିମୁକ୍ତ ହେବାପାଇଁ ଉତ୍କଳ ଆସିଥିଲେ । ଯଯାତିକେଶରୀଙ୍କ ଅଶ୍ୱମେଧ ଯଜ୍ଞାନୁଷ୍ଠାନ ଶବ୍ଦପରିବ୍ରାଜକମାନଙ୍କର ଓଡ଼ିଶା ପ୍ରତି ସମ୍ମାନବୋଧ, ଚିତ୍ର ଓ ଉତ୍କଳଙ୍କ ମନସ୍କାମନା ପୂର୍ତ୍ତି, ଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ବିଦ୍ୟାପତିଙ୍କର ଓଡ଼ିଶା ଆଗମନ, ଖ୍ରୀ: ପୂ: ୩ୟ ଶତାବ୍ଦୀରେ ରାଜା ଅଶୋକଙ୍କର ଧଉଳିରେ ଖୋଦିତ ଅନୁଶାସନ, ବୀର ଖାରବେଳଙ୍କର ସପତ୍ନୀକ ଖଣ୍ଡଗିରିରେ ସନ୍ନ୍ୟାସୀ ଭାବେ ଅବସ୍ଥାନ, ଶତଶତ ତୀର୍ଥଙ୍କର ଓ ବୌଦ୍ଧଭିକ୍ଷୁଙ୍କର ଧର୍ମଚର୍ଚ୍ଚା ଇତ୍ୟାଦି ବିଷୟ 'କୋଣାର୍କେ' କାବ୍ୟରେ ରୂପାୟିତ ହୋଇଛି । ଉତ୍କଳରେ ରାଜାପ୍ରଜାଙ୍କର ସଂପର୍କ ରାଜାମାନଙ୍କ କୀର୍ତ୍ତି, ସୈନିକମାନଙ୍କର ବୀରତ୍ୱ ଓ ରାଜ୍ୟବିସ୍ତାର ସଂପର୍କୀୟ ଘଟଣା ସହିତ ବଙ୍ଗ ବିରୁଦ୍ଧରେ ଅଭିଯାନ କାଳରେ ଆକବରଙ୍କର ଓଡ଼ିଶା ରାଜାଙ୍କୁ ସାହାଯ୍ୟ ଭିକ୍ଷାର ସଂକେତ 'କୋଣାର୍କେ'କୁ ମହିମାମଣ୍ଡିତ କରିଛି ।

"ବାଦଶାହା ଦୂତ ପୋଷିବେ ବାରବାଟୀ ଦୁଆରେ
ବାରବାଟୀ ସାହା ହୋଇବ ତୁଙ୍ଗ ସେ ଆକବରେ"

Digitized by PPRACHIN, SOA

ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ଭାଷାରେ "ବିଶ୍ୱ ମହାସମର ପରେ ଆତ୍ମସଚେତନ, ଇତିହାସ ସଚେତନ କବି 'ଆତ୍ମସ୍ଥ' ହେବାକୁ ଉଦ୍‌ବୋଧନ ଦେଲେ। ସ୍ୱପ୍ନରେ ଅନୁଭବରେ, ଜୀବନର ମହତ୍ତର ଆଦର୍ଶବୋଧରେ ଗରିମାମୟ ଜାତୀୟ ଇତିହାସକୁ ନୂତନ ଭାବେ ଆବିଷ୍କାର କଲେ। ଏହା ହିଁ କୋଣାର୍କ"। ଧର୍ମକୁ ସେ ଆତ୍ମଶୁଦ୍ଧି ଅର୍ଥରେ ଗ୍ରହଣ କରିଥିଲେ। ତେଣୁ ଶ୍ରୀପଞ୍ଚମୀ କବିତାରେ -

"ଭାରତ ପତିତ ଆଜି        ହୀନ ଆର୍ଯ୍ୟ ହିନ୍ଦୁ
    ହରାଇଲୁ ଜ୍ଞାନର ସେ ସ୍ନେହ
ତୂଳୀରେ ପ୍ରତିମା ରଚି        ନାରିକେଳ ପରେ
    ଗଢ଼େ ତେଣୁ ଭୌତିକ ବିଗ୍ରହ
ସୁସ୍ୱାଦୁ ମିଷ୍ଟାନ୍ନ ଖାଇ        ଉପବାସ କରେ
    ଅର୍ଚ୍ଚନା ସେ କରଇ ଜ୍ଞାନର
ଭୂତି ଅତି ଭୂତି        ଭେଦ ଭୁଲିଣ ସତତ
    ହେଉଅଛି ଅଜ୍ଞାନ ବର୍ବର"

କାବ୍ୟ କବିତା, ପ୍ରବନ୍ଧ, ଶିଶୁକବିତା ବା ଅନୁବାଦ କର୍ମ ବ୍ୟକ୍ତି ନିଜ ଆଗ୍ରହ ବା ପରିସ୍ଥିତିର ଦାୟରେ କରିଥାଏ ମାତ୍ର ସଂପାଦନାକର୍ମ ଏହାଠାରୁ ଭିନ୍ନ। ସଂପାଦକ ସଂକଳକ ମାତ୍ର ନୁହେଁ ସେ ସୃଷ୍ଟିର ପରିମାର୍ଜନ କରେ, ନୂତନ ସ୍ରଷ୍ଟାଙ୍କୁ ଆତ୍ମବିଶ୍ୱାସ ଦିଏ, ମୂଲ୍ୟବୋଧ ଭିତ୍ତିକ ରଚନାମାନ ଏକତ୍ର କରି ନିର୍ଦ୍ଦିଷ୍ଟ ସମୟରେ ପରିବେଷଣ କରେ। ସର୍ବୋପରି ନିଜ ସହିତ ଅନ୍ୟ ସମଧର୍ମୀଙ୍କର ସର୍ଜନଶୀଳତାର ସୁରକ୍ଷା ଦିଏ। ଓଡ଼ିଶାରେ ପୁଣି ଏହି କର୍ମ ଅର୍ଥକରୀ ନୁହେଁ ବରଂ ସେତିକି ସାମାଜିକ ଦାୟବଦ୍ଧତା ନ ରହିଲେ ଏତାଦୃଶ କର୍ମରେ ହାତଦେବା ସମ୍ଭବ ନୁହେଁ। ନୀଳକଣ୍ଠ ସତ୍ୟବାଦୀ ପତ୍ରିକା, ସମାଜ, ନବଭାରତ, ଉତ୍କଳ ସାହିତ୍ୟ, ପ୍ରଦୀପ, ଲୋକମତ ଓ ସେବା ଭଳି ପତ୍ରିକା ସହିତ ଜଡ଼ିତ ଥିଲେ। ଆଗ୍ରହ, ସାମର୍ଥ୍ୟ ଓ ବିଶ୍ୱାସକୁ ଏକତ୍ର କରି ଓଡ଼ିଶା ଜାତୀୟତା ସୃଷ୍ଟି ପାଇଁ ପୃଷ୍ଠଭୂମି ନିର୍ମାଣରେ ଏହି ପତ୍ରିକାମାନଙ୍କର ଗୁରୁତ୍ୱ ରହିଛି। ନବଭାରତ (୧୯୩୪)ରେ ବିରୂପାକ୍ଷ କର, ଶ୍ରଦ୍ଧାକର ସୂପକାର, ଗୋପୀନାଥ ମହାନ୍ତି, ରାଜକିଶୋର ପଟ୍ଟନାୟକ, ମାୟାଧର ମାନସିଂହ, ଲକ୍ଷ୍ମୀଧର ନାୟକ, ବିମ୍ବାଧର ବର୍ମା, ସରଳାଦେବୀ, ଚିନ୍ତାମଣି ମିଶ୍ର, ସଦାଶିବ ମିଶ୍ର, ଗିରିଜାଶଙ୍କର ରାୟ, କପିଳେଶ୍ୱର ଦାସ, ଶ୍ରୀବତ୍ସ ନାୟକ, ନବକିଶୋର ଦାସ, ଶଶିଭୂଷଣ ରାୟ ଓ ସୀତାଦେବୀ ଖାଡ଼ଙ୍ଗା ପ୍ରଭୃତିଙ୍କର ସୃଷ୍ଟି ସ୍ଥାନିତ ହୋଇଥିଲା। ଅର୍ଥାତ୍, ନୀଳକଣ୍ଠ ନିଜ ସମୟରେ ଓ ପରବର୍ତ୍ତୀ ସମୟର ନେତୃତ୍ୱ ନେବାପାଇଁ ଲେଖକବୃନ୍ଦଙ୍କୁ ସୃଷ୍ଟି କରିଥିଲେ।

ଯେଉଁ ସମୟରେ ଶିଶୁସାହିତ୍ୟ ରଚନାପାଇଁ ସ୍ୱତନ୍ତ୍ର ଲେଖକ ସୃଷ୍ଟି ହୋଇ ନଥିଲେ ସେତେବେଳେ ମଧୁସୂଦନ ରାଓ, ଗଂଗାଧର ମେହେର, ଗୋଦାବରୀଶ ମିଶ୍ର ତଥା ନୀଳକଣ୍ଠ

Digitized by PPRACHIN, SOA

ଦାସଙ୍କ ଭଳି ସଚେତନ ସ୍ରଷ୍ଟା ଏହି ଦାୟିତ୍ୱ ଆପେ ନିଜ ଉପରକୁ ଟୋକି ନେଇଥିଲେ । କାରଣ ସେମାନେ ହୃଦୟଙ୍ଗମ କରିଥିଲେ ଯେ ଗୋଟାଏ ପିଢ଼ିକୁ ଶିକ୍ଷିତ କରିବାର ପ୍ରୟାସ ବାଲ୍ୟକାଳରୁ ଆରମ୍ଭ କରିବା ହିଁ ଆବଶ୍ୟକ ।

ତାଙ୍କର କବିତାଗୁଡ଼ିକୁ ଆମେ ଜାତିପ୍ରୀତିମୂଳକ, ପ୍ରକୃତିପ୍ରୀତିମୂଳକ, ପାରିବାରିକ ମମତ୍ୱବୋଧର କବିତା ପଶୁପକ୍ଷୀ ପ୍ରୀତିମୂଳକ, ଶିକ୍ଷାମୂଳକ, ବର୍ଣ୍ଣନାତ୍ମକ ତଥା ଇତିହାସ ଓ କିମ୍ବଦନ୍ତୀମୂଳକ ଭାବେ ଆଲୋଚନା କରିବା, ଆଜି ଶିଶୁ ସାହିତ୍ୟକୁ ନେଇ ଆଲୋଚକମାନେ ସାଧାରଣତଃ ଏହିଭଳି ବିଭାଜନ କରି ଆଲୋଚନାର ପଥ ସୁଗମ କରୁଛନ୍ତି । ମୋ ଟିକି ଭଉଣୀ, ମୋ ଟିକି ଘର, ପ୍ରକୃତି ସହିତ ଆତ୍ମୀୟତା ପିଲା ଓ ଚଢ଼େଇ ଆ ମୋ ପାଟ, ଆମ ନେତ ପ୍ରଭୃତି ବେଶ୍ ଆକର୍ଷଣୀୟ ।

"ଆମ ନେତ ଗାଈ କେଡେ ସୁନ୍ଦର
ମୁଣ୍ଡରେ ଚନ୍ଦ କଳା ଲାଙ୍ଗୁଡ଼
ଶିଙ୍ଘଂ ଦିଓଟି ଗଜା
ଆସ ମୋ ବଉଳ ଆ'ରେ ହରି
ଦେଖିବ ଗୋଟେ ମଜା -"

ଗାଈ, କୁକୁର, ଚଢ଼େଇ, ଫୁଲଫଳ, ପ୍ରଜାପତି, କୁଆ, ଗଛ ଏସବୁ ଆମର ଶୈଶବ ଓ କୈଶୋରକୁ କେତେ ଐଶ୍ୱର୍ଯ୍ୟମୟ କରିଛନ୍ତି, ତାହା ଅବା ନଜାଣେ କିଏ । ମାଛି ଓ ବୁଢ଼ିଆଣୀ, ବେଙ୍ଗ ଓ ବୁଢ଼ିଆଣୀ ପ୍ରଭୃତି ଶିକ୍ଷାମୂଳକ କବିତା, ବୁଢ଼ିଆଣୀ ନିଜ ଜାଲରେ ମାଛିକୁ ପକାଇବାକୁ କପଟରେ ପାଖକୁ ଡାକେ । ବୁଢ଼ିଆଣୀ କହେ ତୁ କ୍ଳାନ୍ତ ହୋଇଛୁ । ଟିକେ ବିଶ୍ରାମ କର ।

ବୁଢ଼ିଆଣୀ- ଆସ ବାବୁ ବାଧି ଯିବଣି ଉଡ଼ି ଉଡ଼ି ଶୂନ୍ୟରେ
କହେ ବୁଢ଼ିଆଣୀ ଶୁଅ ହେ ଶେଯ ପଡ଼ିଛି ଘରେ
ପଡ଼ିଛି ଶେଯ ଯେ ଘରର କେଡ଼େ ସରୁ ସୁନ୍ଦର
ଚରିପଟେ ଟଣା ହୋଇଛି ବୁଣା ପାଟ ଝାଲର
ମାଛି - କହେ ମାଛି "ନାଇଁ, ନାଇଁ ହେ ଶୁଣି ଅଛଇ ମୁହିଁ
ତୁମ ଶେଯେ ଥରେ ଶୋଇଲେ ଆଉ ଉଠନ୍ତି ନାହିଁ"

ପରସ୍ପର ଚାତୁର୍ଯ୍ୟର ସହିତ ନିଜକୁ ବଞ୍ଚାଇବାର ପ୍ରୟାସ କରିଛନ୍ତି । ମାଛି ଶେଷରେ ତାକୁ ବେଳ ନାହିଁ କହି ବୁଢ଼ିଆଣୀର ଆତିଥ୍ୟ ଗ୍ରହଣ କରିନାହିଁ ।

ସେହିପରି କାହାଣୀରେ କାଞ୍ଚିଯୁଦ୍ଧ, ଶିବକର ଦେବ ଓ ପ୍ରାଜ୍ଞ, ଉତ୍କଳରେ ନାରୀ ସମ୍ରାଟ, ଚୈତନ୍ୟ ଓ ପ୍ରତାପରୁଦ୍ରଦେବ ଓ ରାୟରାମାନନ୍ଦ ଭଳି ଶିଶୁଉପଯୋଗୀ ଗଳ୍ପରେ ସେ ଶିଶୁମାନଙ୍କୁ ଓଡ଼ିଶା ଇତିହାସ ପରଷି ଦେଇଛନ୍ତି ।

Digitized by PPRACHIN, SOA

ଏ ପ୍ରବନ୍ଧରେ ମୁଖ୍ୟତଃ ଆମେ ନୀଳକଣ୍ଠଙ୍କର କବିତ୍ୱର ଆଲୋଚନା କରୁଛେ । ତେଣୁ ଅଛୁ ଓ ହେବୁ, ମୋନିଶ, ଯୌବନର ପ୍ରଭାବ ଓ ପ୍ରତିଷ୍ଠା, ପ୍ରତିଭା ପୂଜା ଓ ପ୍ରତିମାପୂଜା ଭଳି ତାଙ୍କର ଉଚ୍ଚକୋଟୀର ସଂସ୍କାରଧର୍ମୀ ଦାର୍ଶନିକ ପ୍ରବନ୍ଧଗୁଡ଼ିକ ସଂପର୍କରେ ଅଧିକ ଆଲୋଚନା ପାଇଁ ଅବକାଶ ନାହିଁ ।

ଗୋଟିଏ କଥାରେ କହିଲେ, ନୀଳକଣ୍ଠଙ୍କର ଉଦାରଚେତା ବ୍ୟକ୍ତିତ୍ୱ ସର୍ବଭାରତୀୟ ପ୍ରେକ୍ଷାପଟରେ ଓଡ଼ିଶାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବା ପାଇଁ ବଦ୍ଧପରିକର ଥିଲା । ପାଶ୍ଚାତ୍ୟ ଶିକ୍ଷା, ପାଶ୍ଚାତ୍ୟ ଦର୍ଶନରେ ଅବଗାହୀ ଏହି ସ୍ରଷ୍ଟା ବେଦ ଉପନିଷଦ ଓ ଭଗବଦ୍ ଗୀତା ସଂପର୍କରେ ମଧ ଗଭୀର ଅଧ୍ୟୟନ ତଥା ଅନୁଶୀଳନ କରିଥିଲେ । ତ୍ୟାଗପୂତ ପ୍ରେମ ଓ ଦେଶପାଇଁ ସ୍ୱାର୍ଥତ୍ୟାଗ ତଥା ଜୀବନ ଉତ୍ସର୍ଗ କରିବା ଭଳି ଚରିତ୍ର ସୃଷ୍ଟି କରି ସେ ଜନଜୀବନକୁ ପ୍ରଭାବିତ କରିବାର ପ୍ରୟାସ କରିଥିଲେ । ନୀଳକଣ୍ଠ ଭାଷାତତ୍ତ୍ୱ ସଂପର୍କରେ ମଧ ସ୍ୱତନ୍ତ୍ର ରୁଚି ରଖିଥିଲେ । ଲାବଣ୍ୟବତୀ ଭଳି ରୀତିକାବ୍ୟର ଆଲୋଚନା ତାଙ୍କ ପାଣ୍ଡିତ୍ୟର ଅନ୍ୟ ଏକ ଉଜ୍ଜ୍ୱଳ ଦିଗନ୍ତ ।

ମାନବୀୟ ସମ୍ପର୍କର ପବିତ୍ରତା ଉପରେ ସେ ବିଶ୍ୱାସ କରୁଥିଲେ । ଶିକ୍ଷକ ଭାବରେ ଚରିତ୍ରବତ୍ତା ଓ ଶୃଙ୍ଖଳାପ୍ରିୟତା ଥିଲା ତାଙ୍କର ଭୂଷଣ । ଯେଉଁ ବିଷୟରେ ପାଠ୍ୟପୁସ୍ତକ ନଥିଲା ସେ ନିଜେ ପୁସ୍ତକ ପ୍ରକାଶନ କରି ପଢ଼ାଇବାର ବ୍ୟବସ୍ଥା କରୁଥିଲେ । ସେହି ଧାରାରେ ସେ ମଡେଲ ଡ୍ରଇଁ ପୁସ୍ତକ ପ୍ରସ୍ତୁତ କରିଥିଲେ । ଇତିହାସ, ଭୂଗୋଳ, ଇଂରାଜୀ ଓ ବ୍ୟାକରଣ ପଢ଼ାଇବାରେ ତାଙ୍କର ଥିଲା ଆଗ୍ରହ । ପିଲାଙ୍କର ପଢ଼ାର ଆଗ୍ରହ ବୃଦ୍ଧି ପାଇଁ ସେ ପ୍ରତି ଶ୍ରେଣୀରେ ଗୋଟିଏ ଗୋଟିଏ ଲାଇବ୍ରେରୀ ସୃଷ୍ଟି କରିଥିଲେ । ଏହି ଶିକ୍ଷକପଣ ତାଙ୍କ ସାହିତ୍ୟକୃତିକୁ ପ୍ରଭାବିତ କରିଥିଲା । ସତ୍ୟବାଦୀର ସ୍ରଷ୍ଟାଗଣ ଦ୍ରଷ୍ଟାଭାବରେ ନିଜ ସମୟ ଆଗକୁ ଦେଖିଥିଲେ ଓ ତଦନୁସାରେ ମାର୍ଗ ପ୍ରସ୍ତୁତ କରିଥିଲେ । ମାନସିଂହଙ୍କ ଭାଷାରେ କୋଣାର୍କର ସ୍ରଷ୍ଟା ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ । ଜାତୀୟ ଜୀବନର ମାର୍ଗଦର୍ଶକ ଏହି ପ୍ରାଜ୍ଞ ସ୍ରଷ୍ଟାଙ୍କ ସୃଷ୍ଟିରେ ଏହା କିଞ୍ଚିତ୍ ଆକଳନ ମାତ୍ର । ପ୍ରାବନ୍ଧିକ ଓ ଅନୁବାଦକ ନୀଳକଣ୍ଠଙ୍କ ପାଇଁ ସ୍ୱତନ୍ତ୍ର ଆଲୋଚନାମାନ ଆବଶ୍ୟକ ।

ସହାୟକ ଗ୍ରନ୍ଥସୂଚୀ :


୧. ନୀଳକଣ୍ଠ ଗ୍ରନ୍ଥାବଳୀ

୨. ନୀଳକଣ୍ଠ - ସ୍ମୃତି ସମିତିର ପୁସ୍ତକ

୩. ପଣ୍ଡିତ ନୀଳକଣ୍ଠଙ୍କ ସୃଷ୍ଟି ଓ ଦୃଷ୍ଟି - ଡକ୍ଟର କୁମୁଦିନୀ ମିଶ୍ର

୪. କିଛି ସ୍ମୃତି କିଛି ଅଭିବ୍ୟକ୍ତି - ଡକ୍ଟର କୁମୁଦିନୀ ମିଶ୍ର

୫. ପଣ୍ଡିତ ନୀଳକଣ୍ଠଙ୍କ କଲମରୁ ପିଲାଙ୍କ କବିତା ଓ କାହାଣୀ ଆଲୋଚନା ଓ ସମ୍ପାଦନା - ଡକ୍ଟର କୁମୁଦିନୀ ମିଶ୍ର

୬. ଯୁଗାନ୍ତକାରୀ ସତ୍ୟବାଦୀ ଗୁରୁକୁଳ - ବିକ୍ରମ ଦାସ


Digitized by PPRACHIN, SOA

# ଭାରତୀୟ ସଂସ୍କୃତି ଓ ଆଚାର୍ଯ୍ୟ ନୀଳକଣ୍ଠ

ଡ. ହେମନ୍ତକୁମାର ଦାସ

ନିଜର ଆତ୍ମଜୀବନୀ ଲେଖିବାକୁ ଯାଇ ଏଇ ମହାମନା ପଣ୍ଡିତ ପ୍ରଥମରୁ ସ୍ପଷ୍ଟ କରିଦେଇଥିଲେ- "ଘଟଣାଗୁଡ଼ିକ ସେତେ ମୋର ମନେ ରହେନାଇ । ଭୁଲିଯିବା ମୋର କେବଳ ସ୍ୱଭାବ ନୁହେଁ - ବରଂ ତା' ମୋର ଗୋଟିଏ ସାଧନା । × × × ଭୁଲିଯାଇଥିବାରୁ ମୋର କିଛି ହୋଇନାହିଁ - ବରଂ ମଂଗଳ ହୋଇଛି ବୋଧହୁଏ, ଏଇ କଥା ବୁଝିପାରି ଆମର ପୂର୍ବସୂରୀମାନେ ସ୍ମୃତି ରକ୍ଷାର ବିରୋଧୀ ଥିଲେ । ଇତିହାସର ସ୍ୱାଭାବିକ ଓ ଚିରନ୍ତନ ବିକାଶକୁ ସେମାନେ ପସନ୍ଦ କରୁଥିଲେ । ଏ ଦେଶରେ କେତେ କୀର୍ତ୍ତି ଅଛି । କାହିଁରେ କାହାରି ସ୍ମୃତି ଫଳକ ନାଇ । କିନ୍ତୁ ସଭ୍ୟତା ଓ ସାହିତ୍ୟ ବିକାଶରେ ସମସ୍ତେ ସାହାଯ୍ୟ କରିଛନ୍ତି । ସଭ୍ୟତାର ଏଇପରି ବିକାଶ । ଭାରତର ରୀତି ଏହା ଭାରତୀୟ ।" (ଆତ୍ମଜୀବନୀ; ପୃ : ୧) ଏଇ ଦୀର୍ଘ ଉଦ୍ଧୃତିରୁ ଗୋଟିଏ ମନନଶୀଳ ବ୍ୟକ୍ତିତ୍ୱର ସ୍ପଷ୍ଟରୂପ ଆମ ଆଖି ଆଗରେ ସ୍ୱତଃ ଭାସିଉଠେ । ନୀଳକଣ୍ଠ ଭଲଭାବରେ ଜାଣିଥିଲେ, ଭୁଲିଯିବା ହିଁ ହେଉଛି ମଣିଷର ସ୍ୱଭାବ । ମଣିଷ ପରେ ମଣିଷ ଆସନ୍ତି । ସମୟ ସ୍ରୋତରେ କାହିଁ କେତେଦୂରକୁ ଭାସିଯାଆନ୍ତି । ସେମାନଙ୍କୁ କେହି ମନେରଖନ୍ତି ନାହିଁ । ତେବେ ପଛରେ ଛାଡ଼ି ଦେଇଯାଇଥିବା କର୍ମଭୂମିର ବାଲୁକା ବେଳାରେ ସେମାନଙ୍କର ପାଦଚିହ୍ନ ହିଁ ବାରମ୍ବାର ସେମାନଙ୍କୁ ମନେ ପକାଇ ଦିଏ । ଉତ୍ତର ପୁରୁଷ ତହିଁରୁ ସେମାନଙ୍କୁ ଚିହ୍ନିବାକୁ ଚେଷ୍ଟା କରେ । ମନ ଭିତରକୁ ଉଙ୍କିମାରି ଅନାଇବାକୁ ଚେଷ୍ଟା କରେ । ତହିଁରୁ ହୁଏତ ମିଳିଯାଏ ବର୍ତ୍ତମାନ ପାଇଁ କେତେକ ଅମୂଲ୍ୟ ମଣିମୁକ୍ତା । ଅତୀତ ପାଇଁ ଏକ ସେତୁ ଏବଂ ଆଗେଇବା ପାଇଁ ପ୍ରେରଣା । ସ୍ମୃତିକୋଷରୁ ଅଜସ୍ର କ୍ଷୁଦ୍ରକ୍ଷୁଦ୍ର କୋଠରୀ ଭିତରେ ସାଇତା ହୋଇ ରହିଥିଲା ବହୁ ଘଟଣାରୁ କେବଳ ସେତିକି ସୁରକ୍ଷିତ ରହିଥାଏ, ଯାହା ମଣିଷର ଚଲା ପଥକୁ ଆଲୋକିତ ତଥା କୁସୁମିତ କରେ । ସମ୍ଭବତଃ ଏହି କାରଣରୁ ନୀଳକଣ୍ଠ ବିସ୍ମରଣଶୀଳତାକୁ ସାଧନା ବୋଲି କହି ଏହାକୁ ଭାରତୀୟ ସଂସ୍କୃତିର ଏକ ବିଶେଷ ଦିଗ ରୂପେ ଚିହ୍ନିତ କରିଛନ୍ତି । ଜୀବନପାଇଁ ତିକ୍ତ ସ୍ମୃତିର କେବଳ ସେତିକି ପ୍ରାୟୋଗିକତା ରହିଛି, ଯାହା ବର୍ତ୍ତମାନର ବାଟଚଲାରେ ଆଗକୁ ଆସୁଥିବା କଣ୍ଟା ଝଣ୍ଟା ସମ୍ପର୍କରେ ମଣିଷକୁ ସତର୍କ କରିଦିଏ । କିନ୍ତୁ ତାହା ଥାଏ ସଂଗୁପ୍ତ । ବିସ୍ମରଣଶୀଳତା ଏ ଦିଗରେ ମଣିଷକୁ ସାହାଯ୍ୟ କରେ । ଚିନ୍ତନ ଓ ମନନ ନିମନ୍ତେ ତାକୁ ପ୍ରେରିତ କରେ । ବାଟ ଚାଲିବାର ଆଗ୍ରହ ଓ ଖୋଜିବାର ତୀବ୍ର ଆକାଂକ୍ଷାକୁ ଉଜ୍ଜୀବିତ କରେ । ଠିକ୍ ଏହି କଥା କହିଛନ୍ତି ଇଂରେଜ ଆଲୋଚକ ମାଥ୍ୟୁ ଆର୍ନଲ୍ଡ (Mathew

Digitized by PPRACHIN, SOA

Arnold) ତାଙ୍କର ଲିଟରେଚର ଏଣ୍ଡ ଡ଼ଗମା (Literature and Dogma) ଗ୍ରନ୍ଥରେ । ତାଙ୍କ ମତରେ "ସଂସ୍କୃତି ସମ୍ପର୍କରେ ଯାହା ଚମତ୍କାର ଭାବରେ କୁହାଯାଇଛି, ତାହା ହେଲା - ଅଭୀପ୍ସା ଏବଂ ଅନ୍ୱେଷଣର ଏକ ପ୍ରଧାନ ଅଙ୍ଗ ହିଁ ହେଉଛି ସଂସ୍କୃତି" । ବିଶ୍ୱ ଦରବାରରେ ଭାରତୀୟ ସଂସ୍କୃତିର ମହତ୍ତ୍ୱ ପ୍ରତିଷ୍ଠା ନିମନ୍ତେ ଆର୍ଯ୍ୟେ ମହାଶୟ ଏହାର ସାରତତ୍ତ୍ୱ ଅନୁସନ୍ଧାନ କରୁ କରୁ ସିଦ୍ଧାନ୍ତ କରିଛନ୍ତି ଯେ, ବିସ୍ମରଣଶୀଳତା ହିଁ ହେଉଛି ଏହି ମହାନ୍ ସଂସ୍କୃତିର ମଞ୍ଜ । ବିଦେଶୀ ବିଦ୍ୱାନମାନେ ଅଭିଯୋଗ କରନ୍ତି ଯେ, ଭାରତୀୟମାନେ ଇତିହାସ ରଚନାର ଗୁରୁତ୍ୱ ଓ କୌଶଳ ଶିକ୍ଷା କରିଛନ୍ତି ସେମାନଙ୍କଠାରୁ । ଅର୍ଥାତ୍ ପ୍ରକାରାନ୍ତରେ ବୁଝାଇ ଦେଉଛନ୍ତି ଯେ, ଏ ଦେଶର ପରମ୍ପରା ଏବଂ ଐତିହ୍ୟ ନାମରେ ଯାହା ପ୍ରଚାର କରାଯଉଛି ସେସବୁ ଅଧିକାଂଶ ହେଉଛି କଳ୍ପନାପ୍ରସୂତ । ଇତିହାସ ସତ୍ୟ ନିର୍ଭର । ଅନୁମାନ ଏବଂ କଳ୍ପନା ଏହାର ସାମାନ୍ୟ ସହାୟକ ମାତ୍ର । ସ୍ମରଣ କରାଯାଇପାରେ ଯେ, ଜଣେ ବିଦେଶୀ ପଣ୍ଡିତ ଇତିହାସର ସୃଷ୍ଟି ଏବଂ ବିଶ୍ୱସନୀୟତା ସମ୍ପର୍କରେ ସ୍ପଷ୍ଟ କହିଛନ୍ତି "History is a bundle of lies, mutually agreed upon." ଅର୍ଥାତ୍ ପାରସ୍ପରିକ ବୁଝାମଣାର ପ୍ରସ୍ତୁତ ଝୁଡ଼ିଝୁଡ଼ି ମିଥ୍ୟାର ସଂଗ୍ରହ ହିଁ ହେଉଛି ଇତିହାସ । ଏହାର ବିଶେଷ ବ୍ୟାଖ୍ୟାର ପ୍ରୟୋଜନ ନାହିଁ ।

ନୀଳକଣ୍ଠ ଏହାର ଗୁରୁତ୍ୱ ଉପଲବ୍ଧି କରି ଦେଶୀୟ ସଂସ୍କୃତିର ପ୍ରକୃତ ସ୍ୱରୂପ ଅନ୍ୱେଷଣରେ ବ୍ରତୀ ହୋଇଥିଲେ । ସେ ଭଲଭାବରେ ବୁଝିଥିଲେ । 'ସାଂସ୍କୃତିକ ପରମ୍ପରା ବିହୀନ ଦେଶ ହେଉଛି ଅବୋଧ ଶିଶୁଟିଏ -ଯିଏ ନିଜର ଶକ୍ତି ଉପରେ ନିର୍ଭର କରିବା ସମ୍ଭବ ନୁହେଁ । (ଏମରସନ୍) ଏ ଦେଶର ସଂସ୍କୃତିକୁ ଚିହ୍ନିବାକୁ ହେଲେ ଦେଶୀ ଆଖିଟିଏ ଲୋଡ଼ା । ଲୋଡ଼ା ପୁଣି ଗଭୀର ଅନ୍ତର୍ଦୃଷ୍ଟି ସମ୍ପନ୍ନ ଦେଶୀ ହୃଦୟଟିଏ । ସେ ଦେଶୀୟ ମହାନ୍ ସନ୍ଥମାନେ ପୀଡ଼ିତ ମାନବ ସମାଜର ସେବାକଲେ, ହୃଦୟ ଦେଇ, ଅନ୍ତର ଦେଇ ସେମାନଙ୍କର ଯତ୍ନ ନେଲେ । ଶୁଖିଲା ମୁହଁରେ ହସ ଫୁଟାଇଲେ । ତେବେ ସେମାନଙ୍କୁ ପଙ୍ଗୁତ୍ୱ ଉପରେ ବିଜୟ ପ୍ରତିଷ୍ଠା କରିବାର କୌଶଳ କେବେ ଶିଖାଇଲେ ନାହିଁ । ତତ୍କାଳୀନ ଉପଶମ ହିଁ ହେଲା ଅଧିକାଂଶଙ୍କର ସେବାର ପରିସୀମା, ସେମାନେ ସମସ୍ତେ ସମ୍ମାନନୀୟ । କିନ୍ତୁ ଭାରତୀୟ ସଂସ୍କୃତିର 'ସର୍ବେଭବନ୍ତୁ ସୁଖୀନଃ'ର ଉଦାର ବାଣୀ- ସେମାନଙ୍କ ପ୍ରାଣରେ କେତେ ଦୂର ବାଜୁଥିଲା, ତାହା ଚିନ୍ତା କରିବାକୁ ହେବ । ସେମାନେ ଯେ ଏହି ତତ୍ତ୍ୱଟିକୁ ବୁଝି ନଥିଲେ ତାହାନୁହେଁ । ଆଲୋଚକ ଜି.କେ. ଚେଷ୍ଟରଟନ୍ (G. K. Chesterton)ଙ୍କ ମତରେ "It is strange that man seeks sublime inspiration in the ruins of old temples and churches, but does not see it in the ruins of man." ଈଶ୍ୱର ନାହାନ୍ତି ମନ୍ଦିର କିମ୍ବା ମସଜିଦ୍‌ରେ, ଚର୍ଚ୍ଚ କିମ୍ବା ପାଗୋଡ଼ାରେ । ପୀଡ଼ିତ ଆତ୍ମାର ଆର୍ତ୍ତନାଦ ଭିତରେ ଗୁଞ୍ଜରିତ ହେଉଛି ତାଙ୍କର ଉଦାତ୍ତ ଆହ୍ୱାନ । ଏଇଥିପାଇଁ ଭାରତୀୟ ଆର୍ଯ୍ୟମାନେ ମନ୍ଦିର ଗଢ଼ି ନଥିଲେ । ସେମାନେ ଜାଣିଥିଲେ "ଅନ୍ୟକୁ ବୁଝିବାକୁ ଦେବତା ହେବା ଦରକାର ନାହିଁ, ଦରକାର କେବଳ ମଣିଷର ହୃଦୟଟିଏ ଏବଂ ସେହି ହୃଦୟ ହିଁ କେବଳ ଚିନ୍ତା କରିପାରେ- 'ମୋ ଜୀବନ

Digitized by PPRACHIN, SOA

ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ'ର । ସେ ଦେଶର ହେତୁବାଦୀ ସଂସ୍କୃତି 'ଭୋଗ'ର ଡିଣ୍ଡିମ ପିଟୁଥିବା ବେଳେ ଏ ଦେଶୀୟ ଅଧ୍ୟାତ୍ମବାଦୀ ସଂସ୍କୃତି ଭୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର ନ କରି କରିଛି 'ତେନ ତ୍ୟକ୍ତେନ ଭୁଞ୍ଜୀଥା" - ଜ୍ୱଳନ୍ତ ଦୃଷ୍ଟାନ୍ତ - ରାଜର୍ଷି ଜନକ ।

ଆଚାର୍ଯ୍ୟ ମହାଶୟ ଭାରତୀୟ ସଂସ୍କୃତିର ବିଶ୍ଳେଷଣ କରିଛନ୍ତି ଏହି 'ଭାବ'ର ନିରେଖରେ । ଏ ଦେଶର ଚିନ୍ତା ଓ ଦର୍ଶନ, ସାଧନା ଓ ସୃଷ୍ଟି । ଭାବ ଓ ଅନୁଭୂତିର କଳନାରେ ସଂସ୍କୃତିକୁ ବିଚାର କରିବାକୁ ପଡ଼ିବ । ଏହା ମନ୍ତବ୍ୟକୁ ଆହୁରି ସରଳ କରିବାକୁ ଯାଇ ସେ କହିଛନ୍ତି - ଚାହାଣି ଚଳଣି ଓ ଚମକ' ଏହି ତିନୋଟିରେ ସମାଜର ସଂସ୍କୃତି ଦେଖାପଡ଼େ । ଚାହାଣି ବୋଇଲେ 'ଦର୍ଶନ' ଓ 'ଦୃଷ୍ଟିଭଙ୍ଗି', ଏଥିରେ ତତ୍ତ୍ୱକଥା ଆଲୋଚନା ଓ ଆବିଷ୍କ୍ରିୟା ସବୁ ରହିଲା । ଗୋଟିଏ ଦୃଷ୍ଟାନ୍ତ ସାହାଯ୍ୟରେ ଏଇ ମନ୍ତବ୍ୟକୁ ବିଶ୍ଳେଷଣ କରାଯାଇପାରେ । କବି ଭକ୍ତ ଚରଣ 'ମନବୋଧ ଚଉତିଶା'ରେ ସଂସାରର ଅନିତ୍ୟତା ସମ୍ପର୍କରେ ସୂଚନା ଦେଇ ଲେଖିଛନ୍ତି " ଝୁଣ୍ଟିପଡ଼ିଲେ ଉଠି ପାରିବୁ ନାହିଁ , ଝଡ଼ିଲା ପତ୍ର ବୃକ୍ଷେ ଲାଗିଛି କାହିଁ ?" ନିତ୍ୟ ପ୍ରଭୁଙ୍କଧ୍ୟାନ କରି ସଂସାରର କଙ୍କରିଳ ପଥରେ ଅଗ୍ରସର ହେବା ହେଉଛି ପ୍ରତ୍ୟେକ ମଣିଷର ଧର୍ମ । ଏଥିରୁ ତିଳେମାତ୍ର ବିଚ୍ୟୁତି ଘଟିଲେ ତାହାର ପତନ ଏବଂ ମୃତ୍ୟୁ ହୋଇଯାଏ । ପରେ ଆଉ ଯେତେ ଚେଷ୍ଟା କଲେ ମଧ ଜୀବନ, ଠିକ୍ ମାର୍ଗକୁ ଆସିପାରେ ନାହିଁ । ବଡ଼ ଚମତ୍କାର ଏବଂ କଳାପୂର୍ଣ୍ଣ ସରଳ ଉପମାଟିଏର ସାହାଯ୍ୟରେ କବି ଏଇ ଜଟିଳ ପ୍ରକ୍ରିୟାକୁ ବୁଝାଇ ଦେଇଛନ୍ତି । ବୃନ୍ତଚ୍ୟୁତ ପତ୍ରଟି ଶତଚେଷ୍ଟା କଲେ ମଧ ତାର ପୂର୍ବସ୍ଥାନକୁ ନ ଫେରି ପାରିଲା ଭଳି ଜୀବନ ମଧ ଅଣଲେଉଟା । ପଥ ମଧ ଅତ୍ୟନ୍ତ ଦୁର୍ଗମ । କବିଙ୍କ ଭାଷାରେ ଦୁର୍ଗମ ପଥ ଏ ଭଜନ ।' ଗୋଟିଏ ଆତ୍ମବିଳାସୀ ଜାତିର ଜୀବନ ଦୃଷ୍ଟି ଏଥିରେ ସ୍ପଷ୍ଟ ଭାବରେ ପ୍ରକାଶ ପାଇ ତାହାର ସଂସ୍କୃତିର ପରିଚୟ ସୂଚାଇ ଦେଉଛି । ସେହିଭଳି ପଣ୍ଡିତ ମହାଶୟ 'ଚଳଣି' ଶବ୍ଦ ପ୍ରୟୋଗ ସମ୍ପର୍କୀୟ ତାତ୍ପର୍ଯ୍ୟ ବୁଝାଇ କହୁଛନ୍ତି - 'ଚଳଣି ବୋଇଲେ, ସମାଜରେ ଆଦାନପ୍ରଦାନ ଘଟିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ସୃଷ୍ଟି ତଥା କଳାର ସୃଷ୍ଟି - ସବୁ ବୁଝାଯିବ । ଏହାର ସଟୀକ ବ୍ୟାଖ୍ୟା କଲେ ବୁଝାଯିବ ଯେ, ଆହାର ବ୍ୟବହାର ପୋଷାକପରିଚ୍ଛଦ ଠାରୁ ଆରମ୍ଭ କରି ଜାତୀୟ ଜୀବନର ସମସ୍ତ କୃତି ଓ କୃତିତ୍ୱ ଏଥିରେ ଅନ୍ତର୍ଭୁକ୍ତ । ବିନ୍ଦୁ ମଧରେ ସିନ୍ଧୁର ପରିପ୍ରକାଶ ଭଳି ଅତି ଅଳ୍ପ ଶବ୍ଦର ପ୍ରୟୋଗ ଦ୍ୱାରା ବିସ୍ତୃତ ଭାବ ପ୍ରକାଶର ସ୍ୱତନ୍ତ୍ର ସାରସ୍ୱତ ଶକ୍ତି ପଣ୍ଡିତ ମହାଶୟଙ୍କର ଥିଲା । ବିପୁଳ ଅଧ୍ୟୟନ, ଗଭୀର ଚିନ୍ତନ ତଥା ନିରନ୍ତର ମନନ ଫଳରେ ସେ ଏହି ବିରଳ ଶକ୍ତି ଲାଭ କରିଥିଲେ । ତାଙ୍କର ବିସ୍ତୃତ ଅଧ୍ୟୟନର କାହାଣୀ ଏବେ ମଧ ତାଙ୍କ ପରିଚିତ ମାନଙ୍କ ମଧରେ କିମ୍ବଦନ୍ତୀ ହୋଇ ରହିଚି । ଗଭୀର ମନନରୁ ମୌଳିକ ଚିନ୍ତାର ସୃଷ୍ଟି ହେଉଥିଲା ଏବଂ ତାହାର ନିର୍ଯ୍ୟାସ ତାଙ୍କର ଲେଖାରେ ପ୍ରକାଶ ପାଉଥିଲା । ନୀଳକଣ୍ଠ ଲକ୍ଷ୍ୟ କରିଥିଲେ ଯେ, ମଣିଷ ଚରିତ୍ରରେ ତାହାର ଆହାର ଏବଂ ପରିଧାନର ଗଭୀର ପ୍ରଭାବ ପଡ଼େ । ଉଦାହରଣ ସ୍ୱରୂପ ମେହେରଙ୍କର 'ତପସ୍ୱିନୀ' କାବ୍ୟରେ 'ଉଷା'ଙ୍କର ପରିଧାନକୁ ସ୍ମରଣ କରାଯାଇପାରେ । ତାଙ୍କର 'ଅରୁଣ

Digitized by PPRACHIN, SOA

କଷାୟ ବାସ' ମନରେ କିଭଳି ଅନିର୍ବଚନୀୟ ପ୍ରଶାନ୍ତି ଏବଂ ଆଶ୍ୱାସ ଭରିଦିଏ ତାହା କବି ବର୍ଣ୍ଣନା କରିଛନ୍ତି । ଏହି ବର୍ଣ୍ଣର ପରିଧାନ ଉଭୟ ପରିଧାନ ତଥା ଦର୍ଶକଙ୍କ ମନକୁ ଦିବ୍ୟ ଭାବରେ ପୂର୍ଣ୍ଣ କରିବା ଲକ୍ଷ୍ୟ କରି ସାଧକ ମୁନିଋଷିମାନେ ସାଧକମାନଙ୍କ ନିମନ୍ତେ ଏହାକୁ ଅନୁମୋଦନ କରିଥିଲେ । ସେହିଭଳି ସାତ୍ତ୍ୱିକ ଆହାର କଥା । ତାମସିକ ଆହାର ଠାରୁ ତାହାର ପାର୍ଥକ୍ୟ ଏତିକି ଯେ, ପ୍ରଥମଟି ଦେହ ଆଉ ମନକୁ ଅନୁତ୍ତେଜିତ, ଶାନ୍ତ ତଥା ନିରୁଦ୍‌ବିଗ୍ନ ରଖିବାରେ ସହାୟକ ହେଉଥିବା ବେଳେ ଅନ୍ୟଟି ଠିକ୍ ତାରି ବିପରୀତ ପ୍ରତିକ୍ରିୟା ସୃଷ୍ଟି କରେ । 'ଭଗବଦ୍ ଗୀତା'ରେ ତାହା ବିସ୍ତୃତ ଭାବରେ ଆଲୋଚିତ ହୋଇଛି । ବର୍ତ୍ତମାନ ବିଦେଶୀ ସଂସ୍କୃତିର ଉଲ୍ଲଙ୍ଗ ଅନୁସରଣ ଫଳରେ ଆମର ସମାଜ ଜୀବନ କିଭଳି ଅଶାନ୍ତ, ବିଶୃଙ୍ଖଳ ଏବଂ ଅସ୍ଥିର ହୋଇ ପଡ଼ିଛି, ତାହା ଆମେ ଦେଖୁଛୁ ।' ମନ୍ତ୍ରଦ୍ରଷ୍ଟା ଋଷିମାନେ ପୂର୍ବରୁ ଏହା ବୁଝିପାରି ଏସବୁର ସମ୍ଭାବନାକୁ ସମ୍ପୂର୍ଣ୍ଣ ଲୋପ କରିବା ନିମନ୍ତେ ମୂଳରୁ ପ୍ରତିଷେଧକର ବ୍ୟବସ୍ଥା କରିଥିଲେ । 'ବାସି', ବା 'ପରିଧାନ' ଯୋଗ୍ୟତାର ସୂଚକ ହୋଇଥିବା ସ୍ଥଳେ 'ଆହାର' ମାନବିକତା ବିକାଶର ପ୍ରଧାନ ସହାୟକ । ଜାତୀୟ ଚରିତ୍ର ଗଠନରେ ଏ ଉଭୟର ତେଣୁ ଗୁରୁତ୍ୱ ରହିଛି । 'ଚଳଣି'କୁ ଏହା ନିୟନ୍ତ୍ରଣ କରେ । ପୁଣି ସର୍ଜନ-ଶୀଳକଳା ସହିତ ମଧ୍ୟ ଏହାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ସଂସ୍କୃତି ଠାରୁ ସଂସ୍କୃତିକୁ ପୃଥକ କରିବାରେ ସୁଦ୍ଧା ଏହା- ଏକ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରେ । ସଂସ୍କୃତି ସମ୍ପର୍କୀୟ ତୃତୀୟ କଥାଟି ଆଚାର୍ଯ୍ୟ ମହାଶୟ କହିଛନ୍ତି 'ଚମକ' ଶବ୍ଦଟିର ବ୍ୟବହାର କରି । ତାଙ୍କ ମତରେ 'ଚମକ' ବୋଇଲେ ସଂକେତର ଆକସ୍ମିକତା ଓ ଭାବର ଅମାପ ସ୍ଫୁରଣ । ଚାହାଣି ଓ ଚଳଣି ଭିତରେ ଏଇ ଚମକ ସର୍ବତ୍ର ପ୍ରକାଶ ପାଏ । ଏହାକୁ ବୁଝାଇବାକୁ ଯାଇ ସେ ଆହୁରି କହିଛନ୍ତି– ଏହାର କଳା, କବିତା ସୌଷ୍ଠବ ଓ ସୌନ୍ଦର୍ଯ୍ୟ ଭିତରେ ମନୁଷ୍ୟକୁ ଆନନ୍ଦ ଆଡ଼କୁ ଆକର୍ଷଣ କରେ । ଏସବୁର ନିଷ୍କର୍ଷ ହେଲା - 'ଚାହାଣି ଓ ଚଳଣି ସାହିତ୍ୟର ଶରୀର । ଏଇ ଚମକ ହେଉଚି ତା ପ୍ରାଣ ।

ପଣ୍ଡିତ ମହାଶୟଙ୍କ ମତରେ ସଂସ୍କୃତିର ପ୍ରଧାନ ବାହନ ହେଉଛି ଭାଷା । ଚାହାଣି ଓ ଚଳଣିର ଗତି ବହୁମୁଖୀ ହୋଇଥିଲେ ମଧ୍ୟ ମୁଖ୍ୟତଃ ଭାଷାରେ ପ୍ରକାଶ ପାଉଥିବା ବିଚାର, ବର୍ଣ୍ଣନା ଓ ବ୍ୟଞ୍ଜନାରେ ଆମେ ସଂସ୍କୃତିର କ୍ରମ ବିକାଶର ଧାରାକୁ ଲକ୍ଷ୍ୟ କରିପାରିବା । ଜାତୀୟ ଜୀବନର ସ୍ରୋତ କେଉଁ ଲକ୍ଷ୍ୟରେ ଧାବିତ, ତାହା ମଧ୍ୟ ଏଥିରୁ ଧରି ହେବ । ସଂସ୍କୃତି ପ୍ରଭାବିତ କରେ ସାହିତ୍ୟକୁ । ଆଉ ଟିକିଏ ସ୍ପଷ୍ଟ କରି କହିଲେ ସାହିତ୍ୟର ମୁକୁରରେ ସଂସ୍କୃତିର ନିରୋଳ ରୂପଟି ଆମ ଆଖି ଆଗରେ ଝଲସି ଉଠେ । ଯେମିତି ଆମେ ଚନ୍ଦ୍ର ସହିତ ତାର କଳଙ୍କ ରେଖାକୁ ଦେଖିପାରୁ ଠିକ୍ ସେମିତି ସମାଜର ଭଲ ଏବଂ ମନ୍ଦ -ଉଭୟ ରୂପ ଆମେ ସେଥିରେ ଦେଖିବାକୁ ପାଉ । ସେଇଥିପାଇଁ ସାହିତ୍ୟକୁ କୁହାଯାଏ ସମାଜର ପ୍ରତିବିମ୍ବ । ଲୋକକଥା, ଜନଶ୍ରୁତି କିମ୍ବା କିମ୍ବଦନ୍ତୀ ଏସବୁ ମଧ୍ୟ ସାହିତ୍ୟର ଗୋଟିଏ ଗୋଟିଏ ରୂପ । ହାତୀ ସୁନା କଳସ ଢାଳିବା'- ଏଇ ଜନଶ୍ରୁତି ପଛରେ କାରଣ କିମ୍ବା ଯାଥାର୍ଥ୍ୟ ଯାହା ଥାଉନା କାହିଁକି ଯୋଗ୍ୟ ପ୍ରତିନିଧି ନିର୍ବାଚନ ନିମନ୍ତେ ଏହା କିଭଳି ସେ ଯୁଗର ଉପଯୁକ୍ତ ଗଣତାନ୍ତ୍ରିକ ପଦ୍ଧତି ଥିଲା, ଆଚାର୍ଯ୍ୟ ମହାଶୟ

Digitized by PPRACHIN, SOA

ତାହା ତାଙ୍କର 'ଓଡ଼ିଆ ସାହିତ୍ୟର କ୍ରମ-ପରଣାମ' ଗ୍ରନ୍ଥରେ ଦର୍ଶାଇଛନ୍ତି । ରାଜତନ୍ତ୍ର ଶାସନରେ ସୁଦ୍ଧା ଉପଯୁକ୍ତ ଉତ୍ତରାଧିକାରୀଙ୍କର ଅଭାବରେ ଏହି ପଦ୍ଧତି ଚିର ପ୍ରୟୋଗ କରାଯାଉଥିଲା । ରାଜହସ୍ତୀ ଶୁଣ୍ଢରେ ସୁନା କଳସଟିଏ ଧରି ଦାଣ୍ଡେ ଦାଣ୍ଡେ ବୁଲୁ ବୁଲୁ ଯାହା ମୁଣ୍ଡରେ କଳସ ଢାଳି ଦେଉଥିଲା, ସେ ହିଁ ସିଂହାସନରେ ବସୁଥିଲା - ଏହି ହସ୍ତୀଟି ଆମର ଲୋକକଥାରେ ବହୁଳ ଭାବରେ ବ୍ୟବହୃତ ହେଉଥିବା ସେ ଲକ୍ଷ୍ୟ କରିଛନ୍ତି । ଏଭଳି ଶାସକ ନିର୍ବାଚନରେ ସେ ସମୟରେ କୌଣସି ପ୍ରତିବାଦ କରାଯାଉ ନଥିଲା । ଏ କିନ୍ତୁ ମୁଣ୍ଡଗଣତି ଭୋଟର ନିର୍ବାଚନ ନୁହେଁ । ଯଥାର୍ଥ ଗୁଣଗ୍ରାହିତାର ନିଦର୍ଶନ । ଏହା ସର୍ବସମ୍ମତ । ଏହା ପଛରେ କୌଣସି ହୀନ ଅଭିଳାଷ କିମ୍ବା ଚକ୍ରାନ୍ତ ନଥାଏ । ଏବର ଗଣତନ୍ତ୍ର ପଦ୍ଧତିରେ ହାତୀ ଦେବି, ଛତି ଦେବି ର ଶୁଖିଲା ପ୍ରତିଶ୍ରୁତି କିମ୍ବା ଗାନ୍ଧି ମୁଣ୍ଡର ଉପହାର ଏହା ପଛରେ ନଥାଏ । ଏହା ହେଉଛି ଯଥାର୍ଥ ଗୁଣଗ୍ରାହିତାର ନିର୍ବାଚନ । ଏହା ତେଣୁ ସର୍ବସମ୍ମତ । ନିଜ ସ୍ୱାର୍ଥ ସାଧନର ଏକମାତ୍ର ମାର୍ଗ ରୂପେ ଯେ ସମାଜ ବା ଜଗତ୍ ସେବା କରିବାକୁ ବାହାରିଚି, ବିଶ୍ୱମୈତ୍ରୀ କ'ଣ ବସୁଧାକୁ ଗୋଟିଏ କୁଟୁମ୍ବ' ଭାବରେ ବିଚାର କରିବାର ଶକ୍ତି ତାହାର ନଥାଏ । ସେ ଦେଶର ମାକବେଥ୍‌ମାନେ ଚକ୍ରାନ୍ତ ଏବଂ ନିଜଶକ୍ତିର ଭରସାରେ ଯେଉଁଭଳି ଐଶ୍ୱର୍ଯ୍ୟ ଲାଭର ସ୍ୱପ୍ନ ଦେଖନ୍ତି ଏ ଦେଶର ଉଚ୍ଚାଭିଳାଷୀମାନେ ଠିକ୍ ସେମିତି ବିପୁଳ ଅର୍ଥର ବିନିମୟରେ ଭୋଟ କିଣି କ୍ଷମତା ଅଧିକାର କରି ବସନ୍ତି । ଅର୍ଥ ହିଁ ହେଉଛି ବର୍ତ୍ତମାନର ନିରାପତ୍ତା, ଅତୀତର ସାର୍ଥକତା ଏବଂ ଭବିଷ୍ୟତର ନିଶ୍ଚୟତା । ବିଦେଶୀ ପ୍ରଶାସନର ଅନୁସରଣରେ ପ୍ରସ୍ତୁତ (ଏବେ କେଉଁଠି ବା ଦେଶୀ) ଏ ହେଉଛି ଆମର ବର୍ତ୍ତମାନର ଗଣତନ୍ତ୍ର । ସେ ଦିନ ଫକୀରମୋହନ ପ୍ରଶାସନର ଚାରିଆଡ଼ ଅଣଓଡ଼ିଆମୟ ଦେଖି କ୍ଷୋଭ ପ୍ରକାଶ କରିଥିଲେ -

> ହାକିମହୁକୁମା ସବୁ ଅଟନ୍ତି ବିଦେଶୀ,
> ଡାକଘର କିରାଣୀଟି ନୁହେଁ ସୁଦ୍ଧା ଦେଶୀ ।'

ଆଜି ଅବଶ୍ୟ ଅଣଓଡ଼ିଆ ନାହାନ୍ତି । ମାତ୍ର ଦେଶୀ ଲୋକଙ୍କର ବିଦେଶୀ 'ଚାହାଣି, ଚଳଣି ଓ ଚମକ' ଦେଖିଲେ ସ୍ୱୟଂ ପଣ୍ଡିତ ମହୋଦୟ କ'ଣ କରନ୍ତେ ତାହା ଚିନ୍ତା କରିବାର କଥା । ଗଛରେ କିଛି ପରଜୀବୀ ଥାଆନ୍ତି । କେଉଁ କୋଟରରେ ଅଙ୍କୁରିତ ହୋଇ ଡାଳପତ୍ର ମେଲି କ୍ରମେ ମୂଳଗଛକୁ ଗ୍ରାସ କରିବାରେ ଲାଗନ୍ତି । ସେଇ ମଲାଙ୍ଗ ଶ୍ରେଣୀୟ ଉଦ୍ଭିଦ ମାନଙ୍କୁ ଆମେ ଯେବେ ତାହାର ଶକ୍ତି ବୋଲି ବିଚାର କରିବା ତେବେ ଶତ୍ରୁ କିଏ ? ଏହି ଭଳି ଏକ ମନ୍ତବ୍ୟ ଦେଲାବେଳେ ନିଜ ଆଗର ଦର୍ପଣରେ ଆମ ମୁହଁ ଜଳଜଳ ହୋଇ ଦେଖାଯାଉଛି । ପଣ୍ଡିତ ମହାଶୟ ବଞ୍ଚିଥିବା ବେଳେ ତାଙ୍କର ପରମ ସୌଭାଗ୍ୟରୁ ଏ ଦେଶକୁ ଦୂରଦର୍ଶନ -ସଂସ୍କୃତିର ଅନୁପ୍ରବେଶ ଘଟି ନଥିଲା । ତାହାର 'ଚମକ' ଦେଖିଥିଲେ, ସେ କ'ଣ କହିଥାଆନ୍ତେ ତାହା ଅନୁମାନ କରିବା କଷ୍ଟକର ନୁହେଁ । ମାତ୍ର ସେ ପ୍ରବୃତ୍ତି ଆମର ଅଛି କି ?

Digitized by PPRACHIN, SOA

ମହାଭାରତରେ 'ନଳ' ରାଜାଙ୍କର ଭାଗ୍ୟ ବିପର୍ଯ୍ୟୟର ବିସ୍ତୃତ ବିବରଣୀ ରହିଛି । କୁହାଯାଉଛି ଯେ, ଆଚାର ବିଚାରରେ ଅତ୍ୟନ୍ତ ଶୁଚିବନ୍ତ ଶରୀରରେ ଏହି ରାଜାଙ୍କର ପାଦ ଧୋଇବା ସମୟରେ ଗୋଇଠି ଅଗରେ ପାଣି ଲାଗି ନଥିବା ସାମାନ୍ୟ ଛିଦ୍ର ଦେଇ ଶନି ପ୍ରବେଶ କରିବାରୁ ତାଙ୍କର ପତନ ଆରମ୍ଭ ହୋଇଯାଇଥିଲା । ଏହାର ଉପଲକ୍ଷ ମ୍ୱାନ ଥିଲା; କିନ୍ତୁ ପ୍ରକାଶରେ ଅତ୍ୟନ୍ତ ନରୀହ । ସଂସ୍କୃତି ସଂକ୍ରମିତ ହୁଏ ସେହିଭଳି ଅତ୍ୟନ୍ତ ସରଳ ଏବଂ ନିଷ୍ପାପମ୍ମନ୍ୟ ମାଧ୍ୟମରେ । 'ଚଳଣି'ରେ ଏହାର ପ୍ରଥମ ମାଧ୍ୟମ ହୁଏ ଭାଷା । ମହାମନା କବୀର ତ କହିଛନ୍ତି 'ଭାଷା ବହତା ନୀର'- ଅର୍ଥାତ୍ ଭାଷା ହେଉଛି ଚିରପ୍ରବହମାନ -ଆବଦ୍ଧ କୂପର ଜଳ ନୁହେ ତ ସେଇ 'ବହତାନୀର'ରେ ବିଭିନ୍ନ ଓଷଧୀବୃକ୍ଷର ନିର୍ଯ୍ୟାସ ଯେମିତି ମିଶିବ, ଆବର୍ଜନା ମଧ୍ୟ ମିଶିବ ସ୍ୱାଭାବିକ କାରଣରୁ । ବିଲାତି ପାଠ ପଢ଼ି ନଥିବା ବିଚରା କବି ଗଙ୍ଗାଧର ଓଡ଼ିଆ ସଂସ୍କୃତିର ବ୍ୟସ୍ତ ବିକଳ ରୂପ ଦେଖି ଅତ୍ୟନ୍ତ ବିବ୍ରତ ହୋଇ ଲେଖିଲେ । "ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ"- ଏବଂ "ଉଚ୍ଚ ହେବା ପାଇଁ କରଯେବେ ଆଶା" ଭଳି ଦୁଇପଦ ହୃଦୟ ଥରା କବିତା ଏବଂ ପୁଣି କହିଲେ 'ପାଇଥିଲେ ଦିଅ ବିଲାତି ପ୍ରସୂନ' ଇତ୍ୟାଦି । ଏଥିରୁ ସେ ଇଂରାଜୀ ବିରୋଧୀ ନଥିବାର ଅର୍ଥ ବାହାରୁଚି ବୋଲି ଏବେ କୁହାଯାଉଛି । ଏକଥା ସତ- ଆହରଣକୁ କେବଳ ଗଙ୍ଗାଧର କାହିଁକି କେହି ସଂସ୍କୃତିପ୍ରେମୀ କେବେ ବିରୋଧ କରିବେ ନାହିଁ । ସେଦିନ ତାଙ୍କର ସମସାମୟିକ ବଙ୍ଗଳା କବି ରବୀନ୍ଦ୍ର ନାଥ ମଧ୍ୟ ଘୋଷଣା କରିଥିଲେ 'ପଶ୍ଚିମ ଆଦ୍ ଖୁଲିୟାଛେ ଦ୍ୱାର' ଇତ୍ୟାଦି । ସେଥିରେ ସେ କିନ୍ତୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ 'ଦିନେ ଆର୍ ଦିନେ' ଅର୍ଥାତ୍ ଆଦାନ ପ୍ରଦାନର କଥା । ଏଥିରେ ଥାଏ ସମାସ୍କନ୍ଧତା । କେବଳ ନେବାରେ ଥାଏ ଦୈନ୍ୟ ଅର୍ଥାତ୍ ଭିକାରୀପଣିଆ । ସେମାନେ ଆମଠାରୁ କେତେ ନେଇଛନ୍ତି ଏବଂ ଏହି ଦୀନବୃତ୍ତି ନିମନ୍ତେ ଆମର ସ୍ୱାଭିମାନକୁ କିଭଳି ଆହତ କରିଛନ୍ତି ବା କରୁଛନ୍ତି ଏକଥା ଭାରତୀୟ ମନୀଷା କେବେ ଚିନ୍ତା କରିଛି କି? ସେହିଭଳି ଗଙ୍ଗାଧରଙ୍କ କଥା । ଇଂରାଜୀ ପ୍ରସୂନ ଗ୍ରହଣ କରିବା ବେଳେ ସେ ଆଉ ଗୋଟିଏ ଦିଗ ପ୍ରତି ଦୃଷ୍ଟି ଦେବା ନିମନ୍ତେ ସତର୍କ କରି ଦେଇଥିଲେ । ସର୍ତ୍ତ ରଖିଥିଲେ 'ଥାଏ ଯଦି ତହ କିଛି ସୌରଭ' । ସୌରଭ କାଗଜଫୁଲର କିମ୍ବା ଚମ୍ପା ଚାମେଲୀର ତାହା ବିଚାର କରିବା ଦାୟିତ୍ୱ ତ ସୁଗନ୍ଧବିଳାସୀର ନା ନୁହେଁ?" ସେହିଭଳି କବୀନ୍ଦ୍ର ରବୀନ୍ଦ୍ରଙ୍କ କଥା । ସେ କହିଛନ୍ତି - ଭାରତୀୟ ମହାମାନବର ସାଗରତୀରେ- ସର୍ବ ସଂସ୍କୃତିର ବିଲୟର କଥା । ସେମିତି ମଧ୍ୟ ସେ - ଦେଶୀୟ- ସଂସ୍କୃତିର ପ୍ରଭାବରେ ଭାରତୀୟ ତପୋବନ ସଂସ୍କୃତିର ବିନାଶ ପାଇଁ କ୍ଷୋଭ ପ୍ରକାଶ କରି ଲେଖିଛନ୍ତି-

ଦାଓ ଫିରେ ସେ ଅରଣ୍ୟ ଲଓ ଏ ନଗର ,
ଲହ ଯତ ଲୌହ ଲୋଷ୍ଟ୍ର କାଷ୍ଠ ଓ ପ୍ରସ୍ତର
ହେ ନବ ସଭ୍ୟତା, ହେ ନିଷ୍ଠୁର ସର୍ବଗ୍ରାସୀ
ଦାଓ ସେଇ ତପୋବନ ପୁଣ୍ୟଛାୟା ରାଶି ।। (ଚୈତାଲୀ)

Digitized by PPRACHIN, SOA

ଏଥିରୁ ଲାଭକ୍ଷତିର ହିସାବ ଆମକୁ କରିବାକୁ ପଡ଼ିବ ।

ଏଠି କୁହାଯାଉଥିଲା- ସଂସ୍କୃତି ସଂକ୍ରମଣର କଥା ଏବଂ ଭାଷା ମାଧ୍ୟମରେ ଏହାର ପ୍ରଥମ ପର୍ଯ୍ୟାୟ ସମାହିତ ହୁଏ ବୋଲି ଦେଖାଗଲା । ଦ୍ୱିତୀୟ ପର୍ଯ୍ୟାୟ ସ୍ୱତଃ ଆସିଯିବ ବ୍ୟବହାର ଦ୍ୱାରା ଯାହା ପ୍ରଲମ୍ବିତ ହେବ ଆଉର ଆଡ଼କୁ । ଏହା ପୁଣି ସ୍ୱତଃ ପ୍ରଭାବିତ କରିବ ପୋଷାକ ପରିଚ୍ଛଦକୁ । ପରିଣାମ ଦେଖାଯାଉ କବି ରାଧାନାଥଙ୍କ ଭାଷାରେ "ଥରେ ଥରେ କାଶି ସାହେବୀ ଠାଣିରେ, ବଦନପୋଛଇ ରୋମାଲ କାନିରେ । ପ୍ରକଟାଇ ପୂରା ସାହେବି ପଣିଆ / ଫରକଟା ଗୋଡ଼େ ହୁଏ ପୁଣି ଠିଆ" ତାହା ପୂର୍ବରୁ ଅବଶ୍ୟ 'ସାହେବି ପୋଷାକ' ପିନ୍ଧାର ଠାଣି ବର୍ଣ୍ଣନା କରି କହିଛନ୍ତି 'ସସ୍ମିତେ କହଇ ବଙ୍କା ବଙ୍କା ହିନ୍ଦୀ' ସାହେବ ଯେତେବେଳେ ନାଷ୍ଟି (Nasty) ଓଡ଼ିଆ ଭାଷାଟା ଅବା କହିବେ କିପରି ? ତେଣୁ ହିନ୍ଦୀ- ସେ ବି କୋଉ ଆସୁଛି ! ତେଣୁ 'ବଙ୍କା...' ଏହାକୁ କିନ୍ତୁ କମ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରିବାର କୌଣସି କାରଣ ନାହିଁ । ଘଳିଆ ବାଟେ ମୁହଁ ଦେଖାଯାଉଥିବା ଛୋଟ ପାଣିଧାରଟି ଅଚିରେ ବିପୁଳାକାର ଧାରଣ କରେ । ଭାଷା କଳୁଷିତ ହେଲେ କ'ଣ ହୁଏ, ଆଜି ରାଜ୍ୟର ପ୍ରତିଷ୍ଠିତ ଖବର କାଗଜରେ ବ୍ୟବହୃତ ହେଉଥିବା ଦଶଭାଗ ହିନ୍ଦୀ ଶବ୍ଦ ଦେଖନ୍ତୁ । ଦେଖନ୍ତୁ ପୁଣି ଆମ ଦୂରଦର୍ଶନ ବେତାରରେ ଘୋଷକ / ଘୋଷିକା ମାନଙ୍କର ନିରର୍ଗଳ ଖେଚୁଡ଼ି ଭାଷାର ବ୍ୟବହାରକୁ ଲକ୍ଷ୍ୟ କରନ୍ତୁ ପୁଣି ଆମର ବିଶିଷ୍ଟ ବ୍ୟକ୍ତିମାନଙ୍କର ବକ୍ତବ୍ୟରେ ବ୍ୟବହୃତ ତିକାଡିଏ ଭାଷା ଇଂରେଜୀ ଶବ୍ଦକୁ ? ଖୁଣ୍ଟ ହୁଗୁଳା ହେଲେ ଆମେ ଆଉ କହିବା କାହାକୁ ? ସ୍ୱାଭିମାନ ଥିବା ଗୋଟିଏ ମଣିଷ ଏହା କରିବ କିମ୍ବା ଗୋଟିଏ ଜାତି ଏହା ସହିବ କି ? ଊନବିଂଶ ଶତାବ୍ଦୀରେ ଲୋକଚରିତ୍ରର ଏଇ ଦିଗଟିକୁ ଲକ୍ଷ୍ୟ କରି କବି କହିଥିଲେ -

ବାବୁମାନେ ହେଲେ ସବୁ ଇଂରେଜୀ ପଢୁଆ / ଓଡ଼ିଆ କହିବା ପାଇଁ ଲାଗଇ ଅଡୁଆ - ସେତେବେଳେ ଯାହା ଥିଲା ସାମାନ୍ୟ ଚିତ୍ର, ଆଜି ତାହା ପରିଣତ ହୋଇଛି ଏକ ବିରାଟ ଗହ୍ୱରରେ । ମାତୃଭାଷାର ବ୍ୟବହାର ସମ୍ପର୍କରେ ସେଇ ସମୟରୁ କେତେ ଚିନ୍ତାନାୟକ ଯେତେ ଯେତେ କଥାମାନ କହିଯାଇଛନ୍ତି, ତାହା ଲେଖି ବସିଲେ ଦୀର୍ଘ ଗ୍ରନ୍ଥଟିଏ ହେବ ।

ଏବେ 'ଆହାର' କ୍ଷେତ୍ର ଆଡ଼େ ନଜର ଦେଲେ ଏହି ସଂକ୍ରମଣର ବିକଳ ରୂପ ଦେଖିବାକୁ ମିଳିବ । ଆମ ପିଲାଦିନ କଟିଛି ଚୁଡ଼ା, ମୁଢ଼ି, ପଖାଳ, କାକରା, ଆରିଷା, ଛୁଞ୍ଚିପତ୍ର, ଚକୁଳି, ଗଇଁଠା, ଏଣ୍ଡୁରି ପିଠାରେ । ଆମ ପିଲାମାନଙ୍କୁ ଆମେ ଦେଉଛୁ, ପିଜା, ବର୍ଗର, ଚିପ୍‌ସ, କର୍ଣ୍ଣଫ୍ଲେ଼ାର, ବିସ୍କୁଟ, ପାଉଁରୋଟି ଏମିତି କେତେ କ'ଣ । ଆମ ପିଠା ତରକାରୀର ନାମ କିମ୍ବା ସ୍ୱାଦ ପରବର୍ତ୍ତୀ ପିଢ଼ିଙ୍କୁ ଜଣାନାହିଁ । କବି ସେତେବେଳେ ସତର୍କ କରିଦେଇ କହିଥିଲେ - ନିର୍ଦ୍ଧୁମ ଖରାରେ ପିନ୍ଧି ବନାତର କୋଟ / ଫିଙ୍ଗି ଦେଇ ଛେନା ବଡ଼ା ଖାଆ ବିସ୍‌କୋଟ''- ଠେକା ଫିଙ୍ଗିଦେଇ ଟୋପିକୁ ଆଦରିଲେ, ଠାଣିମାଣିରେ ପରିବର୍ତ୍ତନ ତ ହେବ ହିଁ ହେବ ।

Digitized by PPRACHIN, SOA

ଆଚାର୍ଯ୍ୟ ମହାଶୟ ସଂସ୍କାର ନାମରେ ଏଇ ଅପପ୍ରୟାସର ଘୋର ବିରୋଧ କରୁଥିଲେ । ପ୍ରତିବାଦ କରୁଥିଲେ, ପ୍ରତିରୋଧ କରୁଥିଲେ ଏବଂ ପରିଣାମ ମଧ ଭୋଗୁଥିଲେ । ଗତ ଶତକର ପଞ୍ଚମ ଦଶକରେ ପାରଳାଖେମୁଣ୍ଡି ମହାବିଦ୍ୟାଳୟର ଛାତ୍ର ସଂସଦର ଉତ୍ସବ ଉଦ୍‌ଘାଟନ କରିବାକୁ ଯାଇ ସଭାମଞ୍ଚର ପରଦାରେ ଗୋଟିଏ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଓରିଏଣ୍ଟାଲ୍ ଚିତ୍ର ଦେଖି ସେ ଯେମିତି ସଭା ଗୃହରୁ ବାହୁଡ଼ି ଯାଇଥିଲେ- ସେ ଦୃଶ୍ୟ ଅନେକଙ୍କର ସ୍ମରଣରେ ଥାଇପାରେ । ତାହା ବୋଲି ଯେ, ସେ ରକ୍ଷଣଶୀଳ ଥିଲେ ଏକଥା କୁହାଯାଇପାରିବ ନାହିଁ । ବନବିଦ୍ୟାଳୟରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଛାତ୍ରଙ୍କ ପାଇଁ ପଙ୍‌କ୍ତି ଭୋଜନର ବ୍ୟବସ୍ଥା କରିବା, ବ୍ରାହ୍ମଣ ସମାଜର ଯୁଗ ଯୁଗର ପ୍ରଥା ବିରୋଧରେ ଯାଇ ନିଶ ରଖିବା ଇତ୍ୟାଦି ଅନେକ ଦୃଷ୍ଟାନ୍ତ ଏ ସମ୍ପର୍କରେ ନିଆଯାଇ ପାରିବ । ଏହାର ପରିଣାମ କେବଳ ସେ ନୁହନ୍ତି ତାଙ୍କର ପରିବାରକୁ ମଧ୍ୟ ଭୋଗିବାକୁ ପଡ଼ିଛି । ଏକଥା ସମସ୍ତେ ଜାଣନ୍ତି ।

କଥା ହେଉଛି ସେ ଗତାନୁଗତିକତାର ସମର୍ଥକ ନଥିଲେ । ଦୃଷ୍ଟାନ୍ତ ସ୍ୱରୂପ ତାଙ୍କର ନିଶ ରଖିବା କଥା । ୧୯୧୨ ମସିହାରେ ତାଙ୍କର ଏହିଭଳି କାର୍ଯ୍ୟ ଦ୍ୱାରା ପୁରୀ ଶାସନୀ ବ୍ରାହ୍ମଣ ସମାଜରେ ଏକ ଆଲୋଡ଼ନ ସୃଷ୍ଟି ହୋଇଥିଲା । ପୁରୀରେ ଥରେ ପଣ୍ଡିତ ଲୋକନାଥ ରଥ ତାଙ୍କୁ ଧମକ ଦେଇ କହିଲେ, ନିଶକୁ ଏଇ ପୁରୀରେ କାଟି ଆମେ ପୋଡ଼ିଦେବୁ ।' ନିର୍ଭୀକ ପଣ୍ଡିତ ମହାଶୟ ଉତ୍ତର ଦେଲେ- "ମହାଶୟ, ପିମ୍ପୁଡ଼ି ନୁହେଁ ଯେ ମକଚି ଦେବେ, ସାପ ଗାତରେ କିଆଁ ହାତ ପୂରାଉଛନ୍ତି ?" (ଆତ୍ମଜୀବନୀ, ପୃ: ୨୧୬) ପ୍ରତ୍ୟେକ ବିଷୟକୁ ମୌଳିକ ଦୃଷ୍ଟିକୋଣରୁ ବିଚାର କରିବା, ଗଡ୍ଡାଳିକା ପ୍ରବାହରେ ଭାସି ନ ଯାଇ ପ୍ରୟୋଜନବୋଧରେ ସ୍ରୋତର ବିପରୀତ ମୁଖରେ ଯିବା ଥିଲା ପଣ୍ଡିତ ମହାଶୟଙ୍କର ସ୍ୱଭାବଗତ ଏବଂ ତାଙ୍କର ଘଟଣାବହୁଳ ଛାତ୍ରଜୀବନରୁ ଏହାର ଭୁରି ଭୁରି ଦୃଷ୍ଟାନ୍ତ ଦେଖିବାକୁ ମିଳିବ । ସମାଜ ହୁଏତ ଏଭଳି ଚିନ୍ତାଧାରାର ବ୍ୟକ୍ତିଙ୍କୁ ପାଗଳ ଆଖ୍ୟା ଦେଇପାରେ । ମାତ୍ର ଏହିମାନଙ୍କ ଯୋଗୁଁ ହିଁ ପରବର୍ତ୍ତୀ କାଳରେ ସମାଜ ପାଇଁ ନୂଆ ବାଟ ଫିଟେ । ଏ ସମ୍ପର୍କରେ ଆମେ ଆମର ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କଲାମଙ୍କ ଆତ୍ମଜୀବନୀ' ଉଇଙ୍ଗସ୍ ଅଫ ଫାୟାର' (wings of fire)ରେ ପ୍ରକାଶିତ ତାଙ୍କର ଉକ୍ତିକୁ ସ୍ମରଣ କରି କହିପାରିବା, "ମୌଳିକ ଚିନ୍ତା ଓ ଚେତନାରେ ପରିପୁଷ୍ଟ ବ୍ୟକ୍ତି ମାନେ ଜଗତର ଗତାନୁଗତିକ ଚିନ୍ତା ଧାରା ସହିତ ସାମିଲ୍ ନ ହେବା ପାଇଁ ସତତ ଜାଗ୍ରତ ଓ ଯତ୍ନବାନ୍ ଥାଆନ୍ତି । ସେମାନେ ହିଁ ଏକ ସୁନ୍ଦର ଅଭିନବ ସୃଷ୍ଟିର ପରିକଳ୍ପନା କରିଥାଆନ୍ତି । ସେମାନେ ଚାହାନ୍ତି ଅବଶିଷ୍ଟ ଜଗତ୍ ତାଙ୍କର ମୌଳିକ ଚିନ୍ତାଧାରା ସହିତ ନିଜକୁ ସାମିଲ୍ କରୁ ।" (ମୌଳିକ ଚିନ୍ତାର ଆବଶ୍ୟକତା, ଶ୍ରୀ ବିଘ୍ନସେନ ମହାପାତ୍ର, ସମାଜ ୧୦/୪/ ୧୫) ଲକ୍ଷ୍ୟ କରିବାର କଥା ଯେ, ଯାହା ପ୍ରାଚୀନ ଏବଂ ଯୁଗଯୁଗର ସଂସ୍କାର ପ୍ରଣୋଦିତ, ସେସବୁ ଯେ, ନିନ୍ଦନୀୟ ଏହା ନୁହେଁ । ତାହା ହୋଇଥିଲେ ଆଚାର୍ଯ୍ୟ ମହାଶୟ ଭାରତୀୟ ସଂସ୍କୃତିର ମହାନ୍ ଐତିହ୍ୟ ଏବଂ ପରମ୍ପରାର ଏଭଳି ଦୃଢ଼ ସମର୍ଥକ

Digitized by PPRACHIN, SOA

ହୋଇ ନଥାନ୍ତେ । ସବୁ ପୁରୁଣା ଯେ ଉତ୍କୃଷ୍ଟ ଏବଂ ନୂଆ ନିନ୍ଦନୀୟ, ଏହା ଠିକ୍ ନୁହେଁ । ବିଜ୍ଞ ଜନେ ନିଜେ ବିଚାର ବୁଦ୍ଧିର ପ୍ରୟୋଗ କରି ଏ ସବୁର ଗ୍ରହଣ କିମ୍ବା ବର୍ଜନ କରୁଥିବାବେଳେ ମୂଢ଼ମାନେ ପର ମତ ଦ୍ୱାରା ପ୍ରଭାବିତ ହୁଅନ୍ତି- ଏହା କହିଛନ୍ତି ମହାକବି କାଳିଦାସ ତାଙ୍କର ଚର୍ଚ୍ଚିତ ନାଟକ ମାଳବିକାଗ୍ନିମିତ୍ରମ୍' ନାଟକରେ । ପଣ୍ଡିତ ମହାଶୟ ନିଜର ପାରିବାରିକ - ପରିବେଶରୁ ମୂଲ୍ୟବୋଧର ଯେଉଁ ଶିକ୍ଷା ପାଇଥିଲେ ତାହାହିଁ ତାଙ୍କର ପରବର୍ତ୍ତୀ ଜୀବନକୁ ଶଗଡ଼ଗୁଳାର ଜୀବନରୁ ଦୂରେଇ ରଖିଥିଲା । ପରମ୍ପରାର ତୋରଣ ଦ୍ୱାରରେ ଠିଆହୋଇ ସେ କୁସଂସ୍କାର ମୁକ୍ତ ପ୍ରଗତିର ସ୍ୱପ୍ନ ଦେଖୁଥିଲେ ଏବଂ ଆତ୍ମମର୍ଯ୍ୟାଦାକୁ ବଜାୟ ରଖି ଏହାକୁ ସାକାର କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ । 'ଆତ୍ମଜୀବନୀ'ରେ ସେ ତାଙ୍କ ବାଲ୍ୟକାଳର ଦୁଇଟି ଘଟଣାର ଉଲ୍ଲେଖ କରିଛନ୍ତି, ଯାହା ତାଙ୍କର ପରବର୍ତ୍ତୀ ସମଗ୍ର ଜୀବନକୁ ପ୍ରଭାବିତ କରିଥିଲା । ସଂକ୍ଷେପରେ ସେ ଘଟଣା ଦୁଇଟି ଏହିପରି । ପ୍ରଥମଟି ଘଟିଥିଲା ତାଙ୍କର ଛଅବର୍ଷ ବୟସରେ । ସେ କାଳର ରୀତି ଅନୁସାରେ ତାଙ୍କର ବାପା ପ୍ରତିଦିନ ସଂଧ୍ୟାରେ କିଛି ଭାଙ୍ଗ ପିଉଥିଲେ । ଦିନେ ପିଲାଳିଆ ବୁଦ୍ଧିରେ ନୀଳକଣ୍ଠ ମଧ୍ୟ ସେଥିରେ ଭାଗ ବସାଇବାକୁ ଦାବି କଲେ । ଭାଙ୍ଗ ଘୋଟା କୁଣ୍ଡିଧୁଆ ପାଣି ପିଇ ପ୍ରଥମ ଦିନ ଏଭଳି ମଜ୍ଜିଗଲେ ଯେ, ଦ୍ୱିତୀୟ ଦିନ ମଧ୍ୟ ଠିକ୍ ବେଳେ ପହଞ୍ଚିଯାଇ ପୂର୍ବ ଦିନ ଭଳି ପେୟ ମାଗିଲେ । ବାପା ପୁଅର ଏଭଳି ଅଭାବନୀୟ ଆଚରଣରେ ପ୍ରଥମରୁ ହିଁ ଚିନ୍ତିତ ଥିଲେ । ଦ୍ୱିତୀୟଦିନର ଘଟଣା ତାଙ୍କର ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିଦେଲା । ଭାଙ୍ଗ ଉପକରଣ ସବୁ ନେଇ ସେ ପତ୍ନୀଙ୍କ ପାଖକୁ ଚାଲିଯାଇ କହିଲେ, 'ତୁ ଯା'କୁ ନେ ଫିଙ୍ଗି ଦେ, ନଇଲେ ଯାହା କର । ମୁଁ ଆଉ ଭାଙ୍ଗ ଖାଇଲେ ପୁଅ ପାଇବି ନାହିଁ । ଏ ଭାଙ୍ଗଡ଼ି ହୋଇଯିବ ।" (ଆତ୍ମଜୀବନୀ : ପୃ :୪) ଆଜି ଯେତେବେଳେ ବାପ-ପୁଅ ଗୋଟିଏ ଟେବୁଲରେ ବସି ନିଶାସେବନ କରିବାର ଦେଖୁଛୁ ବା ପଢୁଛୁ ପାରିବାରିକ ଜୀବନରେ ସ୍ନେହ ସୋହାର୍ଦ୍ଦ୍ୟ ଖୋଜିଲେ ମିଳିବ କୁଆଡୁ ? ସେହିଭଳି ଦ୍ୱିତୀୟ ଘଟଣା । ଏତେବେଳକୁ ଆଚାର୍ଯ୍ୟ ମହାଶୟ ଏମ୍. ଏ. ପଢୁ ଥାଆନ୍ତି କଲିକତାରେ । ବାପାଙ୍କର ଦେହ ଖରାପ ଖବର ପାଇ ଗାଆଁକୁ ଆସିଲେ । କଫ, କାଶ, ଜ୍ୱର ବରାବର ଲାଗି ରହିଛି । ଆଚାର୍ଯ୍ୟେ କଲିକତାରୁ ଆଣିଥିବା ଔଷଧ ବ୍ୟବସ୍ଥା କରିବା ପୂର୍ବରୁ ସେଇ ମରଣାପନ୍ନ ରୋଗୀ କହିଲେ - ଔଷଧ କଥା ଥାଉ । ପ୍ରଥମେ ମୋ କଥା ଶୁଣ ।" ଏତିକି କହି ସେ ପାଖରେ ଥିବା ଅଫିମ କାଢ଼ି ତାଙ୍କୁ ଦେଖାଇଲେ । ଦୁଇ ପଡ଼ୋଶୀ କାଶର ଉପଶମ ନିମନ୍ତେ ତାଙ୍କୁ ଅଫିମ ଧରିବାର ପରାମର୍ଶ ଦେଇଛନ୍ତି ବୋଲି କହିଲେ । ଅଫିମ ଖାଇ ସାମାନ୍ୟ ଉପକାର ପାଇଛନ୍ତି ବୋଲି ଜଣାଇଲେ । ଶେଷକୁ କହିଲେ- ବିଚାରିଲି ପୁଅ ପାରିଗଲାଣି । ମୋତେ ବାସ୍ତରି ବର୍ଷ ହେଲାଣି । ମଣିଷ ଆଉ କେତେକାଳ ବା ବଂଚେ ? ମଲାବେଳକୁ ବିଷଗୁଡ଼ାକ ଖାଇ କଳଙ୍କ ରଖିଯିବି । ତୋ ପାଇଁ ଯାକୁ ରଖିଛି । ତୁ ଯାକୁ ନେଇ ଆଗ ଫିଙ୍ଗି ଦେ । ତାପରେ ଔଷଧ କଥା ବୁଝିବୁ । ଏହିଭଳି ଥିଲା ସେ କାଳର ପିତାପୁତ୍ରର ସମ୍ପର୍କ । ଆଉ ଟିକିଏ ଖୋଲା ଦୃଷ୍ଟିରେ ଦେଖିଲେ ମଣିଷ ମଣିଷ ମଧ୍ୟର ସମ୍ପର୍କ ।

Digitized by PPRACHIN, SOA

ଦୁଇଟି ଘଟଣା । ଗୋଟିଏ ବାଲ୍ୟକାଳର । ଅନ୍ୟଟି ଆଦ୍ୟ ଯୌବନର । ଏହାରି ଭିତରୁ ନିର୍ମଳ ଭାବରେ ଦେଖାଯାଉଛି, ସେ କାଳର ପାରିବାରିକ ଜୀବନ । ପାରସ୍ପରିକ ନିର୍ଭରଶୀଳତାର ଆଉ ବିଶ୍ୱାସର ଚିତ୍ତ ଉଲ୍ଲସା ରୂପ । ଏହାର ଭିତ୍ତି ଥିଲା ତ୍ୟାଗ ଆଉ ତପସ୍ୟା । ସ୍ନେହ, ପ୍ରେମ ଏବଂ କରୁଣା- ଏସବୁ ହିଁ ଥିଲା ଭାରତୀୟ ସଂସ୍କୃତିର ମୂଳପିଣ୍ଡ । ବଡ଼ମାନେ ନିଜର ଆଚାର ଆଉ ଆଚରଣ ଦ୍ୱାରା ପିଲାମାନଙ୍କ ଆଗରେ ଦୃଷ୍ଟାନ୍ତ ସ୍ଥାପନ କରୁଥିଲେ । ମଣିଷ ସହ ମଣିଷକୁ ଯୋଡ଼ିବାର ପବିତ୍ର ମନ୍ତ୍ରର ଶିକ୍ଷା ଦେଉଥିଲେ । ପ୍ରାଚୀନ-ଭାରତର ତପୋବନ - ସଂସ୍କୃତି ଯୁଗ ଯୁଗ ଧରି ପ୍ରଚାର କରିଆସିଛି- "ତ୍ୟାଗରେ ଭୋଗର ସାର୍ଥକତା' । ହେତୁବାଦୀ ସଂସ୍କୃତିର 'first yourself' ରୁ 'always yourself' ଭିତରେ ଯେଉଁ ଜୀବନ - ତାହା ସହିତ ଏ ଦେଶର କୌଣସି ସମ୍ପର୍କ ନାହିଁ । ଆବାଲ୍ୟରୁ ଆଚାର୍ଯ୍ୟ ମହାଶୟ ଭାରତୀୟ ମୂଲ୍ୟବୋଧର ଜୀବନ ସହିତ ଅଭ୍ୟସ୍ତଥିବାରୁ ଶେଷ ପର୍ଯ୍ୟନ୍ତ ସେଇ ବାଟ ଧରି ଚାଲିଥିଲେ ଏବଂ ତାଙ୍କ ଲେଖାରେ ଏଇ ଚିନ୍ତାଧାରା ଅତ୍ୟନ୍ତ ସ୍ପଷ୍ଟ ।

ଏଇ ପ୍ରସଙ୍ଗରେ ବିଶ୍ୱ -ବିଜୟୀ ସନ୍ନ୍ୟାସୀ ବିବେକାନନ୍ଦଙ୍କର ବ୍ରୁକ୍‌ଲିନ୍ ଷ୍ଟାଣ୍ଡାର୍ଡ୍ ୟୁନିୟନ୍ ବକ୍ତୃତା (୧୮୯୫)ର କେତୋଟି ସ୍ମରଣୀୟ ପଙ୍‌କ୍ତି ଏଠାରେ ଉଦ୍ଧାର କରାଯାଉଛି । ସ୍ୱାମୀଜୀ କହିଲେ - 'ଭାରତ ଯେତେଦିନ ତା ନିଜ ପ୍ରତି ଓ ସ୍ୱଧର୍ମ ପ୍ରତି ଖାଣ୍ଟି ରହିଥିବ, ସେତେଦିନ କୌଣସି ଆଶଙ୍କାର କାରଣ ନାହିଁ । କିନ୍ତୁ ଈଶ୍ୱର ଜ୍ଞାନହୀନ ଏଇ ଭୟାନକ ପାଶ୍ଚାତ୍ୟ ଯେତେବେଳେ ଭାରତକୁ ଭଣ୍ଡାମି ଓ ନାସ୍ତିକତା ରପ୍ତାନି କରେ, ସେତେବେଳେ ଭାରତ ବୁକୁରେ ପ୍ରଚଣ୍ଡ ଆଘାତ ହଣାଯାଏ ।" ପଣ୍ଡିତ ମହାଶୟଙ୍କ ଦୃଷ୍ଟି ଓ ଦର୍ଶନ, ଚାହାଣି ଓ ଚଳଣି ତଥା ଚିନ୍ତା ଆଉ ଚମକରେ ଏଇ ଆଦର୍ଶ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରତିଫଳିତ । ସେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ, ଭାରତୀୟ ସଂସ୍କୃତି ହିଁ ଆକୁମାରୀ - ହିମାଚଳ ଏଇ ବିଶାଳ ଉପମହାଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିଛି । ରାଜନୀତିବିତ୍‌ମାନେ ମନେ କରନ୍ତି ଯେ "If British rule in INdia did one good thing × × × it brought about unity in us–" (I was Nehru's 'shadow', K. F. Rustomji, New Delhi, 2006) ତେବେ ପ୍ରକୃତରେ ଯେଉଁମାନେ ଐତିହ୍ୟବାଦୀ ସେମାନଙ୍କ ଦୃଷ୍ଟିରେ ଭାରତୀୟମାନଙ୍କର ସହନଶୀଳତା, ଧୈର୍ଯ୍ୟ ଏବଂ ନିର୍ମୋହତା ଏବଂ ବିବିଧତା ମଧ୍ୟରେ ଏକତା ପ୍ରଭୃତି ସମଗ୍ର ବିଶ୍ୱରେ ସେମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆଚାର୍ଯ୍ୟ ମହାଶୟ ଥିଲେ ଏହିଭଳି ଏକ ପାରମ୍ପରିକ ଦୃଷ୍ଟିକୋଣର ସମର୍ଥକ । ଏ ବିଷୟରେ ତାଙ୍କର ନିଷ୍ଠା ସମ୍ପର୍କରେ ସନ୍ଦେହ କରିବାର କିଛି ନାହିଁ । ତାଙ୍କ ମତରେ, ଚୈତନ୍ୟ ଦେବ ଶ୍ରୀମନ୍ଦିରରେ ପ୍ରଥମ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ସମୟରେ ତାଙ୍କ ମୁହଁରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଯେଉଁ ପ୍ରାର୍ଥନା ନିର୍ଗତ ହୋଇଥିଲା ଏବଂ ଯାହାକୁ 'ଜଗନ୍ନାଥାଷ୍ଟକ' ବୋଲି କୁହାଯାଉଛି, ତାହାର ପ୍ରଥମ ଦୁଇଧାଡ଼ି ହେଲା -

କଦାଚିତ୍ କାଳିନ୍ଦୀ ତଟ ବିପିନ ସଂଗୀତକରବୋ
ମୁଦାଭୀରୀ ନାରୀ ବଦନକମଳାସ୍ୱାଦ -ମଧୁପଃ -"

Digitized by PPRACHIN, SOA

ପଣ୍ଡିତ ମହାଶୟଙ୍କ ମତରେ ଏହା ନିତାନ୍ତ ଅଶାଳୀନ ବର୍ଣ୍ଣନା । କବି କାଳିଦାସ ଦେବୀ ବୀଣାପାଣିଙ୍କ ବରଦାନ ଫଳରେ କବିତ୍ୱ ଶକ୍ତି ଲାଭ କଲାପରେ ତାଙ୍କୁ ସ୍ତୁତି କରି ଗାଇଥିଲେ -

କଜ୍ଜ୍ୱଳ ପୂରିତ ଲୋଚନ ଧାରେ
ସ୍ତନଯୁଗ ଶୋଭିତ ମୁକ୍ତାହାରେ -

ପ୍ରଥମ ବର୍ଣ୍ଣନାରୁ ଦେବୀଙ୍କ ଶରୀରର ନିର୍ଦ୍ଦିଷ୍ଟ ଅଙ୍ଗର ବର୍ଣ୍ଣନା କରିଥିବାରୁ କ୍ରୁଦ୍ଧା ଦେବୀ ତାଙ୍କୁ ଅଭିଶାପ ଦେଇଥିବାର କିମ୍ବଦନ୍ତୀ ଆମ ଏଠାରେ ପ୍ରଚଳିତ । ସେହିଭଳି ଭକ୍ତ ଚୈତନ୍ୟଙ୍କ ବଦଳରେ ଆମେ ଏଠାରେ ଜଣେ ସାଧାରଣ ଦେହବାଦୀ ଯୁବକର ଦର୍ଶନ ପାଉଥିବାରୁ ପଣ୍ଡିତ ମହାଶୟ ଲେଖିଛନ୍ତି, ସମାଜ ଓ ସାହିତ୍ୟର ଶ୍ରେଷ୍ଠ ପ୍ରକାଶ ହେଉଛି ଧର୍ମ । ସେଥିରେ ସଂଯମ ବା ବ୍ରହ୍ମଚର୍ଯ୍ୟର ଯଥାର୍ଥ ଦର୍ଶନ ତାଙ୍କର ନଥିଲା, 'ଯଥାର୍ଥ ଜଗନ୍ନାଥଙ୍କୁ 'ଦର୍ଶନ' କରିବାର ଶକ୍ତି ସେ ହରାଇ ଥିଲେ । ଏଥିପାଇଁ କବି ଜୟଦେବ ମଧ୍ୟ 'ସହଜିଆ -ବୈଷ୍ଣବ' ଆକ୍ଷେପରେ ତାଙ୍କ ଦ୍ୱାରା ନିନ୍ଦିତ ହୋଇଛନ୍ତି । ସେଇ ଛାତ୍ର ଜୀବନରୁ ସେ ଭାରତୀୟ- ଜୀବନଧାରାର ଆଦର୍ଶରେ କଠୋର ସଂଯମ ଏବଂ ବ୍ରହ୍ମଚର୍ଯ୍ୟର ଦୃଢ଼ ସମର୍ଥକ ଥିଲେ । ଭାରତୀୟ ଜନଜୀବନ ଏହିଭଳି ନୀତିନିୟମ ଦ୍ୱାରା ଆବଦ୍ଧ ହୋଇଥିବାରୁ ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା ବୋଲି ତାଙ୍କର ଦୃଢ଼ ମତ ।

ଭାରତ ହେଉଛି ଆଧ୍ୟାତ୍ମିକ ଚେତନାର ଆଦ୍ୟବାର୍ତ୍ତାବହ ଏବଂ ତେତ୍ରିଶକୋଟି ଦେବଦେବୀ ସେଇ ଚେତନାର ପ୍ରତିନିଧି ରୂପରେ ଆମ ସମ୍ମୁଖରେ ନିତ୍ୟ ଆତଯାତ - ଏହିଭଳି ଏକ ବିଶ୍ୱାସ ଆମ ସମାଜରେ ପ୍ରଚଳିତ । ନୀଳକଣ୍ଠ ଧର୍ମରେ ଆସ୍ଥାଶୀଳ ଥିଲେ, ତେବେ ଧର୍ମ ନାମରେ ଭଣ୍ଡାମିର ତୀବ୍ର ବିରୁଦ୍ଧାଚରଣ କରୁଥିଲେ । ୧୯୫୨ ମସିହାରେ 'ମାତୃଭୂମି'ର ପୂଜାସଂଖ୍ୟାରେ ପ୍ରକାଶିତ 'ଦେବୀ ପୂଜା' ନାମକ ପ୍ରବନ୍ଧରେ ସେ ଦେବୀତତ୍ତ୍ୱର ଉଦ୍‌ଭବ ଏବଂ ବିକାଶ କ୍ରମ ଚର୍ଚ୍ଚା କଲାବେଳେ ଆଦିଶକ୍ତିଙ୍କର ତାନ୍ତ୍ରିକ ପଦ୍ଧତିରେ ଉପାସନାକୁ ତୀବ୍ର ସମାଲୋଚନା କରିଛନ୍ତି । ମୂର୍ତ୍ତିପୂଜାର ଆଡ଼ମ୍ବରକୁ ନିନ୍ଦା କରି ଲେଖିଛନ୍ତି- ଏହା ଓଡ଼ିଶୀ ସଭ୍ୟତାର ଧର୍ମ ନୁହେଁ କି ଅନୁଷ୍ଠାନ ନୁହେଁ ।' ଦେବୀ ଉପାସନା ନାମରେ ବୀଭତ୍ସତାର ଏଇ ଉଲ୍ଲଙ୍ଗ ଉତ୍ସବ ସମ୍ପର୍କରେ ତାଙ୍କର ମନ୍ତବ୍ୟ - ପରମ୍ପରାରେ ଏହି ପର୍ବଟି ସଂଗେ ଯେଉଁ ମାନସ ଓ ଶାସନର ସମ୍ପର୍କ ଜଡ଼ିତ ରହିଛି, ତାକୁ ଛଡ଼ାଇ ସଂଶୋଧିତ ଭାବରେ ଏ ପର୍ବରେ ଯଥାର୍ଥ ଆଋର ନଫୁଟିଲେ ଦିନେ ଏ ଉତ୍ସବରୁ ଭାରତ ଧର୍ମର ଯେ ପ୍ରକାର ଓ ପ୍ରକୃତି ଚନ୍ତାଶୀଳ ଜଗତରେ ପ୍ରକାଶ ପାଇବ, ତାହାର ପ୍ରଭାବ ଓ ପ୍ରତିଷ୍ଠା ଉନ୍ନତମାନବ ସମାଜର ସ୍ୱାଦ୍ୟ ନ ହୋଇପାରେ ।" ଏଥିରୁ ଧର୍ମରେ ଆଋରଗତ ଦାର୍ଶନିକତାର ସ୍ଥାନ ସମ୍ପର୍କରେ ପଣ୍ଡିତ ମହାଶୟଙ୍କର ଦୃଷ୍ଟିକୋଣର ସ୍ପଷ୍ଟ ଝଲକ ଦେଖିବାକୁ ମିଳେ । ଏହାକୁ ହିଁ ସେ ଭାରତୀୟ ସଂସ୍କୃତିର ଏକ ପ୍ରଧାନ ସ୍ତମ୍ଭ ମନେ କରୁଥିଲେ ଏବଂ ଏଥିରେ ନିହିତ ଥିଲା ତାଙ୍କର ଅଧ୍ୟାତ୍ମ ବିଶ୍ୱାସର ସ୍ପଷ୍ଟ ରୂପ । ଏହା

Digitized by PPRACHIN, SOA

ସହିତ ତୁଳନୀୟ ହୋଇପାରେ ନିକଟରେ ଓଡ଼ିଶାରେ ପ୍ରଚରିତ ଏକ ଦୈନିକ ପତ୍ରିକାରେ ପ୍ରକାଶିତ ୧୯୯୬ ମସିହାରେ ନବକଳେବର ସମୟରେ ଘଟିଥିବା ଏକ ରୋମାଞ୍ଚକର ଘଟଣାର ବିବରଣୀ । ପ୍ରାସଙ୍ଗିକ ଭାବରେ ଏ ଘଟଣା ସମୟର ପରିବେଶ ସମ୍ପର୍କରେ ଉଲ୍ଲେଖ କରାଯାଇପାରେ । ଶ୍ରୀ ଜୀଉଙ୍କର ଘଟ ପରିବର୍ତ୍ତନ କାର୍ଯ୍ୟ ସମାହିତ ହୋଇସାରିଛି । ନିଶାର୍ଦ୍ଧ ସମୟ । ବଡ଼ ଦେଉଳ ଶୋଧ କରାଯାଇଥିବାରୁ ଚାରିଆଡ଼ ଶୂନ୍‌ଶାନ୍ । ପ୍ରାଚୀନ ବିଗ୍ରହମାନେ ପାତାଳି ହେବା ଲକ୍ଷ୍ୟରେ କୋଇଲି ବୈକୁଣ୍ଠକୁ ବିଜେ କରୁଛନ୍ତି । ହଠାତ୍ ରାତ୍ରିର ନିର୍ଜନ ପ୍ରହରର ତୁହିନ ନୀରବତାକୁ ଭେଦ କରି ତୁହାଇ ତୁହାଇ ଶୁଣାଯାଉଛି ନାରୀ କଣ୍ଠର ବିକଳ କ୍ରନ୍ଦନ । ଦଇତାପତିମାନେ ଭୀତ, ସଂତ୍ରସ୍ତ । କିଏ ସେହି ନାରୀ ? କ୍ରନ୍ଦନର ରହସ୍ୟ ବା କ'ଣ ? ଚିରକାଳ ପାଇଁ ଏହା ରହସ୍ୟାଚ୍ଛନ୍ନ ହୋଇ ରହିଯାଉଛି । ସେ ସମୟରେ ଏହି ଘଟଣାର ଚର୍ଚ୍ଚା କୌଣସି ସମ୍ବାଦପତ୍ରରେ କରାଯାଇଥିବାର ମନେ ପଡୁନାହିଁ । ଯଦି କରାଯାଇ ନାହିଁ, ତେବେ ଆଜି ଏ ଦୁଇ ଦଶନ୍ଧି ପରେ, ତାହା ଆଲୋକକୁ ଆଣିବାର କାରଣ କ'ଣ ହୋଇପାରେ ? କିଛି ଦୁର୍ବଳଚିତ୍ତ ବ୍ୟକ୍ତିଙ୍କର ଚିନ୍ତାକୁ ଆଲୋଡ଼ିତ କରି ବିଶ୍ୱାସ ଅବିଶ୍ୱାସର ଏକ ଦୋଳାଚଳ ସ୍ଥିତି ସୃଷ୍ଟି କରି ଏବଂ ଅଳସ ମୁହୂର୍ତ୍ତର ଚର୍ଚ୍ଚାକୁ ବଢ଼ାଇ ପାଠକ ସଂଖ୍ୟାବୃଦ୍ଧି କରିବା ବ୍ୟତୀତ ଏ ସବୁର ଅନ୍ୟ କୌଣସି ଲକ୍ଷ୍ୟ ନାହିଁ ବୋଲି ଆମର ବିନମ୍ର ମତ । ପଣ୍ଡିତ ମହାଶୟ ଏସବୁକୁ 'ଭାନ୍ତିକମିଥ୍ୟା' ବୋଲି କହି ଏହାର ଘୋର ନିନ୍ଦା କରିଛନ୍ତି । ଲୋକବିଶ୍ୱାସରେ ଏହାର ରୂପ ଯାହା ହେଉ, ଏହା ସମାଜର ସୁସ୍ଥ ବିକାଶରେ ଘୋର ଅନ୍ତରାୟ ସୃଷ୍ଟିକରେ ବୋଲି ତାଙ୍କର ମତ । ମହାନ୍ ଭାରତୀୟ ସଂସ୍କୃତିରେ ଏସବୁ ସ୍ଥାନ ନାହିଁ । ସେ ଦେଶର ଚିନ୍ତା ନାୟକ 'ଜୁଲିଆନ୍ ହକ୍ସଲେ' (Julian Huxley) ଏହି ପ୍ରବୃତ୍ତିକୁ 'ବିଭ୍ରାନ୍ତ ପାଣ୍ଡିତ୍ୟ ବିଳାସିତା' (Vague Intellectual Exercise) ବୋଲି କହିଛନ୍ତି ।

ପରସ୍ପର ମଧ୍ୟରେ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବା ଧର୍ମର ଲକ୍ଷ୍ୟ ହୋଇନଥିଲେ ହେଁ ସଂସାରରେ ସେଭଳି ଧର୍ମର ଅଭାବ ନାହିଁ । ଅଭାବ ଅଛି କେବଳ ସ୍ନେହ, ସଦିଚ୍ଛା ଓ ସଂପ୍ରୀତିର ପ୍ରସାର ପାଇଁ ଏକ ଉଦାର ଧର୍ମର । ଆଲୋଚକ ଜନାଥନ ସ୍ୱିଫ୍ଟ (Jonathan Swift)ଙ୍କର ଏହି ଦୃଷ୍ଟିକୋଣର ସେ ଥିଲେ ଜଣେ ସଫଳ ରୂପକାର । କାରଣ ଭାରତୀୟ ସଂସ୍କୃତିର 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶ ପୂର୍ବୋକ୍ତ ଚିନ୍ତାଧାରାରେ ସମ୍ପୂର୍ଣ୍ଣ ରୂପେ ପ୍ରତିଫଳିତ ହୋଇଥିବାର ଲକ୍ଷ୍ୟ କରାଯାଇ ପାରିବ । ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଥିବା ସମୟରେ ସେ ତତ୍ରତ୍ୟ ଅନ୍ତେବାସୀମାନଙ୍କର ମନରେ ଏଇ ବିଶ୍ୱଜନପ୍ରୀତି ଭାବଟିକୁ ଦୃଢ଼ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ । କାରଣ ସେ ଭଲଭାବରେ ବୁଝିଥିଲେ ମଣିଷର ମନୋଭୂମିରେ ଯେମିତି ନାନାଗୁଣଯୁକ୍ତ ଉତ୍ତମ ଉଦ୍ଭିଦ ଜନ୍ମେ, ସେମିତି ବିଛୁଆତି, ବାଇଡଙ୍କ ଭଳି ବିଷବୃକ୍ଷମାନ ମଧ୍ୟ ସୃଷ୍ଟି ହୁଏ । ଆମେ କେବଳ ଭଲଗଛଗୁଡ଼ିକୁ ଯତ୍ନ କରି ଅନ୍ୟଗୁଡ଼ିକୁ ସମୂଳେ ବିନଷ୍ଟ କରି ଦେବା ଉଚିତ ଏବଂ ବାଲ୍ୟକାଳ ହିଁ ହେଉଛି ଏଥିପାଇଁ ସର୍ବୋତ୍କୃଷ୍ଟ ସମୟ । ଏହି କାରଣରୁ ସେ ବନବିଦ୍ୟାଳୟର ପ୍ରାର୍ଥନା ସଂଗୀତ ରୂପେ କୁନ୍ତଳାକୁମାରୀ ସାବତଙ୍କ 'ଅଞ୍ଜଳି' (୧୯୨୩)

Digitized by PPRACHIN, SOA

କବିତା ଗୁଚ୍ଛର 'ପୂଜାପଦ୍ଧତି' କବିତାଟିକୁ ଗ୍ରହଣ କରି ନେଇଥିଲେ। କବିଙ୍କୁ ପ୍ରଶଂସା କରି ଲେଖିଥିଲେ "କବିତାଟିର ମୁଗ୍ଧ ସୁନ୍ଦର ମୂର୍ତ୍ତି ଏବେ ମଧ୍ୟ ମନରୁ ଯାଉ ନାହିଁ। ବିଶେଷ କରି ମୋର ମନେହୁଏ, ଓଡ଼ିଆ ସାହିତ୍ୟରେ ଏପରି ସାର୍ବଜନୀନ ପ୍ରାଣସ୍ପର୍ଶୀ 'ପୂଜାପଦ୍ଧତି' କେହି କେବେ ଲେଖିନାହାନ୍ତି'। (୧୯୨୬) ଜଣେ ବୟଃକନିଷ୍ଠା କବିଙ୍କ ପ୍ରତି ଅନ୍ୟ ଜଣେ ବୟସ୍କ କବିଙ୍କର ଏହି ଆବେଗୋଚ୍ଛ୍ୱାସ ହେଉଛି ତାଙ୍କର ଗ୍ରାହକତାର ଯଥାର୍ଥ ପରିଚୟ। ପ୍ରସଙ୍ଗ କ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ, କୁନ୍ତଳାଙ୍କର ସମସାମୟିକ ଅନ୍ୟ କବିମାନେ ତାଙ୍କର ଲେଖନୀର ବହୁସ୍ରାବିତ୍ୱ ଜନିତ ରଚନାରେ ଶିଳ୍ପକଳାର ଘୋର ଅଭାବ ସମ୍ପର୍କରେ କଟୁ ମନ୍ତବ୍ୟ ମାନ ଦେଉଥିବା ବେଳେ ଆଚାର୍ଯ୍ୟ ମହାଶୟଙ୍କର ଉଦାର ମନ୍ତବ୍ୟ ନିଶ୍ଚୟ ତାଙ୍କ ପାଇଁ ଗଭୀର ଆଶ୍ୱାସନାର ପ୍ରଲେପ ହୋଇଥିବ। ଉଦାରତା ଏବଂ ସହନଶୀଳତାର ଏଇ ଗୁଣ ତାଙ୍କଠାରେ ପ୍ରଭବି ଥିଲା ଭାରତୀୟ ସଂସ୍କୃତିର ପ୍ରଭାବରୁ। ନୀଳକଣ୍ଠ ଥିଲେ ତା'ର ଅନୁଗତ ଶିଷ୍ୟ ତଥା ସେବକ। ଯେଉଁ କବିତାଟିକୁ ପଢ଼ି ସେ ଏତେ ଉଚ୍ଛ୍ୱସିତ ହୋଇଥିଲେ, ତାହାର ପ୍ରଥମ ଦୁଇଧାଡ଼ି ଏଠାରେ ଉଦ୍ଧାର କରାଯାଉଛି। ତାହା ଏହିପରି - ହରି ହରି କେହି ଡାକୁଛି ସତତ, ପ୍ରଭୁ ପ୍ରଭୁ କେହି କହେ, ତୁମ ନାମ ମୁଖେ ନ ନେଇ କେହିବା ତୁମ ଲାଗି ଦୁଃଖ ସହେ - "(ଗ୍ରନ୍ଥାବଳୀ- ସଂ. ଡଃ ହେମନ୍ତ କୁମାର ଦାସ: ପୃ-୫୧) ଏବେ ନୀଳକଣ୍ଠଙ୍କର ଉଚ୍ଛ୍ୱାସରେ କେତେଦୂର ଯଥାର୍ଥତା ରହିଛି, ତାହା ପାଠକ ମାନେ ସ୍ଥିର କରନ୍ତୁ।

ଭାରତୀୟ ସଂସ୍କୃତି ତାଙ୍କୁ ପୀଡ଼ିତ ଏବଂ ଦୁର୍ଗତର ସେବାର ଦୀକ୍ଷା ଦେଇଥିଲା। ଛାତ୍ରାବସ୍ଥାରୁ ସେ ଏହି ଦୁଷ୍କର କର୍ମ ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ ଏବଂ ଏଥିପାଇଁ କର୍ତ୍ତୃପକ୍ଷଙ୍କ ସହିତ ତାଙ୍କୁ ସଂଗ୍ରାମ କରିବାକୁ ପଡୁଥିଲେ ହେଁ ସେ ନିର୍ଭୀକତାର ସହ ସେ ସବୁର ମୁକାବିଲା କରୁଥିଲେ। ପରେ ଗୋପବନ୍ଧୁଙ୍କ ସାହଚର୍ଯ୍ୟରେ ଏହି ଦିଗଟି ଅଧିକ ବିକଶିତ ହୋଇଥିବାର ଲକ୍ଷ୍ୟ କରାଯାଇପାରେ। ବିଦ୍ୟାଳୟର ଆଚାର୍ଯ୍ୟ ଥିବା ସମୟରେ ଆଖପାଖର ଗ୍ରାମମାନଙ୍କରେ କଲେରା ଲାଗିବାବେଳେ (ଯାହା ସେ ସମୟର ଏକ ନିୟମିତ ଘଟଣାଥିଲା) ସେ ପୀଡ଼ିତମାନଙ୍କୁ ଔଷଧ ଦେଇ, କୂଅ ପୋଖରୀର ପାଣି ବିଶୋଧିତ କରାଇ ତଥା ଲୋକମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଅବହିତ କରାଇ ନିଜର ସାଧ୍ୟମତେ ଜନସେବା କରୁଥିଲେ। ରାତିରେ ଶୋଇଥିବାବେଳେ କାଳେ କେହି ରୋଗୀର ଖବର ନେଇ ଡାକିବାକୁ ଆସି ଫେରିଯିବ ବୋଲି ସେ ବାହାର ବାରଣ୍ଡାରେ ଶୋଉଥିଲେ ବୋଲି ମଧ୍ୟ ଶୁଣାଯାଏ। ଏହିଭଳି ସେ ହୋଇ ଯାଇଥିଲେ ବହୁ କିମ୍ବଦନ୍ତୀର ନାୟକ।

ଦେଖିବାକୁ ଗଲେ, ନୀଳକଣ୍ଠ ଏବଂ ଭାରତୀୟ ସଂସ୍କୃତି ଏକାକାର ହୋଇ ଯାଇଥିଲେ। ଆଚାର ବିଚାରରେ କେଉଁଠି ସାମାନ୍ୟ କିଛି ବ୍ୟତିକ୍ରମ ଦେଖିଲେ, ସେ ତତ୍‌କ୍ଷଣାତ୍ ପ୍ରକାଶ୍ୟ ଭାବରେ ତାହା ପ୍ରକାଶ କରି ଦେଉଥିଲେ। ଏଥିପାଇଁ ତାଙ୍କୁ 'ଶୁଚିବାଦୀ'ର ଅପମାନ ବହନ କରିବାକୁ ପଡୁଥିଲେ ହେଁ ସେଥିପାଇଁ ତାଙ୍କର ଭ୍ରୂକ୍ଷେପ ନଥିଲା। ଓଡ଼ିଆ ଭାଷାର ପ୍ରସାର ନିମନ୍ତେ ଉଦ୍ୟମ, ସ୍ୱାଧୀନତା ଆନ୍ଦୋଳନରେ ଯୋଗ

Digitized by PPRACHIN, SOA

ଦେଇ କାରାବରଣ, ଦୁର୍ଭିକ୍ଷ ପ୍ରପୀଡ଼ିତ ଅଂଚଳରେ ଜନସେବା – ଏଥିନିମନ୍ତେ ବ୍ୟକ୍ତିଗତ ସୁଖସ୍ୱାଛନ୍ଦ୍ୟକୁ ଜଳାଞ୍ଜଳି ଦେବା ଏ ସବୁ ହେଉଛି ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱର ଗୋଟିଏ ଗୋଟିଏ ଦିଗ । ଏଥିରୁ ତାଙ୍କର ନିଃସ୍ୱାର୍ଥପର ସେବା ମନୋଭାବର ପରିଚୟ ଯେଉଁ ଭଳି ଦେଶହିତୈଷିତାର ସ୍ପଷ୍ଟ ଝଲକ ମଧ୍ୟ ସେହିଭଳି ଦେଖାଯାଏ । ସ୍ୱତନ୍ତ୍ର ଉତ୍କଳ ଗଠନରେ ନୀଳକଣ୍ଠଙ୍କର ଭୂମିକା, ଜନସେବୀ ରୂପରେ ତାଙ୍କର ନିରଳସ, ନିର୍ଭୀକ ବ୍ୟକ୍ତିତ୍ୱ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ନେତା ମଧୁସୂଦନଙ୍କୁ ଏଭଳି ଗଭୀର ଭାବରେ ପ୍ରଭାବିତ କରିଥିଲା ଯେ, ସେ ମୃତ୍ୟୁର ଅବ୍ୟବହିତ ପୂର୍ବରୁ ତାଙ୍କୁ ଖୋଜିଥିଲେ । ସମ୍ବାଦ ପାଇ ନୀଳକଣ୍ଠ ସୁଦୂର ପାଟଣାରୁ ଧାଇଁ ଆସିଲେ । ସେତେବେଳେ ମଧୁବାବୁ ଗୋପବନ୍ଧୁ ଅକାଳରେ ବାହୁଡ଼ିଯିବା ପରେ ଓଡ଼ିଶା ଚଳାଇବା ପାଇଁ ଆଉ କିଏ ଅଛି ବୋଲି କୁଆଡ଼େ ପଚାରି ସ୍ୱୟଂ ତାର ଉତ୍ତର ଦେଇଥିଲେ – "ମୋର ସମ୍ପୂର୍ଣ୍ଣ ବିଶ୍ୱାସ ତୁମେ କରିବ । ତୁମର ଏକ କଥା ମୁଁ ଜାଣେ ।" ଏଇ ପଦେ କଥାରୁ ନୀଳକଣ୍ଠଙ୍କ ଉପରେ ତାଙ୍କର କିଭଳି ଭରସା ଥିଲା, ତା'ର ସ୍ପଷ୍ଟ ପରିଚୟ ମିଳିଥାଏ । ମଧୁବାବୁଙ୍କର ଶେଷ ବାକ୍ୟ 'ମୁଁ ତ ଯାଉଛି, ମନେ ରଖିଥିବ ଜଣେ ଓଡ଼ିଆ ଥିଲା', ନୀଳକଣ୍ଠଙ୍କର ଓଡ଼ିଶାବାସୀଙ୍କ ପାଇଁ ଆପଣଙ୍କର କୌଣସି ବାର୍ତ୍ତା ଅଛିର ଉତ୍ତର ସ୍ୱରୂପ ଆସିଥିଲା ବୋଲି କୁହାଯାଉଛି ।

ଉପସଂହାରରେ କୁହାଯାଇପାରେ ଯେ, ଭାରତୀୟ ଦର୍ଶନ – ଆଧ୍ୟାତ୍ମିକତା ତାଙ୍କର ଜୀବନ ସହିତ କ୍ଷୀରନୀର ନ୍ୟାୟରେ ମିଶିଯାଇ ଥିଲା ଏବଂ ସମସାମୟିକ ଜୀବନ ଧାରାରେ ସେ ତାହାର ପ୍ରତିଫଳନ ଦେଖିବାକୁ ଚାହୁଁଥିଲେ । ଧର୍ମ ଉପରେ ତାଙ୍କର ପ୍ରଚଣ୍ଡ ଆସ୍ଥା ଥିଲା । ତେବେ ସେ ସଂସ୍କାର ନାମରେ କୁସଂସ୍କାରକୁ ଘୃଣା କରୁଥିଲେ । ବିଶ୍ୱାସନାମରେ ଅନ୍ଧ ବିଶ୍ୱାସ ପ୍ରତି ତାଙ୍କର ତୀବ୍ର ଅନାହା ଥିଲା । ଜଗନ୍ନାଥ -ଧର୍ମ ତାଙ୍କର ଧର୍ମୀୟ ଚିନ୍ତାଧାରାର ଏକ ବଳିଷ୍ଠ ଅଂଗ ଥିଲା । (କେଜାଣି କାହିଁକି ସେ ଏହାକୁ ଜୈନଧର୍ମ ପ୍ରଭାବିତ ବୋଲି କହିଛନ୍ତି । ଜଗନ୍ନାଥଙ୍କୁ 'ବଉଦ୍ଧ ମୂରତି' ବୋଲି କହିବା ପଛରେ ଅବା କିଛି ଯୁକ୍ତି ଥାଇପାରେ । ମାତ୍ର ତାଙ୍କୁ ଜୈନତୀର୍ଥଙ୍କର !!!) ଏଥିରୁ ହିଁ ସେ 'ବିଶ୍ୱଜନପ୍ରୀତି'ର ମହାନ୍ ପ୍ରେରଣା ଲାଭ କରିଥିଲେ ।

ସ୍ୱାମୀ ବିବେକାନନ୍ଦ ଲେଖିଛନ୍ତି, ସଂସାରକୁ ଆସିଛ, ପଦଚିହ୍ନ ରଖିଯାଅ । × × × ପାଣିରେ ପଦଚିହ୍ନ ମୁହୂର୍ତ୍ତେ, ବାଲି ଉପରେ ପାଦ ଚିହ୍ନ ମଧ୍ୟ କେତେ ଦଣ୍ଡ । କିନ୍ତୁ ଶିଳାରେ ଚିହ୍ନିତ ପଦଚିହ୍ନ ହିଁ ରହିବ କାଳାକାଳ ।' ଆମୃତ୍ୟୁ ମହାଭାରତୀୟତାର ସ୍ୱପ୍ନରେ ବିଭୋର ଥିବା ଏଇ ନିଷ୍ପାପର ଆଚାର୍ଯ୍ୟଙ୍କ ପଦଚିହ୍ନକୁ କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯିବ ତାହା ପାଠକମାନେ ସ୍ଥିର କରନ୍ତୁ ।

□□□

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ 'ଗୀତା'

ଡ. କୁମୁଦିନୀ ମିଶ୍ର

"ବେଦେଷୁ ପୌରୁଷଂ ସୂକ୍ତଂ, ପୁରାଣେଷୁ ଚ ବୈଷ୍ଣବଂ
ଭାରତେ ଭଗବଦ୍ ଗୀତା, ତ୍ରୟଂ ତ୍ରୈଲୋକ୍ୟ ଦୁର୍ଲ୍ଲଭଂ ।"

ଆର୍ଯ୍ୟଶାସ୍ତ୍ର ପୃଥିବୀର ସମସ୍ତ ଧର୍ମର ମୂଳସୂତ୍ର । ପୁଣି ଆର୍ଯ୍ୟ ଶାସ୍ତ୍ରର ସକଳ ତତ୍ତ୍ୱ ବେଦରେ ନିହିତ । କିନ୍ତୁ ମନୁଷ୍ୟର ଆୟୁଷ୍କାଳ ତୁଳନାରେ 'ବେଦ' ଏକାନ୍ତ ଦୁରୂହ ଓ ବିସ୍ତୃତ ହୋଇଥିବାରୁ ସମୁଦାୟ ପାଠ କରି ଏହାର ତତ୍ତ୍ୱ ଗ୍ରହଣ କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତେଣୁ ବେଦବ୍ୟାସ ବେଦକୁ -କର୍ମ, ଉପାସନା, ଜ୍ଞାନ ଓ ଚିକିତ୍ସା -ଏହିପରି ଚାରିଭାଗରେ ବିଭକ୍ତ କରିଥିଲେ । (୧) ଏଥି ମଧ୍ୟରୁ କର୍ମ, ଉପାସନା ଓ ଜ୍ଞାନ - ଏହି ଶ୍ରେଷ୍ଠ ତିନି ଅଂଶକୁ ନେଇ ଯଥାକ୍ରମେ ଯଜୁଃ, ସାମ ଓ ଋକ୍ ବେଦ ରଚିତ ହେଲା । ସାଧାରଣରେ ଏହା ତ୍ରୟୀ ନାମରେ ବିଦିତ । ଅପେକ୍ଷାକୃତ ନିକୃଷ୍ଟ ବିଷୟ ଚିକିତ୍ସା ଶାସ୍ତ୍ରକୁ ନେଇ ଅଥର୍ବ ବେଦ ଲିଖିତ । ସେ ସମୟରେ କେତେକ କାରଣରୁ ଶୂଦ୍ର ଓ ସ୍ତ୍ରୀ ଜାତି ପ୍ରଭୃତି ସାଧାରଣ ଲୋକ ବେଦପାଠ ଅଧିକାରରୁ ବଞ୍ଚିତ ହେଉଥିଲେ । ତେଣୁ ବେଦର ସମସ୍ତ ଜ୍ଞାତବ୍ୟ ବିଷୟକୁ ସର୍ବଜନ ବିଦିତ କରିବା ଲାଗି ବ୍ୟାସଦେବ 'ତ୍ରିଷଟ୍' ଅର୍ଥାତ୍ ଅଷ୍ଟାଦଶ ପର୍ବ ବିଶିଷ୍ଟ 'ମହାଭାରତ' ରଚନା କଲେ । ଏହି ଅଷ୍ଟାଦଶ ଖଣ୍ଡ ମହାଭାରତ ମଧ୍ୟରେ ପୁଣି 'ଭୀଷ୍ମପର୍ବ'ର 'କୃଷ୍ଣାର୍ଜୁନ' ସମ୍ବାଦ ରୂପୀ 'ଶ୍ରୀମଦ୍ ଭଗବଦ୍ ଗୀତା' ଅତି ଉପାଦେୟ ବିଷୟ ରୂପେ ସର୍ବଜନାଦୃତ ହୋଇପାରିଛି ।

'ଭଗବଦ ଗୀତା' ଏକ ସ୍ୱତନ୍ତ୍ର ଗ୍ରନ୍ଥ ନୁହେଁ । 'ମହାଭାରତ' ଅନ୍ତର୍ଭୁକ୍ତ 'ଭୀଷ୍ମପର୍ବ'ର ଏକ ଉପପର୍ବ ମାତ୍ର । ଭୀଷ୍ମ ପର୍ବର ପ୍ରଥମ ବାରଟି ଅଧ୍ୟାୟ 'ଭୂମିପର୍ବ' ଏବଂ ଦ୍ୱିତୀୟ ତିରିଶ ଅଧ୍ୟାୟ 'ଭଗବଦ୍‌ଗୀତା ପର୍ବ' । ଏହି ଦ୍ୱିତୀୟ ଉପପର୍ବର ଶେଷ ଅଠର ଅଧ୍ୟାୟର ନାମ 'ଗୀତା' ମୂଳ ଗ୍ରନ୍ଥରୁ ଏହି ଅଂଶତକ ବାଦ୍ ଦେଲେ ବିଷୟ ପରମ୍ପରାରେ କୌଣସି ଅସଂଗତି ଘଟିବନାହିଁ । କିନ୍ତୁ ଏହି କ୍ଷୁଦ୍ର ଅଂଶଟି ହିଁ ମନେହୁଏ ସମଗ୍ର 'ମହାଭାରତ'ର କେନ୍ଦ୍ର ବିନ୍ଦୁ । 'ମହାଭାରତ'ର 'ଭୀଷ୍ମପର୍ବ' ଓ 'ଅଶ୍ୱମେଧ' ପର୍ବ'ରେ ସମୁଦାୟ ୧୬ଗୋଟି 'ଗୀତା'ର ନାମ କୀର୍ତ୍ତିତ ହୋଇଥିଲେ ହେଁ, କେବଳ 'ଗୀତା' କହିଲେ, ସମସ୍ତେ 'ଭଗବଦ୍ ଗୀତା'କୁ ହିଁ ବୁଝିଥାଆନ୍ତି । ସୁଖମୟ ଭଟ୍ଟାଚାର୍ଯ୍ୟ ଶାସ୍ତ୍ରୀ ସପ୍ତତୀର୍ଥ ଏହାକୁ 'ମହାଭାରତ' ରୂପୀ 'ରତ୍ନହାରର ମଧ୍ୟମଣି' ବୋଲି କହିଛନ୍ତି । (୨)

ମହାମାନ୍ୟ ବାଲଗଙ୍ଗାଧର ତିଲକ ତାଙ୍କ ରଚିତ 'ଗୀତା ରହସ୍ୟ'ର ପ୍ରାକ୍ ଭାଗରେ 'ଗୀତା' ସମ୍ବନ୍ଧରେ କେତେକ ପ୍ରଖ୍ୟାତନାମା ବ୍ୟକ୍ତିଙ୍କ ମତ ଉଦ୍ଧାର କରିଛନ୍ତି । (୩)

Digitized by PPRACHIN, SOA

ସଂକ୍ଷେପରେ କହିଲେ, 'ଭଗବଦ୍ ଗୀତା' ଆର୍ଯ୍ୟ ଧର୍ମର ସାର ନିର୍ଯ୍ୟାସ। ଯଜୁଃ, ସାମ ଓ ଋକ୍- ଏହି ବେଦ ତ୍ରୟରେ ଯଥାକ୍ରମେ କର୍ମ, ଉପାସନା ଓ ଜ୍ଞାନ ବର୍ଣ୍ଣିତ ହେବାପରି 'ଗୀତା'ର ପ୍ରଥମ ଷଟକରେ କର୍ମ, ଦ୍ୱିତୀୟ ଷଟକରେ ଉପାସନା ଓ ତୃତୀୟ ଷଟକରେ ଜ୍ଞାନ ପ୍ରାଧାନ୍ୟ ଲାଭ କରିଅଛି। ଟୀକାକାର ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଯଥାର୍ଥରେ କହିଛନ୍ତି- "ଯଦି କୌଣସିଠାରେ ଧର୍ମର ସଂପୂର୍ଣ୍ଣ ପ୍ରକୃତି ବ୍ୟକ୍ତ ଓ ପରିସ୍ଫୁଟ ହୋଇଥାଏ, ତେବେ ତାହା ହୋଇଛି 'ଶ୍ରୀମଦ୍ ଭଗବଦ୍ ଗୀତା'ରେ। ଗୀତୋକ୍ତ ଧର୍ମ ସମଗ୍ର ମାନବ ଜାତିର ଶ୍ରେଷ୍ଠ ଧର୍ମ। ଉଭୟ ଈଶ୍ୱରବାଦୀ ଓ ଅନୀଶ୍ୱରବାଦୀ ଯେଉଁ ଚିତ୍ତଶୁଦ୍ଧିରେ ବିଶ୍ୱାସ କରନ୍ତି ସେହି ଚିତ୍ତଶୁଦ୍ଧି ହିଁ ଗୀତାର ଉଦ୍ଦେଶ୍ୟ।" (୪)

'ଗୀତା'ର ପ୍ରାଚୀନତା :

'ଗୀତା' ର ପ୍ରାଚୀନତା ଦର୍ଶାଇବା ପାଇଁ ପଣ୍ଡିତ ନୀଳକଣ୍ଠ ବାଲ ଗଙ୍ଗାଧର ତିଳକଙ୍କ ମତ ଉଦ୍ଧାର କରି ଲେଖିଛନ୍ତି- " 'ଗୀତା' ଶାକ୍ୟ ମୁନି ବୁଦ୍ଧଙ୍କ କାଳରୁ ବହୁ ପ୍ରାଚୀନ। 'ନିର୍ବାଣ' ଶବ୍ଦ ତଥା କର୍ମ ତ୍ୟାଗ -ସନ୍ନ୍ୟାସ, କର୍ମ ବିପାକ (କର୍ମର ପରିଣାମରେ ଜନ୍ମାଦି ବୌଦ୍ଧ ସାଧନା ଓ ବିଶ୍ୱାସ)ଏ ଦେଶରେ ଥିଲା। ଗୀତାର 'ବ୍ରହ୍ମ ନିର୍ବାଣ' କଥାଟି (୨/୭୨ ଓ ୫/୨୪-୨୬ ଶ୍ଳୋକ) ଛାନ୍ଦୋଗ୍ୟ ଉପନିଷଦରେ (୨/୨୩୧) ମିଳେ। 'ଗୀତା' ରେ ମଧ୍ୟ ବିଶୁଦ୍ଧ ନିର୍ବାଣ କଥାଟିର ପ୍ରୟୋଗ ଅଛି (୬/୧୫ ଶ୍ଳୋକ)। ଅତଏବ ଏହା ବୌଦ୍ଧଧର୍ମ 'ଶାକ୍ୟ-ମୁନି'ଙ୍କ ଠାରୁ ହୋଇନାହିଁ। ବହୁ ପୂର୍ବରୁ ସେ ଧାରଣା, ବିଶ୍ୱାସ ଓ ସାଧନା ଏ ଦେଶରେ ଥିଲା।" (୫) ତିଳକ ପୁଣି କହିଛନ୍ତି, ଶାକ୍ୟ ମୁନି ବୁଦ୍ଧଙ୍କର ବହୁ ପୂର୍ବରୁ 'ଜ୍ଞାନୀ' ଅର୍ଥରେ ପାରିଭାଷିକ ଶବ୍ଦ ରୂପେ 'ବୁଦ୍ଧ' ଶବ୍ଦ ଏ ଦେଶରେ ଚଳୁଥିଲା। ମହାଭାରତରେ 'ବୁଦ୍ଧ' ଓ 'ପ୍ରତିବଦ୍ଧ' ଶବ୍ଦ ଅନେକ ସ୍ଥାନରେ ବ୍ୟବହୃତ ହୋଇଛି। (ମହାଭାରତ ଶାନ୍ତି ପର୍ବର ୧୯୪/୫୮, ୩୦୭/୪୭ ଓ ୩୪୩/୫୨)। ସେ ସବୁଠାରେ ଏହାର ଅର୍ଥ ଜ୍ଞାନୀ, ଜ୍ଞାନବାନ ଅଥବା ସ୍ଥିତପ୍ରଜ୍ଞ ବ୍ୟକ୍ତି। ତେଣୁ 'ଗୀତା'ରେ 'ନିର୍ବାଣ' ଆଦି ଶବ୍ଦ ଦେଖି ଏହାକୁ ଶାକ୍ୟମୁନି ବୁଦ୍ଧଙ୍କ ପରବର୍ତ୍ତୀ କାଳର ରଚନା ବୋଲି ମନେ କରିବା ଠିକ୍ ନୁହେଁ। (୬) ନୀଳକଣ୍ଠ କିନ୍ତୁ ତିଳକଙ୍କର ଏହି ମତକୁ ଗ୍ରହଣ କରିନାହାନ୍ତି। ତାଙ୍କ ମତରେ 'ମହାଭାରତ' ଯେତେବେଳେ 'ଜୟ' ନାମରେ ପରିଚିତ ଥିଲା ସେତେବେଳେ ସେଥିରେ 'ଗୀତା' ସ୍ଥାନ ପାଇ ନଥିଲା। ତାଙ୍କ ଭାଷାରେ- "ମହାଭାରତ ପ୍ରଥମେ 'ଜୟ' ଓ ପରେ 'ଭାରତ' ନାମରେ ପରିଚିତ ଥିଲା। ଏହା 'ମହାଭାରତ' ନାମରେ ସମ୍ପାଦିତ ତଥା ପ୍ରକାଶିତ ହେବା ବେଳକୁ ସେ ଗ୍ରନ୍ଥରେ ବିଷ୍ଣୁ ଅର୍ଥାତ୍ ବାସୁଦେବ ବା କୃଷ୍ଣରୂପୀ ବିଷ୍ଣୁ ତଥା ବୈଷ୍ଣବ ଧର୍ମର ପ୍ରତିପତ୍ତି ପ୍ରକଟିତ ହୋଇଅଛି। ଶ୍ରୀମଦ୍ ଭଗବଦ୍ ଗୀତା ଭଳି ଅଂଶମାନ ତତ୍କାଳୀନ ବୈଷ୍ଣବମାନଙ୍କର କୃତି। ସେ କାଳ କେବେ? ମନେ ହେଉଚି, ତାହା 'ଜୟ' କିମ୍ବା 'ଭାରତ' ନାମରେ ବିଦିତ ଥିବା ମହାଭାରତର କାଳ ହୁଏତ ନୁହେଁ। (୭)

Digitized by PPRACHIN, SOA

ଗୀତାରେ କୁତ୍ରାପି ଅଦ୍ଭୁତକର୍ମ ବା ଅତିସାଧନାର ଉଲ୍ଲେଖ ନାହିଁ । ସାଧାରଣ ମାନବ ପରି ଚଳିତ ମୋକ୍ଷ ସାଧନା କରିବା ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି । ଭାଷ୍ୟକାର ନୀଳକଣ୍ଠ 'ଗୀତା'ର -

ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ
ନ ଚାତି ସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବଚାର୍ଜୁନ
ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ
ଯୁକ୍ତା ସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା"

(ଗୀତା- ୬/୧୬, ୧୭)

ଏହି ଶ୍ଳୋକଦ୍ୱୟ ଉଦ୍ଧାର କରି କହନ୍ତି, "ଗୀତା ବେଳକୁ ବୁଦ୍ଧଦେବଙ୍କ ଯୋଗ ବହୁତ ନରମ ହୋଇଯାଇଥିଲା । ଅଶୋକଙ୍କ ବେଳେ କଳିଙ୍ଗ ଯୁଦ୍ଧରେ ଯେଉଁ ଯୋଗର ପ୍ରକ୍ରିୟା ପ୍ରକାଶ ପାଇଲା, ସେଥିରେ ପୁଣି ଅଶୋକ ଅତି ସାବଧାନତାର ସହିତ 'ବ୍ରାହ୍ମଣ' ଓ 'ଶ୍ରମଣ' ଏ ଦୁହିଁଙ୍କ ଭିତରେ କୌଣସି ଭେଦ ନ ରଖି ସମସ୍ତ ବିଶ୍ୱରେ ନିଜର ସାମ୍ୟଭାବ ପ୍ରଚାର କଲେ । ହେଲେ ହେଁ, ସେଇଠାରୁ କ୍ରମେ ମହାସଂଘିମାନେ ବୁଦ୍ଧଦେବଙ୍କୁ ମୂଳତଃ ଭୁଲିଯାଇ ତାଙ୍କୁ 'ବୁଦ୍ଧ ଭଗବାନ' ରୂପେ ଭକ୍ତମାନଙ୍କ ଭିତରେ ପ୍ରଚାର କଲେ । ଏଇ ବୁଦ୍ଧଧର୍ମ ପରେ ଗୀତା ଧର୍ମ ରୂପେ ଭାରତରେ ପ୍ରଚାରିତ ହେଲା । (୮) ସେ ତେଣୁ ରଚନା କାଳ ଖ୍ରୀ. ୧ମ-୨ୟ ଶତାବ୍ଦୀ କିମ୍ବା ତା' ଠାରୁ ଆଉ ଟିକିଏ ପ୍ରାଚୀନ ବୋଲି ଦର୍ଶାଇଛନ୍ତି ।

**ବିଭିନ୍ନ ଭାଷାରେ ଗୀତାର ଅନୁବାଦ ଓ ଆଲୋଚନା:**

'ଗୀତା' ସକଳ ଧର୍ମର ସାର ନିର୍ଯାସ । କିନ୍ତୁ ଏହା ସଂସ୍କୃତରେ ଲେଖା ଯାଇଥିବାରୁ ସର୍ବଜନ ବୋଧ୍ୟ ନୁହେଁ । ତେଣୁ ଏହି ଅମୂଲ୍ୟ ଗ୍ରନ୍ଥକୁ ପୃଥିବୀର ପ୍ରାୟ ସବୁ ଭାଷାରେ ଅନୁବାଦ କରାଯାଇ ଏହାର ଟୀକା ପ୍ରସ୍ତୁତ କରାଯାଇଛି । ଶଙ୍କରାଚାର୍ଯ୍ୟ, ରାମାନୁଜ, ଆନନ୍ଦଗିରି, ଶ୍ରୀଧର ସ୍ୱାମୀ, ମଧୁସୂଦନ ସରସ୍ୱତୀ, ନୀଳକଣ୍ଠ ଚତୁର୍ଦ୍ଧରୀ ପ୍ରମୁଖ ମହାପଣ୍ଡିତମାନେ ସଂସ୍କୃତରେ 'ଗୀତା'ର ଭାଷ୍ୟ ବା ଟୀକା ଟିପ୍ପଣୀ ଲେଖିଛନ୍ତି । ଚୌଧୁରୀ ଦ୍ୱାରକାନାଥ ନନ୍ଦ ପୃଥିବୀରେ ବିଭିନ୍ନ ଭାଷାରେ ଗୀତାନୁବାଦର କାଳ କ୍ରମିକ ବିବରଣୀ ଦେଇଛନ୍ତି- ଖ୍ରୀ: ୧୫୮୪ରେ ଆକବର ବାଦଶାହ ଥିବା ସମୟରେ ଫୟଜୀ ପାରସ୍ୟ ଭାଷାରେ 'ମହାଭାରତ' ଅନୁବାଦ କରିଥିଲେ । ତାହାର ନାମ 'ରାଜିନାମା' । ତହିଁରେ ଗୀତାର ଅନୁବାଦ ଅଛି । ଖ୍ରୀ: ୧୭୪୪ରେ ଚାର୍ଲସ ଉଇଲ, କିଙ୍ଗସ୍ 'ଗୀତା'ର ଇଂରାଜୀ ଅନୁବାଦ କରିଥିଲେ । ଖ୍ରୀ : ୧୮୫୫ରେ ଟମସନ୍ ଓ ଖ୍ରୀ: ୧୮୮୨ରେ ଜନ୍ ଡାଭିସ୍ ଇଂରାଜୀ ଗଦ୍ୟରେ 'ଗୀତା' ଅନୁବାଦ କରିଥିଲେ । ବିଖ୍ୟାତ କବି ଏଡ୍‌ଉଇନ୍ ଆର୍ଣ୍ଣଲଡ୍ ଗୀତାର ଇଂରାଜୀ ପଦ୍ୟାନୁବାଦ ପ୍ରକାଶ କରିଛନ୍ତି । ଖ୍ରୀ ୧୮୨୩ରେ ଜର୍ମାନ୍ ପଣ୍ଡିତ

Digitized by PPRACHIN, SOA

ସ୍କେଗଲ (A.W. Schlegel) ଲାଟିନ୍ ଭାଷାରେ ଗୀତାର ଅନୁବାଦ କରିଛନ୍ତି । ଏହା ବ୍ୟତୀତ ଗାଲିନିଅସ ଡିମେଟ୍ରିଅସ ଗ୍ରୀକ୍ ଭାଷାରେ, ବର୍ନୂପ ସାହେବ ଇଟାଲୀ ଭାଷାରେ ଏବଂ ଗ୍ୟାଟି ସାହେବ ଇଟାଲୀ ଭାଷାରେ ଗୀତାନୁବାଦ କରି 'ଭଗବଦ୍ ଗୀତା'କୁ ପ୍ରସାରୀ ଗ୍ରନ୍ଥ କରିବାରେ ସାହାଯ୍ୟ କରିଛନ୍ତି । (୯)

ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ମଧ୍ୟ 'ଗୀତା'ର ଅନୁବାଦ ଓ ଟୀକା ପ୍ରସ୍ତୁତ ହୋଇଅଛି । ଭାଷ୍ୟକାର ଓ ଟୀକାକାରମାନେ ନିଜ ନିଜ ରୁଚି ଅନୁସାରେ କେହି 'କର୍ମ'ର କେହି 'ଭକ୍ତି'ର କେହି ବା ଜ୍ଞାନ ଯୋଗର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି । ଊନବିଂଶ ଓ ବିଂଶ ଶତାବ୍ଦୀରେ ଭାରତର ନବ ଜାଗରଣ ଯୁଗରେ ଭାରତୀୟମାନଙ୍କ ଚିତ୍ତ ଜାଗୃତି ନିମନ୍ତେ ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଦ୍ୱାରା ଗୀତାଭାଷ୍ୟ ଓ ଡକ୍ଟର ରାଧାକୃଷ୍ଣନଙ୍କ ଦ୍ୱାରା ଗୀତାର ତତ୍ତ୍ୱ ବିଶ୍ଳେଷିତ ହୋଇଅଛି । ବାଲ୍‌ଗଙ୍ଗାଧର ତିଳକ 'ଗୀତା'କୁ 'କର୍ମଯୋଗ ଶାସ୍ତ୍ର' ରୂପେ ପ୍ରତିପାଦନ କରିଛନ୍ତି ।

'ଭଗବଦ୍ ଗୀତା'ର ଓଡ଼ିଆ ଅନୁବାଦ ତଥା ବ୍ୟାଖ୍ୟା ପ୍ରସ୍ତୁତ କରିବାରେ ପ୍ରଥମ ସଫଳ ପ୍ରଚେଷ୍ଟା ସ୍ୱନାମଧନ୍ୟ ସ୍ୱର୍ଗତ ବିହାରୀଲାଲ ପଣ୍ଡିତ କରିଛନ୍ତି । ତାଙ୍କ ଅନୂଦିତ ଗୀତାର ପ୍ରଥମ ସଂସ୍କରଣ ଖ୍ରୀ: ୧୮୮୫ରେ ଏବଂ ଦ୍ୱିତୀୟ ସଂସ୍କରଣ ଖ୍ରୀ ୧୯୬୯ରେ ପ୍ରକାଶ ପାଇଅଛି । ସଂସ୍କୃତ ଟୀକା ଭାଷ୍ୟ ଏବଂ ହିନ୍ଦୀ ଓ ବଙ୍ଗଳାରେ ପ୍ରକାଶ ପାଇଥିବା କେତେକ ଗୀତାନୁବାଦକୁ ପର୍ଯ୍ୟାଲୋଚନା କରି ସେ ବହୁ ସମୟ ଓ ଶ୍ରମ ବ୍ୟୟରେ ଦୀର୍ଘ ୭୪୪ ପୃଷ୍ଠା ବ୍ୟାପୀ 'ଗୀତା'ର ଓଡ଼ିଆ ଅନୁବାଦ ଓ ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ସେ ମୁଖ୍ୟତଃ ଶ୍ରୀଧର ସ୍ୱାମୀଙ୍କ 'ସୁବୋଧିନୀ ଟୀକା' ଅନୁସରଣ କରିଥିବା ସ୍ୱୀକାର କରିଛନ୍ତି । ଆଚାର୍ଯ୍ୟ ହରିହରଙ୍କ 'ଗୀତା'ରେ 'ଭଗବଦ୍‌ଗୀତା'ର ଶ୍ଳୋକଗୁଡ଼ିକ ଓଡ଼ିଆ ଅନୁବାଦ 'ପାଦଟୀକା'ରେ ଦିଆଯାଇଅଛି । ଏହି କ୍ଷୁଦ୍ର ଗ୍ରନ୍ଥଟି ସାଧାରଣ ପାଠକଙ୍କୁ ଗୀତାପାଠ ପାଇଁ ପ୍ରେରଣା ଯୋଗାଇଥିଲେ ହେଁ ଏଥିରେ ଗୀତାତତ୍ତ୍ୱର କୌଣସି ବ୍ୟାଖ୍ୟା ନାହିଁ । ବିହାରୀଲାଲଙ୍କ 'ଗୀତା' ପ୍ରକାଶ ପାଇବାର ଦୀର୍ଘ ପଚାଶ ବର୍ଷ ପରେ ପଣ୍ଡିତ ନୀଳକଣ୍ଠ ଗୀତାଭାଷ୍ୟ ରଚନା ପାଇଁ ସଚେତନ ପ୍ରୟାସ କଲେ । ଖ୍ରୀ ୧୯୩୬ ମସିହା ସେପ୍‌ଟେମ୍ବର ମାସରେ ତାଙ୍କ ଗୀତା ଭାଷ୍ୟର ପ୍ରଥମ ସଂସ୍କରଣ ଯତ୍‌କିଞ୍ଚିତ ପ୍ରାରମ୍ଭିକ ସୂଚନା ସହ ପ୍ରକାଶ ପାଇଲା । ଏହି ଗ୍ରନ୍ଥର ଲୋକପ୍ରିୟତା ଏତେ ଅଧିକ ହେଲା ଯେ ଏହାର ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ଖ୍ରୀ: ୧୯୫୨ରେ ଏବଂ ତୃତୀୟ ସଂସ୍କରଣ ଖ୍ରୀ ୧୯୬୮ରେ ଏବଂ ଚତୁର୍ଥ ସଂସ୍କରଣ ୧୯୮୦ ମସିହାରେ ପ୍ରକାଶ ପାଇଲା ।

ଗୀତାଲୋଚନାରେ ନୀଳକଣ୍ଠଙ୍କ ସ୍ୱାତନ୍ତ୍ୟ :-

ଭାଷ୍ୟକାର ପଣ୍ଡିତ ନୀଳକଣ୍ଠ 'ଗୀତା'କୁ ବୈଦିକ ଧର୍ମ ଧାରଣାର ବିକାଶ ରୂପେ ଗ୍ରହଣ କରିନାହାନ୍ତି । ସେ ଏଥିରେ ଆତ୍ମ ଧର୍ମର ପ୍ରାଧାନ୍ୟ ପ୍ରତିପାଦନ କରିଛନ୍ତି ।

Digitized by PPRACHIN, SOA

ଆଲୋଚ୍ୟ ଗ୍ରନ୍ଥଟିକୁ ସେ ତିନି ଭାଗରେ ବିଭକ୍ତ କରିଛନ୍ତି - 'ଗୀତା'ର ପୀଠିକା', 'ଗୀତା ପ୍ରବେଶ' ଓ 'ଗୀତାର ଟୀକା' । ଗୀତାଧର୍ମ ଓ ତାହାର ମୂଳତତ୍ତ୍ୱ, ଗୀତାରେ ଆର୍ଯ୍ୟ ଧର୍ମର ପରମ୍ପରା, ଗୀତାରେ ମାନବ ଧର୍ମ, ଗୀତାରେ ବ୍ୟକ୍ତିର ପ୍ରାଧାନ୍ୟ, ଗୀତାରେ ବେଦତତ୍ତ୍ୱ, ଗୀତାର କୃଷ୍ଣ ବା ପୁରୁଷୋତ୍ତମ, ଗୀତାର ଭାଷା ପ୍ରଭୃତି ବିଷୟମାନ ଆଲୋଚକ ନୀଳକଣ୍ଠ ଯେପରି ଅଭିନବ ଦୃଷ୍ଟିକୋଣରୁ ବିଚାରକରିଛନ୍ତି ତାହା ବାସ୍ତବିକ ଅସାଧାରଣ । ଏହା ବ୍ୟତୀତ ତାଙ୍କ ଆଲୋଚନାର ଆଉ କେତୋଟି ବିଶେଷତ୍ୱ ହେଉଛି - 'ଗୀତା'ରେ ଓଡ଼ିଶୀ ସଂସ୍କୃତିର ଅନୁଧ୍ୟାନ, ଏଥିରେ ଜୈନଧର୍ମର ପରମ୍ପରା ଅନୁସନ୍ଧାନ, 'ଓଁ' ତତ୍ତ୍ୱରେ ଓଡ଼ିଶୀ ପ୍ରଭାବ ଏବଂ 'ଗୀତା'ରେ ଅସୁର ସଭ୍ୟତାର ଧାରାର ପର୍ଯ୍ୟବେକ୍ଷଣ । ନୀଳକଣ୍ଠଙ୍କ ଗୀତା ଭାଷ୍ୟର ଯଥାର୍ଥ ମୂଲ୍ୟାବଧାରଣ ପାଇଁ ଏହି ନୂତନ ଦିଗଗୁଡ଼ିକ ପ୍ରତି ଆଲୋକପାତ କରାଯିବା ଉଚିତ ।

**ଗୀତାଧର୍ମ :**

ଗୀତାର ଧର୍ମ ସାର୍ବଜନୀନ । ଏଥିରେ ଦେଶ, କାଳ ବା ପରିସ୍ଥିତିର ଭେଦ ନାହିଁ, ବିଶ୍ୱ -ତତ୍ତ୍ୱର ପ୍ରତିଷ୍ଠା ହୋଇ ସେହି ଅନୁକ୍ରମରେ ମନୁଷ୍ୟର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଦିଆଯାଇଛି । 'ଗୀତା'ରେ ଯେଉଁ ଯୁଦ୍ଧର ଅବତାରଣା କରାଯାଇଛି, ତାହା କେବଳ ପୁରାଣ ପ୍ରସିଦ୍ଧ ଐତିହାସିକ ମହାଭାରତ ଯୁଦ୍ଧ ନୁହେଁ । ଏହି ଯୁଦ୍ଧକ୍ଷେତ୍ର ଯଥାର୍ଥରେ ସଂସାର ରୂପକ ଯୁଦ୍ଧକ୍ଷେତ୍ର ବା ମନୁଷ୍ୟର କର୍ମକ୍ଷେତ୍ର । ଗୀତାର ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନ ମଧ୍ୟ କେବଳ ପୌରାଣିକ ବା ଐତିହାସିକ ବ୍ୟକ୍ତି ବିଶେଷ ନୁହନ୍ତି । 'ଗୀତା'ର ଅର୍ଜୁନ-ଜାତି ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ ଏବଂ 'ଗୀତା'ର ଶ୍ରୀକୃଷ୍ଣ - ମାନବ ସମାଜର ଏକମାତ୍ର ଜଗଦ୍‌ଗୁରୁ । ଶ୍ରୀକୃଷ୍ଣ କେବଳ ମହାଭାରତ ଯୁଗର ଅର୍ଜ୍ଜୁନଙ୍କୁ ଯୁଦ୍ଧରେ ପ୍ରବୃତ୍ତ କରିବାକୁ ଅବତରୀ ହୋଇ ନଥିଲେ । ସେ ଜଗତକୁ ଆସିଥିଲେ ପ୍ରତ୍ୟେକ ମନୁଷ୍ୟଙ୍କୁ ସଂସାର ରୂପ କୁରୁକ୍ଷେତ୍ରରେ କର୍ତ୍ତବ୍ୟ ସମରରେ ବ୍ୟାପୃତ କରିବା ପାଇଁ । ସେ କେବଳ ଅର୍ଜ୍ଜୁନଙ୍କର ଚିରସଖା ସାରଥି ନୁହନ୍ତି । ସେ ପ୍ରତ୍ୟେକ ମନୁଷ୍ୟର ସୁଖ ଦୁଃଖର ସାଥୀ । ଜୀବନ ଯୁଦ୍ଧରେ ଅଗ୍ରସର ହେବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ସାରଥି, ସବୁ ସଂଶୟ ଦୂର କରିବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ଗୁରୁ ଏବଂ ମୃତ୍ୟୁ ସାଗରରୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକଙ୍କର ଏକମାତ୍ର ବ୍ୟକ୍ତି, ଭଗବାନ (୧୦) ।

ନୀଳକଣ୍ଠ ଗୀତାଧର୍ମର ସାର୍ବଜନୀନତା ପ୍ରତିପାଦନ କରିଛନ୍ତି । ତାଙ୍କ ମତରେ, ପୃଥିବୀରେ ବହୁ ଧର୍ମଗ୍ରନ୍ଥ ଅଛି ମାତ୍ର ସେ ସବୁରେ ବିଶିଷ୍ଟ ଦେଶ, କାଳ ଓ ପରିସ୍ଥିତି ଘେନି କର୍ତ୍ତବ୍ୟ ଓ ତଦନୁଯାୟୀ ତତ୍ତ୍ୱ ପ୍ରଚାର କରାଯାଏ । ପୁଣି ଜଗତ ଠାରୁ ଭିନ୍ନ ଈଶ୍ୱର ପୁରୁଷର ଆରୋପ କରାଯାଇ ତାଙ୍କରି ଉପଦେଶ ମାଧ୍ୟମରେ କର୍ତ୍ତବ୍ୟ ସମାପନ ହୁଏ । ଅର୍ଥାତ୍ ଏ ସବୁ ଧର୍ମରେ ଜ୍ଞାନଠାରୁ ବିଶ୍ୱାସ ଓ ଯୁକ୍ତି ଅପେକ୍ଷା ଅମୂଳକ ଭକ୍ତି ଉପରେ ପ୍ରାଧାନ୍ୟ

Digitized by PPRACHIN, SOA

ଦିଆଯାଏ । କିନ୍ତୁ 'ଗୀତାଧର୍ମ'ରେ ନ ବୁଝିବା ତତ୍ତ୍ୱରେ ବାଧ୍ୟ ହୋଇ ଭକ୍ତି କରିବାର ନାହିଁ, କିମ୍ବା କର୍ମ ବା କର୍ତ୍ତବ୍ୟ ଧାରଣାରେ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ଧରି କ୍ଷୁଦ୍ର ଉପଯୋଗିତାର ବିଚାର ନାହିଁ । (୧୧) ସେ ପୁଣି କହନ୍ତି- "ଗୀତା ଧର୍ମର ନିର୍ଯାସ ହେଉଚି, ଏକ ଆତ୍ମିକ ପରିସ୍ଥିତି । ଏଇ ପରିସ୍ଥିତିରେ ତା'ର (ମନୁଷ୍ୟର) ବିଶ୍ୱସଙ୍ଗେ ନିତ୍ୟ-ସମ୍ବନ୍ଧ । ସେଇ ପରିସ୍ଥିତି ପୁଣି ସେଇ ସମ୍ବନ୍ଧର ଧାରଣାରେ ସେ ନିଜେ ନିଜର ସମସ୍ତ କର୍ମ ଅଭ୍ରାନ୍ତ ଭାବରେ କରିପାରେ । ଏଥିପାଇଁ ଗୀତାଧର୍ମ- ବିଶ୍ୱଧର୍ମ । (୧୨)

ସମାଜର ବିକାଶ ସଙ୍ଗେ ଗୀତାଧର୍ମର ଧାରା ଅବିଚ୍ଛିନ୍ନ ରହି ଆସିଥିବାରୁ ଟୀକାକାର ନୀଳକଣ୍ଠ ଏହାକୁ 'ଶାଶ୍ୱତ ଧର୍ମ' ତଥା 'ସନାତନ ଧର୍ମ'ରୂପେ ଉପସ୍ଥାପନ କରିଛନ୍ତି - "ଗୀତା ଧର୍ମ ନିତ୍ୟ ଓ ଏକ ରୂପ ହେଲେ ମଧ୍ୟ ନିତ୍ୟ ବିକାଶରେ ନିତ୍ୟ ନୂତନ । ସେଥିପାଇଁ ସାଧାରଣ ବୋଧ୍ୟ କଥାରେ ଶ୍ରୀକୃଷ୍ଣ କହିଛନ୍ତି- "ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ" (୧୩) ଅର୍ଥାତ୍, ଯେ ଯେପରି ମତେ ପାଇବାକୁ ଲୋଡ଼େ, ମୁଁ ତାକୁ ସେପରି ପ୍ରାପ୍ତହୁଏ । ଅସଭ୍ୟର କାଠ ପୂଜା ଠାରୁ 'ଅନୀଶ୍ୱର' ଶୂନ୍ୟବାଦୀ ପର୍ଯ୍ୟନ୍ତ କେହି ଗୀତାଧର୍ମ କଳ୍ପନାରୁ ବାହାରେ ନାହାନ୍ତି । ବିଶ୍ୱ ବିକାଶରେ ଯାହା ସମ୍ଭବ ଗୀତାଧର୍ମରେ ସେ ସବୁ ପାଇଁ ସ୍ଥାନ ଅଛି– ସ୍ଥାନ ଏକା ନୁହେଁ, ଆଦର ଅଛି ।" (୧୪)

## 'ଗୀତା'ରେ ଆର୍ଯ୍ୟଧର୍ମର ପରମ୍ପରା :

ଆର୍ଯ୍ୟଧର୍ମ କହିଲେ କୌଣସି ଆର୍ଯ୍ୟଜାତିର ଧର୍ମ ନୁହେଁ । ଏହାର ଭିତ୍ତି ହେଉଛି କର୍ତ୍ତବ୍ୟର ଅବଧାରଣା ଓ ସାଧନା । ଏଇ ସାଧନା ଭାରତୀୟ ପରମ୍ପରାରେ ଚିର ପ୍ରତିଷ୍ଠିତ । ଏଇ ଧାରଣାରେ ଭାରତୀୟ ନିଜ ସଭ୍ୟତା ଓ ସଂସ୍କୃତି ଦୃଢ଼ ରଖିପାରିଛି । ଭାରତୀୟ 'କର୍ତ୍ତବ୍ୟବୋଧ' କହିଲେ ବୁଝେ - ସମସ୍ତେ ନିଜ ନିଜ କର୍ତ୍ତବ୍ୟ କରିଯିବେ । ଅଯଥା ଅନ୍ୟଠାରୁ ଦାବି ବା ଆହରଣ କରି ନିଜର ସମୃଦ୍ଧିରେ ମାତିବେ ନାହିଁ ।

କୁରୁକ୍ଷେତ୍ରର ଯୁଦ୍ଧ ହେଉଛି, ଏହି ଧର୍ମଯୁଦ୍ଧ । ଆର୍ଯ୍ୟଧର୍ମରେ ସଙ୍କଟ ଦେଖାଦେବାରୁ ଧର୍ମରକ୍ଷା ନିମନ୍ତେ, ଏହି ଯୁଦ୍ଧ ଅପରିହାର୍ଯ୍ୟ ଥିଲା । ଦୁର୍ଯ୍ୟୋଧନ 'ଲୋଭୋପହତ ଚେତା' (୧୫) ହୋଇ ପାଣ୍ଡବମାନଙ୍କୁ ତାଙ୍କ ନ୍ୟାଯ୍ୟଦାବିରୁ ବଞ୍ଚିତ କରିବା ଫଳରେ ଆର୍ଯ୍ୟଧର୍ମ ଲୋପ ପାଇବାକୁ ବସିଲା । ଧର୍ମ ରକ୍ଷା ପାଇଁ ଭଗବାନ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ନେଇ ରଣାଙ୍ଗନରେ ଉପସ୍ଥିତ ହେଲେ । କିନ୍ତୁ ସେଇ ଯୁଦ୍ଧ କ୍ଷେତ୍ରରେ ସ୍ୱଜନ ମୋହବଶତଃ କ୍ଷତ୍ରିୟ ଶ୍ରେଷ୍ଠ ଅର୍ଜୁନ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଲେ । 'ସ୍ୱଭାବ ନିୟତ କର୍ମ' ବା 'ସ୍ୱଧର୍ମ'ରେ ସଂଶୟ ଜାତ ହେବା ଯୋଗୁ ଅର୍ଜୁନ ମଧ୍ୟ ଧର୍ମ ସଙ୍କଟରେ ପଡ଼ିଗଲେ । ସେତିକିବେଳେ ତାଙ୍କର ସାରଥି ଶ୍ରୀକୃଷ୍ଣ ତାକୁ ଆର୍ଯ୍ୟ ଧର୍ମ ସମ୍ପର୍କରେ ଚେତାବନୀ ଶୁଣାଇଲେ । (୧୬) ତାହାହିଁ ଗୀତାର ବିଷୟବସ୍ତୁ । ଗୀତାଭାଷ୍ୟକାର ନୀଳକଣ୍ଠ ଗ୍ରନ୍ଥର ବିଭିନ୍ନ ସ୍ଥାନରେ ଆର୍ଯ୍ୟଧର୍ମ ସମ୍ପର୍କରେ ସ୍ୱମତ ଉପସ୍ଥାପନ କରିଛନ୍ତି ।

Digitized by PPRACHIN, SOA

(କ) ସମାଜର ସଂସ୍କୃତି ହିସାବରେ ଭାରତ ଧର୍ମ ହିଁ ଆର୍ଯ୍ୟ ଧର୍ମ ଓ ଅନ୍ୟାନ୍ୟ ଧର୍ମ ଅନାର୍ଯ୍ୟ ଧର୍ମ । - 'ଗୀତା ପ୍ରବେଶ' ପୃ -୧୭୬

(ଖ) "ବିଶ୍ୱଧର୍ମରେ ନିଜକୁ ମିଶାଇ କର୍ତ୍ତବ୍ୟ କରିବାରେ ଲାଗିଲେ ଦୃଷ୍ଟି ନିଜ ଭିତରୁ ସହଜରେ ବାହାରକୁ ଯାଏ ନାହିଁ । ଏହାହିଁ ଆର୍ଯ୍ୟନୀତି ।"- ଗୀତା ପ୍ରବେଶ' ପୃ -୧୭୫

(ଗ) ଫଳାଶାହୀନ ବା ନିଷ୍କାମ କର୍ମ ହିଁ ସ୍ୱଧର୍ମର ଯଥାର୍ଥ ଧାରଣା । ମନୁଷ୍ୟ ଏହିପରି କର୍ମ ବା ସ୍ୱଧର୍ମ କରିବା ହିଁ ଆର୍ଯ୍ୟ ଧର୍ମର ଆଦର୍ଶ । -ଗୀତା ପ୍ରବେଶ ପୃ - ୧୭୪

(ଘ) ଜନ୍ମଗତ ଜାତି ଠିକ୍ ରହିଲେ ଆର୍ଯ୍ୟ ଧର୍ମ ଠିକ୍ ରହେ ନାହିଁ । ଆର୍ଯ୍ୟ ଭାବରେ ହିଁ ଆର୍ଯ୍ୟଧର୍ମ ତିଷ୍ଠି ରହିବ । -ଗୀତା ପ୍ରବେଶ ପୃ- ୧୫୪

(ଙ) ସ୍ୱଜନ ମୋହ ଯୋଗୁ କର୍ତ୍ତବ୍ୟ ସଂଶୟ ବା ଧର୍ମ ସଂକଟ ଉପସ୍ଥିତ ହୁଏ । ଏହା 'ଅନସ୍ୱୀକାର୍ଯ୍ୟ' ବା ଅନାର୍ଯ୍ୟ ରୀତି । (୧୭) (ଗୀତା ପ୍ରବେଶ - ୧୫୫)

(ଚ) ବୁଦ୍ଧି ବ୍ରହ୍ମରେ ରଖି ନିଷ୍କାମ କର୍ମ କରିଯିବା ଅର୍ଥାତ୍ 'ବ୍ରାହ୍ମୀସ୍ଥିତି'ରେ ଠିକ୍ ରହି ସ୍ୱଧର୍ମ ସାଧନ ହିଁ ଆର୍ଯ୍ୟଧର୍ମର ମୁଖ୍ୟ ପନ୍ଥା । (୧୮)- ଗୀତା ପ୍ରବେଶ ପୃ-୧୬୦

(ଛ) ଆର୍ଯ୍ୟଧର୍ମର ପରମ୍ପରା ହେଉଛି ମାନବ ପ୍ରକୃତିର ଦୁର୍ଦ୍ଦମନୀୟ ଭୋଗସ୍ପୃହା ଜନିତ ପ୍ରତିକ୍ରିୟାର ପ୍ରଭାବରୁ ଧର୍ମକୁ ରକ୍ଷା କରିବା । କାରଣ ଏହି ପ୍ରତିକ୍ରିୟାର ପ୍ରଭାବରେ ଧର୍ମ ମଉଳିଯାଏ । ଅଧର୍ମ ମୁଣ୍ଡ ଟେକେ । ସେତିକିବେଳେ ଈଶ୍ୱର ମାନବ ରୂପ ଧରନ୍ତି । (୧୯) -ଗୀତା ପ୍ରବେଶ ପୃ -୧୮୭

(ଜ) ଆର୍ଯ୍ୟଧର୍ମ ଆତ୍ମବିକାଶର ଏକ ମହାପ୍ରବାହ । ଏହି ଆତ୍ମବିକାଶର କର୍ତ୍ତବ୍ୟ ପରମ୍ପରା ବିଶ୍ୱବିକାଶର ନିୟମରେ ପରିଚାଳିତ । ଏହି ନିୟମ ଅନୁସାରେ ସମସ୍ତେ କର୍ତ୍ତବ୍ୟ କରନ୍ତି । କିନ୍ତୁ ନିଜ ପାଇଁ ନୁହେଁ, ସମାଜର ମଙ୍ଗଳ ପାଇଁ, ତଥା ଅନ୍ୟ ପାଇଁ କର୍ମ କରିବା ହିଁ 'ଯଜ୍ଞ' । ନିତ୍ୟ ନିୟତ କର୍ତ୍ତବ୍ୟ ସାଧନରେ ତତ୍ପର ରହିବାହିଁ 'ତପ' । ଦାନ, ଯଜ୍ଞ ଓ ତପ - ଏଇ ତିନିଗୋଟି ପୀଠ ଉପରେ ଆର୍ଯ୍ୟଧର୍ମର କର୍ମ ପରମ୍ପରା ପ୍ରତିଷ୍ଠିତ । ତେଣୁ ଯଜ୍ଞ, ଦାନ ଓ ତପ ତ୍ୟାଗ ନ କରିବା ପାଇଁ ଗୀତାରେ ନିର୍ଦ୍ଦେଶ ଦିଆଯାଇଛି । (୨୦) -ଗୀତା ପ୍ରବେଶ ପୃ -୧୯୮-୧୯୯

(ଝ) ସବୁକାଳ ପାଇଁ ପ୍ରଯୁଜ୍ୟ ହେବାରୁ ତଥା ସର୍ବଦା ନୂତନ ଭାବରେ ବିକାଶ ଲାଭ କରୁଥିବାରୁ ଆର୍ଯ୍ୟଧର୍ମ ହେଉଛି 'ସନାତନ' ବା 'ସଦାଜାତ' ବା 'ନିତ୍ୟ ନୂତନ' । -ଗୀତା ପ୍ରବେଶ -୧୯୮- ପୃଷ୍ଠା ।

## 'ଗୀତାଧର୍ମ' ଯଥାର୍ଥରେ 'ମାନବଧର୍ମ'

ପଣ୍ଡିତ ନୀଳକଣ୍ଠ କହନ୍ତି - "ଗୀତା ଧର୍ମ ମାନବ ଧର୍ମ । ଏଥିରେ ଅପମାନୁଷ, ଅମାନୁଷ ବା ଅତି ମାନୁଷ କିଛି ନାହିଁ । ସରଳ ସାଧାରଣ ଜୀବନର କର୍ମରେ ସ୍ୱଧର୍ମ ନିରତ ହେବାଇଁ ଗୀତା ଧର୍ମ । ଏ ଧର୍ମରେ କୌଣସି କୁହୁକ ବା ହଟଚମଟ ନାହିଁ । ଏହାର ଆଦର୍ଶ ଶାନ୍ତି ।" (୨୧) ନିଜର ଏହି ମତ ସପକ୍ଷରେ ସେ ନିମ୍ନୋକ୍ତ ଯୁକ୍ତି ଉପସ୍ଥାପନ କରିଛନ୍ତି -

Digitized by PPRACHIN, SOA

(କ) ଗୀତାରେ ଅତିମାନୁଷତା ତଥା ଅଦ୍ଭୁତ କ୍ରିୟା ହେୟ ବିବେଚିତ ହୋଇଅଛି । ଅତିମାନୁଷ ସାଧନାରେ ଲୋଭ ଭ୍ରଷ୍ଟ ଓ ଉଚ୍ଛନ୍ନ ହୁଏ ।-ଗୀତା ପ୍ରବେଶ-ପୃ-୪୭୦

(ଖ) 'ଗୀତା'ରେ ଉପବାସାଦି କୃଚ୍ଛ୍ର ସାଧନାକୁ ବାରଣ କରାଯାଇଛି ।-ଗୀତା-୬/୧୬

(ଗ) ଯୋଗ ସାଧାରଣ ମାନବ ଦ୍ୱାରା ସାଧିତ ହୁଏ ବୋଲି 'ଗୀତା'ରେ ନିର୍ଦ୍ଦେଶ ଅଛି ।-ଗୀତା -୬/୧୭

(ଘ) 'ଗୀତା'ର ଭଗବାନ ମଧ୍ୟ ସାଧାରଣ ମାନବ ପରି କର୍ମ କରନ୍ତି କାରଣ ସେ କର୍ମ ନ କଲେ ତାଙ୍କ ସୃଷ୍ଟିରେ ସମସ୍ତ ନିଷ୍କର୍ମା ହୋଇଯିବେ । (୨୨)

(ଙ) ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦେଖିବା ପରେ ଭୀତତ୍ରସ୍ତ ହୋଇ ତାଙ୍କୁ ଅତି ମାନୁଷ ରୂପେ ଚିନ୍ତା କରିବା ସମୟରେ କୃଷ୍ଣ ତାଙ୍କର ଭୟ ଦୂର କରି କହିଛନ୍ତି - 'ଯୋଗୀ, ଋଷି ଓ ଦେବତାମାନେ ମତେ ଅତିମାନୁଷ ରୂପେ ଚିନ୍ତା କରିଥିବାରୁ ସେମାନେ ମୋର ବିଶ୍ୱରୂପ ଦେଖିବା ପାଇଁ ସମର୍ଥ ହୋଇ ପାରିନାହାନ୍ତି । ତୁ ମତେ ତୋର ସାଥୀ ରୂପେ ବା ସାଧାରଣ ମନୁଷ୍ୟ ରୂପେ ଗ୍ରହଣ କରିଥିବାରୁ ହିଁ ମୋର ଅତି ପ୍ରିୟ ପାତ୍ର ହୋଇ ମୋର ବିଶ୍ୱରୂପ ଦେଖିବାପାଇଁ ସମର୍ଥ ହୋଇଛୁ । ଆଜି ପୁଣି ତେବେ ଏ ଭ୍ରମ କାହିଁକି ?' (୨୩) -ଗୀତାପ୍ରବେଶ - ପୃ ୪୭

'ଗୀତା'ରେ ବ୍ୟକ୍ତିର ପ୍ରାଧାନ୍ୟ;

ଗୀତା ତତ୍ତ୍ୱ-ବ୍ୟାଖ୍ୟାକାର ନୀଳକଣ୍ଠ କହନ୍ତି,- 'ପୁରୁଷ' ଶବ୍ଦର ବ୍ୟୁତ୍ପତ୍ତି ଗତ ଅର୍ଥ ହେଉଛି- 'ପୁରିଶେତେ ଅସୌ'ଅର୍ଥାତ୍ 'ପୁର' ବା ଦେହ ଭିତରେ ଯେ ଲୁଚି କରି ଶୋଇଅଛି ସେଇ ପୁରୁଷ । ବ୍ୟକ୍ତି ଭିତରେ ପୁରୁଷର ଧାରଣା ସ୍ୱାଭାବିକ । ପୁଣି ଏଇ ପୁରୁଷ ଭିତରେ ପୁରୁଷୋତ୍ତମଙ୍କୁ ଦେଖିବା ସୁଲଭ । ଲେଖକଙ୍କ ଭାଷାରେ- "ପୁରୁଷ' ଶବ୍ଦ ସଙ୍ଗେ ବ୍ୟକ୍ତିର ଆତ୍ମବୋଧ ଜଡ଼ିତ ରହିଛି । ମୁଁ ଯେପରି ନିଜର କର୍ମେନ୍ଦ୍ରିୟମାନ ଚାଳନ କରି କାର୍ଯ୍ୟ କରୁଚି, ଅଗ୍ନି ସୂର୍ଯ୍ୟ ବଜ୍ରାଦିରେ ସେଇପରି ସେହି କାର୍ଯ୍ୟ କରୁଚି ବୋଲି ସେସବୁରେ ପୁରୁଷ ରୂପୀ ଦେବତାର କଳ୍ପନା । ସେଇପରି ସାରା ସୃଷ୍ଟିର କର୍ମପ୍ରବାହର ଅନ୍ତରାଳରେ ମହାଶକ୍ତିମୟ ବିରାଟ ପୁରଷ (୨୪) । ଏହି ବିରାଟ ପୁରୁଷ ହେଉଚନ୍ତି - ପୁରୁଷୋତ୍ତମ । ପୁରୁଷ ଓ ପୁରୁଷୋତ୍ତମ ଧାରଣାରୁ ଆତ୍ମା ଓ ପରମାତ୍ମା ଏବଂ ବ୍ରହ୍ମ ଓ ପରଂବ୍ରହ୍ମର ଧାରଣା ଆସିଲା । ନିର୍ଗୁଣ ଉପାସକମାନେ ଅବ୍ୟକ୍ତ ପରଂବ୍ରହ୍ମଙ୍କୁ ଧ୍ୟାନ କଲେ । ଅବ୍ୟକ୍ତ ଉପାସନାରେ ଦେହଧାରୀ ବ୍ୟକ୍ତି କଷ୍ଟରେ ମୁକ୍ତିପାଏ ।(୨୫)

ଏହି ଜୀବ ବା ବ୍ୟକ୍ତି ହେଉଛି ପରଂବ୍ରହ୍ମଙ୍କର ଅଂଶବିଶେଷ । ସେ ନିଜେ ପୂର୍ଣ୍ଣ ପରମେଶ୍ୱରଙ୍କ ସତ୍ତାରେ ବ୍ୟକ୍ତ ହୁଏ । ପୁଣି ଏହି ବ୍ୟକ୍ତିର ଚେତନା ବିନା ଜଗତର ଅସ୍ତିତ୍ୱ ନାହିଁ । ଜ୍ଞାତା ନଥିଲେ ଜ୍ଞେୟର ସତ୍ତା ନାହିଁ । ବ୍ୟକ୍ତି ହେଉଛି 'ଜ୍ଞାତା' । ତାହାର ଚେତନା-ଜ୍ଞାନ ଓ ପରମେଶ୍ୱର ହେଉଛନ୍ତି ତାର ଜ୍ଞେୟ ବା ଜ୍ଞାନର ବିଷୟ । ଆଲୋଚକଙ୍କ ମତରେ ବ୍ୟକ୍ତିର ଉପାସନା ହିଁ ଭକ୍ତିର ପ୍ରଥମ ସୋପାନ । ବ୍ୟକ୍ତିର ଜଗତରୂପୀ ଈଶ୍ୱରଙ୍କଠାରେ

Digitized by PPRACHIN, SOA

ଭକ୍ତି ଆସିଲେ ବ୍ୟଷ୍ଟି ଓ ସମଷ୍ଟିର ଜଟିଳ ସମସ୍ୟା ଦୂର ହୁଏ । କାରଣ ଈଶ୍ୱର ବା ଉପାସ୍ୟ ପୁରୁଷ ବା ପୁରୁଷୋତ୍ତମ ହେଉଛନ୍ତି ବ୍ୟକ୍ତିର ସମସ୍ତ କର୍ମଚୋଦନାର ପୀଠ (୨୬) । ଯେଉଁ ଉପାସ୍ୟ ପୁରୁଷଠାରେ ଭକ୍ତି ଦୃଢ଼ ହେବ, ସେଠାରେ ଚୋଦନା ବା ପ୍ରେରଣାର ପୀଠ ଦୃଢ଼ ହେବ । ଉପାସ୍ୟ ପୁରୁଷ ପ୍ରତି ଆନ୍ତରିକ ଶ୍ରଦ୍ଧା ଯୋଗୁଁ ବ୍ୟକ୍ତିର ଭକ୍ତି ଦୃଢ଼ ହୁଏ ।

ବ୍ୟକ୍ତିର ଆତ୍ମଜ୍ଞାନ ହିଁ ବିଶ୍ୱଜ୍ଞାନର ପ୍ରକୃତ ମାଧ୍ୟମ । ବ୍ୟକ୍ତିର ଆତ୍ମବୋଧ ସଙ୍ଗେ ବିଶ୍ୱକ୍ରିୟା ଓ ବିଶ୍ୱ ଶକ୍ତିର ଭାବଜଡ଼ିତ ରହେ । ସେ ନିଜର କର୍ମ ମାଧ୍ୟମରେ ସାରା ସୃଷ୍ଟିର କର୍ମପ୍ରବାହକୁ ଲକ୍ଷ୍ୟ କରେ ଓ ତାହାରି ଅନ୍ତରାଳରେ ମହାଶକ୍ତିମୟ ବିରାଟ ପୁରୁଷକୁ ଉପଲବ୍‌ଧି କରେ, ଅର୍ଥାତ୍ ପିଣ୍ଡ ଭିତରେ ବ୍ରହ୍ମାଣ୍ଡ ଦର୍ଶନ କରେ । ଏହିପରି ଏକରେ ବହୁ ଓ ବହୁରେ ଏକ ଧାରଣା ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ସମ୍ବନ୍ଧ ରକ୍ଷା କରେ । ଏହି ସମ୍ବନ୍ଧରେ ଆତ୍ମବିକାଶର ପନ୍ଥା ସୁଗମ ହୁଏ । ନୀଳକଣ୍ଠଙ୍କ ଭାଷାରେ- "ଯେ ଏକରେ ବହୁ ଓ ବହୁରେ ଏକ- ତଥା ଭୋଗରେ ତ୍ୟାଗ ଓ ତ୍ୟାଗରେ ଭୋଗ- ପୁଣି ଭୂତରେ ଆତ୍ମା ଓ ଆତ୍ମା ରେ ଭୂତ-ପ୍ରକାଶରେ ଅବ୍ୟକ୍ତ ଓ ଅବ୍ୟକ୍ତରେ ପ୍ରକାଶ ଦେଖେ- ସେଇ ହେଉଚି ଦ୍ରଷ୍ଟା- ସେଇ ଦାର୍ଶନିକ ।" (୨୭) ଆତ୍ମ ଜ୍ଞାନହିଁ ଏ ସବୁ ତତ୍ତ୍ୱ ବିଚାର ବା 'ଦର୍ଶନ'ର ମୂଳ । ତେଣୁ ତତ୍ତ୍ୱଦର୍ଶୀ ଗୁରୁଙ୍କୁ ସେବା କରି, ପ୍ରଣିପାତ କରି ବାରମ୍ବାର ପ୍ରଶ୍ନପଚାରି ଆତ୍ମଜ୍ଞାନ ବଢ଼ାଇବା ପାଇଁ 'ଗୀତା'ରେ ବ୍ୟକ୍ତିକୁ ଉପଦେଶ ଦିଆଯାଇଛି । (୨୮)

## 'ଗୀତା'ରେ ବ୍ରହ୍ମ

ଗୀତାଲୋଚନା କରିବା ସମୟରେ ନୀଳକଣ୍ଠଙ୍କ ଦୃଷ୍ଟି ଭକ୍ତି ତଥା ଉପାସନାର ବିବର୍ତ୍ତନବାଦ ଆଡ଼କୁ ପ୍ରସାରିତ ହୋଇଅଛି । ସେ କହନ୍ତି, ଭକ୍ତିର ପ୍ରଥମ ସୋପାନ ରୂପେ ଯେଉଁ ବ୍ୟକ୍ତି - ଉପାସନା ଆରମ୍ଭ ହୋଇଥିଲା ତାହା କ୍ରମେ ବ୍ୟକ୍ତିର ବିକାଶରେ ଅବ୍ୟକ୍ତ ପରଂବ୍ରହ୍ମଙ୍କ ଦିଗକୁ ନିର୍ଦ୍ଦିଷ୍ଟ ହେଲା ଏବଂ ଉପାସନା କ୍ରମେ ଧ୍ୟାନରେ ପର୍ଯ୍ୟବସିତ ହେଲା । ଅବ୍ୟକ୍ତିରେ ଏହି ଧ୍ୟାନର ସ୍ଥିତି ଠିକ୍ ରହିବା ସମ୍ଭବ ନୁହେଁ । ତେଣୁ ଉପାସନା ପୁଣି ଅବ୍ୟକ୍ତ ବ୍ରହ୍ମରୁ ବ୍ୟକ୍ତ ଆଡ଼କୁ ଢଳିଲା । ଧ୍ୟାନର ସ୍ଥିତି ଠିକ୍ ରଖିବା ପାଇଁ ଅବ୍ୟକ୍ତର ପ୍ରତୀକମାନ ବାହାରିଲା । 'ବ୍ରହ୍ମ'ର ପ୍ରତୀକ ରୂପେ 'ଓଁ' ବ୍ୟବହୃତ ହେଲା । 'ଓଁ' ଏହି ଏକାକ୍ଷର ବ୍ରହ୍ମକୁ ସ୍ମରଣ କରି ଦେହ ତ୍ୟାଗ କଲେ ବ୍ୟକ୍ତି ପରମଗତି ଲାଭ କରେ । (୨୯)

ନୀଳକଣ୍ଠଙ୍କ ମତରେ 'ବୃହ୍ମ' ମୂଳ ଅର୍ଥ - ଯାହା ବଡ଼ ହୁଏ ବା 'ଏକ' 'ଅବ୍ୟକ୍ତ'ର 'ବହୁ' ରୂପରେ ପ୍ରକାଶ, ଅବ୍ୟକ୍ତରୁ ବ୍ୟକ୍ତ ବିକାର, ଶୂନ୍ୟ ହଉଛି ଅବ୍ୟକ୍ତ । ସେଥିରୁ ସୃଷ୍ଟି ପ୍ରକାଶ ପାଇଁ ତପଃ ଓ ତହିଁରୁ 'ବ୍ରହ୍ମ' । ଗୀତାରେ ବ୍ରହ୍ମ ତିନିଗୋଟି ଅର୍ଥରେ ବ୍ୟବହୃତ ହୋଇଛି ବୋଲି ଆଲୋଚକ ମତ ଦିଅନ୍ତି । ପ୍ରଥମରେ ଅକ୍ଷର ବ୍ରହ୍ମ ବା ଅବ୍ୟକ୍ତ ପରମାତ୍ମା । ଏହାର 'ଅଣାକାର' ବା 'ମହାଶୂନ୍ୟ', ଏହାର ପୁଣି, ଓଡ଼ିଆ ଅତିବଡ଼ୀ ବୈଷ୍ଣବଙ୍କ ନିତ୍ୟ କୃଷ୍ଣରୂପ । ଏହାର 'ଶୂନ୍ୟ ଜ୍ୟୋତି' । ଗୀତରେ କୁହାଯାଇଛି-

"ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍
ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ" (୮/୨୧ ଶ୍ଳୋକ)

Digitized by PPRACHIN, SOA

ଅର୍ଥାତ୍ ଯେଉଁ ନିତ୍ୟ ଅବ୍ୟକ୍ତକୁ ଅକ୍ଷର ବୋଲି କୁହାଯାଏ, ତାକୁ ହିଁ ପରମଗତି କହନ୍ତି । ଯେଉଁ ଅକ୍ଷର ତତ୍ତ୍ୱ ଲାଭ କଲେ ଲୋକ ଆଉ ସଂସାରକୁ ଫେରେ ନାହିଁ, ସେହି ହେଉଛି ମୋର ନିତ୍ୟଧାମ ।

ଦ୍ୱିତୀୟରେ 'ମହତ୍‌ବ୍ରହ୍ମ' ବା ପ୍ରକୃତି ବା ଗୀତାର ଅପରାପ୍ରକୃତି । ଭଗବାନ ଶ୍ରୀକୃଷ୍ଣଙ୍କ ଅପରା ପ୍ରକୃତି ଅଷ୍ଟବିଧ । (୩୦) ଏହାହିଁ ଯୋଗମାୟା ବା ଅତିବଡ଼ୀ ବୈଷ୍ଣବଙ୍କ ନିତ୍ୟରାଧା । ତୃତୀୟରେ 'ଶବ୍ଦ ବ୍ରହ୍ମ' ବା 'ଓଁ'କାର, ଏହାହିଁ କୀର୍ତ୍ତନର ନାମ- ରାମ ନାମ । (୩୧) 'ଓଁ', ସେ; ସତ୍ୟ - ଏହି ତିନି ପ୍ରକାର ନାମରେ ବ୍ରହ୍ମଙ୍କୁ ସ୍ମରଣ କରାଯାଏ । ବ୍ୟକ୍ତି ପ୍ରକାଶରେ ମଧ୍ୟ ଆଲୋଚକ ତ୍ରିବିଧ ପ୍ରକାଶ ଲକ୍ଷ୍ୟ କରିଛନ୍ତି- ଶୂନ୍ୟରୁ 'ଠୁଳ ରୂପ' ବା ପ୍ରକୃତି; ତହିଁରୁ 'ବିନ୍ଦୁ' ବା ପ୍ରକାଶର ବ୍ରହ୍ମ; ସେଥିରୁ 'ଓଁ' କାର ବା ନାମର ପ୍ରକାଶ (ବ୍ୟକ୍ତିକୁ ଡାକିଲେ ସେ 'ଓ' କରେ) । (୩୨)

'ଗୀତା'ର କୃଷ୍ଣ:

'ଗୀତା'ର ଅଧିକାଂଶ ସ୍ଥଳରେ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ସମକ୍ଷରେ ନିଜକୁ ପୁରୁଷୋତ୍ତମ ରୂପେ ଅବସ୍ଥାପିତ କରିଥିଲେ ସୁଦ୍ଧା ଗବେଷକମାନଙ୍କ ଦୃଷ୍ଟିରେ କୃଷ୍ଣ ଚରିତ୍ରଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରହସ୍ୟାବୃତ୍ତ ହୋଇ ରହିଅଛି । ତାଙ୍କ ଚରିତ୍ରର ଏହି ରହସ୍ୟ ସେ ନିଜେ ଅର୍ଜ୍ଜୁନଙ୍କୁ ସୂଚାଇଛନ୍ତି- "ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜ୍ଜୁନ
ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ।" (ଗୀତା ୭/୨୬)

ଅର୍ଥାତ୍, ମୁଁ ଯଦିଓ ଅତୀତ, ବର୍ତ୍ତମାନ ଓ ଭବିଷ୍ୟର ସମସ୍ତଙ୍କୁ ଜାଣିଛି, ମୋତେ ଏ ପର୍ଯ୍ୟନ୍ତ କେହି ଜାଣି ପାରି ନାହାନ୍ତି ।

ନୀଳକଣ୍ଠଙ୍କ ଆଲୋଚନାରୁ ଜଣାଯାଏ, କୃଷ୍ଣ ହେଉଛନ୍ତି ଜଣେ ସାଧାରଣ ମାନବ -ଦେବକୀ ବସୁଦେବଙ୍କ ପୁତ୍ର- ସେ କର୍ମରେ ବିଶ୍ୱାସୀ, ଯଜ୍ଞବିରୋଧୀ ପୁରୁଷ ଥିଲେ । ଗୋପାଳ ବାଳକଙ୍କ ସଙ୍ଗେ ଖେଳିବା, ଗୋରୁ ଚରାଇବାଠାରୁ ଆରମ୍ଭ କରି କଂସ, ଜରାସନ୍ଧ ପ୍ରଭୃତିଙ୍କୁ ମାରିବା ରୂପକ ସକଳ କର୍ମ ସେ ନିରାସକ୍ତ ଭାବେ କରିବାରେ ନିପୁଣ ଥିଲେ । ସେ ପୁଣି ନନ୍ଦ ରାଜାଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଯାଉଥିବା ଇନ୍ଦ୍ରଯଜ୍ଞ ଭଙ୍ଗ କରିଥିଲେ । (୩୩) କୃଷ୍ଣ ଅର୍ଜ୍ଜୁନଙ୍କୁ ଉପଦେଶ ଦେଇଛନ୍ତି, ଯଜ୍ଞାଦି ବେଦ କର୍ମକୁ 'ଯୋଗ' ବୋଲି ବିଚାରିବା ଉଚିତ ନୁହେଁ । ଏହି 'ବେଦବାଦ'ର ବିରୋଧ କରି ସେ କହନ୍ତି -

"ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦ୍ୟନ୍ତ ବିପଶ୍ଚିତଃ
ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ।" -ଗୀତା- ୨ / ୪୨

ଶ୍ରୀକୃଷ୍ଣ ଘୋର ଅଙ୍ଗିରସକୁ ଗୁରୁ କରି ତାଙ୍କ ଠାରୁ ଯଜ୍ଞତତ୍ତ୍ୱର ସୂଚନା ପାଇଥିବା କଥା ଆଲୋଚକ ସ୍ୱୀକାର କରିଛନ୍ତି । କୃଷ୍ଣ 'ଜ୍ଞାନ ଯଜ୍ଞ'ର ଶ୍ରେୟତା ପ୍ରତିପାଦନ କରିଛନ୍ତି-

Digitized by PPRACHIN, SOA

"ଶ୍ରେୟାନ୍ ଦ୍ରବ୍ୟମୟାଦଯଜ୍ଞାଜଜ୍ଞାନଯଜ୍ଞଃ ପରଂତପ
ସର୍ବଂ କର୍ମାଖିଳଂ ପାର୍ଥଜ୍ଞାନେ ପରିସମାପ୍ୟତେ ।" - ଗୀତା - ୪ /୩୩

କୃଷ୍ଣଙ୍କୁ ବେଦଧର୍ମର ସଂସ୍କାରକ ରୂପେ ଉପସ୍ଥାପନ କରି ନୀଳକଣ୍ଠ ଲେଖିଛନ୍ତି - 'କୃଷ୍ଣ ଘୋର ଆଙ୍ଗିରସଙ୍କ ଠାରୁ ଜ୍ଞାନଯଜ୍ଞ ବିଦ୍ୟା ଶିଖି ବେଦବାଦର ଯଜ୍ଞ ଛାଡ଼ି କିପରି ବିରାଟ ପୁରୁଷର ବିଶ୍ୱଯୁଦ୍ଧ ତଥା ମନୁଷ୍ୟର ଜ୍ଞାନଯଜ୍ଞ-ଏହି ଦୁହିଁଙ୍କ ସମବାୟରେ ଯଥାର୍ଥ ଯଜ୍ଞ କରିବାକୁ ହୁଏ, ତା ଗୀତାରେ କହି ଅର୍ଜ୍ଜୁନଙ୍କୁ କର୍ତ୍ତବ୍ୟର ତପସ୍ୟାରେ ଜାଗ୍ରତ କରିଛନ୍ତି । (୩୪)*

ସାଂଖ୍ୟ ଓ ଯୋଗ ଦର୍ଶନର ପରବର୍ତ୍ତୀ କାଳରେ 'ବାସୁଦେବ' ଭାବଟି ପ୍ରକାଶ ପାଇଥିଲା । ଏହା ଭକ୍ତକଳ୍ପିତ ଓ ଈଶ୍ୱରଙ୍କ ଅବତାର ଭାବରୁ ବାହାରି ଥିଲାବୋଲି ନୀଳକଣ୍ଠଙ୍କ ମତ । ସେ କହନ୍ତି ଏଇ ବସୁଦେବ ଖୁବ୍ ସମ୍ଭବ ହେଉଛନ୍ତି ବୃଷ୍ଣି ବା ଯାଦବକୁଳର କୃଷ୍ଣ । ବାସୁଦେବ ଧର୍ମ ପାଣିନୀଙ୍କ କାଳକୁ ପ୍ରସାରିତ ହୋଇ ସାରିଥିଲା । ଏହା ବୈଷ୍ଣବ ଧର୍ମର ଆଦି କାଳ । ଶ୍ରୀମଦ୍ ଭଗବତ୍ ଗୀତା ଲେଖା ହେଲା ବେଳକୁ ଏହି କୃଷ୍ଣ, ବିଷ୍ଣୁ, ଈଶ୍ୱର ଓ ପୁରୁଷୋତ୍ତମ ସମସ୍ତେ ଏକ ହୋଇ ଯାଇଥିଲେ । (୩୫)

ଡକ୍ଟର ମାୟାଧର ମାନସିଂହ କୃଷ୍ଣଙ୍କର ମାନବତ୍ୱ ପ୍ରତିପାଦନ କରି ଲେଖିଛନ୍ତି – "ସେହି ପୁରାଣମାନଙ୍କରୁ ହିଁ ଆମେ ଜାଣି ପାରିବା ଯେ, ଶ୍ରୀକୃଷ୍ଣ ନାମକ ବ୍ୟକ୍ତି ତାଙ୍କ ସମସାମୟିକ କାଳରେ ଏକାଧାରରେ ଏକ ବହୁଳ ସମ୍ମାନିତ ଓ ଘୋର ନିନ୍ଦାଭାଜନ ବ୍ୟକ୍ତି ଥିଲେ। ଦଳେ ତାଙ୍କୁ ମାନ୍ୟ ଦେଲା ବେଳକୁ ଆଉ ଦଳେ ତାହାର ପ୍ରତିବାଦ କରୁଥିଲେ। ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ସଭାରେ ଚେଦିରାଜ ଶିଶୁପାଳର ତୀବ୍ର କୃଷ୍ଣନିନ୍ଦା ଏହି ବିରୋଧୀ ମତର ଏକ ପ୍ରତୀକ।" (୩୬)

ସ୍ୱୟଂ ଶ୍ରୀକୃଷ୍ଣ ମଧ ଏହି କୃଷ୍ଣ ବିରୋଧ ବିଷୟରେ କ୍ଷୋଭ ପ୍ରକାଶ କରି ଅର୍ଜ୍ଜୁନଙ୍କୁ କହିଛନ୍ତି, ମୁଁ ମନୁଷ୍ୟ ଶରୀରଧାରୀ ହୋଇଥିବାରୁ ମୂଢ଼ମାନେ ମୋତେ ଅବଜ୍ଞା କରୁଛନ୍ତି। (୩୭) ଗୀତାର - 'ମୋତେ ଲୋକେ ବୁଝୁ ନାହାନ୍ତି', 'ପଚାରୁ ନାହାନ୍ତି', 'ମୋ କଥା ଶୁଣୁ ନାହାନ୍ତି' ଆଦି ଉକ୍ତି ଅନୁଧାନ କଲେ ଜଣାଯାଏ, କୃଷ୍ଣ ଜଣେ ସାଧାରଣ ମଣିଷ। ଗବେଷକ ଡକ୍ଟର ବେଣୀମାଧବ ପାଢ଼ୀ 'ମହାଭାରତ' ର କୃଷ୍ଣଙ୍କୁ ଜଣେ ସଂଶୋଧକ ବା ସଂସ୍କାରକ ମହାପୁରୁଷ ରୂପେ ସ୍ୱୀକାର କରିଛନ୍ତି। (୩୮) 'ଗୀତା ରହସ୍ୟ'କାର ତିଳକ 'ମହାଭାରତ'ର ଆଦ୍ୟ ଶ୍ଳୋକ- "ନାରାୟଣଂ ନମସ୍କୃତ୍ୟ ନରଞ୍ଚୈବ ନରୋତ୍ତମମ୍"ର ଅର୍ଥ କରି କହନ୍ତି– 'ନର' ଏବଂ 'ନାରାୟଣ' ଏହି ଦୁଇ ଋଷି ପରମାତ୍ମାଙ୍କର ଦୁଇଟି ଅଂଶ । ଏଇ ଦୁଇ ଋଷିଙ୍କର ପରବର୍ତ୍ତୀ ରୂପ ହେଉଛି ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣ । ତେଣୁ ଅର୍ଜ୍ଜୁନଙ୍କ ପରି କୃଷ୍ଣ ମଧ ମନୁଷ୍ୟ ।

Digitized by PPRACHIN, SOA

ଆଲୋଚକ ଚିନ୍ତାମଣି ଆଚାର୍ଯ୍ୟ ଶ୍ରୀକୃଷ୍ଣ ଚରିତ୍ର ଅନୁଧ୍ୟାନ କରି ତାଙ୍କୁ ଜ୍ଞାନବୀର, କର୍ମବୀର, ଧର୍ମବୀର, ଜଗତର ମହୋଜ୍ଜ୍ୱଳ ଆଦର୍ଶ ରୂପେ ଗ୍ରହଣ କରିଛନ୍ତି । ତାଙ୍କ ମତରେ "ଲୋକଶିକ୍ଷା ପାଇଁ କୃଷ୍ଣଙ୍କ ମାନବ ରୂପ ହୋଇଥିଲା । ମନୁଷ୍ୟ ଶରୀରରେ ମନୁଷ୍ୟର ଆଦର୍ଶ ରୂପେ ପ୍ରତିଭାତ ହୋଇ ସେ ମାନବ ସମାଜକୁ ଜଣାଇ ଦେଲେ ଯେ ମନୁଷ୍ୟ ଆତ୍ମାକୁ ବା ଆପଣାକୁ ଚିହ୍ନିଲେ ଈଶ୍ୱରଙ୍କ ପରିଚୟ ପାଏ ।" (୩୯)

ଡକ୍ଟର ମାୟାଧର ମାନସିଂହ ଗୀତାରେ ଶ୍ରୀକୃଷ୍ଣଙ୍କୁ 'ଯୋଗେଶ୍ୱର' ରୂପେ ଏବଂ ଲୋକ ଚଳଣି ତଥା ପୁରାଣରେ ତାଙ୍କୁ 'ଭୋଗେଶ୍ୱର' ରୂପେ ଦେଖିଛନ୍ତି । ତେଣୁ ସେ କହନ୍ତି; 'ଶ୍ରୀକୃଷ୍ଣଙ୍କ ଚରିତ୍ରରେ ଭୋଗ ଓ ତ୍ୟାଗର, କର୍ମ ଓ ପ୍ରଜ୍ଞାର ମଧୁର ମିଳନ ଘଟିଅଛି ।' (୪୦) ନୀଳକଣ୍ଠଙ୍କ ମତରେ, ଜଗତରେ ଧର୍ମ ସଙ୍କଟ କାଳ ଉପସ୍ଥିତ ହେଲେ, ଲୋକଙ୍କୁ ମାର୍ଗ ଦେଖାଇବା ପାଇଁ ମହାପୁରୁଷମାନେ ବିଶ୍ୱଧର୍ମର ପ୍ରେରଣାରେ 'ଯୋଗସ୍ଥ' ହୋଇଥାଆନ୍ତି । ତେଣୁ କୁରୁକ୍ଷେତ୍ର ଯୁଦ୍ଧ ପରେ ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କୁ ଆଉଥରେ ଗୀତାର ଉପଦେଶ ବୁଝାଇଦେବାକୁ କହିବାରୁ କୃଷ୍ଣ ଉତ୍ତର ଦେଲେ – "ମୋର କଅଣ ଆଉ ସେ ସବୁ ମନେଅଛି ? ସେତେବେଳେ ମୁଁ ଯୋଗସ୍ଥ ହୋଇ କହିଥିଲି ସିନା । (ଦ୍ୱିତୀୟ ଥର ପାଇଁ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତାର ଯେଉଁ ତତ୍ତ୍ୱ କହିଥିଲେ, ତାକୁ 'ଅନୁଗୀତା' କହନ୍ତି ।) ଏଇ କୃଷ୍ଣ ପୁଣି ବିକାଶମୟ ସୃଷ୍ଟିକୁ ରକ୍ଷା କରିବା ପାଇଁ ଲୋକକ୍ଷୟକାରୀ, ଧ୍ୱଂସକର୍ତ୍ତା, କାଳରୂପେ 'ଗୀତା'ରେ ଦେଖା ଦେଇଛନ୍ତି । (୪୧) ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ – "ଭଙ୍ଗା-ଗଢ଼ା, ଧ୍ୱଂସ-ପ୍ରକାଶ, ବୃଦ୍ଧି-କ୍ଷୟ- ଏଇ ନିତ୍ୟ ପରିବର୍ତ୍ତନର ଧାରା ହିଁ ବିକାଶ- ନାଶ ବିନା ବିକାଶ ନାହିଁ ।"" (୪୨)

**ବେଦର କୃଷ୍ଣ ହିଁ ଗୀତାର କୃଷ୍ଣ :**

ନୀଳକଣ୍ଠଙ୍କ ବିଚାରରେ ବେଦର କୃଷ୍ଣ ଓ ଗୀତାର କୃଷ୍ଣ ଅଭିନ୍ନ । ବେଦର କୃଷ୍ଣ ଆର୍ଯ୍ୟ ନ ଥିଲେ ବା ବର୍ଣ୍ଣରେ ଗୌର ନଥିଲେ । କିନ୍ତୁ ଏହାଙ୍କ ମତରେ ତୀବ୍ରତା, ଉଜ୍ଜ୍ୱଳତା ଓ ପ୍ରଖରତା ହେତୁ ତତ୍କାଳୀନ ଲୋକ ସମ୍ପ୍ରଦାୟରେ ସେ ପ୍ରତିପତ୍ତି ଲାଭ କରିଥିଲେ ଏବଂ ଇନ୍ଦ୍ର ପୂଜକ ବୈଦିକ ଆର୍ଯ୍ୟମାନେ ତାଙ୍କର ବିରୋଧ କରୁଥିଲେ ହେଁ, ବୁଝିବା ଲୋକେ ତାଙ୍କୁ ବଡ଼ ଖାତିର କରୁଥିଲେ । ଋଗ୍ ବେଦରେ ମଧ୍ୟ ଅଛି ଅଂଶୁମତି (ଯମୁନା) ନଦୀ କୂଳରେ ଗୋଚାରଣ କରୁଥିବା କୃଷ୍ଣ ଇନ୍ଦ୍ର ପୂଜକ ନ ଥିଲେ । ଦଶ ଜଣ ଇନ୍ଦ୍ର ପୂଜକ ରାଜା ଏକତ୍ର ହୋଇ ତାଙ୍କୁ ପରାସ୍ତ କରିଥିଲେ । (୪୩)ଏହି କୃଷ୍ଣ ପରେ 'ମହାଭାରତ'ର ଗୀତାଧର୍ମର ଓ ଭାଗବତ ଧର୍ମର ନେତା ହେଲେ । ଅଷ୍ଟ ଐଶ୍ୱର୍ଯ୍ୟମୟ, ଯୋଗେଶ୍ୱର ଏହି କୃଷ୍ଣଙ୍କୁ ଜାଣିବା ସମଗ୍ର ବୈଦିକ ଜ୍ଞାନର ମୂଳ ଉଦ୍ଦେଶ୍ୟ । 'ଭାଗବତ'ର ଦଶମ ଅଧ୍ୟାୟଟି କୃଷ୍ଣ ବିଷୟକ ଜ୍ଞାନର ସଂକ୍ଷିପ୍ତସାର ।

Digitized by PPRACHIN, SOA

## ଗୀତାର 'କୃଷ୍ଣ'- ପୁରୁଷୋତ୍ତମ:

ଭାରତୀୟ ସାହିତ୍ୟରେ 'ଗୀତା'ର କୃଷ୍ଣ ଜଣେ ବିରାଟ ପୁରୁଷ ବା ପୁରୁଷୋତ୍ତମ ରୂପେ ସ୍ୱୀକୃତ । ଗୀତାତତ୍ତ୍ୱ ଆଲୋଚକ ନୀଳକଣ୍ଠ କହନ୍ତି- "ସମସ୍ତ ଜଗତ ବା କ୍ଷର ପୁରୁଷ ମଧ୍ୟରେ ସେ ହେଉଛନ୍ତି ଅଧ୍ୟାତ୍ମ - ପୁଣି କ୍ଷର ଓ ଅକ୍ଷରରୁ ଅତୀତ ଭକ୍ତର ଭଗବାନ - ସେଇ ଏକା ସଂକେତରେ ତଥା ସାକ୍ଷାତରେ ପୁରୁଷୋତ୍ତମ ।" (୪୪) ଗୀତାରେ ଭଗବାନ ନିଜେ ମଧ୍ୟ କହିଛନ୍ତି - "ଯେହେତୁ ମୁଁ 'କ୍ଷର' ବା ବ୍ୟକ୍ତ ପୁରୁଷରୁ ଅତୀତ ବା ଉପରେ, ପୁଣି 'ଅକ୍ଷର' ବା ଅବ୍ୟକ୍ତ ପୁରୁଷରୁ ବି ଶ୍ରେଷ୍ଠ, ସେଥିପାଇଁ ପୁରାଣାଦି ଲୌକିକ ଶାସ୍ତ୍ରରେ ଓ ଅପୌରୁଷେୟ ନିତ୍ୟ ଜ୍ଞାନମୟ ବେଦରେ ମୁଁ ପୁରୁଷୋତ୍ତମ ବୋଲି ଖ୍ୟାତ ।" (୪୫) 'ଲୋକରେ ଏବଂ 'ବେଦରେ' ଏ ଦୁଇଟି ଶବ୍ଦର ଅର୍ଥ ଦର୍ଶାଇ ଆଲୋଚକ ଅନ୍ୟତ୍ର ଲେଖିଛନ୍ତି – "ଲୋକରେ ବୋଇଲେ ଜଗତଜନଙ୍କ ଉପାସନା ପାଇଁ ସେ ହେଉଛନ୍ତି ପୁରୁଷୋତ୍ତମ; 'ବେଦରେ' ବୋଇଲେ ଜ୍ଞାନରେ ବା ତତ୍ତ୍ୱ ଦର୍ଶନ ହିସାବରେ ମଧ୍ୟ ସେ ହେଉଚନ୍ତି ପୁରୁଷୋତ୍ତମ । (୪୬) ଆଗ 'ଲୋକେ' ଏବଂ ପରେ 'ବେଦ' ଶବ୍ଦ ଦେଖି ନୀଳକଣ୍ଠ କହନ୍ତି, ଏଇ ପୁରୁଷୋତ୍ତମ ପ୍ରଥମେ ଲୋକଚଳଣିରେ କୌଣସି ଉପାସ୍ୟ ଦେବ ଥିଲେ । ପରେ ଜ୍ଞାନ ରାଜ୍ୟ ଅଧିକାର କଲେ । ଲେଖକ ଅନ୍ୟତ୍ର 'ପୁରୁଷ' ଶବ୍ଦର ବ୍ୟୁତ୍ପତ୍ତି ଦର୍ଶାଇଛନ୍ତି- "ସେହି ଆଦି ପୁରୁଷ (ବିଶ୍ୱାତ୍ମା) ଯେହେତୁ ପୂର୍ବର ସବୁ ପାପ ଦଗ୍ଧ କରିଥିଲେ (ନିଷ୍କଳଙ୍କ ହୋଇଥିଲେ) ସେହି ହେତୁରୁ ତାଙ୍କ ନାମ ହେଲା 'ପୁରୁଷ' -ପୂର୍ବଂ ଔଷତ୍ -ପୂର୍ବପାପ ଦଗ୍ଧ କରିଥିଲେ -ଅତଏବ ପୁରୁଷ ।" (୪୭) ସ୍ୱାମୀ ପ୍ରଭୁପଦ 'ପୁରୁଷୋତ୍ତମ'ଙ୍କୁ "Supreme personality of God head" ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ଭାଷାରେ- "Purusa means person and 'Uttam' means supreme or Transcendental." (୪୮)

## 'ଗୀତା'ର ପୁରୁଷୋତ୍ତମ ହେଉଛନ୍ତି – ଓଡ଼ିଶାର ଜଗନ୍ନାଥ :

ଜଗନ୍ନାଥ ତତ୍ତ୍ୱ ଗବେଷକ ନୀଳକଣ୍ଠ କହନ୍ତି, ଶ୍ରୀମଦ୍ ଭଗବଦ ଗୀତା ରଚନା ସମୟକୁ କୃଷ୍ଣ, ବିଷ୍ଣୁ ଓ ଈଶ୍ୱର ସମସ୍ତେ ଏକ ହୋଇ ଜଗନ୍ନାଥ ଭୂମିର ପୁରୁଷୋତ୍ତମ ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ- "ଏଇ ଜଗନ୍ନାଥ ଭୂମିର କୌଣସି ପୁରୁଷୋତ୍ତମ ସେତେବେଳକୁ ଲୋକରେ ଉପାସ୍ୟ ରୂପେ ପ୍ରତିଷ୍ଠିତ ଥିଲେ । ସେଇ ପୁରୁଷୋତ୍ତମ ହେଉଛନ୍ତି କୃଷ୍ଣ ଓ ସମସ୍ତ ଅବତାରର ଅବତାରୀ ।" (୪୯) ବେଦର କୃଷ୍ଣଙ୍କୁ ଓଡ଼ିଆମାନେ ପୁରୁଷୋତ୍ତମ କରିଛନ୍ତି ବୋଲି ଆଲୋଚକଙ୍କ ମତ । କାରଣ ବେଦରେ ବା ତତ୍ତ୍ୱ ଦର୍ଶନରେ ଯେଉଁ ପୁରୁଷୋତ୍ତମ, 'ଗୀତା'ରେ ପ୍ରକାଶ ପାଇବା ବେଳକୁ ସେ ଜଗତଜନଙ୍କ ହିତ ପାଇଁ ଲୋକରେ ଉପାସ୍ୟଦେବ ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ । ଏହି ଲୋକ-ଉପାସ୍ୟ ପୁରୁଷୋତ୍ତମ ହେଉଛନ୍ତି, ଓଡ଼ିଶାର ପୁରୁଷୋତ୍ତମ ପୁରୀ ବା ପୁରୀର ଜଗନ୍ନାଥ । 'ଗୀତା'

Digitized by PPRACHIN, SOA

ବେଳକୁ ଆଉ କୌଣସିଠାରେ ଭକ୍ତର ଉପାସ୍ୟଦେବ ରୂପେ ପୁରୁଷୋତ୍ତମ ନାହାନ୍ତି । ଜଗନ୍ନାଥଙ୍କ ସ୍ଥାନ ହିଁ ଏପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ର ରୂପେ ସର୍ବଜନ-ବିଦିତ । ଏହି ଜଗନ୍ନାଥ ପୁଣି 'ମହାଭାରତ'ର ଶାନ୍ତି ପର୍ବରେ ନାରାୟଣ ରୂପେ ପରିଚିତ ହୋଇଛନ୍ତି । (୫୦) ଏହା ନୀଳକଣ୍ଠ ଅନ୍ୟତ୍ର ଦର୍ଶାଇଛନ୍ତି । ତାଙ୍କ ବିଚାରରେ 'ପୁରୁଷୋତ୍ତମ' ପରି 'ଜଗନ୍ନାଥ' ଶବ୍ଦଟି ମଧ୍ୟ ପ୍ରାଚୀନ ଓଡ଼ିଆ ଶବ୍ଦ । 'ମହାଭାରତ'ର 'ନାରାୟଣ ଉପାଖ୍ୟାନ'ରେ 'ନାରାୟଣ'ଙ୍କ ନାମ ସ୍ଥାନରେ 'ଜଗନ୍ନାଥ' ଶବ୍ଦ ବ୍ୟବହାର କରାଯାଇଥିବାର ସେ ଦର୍ଶାଇଛନ୍ତି । (୫୧) ଏହିପରି ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ଯେ, 'ଗୀତା'ର ଶ୍ରୀକୃଷ୍ଣ ହିଁ ଲୋକରେ ପ୍ରସିଦ୍ଧ ପୁରୁଷୋତ୍ତମ । ସେଇ ପୁଣି ପୁରୀର ଜଗନ୍ନାଥ, ଶବରଦେବତା ଦାରୁବ୍ରହ୍ମ ।

**ସପ୍ତଶ୍ଲୋକୀ ଗୀତାରୁ ସପ୍ତଶତୀ ଗୀତା -**

'ଓଡ଼ିଆ ସାହିତ୍ୟ କ୍ରମପରିଣାମ' ଗ୍ରନ୍ଥରେ ନୀଳକଣ୍ଠ ପ୍ରତିପାଦନ କରିଛନ୍ତି, କୁରୁ ପାଣ୍ଡବଙ୍କ ଯୁଦ୍ଧ ଘେନି ରଚିତ 'ଜୟ' ନାମକ ସାଧାରଣ ବାକ୍ୟଟି କାଳକ୍ରମେ ବଢ଼ି 'ମହାଭାରତ' ନାମକ ମହାକାବ୍ୟ ହେବା ପରି 'ମହାଭାରତ'ର 'ସପ୍ତଶ୍ଲୋକୀ ଗୀତା'ଟି କୃଷ୍ଣଙ୍କ ଶିଷ୍ୟମାନଙ୍କ ଦ୍ୱାରା 'ସପ୍ତଶତୀ ଗୀତା'ରେ ପରିଣତ ହୋଇଅଛି । ଅର୍ଥାତ୍ 'ମହାଭାରତ'ର ବିଭିନ୍ନ ସଂସ୍କରଣରେ ଏହା ବଢ଼ି ବଢ଼ି ସାତରୁ ଦଶ, ଦଶରୁ ଅଠାଇଶ, ଅଠାଇଶରୁ ବତିଶ, ବତିଶରୁ ଶହେ ଓ ଶେଷରେ ଶହେରୁ ସାତଶହ ଶ୍ଲୋକବିଶିଷ୍ଟ ହୋଇଅଛି । ଏହା ପ୍ରମାଣ କରିବା ପାଇଁ ସେ ବାଲଗଙ୍ଗାଧର ତିଲକଙ୍କ ରଚିତ 'ଗୀତା ରହସ୍ୟ'ରେ ଦର୍ଶାଇ ଦିଆଯାଇଥିବା ସପ୍ତଶ୍ଲୋକୀ 'ଗୀତା'ର ସାତଗୋଟି ଶ୍ଲୋକକୁ ଉଦ୍ଧାର କରିଛନ୍ତି । ସେହି ସାତଗୋଟି ଶ୍ଲୋକ ହେଉଛି ବର୍ତ୍ତମାନ ପ୍ରଚଳିତ 'ଗୀତା'ର ଅଷ୍ଟମ ଅଧ୍ୟାୟର ୯ମ ଓ ୧୩ଶ ଶ୍ଲୋକ, ଏକାଦଶ ଅଧ୍ୟାୟର ୩୬ଶ ଶ୍ଲୋକ, ତ୍ରୟୋଦଶ ଅଧ୍ୟାୟର ୧୩ଶ ଶ୍ଲୋକ, ପଞ୍ଚଦଶ ଅଧ୍ୟାୟର ୧ମ ଓ ୧୫ଶ ଶ୍ଲୋକ ଏବଂ ଅଷ୍ଟାଦଶ ଅଧ୍ୟାୟର ୬୫ତମ ଶ୍ଲୋକ । (୫୨)

**'ଗୀତା' ହିଁ ସମଗ୍ର ବେଦତତ୍ତ୍ୱ ବା ଉପନିଷଦର ସାର ସଂଗ୍ରହ -**

ଆଲୋଚନା ପ୍ରସଙ୍ଗରେ ନୀଳକଣ୍ଠ କହିଛନ୍ତି, ଭାବ ଦୃଷ୍ଟିରୁ ବିଚାର କଲେ ସକଳ ବେଦତତ୍ତ୍ୱ ବା ଉପନିଷଦର ସାରମର୍ମ 'ଗୀତା'ରେ ନିହିତ, ତେଣୁ ଗୀତାର ସ୍ତୁତି ବଚନରେ କୁହାଯାଇଛି-

"ସର୍ବୋପନିଷଦୋ ଗାବୋ ଦୋଗ୍‌ଧା ଗୋପାଳନନ୍ଦନଃ
ପାର୍ଥୋବତ୍ସଃ ସୁଧୀର୍ଭୋକ୍ତା ଦୁଗ୍‌ଧଂ ଗୀତାମୃତଂ ମହତ୍ ।"

ଅର୍ଥାତ୍, ସବୁ ଉପନିଷଦ (ବେଦତତ୍ତ୍ୱ ବା ବେଦାନ୍ତ) ଗାଈ ପରି, ଗୋପାଳପୁତ୍ର କୃଷ୍ଣ ହେଉଛନ୍ତି ଦୁହିଁବା ବାଲା । ପାର୍ଥ- ବାଛୁରୀ ଏବଂ ଦୁଧ-ଗୀତା ରୂପକ ଅମୃତ ।

Digitized by PPRACHIN, SOA

ସୁଧୀମଣ୍ଡଳୀ ହେଉଛନ୍ତି ଦୁଗ୍ଧ ପାନକାରୀ । ଗୀତାର ପ୍ରବକ୍ତା କୃଷ୍ଣ ନିଜେ କହିଛନ୍ତି, ବେଦଯାକରେ ଯାହା ଜାଣିବାର ଅଛି, ସେ ମୁଇଁ; ପୁଣି ବେଦାନ୍ତ ବା ବ୍ରହ୍ମବିଦ୍ୟା କରିଚି ମୁଇଁ, ବେଦ ଜାଣୁଚି ମୁଇଁ । (୫୩) ଉପନିଷଦ, ଗୀତା ଓ ବ୍ରହ୍ମସୂତ୍ର -ବେଦାନ୍ତର ତିନିଗୋଟି ପ୍ରସ୍ଥାନ । ଉପନିଷଦ - ଶ୍ରୁତି ପ୍ରସ୍ଥାନ - ଗୀତା -ସ୍ମୃତି ପ୍ରସ୍ଥାନ ଏବଂ ବ୍ରହ୍ମସୂତ୍ର- ନ୍ୟାୟ ପ୍ରସ୍ଥାନ୍ । କିନ୍ତୁ ଭଗବଦ୍‌ଗୀତାର ପ୍ରତ୍ୟେକ ଅଧ୍ୟାୟ ଶେଷର -"ଶ୍ରୀମଦ୍ ଭଗବଦ୍ ଗୀତା ସୁପନିଷତ୍ସୁ ବ୍ରହ୍ମବିଦ୍ୟାୟାମ୍ ଯୋଗଶାସ୍ତ୍ରେ" - ଆଦି ଲେଖା ଯାଇଥିବାରୁ ସେଥିରେ ଉପନିଷଦ, ବ୍ରହ୍ମବିଦ୍ୟା ଏବଂ ଯୋଗ ଶାସ୍ତ୍ରର ସମନ୍ୱୟ ଘଟିଥିବାର ଜଣାଯାଏ । ପ୍ରଭୁପଦସ୍ୱାମୀଙ୍କ ଭାଷାରେ ଏହା 'ଗୀତୋପନିଷଦ' (୫୪) ପୁଣି ଭଗବାନ ଶ୍ରୀକୃଷ୍ଣ ନିଜେ ଏହାର ବ୍ୟାଖ୍ୟାକାର ହୋଇଥିବାରୁ ଏହା 'କୃଷ୍ଣୋପନିଷଦ' ଭାବେ କଥିତ ।

ଭାଷ୍ୟକାର ନୀଳକଣ୍ଠଙ୍କ ବିଚାରରେ 'ଗୀତା'ର ଦ୍ୱିତୀୟ ଅଧ୍ୟାୟର ଆତ୍ମାର ଅଶୋଚ୍ୟତ୍ୱ, ଅଷ୍ଟମ ଅଧ୍ୟାୟର ଅକ୍ଷର ବ୍ରହ୍ମ ସ୍ୱରୂପ ଓ ତ୍ରୟୋଦଶ ଅଧ୍ୟାୟର କ୍ଷେତ୍ରଜ୍ଞ ବିଚାର ପ୍ରଭୃତିର ଉପସ୍ଥାପନ ଉପନିଷଦମାନଙ୍କର ଅନୁରୂପ ହୋଇଅଛି । ଯଥା - ଦ୍ୱିତୀୟ ଅଧ୍ୟାୟର ୧୬ଶ ଶ୍ଳୋକ (ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ), ଅଷ୍ଟମ ଅଧ୍ୟାୟର ୬ଷ୍ଠ ଶ୍ଳୋକ ( ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍) 'ଛାନ୍ଦୋଗ୍ୟୋପନିଷଦ'ରୁ ନବମ ଅଧ୍ୟାୟର ୨୧ ଶ୍ଳୋକ (କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟ ଲୋକଂ ବିଶନ୍ତି), ତ୍ରୟୋଦଶ ଅଧ୍ୟାୟର ୧୭ଶ ଶ୍ଳୋକ (ଜ୍ୟୋତିଷାମପି ତଜ୍ଜ୍ୟୋତିଃ) ଆଦି 'ବୃହଦାରଣ୍ୟକୋପନିଷଦ'ରୁ ନିଆଯାଇଛି । ମାତ୍ର ଏହି ଉପନିଷଦ ଗଦ୍ୟରେ ଲେଖାଯାଇଥିବାରୁ ଏହାର କେବଳ ଭାବ ଓ ଶବ୍ଦର ପ୍ରଭାବ 'ଗୀତା' ଉପରେ ପଡ଼ିଛି । ଯେଉଁସବୁ ଉପନିଷଦ ପଦ୍ୟ ବା ଶ୍ଳୋକରେ ଲେଖା ଯାଇଛି ସେଗୁଡ଼ିକର ଅନେକ ଶ୍ଳୋକ କେଉଁଠାରେ ପୂର୍ଣ୍ଣରୂପେ କେଉଁଠାରେ ବା ଅଳ୍ପ ଭେଦରେ 'ଗୀତା'ରେ ସ୍ଥାନ ପାଇଥିବାର ଉଲ୍ଲେଖ କରି ନୀଳକଣ୍ଠ ତାହାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ସୂଚନାରେ ସେହି ତାଲିକାଟି ହେଲା -

| 'ଗୀତା' | ଉପନିଷଦ୍ |
|---|---|
| ଦ୍ୱିତୀୟ ଅଧ୍ୟାୟ ୧୯ ଶ ଶ୍ଳୋକ | 'କଠ' - ୨ /୧୮ |
| ଦ୍ୱିତୀୟ ଅଧ୍ୟାୟ ୨୯ ଶ ଶ୍ଳୋକ | 'କଠ' - ୨ /୭ |
| ଅଷ୍ଟମ ଅଧ୍ୟାୟ ୧୧ ଶ ଶ୍ଳୋକ | 'କଠ' - ୨ /୧୫ |
| ତୃତୀୟ ଅଧ୍ୟାୟ ୪୨ ଶ ଶ୍ଳୋକ | 'କଠ' - ୩/୧୦ |
| ଅଷ୍ଟମ ଅଧ୍ୟାୟ ୯ମ ଶ୍ଳୋକ | ଶ୍ୱେତାଶ୍ୱତର - ୩/୯, ୨୦ |
| ତ୍ରୟୋଦଶ ଅଧ୍ୟାୟ ୧୩ଶ ଶ୍ଳୋକ | ଶ୍ୱେତାଶ୍ୱତର -୩/୧୬ |
| ଷଷ୍ଠ ଅଧ୍ୟାୟ -୨୯ଶ ଶ୍ଳୋକ | ଶ୍ୱେତାଶ୍ୱତର -୨/୮ ଓ ୨/୧୦ |
| ପଞ୍ଚଦଶ ଅଧ୍ୟାୟ - ୧୫ଶ ଶ୍ଳୋକ | କୈବଲ୍ୟ ଉପନିଷଦ |

Digitized by PPRACHIN, SOA

ଆଲୋଚକ ନୀଳକଣ୍ଠଙ୍କ ବିଚାରରେ, 'ଗୀତା' ଓ 'ଉପନିଷଦ' ପ୍ରତିପାଦ୍ୟ ଆଧ୍ୟାତ୍ମ ବିଷୟ ଏକାପରି ହେଲେହେଁ, ଗୀତାର ବୈଦିକ ଧର୍ମର ପୂର୍ଣ୍ଣ ଉପଯୋଗିତା ସହ ମାନବ ଚିନ୍ତାର ସଂଶ୍ଲେଷଣ ଓ ସମନ୍ୱୟ ଘଟିଥିବାରୁ ଏହାର ବିଶ୍ୱଧର୍ମ ପୂର୍ଣ୍ଣାଙ୍ଗ ହୋଇପାରିଛି । ଉପନିଷଦ ବେଦର ତତ୍ତ୍ୱଭାଗ । ଗୀତାକାର ମୌଳିକ ବେଦର ସତ୍ୟମୂଳକ ବିଶ୍ୱତତ୍ତ୍ୱ ଉପରେ ପ୍ରତିଷ୍ଠିତ ନିଷ୍କାମ କର୍ମସାଧନ ପ୍ରଚାର କରିବା ସଙ୍ଗେ ସଙ୍ଗେ ଭକ୍ତିର ପୂର୍ଣ୍ଣ ଉପଯୋଗ କରି ବିଶ୍ୱତତ୍ତ୍ୱର ଧାରଣାକୁ ସୁଗମ୍ କରି ଦେଇଛନ୍ତି । (୫୫)

### ଭଗବଦ୍ ଗୀତା - ଏକ ସମନ୍ୱୟଧର୍ମୀ ସ୍ମୃତିଶାସ୍ତ୍ର:

ନୀଳକଣ୍ଠଙ୍କ ଯୁକ୍ତିରେ ଭଗବଦ୍‌ଗୀତା ଏକ ପ୍ରଧାନ ସ୍ମୃତିଶାସ୍ତ୍ର । ପୁଣି ଏଥିରେ ଆଗମୋକ୍ତ ଭାରତର ଦୁଇଟି ପ୍ରଧାନ ଧର୍ମର ସମାଧାନ କରାଯାଇଛି । ଗୋଟିଏ 'ନାରାୟଣୀୟ' ଭକ୍ତିଧର୍ମ ଓ ତହିଁ ସଙ୍ଗେ ଅବତାରବାଦ । ଏହା 'ଗୀତା'ର ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ । ଅନ୍ୟଟି ହେଉଛି 'ଜଗନ୍ନାଥ'ଙ୍କ 'ପୁରୁଷୋତ୍ତମ' ତତ୍ତ୍ୱ ନିବନ୍ଧ ଦାର୍ଶନିକ ଧର୍ମ । ତାହା 'ଗୀତା'ର ପଞ୍ଚଦଶ ଅଧ୍ୟାୟରେ ବର୍ଣ୍ଣିତ । (୫୬) ପଣ୍ଡିତ ନୀଳକଣ୍ଠ ତାହା 'ଗୀତା' ଭାଷ୍ୟରେ ଗୀତାର ପୁରୁଷୋତ୍ତମଙ୍କୁ 'ଜଗନ୍ନାଥ'ଭାବେ ଅବତାରଣା କରିଥିବାରୁ ଏବଂ 'ଜଗନ୍ନାଥଧର୍ମ'କୁ ଭକ୍ତି ଧର୍ମଠାରୁ ପୃଥକ କରି ତାହାକୁ ଏକ ଦାର୍ଶନିକ ଧର୍ମର ଗୌରବ ଦେଇଥିବାରୁ ତାଙ୍କ ଗୀତାଭାଷ୍ୟର ଭୂୟସୀ ପ୍ରଶଂସା କରି ପଣ୍ଡିତ ନରସିଂହ ମହାପାତ୍ର ଲେଖିଛନ୍ତି- "ଏଥିରେ ମତଭେଦ ଓ ମତାନ୍ତର ଯାହା ଥାଉ ପଛକେ, ଏପରି ବଳିଷ୍ଠ ଦାର୍ଶନିକ ଲେଖା ଓଡ଼ିଆ ସାହିତ୍ୟରେ ଆଉ ନାହିଁ । ଭାଷାନ୍ତର ହେଲେ, ଏଇ ଦାର୍ଶନିକ ପ୍ରବନ୍ଧଟି ଅନ୍ୟ ଭାଷାଭାଷୀ ସୁଧୀ ସମାଜର ଆଲୋଚନାର ବିଷୟ ହୁଅନ୍ତା ଓ ଓଡ଼ିଆ ଜାତିର ମହୀୟାନ ଭାବ ସର୍ବତ୍ର ପ୍ରଚାରିତ ହେବାର ପନ୍ଥା ସୁଗମ ହୁଅନ୍ତା ।" (୫୭)

### 'ଗୀତା'ର ମୂଳତତ୍ତ୍ୱ- ପୂର୍ଣ୍ଣ ଆତ୍ମଭାବର ପ୍ରକାଶ :

ଗୀତାଧର୍ମରେ ଆର୍ଯ୍ୟଧର୍ମର ପରମ୍ପରା ନିହିତ ଥିଲେ ହେଁ, ଏହା ମୂଳତଃ ଆର୍ଯ୍ୟମାନଙ୍କର ନୁହେଁ ବୋଲି ନୀଳକଣ୍ଠଙ୍କ ମତ । ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଦ୍ରାବିଡ଼ମାନେ ଆଫ୍ରିକାରୁ ଦକ୍ଷିଣ ପଶ୍ଚିମ ଏସିଆ ବାଟେ ଭାରତକୁ ଆସିଥିଲେ । ଏମାନଙ୍କର ଧର୍ମ ଥିଲା 'ଜିଣାସନ' ଧର୍ମ, ଯାହା ପରବର୍ତ୍ତୀ କାଳରେ ଜୈନଧର୍ମ ନାମରେ ପରିଚିତ ହୋଇଥିଲା । ଏହି ଧର୍ମାନୁସାରେ ଦ୍ରାବିଡ଼ମାନେ ଇନ୍ଦ୍ରିୟକୁ ନିଜ ଶାସନରେ ରଖି 'ଜିତା' ବା 'ଜେତା' ହେଉଥିଲେ । 'ଜି' ଶବ୍ଦଟି ପ୍ରାଚୀନ ବାବିଲୋନ ଦେଶର । ଏହାର ଅର୍ଥ ଜୀବ ଭିତରେ ଥିବା ଆତ୍ମିକ ଶକ୍ତି । ଏଥିରୁ କ୍ରମେ 'ଜାଣିବା' କଥାଟି କଳିଙ୍ଗରେ ପ୍ରବେଶ କଲା । 'ଜିଣ' ଶବ୍ଦର ଅର୍ଥ ଜିଣିବା ଲୋକ । 'ଜିଣଭାବ' ବା ଆତ୍ମାକୁ ଧରି ଇନ୍ଦ୍ରିୟକୁ ଜୟ କରିବା ଭାବ ହେଉଛି ପୃଥିବୀରେ ଶ୍ରେଷ୍ଠ ଧର୍ମଭାବ । ଏହା 'ଆଟେନ୍' (ଆତ୍ମନ୍) ଧର୍ମ ନାମରେ ଖ୍ରୀ.ପୂ. ୧୪ଶ ଶତାବ୍ଦୀରେ ମିଟାନି ଓ ଇଜିପଟ୍‌ରେ ପ୍ରଚାର ଲାଭ କରିଥିଲା ।

Digitized by PPRACHIN, SOA

ଏ ଧର୍ମ କ୍ରମେ ଭାରତରେ ଆତ୍ମଧର୍ମ ରୂପେ ବେଦ ଓ ଉପନିଷଦରେ ସ୍ଥାନ ପାଇଲା ଏବଂ ବେଦ ଓ ଉପନିଷଦର ଏଇ ଆତ୍ମଭାବ 'ଗୀତା'ରେ ପରିସ୍ଫୁଟ ହେଲା । ଆତ୍ମଭାବରୁ ଦୁଇଟି ସତ୍ୟ ପ୍ରକାଶ ପାଇଥିଲା-ପୂର୍ଣ୍ଣ ଓ ଶୂନ୍ୟ । ପୂର୍ଣ୍ଣଭାବ ବା ପୁରୁଷ ଭାବଟି ପୁରୁଷୋତ୍ତମ ରୂପେ 'ଗୀତା'ରେ ଏବଂ ଶୂନ୍ୟଭାବଟି ଖ୍ରୀ ୭ମ ୮ମ ଶତାବ୍ଦୀର ଉଡ୍ଡୀୟାନରେ ପୂର୍ଣ୍ଣ ବିକାଶ ପାଇଥିବା ଜଗନ୍ନାଥ ଭାବରେ ସ୍ପଷ୍ଟ ଦେଖାପଡ଼େ । (୫୮)

'ଗୀତା'ର 'ସାଂଖ୍ୟଯୋଗ':

'ଭଗବଦ୍ ଗୀତା'ର 'ସାଂଖ୍ୟ' ଶବ୍ଦ ଦ୍ୱାରା କପିଳ ମୁନିଙ୍କ 'ସାଂଖ୍ୟ ଦର୍ଶନ' ଓ 'ଯୋଗ' ଶବ୍ଦ ଦ୍ୱାରା ପତଞ୍ଜଳିଙ୍କ 'ଯୋଗ ଦର୍ଶନ' ପ୍ରକାଶ ପାଏ ନାହିଁ । ଏଥିରେ 'ସାଂଖ୍ୟ' ଶବ୍ଦ ସନ୍ନ୍ୟାସ ମାର୍ଗକୁ ଏବଂ 'ଯୋଗ' ଶବ୍ଦ କର୍ମମାର୍ଗକୁ ବୁଝାଏ । ତେଣୁ ସାଂଖ୍ୟଯୋଗ କହିଲେ 'କର୍ମ ସନ୍ନ୍ୟାସ'କୁ ବୁଝାଇଥାଏ । 'ଗୀତା'ର ତୃତୀୟ ଅଧ୍ୟାୟ ୩ୟ ଶ୍ଳୋକରେ ଭଗବାନ ସଂସାରର ଦୁଇ ପ୍ରକାର ନିଷ୍ଠାର କଥା କହିଛନ୍ତି । (୫୯) ପ୍ରଥମଟି ସାଂଖ୍ୟ ବା ସନ୍ନ୍ୟାସମାର୍ଗୀଙ୍କର ଜ୍ଞାନଯୋଗ ଦ୍ୱାରା ଉତ୍ପନ୍ନ ନିଷ୍ଠା, ଅନ୍ୟଟି କର୍ମଯୋଗମାର୍ଗୀ ବା ଯୋଗୀମାନଙ୍କର କର୍ମଯୋଗ ଦ୍ୱାରା ଉତ୍ପନ୍ନ ନିଷ୍ଠା । ଏହି ଦୁଇଟି ମାର୍ଗରୁ ଯେକୌଣସି ଗୋଟିଏ ମାର୍ଗ ଅବଲମ୍ବନ କଲେ ଏକ ହିଁ ଫଳ (ମୁକ୍ତି) ଲାଭ ହୁଏ ବୋଲି ପୁଣି ପଞ୍ଚମ ଅଧ୍ୟାୟର ପଞ୍ଚମ ଶ୍ଳୋକରେ କୁହାଯାଇଛି । (୬୦)

ସାଂଖ୍ୟତତ୍ତ୍ୱକୁ ସରଳଭାବେ ବୁଝାଇ ନୀଳକଣ୍ଠ ଲେଖିଛନ୍ତି – "ସାଂଖ୍ୟ ବୋଇଲେ ଜ୍ଞାନ । ସାଧାରଣ ଅର୍ଥରେ ବେଦାନ୍ତର ଜ୍ଞାନକୁ ସାଂଖ୍ୟ କହନ୍ତି । ପ୍ରଥମେ ଏଇ ଜ୍ଞାନକୁ କପିଳ ମୁନି ବିଧିବଦ୍ଧ ଭାବରେ ଏକ ବିନିଶ୍ଚିତ ଓ ହେତୁମତ୍ ପ୍ରବନ୍ଧରେ ପ୍ରକାଶ କରିଥିଲେ । ହୁଏତ ଜ୍ଞାନର 'ସାଂଖ୍ୟ' ନାମଟି ସେଇଠାରୁ ବିଶେଷରେ ପ୍ରଚଳିତ ହେଲା । କାରଣ କପିଳ ଏହି ଜ୍ଞାନର ବ୍ୟାଖ୍ୟା କରିବାରେ ତତ୍ତ୍ୱଗୁଡ଼ିକର ୨୫ଟି ସଂଖ୍ୟା କରି ଗଣିଥିଲେ । (୬୧) 'ସାଂଖ୍ୟ' ଓ 'ଯୋଗ' ମଧ୍ୟରେ ସମନ୍ୱୟ ଦର୍ଶାଇ ସେ ପୁଣି କହନ୍ତି- "କର୍ମ ଛାଡ଼ିବା କଦାପି ଭଗବାନଙ୍କର ମତ ନୁହେଁ । ତାଙ୍କ ମତରେ, ଜ୍ଞାନରେ ପ୍ରତିଷ୍ଠିତ ରହି କର୍ମ କରିଯିବାରେ ସାଂଖ୍ୟମାର୍ଗ (ଜ୍ଞାନମାର୍ଗ)ର ମୋକ୍ଷ ସାଧନା । ଏଇ ସାଧନ ପ୍ରଣାଳୀ ବା ଯୋଗକୁ ଜ୍ଞାନ ଆଡୁ ନ ବୁଝି, କର୍ମ ଆଡୁ ବୁଝିବାହିଁ ଏଠାରେ 'ଯୋଗ' ବା ମୁଖ୍ୟତଃ କର୍ମଯୋଗ । ଏହିପରି ଦୁଇଟି ମାର୍ଗ ସାଂଖ୍ୟ ଓ ଯୋଗ । ଏ ଦୁଇଟିର ଉଦ୍ଦେଶ୍ୟ ବା ଫଳରେ କିଛି ପ୍ରଭେଦ ନାହିଁ ।" (୬୨) ଏହି ପ୍ରସଙ୍ଗରେ ବାଳଗଙ୍ଗାଧର ତିଳକ କର୍ମର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି "କିନ୍ତୁ ଯୋଗ (କର୍ମ) ବିନା ସାଂଖ୍ୟ (ସନ୍ନ୍ୟାସ) ପ୍ରାପ୍ତି କଠିନ । ଯେଉଁବ୍ୟକ୍ତି କର୍ମ ଯୋଗମୁକ୍ତ ହୋଇଅଛନ୍ତି ତାଙ୍କର ଅବିଳମ୍ବେ ବ୍ରହ୍ମପ୍ରାପ୍ତି ବା ମୋକ୍ଷ ଲାଭ ହୁଏ । ସନ୍ନ୍ୟାସମାର୍ଗରେ ଜ୍ଞାନକୁ ପ୍ରଧାନ ମାନିଲେ ମଧ୍ୟ କର୍ମ ନକଲେ ଜ୍ଞାନସିଦ୍ଧି ହୁଏନାହିଁ । ଅତଏବ କର୍ତ୍ତବ୍ୟଜ୍ଞାନ କରି ଫଳକୁ ଈଶ୍ୱରଙ୍କ ଠାରେ ଅର୍ପଣ କରି

Digitized by PPRACHIN, SOA

ନିଷ୍କାମ ଭାବରେ କର୍ମ କରିବା କର୍ତ୍ତବ୍ୟ । ଏହା ହିଁ ଭଗବଦ ଗୀତାର ପ୍ରତିପାଦ୍ୟ ଉପଦେଶ । (୬୩) ପଣ୍ଡିତ ନୀଳକଣ୍ଠ 'ଗୀତା'ରେ ପୂର୍ଣ୍ଣବାଦୀଙ୍କର ମୁକ୍ତି ସାଧନା ଏବଂ ଶୂନ୍ୟବାଦୀଙ୍କର ନିର୍ମାଣ ସାଧନା ମଧ୍ୟରେ ସମନ୍ୱୟ ଲକ୍ଷ୍ୟ କରିଛନ୍ତି । (୬୪) ତାଙ୍କ ଭାଷାରେ- "ଏହିପରି ଶୂନ୍ୟତା ଓ ପୂର୍ଣ୍ଣତା ଜ୍ଞାନ ମଧ୍ୟରେ ସାମଞ୍ଜସ୍ୟ ରଖି ଅନାସକ୍ତ କର୍ମରେ ରହି ଭକ୍ତିର ଆଶ୍ରୟ କରିବା ହିଁ ଗୀତାର ଯୋଗ ବା ମୁକ୍ତି ସାଧନା" । (୬୫) ସେ ପୁଣି କହିଛନ୍ତି, "ଗୀତାର ଯୋଗ ଗୋଟିଏ ପରିସ୍ଥିତି- ଏହା ବରଂ ନିଷ୍କାମ କର୍ମ ସାଧନା ମଧ୍ୟରେ ପୁରୁଷୋତ୍ତମ ଧାରଣା ଜନିତ ଦ୍ୱନ୍ଦ୍ୱ ସମତା, ବା ସୁଖ ଦୁଃଖାଦିରେ ସମାନୁଭୂତି ।" (୬୬)

'ଗୀତା'ର ଭାଷା :

"ଓଡ଼ିଆ ସାହିତ୍ୟର କ୍ରମପରିଣାମ" ପୁସ୍ତକରେ ପଣ୍ଡିତ ନୀଳକଣ୍ଠ 'ଭଗବଦ୍ ଗୀତା'ର ଭାଷାକୁ ଓଡ଼ିଆଙ୍କର ପ୍ରାଣର ଭାଷା ବୋଲି କହିଛନ୍ତି । ଏଥିପାଇଁ ସେ ଏକାଦଶ ଅଧ୍ୟାୟର ୩୬ଶ ଶ୍ଳୋକରେ ବ୍ୟବହୃତ 'ସ୍ଥାନେ' ( "ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ତ୍ୟା") ଓ ସେହି ଅଧ୍ୟାୟର ୪୧ ଶ୍ଳୋକରେ ବ୍ୟବହୃତ 'ହେ କୃଷ୍ଣ' (" ହେ କୃଷ୍ଣ ହେ ଯାଦବ ହେ ସଖେତି") ପଦର ଉଦାହରଣ ଦେଇଛନ୍ତି । ସମ୍ବୋଧନରେ 'ହେ' ପଦ ପ୍ରାଚୀନ ଓଡ଼ିଆରେ ବ୍ୟବହୃତ । ପୁଣି 'ସ୍ଥାନେ' ପଦର ବ୍ୟବହାର ଅନ୍ୟ କୌଣସି ଭାଷାରେ ନାହିଁ । ସେଇ ଅଧ୍ୟାୟର ୨୨ଶ ଶ୍ଳୋକରେ ପୁଣି ଅସୁରଙ୍କୁ ଦେବଙ୍କ ମଧ୍ୟରେ ଗଣା ଯାଇଛି ("ଗନ୍ଧର୍ବ ଯକ୍ଷାସୁର ସିଦ୍ଧ ସଂଘା") ଏହା ଲକ୍ଷ୍ୟକରି ଆଲୋଚକ ଋଗ୍‌ବେଦର ଆଦି କାଳରେ ଅସୁରଭକ୍ତି ଥିବାର ଦର୍ଶାଇଛନ୍ତି । ଋଗ୍‌ବେଦରେ ମଧ୍ୟ ଅସୁର ଓ ଦେବତାଙ୍କୁ ଏକ ବୋଲି କୁହାଯାଇଛି । (୬୭) ନୀଳକଣ୍ଠଙ୍କ ମତରେ ଏହି ଅସୁର ସଭ୍ୟତା ବେଦ ପରବର୍ତ୍ତୀକାଳରେ ଓଡ଼ିଶାରେ ପ୍ରଭାବ ବିସ୍ତାର କରିଥିଲା । ତେଣୁ ଓଡ଼ିଆଙ୍କ ଧାରଣା ଗୀତାରେ ପ୍ରକାଶ ପାଇଥିବା ସମ୍ଭବ । ପୁଣି ସେହି ଏକାଦଶ ଅଧ୍ୟାୟର ୩୨ଶ ଶ୍ଳୋକରେ 'କାଳ' ଓ ୩୭ଶ ଶ୍ଳୋକରେ 'ଅନନ୍ତ' ଓ 'ଦେବେଶ' (ବଳଭଦ୍ର ଓ ବଡ଼ଠାକୁର) ଓ 'ଜଗନ୍ନିବାସ' ପ୍ରଭୃତି ଶବ୍ଦଗୁଡ଼ିକୁ ଲେଖକ ଓଡ଼ିଆ ଶୂନ୍ୟତନ୍ତ୍ରର ଭାଷାର ଅନୁରୂପ ବୋଲି କହିଛନ୍ତି ।

**ନୀଳକଣ୍ଠଙ୍କ ଗୀତାଲୋଚନାରେ କେତୋଟି ନୂତନ ଦିଗ:**

ପଣ୍ଡିତ ନୀଳକଣ୍ଠଙ୍କ 'ଗୀତା' ଭାଷ୍ୟରେ କେତେକ ନୂତନ ଦିଗନ୍ତ ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଥିରେ ଲେଖକ ଓଡ଼ିଶାର ସଂସ୍କୃତି, ଜୈନଧର୍ମର ପରମ୍ପରା, 'ଓଁ' ତତ୍ତ୍ୱ ଓ ଅସୁର ସଭ୍ୟତା ଉପରେ ସୁବିସ୍ତୃତ ଆଲୋଚନା କରିଛନ୍ତି । ଏହା ବ୍ୟତୀତ ତାଙ୍କର ଅନ୍ୟ କେତେକ ରଚନାରେ ମଧ୍ୟ ସେ ଗୀତାଲୋଚନା ପ୍ରସଙ୍ଗରେ ନିଜର ନୂତନ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି । ଉଦାହରଣ ସ୍ୱରୂପ 'ଗୀତା'ରେ ବର୍ଣ୍ଣିତ- "ଆତ୍ମା ଅମର, ଏହି ଅର୍ଥରେ ଯେ, ଆମେ ଆମ ପରବର୍ତ୍ତୀ ପୁରୁଷାମାନଙ୍କ ମଧ୍ୟରେ ବଞ୍ଚିରହୁ ।" (୬୮)

Digitized by PPRACHIN, SOA

**ନୀଳକଣ୍ଠଙ୍କ 'ଗୀତାଭାଷ୍ୟ'ରେ ଓଡ଼ିଶାର ସଂସ୍କୃତି :**

ଗୀତା ଆଲୋଚନା ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ କଳିଙ୍ଗର ଶବର ସଂସ୍କୃତି କିପରି ଭେଦଧର୍ମ ଜଡ଼ିତ ଭାରତ ତଥା ପୃଥିବୀରେ ସନାତନ ସତ୍ୟର ମହାବାଣୀ ପ୍ରଚାର କରିଛି ତାହା ଦର୍ଶାଇବାକୁ ଯାଇ ଓଡ଼ିଶୀ ସଂସ୍କୃତିର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିଛନ୍ତି । (୬୯) ତାଙ୍କ ବିଚାରରେ ଓଡ଼ିଶାର ସଂସ୍କୃତି ତିନିଗୋଟି ସଂସ୍କୃତିର ମିଶ୍ରଣର ଫଳ । ପ୍ରଥମଟି ହେଉଛି ଉତ୍କଳର, ଦ୍ୱିତୀୟଟି କଳିଙ୍ଗର ଓ ତୃତୀୟଟି ଦକ୍ଷିଣ କୋଶଳର ସଂସ୍କୃତି । ଯାଜପୁର ଠାରୁ ଉତ୍ତରକୁ ରାଢ଼ ଦେଶ (ବଙ୍ଗ) ଯାଏ ଉତ୍କଳ, ଯାଜପୁର ଠାରୁ ଦକ୍ଷିଣକୁ ପ୍ରାୟ ବିଶାଖାପାଟଣା ପର୍ଯ୍ୟନ୍ତ କଳିଙ୍ଗ ଏବଂ ଏବର ବୌଦଠାରୁ ବିଳାସପୁର ଯାଏ ଦକ୍ଷିଣ କୋଶଳ ବିସ୍ତୃତ । ଦକ୍ଷିଣ କୋଶଳର ସଂସ୍କୃତି ଉତ୍କଳ ଓ କଳିଙ୍ଗ ସଂସ୍କୃତି ଠାରୁ ଭିନ୍ନ ଧରଣର । ହୁଏନସାଂ ଭାରତକୁ ଆସିବା ବେଳକୁ ଏହି ଅଞ୍ଚଳର ନାମ ଉଡ୍‌ଡ୍ରୀୟାନ ହୋଇ ସାରିଥିଲା । ଏଠାକାର ସଂସ୍କୃତି ହେଉଛି ତନ୍ତ୍ରର ସଂସ୍କୃତି । ଏହା ମୂଳତଃ ଅଷ୍ଟ୍ରିକ୍ ବା ନିଷାଦମାନଙ୍କର ସଂସ୍କୃତି । ଅତି ପ୍ରାଚୀନ କାଳରୁ ଏହା ଭାରତକୁ ଆସିଥିଲା । ବସ୍ତୁତଃ ଏହା ଭାରତର ପ୍ରାଚୀନତମ ସଂସ୍କୃତି, ଏହା ପରେ ଦ୍ରାବିଡ଼ ସଂସ୍କୃତି ଓ ଶେଷରେ ବୈଦିକ ସଂସ୍କୃତି ବା ଆର୍ଯ୍ୟ ସଂସ୍କୃତି ଭାରତରେ ପ୍ରବେଶ କରିଥିଲା । କଳିଙ୍ଗ ସଂସ୍କୃତି ଦ୍ରାବିଡ଼ମାନଙ୍କ ଦ୍ୱାରା ଭାରତକୁ ଆସିଥିଲା । ଏହା କେବଳ କଳିଙ୍ଗରେ ସୀମାବଦ୍ଧ ନଥିଲା । ଏହା ମୁଖ୍ୟତଃ ଏକ ଦକ୍ଷିଣୀ ସଂସ୍କୃତି । ପୃଥିବୀରେ ବିଭିନ୍ନ ଧର୍ମ ମଧ୍ୟରେ ଏଇ ଗୋଟିକ କେବଳ ବିଭୂଧର୍ମ ନୁହେଁ, ଏହା ଏକ ଆଧ୍ୟାତ୍ମିକ ଧର୍ମ । ଏଇ ଧର୍ମର ପ୍ରଧାନ ଅନୁସନ୍ଧେୟ ବସ୍ତୁ ହେଉଛି ମାନବର ଆତ୍ମା । ପରବର୍ତ୍ତୀ କାଳରେ ପ୍ରସାର ଲାଭ କରିଥିବା ଜୈନଧର୍ମର ମୂଳ ଏହିଠାରେ ।

ନୀଳକଣ୍ଠଙ୍କ ମତରେ ଉତ୍କଳର ସଂସ୍କୃତି ପ୍ରାୟତଃ ବଙ୍ଗ ସଂସ୍କୃତି ସଙ୍ଗେ ସମାନ । ଏଥିରେ ବହୁକାଳରୁ କୋଶଳ ସଂସ୍କୃତି ମିଶିକରି ରହିଥିଲା । ଓଡ଼ିଶା ଇତିହାସ ଆଲୋଚନା କଲେ ଜଣାଯାଏ, ଖ୍ରୀ: ୭ମ-୮ମ ଶତାବ୍ଦୀ ଠାରୁ ଉତ୍ତର ଓଡ଼ିଶାର ଭୌମମାନେ ସମଗ୍ର ଓଡ଼ିଶାକୁ ଜିଣିଥିଲେ । ସେ ସମୟରେ ବଙ୍ଗଳାର ବଜ୍ରଯାନର ପ୍ରଭାବ ଓଡ଼ିଶାରେ ପଡ଼ିଥିଲା । ଯାଜପୁର ପାଖ ପୁଷ୍ପଗିରି ବିହାରରେ ବଜ୍ରଯାନର ଖୁବ୍ ଚର୍ଚ୍ଚା ହେଉଥିଲା । ଆଲୋଚକ କହନ୍ତି, ଓଡ଼ିଆ ଅକ୍ଷରର କ୍ରମବିକାଶ ଲକ୍ଷ୍ୟ କଲେ ମଧ୍ୟ ଜଣାଯିବ ଯେ, ଏହା ବଙ୍ଗଳା ଅକ୍ଷରବାଟେ ଓଡ଼ିଶାରେ ପ୍ରଚାରିତ ହୋଇଅଛି । (୭୦) ନିଜ ମତକୁ ଦୃଢ଼ କରିବା ପାଇଁ ସେ ପୁଣି କହନ୍ତି- ଅତି ପୁରାକଳରେ 'ଉତ୍କଳ-ରାଟ' ଏକ ଭୂମିଖଣ୍ଡର ନାମ ଥିଲା । କାଳକ୍ରମେ ଏହାର ଉତ୍ତର ଆଡ଼କୁ ଥିବା ଅଞ୍ଚଳର ନାମ 'ରାଢ଼' ଓ ଦକ୍ଷିଣ ଆଡ଼ର ନାମ ହେଲା 'ଉତ୍କଳ' । ସେ ସମୟରେ ବଙ୍ଗକୁ 'ରାଢ଼ଦେଶ' କୁହାଯାଉଥିଲା । ଉତ୍କଳ ବା ଉତ୍କଳ ଗୟାଠାରୁ ଦକ୍ଷିଣ ବା ଉପକୂଳ ଆଡ଼କୁ ବିସ୍ତୃତ ଥିଲା । (୭୧) ଉତ୍କଳର

Digitized by PPRACHIN, SOA

ବଙ୍ଗୀୟ ସଂସ୍କୃତି, କଳିଙ୍ଗର ଦ୍ରାବିଡ଼ ସଂସ୍କୃତି ଓ ଦକ୍ଷିଣ କୋଶଳର ନିଷାଦୀୟ ସଂସ୍କୃତିର ମିଶ୍ରଣରେ ଓଡ଼ିଶାର ସଂସ୍କୃତି 'ପ୍ରାଚୀନ କଳିଙ୍ଗ ସଂସ୍କୃତି' ନାମରେ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା ଏବଂ ଏହି କଳିଙ୍ଗ ସଂସ୍କୃତି ଦକ୍ଷିଣ ପ୍ରଶାନ୍ତ ମହାସାଗର ଦ୍ୱୀପମାନଙ୍କରେ ଓ ସେଇବାଟେ ଆମେରିକା ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା ବୋଲି ଭାଷ୍ୟକାରଙ୍କ ମତ । ଧର୍ମଦୃଷ୍ଟିରୁ ବିଚାର କଲେ, କଳିଙ୍ଗର ଧର୍ମ ପୃଥିବୀର ସମସ୍ତ ଧର୍ମରେ 'ଅଧ୍ୟାତ୍ମ ଧର୍ମ' ଭାବେ ପ୍ରକାଶ ପାଇଛି । ଖ୍ରୀ:ପୂ: ତିନି ହଜାର ବର୍ଷ ତଳେ ମଧ୍ୟ ଆଫ୍ରିକାରୁ ଦ୍ରାବିଡ଼ମାନେ ଆସି କଳିଙ୍ଗରେ ବାସ କରୁଥିଲେ । ସେମାନଙ୍କର ପ୍ରଧାନ ଉପାସ୍ୟ ଥିଲା ମାନବ ଶରୀରରେ ଥିବା ଆତ୍ମା । ସେ ସମୟରେ ଏହାକୁ ପୁରୁଷ କୁହାଯାଉଥିଲା । ଆଲୋଚକ ନୀଳକଣ୍ଠ ଡକ୍ଟର ସୁନୀତି କୁମାର ଚାଟର୍ଜିଙ୍କ ମତକୁ ସମର୍ଥନ କରି କହନ୍ତି, 'ପୁରୁଷ' ଏକ ଦ୍ରାବିଡ଼ ଶବ୍ଦ । ମୌଳିକ ଭାବରେ ଏହା ହେଉଛି - 'ପୁବୃଷ' । ଦ୍ରାବିଡ଼ ଶୈଳୀରେ 'ପୁରୁଷ' ହୋଇଅଛି । ଏହି ପୁରୁଷ ଭାବଟି ଦକ୍ଷିଣ ଆଫ୍ରିକାରୁ ଭାରତକୁ ଆସିଥିବା ସମ୍ଭବ ଏବଂ ଏଇ ପୁରୁଷର ପ୍ରଧାନ ପୀଠ କଳିଙ୍ଗ ଉପକୂଳର ପୁରୁଷ କ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର - ଏବର ପୁରୀ । (୭୨)

ନିଷାଦ ସଂସ୍କୃତି ମଧ୍ୟ ଦ୍ରାବିଡ଼ମାନେ ଆସିବା ପୂର୍ବରୁ ମଧ୍ୟଆଫ୍ରିକାରୁ ଭାରତକୁ ଆସି ପୂର୍ବ ଭାରତ ଓ ଦକ୍ଷିଣ -ପୂର୍ବ ମହାସାଗର ଆଡ଼କୁ ବିସ୍ତୃତ ହୋଇ ଥିବାର ଅନୁମାନ ହୁଏ । କିନ୍ତୁ ନିଷାଦୀୟଧର୍ମ ଓ ଦ୍ରାବିଡ଼ ଧର୍ମ ମଧ୍ୟରେ ମୌଳିକ ସମ୍ପର୍କ ରହିଅଛି । ଏହି ଦୁଇ ଧର୍ମ ମଧ୍ୟରେ ଥିବା ସମ୍ପର୍କ ନିର୍ଣ୍ଣୟ କରି ଆଲୋଚକ କହନ୍ତି, ପ୍ରଥମତଃ ନିଷାଦ ଧର୍ମ ଅନୁସାରେ ପିତାର ବିନା ସମ୍ପର୍କରେ ମାତା ସନ୍ତାନକୁ ଶୂନ୍ୟରୁ ପ୍ରସବ କଲାପରି ବିଶ୍ୱର ସୃଷ୍ଟି ରୂପ କଳ୍ପନାରେ ପ୍ରଯୁକ୍ତ ହେଲା । ଅର୍ଥାତ୍ ପୃଥିବୀ ଶୂନ୍ୟରୁ ସୃଷ୍ଟି ହେଲା । ପୁଣି ଦ୍ରାବିଡ଼ ଧର୍ମାନୁସାରେ ମାତା ସନ୍ତାନ ଜନ୍ମ କରି ଯେପରି ଆତ୍ମବିସ୍ମୃତ ହୁଏ, ସେହିପରି ଏକ ଧାରଣାରୁ ବିଶ୍ୱପରିବାର - ଭାବ ମାନବ - ସମାଜରେ ଫୁଟି କ୍ରମେ ପରିବ୍ୟାପ୍ତ ହେଲା । (୭୩) ନିଷାଦମାନଙ୍କ ପୀଠ ଓଡ଼ିଶାର ଉଡ୍ଡୀୟମାନ ଭାଗରେ ଥିଲା । କାଳକ୍ରମେ ଏହା 'ସଉରୀ ନାରାୟଣ' ସ୍ଥାନରେ (ମହାନଦୀ ଓ ଏହାର ଉପନଦୀ ଜୋଂକ୍‌ର ସଂଗମ ସ୍ଥଳ) ପ୍ରତିଷ୍ଠିତ ହେଲା । ଉଡ୍ଡୀୟାନର ଏହା ଏକ ପ୍ରଧାନ ମାତୃଧର୍ମର ସ୍ଥାନ । ଏଠାରେ ନିମକାଠର ମୂର୍ତ୍ତି ପୂଜା କରାଯାଉଥିଲା । ଏଣେ ପୁରୀ ଉପକୂଳରେ ଦ୍ରାବିଡ଼ମାନଙ୍କ 'ପୁରୁଷପୀଠ'ର ପ୍ରତିଷ୍ଠା ହେଲା ।

କଳିଙ୍ଗର ପୁରୁଷ ପୀଠ ଓ ଉଡ୍‌ଡ୍ରୀୟାନର ସଉରୀନାରାୟଣ ମଧ୍ୟରେ ବିବାଦ କ୍ରମଶଃ ପ୍ରକାଶ୍ୟଭାବେ ବଢ଼ିବାକୁ ଲାଗିଲା । ଖ୍ରୀ: ଏକାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗ ଦେବ କଳିଙ୍ଗର ରାଜା ହେଲେ । ଉଡ୍‌ଡ୍ରୀୟାନ (ଦକ୍ଷିଣ କୋଶଳ ) ଓ ଉତ୍‌କଳ (ଉତ୍କଳ) ତାଙ୍କ ଅଧୀନରେ ରହିଲା । ସେ ରାମାନୁଜାଚାର୍ଯ୍ୟଙ୍କ ପରାମର୍ଶକ୍ରମେ ସଉରୀ ନରାୟଣରୁ

Digitized by PPRACHIN, SOA

ନିମକାଠର ମୂର୍ତ୍ତି ମହାନଦୀରେ ପୁରୀକୁ ଅଣାଇ ପୁରୀର 'ପୁରୁଷ' ପୀଠରେ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା କଲେ । ଫଳରେ ପୁରୁଷ ରୂପରେ ପୃଥିବୀର ମୌଳିକ ଅଧ୍ୟାତ୍ମବାଦ ସହ ନିମକାଠ ଦେବ ମୂର୍ତ୍ତିର ଶୂନ୍ୟ ରୂପ ମିଶି ସମନ୍ୱୟଧର୍ମୀ ଜଗନ୍ନାଥଙ୍କର ସୃଷ୍ଟି ହେଲା । (୭୪) ସ୍କନ୍ଦ ପୁରାଣରେ ଏହି କିମ୍ବଦନ୍ତୀକୁ କେନ୍ଦ୍ର କରି ଜଗନ୍ନାଥ ମନ୍ଦିର ଓ ମୂର୍ତ୍ତି ନିର୍ମାଣର ପୌରାଣିକ ଆଖ୍ୟାୟିକା ସୃଷ୍ଟି ହେଲା । ଏହି ଜଗନ୍ନାଥ କ୍ରମେ ଓଡ଼ିଶା ସଂସ୍କୃତିର କେନ୍ଦ୍ରବିନ୍ଦୁ ହୋଇଗଲେ ।

ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ସମ୍ବଲପୁରର ରାଜା ଇନ୍ଦ୍ରଭୂତି ଉଡ୍ଡ଼ୀୟମାନଙ୍କ ଜଗନ୍ନାଥଙ୍କୁ ପ୍ରଣିପାତ କରି 'ଜ୍ଞାନସିଦ୍ଧି" ପୁସ୍ତକର ପ୍ରଥମ ଶ୍ଳୋକରେ ଲେଖିଲେ -

"ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜୀନ ବରାର୍ଚ୍ଚିତଂ
ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନୋ ଗଗନୋପମମ୍ ।"

ନୀଳକଣ୍ଠ କହନ୍ତି, ଜଗନ୍ନାଥଙ୍କୁ ଶୂନ୍ୟ ବୋଲି କଳ୍ପନା କରାଯାଇଥିଲେ ମଧ୍ୟ ଏବଂ ଉଡ୍‌ଡ଼ୀୟାନର ଜଗନ୍ନାଥ ଖ୍ରୀ ୧୦୬୬ ପୂର୍ବରୁ ଓଡ଼ିଶାର ଜୀନାସନ ପୀଠକୁ ଆସି ନଥିଲେ ମଧ୍ୟ ସେଇ ଶୂନ୍ୟରୂପ ଜଗନ୍ନାଥ 'ସର୍ବଜୀନ ବରାର୍ଚ୍ଚିତ" ଓ 'ସର୍ବ ବୁଦ୍ଧମୟ' ବୋଲି ବୌଦ୍ଧ ଓ ଜୈନ -ପ୍ରତିଷ୍ଠା ପାଇଛନ୍ତି । (୭୫) ଏଇ ଜୀନ ଓ ବୁଦ୍ଧ ପରମ୍ପରାର ସମନ୍ୱୟ ଦର୍ଶାଇ ଅନ୍ୟତ୍ର ଲେଖିଛନ୍ତି- "ଭାରତର ସଂସ୍କୃତିରେ ଜୀନ ବା ବୁଦ୍ଧ ଏକା କଥା । ଶାକ୍ୟମୁନି ଯେପରି ନିଜକୁ ବୁଦ୍ଧ ବୋଲି କହୁଥିଲେ, ତୀର୍ଥଙ୍କର ମହାବୀର ମଧ୍ୟ ସେହିପରି ନିଜକୁ ବୁଦ୍ଧ ବୋଲି କହୁଥିଲେ । ଶଙ୍କରାଚାର୍ଯ୍ୟ ମଧ୍ୟ ବୁଦ୍ଧଙ୍କୁ ବରାବର ଜୀନ ବୋଲି କହିଛନ୍ତି ।" (୭୬)

ଆଲୋଚକ ନୀଳକଣ୍ଠ ପୁଣି ଓଡ଼ିଶାର ଜଗନ୍ନାଥଙ୍କଠାରେ ଅସୁର ଓ ବୈଦିକ ସଭ୍ୟତାର ସମାବେଶ କରାଇଛନ୍ତି । ତାଙ୍କ ଭାଷାରେ - "ଅସୁର ସଭ୍ୟତା ଓ ବୈଦିକ ସଭ୍ୟତାର ଆଦାନପ୍ରଦାନ ଫଳରେ 'ଅଣାକାର' ମହାଶୂନ୍ୟରୁ 'ପରମାତ୍ମା' ବା ପୁରୁଷୋତ୍ତମ ବାହାରିଥିଲେ । (୭୭) କଳିଙ୍ଗରେ ଏଇ ପୁରୁଷୋତ୍ତମ ହେଉଛନ୍ତି ଉପାସ୍ୟଦେବ ଜଗନ୍ନାଥ । ଜଗନ୍ନାଥଙ୍କ ସ୍ଥାନ ପୁରୁଷୋତ୍ତମ ପୁରୀ-ସମସ୍ତ ଆର୍ଯ୍ୟ ଜଗତରେ ଅତି ପ୍ରସିଦ୍ଧ ଉପାସ୍ୟଦେବସ୍ଥାନ ବା ଶ୍ରେଷ୍ଠଧାମ ରୂପେ ପ୍ରତିଷ୍ଠା ପାଇଅଛି ।" (୭୮) ଗବେଷକଙ୍କ ମତରେ, ଏହା ହିଁ ହେଉଛି ଓଡ଼ିଶାର ସମନ୍ୱୟଧର୍ମୀ ସଂସ୍କୃତି ।

**ନୀଳକଣ୍ଠଙ୍କ 'ଗୀତା'ରେ ଜୈନଧର୍ମର ପରମ୍ପରା :**

'ଗୀତାଧର୍ମ'କୁ ଅଧ୍ୟାତ୍ମଧର୍ମ ବୋଲି ସୂଚାଇବାକୁ ଗଲାବେଳେ ପଣ୍ଡିତ ନୀଳକଣ୍ଠ ଜୈନଧର୍ମକୁ ପ୍ରାଚୀନତମ ଅଧ୍ୟାତ୍ମଧର୍ମ ରୂପେ ପ୍ରତିପାଦନ କରି ଏଇ ଧର୍ମର ପରମ୍ପରା ଉପରେ ଆଲୋକପାତ କରିଛନ୍ତି । ଜୈନଧର୍ମର ପ୍ରଥମ ନାମ ଥିଲା 'ଜିଣ' ବା ବିଜେତାର

Digitized by PPRACHIN, SOA

ଧର୍ମ । ଆଲୋଚକଙ୍କ ବିଚାରରେ ଏହା ହିଁ ପୃଥିବୀର ପ୍ରାଚୀନମତ ଅଧ୍ୟାତ୍ମଧର୍ମ । ଜଗତରେ ଧର୍ମ ସ୍ଥୂଳତଃ ଦୁଇପ୍ରକାରର - ଗୋଟିଏ ବାହାରୁ ନିର୍ଦ୍ଦେଶିତ ଧର୍ମ ବା 'ଭୌତିକ ଧର୍ମ' ଓ ଅନ୍ୟଟି 'ଅଧ୍ୟାତ୍ମ ଧର୍ମ'; ଯେଉଁଥିରେ ମନୁଷ୍ୟ ନିଜ ଭିତରୁ ନିର୍ଦ୍ଦେଶ ଲାଭ କରେ । ଭୌତିକ ଧର୍ମରେ ଦେବତା ବା ଈଶ୍ୱର ମନୁଷ୍ୟକୁ ନିର୍ଦ୍ଦେଶ ଦିଅନ୍ତି । ମନୁଷ୍ୟ ଈଶ୍ୱରଙ୍କ ଭୟରେ ନିର୍ଦ୍ଦେଶିତ ହେବା ପରି କାମ କରେ । କିନ୍ତୁ ଅଧ୍ୟାତ୍ମଧର୍ମରେ ମନୁଷ୍ୟ ନିଜ ଭିତରେ ଯେଉଁ ଆତ୍ମା ବା ପୁରୁଷ ଅଛି, ତାହାରି ଉପାସନା କରେ । (୭୯) ଜୀବଜୀବ ସମ୍ପର୍କ ହେଉଛି, ଜୈନ ଦର୍ଶନର ମୂଳଭିତ୍ତି । ଅଧ୍ୟାତ୍ମବାଦୀ ଜୈନ ଦାର୍ଶନିକମାନେ ଜାଣିଥିଲେ, ଜୀବ ଏବଂ ଅଜୀବ - ଏଇ ଦୁଇପ୍ରକାର ବସ୍ତୁକୁ ନେଇ ଜଗତର ସୃଷ୍ଟି । ଅଜୀବ ସମ୍ପର୍କରେ ଥିବାରୁ ହିଁ ଜୀବ ଘାଣ୍ଟି ହେଉଛି, କଷ୍ଟ ପାଉଛି, କାମନାର ବଶବର୍ତ୍ତୀ ହେଉଛି । ତେଣୁ ଜୈନମାନେ ସମସ୍ତ ପ୍ରକାର ତୃଷ୍ଣା ପରିତ୍ୟାଗ କରିଥିଲେ । ଅହିଂସା, ଅମିଥ୍ୟା, ଅଚୌର୍ଯ୍ୟ ଓ ଅପରିଗ୍ରହ ନିଷ୍ଠାର ସହିତ ପାଳନ କରୁଥିଲେ । ଏଇ ଜୀବ - ଅଜୀବ ସମ୍ପର୍କରୁ 'ଦ୍ୱୈତସାଂଖ୍ୟ' ବାହାରିଥିଲା । ସେଥିରେ ଜୀବ ବହୁତ -ତା'ର ନାମ 'ପୁରୁଷ' । କିନ୍ତୁ ଅଜୀବ ହେଉଛି ଏକ- ତାହା 'ପ୍ରକୃତି' । (୮୦) ଦ୍ୱୈତସାଂଖ୍ୟରୁ 'ଯୋଗ ପ୍ରକାଶ ପାଇଲା । ସେଥିରେ ସବୁ ପୁରୁଷପରେ ପ୍ରଧାନ ହେଲେ ପୁରୁଷୋତ୍ତମ । ଫଳରେ ସମଗ୍ର ଜଗତ ଏକ ପୁରୁଷ ଓ ଏକ ପ୍ରକୃତିରେ ପର୍ଯ୍ୟବସିତ ହେଲା । ଏଇ ଧାରଣାରୁ ପୁଣି ଆସିଲା 'ବେଦାନ୍ତ' । ସେଥିରେ 'ଅଜୀବ' ହେଲା ଅନିତ୍ୟ ଓ ବା ମିଥ୍ୟା ବା ମାୟା । ଜୀବ ହେଲା ନିତ୍ୟ ।

ଗବେଷକ ନୀଳକଣ୍ଠଙ୍କ ଯୁକ୍ତିରେ 'ଜୀବ' ଶବ୍ଦ ସୁମେରୀୟ 'ଜି'ରୁ ଆସିଛି । ଏହାର ଅର୍ଥ ବସ୍ତୁର ଜୀବନ୍ତତା । (୮୧) 'ଜି' ବା 'ଜୀ' ହେଉଛନ୍ତି ସମସ୍ତ ଭୌତିକ ରାଜକୁ ଜୀବନରେ ପ୍ରଭାବିତ କରୁଥିବା ଶକ୍ତି ବା ବସ୍ତୁ । ଆଲୋଚକ କହନ୍ତି, ଜୈନଭାବ ହିଁ ହେଉଛି ସମସ୍ତ ଦର୍ଶନର ମୂଳ । କାରଣ ଜୈନଦର୍ଶନ ଅନୁସାରେ ଜୀବ ଓ ଅଜୀବର ନିତ୍ୟ ସମ୍ପର୍କରେ ନାମ-ରୂପ-ମୟ ଜଗତ ତିଷ୍ଠି ରହିଛି । ଅର୍ଥାତ୍, ଜୀବ ଓ ଅଜୀବ ସମ୍ପର୍କରେ ଆସିବାରୁ ସବୁ ନାମ-ରୂପ ସମ୍ଭବ ହୋଇଛି । ଏଠାରେ ଜୀବ ହେଉଛି - ଜୀବନର ହେତୁ । ଏତାକୁ ଜୈନମାନେ ପୁରୁଷ ବୋଲି କହୁଥିଲେ । ଏହି 'ଜୀବ' ବା ପୁରୁଷ ଅଜୀବରୁ ସମ୍ପର୍କ ତୁଟାଇଦେଲେ ସ୍ୱାଧୀନ ହୁଏ । (ଗୀତାପୀଠିକା - ପୃଷ୍ଠା -୯୯ ଦ୍ରଷ୍ଟବ୍ୟ) । ଏହା ହିଁ ହେଉଛି ଅସଲ ଜୈନତତ୍ତ୍ୱ । କେବଳ ଜୀବନର ଯେ ଅଧିକାରୀ, ତାକୁଇ କହନ୍ତି 'କେବଳୀ' । ଏଇ କେବଳୀର ଅବସ୍ଥାକୁ କୁହାଯାଏ କୈବଲ୍ୟ ଏବଂ କୈବଲ୍ୟରେ ହିଁ ସାଧକର ସିଦ୍ଧି ହୁଏ । ଏହି ଜୀବ -ଅଜୀବ ବା ପୁରୁଷ - ପ୍ରକୃତି ଭାବରୁ ପରେ ବେଦାନ୍ତର ଆତ୍ମା-ପରମାତ୍ମା ଭାବର ସୃଷ୍ଟି ହେଲା । ଏଥିରୁ ଜଣାଯାଏ ଯେ ଜୀବ, ଆତ୍ମା, ପୁରୁଷ, ଅଜୀବ, ପ୍ରକୃତି ଆଦି ଯାବତୀୟ ତତ୍ତ୍ୱର ମୂଳ ଜୈନଧର୍ମରେ ନିହିତ ।

Digitized by PPRACHIN, SOA

ଆଲୋଚକଙ୍କ ବିଚାରରେ ଜୈନଧର୍ମ ଏକମାତ୍ର ଈଶ୍ୱର ବିହୀନ ଧର୍ମ ବା ଅଧ୍ୟାତ୍ମଧର୍ମ (୮୨) ଜୈନଶାସ୍ତ୍ରରେ କୁହାଯାଇଛି -

'ଇକ୍‌କୋ ସଞ୍ଚଦି ପୁଣଂ ଇକ୍‌କୋ
ଭୁଞ୍ଜେଦି ବିବିହ ସୁର ସୋକ୍‌ଖଂ
ଇକ୍‌କୋ ଖବେଦି କମ୍ମଂ ଇକ୍‌କୋ ବିଯ ପାବନୟା ମୋକ୍‌ଖ ।"
(ଅନପ୍ରେକ୍ଷା - ୭୬)

ଏହାର ବ୍ୟାଖ୍ୟା କରି ଜଗମନ୍ଦ୍ରଲାଲ ଜୈନୀ କହନ୍ତି -ମନୁଷ୍ୟ ନିଜେ ଏକା ଜୀବନର ଭଲ ମନ୍ଦ ପାଇଁ ଦାୟୀ । (୮୩) ଖ୍ରୀଷ୍ଟଧର୍ମ, ମୁସଲମାନଧର୍ମ ଓ ହିନ୍ଦୁଧର୍ମ ପରି ଜୈନଧର୍ମରେ ଈଶ୍ୱର ବା ତାଙ୍କ ଅବତାର କିମ୍ବା ତାଙ୍କର ପ୍ରିୟପୁତ୍ର (ପୟଗମ୍ବର) ମନୁଷ୍ୟ ଉପରେ ହସ୍ତକ୍ଷେପ କରନ୍ତି ନାହିଁ । ପଣ୍ଡିତ ନୀଳକଣ୍ଠ ଜୈନ ପଣ୍ଡିତ ଜଗମନ୍ଦ୍ରଲାଲ ଜୈନୀଙ୍କ ମତ ଉଦ୍ଧାର କରି ଲେଖିଛନ୍ତି - 'ଜୈନଧର୍ମ ମନୁଷ୍ୟଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛି । ଏହା ଅନ୍ୟ କୌଣସି ଧର୍ମରେ ନାଇ । ଆମେ ଯେଉଁ କର୍ମ କରୁ ଓ ସେଇ କର୍ମର ଫଳ- ଏ ଦୁହିଁଙ୍କ ମଧ୍ୟରେ ଆଉ କିଛି ନାଇ । ଥରେ କରାହେଲେ ସେଇ କର୍ମମାନେ ହୁଅନ୍ତି ଆମର ନିୟନ୍ତା । (୮୪)

## ଜୈନଧର୍ମ ହିଁ ଏକମାତ୍ର ମୈତ୍ରୀଧର୍ମ :

ପୃଥିବୀର ସମସ୍ତ ଅନାତ୍ମଧର୍ମ ବା ଈଶ୍ୱରଧର୍ମ କରୁଣା ଉପରେ ପ୍ରତିଷ୍ଠିତ । ବୌଦ୍ଧଧର୍ମରୁ ଏହି କରୁଣା ଭାବର ଉତ୍ପତ୍ତି । ବୁଦ୍ଧଙ୍କୁ ମହାକରୁଣାମୟ ରୂପେ କଳ୍ପନା କରାଯାଇଛି । ପରବର୍ତ୍ତୀ କାଳରେ ଈଶ୍ୱର ମଧ୍ୟ କରୁଣାମୟ ରୂପେ ପରିଚିତ ହେଲେ । (୮୫) କିନ୍ତୁ ଲେଖକଙ୍କ ବିଚାରରେ, ଆତ୍ମଧର୍ମ ଓ ଜୈନଧର୍ମଟି ହେଉଛି ଯଥାର୍ଥରେ ମୈତ୍ରୀଧର୍ମ । ଏଥିରେ ପ୍ରତ୍ୟେକ ମନୁଷ୍ୟ ସ୍ୱରାଟ ଓ ଆତ୍ମବାନ । ଜୈନଧର୍ମାବଲମ୍ବୀମାନେ ପତିତପାବନଙ୍କ ଅନୁକରଣରେ ନିଜକୁ ବଡ଼ ମନେକରି ଦରିଦ୍ରର ସେବା କରନ୍ତି ନାହିଁ । ଅନୁଭବରେ ସାମ୍ୟ ପ୍ରତିଷ୍ଠା କରି ମୈତ୍ରୀର ଆଚରଣରେ ଆତ୍ମଲାଭର ପ୍ରଚେଷ୍ଟା କରନ୍ତି । ଈଶ୍ୱର ଧର୍ମ ବା ଭକ୍ତିମାର୍ଗର ଧର୍ମରେ ମାନବକୁ ଜିଣିବା ଓ ନିଜ ମତର ଅନୁକୂଳ କରିବା ପ୍ରଭୃତି ଆଚରଣ ପ୍ରକାଶ ପାଇଥିଲା । କିନ୍ତୁ ଜୈନଧର୍ମରେ ପ୍ରଥମ କରି ମନୁଷ୍ୟ ନିଜ ଅନ୍ତରକୁ ବିଶ୍ଳେଷଣ କରିବାକୁ ଶିଖିଲା । ଇନ୍ଦ୍ରିୟକୁ ଜିଣିଥିବା ଲୋକ 'ଜିଣ' ନାମରେ ଖ୍ୟାତହେଲା । ଲେଖକଙ୍କ ଭାଷାରେ- "ଜୈନଧର୍ମ ଆତ୍ମାକୁ ଜିଣିବା ଲୋକର ଧର୍ମ । ଯେ ଆତ୍ମାକୁ ଜିଣେ ବା ବାହାର ସମ୍ପର୍କକୁ ଛାଡ଼ି ସଂପୂର୍ଣ୍ଣ ଆତ୍ମସ୍ଥ ହୁଏ, ସେଇ ହେଉଚି ଯଥାର୍ଥ ଆତ୍ମବିଜେତା ବା ଜିଣ; ତାହାରି ଧର୍ମ ହେଉଛି ଜୈନଧର୍ମ ।" (୮୬)

Digitized by PPRACHIN, SOA

## ଜୈନଧର୍ମର ପ୍ରାଚୀନତା

ମାକ୍ସ ମୁଲରଙ୍କ ସଂପାଦିତ ଓ ହରମନ ଜାକୋବି (Hermann Jacobi) ଙ୍କ ଲିଖିତ 'Sacred Books of the East' ଗ୍ରନ୍ଥର ମୁଖବନ୍ଧ ଅନୁସାରେ ଜୈନଧର୍ମ ବୌଦ୍ଧଧର୍ମ ଠାରୁ ପ୍ରାଚୀନତର, ଏପରିକି ଜୈନଙ୍କର ଶେଷ ତୀର୍ଥଙ୍କର ମହାବୀର, ଶାକ୍ୟମୁନି ବୁଦ୍ଧଙ୍କ ଠାରୁ ଅଳ୍ପ କେତେଦିନ ବଡ଼ ଥିଲେ । ସେତିକି ନୁହେଁ, ମହାବୀରଙ୍କର ଅଢ଼େଇଶହ ବର୍ଷ ପୂର୍ବରୁ ଅର୍ଥାତ୍ ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ସମୟକୁ ଭାରତରେ ଜୈନଧର୍ମ ପ୍ରତିଷ୍ଠିତ ହୋଇ ସାରିଥିଲା । (୮୭) ପଣ୍ଡିତ ନୀଳକଣ୍ଠ ମଧ ବୌଦ୍ଧଧର୍ମ ଠାରୁ ଜୈନଧର୍ମର ପ୍ରାଚୀନତା ତାଙ୍କର ବିଭିନ୍ନ ରଚନା ମଧ୍ୟରେ ଦର୍ଶାଇଛନ୍ତି । ସେ କହନ୍ତି- "ବହୁ ପ୍ରାଚୀନ କାଳରୁ 'ଜୀନାସନ' ବା ଜୈନ ସାଧନାର ପୀଠର କୌଣସି ସ୍ମାରକ ବା ସଙ୍କେତ ଥିଲା । ପରେ ସିଂହଳର ବୌଦ୍ଧଧର୍ମରେ ଗୋଟିଏ ପରମ୍ପରା ପ୍ରକାଶ ପାଇଲା । ସେ ପରମ୍ପରା ଅନୁସାରେ ଏହି ପ୍ରାଚୀନ ଜୀନାସନର ସ୍ମାରକଟିକୁ କରିଦିଆହେଲା -ଶାକ୍ୟମୁନି ବୁଦ୍ଧଙ୍କ ବାଁପଟ ବିଶିଦାନ୍ତ ।" (୮୮)

ଲେଖକ ବୈଦିକଧର୍ମ ଠାରୁ ମଧ ଜୈନଧର୍ମର ପ୍ରାଚୀନତା ପ୍ରମାଣ କରିଛନ୍ତି । ବୈଦିକ ଯାଗଯଜ୍ଞ ଓ ଜାତିଭେଦ ବିରୋଧରେ ଜୈନଧର୍ମ ପ୍ରକାଶ ପାଇଥିଲା ବୋଲି ଯେଉଁ ଧାରଣା ଅନେକ ପ୍ରାଚ୍ୟତତ୍ତ୍ୱ -ବିଦ୍‌ଙ୍କ ଭିତରେ ରହିଛି, ତାହା ଖଣ୍ଡନ କରି ସେ ଲେଖିଛନ୍ତି- "ଅତି ପ୍ରାଚୀନ ଉପନିଷଦର ପୁରୁଷ-ପ୍ରକୃତି ଭାବ ଜୈନର ଜୀବାଜୀବ ଭାବରୁ ନିଆଯାଇଛି ।" (୮୯) ତାଙ୍କ ମତରେ ଜୈନଧର୍ମ ଭାରତର ମୌଳିକ ଧର୍ମ । ସେ ତେଣୁ ସାଂଖ୍ୟଦର୍ଶନକୁ ମଧ ଜୈନ ଦର୍ଶନଠାରୁ ଅର୍ବାଚୀନ ବୋଲି ଦର୍ଶାଇଛନ୍ତି- "ଦାର୍ଶନିକ ଭାବରେ ଜୀବକୁ ପୁରୁଷ ଓ ଅଜୀବକୁ ପ୍ରକୃତି କରି ପ୍ରକାଶ କରିବାର ପ୍ରଥମ ଉଦ୍ୟମ ହୋଇଛି, ସାଂଖ୍ୟାଦର୍ଶନରେ । ଏଇ ପୁରୁଷ ପ୍ରକୃତିର ମୂଳତତ୍ତ୍ୱ ପ୍ରକାଶ ପାଇଥିଲା ଜୈନଦର୍ଶନରେ । × × × ଜୈନ ଦର୍ଶନର ଜୀବ-ଅଜୀବ ଭେଦମୂଳକ ଦ୍ୱୈତବାଦରୁ ବିକାଶ ପାଇଥିଲା ସାଂଖ୍ୟ ଦର୍ଶନ × × ପ୍ରକୃତିର ଅସଂଖ୍ୟ ପ୍ରକାଶକୁ ତତ୍ତ୍ୱ ହିସାବରେ ବହୁ ବୋଲି ନଧରି ସାଂଖ୍ୟରେ ପ୍ରଥମେ ଏ ସମସ୍ତ ପ୍ରକୃତିକୁ ଏକ ବୋଲି ଧରା ଯାଇଥିଲା । ପୁରୁଷ ଠିକ୍ ଜୈନ ଦର୍ଶନର ଜୀବ ପରି ଅସଂଖ୍ୟ ଥିଲା । × × × ସାଂଖ୍ୟର ପୂରା ଅଧ୍ୟାତ୍ମ ପୁରୁଷଭାବ ଜୈନର ଜୀବଭାବରୁ ଗୃହୀତ ହୋଇଥିଲା ।" (୯୦)

ପୁଣି ଐତିହାସିକ ଦୃଷ୍ଟିରୁ ବିଚାର କଲେ ଜଣାଯାଏ, ବୈଦିକ ଆର୍ଯ୍ୟମାନେ ଭାରତକୁ ଆସିବା ପୂର୍ବରୁ ଏ ଦେଶରେ ଜୈନଙ୍କର ପ୍ରତିଷ୍ଠା ଦୃଢ଼ ହୋଇ ସାରିଥିଲା । (୯୧) ବୈଦିକ ଆର୍ଯ୍ୟମାନେ ଏ ଦେଶକୁ ଆସି ଯାଗଯଜ୍ଞର ଘନଘଟା ଖେଳାଇ ଦେଲେ । ଯାଗଯଜ୍ଞରେ ମଦ୍ୟମାଂସର ସୁଅ ଛୁଟିଲା । ଜୈନଙ୍କର ସଂଯମ ଓ ସାଧନା ଭ୍ରଷ୍ଟ ହେଲା । ଏଇ ଆର୍ଯ୍ୟମାନେ ଶାରୀରିକ ବଳଦ୍ୱାରା ଦ୍ରାବିଡ଼ମାନଙ୍କୁ ଜିଣି ତାଙ୍କ ରାଜ୍ୟ ସବୁ ଅଧିକାର

Digitized by PPRACHIN, SOA

କରି ନେଲେ ସତ; କିନ୍ତୁ ସେମାନେ ଦ୍ରାବିଡ଼ମାନଙ୍କ ଆଧ୍ୟାତ୍ମିକ ତଥା ସାମାଜିକ ପ୍ରଭାବରେ ପଡ଼ିଗଲେ । ରକ୍ଷଣଶୀଳ ଜୈନମାନଙ୍କର କଠୋରଧର୍ମାଚରଣ, ଆର୍ଯ୍ୟମାନଙ୍କ ପ୍ରଭାବରେ ପଡ଼ି କ୍ରମେ ଶିଥିଳ ହୋଇ ଆସିଲା ଏବଂ ସେଥିରେ ଦୁଇଟି ଦିଗ ସୃଷ୍ଟି ହେଲା । ଗୋଟିଏ କୃଚ୍ଛ ସାଧନା ଓ ଅନ୍ୟଟି ଭୋଗରେ ମାତି ସିଦ୍ଧ ହେବା । ଏହି ସମୟ ଥିଲା ଜୈନମାନଙ୍କର ଶେଷ ସମୟ । ଏତିକି ବେଳେ ମହାମାନ୍ୟବୁଦ୍ଧ ନିଜର ମଧ୍ୟମ ପନ୍ଥା ଧର୍ମ ପ୍ରଚାର କରିବାକୁ ଆରମ୍ଭ କଲେ । ତାଙ୍କ ଭାଷାରେ ଏହି ମଧ୍ୟପନ୍ଥାର ନାମ ହେଲା -'ଆର୍ୟ-ପନ୍ଥା' । ପ୍ରାଚୀନ ଦ୍ରାବିଡ଼ରେ 'ଆର୍ୟ' ଶବ୍ଦର ଅର୍ଥ– 'ଅରିଅ' ବା 'Rare' ବା ଲକ୍ଷକେ ଜଣକର ପନ୍ଥା । (୯୨)

ନୀଳକଣ୍ଠଙ୍କ ମତରେ,ବୁଦ୍ଧଙ୍କର ଏହି ମଧ୍ୟମ ପନ୍ଥା ଧରି ସମ୍ଭବତଃ ହୀନଯାନ ନାମରେ କଳିଙ୍ଗର ସଂସ୍କୃତି ଉତ୍ତର ଭାରତ ପାଖ ଦକ୍ଷିଣ ଭାରତରେ ବରାବର ପ୍ରତିଷ୍ଠିତ ଥିଲା । ତେଣୁ ସେ କହନ୍ତି - ବୌଦ୍ଧ ନାମରେ ହେଉ ବା ଜୈନ ନାମରେ ହେଉ, ଏଇ ଉତ୍କଳ ବା କଳିଙ୍ଗର ସଂସ୍କୃତି ବରାବର ପରମ୍ପରାକ୍ରମେ ଜୈନ ସଂସ୍କୃତି ଥିଲା । (୯୩)

**ଓଁ ତତ୍ତ୍ୱ :**

ଗବେଷକ ପଣ୍ଡିତ ନୀଳକଣ୍ଠ କହନ୍ତି, 'ମୁଁ' ବା 'ମୁଁତ୍ୱ' ର ବସ୍ତୁରୁ ଜୈନମାନଙ୍କର ଯେଉଁ ପୁରୁଷ ଧାରଣାଟି ଆସିଥିଲା, ତାହା ବେଦରେ 'ଓଁ' ଭାବରେ ବ୍ୟବହୃତ ହୋଇଅଛି । ଉପନିଷଦ ସମୟକୁ ଏହି 'ଓଁ'ର ବିଭିନ୍ନ ପ୍ରକାର କୃତ୍ରିମ ଅର୍ଥ ପ୍ରକାଶ ପାଇଛି, ତଥାପି ସେଥିରୁ 'ଓଁ'ରୁ ପୁରୁଷ ଧାରଣାଟି ସ୍ପଷ୍ଟ ଅନୁମିତ ହୁଏ । ଉଦାହରଣ ସ୍ୱରୂପ 'ପ୍ରଶ୍ନୋପନିଷଦ'ର ପଞ୍ଚମ ପ୍ରଶ୍ନରେ 'ଓଁ' କୁ ଅ, ଉ, ମ- ତିନିଭାଗରେ ବିଭକ୍ତ କରାଯାଇଛି । ମାଣ୍ଡୁକ୍ୟ ଉପନିଷଦରେ ଏହି ଅ, ଉ.ମ, କୁ ଭିନ୍ନ କରି ବୁଝାଇ ଦିଆଯାଇଛି - 'ଅ' ହେଉଚି ଆତ୍ମାର ଜାଗ୍ରତ ଅବସ୍ଥା, 'ଉ' ହେଉଛି ସ୍ୱପ୍ନ ଅବସ୍ଥା ଏବଂ 'ମ' ହେଉଛି ସୁଷୁପ୍ତି ଅବସ୍ଥା । 'ଓଁ' ହେଉଛି ଆତ୍ମାର ପ୍ରତୀକ ନାମ - ଏହା ଚତୁର୍ଥ ଅବସ୍ଥା ଅର୍ଥାତ୍ ଜାଗ୍ରତ , ସ୍ୱପ୍ନ ଓ ସୁଷୁପ୍ତି - ଏଇ ତିନି ଅବସ୍ଥାରୁ ଅତୀତ, ଅଥଚ ତିନି ଅବସ୍ଥାଯାକ ଏଥିରେ ଅଙ୍ଗୀଭୂତ । କଠୋପନିଷଦର ପ୍ରଥମ ଅଧ୍ୟାୟ ୨ୟ ବଲ୍ଲୀର ୧୫,୧୬ ଓ ୧୭ ମନ୍ତ୍ରରେ କୁହାଯାଇଛି, ସମସ୍ତ ବେଦ ଓ ସମସ୍ତ ତପସ୍ୟା ଯାହାଙ୍କୁ ଘେନି କରାଯାଏ ଓ ଯାହାଙ୍କୁ ଇଚ୍ଛା କରି ଲୋକେ ବ୍ରହ୍ମଚର୍ଯ୍ୟ ଆଚରଣ କରନ୍ତି, ସେଇ ପଦଟି ହେଉଚି, 'ଓଁ' । ଏହା ହିଁ ଅକ୍ଷର ବ୍ରହ୍ମ । ଏହାକୁ ଜାଣିଲେ ବ୍ରହ୍ମତ୍ୱ ପ୍ରାପ୍ତି ହୁଏ । (୯୪)

'ଗୀତା'ରେ ଭଗବାନ କୃଷ୍ଣ ନିଜକୁ'ଓଁ' ଅକ୍ଷର ରୂପେ ପରିଚିତ କରାଇଛନ୍ତି - "ମହର୍ଷିଣାଂ ଭୃଗୁରହଂ ଗିରାମସ୍ୟେକମକ୍ଷରମ୍" (୯୫) ଅର୍ଥାତ୍, ମୁଁ ମହର୍ଷିମାନଙ୍କ ଭିତରେ ଶ୍ରେଷ୍ଠ ଭୃଗୁ, ପୁଣି ବଚନ ଯାକରେ ମୁଁ ହେଉଚି ଏକାକ୍ଷର ବା 'ଓଁ' କାର । ଏଥିରେ ମଧ୍ୟ 'ଓଁ' ରୁ ପୁରୁଷ ଧାରଣାଟି ପ୍ରକାଶ ପାଉଅଛି । ନୀଳକଣ୍ଠଙ୍କ ଯୁକ୍ତିରେ, 'ଓଁ' ଏକ ମୂଳବର୍ଣ୍ଣ ।

Digitized by PPRACHIN, SOA

ଏହା ଆତ୍ମାର ନାମ । ମନୁଷ୍ୟକୁ ନାମ ଧରି ଡାକିଲେ ସେ 'ଓ'କରେ ଅର୍ଥାତଖ 'ଓଁ' ବୋଲି କହି ନିଜ ଆତ୍ମା ବା ପୁରୁଷର ପରିଚୟ ଦିଏ (୯୬) 'ଓଁ' ସ୍ଥାନରେ 'ହଂ' ମଧ୍ୟ ବ୍ୟବହାର କରାଯାଏ । ସଂସ୍କୃତରେ କୌଣସି ଆଦେଶ ପାଇଲେ "ଓମିତି ବ୍ରୂମଃ' (ମୁଁ କହୁଛି ଓଁ ବା ହଂ) ବୋଲି କହିଥାଆନ୍ତି । ଓଡ଼ିଆରେ 'ଓ' କରିବା ହିଁ ଏକାକଥା । (୯୭) ଆଲୋଚକ ଜୀବ, ଆତ୍ମା ଓ ପୁରୁଷର କଥା ବିଚାର କରିବା ସମୟରେ ମାନବାତ୍ମା ସଙ୍ଗେ ବିଶ୍ୱାତ୍ମାର ସମ୍ବନ୍ଧ ଦର୍ଶାଇଛନ୍ତି । ଜୀବ, ଆତ୍ମା ଓ ପୁରୁଷ ସମ୍ବନ୍ଧୀୟ ଭାରତୀୟ ଦର୍ଶନ ଉପରେ ସେ ପୁଣି ଜୈନମାନଙ୍କର ପ୍ରଭାବ ଲକ୍ଷ୍ୟ କରିଛନ୍ତି । ତାଙ୍କ ମତରେ 'ଓଁ'ର ସାଧନା ଅଭ୍ୟାସ କରିବା ମୂଳତଃ ଜୀବସେବୀ, ଆତ୍ମସେବୀ ତଥା ପୁରୁଷସେବୀ ଜୈନମାନଙ୍କର କାର୍ଯ୍ୟ ଥିଲା । ନୀଳକଣ୍ଠ କେତେକ ଦର୍ଶନ ମୂଳକ ପ୍ରବନ୍ଧରେ ଏହି 'ଓଁ'ତତ୍ତ୍ୱ ଉପରେ ବିଶେଷଭାବେ ଆଲୋଚନା କରିଛନ୍ତି । ତାଙ୍କ ଭାଷାରେ- "ଏକରେ ବହୁ" ହିଁ ବିକାଶ, ପୁଣି ବହୁ ଭିତରେ ଏକ ଦେଖି ବୈଷମ୍ୟର ସମାଧାନ କରିବା ହିଁ ତତ୍ତ୍ୱ । ସେଥିପାଇଁ ବେଦରେ ମଧ୍ୟ ପରେ ଏଇ ବିଷୟଟି ଧରି ବିଶ୍ୱ-ବିକାଶ ବ୍ୟାଖ୍ୟାରେ କୁହାଗଲା – ବ୍ରହ୍ମର ଶବ୍ଦ ଓ ସେଇ ନାମ ହେଉଛି ଓଁ ।" (୯୮)

'ଗୀତା'ରେ ଅସୁର ସଭ୍ୟତାର ପ୍ରଭାବ :

ପଣ୍ଡିତ ନୀଳକଣ୍ଠ ତାଙ୍କ ରଚିତ 'ଗୀତାଭାଷ୍ୟ'ରେ ଅନାର୍ଯ୍ୟ ସଭ୍ୟତାକୁ ଦ୍ରାବିଡ଼ ସଭ୍ୟତା ନ କହି 'ଅସୁର ସଭ୍ୟତା' କହିବାକୁ ଅଧିକ ଯୁକ୍ତିସଙ୍ଗତ ମନେ କରିଛନ୍ତି । ସେ କହନ୍ତି, ବେଦରେ ପ୍ରଥମେ 'ଅସୁର' ଶବ୍ଦ 'ଦେବତା' ଅର୍ଥରେ ବ୍ୟବହୃତ ହେଉଥିଲା । ଋଗ୍‌ବେଦର ୩ /୫୫/୧, ୧/୩୫/୭ ଆଦି ମନ୍ତ୍ରରେ ଅସୁର ଓ ଦେବ ଏକା ବୋଲି କୁହାଯାଇଛି । (୯୯) ଅସୁର ଗୁରୁ ଶୁକ୍ରାଚାର୍ଯ୍ୟ ଦେବତା ରୂପେ ପୂଜା ପାଉଥିଲେ । 'ବେଦ' ରେ ତାଙ୍କ ନାମ 'ଉଶନା -କବି' । 'ଗୀତା'ରେ ଭଗବାନ ନିଜକୁ କବିମାନଙ୍କ ମଧ୍ୟରେ ଉଶନା କବି ବା ଶୁକ୍ରାଚାର୍ଯ୍ୟ ବୋଲି କହିଛନ୍ତି -

"ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ
ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନାଃ କବିଃ ।"
('ଗୀତା' - ୧୦ / ୩୭)

ଆର୍ଯ୍ୟମାନେ ସମ୍ପୂର୍ଣ୍ଣ ସଂସ୍କୃତିହୀନ ଥିଲେ । ସେମାନେ ଅସୁରମାନଙ୍କୁ ପରାଜିତ କରି ତାଙ୍କଠାରୁ ସଭ୍ୟତା ଶିଖିଥିଲେ । (୧୦୦) ଆଲୋଚକ ନୀଳକଣ୍ଠ ମଧ୍ୟ ସୂଚନାରେ କହନ୍ତି, ପାରସ୍ୟ ଉପସାଗର କୂଳରେ ଅସୁରଙ୍କ ଦେଶ ଥିଲା । ଏହି ଭୂଖଣ୍ଡର ଆଦି ନାମ ଥିଲା ସୁମେର ଦେଶ । ଏହି ସୁମେରର ଉତ୍ତର ପୂର୍ବରେ ସୁମେରକୁ ଲାଗି ଆଉ ଏକ ଅସୁର ଦେଶର ନାମ ଥିଲା ଇଳଂ । ଏମାନଙ୍କ ଦେବତା ଥିଲେ ଅସୁର । ପରେ ଏମାନେ ଏକ ଦେଶ ବସାଇ ତା'ର ରାଜଧାନୀର ନାମ ନିଜ ଉପାସ୍ୟ ଦେବତାଙ୍କ ନାମାନୁସାରେ 'ଅସୁର' ରଖିଲେ । ସେହି ଦେଶର ନାମ କ୍ରମେ ହେଲା 'ଅସୁର ଭୂମି' Assyria. (୧୦୧)

Digitized by PPRACHIN, SOA

ଓଡ଼ିଶାରେ ଶବର ବଂଶଧରଙ୍କର ଜଗନ୍ନାଥଙ୍କ ସେବାୟତ ଭାବେ 'ଦଇତା' ବା 'ଦୈତ୍ୟ' ନାମ ଦେଖି ନୀଳକଣ୍ଠ ସେମାନଙ୍କୁ ଅସୁରବଂଶଜ ବୋଲି ଦର୍ଶାଇଛନ୍ତି । ତାଙ୍କ ଯୁକ୍ତିରେ ବିଧର୍ମୀମାନଙ୍କୁ ମାଦଳା ପାଞ୍ଜିରେ ଦୈତ୍ୟ, ମ୍ଲେଛ, ଯବନ ପ୍ରଭୃତି ନାମ ଦିଆଯାଇଛି । ପ୍ରାଚୀନ ଭାରତ - ସାହିତ୍ୟରେ ଅସୁରମାନଙ୍କୁ ତାହା ହିଁ କୁହାଯାଇଛି । (୧୦୨) ଏହି ଅସୁରବଂଶଜ ଶବରମାନଙ୍କ ଦେବତା ଓଡ଼ିଶାର ଉପାସ୍ୟ ଜଗନ୍ନାଥ ରୂପେ ପରିଚିତ ହେଲେ । ସେଇ ଜଗନ୍ନାଥ ପୁଣି 'ଗୀତା'ରେ ପୁରୁଷୋତ୍ତମ ରୂପେ ସ୍ୱୀକୃତ ହେଲେ ।

ବେଦର ଆଦି କାଳରେ ଅସୁର ଦେବତା ବରୁଣ ଓ ବୈଦିକ ଦେବତା ସୂର୍ଯ୍ୟ ଏକାସନ ପାଇଥିଲେ - 'ମୈତ୍ରୀ ବରୁଣୌ' ପୁଣି ଅସୁର ବା ଅନାର୍ଯ୍ୟ ଦେବତା 'ପଶୁପତି', 'ରୁଦ୍ର' ଶିବ ହୋଇଥିଲେ । ଅସୁରଙ୍କ ଧର୍ମ ଥିଲା ଶୂନ୍ୟବାଦ । ଋଗ୍‌ବେଦର ଶେଷ କାଳକୁ ବିଶ୍ୱଧାରଣା ପୂର୍ଣ୍ଣରୁ ଶୂନ୍ୟ ଆଡ଼କୁ ଆସିଥିଲା । ପରବର୍ତ୍ତୀ କାଳରେ ବୌଦ୍ଧ ଭାବରେ ଶୂନ୍ୟରୁ ସୃଷ୍ଟିର ଧାରଣାଟି ସ୍ପଷ୍ଟ ହୋଇଗଲା । ଏହି ଶୂନ୍ୟତତ୍ତ୍ୱ ଧାରଣାରେ ସମାଜର ଆଚାରକୁ ଲକ୍ଷ୍ୟ କରି 'ଗୀତା'ର ଷୋଡ଼ଶ ଅଧ୍ୟାୟରେ ଭଗବାନ ଅସୁରୀ-ସଂପତ୍‌ର ବର୍ଣ୍ଣନା କରିଛନ୍ତି ବୋଲି ପ୍ରବୀଣ ତତ୍ତ୍ୱଦର୍ଶୀ ନୀଳକଣ୍ଠଙ୍କ ମତ । ସେହି କହନ୍ତି, ଷୋଡ଼ଶ ଅଧ୍ୟାୟର ୮ମ ଶ୍ଳୋକଟି (୧୦୩) ଶୂନ୍ୟବାଦ ଓ କାମରୁ ଜଗତର ବିକାଶ ରୂପକ ଅସୁର ସଭ୍ୟତାର ଅତି ପ୍ରାଚୀନ ଓ ସୁପ୍ରତିଷ୍ଠିତ ମହାଦାର୍ଶନିକ ତତ୍ତ୍ୱ ଉପରେ ଆଧାରିତ । ଭାରତରେ ଆର୍ଯ୍ୟ ଓ ଅନାର୍ଯ୍ୟ ତଥା ଅସୁର ସଭ୍ୟତାର ସମନ୍ୱୟ ଦର୍ଶାଇ ନୀଳକଣ୍ଠ ଲେଖିଛନ୍ତି- "ଭାରତ ଚିରକାଳ ସଂସ୍କୃତିର ସମାଧାନ ଓ ସାମ୍ୟବାଦ ଭୂମି । ଅସୁରମାନେ ପରାସ୍ତ ହୋଇ ମଧ୍ୟ ଆର୍ଯ୍ୟନାମ ଆଦରି ନିଜ ସଭ୍ୟତାକୁ କ୍ରମେ ଆଗନ୍ତୁକ ସଭ୍ୟତାର ସମାଧାନରେ ଗଢ଼ି ସୁବିସ୍ତୀର୍ଣ୍ଣ ବିଶାଳ ବିଶ୍ୱଧର୍ମ ପ୍ରକାଶ କରିଥିଲେ । ବିଜେତାଙ୍କ ନାମରେ ସମସ୍ତେ ଆର୍ଯ୍ୟ ହେଲେ ଓ ସଭ୍ୟତାର ନାମ ହେଲା - 'ଆର୍ଯ୍ୟ ସଭ୍ୟତା' ।" (୧୦୪)

**ନୀଳକଣ୍ଠଙ୍କ 'ଗୀତା' ବିଚାରରେ ନୂତନ ଦୃଷ୍ଟିକୋଣ :**

ବିଭିନ୍ନ ଭାଷାରେ 'ଭଗବଦ୍ ଗୀତା'ର ଆଲୋଚକଗଣ ଗୀତାରେ 'କର୍ମଯୋଗ', 'ଜ୍ଞାନଯୋଗ'ଓ 'ଭକ୍ତିଯୋଗ' ର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ସୁଖମୟ ଭଟ୍ଟାଚାର୍ଯ୍ୟଙ୍କ ମତରେ, ସାତ୍ତ୍ୱିକ କର୍ମଯୋଗର ବିଶୁଦ୍ଧିରୁ ଜ୍ଞାନଯୋଗର ଉତ୍ପତ୍ତି, ଜ୍ଞାନଯୋଗର ପରିଣତି ଆତ୍ମଜ୍ଞାନ ଏବଂ ଆତ୍ମତତ୍ତ୍ୱ ପ୍ରତିଷ୍ଠିତ ହେଲେ ଭକ୍ତି ଆପେ ଆପେ ଆସେ । ଏହା ହେଉଛି, ଶୁଦ୍ଧା ବା ପରାଭକ୍ତି । ଏହି ଭକ୍ତିଯୋଗରେ ହିଁ ମୁକ୍ତି । (୧୦୫) ବାଲ ଗଙ୍ଗାଧର ତିଳକ 'ଗୀତା'ରେ କର୍ମଯୋଗର ମହତ୍ତ୍ୱ ପ୍ରତିପାଦନ କରି ତାହାକୁ କର୍ମଯୋଗ ଶାସ୍ତ୍ର ରୂପେ ଅଭିହିତ କରିଛନ୍ତି । ସେ 'ଗୀତା'ର ୩/୮, ୪/୧୫ ଓ ୪/୨ ଶ୍ଳୋକର ଉଦାହରଣ ଦେଇ 'କର୍ମ-ସନ୍ନ୍ୟାସ (Renunciation of Action) ଅପେକ୍ଷା 'କର୍ମଯୋଗ' (Adherence to Action)ର ଶ୍ରେଷ୍ଠତା ଦର୍ଶାଇଛନ୍ତି । (୧୦୬)

Digitized by PPRACHIN, SOA

ତୁଳନାତ୍ମକ ଭାବେ ବିଚାର କଲେ ନୀଳକଣ୍ଠଙ୍କ ଆଲୋଚନାରେ ଗୀତା ପ୍ରଚାର ଯୁଗରେ ଭାରତବର୍ଷରେ ମୋକ୍ଷ ଲାଭ କରି ଯେଉଁ ଚରିଗୋଟି -ମାର୍ଗ- କର୍ମ, ଜ୍ଞାନ, ଧ୍ୟାନ ଓ ଭକ୍ତି - ପ୍ରଚଳିତ ଥିଲା ତାହାରି ସମନ୍ୱୟ କିପରି 'ଗୀତା'ରେ ହୋଇଅଛି, ସେଥିପ୍ରତି ସତର୍କ ଦୃଷ୍ଟି ଦିଆଯାଇଛି । 'ଗୀତା'ରେ ଲୋକ-ପ୍ରଚଳିତ ଧର୍ମ, ସାଂଖ୍ୟ ତଥା ବେଦାନ୍ତର ଦାର୍ଶନିକ ତତ୍ତ୍ୱ ଓ ଯୋଗ ସାଧନର ଧ୍ୟାନ ଧାରଣା ଆଦିର ସମନ୍ୱୟ ଘଟିଥିବା 'ଗୀତା ଭୂମିକା'ରେ ପ୍ରତିପାଦନ କରି ତାହାକୁ ସମଗ୍ର ପୃଥିବୀର ସାହିତ୍ୟରେ ଏକ ଅନନ୍ୟ ସାଧାରଣ ଗ୍ରନ୍ଥ ରୂପେ ପ୍ରତିଷ୍ଠା ଦେଇଛନ୍ତି । ତାଙ୍କ ଭାଷାରେ- "ମାନବର ଜ୍ଞାନରେ ଗମ୍ୟ, ଭକ୍ତିରେ ଲଭ୍ୟ ଓ କର୍ମରେ ସାଧ୍ୟ - ସମସ୍ତ ତତ୍ତ୍ୱ, ଉପାସ୍ୟ ଓ ଆଦର୍ଶ ଏଥିରେ (ଗୀତାରେ) ଏକାକାର । (୧୦୭)

ପାଦଟୀକା :

୧. ବେଦବ୍ୟାସ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ନୁହେଁ । ବେଦ ସଂଗ୍ରହ ଓ ବିଭାଗକାରୀ ୨୮ ଜଣ ଋଷିଙ୍କୁ ବେଦବ୍ୟାସ କୁହାଯାଏ । ପ୍ରତ୍ୟେକ ଯୁଗରେ ଯେଉଁ ପଣ୍ଡିତ ଋଷିଗଣ ବେଦର ବିଷୟ ଲୋକରେ ପ୍ରଚାର କରୁଥିଲେ ସେମାନଙ୍କୁ ବେଦବ୍ୟାସ କୁହାଯାଉଥିଲା ବୋଲି 'ଭାଗବତ'ରୁ ଜଣାଯାଏ–
"ଯେ ଯୁଗେ ଯେଉଁ ଋଷିଗଣ
ବେଦ ବିସ୍ତାର କଲେ ପୁଣ
ସେହି ବେଦବ୍ୟାସ ବୋଲାନ୍ତି
ତା ଦେହେ ବିଷ୍ଣୁ ପ୍ରବେଶନ୍ତି ।" ('ଭାଗବତ' - ଜଗନ୍ନାଥ ଦାସ)

୨. ମହାଭାରତତେର୍ ସମାଜ' - ପୃ-୫୦୧

୩. "Gita is a bouquet composed of the beautiful flowers of spirtual truths collected from the Upanishads."

-Swami Vivekananda

'There is no book so full of truth and knowledge and yet so handy as the *Bhagavad Gita.*

-Pt.Madan Mohan Malaviya

'The 'Gita" is the Universal Mother, She turns away nobody. Her door is open to any one who knocks." - Mohatma Gandhi

୪. ବଙ୍କିମଚନ୍ଦ୍ରଙ୍କ ଅସମ୍ପୂର୍ଣ୍ଣ 'ଶ୍ରୀମଦ୍ ଭଗବଦ୍‌ଗୀତା' ତାଙ୍କର ମୃତ୍ୟୁପରେ ଖ୍ରୀ. ୧୯୦୨ରେ ପ୍ରକାଶ ପାଇଥିଲା । ଏହି ଗ୍ରନ୍ଥରେ ସେ ବହୁ ଐତିହାସିକ ଯୁକ୍ତି ଉପସ୍ଥାପନ କରି ମହାଭାରତରେ ବର୍ଣ୍ଣିତ କୁରୁକ୍ଷେତ୍ର ଯୁଦ୍ଧର ସମୟ ଖ୍ରୀ.ପୂ. ୧୪୩୦ ବୋଲି ନିର୍ଣ୍ଣୟ କରିଛନ୍ତି ।

୫. 'ଗୀତା ପ୍ରବେଶ' - ପୃ ୪୧୧ (ପଦଟୀକାରେ ସର୍ବତ୍ର ନୀଳକଣ୍ଠଙ୍କ 'ଗୀତା'ର ୪ର୍ଥ ସଂସ୍କରଣ ପୃଷ୍ଠା ସଂଖ୍ୟା ସୂଚୀତ)

୬. ତିଲକଙ୍କ 'ଗୀତା ରହସ୍ୟ' - (ବର୍ତ୍ତମାନ ଗୀତାର କାଳ' ପ୍ରସଙ୍ଗ ) ବଙ୍ଗୀୟ ସଂସ୍କରଣ - ୫୬୯ ପୃଷ୍ଠା ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

୭. ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ - ଝଙ୍କାର , ୧୦ମ ବର୍ଷ / ୨ୟ ସଂଖ୍ୟା

୮. ଶ୍ରୀମଦ୍ ଭଗବଦ୍ ଗୀତା - ପୀଠିକା ( ୪ର୍ଥ ସଂସ୍କରଣ ) ପୃ.- ୫୬ ।
ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ -ଝଙ୍କାର, ୧୦ମ ବର୍ଷ / ୨ୟ ସଂଖ୍ୟା ।

୯. "ଆର୍ଯ୍ୟ ସଂସ୍କୃତିର ଶ୍ରେଷ୍ଠଗ୍ରନ୍ଥ" - "ଶ୍ରୀମଦ୍ ଭଗବଦ୍ ଗୀତା" ପ୍ରବନ୍ଧ ଦ୍ରଷ୍ଟବ୍ୟ - ଝଙ୍କାର, ୧୩ ବର୍ଷ / ୬ଷ୍ଠ ସଂଖ୍ୟାରେ ପ୍ରକାଶିତ ।

୧୦. ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁ ସଂସାର ସାଗରାତ୍
ଭବାମି ନ ଚିରାତ୍ ପାର୍ଥ ମର୍ଯ୍ୟାବେଶିତ ଚେତସାମ୍ (ଗୀତା ୧୨/ ୭)

୧୧. 'ଗୀତା ପ୍ରବେଶ'– ସୂଚନା- 'ଗୀତା' ୪ର୍ଥ ସଂସ୍କରଣ, ପୃ.-୧୪୯ ଦ୍ରଷ୍ଟବ୍ୟ

୧୨. ତତ୍ରୈବ - ପୃଷ୍ଠା -୧୫୦

୧୩. ଗୀତା - ୪/୧୧

୧୪. ଗୀତା ପ୍ରବେଶ ସୂଚନା, ଗୀତା ୪ର୍ଥ ସଂସ୍କରଣ - ପୃ ୧୫୦

୧୫. "ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ - ଗୀତା - ୧/୩୮

୧୬. "କ୍ଷୁଦ୍ରଂ ହୃଦୟ ଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ" - ଗୀତା - ୨/୩

୧୭. "କୁତସ୍ତ୍ୱା କଶ୍ମଳମିଦଂ ବିଷମେ ସମୁପସ୍ଥିତମ୍
ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତ୍ତି କରମର୍ଜ୍ଜୁନ ।" - (ଗୀତା - ୨/୨)

୧୮. "ଏଷା ବ୍ରାହ୍ମୀସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି,
ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମ ନିର୍ବାଣମୃଚ୍ଛତି ।" (ଗୀତା - ୨/ ୭୨)

୧୯. "ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।" (ଗୀତା - ୪/୭)

୨୦. "ଯଜ୍ଞ ଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ।" (ଗୀତା - ୧୮-୫)

୨୧. 'ଗୀତା ପ୍ରବେଶ' - ପୃଷ୍ଠ ୪୬୯

୨୨. "ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ
ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ । (ଗୀତା -୩/ ୨୩)

୨୩. 'ନ ବେଦ ଯଜ୍ଞାଧ୍ୟୟନୈର୍ନ ଦାନୈ ର୍ନଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ
ଏବଂ ରୂପଃ ଶକ୍ୟ ଅହନୃଲୋକେ ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁ ପ୍ରବୀର ।'
( ଗୀତା - ୧୧/ ୪୮)

୨୪. ଗୀତା ପ୍ରବେଶ - ୩୫୭ ପୃଷ୍ଠା

୨୫. "ଅବ୍ୟକ୍ତାହି ଗତିର୍ଦୁଃଖଂ ଦେହବଦ୍‌ଭିରବାପ୍ୟତେ ।" (ଗୀତା -୧୨ / ୫)

୨୬. 'ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା' (ଗୀତା - ୧୮/୧୮)

୨୭. ଗୀତା ପ୍ରବେଶ - ପୃ ୪୭୮

୨୮. 'ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱ ଦର୍ଶିନଃ' (ଗୀତା - ୪ / ୩୪)

୨୯. ଗୀତାରେ ଭଗବାନ କହିଛନ୍ତି -
'ଓଁ ମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁ ସ୍ମରନ
ଯଃ ପ୍ରୟାତି ତ୍ୟଜନ୍ ଦେହଂ ସ ଯାତି ପରମାଂ ଗତିମ୍" (ଗୀତା - ୮/ ୧୩)

Digitized by PPRACHIN, SOA

(୩୦) "ଭୂମିରୋପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବଚ
ଅହଂଙ୍କାର ଇତୀୟଂ ମେ ଭିନ୍ନ ପ୍ରକୃତିଃଅଷ୍ଟଧା ।" (ଗୀତା - ୭/୪)

(୩୧) 'ଓଁ ତତ୍‌ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତିବିଧଃସ୍ମୃତଃ' (ଗୀତା - ୧୭/୨୩)

(୩୨) ଓଡ଼ିଆ ସାହିତ୍ୟର କ୍ରମପରିଣାମ - ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଖଣ୍ଡ) -୯୩ ପୃଷ୍ଠା ଦ୍ରଷ୍ଟବ୍ୟ ।

(୩୩) 'ଗୀତା ପ୍ରବେଶ' -୨୭୯ ପୃଷ୍ଠା ।

(୩୪) ଗୀତା ପ୍ରବେଶ - ୨୮୧ ପୃଷ୍ଠା ।
'ଗୀତା'ର ଚତୁର୍ଥ ଅଧ୍ୟାୟରେ ଯେଉଁ ଯଜ୍ଞତତ୍ତ୍ୱ ଅଛି ସେଭଳି ଯଜ୍ଞ କୃଷ୍ଣ ଘୋର ଅଙ୍ଗିରସଙ୍କଠାରୁ ଶିକ୍ଷା କରିଥିବା ଅନୁମେୟ ।

(୩୫) 'ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ' - 'ଝଙ୍କାର' -୧୦/୨

(୩୬) 'ଗୀତା ମାହାତ୍ମ୍ୟ' - ପୃଷ୍ଠା ୧୬ ।

(୩୭) "ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍" (ଗୀତା - ୯ / ୧୧)

(୩୮) ଦାରୁ ଦେବତା' -୧୩୫ ପୃଷ୍ଠା ଦ୍ରଷ୍ଟବ୍ୟ ।

(୩୯) 'ଶ୍ରୀକୃଷ୍ଣ' - 'ଉତ୍କଳ ସାହିତ୍ୟ' - ୨୪ / ୧୧ ସଂଖ୍ୟା -ଫାଲଗୁନ - ୧୩୨୮ ସାଲ୍

(୪୦) 'ଗୀତା ମାହାତ୍ମ୍ୟ' - ୨୭ ପୃଷ୍ଠା ।

(୪୧) "କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।" (ଗୀତା - ୧୧ / ୩୨)

(୪୨) ଗୀତା ପ୍ରବେଶ - ପୃ - ୩୦୧

(୪୩) ଗୀତା ପାଠିକା - ପୃ - ୪/୫ ଦ୍ରଷ୍ଟବ୍ୟ

(୪୪) ଗୀତା ପ୍ରବେଶ - ୪୩୧ ପୃଷ୍ଠା ।

(୪୫) "ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ ।" - (ଗୀତା - ୧୫ / ୧୮)

(୪୬) ଓଡ଼ିଆ ସାହିତ୍ୟର କ୍ରମପରିଣାମ - ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଖଣ୍ଡ ) ପୃଷ୍ଠା -୯୯

(୪୭) ଆର୍ଯ୍ୟଜୀବନ - ସତ୍ୟବାଦୀ - ୧/୩-୪ ସଂଖ୍ୟା ପୃ -୧୦୬

(୪୮) 'Krisṇa, the Supreme Personality of God-head' -By Bhakti Vedanta Swami Prabhupad-Page -271

(୪୯) 'ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ' - ଝଙ୍କାର - ୧୦/୨

(୫୦) "ଏଷଧର୍ମୋ ଜଗନ୍ନାଥାତ୍ ସାକ୍ଷାତ୍ ନାରାୟଣାନୃପ
ନାରଦେନତୁ ସଂପ୍ରାପ୍ତଃ ସରହସ୍ୟ ସ ସଂଗ୍ରହଃ"
-ଶାନ୍ତିପର୍ବ-ମହାଭାରତ-ବଂଗଭାଷୀ ସଂସ୍କରଣ-୩୪୭/୧୦ ଶ୍ଳୋକ

(୫୧) 'Oriya Language and Culture'- 'The Orissa Historical Research Journal' - Vol -VIII No . 1, April -1959 ·

(୫୨) 'ଓଡ଼ିଆ ସାହିତ୍ୟର କ୍ରମପରିଣାମ - ନୀଳକଣ୍ଠ ଗ୍ରନ୍ଥାବଳୀ -୩ୟ ଖଣ୍ଡ , ୧୦୧ ପୃଷ୍ଠା ଦ୍ରଷ୍ଟବ୍ୟ ।

(୫୩) "ବେଦେଶ୍ଚ ସର୍ବୈ ରହମେବ ବେଦ୍ୟୋ
ବେଦାନ୍ତକୃତ୍ ବେଦବିଦେବ ଚାହମ୍ ।" (ଗୀତା - ୧୫/୧୫)

Digitized by PPRACHIN, SOA

(୫୪) ' Bhagavad gita is known as 'Gitoponishad'. It is the essence of vedic knowledge and one of the most important Upanishads in Vedic literature.' - introduction to 'Bhagavad Gita - As it is - By Bhakti Vedanta Swami Prabhupad.

* ଶ୍ୱେତାଶ୍ୱେତରୋପନିଷଦର ୩/୧ ଶ୍ଳୋକରେ ପରମାତ୍ମାଙ୍କୁ 'ଜାଲବାନ' ବା 'ମାୟାବୀ' ରୂପେ ପରିକଳ୍ପନା କରାଯାଇଛି । 'ଗୀତା'ର ଭଗବାନ୍ ମଧ ମାୟାବୀ ରୂପେ ପରିକଳ୍ପିତ ।

(୫୫) ଗୀତାଭାଷ୍ୟ – ୩୨୫ ପୃଷ୍ଠା ଦ୍ରଷ୍ଟବ୍ୟ ।

(୫୬) 'ସଂସ୍କୃତ ଓ ସଂସ୍କୃତି ' ନୀଳକଣ୍ଠ ଗ୍ରନ୍ଥାବଳୀ (୨ୟ ଖଣ୍ଡ ) ପୃ -୪୫୦ -୪୫୧ ଦ୍ରଷ୍ଟବ୍ୟ ।

(୫୭) ମନୀଷୀ ନୀଳକଣ୍ଠ – ୫୫-୫୬ ପୃଷ୍ଠା ।

(୫୮) ଗୀତା -ପୀଠିକା – ପୃ ୭

(୫୯) "ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।
ଜ୍ଞାନ ଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାମ୍ ।" (ଗୀତା-୩/୩)

(୬୦) 'ଯତ ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ ଯୋଗୈରପି ଗମ୍ୟତେ
ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ।" (ଗୀତା -୫/୫)

(୬୧) ଗୀତା ପ୍ରବେଶ – ପୃ ୩୩୪

(୬୨) ଗୀତାର ଟୀକା – ପୃ ୫୪୫ ।

(୬୩) 'ଗୀତା ରହସ୍ୟ'

(୬୪) "ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତ ମାନସଃ
ଶାନ୍ତିଂ ନିର୍ବାଣ ପରମାଂ ମତ୍ ସଂସ୍ଥାମଧିଗଚ୍ଛତି ।" (ଗୀତା – ୬/୧୫)

(୬୫) 'ଭାରତର ଧର୍ମ ବିକାଶ' (୨) (ନବ ଭାରତ) ୧/୮ ସଂଖ୍ୟା ପୃ – ୫୮୮ ।

(୬୬) ତତ୍ରୈବ – ପୃଷ୍ଠା ୫୮୯ ।

(୬୭) ଋଗ୍‌ବେଦ- ୧/୩୫/ ୭, ୧/୨୪/ ୧୪, ୧/୨୫/୮ ମନ୍ତ୍ର ଦ୍ରଷ୍ଟବ୍ୟ ।

(୬୮) 'ପ୍ରଜାତନ୍ତ୍ର ' – ତା ୧୫ / ୧୧ / ୬୭ ଦ୍ରଷ୍ଟବ୍ୟ ।

(୬୯) ଗୀତା ପ୍ରବେଶ – ପୃଷ୍ଠା ୪୩୪ ଦ୍ରଷ୍ଟବ୍ୟ ଓ ଗୀତା ପୀଠିକା – (ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ) ପୃ -୭୧, ୬୪ ଦ୍ରଷ୍ଟବ୍ୟ ।

(୭୦) ଗୀତା -ପୀଠିକା – ପୃଷ୍ଠା ୬୭ ।

(୭୧) ତତ୍ରୈବ – ପୃଷ୍ଠା -୭୧

(୭୨) ଗୀତା -ପୀଠିକା -ପୃଷ୍ଠା ୭୨ ଦ୍ରଷ୍ଟବ୍ୟ

(୭୩) ତତ୍ରୈବ – ପୃଷ୍ଠା ୭୨-୭୩ ଦ୍ରଷ୍ଟବ୍ୟ

(୭୪) ଗୀତା– ପୀଠିକା – ପୃଷ୍ଠା ୭୪ ।

(୭୫) ତତ୍ରୈବ – ପୃଷ୍ଠା ୧୪୦ ।

(୭୬) 'ରଥଯାତ୍ରା' – 'ଉତ୍କଳ ସାହିତ୍ୟ' – ନୂଆପ୍ରସ୍ଥ – ୧/୪ ସଂଖ୍ୟା ପୃ – ୧୫୭ ।

Digitized by PPRACHIN, SOA

(୭୭) 'ଉତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ (ଗୀତା - ୧୫/ ୧୭)

(୭୮) ଓଡ଼ିଆ ସାହିତ୍ୟର କ୍ରମପରିଣାମ - ନୀଳକଣ୍ଠ ଗ୍ରନ୍ଥାବଳୀ ( ୩ୟ ଖଣ୍ଡ )ପୃ -୯୩
*ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁଙ୍କ 'ଓଡ଼ିଶାରେ ଜୈନଧର୍ମ' ପୁସ୍ତକର ମୁଖବନ୍ଧ ଉଦ୍ଦେଶ୍ୟରେ ରଚିତ ହୋଇଥିବା 'ଜୈନଧର୍ମ ପରମ୍ପରା' ଟି କିଞ୍ଚିତ ପରିବର୍ତ୍ତିତ ହୋଇ ଗୀତା - ପାଠିକା (୭୪- ୧୪୬ ପୃଷ୍ଠା ) ରେ ସ୍ଥାନ ପାଇଛି ।

(୭୯) ଗୀତା -ପାଠିକା - ପୃ ୮୨

(୮୦) ତତ୍ରୈବ ପୃ- ୮୩ ।

(୮୧) ତତ୍ରୈବ - ପୃ ୭ ଓ ୮୩ ।

(୮୨) Jaina religion was the only rationalistic religion, the world ever thought of.'- Oriya Language and Culture- Pt.Nilakantha Das - ' The Orissa Historical Journal - Vol.VIII, Aapril - 1959- No 1.

(୮୩) Alone he accumulates merit, alone he enjoys the various happiness of heaven; alone he destroys karma. alone also he attains to moksha.* - Out Lines of Jainism' - By Jagmander Lal Jaini - Page 80.

(୮୪) 'ଗ୍ରନ୍ଥ ପ୍ରବେଶ' - ନୀଳକଣ୍ଠ ଦାସ - 'ଓଡ଼ିଶାରେ ଜୈନଧର୍ମ - ଲକ୍ଷ୍ମୀନରାୟଣ ସାହୁ ।

(୮୫) ଗୀତା -ପାଠିକା - ପୃ -୯୭

(୮୬) ତତ୍ରୈବ - ପୃ -୯୯

(୮୭) Introduction to 'Out Lines of Jainsim' - By Jagamanderlal Jaini- Page xxxIII.

(୮୮) 'ଜଗନ୍ନାଥ ଧର୍ମ' - 'ଉତ୍କଳ ସାହିତ୍ୟ' - ନୂଆପ୍ରସ୍ଥ -୧ମ ଭାଗ / ୯ମ ସଂଖ୍ୟା - ପୃ - ୩୯୮

(୮୯) 'ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ' - 'ଝଙ୍କାର ' - ୧୦/ ୨ ସଂଖ୍ୟା ।

(୯୦) ତତ୍ରୈବ ।

(୯୧) 'ସଂସ୍କୃତି ସମ୍ପନ୍ନ ଦ୍ରାବିଡ଼ମାନଙ୍କ ମତରେ ଜୈନଧର୍ମର ପ୍ରସାର ଓ ପ୍ରତିଷ୍ଠା ଅତ୍ୟନ୍ତ ଦୃଢ଼ ଥିଲା' - ଗୀତା ପାଠିକା - ପୃ -୧୩୬ ।

(୯୨) ଗୀତା -ପାଠିକା - ପୃ - ୧୩୬ ରୁ ୧୩୯ ଦ୍ରଷ୍ଟବ୍ୟ
* କଳିଙ୍ଗଟି ଥିଲା ଯାଜପୁରଠାରୁ ପୂର୍ବ ପାରଳାଖେମୁଣ୍ଡିର ବଂଶଧାରା ନଦୀ କୂଳର ମୁଖଲିଙ୍ଗ ସହିତ । ଦାକ୍ଷିଣାତ୍ୟର ଜୈନ ସଂସ୍କୃତି ସଙ୍ଗେ ଏହା ସାମିଲ ଥିଲା ।

(୯୩) ଗୀତା -ପାଠିକା - ପୃ -୧୩୯

(୯୪) ଗୀତା -ପାଠିକା - ପୃ -୮୫

(୯୫) ଗୀତା - ୧୦ / ୨୫ ଶ୍ଳୋକ ।

(୯୬) ଗୀତା -ପାଠିକା - ପୃ - ୪୩ ।

(୯୭) ତତ୍ରୈବ - ପୃ - ୮୭ ।

Digitized by PPRACHIN, SOA

(୯୮) ଗୀତା ପ୍ରବେଶ – ପୃ – ୪୩୬

(୯୯) ଗୀତା ପ୍ରବେଶ – ପୃ –୩୭୫ ।

(୧୦୦) Ancient History of the Near East - H.R. Hall ୨୦୨ ପୃଷ୍ଠା

(୧୦୧) ଗୀତା ପ୍ରବେଶ – ପୃ-୩୮୧

(୧୦୨) ଗୀତା ପ୍ରବେଶ – ପୃ –୩୭୫ ।

(୧୦୩) "ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍
ଅପରସ୍ପର ସମ୍ଭୂତଂ କିମନ୍ୟତ୍ କାମହୈତୁକମ୍" (ଗୀତା –୧୬/ ୮)

(୧୦୪) ଗୀତା ପ୍ରବେଶ – ପୃ –୩୯୩ ।

(୧୦୫) 'ମହାଭାରତେର ସମାଜ' – ପୃ – ୫୦୩ ରୁ ୫୦୭ ଦ୍ରଷ୍ଟବ୍ୟ

(୧୦୬) 'ଶ୍ରୀ ଭଗବଦ୍ ଗୀତା ରହସ୍ୟ' – (କର୍ମଯୋଗ ଶାସ୍ତ୍ର) ର ଇଂରାଜୀ ଅନୁବାଦ ପୃ – ୪୨୫-୪୨୬ ଦ୍ରଷ୍ଟବ୍ୟ ।

(୧୦୭) 'ସଂସ୍କୃତି ଓ ସଂସ୍କୃତି – ନୀଳକଣ୍ଠ ଗ୍ରନ୍ଥାବଳୀ (୨ୟ ଖଣ୍ଡ ) ୪୫୧ ପୃଷ୍ଠା ।

□□□

Digitized by PPRACHIN, SOA

# ଓଡ଼ିଆ ଅସ୍ମିତା ବିଚାରରେ
# 'ରାମଚଣ୍ଡୀଠାରେ ରାତି ଓ ସକାଳ'

ଡ. ଦିଲୀପକୁମାର ସ୍ୱାଇଁ

ଓଡ଼ିଆ ଅସ୍ମିତାବିଚାର ଊନବିଂଶ ଶତାବ୍ଦୀର ଶେଷ ତିନି ଦଶକ (୧୮୭୧-୧୯୦୦)ରୁ ଆରମ୍ଭ ହୋଇ ଫକୀରମୋହନ, ରାଧାନାଥଙ୍କ ସାହିତ୍ୟରେ ଶୈଶବକାଳ ଅତିକ୍ରମ କରି ସତ୍ୟବାଦୀ ସାହିତ୍ୟରେ ଯୁବଉଦ୍ଦାମତା ଓ ନିଷ୍ଠାପର ପ୍ରତିବଦ୍ଧତା ସହ ପ୍ରୟୋଗ ହୋଇଛି । ସାହିତ୍ୟରେ ଓଡ଼ିଆମାନଙ୍କ ଅସ୍ମିତା ସଂଧାନକୁ ଓଡ଼ିଆମାନଙ୍କ ଆତ୍ମଜାଗୃତି ବା ଓଡ଼ିଆ ଆଧୁନିକତା କୁହାଯାଇପାରିବ । ନଅଙ୍କ ଦୁର୍ଭିକ୍ଷ (୧୮୬୬) ଭାଷା ସୁରକ୍ଷା ପ୍ରସଙ୍ଗ (୧୮୬୮) ଓଡ଼ିଆମାନଙ୍କୁ ସାମାଜିକ ଓ ଆର୍ଥନୀତିକ ସ୍ତରରେ ନୂତନ ଦାୟିତ୍ୱ ଅର୍ପଣ କରିଛି । ନିଜର ଜୀବନ ସୁରକ୍ଷା ସହ ଅସ୍ତିତ୍ୱ ସଂଧାନ କରିବା ପାଇଁ ଓଡ଼ିଆମାନଙ୍କ ତତ୍ପରତା ପ୍ରକାଶ ପାଇଛି । ଆମର ଗର୍ବ କରିବା ପରି ବର୍ତ୍ତମାନ ଆଉ ନାହିଁ - ଏକଥା ନଅଙ୍କ ତ୍ରସ୍ତ ଓଡ଼ିଆ ବୁଝିଛି । ଅତଏବ ଅତୀତରୁ ଉର୍ବରତା ସଂଗ୍ରହ କରି ବର୍ତ୍ତମାନକୁ ଭରଣା କରିବା ପାଇଁ ଏକ କବିପ୍ରବଣ ବୌଦ୍ଧିକ ପ୍ରୟାସ ଆରମ୍ଭ ହୋଇଛି । କ'ଣ ଥିଲା ଓଡ଼ିଶାର ମୌଳିକତା ? ସୌନ୍ଦର୍ଯ୍ୟ ! ବୀରତ୍ୱ ? ପ୍ରାକୃତିକ ବିତ୍ତଶାଳୀ ଓଡ଼ିଶାର ଉର୍ବର ଲୋକସଂସ୍କୃତି, ଉନ୍ନତ ଯୁଦ୍ଧକଳା, ଶ୍ରଦ୍ଧାଶୀଳ ଈଶ୍ୱର ଏଷଣା, କଳିଙ୍ଗର କଳାକର୍ମର ସମନ୍ୱୟରେ ପ୍ରାଚୀନ ଉତ୍କଳର ସ୍ୱତନ୍ତ୍ର ପରିଚୟ ରହିଛି । ଏହି ପରିଚୟର ଆଧୁନିକ ପ୍ରୟୋଗ ଦ୍ୱାରା ବର୍ତ୍ତମାନର ବ୍ୟାକୁଳିତ ବିମର୍ଶତାକୁ ଭୁଲି ପୁଣି ସଦମ୍ଭେ ଠିଆ ହେବାର କାବ୍ୟିକ ପ୍ରୟାସରୁ ଓଡ଼ିଆ ଅସ୍ମିତାର ପ୍ରୟୋଗ ସାହିତ୍ୟ ସର୍ଜନାରେ ଆରମ୍ଭ ହୋଇଛି ।

ଅତଏବ ଓଡ଼ିଆ ଅସ୍ମିତାର ପ୍ରାରମ୍ଭିକ ପ୍ରୟୋଗ ପ୍ରାକୃତିକ ସୌନ୍ଦର୍ଯ୍ୟ (ନଦୀ, ସମୁଦ୍ର, ଝରଣା, ପର୍ବତ, ହ୍ରଦ) କିମ୍ବଦନ୍ତି ଓ ଲୋକକଥା (କାଞ୍ଚିଯୁଦ୍ଧ, ରାମାୟଣ ଓ ମହାଭାରତୀୟ ଆଖ୍ୟାନ) ଯୁଦ୍ଧ ଓ ରାଜ୍ୟ ଜୟ (ଗଙ୍ଗାରୁ କାବେରୀ ପର୍ଯ୍ୟନ୍ତ ରାଜ୍ୟ ଜୟ ଆଖ୍ୟାନ) ଉପରେ ପ୍ରତିଷ୍ଠିତ । ରାଧାନାଥରାୟଙ୍କ ଚିଲିକା, ମହାଯାତ୍ରା ଫକୀରମୋହନଙ୍କ 'ଉତ୍କଳ ଭ୍ରମଣଂ' ଗଙ୍ଗାଧର ମେହେରଙ୍କ 'ଉତ୍କଳ ଲକ୍ଷ୍ମୀ' ଓ ଗୋପବନ୍ଧୁଙ୍କ ଭିନ୍ନ ଭିନ୍ନ ରଚନାରେ ଏହି ଅତୀତ ବିଭୋରତାର ଆହ୍ୱାନକୁ ଲକ୍ଷ୍ୟ କରାଯାଇ ପାରିବ । ଓଡ଼ିଆମାନଙ୍କୁ ଜାଗ୍ରତ କରି ଜାତୀୟ ସ୍ରୋତରେ ସାମିଲ କରିବା ପାଇଁ କାବ୍ୟ, କବିତାରେ ପ୍ରାକୃତିକ ଉପଚାର ମାଧ୍ୟମରେ ଅସ୍ମିତାର ବୀଜବପନ ଆରମ୍ଭ ହୋଇଛି । ଯା'ର ମାଟି ଉର୍ବର, ନଈ ସ୍ରୋତସ୍ୱତୀ, ପୂର୍ବଜମାନେ ଯୁଦ୍ଧପ୍ରବଣ, ଈଶ୍ୱର ପ୍ରେମମୟ- ସେ ଜାତିର କେବେ

Digitized by PPRACHIN, SOA

ଆତ୍ମବିପର୍ଯ୍ୟୟ ହୋଇ ପାରେନା, ଏହାହିଁ ଓଡ଼ିଆ ଅସ୍ମିତାବୋଧର କାବ୍ୟିକ ପ୍ରତିକ୍ରିୟା । କବି ନୀଳକଣ୍ଠ ଦାସଙ୍କ 'ରାମଚଣ୍ଡୀ ଠାରେ ରାତି ଓ ସକାଳ' କୁ ଏହି ଅସ୍ମିତା ଭୂମିରେ ବିଶ୍ଳେଷଣ କରାଯାଇ ପାରିବ ।

॥ ଦୁଇ ॥

ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକ କବି ନୀଳକଣ୍ଠ ଦାସ ୧୯୧୭ ମସିହାରେ ବନବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ କୋଣାର୍କ ବୁଲିବାକୁ ଯାଇଥିଲେ । ସୁନ୍ଦର ଶରତଋତୁ ଓ ଜହ୍ନ ପକ୍ଷରେ କୋଣାର୍କ ଓ ଏହାର ପାଶ୍ୱବର୍ତ୍ତୀ ଅଞ୍ଚଳର ରମଣୀୟତା କବିଙ୍କୁ ମୁଗ୍ଧ କରୁଥାଏ । ଫେରିବା, ଫେରିବା ହୋଇ କବି ଫେରିଲେ ଡେରିରେ । ବାଲିବନ୍ତରୁ ଧୂଳିଝାଡ଼ି ଝାଉଁବଣର ଛାତିଥରାଇ ଝଡ଼ ତୋଫାନ ମାଡ଼ି ଆସିଲା । କୋଣାର୍କ -ସତ୍ୟବାଦୀର ନିର୍ଜନ ଜନପଥ, ନିରାପଦ ଆଶ୍ରୟ ପାଇଁ କେଉଁଠି ଘର ଗୋଟିଏ ନାହିଁ । କବି ଛାତ୍ରମାନଙ୍କ ସହ ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେଲେ । ଝଡ଼ବନ୍ଦୀ ହୋଇ ରହିଲେ କବି ଓ ତାଙ୍କର ପ୍ରିୟ ଛାତ୍ର ମାନେ । କାଳରାତ୍ରିର କବରୀ ଚିରି କବିତାର ଏନ୍ତୁଡ଼ି ଜଳିଲା । ପଥ ଶ୍ରାନ୍ତ ଛାତ୍ରମାନେ ଶୋଇଗଲା ପରେ କବିପ୍ରାଣରେ ଆନ୍ଦୋଳିତ ହେଲା ରାମଚଣ୍ଡୀର ସୌନ୍ଦର୍ଯ୍ୟ ଓ ଓଡ଼ିଶାର ଐତିହ୍ୟ । କବି ନୀଳକଣ୍ଠ ୧୯୧୯ ମସିହାରେ 'କୋଣାର୍କେ' କାବ୍ୟ ରଚନା କଲେ । ଏହାର ପ୍ରଥମ ଭାଗରେ ରାମଚଣ୍ଡୀଠାରେ ରାତି ଓ ସକାଳ ' ଦୀର୍ଘ କବିତା ସ୍ଥାନିତ ହୋଇଛି । ଏହି କାବ୍ୟର ଦ୍ୱିତୀୟ ପର୍ଯ୍ୟାୟ 'ମାୟାଦେବୀ' ନାମରେ ଦୁଇଟି ପର୍ଯ୍ୟାୟରେ ବିକଶିତ । 'ରାମଚଣ୍ଡୀଠାରେ ରାତି ଓ ସକାଳ' ଦୀର୍ଘ କବିତାଟିରେ ସମୁଦାୟ ୪୦ ଗୋଟି ଦୃଶ୍ୟ ବିଶ୍ଳେଷଣ ସ୍ଥାନ ପାଇଛି । ରାତିର ସମୟ ଅବଧି ୧ ରୁ ୩୬ ଓ ସକାଳ ୩୭ ରୁ ୪୦ ଭିତରେ ବର୍ଣ୍ଣନାଭୁକ୍ତ । ସତ୍ୟବାଦୀ ଚେତନାର ପ୍ରୟୋଗ ସମସ୍ତ ସତ୍ୟବାଦୀଭୁକ୍ତ ଲେଖକମାନଙ୍କର ଆଦର୍ଶ ଥିଲା । ଓଡ଼ିଆ ଓ ଓଡ଼ିଆ ସମାଜକୁ ନୂତନ ଭାବରେ ନିର୍ମାଣ କରିବା ଥିଲା ଏହି ସାହିତ୍ୟର ଆଭିମୁଖ୍ୟ । ଓଡ଼ିଆ ଅସ୍ମିତା (ଯାହା ଓଡ଼ିଆଙ୍କ ମାଟି, ପାଣି, ପରମବ୍ରହ୍ମ ମାନବିକତା, ସେବା)ର ବିକାଶ ଥିଲା ଏହି ସତ୍ୟ ସାଧକମାନଙ୍କର ଆଦର୍ଶ । ନୀଳକଣ୍ଠ ଦାସଙ୍କ କାବ୍ୟ ସାହିତ୍ୟ ଓ ଗଦ୍ୟ ସାହିତ୍ୟମାନଙ୍କରେ ଓଡ଼ିଆ ଜାତୀୟତାବୋଧରୁ ପର୍ଯ୍ୟାପ୍ତ ପରିଚୟ ମିଳିଥାଏ । କବି ରାମଚଣ୍ଡୀଠାରେ ବାତ୍ୟାକ୍ଳାନ୍ତ ମାନସିକତା ନେଇ ଗୋଟିଏ ବାତ୍ୟାମୁକ୍ତ ଉର୍ବର ଓଡ଼ିଆ ଜାତିର ସ୍ୱପ୍ନ ଦେଖିଛନ୍ତି । ଏହି ପ୍ରୟୋଗଟି ଅତି କଳ୍ପନାପ୍ରବଣ ଓ କଳାକାରିତାରେ ପୂର୍ଣ୍ଣ । 'ବାତ୍ୟା' - ଏଠାରେ ସାମୟିକ ଦୁର୍ଦ୍ଦିନର ପ୍ରତୀକ । ଦୁର୍ଦ୍ଦିନ ବାତ୍ୟା ଆତଙ୍କିତ ଓଡ଼ିଆମାନଙ୍କ ପାଇଁ ପୁଣି ସକାଳ ଆସିବ । ସେ ସକାଳ ହେବ ନିର୍ମାଣର ସକାଳ । ଶୋଇ ପଡ଼ିଥିବା ଛାତ୍ରମାନେ ଓଡ଼ିଆଙ୍କ ଭବିଷ୍ୟତ । ସେମାନଙ୍କ ମନରେ ଆତ୍ମବିଶ୍ୱାସର ଉଦ୍‌ଗିରଣ ପାଇଁ କବି ସ୍ୱପ୍ନ ମାଧ୍ୟମରେ ଅତୀତକୁ ଫେରିଯାଇ ଓଡ଼ିଆ ମାଟିର ଐତିହ୍ୟର ସୁଗନ୍ଧି ବାଣ୍ଟିଛନ୍ତି । ଝଡ଼କୁ ଫୋପାଡ଼ି ଏ ଜାତି

Digitized by PPRACHIN, SOA

ଉଠିବ । ଉତ୍କଳ ସମ୍ମିଳନୀ (୧୯୦୩) ଠାରୁ ଅସହଯୋଗ ଆନ୍ଦୋଳନ (୧୯୧୯) ଷୋହଳ ବର୍ଷର ସଭା, ସଂପାନ, ସାହିତ୍ୟର ଗୋଟିଏ ଆଭିମୁଖ୍ୟ ଥିଲା - ଓଡ଼ିଆ ଜାତୀୟତାର ବିସ୍ତାର । ଆଲୋଚ୍ୟ କାବ୍ୟାଂଶଟି ଏହି ଯାତ୍ରା ପଥ (୧୯୦୩-୧୯୧୯) ର ଜାତୀୟ ଚରିତ୍ର ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

॥ ତିନି ॥

'ରାମଚଣ୍ଡୀଠାରେ ରାତି ଓ ସକାଳ' କବିତାର ବାସ୍ତବତା ଓଡ଼ିଆ ଜାତିର ଜୀବନ ଅଧ୍ୟୟନ, ନୌ-ସଂସ୍କୃତି ସହ ଆମର ଯୁଦ୍ଧସଭ୍ୟତା ଉପରେ ଆଧାରିତ ହେଲେ ହେଁ ଏହାର ପରିପାଟିରେ ଗଭୀର ବାତ୍ସଲ୍ୟବୋଧର ପ୍ରଲେପ ପରିଲକ୍ଷିତ ହୁଏ । ଏଠାରେ ଗୁରୁ-ପିତା-କବି ପ୍ରାଣର ସମନ୍ୱୟରେ ନୀଳକଣ୍ଠୀୟ ବର୍ଣ୍ଣନା ଗାମ୍ଭୀର୍ଯ୍ୟ ଦେଇ ବାତ୍ସଲ୍ୟବୋଧର ଚର୍ଚ୍ଚା ଘଟିଛି । କୁମାର ପୂର୍ଣ୍ଣିମାରାତ୍ରିରେ କୋଣାର୍କ ଫେରନ୍ତା ଛାତ୍ରମାନେ ଝଡ଼ବନ୍ଦୀ ହୋଇ ରାମଚଣ୍ଡୀମନ୍ଦିରରେ ରାତି ପୁହାଇବା ଜନିତ ଆତଙ୍କ ଓ ସେମାନଙ୍କ ପରିବାରର ଉତ୍‌କଣ୍ଠାକୁ କବି ବ୍ୟକ୍ତ କରିଛନ୍ତି । ଏହି ଆବେଗାତ୍ମକ ବିଚ୍ଛେଦ ବିଷାଦରେ ୧,୨,୩ କବିତାଂଶ ପ୍ରତିନିଧିତ୍ୱ କରିଛି । କବି ଏହି ଅସହାୟ ବୋଧରୁ ନିଜକୁ ଉଦ୍ଧାର କରି ପୂର୍ଣ୍ଣମୀ ରାତ୍ରିର ସୌନ୍ଦର୍ଯ୍ୟ ଓ କୋଣାର୍କୀୟ ପରିମଣ୍ଡଳର ଆଭାରେ କବିଙ୍କ ହୃଦୟ ପରିବର୍ତ୍ତନ ଘଟିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ଏଷଣା ଦେଇ କବିଙ୍କ ମାନବିକ ସଂବେଦନା ରୂପ ଗ୍ରହଣ କରିଛି । କବି ବାତ୍ୟାର ବିକ୍ଷୋଭକୁ ବେଖାତିର୍ କରି କାନ୍ତଶାନ୍ତ ଋଷିପ୍ରାଣ ପ୍ରକୃତିର ଅନିର୍ବଚନୀୟ ସୌନ୍ଦର୍ଯ୍ୟ ପାଖରେ ପହଞ୍ଚି ଯାଇଛନ୍ତି ।

'ଚାନ୍ଦନୀ ଧବଳ ବିତାନେ, ସିକତିଳ ପ୍ରାନ୍ତରେ
ଶିଶୁ ସଙ୍ଗେ ବସି ପୁହାନ୍ତି ରାତି ମୁଁ ଉଜାଗରେ ।
କଳକଳେ ନଦୀ ଚରଣ ଚୁମ୍ବି ଯାଆନ୍ତା ବହି
ଅର୍ଦ୍ଧ ନିଦ୍ରା ବେଶେ ରହନ୍ତି ସୁଖେ ଆଦରି ମହୀ
× × × ×
ତଟିନୀ - ଭରସେ ତରଣୀ ଭାସୁ ଥାଆନ୍ତା ହସି
ଗୀତାଗାଇ ସୁଖେ ନାବିକ ଯାଉଥାଆନ୍ତା ଭାସି ।'

କବି ନୀଳକଣ୍ଠଙ୍କର ତୁଷାରଧବଳ ଚନ୍ଦ୍ର ନିଶା ଦେଖିବାର ଇଚ୍ଛା '୭ମ' ପର୍ଯ୍ୟାୟ ପର୍ଯ୍ୟନ୍ତ ପ୍ରକାଶ ପାଇଛି । ବାତ୍ୟା ରାତ୍ରିରେ କବିଙ୍କର ଏହି ଇଚ୍ଛା ପୂରଣ ହୋଇପାରିନି ସତ; ଅଥଚ ଏହି ରାତ୍ରିର ଅବସୋସ ଭିତରୁ ଜାତୀୟତା ନିର୍ମାଣର ଇଚ୍ଛା ବଳବତୀ ହୋଇଛି । କବି ଅତୀତ ଅଧ୍ୟୟନ ମାଧ୍ୟମରେ ଓଡ଼ିଆ ଜାତିର ଆତ୍ମ ଅନ୍ୱେଷଣ କରିବା ଆରମ୍ଭ କରିଛନ୍ତି । ଅତଏବ ବାତ୍ୟା-ଜହ୍ନରାତି ଭୋଗିବାର ବ୍ୟର୍ଥତାରୁ କବି ଅନ୍ଧାରର ସିଡ଼ି ଚଢ଼ି ପ୍ରାଚୀନ ଉତ୍କଳର ସଂସ୍କୃତି, ସଭ୍ୟତା ପାଖରେ ପହଞ୍ଚି ଯାଇଛନ୍ତି । ଏହି କ୍ରମରେ

Digitized by PPRACHIN, SOA

କବିଙ୍କର ଓଡ଼ିଆମୀପଣଟି ବାରମ୍ବାର ପ୍ରକାଶ ପାଇଛି । କବି ଏହାର ଆରମ୍ଭ କରିଛନ୍ତି ଶକ୍ତିଶାଳୀ ନୌବାଣିଜ୍ୟ ଚିତ୍ରରୁ । କବି ବାତ୍ୟାକୁ ଲକ୍ଷ୍ୟ କରି କେତୋଟି ଐତିହ୍ୟ ଜଡ଼ିତ ପ୍ରଶ୍ନ କରନ୍ତି । ଏକଦା ସାମୁଦ୍ରିକ ବିପଣନରେ ଖ୍ୟାତ ଓଡ଼ିଆ ସାଧବମାନଙ୍କର ଅତୀତକୁ ଏହି ବାତ୍ୟାଜାଣେ । ବାତ୍ୟାର ବିକ୍ଷୁବ୍ଧ ପ୍ରତିକ୍ରିୟାକୁ ବେଖାତିର କରି ସାଧବର ବୋଇତ ଭାସିଯାଇଛି ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ । ତେଣୁ ଏହି ବାତ୍ୟା ଆନ୍ଦୋଳିତ ରାତ୍ରିରେ କବି ନୀଳକଣ୍ଠ ବାତ୍ୟାକୁ ନୌ-ସଂସ୍କୃତି ସଂବଳିତ ଜିଜ୍ଞାସା କରିଛନ୍ତି ।

'କେଉଁ ରାଇଜରୁ ଆସୁଛୁ ? କହ ବତାସି ମୋରେ
ଓଡ଼ିଆ-ବୋଇତ- ଖବର କିଛି ଆଣିଛୁ କିରେ ?
× × ×
ବଣିକ - ବନିତା ଏହିଠି ତୋର ଝଙ୍କାର ନାଦେ
ଆତଙ୍କେ ପରାଣ ପୋଡ଼ିଛି, ଗଣି କେତେ ପ୍ରମାଦେ ।
ଏହି କୂଳେ ବହି ଆଣିଛୁ କେତେ ବୋଇତପଟ ।
ଦେଖାଇ ଲଗାଇ ଦେଇଛୁ କେତେ ଶୋକର ହଟା
ଶଙ୍କାରେ ସାଧବ ଲଳନା ତୋତେ ବାରିଛି କେତେ
ସ୍ଫୁତଦଇବକୁ ସୁମରି ଦୂର ବୋଇତ ପଥେ' ।

ଏହି ପର୍ଯ୍ୟାୟରେ କବି ଓଡ଼ିଆଙ୍କର ନୌବାଣିଜ୍ୟ ସହିତ ବର୍ତ୍ତମାନର ବିଲୁପ୍ତ ବାସ୍ତବତାକୁ ସୂଚେଇ ଦେଇଛନ୍ତି । ଗୋଟାଏ ସାହସୀ ବଣିକ ଜାତିର ସମସ୍ତ ପୁରୁଷତ୍ୱ, ବୈଭବ ସତେ ଯେମିତି ବାତ୍ୟା ଆନ୍ଦୋଳିତ ନୀଳସମୁଦ୍ର ବକ୍ଷରେ ତମାଦି ନେଇ ଯାଇଛି । ଦ୍ରବ୍ୟ ଭରା ସମସ୍ତ ବିପଣିପୋତଗୁଡ଼ିକ ସମାଧିସ୍ଥ ହୋଇଛନ୍ତି ଅନନ୍ତ ସମୁଦ୍ରରେ । ଏ ବାତ୍ୟା ବୁଡ଼େଇ ଦେଇଛି ସାଧବ ବଂଶ, ବିଧବା ହୋଇଛି ସାଧବାଣୀ । ଦରିଆ କୂଳରେ ସାଧବାଣୀର ଲୁହ ପହଞ୍ଚି ପାରିନି ଲବଙ୍ଗ ଦ୍ୱୀପରେ । ଓଡ଼ିଆଙ୍କ ଅର୍ଥନୀତିର ମେରୁହାଡ଼ ଭାଙ୍ଗିଦେଇଛି ଏ ବାତ୍ୟା । କବି ନୀଳକଣ୍ଠ କ୍ଷୋଭର ସହିତ ବାତ୍ୟାକୁ ଅନେକ ପ୍ରଶ୍ନ ପଚାରନ୍ତି । ଏସବୁ ପ୍ରଶ୍ନର ଅଂଧାର ତଳେ ଯେତିକି ଐତିହ୍ୟର ବାସ୍ନା ଅଛି - ସେତିକି ବିରହମାଣ ବ୍ୟାକୁଳତାର ପୋଡ଼ା ସଳିତାର ଗନ୍ଧ ଚହଟୁଛି । ବିପର୍ଯ୍ୟୟ ସାଧବ ସଂସ୍କୃତି, ଓଡ଼ିଶାର ଅର୍ଥନୀତିର ଅତୀତକୁ ବାତ୍ୟା ମାଧ୍ୟମରେ ଉନ୍ମୋଚନ କରି କବି ଖୁବ୍ ଆଶାବାଦୀ ହୋଇ ପଡ଼ିଛନ୍ତି । ଓଡ଼ିଶା ପୁନଶ୍ଚ ନିଜର ନୌ-ବାଣିଜ୍ୟକୁ ଆଦରି ନେଇ ଆଉଥରେ ଉତ୍କଳ -କମଳାଙ୍କର ସେବା କରିବ ବୋଲି କବି ଭାବମୟ ହୋଇ ପଡ଼ିଛନ୍ତି ।

'କେବେ ବା ବୋଇତ ଲାଗିବ ବଂଗ ସାଗର -କୂଳେ
ଓଡ଼ିଆ ନାବିକ ରସିବେ ତାମ୍ରଲିପ୍ତମଣ୍ଡଳେ ।
ତାମ୍ରଲିପ୍ତ ଛାଡ଼ି ଉଠିବ ତରୀ ସିଂହଳ - ତଟେ
ଉତ୍କଳ କମଳା ହସିବେ ପୁଣ୍ୟ ଚୈତ୍ର ମୁକୁଟେ ।'

Digitized by PPRACHIN, SOA

ଅତଏବ ନୌ-ସଂସ୍କୃତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ କବି ନୀଳକଣ୍ଠ ବାତ୍ୟା ବିଜଡ଼ିତ ରାତ୍ରିରେ ଆଶାବାଦୀ ହୋଇପଡ଼ିଛନ୍ତି । ନୌବାଣିଜ୍ୟ ମାଧ୍ୟମରେ ଓଡ଼ିଶାର ଉଦୟ ହେବ ବୋଲି କବି ବିଚାର କରନ୍ତି । ଓଡ଼ିଶାର ଅର୍ଥନୀତି ଓ ଜୀବନଯାତ୍ରୀ ବିଶେଷତଃ ଉପକୂଳ ଜୀବନଧାରା ସାମୁଦ୍ରିକ ନୌବାଣିଜ୍ୟ ଦ୍ୱାରା ସମୃଦ୍ଧ ଥିଲା । ନୌ - ସଂସ୍କୃତି (Marine Culture) ହିଁ ଥିଲା ଆମ ସମୃଦ୍ଧ ଅସ୍ମିତାର ପରିଚୟ । ଉପକୂଳୀୟ ଜୀବନ ଓ ସାଂସ୍କୃତିକ ବିବିଧତା (ମଙ୍ଗଳାମାଜଣା, ବାସେଳୀ ପୂଜା, ଜନ୍ତାଳ, ବାଲିଯାତ୍ରା, ଘାଟ, ଘାଟିଆ, କୈବର୍ତ୍ତ, କାର୍ତ୍ତିକ ପୂର୍ଣ୍ଣିମା, ତଅପୋଇ ସାତସାଧବ ଉପାଖ୍ୟାନ, ଜାଭା, ସିଂହଳ ଯାତ୍ରା କାହାଣୀ, ସମୁଦ୍ର ଲଂଘନ ଜନିତ ଅନୁଭବ, ପ୍ରେମ, ବାତ୍ୟାକ୍ଷୁବ୍ଧ ଅକାଳ ମୃତ୍ୟୁ, ପାଣି ଓ ବିପର୍ଯ୍ୟୟ ସଂବଳିତ ଈଶ୍ୱର ଏଷଣା) ଓଡ଼ିଆ ସମାଜରେ ଗୋଟିଏ ସ୍ୱତନ୍ତ୍ର ପରିଚୟବୋଧ ସୃଷ୍ଟି କରିଥିଲା । ଆତ୍ମବିଲୁପ୍ତ ସେହି ପରିଚୟ ସଂଧାନ କରିବାକୁ ରାମଚଣ୍ଡୀଠାରେ ରାତ୍ରି କାଟୁଥିବା କବି ସୁଯୋଗ ପାଇଛନ୍ତି । ଏକ ଉଜ୍ଜ୍ୱଳ ବାଣିଜ୍ୟିକ ଅସ୍ମିତାରେ କବି ବିଭୋର ହୋଇପଡ଼ିଛନ୍ତି ।

'ବାଣିଜ୍ୟେ-ବିଜୟ ଉନ୍ମାଦେ ପୁଣି କୋଣାର୍କେ ଫେରି,
ସ୍ୱାଧୀନ ବିଳାସେ ରସିବ ଦେଖି ଏ ପୁର ଶିରୀ ।'

ଅତଏବ ହରାଇବା ଅପେକ୍ଷା ପାଇବାର ବ୍ୟାକୁଳତା ଏଠାରେ ଅଧିକ । କବି ଅସ୍ମିତାର ପୁନଃ ନିର୍ମାଣରେ ବିଶ୍ୱାସୀ । ଓଡ଼ିଶାର ଆତ୍ମା ଓ ଅର୍ଥନୀତିକୁ ବାରମ୍ବାର ଚୂର୍ଣ୍ଣ କରୁଥିବା ପ୍ରାକୃତିକ ବିପର୍ଯ୍ୟୟରୁ ଏ ଜାତିର ପୁନଃ ଉତ୍‌ଥାନ ହେବ ବୋଲି କବି ବିଶ୍ୱାସ ରଖନ୍ତି । ଏଥିପାଇଁ ବାତ୍ୟା, କବିଦ୍ୱର ଏକ ପ୍ରୟୋଗ କଳା ଭାବରେ ଏଠାରେ ପ୍ରୟୋଗ ହୋଇଛି । 'ବାତ୍ୟା' ଓଡ଼ିଆଙ୍କ ଅସ୍ମିତା ଉତ୍‌ଥାନରେ ପରିବର୍ତ୍ତନ ସୃଷ୍ଟି କରିବ ବୋଲି କବିଙ୍କ ବିଶ୍ୱାସ ।

॥ ଚାରି ॥

ଅସ୍ମିତା ବିଚାରର ଦ୍ୱିତୀୟ ପର୍ଯ୍ୟାୟରେ କବି ଓଡ଼ିଶାର ଯୁଦ୍ଧ ସଭ୍ୟତାର ପ୍ରୟୋଗ କରିଛନ୍ତି । ଶୋଇପଡ଼ିଥିବା ଛାତ୍ର (ଯେଉଁମାନେ ଭବିଷ୍ୟତ ଓଡ଼ିଶାର ସଂଭାବନାର ପ୍ରତୀକ)ମାନଙ୍କୁ ଏକ ଉର୍ବର ଅତୀତସହ ଯୋଡ଼ି ସମୃଦ୍ଧ ଭବିଷ୍ୟତର ପ୍ରେରଣା ଦେବା ଏପରି ଅସ୍ମିତାର ଅସଲ ଉଦ୍ଦେଶ୍ୟ । ବର୍ତ୍ତମାନର ରୁଗ୍‌ଣତାରେ ଭାଙ୍ଗି ପଡୁଥିବା ଓଡ଼ିଆଙ୍କ ମନରେ ଆତ୍ମପ୍ରତ୍ୟୟ ଉଦ୍ରେକ କରିବା ପାଇଁ କବିଙ୍କର ଏହା ଏକ ବିଧିବଦ୍ଧ କାବ୍ୟ ପ୍ରୟାସ । ନୌ-ସଂସ୍କୃତିରେ କବି ଓଡ଼ିଶାର ପ୍ରାଚୀନ ଯୁଦ୍ଧସଭ୍ୟତା ପାଖକୁ ଫେରାଇ ଆଣିଛନ୍ତି । ଶୟନରତ ଛାତ୍ରମାନଙ୍କ ପାଇଁ କବି କହିଛନ୍ତି ;

"ଦେଖିବ ହେ କେତେ ବିଭବ ପ୍ରାଣ ପୁଲକ- ଭରେ
ସମର -ଦୁଂଦୁଭି ଶୁଣିବ ରୁଦ୍ଧ ଚଉଦୁଆରେ
ଯାଜପୁର -କୁଣ୍ଡେ ପଡ଼ିବ ଅଶ୍ୱମେଧ -ଆହୁତି

Digitized by PPRACHIN, SOA

ତୋସାଳି - କଟକେ ରମଣୀ - ତୁଙ୍ଗ -ରାଜନ୍ୟ -ନୀତି ।
ଶିଳ୍ପୀ ପଣ୍ୟଜୀବୀ ପଣ୍ଡିତ, ପୁଣି ଦେଖିବ ବୀରେ
ଭୀମ ରଣଭେରି ଶୁଣିବ ବାରବାଟୀ - ଦୁଆରେ,
ଶତ ଗିରିଦୁର୍ଗ ଉତ୍କଳେ ନାଚିଯିବ ନୟନେ
କୃଷକ - ବାହିନୀ ଉଠିବେ ଗ୍ରାମ ନଗର ବନେ ।"

ଅତୀତ ଉତ୍କଳର ଏହି ଗୌରବ ଉଜ୍ଜ୍ୱଳ ଚିତ୍ର ପ୍ରତି କବି ବର୍ତ୍ତମାନର ଯୁବମାନସକୁ ଆକୃଷ୍ଟ କରାଇଛନ୍ତି । ଏହାର ମାଧମ ହୋଇଛି ସ୍ୱପ୍ନଦର୍ଶନ । ଓଡ଼ିଶାର ଯୁଦ୍ଧବୀର, କୃଷକ ବାହିନୀ, ଶିଳ୍ପୀ, କଳାକାର, ପଣ୍ଡିତମାନଙ୍କ ସହ 'ବର୍ତ୍ତମାନ'କୁ ସାକ୍ଷାତ କରାଇବା ପାଇଁ କବି ଏହି ପ୍ରକରଣର ପ୍ରୟୋଗ କରିଛନ୍ତି । ଓଡ଼ିଶାର ପାହାଡ଼, ଜଙ୍ଗଲ, ଜନଜାତି, କୃଷକ, ଦୁର୍ଗ, ଗଡ଼ଖାଇ ସବୁ ଯୁଦ୍ଧ ଓ ସାହସିକତାର ସ୍ମାରକୀ ବୋଲି କବି କହିଛନ୍ତି । ଏକଦା ଓଡ଼ିଶାର ରାତନୈତିକ ସୀମା ଗଙ୍ଗାରୁ କାବେରୀ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ବାରବାଟୀ ଦୁର୍ଗ ଥିଲା ଏହି ବୀରତ୍ୱର ସ୍ମାରକୀ । ପରାଜୟମୁଖୀ ଓଡ଼ିଆ ଜାତି ଭିତରେ ନୂତନ ପ୍ରାଣସଂଚାର ପାଇଁ କବି ଏପରି ପ୍ରୟାସ କରିଛନ୍ତି । ଅତୀତର ଉନ୍ମୋଚନ ମାଧମରେ ବର୍ତ୍ତମାନକୁ ନିର୍ମାଣ କରିବା ସତ୍ୟବାଦୀ ସାଧନାର ଅନ୍ତର୍ଦୃଷ୍ଟି । 'ଉତ୍କଳ ସମ୍ମିଳନୀ' ଓଡ଼ିଆମାନଙ୍କୁ ଏକାଠି କରି ଓଡ଼ିଆମିର ପ୍ରଚାର କରିବା ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଥିଲା, ଏସବୁ କବିତା ତାର ଅଂଶବିଶେଷ । ଆତ୍ମବିଶ୍ୱାସ ହୀନ ଅବକ୍ଷୟମୁଖୀ ଓଡ଼ିଆ ଜାତୀୟତାକୁ ଉଜ୍ଜୀବିତ କରିବା ପାଇଁ ଅତୀତର ପ୍ରଲେପ ଥିଲା ସମୟର ଆବଶ୍ୟକତା । ଏଥିପାଇଁ କବି ନୀଳକଣ୍ଠ ଓଡ଼ିଶାର ଦୁଇଟି ଉର୍ବର ଅତୀତ ( ନୌସଂସ୍କୃତି + ଯୁଦ୍ଧ ସଭ୍ୟତା)କୁ ଏଠାରେ ପ୍ରୟୋଗ କରିଛନ୍ତି ।

'ଚିଲିକା - ଗରଭେ ଉଠିବ ଶତ ବୋଇତ ଭାସି
ଅରୁଣିତ ଦେଖି ବାରୁଣୀ - ପଟେ ଜଟିଆନାସି
ଗଉରବ ଗାଥା ଶୁଣିବ ବନ୍ଦୀ ଗାଇବେ କେତେ
ଭୀମ ତରବାରୀ - ଫଳକେ ଯୋଧେ ଟେକିବେ ହାତେ ।
କବରୀ ଫିଟାଇ ତରୁଣୀ ମଧୁଶଯ୍ୟା ବାସରେ
ରଣଜିଣି ଆସି ବାନ୍ଧିବ ବୋଲି ଛାଡ଼ିବେ ବୀରେ ।'

ଓଡ଼ିଶାର ଦାକ୍ଷିଣାତ୍ୟ ଅଭିଯାନର ସାକ୍ଷୀ 'ଚିଲିକା' । ଯୁଦ୍ଧ, ବୀରତ୍ୱ ଓ ପାଇକ ସଂସ୍କୃତିର ପୁନଃ ଉତ୍‌ଥାନର ସାକ୍ଷୀ ଚିଲିକା ହେବ ବୋଲି କବିଙ୍କର ବିଶ୍ୱାସ । ଗଞ୍ଜାମ ଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ପାଇକ ପରିବାର ଓ କୃଷକ ବାହିନୀ (ଯେଉଁମାନେ ଯୁଦ୍ଧ କରନ୍ତି ଓ ଅନ୍ୟ ସମୟରେ ରାଜା ପ୍ରଦତ୍ତ ନିଃଶୁଳ୍କ ଜମିରେ ଚାଷ କରନ୍ତି)ର ପାରିବାରିକ ଦାମ୍ପତ୍ୟର ଦୀପ୍ତିମନ୍ତ ଉତଥାନକୁ କବି ନୀଳକଣ୍ଠ ଲକ୍ଷ୍ୟ କରିଛନ୍ତି । ଯେଉଁ ପାଇକ ରମଣୀ ବାସରଶେଯରୁ ସ୍ୱାମୀକୁ ଯୁଦ୍ଧ କ୍ଷେତ୍ରକୁ ପଠାଉଥିଲା - ସେହି ପରିବାର ଆର୍ଥିକ ଅନଟନରେ ବିପର୍ଯ୍ୟସ୍ତ । ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଆର୍ଥନୀତିକ, ସାମାଜିକ ମାନଦଣ୍ଡକୁ ବିଦୀର୍ଣ୍ଣ କରିଦେଲା । ଉପକୂଳ

Digitized by PPRACHIN, SOA

ଓଡ଼ିଶା ବିଶେଷତଃ ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଏହାର କରୁଣ ପରିଣତି ସ୍ପଷ୍ଟ । ପୁରୀ ଜିଲାର ୧,୬୭,୩୫୬ ଜଣ ଅନାହାରରେ ମୃତ୍ୟୁ ବରଣ କରିଥିଲେ ବୋଲି ରିପୋର୍ଟରେ ପ୍ରକାଶପାଇଥିଲା । *

ଏହି ଦୁର୍ଭିକ୍ଷ କ୍ଷୟକ୍ଷତି 'ଗଞ୍ଜାମ - ପୁରୀ- ଖୋର୍ଦ୍ଧା ଅଞ୍ଚଳରେ ପ୍ରାଣଘାତି ସାବ୍ୟସ୍ତ ହେଲା । ଛତରରେ ଖାଇବା ଓ ମାଟିକାମ କରି ଚାଉଳ ସଂଗ୍ରହ କରିବା ସ୍ୱାଭିମାନୀ ଚାଷୀ ଓ ପାଇକମାନଙ୍କ ପାଇଁ ସ୍ୱାଭିମାନର ପ୍ରଶ୍ନ ଥିଲା । ଏସବୁରୁ ନିବୃତ୍ତ ହୋଇ ଲୋକେ ମରିବାକୁ ପସନ୍ଦ କଲେ । (୨) ଫଳତଃ ପରିଚୟ ସୁରକ୍ଷା ସହ ପେଟ ପାଇଁ ଭିଟାମାଟିରୁ ବିସ୍ଥାପନ ଆରମ୍ଭ ହେଲା । କୃଷକବାହିନୀ କୃଷି ଓ ଯୁଦ୍ଧ ଛାଡ଼ି ରେଙ୍ଗୁନରେ କଳକାମ କଲା । ଆସାମର ଚା' ବଗିଚା ଓ କଲିକତାର ଚଟକଳରେ କାମ କଲା । ଓଡ଼ିଆ ଜାତିର କାର୍ଯ୍ୟ - ଶୌର୍ଯ୍ୟ -ସାମର୍ଥ୍ୟ ବାଣିଜ୍ୟ - କଳା ସଂସ୍କୃତିର ବିପର୍ଯ୍ୟୟ ଘଟିଲା । ସତ୍ୟବାଦୀ ସାହିତ୍ୟ ଏହି ବିପର୍ଯ୍ୟୟର ଭଉଁରିରୁ ଓଡ଼ିଆ ଜାତିକୁ ଉଦ୍ଧାର କରି ଆତ୍ମପ୍ରତିଷ୍ଠା ଦେବାର ପ୍ରୟାସ କରିଛି । ନୀଳକଣ୍ଠଙ୍କ ଯୁଦ୍ଧ ଐତିହ୍ୟର ବର୍ଣ୍ଣନା ଓ ଛାତ୍ରମାନଙ୍କ ସ୍ୱପ୍ନଦର୍ଶନ ଅସ୍ମିତା ନିର୍ମାଣର ଏକ ନୂତନ କଳାକାରିତା ରୂପେ ସ୍ୱୀକୃତ ।

॥ ପାଞ୍ଚ ॥

ଅସ୍ମିତା ବିଚାରର ତୃତୀୟ ପର୍ଯ୍ୟାୟରେ କବି ସ୍ଥାନୀୟ ଉପାଦାନ (Local elements) ଉପରେ ଗୁରୁତ୍ୱ ଦେଇ, ସେସବୁର ଐତିହ୍ୟ ଓ ଉର୍ବରତା କିପରି ଓଡ଼ିଆ ଜାତୀୟ ଜୀବନ ସହ ସଂଶ୍ଳିଷ୍ଟ ବ୍ୟାଖ୍ୟା କରିଛନ୍ତି । 'ରାମଚଣ୍ଡୀଠାରେ ରାତି' ପର୍ଯ୍ୟାୟର କବିତାରେ 'କୋଣାର୍କ- ପୁରୀ-ଖୋର୍ଦ୍ଧା-ଗଞ୍ଜାମ' ପରିବେଷ୍ଟିତ ଅନେକ କିମ୍ବଦନ୍ତୀ ସ୍ଥାନ ପାଇଛି । ଏହି ଅଞ୍ଚଳର ଦେବଦେବୀ, ପାର୍ବତ୍ୟ ଅଞ୍ଚଳ, ନଦୀ, ସମୁଦ୍ର ଐତିହ୍ୟ, ବୀରତ୍ୱ, ପ୍ରାକୃତିକ ସୌନ୍ଦର୍ଯ୍ୟ ବିଶ୍ୱର ଅନ୍ୟ ଭୂଭାଗ ଠାରୁ ସ୍ୱତନ୍ତ୍ର କରିଛି ବୋଲି କବି ସ୍ୱୀକାର କରିଛନ୍ତି । ନୀଳକଣ୍ଠ ଏହି ସ୍ଥାନୀୟତା ସହ ପ୍ରାଦେଶିକତାକୁ ଯୋଡ଼ି (ଚଉଦୁଆର, ଯାଜପୁର, କଟକ) ଜାତୀୟତା ଆଡ଼କୁ ପ୍ରବାହିତ ହୋଇଛନ୍ତି । ବୀରତ୍ୱ ଓ ନିର୍ମାଣ କଳାରେ କବି ନୀଳକଣ୍ଠ ଗଙ୍ଗା, କେଶରୀ, ଗଜପତି ଓ ଖାରବେଳଙ୍କର ସ୍ମରଣ କରିଛନ୍ତି । ସେହିପରି କୋଣାର୍କ, ଚନ୍ଦ୍ରଭାଗା, ରକ୍ତବାହୁ ଓ ଚିଲିକା, ବିଦ୍ୟାପତି, ଜଗନ୍ନାଥ, କାଞ୍ଚିବିଜୟ ପ୍ରସଙ୍ଗଗୁଡ଼ିକର ଅବତାରଣା କରି ଓଡ଼ିଆ ଅସ୍ମିତାବୋଧକୁ ପରିପୁଷ୍ଟ କରିବାର ପ୍ରୟାସ କରିଛନ୍ତି । ଏହି ସୂତ୍ରରେ କବି ସମଗ୍ର ଘଟଣାର କେନ୍ଦ୍ର 'ରାମଚଣ୍ଡୀ ପୀଠ'ର ଗୁରୁତ୍ୱ ବର୍ଣ୍ଣନା କରିଛନ୍ତି । ଠାକୁରାଣୀ ରାମଚଣ୍ଡୀ -ସାକ୍ଷୀ ରାମଚଣ୍ଡୀରେ ପରିଣତ ହୋଇଛନ୍ତି ।

'କହ ରାମଚଣ୍ଡୀ କହଗୋ, ସାକ୍ଷୀ ଏକା ତ ତୁହି,
କେମନ୍ତେ ଏ ଭୂମି ଆସିଛି କାଳ ତରଙ୍ଗେ ବହି ।'

Digitized by PPRACHIN, SOA

କବି ସ୍ଥାନୀୟତାକୁ ଜାତୀୟତା ସହ ଫେଣ୍ଟି ଏହି କ୍ଷେତ୍ରର ମାହାତ୍ମ୍ୟ ବିସ୍ତାର କରିବାକୁ ଚାହିଁଛନ୍ତି ।

'କେଉଁକାଳୁ ମାତା ଆସିଛୁ ରାମଚଣ୍ଡୀ ତୁ ଏଥି ?
ରାମଚନ୍ଦ୍ର ପରା ଦଣ୍ଡକେ, ହେଲେ ତୋର ଅତିଥି ?
ବେଲେଶ୍ୱର ଶିବ ପୂଜିଲେ, ମାତ ଦେଖିଛୁ ତୁହି
କାଳ ସଂଗେ କେତେ ଘଟନା ଗଲା ତୋ ଆଗେ ବହି ।'

କବି ରାଧାନାଥ ରାୟ ଯେପରି ଚିଲିକା, ଚନ୍ଦ୍ରଭାଗା, କେଦାର ଗୌରୀ ସ୍ଥାନକୁ କୀର୍ତ୍ତିମୟ କରିଛନ୍ତି, କବି ନୀଳକଣ୍ଠ ବାଲିବନ୍ତ ବିସ୍ତାରିତ ସୈକତ - ସମୁଦ୍ର ବିସ୍ତାରିତ କୁଶଭଦ୍ରାର ସମୁଦ୍ରସାନ୍ନିଧ ପୀଠ ରାମଚଣ୍ଡୀକୁ ଇତିହାସ - ପାରିତ୍ରିକ - ପ୍ରକୃତି ଦୃଷ୍ଟିରୁ ନୂତନ ପରିଚୟ ଦେଇଛନ୍ତି । 'ରାମଚଣ୍ଡୀ ଓଡ଼ିଆମାନଙ୍କ୍ ଆତ୍ମଜାଗୃତି ଓ ଅସ୍ମିତାବୋଧର ଏନ୍ତୁଡ଼ିଶାଳ ପାଲଟିଛି । ସତ୍ୟବାଦୀ ଚେତନାର ନିର୍ମାଣ ଧାରାଟି ଚିଲିକାରୁ ଚନ୍ଦ୍ରଭାଗାର ଗୌରବ ନେଇ ପରିବ୍ୟାପ୍ତ । କବି ଗୋପବଂଧୁ ଚିଲିକା, ଶ୍ରୀକ୍ଷେତ୍ର, କୋଣାର୍କକୁ ନେଇ କୀର୍ତ୍ତି ସାଧିଥିବା ବେଳେ ଉପେକ୍ଷିତ 'ରାମଚଣ୍ଡୀ' ନୀଳକଣ୍ଠଙ୍କ ଦ୍ୱାରା ନବନିର୍ମିତ ହୋଇଛି । ଓଡ଼ିଆ ଅସ୍ମିତା ବିସ୍ତାର (ପ୍ରାକୃତିକ ବିଭବ + ନୌସଂସ୍କୃତି + ଯୁଦ୍ଧ ସଭ୍ୟତା + ସ୍ଥାନୀୟତା ପ୍ରୟୋଗ ) ରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସତ୍ୟବାଦୀୟ ଆଦର୍ଶ ଓ କବି ନୀଳକଣ୍ଠଙ୍କ କାବ୍ୟକାରିତାର ଏହା ସଠିକ୍ ସମୀକରଣ । ପ୍ରତିରାତିର ଏକ ସକାଳ ଅଛି - ଏହାହିଁ ଏ କବିତାର ଆଦର୍ଶ । ସେ ସକାଳ ଅସ୍ମିତାର ସକାଳ । ନିର୍ମାଣର ସକାଳ ।

(୧) ଦୁର୍ଯ୍ୟୋଧନ ଦାସଙ୍କ ପରେ ରାମାକ୍ଷୟ ଚାଟାର୍ଜୀ ସାକ୍ଷ୍ୟଦେଲେ । ସେ ପୁରୀ ଜିଲ୍ଲାରେ ଦୁର୍ଭିକ୍ଷ ବିଷୟରେ ବର୍ଣ୍ଣନା କରି କେତେଲୋକ ମରିଛନ୍ତି ତାର ଏକ ତାଲିକା ଦେଲେ । ତା ଅନୁସାରେ ଖୋର୍ଦ୍ଧାକୁ ଛାଡ଼ିଦେଲେ ଅବଶିଷ୍ଟ ପୁରୀ ଜିଲ୍ଲାର ୪୦୧୫୦୧ ଲୋକଙ୍କ ଭିତରୁ ୧୬୭୩୫୬ ଜଣ ମରିଯାଇଥିଲେ । ଏ ରିପୋର୍ଟ ଅକ୍ଟୋବର ମାସ ଶେଷସୁଦ୍ଧା ପୋଲିସ ଦ୍ୱାରା ସଂଗୃହୀତ ହୋଇଥିଲା ।

ଦେଶକାଳପାତ୍ର ଜଗନ୍ନାଥପ୍ରସାଦ ଦାସ, ପୃ - ୧୭୮ ।

(୨) କଟକ ସୁପରିଣ୍ଟେଣ୍ଡିଂ ଇଞ୍ଜିନିଅର ଏଚ.ଲିଓନାର୍ଡ଼ ସାକ୍ଷ୍ୟରେ କହିଥିଲେ ଯେ- ଓଡ଼ିଆମାନେ ନିଜ ରକ୍ଷଣରେ ଅସମର୍ଥ । ମାଗି ଖାଇବେ କିନ୍ତୁ କାମ କରିବେ ନାହିଁ । କାରଣ ଆଗରୁ କେବେ ମାଟିକାମ କରିନଥିଲେ । ଜାତି ଯିବ ବୋଲି ମରିଯିବେ, କିନ୍ତୁ ଅନ୍ନଛତ୍ରରୁ ଖାଇବେ ନାହିଁ ।

ଦେଶକାଳପାତ୍ର ଜଗନ୍ନାଥ ପ୍ରସାଦ ଦାସ, ପୃ - ୧୯୪ ।

Digitized by PPRACHIN, SOA

# ପ୍ରିନ୍‌ସେସ୍ ଓ ପ୍ରଣୟିନୀ

ଡ. ଅଜୟକୁମାର ତ୍ରିପାଠୀ

ଓଡ଼ିଆ ସାହିତ୍ୟ ସତ୍ୟବାଦୀ ପଞ୍ଚସଖା ଯୁଗର ଅନନ୍ୟ ସ୍ରଷ୍ଟା ପଣ୍ଡିତ ନୀଳକଣ୍ଠ ଜଣେ ଛାତ୍ରବତ୍ସଳ ଜ୍ଞାନାଧିକାରୀ ଶିକ୍ଷକ, ସମାଜ ସଂସ୍କାରକ, ପ୍ରତିଷ୍ଠାତା ସଂପାଦକ ତଥା ଅନନ୍ୟ ସାହିତ୍ୟ ସ୍ରଷ୍ଟା ଭାବରେ ପରିଚିତ । ପ୍ରତ୍ୟେକ କ୍ଷେତ୍ରରେ ଏକ ପରିବର୍ତ୍ତନର ସମ୍ଭାବନାକୁ ପାଥେୟ କରି, ସେ ନିର୍ଦ୍ଧାରିତ କରିଥାନ୍ତି ତାହାଙ୍କ କାର୍ଯ୍ୟଶୈଳୀ । ଗତାନୁଗତିକ ଶଗଡ଼ଗୁଳାର ରାସ୍ତାରେ ସେ ଚାଲନ୍ତି ନାହିଁ, ସେ ତିଆରି କରନ୍ତି ନିଜର ରାସ୍ତା । ସେ ରାସ୍ତାରେ ଏକଲା ଚାଲନ୍ତି- କେବେ ବି ଖୋଜି ନାହାନ୍ତି ସହଯାତ୍ରୀ - ସେଥିପାଇଁ ତ ସେ ସଫଳ । ପରବର୍ତ୍ତୀ ସମୟରେ ସୃଷ୍ଟି କରିପାରିଛନ୍ତି ଅନେକ ଅନୁଗାମୀ । ସେ ଥିଲେ ମର୍ତ୍ତ୍ୟ ଦେବତା - "ସେହି ମଣିଷ ପରି ମଣିଷ ଥିଲେ ପଣ୍ଡିତ ନୀଳକଣ୍ଠ ଦାସ -ମର୍ତ୍ତ୍ୟ ଦେବତା'- (ଦୈନିକ ସମାଜ - ତା ୧.୨.୨୦୦୩ ସୌଜନ୍ୟ ଆତ୍ମଜୀବନୀ - ସଂକଳକ ଡ. ବିକ୍ରମ ଦାସ)

ନୀଳକଣ୍ଠଙ୍କ ଜନ୍ମ ୧୮୮୪ ମସିହା ଅଗଷ୍ଟ ମାସ ୫ ତାରିଖ, ଊନବିଂଶ ଶତାବ୍ଦୀର ଶେଷ ସମୟ । ସମସାମୟିକ ସମୟର ସମାଜରେ ଜନ୍ମ ନେଇଛନ୍ତି ସଂସ୍କାରର ସ୍ୱପ୍ନଜୀବୀ ମଣିଷମାନେ । ନୀଳକଣ୍ଠଙ୍କ ପରିବେଶ ସଂସ୍କାରର ବାତାନୁକୂଳ । ଜ୍ଞାତି କକେଇ ହେଉଛନ୍ତି ପୁରୀର ବିଖ୍ୟାତ ପଣ୍ଡିତ ହରିହର ଦାସ । ସଂସ୍କୃତ ଭାଷାରେ ବିଦ୍ୱାନ ବିଚକ୍ଷଣ - କିନ୍ତୁ ମାନସିକତା ବିସ୍ମୟକର । ସମସ୍ତ ସାମାଜିକ କୁସଂସ୍କାରକୁ ଗ୍ରହଣ  ନ କରି ସେ ଆପଣାଇ ନେଇଥିଲେ ସମାଜରେ ଶିକ୍ଷାର ପ୍ରସାର ନିମନ୍ତେ ଅନେକ ପଦକ୍ଷେପ । ଏହାଙ୍କ ପ୍ରଭାବରେ ପ୍ରଭାବିତ ନୀଳକଣ୍ଠଙ୍କ ଅବଚେତନ ମନ ଓ ସେଥିପାଇଁ ତ ଜୀବନର ପ୍ରତ୍ୟେକ ପାଦରେ ସେ ଖୋଜିଛନ୍ତି ଶିକ୍ଷା ଓ ସଂସ୍କାରର ସ୍ୱର । ପୁରୀ ଜିଲ୍ଲାସ୍କୁଲରେ ଯୋଗ ଦେବା ସମୟରେ ଦେବନାଗରୀ ଲିପି ସହ ସେ ଥିଲେ ସଂପୂର୍ଣ୍ଣ ଅପରିଚିତ; କିନ୍ତୁ ନିଜର ଇଚ୍ଛାଶକ୍ତି ଓ ଅଧ୍ୟବସାୟ ତଥା ପ୍ରଚେଷ୍ଟାବଳରେ ସେ ହୋଇପାରିଲେ ସଂସ୍କୃତ ଭାଷାର ଜଣେ କୁଶଳୀ ସ୍ରଷ୍ଟା ।

ସମାଜ ତତ୍ତ୍ୱ ଦୃଷ୍ଟିରୁ ଆଲୋଚନା କଲେ ମନେହୁଏ ନୀଳକଣ୍ଠଙ୍କ ସମୟ ଥିଲା ଦୋଛକିରେ ଠିଆ ହୋଇଥିବା ଏକ ଟ୍ରାଫିକ୍ ପୋଷ୍ଟର ସମୟ । ଆମେ ଭାରତୀୟ ସଂସ୍କୃତିର ପୃଷ୍ଠଭୂମିରେ ଠିଆ ହୋଇଥିବା ଏକ ଭୂଖଣ୍ଡ ତଥା ଆଧୁନିକ ସମୟକୁ ସାକ୍ଷୀ ରଖିଥିବା ଊନବିଂଶ ବିଂଶ ଶତାବ୍ଦୀର ଜନ୍ମିତ ସନ୍ତାନ । "We were born in a country

Digitized by PPRACHIN, SOA

called India and a province called Orissa or Utkal. At the same time we were born in a century named the twentieth century and an age named the morden age ... therfore had a dual heritage the heritage of India and Utkal andthe heritage of the 20th century and the modern age. We wre conscious of our existance in both time and space. This is reflected in our writings. The modern Indian literature is both Indian and modern, like wise the modern Oriya literature is both oriya and modern-

(Aspects of Renaissance in India - Annada Sankar Ray - P.21 - Pandit Nilakantha memorial lecturer Utkal University 122.)

ଊନବିଂଶ ଶତାବ୍ଦୀର ଶେଷ ସୋପାନ ସାମାଜିକ ଆନ୍ଦୋଳନ କ୍ଷେତ୍ରରେ ଏକ ବିବର୍ତ୍ତନର ସମୟ । ଇଂରେଜ ଶାସନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କିଛି ସାହେବଙ୍କ ବ୍ୟକ୍ତିଗତ ଉଦ୍ୟମ ତଥା ସମାଜ ସଂସ୍କାରକମାନଙ୍କ ବ୍ୟକ୍ତିଗତ ଅଙ୍ଗୀକାରବଦ୍ଧତା ଏହାକୁ ଦେଖାଇଥିଲା ସଫଳତାର ମାର୍ଗ । ବାଲ୍ୟବିବାହ ନିରୋଧ ଆଇନ୍, ସତୀଦାହ ପ୍ରଥା ଉଚ୍ଛେଦ ଏହି ଧାରାରେ ଗୋଟିଏ ଗୋଟିଏ ଉଦାହରଣ । ତେବେ ଏହି ସମୟରେ ଏହି ସଂସ୍କାରକୁ ନଭସ୍ପର୍ଶୀ କରିବା କ୍ଷେତ୍ରରେ ନାରୀଶିକ୍ଷା ଥିଲା ପରଶମଣି । ସମସାମୟିକ ସମୟରେ ସାହିତ୍ୟସ୍ରଷ୍ଟାମାନଙ୍କ ସୃଷ୍ଟିର ଭିତ୍ତିଭୂମି ଭାବରେ ଉପରୋକ୍ତ ପ୍ରସଙ୍ଗ ହୋଇଛି ଏକ ବିଶେଷ ବିଷୟବସ୍ତୁ । ନାରୀ ଅତ୍ୟାଚାର ଓ ସାମାଜିକ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରି ନବଜାଗରଣର ଅନେକ ସ୍ରଷ୍ଟା ସାହିତ୍ୟ ମାଧ୍ୟମରେ ସୃଷ୍ଟି କରିଛନ୍ତି ସଚେତନତା । ସାମାଜିକ ପରମ୍ପରା ଓ ବିଶ୍ୱାସବୋଧ ଏ କ୍ଷେତ୍ରରେ ଏକ ବିରାଟ ପ୍ରତିବନ୍ଧକ । ପ୍ରାଚ୍ୟ ଓ ପାଶ୍ଚାତ୍ୟର ସଂଘର୍ଷ । ସମାଜତତ୍ତ୍ୱବିତ୍ ଆଡ଼ାମ୍ଙ୍କର ମତରେ – "The notion of providing the means of instruction for female children never enter into the minds of parents. A superstitious feeling is alleged to exist in the majority of the Hindu families. Principally cherished by the women and not discouraged by the men, that a girl taught to write and read will soon, after marriage become a widow. (Social changes in India - B.Kuppuswamy P.265) ତେଣୁ ସମାଜକୁ ଆହ୍ୱାନ ଦେଇ ପରିବର୍ତ୍ତନର ଆଦ୍ୟ ସ୍ୱାକ୍ଷର ଭାବରେ ଫକୀରମୋହନ ରେବତୀକୁ ନିଜ ଗଳ୍ପ ମଧ୍ୟରେ ବିପୋଟି କରିପାରିନାହାନ୍ତି ବା ନନ୍ଦକିଶୋର କନକଲତା ଉପନ୍ୟାସ ମଧ୍ୟରେ ବିଧବା ବିବାହର ଦୃଶ୍ୟଟିଏ ପ୍ରଦର୍ଶିତ କରିପାରିନାହାନ୍ତି; କିନ୍ତୁ ସମସ୍ୟାଟିକୁ ଉପସ୍ଥାପିତ କରି ସମାଜ ପୁଷ୍କରିଣୀରେ ଏକ ଜଳଭଉଁରୀ ଦୃଶ୍ୟ କରାଇଛନ୍ତି ଯାହା ନିଶ୍ଚିତ ଭାବରେ ପରବର୍ତ୍ତୀ ସ୍ରଷ୍ଟା ମାନଙ୍କୁ ଉତ୍ସାହିତ କରିଛି । ପରିଣତିରେ ପରବର୍ତ୍ତୀ ସମୟର ସ୍ରଷ୍ଟା ନୀଳକଣ୍ଠ ସଂସ୍କାରର ଗତିଧାରାକୁ ଅଧିକ କ୍ରିୟାଶୀଳ ତଥା ପାଠକଙ୍କୁ ସଂସ୍କାରମନସ୍କ କରିବା ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି ଏକ ଅନନ୍ୟ ସୃଷ୍ଟି ପ୍ରଣୟିନୀ ।

Digitized by PPRACHIN, SOA

ନବଜାଗରଣ ପର୍ବରେ ରାଧାନାଥ କାବ୍ୟ ସୃଷ୍ଟିର ଆକାଂକ୍ଷା ମଧ୍ୟରେ ଅନୁକୃତି କରିଛନ୍ତି ଅନେକ ପାଶ୍ଚାତ୍ୟ କାବ୍ୟ । ପ୍ରାଥମିକ ପର୍ଯ୍ୟାୟର ଏହି ସୃଷ୍ଟିର ଧାରାରେ ସେ ଆଘାତ ଦେଇଛନ୍ତି ଅନେକ ସଂସ୍କୃତିପ୍ରବଣ ମଣିଷମାନଙ୍କୁ ଓ ସେଥିପାଇଁ ସେ ଯଥେଷ୍ଟ ପରିମାଣରେ ନୀଳକଣ୍ଠଙ୍କ ଦ୍ୱାରା ସମାଲୋଚିତ ହୋଇଛନ୍ତି । ସଂସ୍କୃତିପ୍ରବଣ ନୀଳକଣ୍ଠ ଇଂରାଜୀ ସାହିତ୍ୟର ଛାତ୍ର ଭାବରେ ଅଧ୍ୟୟନ କରିଛନ୍ତି ଆଲ୍‌ଫ୍ରେଡ୍ ଟେନିସନ୍‌ଙ୍କର ପ୍ରିନ୍‌ସେସ୍ କାବ୍ୟ । ଅଧ୍ୟାପକ ଗୋପାଳଚନ୍ଦ୍ର ଗଙ୍ଗୋପାଧ୍ୟାୟ ଟେନିସନ୍‌ଙ୍କ ପ୍ରିନ୍‌ସେସ୍ କାବ୍ୟର ବିଶ୍ଳେଷଣ କରିବା ବେଳେ ସେ ଦେଖିଛନ୍ତି ନିଜ ପରିବେଶରେ ଥିବା ସମସ୍ୟାକୁ । ଅନୁଭବ କରିଛନ୍ତି ନିଜ ମାଟିରେ ଏହିପରି ଏକ କାବ୍ୟର ଆବଶ୍ୟକତାକୁ -"ରେଭେନ୍‌ସା କଲେଜରେ ଅଧ୍ୟାପକ ପୂଜନୀୟ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ଗଂଗୋପଧ୍ୟାୟ , ଏମ୍.ଏଙ୍କ ପାଖେ ମୁଁ ଟେନିସନ୍‌ଙ୍କ ପ୍ରିନ୍‌ସେସ୍ ପଢ଼ିବାବେଳେ ମୋର ସେ ଗ୍ରନ୍ଥ ପ୍ରତି ଯେଉଁ ଆଦର ଓ ଆଗ୍ରହ ଜନ୍ମିଥିଲା ତାହାରି ଫଳରେ ମୁଁ ଏ ପୁସ୍ତକ ପ୍ରକାଶ କରିବାକୁ ସମର୍ଥ ହେଲି ।" (ଉତ୍ସର୍ଗ - ପ୍ରଣୟିନୀ, ନୀଳକଣ୍ଠ ଗ୍ରନ୍ଥାବଳୀ- ପ୍ରଥମ ଖଣ୍ଡ) । ସମଗ୍ର କାବ୍ୟର ପଠନକ୍ରିୟା ମଧ୍ୟରେ ମାନସିକ ଭାବରେ ସେ ପ୍ରସ୍ତୁତ ହୋଇଛନ୍ତି ଓଡ଼ିଆରେ ଏହିପରି କାବ୍ୟ ରଚନା କରିବା ନିମନ୍ତେ ଓ ସେଥିନିମନ୍ତେ ସେ ମୂଳ କଥାବସ୍ତୁରେ କୌଣସି ପରିବର୍ତ୍ତନ ନ କରି ଓଡ଼ିଆରେ ଅନୁବାଦ କରିଥିଲେ ମଧ ସମଗ୍ର କାବ୍ୟକୁ ସଂପୂର୍ଣ୍ଣଭାବରେ ଓଡ଼ିଆ ଆବରଣ ମଧ୍ୟରେ ଢାଙ୍କି ଦେଇଛନ୍ତି । କାବ୍ୟାରମ୍ଭରେ ଉଭୟ କବିଙ୍କ ପୃଷ୍ଠଭୂମି ଏକ, ଲକ୍ଷ୍ୟ ଏକ - ନାରୀ ଶିକ୍ଷା, ନାରୀ ଜାଗରଣ ଓ ନାରୀ ସଶକ୍ତିକରଣର ବାର୍ତ୍ତା ପ୍ରଦାନ କରିବା - ରାସ୍ତା ବି ଏକ; କିନ୍ତୁ ଯେଉଁଠି ଆଙ୍ଗିକତା ବା ବର୍ଣ୍ଣନାମଧ୍ୟରେ ଓଡ଼ିଆତ୍ୱକୁ ପ୍ରମାଣ କରିବା ନିମନ୍ତେ ସୁଯୋଗ ଆସିଛି ସେଠି ସେ ସେହି ସୁଯୋଗର ସଦ୍‌ବ୍ୟବହାର କରିଛନ୍ତି । "ଆହରଣ-ପ୍ରବଣତା ସତ୍ତ୍ୱେ କାବ୍ୟର ଆଖ୍ୟାନ ଭାଗରେ ସ୍ୱକୀୟତା ସଂପାଦନ ନୀଳକଣ୍ଠଙ୍କ ବିଚାରଶୀଳତା ଓ କୃତିତ୍ୱର ପରିଚାୟକ । ରାଧାନାଥ ତାଙ୍କ କାବ୍ୟରେ ଓଡ଼ିଆ ଚରିତ୍ରକୁ ବିଦେଶୀ ବସନ ଭୂଷଣ ମଣ୍ଡିତ କରିଥିବାରୁ ନୀଳକଣ୍ଠଙ୍କ ଦ୍ୱାରା ସମାଲୋଚିତ ହୋଇଥିବା ପ୍ରଣୟିନୀ ଓ ଦାସନାୟକ କାବ୍ୟରେ ନୀଳକଣ୍ଠ ପାଶ୍ଚାତ୍ୟ ଚରିତ୍ର ଓ ପରିବେଶକୁ ସ୍ଥାନୀୟ ନାମ ଓ ଧାମ ଦେଇଛନ୍ତି । ଆମ ଦେଶର ଚଳଣୀ, ପରମ୍ପରା ଓ ଭୌଗୋଳିକ ପରିବେଶ ତାଙ୍କ ବର୍ଣ୍ଣନାରେ ରକ୍ଷିତ ହୋଇଛି ।" (ନୀଳକଣ୍ଠଙ୍କ କାବ୍ୟ ପ୍ରତିଭା 'କୋଣାର୍କେ'; ନୀଳକଣ୍ଠ ବିଶେଷାଙ୍କ - ପୃ ୨୭) କେବଳ ଆଖ୍ୟାନ ଭାଗରେ ନୁହେଁ ବରଂ ଆମ୍ରିକ ପ୍ରକାଶନର ପ୍ରତ୍ୟେକ କ୍ଷେତ୍ରରେ ନୀଳକଣ୍ଠଙ୍କ ସ୍ୱକୀୟତା ଅନୁଭବ୍ୟ . ପ୍ରସଙ୍ଗ ଭିତ୍ତିରେ ବିଶ୍ଳେଷଣ କଲେ ଟେନିସନ୍ ସମଗ୍ର କାବ୍ୟରେ ରାଜଜେମା ଇଡ଼ାଙ୍କ ବୀରତ୍ୱ ତଥା ବାମାବାଦୀ ଚେତନାର ବର୍ଣ୍ଣନାକୁ ଗୁରୁତ୍ୱ ଦେଇଥିବା ବେଳେ ନୀଳକଣ୍ଠ ଭାରତୀୟ ସାଂସ୍କୃତିକ ଚେତନାକୁ ଗୁରୁତ୍ୱ ଦେଇ ଏକ ଶାଶ୍ୱତ ପ୍ରେମର ବିଭିନ୍ନ ଦିଗକୁ ପ୍ରଦର୍ଶିତ କରିଛନ୍ତି । ଅନୁବାଦକୁ ଗୁରୁତ୍ୱଦେଇ (Princes) ପ୍ରିନ୍‌ସେସ୍ କାବ୍ୟର ନାମକରଣ ରାଜଜେମା କରିନାହାନ୍ତି ବରଂ କାହାଣୀର ଭାବ ଓ ଗୁରୁତ୍ୱ ଦୃଷ୍ଟିରୁ ସେ ନାମ ଦେଇଛନ୍ତ 'ପ୍ରଣୟିନୀ' । ସ୍ୱକୀୟତାର ଏହା ସର୍ବଶ୍ରେଷ୍ଠ ଉଦାହରଣ । ସେହିପରି ଚରିତ୍ରଗୁଡ଼ିକ ଓଡ଼ିଆ

Digitized by PPRACHIN, SOA

ନାମରେ ନାମିତ ହୋଇଛନ୍ତି । ଟେନିସନଙ୍କ କାବ୍ୟନାୟିକା ଓ ନାୟକ ଇଡ଼ା ଓ ପ୍ରିନ୍ସ୍ ନୀଳକଣ୍ଠଙ୍କ କାବ୍ୟରେ ରାଜଜେମା ଓ ରାଜପୁତ୍ର ନାମରେ ପରିଚିତ । ସେହିପରି ରାଜପୁତ୍ରଙ୍କ ବନ୍ଧୁଦ୍ୱୟ ସାଇରିଲ୍ ଓ ଫ୍ଲୋରିଆନ୍ ଏଠାରେ ଋତୁଧ୍ୱଜ ଓ ପାରିଜାତ ଏବଂ ରାଜଜେମାଙ୍କ ସଖୀଦ୍ୱୟ ଲେଡ଼ି ସାଇକ୍ଲି ଓ ଲେଡ଼ି ବ୍ଲାଗ୍‌ଚି ଯଥାକ୍ରମେ ମତି ଓ ମହେଶ୍ୱେତା ନାମରେ ନାମିତ । ଅନ୍ୟାନ୍ୟ ଚରିତ୍ର ଯଥା ବ୍ଲାଗ୍‌ଚିର କନ୍ୟା ମେଲିସା -ମହେଶ୍ୱତାର କନ୍ୟା ମଧୁମତି ଓ ଲିରିଆ, କୁମୁଦୀନି ଭାବରେ ପାଠକଙ୍କ ସାମ୍ନାରେ ଦେଖାଦିଅନ୍ତି । ବର୍ଣ୍ଣନା କ୍ରମରେ Sir Walter ବା Sir Ralphଙ୍କୁ କବି ଚତୁରତାର ସହ କାବ୍ୟର ବର୍ଣ୍ଣନାକ୍ରମରୁ ବାଦ ଦେଇଛନ୍ତି । ଟେନିସନ୍‌ଙ୍କ କାବ୍ୟର ପ୍ରସ୍ତାବନା ଅଂଶରେ Sir Walter ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସଂପାଦିତ କରିଛନ୍ତି - ସେ ହୋଇଛନ୍ତି କାବ୍ୟର ପ୍ରସ୍ତାବକ -

Sir Walter Vivian all a summer day
Gave his broad lawns until the set of sun
Up to the people -thither flocked at noon
His tenants wife and child and thither half
The neighbouring borough with their institute
of which he was the patron , I was there
from college. Visiting the son- the son
A walter too -with others of our set
Five others! we were seven at vivian place.

(Princess : by Lord Alfred Tennyson)

ଓଡ଼ିଆ କାବ୍ୟରେ କିନ୍ତୁ walterଙ୍କ ଚରିତ୍ରକୁ ଚତୁରତାର ସହିତ ବାଦ୍‌ଦେଇ ପ୍ରଥମ ପୁରୁଷର ଉକ୍ତି ଭାବରେ ପ୍ରଣୟିନୀ କାବ୍ୟକୁ ଆରମ୍ଭ କରିଛନ୍ତି । ଟେନିସନ୍‌ଙ୍କ କବିତାର କାହାଣୀ ମଧ୍ୟରେ ଗ୍ରୀଷ୍ମଅବକାଶକୁ ଆପଣାଇଥିବା ବେଳେ ନୀଳକଣ୍ଠ ନେଇଛନ୍ତି ଶାରଦୀୟ ପାର୍ବଣର ଅବକାଶକୁ ।

ଶରତ ପ୍ରଭାତେ ଦିନେ ପାର୍ବଣ ଉତ୍ସବେ
ବିଦ୍ୟାଳୟ ଅବକାଶେ ପର୍ବ ନିମନ୍ତ୍ରଣେ
ଯାଇଥିଲି ବନ୍ଧୁବାସେ ପୀରତି ସୋହାଗେ
ଲଭି ନିମନ୍ତ୍ରଣ ପୁଣି ସହପାଠୀ କେତେ
ନରନାରୀ ପୁରବାସୀ ଜନପଦ ଜନେ ।

ପ୍ରଣୟିନୀ – ନୀଳକଣ୍ଠ ଗ୍ରନ୍ଥାବଳୀ - ପ୍ରଥମ ଖଣ୍ଡ ପୃ - ୨୦୧

ଅବଶ୍ୟ ଇଂଲଣ୍ଡ ଭଳି ଏକ ହିମପ୍ରଧାନ ଦେଶରେ ଗ୍ରୀଷ୍ମ ଅବକାଶ ସର୍ବଜନାଦୃତ ହୋଇଥିବାବେଳେ ଭାରତରେ ଶରତ ଋତୁ ଆନନ୍ଦ, ଭୋଗ ଓ ପାର୍ବଣର ସମୟ । ରାଧାନାଥଙ୍କ ପରି ଅନୁବାଦର ଦ୍ୱାହି ଦେଇ ସେ ଗ୍ରୀଷ୍ମକୁ ଭାରତୀୟ କାବ୍ୟଚେତନା

Digitized by PPRACHIN, SOA

ମଧ୍ୟରେ ଗ୍ରହଣ କରିପାରିନାହାନ୍ତି-ତାହାହିଁ ତ ତାଙ୍କ କାବ୍ୟ ଚେତନାର ସ୍ୱତନ୍ତତା । ସେହିପରି ସାର୍ ୱାଲ୍‌ଟର ନିଜ ଗୃହର ସାଜସଜ୍ଜା ବର୍ଣ୍ଣନା ମଧ୍ୟରେ ନିଜ ପରିବାରର ବର୍ଣ୍ଣନା ଦେଇଛନ୍ତି ।

The cursed Malyan crease and battle clubs
From the isles of palm; and higher on the wall
Betwixt the monstrous horns of elk and deer.
His own forefathers arm & armours hung.
(Princess : by Lord Alfred Tennyson)

ନୀଳକଣ୍ଠ କିନ୍ତୁ ଏହି ବର୍ଣ୍ଣନା ମଧ୍ୟରେ ଜାତିର ଐତିହ୍ୟର ସ୍ମାରକୀକୁ କାବ୍ୟ ମଧ୍ୟରେ ସ୍ଥାନ ଦେଇଛନ୍ତି । ନୀଳକଣ୍ଠଙ୍କ ଭାଷାରେ -

"ଦେଖାଇଲେ ବନ୍ଧୁ ମମ ବୁଲି ଘରେ ଘରେ
ଏକେ ଏକେ ସଯତନେ ସଜୀବ ମୁରତି
ସୁଚିର ସ୍ଥପତି କଳା, ରୁଚିର ଚିତ୍ରଣ
କାହିଁ ଅବା ସୁସଜ୍ଜିତ ଭିତ୍ତିର ବିଗ୍ରହେ
ପ୍ରାଚୀନ ବରଛା, ବର୍ମ, ବାଦ୍ୟ, ତରବାରୀ
ଭଲ୍ଲ, ଚକ୍ର, ଶିରସ୍ତ୍ରାଣ, ଯୁଦ୍ଧ ଉପାୟନ
ଭିତ୍ତିର କନ୍ଦରେ କାହିଁ - ମର୍ମର ବିଗ୍ରହେ
ବିମଳ ପାଷାଣ ନେତ୍ରେ ଭୀମକାନ୍ତ ତେଜେ
ପ୍ରଣୟିନୀ - ନୀଳକଣ୍ଠ ଗ୍ରନ୍ଥାବଳୀ - ପ୍ରଥମ ଖଣ୍ଡ - ପୃ ୨୦୨

ଟେନିସନ୍‌ଙ୍କ କାବ୍ୟର prologue ବା ପ୍ରସ୍ତାବନା ସଂପୂର୍ଣ୍ଣ ଭାବରେ କାବ୍ୟର ଆଙ୍ଗିକ ସଂପର୍କରେ ଏକ ଆଲୋଚନାର ଫର୍ଦ୍ଦ ହୋଇଥିବା ବେଳେ - ନୀଳକଣ୍ଠ ପ୍ରଥମରୁ ନାରୀ ପ୍ରାଧାନ୍ୟ ସମାଜର ସ୍ୱପ୍ନ ଦେଖିଛନ୍ତି ଓ ସେହି ସ୍ୱପ୍ନରେ ତରଙ୍ଗାୟିତ କରିଛନ୍ତି ନିଜର ପ୍ରାରମ୍ଭ ଭାଷଣକୁ-

ନାରୀଏ ହୁଅନ୍ତେ ଭବେ ବିଶ୍ୱ ବିଜୟିନୀ
ଯୁଦ୍ଧ ବିନା ବିଜୟର ଉଡ଼ନ୍ତା ନିଶାଣ
ବାମା କଣ୍ଠେ ବିଦ୍ୟାଳୟ ହୁଅନ୍ତା ଧ୍ୱନିତ
ଲୋଡ଼ନ୍ତେ କି ଅବକାଶ ଛାତ୍ର ବିଦ୍ୟାଳୟେ ତତ୍ରୈବ -ପୃ :୨୦୩

ନାରୀ ସାମ୍ରାଜ୍ୟର ଏକ ସୁନ୍ଦର ସକାଳକୁ ବିଶ୍ୱାସ ରଖିଛନ୍ତି କବି ଓ ଅପେକ୍ଷା ବି କରିଛନ୍ତି -

ରମଣୀର ଜ୍ଞାନେ ପୁଣି ରମଣୀ ସମ୍ମାନେ
ରମଣୀ ଶାସନ ଦଣ୍ଡେ ଶାନ୍ତା ଧରଣୀ

Digitized by PPRACHIN, SOA

ଚିନ୍ତା ନାହିଁ କୁମୁଦୀନି ସାଧୁ ଏ କଳ୍ପନା
ହେବ ନାରୀ ରାଜ୍ୟ ବିଶ୍ୱେ ଆସିବ ସେଦିନ । ତତ୍ରୈବ : ପୃ ୨୦୪

ଟେନିସନ୍‌ଙ୍କ ପରି କାବ୍ୟ ମଧରେ ସେ ଏକ ମହିଳା ବିଶ୍ୱବିଦ୍ୟାଳୟ ପରିକଳ୍ପନା କରିଛନ୍ତି । ପ୍ରିନ୍‌ସେସ୍ କାବ୍ୟରେ କେବଳ ଏକ ବିଶ୍ୱବିଦ୍ୟାଳୟର ବର୍ଣ୍ଣନା ରହିଥିବାବେଳେ ନୀଳକଣ୍ଠଙ୍କ କାବ୍ୟରେ କଳ୍ପିତ ମହାବିଦ୍ୟାଳୟକୁ ଗୁଣାତ୍ମକ ଭାବରେ ନାଳନ୍ଦାର ସମତୁଲ କରିଛନ୍ତି । ମଗଧ ରାଜ୍ୟର ନାଳନ୍ଦା ବିଶ୍ୱବିଦ୍ୟାଳୟ ଯେଉଁଠି ଚୀନ ପରିବ୍ରାଜକ ହୁଏନ୍‌ସାଂ ପାଞ୍ଚବର୍ଷ ପାଇଁ ପାଲି, ସଂସ୍କୃତ ଓ ବୌଦ୍ଧ ଶାସ୍ତ୍ର ଅଧ୍ୟୟନ କରିଥିଲେ । ସମଗ୍ର କାବ୍ୟରେ କବି ମହାବିଦ୍ୟାଳୟର ନାମକୁ ନାଳନ୍ଦା ଭାବରେ ଗ୍ରହଣ କରି ନିଜ ଜାତିପ୍ରୀତିର ପ୍ରମାଣ ଦେଇଛନ୍ତି ।

"କରନ୍ତି ପରାଣ ପଣ ନାରୀ ଶିକ୍ଷା ଲାଗି
ବସାନ୍ତି ନଳଂଦସମ ମହାବିଦ୍ୟାଳୟ " ତତ୍ରୈବ :ପୃ : ୨୦୮

ତତ୍‌ସହିତ ପ୍ରାରମ୍ଭ ଭାଷଣରେ କବି ଭାରତୀୟ ସଂସ୍କୃତି ଓ ଅତୀତକୁ ଅତି ଅନ୍ତରଙ୍ଗ ଭାବରେ ବର୍ଣ୍ଣନା କରିଛନ୍ତି । ସମାଲୋଚକ ଡ. ପ୍ରମୋଦକୁମାର ଦ୍ୱିବେଦୀଙ୍କ ମତରେ– "କବି ନୀଳକଣ୍ଠ ଏହିପରି ବର୍ଣ୍ଣନାକୁ ବାଦ୍ ଦେଇ ପ୍ରଣୟିନୀ କାବ୍ୟରେ ଲଙ୍କାପୁର ଅଯୋଧ୍ୟା, ରଘୁବଂଶ, ସରଯୁ, ଗଙ୍ଗବଂଶ ଓ କୋଣାର୍କ ମନ୍ଦିର ଆଦିର ଉଦାହରଣ ଦେଇ ସ୍ୱଦେଶୀୟ ପୁରାଣ ଓ ଇତିହାସର ଉଦ୍ଧୃତି ଉପସ୍ଥାପନ କରିଛନ୍ତି ଏବଂ ତତ୍‌ଦ୍ୱାରା ମୂଳକାବ୍ୟଠାରୁ ବିସ୍ତୃତ ଭାବରେ ଅତୀତର ଉତ୍କର୍ଷତା ଦର୍ଶାଇଛନ୍ତି ।' (ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ ପ୍ରତିଭା) – ପିଏଚ୍.ଡ଼ି. ନିମନ୍ତେ ପ୍ରସ୍ତୁତ ଗବେଷଣା ସନ୍ଦର୍ଭ (ଡଃ. ପ୍ରମୋଦକୁମାର ଦ୍ୱିବେଦୀ – ୧୯୮୩)

କାହାଣୀର ଅଗ୍ରଗତିରେ ବିଶେଷ ଭିନ୍ନତାକୁ ସମାଲୋଚକମାନେ ଅନୁଭବ କରିପାରନ୍ତି ନାହିଁ । ଇଡ଼ା – ରାଜଜେମା – ରାଜା ଗୋମଙ୍କ କନ୍ୟା – ଯୁବରାଜ ବା ପ୍ରିନ୍‌ସେସ୍‌ଙ୍କ ବାଗ୍‌ଦତ୍ତା । ବିବାହ ବୟସରେ ଉପନୀତ ହେବା ପରେ ବିବାହ ପ୍ରସ୍ତାବ ନେଇ ରାଷ୍ଟ୍ରଦୂତ ପହଞ୍ଚେ ରାଜା ଗୋମଙ୍କ ନିକଟରେ । କିନ୍ତୁ ପିଲାଦିନର ସେହି ସନ୍‌ମତି ଯୌବନରେ ଆଗ୍ରହୀ । ନକାରାତ୍ମକ ଉତ୍ତର ସହ ଫେରିଆସେ ରାଜଦୂତ । ଅବଶ୍ୟ ନକାରାତ୍ମକ ନିଷ୍ପତ୍ତିଟି ଏକ ବାମାବାଦୀ ମାନସିକତାର ଅଂଶବିଶେଷ । ପୁରୁଷ ସମାଜ ଘୃଣିତ ରାଜଜେମାଙ୍କ ନିମନ୍ତେ । ନିଜର ବାନ୍ଧବୀ ମତି ଓ ମହାଶ୍ୱେତାଙ୍କ ସହ ଏକ ମହିଳା ବିଶ୍ୱବିଦ୍ୟାଳୟର ପରିକଳ୍ପନାରେ ତଲ୍ଲୀନ ରାଜଜେମା । ଉତ୍ତର ପ୍ରାପ୍ତି ପରେ କିନ୍ତୁ କ୍ଷୁବ୍ଧ ହୋଇଛନ୍ତି ରାଜା । ରାଜୋଚିତ କ୍ଷତ୍ରିୟଧର୍ମ ପାଳନର ଦ୍ୱାହିଦେଇ ସେ ଯୁଦ୍ଧ ନିମନ୍ତେ ପ୍ରସ୍ତାବ ରଖନ୍ତି । କିନ୍ତୁ ଯୁବରାଜଙ୍କ ହୃଦୟ– ଯୁଦ୍ଧ ବା ତରବାରୀର ଜୟକୁ ହୃଦୟର ବିଜୟ ଭାବରେ ଗ୍ରହଣ କରିପାରି ନାହାନ୍ତି । ନିଜର ଆତ୍ମାମଧ୍ୟରୁ କେହି ଜଣେ ପ୍ରେମର ଭାଷାରେ କଥା କହିଛି–

Digitized by PPRACHIN, SOA

ପୁଛିଲି ଦିଶିଲା ମୋତେ ଗରବ କମ୍ପିତ
ଆଲେଖ୍ୟର ଓଷ୍ଠଯୁଗ, ପରତେ ଲାଗିଲା
ପ୍ରାନ୍ତର କନକବାହୀ, ନିକୁଞ୍ଜ ଝଙ୍କାରୀ
ସଂଗୀତ -ମର୍ମର - ତୀବ୍ର - ତାର ସ୍ୱର ଭେଦୀ
ଅବାଚୀ - କକୁଭ - ସାରୀ - ମରୁତ -ଝଙ୍କାରେ
କହିଲା ଯେହ୍ନେ କେ ମୋତେ "ଯାଅ ଅନୁସର
ଆମ୍ଭ କଳ୍ପନାର ପଥ, ପାଇବ ମୁକର" (ତତ୍ରୈବ . ପୃ. ୨୦୮)

ଅନ୍ତରଙ୍ଗବନ୍ଧୁ ରତୁଧ୍ୱଜ ଏବଂ ପାରିଜାତଙ୍କ ସହ ପ୍ରେମ ମାଧ୍ୟମରେ ଜେମାଙ୍କୁ ବଶୀଭୂତ କରିବା ଉଦ୍ଦେଶ୍ୟ ନେଇ ସେମାନେ ନାରୀ ଛଦ୍ମବେଶରେ ପ୍ରବେଶ କରନ୍ତି ନାଳଂଦ ମଧ୍ୟରେ । ପ୍ରବେଶାନ୍ତେ ରତୁଧ୍ୱଜ କଥା ପ୍ରସଙ୍ଗରେ ଯୁବରାଜଙ୍କ ପ୍ରଶଂସା କରନ୍ତେ - ରାଜଜେମା ହୋଇଉଠନ୍ତି ପ୍ରତିକ୍ରିୟାଶୀଳ । ରମଣୀ ବିଶ୍ୱବିଦ୍ୟାଳୟର କଠୋର ସର୍ତ୍ତକୁ ମାନିବାକୁ ବାଧ୍ୟ ହୋଇଛନ୍ତି ଯୁବରାଜ ଓ ବନ୍ଧୁଦ୍ୱୟ । ତିନିବର୍ଷ ପର୍ଯ୍ୟନ୍ତ ଘରକୁ ଚିଠିପତ୍ର ଦିଆଯିବ ନାହିଁ, ବିଦ୍ୟାଳୟ ଛାଡ଼ି ତିନିବର୍ଷ ପର୍ଯ୍ୟନ୍ତ ଯିବାକୁ ହେବ ନାହିଁ, କୌଣସି ପୁରୁଷ ସହିତ କଥାବାର୍ତ୍ତା ହେବ ନାହିଁ- ଏହିଭଳି ଅନେକ ସର୍ତ୍ତ ମଧ୍ୟରେ ବାନ୍ଧି ହୋଇଯାଇଛନ୍ତି ସେମାନେ -

କହିଲେ ସେ ଜେମା ତହୁଁ "ଜାଣ ସାବଧାନେ
ନବଦାରୁ ସମ ତୁମ୍ଭେ, ନହୁଅ ଯେପରି
ଶୀତତାପେ ବକ୍ର କେବେ । ତତ୍ରୈବ - ପୃ - ୨୧୪

ନାଳଂଦର ବର୍ଣ୍ଣନା ପ୍ରସଙ୍ଗରେ ରାଜଜେମା ବଖାଣି ବସିଛନ୍ତି ଭାରତୀୟ ସଂସ୍କୃତିର ପରିଚିତ ଅନେକ ନାରୀଙ୍କ ବଡ଼ିମା । ନୀରବରେ ଶୁଣିଛନ୍ତି ସେ । ଶୁଣିଛନ୍ତି ନାରୀ ସ୍ୱାଧୀନତାର ଅଭିଭାଷଣ । ଆଲୋଚନା କରିଛନ୍ତି ରାଜଜେମାଙ୍କ ସହ ନାରୀ ସମାନତାର ଭବିଷ୍ୟତ ସଂପର୍କରେ ।

ସବୁଠାରେ ସମହେବେ ନର ସଙ୍ଗେ ନାରୀ
ରନ୍ଧନଶାଳାରେ ଦୁହେଁ ଦୁହେଁ ମନ୍ତ୍ରଣାରେ
ଜଟିଳ ସଂସାର କର୍ମେ ଦୁହେଁ, ଦୁହେଁ ତୁଲ । ତତ୍ରୈବ - ପୃ. ୨୧୯

ସବୁକିଛି ଠିକ୍‌ଠାକ୍ ଚାଲିଥିଲା । କିନ୍ତୁ ସମୟର ଅଗ୍ରଗତି ସହିତ ଯୁବରାଜଙ୍କ ଭାଗ୍ୟରେ ଦେଖାଦିଏ ବିପର୍ଯ୍ୟୟ । ଯୁବରାଜଙ୍କ ଛଦ୍ମବେଶୀ ଆବରଣ ପ୍ରକାଶିତ ହୁଏ । ଜେମା ନିଜ ପିତା ଗୋମ ଓ ଭ୍ରାତୃଗଣଙ୍କ ସହାୟତା ନେଇ ଯୁଦ୍ଧ ଘୋଷଣା କରନ୍ତି । ଯୁବରାଜ ନିଜର ସୈନ୍ୟ ସାମନ୍ତଙ୍କ ସହ ଏହାକୁ ସ୍ୱୀକାର କରନ୍ତି । ରମଣୀ ବିଶ୍ୱବିଦ୍ୟାଳୟ କ୍ରମଶଃ ଯୁଦ୍ଧ କ୍ଷେତ୍ରରେ ପରିଣତ ହୁଏ । କବିଙ୍କ କଳ୍ପନାରେ ଏହା ପାଲଟିଯାଏ କୁରୁକ୍ଷେତ୍ର । ଆଘାତପ୍ରାପ୍ତ ଯୁବରାଜ ହୁଅନ୍ତି କ୍ଷତାକ୍ତ ରକ୍ତାକ୍ତ । ଜୀବନ ମରଣର ସନ୍ଧିକ୍ଷଣରେ ତଥାପି ସେ ରାଜଜେମାଙ୍କ ନିମନ୍ତେ ଘୋଷଣା କରନ୍ତି ପ୍ରେମର ବାର୍ତ୍ତା -

Digitized by PPRACHIN, SOA

Except you stay me here
According to your bitter statute book
I can't cease to follow you
But half without you; with you whole
and of these halves you worthiest

Princess - by Lord Alfred Tennyson

ଆହତ ଯୁବରାଜଙ୍କୁ ଦେଖି ମନ ବିଚଳିତ ହୋଇଉଠେ । ଜନ୍ମନିଏ ମାନବିକତା । ସେବାରେ ମନପ୍ରାଣ ଢାଳି ଦିଅନ୍ତି ରାଜଜେମା ।

ନଳଂଦ ପାଲଟିଯାଏ ଏକ ସେବାକ୍ଷେତ୍ର ।
ରମଣୀର ପୁଣ୍ୟ ପୀଠ ସେ ମହା ନଳଂଦ
ଭାଙ୍ଗିଲା ବିଧାନେ ଏବେ । ହେଲା ସେ ଏସନେ
ପରିଣତ ରୋଗୀ ଜନେ ପରିଚର୍ଯ୍ୟା ଲାଗି
ଚିକିତ୍ସା ମନ୍ଦିରେ ଶଶବ୍ୟସ୍ତେ ମୁହୂର୍ତ୍ତକେ
× × × ×
ମୃଦୁ ମଧୁ ନାରୀ ଭାଷା ତୋଷିଲା ପରାଣ
ନାରୀ କ୍ରମ କରେ ରୋଗୀ ଲଭିଲେ ଉଷତ

ପ୍ରଣୟିନୀ - ନୀଳକଣ୍ଠ ଗ୍ରନ୍ଥାବଳୀ ପ୍ରଥମ ଭାଗ - ପୃ - ୨୯୨

ସେବା ସମୟରେ ବୌଦ୍ଧିକ ଆଲୋଚନାରେ ରାଜଜେମା ବ୍ୟସ୍ତ ରୁହନ୍ତି । ସେ ଅନୁଭବ କରନ୍ତି ନାରୀ ଓ ପୁରୁଷ ପ୍ରେମରେ ରହିଛି ସାମ୍ୟଚେତନା କେବେ ବି ଅଧିକୃତ ହୁଏ ନାହିଁ ପୁରୁଷ ଦ୍ୱାରା ବରଂ ନାରୀ ଓ ପୁରୁଷ ସଦାସର୍ବଦା ଆତ୍ମସମର୍ପିତ ପ୍ରେମର ବଳୟ ମଧ୍ୟରେ । ଏହିଠାରେ ଶେଷ ହୋଇଛି ଅଭିନୟ ।

ଅନ୍ତିମ ସୋପାନ ବା ଶେଷକଥାରେ (conclusion) ଟେନିସନ୍ ନାଟକର ଆଙ୍ଗିକ ଓ ଶେଷ ପରିଣତି ସଂପର୍କରେ ଆଲୋଚନା କରିଛନ୍ତି ।

So closed out tale of which I give you all
The random scheme as wildly as it rose
The words are mostly mine, for when we ceased
There came a minutes pause and walter said
"I wish she had not yielded then to me
what of you drest it up poetically

Princess by Lord Alfred Tennyson

ଏବଂ କାବ୍ୟାନ୍ତରେ ଟେନିସନ୍ ଏକ ଶାନ୍ତ ସୁଶାନ୍ତ ବିଦାୟର କଥା କହିଛନ୍ତି -
Last little lily, rising quietly

Digitized by PPRACHIN, SOA

Disrobed the glimmering statute of sir ralph
from those rich silks and home
well pleased we went-
Princes by Lord Alfred Thennyson

ପ୍ରାନ୍ତଭାଷଣରେ କିନ୍ତୁ ନୀଳକଣ୍ଠ ସଂପୂର୍ଣ୍ଣଭାବରେ ଭିନ୍ନ । ନାରୀ ସ୍ୱାଧୀନତା ଅପେକ୍ଷା ଏଠାରେ ପ୍ରେମର ପ୍ରାବଲ୍ୟ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ । ନାରୀ ସ୍ୱାଧୀନତା, ନାରୀ ଶିକ୍ଷାର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ କାବ୍ୟାରମ୍ଭ କରିଥିବା ନୀଳକଣ୍ଠ ଟେନିସନ୍‌ଙ୍କ ପରି କାବ୍ୟାନ୍ତରେ ନିଜ ଲକ୍ଷ୍ୟ ଠାରୁ ଦୂରେଇ ଯାଇଛନ୍ତି । ଅବଶ୍ୟ ଏକ ଚିରନ୍ତନ ସତ୍ୟ ଏଠାରେ ଉପଲବ୍ଧ । ସାମାଜିକ ସନ୍ତୁଳନ କ୍ଷେତ୍ରରେ ନାରୀ ଓ ପୁରୁଷ ଉଭୟଙ୍କ ସମାନ ଭୂମିକା ଓ ଆବଶ୍ୟକତା ରହିଛି । ଜଣକ ଅନୁପସ୍ଥିତିରେ ସାମାଜିକ କ୍ରିୟା ହୁଏ ଭୂଲୁଣ୍ଠିତ । ତେଣୁ ନାରୀଅଧିକାରର ମାନସିକତା ନେଇ ଆରମ୍ଭ ହୋଇଥିବା କାବ୍ୟ ଏକ ପ୍ରେମ ଆବେଦନ ମଧ୍ୟରେ ସମାପ୍ତି ହୋଇଛି ।

"ଆସ ପ୍ରାଣ ଦିଅ ଢାଳି ଏ ପରାଣେ ମମ
କର ଆତ୍ମଦାନ ପ୍ରିୟେ ହୃଦୟେ ହୃଦୟେ
ଏକ ଆଶା ଅଭିଳାଷ ଉଠଇ, ପ୍ରେୟସି
କର ପୂର୍ଣ୍ଣ ଏ ଜୀବନ କର ପୂର୍ଣ୍ଣ ତୋରେ
ସୁମନ ଲଳିତ ତବ କର ମମ କରେ ତ
ରଖ ବାଳା ଦିଅ ମୋର ବିଶ୍ୱାସେ ଜୀବନେ'
ତତ୍ରୈବ - ପୃ -୩୦୬

ଶେଷକଥାର ନୀରବ ପ୍ରସ୍ଥାନ ଅନେକ କଥା କହିଥାଏ । । ସେହି ଏକା ପ୍ରଶ୍ନ– wish she had not yielded then to me ବା ଇଚ୍ଛା ମମ ଜେମା ଦେଇ ନଥାନ୍ତା କହି ହାତ ବିବାହ ବନ୍ଧନେ"– ଥିଲା ସମାଜ ପ୍ରତି ଏକ ଆହ୍ୱାନ । ପୁରୁଷ ବ୍ୟତୀତ ନାରୀର ସ୍ଥିତି ଅସମ୍ପୂର୍ଣ୍ଣ । ସେଥିପାଇଁ ତ କବି କହିଛି - କର ପୂର୍ଣ୍ଣ ଏ ଜୀବନ - କର ପୂର୍ଣ୍ଣ ତୋରେ" । ନାରୀର ନୀରବତା ସମ୍ମତିର ଲକ୍ଷଣ ।

କୁମୁଦୁନୀ ସଂଗେ ଯାହା ଗଂଭୀର ରହସ୍ୟେ
ହୋଇଥିଲା ରଂଗ ରସ, ହୋଇଥାନ୍ତା ସାଙ୍ଗ
ନାରୀଏ ସେଠାରେ ବୁଝି ଶକ୍ତି ଆପଣାର
ତରଳ ସଂଗୀତ ରସେ ନ ଖେଳି ଚତୁରୀ
ରହିଲେ ନୀରବେ । ମନେ କରୁଥିଲେ କି ସେ
ତତ୍ରୈବ - ପୃ .୩୦୩

ଅଧିକାରପ୍ରବଣ ମାନସିକତା ଏକ କର୍ତ୍ତବ୍ୟ ମନସ୍କ ତଥା ସାମାଜିକ ଅଙ୍ଗୀକାରବଦ୍ଧତା ମଧ୍ୟରେ ଶେଷ ହୋଇଛି ଏବଂ ଏହାହିଁ କାବ୍ୟିକ ଉପଲବ୍ଧି ।

Digitized by PPRACHIN, SOA

କେବଳ କାହାଣୀର ଅଗ୍ରଗତି ବା ପରିଣତି ନୁହେଁ ବରଂ କାବ୍ୟର ପ୍ରତ୍ୟେକ ଅଂଶରେ ସଂସ୍କୃତ କାବ୍ୟ କୌଶଳର ବର୍ଣ୍ଣନାକୁ ପାଠକ ଅନୁଭବ କରିଥାଏ । ଶବ୍ଦ ସଂଯୋଜନାରେ ଶବ୍ଦର କଠୋରତା ପ୍ରଦର୍ଶନ କରିଛନ୍ତି ନୀଳକଣ୍ଠ । ଛାତ୍ର ଜୀବନରେ ଆହରଣ କରିଥିବା ସଂସ୍କୃତ ଜ୍ଞାନର ପ୍ରୟୋଗକ୍ଷେତ୍ର ପ୍ରଣୟିନୀ କାବ୍ୟ । ତତ୍ସମ ଓ ତଦ୍ଭବ ଶବ୍ଦର ବହୁଳ ପ୍ରୟୋଗ ଏହାର ଶ୍ରେଷ୍ଠ ଉଦାହରଣ । ସେହିପରି ଉପମା ଅଳଙ୍କାର ପ୍ରୟୋଗ କ୍ଷେତ୍ରରେ କବି ରୀତିଯୁଗର ଆଦର୍ଶକୁ ଆପଣାଇ ନେଇଛନ୍ତି । ସମଗ୍ର କାବ୍ୟକୁ ମୁକ୍ତ ଛନ୍ଦରେ ରଚନା କରିଥିଲେ ମଧ୍ୟ ନିଜର ସଂଗୀତଜ୍ଞାନର ପରିଚୟ ଦେବାକୁ ଯାଇ ପ୍ରତି ସର୍ଗରେ ସେ ଗୁନ୍ଥି ଦେଇଛନ୍ତି ଗୋଟିଏ ଗୋଟିଏ ସଂଗୀତ । ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କ ପାଣ୍ଡିତ୍ୟକୁ ପାଠକ ସହଜରେ ଅନୁଭବ କରିପାରେ । ଉଦାହରଣ ପ୍ରଭାତର ଦୃଶ୍ୟକୁ ବର୍ଣ୍ଣନା କରିଛନ୍ତି ନୀଳକଣ୍ଠ –

ପ୍ରଭାତିଲା ବିଭାବରୀ ଆସିଲା ରମଣୀ
ଘେନି ନବ ପରିଚ୍ଛଦ ଶିର ଆବରଣ
ସ୍ୱତନ୍ତ୍ର ସେ ନଳଂଦର ସୁନୀଳ ରେସମ
ମଧ୍ୟେ ମଧ୍ୟେ ସୁନାଜରି ନିରୁପମ ଛଟା ତତ୍ରୈବ – ପୃ. ୨୧୩

ସେହିପରି ନାୟିକାର ବର୍ଣ୍ଣନା କ୍ରମରେ କବି ଲେଖୁଛନ୍ତି –

ଦେଖିଲୁ କି ଅବା ରମ୍ୟ ରମଣୀର ରୂପେ
ପୁଂଜୀଭୂତ ସର୍ବଶୋଭା; ବସିଛନ୍ତି ଜେମା
ତରଣି-ସନ୍ନିଧ-ସ୍ୱଚ୍ଛତର-ଗ୍ରହବାସୀ
ସ୍ୱର ନିନ୍ଦି ନେତ୍ରଶୋଭା, ପ୍ରଚଂଡ ଲାବଣ୍ୟ
ପ୍ରଶସ୍ତ ଲଲାଟ ଭୀମ ଲଳିତ କଂପନେ
ଜୀବଂତ ପ୍ରଭାବେ ଭେଦି ଅଂଗ ପ୍ରତିଅଂଗ
ଅଂଗୁଳି ପ୍ରପଦ ଯାଏ ଦିଶୁଥିଲା ତୋରା
ସୌନ୍ଦର୍ଯ୍ୟର ଶକତିରେ ସେ ଅତୁଳ ଛବି । (ତତ୍ରୈବ, ପୃ. ୨୧୩)

ସମାଲୋଚକ ଡଃ. ପ୍ରମୋଦକୁମାର ଦ୍ୱିବେଦୀଙ୍କ ମତରେ "ବର୍ଣ୍ଣନାଗୁଡ଼ିକରେ କବିଙ୍କ କବିତ୍ୱ ଓ ପାଣ୍ଡିତ୍ୟର ସମନ୍ୱିତ ଏକ ଅର୍ଦ୍ଧନାରୀଶ୍ୱର ରୂପ ଦେଖିବାକୁ ମିଳିଥାଏ" । (ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ ପ୍ରତିଭା ଡଃ. ପ୍ରମୋଦକୁମାର ଦ୍ୱିବେଦୀ – ପୃ. ୧୩୮)

ଆଶ୍ଚର୍ଯ୍ୟ ସଂଯୋଗ । ପ୍ରକୃତରେ ପଣ୍ଡିତ ନୀଳକଣ୍ଠ ପଣ୍ଡିତ : ଦେଶପ୍ରେମୀ । ଅନୁକୃତିର ଆଧାରରେ ସେ ମୂଳକାବ୍ୟ ପ୍ରତି ବିଶ୍ୱସ୍ତ ପୁଣି ଓଡ଼ିଆ କାବ୍ୟ ଧାରାରେ ସେ ସଂପୂର୍ଣ୍ଣ ଓଡ଼ିଆ – ସମାଲୋଚନା ନିମନ୍ତେ କାହାକୁ ବି ସୁଯୋଗ ଦେଇନାହାନ୍ତି । ଏହାହିଁ ତାହାଙ୍କ ବିଶେଷତ୍ୱ –ସଫଳତାର ରହସ୍ୟ ।

Digitized by PPRACHIN, SOA

# ନୀଳକଣ୍ଠ : ସାଂସ୍କୃତିକ ଚେତନାର ବୈପ୍ଳବିକ ଆତ୍ମସତ୍ତା

ଡ. ନଗେନ୍ ଦାସ

ନୀଳକଣ୍ଠ ଦାସ ଓଡ଼ିଶୀ ସାମାଜିକ, ସାଂସ୍କୃତିକ ତଥା ରାଜନୀତିକ କ୍ଷେତ୍ରରେ ଥିଲେ ଜଣେ ଉତ୍ତୁଙ୍ଗ ପୁରୁଷ । ତାଙ୍କର ବୁଦ୍ଧିବାଦୀ ତର୍କଶାଣିତ ଉର୍ବର ମସ୍ତିଷ୍କ ଭିତରେ ସର୍ବଦା ଅନୁଗୁଞ୍ଜିତ ହୋଇଥିଲା ବୈଜ୍ଞାନିକ ଅନୁଚିନ୍ତା ତଥା ନିର୍ଭୀକତା । ତେଣୁ ତାଙ୍କର ବ୍ୟକ୍ତିସତ୍ତା ବୈପ୍ଳବିକ ମାନବବାଦ ତଥା ହେତୁବାଦୀ ଜୀବନ ଦର୍ଶନ ପ୍ରତି ଥିଲା ଅନୁରକ୍ତ । "ବହୁ ଶାସ୍ତ୍ର ବିଦ୍‌ବତ୍ତା ସହିତ ପ୍ରଖର ବାଗ୍ମିତା, କୋମଳ ବିନିମୟ ସହିତ କଠୋର ବୈଜ୍ଞାନିକତାର ଅପୂର୍ବ ସମନ୍ୱୟରେ ଏକ ବିସ୍ମୟକର ପ୍ରତିଭା ରୂପେ ସମସ୍ତଙ୍କୁ ଚକିତ କରିଛନ୍ତି ।" (୧) ବିବିଧ କ୍ଷେତ୍ରରେ ତାଙ୍କର ଦାର୍ଶନିକ ଦୃଷ୍ଟି ତଥା ବୌଦ୍ଧିକ ମନନଶୀଳତା ନବନବୋନ୍ମେଷଶାଳିନୀ ପ୍ରଜ୍ଞାର ଧାରକ ଥିଲା । କେବଳ ମାନସ ମନ୍ଥନ ଜନିତ ପାଣ୍ଡିତ୍ୟର ଅଧିକାରୀ ନଥିଲେ; କର୍ମ ସଂସ୍କୃତି ପ୍ରତି ଥିଲା ତାଙ୍କର ପ୍ରବଳ ଆସକ୍ତି ଓ ପ୍ରତିବଦ୍ଧତା । ସେଥିପାଇଁ କର୍ମ ସହିତ ପ୍ରଜ୍ଞାର ଅପୂର୍ବ ସମନ୍ୱୟ ତାଙ୍କ ଜୀବନ ଦର୍ଶନ ତଥା ବ୍ୟାବହାରିକ କ୍ଷେତ୍ରରେ ପ୍ରତିଫଳିତ । ତାଙ୍କ ସମସାମୟିକ ବ୍ୟକ୍ତିମାନଙ୍କ ଭିତରେ ଥିବା ଭାବବାଦୀ ଚିନ୍ତା ସମୂହକୁ ବୈଜ୍ଞାନିକ ଅନୁଚିନ୍ତାରେ ରୂପାନ୍ତର କରି ନିଜ ବିଜ୍ଞାନସମ୍ମତ ସିଦ୍ଧାନ୍ତଗୁଡ଼ିକୁ ପରିବେଷଣ କରୁଥିଲେ ।ଚିନ୍ତାର ସମନ୍ୱୟ ଓ ସିଦ୍ଧାନ୍ତର ଏକମୁଖୀନତା ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ପ୍ରଭାବଶାଳୀ କରିଥିଲା । ବହୁମୁଖୀ ଆଦର୍ଶକୁ ଭିତ୍ତିକରି ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା ୧୯୦୯ ମସିହାରେ । ସେହି ଆଦର୍ଶଗୁଡ଼ିକୁ ମୁକ୍ତ ମନରେ ଦୃଢ଼ତାର ସହ ଅନୁସରଣ କରି ଅନୁରୂପ କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରଣରେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଗୋଟିଏ ପଟେ ଉପନିବେଶିକ ଶାସନରେ ଲାଞ୍ଛିତ, ଅବଦମିତ ଭାରତୀୟ ଜନମାନସ ଏବଂ ଅନ୍ୟପଟେ ଓଡ଼ିଆ ଭାଷା, ସାହିତ୍ୟ ତଥା ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ବୈପ୍ଳବିକ ଆହ୍ୱାନ – ଏହିପରି ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସମୟରେ ତାଙ୍କର ଆବିର୍ଭାବ । ଇଂରେଜ ଉପନିବେଶିକ ଶାସନଚକ୍ର ତଳେ ଥାଇ, କେବେହେଲେ ଔପନିବେଶିକ ଶକ୍ତିକୁ ବ୍ୟବହାର କରି ନାହାନ୍ତି ନିଜ ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ । ପରନ୍ତୁ, ଆଧୁନିକ ଶିକ୍ଷା ଗ୍ରହଣ କରି ନିଜ ବ୍ୟକ୍ତିତ୍ୱର ବିକାଶ ଘଟାଇଛନ୍ତି, ପ୍ରତିବାଦ କରିଛନ୍ତି, ଅସହଯୋଗ

Digitized by PPRACHIN, SOA

ଆନ୍ଦୋଳନ କରି ଜେଲ ଯାଇଛନ୍ତି । ଯେକୌଣସି ସାମ୍ରାଜ୍ୟବାଦୀ ଶକ୍ତିର ମୂଳ ଲକ୍ଷ୍ୟ ହେଲା ଅଧୀନସ୍ଥ ଦେଶୀ ସଂସ୍କୃତିର ଧ୍ୱଂସ ସାଧନ କରି ନିଜ ସଂସ୍କୃତିକୁ ପୂର୍ଣ୍ଣ ରୂପେ ପ୍ରତିଷ୍ଠା କରିବା ଏବଂ ଉପଭୋକ୍ତାବାଦୀ ବସ୍ତୁର ଇନ୍ଦ୍ରଜାଲ ନିର୍ମାଣ କରି ନିଜ ଉତ୍ପାଦିତ ଦ୍ରବ୍ୟର ବିପଣୀ ଖୋଲି ତାର ଚାହିଦା ବୃଦ୍ଧି କରିବା । ଏଥିରୁ ଯେଉଁ ବିପଣୀ -ସଂସ୍କୃତିର ସ୍ଥାପନ ହେବ ସେଥିରେ ଦେଶୀ ଲୋକ ସହଜରେ ସାମ୍ରାଜ୍ୟର ଆଧିପତ୍ୟକୁ ମହାଉଲ୍ଲାସରେ ଆଲିଙ୍ଗନ କରିବେ । ନୀଳକଣ୍ଠ ଖୁବ୍ ନିକଟରୁ ଦେଖିଥିବେ ପରିବର୍ତ୍ତିତ ଆଧୁନିକ ଶିକ୍ଷାରେ ଦୀକ୍ଷିତ କଙ୍କାଳସାର ଶୂନ୍ୟ ନବ୍ୟ ଶିକ୍ଷିତମାନଙ୍କୁ ଏବଂ ଅନୁଭବ କରିଥିବେ ନିଜ ସଂସ୍କୃତିର ପଦଦଳିତ ଅବସ୍ଥା ଓ ତାର ଅବକ୍ଷୟୀ ରୂପ ଚିତ୍ର । ତେଣୁ ନୀଳକଣ୍ଠଙ୍କ ମନରେ ନିଶ୍ଚିତ ରୂପେ ଉଦୟ ହୋଇଥିବ ସ୍ୱ ସଂସ୍କୃତି, ଭାଷା, ସାହିତ୍ୟର ସୁରକ୍ଷା ନିମନ୍ତେ ପ୍ରତିବଦ୍ଧତା । ଯାହା ତାଙ୍କ ମନସ୍ତିଜରେ ସଞ୍ଚାରିତ କରିଥିବ ଜାତୀୟତାବୋଧର ଉଦ୍‌ବେଳନ । ସେଥିପାଇଁ ଖୁବ୍ ସଚେତନ ଭାବେ, ସାମ୍ରାଜ୍ୟବାଦ କର୍ତ୍ତୃକ ଅଭିସନ୍ଧିମୂଳକ ପାଶ୍ଚାତ୍ୟ ଶିକ୍ଷାନୀତିରେ ଥିବା ବୈଜ୍ଞାନିକ ଅନୁଚିନ୍ତାକୁ ସେ ଆତ୍ମସ୍ଥ କରିଛନ୍ତି ଏବଂ ତାକୁ ପ୍ରୟୋଗ କରିଛନ୍ତି ଉପନିବେଶବାଦ କର୍ତ୍ତୃକ ସଂସ୍କୃତିର ଶଙ୍କରାୟଣ ପ୍ରକ୍ରିୟାର ସମୂଳ ଉଚ୍ଛେଦ ପାଇଁ । "ସେ ଓଡ଼ିଶାର ସଂସ୍କୃତି , ଧର୍ମ ଚଳଣିକୁ ଧରି ଯୁକ୍ତିଯୁକ୍ତ ମାନବଧର୍ମୀ ଚିନ୍ତାଧାରାରେ ଏକ ନୂତନ ମାର୍ଗ ପ୍ରଦର୍ଶନ କରିଅଛନ୍ତି । ସ୍ୱାଧୀନ ଚିନ୍ତାଦ୍ୱାରା ପ୍ରଚଳିତ ଧର୍ମାନ୍ଧତାର ଅନୁଶୀଳନ ଓ ଯୁକ୍ତିଯୁକ୍ତ ବିଚାର ଦ୍ୱାରା ସାମାଜିକ ନୂତନ ମୂଲ୍ୟବୋଧ ଉପରେ ସାମାଜିକ ଚଳିଚଳଣିର ମୂଲ୍ୟାୟନ ଦାର୍ଶନିକ ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ଓ ତାତ୍ପର୍ଯ୍ୟପୂର୍ଣ୍ଣ ।" (୨) ବିଶ୍ୱର ଅବଧାରଣାଗୁଡ଼ିକୁ ସଂସ୍କୃତି କୋଳାଗ୍ରତ କରି ଏକ ସୌନ୍ଦର୍ଯ୍ୟବୋଧର ପରିପ୍ରକାଶ ଘଟାଇଥାଏ ଏବଂ ନିରବଚ୍ଛିନ୍ନ ଭାବେ ଏକ ଉଚ୍ଚ କଳାବୋଧ ସଂପ୍ରସାରିତ ହୋଇଥାଏ ସେଇ ସାଂସ୍କୃତିକ ପରିମଣ୍ଡଳସ୍ଥ ଜନସମୂହଠାରେ । ତେଣୁ ନୀଳକଣ୍ଠ ଅନୁଭବ କରିଛନ୍ତି ଉପନିବେଶବାଦରେ ଶିକାର ହେଉଥିବା ଉତ୍କଳୀୟ ସାଂସ୍କୃତିକ ଅଭିଚେତନାଟି । ଉତ୍କୃଷ୍ଟ କଳାପ୍ରବଣ ଉତ୍କଳରେ ବିଜାତୀୟ ସଂସ୍କୃତିର ଆଧିପତ୍ୟକୁ ଦମନ କରି ସ୍ୱସଂସ୍କୃତିର ଜୟଗାନ କରିବାକୁ ପଶ୍ଚାତପଦ ହୋଇନାହାନ୍ତି । ଅପର ପକ୍ଷରେ ରଢ଼ିବାଦୀ ପରମ୍ପରାକୁ ପ୍ରତିହତ କରିବା ସହିତ ବ୍ରାହ୍ମଣ୍ୟ ମତାନ୍ଧତାରୁ ଉର୍ଦ୍ଧ୍ୱକୁ ଯାଇ ଯେଉଁ ସଂସ୍କାରମୂଳକ ଅଭିଚେତନାଟିକୁ ନିଜ ଉପରେ ପ୍ରୟୋଗ କରିଥିଲେ, ତାହା ତାଙ୍କ ସୂକ୍ଷ୍ମ ଦାର୍ଶନିକ ଚିନ୍ତାର ଏକ ପ୍ରୟୋଗାତ୍ମକ ଅନୁଶୀଳନ ବୋଲି କୁହାଯାଇପାରେ । ଯାହା ସମ୍ଭବ ହୋଇଥିଲା ନବଜାଗରଣ ପ୍ରସୂତ ଚିନ୍ତାଜଗତର ଆଲୋଡ଼ନ ହେତୁ । ତାଙ୍କର ଧାରଣା ଥିଲା, ଜୀବନ ଅବବୋଧ କେବଳ ଶୁଷ୍କ ଦର୍ଶନ ଚର୍ଚ୍ଚାରେ ସୀମିତ ନହୋଇ, ବୃହତ୍ ଜୀବନ ଧାରଣ ନିମନ୍ତେ ଅଭିପ୍ରେତ ହେବା ବାଞ୍ଛନୀୟ । ତେଣୁ ଚିରସ୍ଥାୟୀ ଜମିଜମା ବନ୍ଦୋବସ୍ତ ଠାରୁ ଓଡ଼ିଶାରେ ପରିପୂର୍ଣ୍ଣ ପ୍ରାକୃତିକ ସଂପଦର ଉପଯୁକ୍ତ ବିନିଯୋଗ ସମସ୍ତ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ଆର୍ଥନୀତିକ ଅଭିବୃଦ୍ଧି ତଥା ଉତ୍କଳୀୟ ଜନଗଣଙ୍କ ସାମଗ୍ରିକ ସୁଧାର ପାଇଁ

Digitized by PPRACHIN, SOA

ପ୍ରୟାସ ପର୍ଯ୍ୟନ୍ତ, ସବୁସ୍ତରରେ ତାଙ୍କର ଦିଗଦର୍ଶନ ବେଶ୍ ପ୍ରଶଂସନୀୟ ଓ ଆହରଣ ଯୋଗ୍ୟ । କାରଣ ସାମାଜିକ ସ୍ଥିତାବସ୍ଥାହିଁ ନିର୍ଦ୍ଧାରଣ କରିଛି ତାଙ୍କ ଚେତନାର ଏହି ଉତ୍ତରିତ ଅଧ୍ୟାୟକୁ । (୩) ତେଣୁ ସ୍ୱତଃସ୍ଫୂର୍ତ୍ତ ଭାବେ ଗୋଟିଏ ଆଦର୍ଶବାଦ (Ideology) ର ଗଢ଼ଣ ପ୍ରକ୍ରିୟା ଭିତରେ ନୀଳକଣ୍ଠ ନିଜ ସ୍ଥିତାବସ୍ଥାକୁ ଖୋଜିପାଇଛନ୍ତି । ଯାହା ତାଙ୍କର କଳାଚେତନା ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ଶାଣିତ, ପରିମାର୍ଜିତ କରିଛି ।

ସାହିତ୍ୟ କର୍ମଟି ଲେଖକର ସୃଜନ-ମାନସିକତା ଉପରେ ପ୍ରଶ୍ନ ଚିହ୍ନଟିଏ ଆଙ୍କି ଦେଇଥାଏ । ତେଣୁ ସାହିତ୍ୟିକ ଅଭିବ୍ୟକ୍ତିଟି ଯଦି ମାଟିମନସ୍କ ନହେଲା ଏବଂ ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହେଲା ତେବେ, ଏହାର ପରିଣାମ ସ୍ୱରୂପ ଉଭୟ ଲେଖକ ଓ ସୃଜନ କର୍ମଟିର ମୃତ୍ୟୁ ଘଟିବା ସୁନିଶ୍ଚିତ । ସମୀକ୍ଷକର ଚକ୍ଷୁରେ ଲେଖକର ସୃଷ୍ଟି ସମୂହର; ତାହା ଯେଉଁ କାଳଖଣ୍ଡକୁ ସ୍ପର୍ଶ କରୁ ନାହିଁ କାହିଁକି ଅଥବା ସ୍ଥିତମାଣ ପରିବେଶର ମୁହ୍ୟମାନ ଅବସ୍ଥାକୁ ଅନୁଭବ କରୁନା କାହିଁକି, ବିଚାର ବିଶ୍ଳେଷଣ ନିଶ୍ଚିତ ଭାବେ ଇଙ୍ଗିତ କରାଏ ସୃଷ୍ଟି କର୍ମର ସାର୍ଥକତା ଓ ନିରର୍ଥକତାକୁ । ନୀଳକଣ୍ଠ ନିଜେ ଥିଲେ ଜଣେ ସୃଜନକ୍ଷମ ଓ ଶାଣିତ ସମୀକ୍ଷକ । ତେଣୁ ଗଭୀର ଅଧ୍ୟୟନ ଓ ଅନୁଧ୍ୟାନରୁ ସେ ତିଆରି କରିଛନ୍ତି ଏକ ସମୀକ୍ଷାୟନର ପରିମଣ୍ଡଳ । ଯେଉଁଠି ପରିକ୍ଷିତ ହୋଇଛନ୍ତି ରାଧାନାଥ ଓ ଫକୀରମୋହନ ସମେତ ପ୍ରାଚୀନ ଓ ଅର୍ବାଚୀନ ଲେଖକବୃନ୍ଦ ଏବଂ ପାଠକମାନଙ୍କୁ ମୁକ୍ତ କରିଛନ୍ତି ଲେଖକୀୟ ଆତ୍ମସତ୍ତାର ଆଧିପତ୍ୟ ରୂପକ ବିବର ମଧ୍ୟରୁ ।

(ଦୁଇ)

ଉତ୍କଳ ସମ୍ମିଳନୀର ନବ ଅଧିବେଶନ (୧୯୧୩) ଅନୁଷ୍ଠିତ ହୁଏ ପୁରୀଠାରେ । ଏହି ଅଧିବେଶନରେ ୧୧ଟି ନିର୍ଦ୍ଧାରଣ ଅନୁମୋଦିତ ହୁଏ । ତୃତୀୟ ନିର୍ଦ୍ଧାରଣଟି ହେଲା, "ଏହି ଜିଲାର ସତ୍ୟବାଦୀଠାରେ ଯେଉଁ କତିପୟ ଉଚ୍ଚଶିକ୍ଷିତ ଯୁବକମାନେ ଦେଶର ଶିକ୍ଷୋନ୍ନତି ସାଧନ ନିମନ୍ତେ ନିଃସ୍ୱାର୍ଥଭାବେ ପ୍ରାଣପଣେ ପରିଶ୍ରମ କରି ଉତ୍କଳରେ ଯେଉଁ ନୂତନ ଉଚ୍ଚ ଆଦର୍ଶ ଦେଖାଉ ଅଛନ୍ତି ସେଥିପାଇଁ ଏ ସମ୍ମିଳନୀ ସେମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଦେଉଅଛନ୍ତି ।" (୪) ଏହି ପ୍ରସ୍ତାବର ଅନୁମୋଦକ ରୂପେ ଫକୀରମୋହନ ବକ୍ତବ୍ୟ ଦେଇଛନ୍ତି, "ଭାଇମାନେ, ଓଡ଼ିଶାରେ ଅନେକ ସ୍କୁଲ ଅଛି; କିନ୍ତୁ ଏପରି ସ୍କୁଲ ଗୋଟିଏ ନାହିଁ । ଏଥିରେ ବିଦ୍ୟା ଓ ଚରିତ୍ର ଉଭୟର ଉନ୍ନତି ହୁଏ । ମୁଁ ଏହି ସ୍କୁଲର ପ୍ରଧାନ ଅଧ୍ୟାପକଙ୍କୁ ପଚାରିଥିଲି, ତୁମ୍ଭେ ନିଜେ ନ ରହି ୨୦୦ଟଙ୍କା ରୋଜଗାର କରି ତଦ୍ୱାରା ଦୁଇଜଣ ବି.ଏ. ପାଶ୍ ବାଲା ରଖୁନାହଁ କାହିଁକି ? ସେ କହିଲେ,

Digitized by PPRACHIN, SOA

ତଦ୍ଵାରା ଛାତ୍ର ବିଦ୍ୟା ଶିକ୍ଷା ଭଲ କରିପାରନ୍ତି; କିନ୍ତୁ ମନୁଷ୍ୟ ତିଆରି ହେବ ନାହିଁ । ଆଧୁନିକ ଶିକ୍ଷା ଦ୍ଵାରା ଆମ୍ଭେମାନେ ଜାତୀୟତା ଓ ଗୁରୁଶିଷ୍ୟର ସମ୍ବନ୍ଧ ହରାଇ ଅଛେଁ । କିନ୍ତୁ ସତ୍ୟବାଦୀ ସ୍କୁଲ ଦେଖାଇଛି, କି ପ୍ରକାର ଶିକ୍ଷା ଆମ୍ଭମାନଙ୍କର ପ୍ରୟୋଜନ । ସେମାନେ (ସତ୍ୟବାଦୀ ସ୍କୁଲର ସଂପାଦକ ଓ ଶିକ୍ଷକ ଗଣ) ସାଧୁ ଓ ପରୋପକାରୀ, ସେମାନେ କେବଳ ବହି ପଢ଼ିବାରେ ସନ୍ତୁଷ୍ଟ ନୁହନ୍ତି । ସେମାନେ ମନୁଷ୍ୟତ୍ୱ ଶିକ୍ଷା ଦେବା ଲାଗି ସର୍ବଦା ବ୍ୟସ୍ତ । ପିଲାମାନେ ଶିଖୁଅଛନ୍ତି, କିପରି ଦେଶ ପାଇଁ ସ୍ୱାର୍ଥ ତ୍ୟାଗ କରିବାକୁ ହୁଏ । ଏହି ସତ୍ୟବାଦୀ ସ୍କୁଲ ପ୍ରକୃତରେ ଗୋଟିଏ ଟ୍ରେନିଂ ସ୍କୁଲ । ମୋର ପୂର୍ବବର୍ତ୍ତୀ ବକ୍ତା (କନିକାର ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେବ) ଏ ସମ୍ବନ୍ଧରେ ଅନେକ କଥା କହି ଯାଇଛନ୍ତି । ମୋର ଆଉ ବିଶେଷ କିଛି କହିବାର ନାହିଁ । ଏହି ନିଃସ୍ୱାର୍ଥପର ଯୁବକମାନେ ବଡ଼ଲୋକ ନୁହନ୍ତି । ଏମାନଙ୍କୁ ଦୁଇ ଅଣାଠାରୁ ଯେ ଯେତେ ଅଧିକ ସାହାଯ୍ୟ ଦେଇପାରନ୍ତି ଦେବା ଉଚିତ । ପୁନାର ଫର୍ଗୁସନ କଲେଜ ପରି ଆମ୍ଭେମାନେ ଯେବେ ସତ୍ୟବାଦୀ ସ୍କୁଲକୁ କରିପାରିବା ତେବେ ଆମ୍ଭେ କେତେ ବଡ଼ ଗୋଟାଏ ଜାତୀୟ ବସ୍ତୁ ପାଇବୁ । ଏହି ଯୁବକମାନେ ସର୍ବଦା ଧନ୍ୟବାଦର ପାତ୍ର ।" (୫)

ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଫକୀରମୋହନ ଯୋଗ ଦେବା ଅବସରରେ ସତ୍ୟବାଦୀ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟ ସଂପର୍କିତ ଅବଧାରଣା ତଥା ସତ୍ୟବାଦୀ ସତୀର୍ଥମାନଙ୍କ ଜୀବନଦର୍ଶନ ସଂପର୍କରେ ଅବହିତ ହେଲା ପରେ ଫକୀରମୋହନଙ୍କ ଅଫୁରନ୍ତ ପ୍ରାଣସ୍ପର୍ଶୀ ଅଭିବ୍ୟକ୍ତି ପ୍ରକାଶ ପାଇଛି । 'ଉତ୍କଳ ଭ୍ରମଣଂ' (୧୯୧୬) ସଂସ୍କରଣ)ରେ

"ସଦାଶିବ ନୀଳକଣ୍ଠ ସନ୍ତତ ସନ୍ନ୍ୟାସୀ
ଜଗତ ମଙ୍ଗଳେ ଗୋପବନ୍ଧୁ ବ୍ରଜବାସୀ ।
ଗୋଦାବରୀ ଉପକୂଳ ନିୟତ ଉର୍ବର,
କୃପାମୟ କୃପାସିନ୍ଧୁ ଜନହୀତ କର ।
କାର୍ଯ୍ୟ ସାଧନରେ ଅବଚ୍ଛିନ୍ନ ଧରା ଧାମେ,
ସମବେତ ସେମାନେ ତ ସତ୍ୟବାଦୀ ଗ୍ରାମେ ।
ଜ୍ଞାନରାଶି ପବିତ୍ରତା ଉଭୟେ ତ ଠୁଳ,
ଉଦ୍ଧାରିବେ ଭଗୀରଥ ସମାନରେ କୁଳ ।
ବହୁଯୁଗ ଯୁଗାନ୍ତର ତପସ୍ୟାର ଫଳେ,
ଜନ୍ମିଲେ ନିଃସ୍ୱାର୍ଥ ଯୋଗ୍ୟ ପୁତ୍ର ଏ ଉତ୍କଳେ ।
ସମଚେତ ସମବେତ ଚତୁର୍ଦ୍ଧା ମୂରତି,
ତଡ଼ିଦେବେ କୁସଂସ୍କାର ଦୁର୍ନୀତି ଦୁର୍ଗତି ।

Digitized by PPRACHIN, SOA

ସତ୍ୟବାଦୀ ଗ୍ରାମେ ଦେଖି ବାଣୀର ମନ୍ଦିର,
ଭାବି ଭାବି ମନମଧ୍ୟେ ବୁଝିଲିଣି ସ୍ଥିର ।
ଇତିହାସୁ ଶୁଣାଥିଲା ନାଳନ୍ଦା ବିହାରେ,
ସତ୍ୟବାଦୀ ଗ୍ରାମେ ଆସିବତ ଦେଖିବାରେ ।" (୬)

ସତ୍ୟବାଦୀ ସତୀର୍ଥମାନଙ୍କ ସହିତ ଭାବଗତ ସମ୍ପର୍କ ଖୁବ୍ ନିବିଡ଼ ହୋଇଛି ଯେତେବେଳେ ଫକୀରମୋହନ ୧୯୧୮ରେ ସତ୍ୟବାଦୀ ବନ ବିଦ୍ୟାଳୟରେ କିଛି ଦିନ ଅବସ୍ଥାନ କରିଛନ୍ତି । ସତ୍ୟବାଦୀ ସତୀର୍ଥମାନଙ୍କ ସହିତ ସଂସର୍ଗ ସ୍ୱରୂପ ଯେଉଁ ମନସ୍ତିଜଟି ସୃଷ୍ଟି ହୋଇଛି ଫକୀରମୋହନଙ୍କ ଠାରେ ତାହା ସାଧାରଣ କଥା ନୁହେଁ, ତତ୍‌କାଳୀନ ପ୍ରାଣସ୍ପନ୍ଦନକୁ ଅନୁଭବ କରି, ବିନା ଦ୍ୱିଧା, ସଂକୋଚରେ 'ଉତ୍କଳ ଭ୍ରମଣଂ'ରେ ପ୍ରକାଶ କରିଛନ୍ତି ସତ୍ୟବାଦୀ ସତୀର୍ଥମାନଙ୍କର ସମାଜ ପ୍ରତି ଥିବା ଗଭୀର ଆତ୍ମୀୟତାବୋଧ । ଏହି ସାରସ୍ୱତ ଭାବ ବିନିମୟ ଓ ପ୍ରଜ୍ଞା ବିତରଣର ବିକାଶ ପଥରେ ସତ୍ୟବାଦୀ ସତୀର୍ଥମାନେ ଫକୀମୋହନଙ୍କ ସାହିତ୍ୟ ବ୍ୟକ୍ତିତ୍ୱ ପ୍ରତି ଅନୁରୂପ ଶ୍ରଦ୍ଧା, ସମ୍ମାନ ଜନ୍ମାଇଛନ୍ତି । ଏଇଠୁ ବୋଧହୁଏ 'ସତ୍ୟବାଦୀ ସତୀର୍ଥମାନଙ୍କ ପରିଚାଳିତ 'ଆଶା' ପତ୍ରିକା ମାଧ୍ୟମରେ ଆରମ୍ଭ ହୋଇଛି ରାଧାନାଥଙ୍କ ଶାସ୍ତ୍ରୀୟତା (cannorisation) ପ୍ରକ୍ରିୟାର ପକ୍ଷ ଚ୍ଛେଦନ ଓ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'କୁ ଶ୍ରେଷ୍ଠ କୃତି ରୂପେ ଉପସ୍ଥାପନ କରିବାର ପ୍ରକ୍ରିୟା । ଏହି ପ୍ରକ୍ରିୟାର ପ୍ରଚ୍ଛଦପଟରେ ଥିଲେ ଗୋପବନ୍ଧୁ ଓ ନୀଳକଣ୍ଠ ଏବଂ ସେମାନଙ୍କ ଦ୍ୱାରା ପରିଚାଳିତ 'ଆଶା', 'ସତ୍ୟବାଦୀ ଓ 'ନବଭାରତ' ପତ୍ରପତ୍ରିକା । ୧୯୦୮ ମସିହାରେ ଯେଉଁ ନୀଳକଣ୍ଠ, ରାଧାନାଥଙ୍କ ସୃଜନକ୍ରିୟା ପ୍ରତି ଶତମୁଖର ଥିଲେ ୧୯୧୮ ବେଳକୁ ରାଧାନାଥ -ବିଦ୍ୱେଷୀ ମନୋଭାବ ତାଙ୍କ ରଚନାରେ ଦେଖିବାକୁ ମିଳେ । ରାଧାନାଥ ଗ୍ରନ୍ଥାବଳୀର ପ୍ରଥମ ସଂସ୍କରଣ ପ୍ରକାଶ ପାଏ ୧୯୦୨ ମସିହାରେ । ଯେଉଁଥିରେ ପ୍ରକାଶକ ଶ୍ରୀ ଶିବନାରାୟଣ ଦେବ କୁହନ୍ତି, "ଉତ୍କଳବାସୀଙ୍କର ନିଜ ମାତୃଭୂମି ପ୍ରତି ଶ୍ରଦ୍ଧା ଏବଂ ପ୍ରୀତି ଉଦ୍ଦୀପନ କରାଇବା ବିଷୟରେ 'ରାଧାନାଥ ଗ୍ରନ୍ଥାବଳୀ' ପରି ଗ୍ରନ୍ଥ ଉତ୍କଳ ସାହିତ୍ୟରେ ନାହିଁ ।" (୭) ଅର୍ଥାତ୍ ସମଗ୍ର ଓଡ଼ିଆ ସାହିତ୍ୟରେ ରାଧାନାଥ ହିଁ ପ୍ରତିପାଦିତ ହୋଇଛନ୍ତି ସର୍ବୋତ୍କୃଷ୍ଟ କବି, ଯାହାଙ୍କ ସମତୁଲ କେହି ନାହାନ୍ତି, ଏପରିକି ସାରଳାଦାସ ଅଥବା ଉପେନ୍ଦ୍ର ଭଞ୍ଜ । ଏହାର ୨ ମାସ ପରେ ପ୍ରକାଶ ପାଇଛି ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ଉପନ୍ୟାସ । ୧୯୧୩ ମସିହାରେ ପ୍ରକାଶପାଏ ରାଧାନାଥ ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ । ଏହି ସମୟରେ 'ମାମୁଁ' ଉପନ୍ୟାସ ମଧ୍ୟ ପ୍ରକାଶ ପାଏ । ଏହା ପୂର୍ବରୁ 'ଲଛମା' ଉପନ୍ୟାସଟି ୧୯୦୧ -୦୩ ମସିହା ପର୍ଯ୍ୟନ୍ତ 'ଅପୂର୍ବ ମିଳନ' ନାମରେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇ ପୁସ୍ତକ ଆକାରରେ ମୁଦ୍ରିତ ହୋଇଥିଲା ୧୯୧୪ ମସିହାରେ । ୧୯୧୩ ମସିହାରେ ଅର୍ଥାତ୍ ରାଧାନାଥ ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ ଅବସରରେ

Digitized by PPRACHIN, SOA

'ଆଶା' ପତ୍ରିକାରେ ଏ ସଂପର୍କିତ ଗୋଟିଏ ଖବର ପ୍ରକାଶ ପାଏ ଯେ, 'ଛମାଣ ଆଠଗୁଣ୍ଠ' ଭଳି ଉପନ୍ୟାସଟି ବିକ୍ରି ହୋଇପାରିନଥିବା ବେଳେ ଏତେ ଟଙ୍କାର ବହି ଲୋକମାନେ ସହିବେ ତ? ଏଥରୁ ଦୁଇଟି କଥା ସ୍ପଷ୍ଟ ହୋଇଛି । ପ୍ରଥମଟି ହେଉଛି ରାଧାନାଥଙ୍କୁ ଉତ୍ତୁଙ୍ଗ ଶିଖରକୁ ଉଠାଇବା ପାଇଁ ସ୍ୱୟଂ ରାଧାନାଥ ଓ ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ଲୋକମାନେ ଆପ୍ରାଣ ଉଦ୍ୟମ କରିଛନ୍ତି ଏବଂ ଦ୍ୱିତୀୟତଃ କ୍ଷମତାର ଶୀର୍ଷ ସ୍ଥାନରେ ରହିବା ହେତୁ (୧୯୦୧ ମସିହାରେ Provincial Service ଶୀର୍ଷ ସ୍ଥାନ ଅଧିକାର) ପୁସ୍ତକ ପ୍ରକାଶନ, ପ୍ରଚାର, ପ୍ରସାରଣ ତଥା ବିକ୍ରି ମଧ୍ୟ ଅନୁରୂପ ଧାରାରେ ଗତି କରିଛି । ତେଣୁ ତାଙ୍କ ଦ୍ୱାରା କିମ୍ବା ଭ୍ରାତୃ ସୀତାନାଥ ରାୟଙ୍କ ଦ୍ୱାରା ଲିଖିତ ପୁସ୍ତକ ପାଠ୍ୟ ପୁସ୍ତକରେ ପ୍ରଚଳନ ଏବଂ ରାଧାନାଥ କୃତ କାବ୍ୟକବିତାର ଆଲୋଚନା ପାଇଁ ଏକ ପ୍ରକାର ସାହିତ୍ୟିକ ବାତାବରଣ ତିଆରି କରାଯାଇଛି । ଯେଉଁଥିପାଇଁ ଚନ୍ଦ୍ର ସଦୃଶ ରାଧାନାଥଙ୍କ ଦୀପ୍ତି ନିକଟରେ ସମକାଳୀନ ଲେଖକବୃନ୍ଦ ସାହିତ୍ୟ ଭୂମିରେ ଖଦ୍ୟୋତ ସମ ପ୍ରଭାହୀନ ହୋଇପଡ଼ିଛନ୍ତି । ତା ନହୋଇଥିଲେ ନୀଳକଣ୍ଠ ଲେଖି ନଥାନ୍ତେ, "କବିଙ୍କି ସୁମରି ବିରାଗେ ମୁଖ ଫେରାଅ ପଛେ ।"

"ଉତ୍କଳ ଭ୍ରମଣଂ' ରେ ସତ୍ୟବାଦୀ ସତୀର୍ଥମାନଙ୍କ ତ୍ୟାଗପୂତ ଜୀବନ ଦର୍ଶନ ସଂପର୍କରେ ଯେଉଁ ପ୍ରାଣର ସଂକୁଚିକୁ ଉପସ୍ଥାପନ କରିଥିଲେ ଫକୀରମୋହନ ଠିକ୍ ତା'ର ଦୁଇବର୍ଷ ପରେ ସତ୍ୟବାଦୀ ପରିଭ୍ରମଣରେ ଆସି ତାଙ୍କର ଆତ୍ମା ବିହ୍ୱଳିତ ହୋଇଥିବ ନିଶ୍ଚୟ । ଏକ ଅନ୍ତରଙ୍ଗ ମିଳନର ମଧୁପର୍ବରେ ସତ୍ୟବାଦୀ ସତୀର୍ଥଗଣ ତାଙ୍କ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରିଥିବେ । ଏହା ପୂର୍ବରୁ ସଂଘବଦ୍ଧଭାବେ ସତ୍ୟବାଦୀ ଗୋଷ୍ଠୀ ବିଶେଷ-କରି ନୀଳକଣ୍ଠ ଫକୀରମୋହନଙ୍କୁ ଓଡ଼ିଆ ସାହିତ୍ୟର ନାୟକ ଭାବେ ଛିଡ଼ା କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ଏବଂ ଯାହାର ଫଳସ୍ୱରୂପ ତାଙ୍କର ଶ୍ରେଷ୍ଠ କୃତି 'ଛମାଣ ଆଠଗୁଣ୍ଠ' ପରବର୍ତ୍ତୀ ସମୟରେ ଐତିହ୍ୟ ସୃଷ୍ଟି କରିଛି । ନୀଳକଣ୍ଠ ବୁଝିଥିଲେ, ଶିକ୍ଷିତ କ୍ଷମତାବାନ୍ ରାଧାନାଥଙ୍କ ବିଦେଶୀ ଉଡ଼ାଣ ସାହତ୍ୟକର୍ମ ଏବଂ ସ୍ୱଳ୍ପଶିକ୍ଷିତ ଫକୀରମୋହନଙ୍କ ସାହିତ୍ୟାୟନର ମାଟିମଗ୍ନତା ଭିତରେ ପାର୍ଥକ୍ୟ ।

"ରାଧାନାଥ ଓ ଉତ୍କଳ ସାହିତ୍ୟ" (୧୯୦୮) ପ୍ରବନ୍ଧ ରଚନା କରି ନୀଳକଣ୍ଠ ରାଧାନାଥଙ୍କ ସୃଜନଶୀଳ ପ୍ରତିଭା ପ୍ରତି ଶତମୁଖର ହୋଇଥିଲେ; କିନ୍ତୁ ପରବର୍ତ୍ତୀ ସମୟରେ ରାଧାନାଥଙ୍କ ପ୍ରତି ତାଙ୍କର ଧାରଣା ବଦଳି ଯାଇଥିଲା । 'ଆତ୍ମଜୀବନୀ'ରେ ନୀଳକଣ୍ଠ ଲେଖିଛନ୍ତି, "ମୁଁ ଦେଖିଲି, ରାଧାନାଥଙ୍କ ସମ୍ବନ୍ଧରେ ମୋର ପିଲାଦିନର ଅନେକ ଧାରଣା ବଦଳିଗଲା । ବିଶେଷରେ ଦିନେ ଭୁବନେଶ୍ୱରଠାରେ ଦେଖିଲି, ସେଠା ପଣ୍ଡାମାନେ ଯାତ୍ରୀଙ୍କୁ କେଦାରଗୌରୀ ଦର୍ଶନ କରାଇ ଦେଖାଉଛନ୍ତି । 'ଏଇଠାରେ କେଦାର ଜଳାବାଟେ ଗୌରୀ

Digitized by PPRACHIN, SOA

ସାଂଗେ ଗୁପ୍ତ କଥାବାର୍ତ୍ତା କରୁଥିଲା । ଏଇଠାରେ ଗୌରୀର ଲୁଗା ଦେଖିଲା, ଏଇଠାରେ ଗୌରୀ କେଦାର ଦୁହେଁ ମରି ପଡ଼ିଥିଲେ'- ଇତ୍ୟାଦି । ରାଧାନାଥଙ୍କ କେଦାର ଗୌରୀରୁ କଥାଗୁଡ଼ିକ ପୁରାଣ କଥା ପରି କହିଯାଉଛନ୍ତି । ଦେଖି ଓ ଶୁଣି ମନରେ ବଡ଼ ପରିତାପ ହେଲା ।" (୮) ଅନ୍ୟତ୍ର ମଧ ଦାସେ ଲେଖିଛନ୍ତି - "ସେ କାଳର ମଧୁ ରାଧାନାଥୀ ସାହିତ୍ୟରେ ଆମ୍ଭେମାନେ ବଡ଼ ବିମନା ଥିଲୁ । ମୁଁ ଜାଣିଥିଲି, ରାଧାନାଥ ବଂଗଳାରେ ଲେଖି ସେଠାରେ ପ୍ରତିପତ୍ତି ନ ପାଇ, ଓଡ଼ିଆ ସାହିତ୍ୟକୁ ନିଜ ଶିକ୍ଷା ବିଭାଗ କର୍ତ୍ତୃତ୍ୱର ଅନ୍ୟ ଉପଜୀବ୍ୟ କରିଥିଲେ । ଅବଶ୍ୟ କିଛିଦିନ ପରେ ଅନୁସଂଧାନ କରୁ କରୁ ଜାଣିଥିଲି, ସେ ରୋମାନ କବି ଓଭିଡ଼(Ovid)ଙ୍କର ଗ୍ରୀକ୍ ସାହିତ୍ୟ ପ୍ରଭାବିତ ପ୍ରକାଣ୍ଡ କାମକଳାର କାହାଣୀସବୁ ଓଡ଼ିଆରେ ଜାତୀୟ ତଥା ଐତିହାସିକ ସାହିତ୍ୟ ରୂପେ ପ୍ରଚାର କରିଥିଲେ ଓ ସେଥିରେ ବିଶେଷରେ ନିଜ ଶିକ୍ଷା ବିଭାଗର କର୍ତ୍ତା ଥିବାରୁ ସମସ୍ତ ଦେଶଟାକୁ ମୁହ୍ୟମାନ କରି ରଖିଥିଲେ । ସେଥିରୁ ଏବେ ମଧ ସଂପୂର୍ଣ୍ଣ ମୋହ ଭଙ୍ଗ ହୋଇନାହିଁ ।" (୯)

ରାଧାନାଥଙ୍କ ଉତ୍କଳୀୟ ସଂସ୍କୃତିର ସଂକରାୟନ ପ୍ରକ୍ରିୟାକୁ ପ୍ରକାରାନ୍ତରେ ବିରୋଧ କରିଛନ୍ତି ନୀଳକଣ୍ଠ । ଅର୍ଥାତ୍ ଗୋଟିଏ ପଟେ ଉପନିବେଶବାଦର ଶିକାର ହୋଇଛନ୍ତି ରାଧାନାଥ ଏବଂ ଅନ୍ୟପଟେ ନିଜ ଅସ୍ମିତାର ଉତ୍କୃଷ୍ଟତାକୁ ଅନୁଭବ କରିଛନ୍ତି ନୀଳକଣ୍ଠ, ଯାହା ପୂର୍ବରୁ ସୂଚନା ଦିଆଯାଇଛି । ବଙ୍ଗଳା ଓ ଇଂରେଜୀ କାବ୍ୟାଦର୍ଶ ଦ୍ୱାରା ଅନୁପ୍ରାଣିତ ରାଧାନାଥଙ୍କ ଏହି ସୃଜନ ପ୍ରକ୍ରିୟା ଅନ୍ତରାଳରେ ଥିବା ମନସ୍କତାକୁ ବୁଝିବା ସାଧାରଣ କାବ୍ୟାମୋଦୀଙ୍କ ପକ୍ଷରେ ଦୁଷ୍କର । ଅପର ପକ୍ଷରେ, ନୀଳକଣ୍ଠ 'ମାମୁ' ଓ 'ଛମାଣ ଆଠଗୁଣ୍ଠ' ସଂପର୍କରେ କୁହନ୍ତି, " ପାଠକ ପ୍ରତି ପଦରେ ସଫଳ ବ୍ୟଙ୍ଗର ଏହି ମଧୁ ମୋହନ ବିକାଶ ଦେଖିବେ । ଶବ୍ଦ ଯୋଜନା ଓ କାବ୍ୟ ବିଶେଷମାନଙ୍କର ବିନ୍ୟାସାଦିରେ ଏହାର ଦୃଷ୍ଟାନ୍ତ ଦେଖାଇବା ଅନାବଶ୍ୟକ । ପାଠକ ଯେଉଁଠାରେ ଇଚ୍ଛା ସେଠାରେ ପୁସ୍ତକ ଫିଟାଇ ତାହା ଦେଖିପାରନ୍ତି ।" (୧୦) ଫକୀରମୋହନଙ୍କ ସୃଜନ ପ୍ରକ୍ରିୟାରେ 'ଗାରିମା ଅଛି ଅଥଚ ଗ୍ରାମ୍ୟତା ନାହିଁ' ବୋଲି ନୀଳକଣ୍ଠ ଯୁକ୍ତି ଉପସ୍ଥାପନା କରିଛନ୍ତି । ଏହି ଭାବନାକୁ ଅଧିକ ଘନୀଭୂତ କରି ନୀଳକଣ୍ଠ କୁହନ୍ତି, "ଏକ ଶ୍ରେଣୀର ଲେଖକ ଅଛନ୍ତି ଯେଉଁମାନଙ୍କର ଧାରଣା ଯେ ଲୋକସାଧାରଣଙ୍କ ଭାଷାରେ ଉଚ୍ଚ ସାହିତ୍ୟ ହୁଏ ନାହିଁ । ଫକୀରମୋହନଙ୍କ ଲେଖା ସେ ମତର କୃତୀ ପ୍ରତିବାଦ ରୂପେ ଚିରଦିନ ରହିପାରିବ । ତାଙ୍କ ଭାଷାରେ ଏହି ସ୍ୱାଭାବିକତା ଆମ୍ଭ ମାତୃଭାଷାର ଗୋଟିଏ ନବୀନ ଶକ୍ତି ଦେଖାଇଅଛି ଓ ସାହିତ୍ୟର ଗୋଟିଏ ନବଯୁଗ ଫିଟାଇଅଛି ।" (୧୧) ଓଡ଼ିଆ ସାହିତ୍ୟରେ ନବଯୁଗ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଫକୀର ମୋହନ । ଉପନିବେଶ ପ୍ରକ୍ରିୟାର ପ୍ରତିକୂଳ ସ୍ରୋତରେ ସେ ଧରି ରଖଛନ୍ତି ନିଜ ମାଟିର ବାସ୍ନା ଓ ଅନୁରୂପ ଭାବେ ପ୍ରତିହତ କରିଛନ୍ତି ଉପନିବେଶ କୃତ ସାଂସ୍କୃତିକ ସଂକରାୟନର ଦୁର୍ବାର ଅଭିଳାଷକୁ । ଅତୀତ ପ୍ରତି ମାୟା ରହିବା ସ୍ୱାଭାବିକ; କିନ୍ତୁ ଅତୀତ ପ୍ରତି ମୋହଗ୍ରସ୍ତ ହୋଇ ତାର ଶିକାର ହେବା ଅତ୍ୟନ୍ତ ବିପଦଜନକ, ଫକୀର

Digitized by PPRACHIN, SOA

ମୋହନ ସେଇ ପରମ୍ପରାଟିକୁ ଭାଙ୍ଗିଛନ୍ତି ଏବଂ ତା ସ୍ଥାନରେ ନିଜ ମାଟିର ସ୍ୱାତନ୍ତ୍ର୍ୟକୁ ଜାହିର କରିଛନ୍ତି । ଯୁକ୍ତି ତଥା ବିଚାର ବୁଦ୍ଧି ପ୍ରୟୋଗ କରି ସାହିତ୍ୟର ଯେଉଁ ଆୟାସଟି ସଂରଚନା କରିଛନ୍ତି ତାହା ଯଥାର୍ଥରେ ପ୍ରଶଂସନୀୟ । ନୀଳକଣ୍ଠ ସେଥିପାଇଁ ଫକୀର ମୋହନଙ୍କ ସମସାମୟିକ ଲେଖକଙ୍କ ମଧ୍ୟରେ ତାଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇ କୁହନ୍ତି, "ଫକୀରମୋହନଙ୍କ କାଳରେ ଫକୀରମୋହନ ଯେ ଯଥାର୍ଥ କବି ଓ ଲେଖକ ଥିଲେ, ଏହା ସମ୍ଭବ ସର୍ବବାଦିସମ୍ମତ । ତତ୍‌କାଳୀନ ଅନ୍ୟ କୌଣସି ଓଡ଼ିଆ ଲେଖକ ତାଙ୍କ ପରି ଓଡ଼ିଆ ଥିଲେ ବୋଲି ମୋର ମନେହୁଏ ନାଇ ।" (୧୧) କାରଣ, "ଫକୀରମୋହନ ଥିଲେ ଖାଣ୍ଟି ଓଡ଼ିଆ । ସରଳ ସ୍ୱାଭାବିକ କୌତୁକ ଠାରୁ ଭାଷା, ଭାବ ଓ ସମସ୍ତ ପ୍ରକାଶ ଭଙ୍ଗୀରେ ସେ ଓଡ଼ିଆ । ମଧୁ, ରାଧାନାଥ ପ୍ରଭୃତି ତା ନୁହନ୍ତି ।" (୧୨) ଫକୀରମୋହନଙ୍କ ପ୍ରତି "ଖାଣ୍ଟି ଓଡ଼ିଆ" ଶବ୍ଦ ପ୍ରୟୋଗକୁ ନୀଳକଣ୍ଠଙ୍କ ସଂକୀର୍ଣ୍ଣ ପ୍ରାଦେଶିକତାକୁ ସୂଚିତ କରାଏ ନାହିଁ । ଉପଭୋକ୍ତାବାଦୀ ଅପସଂସ୍କୃତିରୁ ନିଷ୍କୃତ ହୋଇ ନିଜ ଆତ୍ମସତ୍ତାର ପ୍ରତିଷ୍ଠା, ଯାହା ଅତୀତରୁ ଏକ ଐତିହାସିକ ଧାରା ଭିତର ଦେଇ ଆଜି ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଛି ଏବଂ ସେଥିରେ ସମୟାନୁକ୍ରମେ ନୂତନ ଉପାଦାନ ସଂଯୁକ୍ତ ହୋଇ ଆମ ଆଗରେ ପ୍ରଭାସ୍ୱର ରୂପ ନେଇଛି, ତାକୁ ହିଁ ସୂଚିତ କରାଏ । ଫକୀରମୋହନଙ୍କ ସୃଜନ ପ୍ରକ୍ରିୟା ଭିତରେ ଥିବା ଐତିହ୍ୟ ପୂର୍ଣ୍ଣ କାରିଗରୀକୁ ଅତ୍ୟୁଚ୍ଚ ପ୍ରଶଂସା କରି ନୀଳକଣ୍ଠ କୁହନ୍ତି, "ଫକୀରମୋହନ ଯେଉଁ ଆଦର୍ଶବାଦ ଅବଲମ୍ବନ କରିଥିଲେ, ତାହା ମାନବିକ ଆଦର୍ଶ ଓ ଚିରାଗତ କର୍ମନିଷ୍ଠାର ପରମ୍ପରାରୁ ବାହାରିଥିଲା । ପୁଣି ଯେତେବେଳେ ଫକୀରମୋହନ ଏହା ଲେଖିଥିଲେ, ସେତେବେଳେ ଏ ସାମାଜିକ ଆଦର୍ଶବାଦ ଛାଡ଼ି ପୂର୍ଣ୍ଣ ପ୍ରକୃତିର ଆଦର୍ଶ ଧରି ଚାଲିଥିଲେ ଫଳ କଣ ହୋଇଥାନ୍ତା, ସମାଜ ତା କିପରି ଗ୍ରହଣ କରିଥାନ୍ତା, ତା ମଧ୍ୟ ଏଠାରେ ଭାବିବାର ବସ୍ତୁ ।" (୧୩) ଅର୍ଥାତ୍ ପରୋକ୍ଷରେ ଓଡ଼ିଆ ସଂସ୍କୃତିର ଭାବରାଜ୍ୟରେ ବିଚରଣ ନକରି ବିଜାତୀୟ ସଂସ୍କୃତିକୁ ତତ୍‌କାଳୀନ ସମୟରେ ଯେଉଁସବୁ ଲେଖକ ଓଡ଼ିଆ ସାହିତ୍ୟ ମାଟିରେ ପ୍ରୋଥିତ କରିବାକୁ ପ୍ରୟାସ କରିଛନ୍ତି ଏବଂ ଶାସ୍ତ୍ରାୟଣ ପ୍ରକ୍ରିୟାରେ ନିଜ କୃତିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି, ନୀଳକଣ୍ଠ ପ୍ରତ୍ୟକ୍ଷ ଭାବେ ତାର ପକ୍ଷଛେଦନ ପାଇଁ ଅଣ୍ଟା ଭିଡ଼ିଛନ୍ତି । ସେଥିପାଇଁ ସେ ଫକୀରମୋହନଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ବର୍ଣ୍ଣ ବିଭାରେ ବିମଣ୍ଡିତ କରିବାକୁ ପ୍ରୟାସ କରିଛନ୍ତି । ଫକୀରମୋହନଙ୍କ ସାହିତ୍ୟର ଗଭୀର ଅଧ୍ୟୟନ ଜନିତ ନୀଳକଣ୍ଠଙ୍କ ସୂକ୍ଷ୍ମ ବିଚାର, ପରବର୍ତ୍ତୀ କାଳରେ ଅନୁପ୍ରେରିତ କରିଛି ସାହିତ୍ୟ ସମାଲୋଚକମାନଙ୍କୁ । ଯେଉଁମାନେ ରାଧାନାଥଙ୍କୁ ଯୁଗ ପ୍ରବର୍ତ୍ତକ ଆସନରେ ଅଳଙ୍କୃତ କରିଥିଲେ, ପର ମୁହୂର୍ତ୍ତରେ ଫକୀରମୋହନଙ୍କ ସୃଜନ ପ୍ରକ୍ରିୟାକୁ ଖୁବ୍ ମନୋଯୋଗସହକାରେ ଅନୁଧ୍ୟାନ କରିବାର ଅବକାଶ ପାଇଛନ୍ତି । ଯେଉଁଥିରେ ଆତ୍ମ ପ୍ରକାଶ ଘଟିଛି ଓଡ଼ିଆ ଅସ୍ମିତାବୋଧ, ମାଟିପ୍ରତି ମମତ୍ୱବୋଧ ତଥା ଜାତୀୟ ଜୀବନର ଗୌରବ ଗାଥା ।

Digitized by PPRACHIN, SOA

(ତିନି)

ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ପାଇଁ ନୀଳକଣ୍ଠଙ୍କ ଉଦ୍ୟମ ପ୍ରଶଂସନୀୟ । ପ୍ରଥମ କରି ସେ ଓଡ଼ିଆ ଭାଷାର ମୂଳ ଉତ୍ସ ସଂସ୍କୃତ ପରିବର୍ତ୍ତେ ପ୍ରାକୃତ ଭାଷାହିଁ ଏହାର ଜନନୀ ବୋଲି ମତ ଦେଇଛନ୍ତି । ଏହା ସହିତ ଓଡ଼ିଆ ଭାଷାରେ ଦ୍ରାବିଡ଼ ଭାଷାର ଅପ୍ରତିହତ ପ୍ରଭାବକୁ ପ୍ରାମାଣିକତାର ସହ ପ୍ରତିପାଦିତ କରିଛନ୍ତି । ଭାଷାର ବର୍ଣ୍ଣବିନ୍ୟାସରେ ଆଦର୍ଶ ରହିବ, କାରଣ ଭାଷାର ସ୍ଥିରତା ତା ଉପରେ ନିର୍ଭର କରେ; "କିନ୍ତୁ ସେ ଆଦର୍ଶ କଦାପି ସଂସ୍କୃତ ଭାଷା ହେବ ନାହିଁ । ଆଦର୍ଶ ଭାଷା ମଧ୍ୟ ଓଡ଼ିଆ ହେବ । ପୃଥିବୀର ଯେ କୌଣସି ଶ୍ରୀସଂପନ୍ନ ପ୍ରାକୃତ ବା ଲୋକମୁଖର ଭାଷା ଆଦର୍ଶହୀନ ହୋଇ ରହି ନ ପାରେ ।" (୧୪) ଗୋଟିଏ ସଭ୍ୟତାର ପ୍ରକୃତି ଓ ପ୍ରସାର ପାଇଁ 'ଭାଷାର ଶକ୍ତି ଓ ଅଭିବୃଦ୍ଧି' ଉପରେ ନିର୍ଭର କରିଥାଏ ବୋଲି ନୀଳକଣ୍ଠ କୁହନ୍ତି । ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ପୁସ୍ତକର ଗ୍ରନ୍ଥ ପ୍ରବେଶରେ, ଭାଷାଚର୍ଚ୍ଚାର ଆୟାମଟିଏ ନିର୍ମାଣ କରି କୁହନ୍ତି,' ଭାଷାତତ୍ତ୍ୱର ଅନୁସନ୍ଧାନ ଓ ପ୍ରଚାରରେ ଭାଷା ସାର୍ବଜନୀନ ଓ ବିଦେଶୀ ପକ୍ଷରେ ସୁଖସେବ୍ୟ ଓ ସୁଶିକ୍ଷଣୀୟ ହୁଏ । ଏହା ଏକପ୍ରକାର ଇଙ୍ଗିତରେ କୁହାଯାଇଅଛି । ମାତ୍ର ସାମାଜିକ କୃତ୍ରିମତାରୁ ହେଉ, ରାଜନୀତିକ ପରାଧୀନତାରୁ ହେଉ, ପ୍ରାଚୀନତାର ସ୍ଥିତି ସଂରକ୍ଷଣ ଉଦ୍ଦେଶ୍ୟ ବା ଉଦ୍ୟମରୁ ହେଉ, ଉପରେ କୁହାଯାଇଥିବା ନୀତି ଅବଲମ୍ବନରେ ଭାରତର ଭାଷାଚର୍ଚ୍ଚା ଅଦ୍ୟାପି କଦାଚିତ୍ ହୋଇଛି ।" (୧୫)ଭାଷା ଓ ସଂସ୍କୃତି ଉଭୟ ପରିପୂରକ । ସଂସ୍କୃତିକୁ ମୁଖରିତ କରେ ଭାଷା । ତେଣୁ ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍କୃତିର ପ୍ରାଣକେନ୍ଦ୍ରରେ ଥାଏ ଏକ ନିର୍ଦ୍ଦିଷ୍ଟ ଭାଷା । ସଂସ୍କୃତି ପରି ଭାଷା ସ୍ଥିତିଶୀଳ ନୁହେଁ, ଗତିଶୀଳ । ଭାଷାର ପ୍ରବହମାନତାରେ ଅନୁଗୁଞ୍ଜିତ ହୋଇଥାଏ ସଂସ୍କୃତିର ସଂକେତଗୁଡ଼ିକ, ଯାହା ଭିତର ଦେଇ ବିକଶିତ ଓ ପ୍ରକାଶିତ ହୋଇଥାଏ ଗୋଟିଏ ଜାତିର ଅସ୍ମିତାବୋଧ । ନୀଳକଣ୍ଠଙ୍କ ଭାଷାଚର୍ଚ୍ଚା ଏହାରି ଉପରେ ପର୍ଯ୍ୟବସିତ । ସଂସ୍କୃତିର ସୁକୋମଳ ଶଯ୍ୟାରେ ଭାଷାର ଅଭିବୃଦ୍ଧି ଘଟିଥାଏ ଏବଂ ତାହା ବାନ୍ଧିରଖେ ଏକ ନିର୍ଦ୍ଦିଷ୍ଟ ଜନଗୋଷ୍ଠୀକୁ । ସେଇ ଜନଗୋଷ୍ଠୀର ମସ୍ତିଷ୍କ ନିଃସୃତ ବ୍ୟାବହାରିକ ଜ୍ଞାନର କର୍ଷଣ ହିଁ ତା'ର ଭାଷା/ ସାହିତ୍ୟକୁ ଋଦ୍ଧିମନ୍ତ କରିଥାଏ । ସେଥିପାଇଁ ନୀଳକଣ୍ଠ ଭାଷାର ମୂଳ ଉତ୍ସକୁ ସଂସ୍କୃତି ସହିତ ସଂଯୋଗ କରିଛନ୍ତି । ଶାବର / ଜଗନ୍ନାଥ ସଂସ୍କୃତିର ମୂଳପିଣ୍ଡ ଜଗନ୍ନାଥ ଶବ୍ଦକୁ ଜୀନଦେବ ତଥା କୈବଲ୍ୟ, ପୁରୁଷୋତ୍ତମ ପ୍ରଭୃତି ଶବ୍ଦର ସାମ୍ୟ, ବୈଷମ୍ୟ ନିରୂପଣ କରିଛନ୍ତି ଜୈନଧର୍ମସ୍ଥ ବିବିଧ ଶବ୍ଦ ସମୂହରୁ । ସେହିପରି ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳ ସହ ସୁମେରୀୟ ସଂସ୍କୃତିର ସାମ୍ୟ ଅନୁଶୀଳନ ପୂର୍ବକ ଓଡ଼ିଆ ଶବ୍ଦ ଭଣ୍ଡାର ଓ ବ୍ୟାକରଣ ହିତ ସୁମେରୀୟ ଭାଷାର ଶବ୍ଦ ଓ ବ୍ୟାକରଣର ତୁଳନାତ୍ମକ ଅଧ୍ୟୟନ କରି ଏହି ଦୁଇ ଭାଷା ମଧ୍ୟରେ ସାମ୍ୟ ବୈଷମ୍ୟକୁ ଦର୍ଶାଇଛନ୍ତି ।

Digitized by PPRACHIN, SOA

ଉତ୍କଳୀୟ ଗ୍ରାମୀଣ ସଂସ୍କୃତି ଓ ପରମ୍ପରା ସହିତ ଜଡ଼ିତ ବ୍ୟାବହାରିକ ଭାଷାକୁ ଭିତ୍ତିକରି ବ୍ୟାକରଣ ରଚନା ଉପରେ ସେ ଗୁରୁତ୍ୱ ଦେଇଥିଲେ । କାରଣ ଅପର ସଂସ୍କୃତି ଧାରକ ବ୍ୟକ୍ତିଟି ଓଡ଼ିଶୀ ସଂସ୍କୃତିର ବୈଶିଷ୍ଟ୍ୟ ବୁଝିବା ସହିତ ଭାଷାକୁ ସହଜରେ ଆୟତ୍ତ କରିପାରିବ । ସଂସ୍କୃତ ଭାଷାକୁ ଓଡ଼ିଆ ଭାଷାର ଜନନୀ ଆଖ୍ୟା ଦେବା ଓ ଏହାର ଶବ୍ଦ ଭଣ୍ଡାର ସଂସ୍କୃତ ଶବ୍ଦାବଳୀର ବ୍ୟୁତ୍ପତ୍ତି କ୍ରମରୁ ଉଦ୍ଭବ ଯେଉଁ ଧାରଣାଟି ପ୍ରଚଳିତ ହୋଇ ଆସୁଥିଲା ଏବଂ ଯାହାକୁ ଭିତ୍ତି କରି ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ବ୍ୟତୀତ ନିମାଇଁ ବଲ୍ଲଭ ଭଟ୍ଟାଚାର୍ଯ୍ୟଙ୍କ 'ସର୍ବସାର ବ୍ୟାକରଣ' ତଥା ରାଧାନାଥରାୟଙ୍କ 'ବ୍ୟାକରଣ ପ୍ରବେଶ' ପ୍ରଭୃତି ପୁସ୍ତକ ରଚିତ ହୋଇଥିଲା, ସେସମସ୍ତକୁ ନୀଳକଣ୍ଠ କେବଳ ସଂସ୍କୃତ ବ୍ୟାକରଣ ଛାଞ୍ଚରେ ଲିଖିତ ବୋଲି ମତବ୍ୟକ୍ତ କରିଛନ୍ତି । କଥିତ ଭାଷାକୁ ବ୍ୟାକରଣର ଗଢ଼ଣ ଉପରେ ସେ ଗୁରୁତ୍ୱ ଦେବା ସହିତ ଆଧୁନିକ ଭାଷା-ଚର୍ଚ୍ଚାର ପରମ୍ପରାଟି ସୃଷ୍ଟି କରିଛନ୍ତି, ଯାହା ସାଂପ୍ରତିକ ଭାଷାବିଜ୍ଞାନୀ ସୋସୁର ଏବଂ ଚେମ୍‌ସ୍କିଙ୍କ ସହ ସମତୁଲ୍ୟ । ଏ ପ୍ରସଙ୍ଗରେ ଗଗନେନ୍ଦ୍ରନାଥ ଦାଶ କୁହନ୍ତି, "ତେବେ କହିଦେବାର କଥା ନୀଳକଣ୍ଠ ଇଂରାଜୀ Linguistics ଅର୍ଥରେ ହିଁ ଓଡ଼ିଆରେ ଭାଷାବିଜ୍ଞାନ ଶବ୍ଦର ପ୍ରୟୋଗ କରିଥିଲେ ତା ସେ ପ୍ରଥମେ ବୋଧହୁଏ କରିଥିଲେ ୧୯୨୭ରେ । ଏହା ପୂର୍ବରୁ ଅନ୍ୟ କେହି ଓଡ଼ିଆରେ 'ଭାଷାବିଜ୍ଞାନ' ଶବ୍ଦ ବା ପରିଭାଷା ବ୍ୟବହାର କରିଥିବାର ଜଣାନାହିଁ ।" (୧୬)

କଲିକତା ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ' ବିଭାଗରେ ଅବସ୍ଥାନ କରିଥିଲେ ୧୯୨୦ ମସିହାରେ । ଭାଷାତତ୍ତ୍ୱ ସଂପର୍କିତ ଅଧିକ ଗବେଷଣା କରିଥିଲେ ତାଙ୍କ ପଥରେ ପଥିକୃତ ହୋଇଥାନ୍ତେ ପରବର୍ତ୍ତୀ ପିଢ଼ି । ମାତ୍ର ଚାକିରି ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ତାଙ୍କର ସେହି ବୈପ୍ଳବିକ ଆତ୍ମସତ୍ତାଟି କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ପାଇଁ ବ୍ୟାକୁଳିତ ହେଉଥିଲା । ଜନଗଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି ରାଜନୀତିରେ ଯୋଗ ଦେଇ । ସାହିତ୍ୟ, ସଂସ୍କୃତି ଚର୍ଚ୍ଚା ସହିତ ଦର୍ଶନ ଓ ବିଜ୍ଞାନ ପ୍ରତି ତାଙ୍କର ଥିଲା ଅହେତୁକ ଜିଜ୍ଞାସା । ବିଜ୍ଞାନ ମନସ୍କତା ତାଙ୍କ ଚେତନାକୁ କରିଥିଲା ଶାଣିତ । ତେଣୁ ବ୍ରାହ୍ମଣ୍ୟ ବାଦ ବିପକ୍ଷରେ ସଂଗ୍ରାମ କରିଥିଲା ତାଙ୍କର ପ୍ରଜ୍ଞା ତାଙ୍କର ଦୃଷ୍ଟିଥିଲା ତୀକ୍ଷ୍ଣ ତେଣୁ ପଥ ଥିଲା ନିଆରା ।

**ପାଦଟୀକା :**

(୧) କର, ଡଃ. ବିଜୟାନନ୍ଦ, (ସଂ) ନୀଳକଣ୍ଠ ସ୍ମାରକୀ, (ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧ - ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ପଣ୍ଡିତ ନୀଳକଣ୍ଠ),ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୬, ପୃ -୧୩ । (ପଞ୍ଚମ ଖଣ୍ଡ)

(୨) ନୀଳକଣ୍ଠ ସ୍ମାରକୀ, ପଞ୍ଚମଖଣ୍ଡ, ପୃ -୮୭ (ଅଧ୍ୟାପିକା ମେନକା ନନ୍ଦଙ୍କ ପ୍ରବନ୍ଧ- "ନୀଳକଣ୍ଠଙ୍କ ଦୃଷ୍ଟିରେ ସମାଜ ସଂସ୍କାର ଓ ତାହାର ଦାର୍ଶନିକ ଭିତ୍ତି", ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୬) ।

(୩) "It is not the consciousness of men that determines their existence, but their social existence that determines their consciousness.",

Digitized by PPRACHIN, SOA

Marx, Karl, A Contribution to the Critique of Political Economy, People's Publishing House, New Delhi, 2010, Page - 21

(୪) ଦାଶ, ଦେବେନ୍ଦ୍ରକୁମାର, ଉତ୍କଳ ସମ୍ମିଳନୀ (ସଂ) , ପ୍ରଗତି ଉତ୍କଳ ସଂଘ, ରାଉରକେଲା, ୨୦୦୫, ପୃଷ୍ଠା - ୩୦୫ ।

(୫) ଦାଶ, ଅଧ୍ୟାପକ ଦେବେନ୍ଦ୍ରକୁମାର, ଫକୀରମୋହନ ଗ୍ରନ୍ଥାବଳୀ, (ତୃତୀୟ ଖଣ୍ଡ), ଗ୍ରନ୍ଥ ମନ୍ଦିର, କଟକ, ୨୦୦୮, ପୃଷ୍ଠା-୪୨୯ ।

(୬) ମିଶ୍ର , ଡ଼ଃ. ପ୍ରସନ୍ନକୁମାର, ଦାଶ, ଦେବେନ୍ଦ୍ରକୁମାର, କବିବର ରାଧାନାଥ ଗ୍ରନ୍ଥାବଳୀ (ସଂ), ଗ୍ରନ୍ଥମନ୍ଦିର , କଟକ, ୧୯୯୮, ପୃଷ୍ଠା – ଖ ।

(୭) ରାଧାନାଥ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ), ୧୯୬୩, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ପୃଷ୍ଠା – ୨୨୯

(୮) ଦାସ, ପଣ୍ଡିତ ନୀଳକଣ୍ଠ, ଆତ୍ମଜୀବନୀ, ୨୦୦୩ ( ତୃତୀୟ ସଂସ୍କରଣ) , କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, ପୃ – ୯୪ ।

(୯) ଏଜ୍ନ, ପୃଷ୍ଠା-୧୭୫ ।

(୧୦) ଦାସ, ନୀଳକଣ୍ଠ, ଓଡ଼ିଆ ଭାଷା ଓ ସାହିତ୍ୟ, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର୍ସ , କଟକ ୧୯୫୮ (ଦ୍ୱିତୀୟ ସଂସ୍କରଣ ) , ପୃଷ୍ଠା ୧୭୯ ।

(୧୧) ଏଜ୍ନ , ପୃ – ୧୮୦ ।

(୧୨) ଏଜ୍ନ , ପୃ – ୧୮୮- ୧୮୯ ।

(୧୩) ଏଜ୍ନ , ପୃ – ୧୯୦ ।

(୧୪) ଏଜ୍ନ , ପୃ – ୧୯୪ ।

(୧୫) ଏଜ୍ନ , ପୃ – ୧୦ ।

(୧୬) ଏଜ୍ନ , ପୃ – ୧୫ ।

(୧୭) ନୀଳକଣ୍ଠ ସ୍ମାରକୀ – ( ତୃତୀୟ ଖଣ୍ଡ)

(୧୮) ଦାଶ, ଡଃ. ଗଗନେନ୍ଦ୍ର ନାଥ (ସଂ) ନୀଳକଣ୍ଠ ସ୍ମାରକୀ (ତୃତୀୟ ଖଣ୍ଡ) ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୬, ପୃ –୨

Digitized by PPRACHIN, SOA

# ପ୍ରେମ- ପ୍ରତୀକ୍ଷା ଓ ତ୍ୟାଗର କରୁଣ ସ୍ୱରଲିପି: 'ଦାସନାଏକ'

ଡ. ଉଷାରାଣୀ ରଥ

ସତ୍ୟବାଦୀ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରୁ ଅନ୍ୟତମ, ପ୍ରଖ୍ୟାତ ମନୀଷୀ ନୀଳକଣ୍ଠ ଦାସଙ୍କ ସାହିତ୍ୟ ସାଧନା ୧୯୦୯ ମସିହାଠାରୁ ଆରମ୍ଭ କରି ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟର ଓଡ଼ିଶାର ସାମାଜିକ, ରାଜନୀତିକ, ସାଂସ୍କୃତିକ ତଥା ସାହିତ୍ୟିକ ଜୀବନ ଧାରାର ଆଲେଖ୍ୟ ବହନ କରେ। ସତ୍ୟବାଦୀ ଯୁଗ ଚେତନାର ଜଣେ ସଫଳ ବାର୍ତ୍ତାବହ ତଥା ଜଣେ ଶିକ୍ଷାବିତ୍, କବି, ସମୀକ୍ଷକ, ପ୍ରାବନ୍ଧିକ, ବାଗ୍ମୀ, ସଂସ୍କାରକ ଇତ୍ୟାଦି ବିଭିନ୍ନ ଭୂମିକାରେ ତାଙ୍କର ଅମଳିନ କୀର୍ତ୍ତି ସର୍ବଦା ସ୍ମରଣୀୟ। "ନାନା ଦିଗରୁ ବିଚାର କଲେ ନୀଳକଣ୍ଠ ଏ ଯୁଗର ଜଣେ ଋଷି, ଅବଶ୍ୟ ସକ୍ରେଟିସ୍‌ଙ୍କ ପରି ଜଣେ ଦାର୍ଶନିକ, ବ୍ୟାସ ବାଲ୍ମୀକିଙ୍କ ପରି ବାଣୀବିଳାସୀ, ଭାରତର ଜଣେ ଶ୍ରେଷ୍ଠ ବ୍ୟବସ୍ଥାପକ ଓ ଭାବୁକ ଭାବରେ, ଉତ୍କଳର ଜଣେ ନେତା ଭାବରେ, ବନବିଦ୍ୟାଳୟର ଜଣେ ଶିକ୍ଷକ ଭାବେ ନୀଳକଣ୍ଠ ଯୁଗ ପ୍ରବାହରେ ମଳିନ ହୋଇଯାଇପାରନ୍ତି; କିନ୍ତୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସେ ଚିର ଭାସ୍ୱର ହୋଇ ରହିବେ।" (୧) ୧୯୦୯ ମସିହାଠାରୁ ମୃତ୍ୟୁପର୍ଯ୍ୟନ୍ତ ନୀଳକଣ୍ଠ ନିରଳସ ତଥା ନିରବଚ୍ଛିନ୍ନ ସାହିତ୍ୟସାଧନାରେ ବ୍ରତୀ ହୋଇ ଓଡ଼ିଆ ସାହିତ୍ୟର ଇତିହାସରେ ନିଜ ସର୍ଜନାର ଅଲିଭା ସ୍ୱାକ୍ଷର ରଖିଯାଇଛନ୍ତି। "କବିଙ୍କ ଶିଳ୍ପ ସମ୍ଭାରରେ ଆମେ ତାଙ୍କର ଜୀବନଜିଜ୍ଞାସା, ପ୍ରାଣ ପ୍ରାଚୁର୍ଯ୍ୟ ସର୍ବୋପରି ସମ୍ଭ୍ରାନ୍ତ କାବ୍ୟ ଚେତନାର ନିଖୁଣ ନିଦର୍ଶନ ପାଇଥାଉ। କବି ତାଙ୍କର ସୃଷ୍ଟି ମଧ୍ୟରେ ଆତ୍ମ ପ୍ରଖ୍ୟାପନ କରିଅଛନ୍ତି ଓ ନୀତିବାଗୀଶ ଭଳି ଉପଦେଶାବଳୀ ଦ୍ୱାରା ସମାଜକୁ ସତ୍‌ମାର୍ଗାନୁବର୍ତ୍ତୀ ଓ ସୁଶୃଙ୍ଖଳିତ କରିଅଛନ୍ତି × × × ପଣ୍ଡିତ ନୀଳକଣ୍ଠଙ୍କ ସାରସ୍ୱତ ସଫଳତା ହିଁ ତାଙ୍କ ନିରବଚ୍ଛିନ୍ନ ସାହିତ୍ୟ ସାଧନା ଓ ସୂକ୍ଷ୍ମାନୁଭୂତିର ଅବିସ୍ମରଣୀୟ ଅବଦାନ।" (୨)

ସାହିତ୍ୟର ଅନ୍ୟସବୁ ବିଭାଗ ପରେ ଅନୁବାଦ କ୍ଷେତ୍ରରେ ମଧ୍ୟ ସେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଅଛନ୍ତି। ତାଙ୍କର ମୌଳିକ କାବ୍ୟ 'କୋଣାର୍କେ' (୧୯୧୯) ଓ 'ଖାରବେଳ' (୧୯୨୦) ପରି ଅନୂଦିତ କାବ୍ୟ 'ପ୍ରଣୟିନୀ' (୧୯୧୯) ଓ 'ଦାସନାଏକ' (୧୯୨୩) ରେ ମଧ୍ୟ ତାଙ୍କର ଉତ୍ତୁଙ୍ଗ କବିତ୍ୱର ସ୍ଫୁରଣ ଘଟିଛି। ଦୀର୍ଘଦିନର ପରାଧୀନତା ଓଡ଼ିଆ ଅସ୍ମିତାକୁ ଦିନେ ପ୍ରତିହତ କରି ଓଡ଼ିଆ ଭାଷା ତଥା ଓଡ଼ିଆଙ୍କୁ ଦୀନହୀନ କରିଦେବାର ଯେଉଁ ପରିବେଶ

Digitized by PPRACHIN, SOA

ସୃଷ୍ଟି କରିଥିଲା ସେପରି ସମୟରେ ଓଡ଼ିଆ ସାହିତ୍ୟକୁ ସଂକୀର୍ଣ୍ଣତାର ବନ୍ଧନରୁ ମୁକ୍ତ କରି ଏକ ବିସ୍ତୃତ ଭାବଭୂମି ପ୍ରଦାନ କରିବା ତଥା ବିଶ୍ୱଭାବନାରେ ଉଦ୍‌ବୁଦ୍ଧ କରିବା ନିମନ୍ତେ ପଣ୍ଡିତ ନୀଳକଣ୍ଠ ଅନୁବାଦକୁ ଅନ୍ୟତମ ମାର୍ଗ ଭାବରେ ଗ୍ରହଣ କରିନେଇଥିଲେ।" ସଂସ୍କୃତ ଓ ଇଂରାଜୀ ଭାଷାରେ ପାଣ୍ଡିତ୍ୟ ଅର୍ଜନ ଓ ଉକ୍ତ ଭାଷା ଦ୍ୱୟର ସାହିତ୍ୟ ଅଧ୍ୟୟନ ସାଙ୍ଗକୁ ଗଭୀର ଅନ୍ୱେଷାବୋଧ ହିଁ ତାଙ୍କୁ ଅନୁବାଦ କରିବା ପାଇଁ ପ୍ରଣୋଦିତ କରିଥିଲା। × × × ବିଷୟ ନିର୍ବାଚନର ଯଥାର୍ଥତା ଓ ଯୁଗୋପଯୋଗିତା, ବିଦ୍ୟାଳୟ ଓ ବନ୍ଦୀଶାଳରେ ସମୟ ସୁଲଭତା ଓ ପତ୍ରପତ୍ରିକାରେ ପ୍ରକାଶନର ସୁଯୋଗ ହିଁ ତାଙ୍କ ଅନୁବାଦ ସାହିତ୍ୟର ପୃଷ୍ଠପୀଠିକାକୁ ସୁଦୃଢ଼ କରିଥିଲା।" (୩)

ଆଲୋଚ୍ୟ 'ଦାସ ନାଏକ' କାବ୍ୟଟି ଇଂରେଜ କବି ଟେନିସନ୍‌ଙ୍କର 'ଇନକ୍ ଆଡ଼େନ୍' କାବ୍ୟଟିର ସଫଳ କାବ୍ୟାନୁବାଦ। 'ଦାସନାଏକ' କାବ୍ୟର 'ଭୂମିକା'ରେ କବି ସ୍ୱୟଂ ଏହି ଅନୂଦିତ ସର୍ଜନାର ପ୍ରେରଣା ଓ ପୃଷ୍ଠଭୂମି ସମ୍ପର୍କରେ ସ୍ୱୀକାର କରିଛନ୍ତି ଯେ – "ହଠାତ୍ ମନେହେଲା ସମସ୍ତ ରାତ୍ରି ଏକାକୀ ବନ୍ଦ ହେବାବେଳେ କିଛି ଲେଖିବାର ଆରମ୍ଭ କଲେ କାଳ କଟିଯିବ। ତେଣୁ ଇନକ୍ ଆଡ଼େନ୍ ଆଶ୍ରୟରେ 'ଦାସ ନାଏକ' ବୋଲି ଏହି କାବ୍ୟଟି ଲେଖିଲି × × × ଏ କାବ୍ୟରେ ନାରୀର ସ୍ୱଭାବସୁନ୍ଦର ସତୀତ୍ୱ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତିସାଧନ ସାହିତ୍ୟ ରାଜ୍ୟରେ ଗୋଟିଏ ନୂତନ ବିଭାବ। ଏ ବିଭାବ ମୋର ଏ କାବ୍ୟ ପ୍ରତି ଆଦର ବଢ଼ାଇଥିଲା"। ବାସ୍ତବିକ୍, ସାହିତ୍ୟ ଜଗତରେ ସର୍ବତ୍ର କେବଳ ନାରୀଠାରେ ସ୍ନେହ, ପ୍ରେମ, ତ୍ୟାଗ ଇତ୍ୟାଦି ଆଦର୍ଶର ଆରୋପଣ କରାଯାଉଥିବା ସ୍ଥଳେ ପୁରୁଷ ଠାରେ ଏ ପ୍ରକାର ଆଦର୍ଶର ପ୍ରତିଫଳନ ମଧ୍ୟରେ ଏକ ଅନନ୍ୟତା ପରିଲକ୍ଷିତ, ଯାହା କବି ନୀଳକଣ୍ଠଙ୍କର ସର୍ଜନା ଦୃଷ୍ଟିରେ ଗ୍ରହଣୀୟ ହୋଇଯାଇଥିଲା ଓ ତାହାର ପରିଣତି ସ୍ୱରୂପ 'ଦାସ ନାଏକ' ପରି ଏକ ସଫଳ ସୃଷ୍ଟି ସମ୍ଭବ ହୋଇପାରିଲା।

ପ୍ରଥମେ କାବ୍ୟଟିର କାହାଣୀ ଭାଗ ଉପରେ ଆଲୋକପାତ କରାଯାଉ। ମୋଟ ଦୁଇଟି ସର୍ଗରେ କାବ୍ୟଟି ରଚିତ। ପାଦ ସଂଖ୍ୟା ୧୪୯୬। ମାତ୍ର ଚାରିଟି ଚରିତ୍ର ଯଥା – ଦାସ ନାଏକ, ମେଲା, ଲକ୍ଷଣ ଓ ମରୁଆ ବୁଢ଼ୀକୁ ନେଇ କାବ୍ୟର ବିଷୟବସ୍ତୁ ଗତିଶୀଳ ହୋଇଛି। ମରୁଆର ସ୍ୱାମୀ ରାହାସ ବେହେରା ନାମକ ଚରିତ୍ରଟିର କେବଳ ନାମୋଲ୍ଲେଖ ହେବା ବ୍ୟତୀତ କାବ୍ୟରେ କୌଣସି ଭୂମିକା ନାହିଁ। ସମୁଦ୍ର ତଟବର୍ତ୍ତୀ ଏକ ପଲ୍ଲୀଗ୍ରାମରେ ତିନି ଶିଶୁ – ଦାସ, ଲକ୍ଷଣ ଓ ମେଲା ପ୍ରଗାଢ଼ ବନ୍ଧୁତ୍ୱ ମଧ୍ୟରେ ଆନନ୍ଦରେ ନିଜର ଶୈଶବ କଟାଇବା ଭିତରେ ମିଛିମିଛିକା ସ୍ୱାମୀ-ସ୍ତ୍ରୀର ଘରକରଣା ଖେଳ ଖେଳୁଖେଳୁ କେତେବେଳେ ଯୌବନ ଆସିଯାଇଛି। ମେଲା ଓ ଦାସ ମନରେ ପରସ୍ପର ପ୍ରତି ଆକର୍ଷଣ ସୃଷ୍ଟି ହୋଇଛି। ଲକ୍ଷଣ ମନ ଭିତରେ ମେଲାକୁ ଭଲ ପାଉଥିଲେ ମଧ୍ୟ ଦାସ ପ୍ରତି ତାହାର ଆସକ୍ତି ଦେଖି ନିଜ ମନ ତଳେ ନିଜର ପ୍ରେମକୁ ଛପାଇ ରଖିଛି। ସମୟକ୍ରମେ ଦାସ ଏକ ପ୍ରତିଷ୍ଠିତ

Digitized by PPRACHIN, SOA

ମତ୍ସ୍ୟଜୀବୀ ତଥା ପାଲଟେକା ତରୀର ମାଲିକ ପାଲଟିଯାଇ ମେଲାକୁ ବିବାହ କରିଛି । ଉଭୟ ପିତାମାତା ହୋଇ ସୁଖରେ କାଳ କାଟିଛନ୍ତି । ନିଜ ସନ୍ତାନମାନଙ୍କୁ ମଣିଷ ପରି ମଣିଷ କରିବାକୁ ପ୍ରାଣପଣ ଚେଷ୍ଟା କରୁ କରୁ ଏକ ଦୁର୍ଘଟଣାରେ ଦାସର ଗୋଡ଼ ଭାଙ୍ଗିଯାଇଛି । ସଂସାର ସୁଖରେ ସତେ ଯେମିତି ଭଟା ପଡ଼ିଯାଇଛି । ସଞ୍ଚିତ ଧନ ସରି ଆସିବା ତଥା ତୃତୀୟ ସନ୍ତାନର ଆଗମନ ଦାସ ମନରେ ଚିନ୍ତା ସୃଷ୍ଟି କରିଛି । ସମ୍ଭାବ୍ୟ ଦୈନ୍ୟରୁ ନିଜ ପରିବାରକୁ ରକ୍ଷା କରିବାକୁ ଯାଇ ଦାସ ଚୀନ୍ ଅଭିମୁଖୀ ଏକ ଜାହାଜରେ ଖଲାସୀ ସର୍ଦ୍ଦାର ଭାବରେ ଚାଲିଯାଇଛି । ସାଂସାରିକ ବିଷୟ ବିଚାରରେ ଅନଭିଜ୍ଞତା ହେତୁ ପରିସ୍ଥିତିରେ ପଡ଼ି ନିଃସ୍ୱ ହୋଇଯିବା, ଦାସର କୌଣସି ଖବର ନମିଳିବା ତଥା ଚିକିତ୍ସା ଅଭାବରୁ ରୋଗଗ୍ରସ୍ତ ସାନ ପିଲାଟିର ମୃତ୍ୟୁ ମେଲାକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି । ଏ ସମୟରେ ଦେବଦୂତ ପରି ଉଭା ହୋଇଛି ଲକ୍ଷଣ । ମେଲାର ପିଲାମାନଙ୍କୁ ଆଦର ଯତ୍ନ କରି ସେମାନଙ୍କ ଶିକ୍ଷା ଦୀକ୍ଷାର ଦାୟିତ୍ୱ ନେଇଛି ଓ ତା ମନରେ ପୁଣିଥରେ ମେଲାକୁ ନେଇ ଘର କରିବାର ସ୍ୱପ୍ନଟି ଉଜ୍ଜୀବିତ ହୋଇଛି । ଦାସକୁ ଝୁରି ହେଲେ ମଧ୍ୟ ମେଲା ପରିସ୍ଥିତିର ତାଡ଼ନାରେ ଲକ୍ଷଣକୁ ବିବାହ କରିଛି । ଏପରି ସମୟରେ ନାଟକୀୟ ଭାବରେ ଦାସର ଆବିର୍ଭାବ ହୋଇଛି ଓ ସେ ମେଲା-ଲକ୍ଷଣର ସଂସାରକୁ ଦେଖି ସ୍ତବ୍ଧ ହୋଇଛି । ଜୀବନର ଲକ୍ଷ୍ୟ ତା'ର ସମାପ୍ତ ହୋଇଛି । ଏକ ବିରାଟ ଶୂନ୍ୟତା ତାକୁ ରୋଗଗ୍ରସ୍ତ କରିଛି ଓ ଶେଷରେ ପାଠକ ମନରେ ଏକ କାରୁଣ୍ୟର ଉଚ୍ଛ୍ୱାସ ସୃଷ୍ଟି କରି ଦାସ ମୃତ୍ୟୁବରଣ କରିଛି ।

ଦାସ-ମେଲା-ଲକ୍ଷଣକୁ ନେଇ କାବ୍ୟଟିରେ ଯେଉଁ ପ୍ରେମ ତ୍ରିକୋଣ ସୃଷ୍ଟି ହୋଇଛି ସେଥିରେ ପ୍ରସ୍ଫୁଟିତ ପ୍ରେମ ବିଚ୍ଛେଦ ଓ ତ୍ୟାଗରେ ଅଧିକ ମହିମାମଣ୍ଡିତ ତଥା ଉଜ୍ଜ୍ୱଳ ହୋଇଛି । ପ୍ରେମ ପାଇଁ ପ୍ରତୀକ୍ଷା କିପରି ଅସୀମ ହୋଇପାରେ ତାହାର ବାର୍ତ୍ତା ପ୍ରଦାନ କରିଛି ଏହି ପ୍ରେମ ତ୍ରିକୋଣ । 'ଦାସ ନାଏକ କାବ୍ୟର ମୁଖ୍ୟ ବିଭବ ହେଉଛି ପ୍ରେମ । କାବ୍ୟରେ ଆଦ୍ୟନ୍ତ ପ୍ରେମର ଫଲଗୁଧାରା ପ୍ରବହମାନ । ମିଳନ ଅପେକ୍ଷା ବିଚ୍ଛେଦରେ ପ୍ରେମର ମହତ୍ତ୍ୱ ଫୁଟି ଉଠେ । ପ୍ରେମର ସାର୍ଥକତା ଭୋଗରେ ନୁହେଁ, ତ୍ୟାଗରେ । ଏହି ଆଦର୍ଶ ହିଁ କାବ୍ୟର ଦୁଇଟି ଚରିତ୍ର ଦାସ ଓ ଲକ୍ଷଣ ମାଧ୍ୟମରେ ସ୍ୱଚ୍ଛ ଭାବରେ ଉପସ୍ଥାପନ କରାଯାଇଛି । × × × ଅନ୍ୟ କିଛି ଉତ୍କର୍ଷକୁ ବାଦ୍ ଦେଲେ ମଧ୍ୟ କେବଳ ଏଇଥିପାଇଁ ହିଁ କାବ୍ୟଟି ବିଶେଷ ଆକର୍ଷଣୀୟ ଓ ମୂଲ୍ୟବାନ୍ ହୋଇଯାଇଛି ।" (୪)

ଦାସ ନିଜ ପ୍ରେମକୁ ସାକାର କରିବା ତଥା ପ୍ରେମିକା ମେଲାକୁ ପତ୍ନୀ ଭାବରେ ସୁଖରେ ରଖିବାର ସ୍ୱପ୍ନ ଦେଖିଛି । ସ୍ୱପ୍ନର ରୂପାୟଣ ନିମନ୍ତେ କଠିନ ପରିଶ୍ରମ କରିଛି । ଅର୍ଜିତ ଧନକୁ ସଞ୍ଚୟ କରି ନିଜର ପାଲଟେକା ତରୀଟିଏ କିଣିଛି, ଘରଟିଏ ତୋଳିଛି । ନିଜର ସାମାଜିକ ସ୍ଥିତିକୁ ସୁଦୃଢ଼ କରିବାର ଉଦ୍ୟମ ପଛରେ ଲୁଚି ରହିଛି ନିଜକୁ ମେଲା ପାଇଁ ଯୋଗ୍ୟ କରିବା ତଥା ବିବାହୋପରାନ୍ତ ମେଲାକୁ ସୁଖରେ ରଖିବାର ସ୍ୱପ୍ନଟିଏ । ଯେଉଁଥିରୁ ମେଲା ପାଇଁ ତା'ର ପ୍ରେମ ଜଳ ଜଳ ଦିଶେ । ପୁଣି ଚୀନ୍ ଅଭିମୁଖୀ ଜାହାଜରେ

Digitized by PPRACHIN, SOA

ଯିବାକୁ ପ୍ରସ୍ତୁତ ହେବା ପଛରେ ମଧ୍ୟ ସେଇ ଏକା ଉଦ୍ଦେଶ୍ୟ – ମେଲା ତଥା ପିଲାମାନଙ୍କୁ ସୁଖରେ ରଖିବା । ତେଣୁ କିଛି କାଳ ପାଇଁ ମେଲାକୁ ଛାଡ଼ିଯିବା ଦାସ ପାଇଁ ଦୁଃଖଦାୟକ ହେଲେ ମଧ୍ୟ ଓ ମେଲାର ବ୍ୟାକୁଳ କ୍ରନ୍ଦନରେ ଘାରି ହେଲେ ମଧ୍ୟ ସେ ନିଜକୁ ଦୃଢ଼ କରିଛି । ଏଥିରେ ତାର ପ୍ରତାରଣା ନାହିଁ, ବରଂ ରହିଛି ଏକନିଷ୍ଠ ପ୍ରେମର ପରାକାଷ୍ଠା, କବିଙ୍କ ଭାଷାରେ – "ଶୁଖିଲା ମୁହଁଟି ମେଲାର ଦେଖିଲେ
ଘାଂଟି ହେଉଥାଏ ମନ ତା'ର" ।

ବିଦାୟ ସମୟରେ ମେଲାକୁ ଆଲିଙ୍ଗନ ତଥା ମୁଖକୁ ଚୁମ୍ବନ କରିବା ମଧ୍ୟରେ ଦୈହିକ କାମନା ନୁହେଁ ବରଂ ପ୍ରେମର ପରିପ୍ରକାଶ ଘଟିଛି । ଦୈବୀ ଦୁର୍ବିପାକରେ ବର୍ଷ ପରେ ବର୍ଷ ନିର୍ଜନ ଟାପୁରେ ଉପାୟହୀନ ଭାବରେ ଅନ୍ତହୀନ ପ୍ରତୀକ୍ଷାରେ କଟିଯାଇଛି ଦାସର । ବିଚ୍ଛେଦ ମେଲାର ସ୍ମୃତିକୁ କିନ୍ତୁ ଅଧିକ ଗଭୀର କରିଛି । ଅତୀତରେ ମେଲା ସଙ୍ଗରେ ବିତାଇଥିବା ମଧୁର ମୁହୂର୍ତ୍ତ ଗୁଡ଼ିକୁ ଝୁରୁଛି ଦାସ । ଦୁଃଖରେ ଦୁଃଖରେ ବୟସ ପୂର୍ବରୁ ବୁଢ଼ାପରି ଦିଶିଛି । ମେଲା ଯେ ତା' ଜୀବନର ଧନ । ତାକୁଇ ଥରେ ଦେଖିବା ପାଇଁ ବ୍ୟାକୁଳ ହୋଇଛି । ମେଲା ସୁଖରେ ଅଛି ଏତିକି ଦେଖିବା ତା'ର ଉଦ୍ଦେଶ୍ୟ । ମାତ୍ର ବାସ୍ତବତାକୁ ପ୍ରତ୍ୟକ୍ଷ କରି ସେ ସ୍ତମ୍ଭୀଭୂତ ହୋଇଛି । ଯାହାପାଇଁ ସେ ଏତେ ଦାରୁଣ ଦୁଃଖ ସହିଲା ସେହି ମେଲା ଏବେ ଅନ୍ୟ କାହାର । ଦାସ ସେମାନଙ୍କ ଆଗରେ ନିଜର ଉପସ୍ଥିତିକୁ ଜାହିର କରିନାହିଁ । ହୁଏତ ତା'ର ସ୍ଥିତି ସେମାନଙ୍କ ସୁଖର ସଂସାରକୁ ଭାଙ୍ଗିଦେବ ! ମେଲାକୁ ନ ପାଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ ମଧ୍ୟ ପୁଣିଥରେ ମେଲା ଜୀବନରେ ସନ୍ଧିକ୍ଷଣ ଆସିବାକୁ ଦେଇନାହିଁ ଦାସ, ବରଂ ନୀରବରେ ଫେରିଆସିଛି ଓ ମେଲାର ସୁଖ ପାଇଁ ନିଜ ମନରୁ ସବୁ ପ୍ରାପ୍ତିର କାମନାକୁ ପୋଛି ଦେଇଛି । ଶେଷରେ ଦିନେ ମେଲା ତାକୁ ପିନ୍ଧାଇ ଦେଇଥିବା ଡେଉଁରିଆଟିକୁ ସାରାଜୀବନ ଛାତିରେ ଝୁଲାଇ ଯେଉଁ ଐକାନ୍ତିକ ପ୍ରେମର ପରିଚୟ ଦେଇଥିଲା ତାକୁ ମରୁଆ ବୁଢ଼ୀ ହାତରେ ଫେରାଇଦେଉଛି – ମେଲା ଅନ୍ତତଃ ଜାଣିବ ଯେ ଦାସ ଚରିତ୍ରଟିରେ ପ୍ରେମର ଯେଉଁ ମହିମା ପରିସ୍ଫୁଟିତ ହୋଇଛି କବିଙ୍କ ଭାଷାରେ –

"ଶୁଭ ମନାସି ମୁଁ ମରୁଛି ତାହାର
ସୁଖେ ତାକୁ ରଖିଥିବେ ପ୍ରଭୁ
ପରାଣ ଦୋସର ସେହି ମୋର ଏକା
ଜୀବନେ ମରଣେ ସବୁ ସେହୁ ।"

ପ୍ରେମର ଏହି ଅପୂର୍ବ ଦ୍ୟୁତି ପାଠକର ମନୋଭୂମିକୁ ଝଲସାଇ ଦିଏ ।

କାବ୍ୟର କେନ୍ଦ୍ର ଚରିତ୍ର ଭାବରେ ମେଲା ସମ୍ପର୍କରେ ଆଲୋଚନା କରାଯାଉ । କାବ୍ୟର ଆରମ୍ଭରେ ମେଲା ମନରେ ଦାସ ଓ ଲକ୍ଷଣ ଉଭୟଙ୍କ ପ୍ରତି ଶ୍ରଦ୍ଧା ଓ ସଦ୍‌ଭାବ

Digitized by PPRACHIN, SOA

ଥିଲେ ମଧ ତା'ର ଭାବନାରେ ଥିବା ସୂକ୍ଷ୍ମ ପାର୍ଥକ୍ୟଟିକୁ କବି ନୀଳକଣ୍ଠ ଅତି ଚମତ୍କାର ଭାବରେ ଲକ୍ଷ୍ୟ କରିଛନ୍ତି-

"ଲକ୍ଷଣ ଦେଖିଲେ ହସିଦିଏ ଖାଲି
କହିବାକୁ ମୁଖେ ନାହିଁ କଥା
ମନେ ମେଲା ତାକୁ କରଇ ଆଦର
ଦାସକୁ ଚାହିଁଲେ ପୋତେ ମଥା ।"

ଏହି ପଦଟିରୁ ଲକ୍ଷଣ ପ୍ରତି ମେଲାର ବନ୍ଧୁତ୍ୱସୁଲଭ ସ୍ନେହ ଶ୍ରଦ୍ଧା ତଥା ଦାସକୁ ଦେଖି ମୁଣ୍ଡ ପୋତିବା ମଧ୍ୟରେ ଏକ ମଧୁର ଲଜ୍ଜା ମିଶ୍ରିତ ଅନୁରକ୍ତି ସ୍ପଷ୍ଟ ଲକ୍ଷ୍ୟଣୀୟ । ଏହାକୁ ମେଲାର ପ୍ରେମ ବ୍ୟତୀତ ଅନ୍ୟ କ'ଣ କୁହାଯିବ ! ଦାସ ସହିତ ସ୍ୱଚ୍ଛନ୍ଦ ହୋଇନପାରିବା, ଦରହାସ କରିବା, ସିଧାସଳଖ ମୁହଁକୁ ଚାହିଁନପାରି ଦରଦର ଚାହାଣିରେ ଚାହିଁବା, ଲଜ୍ଜା ଓ ଭୟର ମିଶ୍ରିତ ଅନୁଭବ, ଦାସକୁ ଚାହିଁଲେ ଏକ ଭିନ୍ନ ଶିହରଣ, ପାଦରେ କଣ୍ଟା ଫୁଟିବାର ମିଛ ଅଭିନୟ କରି ଜାଣି ଜାଣି ପଛେଇ ରହିବା ମଧ୍ୟରେ ଦାସର ଏକାନ୍ତ ସାନ୍ନିଧ ଲାଭର କାମନା, ସୁଖ ଓ ଚାହାଣିର ଅପୂର୍ବ ଲାଳିତ୍ୟପୂର୍ଣ୍ଣ ଭଙ୍ଗୀ ତଥା ଯନ୍ତ୍ରଣାକାତର ଭଙ୍ଗୀ ମଧ୍ୟରେ ଦାସର ସହାନୁଭୂତିର ଅପେକ୍ଷା ଇତ୍ୟାଦି ମେଲାର ଦାସ ପ୍ରତି ପ୍ରେମକୁ ସ୍ପଷ୍ଟ ଅଭିବ୍ୟକ୍ତ କରିବାକୁ ସକ୍ଷମ । ନାରୀ ମନସ୍ତତ୍ତ୍ୱ ଓ ତଜ୍ଜନିତ ବାହ୍ୟ ଆଚରଣକୁ ଗଭୀର ନିରୀକ୍ଷଣ ତଥା ତାହାର ଉପଯୁକ୍ତ ରୂପାୟନ କବିଙ୍କ ଅପୂର୍ବ କବିତ୍ୱ ଶକ୍ତିର ସ୍ୱାକ୍ଷର ବହନ କରେ । ମେଲା ସମୟକ୍ରମେ ଦାସକୁ ବିବାହ କରିଛି ପୁଣି ପରିସ୍ଥିତିରେ ପଡ଼ି ଦାସଠାରୁ ବିଚ୍ଛିନ୍ନ ହେବାକୁ ପଡ଼ିଛି । ବିରହ ଯନ୍ତ୍ରଣାରେ ଘାରି ହୋଇଛି ମେଲା । ତାରି ଖବରକୁ ଚାହିଁ ଚାହିଁ ଦିନ କାଟିଛି । ନିତାନ୍ତ ଦୁରବସ୍ଥା ମଧ୍ୟରେ ଗତି କରିଥିଲେ ମଧ ଲକ୍ଷଣର ବିବାହ ପ୍ରସ୍ତାବକୁ ସହସା ଗ୍ରହଣ କରିପାରି ନାହିଁ କାରଣ ହୃଦୟରେ କେବଳ ଦାସର ପ୍ରତିଛବି । ଲକ୍ଷଣକୁ ବିବାହ କଲେ ମଧ ସେ ନିଜ ହୃଦୟ ଦେଇ ପାରିବ ନାହିଁ, ଏକଥା ସ୍ପଷ୍ଟ କରିଛି -

"କି କହୁଛ ମୋତେ ଦାସ ମୁହଁ ପରି
ଦିଶିବ କି ଆଉ ବଡ଼ କେହି ?
ତୁମ୍ଭଙ୍କୁ ଘେନି ମୁଁ କଲେ ହେଲେ ଘର
ଦାସ ପରି ତୁମ୍ଭେ ହେବ ନାହିଁ ।"

ବିଚ୍ଛେଦର ଗଭୀର ଯନ୍ତ୍ରଣାରେ ପ୍ରେମ ତା'ର ଉଚ୍ଛକିତ ହୋଇଛି । ବର୍ଷ ପରେ ବର୍ଷ ଦାସର ପ୍ରତୀକ୍ଷାରେ ବିତିଯାଇଛି । ଦାସ ଫେରିନାହିଁ । ଶେଷକୁ ପିଲାମାନଙ୍କ ଭବିଷ୍ୟତ କଥା ଚିନ୍ତା କରି ସେ ଲକ୍ଷଣକୁ ବର୍ଷଟିଏ ସମୟ ମାଗିଛି । ମନରେ ତଥାପି ଦାସ ଫେରିବାର ଆଶା । ବର୍ଷଟିଏ ପରେ ମଧ ବିଭିନ୍ନ ବାହାନା କରି ମେଲା ସମୟ ଗଡ଼ାଇ ଚାଲିଛି । ପରିସ୍ଥିତି ସହ ହୃଦୟବତ୍ତାର କଠୋର ସଂଘର୍ଷ ଏଠାରେ ପରିଲକ୍ଷିତ । ଶେଷରେ ଲକ୍ଷଣକୁ

Digitized by PPRACHIN, SOA

ବିବାହ କଲେ ମଧ୍ୟ ମେଲା ଆନ୍ତରିକ ଭାବେ ସୁଖୀ ହୋଇନାହିଁ । ସର୍ବଦା ଦାସକୁ ହିଁ ଝୁରୁଛି ଶେଷ ପର୍ଯ୍ୟନ୍ତ । ବିରହର ଅଗ୍ନିରେ ମେଲାର ପ୍ରେମ ଶୁଦ୍ଧ ସୁବର୍ଣ୍ଣ ପରି ଝଟକିଛି ।

ଅପରପକ୍ଷରେ କାବ୍ୟରେ ପ୍ରସ୍ଫୁଟିତ ପ୍ରେମ ଭାବନା ଲକ୍ଷଣର ପ୍ରେମ ଓ ତ୍ୟାଗରେ ହୋଇଛି ଦୀପ୍ତିମାନ । ମେଲାକୁ ଭଲ ପାଇଥିଲେ ମଧ୍ୟ ଦାସ - ମେଲାଙ୍କର ପରସ୍ପର ପ୍ରତି ଆସକ୍ତିକୁ ଲକ୍ଷ୍ୟ କରି ସେ ଅଲୋଡ଼ା ପରି ନିଜକୁ ଦୂରେଇ ନେଇଛି । ନିଜ ମନକଥା କେବେ ପ୍ରକାଶ କରିନାହିଁ ବରଂ ସେମାନଙ୍କର ବିବାହ ଉତ୍ସବରେ ସକ୍ରିୟ ଯୋଗଦାନ କରି ନିଜର ଉଦାରତାର ପରିଚୟ ଦେଇଛି । ମେଲାକୁ ଭୁଲିନପାରି ସେ ବୈରାଗ୍ୟପୂର୍ଣ୍ଣ ଜୀବନ ଅତିବାହିତ କରିଛି ନିତାନ୍ତ ନିଃସଙ୍ଗ ଭାବରେ । ଦାସର ଅବର୍ତ୍ତମାନରେ ମେଲାର ଦୁରବସ୍ଥା ତାକୁ ଦୁଃଖ ଦେଇଛି । ଭଲପାଇଥିବା ମେଲାର ଦୁଃଖ ଲକ୍ଷଣ ପକ୍ଷରେ ଅସହ୍ୟ ହୋଇଛି ।

ଆଜି ପର୍ଯ୍ୟନ୍ତ ସେମାନଙ୍କ ସୁଖର ସଂସାର ଠାରୁ ନିଜକୁ ଦୂରେଇ ରଖିଥିବା ଲକ୍ଷଣ ଏପରି ଦୁରବସ୍ଥାରେ ମେଲା ନିକଟରେ ପହଞ୍ଚିଛି । ପରିସ୍ଥିତିର ସୁଯୋଗ ନେଇ ମେଲା ମନରେ ଦାସ ପ୍ରତି ଆବିଳତା ସୃଷ୍ଟି କରିବାର ଅପଚେଷ୍ଟା କରେନାହିଁ ବା ନିଜ ପ୍ରତି ଆକୃଷ୍ଟ କରିବାକୁ ଚେଷ୍ଟା କରିନାହିଁ ବରଂ ମେଲା ଜୀବନରେ ସୁଖଟିକେ ଦେବାକୁ ପୁଅଝିଅଙ୍କର ମାଆ ହେଲେ ମଧ୍ୟ ମେଲାକୁ ବିବାହ କରିବାର ପ୍ରସ୍ତାବ ଦେଇଛି । ମେଲାର କଥାରେ ତାକୁ ଅନିର୍ଦ୍ଦିଷ୍ଟ କାଳ ପ୍ରତୀକ୍ଷା କରିବାରେ ବି ଲକ୍ଷଣର ତିଳେମାତ୍ର ଅନୁଶୋଚନା ନାହିଁ । ଅସରନ୍ତି ପ୍ରତୀକ୍ଷାରେ ଜୀବନର ବହୁ ମୂଲ୍ୟବାନ୍ ମୁହୂର୍ତ୍ତଗୁଡ଼ିକୁ ହଜାଇ ଦେଇଛି ଲକ୍ଷଣ ନିଷ୍ଫଳ ଭାବରେ ।

କାବ୍ୟଟିରେ ପ୍ରେମ ତ୍ରିକୋଣ ସୃଷ୍ଟି କରିଥିବା ଉପରୋକ୍ତ ତିନୋଟି ଚରିତ୍ର ନିଜସ୍ୱ ପରିଧି ମଧ୍ୟରେ ପ୍ରେମ ଓ ତ୍ୟାଗର ଆଲୋକରେ ଉଦ୍ଭାସିତ । ପଣ୍ଡିତ ନୀଳକଣ୍ଠ ତାଙ୍କ କାବ୍ୟ କବିତାରେ ପ୍ରକାଶ କରିଥିବା ପ୍ରେମଦର୍ଶନ ଦେହବାଦୀ ନୁହେଁ । ତାଙ୍କର ପ୍ରେମ ଚିନ୍ତାରେ ଆଦର୍ଶ ଭାବନା ଭରି ରହିଛି । ଅନ୍ୟ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦେବା ହିଁ ପ୍ରକୃତ ପ୍ରେମ । ଦେହର ନିଗଡ଼ରୁ ମୁକୁଳି ଯାଇ କାବ୍ୟର ଚରିତ୍ରଗୁଡ଼ିକ ଦେହାତୀତ ପ୍ରେମର ସୌନ୍ଦର୍ଯ୍ୟରେ ଋଦ୍ଧିମନ୍ତ ହୋଇଛନ୍ତି । ଅନନ୍ତ ପ୍ରତୀକ୍ଷା ମଧ୍ୟରେ ସେମାନଙ୍କ ପ୍ରେମ ଝଲସି ଉଠିଛି ।

ଇଂରାଜୀ କାବ୍ୟର ଅନୁସରଣରେ କାବ୍ୟଟି ସୃଷ୍ଟି କରିଥିଲେ ମଧ୍ୟ କବି ନୀଳକଣ୍ଠ ଓଡ଼ିଆ ସଂସ୍କୃତି, ସମାଜ ଓ ଚଳଣିକୁ ଏଡ଼ାଇ ଦେଇ ନାହାନ୍ତି ବରଂ ଅତି ସଫଳ ଭାବରେ ତା'ର ରୂପାୟଣ କରିଛନ୍ତି । ଓଡ଼ିଆ ନାରୀ ପଦ୍ମର ନିଷ୍ଠା ନେଇ ସ୍ୱାମୀକୁ ଚାହିଁ ରହେ । କୌଣସି ପ୍ରଲୋଭନ ତାକୁ ଟହଲାଇ ପାରେ ନାହିଁ । ତେଣୁ କବି ମେଲା ମନରେ ଲକ୍ଷଣର ବିବାହପ୍ରସ୍ତାବକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରାଇଛନ୍ତି । ମେଲା ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଲକ୍ଷଣକୁ ହଠାତ୍ ଗ୍ରହଣ କରିପାରେ ନାହିଁ । ଅନ୍ୟପକ୍ଷରେ ନୀଳକଣ୍ଠ ସମାଜ ସଂସ୍କାର

Digitized by PPRACHIN, SOA

ଉନ୍ମୁଖ । ତେଣୁ ମେଲା ଓ ଲକ୍ଷଣର ଦ୍ୱିତୀୟ ବିବାହ କରାଇ ନିଜର ସମାଜ ସଂସ୍କାର ସଚେତନତାର ପରିଚୟ ଦେଇଛନ୍ତି । "ପରମ୍ପରା ଓ ପୁରୋଦୃଷ୍ଟିର ପରିପ୍ରେକ୍ଷୀରେ ଆଧୁନିକ ଯୁଗର ନୂତନ ଚଳଣିମାନଙ୍କୁ ପରୀକ୍ଷା କରିବା ଓ ଦେଶରେ ବିଦ୍ୟାର ପରମ୍ପରା ଫିଟାଇବାରେ ବିଂଶ ଶତାବ୍ଦୀର ଓଡ଼ିଶାରେ ପଣ୍ଡିତ ନୀଳକଣ୍ଠଙ୍କର ଯେଉଁ ବିପୁଳ ମହାନୁଭବତା ପ୍ରକାଶ ପାଇଛି ତାହାର ଦ୍ୱିତୀୟ ଦୃଷ୍ଟାନ୍ତ ଥିବାର ପ୍ରମାଣ ଅଛି କି ?" (୫)

ଶ୍ରୀ ଜଗନ୍ନାଥ ହେଉଛନ୍ତି ଉତ୍କଳ ତଥା ଉତ୍କଳୀୟମାନଙ୍କ ପ୍ରାଣର ଦେବତା, ତେଣୁ କାବ୍ୟର ବିଭିନ୍ନ ସ୍ଥାନରେ କବି ଚରିତ୍ରମାନଙ୍କ ମୁଖରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରାଇଛନ୍ତି ତଥା ତାଙ୍କ ଉପରେ ଗଭୀର ଆସ୍ଥା ସ୍ଥାପନ କରିଛନ୍ତି । କାବ୍ୟଟିରେ କବି ଓଡ଼ିଶାର ପଶୁପକ୍ଷୀ, ଫୁଲଫଳ, ଋତୁ, ମାସ ଇତ୍ୟାଦିର ଯେପରି ବର୍ଣ୍ଣନା ଦେଇଛନ୍ତି ତଥା ଚରିତ୍ରମାନଙ୍କର ଯେପରି ନାମକରଣ କରିଛନ୍ତି ଓ କାବ୍ୟ ପରିବେଶ ସୃଷ୍ଟି କରିଛନ୍ତି ସେଥିରୁ ସେମାନଙ୍କର ଓଡ଼ିଆତ୍ୱକୁ ଅନୁଭବ କରା ଯାଇପାରେ । ସମଗ୍ର କାବ୍ୟଟି ଓଡ଼ିଶାର ମାଟି ପାଣି ପବନରେ ପଲ୍ଲବିତ ହେବାର ଭ୍ରମ ସୃଷ୍ଟି ହୁଏ ।

ଭାଷା ଦୃଷ୍ଟିରୁ ବିଚାର କଲେ ନିତାନ୍ତ ସହଜ ସରଳ ଗ୍ରାମୀଣ ଶବ୍ଦର ପ୍ରୟୋଗ କାବ୍ୟଟିକୁ ଅଧିକ ଜୀବନ୍ତ ଓ ସାବଲୀଳ କରି ପାରିଛି । 'କୋଣାର୍କେ' ଓ 'ଖାରବେଳ' କାବ୍ୟ ଦ୍ୱୟରେ ପାଣ୍ଡିତ୍ୟପୂର୍ଣ୍ଣ ଗୁରୁଗମ୍ଭୀର ଭାଷା ପ୍ରୟୋଗ କରିଥିବା କବି ନୀଳକଣ୍ଠଙ୍କର ଗ୍ରାମ୍ୟଭାଷା ପ୍ରୟୋଗରେ ଦକ୍ଷତା ବିସ୍ମୟ ସୃଷ୍ଟି କରେ ।" କୋଣାର୍କେ କାବ୍ୟରେ ଯାହାଙ୍କର ଲେଖନୀ ଅଜସ୍ରସ୍ରାବୀ, ପାଣ୍ଡିତ୍ୟପୂର୍ଣ୍ଣ ଓ ଶବ୍ଦ ଝଂକାରରେ ଅନୁରଣିତ ସେ କିପରି ଏତେ ସରଳ ସ୍ୱାଭାବିକ ଭାଷାରେ ଅତି ଉଚ୍ଚକୋଟୀର ଭାବଧାରାକୁ ଅନୁବାଦ କରିପାରିଲେ !" (୬) ଏ ସମ୍ପର୍କରେ କବିଙ୍କ ସ୍ୱ ସ୍ୱୀକାରୋକ୍ତି ପ୍ରଣିଧାନଯୋଗ୍ୟ – "ସାଧାରଣ ଲୋକେ ବୁଝିବା ଭଳି ଭାଷା ତଥା ଭାବରେ କାବ୍ୟ ଏବେ ଲେଖିହେବ କି ନା ଏକଥା ବହୁଦିନରୁ ବିଚାରୁଥିଲି, ସେଥିପାଇଁ ସାଧାରଣ ଘରୋଇ ଭାଷାରେ ଏହାକୁ ଲେଖୁଛି । ଘରୋଇ ଭାଷାରେ ଚଳୁଥିବା ଶବ୍ଦର ସଂଖ୍ୟା ଏବେ ମଧ୍ୟ ବଡ଼ ଅଳ୍ପ । ସେ ଅଳ୍ପତା ବ୍ୟବହାର ପ୍ରାସଙ୍ଗିକ ମାଧୁର୍ଯ୍ୟରେ କିପରି ଆଚ୍ଛାଦିତ ହୋଇପାରିଛି ତାହା ପାଠକମାନେ ଦେଖିବେ ।" (ଭୂମିକା-ଦାସନାଏକ)

ଶୈଳୀ ଦୃଷ୍ଟିରୁ ଦେଖିଲେ କାବ୍ୟଟିରେ କବି ଅଳ୍ପ ବହୁତ ନାଟକୀୟ ଶୈଳୀର ମଧ୍ୟ ପ୍ରୟୋଗ କରିଛନ୍ତି । କାବ୍ୟରେ ବିଭିନ୍ନ ଚରିତ୍ର ସଂଯୋଜନା, ସଂଳାପ ରୀତି, ବିଭିନ୍ନ ପରିବେଶ ସୃଷ୍ଟି, ମନସ୍ତାତ୍ତ୍ୱିକ ରୂପାୟଣ ଓ ବିଷୟବସ୍ତୁର ଗତିପଥରେ ଆକସ୍ମିକ ପରିବର୍ତ୍ତନ ଇତ୍ୟାଦିରେ ଏହି ନାଟକୀୟତା ଲକ୍ଷ୍ୟ କରାଯାଇପାରେ । "ନାଟ୍ୟ ଶୈଳୀ ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠଙ୍କ 'ଦାସ ନାଏକ' କାବ୍ୟକୁ ଆଲୋଚନା ପରିସରଭୁକ୍ତ କରାଯାଇ ପାରେ । ଏହି କାବ୍ୟରେ ପଣ୍ଡିତ ନୀଳକଣ୍ଠ ବହୁ ପରିବେଶର ସଂଯୋଜନା କରିଛନ୍ତି । ପରିବେଶ

Digitized by PPRACHIN, SOA

ସହିତ କାଳ ଓ ପାତ୍ରକୁ ମଧ୍ୟ ଠିକ୍ ଭାବେ ଉପସ୍ଥାପନ କରିଛନ୍ତି । × × × କାବ୍ୟ ନାୟକ ଓ କାବ୍ୟନାୟିକା ଚରିତ୍ରକୁ ଅଧିକ ବାସ୍ତବ ଓ ଜୀବନ୍ତ କରିବା ପାଇଁ କାବ୍ୟଟିରେ ପଣ୍ଡିତ ନୀଳକଣ୍ଠ ମୁଖ୍ୟ ଚରିତ୍ର ସହ ଗୌଣ ଚରିତ୍ରର ସଂଯୋଜନା କରିଛନ୍ତି ।" (୭)

ଅନୁବାଦର ସଫଳତା ନିମନ୍ତେ କବି ମୂଳକାବ୍ୟର କେତେକ ଅଂଶ ପରିହାର ତଥା କେତେକ କ୍ଷେତ୍ରରେ ଓଡ଼ିଆତ୍ୱର ଲେପ ଦେବା ପାଇଁ ସାମାନ୍ୟ ପରିବର୍ତ୍ତନ କରିଛନ୍ତି ମାତ୍ର କୌଣସି ନୂତନ ପ୍ରସଙ୍ଗର ଅବତାରଣା କରିନାହାନ୍ତି । ଭାବ ଅନୁସାରୀ ଅନୁବାଦ ମଧ୍ୟରେ କାବ୍ୟଟିକୁ ଓଡ଼ିଶୀ ସମାଜ ଓ ସଂସ୍କୃତି ଉପଯୋଗୀ କରିବା ନିମନ୍ତେ ଚରିତ୍ରମାନଙ୍କର ନାମ ତଥା ପରିବେଶ ବର୍ଣ୍ଣନାରେ କିଛି ମାତ୍ରାରେ ପରିବର୍ତ୍ତନ ଲକ୍ଷ୍ୟଣୀୟ । "ଅନୁବାଦ କଳାରେ କବି ନୀଳକଣ୍ଠ କେବଳ ଭାବସମ୍ପଦ ଗ୍ରହଣ କରିଛନ୍ତି, ଆକ୍ଷରିକ ଅନୁବାଦ କରିନାହାନ୍ତି । ଅନାବଶ୍ୟକ ମନେକରୁଥିବା ଅନେକ ପଦ ପରିହାର କରିଛନ୍ତି । ତେଣୁ ଅନୁବାଦରେ ମଧ୍ୟ ତାଙ୍କର ମୌଳିକ ଦୃଷ୍ଟିକୋଣର ପରିଚୟ ମିଳୁଅଛି ।" (୮)

ଭାଷା, ଭାବ, ଶୈଳୀ, ଚରିତ୍ରଚିତ୍ରଣ, ଜାତୀୟତା, ଆଦର୍ଶର ପ୍ରଖ୍ୟାପନ ଏ ସମସ୍ତ ଦୃଷ୍ଟିରୁ ବିଶ୍ଲେଷଣ କଲେ ସ୍ପଷ୍ଟ ହୁଏ ଯେ ପଣ୍ଡିତ ନୀଳକଣ୍ଠଙ୍କର ସରସ ତଥା ସାବଲୀଳ ଅନୁବାଦ (ଦାସ ନାଏକ' କାବ୍ୟଟିକୁ ଏକ ମୌଳିକ କାବ୍ୟର ଧାରଣା ଦେବାରେ ସମର୍ଥ ହୋଇପାରିଛି ।

**ପରିଶିଷ୍ଟ :**


୧. ଦାଶ, କୁଞ୍ଜ ବିହାରୀ- ଆଭାସ - ନୀଳକଣ୍ଠ ପରିକ୍ରମା - ୧୯୮୩

୨. ଦାସ, ବନବିହାରୀ- 'ନୀଳକଣ୍ଠଙ୍କ ସୃଷ୍ଟି ସମୀକ୍ଷା', ପ୍ରବନ୍ଧ ଓ ଆଲୋଚନା, ଓଡ଼ିଶା ବୁକ୍ ଷ୍ଟୋର , କଟକ, ୧୯୭୬, ପୃ-୫୭

୩. ବେହେରା, ଡଃ. ରମେଶଚନ୍ଦ୍ର - 'ସତ୍ୟବାଦୀ ଯୁଗର ଅନୁବାଦ ସାହିତ୍ୟ- ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା -୨୦୧୩ , ପୃ - ୮୬

୪. ଦ୍ୱିବେଦୀ , ଡଃ. ପ୍ରମୋଦକୁମାର - ପଣ୍ଡିତ ନୀଳକଣ୍ଠଙ୍କ କାବ୍ୟ ପ୍ରତିଭା - ଗବେଷଣା ନିବନ୍ଧ, ଉତ୍କଳ ବିଶ୍ୱବିଦ୍ୟାଳୟ, ପୃ -୧୪୭

୫. ଆଚାର୍ଯ୍ୟ , ଡଃ. ବୃନ୍ଦାବନଚନ୍ଦ୍ର - 'ପଣ୍ଡିତ ନୀଳକଣ୍ଠଙ୍କ ମହାନୁଭବତା'- ଦୈନିକ ସମାଜ ୫/୮/୧୯୭୯

୬. ପଟ୍ଟନାୟକ, ପଠାଣି - କବି ମନୀଷୀ ନୀଳକଣ୍ଠ - ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୪, ପୃ -୧୦୮- ୧୦୯

୭. ସ୍ୱାଇଁ, ଡଃ. ପ୍ରସନ୍ନକୁମାର - ପଣ୍ଡିତ ନୀଳକଣ୍ଠ ସୃଷ୍ଟି ସନ୍ଦର୍ଭ - ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୧୯୮୮, ପୃ -୬୩

୮. ପଟ୍ଟନାୟକ, ପଠାଣି- କବି ମନୀଷୀ ନୀଳକଣ୍ଠ - ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୮୪ ପୃ-୧୧୩


□□□

Digitized by PPRACHIN, SOA

# ଓଡ଼ିଆ ବ୍ୟାକରଣ ଓ ପଣ୍ଡିତ ନୀଳକଣ୍ଠ

ଡ. ହରପ୍ରସାଦ ମିଶ୍ର

( ୧ )

ପୂର୍ବ ଭାରତୀୟ ଆଧୁନିକ ଆର୍ଯ୍ୟଭାଷାଗୁଡ଼ିକ ମଧ୍ୟରେ ଓଡ଼ିଆ ଏକ ପ୍ରାଚୀନ ତଥା ସମୃଦ୍ଧ ଭାଷା ଭାବେ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ହେଁ, ଏହାର କିନ୍ତୁ ବ୍ୟାକରଣ ରଚନାର ପରମ୍ପରା ଏଇ ମାତ୍ର ଦୁଇଶତ ବର୍ଷ ତଳେ ଆରମ୍ଭ ହୋଇଥିବା ଜଣାଯାଏ । ଓଡ଼ିଆ ବ୍ୟାକରଣ -ରଚନାର ପରମ୍ପରା ସମ୍ପର୍କରେ ଆଲୋଚନା କରିବାକୁ ଯିବାବେଳେ ଅନ୍ତତଃପକ୍ଷେ ଅତୀତରେ ରଚିତ ହୋଇଥିବା ଓଡ଼ିଆ ବ୍ୟାକରଣଗୁଡ଼ିକର ଦୁଇଟି ଦିଗ ପ୍ରତି ବିଶେଷ ଭାବେ ଗୁରୁତ୍ୱଦେଇ ଆଲୋଚନା କ୍ଷେତ୍ରରେ ଅଗ୍ରସର ହେବା ସମୀଚୀନ ମନେ ହୋଇଥାଏ । ଏହି ଦୁଇଟି ଦିଗ ମଧ୍ୟରୁ ଗୋଟିଏ ହେଉଛି ଏହାର ଐତିହାସିକ ଦିଗ ଓ ଅନ୍ୟଟି ହେଉଛି ଏହାର ତାତ୍ତ୍ୱିକ ଦିଗ । ନୀଳକଣ୍ଠ ଦାସଙ୍କ ଦ୍ୱାରା ୧୯୩୫ ମସିହାରେ ରଚିତ ହୋଇଥିବା 'ଓଡ଼ିଆ ବ୍ୟାକରଣ' । (କଟକ ଟ୍ରେଡ଼ିଂ କଂପାନୀ ତରଫରୁ ପ୍ରଥମବାର ପ୍ରକାଶିତ)ର ରଚନା ତଥା ପ୍ରକାଶନ ପୂର୍ବରୁ ଓଡ଼ିଆ ଭାଷାର ଆଲୋଚନାମୂଳକ ଯେଉଁ କେତେକ ବ୍ୟାକରଣ ଗ୍ରନ୍ଥ ବିଭିନ୍ନ ସମୟରେ ବିଭିନ୍ନ ପଣ୍ଡିତଙ୍କ ଦ୍ୱାରା ରଚିତ ହୋଇଥିଲା ସେସବୁ ଭିତରେ ଉପରୋକ୍ତ ଦୁଇଟି ଦିଗ ସମ୍ପର୍କରେ ପ୍ରଥମେ ଅନୁଧ୍ୟାନ କରାଯାଉ ।

ଓଡ଼ିଆ ବ୍ୟାକରଣର ଐତିହାସିକ ଦିଗ ସମ୍ପର୍କରେ ବିଚାର କରିବାକୁ ଯିବାବେଳେ ପ୍ରଥମେ ନୀଳକଣ୍ଠଙ୍କ ପୂର୍ବରୁ ରଚିତ ହୋଇଥିବା ଓଡ଼ିଆ ବ୍ୟାକରଣର ଐତିହାସିକ ସୀମାରେଖା ଅର୍ଥାତ୍ ସମୟ-ସୀମାକୁ ପ୍ରଥମେ ନିଶ୍ଚିତ କରାଯିବା ନିହାତି ଆବଶ୍ୟକ । ଅନ୍ୟ ଭାବରେ କହିଲେ, ଓଡ଼ିଆ ବ୍ୟାକରଣ ରଚନାର ପରମ୍ପରା ନିର୍ଦ୍ଦିଷ୍ଟ ଭାବେ କେବେଠାରୁ ଆରମ୍ଭ ହୋଇଛି - କିଏ ପ୍ରଥମେ ଓଡ଼ିଆ ବ୍ୟାକରଣ ରଚନାରେ ହାତ ଦେଇଛନ୍ତି- କେଉଁ ବ୍ୟାକରଣ ଗ୍ରନ୍ଥଟି ଓଡ଼ିଆ ଭାଷାର ପ୍ରଥମ ରଚିତ ବା ପ୍ରଥମ ପ୍ରକାଶିତ ବ୍ୟାକରଣ- ଏହା ପରବର୍ତ୍ତୀ ନିର୍ଦ୍ଦିଷ୍ଟ କାଳ ବା ସମୟର ପରିସୀମା ମଧ୍ୟରେ କେତୋଟି ଓଡ଼ିଆ ବ୍ୟାକରଣ ଗ୍ରନ୍ଥ ରଚିତ ହୋଇଛି ଏବଂ ସେଗୁଡ଼ିକ କାହାଦ୍ୱାରା ଏବଂ କେବେ ରଚିତ ହୋଇଛି ଏଭଳି ନାନା ପ୍ରସଙ୍ଗ ଉପରେ ଦୃଷ୍ଟିପାତ କରାଯିବା ଏକାନ୍ତ ଯୁକ୍ତିଯୁକ୍ତ ମନେହେଉଛି । କାରଣ ଏହାହିଁ ହେଉଛି ଓଡ଼ିଆ ବ୍ୟାକରଣଗୁଡ଼ିକର ରଚନା- କ୍ରମ ଅର୍ଥାତ୍ ଇତିହାସ ।

Digitized by PPRACHIN, SOA

ଅନ୍ୟ ପକ୍ଷରେ ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ, ପ୍ରଥମେ ନିର୍ଣ୍ଣୟ କରିବା ଏକାନ୍ତ ଆବଶ୍ୟକ ମନେହୋଇଥାଏ ଯେ, ଅତୀତର ନିର୍ଦ୍ଦିଷ୍ଟ ସମୟ-ସୀମା ମଧ୍ୟରେ ଅର୍ଥାତ୍ ଓଡ଼ିଆ ବ୍ୟାକରଣ ରଚନାର ପରମ୍ପରା ସୃଷ୍ଟି ହେବାଠାରୁ ନୀଳକଣ୍ଠ ଦାସଙ୍କ ଅବ୍ୟବହିତ ପୂର୍ବକାଳ ପର୍ଯ୍ୟନ୍ତ ରଚିତ ହୋଇଥିବା ବ୍ୟାକରଣ ଗ୍ରନ୍ଥଗୁଡ଼ିକ କେଉଁ ଧାରାରେ ରଚିତ ହୋଇଛି ? ଏଗୁଡ଼ିକରେ କେଉଁ ମଡେଲ୍ ବା ଆଦର୍ଶ ଅନୁସୃତ ହୋଇଛି ?

ଅନ୍ୟ ଭାବରେ କହିଲେ, ଏହି ବ୍ୟାକରଣଗୁଡ଼ିକ କେଉଁ ତାତ୍ତ୍ୱିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଛନ୍ତି ? ଏ ଉଭୟ ଦିଗ ପ୍ରତି ସଚେତନ ଦୃଷ୍ଟି ଦିଆଯାଇ ବର୍ତ୍ତମାନ ଓଡ଼ିଆ ବ୍ୟାକରଣର ଅତୀତ ପରମ୍ପରା ଅର୍ଥାତ୍ ନୀଳକଣ୍ଠ ଦାସଙ୍କ 'ଓଡ଼ିଆ ବ୍ୟାକରଣ' ରଚିତ ହେବା ପର୍ଯ୍ୟନ୍ତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଗୁଡ଼ିକର ସାମଗ୍ରିକ ଆକଳନ କରାଯିବ ।

ଇତିହାସ ଦୃଷ୍ଟିରୁ ଓଡ଼ିଆ ଭାଷାକୁ ଖୁବ୍ ପ୍ରାଚୀନ ଏକ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଭାବେ ଗ୍ରହଣ କରାଯାଉ ନଥିଲେ ହେଁ ସମଗ୍ର ପୂର୍ବଭାରତୀୟ ଆଧୁନିକ ଆର୍ଯ୍ୟଭାଷାଗୁଡ଼ିକ ମଧ୍ୟରେ ଏହା ଯେ ସର୍ବପ୍ରାଚୀନ ଭାଷା, ଏଥିରେ ଦ୍ୱିମତ ନାହିଁ । ଏଇଥିପାଇଁ କେନ୍ଦ୍ର ସରକାର ଏଇ ଗତବର୍ଷ ମାର୍ଚ୍ଚମାସ ୧୧ ତାରିଖରେ ଏହାକୁ ଶାସ୍ତ୍ରୀୟ ଭାଷା ସ୍ୱୀକୃତି ସ୍ୱରୂପ ରାଜପତ୍ର ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ତେବେ ଓଡ଼ିଆ ଭାଷା ଅନ୍ତତଃପକ୍ଷେ ସଂସ୍କୃତ ଓ ତାମିଲ ଭାଷା ଭଳି ଏତେ ପ୍ରାଚୀନ ଭାଷା ନୁହେଁ । ସଂସ୍କୃତ ଓ ତାମିଲ ପରି ଯେଉଁ ଭାରତବର୍ଷୀୟ ଭାଷାଗୁଡ଼ିକର ସୃଷ୍ଟି ପାୟ ତିନିହଜାର ବା ଏହାଠାରୁ ଆହୁରି ଅଧିକ ବର୍ଷ ପୂର୍ବରୁ ସମ୍ଭବ ହୋଇଥିବା ଅନୁମାନ କରାଯାଉଛି । ସେସବୁ ଭାଷାକୁ ବାନ୍ଧି ରଖିବା ପାଇଁ ଗୋଟିଏ ଗୋଟିଏ ଆଦର୍ଶ ଶ୍ରେଣୀୟ ବ୍ୟାକରଣ ରଚିତ ହୋଇଥିବା ଦେଖିବାକୁ ମିଳୁଛି । ମାତ୍ର ଓଡ଼ିଆ ଭାଷା ପକ୍ଷରେ ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ ବୋଲି କୁହାଯାଇପାରେ ।

ସଂସ୍କୃତ ଭାଷାର ପ୍ରତିଷ୍ଠିତ ବ୍ୟାକରଣ 'ଅଷ୍ଟାଧ୍ୟାୟୀ' ଓ ତାମିଲ ଭାଷାର ପ୍ରତିଷ୍ଠିତ ବ୍ୟାକରଣ 'ତୋଲକାପିୟମ୍' ଶହ ଶହ ବର୍ଷ ତଳେ ରଚିତ ହୋଇଥିବା ସତ୍ତ୍ୱେ ଏଗୁଡ଼ିକ ସଂପର୍କରେ ପରବର୍ତ୍ତୀ ଯୁଗରେ ବହୁ ଭାଷ୍ୟ, ଟୀକା, ଆଲୋଚନା, ସମାଲୋଚନା ମାଧ୍ୟମରେ ବିକାଶସାଧନ କରାଯାଇ ସେହି ସେହି ଭାଷାର ବ୍ୟାକରଣ -ପରମ୍ପରାକୁ ସମୃଦ୍ଧିଶାଳୀ ରୂପ ପ୍ରଦାନ କରାଯାଇପାରିଛି । ଏ ଉଭୟ ଭାଷା ଅନ୍ତର୍ଗତ ବ୍ୟାକରଣ -ଚର୍ଚ୍ଚା ଏବେ ବି ବଳବତ୍ତର ରହିଛି, ଯଦିଓ ବର୍ତ୍ତମାନ ସମୟରେ ସଂସ୍କୃତ ଭାଷା ମୃତଭାଷାରେ ପରିଣତ ହୋଇଛି ଓ ତାମିଲ୍ ଭାଷା ଦୀର୍ଘ କାଳଗତ ବ୍ୟବଧାନରେ ବହୁ ରୂପଗତ ପରିବର୍ତ୍ତନର ସ୍ୱାକ୍ଷର ବହନ କରି ଆଜି ବ୍ୟବହୃତ ହେବାରେ ଲାଗିଛି ।

ପ୍ରାୟ ପାଖାପାଖି ଦଶମ ଶତାବ୍ଦୀ ବେଳକୁ ଓଡ଼ିଶା ଭାଷା ତାର ପ୍ରତ୍ନଖୋଳପାରୁ ମୁକ୍ତ ହୋଇ ସ୍ୱତନ୍ତ୍ରରୂପ ଲାଭ କରିଥିବା ସ୍ୱୀକାର କରାଯାଉଥିଲେ ହେଁ, ଏହାର ବ୍ୟାକରଣ

Digitized by PPRACHIN, SOA

ରଚନାର ଧାରା ଊନବିଂଶ ଶତାବ୍ଦୀ ପୂର୍ବରୁ ଆରମ୍ଭ ହୋଇଥିବାର କୌଣସି ପ୍ରମାଣ ଅଦ୍ୟାବଧି ଆବିଷ୍କୃତ ହୋଇନାହିଁ । ବହୁ ପ୍ରାଚୀନ କାଳରୁ ଭାରତରେ ଏକ ଦୀର୍ଘ ଓ ବଳିଷ୍ଠ ବ୍ୟାକରଣ ରଚନାର ପରମ୍ପରା ଗତିଶୀଳ ହୋଇଆସିଥିବା ସତ୍ତ୍ୱେ, ଆଧୁନିକ ଭାରତବର୍ଷୀୟ ଭାଷାଗୁଡ଼ିକ ସଂପର୍କରେ ସ୍ୱତନ୍ତ୍ର ବ୍ୟାକରଣ ଲେଖିବାର ଉଦ୍ୟମ କ୍ୱଚିତ ଦେଖିବାକୁ ମିଳିଥାଏ; ଯଦ୍ଦ୍ୱାରା ଭାରତବର୍ଷୀୟ ଭାଷାତତ୍ତ୍ୱ ସଂପୂର୍ଣ୍ଣ ଏକଦେଶଦର୍ଶିତା ମଧ୍ୟରେ ବନ୍ଦୀ ହୋଇ ରହିଯାଇଥିବା ପରି ମନେ ହୋଇଥାଏ । ଏହାର କାରଣ କିନ୍ତୁ ସ୍ପଷ୍ଟ । ଭାରତୀୟ ଭାଷା - ପଣ୍ଡିତଗଣ ସଂସ୍କୃତ ଛଡ଼ା ଅନ୍ୟକୌଣସି ନବୀନ ଭାରତୀୟ ଭାଷା (ଆର୍ଯ୍ୟଭାଷା)କୁ ଗୁରୁତ୍ୱ ଦେଉ ନଥିବାରୁ, ଏତଦ୍ଦ୍ୱାରା ଆଧୁନିକ ଭାରତୀୟ ଭାଷାଗୁଡ଼ିକ ବିଶେଷ ଲାଭବାନ ହେବା ତ' ଦୂରର କଥା, ପରନ୍ତୁ ସାମଗ୍ରିକ ଭାବେ ଭାରତୀୟ ଭାଷାତତ୍ତ୍ୱ ମଧ୍ୟ ଯେଉଁ ପରିମାଣରେ ଉନ୍ନତି କରିବା କଥା, ତାହା ହୋଇପାରିନାହିଁ । ଭାରତବର୍ଷୀୟ ଦେଶୀୟ ପଣ୍ଡିତଗଣ ଭାରତୀୟ ଭାଷାତତ୍ତ୍ୱର ତାତ୍ତ୍ୱିକ ଦିଗ ପ୍ରତି ସଂପୂର୍ଣ୍ଣ ଉଦାସୀନ ରହିବା ଅବହେଳା ପୋଷଣ କରି କେବଳ ସଂସ୍କୃତ ଭାଷାର ମାନଦଣ୍ଡରେ ଦେଶୀୟ ଭାଷା (କାରଣ ଅଧିକାଂଶ ଦେଶୀୟ ଭାଷା ସଂସ୍କୃତରୁ ଜାତ)କୁ ଖୁଣ୍ଟିନାଣ୍ଟି ବିଶ୍ଲେଷଣ ବା ଆଲୋଚନା କରିବା ମଧ୍ୟରେ ପ୍ରାୟତଃ ବନ୍ଦୀ ହୋଇ ରହିଗଲେ ।ଏହି ମାନସିକତାର ବଶବର୍ତ୍ତୀ ହୋଇ ପ୍ରାୟ ଅଧିକାଂଶ ଦେଶୀୟ ପଣ୍ଡିତ ନିଜନିଜ ଭାଷାର ଯେ ସ୍ୱତନ୍ତ୍ର ତଥା ନିଜସ୍ୱ ଗଠନଧାରା ଅଛି, ତେଣୁ ନିଜସ୍ୱ ବ୍ୟାକରଣ ଥାଇପାରେ; ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବାକୁ ଏକପ୍ରକାର ବାଧ ହୋଇପଡ଼ିଲେ । ପାଶ୍ଚାତ୍ୟ ପଣ୍ଡିତମାନଙ୍କର ଭାରତ ଆଗମନ ପରେ ଅର୍ଥାତ୍ ମିଶନାରୀମାନଙ୍କର ଭାରତ ଆଗମନ ପରେ ଯାଇ ସେଇମାନଙ୍କ ଦ୍ୱାରା ଭାରତୀୟ ପ୍ରାଦେଶିକ ଭାଷାଗୁଡ଼ିକ ସମ୍ପର୍କରେ ପ୍ରାରମ୍ଭିକ ଆଲୋଚନାର ଯଥାର୍ଥ ସୂତ୍ରପାତ ଘଟିଥିଲା । ମିଶନାରୀ ପଣ୍ଡିତମାନେ ସେମାନଙ୍କ ଆବଶ୍ୟକତାର ପରିପୂରଣ - ଦାୟରେ କିଛି ଦେଶୀୟ ପଣ୍ଡିତଙ୍କ ସହାୟତାରେ ହେଉ ବା ବ୍ୟକ୍ତିଗତ ପ୍ରଚେଷ୍ଟାରେ ହେଉ ପ୍ରାଦେଶିକ ବା ସ୍ଥାନୀୟ ଭାଷାଗୁଡ଼ିକର ଚର୍ଚ୍ଚା ବା ଆଲୋଚନା ଦିଗରେ ଆଗ୍ରହ ଦେଖାଇଥିଲେ । ସେମାନଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ କିଛି ସ୍ଥାନୀୟ ସଂସ୍କୃତ ପଣ୍ଡିତ ମଧ୍ୟ ନିଜ ନିଜ ସ୍ଥାନୀୟ ଭାଷାଚର୍ଚ୍ଚା ବା ଆଲୋଚନା ଦିଗରେ ପ୍ରାଥମିକ ଉଦ୍ୟମ ଜାରି ରଖିଥିଲେ । ତେବେ ଏତାଦୃଶ ଉଦ୍ୟମ ଏଇ ମାତ୍ର ୨୦୦ ବର୍ଷ ତଳେ ଆରମ୍ଭ ହୋଇଥିବା ଦେଖିବାକୁ ମିଳେ ।

ଓଡ଼ିଅ ବ୍ୟାକରଣର ଐତିହାସିକ ପରମ୍ପରା ଦୃଷ୍ଟିରୁ 'Amos Suttonଙ୍କ 'An Introductory Grammar of the Oriya Language' ଶୀର୍ଷକ ଗ୍ରନ୍ଥଟି (୧୮୩୧ ମସିହାରେ ରଚିତ ତଥା କଲିକତାର ବାପ୍‌ଟିଷ୍ଟ ମିଶନ୍ ପ୍ରେସ୍‌ରୁ ପ୍ରକାଶିତ)କୁ ଓଡ଼ିଆ ଭାଷାର ପ୍ରଥମ ପ୍ରକାଶିତ ବ୍ୟାକରଣ ଭାବେ ଗ୍ରହଣ କରାଯାଏ । ନିଜେ ସଟନ ସାହେବ ତାଙ୍କ ରଚିତ 'ଓଡ଼ିୟା ବ୍ୟାକରଣ' ଗ୍ରନ୍ଥର ଭୂମିକାରେ ଏହାକୁ ଓଡ଼ିଆ ଭାଷାର ପ୍ରଥମ ପ୍ରକାଶିତ ବ୍ୟାକରଣ ଭାବେ ଦାବି କରିଥିବା ଦେଖାଯାଏ । ଯଥା - "The Present

Digitized by PPRACHIN, SOA

is the first Grammar of the Oriya language ever yet published". (see: Introductory Grammar of the Oriya Language, 1831, preface)

ସଟନ୍‌ଙ୍କ ରଚିତ ତଥା ୧୮୩୧ ମସିହାରେ ପ୍ରକାଶିତ ଉପରୋକ୍ତ ବ୍ୟାକରଣ ଗ୍ରନ୍ଥଟିକୁ ଓଡ଼ିଆ ଭାଷାର ପ୍ରଥମ ମୁଦ୍ରିତ ବା ପ୍ରକାଶିତ ବ୍ୟାକରଣ ଭାବେ ଗ୍ରହଣ କରାଯିବା ଯଥାର୍ଥ ବୋଲି ମନେହୁଏ । ମାତ୍ର ପ୍ରକୃତରେ ଏହା ଓଡ଼ିଆ ଭାଷାର ପ୍ରଥମ ରଚିତ ବ୍ୟାକରଣ ଗ୍ରନ୍ଥ ନୁହେଁ । କାରଣ ଓଡ଼ିଆ ଭାଷାର ପ୍ରଥମ ବ୍ୟାକରଣ ଗ୍ରନ୍ଥଟି ଗଦାଧର ବିଦ୍ୟାବାଗୀଶଙ୍କ ଦ୍ୱାରା ୧୮୦୬ ମସିହାରେ ରଚିତ ହୋଇଥିବା ଅଧୁନା ଜଣାପଡ଼ିଛି । ଏହା ମୁଦ୍ରିତ ରୂପ ଲାଭ କରିବା ପୂର୍ବରୁ ପାଣ୍ଡୁଲିପି ରୂପରେ ଲଣ୍ଡନର ଇଣ୍ଡିଆ ଅଫିସ୍ ଲାଇବ୍ରେରୀକୁ ଚାଲିଯାଇଥିଲା । ଡକ୍ଟର ଗଗନେନ୍ଦ୍ରନାଥ ଦାଶ ଏହି ପାଣ୍ଡୁଲିପିକୁ ଆବିଷ୍କାର କରି ପ୍ରଥମେ ୧୯୭୬ ମସିହାରେ 'The First Oriya Grammar' ଶୀର୍ଷକ ପ୍ରବନ୍ଧଟିଏ ଲେଖି ଇନ୍ଦୁଭୂଷଣ କରଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'Image' ନାମକ ପତ୍ରିକାର ପ୍ରଥମ ସଂଖ୍ୟାରେ ମୁଦ୍ରିତ କରାଇ ତାହା ମାଧ୍ୟମରେ ଗଦାଧର ଓ ତାଙ୍କ ରଚିତ ପ୍ରଥମ ଓଡ଼ିଆ ବ୍ୟାକରଣ ଗ୍ରନ୍ଥ ସଂପର୍କରେ ଓଡ଼ିଶାବାସୀଙ୍କୁ ତଥା ଓଡ଼ିଆ ପାଠକମାନଙ୍କୁ ଅବଗତ କରାଇବାର ଉଦ୍ୟମ କରିଥିଲେ । ଏହାର ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୮୩ ମସିହାରେ ଗଦାଧରଙ୍କ ରଚିତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥର ଅବିକଳ ପ୍ରତିଲିପିକୁ ଡକ୍ଟର ଦାଶ ତାଙ୍କ ରଚିତ 'ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା' ଗ୍ରନ୍ଥର 'ପରିଶିଷ୍ଟ' ପର୍ଯ୍ୟାୟରେ ସ୍ଥାନିତ କରି ପ୍ରକାଶ କରିଥିଲେ । (ଦ୍ରଷ୍ଟବ୍ୟ : ଦାଶ ଡକ୍ଟର ଗଗନେନ୍ଦ୍ର ନାଥ, ୧୯୮୩, ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା', ଓଡ଼ିଆ ଗବେଷଣା ପରିଷଦ, କଟକ, ପରିଶିଷ୍ଟ-୨ ପୃ.୯୯-୧୨୨) । ତେବେ ଏହାର ଅବ୍ୟବହିତ ପୂର୍ବରୁ ଅର୍ଥାତ୍ ୧୯୮୨ ମସିହା ମାର୍ଚ୍ଚମାସରେ ଶ୍ରୀ ମହେଶଚନ୍ଦ୍ର ମହାପାତ୍ର ଗଦାଧରଙ୍କ ରଚିତ ଓଡ଼ିଆ ବ୍ୟାକରଣକୁ 'ଓଡ଼ିୟା ଭାଷାର ବ୍ୟାକରଣ' ନାମରେ ଗୋପବନ୍ଧୁ ସାହିତ୍ୟ ମନ୍ଦିର ତରଫରୁ ମୁଦ୍ରିତ କରି ପ୍ରକାଶ କରିଥିଲେ । ଶ୍ରୀଯୁକ୍ତ ମହାପାତ୍ରଙ୍କ ସଂପାଦନାରେ ଗଦାଧରଙ୍କ ରଚିତ ଓଡ଼ିଆଭାଷାର ପ୍ରଥମ ବ୍ୟାକରଣ ଗ୍ରନ୍ଥଟି 'ଓଡ଼ିୟା ଭାଷାର ବ୍ୟାକରଣ' ନାମରେ ଆତ୍ମପ୍ରକାଶ କରି ଓଡ଼ିଶାର ଅଗଣିତ ପାଠକଙ୍କ ଦୃଷ୍ଟି ସମ୍ମୁଖକୁ ଆସି ପାରିଥିଲା ।

ଗଦାଧର ଓ ସଟନ୍‌ଙ୍କ ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାର ଯେଉଁ ବ୍ୟାକରଣ ଗ୍ରନ୍ଥଗୁଡ଼ିକ ରଚିତ ହୋଇଥିବା ଦେଖିବାକୁ ମିଳୁଛି, ସେଗୁଡ଼ିକ ମଧ୍ୟରେ ୧୮୪୩ ମସିହାରେ ରଚିତ ହୋଇଥିବା ବିଶ୍ୱମ୍ଭର ବିଦ୍ୟାଭୂଷଣଙ୍କ "Oriya Grammar', ୧୮୫୫ ମସିହାରେ ରଚିତ ହୋଇଥିବା W.C. Laceyଙ୍କ 'ଓଡ଼ିୟା ବ୍ୟାକରଣ ସାର' ୧୮୫୮ ମସିହାରେ ରଚିତ ରଘୁନାଥ ମିଶ୍ରଙ୍କ 'ପ୍ରବେଶିକା ବ୍ୟାକରଣ', ୧୮୬୬ ମସିହାରେ ଫକୀରମୋହନ ସେନାପତିଙ୍କ ଦ୍ୱାରା ରଚିତ ହୋଇଥିବା 'ଉତ୍କଳ ସରଳ ବ୍ୟାକରଣ',

Digitized by PPRACHIN, SOA

୧୮୬୯ ମସିହାରେ ରଚିତ ହୋଇଥିବା Lingam Laksmaji Panditଙ୍କ "A Practical Grammar of the Odhra Language', ୧୮୬୯ ମସିହାରେ ରଚିତ ହୋଇଥିବା ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ 'ଉତ୍କଳ ବ୍ୟାକରଣ ସଂକ୍ଷେପ', ୧୮୭୦ ମସିହାରେ ରଚିତ ହୋଇଥିବା ଗୋପାଳଚନ୍ଦ୍ର ପଟ୍ଟନାୟକଙ୍କ 'ବ୍ୟାକରଣ କୌମୁଦୀ' ୧୮୭୧ ମସିହାରେ ରଚିତ ହୋଇଥିବା କୈଳାସଚନ୍ଦ୍ର ଶର୍ମା ଓ ଗୋକୁଳଚନ୍ଦ୍ର ପଟ୍ଟନାୟକଙ୍କ 'ଓଡ଼ିଆ ବ୍ୟାକରଣ', ୧୮୭୪ ମସିହାରେ ରଚିତ ହୋଇଥିବା E.C.B Hallam ସାହେବଙ୍କ "Oriya Grammar for English Students' ୧୮୭୪ ମସିହାରେ ରଚିତ ହୋଇଥିବା T.J. Maltbyଙ୍କ A practical Handbook of Uriya or 'Odiya Language', ୧୮୯୯ ମସିହାରେ ରଚିତ ହୋଇଥିବା ରାଧାନାଥ ରାୟଙ୍କ ବ୍ୟାକରଣ ପ୍ରବେଶ ଓ 'ବ୍ୟାକରଣ ପରିଚୟ' ପ୍ରଭୃତି ଅନ୍ୟତମ । ଊନବିଂଶ ଶତାବ୍ଦୀର ଶେଷଭାଗ ସୁଦ୍ଧା ରଚିତ ହୋଇଥିବା ଓଡ଼ିଆ ଭାଷାର ଉପରୋକ୍ତ ବ୍ୟାକରଣ ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଅଧିକାଂଶ ଆଜି ଦୁଷ୍ପ୍ରାପ୍ୟ । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମଧ୍ୟ ଓଡ଼ିଆ ବ୍ୟାକରଣର ରଚନା କ୍ଷେତ୍ରରେ ବହୁ ନିଷ୍ଠାପର ଉଦ୍ୟମ ହୋଇଥିବା ଲକ୍ଷ୍ୟ କରାଯାଏ, ତନ୍ମଧ୍ୟରୁ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ ଦ୍ୱାରା ୧୯୨୭ ମସିହାରେ ରଚିତ ହୋଇଥିବା 'ଓଡ଼ିଆ ଭାଷାତତ୍ତ୍ୱ' ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୯୩୫ ମସିହାରେ ଆଂଶିକ / ଖଣ୍ଡିତ ଭାବେ ରଚିତ ହୋଇଥିବା 'ଓଡ଼ିଆ ବ୍ୟାକରଣ' ପ୍ରଭୃତି ବେଶ୍ ଉଲ୍ଲେଖଯୋଗ୍ୟ । ପଣ୍ଡିତ ନୀଳକଣ୍ଠଙ୍କ ରଚିତ 'ଓଡ଼ିଆ ବ୍ୟାକରଣ' ( ପ୍ରକାଶକାଳ: ୧୯୩୫ ମସିହା) ଗ୍ରନ୍ଥଟି ଅସଂପୂର୍ଣ୍ଣତା (କାରଣ ଏଥିରେ କେବଳ ଦୁଇଟି ଭାଗରେ 'ବାକ୍ୟ ବିଚାର' ଓ 'ପଦ ବିଚାର' ସଂପର୍କିତ ଆଲୋଚନା ସଂଯୋଜିତ ହୋଇଥିଲା) ସତ୍ତ୍ୱେ, ଏହାକୁ ଓଡ଼ିଆ ଭାଷାର ସର୍ବପ୍ରଥମ ଯୋଗ୍ୟ ବ୍ୟାକରଣ ଭାବେ ଗ୍ରହଣ କରାଯାଏ । କାରଣ ସ୍ୱରୂପ ଏତିକି ମାତ୍ର କହିବା ସମୀଚୀନ ମନେ ହୋଇଥାଏ ଯେ, ଏହା ପୂର୍ବରଚିତ ଓଡ଼ିଆ ବ୍ୟାକରଣଗୁଡ଼ିକଠାରୁ ଏକାନ୍ତ ଭାବେ ବ୍ୟତିକ୍ରମ, ଅନ୍ତତଃପକ୍ଷେ ଏଇ ଦୃଷ୍ଟିରୁ ଯେ, ଏଥିରେ ସଂସ୍କୃତ -ବ୍ୟାକରଣର ଅନୁକରଣ ସ୍ଥଳବିଶେଷରେ ଅନୁସୃତ ହୋଇଥିବା ଦେଖିବାକୁ ମିଳୁଥିଲେ ହେଁ, ଅନ୍ୟ ପ୍ରାୟ ସବୁ କ୍ଷେତ୍ରରେ ଏଥିରେ ଓଡ଼ିଆ ଭାଷାର ବିଶେଷତ୍ୱକୁ ଆବିଷ୍କାର ପୂର୍ବକ ପ୍ରତିଷ୍ଠା ଦିଆଯାଇଛି । ଡକ୍ଟର ବିଜୟପ୍ରସାଦ ମହାପାତ୍ରଙ୍କ ଭାଷାରେ- "ସଂସ୍କୃତ ବ୍ୟାକରଣର ଅନୁକରଣରେ ତାଙ୍କ (ପଣ୍ଡିତ ନୀଳକଣ୍ଠଙ୍କ) ବ୍ୟାକରଣଟି ଲେଖା ହୋଇନାହିଁ, ବରଂ ସଂସ୍କୃତ ବ୍ୟାକରଣକୁ ପ୍ରୟୋଗ କରି ଏହି ବ୍ୟାକରଣଟି ଲେଖା ହୋଇଛି । ଏ କ୍ଷେତ୍ରରେ ଓଡ଼ିଆରେ ଅନ୍ଧ ଅନୁକରଣର ଅଭାବ ନଥିଲେ ମଧ୍ୟ ବୋଧହୁଏ, ନୀଳକଣ୍ଠଙ୍କ ବ୍ୟାକରଣଟି ଓଡ଼ିଆ ଭାଷାର ଏକମାତ୍ର ପ୍ରୟୋଗାତ୍ମକ ବ୍ୟାକରଣ ।" (ଦ୍ରଷ୍ଟବ୍ୟ: ପଣ୍ଡିତ ନୀଳକଣ୍ଠଙ୍କ ଓଡ଼ିଆ ଭାଷାତତ୍ତ୍ୱ, ୧୯୯୯, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ପୃ. ୧୧୬)

ମୋଟାମୋଟି ଭାବେ ପଣ୍ଡିତ ନୀଳକଣ୍ଠଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ୧୯୩୫ ମସିହାର ପୂର୍ବକାଳ ପର୍ଯ୍ୟନ୍ତ ଓଡ଼ିଆ ବ୍ୟାକରଣର ଐତିହାସିକ ପରମ୍ପରାକୁ ସ୍ପଷ୍ଟଭାବେ ତିନୋଟି

Digitized by PPRACHIN, SOA

ସ୍ୱତନ୍ତ୍ର ପର୍ଯ୍ୟାୟରେ ବିଭକ୍ତ କରି ଦର୍ଶାଯାଇପାରେ । ଏଗୁଡ଼ିକ ମଧ୍ୟରେ ମିଶନାରୀ ପଣ୍ଡିତ ତଥା ବିଦେଶୀମାନଙ୍କଦ୍ୱାରା ରଚିତ ଓଡ଼ିଆ ବ୍ୟାକରଣ, ଦେଶୀୟ ପଣ୍ଡିତ ତଥା ଭାଷାନୁରାଗୀମାନଙ୍କଦ୍ୱାରା ରଚିତ ଓଡ଼ିଆ ବ୍ୟାକରଣ ଓ ଆଧୁନିକ ନୂତନ ଦୃଷ୍ଟିଭଙ୍ଗୀ ସମ୍ୱଳିତ ଓଡ଼ିଆ ବ୍ୟାକରଣ ପ୍ରଭୃତି ନିଦର୍ଶନଗୁଡ଼ିକ ଅନ୍ୟତମ ଥିବା ଜଣାଯାଏ ।

ବର୍ତ୍ତମାନ ଏଇ ପୂର୍ବରଚିତ ଓଡ଼ିଆ ବ୍ୟାକରଣଗୁଡ଼ିକର ତାତ୍ତ୍ୱିକ ପରମ୍ପରା ସଂପର୍କରେ ଅନୁଶୀଳନ କରାଯାଉ । ତାତ୍ତ୍ୱିକ ପରମ୍ପରା ଦୃଷ୍ଟିରୁ ଆଧୁନିକ ଧାରାରେ ରଚିତ ହୋଇଥିବା କେବଳ ଦୁଇ ତିନୋଟି ବ୍ୟାକରଣଗ୍ରନ୍ଥକୁ ଛାଡ଼ିଦେଲେ, ପୂର୍ବବର୍ତ୍ତୀ ଅନ୍ୟ ସମସ୍ତ ଓଡ଼ିଆ ବ୍ୟାକରଣ ସାଧାରଣତଃ ଦୁଇଗୋଟି ପରମ୍ପରାର ଭିତ୍ତିଭୂମି ଉପରେ ଗଠିତ ତଥା ପ୍ରତିଷ୍ଠିତ ହୋଇଥିବା ଦେଖିବାକୁ ମିଳେ । ଏଥି ମଧ୍ୟରୁ ଗୋଟିଏ ହେଲା- ସଂସ୍କୃତ ବ୍ୟାକରଣର ଢାଞ୍ଚା / ମଡ଼େଲ୍ ବା ପରମ୍ପରା ଓ ଅନ୍ୟଟି ହେଲା- ଲାଟିନ୍ ବ୍ୟାକରଣର ଢାଞ୍ଚା / ମଡ଼େଲ୍ ବା ପରମ୍ପରା । ଏହି ଉଭୟ ଢାଞ୍ଚା / ମଡ଼େଲ ବା ପରମ୍ପରା ମଧ୍ୟରେ ଅନ୍ୟତମ ବ୍ୟତିକ୍ରମ ହେଲା, ପଣ୍ଡିତ ନୀଳକଣ୍ଠଙ୍କ ରଚିତ ତଥା ୧୯୩୫ ମସିହାରେ ପଣ୍ଡିତ ଶ୍ରୀ ଆକୁଳ ମିଶ୍ର କାବ୍ୟତୀର୍ଥଙ୍କ ଦ୍ୱାରା କଟକ ଟ୍ରେଡ଼ିଂ କଂପାନୀ ତରଫରୁ ପ୍ରକାଶ ପାଇଥିବା 'ଓଡ଼ିଆ ବ୍ୟାକରଣ' । ଅବଶ୍ୟ ଏହା ପୂର୍ବରୁ ଏହି ନୂତନ ଧାରାର ପ୍ରଥମ ପଦକ୍ଷେପ ସ୍ୱରୂପ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ଶୀର୍ଷକ ଗ୍ରନ୍ଥଟି ରଚିତ ହୋଇ ୧୯୨୭ ମସିହାରୁ ପ୍ରକାଶ ପାଇସାରି ଥିଲା, ଯାହାର ମୁଖବନ୍ଧ ସ୍ୱୟଂ ପଣ୍ଡିତ ନୀଳକଣ୍ଠ ଦାସ ହିଁ ଲେଖିଥିଲେ । ଏହି ମୁଖବନ୍ଧରେ ପଣ୍ଡିତ ମହାଶୟ ନିଜ ଭାଷାତତ୍ତ୍ୱ ସଂପର୍କିତ ଜ୍ଞାନର ଯେଉଁ ବଳିଷ୍ଠ ପରିଚୟ ଦେଇଥିଲେ, ସେହି ନିଜସ୍ୱ ମୌଳିକ ଜ୍ଞାନକୁ ପାଥେୟ କରି ଓଡ଼ିଆ ଭାଷାର ଏକ ମୌଳିକ ନିଜସ୍ୱ ବ୍ୟାକରଣ ରଚନା ଦିଗରେ ଧ୍ୟାନମଗ୍ନ ରହି ୧୯୩୫ ମସିହାରେ ଏହାକୁ ଖଣ୍ଡିତ ରୂପରେ 'ଓଡ଼ିଆ ବ୍ୟାକରଣ' ନାମରେ ପ୍ରକାଶ କରିଥିଲେ । ଏଥିରେ ମୋଟ ଦୁଇଟି ଭାଗରେ କେବଳ 'ବାକ୍ୟ ବିଚାର' ଓ 'ପଦ ବିଚାର' କ୍ରମେ ଓଡ଼ିଆ ଭାଷାର ତାତ୍ତ୍ୱିକ ବିଚାରବିଶ୍ଳେଷଣ ବର୍ଣ୍ଣନାତ୍ମକ ଭଙ୍ଗୀରେ ଉପସ୍ଥାପିତ ହୋଇଥିଲା ।

୨

ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୭ ଖ୍ରୀ:ଅ:) ୧୯୨୧ ମସିହାରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ସ୍କୁଲର ଶିକ୍ଷକ ଭାବେ, ଉପର ଶ୍ରେଣୀରେ ଗୋଟିଏ ମାସ ପାଇଁ ଓଡ଼ିଆ ବ୍ୟାକରଣ ପଢ଼ାଇବା ଅବସରରେ ଦୁଇ ଅଧ୍ୟାୟ ବିଶିଷ୍ଟ ଏହି ଅପୂର୍ଣ୍ଣ ବ୍ୟାକରଣଟିକୁ ପ୍ରସ୍ତୁତ କରିଥିଲେ, ଯାହାକୁ ୧୯୩୫ ମସିହାରେ 'ଓଡ଼ିଆ ବ୍ୟାକରଣ' ନାମରେ କଟକ ଟ୍ରେଡ଼ିଂ କଂପାନୀ ତରଫରୁ ପ୍ରକାଶ କରିଥିଲେ । ଅସଂପୂର୍ଣ୍ଣ

Digitized by PPRACHIN, SOA

ହେଲେ ହେଁ, ଏଥିରେ ପରିଲକ୍ଷିତ ନୂତନ ଦୃଷ୍ଟିଭଙ୍ଗୀ ବାସ୍ତବିକ ଓଡ଼ିଆ ଭାଷାର ମୌଳିକ ବ୍ୟାକରଣିକ ସ୍ୱରୂପ ଉଦ୍‌ଘାଟନ ନିମନ୍ତେ ଅନୁକୂଳ ସୁଯୋଗ ସୃଷ୍ଟି କରିଥିଲା । ମାତ୍ର ଏହି ସୁଯୋଗକୁ ପରବର୍ତ୍ତୀ ବ୍ୟାକରଣକାରମାନେ ଧରି ରଖିବାରେ ଅସମର୍ଥ ହୋଇପଡ଼ିବା କାରଣରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାର ଯଥାର୍ଥ ନିଜସ୍ୱ ବ୍ୟାକରଣଟିଏ ସୃଷ୍ଟି ହୋଇ ପାରିନଥିବାର ଅଭିଯୋଗ ଶୁଣିବାକୁ ମିଳୁଛି । ତତ୍ତ୍ୱ ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରବର୍ତ୍ତିତ ଓଡ଼ିଆ ବ୍ୟାକରଣର ଆଧୁନିକ ଧାରାଟି ବିଂଶ ଶତାବ୍ଦୀର ଚତୁର୍ଥ ଦଶକବେଳକୁ ହଠାତ୍ ଉନ୍ମୋଚିତ ହୋଇ ସଙ୍ଗେ ସଙ୍ଗେ ଉପେକ୍ଷିତ ହୋଇପଡ଼ିଥିଲା । ହୁଏତ ଅପୂର୍ଣ୍ଣତା ବା ପ୍ରସାରଗତ ଅବହେଳା କାରଣରୁ ଏହି ନୂତନ ଧାରାଟି ଉପେକ୍ଷିତ ହୋଇପଡ଼ିଥିବା ବିଶ୍ୱାସ କରାଯାଏ । ତେବେ ନୀଳକଣ୍ଠ, ତାଙ୍କ ଜୀବଦ୍ଦଶାରେ ନୂତନ ଧାରାରେ ରଚନା କରିବାକୁ ଆରମ୍ଭ କରିଥିବା 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥଟିକୁ ପରିପୂର୍ଣ୍ଣରୂପ ପ୍ରଦାନ କରିବାରେ ସମର୍ଥ ହୋଇଥିଲେ ହେଁ; ତାହା ବହୁକାଳ ଧରି କେବଳ ତାଙ୍କ ରଚିତ ଟିପାଖାତା ମଧ୍ୟରେ ଆବଦ୍ଧ ହୋଇ ରହିଆସିଥିଲା । ତେବେ ୧୯୧୩ ମସିହାରେ ଡକ୍ଟର କୁମୁଦିନୀ ମିଶ୍ର ଏହାକୁ ସୁସମ୍ପାଦିତ କରି 'ପଣ୍ଡିତ ନୀଳକଣ୍ଠଙ୍କ ବିଜ୍ଞାନସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ' ନାମରେ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର ତରଫରୁ ପ୍ରକାଶ କରି ଏ ଜାତି ଓ ଭାଷା ପାଇଁ ଏକ ମହନୀୟ କାର୍ଯ୍ୟ ନିର୍ବାହ କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ, ବ୍ୟାକରଣରଚନାର ତାତ୍ପର୍ଯ୍ୟକୁ ଠିକ୍‌ଭାବେ ବୁଝିପାରିଥିଲେ ବୋଲି ନିଜ ରଚିତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଟିକୁ ଚାରିଗୋଟି ସ୍ୱତନ୍ତ୍ର ପର୍ଯ୍ୟାୟରେ ବିଭକ୍ତ କରି ରଚନା କରିବା ନିମନ୍ତେ ଯୋଜନା କରିଥିଲେ । ଯଥା -ବାକ୍ୟ ବିଚାର, ପଦ ବିଚାର, ଶବ୍ଦ ବିଚାର ଓ ବର୍ଣ୍ଣ ବିଚାର । ଏ ସଂପର୍କିତ ପଣ୍ଡିତ ନୀଳକଣ୍ଠଙ୍କ ନିଜସ୍ୱ ଅଭିବ୍ୟକ୍ତିଟି ହେଉଛି-" ଆମେ କଥାରେ କହୁଥିବା ଶବ୍ଦମାନଙ୍କର ପରସ୍ପର ସ୍ଥିତି ଓ ସମ୍ବନ୍ଧ,ଯେଉଁ ଶାସ୍ତ୍ରରେ ସ୍ପଷ୍ଟ ଓ ବିଶେଷ ଭାବରେ ଜଣାଯାଏ, ତାକୁ 'ବ୍ୟାକରଣ ଶାସ୍ତ୍ର' ବା ବ୍ୟାକରଣ କହନ୍ତି । ଏଇ ବ୍ୟାକରଣଟିରେ ପ୍ରଥମେ ବାକ୍ୟଟିର ବିଚାର କରିବାକୁ ହୁଏ । କାରଣ ମନୁଷ୍ୟ ପ୍ରଥମେ ଶିଖେ ଆଉ କହେ ବାକ୍ୟ । ଏଇ ବାକ୍ୟରେ ଯାହା ବିଷୟରେ କୁହାଯାଏ, ଯାହା କୁହାଯାଏ ସେଇ ସବୁର ସମ୍ବନ୍ଧ ଆଗ ବିଚାର କରିବାକୁ ହେବ । ବାକ୍ୟ ମଧ୍ୟରେ ଥିବା ଶବ୍ଦଗୁଡ଼ିକ ପରସ୍ପର ସମ୍ବନ୍ଧରେ ରହନ୍ତି । ଏଇ ସମ୍ବନ୍ଧକୁ କହନ୍ତି ଅନ୍ୱୟ । ଅନ୍ୱୟରେ ଥିବା ଶବ୍ଦମାନଙ୍କୁ କୁହାଯାଏ 'ପଦ' । ବାକ୍ୟ ବିଚାର ପରେ ପଦବିଚାର କରିବାକୁ ହେବ । 'ଶବ୍ଦ' ଅନ୍ୱୟବଦ୍ଧ ନୁହେଁ । ଏହା ଅକ୍ଷର ବା ଅକ୍ଷର ସମଷ୍ଟି । ଏଇ ଅକ୍ଷର ବା ଅକ୍ଷର ସମଷ୍ଟିର ଅର୍ଥ ଥାଏ । ଅର୍ଥ ନଥିଲେ କୌଣସି ଅକ୍ଷର ବା ଅକ୍ଷର-ସମଷ୍ଟି ଶବ୍ଦ ହୁଏନାଇ । ପଦବିଚାର ପରେ ଏଇ ଶବ୍ଦ ବିଚାର କରିବାକୁ ହେବ । ବର୍ଣ୍ଣ ବା ବର୍ଣ୍ଣ ସମଷ୍ଟିରେ ଶବ୍ଦ ହୁଏ । 'ବର୍ଣ୍ଣ' କହିଲେ ଲିଖିତ ଅକ୍ଷର ଓ ଅକ୍ଷରର ଉଚ୍ଚାରଣ ଉଭୟକୁ ବୁଝାଯାଏ । ଭଲକରି ବୁଝିଲେ ଦେଖାଯିବ ମୁଖର ଉଚ୍ଚାରଣ ହିଁ ବର୍ଣ୍ଣ । ଶବ୍ଦ ବିଚାର ପରେ ଏଇ

Digitized by PPRACHIN, SOA

ବର୍ଣ୍ଣବିଚାର କରିବାକୁ ହେବ ।" (ଦ୍ରଷ୍ଟବ୍ୟ: ପଣ୍ଡିତ ନୀଳକଣ୍ଠଙ୍କ ବିଜ୍ଞାନ ସମ୍ମତ ଓଡ଼ିଆ ବ୍ୟାକରଣ, ୨୦୧୩, ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର, ପୃ-୫୧)

ପଣ୍ଡିତ ନୀଳକଣ୍ଠ ବ୍ୟାକରଣଗ୍ରନ୍ଥ ଅନ୍ତର୍ଗତ ଉପରୋକ୍ତ ସାଧାରଣ ବିଭବଗୁଡ଼ିକୁ ଓଡ଼ିଆ ଭାଷା ପରିପ୍ରେକ୍ଷୀରେ ଆଲୋଚନା କରିବାକୁ ଗଲାବେଳେ ସଂସ୍କୃତ ବ୍ୟାକରଣ ଅନ୍ତର୍ଗତ ତତ୍ତ୍ୱଗୁଡ଼ିକୁ ଓଡ଼ିଆ ଭାଷା ଉପରେ ପ୍ରୟୋଗ କରିଛନ୍ତି ସିନା; ମାତ୍ର ସଂସ୍କୃତ ବ୍ୟାକରଣକୁ ପୂର୍ଣ୍ଣତଃ ଅନୁକରଣ କରିନାହାନ୍ତି । ଅନ୍ୟ ଭାଷାରେ କହିଲେ, ପଣ୍ଡିତ ମହାଶୟ ସଂସ୍କୃତ ବ୍ୟାକରଣକୁ ଅନୁକରଣ କରିନାହାନ୍ତି, ପରନ୍ତୁ ଏହାର ତାତ୍ତ୍ୱିକତାକୁ ଓଡ଼ିଆ ଭାଷା କ୍ଷେତ୍ରରେ ପ୍ରୟୋଗ କରିଛନ୍ତି । ଫଳରେ ପଣ୍ଡିତ ମହାଶୟଙ୍କ ଓଡ଼ିଆ ବ୍ୟାକରଣର ବିଶେଷତ୍ୱ ଅଧିକ ମାତ୍ରାରେ ପ୍ରତିଷ୍ଠିତ ହୋଇପାରିଛି ବୋଲି ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରେ ।

ପୂର୍ବରୁ ସୂଚନା ଦିଆଯାଇଛି ଯେ, ପଣ୍ଡିତ ମହାଶୟଙ୍କ ବ୍ୟାକରଣଟି ଅନ୍ୟାନ୍ୟ ଓଡ଼ିଆ ବ୍ୟାକରଣଗୁଡ଼ିକ ପରି ଅକ୍ଷର / ବର୍ଣ୍ଣ / ଧ୍ୱନିରୁ ଆରମ୍ଭ ନ ହୋଇ 'ବାକ୍ୟ' ବିଚାରରୁ ଆରମ୍ଭ ହୋଇଛି । ପଣ୍ଡିତ ନୀଳକଣ୍ଠ, ଭାଷାର ସର୍ବବୃହତ ଅର୍ଥ ଯୁକ୍ତ ଅକୃତ୍ରିମ ଏକକ ଭାବେ ବାକ୍ୟକୁ ଗୁରୁତ୍ୱ ଦେଇ ପ୍ରଥମେ ଏହା ଉପରେ ବିଚାର ବିଶ୍ଳେଷଣ କରିଛନ୍ତି । ଯଥାର୍ଥରେ ବାକ୍ୟହିଁ ହେଉଛି ଭାଷାର ଅକୃତ୍ରିମ ଏକକ (unit), ଯାହା ବ୍ୟାକରଣକାରଙ୍କଦ୍ୱାରା ସୃଷ୍ଟି କରାଯାଇନାହିଁ । ପ୍ରତ୍ୟେକ ଭାଷାଭାଷୀ ଜାଣନ୍ତି, ବାକ୍ୟ କଣ ? କାରଣ ଏହି ବାକ୍ୟ ମାଧ୍ୟମରେ ନିର୍ଦ୍ଦିଷ୍ଟ ଭାଷାଭାଷୀ ଜନସାଧାରଣ ନିଜନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥାନ୍ତି । ଭାଷାବିଶ୍ଳେଷଣ ପାଇଁ ବର୍ଣ୍ଣ, ଶବ୍ଦ, ପଦ, ବାକ୍ୟ ପରି ସମସ୍ତ ଏକକ ଏକାନ୍ତ ଭାବେ ଗୁରୁତ୍ୱପୂର୍ଣ୍ଣ ମନେହେଉଥିଲେ ହେଁ, ବାକ୍ୟ ଭିନ୍ନ ଅନ୍ୟ ସମସ୍ତ ଏକକ ଅର୍ଥାତ୍ ପଦ, ଶବ୍ଦ ବର୍ଣ୍ଣ ପ୍ରଭୃତି ବ୍ୟାକରଣକାରକଙ୍କ ଦ୍ୱାରା ସୃଷ୍ଟି ହୋଇଛି । ସୁତରାଂ ଏଗୁଡ଼ିକ ଭାଷାର କୃତ୍ରିମ ଏକକ । ଏଗୁଡ଼ିକ ତେଣୁ ଭାଷାବିଶ୍ଳେଷଣ ବା Language analysis ସ୍ୱାର୍ଥରେ ବ୍ୟାକରଣକାରମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଛି ଏବଂ ଏହି ସବୁ ବ୍ୟାକରଣିକ ଏକକଗୁଡ଼ିକୁ ବ୍ୟାକରଣକାରମାନେ ନିର୍ଦ୍ଦିଷ୍ଟ ସଂଜ୍ଞା ମାଧ୍ୟମରେ ବୁଝାଇବା ପାଇଁ ପ୍ରଥମେ ଉଦ୍ୟମ କରିଛନ୍ତି ।

ପଣ୍ଡିତ ମହାଶୟ ତାଙ୍କ ବ୍ୟାକରଣର ଆରମ୍ଭ ଓଡ଼ିଆ ବାକ୍ୟବିଚାରରୁ ସୂତ୍ରପାତ କରି ପରେ ପରେ ପଦ, ଶବ୍ଦ, ବର୍ଣ୍ଣ, ଛନ୍ଦ ଓ ତତ୍ତ୍ୱ ବିଚାର କ୍ରମେ ସଂପୂର୍ଣ୍ଣ କରିବାର ଯୋଜନା କରିଥିବା ଏବଂ କେବଳ ବ୍ୟାକରଣର ପ୍ରମୁଖ ଚାରିଗୋଟି ଏକକ ସଂପର୍କରେ ବର୍ଣ୍ଣନାତ୍ମକ ଆଲୋଚନା ସଂପୂର୍ଣ୍ଣ କରିଥିବା ଅଧୁନା ଜଣାପଡ଼ିଛି । ନୀଳକଣ୍ଠଙ୍କ ଏହି ଓଡ଼ିଆ ବ୍ୟାକରଣର ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟ ସଂପର୍କରେ ବିଚାର କରାଯାଉ ।

ପଣ୍ଡିତ ନୀଳକଣ୍ଠ ତାଙ୍କ ରଚିତ ଓଡ଼ିଆ ବ୍ୟାକରଣର 'ବାକ୍ୟ ବିଚାର' ପର୍ଯ୍ୟାୟରେ ବାକ୍ୟକୁ ଭାଷାର ଏକ ସ୍ୱୟଂସିଦ୍ଧ ଏକକ ଭାବେ ଗ୍ରହଣ କରି ଏହାକୁ ବୁଝାଇବାକୁ ଯାଇ

Digitized by PPRACHIN, SOA

ପ୍ରଥମେ ଦୁଇଟି ଓଡ଼ିଆ ବାକ୍ୟର ଅବତାରଣା ପୂର୍ବକ ଏହି ବାକ୍ୟଗୁଡ଼ିକର ଦୁଇଟି କୃତ୍ରିମ ବିଭାଜନ କରି ତାହାକୁ 'ଉଦ୍ଦେଶ୍ୟ' (subject) ଓ 'ବିଧେୟ'(predicate) ଏପରି ଦୁଇଟି ପରିଭାଷା ମାଧ୍ୟମରେ ସ୍ୱତନ୍ତ୍ର ଭାବେ ଚିହ୍ନିତ କରିଛନ୍ତି । ଓଡ଼ିଆ ଭାଷାର 'ଧାନ ପାଚୁଛି'- 'ଗାଈ ଚରୁଛି' ପ୍ରଭୃତି ବାକ୍ୟ ଦୁଇଟିରେ ଥିବା 'ଉଦ୍ଦେଶ୍ୟ' ଓ 'ବିଧେୟ' ଭାଗ ସଂପର୍କରେ ସୂଚନା ଦେବାକୁ ଯାଇ ପଣ୍ଡିତ ମହାଶୟ କହିଛନ୍ତି - "ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ, ତାହାକୁ ଉଦ୍ଦେଶ୍ୟ ବା ବିଷୟ; ପୁଣି ସେହି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ, ସେହି କୁହାଯିବା କଥାକୁ 'ବିଧେୟ' ବା ବାଚ୍ୟ କହନ୍ତି । ଧାନ ପାଚୁଚି- ଏଠାରେ 'ଧାନ' ଉଦ୍ଦେଶ୍ୟ; 'ପାଚୁଚି' ବିଧେୟ । ଗାଈ ଚରୁଚି- ଏଠାରେ 'ଗାଈ' ଉଦ୍ଦେଶ୍ୟ; 'ଚରୁଚି' ବିଧେୟ ।" (ପଣ୍ଡିତ ନୀଳକଣ୍ଠଙ୍କ ବିଜ୍ଞାନସମ୍ମତ ବିଶୁଦ୍ଧ ଓଡ଼ିଆ ବ୍ୟାକରଣ, ୨୦୧୩, ପୃ.୫୨) । ଉଦ୍ଦେଶ୍ୟ ଓ ବିଧେୟ ରୂପକ ଦୁଇଟି ପରିଭାଷା (ବାକ୍ୟ ମଧ୍ୟରେ ରହିଥିବା ବ୍ୟାକରଣିକ ଏକକ) ମୂଳକ ଏକକଦ୍ୱାରା ଓଡ଼ିଆ ବାକ୍ୟକୁ ଦୁଇଟି ସ୍ୱତନ୍ତ୍ର ଅଂଶ (ପରସ୍ପର ସହ ସଂପର୍କାନ୍ୱିତ) ରେ ବିଭାଜନ କରି ପଣ୍ଡିତ 'ମହାଶୟ କହିଛନ୍ତି- 'ଧାନ ପାଚୁଛି ବାକ୍ୟର 'ଉଦ୍ଦେଶ୍ୟ' ହେଉଛି 'ଧାନ' ଓ 'ବିଧେୟ' ହେଉଛି 'ପାଚୁଛି' । ସେହିପରି ଗାଈ ଚରୁଛି ବାକ୍ୟର 'ଉଦ୍ଦେଶ୍ୟ' ହେଉଛି 'ଗାଈ' ଓ 'ବିଧେୟ' ହେଉଛି 'ଚରୁଛି' । କେବଳ 'ଧାନ' ବା 'ଗାଈ' କହିଲେ ବାକ୍ୟ ହୁଏ ନାହିଁ । କାରଣ ଏ ଉଭୟ ହେଉଛି ଗୋଟିଏ ଗୋଟିଏ ନାମ ବା ବିଶେଷ୍ୟ । 'ଧାନ' କଣ ହେଉଛି ? - ପାଚୁଛି । 'ଗାଈ' କଣ କରୁଛି ? -ଚରୁଛି । ସୁତରାଂ 'ଧାନ' ସହିତ 'ପାଚୁଛି' ଓ 'ଗାଈ' ସହିତ 'ଚରୁଛି' ଲଗାଇଲେ ଯାଇ ଗୋଟିଏ ଗୋଟିଏ ବାକ୍ୟ ହେଉଛି । (ଅତ୍ରୈବ, ପୃ. ୫୨) । ସୁତରାଂ ନୀଳକଣ୍ଠଙ୍କ ବିଚାରରେ ବାକ୍ୟ ହେଉଛି- 'ଉଦ୍ଦେଶ୍ୟ + ବିଧେୟ । ପୁଣି ବାକ୍ୟ ଅନ୍ତର୍ଗତ 'ଉଦ୍ଦେଶ୍ୟ' ହେଉଛି 'ନାମ ବା 'ବିଶେଷ୍ୟ' ଓ 'ବିଧେୟ' ହେଉଛି 'କ୍ରିୟାପଦ' । ଏହାକୁ ଧରି କହିଲେ, ବାକ୍ୟ ଅର୍ଥାତ୍ 'ଉଦ୍ଦେଶ୍ୟ + ବିଧେୟ' ହେଲା ବିଶେଷ୍ୟ ପଦ + କ୍ରିୟାପଦ' ।

ଉପରୋକ୍ତ ଧାରାରେ ଓଡ଼ିଆ ବାକ୍ୟର ଗଠନ-ରୀତି ସଂପର୍କରେ ପ୍ରଥମେ ସୂଚନା ଦେଇ ତା'ପରେ ପଣ୍ଡିତ ମହାଶୟ ନିମ୍ନମତେ ବାକ୍ୟର ଏକ ସଂଜ୍ଞା ପ୍ରଦାନ କରିବାକୁ ଉଦ୍ୟମ କରିଛନ୍ତି । ଯଥା- 'ଗୋଟିଏ ବିଷୟରେ କିଛି କହିଲେ, ବାକ୍ୟ ହୁଏ । (ଅତ୍ରୈବ, ପୃଷ୍ଠା ୫୨) ବାକ୍ୟ କାହାକୁ କୁହାଯାଏ, ତାହା କହିସାରିବା ପରେ ପଣ୍ଡିତ ନୀଳକଣ୍ଠ ପୁଣି ଓଡ଼ିଆ ବାକ୍ୟର ପ୍ରମୁଖ ଅଂଶ ବିଶେଷ 'ଉଦ୍ଦେଶ୍ୟ' ଓ 'ବିଧେୟ' ଭାଗର ଗଠନ ପକ୍ରିୟା ସମ୍ପର୍କରେ ବିଶ୍ଳେଷଣ କରିବାକୁ ପ୍ରୟାସ କରିଛନ୍ତି । ଏଥିପାଇଁ ପ୍ରଥମେ ଦୃଢ଼ ମତ ଦେଇ କହିଛନ୍ତି- "ବାକ୍ୟ ଯେତେ ବଡ଼ ହେଲେ ମଧ୍ୟ ସେଥିରେ ଏହି ଉଦ୍ଦେଶ୍ୟ- ବିଧେୟ ଛଡ଼ା ଆଉ କିଛି ରହିନପାରେ ।" (ଅତ୍ରୈବ, ପୃଷ୍ଠା-୫୩) ଏହାକୁ ବୁଝାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ 'ଉଦ୍ଦେଶ୍ୟ' ବା 'କର୍ତ୍ତାପଦ' ଓ 'ବିଧେୟ' ବା 'କ୍ରିୟାପଦ' କେବଳ ବ୍ୟବହୃତ

Digitized by PPRACHIN, SOA

ଥାଇ ଗଠିତ ହୋଇଥିବା ଗୋଟିଏ କ୍ଷୁଦ୍ର ବାକ୍ୟ ଓ କର୍ତ୍ତା ପଦର ବିବର୍ଦ୍ଧକ ଭାବେ ବ୍ୟବହୃତ ହୋଇଥିବା ଅନ୍ୟ କେତେକ ପଦ ଓ କ୍ରିୟାପଦର ବିବର୍ଦ୍ଧକ ଭାବେ ବ୍ୟବହୃତ ହୋଇଥିବା ଅନ୍ୟ କେତେକ ପଦର ସମବାୟରେ ଗଠିତ ହୋଇଥିବା ଗୋଟିଏ ଦୀର୍ଘ ବାକ୍ୟର ଅବତାରଣା କରି ଉଭୟର ଗଠନ ଧାରାରେ ଏକା ବ୍ୟାକରଣିକ ଶୃଙ୍ଖଳା ଅର୍ଥାତ୍ 'ଉଦ୍ଦେଶ୍ୟ' ଓ 'ବିଧେୟ'ର କ୍ରମିକ ବିନ୍ୟାସ ଅନୁସୃତ ହୋଇଥିବା ନିର୍ଦ୍ଧାରଣ କରିଛନ୍ତି । ଯଥା-

୧. ଗାଈ ଚରୁଛି ।

୨. କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣାହୋଇଥିବା ସେଇ କାଳିଗାଈ ଦୁଇଚାରିଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି ।

ଉପରୋକ୍ତ ବାକ୍ୟ ଦୁଇଟି ମଧ୍ୟରୁ ପ୍ରଥମ ବାକ୍ୟର 'ଗାଈ' ହେଉଛି ଉଦ୍ଦେଶ୍ୟ ବା କର୍ତ୍ତା । ସେହିପରି ଦ୍ୱିତୀୟ ବାକ୍ୟର 'କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ' ହେଉଛି 'ଉଦ୍ଦେଶ୍ୟ' । ଦ୍ୱିତୀୟ ବାକ୍ୟ ଅନ୍ତର୍ଗତ 'ଉଦ୍ଦେଶ୍ୟ' ଭାଗର ମୁଖ୍ୟ ପଦ ଅର୍ଥାତ୍ କର୍ତ୍ତାପଦ ହେଉଛି 'ଗାଈ' । ତେବେ ଏହାର ବିଶେଷକ ଭାବେ ଆଉ କେତେକ ପଦ ମଧ୍ୟ ବ୍ୟବହୃତ ହୋଇଛନ୍ତି । ଅତଏବ ବାକ୍ୟର 'କର୍ତ୍ତା'ର ବିଶେଷକ ଭାବେ ବ୍ୟବହୃତ ହେଉଥିବା ବିଭିନ୍ନ ପଦଗୁଡ଼ିକୁ ପଣ୍ଡିତ ମହାଶୟ ତାଙ୍କ ବ୍ୟାକରଣରେ ସ୍ୱତନ୍ତ୍ରଭାବେ ଆଲୋଚନା ପୂର୍ବକ ନିର୍ଦ୍ଧାରଣ କରିଛନ୍ତି । ଆହୁରି ମଧ୍ୟ ପ୍ରଥମ ବାକ୍ୟର 'ଚରୁଛି' ଓ ଦ୍ୱିତୀୟ ବାକ୍ୟର 'ଦୁଇ ଚାରି ଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି' ପ୍ରଭୃତି ହେଉଛି 'ବିଧେୟ' । ମୋଟାମୋଟି ଭାବେ ନୀଳକଣ୍ଠଙ୍କ ବିବେଚନାରେ ଉପରୋକ୍ତ ବାକ୍ୟଗୁଡ଼ିକରେ ଉଦ୍ଦେଶ୍ୟ ଭାବେ ବ୍ୟବହୃତ ଗାଈ / କାଳିଗାଈ / ନୂଆହୋଇ କିଣାହୋଇଥିବା କାଳିଗାଈ/ କାଲି ସକାଳେ ଯେଉଁ ଗାଈ ହଜିଥିଲା, ନୂଆ ହୋଇ କିଣା ହୋଇଥିବା ସେହି କାଳି ଗାଈ ଓ ବିଧେୟ ଭାବେ ବ୍ୟବହୃତ ଚରୁଛି/ ଘାସ ଚରୁଛି/ ବିଲରେ କଅଁଳ ଘାସଚରୁଛି / ଦୁଇ ଚାରି ଦିନ ତଳେ ହଳ ହୋଇଥିବା ତାଙ୍କ ବିଲରେ କଅଁଳ ଘାସ ଚରୁଛି- ବ୍ୟାକରଣିକ ପ୍ରକାର୍ଯ୍ୟ ଦୃଷ୍ଟିରୁ ସମାନ । ସୁତରାଂ ବାକ୍ୟ ମଧ୍ୟରେ ଗୋଟିଏ ପଦ ବା ବିଭିନ୍ନ ପଦର ସମନ୍ୱୟରେ ଗଠିତ ହୋଇଥିବା ବାକ୍ୟାଂଶ ବା ଖଣ୍ଡବାକ୍ୟ ଏକା କାର୍ଯ୍ୟ ପୂରଣ କରିଥାନ୍ତି । ନୀଳକଣ୍ଠଙ୍କ ବିବେଚନାରେ ବାକ୍ୟ ଅନ୍ତର୍ଗତ ଉଦ୍ଦେଶ୍ୟ କିମ୍ବା ବିଧେୟ (ଯଥାକ୍ରମେ କର୍ତ୍ତା ଓ କ୍ରିୟାପଦ)- ଦୁହେଁ ଗୋଟିଏ କିମ୍ବା ଏକାଧିକ ପଦରେ ପ୍ରକାଶିତ ହୋଇପାରନ୍ତି ।

ଉଦ୍ଦେଶ୍ୟ ଭାଗରେ ମୁଖ୍ୟପଦ କର୍ତ୍ତା ସହିତ ଅନ୍ୟ ଯେଉଁସବୁ ପଦ ବ୍ୟବହୃତ/ ପ୍ରୟୋଗ ହୁଅନ୍ତି, ତନ୍ମଧ୍ୟରେ ବିଶେଷଣ ହେଉଚି ପ୍ରମୁଖ ପଦ; ଯାହାର ଉଦାହରଣ ଦେଇ ନୀଳକଣ୍ଠ କହିଛନ୍ତି- 'କାଳି ଗାଈଟିଏ ଚରୁଛି ।' ଏଥିରେ 'ଗାଈଟିଏ' ହେଉଛି କର୍ତ୍ତା ଓ 'କାଳି' ହେଉଚି କର୍ତ୍ତା ବା ବିଶେଷ୍ୟ (ଗାଈଟିଏ)ର ବିଶେଷଣ । ସେହି ବିଶେଷଣର

Digitized by PPRACHIN, SOA

ବିଶେଷଣ ମଧ୍ୟ ଉଦ୍ଦେଶ୍ୟ ଭାଗରେ ବ୍ୟବହୃତ ହୋଇପାରେ । ନୀଳକଣ୍ଠଙ୍କ ଭାଷାରେ-" କର୍ତ୍ତାର ଗୁଣ, ଅବସ୍ଥା, ଧର୍ମ ବୁଝାଉଥିବା ବିଶେଷଣମାନେ ପୁଣି ବିଶେଷଣର ଗୁଣ, ଅବସ୍ଥା, ଧର୍ମ, ଆଦି ବୁଝାଉଥିବା ବିଶେଷଣର ବିଶେଷଣମାନେ ଉଦ୍ଦେଶ୍ୟର ଅଙ୍ଗୀଭୂତ ହୁଅନ୍ତି ।" (ଅତ୍ରୈବ, ପୃ ୫୬) । ଯଥା – 'ଚିକ୍‌କଣ କାଳି ଗାଈଟିଏ ଚରୁଛି ।' ଏଠାରେ 'ଚିକ୍‌କଣ' ହେଉଛି ବିଶେଷଣ ପଦ 'କାଳି'ର ବିଶେଷଣ । ବେଳେବେଳେ ଏହି ବିଶେଷଣ ଢାଗାରେ ମୋ, ତୋ, ତୁମର, ରାମର ପ୍ରଭୃତି ବିଭକ୍ତିଯୁକ୍ତ ପଦ ମଧ୍ୟ ବ୍ୟବହୃତ ହୋଇପାରନ୍ତି । ଯେପରି – 'ମୋ କାଳିଗାଈ ଚରୁଛି' । ଏଠାରେ 'ମୋ' ଏକ ସର୍ବନାମ ପଦ ହେଲେ ହେଁ ଏବଂ ଏହା କର୍ତ୍ତା 'ଗାଈ'ର ବିଶେଷଣ ପରି ବ୍ୟବହୃତ ହେଉଥିଲେ ମଧ୍ୟ ଏହାକୁ ବିଶେଷଣ କୁହା ନ ଯାଇ 'ସମ୍ବନ୍ଧ ପଦ' କୁହାଯିବା ଯଥାର୍ଥ । ମୋ, ତୁମ, ରାମର ପରି ସମ୍ବନ୍ଧ ପଦଗୁଡ଼ିକ ବି ଉଦ୍ଦେଶ୍ୟ ଭାଗରେ ବିଶେଷଣ ରୂପେ କାର୍ଯ୍ୟ କରିଥାନ୍ତି । ପଣ୍ଡିତ ନୀଳକଣ୍ଠ ବାକ୍ୟର ଉଦ୍ଦେଶ୍ୟ ଭାଗରେ ବ୍ୟବହୃତ ବିଶେଷଣଗୁଡ଼ିକ ଗୋଟିଏ ପଦ ରୂପେ ବା ବାକ୍ୟାଂଶ ରୂପେ ବ୍ୟବହୃତ ହେଉଥିବା ସଦୃଷ୍ଟାନ୍ତ ଦର୍ଶାଇଛନ୍ତି । ନିଜ ବ୍ୟାକରଣରେ ଲେଖକ ବାକ୍ୟାଂଶ ଭାବେ ବ୍ୟବହୃତ ବିଶେଷଣଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରି ଦର୍ଶାଇଛନ୍ତି । ଯଥା – ବ୍ୟାଖ୍ୟାନ ବିଶେଷ୍ୟ, ବାକ୍ୟାର୍ଥ ବିଶେଷଣ ଓ କ୍ରିୟାବାଚକ ବିଶେଷଣ ।

ବ୍ୟାଖ୍ୟାନ ବିଶେଷ୍ୟର ଦୃଷ୍ଟାନ୍ତ ସ୍ୱରୂପ ନୀଳକଣ୍ଠ କହିଛନ୍ତି – 'ରାମର ସାନଭାଇ ଗୋବିନ୍ଦ ଆସୁଛି' । ଏଠାରେ 'ରାମର ସାନଭାଇ' ହେଉଛି 'ଗୋବିନ୍ଦ' ପଦର ଗୋଟିଏ ବ୍ୟାଖ୍ୟାନ । ବିଶେଷ୍ୟ ପଦ କେତେଗୁଡ଼ିଏ ନିଜସ୍ୱ ବିଶେଷକ ପଦକୁ ସାଥିରେ ନେଇ କର୍ତ୍ତାର ବିଶେଷକ ହୋଇ ବସିପାରେ । ଏଗୁଡ଼ିକ କାର୍ଯ୍ୟରେ ବିଶେଷଣ ହେଲେ ମଧ୍ୟ ଏଗୁଡ଼ିକୁ ବ୍ୟାକରଣରେ ବିଶେଷଣ କୁହା ନଯାଇ ବ୍ୟାଖ୍ୟାନ ବିଶେଷ୍ୟ' କହିବା ଯଥାର୍ଥ ହେବ । ସେହିପରି 'ବାକ୍ୟାର୍ଥ ବିଶେଷଣ' ସଂପର୍କରେ ଦୃଷ୍ଟାନ୍ତ ଦେଇ ନୀଳକଣ୍ଠ କହିଛନ୍ତି- 'କାଲି ଯେଉଁ ଗାଈ କିଣା ହୋଇଥିଲା, ସେ (ଗାଈ) ଚରୁଛି ।' (ଅତ୍ରୈବ, ପୃ .୫୭) । ଏଠାରେ 'ସେ' ପଦକୁ 'କାଲି ଯେଉଁ ଗାଈ କିଣା ହୋଇଥିଲା'- ଏଇ ସମସ୍ତ ବାକ୍ୟ ବିଶେଷିତ କରୁଛି । ଏଠାରେ ଏଇ ସମସ୍ତ ବାକ୍ୟର ଅର୍ଥଟି 'ସେ'-ଏଇ ପଦର ବିଶେଷଣ ପରି ରହିଅଛି । ସୁତରାଂ ବାକ୍ୟପରି ଦେଖାଗଲେ ମଧ୍ୟ ତାହା ଗୋଟିଏ ବିଶେଷଣ । ଏଇ ଧରଣର ବିଶ୍ଳେଷଣକୁ 'ବାକ୍ୟାର୍ଥ ବିଶେଷଣ' କହିବା ଯଥାର୍ଥ । ପୁନଶ୍ଚ 'କ୍ରିୟାବାଚକ ବିଶେଷଣ'ର ଦୃଷ୍ଟାନ୍ତ ଦେବାକୁ ଯାଇ ନୀଳକଣ୍ଠ କହିଛନ୍ତି- କାଲି କିଣା ହୋଇଥିବା ଗାଈ ଚରୁଛି' । ଏଠାରେ 'କାଲି କିଣା ହୋଇଥିବା'- ଏ ବାକ୍ୟାଂଶଟି ବାକ୍ୟପରି ଦେଖାଯାଉ ନାହିଁ, ଅଥଚ ଏଥିରେ ଗୋଟିଏ କ୍ରିୟା ଅଛି । ଏଇପରି ବାକ୍ୟ ପୂର୍ଣ୍ଣ କରୁନଥିବା କ୍ରିୟା ଓ ବେଳେବେଳେ ତାହାର ବିଶେଷକ ପଦମାନେ ଏକତ୍ରଭାବେ କର୍ତ୍ତାର ବିଶେଷଣ ଭାବେ

Digitized by PPRACHIN, SOA

କାର୍ଯ୍ୟକରନ୍ତି । ଏତାଦୃଶ ବିଶେଷଣକୁ ନୀଳକଣ୍ଠ 'କ୍ରିୟାବାଚକ ବିଶେଷଣ ପଦ' ଭାବେ ଆଖ୍ୟାୟିତ କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ବାକ୍ୟର 'ବିଧେୟ' ଅଂଶର ମୁଖ୍ୟ ପଦ ଭାବେ 'କ୍ରିୟା' ପଦକୁ ଗ୍ରହଣ କରି କହିଛନ୍ତି- 'ଉଦ୍ଦେଶ୍ୟରେ ଯେପରି ପ୍ରଧାନ ପଦ କର୍ତ୍ତା, ବିଧେୟରେ ସେଇପରି ପ୍ରଧାନ ପଦ ସମାପିକା କ୍ରିୟା ।' (ଅତ୍ରୈବ, ପୃ .୫୭) । ଏହି ସମାପିକା କ୍ରିୟାରେ ହିଁ ଓଡ଼ିଆ ବାକ୍ୟ ଶେଷ ହୋଇଥାଏ । ବାକ୍ୟର ବିଧେୟ ଅଂଶରେ ଏହି ସମାପିକା କ୍ରିୟାକୁ ଅବଲମ୍ବନ କରି ଅନ୍ୟ କେତେକ ପଦ ଅବସ୍ଥାନ କରିଥାନ୍ତି ।

ବାକ୍ୟରେ ସମାପିକା କ୍ରିୟା ସାଧାରଣତଃ କର୍ତ୍ତା ଅନୁସାରେ ଗଠିତ ହୋଇ ବ୍ୟବହୃତ ହୋଇଥାଏ । ଅର୍ଥାତ୍ କର୍ତ୍ତାର ପୁରୁଷ ବଚନ ଅନୁସାରେ ସମାପିକା କ୍ରିୟା ମଧ୍ୟ ପୁରୁଷ - ବଚନ ଚିହ୍ନ ଗ୍ରହଣ କରିଥାଏ । କିନ୍ତୁ କ୍ରିୟା ଅସମାପିକା ହୋଇଥିଲେ, ପୁରୁଷ-ବଚନ ଚିହ୍ନ ଗ୍ରହଣ କରି ନଥାଏ । ବାକ୍ୟର ବିଧେୟ ଅଂଶରେ ତିନିଟି ମୁଖ୍ୟ ପଦ ସମାପିକା କ୍ରିୟା ସହିତ ଅନ୍ତର୍ଭୁକ୍ତ ହୋଇପାରେ ବୋଲି ପଣ୍ଡିତ ମହାଶୟ ଦର୍ଶାଇଛନ୍ତି । ଏହି ତିନିଟି ପଦ ହେଉଛି - ବିଧେୟ ବିଶେଷଣ, କାରକ ସାଧାରଣ କ୍ରିୟା ବିଶେଷଣ ।

ବାକ୍ୟରେ ନିମ୍ନଲିଖିତ ଚାରିପ୍ରକାର ବିଧେୟ ବିଶେଷକ ବା ବିଶେଷଣ ବ୍ୟବହୃତ ହେଉଥିବା ପଣ୍ଡିତ ନୀଳକଣ୍ଠ ଦର୍ଶାଇଛନ୍ତି । ଏଗୁଡ଼ିକ ହେଲେ - ବିଶେଷ୍ୟ ଭାବେ, ବିଶେଷଣ ଭାବେ, ସର୍ବନାମ ଭାବେ ଓ ବାକ୍ୟାର୍ଥ ଭାବେ । ଏଗୁଡ଼ିକ ସାଧାରଣତଃ ଅଟେ ଅର୍ଥକ ବାକ୍ୟର ବିଧେୟ ଅବସ୍ଥାନ କରିଥାନ୍ତି । ଯଥା -

ରାମ ବାଳକ (ଅଟେ) - ଏଠାରେ 'ବାଳକ' ଅଟେ - ଅର୍ଥକ କ୍ରିୟାର ଅଙ୍ଗ ହୋଇଥିବା ବିଶେଷ୍ୟ ପଦ ।

ରାମ ବଡ଼ ସୁଧାର (ଅଟେ) - ଏଠାରେ 'ସୁଧାର' ଗୋଟିଏ ବିଶେଷଣ ପଦ ଓ ଅଟେ-ଅର୍ଥକ କ୍ରିୟାର ଅଙ୍ଗବିଶେଷ ।

ମୁଁ ସେ ନୁହେଁ - ଏଠାରେ 'ସେ' ଗୋଟିଏ ସର୍ବନାମ ପଦ ।

ଏଇଟା, ଯାହା ତୁମେ ଦେଇଥିଲ - ଏଠାରେ 'ଯାହା ତୁମେ ଦେଇଥିଲ' ଗୋଟଏ ବାକ୍ୟ ।

ଏହାପରେ ପଣ୍ଡିତ ମହାଶୟ ବିଧେୟର ଅଙ୍ଗଭାବେ, ବ୍ୟବହୃତ କାରକ ସଂପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି - 'କ୍ରିୟା ଯାହାକୁ କରେ ବା ଲକ୍ଷ୍ୟ କରେ ବା ଯାହା ନିମିତ୍ତ କରେ, ଯାହାଦ୍ୱାରା ବା ଯେଉଁଠାରୁ ବା ଯେଉଁଠାରେ, ବିଷୟରେ, କାଳରେ ବା ଭାବରେ ସାଧିତ ହୁଏ ସେ ସବୁକୁ ବୁଝାଉଥିବା ପଦମାନେ କ୍ରିୟାର ବିଶେଷକ । ଅତଏବ ବିଧେୟର ଅନ୍ତର୍ଭୁକ୍ତ । ଯଥା - ରାମ ଭାତ ଖାଇଲା / ରାମ ଗ୍ରାମକୁ

Digitized by PPRACHIN, SOA

ଗଲା/ ସେ ଛୁରିରେ କାଟିଲା / ସେ ଘରୁ ଆସିଲା – ଏସବୁ ଅର୍ଥର ପଦମାନଙ୍କୁ କ୍ରିୟାର କାରକ କହନ୍ତି ।" (ଅତ୍ରୈବ, ପୃ-୬୦) ।

ସାଧାରଣତଃ କ୍ରିୟାକୁ ବିଶେଷିତ କରି ବ୍ୟବହୃତ କେତେକ ପଦ ବିଧେୟ ଭାଗରେ ବ୍ୟବହୃତ ହୋଇଥାନ୍ତି । ଏଗୁଡ଼ିକୁ କ୍ରିୟାବିଶେଷଣ କହନ୍ତି । ଯଥା – 'ସେ ଦୁମ୍‌ଦୁମ୍ (ହୋଇ) ଚାଲିଗଲା ।' ଏଠାରେ 'ଦୁମ୍‌ଦୁମ୍' କ୍ରିୟାବିଶେଷଣ ଭାବେ ବ୍ୟବହୃତ ହୋଇଛି ।

ବାକ୍ୟର ଉଦ୍ଦେଶ୍ୟ ଓ ବିଧେୟ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ପରେ ପଣ୍ଡିତ ମହାଶୟ ବାକ୍ୟର ପ୍ରକାରଭେଦ ସଂପର୍କରେ ଆଲୋଚନା କରି ଓଡ଼ିଆ ବାକ୍ୟ – ପ୍ରକାରଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରି ଦର୍ଶାଇଛନ୍ତି । ଯଥା – ସରଳ, ଜଟିଳ ଓ ଯୌଗିକ । ପଣ୍ଡିତ ମହାଶୟ ଓଡ଼ିଆ ବାକ୍ୟର ପ୍ରୟୋଗ ଆଧାରରେ ଏ ପ୍ରତ୍ୟେକଟି ଶ୍ରେଣୀର ବାକ୍ୟର ସଂଜ୍ଞା ପ୍ରଦାନ ସହ ଗଠନରୂପ ସମ୍ପର୍କରେ ସଦୃଷ୍ଟାନ୍ତ ବିଶ୍ଳେଷଣ କରିଛନ୍ତି । ଆହୁରି ମଧ୍ୟ ଗୋଟିଏ ଛୋଟିଆ ପାରାରେ ପଣ୍ଡିତ ମହାଶୟ 'ବାକ୍ୟର ପରିବର୍ତ୍ତନ' ସଂପର୍କରେ ଗୁରୁତ୍ୱଦେଇ ଆଲୋଚନା ମଧ୍ୟ କରିଛନ୍ତି । (ଅତ୍ରୈବ, ପୃ ୬୭) । ଏହା ପରେ ପରେ ଏହି ବ୍ୟାକରଣରେ ପଣ୍ଡିତ ମହାଶୟ ପଦବିଚାର ପ୍ରତି ଦୃଷ୍ଟି ଦେଇ ଓଡ଼ିଆ ପଦକୁ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଓ ଅବ୍ୟୟ- ଏପରି ପାଞ୍ଚ ଭାଗରେ ବିଭକ୍ତ କରି ପ୍ରତ୍ୟେକ ଶ୍ରେଣୀର ସ୍ୱତନ୍ତ୍ର ବିଚାର ଉପସ୍ଥାପନ କରିଛନ୍ତି । ଶେଷରେ ଓଡ଼ିଆ ବାକ୍ୟରେ ଇଂରାଜୀ ଅନୁକରଣରେ ବ୍ୟବହୃତ ହେଉଥିବା 'ଛେକାଦି ଚିହ୍ନ' ଗୁଡ଼ିକର ସ୍ୱରୂପ ଓ ପ୍ରୟୋଗବିଧି ସଂପର୍କରେ ସଦୃଷ୍ଟାନ୍ତ ଆଲୋଚନା କରିଛନ୍ତି । (ଅତ୍ରୈବ, ପୃ ୭୫-୭୮) । ଏହି ପର୍ଯ୍ୟାୟରେ ପୂର୍ଣ୍ଣଛେଦ, ପ୍ରଥମଛେଦ ବା କମ୍ମା, ଦ୍ୱିତୀୟ ଛେଦ ବା ସେମିକୋଲନ, ତୃତୀୟଛେଦ ବା କୋଲନ, ପ୍ରଶ୍ନ ଚିହ୍ନ, ବିସ୍ମୟସୂଚକ ଚିହ୍ନ, ଉଦ୍ଧୃତ ଚିହ୍ନ, ହାଇଫେନ ବା ସଂଯୋଜକ ଗାର ଉଦ୍ଧୃତି ଚିହ୍ନ ପ୍ରଭୃତି ଚିହ୍ନଗୁଡ଼ିକ ସଂପର୍କରେ ପଣ୍ଡିତ ମହାଶୟ ବିଶେଷଭାବେ ଆଲୋକପାତ କରିଥିବା ଦେଖିବାକୁ ମିଳୁଛି ।

ନିଜ ବ୍ୟାକରଣର ଦ୍ୱିତୀୟ ଭାଗ ଅର୍ଥାତ୍ 'ପଦ ବିଚାର' ପର୍ଯ୍ୟାୟରେ ପଣ୍ଡିତ ମହାଶୟ ପ୍ରଥମେ ଶବ୍ଦ ଓ ପଦ ମଧ୍ୟରେ ରହିଥିବା ପାର୍ଥକ୍ୟ ଉପରେ ଆଲୋକପାତ କରି କହିଛନ୍ତି– "ଶବ୍ଦସବୁ ବାକ୍ୟରେ ରହିଲେ ସେମାନଙ୍କୁ 'ପଦ' କହନ୍ତି । ବାକ୍ୟରେ ରହିଲେ ଶବ୍ଦମାନଙ୍କର ପରସ୍ପର ସହ ସଂପର୍କ ରହେ । ସେତେବେଳେ ସେମାନେ ଗୋଟିଏ ଗୋଟିଏ ପଦ ହୁଅନ୍ତି ।" (ଅତ୍ରୈବ, ପୃ୮୧) । ଗୋଟିଏ ପ୍ରକାର ଶବ୍ଦ ଭିନ୍ନ ଭିନ୍ନ ବାକ୍ୟରେ କିପରି ଭିନ୍ନ ଭିନ୍ନ ପଦ ରୂପେ ବ୍ୟବହୃତ ହୋଇପାରେ, ତାହାକୁ ନିମ୍ନଲିଖିତ ଦୃଷ୍ଟାନ୍ତଗୁଡ଼ିକର ସହାୟତାରେ ପଣ୍ଡିତ ମହାଶୟ ବୁଝାଇ ଦେଇଛନ୍ତି । ଯଥା –

Digitized by PPRACHIN, SOA

ତମକୁ ଗୋଟିଏ କଥା କହିବା / ଏ କହିବା କଥା ନୁହେଁ / କରିବାଠାରୁ କହିବା ସହଜ । ଏହି ତିନିଗୋଟି ବାକ୍ୟରେ 'କହିବା' ଶବ୍ଦଟି ବ୍ୟବହୃତ ହୋଇଥିଲେ ହେଁ ପ୍ରୟୋଗ ଦୃଷ୍ଟିରୁ ପ୍ରଥମ ବାକ୍ୟରେ ଏହା କ୍ରିୟା, ଦ୍ୱିତୀୟ ବାକ୍ୟରେ ଏହା ବିଶେଷଣ ଓ ତୃତୀୟ ବାକ୍ୟରେ ଏହା ବିଶେଷ୍ୟ ଭାବେ ବ୍ୟବହୃତ ପଦମାନଙ୍କୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରି କହିଛନ୍ତି- "ବାକ୍ୟ ଭିତରେ ଯେତେପ୍ରକାର ପଦ ପଶିପାରେ ସେମାନଙ୍କୁ ମୋଟାମୋଟି ପାଞ୍ଚ ଭାଗରେ ବିଭକ୍ତ କରାଯାଏ । ଯଥା- ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟା ।" (ଅତ୍ରୈବ, ପୃ .୮୧) । ଏହି ପଞ୍ଚବିଧ ପଦଗୁଡ଼ିକର ସଂଜ୍ଞା ସହ ଏଗୁଡ଼ିକ ସଂପର୍କରେ ବିଭିନ୍ନ ଦୃଷ୍ଟାନ୍ତ ପଣ୍ଡିତ ମହାଶୟ ତାଙ୍କ ବ୍ୟାକରଣ ଗ୍ରନ୍ଥରେ ପ୍ରଦାନ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ପଣ୍ଡିତ ମହାଶୟ ଓଡ଼ିଆ ଅବ୍ୟୟ ପଦର ଯେଉଁ ସଂଜ୍ଞା ପ୍ରଦାନ କରିଛନ୍ତି, ତାହା ଆଧୁନିକ ଭାଷାବିଜ୍ଞାନର ସଂପୂର୍ଣ୍ଣ ଅନୁସାରୀ ହୋଇପାରିଛି ବୋଲି ନିର୍ଧାର୍ଯ୍ୟ ଭାବେ କୁହାଯାଇ ପାରେ । ତାଙ୍କ ବିବେଚନାରେ "ଯେଉଁ ପଦ ସକଳ ଲିଙ୍ଗ, ବଚନ, ପୁରୁଷ ଓ କାରକରେ ଏକ ରୂପ ସେ ଅବ୍ୟୟ । ଯଥା- ଚିର, ବରଂ, ଯଦି ଇତ୍ୟାଦି ।" (ଅତ୍ରୈବ, ପୃ -୮୨) । ଆହୁରି ମଧ୍ୟ ପଣ୍ଡିତ ମହାଶୟ ବିଭିନ୍ନ ଶବ୍ଦରେ ବିଭକ୍ତି ଯୋଗ ଘଟି ସେସବୁ ପଦ ରୂପରେ ବ୍ୟବହୃତ ହୋଇଥାନ୍ତି ବୋଲି ସ୍ପଷ୍ଟ ମତ ଦେଇଛନ୍ତି । ଏହି ବିଭକ୍ତି ହେଉଛି ଦୁଇ ପ୍ରକାର । ଯଥା- ୧ କାରକ ବିଭକ୍ତି ଓ ୨- କ୍ରିୟା ବିଭକ୍ତି ।

'କାରକ ବିଭକ୍ତି'ର ଦୃଷ୍ଟାନ୍ତ ଦେଇ ପଣ୍ଡିତ ମହାଶୟ କହିଛନ୍ତି - 'ଖଟରେ ଶୋଇଲେ' ଓ 'ଗଛରୁ ପଡ଼ିଲା' - ଏହି ବାକ୍ୟ ଦୁଇଟିରେ 'ଖଟରେ' ଓ 'ଗଛରୁ' - ଏ ଦୁଇଟି ପଦ କ୍ରିୟାକୁ ବିଶେଷିତ କରୁଛି । ଏ ଦୁଇଟି ଯାକ କାରକ । 'ଖଟ' ଓ 'ଗଛ' ଶବ୍ଦରେ 'ରେ' ଓ 'ରୁ' ବିଭକ୍ତି ଲାଗି ଏଠାରେ ଶବ୍ଦକୁ କାରକ ବୋଲି ଚିହ୍ନାଇ ଦେଉଛି । ଏହିପରି ନାନା କାରକକୁ ଶବ୍ଦରେ ନାନା ଚିହ୍ନ ଦେଇ ଚିହ୍ନାଇ ଦିଆଯାଏ । ସେହିପରି 'ସେ କରିବ' ଓ 'ମୁଁ ଠେଲିଲି -ପରି ବାକ୍ୟ ଦୁଇଟିରେ 'କର୍' ଓ 'ଠେଲ୍' ଶବ୍ଦର 'ଇବ' ଏବଂ 'ଇଲି' କ୍ରିୟାବିଭକ୍ତିମାନ ଲଗାଇ ଏମାନଙ୍କୁ ପଦ କରାଯାଇଛି । 'କର୍' ଏବଂ 'ଠେଲ୍'ପ୍ରଭୃତି ଶବ୍ଦକୁ 'ଶବ୍ଦମୂଳ' ବା 'ଧାତୁ' କହନ୍ତି । (ଅତ୍ରୈବ, ପୃ-୮୨) ।

ବାକ୍ୟ ମଧ୍ୟରେ ବ୍ୟବହୃତ ହେଉଥିବା ପଦମାନଙ୍କର ପାରସ୍ପରିକ ସମ୍ବନ୍ଧ ବା ଅନ୍ୱୟ ଥାଏ । ଏହି ସମ୍ବନ୍ଧ ହେତୁ ଅବ୍ୟୟ ପଦ ଛଡ଼ା ଅନ୍ୟ ପଦମାନଙ୍କର ପରିବର୍ତ୍ତନ ହୁଏ । ଏହି ପରିବର୍ତ୍ତନର ନିୟମ ନୀଳକଣ୍ଠ ନିମ୍ନୋକ୍ତ ଭାବେ ଦର୍ଶାଇଛନ୍ତି । ଯଥା -

୧. ଲିଙ୍ଗ, ବଚନ, ପୁରୁଷ, କାରକ ଭେଦରେ 'ବିଶେଷ୍ୟ'ର ପରିବର୍ତ୍ତନ ହୁଏ ।

୨. କାଳ ଓ କର୍ତ୍ତାର ବଚନ, ପୁରୁଷ ଭେଦରେ 'କ୍ରିୟା'ର ପରିବର୍ତ୍ତନ ହୁଏ ।

୩. ବିଶେଷ୍ୟର ଲିଙ୍ଗ ଅନୁସାରେ ଗୁଣ ବାଚକ 'ବିଶେଷଣ'ର ବେଳେବେଳେ ପରିବର୍ତ୍ତନ ହୁଏ ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଉପରୋକ୍ତ ପରିବର୍ତ୍ତନ ସଂପର୍କରେ ଆଲୋକପାତ କରିବାକୁ ଯାଇ ବିଶେଷ୍ୟର ଲିଙ୍ଗଗତ, ବଚନଗତ, ପୁରୁଷଗତ ତଥା କାରକଗତ ପରିବର୍ତ୍ତନ ସଂପର୍କରେ ସଦୃଷ୍ଟାନ୍ତ ଆଲୋଚନା କରିଛନ୍ତି । ତେବେ ଏହି ପର୍ଯ୍ୟାୟରେ ସେ ଯେଉଁ ଓଡ଼ିଆ ଲିଙ୍ଗ (Gender) ସଂପର୍କରେ ଆଲୋଚନା କରି କହିଛନ୍ତି- 'ପୁଲିଙ୍ଗ ଶବ୍ଦରୁ ନାନା ପ୍ରକାର ସ୍ତ୍ରୀଲିଙ୍ଗ ଶବ୍ଦ ତିଆରି ହୁଏ । ଏହା ଶବ୍ଦଗତ କଥା - ପଦଗତ ନୁହେଁ । ଲିଙ୍ଗ ଭେଦରେ ବାକ୍ୟର ଅନ୍ୟାନ୍ୟ କ୍ରିୟାଦି ପଦମାନଙ୍କର ପରିବର୍ତ୍ତନ ହୁଏ ନାହିଁ । (ଅତ୍ରିବ, ପୃ - ୮୪) । ବାସ୍ତବିକ ପଣ୍ଡିତ ମହାଶୟ ଓଡ଼ିଆ ଭାଷାରେ ବ୍ୟାକରଣିକ ଲିଙ୍ଗ ନଥିବା ପ୍ରକାରାନ୍ତରେ ଦର୍ଶାଇଛନ୍ତି । ଓଡ଼ିଆ ଭାଷାରେ ବିଶେଷ୍ୟ ପଦର ପୁଲିଙ୍ଗ -ସ୍ତ୍ରୀଲିଙ୍ଗ ଭେଦ ମୁଷ୍ଟିମେୟ ଶବ୍ଦକ୍ଷେତ୍ରରେ ପରିଲକ୍ଷିତ ହୁଏ ସିନା, ମାତ୍ର ଏହା ସାମଗ୍ରିକ ରୂପରେ ବ୍ୟାକରଣକୁ ପ୍ରଭାବିତ କରୁଥିବାର ଦେଖିବାକୁ ମିଳେନାହିଁ । ଓଡ଼ିଆ ଭାଷାରେ କେବଳ ମାତ୍ର ଦୁଇଶହରୁ ତିନିଶହଟି ଶବ୍ଦର (ବିଶେଷ୍ୟ) ମାତ୍ର ୯ /୧୦ଟି ଉପାୟରେ ପୁଂବାଚକ ଶବ୍ଦକୁ ସ୍ତ୍ରୀବାଚକ ଶବ୍ଦରେ ପରିଣତ କରାଯାଇପାରୁଛି; ଯାହା ସଂପୂର୍ଣ୍ଣ ଭାବେ ଶବ୍ଦକୈନ୍ଦ୍ରିକ । ଏହା ଓଡ଼ିଆ ବ୍ୟାକରଣକୁ ଆଦୌ ପ୍ରଭାବିତ କରୁନଥିବାରୁ ଓଡ଼ିଆ ଭାଷାରେ ବ୍ୟାକରଣିକ ଲିଙ୍ଗ ନାହିଁ ବୋଲି ସ୍ପଷ୍ଟଭାବେ କୁହାଯାଇପାରେ । ଏହାଛଡ଼ା ପଣ୍ଡିତ ମହାଶୟ ତାଙ୍କ ବ୍ୟାକରଣରେ କ୍ରିୟାର କାଳଭଙ୍ଗୀ ସଂପର୍କିତ ଯେଉଁ ବିଚାର ଆଲୋଚନା ଉପସ୍ଥାପନ କରିଛନ୍ତି, ତାହା ଭାଷାବୈଜ୍ଞାନିକ ଦୃଷ୍ଟିକୋଣରୁ ବେଶ୍ ପ୍ରଣିଧାନଯୋଗ୍ୟ । ଏହି ପର୍ଯ୍ୟାୟରେ ସେ ଇଂରାଜୀ ବ୍ୟାକରଣର ଆଦର୍ଶକୁ ଅନୁସରଣ କରି ଓଡ଼ିଆରେ ମଧ ତିନିଟି କାଳ (ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ)ର କ୍ରିୟାରୂପ ପ୍ରତ୍ୟେକଟି ଚାରିଗୋଟି ଭଙ୍ଗୀରେ ପ୍ରକାଶ ପାଉଥିବା ଦର୍ଶାଇଛନ୍ତି । ଯଥା -

ସାଧାରଣ ବର୍ତ୍ତମାନ - ସେ କରେ ।

ଚାଲୁଥିବା ବର୍ତ୍ତମାନ - ସେ କରୁଚି ।

ସରିଯାଇଥିବା ବର୍ତ୍ତମାନ - ସେ କରିଚି ।

ସରି ଆସୁଥିବା ବର୍ତ୍ତମାନ - ସେ କରିଆସୁଚି ।

ବର୍ତ୍ତମାନ କାଳ ପରି ଅତୀତ ଓ ଭବିଷ୍ୟତ କାଳପାଇଁ ମଧ ଏହି ଚାରିଗୋଟି କାଳଭଙ୍ଗୀ ପ୍ରଯୋଜ୍ୟ ବୋଲି ନୀଳକଣ୍ଠ ଦାସ ମତ ଦେଇଛନ୍ତି । ଯଥା - ଅତୀତ କାଳ ପାଇଁ : ସେ କଲା, ସେ କରୁଥିଲା, ସେ କରିଥିଲା, ସେ କରିଆସୁଥିଲା; ଭବିଷ୍ୟତ କାଳ ପାଇଁ: ସେ କରିବ, ସେ କରୁଥିବ, ସେ କରିଥିବ, ସେ କରିଆସୁଥିବ ପ୍ରଭୃତି । ଏହି ତିନିଗୋଟି ମୁଖ୍ୟ କାଳକୁ ବାଦ୍ ଦେଲେ ଅନୁଜ୍ଞା ଓ ସମ୍ଭାବନାରେ ମଧ ଓଡ଼ିଆ କ୍ରିୟାର ଭିନ୍ନ ଭିନ୍ନ ରୂପ ହେଉଥିବା ନୀଳକଣ୍ଠ ଦର୍ଶାଇଛନ୍ତି । ଯଥା :- ଅନୁଜ୍ଞାରେ - ତୁ କର, ତୁ

Digitized by PPRACHIN, SOA

କରୁଥା, ତୁ କରିଥା ଓ ସମ୍ଭାବନାରେ ତୁ କରନ୍ତୁ, ତୁ କରୁଥାଆନ୍ତୁ, ତୁ କରିଥାଆନ୍ତୁ ପ୍ରଭୃତି । ଉପରୋକ୍ତ ପାଞ୍ଚଗୋଟି କାଳ ଭାବ (mood) ମଧ୍ୟରୁ ପ୍ରତ୍ୟେକରେ ବର୍ତ୍ତମାନ ଭଙ୍ଗୀ ଓ ଅତୀତ ଭଙ୍ଗୀକୁ ନେଇ ଓଡ଼ିଆରେ ମୋଟ ୧୫ଟି କାଳଭଙ୍ଗୀଥିବା ପଣ୍ଡିତ ନୀଳକଣ୍ଠ ସ୍ୱୀକାର କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ତାଙ୍କ ବ୍ୟାକରଣରେ 'ପଦବିଚାର' ପରେ 'ଶବ୍ଦ ବିଚାର' ସଂପର୍କିତ ଆଲୋଚନାକୁ ସଂଯୋଜିତ କରିଛନ୍ତି । ଏହି ପର୍ଯ୍ୟାୟରେ ପ୍ରଥମେ ସେ ଅଭିଧାନ ଅନ୍ତର୍ଭୁକ୍ତ ଶବ୍ଦ ଓ ବାକ୍ୟରେ ବ୍ୟବହୃତ ହେଉଥିବା ଶବ୍ଦ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ସୂଚିତ କରିବାକୁ ଯାଇ କହିଛନ୍ତି – "ଶବ୍ଦ ଖାଲିଥିବାତକ ସେମାନେ ଅଭିଧାନର ସାମଗ୍ରୀ । ବ୍ୟାକରଣ କିନ୍ତୁ ଖାଲି ଶବ୍ଦ ଓ ତା' ଅର୍ଥର ବିଚାର କରେ ନାଇ । ବାକ୍ୟରେ ପ୍ରୟୋଗ ଲାଗି ବ୍ୟାକରଣ ଶବ୍ଦର ବିଚାର କରେ । ସେଇ ସୂତ୍ରରେ ଶବ୍ଦର ଅର୍ଥ ଦେଖିବା ମଧ୍ୟ ବ୍ୟାକରଣର କାର୍ଯ୍ୟ ।" (ଅତ୍ରୈବ, ପୃ –୧୬୫) । ପଣ୍ଡିତ ମହାଶୟ ଏହାର ଦୃଷ୍ଟାନ୍ତ ପ୍ରଦାନ କରି କହିଛନ୍ତି – 'କରିବା' ଗୋଟିଏ ଶବ୍ଦ । ତାହାର ନାନା ଅର୍ଥ ହୋଇପାରେ । ଯେପରି–

୧. ସାଧିବା – ଆମେ ଏ କାମ କରିବା । ୨. କରଣୀୟ– ଏ ଆମ କରିବା କର୍ମ । ୩. କୃତ ବା କରାହୋଇଥିବା ଅର୍ଥରେ – ଏ ମୋର ହାତରେ କରିବା କାମ । ୪. ସାଧନ ଅର୍ଥରେ – ତୋର ଏ କାର୍ଯ୍ୟ କରିବାଟା ମୁଁ ପସନ୍ଦ କରୁନାଇ । ଏଥିର ଅର୍ଥ ବିଚାରରୁ ଜଣାଯାଏ, ପ୍ରଥମଟି ବାକ୍ୟରେ ହେବ କ୍ରିୟା; ଦ୍ୱିତୀୟଟି ବିଶେଷଣ , ମାତ୍ର ଭବିଷ୍ୟତ ସୂଚକ; ତୃତୀୟଟି ବିଶେଷଣ, ମାତ୍ର ଅତୀତ ସୂଚକ ଓ ଚତୁର୍ଥଟି ବିଶେଷ୍ୟ ରୂପେ ବାକ୍ୟରେ ବ୍ୟବହୃତ ହେବ ।" (ଅତ୍ରୈବ, ପୃ –୧୬୫)

ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା ଶବ୍ଦଗୁଡ଼ିକୁ ଦୁଇଟି ଶ୍ରେଣୀର ଅନ୍ତର୍ଭୁକ୍ତ କରି ଦର୍ଶାଇଛନ୍ତି । ଯଥା : ୧– ଖାଣ୍ଟି ସଂସ୍କୃତ ଶବ୍ଦ, ଯାହାକୁ ତତ୍‌ସମ ଶବ୍ଦ ମଧ୍ୟ କହନ୍ତି । ୨– ଦେଶ ପ୍ରଚଳିତ ଶବ୍ଦ, ଯାହା ତିନି ପ୍ରକାରରେ ପରିଲକ୍ଷିତ ହୋଇଥାନ୍ତି । ଯଥା –(କ) ପ୍ରାକୃତ ବା ତଦ୍‌ଭବ (ଯଥା ନଈ, ଗାଈ, ସୁନା, ରୁପା, ବାପା, ମାଆ ହାତ ପ୍ରଭୃତି) । (ଖ) ଦେଶ୍ୟ ( ଯଥା– ଢିଙ୍କି, ଖାଣ୍ଟି, କାନ୍ଥ, ପିଲା, ଲୁଗା, ବୁଢ଼ ପ୍ରଭୃତି ) । (ଗ) ବିଦେଶୀୟ ଯଥା –ଯାବନିକ ଶବ୍ଦ ଦରଖାସ୍ତ, ଛବି, ଦରଜା, ସାବକ, ସାବାସ୍, ତହସିଲ୍, ଗାଲିଚ୍ଚ, ତାରିଖ, ଇତାଲା, ଅସଲ ପ୍ରଭୃତି ।

ପଣ୍ଡିତ ମହାଶୟ ଶବ୍ଦମୂଳରେ ପ୍ରତ୍ୟୟ ଲାଗି (ଜାତି + ଆ = ଜାତିଆ) ଅନ୍ୟ ଶବ୍ଦମାନେ କିପରି ତିଆରି ହୁଅନ୍ତି ତାର ଦୃଷ୍ଟାନ୍ତ ଦେବା ସଙ୍ଗେ ସଙ୍ଗେ ମୂଳଶବ୍ଦସବୁ ଧାତୁରୁହିଁ ତିଆରି ହୋଇଥିବା ଏବଂ ଏହି ଧାତୁରୁ କ୍ରିୟା ବିଭକ୍ତିମାନେ ଲାଗି କ୍ରିୟାପଦମାନ ତିଆରି ହୋଇଥିବା ଦର୍ଶାଇଛନ୍ତି । ତେବେ ପଣ୍ଡିତ ମହାଶୟଙ୍କ ମତରେ "ଓଡ଼ିଆରେ

Digitized by PPRACHIN, SOA

ସର୍ବତ୍ର ଶବ୍ଦର ଧାତୁ ବାହାର କରିବା ସମ୍ଭବ ହୋଇନାଇ । ମାତ୍ର ସବୁ କ୍ରିୟାର ମୂଳ ଧାତୁ । ଏଇ ଧାତୁରୁ ଶବ୍ଦ ଓ ପଦମାନେ ହୁଅନ୍ତି । ଯଥା - ବୁଡ଼୍ ଧାତୁରୁ କ୍ରିୟା ବୁଡ଼ିବେ, ବୁଡ଼ନ୍ତି ଇତ୍ୟାଦି । 'ବୁଡ଼ ପଡ଼ିଛି' - ଏଠାରେ 'ବୁଡ଼' ଶବ୍ଦଟି ଏଇ 'ବୁଡ଼୍' ଧାତୁରୁ 'ଅ' ପ୍ରତ୍ୟୟରେ ବାହାରିଚି ।" (ଅତ୍ରୈବ, ପୃ-୧୬୯) । ଅନୁରୂପ ଭାବେ ଓଡ଼ିଆରେ 'କରିବା', 'କରେ, 'କର' ପ୍ରଭୃତିରେ 'କର୍' ହେଉଛି ଶବ୍ଦ ମୂଳ, କ୍ରିୟାମୂଳ ବା ଧାତୁ । ଏଥିରେ କାଳ, ବଚନ, ପୁରୁଷରେ ବିଭକ୍ତି ଲାଗିଲେ କ୍ରିୟାପଦମାନେ ତିଆରି ହୁଅନ୍ତି ବୋଲି ନୀଳକଣ୍ଠ ଦାସ ଅଭିମତ ବାଢ଼ିଛନ୍ତି ।

ଧାତୁ ସମ୍ବନ୍ଧୀୟ ଆଲୋଚନା ଅବକାଶରେ ପଣ୍ଡିତ ନୀଳକଣ୍ଠ ଓଡ଼ିଆରେ ପ୍ରଚଳିତ ଥିବା ଚର୍, ଚଲ୍, ଜପ୍ ପରି ତତ୍ସମ ଧାତୁଗୁଡ଼ିକର ଓ ଦେ (<ଦା) , ନଅଁ (<ନମ୍) ନାଚ୍ (<ନୃତ୍), ପଢ଼୍ (<ପଠ୍) ପରି ତଦ୍‌ଭବ ଧାତୁଗୁଡ଼ିକର ବହୁଳ ଦୃଷ୍ଟାନ୍ତ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଓ ସଂସ୍କୃତ ଧାତୁରେ ବେଳେବେଳେ ଅର୍ଥ ମଧ୍ୟ କିପରି ଭିନ୍ନ ହୋଇଥାଏ, ତାର ଦୃଷ୍ଟାନ୍ତ ମଧ୍ୟ ପ୍ରଦାନ କରିଛନ୍ତି । ତାଛଡ଼ା ଉପସର୍ଗଯୁକ୍ତ ଧାତୁମୂଳରେ ପ୍ରତ୍ୟୟ ଲାଗି କିପରି ନୂଆ ନୂଆ ଶବ୍ଦମାନ ଗଠିତ ହୋଇ ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୁଏ, ସେ ସବୁ ସଂପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଛନ୍ତି ।

ତାଛଡ଼ା ଧାତୁ ପୂର୍ବରୁ ଉପସର୍ଗ ଛଡ଼ା ଅନ୍ୟ ଶବ୍ଦ ଲାଗି ନୂତନଧାତୁ କିପରି ଗଠିତ ହୋଇଥାଏ - ସେ ସଂପର୍କରେ 'ଉପପଦର ପ୍ରୟୋଗ' ପର୍ଯ୍ୟାୟରେ ସଦୃଷ୍ଟାନ୍ତ ଆଲୋଚନା ମଧ୍ୟ କରିଛନ୍ତି । ଯଥା - ସତ୍ୟ +ବଦ୍ =ସତ୍ୟବଦ (+ଇ) ସତ୍ୟବାଦୀ ପ୍ରଭୃତି । ଏହାଛଡ଼ା ପଣ୍ଡିତ ନୀଳକଣ୍ଠ 'ଶବ୍ଦବିଚାର' ପର୍ଯ୍ୟାୟରେ ପ୍ରୟୋଜକ ଧାତୁ, ନାମଧାତୁ ସଂପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ତାଙ୍କ ରଚିତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥର 'ବର୍ଣ୍ଣ ବିଚାର' ଭାଗ ବା ପର୍ଯ୍ୟାୟରେ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା ବର୍ଣ୍ଣଗୁଡ଼ିକର ସ୍ୱରୂପ ଓ ବୈଶିଷ୍ଟ୍ୟାଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଛନ୍ତି । ପ୍ରଥମେ 'ବର୍ଣ୍ଣ' ସମ୍ପର୍କରେ ଚର୍ଚ୍ଚା କରିବାକୁ ଯାଇ କହିଛନ୍ତି- "ବର୍ଣ୍ଣ କହିଲେ ଲିଖିତ ଅକ୍ଷର ଓ ଅକ୍ଷରର ଉଚ୍ଚାରଣ ଉଭୟ ବୁଝାଯାଏ । ମାତ୍ର ଭଲକରି ବୁଝିଲେ ଦେଖାଯିବ, ମୁଖର ଉଚ୍ଚାରଣ ହିଁ ବର୍ଣ୍ଣ । ଲିଖିତ ଅକ୍ଷର ସଙ୍ଗେ ତାହାର କୌଣସି ସାକ୍ଷାତ ସମ୍ବନ୍ଧ ନାହିଁ । ଲିଖିତ ଅକ୍ଷର ବର୍ଣ୍ଣର ଗୋଟିଏ ସଙ୍କେତ ବା ଚିହ୍ନ । ଲିଖିତ ଅକ୍ଷରରେ ଉଚ୍ଚାରଣ ନଥାଏ । ଉଚ୍ଚାରଣ ଲୋକ ମୁଖରେ । ସେହି ଲୋକ ମୁଖର ଉଚ୍ଚାରଣ ସବୁବ୍ୟକ୍ତିଙ୍କ ମୁଖରେ ସମାନ କରିବା ପାଇଁ ବର୍ଣ୍ଣର ସଙ୍କେତ ସ୍ୱରୂପ ଲିଖିତ ଅକ୍ଷରର ସୃଷ୍ଟି ।" (ଅତ୍ରୈବ, ପୃ - ୨୧୩) ।

ଓଡ଼ିଆ ବର୍ଣ୍ଣଗୁଡ଼ିକୁ ସ୍ୱର ଓ ବ୍ୟଞ୍ଜନ ଭେଦରେ ବିଭକ୍ତ କରି ପ୍ରତ୍ୟେକଟି ପର୍ଯ୍ୟାୟଭୁକ୍ତ ଓଡ଼ିଆ ବର୍ଣ୍ଣଗୁଡ଼ିକର ସଂଖ୍ୟା ଓ ସ୍ୱରୂପ ଉପରେ ପଣ୍ଡିତ ମହାଶୟ ପୁଙ୍ଖାନୁପୁଙ୍ଖ

Digitized by PPRACHIN, SOA

ବିଶ୍ଳେଷଣ କରିଛନ୍ତି । ପ୍ରଥମେ ସ୍ୱର, ବ୍ୟଞ୍ଜନ ଓ ଆଶ୍ରିତ ବର୍ଣ୍ଣର ସଂଜ୍ଞା ନିରୂପଣ କରି କହିଛନ୍ତି - "ସ୍ୱତନ୍ତ୍ର ଯେଉଁ ବର୍ଣ୍ଣର ପୂର୍ଣ୍ଣ ଉଚ୍ଚାରଣ ହୁଏ, ସେ ସ୍ୱରବର୍ଣ୍ଣ । ଯଥା - ଅ,ଇ,ଉ, ଏ ଇତ୍ୟାଦି । ସ୍ୱର ସହଯୋଗରେ ଯେଉଁ ବର୍ଣ୍ଣର ପୂର୍ଣ୍ଣ ଉଚ୍ଚାରଣ ହୁଏ ସେ ବ୍ୟଞ୍ଜନ । ଯଥା - କ (କ୍+ ଅ) ।" (ଅତ୍ରୈବ, ପୃ ୨୧୩) ।

ପଣ୍ଡିତ ମହାଶୟ ଓଡ଼ିଆରେ ଅ, ଆ, ଇ, ଉ, ଏ, ଓ - ଏଇ ଛଅଟି ସ୍ୱର ବର୍ଣ୍ଣଥିବା ଦର୍ଶାଇ କହିଛନ୍ତି- 'ଇ' ସଙ୍ଗେ 'ଈ' ଏବଂ 'ଉ' ସଙ୍ଗେ 'ଊ' ଯାଏ । କଂଚ ବା ଖାଣ୍ଟି (ତଦ୍‌ଭବ, ଦେଶୀ ଓ ବିଦେଶୀ) ଓଡ଼ିଆ ଶବ୍ଦରେ ମଧ୍ୟ ଇ-ଈ, ଉ-ଊ ର ସାଧାରଣତଃ କୌଣସି ଭେଦ (ଉଚ୍ଚାରଣଗତ) ନାଇ ।" (ଅତ୍ରୈବ, ପୃ. ୨୧୪) ।

ଓଡ଼ିଆରେ ଉପରୋକ୍ତ ଛଅଟି ସ୍ୱରବର୍ଣ୍ଣ ଛଡ଼ା ସଂସ୍କୃତରୁ ଓଡ଼ିଆ ତତ୍‌ସମରେ ଋ, ଌ, ଐ, ଔ- ଏଇ ଚାରୋଟି ସ୍ୱର ଚଳୁଥିବା କଥା ପଣ୍ଡିତ ମହାଶୟ ଉଲ୍ଲେଖ କରି ଏଗୁଡ଼ିକ କଂଚ ଓଡ଼ିଆରେ ରୁ, ଲୁ, ଅଇ, ଅଉ - ଏପରି ହେଉଥିବା (ଉଚ୍ଚାରିତ ) ଦର୍ଶାଇଛନ୍ତି । ଏପରି ସ୍ଥଳେ 'ଅ-ଉ', 'ଅ-ଇ'ର ଉଚ୍ଚାରଣ ଯୁଗ୍ମସ୍ୱର ବା ଠିକ୍ ଔ ବା ଐ ପରି ବୋଲି ଅଭିମତ ବାଢ଼ିଛନ୍ତି । ଏତାଛଡ଼ା ପଣ୍ଡିତ ମହାଶୟ ଓଡ଼ିଆରେ ବ୍ୟବହୃତ ଂ (ଅନୁସ୍ୱାର ), ଁ (ଚନ୍ଦ୍ରବିନ୍ଦୁ) ଓ ଃ (ବିସର୍ଗ ) ପ୍ରଭୃତି ତିନୋଟି ବର୍ଣ୍ଣକୁ ଆଶ୍ରିତ ବର୍ଣ୍ଣ ନାମରେ ଅଭିହିତ କରି ଏଗୁଡ଼ିକୁ ବ୍ୟଞ୍ଜନ ପର୍ଯ୍ୟାୟରେ ସୂଚିତ କରିଥିଲେ ମଧ୍ୟ, ଏହି ବର୍ଣ୍ଣଗୁଡ଼ିକର ଉଚ୍ଚାରଣ ତଥା ବ୍ୟବହାର ସଂପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି - ' ଂ ', ' ଁ ', ' ଃ ' - ଯେଉଁ ସ୍ୱରକୁ ଆଶ୍ରୟ କରେ ସେଇ ସ୍ୱର ସଙ୍ଗେ ଉଚ୍ଚାରିତ ହୁଏ । ସେମାନେ ଆଶ୍ରିତ । ପୁଣି ' ଂ ' ଓ ' ଁ ' ଆଶ୍ରିତ ହେଲେହେଁ ଅନୁନାସିକ ମାତ୍ର ।" (ଅତ୍ରୈବ, ପୃ - ୨୧୬) ।

ପଣ୍ଡିତ ମହାଶୟ ଓଡ଼ିଆ ସ୍ୱରବର୍ଣ୍ଣଗୁଡ଼ିର ଉଚ୍ଚାରଣ - ସ୍ଥାନ ନିର୍ଦ୍ଦେଶ କରି ଏଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଚିହ୍ନାଇ ଦେଇଛନ୍ତି । ଅନୁରୂପ ଭାବେ ଓଡ଼ିଆ ବ୍ୟଞ୍ଜନଗୁଡ଼ିକୁ ପାଞ୍ଚଟି ବର୍ଗରେ ବିଭକ୍ତ କରି ସେଗୁଡ଼ିକୁ ଉଚ୍ଚାରଣର ସ୍ଥାନଦୃଷ୍ଟିରୁ ସ୍ୱତନ୍ତ୍ର ଭାବେ ବିଶ୍ଳେଷଣ ପୂର୍ବକ ଚିହ୍ନାଇ ଦେଇଛନ୍ତି । ଏହି ପର୍ଯ୍ୟାୟରେ ଓଡ଼ିଆରେ 'ଙ୍' ଓ 'ଞ'ର ସ୍ୱତନ୍ତ୍ର ସ୍ୱରଯୁକ୍ତ ବ୍ୟଞ୍ଜନ ଭାବେ ଉଚ୍ଚାରଣଗତ ଅସ୍ତିତ୍ୱ ନଥିବା ସ୍ପଷ୍ଟ ଭାବେ ନିର୍ଦ୍ଦେଶ କରିଛନ୍ତି । ଆଲୋଚକ ନୀଳକଣ୍ଠଙ୍କ ମତରେ 'ଙ'କୁ ଆମେ ଶୀଘ୍ର ଉଚ୍ଚାରିତ 'ଉଅଁ' ବା ଅନୁନାସିକ ଅବର୍ଗୀୟ ବ (ବଁ) ପରି କହୁଥିବା ଓ 'ଞ' କୁ ଆମେ 'ନ୍ୟଁ ' ବା ଶୀଘ୍ର ଉଚ୍ଚାରିତ 'ନିଅଁ' ପରି କହୁଥିବା ଦର୍ଶାଇଛନ୍ତି । (ଅତ୍ରୈବ, ପୃ - ୨୧୬) । ଏହାଛଡ଼ା ଏହି 'ବର୍ଣ୍ଣ ବିଚାର' ପର୍ଯ୍ୟାୟରେ ପଣ୍ଡିତ ମହାଶୟ ଓଡ଼ିଆ ଯୁକ୍ତବର୍ଣ୍ଣଗୁଡ଼ିକ ସଂପର୍କରେ.ପର୍ଯ୍ୟାପ୍ତ ସୂଚନା ଦେବା ସହିତ ବର୍ଗର ପଞ୍ଚମ ବର୍ଣ୍ଣ ପାଇଁ ଅନୁସ୍ୱାରର ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେହିପରି

Digitized by PPRACHIN, SOA

ଓଡ଼ିଆ ଭାଷାର ନିଜସ୍ୱ ସନ୍ଧି ନିୟମର ସ୍ୱତନ୍ତ ଅବତାରଣା ଅବକାଶରେ ସ୍ୱର ସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ।

ମୋଟାମୋଟି ଭାବେ କହିଲେ, ପଣ୍ଡିତ ନୀଳକଣ୍ଠଙ୍କ ରଚିତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥଟି ଯଥାର୍ଥରେ ଓଡ଼ିଆ ଭାଷାର ଏକ ଯୋଗ୍ୟ ବ୍ୟାକରଣ । ଏହା କହିବାର କାରଣ ହେଉଛି ଯେ, ଏଥିରେ ଆବଶ୍ୟକସ୍ଥଳେ ସଂସ୍କୃତ ବ୍ୟାକରଣର ଅନୁକରଣ କରାଯାଇଥିଲେ ମଧ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ, ଅର୍ଥାତ୍ ବାକ୍ୟ ବିଗ୍ଭର, ପଦ ବିଗ୍ଭର, ଶବ୍ଦ ବିଗ୍ଭର ଓ ବର୍ଣ୍ଣ ବିଗ୍ଭର କ୍ଷେତ୍ରରେ ଓଡ଼ିଆ ଭାଷାର ମୌଳିକ ବିଶେଷତ୍ୱଗୁଡ଼ିକୁ ହିଁ ବର୍ଣ୍ଣନା କରାଯାଇଥିବା ଦେଖିବାକୁ ମିଳୁଛି । ଯଥାର୍ଥରେ କହିଲେ, ପଣ୍ଡିତ ମହାଶୟଙ୍କ ଓଡ଼ିଆ ବ୍ୟାକରଣଟି ସଂସ୍କୃତ ବ୍ୟାକରଣର ଅନୁସରଣରେ ଲେଖାଯାଇ ନାହିଁ, ପରନ୍ତୁ ସଂସ୍କୃତ ବ୍ୟାକରଣର ମୌଳିକ ତତ୍ତ୍ୱଗୁଡ଼ିକୁ ପ୍ରୟୋଗ କରି ସେ ଓଡ଼ିଆ ଭାଷାର ନିଜସ୍ୱ ବିଶେଷତ୍ୱ ବା ବୈଶିଷ୍ଟ୍ୟଗୁଡ଼ିକୁ ଏଥିରେ ଆବିଷ୍କାର କରିବାରେ ପ୍ରୟାସ କରିଛନ୍ତି । ଏହାକୁ ଓଡ଼ିଆ ଭାଷାର ପ୍ରଥମ ପ୍ରୟୋଗାତ୍ମକ ବ୍ୟାକରଣ ଭାବେ ଗ୍ରହଣ କରାଯିବା ଯଥାର୍ଥ ମନେହୁଏ । ପଣ୍ଡିତ ନୀଳକଣ୍ଠ ତାଙ୍କ ରଚିତ ଓଡ଼ିଆ ବ୍ୟାକରଣ ମାଧ୍ୟମରେ ଓଡ଼ିଆ ବ୍ୟାକରଣ ରଚନାର ଯେଉଁ ମୌଳିକ ପରମ୍ପରାଟିଏ ସୃଷ୍ଟି କରିଥିଲେ, ନୂଆ ମାର୍ଗଟିଏ ଦେଖାଉଥିଲେ; ପରବର୍ତ୍ତୀ ସମୟରେ ସେହି ମାର୍ଗରେ ଓଡ଼ିଆ ବ୍ୟାକରଣକାରମାନେ ଗତିଶୀଳ ହୋଇଥିଲେ, କେବେଠାରୁ ଓଡ଼ିଆ ଭାଷାର ନିଜସ୍ୱ ପୂର୍ଣ୍ଣାଙ୍ଗ ବ୍ୟାକରଣ ସୃଷ୍ଟି ହୋଇ ସାରିଥାନ୍ତା । ଓଡ଼ିଆ ଭାଷାର ନିଜସ୍ୱ ବ୍ୟାକରଣ ନାହିଁ ବୋଲି ଆଜି ଆଉ ଅଭିଯୋଗ ଶୁଣିବାକୁ ମିଳୁନଥାନ୍ତା ।

Digitized by PPRACHIN, SOA

# ଐତିହାସିକ କାବ୍ୟ 'ଖାରବେଳ'

ଡ. ପ୍ରମୋଦକୁମାର ଦ୍ୱିବେଦୀ

ସତ୍ୟବାଦୀ ଯୁଗୀୟ ଉଗ୍ରଜାତୀୟ ଚେତନାରେ ପ୍ରତିଫଳିତ ପଣ୍ଡିତ ନୀଳକଣ୍ଠଙ୍କ 'ଖାରବେଳ' କାବ୍ୟ ଖ୍ରୀ: ୧୯୨୦ରେ ରଚିତ । ଏକ ଐତିହାସିକ ଭିତ୍ତିକୁ ଆଧାର କରି କାବ୍ୟଟି ପରିକଳ୍ପିତ । ଓଡ଼ିଶାର ଇତିହାସରେ ଯେଉଁ ରାଜା ମହାରାଜାମାନେ ଅପୂର୍ବ ବୀରତ୍ୱ ଓ ଅମିତ ପରାକ୍ରମ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି, ସେମାନଙ୍କ ମଧ୍ୟରେ ଖାରବେଳ ଅନ୍ୟତମ । କେବଳ ଓଡ଼ିଶା ଇତିହାସ ନୁହେଁ, ବିଶ୍ୱ ଇତିହାସରେ ମଧ୍ୟ ତାଙ୍କର ସ୍ଥାନ ଅତୁଳନୀୟ । ଖ୍ରୀ ୧୯୧୮ରେ ସମ୍ବଲପୁର ମିଶ୍ରପ୍ରେସ୍‌ରୁ ଦିବ୍ୟକିଶୋର ସାହୁଙ୍କ ଦଶଟି ସର୍ଗ ବିଶିଷ୍ଟ ପ୍ରକାଶିତ 'ଐରକାବ୍ୟ' ଦ୍ୱାରା କବି ନୀଳକଣ୍ଠ କେତେକାଂଶରେ ପ୍ରଭାବିତ ହୋଇଥାଇ ପାରନ୍ତି । ସର୍ବୋପରି ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସ ଏବଂ କୀର୍ତ୍ତିଶାଳୀ ଜାତୀୟବୀରଙ୍କୁ ଅବଲମ୍ବନ କରି କାବ୍ୟରଚନା କରିଥିଲା କବି ନୀଳକଣ୍ଠଙ୍କ କାବ୍ୟରଚନାର ଆଦର୍ଶ ।

ଐତିହାସିକ କାବ୍ୟ ଇତିହାସ ନୁହେଁ । ଇତିହାସରେ ସ୍ଥାନ, କାଳ, ପାତ୍ର ଆଦିର ଶୁଷ୍କଘଟଣାବଳୀ ସ୍ଥାନ ଲାଭ କରିଥାଏ । ଜୀବନର ରହସ୍ୟମୟ ଭାବସତ୍ତାକୁ ଏଥିରେ ଖୋଜିବସିଲେ ଅଧିକାଂଶ ସମୟରେ ନିରାଶ ହେବାକୁ ପଡ଼ିଥାଏ । ପକ୍ଷାନ୍ତରେ ସାହିତ୍ୟଦତ୍ତ ସ୍ଥାନ, କାଳ, ପାତ୍ର ଆଦିର ସତ୍ୟତା ସମ୍ବନ୍ଧରେ କୌଣସି ଯଥାର୍ଥ ମତ ଦେବା ଭ୍ରାନ୍ତିମୂଳକ । ଏଥିରେ ଜୀବନର ଯେଉଁ ସୂକ୍ଷ୍ମ ସାରବତ୍ତାର ସରସ ଅନୁଶୀଳନ ହୋଇଥାଏ, ତାହା କୌଣସି ନିର୍ଦ୍ଦିଷ୍ଟ ସମୟ ପାଇଁ ନୁହେଁ, ବରଂ ଯୁଗାନ୍ତବ୍ୟାପୀ ସତ୍ୟସିଦ୍ଧ । ସାହିତ୍ୟ ଏବଂ ଇତିହାସକୁ ପରସ୍ପରର ପରିପୂରକ ବୋଲି କୁହାଯାଇପାରେ । ସାହିତ୍ୟକୁ ବାଦ୍‌ଦେଇ ଇତିହାସ କିମ୍ବା ଇତିହାସକୁ ବାଦ୍‌ଦେଇ ସାହିତ୍ୟର ପାଠରେ ପୂର୍ଣ୍ଣଜ୍ଞାନ ଲାଭ କରିହୁଏନାହିଁ । ଯଥାର୍ଥରେ ସାହିତ୍ୟ ଓ ଇତିହାସକୁ ଏକକ ଭାବରେ ପାଠକରିବା ସର୍ବାଦୌ ଗ୍ରହଣୀୟ । ଏହି ଭାବରେ ଐତିହାସିକ କାବ୍ୟର ଭୂମିକା ଆଲୋଚନାଯୋଗ୍ୟ ।

ଇତିହାସ ଦୃଷ୍ଟିରୁ ବିବେଚନା କଲେ ଖାରବେଳ ଖ୍ରୀ:ପୂ: ଦ୍ୱିତୀୟଶତକରେ କଳିଙ୍ଗରେ ସମ୍ରାଟ ଥିଲେ । ଧୂସୀ ତାଙ୍କର ପତ୍ନୀ ଏବଂ ସେ ତାଙ୍କ ସହିତ ଶେଷଜୀବନରେ ରାଜଧାନୀ ଭୁବନେଶ୍ୱର ନିକଟସ୍ଥ ଉଦୟଗିରିରେ ସନ୍ନ୍ୟାସୀ ଭାବରେ କାଳ କଟାଇଥିଲେ । ଏଥିପାଇଁ ସେ ଉଦୟଗିରିରେ ରାଣୀନଅର, ରାଣୀହଂସପୁର ଆଦି ପଥର ଖୋଳାଇ

Digitized by PPRACHIN, SOA

ଗଢ଼ାଇଥିଲେ । ଖଣ୍ଡଗିରି ଓ ଉଦୟଗିରିରେ ସେ ଜୈନ ସନ୍ନ୍ୟାସୀଙ୍କ ପାଇଁ ଆଉ କେତେକ ନଅର ମଧ୍ୟ ଖୋଳାଇଥିଲେ । ଏହି କଳିଙ୍ଗସମ୍ରାଟଙ୍କ ଲୁପ୍ତଗୌରବ ଗାଥା 'ହାତୀଗୁମ୍ଫା ଶିଳାଲେଖ'ରେ ବର୍ଣ୍ଣିତ । ଷ୍ଟର୍ଲିଂସାହେବ ପ୍ରଥମେ ଖ୍ରୀ: ୧୮୧୭ରେ 'ଏସିଆଟିକ୍ ସୋସାଇଟି' ପତ୍ରିକାରେ ଏହି ଶିଳାଲେଖର ଗୋଟିଏ ହସ୍ତଲିପି ପ୍ରକାଶ କରିଥିଲେ । ଐତିହାସିକ ସ୍ୱର୍ଗତ କାଶୀପ୍ରସାଦ ଜୟସ୍ୱାଲ ଖ୍ରୀ:୧୯୧୭ରେ ଏହି ଶିଳାଲେଖର ସମସ୍ତ ଅଂଶ 'ବିହାର ଓଡ଼ିଶା -ପ୍ରତ୍ନତତ୍ତ୍ୱ' ପତ୍ରିକାରେ ପ୍ରକାଶ କଲେ । ଐତିହାସିକ ରାଖାଲ୍‌ଦାସ ବାନାର୍ଜୀ ଜୟସ୍ୱାଲ୍‌ଙ୍କ ମତକୁ ଗ୍ରହଣ କରିଥିଲେ । ଅଧ୍ୟାପକ ବିଜୟଚନ୍ଦ୍ର ମଜୁମଦାର ଏବଂ କଲିକତା ବିଶ୍ୱବିଦ୍ୟାଳୟର ଭୂତପୂର୍ବ ପାଲି ଅଧ୍ୟାପକ ୰ ବେଣୀମାଧବ ବରୁଆ ହାତୀଗୁମ୍ଫା ଶିଳାଲେଖର ଅଷ୍ଟମ ଧାଡ଼ିରେ ଥିବା 'ଯେବ ନରିଦୋ ସବଘ' କୁ ପାଠ କରିଥିବା ସ୍ଥଳେ ଜୟସ୍ୱାଲ ତାହାକୁ 'ଯବନ ରାଜା ଦିମିତ' ପାଠ କରିଥିଲେ । 'ଶ୍ରୀ ଖାରବେଳ' ପୁସ୍ତକରେ ଐତିହାସିକ କେଦାରନାଥ ମହାପାତ୍ର ଜୟସ୍ୱାଲ୍‌ଙ୍କ ମତକୁ ଖଣ୍ଡନ କରିଛନ୍ତି । ମାତ୍ର ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଏବଂ ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ 'ଯେବ ନରିଦୋ' ଶବ୍ଦକୁ ତ୍ରୁଟିପୂର୍ଣ୍ଣ ବୋଲି ମତ ଦେଇଛନ୍ତି । ତେବେ ଐତିହାସିକ ଷ୍ଟେନ୍‌କନୋଙ୍କୁ ସମର୍ଥନ କରି ଜୟସ୍ୱାଲ୍ ତାହାକୁ 'ଯବନ ରାଜା ଦମିତ' ପାଠ କରିଛନ୍ତି ।

ଖାରବେଳଙ୍କ ସମୟରେ ଯମୁନାନଦୀ କୂଳରେ ମଥୁରାନଗର ଉତ୍ତର ଭାରତରେ ଧର୍ମ, ଶିକ୍ଷା, ସଭ୍ୟତା ଓ ରାଜନୀତିର ପ୍ରଧାନକେନ୍ଦ୍ର ଥିଲା । ସେଠାରେ ଯବନ ଓ ଶକମାନଙ୍କର ଆଧିପତ୍ୟ ଥିଲା ବୋଲି 'ଶ୍ରୀଖାରବେଳ' ପୁସ୍ତକରେ କେଦାରନାଥ ମହାପାତ୍ର ଦର୍ଶାଇଛନ୍ତି । ଜୟସ୍ୱାଲ ଏବଂ ରାଖାଲଦାସ୍ ବାନାର୍ଜୀଙ୍କ ମତରେ ଖାରବେଳ Demetriusଙ୍କୁ ପରାସ୍ତ କରିଥିଲେ । ପଣ୍ଡିତ ବାସୁଦେବ ମହାପାତ୍ର ଲେଖିଛନ୍ତି 'ଆଲେକ୍‌ଜାଣ୍ଡାର୍ (ସିକନ୍ଦର) ଚାଲିଯିବା ପରେ ତାଙ୍କ ସେନା ଓ ସେନାପତିମାନେ ଆଫଗାନିସ୍ଥାନ ଓ ପାରସ୍ୟର କେତେକ ଅଂଶରେ ବାକ୍‌ଟ୍ରିଆ (ବକତର) ରାଜ୍ୟ ବସାଇଥିଲେ । ଖାରବେଳଙ୍କ ସମୟରେ ଡିମେଟ୍ରିଆସ (ଦତ୍ତିମ) ନାମକ ସେଠାରେ ଜଣେ ବିକ୍ରମଶାଳୀ ରାଜା ବଜିର, ପୁର ପ୍ରଭୃତି କୂଟଯୁଦ୍ଧରେ ଅଧିକାର କରି ବିଦେଶୀ ବଣିକମାନଙ୍କଠାରୁ ଡଣ୍ଡ ନେଉଥିଲେ । ବଜିରରାଜା ଓ ଯୁବରାଜ ରାଜଧାନୀ ସିଂହପଥ ଛାଡ଼ି କୌଣସି ମିତ୍ରରାଜା ପାଖେ ଆଶ୍ରୟ ନେଇଥିଲେ । ସେତେବେଳେ ଆଫଗାନିସ୍ଥାନର ପୂର୍ବ 'ବଜିର' ଓ ବେଲୁଚିସ୍ତାନର ପୂର୍ବ 'ପୁର' ରାଜ୍ୟ ନାମରେ ପ୍ରସିଦ୍ଧ ଥିଲା । ବଜିର ରାଜ୍ୟ ଏଥିପୂର୍ବେ ସିନ୍ଧୁ ଦେଶର ପଶ୍ଚିମ ପର୍ଯ୍ୟନ୍ତ ବ୍ୟାପିଥିଲା । ୧। ଐତିହାସିକ ଜୟସ୍ୱାଲ୍ ଧୂସିଙ୍କୁ ଖାରବେଳଙ୍କ ପାଟରାଣୀ ବା ଅଗ୍ରମହିଷୀ ରୂପେ ସ୍ୱୀକାର କରିଛନ୍ତି । ସେ ହସ୍ତୀସାହ ବା ହସ୍ତୀସିଂହ ନାମକ ଲାଲରାଜ୍ୟ ଅଧିପତିଙ୍କ କନ୍ୟା ଥିଲେ । ଏହି ଲାଲ୍‌ରାଜ୍ୟ 'ଖାରବେଳ' କାବ୍ୟରେ ବଜିର ନାମରେ ପରିଚିତ । ଏହାର ଅଧିପତି ହସ୍ତୀସିଂହଙ୍କ ନାମାନୁସାରେ ବଜିର ରାଜ୍ୟର ରାଜଧାନୀର ନାମ ସିଂହପଥ ରଖାଯାଇଛି ।୨। ପଣ୍ଡିତ ନୀଳକଣ୍ଠ ସୂଚନା

Digitized by PPRACHIN, SOA

ଦେଇଛନ୍ତି, 'ଭୁବନେଶ୍ୱର କିମ୍ବା ତାହାର ଆଖପାଖ ସ୍ଥାନରେ ଖାରବେଳଙ୍କ ରାଜଧାନୀ ଥିଲା । ଧୂସି ତାଙ୍କର ରାଣୀ ଥିଲେ । ସିନ୍ଧୁ ନଦୀର ପଶ୍ଚିମକୂଳରେ ପୂର୍ବ ଆଫଗାନ ସ୍ଥାନରେ ବଜିର ବୋଲି ସେତେବେଳେ ଦେଶ ଥିଲା । ସେହି ଦେଶର ରାଜଧାନୀର ନାମ ସିଂହପଥ । ଧୂସି ସେହି ବଜିର ରାଜାଙ୍କର କନ୍ୟା ଥିଲେ ।" ୩।

ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତ ଅନୁସାରେ ଖାରବେଳ ଖ୍ରୀ:ପୂ: ୧୪୭ ଅବ୍ଦରେ ମଗଧ ବିଜୟ କରିଥିଲେ ।୪। ରାଜତ୍ୱର ଦ୍ୱାଦଶବର୍ଷରେ ସେ ମଗଧ ଆକ୍ରମଣ କରିଥିବାରୁ ତାଙ୍କ ଅଭିଷେକର ସମୟ ଖ୍ରୀ:ପୂ: ୧୫୯ ଅଟେ । ଶିଳାଲେଖ ଅନୁଯାୟୀ ଚବିଶବର୍ଷ ବୟସରେ ଖାରବେଳଙ୍କ ରାଜ୍ୟାଭିଷେକ ହୋଇଥିବାରୁ ତାଙ୍କ ଜନ୍ମ (ଖ୍ରୀ:ପୂ: ୧୫୯ +୨୪) ଖ୍ରୀ:ପୂ: ୧୮୩ରେ ହୋଇଥିବା ସମୀଚୀନ । ସେ ଜୈନଧର୍ମ ଗ୍ରହଣ କରିନଥିବାରୁ ତାଙ୍କ ହାତୀଗୁମ୍ଫା ଶିଳାଲେଖଟି ଅର୍ହତ ଓ ସିଦ୍ଧମାନଙ୍କୁ ନମସ୍କାର ଜଣାଇ ଆରମ୍ଭ ହୋଇଛି । 'ଖାରବେଳ' କାବ୍ୟରେ କବି ଜୈନଧର୍ମ ପ୍ରଚାରକ ସୁଗତ ଚରିତ୍ର ସୃଷ୍ଟି କରି ତାଙ୍କ ଦ୍ୱାରା ଦତ୍ତିମଙ୍କୁ ଯୁଦ୍ଧରୁ ନିବୃତ୍ତ ହେବାପାଇଁ ଅନୁପ୍ରାଣିତ କରିଛନ୍ତି ।

'ହାତୀଗୁମ୍ଫା ଶିଳାଲେଖ'ରେ ଖାରବେଳଙ୍କୁ ଐର ବଂଶୋଦ୍ଭବ ମହାରାଜ, ମହାମେଘ ବାହାନ, ଚେତିରାଜବଂଶ ବର୍ଦ୍ଧନ, ପ୍ରଶସ୍ତ ଶୁଭଲକ୍ଷଣ, ଆସମୁଦ୍ର ପୃଥିବୀର ରକ୍ଷଣଯୋଗ୍ୟ ସର୍ବଗୁଣମଣ୍ଡିତ କଳିଙ୍ଗାଧିପତି ବୋଲି କୁହାଯାଇଛି । ଏହି ଶିଳାଲେଖ ଅନୁସାରେ ଖାରବେଳ ପଞ୍ଚଦଶବର୍ଷ ବୟସ ପର୍ଯ୍ୟନ୍ତ କ୍ରୀଡ଼ାରତ ରହିବା ପରେ ସିଂହାସନ ଆରୋହଣ ପର୍ଯ୍ୟନ୍ତ 'ଲେଖ, ରୂପ, ଗଣନା ବ୍ୟବହାର ବିଧି' ଆଦି ସମସ୍ତ ରାଜନୀତିକ ଓ ସାମାଜିକ ପ୍ରଣାଳୀରେ କୁଶଳତା ଅର୍ଜନ କରିଥିଲେ । ରାଜା ହେବାପରେ ରାଜଧାନୀର ପୁନଃସଂସ୍କାର କରି ଜଳପଥ ପୁଷ୍କରିଣୀ ଆଦିର ପୁନଃସଂସ୍କାର ଓ ଦିଗ୍‌ବିଜୟରେ ମନ ବଳାଇଥିଲେ । ଆନ୍ଧ୍ରରାଜ୍ୟର ସାତବାହାନ ବଂଶର ନରପତି ସାତକର୍ଣ୍ଣିଙ୍କୁ ପରାସ୍ତ କରିଥିଲେ । ରାଜତ୍ୱର ଷଷ୍ଠବର୍ଷରେ ରାଜସୂୟଯଜ୍ଞ ସମ୍ପାଦନ କରିଥିଲେ । ଦାକ୍ଷିଣାତ୍ୟ ଓ ବିନ୍ଧ୍ୟାଞ୍ଚଳର ବହୁରାଜାଙ୍କୁ ଜୟକରି ସେମାନଙ୍କୁ ପଦାନତ କରିଥିଲେ । ରାଜତ୍ୱର ଅଷ୍ଟମ ବର୍ଷରେ ମଗଧର ରାଜଧାନୀ ପାଟଳୀପୁତ୍ର ପ୍ରତି ଅଭିଯାନ ଚଳାଇ ପଶ୍ଚିମାଞ୍ଚଳରୁ ଅଗ୍ରସର ହେଉଥିବା ଗ୍ରୀକ୍‌ସମ୍ରାଟ ଡିମେଟ୍ରିଅସ୍‌ଙ୍କ ସେନାବାହିନୀକୁ ଅନୁଧାବନ କରି ମଥୁରା ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଗ୍ରୀକ୍‌ବାହିନୀକୁ ସିନ୍ଧୁନଦୀର ପଶ୍ଚିମ ପାର୍ଶ୍ୱକୁ ଅପସରିଯିବାକୁ ପଡ଼ିଥିଲା ।୫ । କାବ୍ୟରଚନା ପାଇଁ କବି ନୀଳକଣ୍ଠ ହାତୀଗୁମ୍ଫା ଶିଳାଲେଖର ଐତିହାସିକ ସତ୍ୟାବଳୀ ସହିତ କିଛି କଳ୍ପନାର ପୁଟ ଦେଇଅଛନ୍ତି ।

ସନ୍ଧୁନଦୀର ପଶ୍ଚିମକୂଳରେ ପୂର୍ବ ଆଫଗାନ ସ୍ଥାନରେ ବଜିର ବୋଲି ଏକ ଦେଶ ଥିଲା । ସେହି ଦେଶର ରାଜଧାନୀ ସିଂହପଥ । ବଜିର ରାଜାଙ୍କ କନ୍ୟା ଧୂସି ଡିମେଟ୍ରିଅସ୍ (ଦତ୍ତିମ) ବଜିରରାଜାଙ୍କୁ କୂଟନୀତି ବଳରେ ପରାଜିତ କରି ବଜିର ଅଧିକାର

Digitized by PPRACHIN, SOA

କରିଥିଲେ । କଳିଙ୍ଗ ବଣିକମାନଙ୍କୁ ବାଣିଜ୍ୟ କାର୍ଯ୍ୟରେ ବାଧା ଦେଇଥିବାରୁ ଖାରବେଳ ପାଣ୍ଡ୍ୟ ରାଜାଙ୍କ ସହିତ ସିନ୍ଧୁ ଅଭିମୁଖେ ଯୁଦ୍ଧଯାତ୍ରା କରିଥିଲେ । ସିନ୍ଧୁଦେଶର ପଶ୍ଚିମାଂଶରେ ଦ୍ରାବିଡ଼ମାନେ କୃଷକ ରୂପେ ବାସ କରୁଥିଲେ ଏବଂ ସମୟ ଅନୁସାରେ ସେମାନେ ଯୁଦ୍ଧପାଇଁ ପ୍ରସ୍ତୁତ ହେଉଥିଲେ । 'ଖାରବେଳ' କାବ୍ୟରୁ ଏହି ଐତିହାସିକ ସତ୍ୟତା ଓ ଘଟଣାବଳୀ ଲକ୍ଷ୍ୟ କରିହୁଏ । ଆଲୋଚ୍ୟ କାବ୍ୟରେ ଜୀବନର ନିଗୂଢ଼ ତଥ୍ୟମାନ ମାନବିକତାର ସୂକ୍ଷ୍ମ ଦୃଷ୍ଟିକୋଣରୁ ବିଚାର କରାଯାଇଛି । ଇତିହାସ କହେ, ଖାରବେଳ ଜଣେ ପରାକ୍ରମଶାଳୀ ରାଜା ଥିଲେ । ମାତ୍ର ଆଲୋଚ୍ୟ କାବ୍ୟରେ ସେ ବିଚାରଶୀଳ ଓ ପ୍ରେମିକହୃଦୟ ଜଣେ ସାଧାରଣ ମଣିଷ ଭାବରେ ଦେଖାଦିଅନ୍ତି । 'ଖାରବେଳ ଏକ ଜାତୀୟ ଆତ୍ମା । ତହିଁରେ ପ୍ରଣୟର ପବିତ୍ରତା ଅଛି, ଅଛି ପୁଣି ଦେଶନିଷ୍ଠାର ଗାମ୍ଭୀର୍ଯ୍ୟ । ଏ ଜାତିର ଭାବ-ସମୁଦ୍ରରେ ତାହାର ପ୍ରସାରଣ ପାଇଁ କବିମନ ସତେ ଯେପରି ଉଚ୍ଛଳ ହୋଇଉଠିଛି ।' ନଦୀ ତଟରେ ସାୟାହ୍ନର ପ୍ରଥମ ଦେଖାରେ ଜଣେ ଅଜଣା ଅଚିହ୍ନା ତରୁଣୀ ଠାରେ ପ୍ରକାଶ୍ୟରେ ନ ହେଲେ ମଧ୍ୟ ହୃଦୟର ଅଦେଖା ରାଜ୍ୟରେ ସେ ଆତ୍ମସମର୍ପଣ କରି ବସନ୍ତି । ଅଦୂର ଭବିଷ୍ୟତରେ ଯୁଦ୍ଧର ତୂର୍ଯ୍ୟନାଦ ଶୁଣିପାରୁଥିଲେ ମଧ୍ୟ ହୃଦୟ ମଧ୍ୟରେ ଜାତ ହୋଇଥିବା ପ୍ରେମର ଅଙ୍କୁର ତାଙ୍କୁ ମୁହୁର୍ମୁହୁ ଦୁର୍ବଳପ୍ରାୟ କରିପକାଏ । କଳିଙ୍ଗ ଯୁବରାଜର ବାହ୍ୟାଡ଼ମ୍ବରରେ ନିଜକୁ ପରିଚିତ କରାଉଥିବା ବେଳେ କାହା ନିକଟରେ ପୁଣି କିପରି ଭାବରେ ଅବା ସେ ନିଜର ଦୁର୍ବଳ ସତ୍ତାଟିର ପରିପ୍ରକାଶ କରିଥାନ୍ତେ ? ସଂଗୋପିତ ହୃଦୟର ଭାବରାଶି ପ୍ରକାଶର ଅନ୍ୟ ଉପାୟ ନ ପାଇ କେବଳ ଆତ୍ମଦହନର ବଶବର୍ତ୍ତୀ ହେବା ହିଁ ସାର ହୁଏ । ବିଜନ ମୁହୂର୍ତ୍ତରେ ତାଙ୍କର ଭାବନାର ସୀମାରେଖା ଦୂରୁ ଦୂର ପ୍ରସରିଯାଏ । ୭ । ଯୁଦ୍ଧକ୍ଷେତ୍ରରେ ତାଙ୍କ ହସ୍ତରେ ଖଡ଼୍ଗ ଅଟକିଯାଏ । ସେ ଯେତେବେଳେ ଭାବନ୍ତି ଯେ ଯୁଦ୍ଧର ପରିସମାପ୍ତିରେ ତାଙ୍କର ବିଜୟ ହେବ ଏବଂ ଏହି ସମ୍ବାଦ ତରୁଣୀଟିକୁ ଅଧିକ ଆନନ୍ଦ ଦେବାକୁ ସମର୍ଥ ହେବ, ସେତେବେଳେ ତାଙ୍କ ମନରେ ଅଶେଷ ସାହସ ଏବଂ ଶକ୍ତି ଜମାଟ ବାନ୍ଧେ । ଖାରବେଳ ଦ୍ୱନ୍ଦ୍ୱାଚ୍ଛନ୍ନ ହୋଇପଡ଼ନ୍ତି । ୮ । କବି ନୀଳକଣ୍ଠଙ୍କ ବର୍ଣ୍ଣନାରେ ଏହି ମୁହୂର୍ତ୍ତଟିର ରୂପାଙ୍କନ ଯେପରି ସରସସୁନ୍ଦର, ସେପରି ଜୀବନ୍ତ ଓ ବାସ୍ତବଧର୍ମୀ ମଧ୍ୟ ହୋଇଛି ।

ଦଣ୍ଡିମଙ୍କ ସହିତ ଯୁଦ୍ଧରତ ଥିବା ସମୟରେ ହଠାତ୍ ଏକ ଶରଦ୍ୱାରା ଖାରବେଳ ଆଘାତପ୍ରାପ୍ତ ହୁଅନ୍ତି । ଛଦ୍ମବେଶୀ ଧୂସିଙ୍କ ସେବାର ପରିଣତି ସ୍ୱରୂପ ତାଙ୍କର ସୁସ୍ଥତା ଫେରିଆସେ । କଳିଙ୍ଗ ପ୍ରତ୍ୟାବର୍ତ୍ତନ ପାଇଁ ସ୍ୱଦେଶରୁ ସେ ସମ୍ବାଦ ପାଆନ୍ତି । ନଦୀତଟରେ ଦର୍ଶନ କରିଥିବା ସେହି ତରୁଣୀର ସ୍ମୃତିରେ ସେ ଅଧୀର ହୋଇଉଠନ୍ତି । ସାନ୍ଧ୍ୟଭ୍ରମଣ ଆଳରେ ସେଥିପାଇଁ ସେ ଅନେକ ଥର ନଦୀତଟରେ ତା'ର ଅପେକ୍ଷା କରନ୍ତି । ମାତ୍ର ମୁଖ ଖୋଲି କାହାରିକୁ କିଛି କହନ୍ତି ନାହିଁ । ଧୂସି ସେନାପତି ବେଶରେ ତାଙ୍କ ପାଖରେ ସର୍ବଦା ଥାଆନ୍ତି । ଶେଷରେ ଅନନ୍ୟୋପାୟ ହୋଇ ଖାରବେଳ ତାଙ୍କୁ ନିଜର ଏକାନ୍ତ ସଖା

Digitized by PPRACHIN, SOA

ବୋଲି ଭାବି ମନକଥା କହିବସନ୍ତି । ଛଦ୍ମବେଶୀ ଧୂସି ସେତେବେଳେ ନଦୀତଟସ୍ଥ କୃଷକପୁରକୁ ବାରମ୍ବାର ଯାତାୟାତ କରୁଥାନ୍ତି । ଖାରବେଳଙ୍କଠାରୁ ଏପରି ଶୁଣିବା ପରେ ସେ ତାଙ୍କ ନିକଟରୁ ବିଦାୟ ନିଅନ୍ତି । କିଛି ସମୟପରେ ସେହି ରମଣୀ ସହିତ ସାକ୍ଷାତ ହେବାର ସମ୍ଭାବନା ସୂଉଇଦେବା ସଙ୍ଗେ ସଙ୍ଗେ ଖାରବେଳଙ୍କୁ କୃଷକପୁରକୁ ନିମନ୍ତ୍ରଣ କରି ସେ ପତ୍ରଟିଏ ଦୂତ ହାତରେ ପଠାଇଦିଅନ୍ତି । ଖାରବେଳ ପତ୍ରଟି ପାଇ ମଧ୍ୟ ସେଠାକୁ ଯିବେ କି ନାହିଁ କିଛି ସ୍ଥିର କରିପାରନ୍ତି ନାହିଁ । ପରିଶେଷରେ ସେନାପତିଙ୍କ ଉପସ୍ଥିତି କାମନା କରି ସେ ସେଠାକୁ ଯାଆନ୍ତି । କୃଷକପୁରରେ କୃଷକପତି ତାଙ୍କୁ ସାଦର ଅଭ୍ୟର୍ଥନା ଜଣାଇ ଆପଣାଗୃହକୁ ପାଛୋଟି ନିଅନ୍ତି । ସେ ଛଦ୍ମବେଶୀ ଧୂସିଙ୍କ ପ୍ରକୃତ ପରିଚୟ ଦିଅନ୍ତି ଏବଂ ସେହିଠାରେ ହିଁ ଖାରବେଳ ତାଙ୍କ ପୂର୍ବ ସ୍ମୃତିର ମାନସୀ ଧୂସିଙ୍କ ସହିତ ମିଳିତ ହୁଅନ୍ତି । ଏହିପରି ଖାଳବେଳଙ୍କ ପ୍ରେମିକହୃଦୟ ସମ୍ବନ୍ଧରେ ସ୍ୱଷ୍ଟ ଧାରଣା ଲାଭ କରିହୁଏ ।

ଖାରବେଳ ବିଚାରଶୀଳ ଥିଲେ । ଯୁଦ୍ଧକ୍ଷେତ୍ରରେ ସେ ଅନୀତିକୁ ସମୟ ଦେଉନଥିଲେ । ଦଉିମଙ୍କ ସହିତ ଯୁଦ୍ଧରତ ଥିବା ସମୟରେ ତାଙ୍କର ବୀରତ୍ୱ ଓ ବିବେକିତାର ପରିଚୟ ମିଳିଥାଏ । ସର୍ବୋପରି କାବ୍ୟଟିରେ ଖାରବେଳଙ୍କ ଯୁବାବସ୍ଥାର ଘଟଣାବଳୀ ସ୍ଥାନ ଲାଭ କରିଥିବାରୁ କବି ତାଙ୍କର ଯୁବ ସୁଲଭ ଚପଳତା ତଥା ପ୍ରଣୟୋଚ୍ଛଳ ହୃଦୟର ଭାବମୟତାକୁ ରୂପ ଦେବାରେ ସମର୍ଥ ହୋଇପାରିଛନ୍ତି ।

କାବ୍ୟର ନାୟିକା ଧୂସି । କାବ୍ୟର ଆଦ୍ୟନ୍ତ ତାଙ୍କର ଭୂମିକା ଅସାଧାରଣ । ସେ ଏକାଧାରରେ ପ୍ରେମିକା ଓ ବୀରାନାରୀ । ମୁଦ୍ରାର ଦୁଇପାର୍ଶ୍ୱପରି ତାଙ୍କ ହୃଦୟରେ ପ୍ରେମ ଓ ବୀରତ୍ୱ ସ୍ଥାନ ପାଇଛି । ନଦୀତଟରେ ପ୍ରଥମ ଦର୍ଶନରେ ସେ ଖାରବେଳଙ୍କ ଠାରେ ଆପଣାର ହୃଦୟ ସମର୍ପଣ କରିଦେଇଛନ୍ତି । ତାଙ୍କ ଦେହରେ ଜାଗି ଉଠିଛି ବେପଥୁ । ଏହି ସୁଯୋଗ ନେଇ ନିକଟରେ ଥିବା ସଙ୍ଗିନୀମାନେ ତାଙ୍କୁ ଛଳୋକ୍ତି ଶୁଣାଇଛନ୍ତି । ରାଜଜେମା ଧୂସି ଭାଗ୍ୟର ତାଡ଼ନାରେ କୃଷକ ପଲ୍ଲୀରେ ପାଳିତା ହୋଇଥିଲେ ମଧ୍ୟ ତାଙ୍କର ଧୈର୍ଯ୍ୟ ଅସୀମ । ଦୁଃଖାର୍ଦ୍ର ହୃଦୟରେ ସଙ୍ଗିନୀମାନଙ୍କର ପରିହାସକୁ ସେ ସହ୍ୟ କରି ନିଅନ୍ତି । ସକଳ ପରିହାସ ସତ୍ତ୍ୱେ ତାଙ୍କ ହୃଦୟରେ ଜାଗିଉଠିଥିବା ପ୍ରେମର ଅଫୁରନ୍ତ ଉଚ୍ଛ୍ୱାସ ମ୍ଳାନ ପଡ଼ିଯିବା ପରିବର୍ତ୍ତେ ଅଧିକରୁ ଅଧିକ ଉଜ୍ଜ୍ୱଳ ହୋଇଉଠେ ।

ଏକ ଦିଗରେ ଖାରବେଳଙ୍କ ସହିତ ମିଳିତ ହେବାର ତୀବ୍ରବାସନା ଏବଂ ଅପର ଦିଗରେ ମାତୃଭୂମି ତଥା ସ୍ୱପରିବାରବର୍ଗଙ୍କ ଶତ୍ରୁର ବିରୋଧ ପାଇଁ ସେ କୃଷକ ସେନାମାନଙ୍କର ସେନାପତିତ୍ୱକୁ ସ୍ୱେଚ୍ଛାରେ ସମ୍ମତି ପ୍ରକାଶ କରନ୍ତି । ଜଣେ ପୁରୁଷ ସେନାପତିର ଛଦ୍ମବେଶରେ ସୈନ୍ୟମାନଙ୍କ ସମେତ ସେ ଖାରବେଳଙ୍କୁ ସହାୟ ହୁଅନ୍ତି । ଯୁଦ୍ଧ -ମନ୍ତ୍ରଣା କରିବା ସଙ୍ଗେ ସଙ୍ଗେ ସେ ଖାରବେଳଙ୍କ ସହିତ ଅଚ୍ଛେଦ୍ୟପ୍ରୀତିର ବନ୍ଧନ ସୃଷ୍ଟି କରି ବସନ୍ତି ।

Digitized by PPRACHIN, SOA

ଯୁଦ୍ଧକ୍ଷେତ୍ରରେ ଆକସ୍ମିକ ଭାବରେ ଶରାହତ ହୋଇ ଖାରବେଳ ଟଳି ପଡ଼ିବାରୁ ସେନାପତି ଧୂସି ହିଁ ଆହାରଶୟନ ଭୁଲି ତାଙ୍କରି ସେବାରେ ବ୍ରତୀ ହୁଅନ୍ତି । ଖାରବେଳଙ୍କ ଦୁର୍ଦ୍ଦିନରେ ତାଙ୍କ ହୃଦୟରେ ଦୁଃଖର ଛାୟା ଘନେଇ ଆସେ । ଖାରବେଳଙ୍କ ବିନା ଜୀବନକୁ ସେ ଅସାର ମନେକରନ୍ତି । ଆଲୋଚ୍ୟ କାବ୍ୟର ଷୋଡ଼ଶ ଛାନ୍ଦରେ ଏହା ହୃଦୟଗ୍ରାହୀ ଭାବରେ ବର୍ଣ୍ଣିତ ।

ଖାରବେଳ କ୍ରମଶଃ ସୁସ୍ଥତା ଅନୁଭବ କରନ୍ତି । ଧୂସିଙ୍କ ଆନନ୍ଦ ବାକ୍ୟାତୀତ । ଖାରବେଳଙ୍କ ସମ୍ବୋଧନ ସତ୍ତ୍ୱେ ସେ କିଛି ଉତ୍ତର ଦେଇପାରନ୍ତି ନାହିଁ, ନାରୀର ହୃଦୟ ନେଇ ସେ ଏବେ ଖାରବେଳଙ୍କୁ ସିଧାସଳଖ ଚାହିଁପାରନ୍ତି ନାହିଁ । ୯ । କବି ଲେଖନୀରେ ତାହା ଚମତ୍କାରଭାବରେ ବର୍ଣ୍ଣିତ । ଖାରବେଳଙ୍କୁ ଛଦ୍ମରୂପ ଦେଖାଇ ସୁଦ୍ଧା ଧୂସି ନିଜ ମଧ୍ୟରେ ଅନେକ ଥର ଧରା ପଡ଼ିଯାନ୍ତି । ଆକାଶରେ ଉଡ଼ିଯାଉଥିବା ପକ୍ଷୀମାନେ ତାଙ୍କୁ ଚିହ୍ନି ପାରିଥିବା ସେ ମନେକରନ୍ତି । ନିଜର ପ୍ରକୃତ ସ୍ୱରୂପ ଖାରବେଳଙ୍କୁ ଜଣାଇବାକୁ ବେଳେବେଳେ ମନସ୍ଥ କଲେ ସୁଦ୍ଧା ପରମୁହୂର୍ତ୍ତରେ ସାହସ ହରାଇ ବସନ୍ତି । ଅପୂର୍ବ ସାହସିକତାର ସହିତ ଯୁଦ୍ଧ କ୍ଷେତ୍ରକୁ ଲମ୍ଫ ଦେଉଥିବା ଧୂସି ଏବେ ସାମାନ୍ୟ କଥାଟିରେ ଦୁର୍ବଳ ହୋଇପଡ଼ନ୍ତି । ମନପକ୍ଷୀ ମନ ଭିତରେ ଜଳିପୋଡ଼ି ହେବା ହିଁ ସାର ହୁଏ । ତାଙ୍କର ସ୍ୱପ୍ନ ସାକାର ହେବନାହିଁ ବୋଲି ମନରେ ସନ୍ଦେହ ଆସେ । ଖାରବେଳଙ୍କ କଳିଙ୍ଗ ପ୍ରତ୍ୟାବର୍ତ୍ତନ ସମ୍ବାଦ ତାଙ୍କ ପ୍ରାଣରେ ଅସରନ୍ତି ବ୍ୟଥାର ପରଶ ଦିଏ ।

ଖାରବେଳ ଏକ ଦୁର୍ବଳ ମୁହୂର୍ତ୍ତରେ ଅସହାୟ ଭାବରେ ସେନାପତିବେଶୀ ଧୂସିଙ୍କୁ ତାଙ୍କର ମାନସୀ ସହିତ ମିଳନ କରାଇଦେବାକୁ କହିବସନ୍ତି । ଏହାଶୁଣି ଧୂସି ଆବେଗପ୍ରବଣ ହୋଇଉଠନ୍ତି ଏବଂ ତତ୍‌କ୍ଷଣାତ୍ ସେଠାରୁ ବିଦାୟ ନିଅନ୍ତି । କିଛି ସମୟ ପରେ ଖାରବେଳଙ୍କ ସ୍ୱପ୍ନ ସାର୍ଥକ ହେବ ବୋଲି ତାଙ୍କ ନିକଟକୁ ଏକ ପତ୍ର ପ୍ରେରଣ କରି କୃଷକପୁରକୁ ନିମନ୍ତ୍ରଣ କରନ୍ତି ।

କୃଷକପୁରରେ କୃଷକପତି ଖାରବେଳଙ୍କୁ ସାଦର ଅଭ୍ୟର୍ଥନା କରି ଗୃହ ମଧ୍ୟକୁ ପାଛୋଟି ନିଅନ୍ତି ଏବଂ ଛଦ୍ମବେଶୀ ଧୂସିଙ୍କ ପ୍ରକୃତ ପରିଚୟ ଦିଅନ୍ତି । ଧୂସି ଓ ଖାରବେଳ ପରସ୍ପରକୁ ଚାହିଁ ଆନନ୍ଦ ଓ ରୋମାଞ୍ଚରେ ଗଦ୍‌ଗଦ୍ ହୋଇଉଠନ୍ତି । ଉଭୟଙ୍କର ମିଳନ ହୁଏ । ଧୂସିଙ୍କ ପ୍ରେମଜୀବନର ସ୍ୱପ୍ନ ସାର୍ଥକ ହୁଏ ।

ଧୂସୀ ବୀରାନାରୀ । ତାଙ୍କର ସାହସ ଅତୁଳନୀୟ । ସ୍ୱେଚ୍ଛାରେ ସେ କୃଷକସେନାର ସେନାପତିତ୍ୱ ଗ୍ରହଣ କରନ୍ତି । ବୀର ଭାବରେ ସେ ଯୁଦ୍ଧକ୍ଷେତ୍ରକୁ ଲମ୍ଫ ଦେଇପାରନ୍ତି । ଖାରବେଳଙ୍କ ଠାରୁ ତାଙ୍କୁ ଅଧିକ ଯୁଦ୍ଧକୌଶଳ ଜଣା । ଯୁଦ୍ଧକ୍ଷେତ୍ରରେ ଖାରବେଳ ଦୁର୍ବଳ ହୋଇପଡୁଥିବାବେଳେ ସେ ଅପୂର୍ବବୀରତ୍ୱର ସହିତ ସେଠାରେ ପଦାର୍ପଣ କରିଥାନ୍ତି । ଯୁଦ୍ଧର କୂଟନୀତି ତାଙ୍କୁ ଜଣା । ଦତ୍ତିମଙ୍କର ସ୍ୱଦେଶ ପଳାୟନ ସତ୍ତ୍ୱେ ସେ କେତେକ ସୈନ୍ୟଙ୍କୁ ନେଇ ଆକସ୍ମିକ ଯୁଦ୍ଧ ପ୍ରତି ସଜାଗ ରହନ୍ତି ।

Digitized by PPRACHIN, SOA

ଧୂସି ଚରିତ୍ର ଚିତ୍ରଣରେ ଏକ ଦିଗରେ ବୀରତ୍ୱ ଏବଂ ଅପରଦିଗରେ ପ୍ରେମ ତଥା ତଜ୍ଜନିତ ଦୁର୍ବଳତାକୁ କବି ଯେପରି ଭାବରେ ବର୍ଣ୍ଣନା କରିଛନ୍ତି, ତହିଁରୁ ରକ୍ତମାଂସ ଦେହଧାରୀ ମଣିଷ ଜୀବନର ଦ୍ୱନ୍ଦ୍ୱ ସଂଘର୍ଷ ଓ ରହସ୍ୟରୋମାଞ୍ଚ ସମ୍ବନ୍ଧରେ ଧାରଣା କରିହୁଏ ।

କୃଷକପତି ଜଣେ ଦଳପତି ଏବଂ ଉଦାରହୃଦୟ ବ୍ୟକ୍ତି ଅଟନ୍ତି । କୃଷକସେନା ତାଙ୍କୁ ମୁଖ୍ୟ ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ନିର୍ଦ୍ଦେଶରେ ସେମାନେ ଯୁଦ୍ଧକ୍ଷେତ୍ରକୁ ଯିବା ପାଇଁ ପ୍ରସ୍ତୁତ । ତାଙ୍କ କନ୍ୟା ରାଜଜେମା ଧୂସିଙ୍କୁ ପରିହାସ କରିଥିବା କଥାଶୁଣି ସେ ବ୍ୟଥିତ ହୁଅନ୍ତି । ପରିବାରବର୍ଗଙ୍କ ଠାରୁ ଦୂରରେ ଥିବା ଏବଂ ରାଜକୀୟ ବିଳାସରୁ ବଞ୍ଚିତ ହୋଇଥିବା ଜଣେ ରାଜଜେମାର ମାନସିକ ଦୁଃସ୍ଥିତିକୁ ସେ ସ୍ୱଷ୍ଟ ହୃଦୟଙ୍ଗମ କରିପାରିଛନ୍ତି । ସେଥିପାଇଁ ଖାରବେଳଙ୍କ ସହିତ ତାଙ୍କର ମିଳନ ଘଟାଇବା ପାଇଁ ସେ ପ୍ରୟାସ କରନ୍ତି ଏବଂ ଖାରବେଳଙ୍କୁ ଧୂସିଙ୍କ ନିକଟରେ ଛାଡ଼ିଦେଇ ନିଜେ ସେଠାରୁ ବିଦାୟ ନିଅନ୍ତି ।

ଦଣ୍ଡିମ ଏବଂ ଯବନମାନଙ୍କୁ କବି କୂଟନୀତି ପରାୟଣ ଏବଂ ସ୍ୱାର୍ଥାନ୍ୱେଷୀଜାତିର ପ୍ରତୀକ ଭାବରେ ଚିତ୍ରଣ କରିଛନ୍ତି । ସେମାନଙ୍କ ପ୍ରକୃତି ସମ୍ବନ୍ଧରେ କବି ବିଶେଷ ଭାବରେ ଆଲୋକପାତ କରିଛନ୍ତି ।୧୦ ।

କାବ୍ୟର ବିଭିନ୍ନ ସ୍ଥାନରେ ବୀର ଓ ଶୃଙ୍ଗାର ରସର ଉଦ୍‌ବୋଧନ କରାଯାଇଛି । କୃଷକସେନାଙ୍କୁ କୃଷକପତିଙ୍କ ଯୁଦ୍ଧପାଇଁ ଆହ୍ୱାନ ଏବଂ ଦଣ୍ଡିମଙ୍କ ସେନାବାହିନୀ ସହିତ ଖାରବେଳଙ୍କ ସେନାବାହିନୀର ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ଯୁଦ୍ଧବର୍ଣ୍ଣନା ମାଧ୍ୟମରେ ବୀରରସର ଉଦ୍‌ବୋଧନ ସ୍ୱଷ୍ଟ । ଖାରବେଳ ଓ ଧୂସି ପ୍ରଥମ ଦେଖାରେ ଭଲପାଇବା, ପରମୁହୂର୍ତ୍ତରେ ଉଭୟଙ୍କ ମଧ୍ୟରେ ବ୍ୟବଧାନ ସୃଷ୍ଟି, ସ୍ମୃତିଚାରଣରେ ଉଭୟଙ୍କ ମାନସମନ୍ଥନ, ଯୁଦ୍ଧକ୍ଷେତ୍ରରେ ଆହତ ଖାରବେଳଙ୍କ ପାଇଁ ଧୂସିଙ୍କ ହୃଦୟରେ ପ୍ରେମର ବିରୋଧାଭାସ ସୃଷ୍ଟି ତଥା ଆତ୍ମଦହନ, ଖାରବେଳ ସୁସ୍ଥ ହେବା ପରେ ଧୂସିଙ୍କ ହୃଦୟରେ ପ୍ରେମଭାବର ଅନୁରଞ୍ଜନ, ଖାରବେଳଙ୍କ କଳିଙ୍ଗ ପ୍ରତ୍ୟାବର୍ତ୍ତନ ସମ୍ବାଦରେ ଉଭୟଙ୍କ ହୃଦୟରେ ବିରହ ସୃଷ୍ଟି, ପରସ୍ପର ସହିତ ମିଳିତ ହେବାପାଇଁ ଉଭୟଙ୍କ ମନରେ ତୀବ୍ର ଆକାଂକ୍ଷା ଏବଂ ଶେଷରେ କୃଷକପତିଙ୍କ ଗୃହରେ ଉଭୟଙ୍କ ମିଳନଜନିତ ବିବାହାନୁଭାବାଦିର ବାସ୍ତବ ବର୍ଣ୍ଣନା (୧୧) ଶୃଙ୍ଗାରରସର କ୍ରମିକ ଅଗ୍ରଗତିର ରୂପରେଖ ଦେବାରେ, ଯଥାର୍ଥ ହୋଇଛି । ଏତଦ୍‌ବ୍ୟତୀତ କୃଷକପତି ଚରିତ୍ର ମାଧ୍ୟମରେ ବାତ୍ସଲ୍ୟରସର ଉଦ୍ରେକ ପାଇଁ କବିଙ୍କ ପ୍ରୟାସ ଲକ୍ଷ୍ୟ କରାଯାଇପାରେ ।

କବି ନୀଳକଣ୍ଠଙ୍କ ବର୍ଣ୍ଣନାବିଳାସ ଓଡ଼ିଆ କାବ୍ୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଏଠାରେ ପ୍ରକୃତ ଜୀବନ୍ୟାସ ଲାଭ କରେ । ବାହ୍ୟଜଗତର ପ୍ରକୃତି ମଧ୍ୟ ଅନ୍ତଃଜଗତର ପ୍ରକୃତି ସହିତ ସାମଞ୍ଜସ୍ୟ ରଖିବାକୁ ଚେଷ୍ଟାକରେ । ଖାରବେଳ ଓ ଧୂସିଙ୍କ ପ୍ରଥମ ଦର୍ଶନରେ ଉଭୟ ପ୍ରେମର ପ୍ରଥମସ୍ପର୍ଶ ଲାଭ କରିଛନ୍ତି । ପ୍ରଦୋଷ ବର୍ଣ୍ଣନା ମାଧ୍ୟମରେ କବି ଏତାଦୃଶ ଚିତ୍ର ପ୍ରଦାନ କରିଅଛନ୍ତି । ୧୧ । କାବ୍ୟର ସପ୍ତମ ଛାନ୍ଦରେ ପ୍ରଭାତକାଳୀନ ଏକ ସୁନ୍ଦର ବର୍ଣ୍ଣନା ସ୍ଥାନଲାଭ କରିଛି । ୧୨ ।

Digitized by PPRACHIN, SOA

ଜୀବଜଗତର ମାନସିକ ସ୍ତରରେ ପ୍ରକୃତି କିପରି ଜୀବନ୍ତ ଭାବରେ ରେଖାପାତ କରେ, ତାହାର ଦୃଷ୍ଟାନ୍ତ ଦିଆଯାଇଛି । ଖାରବେଳ ଆପଣାର ମାନସିକଗ୍ଲାନିକୁ ଦୂର କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ପର୍ଯ୍ୟାୟରେ ଏହି ବର୍ଣ୍ଣନାଟି ପ୍ରଦତ୍ତ ହୋଇଛି । ସ୍ମୃତିର ମାନସୀ ସହିତ ମିଳିତ ହେବାପାଇଁ ପ୍ରଦୋଷରେ ଭ୍ରମଣରତ ଖାରବେଳ ଦୁର୍ବଳମାନସ ହୋଉଉଠାନ୍ତି । ଏହି ପର୍ଯ୍ୟାୟରେ କବିଙ୍କ ପ୍ରଦୋଷକାଳୀନ ବର୍ଣ୍ଣନା ବେଶ୍ ଚମତ୍କାର ହୋଇପାରିଛି । ସତେଅବା ଏହି ପ୍ରଦୋଷ ପ୍ରକୃତି ଖାରବେଳଙ୍କ ଦୁର୍ବଳମାନସରେ ଅନୁରାଗର ସ୍ପର୍ଶ ଜଗାଇଦେଇଛି । ସ୍ଥଳ ବିଶେଷରେ ସ୍ମୃତି ରୋମନ୍ଥନ ମାଧ୍ୟମରେ ଖାରବେଳ ଓ ଧୂସିଙ୍କ ଅନ୍ତଃପ୍ରକୃତିର ବର୍ଣ୍ଣନାରେ ସରସ କୋମଳତା ଫୁଟାଇବାକୁ କବି ସମର୍ଥ ହୋଇଛନ୍ତି । ଯୌବନକାଳୀନ ମାନସିକ ସ୍ଥିତିର ବର୍ଣ୍ଣନାରେ କବି ଶତମୁଖ ହୋଇଛନ୍ତି । ଷଷ୍ଠଛାନ୍ଦରେ ଯୌବନ ସମୟକୁ ସିନ୍ଧୁ ସହିତ ତୁଳନା କରି କବିଙ୍କ ବର୍ଣ୍ଣନା ବେଶ୍ ଭାବୋଦ୍ରେକକାରୀ ହୋଇଛି । ୧୪ । ନବମଛାନ୍ଦରେ ଯୁବାବୟସରେ ପ୍ରଣୟ କିପରି ହୃଦୟ ଉପରେ ଆଧିପତ୍ୟ ବିସ୍ତାର କରେ, ତାହା କମନୀୟ ଭାବରେ ବ୍ୟଞ୍ଜିତ । ୧୫ । ଖାରବେଳ ଏବଂ ଦତ୍ତିମଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧର ବର୍ଣ୍ଣନା ପଞ୍ଚଦଶ ଛାନ୍ଦରେ ବିଶଦ୍ ଭାବେ ସ୍ଥାନ ଲାଭ କରିଛି । ବିଭିନ୍ନ ଯୁଦ୍ଧାସ୍ତ୍ର, ରଣ କୌଶଳ, ରଣଭେରୀ ଓ ସୈନ୍ୟମାନଙ୍କର ପାଟିଗୋଳ ଆଦିର ବର୍ଣ୍ଣନା ମାଧ୍ୟମରେ କବି ଏହାକୁ ବାସ୍ତବାଭିମୁଖୀ କରିବାକୁ ପ୍ରୟାସ କରିଛନ୍ତି ।

ପ୍ରାଚ୍ୟ ମହାକାବ୍ୟର ରୀତି ଅନୁସାରେ କାବ୍ୟର ପ୍ରାରମ୍ଭରେ ପ୍ରଦତ୍ତ କବିଙ୍କ 'ବିଭୁ ନମସ୍କ୍ରିୟା' ଅଂଶଟି ହୃଦୟସ୍ପର୍ଶୀ ହୋଇପାରିଛି । ଏହି ପରିପ୍ରେକ୍ଷୀରେ କବି ନୀଳକଣ୍ଠ କେତେକାଂଶରେ ଭକ୍ତକବି ମଧୁସୂଦନଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରିହୁଏ । କାବ୍ୟଟିରେ ଉଷା, ପ୍ରଦୋଷ, ସୂର୍ଯ୍ୟୋଦୟ, ଚନ୍ଦ୍ରୋଦୟ, ନଦୀତଟ, ଯୁଦ୍ଧ ପାଇଁ ମନ୍ତ୍ରଣା, ଯୁଦ୍ଧ ସମୟର ଦୃଶ୍ୟ, ଯୁଦ୍ଧ ଶାନ୍ତି ପାଇଁ ସୁଗତଙ୍କ ଉପଦେଶ, ଋତୁ ବର୍ଣ୍ଣନା ସହିତ ଅନ୍ତଃମନର ଚିତ୍ର, ପ୍ରେମ, ପ୍ରଣୟ, ବିରହାଭାସ ଓ ବିବାହର ସୂଚନା ଆଦି ବର୍ଣ୍ଣିତ ।

କାବ୍ୟର ବିଭିନ୍ନ ସ୍ଥାନରେ କବିଙ୍କ ଜୀବନଦର୍ଶନ ଦେଖିବାକୁ ମିଳିଥାଏ । କବିଙ୍କ ମତରେ ରମଣୀ ରହସ୍ୟମୟୀ । ସେ ଏକାଧାରରେ ସୁକୁମାରୀ ଓ ବୀରା ।।୧୬। ତରୁଣ ଅବସ୍ଥାରେ ପ୍ରଣୟ ଅତିସହଜରେ ମରମକୁ ଦ୍ରବୀଭୂତ କରିଥାଏ । ସମୟ ବିଶେଷରେ ତାହା ଅଶେଷ ଯନ୍ତ୍ରଣା ଦିଏ । ତଥାପି ପ୍ରଣୟ ହିଁ ହୃଦୟରେ ଅଶେଷ ଶକ୍ତି ଓ ସାହସ ଭରିଦିଏ । ପ୍ରଣୟ ମାଧ୍ୟମରେ ଧୂସି ଓ ଖାରବେଳ ଦତ୍ତିମଙ୍କୁ ପରାଜିତ କରିପାରିଲେ । ପ୍ରଣୟ ବଡ଼ ଅଦ୍ଭୁତ । ଏହା ଯେପରି ଭୀମ ସେହିପରି କାନ୍ତ । ବସ୍ତୁତଃ ଜୀବନରେ ପ୍ରେମ ଓ ପ୍ରଣୟର ମହତ୍ତ୍ୱ ପ୍ରତିପାଦନ କରି କବି ଜଣେ ନିପୁଣଶିକ୍ଷୀର ଭୂମିକା ଗ୍ରହଣ କରିଅଛନ୍ତି ।

'ଖାରବେଳ' କାବ୍ୟର ଭାଷା ଏକାନ୍ତ ଭାବରେ ସରଳ । କବି ଅନେକ ସମୟରେ କଥିତ ଭାଷାର ଶବ୍ଦକୁ କାବ୍ୟ ମଧ୍ୟରେ ସ୍ଥାନ ଦେଇଛନ୍ତି । ତେଣୁ ଏହାର ପାଠ ସମୟରେ ପାଠକକୁ କୌଣସି ପ୍ରକାର ଜଟିଳତାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ ।

Digitized by PPRACHIN, SOA

ସ୍ଥଳ ବିଶେଷରେ କବି ଅନୁପ୍ରାସ ଓ ଯୁଗ୍ମ ଶବ୍ଦବିନ୍ୟାସରୀତି ପ୍ରୟୋଗ କରିଛନ୍ତି ।୧୭। ଯୁଗ୍ମ ପଦବିନ୍ୟାସ ରୀତିକୁ ତାଙ୍କ କାବ୍ୟଶୈଳୀର ଏକ ସ୍ୱାତନ୍ତ୍ୟ ଭାବରେ ଗ୍ରହଣ କରାଯାଇପାରେ । କେବଳ ଏହି କାବ୍ୟ ନୁହେଁ, ତାଙ୍କର ପ୍ରତ୍ୟେକ କାବ୍ୟରେ ଏହି ରୀତି ଅବଲମ୍ବିତ । କବି କେତୋଟି ଶବ୍ଦ ପ୍ରତି ଅନୁରାଗୀ ଥିବାର ଜଣାଯାଏ । କାଟ୍ଟିମେଘ, ପତତ୍ରି, ବିତାନ ଆଦି ଶବ୍ଦଗୁଡ଼ିକ କବିଙ୍କ ପ୍ରିୟଶବ୍ଦ । ଉପମା ଓ ରୂପକ ପ୍ରୟୋଗରେ କବିଙ୍କ ନୂତନତ୍ୱ ଲକ୍ଷ୍ୟ କରାଯାଇପାରେ । ଏହି ଦିଗରେ ଗତାନୁଗତିକ ପନ୍ଥା ଅବଲମ୍ବନ କରିବାକୁ ସେ ମନବଳାଇ ନାହାନ୍ତି । ଖାରବେଳଙ୍କ ପ୍ରଥମ ଦର୍ଶନରେ ପ୍ରେମଭାବାପନ୍ନ ଧୂସି ସଖୀମାନଙ୍କର ପରିହାସବଶତଃ ଯେଉଁ ମାନସିକ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି, କବି ତାହାକୁ ବର୍ଷା ରଜନୀରେ ଚନ୍ଦ୍ରଦୀପର ଉପମା ଦେଇଛନ୍ତି । ରଜାପୁରରେ ଜନ୍ମିତା ଅଥଚ କୃଷକପୁରରେ ପାଳିତା ଧୂସିଙ୍କୁ ସଖିମାନେ ରାଜବାଳା କହି ପରିହାସ କରିବାବେଳେ ତାଙ୍କ ମନରେ ଯେଉଁ ମାନସିକତା ଉଦୟ ହୋଇଛି, କବି ତାହାକୁ ମେରୁ ପର୍ବତର ଶୀର୍ଷରେ ଥିବା ତୁହିନରାଶି ନିମ୍ନ ପାର୍ଶ୍ୱସ୍ଥ ସ୍ଫୋଟନରେ ଯେଉଁ ଅବସ୍ଥା ଲାଭ କରେ, ତାହା ସହିତ ତୁଳନା କରି ଉପମା ବାଢ଼ି ଅଛନ୍ତି ।

ବସ୍ତୁତଃ 'ଖାରବେଳ' କବି ନୀଳକଣ୍ଠଙ୍କ ଏକ ମୌଳିକ, ଜାତୀୟ ଏବଂ ଐତିହାସିକ କାବ୍ୟ । ଇତିହାସର ପୃଷ୍ଠଭୂମି ଉପରେ ମାନବୀୟ ପ୍ରବୃତ୍ତି, ପ୍ରକୃତି ତଥା ବିବିଧ ଗୁଣାବଳୀର ଅନୁଲ୍ଲଙ୍ଘନ କରାଇ କବି କାବ୍ୟଟିକୁ ଯେତିକି ରସମୟ ତଥା ଭାବମୟ କରିବାର ପ୍ରୟାସ କରିଛନ୍ତି, ଭାଷାର ସାରଲ୍ୟ, ଉପମା, ରୂପକାଦିରେ ନୂତନତା ତଥା ଜୀବନର କେତୋଟି ସତ୍ୟ ଓ ସିଦ୍ଧାନ୍ତକୁ ରୂପଦେଇ ଏହାକୁ ସେତିକି ପରିମାଣରେ ପାଠକ ସହିତ ଘନିଷ୍ଠତା ରକ୍ଷା କରିବାକୁ ସମର୍ଥ ହୋଇଛନ୍ତି । ଏହି ସ୍ୱାତନ୍ତ୍ୟ ଯୋଗୁ ହିଁ ଓଡ଼ିଆ ଐତିହାସିକ କାବ୍ୟର ଇତିହାସରେ ଏହା ଚିରଜାଜ୍ୱଲ୍ୟମାନ ହୋଇ ରହିବ ।

ପାଦଟୀକା :

୧. 'ଖାରବେଳ' କାବ୍ୟ ବର୍ଣ୍ଣିତ ବିଷୟର ପ୍ରାରମ୍ଭିକ ସୂଚନା - ପଣ୍ଡିତ ବାସୁଦେବ ମହାପାତ୍ର

୨. ସତ୍ୟବାଦୀ ସବ୍ୟସାଚୀ- ଡକ୍ଟର କୁମୁଦିନୀ ମିଶ୍ର . ପୃ .୪୪୫

୩. 'ଖାରବେଳ' କାବ୍ୟର ଗ୍ରନ୍ଥପ୍ରବେଶ - ପଣ୍ଡିତ ନୀଳକଣ୍ଠ ଦାସ ।

୪. History of orissa- Dr. Krishna chandra Panigrahi- page - 32.

୫. 'ଖାରବେଳ' ଏକ ଜାତୀୟ କାବ୍ୟ - ବିକ୍ରମ ଜେନା, ନୀଳକଣ୍ଠ ପରିକ୍ରମା -୧୯୮୩ ।

୬. କବି ନୀଳକଣ୍ଠ - କ୍ଷେତ୍ରବାସୀ ନାୟକ, ପୃ ; ୩୦

୭. ନୀଳକଣ୍ଠ ଗ୍ରନ୍ଥାବଳୀ , ୧ମଭାଗ, ୧୯୭୩, ପୃ : ୪୩୭ (ଖାରବେଳ)

୮. ତତ୍ରୈବ - ପୃ: ୪୩୮

୯. 'ଲୋତୁଥିଲେ ଡାକିବାର ଡାକିଲେ ନାହିଁ ଉତର
ସଲଖେ ନ ରହି, ଅଳପେ ଅଳପେ
କିବା ଏ ଛଳନା କର । ତତ୍ରୈବ - ପୃ : ୪୫୧

Digitized by PPRACHIN, SOA

୧୦. 'ପଶ୍ଚିମ ସଭ୍ୟତାର ଏସନ ରୀତି
କାହୁଁ ବୁଝିବେ ସେହୁ ସୁଗତ ନୀତି ?
ଜୀବନେ ଜାଣନ୍ତି ସେ ଆପଣା ସୁଖ
କଥା କହନ୍ତି ସତେ ବକଧାର୍ମିକ ।' ତତ୍ରୈବ - ପୃ : ୪୩୯

୧୧. 'ଧୀରେ ଧୀରେ ଝରେ ଶରଦ ଚନ୍ଦନୀ
ରଜତେ ଧବଳି ଦେଶ
ଲାଜେ ଭୟେ ଯଥା ତରୁଣୀ ପରାଣେ
ନବ ଅନୁରାଗ -ହାସ ।' ତତ୍ରୈବ - ପୃ : ୪୨୩

୧୨. 'ଫିଟି ଆସୁଅଛି ଗଗନେ ନବସିନ୍ଦୂର ବିଭା
ଫୁଟି ଉଠୁଅଛି ବିପିନେ ଶୁଭ୍ର ସଂକେତେ ଦିବା
ତରୁ ଚୂଳ ଛାଡ଼ି ଅନ୍ଧାର ଲୁଚିଯାଉଛି କାହିଁ
ବାଲୁକା ବିତାନେ ପବନ ସୁଖେ ଯାଉଛି ବହି ।' ତତ୍ରୈବ - ପୃ : ୪୩୧

୧୩. ତତ୍ରୈବ - ପୃ : ୪୫୩

୧୪. ତତ୍ରୈବ - ପୃ : ୪୩୧

୧୫. ତତ୍ରୈବ - ପୃ : ୪୩୪

୧୬. ତତ୍ରୈବ - ପୃ : ୪୨୮

୧୭. 'କୁମୁଦ - କୁଙ୍କୁମ - ମଧୁ - ପର୍ଯ୍ୟାୟ -ରଙ୍ଗ
ଚପଳ ନୟନେ ଚରୁ କୁରଙ୍ଗ-ଭଙ୍ଗ
ପରାଣର ତୀବ୍ର ଭାଷା ଇଙ୍ଗିତ ଖେଳ
ତରୁଣ ଲାବଣ୍ୟ-ରସ ତରଙ୍ଗ-ଲୋଳ ।' ତତ୍ରୈବ - ପୃ : ୪୨୭

Digitized by PPRACHIN, SOA

# ନୀଳକଣ୍ଠଙ୍କ ଆତ୍ମଜୀବନୀ : ଏକ ଆତ୍ମିକ ସମୀକ୍ଷା

ଡ. ଅଜାୟର ମଲ୍ଲ

ସତ୍ୟବାଦୀ ବନବିଦ୍ୟାଳୟର ଅନ୍ୟତମ ଶିକ୍ଷକ, ଉତ୍କଳମଣି ଗୋପବନ୍ଧୁଙ୍କର ସହକର୍ମୀ, ଆଧୁନିକ କାଳର ଶ୍ରେଷ୍ଠ ପଣ୍ଡିତ, ମନୀଷୀ, ସାହିତ୍ୟିକ, ବାଗ୍ମୀ, ସମାଜସଂସ୍କାରକ, ବ୍ୟବସ୍ଥାପକ, ଶିକ୍ଷାବିତ୍ ଓ ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ଦାସ ( ୧୮୮୪ -୧୯୬୭)ଙ୍କର ଗ୍ରନ୍ଥାବଳୀର ପ୍ରଥମ ଭାଗ ୧୯୬୩ ମସିହାରେ ପ୍ରକାଶିତ ଏବଂ ଏଥିରେ ତାଙ୍କର ଆତ୍ମଜୀବନୀ ସ୍ଥାନିତ । ପାଣ୍ଡିତ୍ୟ ଓ ମନୀଷା, ଯୁକ୍ତିନିଷ୍ଠା ଓ ବୁଦ୍ଧିଦୀପ୍ତି, ସଂସ୍କୃତିଚେତନା ଓ ସାହିତ୍ୟିକ ଅଭିରୁଚିର ଅପୂର୍ବ ସମାହାର ହେଉଛି ନୀଳକଣ୍ଠଙ୍କର ଅନ୍ୟତମ ବିଶିଷ୍ଟତା ।

ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ରକରି ଗଢ଼ିଉଠିଥିବା ତ୍ୟାଗ, ଆଦର୍ଶବୋଧ, ଜାତୀୟତାବାଦ ଓ ଶିକ୍ଷାକ୍ଷେତ୍ରରେ ଆନ୍ତରିକତା ପରବର୍ତ୍ତୀ କାଳରେ ବିଶେଷ ଘଟଣାପ୍ରବାହ ଭାବରେ ଇତିହାସରେ ଲିପିବଦ୍ଧ ହୋଇଅଛି । ତତ୍କାଳୀନ ସ୍ମୃତିକୁ ଭିତ୍ତିକରି ଯେଉଁ ଯେଉଁ ଛାତ୍ର ଓ ଶିକ୍ଷକବୃନ୍ଦ ଆତ୍ମକଥନ ମାଧ୍ୟମରେ ବିଶେଷ ଅନୁପ୍ରାଣିତ ମୁହୂର୍ତ୍ତକୁ ସଂଜୀବିତ କରିପାରିଛନ୍ତି, ନୀଳକଣ୍ଠ ସେମାନଙ୍କ ମଧ୍ୟରେ ଅନ୍ୟତମ । ତେବେ ସେନାପତି ଫକୀରମୋହନ ଓ ତାଙ୍କ ପରବର୍ତ୍ତୀ ଆଉ କେତେଜଣ ଆତ୍ମଜୀବନୀକାର ଯେପରିଭାବରେ ତାଙ୍କ ଜୀବନର ପାପ-ପୁଣ୍ୟ, ଆଲୋକ -ଅନ୍ଧକାର, ଉତ୍ଥାନ -ପତନ, ସୁ ଓ କୁ ଅକୁଣ୍ଠିତ ଭାବରେ ପ୍ରକାଶ କରିପାରିଲେ, ସତ୍ୟବାଦୀର ସାଧକ ଗୋଦାବରୀଶ କିମ୍ବା ନୀଳକଣ୍ଠ ତାହା କରିପାରିନାହାନ୍ତି । ତା'ର କାରଣ ହୋଇପାରେ, ଫକୀରମୋହନ କିମ୍ବା ଗୋପାଳ ପ୍ରହରାଜ ଓଡ଼ିଆ ସାହିତ୍ୟ ପାଇଁ ଯେଉଁ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ, ସେ ଦୃଷ୍ଟିରୁ ତାଙ୍କ ଦୋଷଦୁର୍ବଳତାର ନିର୍ଭୀକ ସ୍ୱୀକାରୋକ୍ତି ପାଇଁ ଭବିଷ୍ୟତରେ ନିନ୍ଦିତ ହେବେନାହିଁ । ଏତକ ଆତ୍ମବିଶ୍ୱାସ ତାଙ୍କର ଥିଲା । ମାତ୍ର ପଣ୍ଡିତ ନୀଳକଣ୍ଠ ଅଥବା ଗୋଦାବରୀଶ ଭାରତର ସ୍ୱାଧୀନତା ସଂଗ୍ରାମ, ଓଡ଼ିଶାର ସ୍ୱତନ୍ତ୍ରତାଲାଭ, ଦଳୀୟ ରାଜନୀତିରେ ଅଂଶଗ୍ରହଣ ତଥା ପରିଶେଷରେ ପାରସ୍ପରିକ ଭୁଲ୍ ବୁଝାମଣାରେ ଲିପ୍ତ ରହିବାରୁ ନିଜସ୍ୱ ଦୋଷତ୍ରୁଟିକୁ ତାଙ୍କର ପୂର୍ବସୂରୀଙ୍କ ପରି ବିମଳ ହାସ୍ୟରସ ଓ ବ୍ୟଙ୍ଗବିଦ୍ରୂପ ମାଧ୍ୟମରେ ପ୍ରକାଶ କରିବାକୁ ସାହସ ପୋଷଣ କରିପାରିନାହାନ୍ତି ।

ପୁରୀ ଜିଲ୍ଲାର ଏକ ଆଚାରନିଷ୍ଠ, ନିମ୍ନବିଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ନୀଳକଣ୍ଠ ଜନ୍ମଗ୍ରହଣ କରିଥିଲେ ଓ ଫକୀରମୋହନ ଗୋଦାବରୀଶଙ୍କ ସଦୃଶ ଶିକ୍ଷାଲାଭ ନିମନ୍ତେ

Digitized by PPRACHIN, SOA

ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ, ବ୍ୟକ୍ତିଗତ ସାଫଲ୍ୟ ପାଇଁ ସଂଘର୍ଷରତ ଥିଲେ, ଶିକ୍ଷାଦାନକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ, ପାଠ୍ୟପୁସ୍ତକ ପ୍ରଣୟନରେ ମନୋନିବେଶ କରିଥିଲେ ଏବଂ ଶେଷରେ ଓଡ଼ିଶାର ଜାତୀୟଜୀବନ ସହିତ ସଂପୃକ୍ତ ହୋଇଥିଲେ ।

ଦ୍ୱିତୀୟତଃ ନୀଳକଣ୍ଠ ଫକୀରମୋହନଙ୍କ ପଦାଙ୍କ ଅନୁସରଣ କରି- "ମୋତେ ନିଜ ଜୀବନକଥା କହିବାକୁ ଅନୁରୋଧ କରାଯାଉଛି । କିନ୍ତୁ ଧାରାବାହିକ ଭାବେ ସେସବୁ କହିପାରିବା ଭଳି କିଛି ମୋ ପାଖରେ ସାମଗ୍ରୀ ନାହିଁ । ଯେତିକି କଥା ମନେପଡ଼ିବ, ତା ଭିତରୁ କିଛି କହିବି ।" (୧) ତେଣୁ ଏହି କହିବା କଥା ଭିତରେ ସେ ଆମୂଳାନ୍ତ ସମଗ୍ର 'ଆତ୍ମଜୀବନୀ'କୁ ୧୩୩ଟି ପରିଚ୍ଛେଦରେ ବିଭକ୍ତ କରିଥିଲେ ହେଁ ବସ୍ତୁତଃ ଏଥିରେ ୧୩୪ଟି ପରିଚ୍ଛେଦ ଅଛି ଏବଂ ପରିଶିଷ୍ଟ ଆକାରରେ ଆଉ କୋଡ଼ୋଟି ଘଟଣା ଓ ବ୍ୟକ୍ତିବିଶେଷଙ୍କର ସ୍ମୃତିଚାରଣ କରିଛନ୍ତି । ସମଗ୍ର ଆତ୍ମକଥନ ଭିତରେ ତାଙ୍କ ରାଜନୈତିକ ଜୀବନର ଶେଷପର୍ଯ୍ୟାୟ ଅର୍ଥାତ୍ ୧୯୬୨ ମସିହାଯାଏ ଚିତ୍ର ଉପସ୍ଥାପିତ ହୋଇଛି ।

ପ୍ରାରମ୍ଭରେ ବାଲ୍ୟଜୀବନ, ଆର୍ଥିକ ଦୁରବସ୍ଥା, ପୁରୀଜିଲ୍ଲାର ବ୍ରାହ୍ମଣଶାସନଗୁଡ଼ିକରେ ପ୍ରଚଳିତ ରକ୍ଷଣଶୀଳତା, ତତ୍କାଳୀନ ଶିକ୍ଷାପଦ୍ଧତି, ବହୁବିଧ ସାମାଜିକ କୁସଂସ୍କାର ଏବଂ ସର୍ବୋପରି ସ୍ୱୀୟ ପ୍ରତିଭା ଓ ଅଧ୍ୟବସାୟର କିଞ୍ଚିତ ଆତ୍ମପ୍ରଚାର ମଧ୍ୟରେ ସମସାମୟିକ କାଳର ଓଡ଼ିଶା ସମ୍ପର୍କରେ ଯେଉଁ କେତେଗୋଟି ସାହୂହିକ ଚିତ୍ର ପ୍ରଦାନ କରିଛନ୍ତି, ତାହାହିଁ ପଣ୍ଡିତଜୀଙ୍କ ଆତ୍ମଜୀବନୀର ଲକ୍ଷଣୀୟ ବିଷୟ ।

**ଇନ୍ଦ୍ରଧନୁ -ବିଜୁଳି ପ୍ରସଙ୍ଗ :**

ଓଡ଼ିଶାର ସଚେତନ ପାଠକବର୍ଗ ଅଳ୍ପାଧିକେ ଜାଣନ୍ତି ଯେ ୧୮୯୩ ମସିହାରେ ଯଥାକ୍ରମେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ କଟକରୁ 'ଇନ୍ଦ୍ରଧନୁ' ଓ ବାମଣ୍ଡାର ରାଜଧାନୀ ଦେବଗଡ଼ରୁ 'ବିଜୁଳି' ନାମକ ଦୁଇଟି ପତ୍ରିକା ପ୍ରକାଶଲାଭ କରି ପରେ ଶୋଚନୀୟ କଳହଲିପ୍ତ ହୋଇ ଅଯଥା ଶକ୍ତିର ଅପଚୟ ଘଟାଇଥିଲେ । ମୁଖ୍ୟତଃ 'ଇନ୍ଦ୍ରଧନୁ' ଓ 'ବିଜୁଳି' ବିବାଦ ପ୍ରାଚୀନ ସାହିତ୍ୟ ସମାଲୋଚନା ଓ ରାଧାନାଥୀୟ ସାହିତ୍ୟର ଉତ୍କର୍ଷ ପ୍ରତିପାଦନରେ ଲିପ୍ତ ଥିଲେ । ଏହି ସମୟରେ ପୁରୀ ଜିଲ୍ଲାସ୍କୁଲର ଛାତ୍ର ଗୋପବନ୍ଧୁ ଦାସ କବି ରାଧାନାଥଙ୍କ ସମ୍ପର୍କରେ 'ଇନ୍ଦ୍ରଧନୁ'ରେ ଯାହା ଲେଖିଥିଲେ, ତାହା ଥିଲା -

"ଧଡ଼ିଆ ପଣ୍ଡିତ ମନ୍ୟ
ବାଉରୀ ସାହିରେ ଶୃଗାଳ କେଶରୀ
ପରି ହେଉଥାନ୍ତି ଗଣ୍ୟ ।" (୨)

ନୀଳକଣ୍ଠଙ୍କ ଆତ୍ମଜୀବନୀ ଅନୁଯାୟୀ ସେତେବେଳେର ପୋର୍ଥକ୍ଲାସ (ଅଷ୍ଟମ ଶ୍ରେଣୀ)ର ଜଣେ ସ୍କୁଲ ଇନ୍‌ସପେକ୍ଟର ରାଧାନାଥଙ୍କୁ ଏତେବଡ଼ କଥା କହିଥିବାରୁ "ବହୁ କଷ୍ଟରେ ଶେଷରେ ଜୋରିମାନା ଦେଇ ସେବର୍ଷର ପ୍ରାଇଜ୍ ହରାଇ ଗୋପବନ୍ଧୁ ଦାସ ସେ

Digitized by PPRACHIN, SOA

ଘାଟି ଖସିଗଲେ ।" ଏଇଟା ଖୁବ୍ ସମ୍ଭବ ୧୮୯୫ ବା ୧୮୯୬ ଖ୍ରୀ.ଅ.ର କଥା । ପୁନଶ୍ଚ ଉକ୍ତ ପ୍ରସଙ୍ଗରେ ସତ୍ୟତାକୁ ସମର୍ଥନ କରି ଗୋପବନ୍ଧୁଙ୍କ ଶିକ୍ଷକ, ରାଜନୀତିକ ଗୁରୁ ଓ ପୁରୀ ଜିଲ୍ଲାସ୍କୁଲର ତତ୍କାଳିକ ଶିକ୍ଷକ ଦିବ୍ୟସିଂହ ମିଶ୍ରଙ୍କ ପୁତ୍ର ବିବୁଧେନ୍ଦ୍ର ମିଶ୍ର ଆଲୋଚନାଟିଏ ପ୍ରକାଶ କରିଛନ୍ତି । (୩) ମାତ୍ର ଅପରପକ୍ଷରେ ଓଡ଼ିଶାର ବିଶିଷ୍ଟ ସମାଲୋଚକ ଡକ୍ଟର ନଟବର ସାମନ୍ତରାୟ ଏହି ଲେଖାଟିର ସତ୍ୟତା ସମ୍ପର୍କରେ ସନ୍ଦେହ ପ୍ରକାଶ କରି କହିଛନ୍ତି – "ଆଲୋଚ୍ୟ ପଦଟି ଜଣେ ସବ୍‌ଜାନ୍ତା, ଜ୍ଞାନ- ଗର୍ବୀ, ରାଧାନାଥ ଖ୍ୟାତି ଅସହିଷ୍ଣୁ ପଣ୍ଡିତାଭିମାନୀର ମାନସସନ୍ତାନ; ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।" (୪) ମାତ୍ର ଏହା ସେତେବେଳେ ନୀଳକଣ୍ଠ ସ୍ୱଚକ୍ଷୁରେ 'ଇନ୍ଦ୍ରଧନୁ' ପୃଷ୍ଠାରେ ଦେଖିନଥିବେ । ତାଙ୍କୁ ସେତେବେଳେ ୯ ବର୍ଷ ବୟସ ହୋଇଥିବ ଏବଂ ଏହାର ସତ୍ୟତା ସମ୍ପର୍କରେ ଡକ୍ଟର ସାମନ୍ତରାୟ ଆଶଙ୍କା ପ୍ରକାଶ କରିଛନ୍ତି । (୫) କିନ୍ତୁ ଆମକୁ ଡକ୍ଟର ସାମନ୍ତରାୟଙ୍କ ମତ ମାନିନେବାକୁ ହେଲେ, ଆପାତତଃ ସ୍ୱୀକାର କରିବାକୁ ହେବ ନୀଳକଣ୍ଠଙ୍କ 'ଆତ୍ମଜୀବନୀ'ରେ ଓ ବିବୁଧେନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣରେ ପ୍ରଦତ୍ତ ତଥ୍ୟଟି ଭିତ୍ତିହୀନ ।

## ସତ୍ୟବାଦୀ ବନବିଦ୍ୟାଳୟ :

ଓଡ଼ିଶାର ସାମଗ୍ରିକ ଉନ୍ନତି କଥା ଚିନ୍ତା କରାଗଲାବେଳେ ଚିନ୍ତାନାୟକମାନେ ସତ୍ୟବାଦୀ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲେ ଏବଂ ମୁଖ୍ୟତଃ ସତ୍ୟବାଦୀ ବନବିଦ୍ୟାଳୟକୁ କେନ୍ଦ୍ରକରି ସେତେବେଳେ ତ୍ୟାଗ, ଆଦର୍ଶ, ଜାତୀୟତାବୋଧ ଓ ଓଡ଼ିଶାର ସାମୂହିକ ଉନ୍ନତି କଥା ହିଁ ଉତ୍‌ଥାପିତ ହେଉଥିଲା ।" ନଅଟି ବର୍ଷ ମାତ୍ର ସତ୍ୟବାଦୀ ସ୍କୁଲର ଆୟୁ; ୧୯୨୦ ରେ ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ଯଜ୍ଞରେ ପ୍ରତିଷ୍ଠାତା ଗୋପବନ୍ଧୁ ଏହାକୁ ଆହୁତି ଦେଲେ ।" (୬) ଏହାସତ୍ତ୍ୱେ ଏହି ଶିକ୍ଷାନୁଷ୍ଠାନଟି ସେତେବେଳେ ଭାରତର ଗଣ୍ୟମାନ୍ୟ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଚିନ୍ତାଶୀଳ ରାଜନୀତିଜ୍ଞ ଓ ତରୁଣ ଯୁବଶକ୍ତିମାନଙ୍କ ଉପରେ ବେଶ୍ କିଛି ପ୍ରଭାବ ବିସ୍ତାର କରିପାରିଥିଲା । ପଣ୍ଡିତ ନୀଳକଣ୍ଠ ଏହି ଅନୁଷ୍ଠାନରେ ଯୋଗଦେଲେ ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗ ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ । "ତା'ର କାରଣ ହେଉଛି, କେବଳ ତାଙ୍କର ମଧୁର ଓ ପ୍ରୀତିଶୀଳ ବ୍ୟବହାର ନୁହେଁ, ତା ଭିତରେ ଥାଏ ଭବିଷ୍ୟତର ପୁଣ୍ୟ ସାଧନା ଓ ଚରିତ୍ର ଗଠନ ସଙ୍ଗେ ଦେଶସେବା ।" (୭) ମାତ୍ର ସତ୍ୟବାଦୀ ବନବିଦ୍ୟାଳୟରେ କୃପାସିନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶ ପ୍ରତ୍ୟେକ ଉଚ୍ଚଶିକ୍ଷିତ ହୋଇଥିବା ହେତୁ ଏବଂ ପ୍ରତ୍ୟେକ ତିନିତିନି ବର୍ଷ ପ୍ରଧାନଶିକ୍ଷକ ହେବାକଥା ସ୍ଥିରହେବାରୁ ଆପାତତଃ ମନଫଟାଫଟି ଆରମ୍ଭ ହୋଇଗଲା । ପୁଣି ଏହି ଅନୁଷ୍ଠାନର ଦୁଇଟି ଶାଖା ଭାବେ ଚକ୍ରଧରପୁର ଓ ମେଦିନୀପୁରର ବାହାଡ଼ାଗୋଡ଼ାଠାରେ ଯେଉଁ ବିଦ୍ୟାଳୟ ସ୍ଥାପନ ପରିକଳ୍ପନା କରାଗଲା, ତାହା କ୍ରମଶଃ ଅସହଯୋଗ ଆନ୍ଦୋଳନ ବେଳକୁ ଏକ ବୃହତ୍ତର ଆନ୍ଦୋଳନର ଅଂଶ ଭାବରେ ଭାଙ୍ଗିଯିବାକୁ ଏକରକମ ବାଧ ହେଲା । ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ – "ସତ୍ୟବାଦୀର ସୀମିତ ପରିବେଶ ଭିତରୁ ଓଡ଼ିଶାର ବୃହତ୍ତର କର୍ମଭୂଇଁକୁ

Digitized by PPRACHIN, SOA

ଆମ୍ଭେମାନେ ଗୋଟିଏ ପରେ ଗୋଟିଏ ଖସିଲା ପରେ ସ୍କୁଲର ମୂଳ ଉଦ୍ଦେଶ୍ୟ ବୋହଲିଗଲା ।" (୮) ତେବେ ଦେଶକୁ ଏକ ନୂତନ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ଯେଉଁ ପ୍ରଚ୍ଛନ୍ନ ଅଭିପ୍ରାୟ ଏହି ଅନୁଷ୍ଠାନ ପରିକଳ୍ପନା ପଛରେ ନିହିତ ଥିଲା, ସେହି ଉଦ୍‌ଯୋଗ ପର୍ବର ଗୌରବାବହ ପରିଣତି ସେ ଅନୁଷ୍ଠାନ କିମ୍ବା ସେ ଅନୁଷ୍ଠାନର ପ୍ରତିଷ୍ଠାତା ଦେଖିପାରିଲେ ନାହିଁ ।

'ଉତ୍କଳ ସମ୍ମିଳନୀ'ର ସ୍ମୃତି :

୧୯୦୩ ମସିହାରେ କଟକଠାରେ ଆୟୋଜିତ 'ଉତ୍କଳ ସମ୍ମିଳନୀ'ର ସ୍ମୃତି ନୀଳକଣ୍ଠଙ୍କ ମାନସପଟ୍ଟରେ ସୁଦୂରପ୍ରସାରୀ । ଅନୁଭବର ସେ ସ୍ମୃତିକୁ ଯଥାର୍ଥ ଭାବରେ କାହା ଆଗରେ ଉପସ୍ଥାପିତ କରିବା ସମ୍ଭବ ନହେଲେ ମଧ୍ୟ ସେଦିନର ଚଞ୍ଚଳତା, ଉତ୍ସାହ, କିପରିଭାବେ କିଶୋର ନୀଳକଣ୍ଠଙ୍କୁ ଭାବବିହ୍ୱଳ କରିପାରେ ତାହା କହିବାକୁ ଯାଇ କହିଛନ୍ତି- "ଜାତୀୟ ଜୀବନର ସେ ନବୋନ୍ମେଷ ଆଜି ମୋର ପ୍ରାଣରେ ପ୍ରାଚୀନ ହେଲେ ମଧ୍ୟ ଜୀର୍ଣ୍ଣ ହୋଇନାହିଁ । ଜୀବନରେ ତାହାହିଁ ଯେପରିକି ମୋର ପ୍ରଥମ ଦୀକ୍ଷା ।" (୯)

ଉକ୍ତ ଦୀକ୍ଷାର ପରିଣତି ସ୍ୱରୂପ ମଧୁବାବୁଙ୍କର ଅନୁକରଣୀୟ ବାଗ୍ମୀତା, ସ୍ୱଦେଶୀ ବ୍ୟବହାର ପାଇଁ ଗଭୀର ନିବେଦନ ନୀଳକଣ୍ଠଙ୍କୁ ଭୀଷ୍ମଶପଥ ପାଇଁ ସଂକଳ୍ପବଦ୍ଧ କରାଇବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଜୀବନରେ 'ଉତ୍କଳ ସମ୍ମିଳନୀ'ର ସୁପରିଚାଳନା ଓ ଶୃଙ୍ଖଳାରକ୍ଷା ପାଇଁ ନୀଳକଣ୍ଠ ଯାହା କରିପାରିଲେ, ସେଥିପାଇଁ ମଧୁବାବୁଙ୍କ କଣ୍ଠରୁ ସ୍ୱତଃ ସ୍ଫୁରିତ ହେଲା- "Nilakantha your boys are fine," । ପୁନଶ୍ଚ ସେହି ମଧୁବାବୁ ଯେତେବେଳେ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନରେ ଆସିଲେ, ସେ ଗୋପବନ୍ଧୁଙ୍କୁ କହିଲେ, "ଗୋପବନ୍ଧୁ, ନାଳନ୍ଦାଟାଏ ଗଢ଼ିଦେଲୁ ।" ଗୋପବନ୍ଧୁ ନୀଳକଣ୍ଠଙ୍କୁ ଦେଖାଇ କହିଲେ, "ମୁଁ ନୁହେଁ ନୀଳକଣ୍ଠ ।" (୧୦)

'ଉତ୍କଳ ସମ୍ମିଳନୀ' ପୂର୍ବରୁ ନୀଳକଣ୍ଠଙ୍କ ମାନସପଟ୍ଟରେ ଫକୀରମୋହନଙ୍କ ସ୍ମୃତି ଉଜ୍ଜୀବିତ ଥାଏ ଯେ ବିଚ୍ଛିନ୍ନାଞ୍ଚଳରୁ ବିଶେଷକରି ମେଦିନୀପୁର ଅଞ୍ଚଳରୁ ମିଥ୍ୟା ପ୍ରଚାର, ଧମକ, ସରକାରଙ୍କ ଭୟ ଦେଖାଇ ଓଡ଼ିଆ ଅବଧାନମାନଙ୍କୁ ତଡ଼ିଦିଆଯାଇଥାଏ । ଫଳତଃ ୧୯୧୧ ବେଳକୁ ଅନାଶଙ୍କିତ ଭାବରେ ମେଦିନୀପୁରର ଓଡ଼ିଆ ଅଞ୍ଚଳରୁ ଓଡ଼ିଆଙ୍କ ସଂଖ୍ୟା ଶତକଡ଼ା ଅଶୀ -ନବେ ଭାଗ ଯାଏ କମିଯାଇଥିବା ବାଧିଥିଲା । ତେଣୁକରି ଗୋପବନ୍ଧୁଙ୍କ ତ୍ୟାଗ ଓ ତିତିକ୍ଷାର ପ୍ରଚ୍ଛନ୍ନ ଉତ୍ତାପ ତଥା ମଧୁବାବୁଙ୍କର ଗଭୀର ଆତ୍ମପ୍ରତ୍ୟୟଭାବ ନୀଳକଣ୍ଠଙ୍କ ମାନସପଟ୍ଟରେ ଗଭୀର ରେଖାପାତ କରିବା ସଙ୍ଗେ ସଙ୍ଗେ ନୀଳକଣ୍ଠଙ୍କ ଉପରେ ମଧୁବାବୁଙ୍କର ପ୍ରଚଣ୍ଡ ଆସ୍ଥା ମଧ୍ୟ ସ୍ଥାପିତ ହେଲା । ତାଙ୍କ ପରେ ନୀଳକଣ୍ଠ ହିଁ ଓଡ଼ିଶାର ସର୍ବବିଧ କଲ୍ୟାଣ ପାଇଁ ବ୍ରତୀ ହେବେ ବୋଲି ମଧୁବାବୁ ବିଶ୍ୱାସ କରିଥିଲେ ।

Digitized by PPRACHIN, SOA

**ସାହିତ୍ୟିକ ନୀଳକଣ୍ଠ :**

'ଦାସ ନାଏକ', 'ପ୍ରଣୟିନୀ', 'କୋଣାର୍କେ', 'ମାୟାଦେବୀ' ପ୍ରଭୃତି କାବ୍ୟ-କବିତାର କବି ନୀଳକଣ୍ଠ ମୁଖ୍ୟତଃ ଜଣେ ବାଗ୍ମୀ, ପଣ୍ଡିତ ଓ ଅସାଧାରଣ ଗଦ୍ୟଶିଳ୍ପୀ ଭାବରେ ସୁପରିଚିତ । ଓଡ଼ିଆ ଗଦ୍ୟସାହିତ୍ୟର ବିକାଶ ପର୍ଯ୍ୟାୟରେ ନୀଳକଣ୍ଠ ଜଣେ କ୍ରାନ୍ତିକାରୀ ପୁରୁଷ । ତାଙ୍କ ବିଚାର ଅନୁଯାୟୀ ମିସ୍‌ନାରୀ ପ୍ରଚାରକମାନେ ଲୋକମାନଙ୍କ କଥିତ ଭାଷାକୁ ଅଗ୍ରାଧିକାର ଦେଇ ଯେଉଁ ଅନୁବାଦର ଧାରା ପ୍ରଚଳନ କରିବାକୁ ଚାହୁଁଥିଲେ, ତାହା ହୁଏତ କାନକୁ ଭଲ ଶୁଭୁନଥାଇପାରେ; କିନ୍ତୁ ସେ ବାଟରେ ବିକାଶ ହୋଇଥିଲେ ଓଡ଼ିଆ ଭାଷା ଯଥାର୍ଥ ଉନ୍ନତି କରିପାରିଥାଆନ୍ତା । "ମାତ୍ର ଓଡ଼ିଶାର ଭାଷା ଓ ସାହିତ୍ୟର ବିକାଶ ଏ ଯୁଗରେ ବର୍ଷାକାଳରେ ଶରତର ଉଜ୍ଜ୍ୱଳ ମେଘଖଣ୍ଡ ପରି ଆପାତତଃ ସୁନ୍ଦର ହେଲେ ମଧ୍ୟ ଶୁଭଙ୍କର ହୋଇନାହିଁ । ଏପରିକି ମନସ୍ୱୀ ଫକୀରମୋହନଙ୍କ ପରି ଯଥାର୍ଥ ଓଡ଼ିଆ ଭାଷାରେ କୃତୀ ଲେଖକ ମଧ୍ୟ ସେ ଯୁଗରେ ପ୍ରଭାବ ବିସ୍ତାର କରିପାରିନାହାନ୍ତି ।" (୧୧)

ସୁତରାଂ ଓଡ଼ିଆ ଗଦ୍ୟସାହିତ୍ୟକୁ ନୂତନ ରୂପରେଖ ଦେବା ନିମନ୍ତେ ପ୍ରଥମେ ସାମନ୍ତ ଚନ୍ଦ୍ରଶେଖରଙ୍କ ସମ୍ପର୍କରେ ଯେଉଁ ପ୍ରବନ୍ଧଟି ସେ ଲେଖିଥିଲେ, ତାହା କ୍ରମବିକାଶ ଲାଭ କରି ପରବର୍ତ୍ତୀ କାଳରେ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ', 'ଆର୍ଯ୍ୟଜୀବନ', 'ଗୀତା ମାହାତ୍ମ୍ୟ' ବେଳକୁ ପରିପୂର୍ଣ୍ଣତା ଲାଭ କରିଥିଲା । ଏଣୁ ନିଜର ଗଦ୍ୟଶୈଳୀ ସମ୍ପର୍କରେ ତାଙ୍କର ନିଜସ୍ୱ ଅଭିମତ ହେଉଛି- "କହିଦିଏଁ ମୁଁ ଲେଖିବା ପୂର୍ବରୁ ଅତି ଘରୋଇ ଭାଷାରେ ସୁନ୍ଦର ସୁରୁଚିସମ୍ପନ୍ନ କରି ଲେଖିବାଟା ଓଡ଼ିଶାରେ ପ୍ରାୟ ଆରମ୍ଭ ହୋଇନଥିଲା । ୧୯୨୧ରେ 'ପିଲାଙ୍କ ରାମାୟଣ'ରେ ମୁଁ ପ୍ରଥମେ ଆରମ୍ଭ କଲି ।"

**ଲିପି ସଂସ୍କାର :**

କେବଳ ସେତିକି ନୁହେଁ, ଓଡ଼ିଆ ଭାଷାର କଥନଶୈଳୀକୁ ଅନୁସରଣ କରି ଲିଖନ ପଦ୍ଧତି ପ୍ରଚଳିତ ହୋଇନଥିବାରୁ ନୀଳକଣ୍ଠ ଓଡ଼ିଆ ଲିପି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନର କଳ୍ପନା କରି ତାହାକୁ ନିଜେ କାର୍ଯ୍ୟରେ ପରିଣତ କରିଥିଲେ । ତାଙ୍କର ଯୁକ୍ତି ଥିଲା - "ଆମେ ଉଚ୍ଚାରଣ କଲାବେଳେ 'ନୀଳକଣ୍ଠ' କହି ଲେଖିବାବେଳେ 'ନୀଳକଣ୍ଠ' ଲେଖିବାର ତାତ୍ପର୍ଯ୍ୟ କେଉଁଠି ? ସବୁ ଓଡ଼ିଆ ଯୁକ୍ତାକ୍ଷର ସମ୍ବନ୍ଧରେ ମୋର ଏଇ ମତ । ପୁଣି ଉଚ୍ଚାରଣରେ 'ସ', 'ଷ', 'ଶ'ର ପାର୍ଥକ୍ୟ ବାରିନପାରି ମୁଁ ବହୁତ ଦିନୁ 'ନୀଳକଂଠ ଦାସ' ଲେଖିଆସୁଚି ।" (୧୨)

ସେତେବେଳେ ତାଙ୍କର ଏହି ଲିପିସଂସ୍କାରର ପ୍ରତିବାଦ 'ଉତ୍କଳସାହିତ୍ୟ' ପତ୍ରିକାରେ କରାଯାଇଥିଲା ଏବଂ ପ୍ରତିବାଦ କରିଥିଲେ ଗୋପାଳଚନ୍ଦ୍ର ପ୍ରହରାଜ ଓ ପଣ୍ଡିତ ମୃତ୍ୟୁଞ୍ଜୟ ରଥ । କିନ୍ତୁ ପରବର୍ତ୍ତୀ କାଳରେ ଓଡ଼ିଆ ଟାଇପ୍ ରାଇଟର୍‌ର ପ୍ରଚଳନ ଓ ମୁଦ୍ରାଯନ୍ତ୍ରର ଆଧୁନିକୀକରଣ ବେଳେ ତାହା ଉପଯୋଗିତାକୁ ଅସ୍ୱୀକାର କରାଯାଇନପାରେ ।

Digitized by PPRACHIN, SOA

**ଭାକ୍ତିକ ମିଥ୍ୟାର ପ୍ରଚଣ୍ଡ ପ୍ରତିବାଦ :**

"ପିଲାଦିନୁ ଧର୍ମବିଶ୍ୱାସ ଓ ତଦନୁଗତ କ୍ରିୟାସବୁ ପ୍ରତି ବୋଧହୁଏ ମୋର ଟିକିଏ ସମାଲୋଚନା ଦୃଷ୍ଟି ଥାଏ।" ନୀଳକଣ୍ଠଙ୍କ ପ୍ରାରମ୍ଭିକ ଜୀବନର ଏହି ସ୍ୱୀକାରୋକ୍ତି ପରବର୍ତ୍ତୀ ଜୀବନରେ ମହାଭାରତ ମହାପୁରାଣର ଶ୍ରୀକୃଷ୍ଣଙ୍କ ଚରିତ ସମ୍ପର୍କରେ ଅଧ୍ୟୟନ ବେଳକୁ ପ୍ରଚଣ୍ଡ ପ୍ରତିବାଦରେ ରୂପାନ୍ତରିତ ହୋଇଛି। ଏଣୁ ୧୯୧୬/୧୭ ବେଳକୁ ପଣ୍ଡିତ ଗୋପବନ୍ଧୁଙ୍କୁ ଧରି ସେ ସଂସ୍କୃତ ପଣ୍ଡିତ ଭୁବନେଶ୍ୱର ରଥଙ୍କ ଠାରୁ ମହାଭାରତ ଶୁଣି ଶ୍ରୀକୃଷ୍ଣଙ୍କୁ ଘୋର ଲାମ୍ପଟାଗ୍ରସ୍ତ କାମୁକ ଚରିତ୍ର ଛଡ଼ା ଅନ୍ୟ କିଛି ବୋଲି ବିଚାର କରିପାରିନାହାନ୍ତି। ସେହିପରି ସାକ୍ଷୀଗୋପାଳ ଆଖ୍ୟାୟିକା ୧୭୯୯ ମସିହା ପରେ 'ଦାର୍ଢ୍ୟତାଭକ୍ତି'ରେ ଛୋଟବିପ୍ର ଓ ବଡ଼ବିପ୍ର ବୋଲି ଲେଖାହୋଇ ଯୋଡ଼ିଦିଆଗଲା ତଥା 'ଧର୍ମପଦ' (ଗୋପବନ୍ଧୁ ଦାସଙ୍କ କୃତ ) ପ୍ରସଙ୍ଗରେ ବିଶୁ ମହାରଣା ଓ ଧର୍ମପଦ କଥା ଗୋପବନ୍ଧୁ ଭର୍ତ୍ତି କରୁଛନ୍ତି ବୋଲି କହି ତାହା ଘୋର ପୌରାଣିକ ମିଥ୍ୟାରେ ପୂର୍ଣ୍ଣ ବୋଲି ଦର୍ଶାଇଛନ୍ତି। (୧୩)

ପୁନଶ୍ଚ, ଏସବୁ ଭାକ୍ତିକ ମିଥ୍ୟାକୁ ଅତିକ୍ରମ କରି କୃଷ୍ଣ, ବୁଦ୍ଧ, ଯୀଶୁ ପ୍ରଭୃତିଙ୍କ ନାମରେ ଧର୍ମ ଠିଆ କରାଇଲେ ତାହା କଦାପି ସମସ୍ତ ମାନବସମାଜର ଧର୍ମ ହେବନାହିଁ ବୋଲି ମତ ଦେଇଛନ୍ତି। ଅଧିକନ୍ତୁ ଅତ୍ୟନ୍ତ ସ୍ପଷ୍ଟବାକ୍ ନୀଳକଣ୍ଠ ତାଙ୍କର ଦୀକ୍ଷାଗୁରୁ ଗୋପବନ୍ଧୁଙ୍କ ସମ୍ପର୍କରେ ସର୍ବଦା ଅତି ଉଚ୍ଚ ଅଭିମତ ପୋଷଣ କରିଥିଲେ ମଧ୍ୟ ଗୋପବନ୍ଧୁଙ୍କର ବନ୍ୟାକ୍ଲିଷ୍ଟ ଲୋକଙ୍କ ପାଖରେ ଏକମାତ୍ର ପୁତ୍ରକୁ ରୋଗଶଯ୍ୟାରେ ଛାଡ଼ି ଯିବା ପ୍ରସଙ୍ଗ ସମ୍ପୂର୍ଣ୍ଣ ଅମୂଳକ ବୋଲି କହିଛନ୍ତି। କାରଣ ୧୯୦୪ ରେ ଗୋପବନ୍ଧୁଙ୍କ ଏକମାତ୍ର ପୁତ୍ର ମୃତ୍ୟୁବରଣ କରେ ଓ ୧୯୦୮ ପୂର୍ବରୁ ଗୋପବନ୍ଧୁ ବନ୍ୟାଦୁର୍ଗତଙ୍କ ପାଖକୁ ଯାଇପାହାନ୍ତି। (୧୪) ବରଂ ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ପ୍ରବନ୍ଧାନୁସରଣରେ କବି ରାଧାମୋହନ ଗଡ଼ନାୟକ ଯେଉଁ ଗାଥାକବିତା ଲେଖିଥିଲେ, ତାହାକୁ ଅତ୍ୟନ୍ତ ଅଭ୍ରାନ୍ତ ସତ୍ୟ ବୋଲି ଧରିନିଆଯାଇଛି।

**ଶିକ୍ଷକ ନୀଳକଣ୍ଠ :**

ନୀଳକଣ୍ଠ ଯଥାର୍ଥତଃ ଜଣେ ଯୋଗ୍ୟ ଶିକ୍ଷକ। ବେଶପୋଷାକରେ ସରଳତା, ନିରାଡ଼ମ୍ବର ବ୍ୟବହାର, ଗଭୀର ଆତ୍ମବିଶ୍ୱାସ, ବିଦ୍ୟା ଓ ବିନୟର ଅଦ୍ଭୁତ ସମ୍ମିଶ୍ରଣରେ ଛାତ୍ରଗୋଷ୍ଠୀ ତିଆରି କରିବାକୁ ଦୃଢ଼ସଂକଳ୍ପ ନୀଳକଣ୍ଠ ପିଲାଙ୍କୁ ଭଲମଣିଷ କରିବା ଉଦ୍ଦେଶ୍ୟରେ କହୁଥିଲେ - "ମୁଁ ତ ସବୁଦିନ ଦୋଷ ପାଇଁ ନିଷ୍ଠୁର ହୁଏ, ତେଣୁ ପିଲାଏ ଭୟରେ ମୋ ଆଗରେ ସିଧା ଚାଲିପାରନ୍ତିନାଇଁ।" ଅଥଚ ପିଲାଙ୍କୁ ଛାତ୍ରାବାସରେ ଯାବତୀୟ କାର୍ଯ୍ୟରେ ଲିପ୍ତ କରିବା ସଙ୍ଗେ ସଙ୍ଗେ ପ୍ରତିଭାର ଭୂୟୋବିକାଶ ପାଇଁ ସେ ଯେତିକି ସଚେତନ ଥିଲେ, ଶିକ୍ଷକମାନଙ୍କର ସାମାନ୍ୟ ଦୋଷ ଦେଖିଲେ ସେ ସେତିକି କଠୋର

Digitized by PPRACHIN, SOA

ହେଉଥିଲେ । ଥରେ ଜଣେ ନୂତନ ଶିକ୍ଷକ କହିପକାଇଲେ – "Any word ending with 'LY' is an adverb" ଏବଂ ତାଙ୍କୁ ଜଣେ ଛାତ୍ର ପଚାରିଲେ "Italy and Cicily ମଧ୍ୟ adverb?" ଏହି ଶିକ୍ଷକଙ୍କୁ ସତ୍ୟବାଦୀ ଛାଡ଼ି ଚାଲିଯିବାକୁ ନୀଳକଣ୍ଠ ଆଦେଶ ଦେବାକୁ କୁଣ୍ଠିତ ହୋଇନଥିଲେ । (୧୫) ସେ ପୁଣି କର୍ତ୍ତବ୍ୟ ପାଖରେ ଯେତିକି ନିଷ୍ଠୁର, କୃତିତ୍ୱ ପାଖରେ ସେତିକି ନିଷ୍କପଟ ।

**ସଂସ୍କାରକ ନୀଳକଣ୍ଠ :**

ନୀଳକଣ୍ଠଙ୍କ ଆତ୍ମଜୀବନୀ ତାଙ୍କ ସଂସ୍କାର ମନୋବୃତ୍ତିର ଏକ ଉଜ୍ଜ୍ୱଳ ଆଲେଖ୍ୟ । ପାଦ୍ରୀଙ୍କ ଗୀର୍ଜାରେ ଉପାସନା ଶୁଣିବା ପାଇଁ ଯେଉଁ ଉତ୍କଣ୍ଠା, ଗୋପବନ୍ଧୁଙ୍କ ସପ୍ତାଙ୍ଗ ଭାଗବତ ପାଠ ନିକଟରେ ମଧ୍ୟ ସେତିକି ତନ୍ମୟତା ତାଙ୍କର ଥିଲା । ଠିକ୍ ସେମିତି ବିବାହରେ ଯୌତୁକ ଗ୍ରହଣ ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରିବା, ଶାସନୀ ବ୍ରାହ୍ମଣ ହୋଇ ମଧ୍ୟ ବ୍ରାହ୍ମଣ ସମାଜରେ ଥିବା କୁସଂସ୍କାର ଦୂର ପାଇଁ ସ୍ୱର ଉତ୍ତୋଳନ କରିବା, ନିଶ ଆନ୍ଦୋଳନ କରିବା ସଙ୍ଗେ ସଙ୍ଗେ ଜାତି, ଧର୍ମ, ବର୍ଣ୍ଣ ଉଠାଇଦେବା ପାଇଁ ଥିଲା ତାଙ୍କର ଏକ ବିରାଟ ସାମାଜିକ ଆନ୍ଦୋଳନ ।

ପରେ ଏହାର ବିକଶିତ ରୂପାନ୍ତର ହେଉଛି, 'ଉତ୍କଳ ସାହିତ୍ୟ'ରେ ତାଙ୍କର ପ୍ରକାଶିତ ଲେଖା – 'ନୀତି ଓ ପ୍ରକୃତି', 'ଆମର ଥିଲା କାରଣ ଥାଇପାରେ' ଓ 'ଅଛୁ ଓ ହେବୁ' ଇତ୍ୟାଦି ପ୍ରବନ୍ଧମାନ । ଫଳତଃ ଅଭିଭାବକମାନେ ତାଙ୍କୁ ଦେଖିବାକୁ ଆସୁଥିବାବେଳେ ସମାଜମୁଖ୍ୟମାନେ ଦଳବାନ୍ଧି ଯୁକ୍ତି କରିବାକୁ ଆସୁଥିଲେ ।

**ରାଜନୈତିକ ଜୀବନ :**

୧୯୨୧ରେ ଅସହଯୋଗ ଆନ୍ଦୋଳନର ଆହ୍ୱାନ, ୧୯୨୩ରେ ଗାନ୍ଧିଜୀଙ୍କର ଉତ୍କଳରେ ପଦଯାତ୍ରା ଓ ଗୋପବନ୍ଧୁଙ୍କର ଏଥିରେ ଯୋଗଦାନ ପରେ ନୀଳକଣ୍ଠ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ଉଚିତ ମନେକଲେ ଓ ଜେଲ୍‌ଗଲେ । ଜେଲ୍‌ରୁ ଫେରି ଶୁଣିଲେ, ଦ୍ୱିତୀୟ ଝିଅଟି ମରିଯାଇଛି । ତଥାପି ଅବିଚଳିତ ପୁରୁଷ ନୀଳକଣ୍ଠଙ୍କର କୌଣସି ଭାବାନ୍ତର ଲକ୍ଷ୍ୟ ନକରି ଜଟଣୀ ଷ୍ଟେସନରେ କନେଷ୍ଟବଳଟିଏ ପଚାରିଛି, ତୁମେ ଦେବତା ନା ମଣିଷ ? ଝିଅ ମରିବା କଥା ବି ଭୁଲିଗଲା ।

ନୀଳକଣ୍ଠ ହଜାରିବାଗ ଜେଲ୍‌ରେ ଆଚାର୍ଯ୍ୟ କୃପାଳିନୀ, ରାଜେନ୍ଦ୍ରପ୍ରସାଦ ପ୍ରମୁଖଙ୍କ ସହିତ ରହିଛନ୍ତି ଓ ସେହି ଅବକାଶରେ 'ରଘୁବଂଶ'ର ଓଡ଼ିଆ ଅନୁବାଦ, ଓଡ଼ିଆ ବ୍ୟାକରଣ ଶିକ୍ଷାଦେବା, ଗୀତା ଉପରେ ଭାଷ୍ୟ ଲେଖିବା ଭଳି ମହତ୍ କାମ କରିଛନ୍ତି । ପରେ ଦଳୀୟ ରାଜନୀତି ସହିତ ସଂଶ୍ଳିଷ୍ଟ ହୋଇ ୧୯୨୪ରୁ ୪୫ ଯାଏ କେନ୍ଦ୍ରୀୟ ଆସେମ୍ବିଲ୍ ତଥା ପରେ ଓଡ଼ିଶା ବିଧାନସଭାର ସଭ୍ୟ ରହିଛନ୍ତି ଓ ପରେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଛନ୍ତି । ୧୯୬୧ ବେଳକୁ ଆଉ ଦଳୀୟ ଟିକେଟ୍ ପାଇନାହାନ୍ତି ଓ ବୃଦ୍ଧ ହେଲେ

Digitized by PPRACHIN, SOA

ଅବାଞ୍ଛିତ ହୋଇପଡ଼ିବା ଦୁନିଆର ରୀତି ବୋଲି ଭାବିଛନ୍ତି – ମାତ୍ର ଡକ୍ଟର ଜନ ଭିକ୍ଟର ବୋଲ୍‌ଟନ୍ ଭିନ୍ନ ମତ ପୋଷଣ କରି କହିଛନ୍ତି – "Nilakantha Dasa retired but only because he finally failed in his late seventies to get re-elected. His autobiography ends with a feeilng of his being no longer wanted, despite his eager willingness to continue the political fight." (୧୬)

ନୀଳକଣ୍ଠଙ୍କ ଆତ୍ମଜୀବନୀ – ଏକ ଆକଳନ :

ସତ୍ୟବାଦୀ ବିଦ୍ୟାଳୟର ଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରୁ ଶିକ୍ଷକ ଭାବରେ ଗୋଦାବରୀଶ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ, ନୀଳକଣ୍ଠ 'ଆତ୍ମଜୀବନୀ' ଏବଂ ଛାତ୍ର ଭାବରେ ଚନ୍ଦ୍ରଶେଖର ମିଶ୍ର 'ସତ୍ୟବାଦୀରେ ସାତବର୍ଷ, 'ଚିନ୍ତାମଣି ମିଶ୍ର 'ଅର୍ଦ୍ଧଶତାବ୍ଦୀର ଅନୁଭୂତି' ଓ ରାମକୃଷ୍ଣ ନନ୍ଦ 'ଜୀବନ ତରଙ୍ଗ' ପ୍ରମୁଖ ସ୍ୱୀୟ ଆତ୍ମଚରିତ ଲେଖିଯାଇଛନ୍ତି । ଅସମ୍ପୂର୍ଣ୍ଣ ହେଲେ ମଧ ଗୋଦାବରୀଶଙ୍କ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଏକ ଉଚ୍ଚକୋଟୀର ସାରସ୍ୱତ ସମ୍ପଦ । ନୀଳକଣ୍ଠଙ୍କ ଆତ୍ମଚରିତରେ ଧାରାବାହିକତା ରକ୍ଷା କରାଯାଇପାରିବନାହିଁ, କେତୋଟି ଘଟଣା ଓ ପ୍ରସଙ୍ଗର ପୁନରାବୃତ୍ତି ଘଟିଛି, ମାତ୍ର ସ୍ମୃତିଚାରଣ ଭିତରେ ଓଡ଼ିଶା ଓ ଭାରତର ବହୁ ଯୋଗଜନ୍ମା ପୁରୁଷଙ୍କ ସମ୍ପର୍କରେ ସ୍ପଷ୍ଟ ଓ ନିର୍ଭୀକ ଅଭିମତ ଖୁବ୍ ଆକର୍ଷଣୀୟ ହୋଇଛି । ଏହି ପର୍ଯ୍ୟାୟ ଭିତରେ ଗୋପବନ୍ଧୁ, କୃପାସିନ୍ଧୁ, ଆଚାର୍ଯ୍ୟ ହରିହର, ମଧୁବାବୁ, ଫକୀରମୋହନ, ମହତାବ, ବେନୁଗୋପାଳ ଆଚାରୀ, ଅନନ୍ତ ମିଶ୍ର ପ୍ରମୁଖଙ୍କ ସମ୍ପର୍କରେ ନିଜର ସ୍ପଷ୍ଟ ମତ ପ୍ରଦାନ କରିଛନ୍ତି । ସତୀର୍ଥ ସହକର୍ମୀ ଗୋଦାବରୀଶଙ୍କ ଇଂରାଜୀ ଉଚ୍ଚାରଣର ଦକ୍ଷତା, ଗୀତିକବିତା ରଚନା କ୍ଷେତ୍ରରେ ଅଦ୍ୱିତୀୟ ସାମର୍ଥ୍ୟ, ଆଳାପ, ଆହାର, ବ୍ୟବହାରରେ ଉନ୍ନତ ସଦାଚାରପଣିଆ ସତ୍ତ୍ୱେ ତାଙ୍କ ରୁକ୍ଷ ମାନସିକତା ଓ ଅର୍ଥଲୋଲୁପତାକୁ କଠୋର ସମାଲୋଚନା କରିଛନ୍ତି ।

ସ୍ଥଳବିଶେଷରେ ନୀଳକଣ୍ଠ କହିଛନ୍ତି – ଗୋଦାବରୀଶଙ୍କ 'ପୁରୁଷୋତ୍ତମ ଦେବ' ନାଟକରେ ଥିବା "ରଂଜିତ ଅସିଧାରେ...." କବିତାର ଲେଖକ ସେ ନିଜେ ଓ କୃପାସିନ୍ଧୁଙ୍କ 'ବାରବାଟୀ ଦୁର୍ଗ' ଦ୍ୱିତୀୟ ସଂସ୍କରଣର ସ୍ରଷ୍ଟା ସେ । ତେବେ ନୀଳକଣ୍ଠ ଗୋଦାବରୀଶଙ୍କଠାରୁ ଅଧିକ ସ୍ପଷ୍ଟବାକ୍ ଏଥିରେ ଦ୍ୱିମତର ଅବକାଶ ନାହିଁ ।

ନୀଳକଣ୍ଠ ଓ ଗୋଦାବରୀଶଙ୍କ ସାହିତ୍ୟିକ ପ୍ରତିଭା ହିଁ ତାଙ୍କ ଆତ୍ମଜୀବନୀକୁ ବିଶେଷ-ମର୍ଯ୍ୟାଦା ପ୍ରଦାନ କରିଛି । ଏ ସମ୍ପର୍କରେ ବୋଲ୍‌ଟନ୍ କହନ୍ତି – "Thanks to their literary gifts, to their objectivity and acute powers of observation, their autobiographies attained a literary merit, quite independent of the fame and stature of their authors." (୧୭).

Digitized by PPRACHIN, SOA

ଓଡ଼ିଶାର ଶିକ୍ଷା, ସାହିତ୍ୟ, ରାଜନୀତି, ସମାଜସଂସ୍କାର, ସେବା ଓ ତ୍ୟାଗ କ୍ଷେତ୍ରରେ ଅସାଧାରଣ ସବ୍ୟସାଚୀତ୍ୱ ପ୍ରଦର୍ଶନ କରିଥିବା ପଣ୍ଡିତ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱର ବାସ୍ତବ ପ୍ରତିଫଳନ ତାଙ୍କର 'ଆତ୍ମଜୀବନୀ' । କହିବା ନିଷ୍ପ୍ରୟୋଜନ, ଓଡ଼ିଆ ଆତ୍ମଚରିତ ସାହିତ୍ୟ କ୍ଷେତ୍ରରେ ଏହା ଏକ ବିଶେଷ ମାଇଲ୍‌ଷ୍ଟୋନ୍ ।

ପାଦଟୀକା :

୧. ଦାସ ନୀଳକଂଠ -ନୀଳକଂଠ ଗ୍ରଂଥାବଳୀ, ୧ମ ଖଣ୍ଡ, ପୃ -୧
୨. ତତ୍ରୈବ, ପୃ -୧୭
୩. ମିଶ୍ର ବିବୁଧେନ୍ଦ୍ର -ସ୍ମୃତିରୁ ଖିଏ, ନୀଳକଂଠ ସ୍ମାରକୀ, ପୃ -୨୭ ।
୪. ସାମନ୍ତରାୟ ଡକ୍ଟର ନଟବର - ଧଡ଼ିଆ ପଣ୍ଡିତ ମନ୍ୟ, ଝଙ୍କାର, ଜୁନ୍, ୧୯୮୪, ପୃ -୨୬୬
୫. ତତ୍ରୈବ, ପୃ -୨୬୬
୬. ଷଡ଼ଙ୍ଗୀ ଉଦୟନାଥ - ଗୋପବନ୍ଧୁ, ସତ୍ୟବାଦୀ ଓ ସମାଜ, କୋଣାର୍କ, ଗୋପବନ୍ଧୁ ବିଶେଷାଙ୍କ - ୧୯୭୨, ପୃ -୧୨
୭. ଦାସ ନୀଳକଂଠ - ନୀଳକଂଠ ଗ୍ରଂଥାବଳୀ , ୧ମ ଭାଗ, ପୃ -୩୮
୮. ତତ୍ରୈବ, ପୃ -୨୫
୯. ତତ୍ରୈବ, ପୃ -୨୬
୧୦. ତତ୍ରୈବ, ପୃ -୩୧
୧୧. ତତ୍ରୈବ, ପୃ -୬୦
୧୨. ତତ୍ରୈବ, ପୃ -୯୩
୧୩. ତତ୍ରୈବ, ପୃ -୧୦୯
୧୪. ତତ୍ରୈବ, ପୃ -୭୩
୧୫. ତତ୍ରୈବ, ପୃ -୯୯
୧୬. Boulton, Dr.J.V.- Autobiography in Oriya, P-91
୧୭. Ibid, P-90

Digitized by PPRACHIN, SOA

# ଦେଶହିତୈଷୀ ପଣ୍ଡିତ ନୀଳକଣ୍ଠ

ଡ. ପୁଷ୍ପରେଣୁ ଜେନା

ପୁରୀ ଜିଲ୍ଲା ସତ୍ୟବାଦୀ ନିକଟସ୍ଥ ଶ୍ରୀରାମପୁର ଶାସନରେ ଆନନ୍ଦ ଦାସଙ୍କ ଔରସରୁ ଏବଂ ଭାରାଦେବୀଙ୍କ ଗର୍ଭରୁ ସାତଟି କନ୍ୟା ଜନ୍ମ ନେଲା ପରେ, ପୁଅଟିଏ କାମନା କରି ଉଭୟେ ସ୍ୱାମୀ ସ୍ତ୍ରୀ ନୀଳକଣ୍ଠ ମହାଦେବଙ୍କର ଶରଣାପନ୍ନ ହୋଇଥିଲେ । ମହାଦେବଙ୍କ କୃପାରୁ ୧୮୮୪ ମସିହା ଅଗଷ୍ଟ ପାଞ୍ଚ ତାରିଖରେ ସେମାନଙ୍କ କୋଳମଣ୍ଡନ କଲା ପୁଅଟିଏ । ନିଜ ଇଷ୍ଟ ଦେବତାଙ୍କ ନାମାନୁସାର ବାପା-ମା' ସେହି ପୁଅର ନା ରଖିଲେ ନୀଳକଣ୍ଠ ।

ବିଦ୍ୟାଳୟ ସ୍ତରରୁ ନୀଳକଣ୍ଠ ଥିଲେ ଅତ୍ୟନ୍ତ ବିଚକ୍ଷଣ ଏବଂ ଦୁଃସାହସୀ । ପାଠପଢ଼ା ସହିତ ଅନ୍ୟାନ୍ୟ ସମାଜ କଲ୍ୟାଣ କାର୍ଯ୍ୟକୁ ସେ ଅତି ଆଦର ସହକାରେ ସମାପନ କରୁଥିଲେ । ନୀଳକଣ୍ଠଙ୍କର ଜାଣିବାର ସ୍ପୃହା ଥିଲା ଅସୀମ । ପିଲାଟି ଦିନରୁ ମାନବ ସେବାକୁ ଜୀବନର ପ୍ରକୃତ ଆଭିମୁଖ୍ୟ ବୋଲି ତାଙ୍କର ଦୃଢ଼ ଧାରଣା ଥିଲା । ରୋଗୀ ସେବା ପ୍ରତି ଥିଲା ଦୁର୍ଲଭ ଆନ୍ତରିକତା । ତେଣୁ ରାତି ରାତି ଉଜାଗର ରହି ଜାତି ବର୍ଣ୍ଣ ନିର୍ବିଶେଷରେ ସେ ରୋଗୀମାନଙ୍କର ସେବା କରୁଥିଲେ ଏବଂ ସେମାନଙ୍କ ମନରେ ନୂତନ ଆଶା ସଂଚର କରାଇ ପାରୁଥିଲେ । ରୋଗୀ ସେବା କରିବାରେ ତାଙ୍କର କେବେ ହେଲେ କାର୍ପଣ୍ୟ ନଥିଲା କି ରୋଗ ପ୍ରତି ତିଳେହେଲେ ଭୟ ନଥିଲା ।

ଆଜନ୍ମ ବିପ୍ଳବୀ ନୀଳକଣ୍ଠ ପ୍ରଚଳିତ ସମାଜର ନାନା ବିଧ କୁସଂସ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ । କାରଣ ସେ ଜାଣିଥିଲେ କୁସଂସ୍କାର ହିଁ ସମାଜ ଜୀବନରେ ଅବକ୍ଷୟ ଆଣିବା ସହିତ ସମାଜଜୀବନକୁ କରେ ବିଷାଦଗ୍ରସ୍ତ । ଏଣୁ କୁସଂସ୍କାର ମୁକ୍ତ ସମାଜ ଥିଲା ତାଙ୍କର ଏକାନ୍ତ ଲକ୍ଷ୍ୟ । ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପାରମ୍ପରିକ ଆଚାର ବିଚାରକୁ ଲୋକେ ଅକୁଣ୍ଠ ଚିତ୍ତରେ ଗ୍ରହଣ କରିବା ପ୍ରକ୍ରିୟାକୁ ସେ ନିନ୍ଦା କରୁଥିଲେ । ସୁସ୍ଥ ଏବଂ ସମୃଦ୍ଧ ସମାଜ ଗଠନ କରିବାକୁ ହେଲେ କୁସଂସ୍କାର ଓ ଅନ୍ଧବିଶ୍ୱାସର ମୂଳୋତ୍ପାଟନ କରିବା ନିତାନ୍ତ ଆବଶ୍ୟକ । ତେଣୁ ଏହାର ମୂଳୋତ୍ପାଟନ ପାଇଁ ଦୃଢ଼ ପଦକ୍ଷେପ ନେବାରେ ସେ ହେଳା କରୁନଥିଲେ । ତାଙ୍କ ସଂସ୍କାର ପ୍ରୟାସର ବ୍ୟାପ୍ତି ଥିଲା ଅପରିସୀମ । ଉଚ୍ଚ ବଂଶଜ ନୀଳକଣ୍ଠ ତଥାକଥିତ ଜାତିଆଣ ଭାବକୁ ଘୃଣା କରୁଥିଲେ । ବ୍ରାହ୍ମଣ ହୋଇ ମଧ୍ୟ ସେ ଉପବୀତ ବ୍ୟବହାର କରୁନଥିଲେ । ତତ୍‌କାଳୀନ ସମାଜରେ ବ୍ରାହ୍ମଣ ଘରର ଯୁବକ ପାଇଁ ନିଶ ରଖିବା କ୍ଷେତ୍ରରେ ନାନା ପ୍ରତିବନ୍ଧକ ରହିଥିଲା । ମାତ୍ର ନୀଳକଣ୍ଠ ସେ ସବୁକୁ

Digitized by PPRACHIN, SOA

ଭ୍ରୂକ୍ଷେପ କରୁନଥିଲେ । ତାଙ୍କ ନିଶ ରଖିବା କାର୍ଯ୍ୟକୁ ସମାଜପତି ମାନେ ବିରୋଧ କରୁଥିଲେ ମଧ୍ୟ ସେଥିପ୍ରତି ତାଙ୍କର ସାମାନ୍ୟତମ ଚିନ୍ତା ନଥିଲା । ନୀଳକଣ୍ଠଙ୍କର ବିଚାର ଥିଲା ଭିନ୍ନ । ନିଜକୁ ସେ ଓଡ଼ିଶାର ପୁଅ ଏବଂ ସମାଜର ଜଣେ ଦାୟିତ୍ୱବାନ ମଣିଷ ବୋଲି ଭାବୁଥିଲେ । ସମାଜ ପ୍ରତି ତାଙ୍କର କର୍ତ୍ତବ୍ୟ କ'ଣ ହେବା ଦରକାର ସେ କଥା ଭାବୁଥିଲେ । ଅବଶ୍ୟ ସମାଜର କିଛି ପ୍ରତିକ୍ରିୟାଶୀଳ ବ୍ୟକ୍ତି ତାଙ୍କ ଉଦ୍ଦେଶ୍ୟ ପୂର୍ଣ୍ଣ ହେବା ଦିଗରେ ବାଧା ସୃଷ୍ଟି କରୁଥିଲେ । ତାଙ୍କ ବିରୁଦ୍ଧରେ ଚକ୍ରାନ୍ତ ଚଳାଉଥିଲେ ହେଲେ ନୀଳକଣ୍ଠ ପିଲାଟି ଦିନରୁ ପରାଜୟ ସ୍ୱୀକାର କରିବା ଜାଣି ନଥିଲେ । ଯାହା ସମାଜ ପାଇଁ ଶୁଭ, ତାହା ତାଙ୍କୁ ବ୍ୟକ୍ତିଗତ କ୍ଷେତ୍ରରେ ଯେତେ ଅପଦସ୍ଥ କରାଇଲେ ମଧ୍ୟ ସେ ସେଥିରୁ ଓହରି ଆସୁନ ଥିଲେ । ବରଂ ତତ୍‌କାଳୀନ ସମାଜପତିମାନଙ୍କ ନାଲି ଆଖିକୁ ଭ୍ରୂକ୍ଷେପ ନ କରି କଡ଼ା ଜବାବ ଦେଉଥିଲେ । କାରଣ ନିଜ ନିଷ୍ପତ୍ତିରେ ନୀଳକଣ୍ଠ ଥିଲେ ସଦା ଅବିଚଳିତ ।

ନୀଳକଣ୍ଠ ରେଭେନ୍‌ସା କଲେଜରେ ଛାତ୍ର ଥିବା ଅବସ୍ଥାରେ ଗୋପବନ୍ଧୁଙ୍କ ସହ ମିଶିବାର ସୁଯୋଗ ପାଇଥିଲେ । ତାଙ୍କ ସଂସ୍ପର୍ଶରେ ଆସି ଜାତୀୟ ଚେତନାରେ ଅନୁପ୍ରାଣିତ ହୋଇଥିଲେ । ଏହିଠାରେ ହିଁ ନୀଳକଣ୍ଠଙ୍କ ନେତୃତ୍ୱରେ "ୟଙ୍ଗ୍ ଉତ୍କଳ ଆସୋସିଏସନ" ନାମରେ ଏକ ଅନୁଷ୍ଠାନ ଗଠନ ହୋଇଥିଲା । ଏହି ଅନୁଷ୍ଠାନ ମାଧ୍ୟମରେ ତରୁଣ ଛାତ୍ରମାନଙ୍କ ସହ ସଂପର୍କ ସ୍ଥାପନ କରି ବିଭିନ୍ନ ଗଠନମୂଳକ କାର୍ଯ୍ୟ କରିବା ପାଇଁ ନୀଳକଣ୍ଠ ଆଗ୍ରହ ରଖିଥିଲେ । ଏହି ଅନୁଷ୍ଠାନର ସଦୁପଯୋଗ ମଧ୍ୟ କରିଥିଲେ ।

୧୮୮୮ ମସିହାରେ ବାରିଷ୍ଟର ମଧୁସୂଦନ ଦାସ କଟକରେ ସାଧାରଣ ଜୀବନ ଆରମ୍ଭ କରିବା ସହିତ 'ଅବହେଳିତ ଓଡ଼ିଆମାନଙ୍କର ଦାବି ଉପସ୍ଥାପନ କରିବା ପାଇଁ ଉଦ୍ୟମ କଲେ । ଓଡ଼ିଶା ହେଉଛି ଓଡ଼ିଆର । ଏହି ଧ୍ୱନି କ୍ରମେ ଦୃଢ଼ ହେବାକୁ ଲାଗିଲା । ଏହି ସମୟରୁ ହିଁ ଉତ୍କଳୀୟ ଜାତୀୟ ଜୀବନରେ ଘଟିଲା ନବ ଉନ୍ମେଷ । ଏଥି ସହିତ ଓଡ଼ିଆ ଭାଷାର ସୁରକ୍ଷା ତଥା ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ଦାବି ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ୧୯୦୩ ମସିହାରେ ଜନ୍ମ ନେଲା 'ଉତ୍କଳ ସମ୍ମିଳନୀ' । ଏହି ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ମଧୁବାବୁଙ୍କ ନେତୃତ୍ୱରେ ଶିକ୍ଷିତ ଯୁବ-ଶକ୍ତି ତେଜି ଉଠିଲେ । ଓଡ଼ିଶାରେ ପ୍ରଚରିତ ହେଲା ଜାତୀୟତାର ମନ୍ତ୍ର । ଯୁବକ ନୀଳକଣ୍ଠ ଏହି ସମ୍ମିଳନୀରେ ଯୋଗ ଦେଇ ସ୍ୱଦେଶୀ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ । ୧୯୦୪ ମସିହାରେ ମଧୁବାବୁଙ୍କ ସଂକଳ୍ପ ପତ୍ରରେ ଦସ୍ତଖତ କରିବା ପର ଠାରୁ ଆଜୀବନ ସ୍ୱଦେଶୀ ବସ୍ତ୍ର ହିଁ ପରିଧାନ କରୁଥିଲେ । ଗୋପବନ୍ଧୁଙ୍କ ସହିତ ମିଶିଲା ପରେ ନୀଳକଣ୍ଠଙ୍କ ମନରେ ଯେଉଁ ଜାତୀୟ ଚେତନା ସୃଷ୍ଟି ହୋଇଥିଲା ମଧୁବାବୁଙ୍କ ସଂସ୍ପର୍ଶରେ ଆସି ସେହି ଚେତନା ଉଗ୍ର ରୂପ ଧାରଣ କଲା । ଜାତୀୟ ଆନ୍ଦୋଳନରେ ଝାସ ଦେଲେ ନୀଳକଣ୍ଠ । ତାଙ୍କ ନେତୃତ୍ୱରେ ଅବସାଦଗ୍ରସ୍ତ ଓଡ଼ିଆ ଜାତିର ମନୋବଳ ଦୃଢ଼ ହେବାକୁ ଲାଗିଲା । ଏହି କାରଣରୁ ନୀଳକଣ୍ଠଙ୍କୁ ବାରମ୍ବାର କାରାବରଣ କରିବାକୁ ପଡ଼ିଥିଲା ।

Digitized by PPRACHIN, SOA

ପରାଧୀନ ଓଡ଼ିଶା ଥିଲା ଅବହେଳିତ । ଓଡ଼ିଶାରେ ନା ଥିଲା ଶିକ୍ଷାର ପ୍ରସାର ନାଁ ଥିଲା ସାମାଜିକ ଜାଗରଣ । ହାତ ଗଣତି ମାତ୍ର କେତେ ଜଣ ଥିଲେ ଇଂରେଜୀ ଶିକ୍ଷା ପ୍ରାପ୍ତ ଉତ୍କଳୀୟ ଯୁବକ । ପୁଣି ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକଙ୍କର ଥିଲା ଆତ୍ମବିଶ୍ୱାସର ଘୋର ଅଭାବ । ଅନ୍ୟ ଏକ ଯୁଗଗୋଷ୍ଠୀ ଥିଲେ ସ୍ୱାର୍ଥାନ୍ଧ । ଦେଶର ଦୁର୍ଦ୍ଦିନରେ ଦେଶର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇ, ଜାତୀୟ କର୍ତ୍ତବ୍ୟ ଭୁଲି, ସାମ୍ରାଜ୍ୟବାଦୀ ବିଦେଶୀ ଶାସକଙ୍କର ତୋଷାମଦ କରି, ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ କରିବାକୁ ଉଚିତ ମଣୁଥିଲେ । ସେହି ବ୍ୟକ୍ତିକୈନ୍ଦ୍ରିକ ଶିକ୍ଷିତ ଯୁବଗୋଷ୍ଠୀଙ୍କର ସମାଜ ଜୀବନ ପ୍ରତି କୌଣସି ସହାନୁଭୂତି ନଥିଲା ।

ଅନ୍ୟପକ୍ଷରେ ବଙ୍ଗାଳୀ ରାଜକର୍ମଚାରୀମାନେ ଉତ୍କଳର ଜାତୀୟ ଜୀବନକୁ ସମ୍ମାନ ଦେଉ ନଥିଲେ, ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଉନ୍ନତି ପାଇଁ ଇଂରେଜ ସରକାରଙ୍କର ମଧ୍ୟ କୌଣସି ଆନ୍ତରିକତା ନଥିଲା କିମ୍ବା ସାମାନ୍ୟତମ ପ୍ରଚେଷ୍ଟା ବି ନଥିଲା । ସମଗ୍ର ଭାରତବର୍ଷରେ ଓଡ଼ିଆ ଜାତି ଦିନକୁଦିନ ଦୁର୍ବଳ, ଅଶିକ୍ଷିତ, ଅନୁନ୍ନତ ହେବାକୁ ଲାଗିଲା । ଏଭଳି ଅବସ୍ଥାରେ ଉତ୍କଳର ଉନ୍ନତି କିପରି ସମ୍ଭବ ହେବ ଏଇ ଚିନ୍ତାରେ ଅହରହ ଘାରି ହେଉଥାନ୍ତି ଗୋପବନ୍ଧୁ । ଶେଷରେ ଅନନ୍ତମିଶ୍ର, ହରିହର ଓ ନୀଳକଣ୍ଠ - ଏଇମାନଙ୍କୁ ଏକତ୍ର କରି ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ସାଧନା କରିବାକୁ ଶପଥ ନେଲେ ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏମ୍.ଏ ଡିଗ୍ରୀଧାରୀ ଯୁବକ ନୀଳକଣ୍ଠ ଇଚ୍ଛା କରିଥିଲେ ଭଲ ଚାକିରି, ଭଲ ରୋଜଗାର, ସୁଖ ସ୍ୱଚ୍ଛନ୍ଦର ଜୀବନ ସବୁକିଛି ତାଙ୍କୁ ସହଜରେ ମିଳିପାରି ଥା'ନ୍ତା । କିନ୍ତୁ ନା' । ହଜାର ହଜାର ଟଙ୍କା ରୋଜଗାର କରିବାର କ୍ଷମତା ଏବଂ ବିଳାସପୂର୍ଣ୍ଣ ଜୀବନ ଜୀଇଁବାର ସମସ୍ତ ସୁବିଧା ସୁଯୋଗ ହାତପାହାନ୍ତାରେ ଥିବା ସତ୍ତ୍ୱେ ସବୁ ପ୍ରକାରର ସୁଖ ସୌଭାଗ୍ୟକୁ ପାଦରେ ଦଳି ମକଚି ନୀଳକଣ୍ଠ ବରଣ କରି ନେଇ ଥିଲେ ତ୍ୟାଗ ପୂତ ଜୀବନ । ଦେଶର ସ୍ୱାଧୀନତା ତାଙ୍କୁ ବିଚଳିତ କରୁଥିଲା । ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ, ଉତ୍ସର୍ଗୀକୃତ ପ୍ରତିଭା ନୀଳକଣ୍ଠ ଯେକୌଣସି ତ୍ୟାଗର ବିନିମୟରେ ଚାହିଁଥିଲେ ପୂର୍ଣ୍ଣ ସ୍ୱାଧୀନତା ।

୧୯୦୯ ମସିହାରେ ଗଢ଼ି ଉଠିଲା ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟର ପ୍ରାଣପିଣ୍ଡ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ । ବିଦ୍ୟାଳୟର ବିଶ୍ୱକର୍ମା ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ଗୋପବନ୍ଧୁଙ୍କ ପ୍ରେରଣା ଏବଂ ନୀଳକଣ୍ଠଙ୍କ ବଳିଷ୍ଠ ନେତୃତ୍ୱରେ ଏହି ବନ ବିଦ୍ୟାଳୟ ପରିଣତ ହେଲା ଏକ ମଣିଷ ତିଆରି କାରଖାନାରେ । ନୀଳକଣ୍ଠଙ୍କ ପାଖରେ ଅସମ୍ଭବ ବୋଲି ଗୋଟେ ଶବ୍ଦ ହାର ମାନିଥିଲା ।

ସେବା, ସଂସ୍କାର, ସାହିତ୍ୟ, ଶିକ୍ଷା- ସବୁଠି ତାଙ୍କର ଥିଲା ଅବାଧ ପ୍ରବେଶ । ସେ ବୁଝିଥିଲେ ଯେକୌଣସି ସାମାଜିକ ବ୍ୟାଧି ପାଇଁ ଶିକ୍ଷା ହିଁ ଅବ୍ୟର୍ଥ ନିଦାନ । ଶିକ୍ଷାର

Digitized by PPRACHIN, SOA

ପ୍ରସାର ବିନା ଦେଶର ଦୁଃଖ କେବେ ହେଲେ ଦୂର ହୋଇପାରିବ ନାହିଁ । ବିଦ୍ୟାଳୟ ସ୍ତରରୁ ନୀଳକଣ୍ଠ ଚାରିତ୍ରିକ ନିଷ୍ଠା ପ୍ରତି ଥିଲେ ଅନୁରକ୍ତ । ଚରିତ୍ର ହିଁ ମାନବର ମାନବତ୍ୱ ଓ ମହତ୍ତ୍ୱ ପ୍ରତିପାଦନ କରେ- ଏମିତି ଏକ ବିଶ୍ୱାସ ନୀଳକଣ୍ଠଙ୍କ ଅନ୍ତରରେ ସଦା ଜାଗ୍ରତ ଥିଲା । ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ଛାତ୍ରମାନଙ୍କୁ ମଧ୍ୟ ସେହି ଆଦର୍ଶରେ ପରିଚାଳିତ ହେବା ପାଇଁ ସେ ଉତ୍ସାହିତ କରୁଥିଲେ ।

ପ୍ରଚଣ୍ଡ ସ୍ୱାଭିମାନୀ ନୀଳକଣ୍ଠ ଓଡ଼ିଶା ରାଜନୀତିରେ ମୁଖ୍ୟ କର୍ଣ୍ଣଧାର ଏବଂ ଭାରତ ବିଖ୍ୟାତ ପାର୍ଲାମେଣ୍ଟାରିଆନ ହୋଇଥିଲେ ମଧ୍ୟ କ୍ଷମତା ରାଜନୀତିରେ ବିଶ୍ୱାସ କରୁ ନଥିଲେ । ଦେଶର ସର୍ବାଙ୍ଗୀନ ଉନ୍ନତି ଥିଲା ତାଙ୍କର ଚରମ ଲକ୍ଷ୍ୟ । ଜଣେ ଧୀଶକ୍ତିସମ୍ପନ୍ନ ବ୍ୟକ୍ତି ହୋଇ ମଧ୍ୟ ଆଚରଣ ଓ ଉଚ୍ଚାରଣରେ ଥିଲେ ଅତ୍ୟନ୍ତ ସରଳ । ତାଙ୍କ ବିଚାରରେ ଗାଁ ହେଉଛି ଭାରତୀୟ ଜୀବନର ମୂଳପିଣ୍ଡ । ତେଣୁ ନଗରରେ ଅଧିକାଂଶ ସମୟ ଅତିବାହିତ କରିଥିଲେ ମଧ୍ୟ ମନରେ ଥିଲେ ଜଣେ ସାଦାସିଧା ଗାଉଁଲି । ପଲ୍ଲୀ ପରିବେଶ ତାଙ୍କ ମାନସ ପଟରେ ଥିଲା ସଦା ଚଳଚଞ୍ଚଳ । ତାଙ୍କ ନିର୍ମଳ ହୃଦୟରେ ପର ଆପଣାର ଭେଦଭାବ ନଥିଲା । ପ୍ରତିମା ପୂଜାରେ ବିଶ୍ୱାସ କରୁ ନଥିଲେ ମଧ୍ୟ ଉତ୍କଳର ଐତିହ୍ୟ ଓ ପରମ୍ପରା ପ୍ରତି ନୀଳକଣ୍ଠଙ୍କର ଥିଲା ଗଭୀର ମମତ୍ୱବୋଧ । ସେ ଥିଲେ କାୟମନୋବାକ୍ୟରେ ଜଣେ ଖାଣ୍ଟି ଓଡ଼ିଆ ।

ବହୁମୁଖୀ ପ୍ରତିଭାର ଅଧିକାରୀ ନୀଳକଣ୍ଠଙ୍କର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବି ଜ୍ଞାନର୍ଜନ ପାଇଁ ଥିଲା ପ୍ରବଳ ବ୍ୟାକୁଳତା । ଅନେକ ସମୟରେ ପଢୁ ପଢୁ ରାତି ପାହିଯାଏ । କିନ୍ତୁ ତାଙ୍କ ଆଖିକୁ ନିଦ ଆସେ ନାହିଁ । ତାଙ୍କ ପରି ଜ୍ଞାନରଙ୍କା ମଣିଷ କେବଳ ଓଡ଼ିଶା କାହିଁକି ସମଗ୍ର ଭାରତବର୍ଷରେ ବିରଳ । ଧର୍ମ, ଦର୍ଶନ, ଇତିହାସ, ରାଜନୀତି, ସାହିତ୍ୟ ସବୁ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ । ଜଣେ ବ୍ୟକ୍ତି ପାଖରେ ଏତେ ଆତ୍ମବିଶ୍ୱାସ, ଏତେ ସିଦ୍ଧି, ଏତେ ସଫଳତା ଯେ ସଂଭବ- ଏ କଥା ବିଶ୍ୱାସ କରି ନହେଲେ ମଧ୍ୟ କୁଳବୃଦ୍ଧ ମଧୁସୂଦନ ଏବଂ ଦେଶପ୍ରାଣ ଗୋପବନ୍ଧୁଙ୍କ ଉପଯୁକ୍ତ ଦାୟାଦ ନୀଳକଣ୍ଠଙ୍କ ପାଖରେ ଏହାର ସତ୍ୟାସତ୍ୟ ପ୍ରମାଣିତ ହୋଇ ସାରିଛି । ସେ ଏକାଧାରରେ ଥିଲେ ଜଣେ ସାହିତ୍ୟିକ, ସଂସ୍କାରକ, ସଂସ୍କୃତିପ୍ରେମୀ, ଦେଶ ସେବକ, ଜନନାୟକ, ବ୍ୟବସ୍ଥାପକ, ଆଦର୍ଶ ଶିକ୍ଷକ, ବାଗ୍ମୀ ଏବଂ ସର୍ବୋପରି ଅତ୍ୟନ୍ତ ଅନୁସନ୍ଧିତ୍ସୁ । ନୀଳକଣ୍ଠଙ୍କ ଅପୂର୍ବ ନିଷ୍ଠା, ଚରିତ୍ରବତ୍ତା ଓ ଉଜ୍ଜ୍ୱଳ ଆତ୍ମତ୍ୟାଗ ଆଗରେ ଯେ କେହି ବିଭୋର ହୋଇଯିବ ।

Digitized by PPRACHIN, SOA

# ନୀଳକଣ୍ଠଙ୍କ ପ୍ରବନ୍ଧରେ ସମାଜ ସଂସ୍କାର

ଡ. ଗୋବିନ୍ଦ ଭୂୟାଁ

ଓଡ଼ିଆ ଜାତି ସମ୍ମୁଖରେ ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୭) ଏକ ସଶ୍ରଦ୍ଧ, ସମ୍ଭ୍ରାନ୍ତ ଓ ସମୃଦ୍ଧ ଉଚ୍ଚାରଣ । ସ୍ୱାଭିମାନର ସେ ଏକ ପ୍ରତିବଦ୍ଧ -ଉଜ୍ଜ୍ୱଳ ଉଦାହରଣ । ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ସମାଜ -ଜୀବନ ଇତ୍ୟାଦି ବିବିଧ କ୍ଷେତ୍ରରେ ତାଙ୍କର ଚିନ୍ତା ଓ ଚେତନାକୁ, ଅଭିରୁଚି ଓ ଦୃଷ୍ଟିକୋଣକୁ ଆକଳନ ଓ ଆଲୋଚନା କଲାବେଳେ ସର୍ବତ୍ର ଉପଲବ୍ଧ ହୋଇଥାଏ, ଏକ ସ୍ୱତନ୍ତ୍ର -ବ୍ୟକ୍ତି-ସତ୍ତାର ସଚେତନ -ସ୍ୱରୂପ, ଯେଉଁଥିରେ ମୁଖ୍ୟତଃ ପ୍ରତିବିମ୍ବିତ ହେଉଥାଏ ଯୁକ୍ତିସବଳ ସ୍ୱଚ୍ଛ ଓ ମୁକ୍ତ ଚିନ୍ତନ, ଅଗ୍ରଗାମୀ -ବୌଦ୍ଧିକ -ଅନ୍ୱେଷା ଏବଂ ମୂଲ୍ୟବୋଧ -ଭିତ୍ତିକ ବାସ୍ତବବାଦୀ କର୍ମାନ୍ୱୟନ । ଛାତ୍ର ଜୀବନରେ ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମରେ, ଭାର୍ଗବୀ ନଦୀକୂଳରେ, ଦିନେ ନିଶାର୍ଦ୍ଧରେ ନୀଳକଣ୍ଠ, ଗୋପବନ୍ଧୁ, ହରିହର ଦାସ (ପରେ ଆଚାର୍ଯ୍ୟ ହରିହର) ଓ ଅନନ୍ତ ମିଶ୍ର (ପରେ ପ୍ରଚାରକ ଅନନ୍ତ ମିଶ୍ର) ଏକତ୍ର ନିଷ୍ପତ୍ତି ନେଇଥିଲେ, 'ଆମେ ପାଠପଢ଼ି ସରକାରୀ ଚାକିରୀ କରିବା ନାଇ । ଦେଶପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଇ ତା'ଠାରୁ ଉନ୍ନତ ଦେଖି ମରିବା' । ସେଦିନର ଏହି ନିଷ୍ପତ୍ତିକୁ ବଜ୍ର ଶପଥ ଭାବରେ ସେ ଚାରି ବନ୍ଧୁ ଜୀବନରେ ନିଷ୍ଠାର ସହିତ ପାଳନ ଓ ଅନୁସରଣ କରିଛନ୍ତି ଏବଂ ପ୍ରତ୍ୟେକ ଏ ଜାତିର ଜଣେ ଜଣେ ସୁଯୋଗ୍ୟ ଦେଶ ଭକ୍ତଭାବରେ କାଳୋତ୍ତୀର୍ଣ୍ଣ କୀର୍ତ୍ତି ସ୍ଥାପନ କରିଯାଇଛନ୍ତି । ପଣ୍ଡିତ ନୀଳକଣ୍ଠ ତାଙ୍କ ରଚିତ 'ଆମର ଥିଲା ଓ କାରଣ ଥାଇପାରେ' ପ୍ରବନ୍ଧରେ ନିଜ ପାଠପଢ଼ା ସମୟର ଆଧାର -ଅନୁଭବକୁ ବ୍ୟକ୍ତ କରିବା ଛଳରେ ତାଙ୍କ ବ୍ୟକ୍ତି ଚରିତ୍ରର ଯେଉଁ ସ୍ୱତନ୍ତ୍ର ସ୍ୱଭାବଟି ସଂପର୍କରେ ସୂଚିତ କରିଛନ୍ତି; ତାହା ତାଙ୍କର ସମଗ୍ର ଜୀବନକୁ ନିଖୁଣଭାବରେ ଆପ୍ଲୁତ ଓ ଆଚ୍ଛାଦିତ କରିଛି । ସେ ପ୍ରବନ୍ଧରେ ଠାଏ ସେ ଲେଖିଛନ୍ତି 'ପାଠପଢ଼ାର ପ୍ରାୟଶଃ ଦିଓଟି ପ୍ରକାର ଥାଏ । ଗୋଟିଏ -ବହିକୁ ଯାହିଁ ତହିଁରେ ଲେଖାଥିବା କଥା ଉତ୍ତମ ରୂପେ ମନେରଖି ପରୀକ୍ଷାଦି ପାଇଁ ପ୍ରସ୍ତୁତ ହେବା; ଆଉ ଗୋଟିଏ -କେବଳ ପରୀକ୍ଷା ପ୍ରତି ଦୃଷ୍ଟି ନ ରଖି ବିଷୟଗୁଡ଼ିକ ସମାଲୋଚନା ଦୃଷ୍ଟିରେ ହୃଦୟଙ୍ଗମ କରି ଜୀବନରେ ସେ ସବୁ ଅନୁଭବ କରିବା । କେଉଁ କାରଣରୁ ମୁଁ ଜାଣେ ନାଇ, ମୋର ଦ୍ୱିତୀୟ ପ୍ରଣାଳୀରେ ପଢ଼ିବାର ରୀତି ପିଲାଦିନରୁ ଅଙ୍କୁରିତ ହୋଇଥିଲା' । ଅର୍ଥାତ୍ କୌଣସି କଥାକୁ ଅନୁଶୀଳନ ନ କରି, ଯୁକ୍ତିଯୁକ୍ତ ଭାବରେ ତର୍ଜମା ନ କରି ଗ୍ରହଣ କରିବାର ବା ପ୍ରଭାବିତ ହୋଇଯିବାର ସେ ଥିଲେ ଘୋର ବିରୁଦ୍ଧ ।

Digitized by PPRACHIN, SOA

ସେହିପରି ପଣ୍ଡିତ ନୀଳକଣ୍ଠ ତାଙ୍କ ରଚିତ 'ମୋ ନିଶ' ପ୍ରବନ୍ଧରେ ନିଜ ସଂପର୍କରେ ଠାଏ କହିଛନ୍ତି 'ପ୍ରତିକଥାର କାରଣ ପଚାରିବା ମୋର ଗୋଟିଏ ଦୁରାରୋଗ୍ୟ ରୋଗ । × × × ତେଣୁ ନ ବିଚାରି, ସାଧ୍ୟାନୁସାରେ ଭୂତ, ଭବିଷ୍ୟତ, ବର୍ତମାନ ତୁଳନା ନ କରି, କାରଣ ନ ବୁଝି, କାର୍ଯ କରିବାକୁ ମୋତେ ସୁଖ ଲାଗେ ନାଇ' । ଅର୍ଥାତ୍ ପିଲାଟି ଦିନରୁ ନୀଳକଣ୍ଠ ଥିଲେ ହେତୁବାଦୀ, ଯୁକ୍ତିବାଦୀ, ବୁଦ୍ଧିବାଦୀ - ବାସ୍ତବତା ପ୍ରତି ଚରମ ଅନୁଗତ ଓ ବିଶ୍ୱସ୍ତ । ତାଙ୍କ ବ୍ୟକ୍ତି ଚରିତ୍ରର ଏହି ପ୍ରଭାଦୀପ୍ତ ଗୁଣବତ୍ତାଟି ତାଙ୍କ ସାହିତ୍ୟ ରଚନାର ପ୍ରତିଟି ବିଭାବରେ ପ୍ରତିଫଳିତ ହୋଇଥିବାର ଲକ୍ଷ୍ୟ କରାଯାଏ ।

କବିତା ଓ ଗଦ୍ୟ ରଚନା ଉଭୟ କ୍ଷେତ୍ରରେ ନୀକଳଣ୍ଠ ନିଦା ଓ ସଫଳ । ସେ ବହୁପାଠୀ । ପୁରାଣ, ଇତିହାସ, ସାହିତ୍ୟ, ଦର୍ଶନ ଓ ଐତିହ୍ୟ ଅଧ୍ୟୟନରେ ସେ ନିବିଡ଼ ଅବଗାହୀ । ବହୁପଠନ, ଗଭୀର - ଅନ୍ୱେଷା ଓ ଆହରଣ ଭିତରେ ସାର ଓ ଶାଶ୍ୱତକୁ ମର୍ଯ୍ୟାଦା ଦେବାରେ ସେ ପକ୍ଷପାତୀ । ତା'ରି ଭିତରୁ ଏବଂ ଚଳନ୍ତି ସମାଜ-ଜୀବନରୁ ପ୍ରେରଣା ଓ ଉପାଦାନ ସଂଗ୍ରହ କରି ସେ ତାଙ୍କ ସାହିତ୍ୟ ସର୍ଜନାକୁ ଦେଶ ଓ ଜାତି କଲ୍ୟାଣ ପାଇଁ ବିନିଯୋଗ କରିଛନ୍ତି । ତେଣୁ ତାଙ୍କ ସାହିତ୍ୟ ବିଳାସପାଇଁ ଅବା ଚିତ୍ତ ବିନୋଦନ ପାଇଁ ଉଦ୍ଦିଷ୍ଟ ନୁହେଁ, ତାହା ସୁନ୍ଦର ଓ ପରିପୁଷ୍ଟ ସମାଜ ଓ ଜାତୀୟ ଜୀବନ ଗଠନପାଇଁ ଅଭିପ୍ରେତ । ଓଡ଼ିଆ ସାହିତ୍ୟର ଧରା ଓ ଧାରାକୁ ଆଧାର କରି ସେ ଲେଖିଛନ୍ତି ଆମ ସାହିତ୍ୟର ଇତିହାସ ଗ୍ରନ୍ଥ 'ଓଡ଼ିଆ ସାହିତ୍ୟର କ୍ରମ -ପରିଣାମ' । ସେଥିରେ 'ଓଡ଼ିଆ ସାହିତ୍ୟର ଇତିହାସ ଓ ଉପଯୋଗିତା' ଶୀର୍ଷକରେ ସେ ଲେଖିଛନ୍ତି, 'ବିଶ୍ୱାସ କରିବାକୁ ହେବ ଆମ ନିଜର ସାହିତ୍ୟ ଓ ସମାଜକୁ ସୁଦୃଢ଼ ଓ ସୁପୁଷ୍ଟ କରିବା ହିଁ ଆମର ଭାରତ ସେବା ଓ ସେଇ ସୂତ୍ରରେ ବିଶ୍ୱ ସେବା । ବିଶ୍ୱ -ଶୃଙ୍ଖଳାରେ ଓଡ଼ିଆର ନବାର ଯେପରି ଅଛି, ଦବାର ମଧ୍ୟ ସେଇପରି ଅଛି । ସେ ନେଇ ଆସିଚି, ଦେଇ ଆସିଚି ।" ଏହା ହିଁ ନୀଳକଣ୍ଠଙ୍କର ସଂପ୍ରସାରିତ ଚେତନା - ଭୂମି ଉପରେ ଠିଆ ହୋଇ ଭୂମା -ଦର୍ଶନ । ସେହିପରି ତାଙ୍କ ରଚିତ କାବ୍ୟ 'କୋଣାର୍କେ' ଓ 'ଖାରବେଳ'ରେ ଓଡ଼ିଆ ଜାତିର ବୀରତ୍ୱ ଓ ଗରିମା -ଗରିଷ୍ଠ- ଐତିହ୍ୟ ଅନୁରଣିତ ହୋଇଛି ।

ବିଶ୍ୱ ସାହିତ୍ୟରେ ପ୍ରବନ୍ଧକୁ ଦୁଇଟି ଧାରାରେ ବିଭକ୍ତ କରାଯାଇଛି । ବସ୍ତୁନିଷ୍ଠ ଓ ବ୍ୟକ୍ତିନିଷ୍ଠ । ବସ୍ତୁନିଷ୍ଠ ପ୍ରବନ୍ଧ ସାଧାରଣତଃ ତତ୍ତ୍ୱ, ଯୁକ୍ତି ଓ ବୁଦ୍ଧି ପ୍ରଧାନ । କିନ୍ତୁ ବ୍ୟକ୍ତିନିଷ୍ଠ ପ୍ରବନ୍ଧରେ ତତ୍ତ୍ୱକୁ ବାରଣ ନାହିଁ, କିନ୍ତୁ ତାହା ସ୍ରଷ୍ଟା ପ୍ରାଣର ଅନୁଭୂତିସିଦ୍ଧ ମଧୁର ଆତ୍ମରସରେ ଅଧିକ ଅଭିବ୍ୟଞ୍ଜିତ ହୋଇଥାଏ । ଏହା ତେଣୁ ଅପେକ୍ଷାକୃତ ଅଧିକ ସାବଲୀଳ, ସୁଖପାଠ୍ୟ ଓ ସହଜବୋଧ ହୋଇଥାଏ । ଓଡ଼ିଆ ଭାଷାରେ ଏହି ଦୁଇଧାରାର ପ୍ରବନ୍ଧ ପ୍ରଚଳିତ ଥିଲେ ହେଁ, ନୀଳକଣ୍ଠଙ୍କ ପ୍ରବନ୍ଧଗୁଡ଼ିକରେ ଏହି ଦୁଇଟି ଧାରାର ମଧୁର ସମନ୍ୱୟ ଦେଖିବାକୁ ମିଳେ । ଏବଂ 'ମୋ ନିଶ' ଇତ୍ୟାଦି ନିର୍ଦ୍ଦିଷ୍ଟ କେତୋଟି ପ୍ରବନ୍ଧ ସଂପୂର୍ଣ୍ଣ ବ୍ୟକ୍ତିନିଷ୍ଠ ଶୈଳୀର ସଫଳ ସୃଷ୍ଟି ।

Digitized by PPRACHIN, SOA

ନୀଳକଣ୍ଠଙ୍କର ଅଧିକାଂଶ ପ୍ରବନ୍ଧ ଆଜକୁ ପ୍ରାୟ ଏକ ଶହ ବର୍ଷ ପୂର୍ବେ ରଚିତ ହୋଇଥିଲା । କିନ୍ତୁ ସେଗୁଡ଼ିକର ଆଜି ବି ଆତ୍ମିକ -ଆବେଦନ ଅମଳିନ ରହିଛି, ପ୍ରାସଙ୍ଗିକତା ହରାଇନାହିଁ । ସେଗୁଡ଼ିକ ସେତେବେଳେ ମୁଖ୍ୟତଃ ପ୍ରସିଦ୍ଧ ପତ୍ରିକା ମୁକୁର, ଉତ୍କଳ ସାହିତ୍ୟ, ସତ୍ୟବାଦୀ, ନବଭାରତ ଆଦିରେ ପ୍ରକାଶ ପାଇଥିଲା; ଯେଉଁ ପତ୍ରିକାଗୁଡ଼ିକ ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶଧାରାକୁ ନିୟନ୍ତ୍ରିତ ଓ ପରିପୁଷ୍ଟ କରିଛନ୍ତି । ମୁଖ୍ୟତଃ ଜାତୀୟତାର ଉନ୍ମେଷ, ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧା ନିବେଦନ ଏବଂ ସମାଜ ସଂସ୍କାର ଆଦି ବିଷୟକୁ ଉପଜୀବ୍ୟ କରି ନୀଳକଣ୍ଠଙ୍କ ପ୍ରବନ୍ଧ ସଂସାର ଗଠିତ । ୧୯୦୫ ମସିହାରେ ରଚିତ 'ମହାତ୍ମା ଚନ୍ଦ୍ର ଶେଖର ସିଂହ ସାମନ୍ତ' ହେଉଛି ତାଙ୍କର ପ୍ରଥମ ପ୍ରବନ୍ଧ । ଆମେ ଏଠାରେ ନୀଳକଣ୍ଠଙ୍କ ରଚିତ ସମାଜ -ସଂସ୍କାରମୂଳକ ପ୍ରବନ୍ଧଗୁଡ଼ିକ ସଂପର୍କରେ ଆଲୋଚନା କରିବା । ଏହି ପର୍ଯ୍ୟାୟରେ ତାଙ୍କ ରଚିତ ନୀତି ଓ ପ୍ରକୃତି (ଉତ୍କଳ ସାହିତ୍ୟ), ପ୍ରତିଭା ପୂଜା ଓ ପ୍ରତିମା ପୂଜା (ଉତ୍କଳ ସାହିତ୍ୟ) ଅଛୁ ଓ ହେବୁ (ଉତ୍କଳ ସାହିତ୍ୟ ), ମୋ ନିଶ (ମୁକୁର ), ନିଶ (ମୁକୁର ) ଆମର ଥିଲା ଓ କାରଣ ଥାଇପାରେ ବା ସାମାଜିକ କୁସଂସ୍କାର (ଉତ୍କଳ ସାହିତ୍ୟ ) ଇତ୍ୟାଦି ପ୍ରବନ୍ଧଗୁଡ଼ିକ ୧୯୬୭ ମସିହାରେ, ନୀଳକଣ୍ଠଙ୍କ ମହାପ୍ରୟାଣ ବର୍ଷରେ, ଏକତ୍ର ସଂକଳିତ ହୋଇ ନୀଳକଣ୍ଠ ଗ୍ରନ୍ଥାବଳୀ ତୃତୀୟ ଖଣ୍ଡରେ ସ୍ଥାନିତ ହୋଇଛି । ଏହା କଟକର ପୁରାତନ ପ୍ରକାଶନୀ ସଂସ୍ଥା କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା ପ୍ରକାଶିତ । ଏତଦ୍‌ଭିନ୍ନ ତାଙ୍କ ରଚିତ ତନ୍ତ୍ର ଉପାସନା ସମ୍ବନ୍ଧରେ ଦୁଇ ଏକକଥା, ସଂସ୍କାର ଓ ସମୟ, ସଂଗ୍ରାମ ଓ ଜୀବନ ଆଦି ପ୍ରବନ୍ଧଗୁଡ଼ିକରେ ମଧ୍ୟ ସମାଜସଂସ୍କାରର ଚିତ୍ର ଦେଖିବାକୁ ମିଳେ । ବିଖ୍ୟାତ ସାହିତ୍ୟ - ସମାଲୋଚକ ଡକ୍ଟର ନଟବର ସାମନ୍ତରାୟ କହିଛନ୍ତି 'କଳଙ୍କିତ ସମାଜରୁ ମନୁଷ୍ୟ ସୃଷ୍ଟ ବହୁବିଧ ଅପଘରର ଦୂରୀକରଣ ଓ ତା' ସ୍ଥାନରେ ଏକ ସୁସ୍ଥ ଆଦର୍ଶ ସାମାଜିକ ଜୀବନର ପ୍ରତିଷ୍ଠା'– ଏହା ହିଁ ଥିଲା ନୀଳକଣ୍ଠଙ୍କ ସଂସ୍କାର ଆନ୍ଦୋଳନର ପ୍ରଧାନ ଆଭିମୁଖ୍ୟ । ସେଇ ଲକ୍ଷ୍ୟରେ ସେ ଯେଉଁ ତାତ୍ତ୍ୱିକ ଆଲୋଚନା କରିଛନ୍ତି, ତାହା ବିଭିନ୍ନ ପ୍ରବନ୍ଧରେ ଭିନ୍ନ ଭିନ୍ନ ରୂପରେ ସ୍ଥାନ ପାଇଛି । (ଓଡ଼ିଆ ସାହିତ୍ୟର ଇତିହାସ) ।

'ନୀତି ଓ ପ୍ରକୃତି ' ପ୍ରବନ୍ଧଟି ଏକ ତତ୍ତ୍ୱ ଆଧାରିତ ଅନୁଶୀଳନ ଧର୍ମୀ ପ୍ରବନ୍ଧ । ସିଧାସଳଖ ଭାବରେ ଏଥିରେ ସମାଜ-ସଂସ୍କାରର କଥା କୁହାଯାଇନାହିଁ; ମାତ୍ର ଆତ୍ମ ସଚେତନତା, ଆତ୍ମୋପଲବ୍ଧି, ଆତ୍ମ-ସଂସ୍କାର ମାଧ୍ୟମରେ ଶୁଦ୍ଧ ଓ ଆଦର୍ଶ ଜୀବନ ନିର୍ବାହର, ସୁସ୍ଥ ସମାଜ -ଗଠନର ପ୍ରେରଣା ଓ ବାର୍ତ୍ତା ଏଥିରେ ସଂଯୋଜିତ ହୋଇଛି । ମଣିଷର ସହଜାତ 'ପ୍ରକୃତି', 'ନୀତି' ଦ୍ୱାରା ଆତ୍ମ ନିୟନ୍ତ୍ରିତ ହୋଇ ମଣିଷକୁ କିପରି ଏକ ମହତ୍ତର ସୋପାନରେ ନିୟୋଜିତ ବା ଉପନୀତ କରାଏ, ସେ ସଂପର୍କରେ ମନସ୍ୱୀ ନୀଳକଣ୍ଠ ଉକ୍ତ ପ୍ରବନ୍ଧରେ ବିଷଦ ଆଲୋଚନା କରିଛନ୍ତି । ସ୍ୱଭାବତଃ ଆଶୁ -ସୁଖ- ଲାଳସା ଅନୁଗାମୀ ପ୍ରବୃତ୍ତିଗୁଡ଼ିକୁ ପଞ୍ଚଇନ୍ଦ୍ରିୟ ଇଚ୍ଛାନୁସାରୀ ବିସ୍ତୃତ ବଳୟ ଭିତରେ ଛାଡ଼ି ନ ଦେଇ, ସେଗୁଡ଼ିକୁ ଗଠନଶୀଳ ଓ ଆଦର୍ଶ-ଅନୁପୂରକ ଧାରାରେ ନିୟୋଜିତ କରିବାରେ ବିବେକ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ, ବିଭିନ୍ନ ଉଦାହରଣ ଛଳରେ ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧରେ

Digitized by PPRACHIN, SOA

ଆଲୋଚନା କରିଛନ୍ତି । ପ୍ରକୃତି ଓ ନୀତି ମଧ୍ୟରେ ଫରକ ଦର୍ଶାଇବାକୁ ପ୍ରାବନ୍ଧିକ ପଶୁ ଓ ମଣିଷ ମଧ୍ୟରେ ଥିବା ପ୍ରଭେଦ ସଂପର୍କରେ ଅବତାରଣା କରିଛନ୍ତି । ସେ କହିଛନ୍ତି, 'ପଶୁ ପ୍ରକୃତିର ଅଧୀନ' କିନ୍ତୁ ମନୁଷ୍ୟ ପ୍ରକୃତିକୁ ସ୍ୱୀୟ ବୋଧଶକ୍ତିର ବଶବର୍ତ୍ତୀ କରି ରଖିଅଛି ।' ସେ ପୁଣି କହିଛନ୍ତି, 'ମାନବର ଅନ୍ତବୃତ୍ତି ପଶୁପରି ଏକ ନିରବଚ୍ଛିନ୍ନ ସ୍ରୋତ ନୁହେଁ । ଏହା ବରାବର ପ୍ରତିହତ ହୋଇ ଗୋଟିଏ ନୀତି ଓ ଆଦର୍ଶର ଅସ୍ତିତ୍ୱ ଅନୁଭବ କରି ଆସୁଅଛି । ସେହି ନୀତି ବଳରେ ହିଁ ମନୁଷ୍ୟ ମନୁଷ୍ୟ ପଦବାଚ୍ୟ । ଜୀବଜନ୍ତୁ କେବଳ ପ୍ରକୃତିର ପ୍ରରୋଚନା ଅନୁବର୍ତ୍ତନ କରି ପ୍ରାଣ ଧାରଣ କରନ୍ତି; କିନ୍ତୁ ମନୁଷ୍ୟର ଆଉ କିଛି ବିଶେଷତ୍ୱ ଅଛି । × × × ସରଳ ଭାଷାରେ କହିଲେ, କେଉଁ କାର୍ଯ୍ୟ କରଣୀୟ, କେଉଁ କାର୍ଯ୍ୟ କରଣୀୟ ନୁହେଁ, ପଶୁର ସେ ଜ୍ଞାନ ନାହିଁ; କିନ୍ତୁ ମନୁଷ୍ୟର ତାହାହିଁ ବିଶେଷତ୍ତ୍ୱ । ସମାଜଜୀବନକୁ ସୁନ୍ଦର, ସୁଖକର ଓ ପରିପୁଷ୍ଟ କରିବା ପାଇଁ ବ୍ୟକ୍ତିସ୍ୱାର୍ଥ ଅପେକ୍ଷା ଅନ୍ୟପ୍ରତି ସହାନୁଭୂତିଶୀଳ ଓ ପ୍ରେମପୂର୍ଣ୍ଣଭାବର ପନ୍ଥା ଆପଣେଇବା ମନୁଷ୍ୟ ପକ୍ଷରେ ଏକାନ୍ତ ପ୍ରୟୋଜନ ବୋଲି ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି । ତାଙ୍କ ଭାଷାରେ 'ସହାନୁଭୂତି ହିଁ ସାମାଜିକ ଜୀବନର ସର୍ବପ୍ରଧାନ ଉପାଦାନ ଓ ପ୍ରେମଦ୍ୱାରା ହିଁ ମନୁଷ୍ୟ ତାହା ଅନୁଭବ କରେ । × × × ମନୁଷ୍ୟ ସେତେବେଳେ ସମାଜର ତଥା ଜଗତର ସମସ୍ତ ପ୍ରାଣୀ ମଧ୍ୟରେ ନିଜର ପ୍ରତିବିମ୍ବ ଦେଖେ, ନିଜ ମଧ୍ୟରେ ନିଜେ ସୀମାବଦ୍ଧ ହୋଇ ନିଜକୁ ପଶୁପରି ଜନ୍ତୁ ବିଶେଷ ବୋଲି ନ ମଣି କେତେଗୁଡ଼ିଏ ଅଧିକାର ଓ ଅନ୍ୟମାନଙ୍କ ପ୍ରତି କେତେଗୁଡ଼ିଏ କର୍ତ୍ତବ୍ୟର ସମଷ୍ଟି ବୋଲି ଗଣନା କରେ । ଏଇପରି ଅନ୍ୟଠାରୁ ନିଜର ଦାବୀ ବା ଅଧିକାର ଓ ଅନ୍ୟ ପ୍ରତି ନିଜର କର୍ତ୍ତବ୍ୟ ଅନୁଭବ କରି ତହିଁରେ ଅନୁପ୍ରାଣିତ ହେଲେ ତାହାର ସାମାଜିକ ଜୀବନ ପରିପୁଷ୍ଟ ହୁଏ, ତେତେବେଳେ ସେ ପ୍ରକୃତ ଜୀବନ ଓ ପ୍ରକୃତ ମନୁଷ୍ୟତ୍ୱ ହୃଦୟଙ୍ଗମ କରି କୃତାର୍ଥ ହୁଏ' ।

ହେତୁବାଦୀ ନୀଳକଣ୍ଠ ପୁରାଣବର୍ଣ୍ଣିତ ସବୁକଥାକୁ ଆଦର୍ଶ ଭାବରେ ଗ୍ରହଣ କରିଯିବାର ଔଚିତ୍ୟ ସଂପର୍କରେ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି । ପ୍ରସଙ୍ଗକ୍ରମେ ସେ ଲେଖିଛନ୍ତି 'ପୁରାଣର ଦେବତାମାନଂକର ବିଳାସ ପ୍ରବଣତା ଓ ବାଦ ଛିଦ୍ର ପ୍ରଭୃତି ଚିର ପ୍ରସିଦ୍ଧ । ପୁରାଣର ସ୍ୱର୍ଗରେ 'ବାଇ ନାଚ' ମଧ୍ୟ ଦେଖାଯାଏ ଓ ତାହାର ଫଳରେ ସମାଜର ନରଦେବତାମାନେ ସମାଜ ଛାରଖାର କରୁଅଛନ୍ତି, ଧର୍ମକାର୍ଯ୍ୟ ଅକାର୍ଯ୍ୟରେ ପରିଣତ ହୋଇଅଛି, ସତକର୍ମ ନାମରେ ଖାଂଟି ଅକର୍ମର ଅନୁଷ୍ଠାନ ସବୁ ଦେଖାଯାଉଅଛି, ଦେବୀ ନରବଳୀ ପାଉଅଛନ୍ତି, ବିଷ୍ଣୁଂକର ମଧ୍ୟ ଖଟଣି ବେଶ୍ୟା ବା 'ମାହାରୀ' ରହି ଅଛନ୍ତି ।" ହିନ୍ଦୁ ଧର୍ମାଚାରରେ ପ୍ରଚଳିତ ବଳୀ ପ୍ରଥା ଇତ୍ୟାଦିକୁ ନୀଳକଣ୍ଠ ଉକ୍ତ ପ୍ରବନ୍ଧରେ କଠୋର ସମାଲୋଚନା କରିଛନ୍ତି । ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିପତ୍ତି ଅର୍ଜନ କରିଥିବା ଓ ସାଂପ୍ରତିକ ସମୟର ରାଜନେତାମାନଙ୍କ ଉଦ୍ଦେଶ୍ୟରେ ବ୍ୟଙ୍ଗାତ୍ମକ ଠାଣିରେ ନୀଳକଣ୍ଠ 'ନରଦେବତା' ଶବ୍ଦଟି ବ୍ୟବହାର କରିଛନ୍ତି ଏବଂ ସେମାନଙ୍କ ଦୁରାଚାରକୁ କଠୋର ନିନ୍ଦା କରିଛନ୍ତି । ହିନ୍ଦୁ ଧର୍ମରେ ଆଚରିତ ଓ ପ୍ରଚଳିତ କଥା ଓ ପ୍ରଥାଗୁଡ଼ିକ ଅଭ୍ରାନ୍ତ ବା ଶୁଦ୍ଧ

Digitized by PPRACHIN, SOA

ସତ୍ୟଭାବରେ ଗ୍ରହଣ ନ କରି ସ୍ୱୀୟ ବିବେକାନୁମୋଦିତ ପନ୍ଥାରେ ଏହାର ଅନୁଶୀଳନ ଉପରେ ପ୍ରାବନ୍ଧିକ ଗୁରୁତ୍ୱ ଦେଇଛନ୍ତି । ଈଶ୍ୱର ପ୍ରଦତ୍ତ ପ୍ରକୃତିଗୁଡ଼ିକୁ ବିଚାରନିଷ୍ଠଭାବରେ ଯୁଗୋଚିତ ଆଦର୍ଶରେ ବା ନୀତିରେ ରୂପାନ୍ତରିତ କରି, ସ୍ଥଳବିଶେଷରେ ପ୍ରକୃତି ଓ ନୀତିର ଉଭୟର ସମବାୟରେ ଉଚ୍ଚାଙ୍ଗ ମନୁଷ୍ୟତ୍ୱର ବିକାଶ ସାଧିବାକୁ ପଣ୍ଡିତ ନୀଳକଣ୍ଠ 'ନୀତି ଓ ପ୍ରକୃତି' ପ୍ରବନ୍ଧରେ ସୂଚନା ପ୍ରଦାନ କରଛନ୍ତି ।

ପ୍ରବନ୍ଧର ଆରମ୍ଭରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି 'ଶିରୋନାମା ଇ ପ୍ରବଂଧର ଗୋଟିଏ ଗଭୀର ଦାର୍ଶନିକତା ସୂଚନା କରୁଅଛି, କିନ୍ତୁ ପ୍ରକୃତରେ ଏ ପ୍ରବନ୍ଧରେ ସେପରି କୌଣସି ବିଶେଷ ପାଂଡିତ୍ୟ ଉପରେ ଅଧିଷ୍ଠାନ ନୁହେ । ନୀତି ଓ ପ୍ରକୃତିର ତତ୍ତ୍ୱ ନିର୍ଦ୍ଦେଶ ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେ । କେବଳ କେତେକ ଚଳିତ ପ୍ରକ୍ରିୟାର ସମାଲୋଚନା ଓ ସାଧାରଣ ଲୋକଙ୍କର କ୍ରିୟାକଳାପ ପରିଚାଳନାର ପ୍ରଣାଳୀ ନିର୍ଦ୍ଦେଶ କରିବା ନିମନ୍ତେ ଏଇ କେତେକ ପଂକ୍ତି ଲିଖିତ ହେଉଅଛି' । ପ୍ରବନ୍ଧରେ ସେ କହିଛନ୍ତି, 'ପ୍ରକୃତି ଓ ନୀତିର ବିଚ୍ଛେଦ ଅସମ୍ଭବ' । "ମନୁଷ୍ୟର ନୀତି ଓ ପ୍ରକୃତି ବିଭାବ ଦ୍ୱୟ ପରସ୍ପରର ଅନୁପୂରକ । ପ୍ରକୃତି ବ୍ୟତୀତ ନୀତିର କାର୍ଯ୍ୟ କରିବାର ବସ୍ତୁ ନାଇ । କିଂବା ନୀତି ବିନା ପ୍ରକୃତି ମାନବ ପ୍ରକୃତି ହୋଇ ନ ପାରେ । ନୀତିର ଅବଲଂବନରେ ପଶୁ ପ୍ରକୃତିର ସୁପରିଚାଳନା ଦ୍ୱାରା ଆମେମାନେ ପ୍ରକୃତ ମନୁଷ୍ୟତା ଲାଭ କରୁ ।" ଅର୍ଥାତ୍ ପଣ୍ଡିତ ନୀଳକଣ୍ଠଙ୍କ ମତରେ ପ୍ରକୃତିର ସୁପରିଚାଳନା ହିଁ ନୀତି ଓ ଏହା ପ୍ରକୃତ ମଣିଷପଣିଆ । ପଣ୍ଡିତ ନୀଳକଣ୍ଠ ଗୀତାରୁ କେତେଗୋଟି ପ୍ରାସଙ୍ଗିକ ଶ୍ଳୋକର ଅବତାରଣା କରି ଉକ୍ତ ପ୍ରବନ୍ଧକୁ ଅଧିକ ଯୁକ୍ତିସଂଗତ ଓ ରସାଣିତ କରିଛନ୍ତି ।

'ପ୍ରତିଭା ପୂଜ୍ୟ ଓ ପ୍ରତିମା ପୂଜା'ନୀଳକଣ୍ଠଙ୍କର ଅନ୍ୟ ଏକ ସଂସ୍କାର ଚେତନାଧର୍ମୀ ଉପାଦେୟ ରଚନା । ପ୍ରବନ୍ଧ ସଂପର୍କରେ ପାଠକଙ୍କର ସହଜ ଅବଗତିପାଇଁ ସେ ଏକ 'ନୋଟ୍' ବା ସୂଚନା ପ୍ରଦାନ କରିଛନ୍ତି । ସେ ସୂଚନାର ମର୍ମ ସଂପର୍କରେ ପ୍ରଥମର ଉପସ୍ଥାପନା କରିଦେଲେ, ପ୍ରବନ୍ଧଟି ଅବବୋଧ ଓ ଅନୁଶୀଳନପାଇଁ ଅଧିକ ପ୍ରାଂଜଳ ଓ ପରିଚ୍ଛନ୍ନ ହୋଇଯିବ ବୋଲି ଆମର ବିଶ୍ୱାସ । ନୀଳକଣ୍ଠ ଲେଖିଛନ୍ତି " × × × ସମସ୍ତ ପ୍ରବଂଧରେ କେବଳ ପ୍ରତିଭା ପୂଜାର ଅବସ୍ଥା, ପ୍ରକୃତି ଓ ପ୍ରଣାଳୀ ଆଲୋଚିତ ହୋଇଅଛି । ତେବେ ପ୍ରବଂଧର ନାମଟି କେବଳ 'ପ୍ରତିଭା ପୂଜା' ହୋଇଥିଲେ ଆଉ ସଂଦେହ ନ ଥାଂତା । କିଂତୁ ଲୌକିକ ପୂଜା ପ୍ରଣାଳୀରେ ପ୍ରତିମାର ଏତେ ଆଧିପତ୍ୟ ଥିବାରୁ ସୁବୋଧ ହେବ ବୋଲି ସେଇ ନାମଟି ରଖିଅଛୁ ।" ଅର୍ଥାତ୍ ଲେଖକ ପ୍ରତିଭା ପୂଜା ସଂପର୍କରେ ମୁଖ୍ୟତଃ ଆଲୋଚନା କରିଥିଲେ ହେଁ ଲୌକିକ ବିଚାର ଧାରାରେ ଆମ ସମାଜରେ ପ୍ରତିମା ପୂଜାର ପ୍ରାବଲ୍ୟ ଏତେ ବ୍ୟାପକ ଯେ ବିଷୟଟିକୁ ଅଧିକ ପ୍ରାଂଜଳ କରିବା ପାଇଁ ସେ 'ପ୍ରତିଭା ପୂଜା ଓ ପ୍ରତିମା ପୂଜା' ନାମକରଣ କରିଅଛନ୍ତି ।

ଉକ୍ତ ପ୍ରବନ୍ଧରେ ପଣ୍ଡିତ ନୀଳକଣ୍ଠ ପ୍ରତିଭା ପୂଜାର ଜୟଗାନ କରିଥିବାବେଳେ ପ୍ରତିମା ପୂଜା ଦୁର୍ବଳ ମସ୍ତିଷ୍କର ଏକ କାଳ୍ପନିକ କ୍ରିୟା ବୋଲି ଉଲ୍ଲେଖ କରିଛନ୍ତି । ପ୍ରତିଭା

Digitized by PPRACHIN, SOA

ସବୁବେଳେ ଅନୁକରଣୀୟ ଓ ପୂଜ୍ୟ; ମାତ୍ର ପ୍ରତିମା ପ୍ରତିଭାଦୀପ୍ତ ନୁହେଁ ବୋଲି ପ୍ରାବନ୍ଧିକ ସତର୍କ କରେଇ ଦେଇଛନ୍ତି । ପ୍ରତିମା ପୂଜାର ହେତୁ ଓ ତା'ର କୁପରଣିତି ସଂପର୍କରେ ଉଲ୍ଲେଖ କରିବାକୁ ଯାଇ ପ୍ରାବନ୍ଧିକ ଲେଖିଛନ୍ତି 'ଗୁଣରେ ବିସ୍ମିତ ବା ତ୍ରସ୍ତ ହୋଇ, ସେଥିର କାରଣ ଖୋଜିବାକୁ ଯାଇ, ଆଦିମ ମାନବ ଏଇ ପ୍ରତିମା ପୂଜାରେ ପଡ଼ିଥିଲା । ପରବର୍ତୀ କାଳରେ ମନୀଷୀମାନେ ତାହାରପ୍ରକୃତ କାରଣ ବାହାର କରି ଦେଖାଇଦେଲେ ମଧ ଲୋକେ ରକ୍ଷଣଶୀଳତାରେ ଅଂଧ ହୋଇ ତାହାର ଚର୍ବିତ ଚର୍ବଣରେ ବ୍ୟସ୍ତ" । କୌଣସି ବ୍ୟକ୍ତିଠାରେ କୌଣସି ବିଶେଷ ଶକ୍ତି ବା ଯୋଗ୍ୟତା ସଂପର୍କରେ ସୂଚନା ପାଇ ଅବା ଅନୁଭବ କରି ତାହା ନିଜ ପକ୍ଷରେ ଅଲଭ୍ୟ ବା ସାଧ୍ୟାତୀତ ଭାବି ସେ ବ୍ୟକ୍ତିକୁ ବା ବ୍ୟକ୍ତିସତ୍ତାକୁ ମାନସିକ ଦୁର୍ବଳ ବ୍ୟକ୍ତିଟିଏ ପ୍ରତିମା ରୂପରେ ପୂଜା କରେ । ପ୍ରାବନ୍ଧିକଙ୍କ ଭାଷାରେ 'ପ୍ରତିଭା ପୂଜାର ବ୍ୟାପକ ଅର୍ଥ ଛାଡ଼ିଦେଲେ, ସାଧାରଣତଃ ଲୋକେ ଏହାକୁ ପ୍ରତିଭାପୂଜା ରୂପେ କହିଥାଂତି, କିଂତୁ ଏହା ଯେତେବେଳେ ବୈଜ୍ଞାନିକ ବିଶ୍ଳେଷଣ କ୍ରିୟାରୁ ବିଛିନ୍ନ ହୁଏ ଓ ଯେତେବେଳେ କୁସଂସ୍କାର ଓ ରକ୍ଷଣଶୀଳତା ଦୋଷରୁ ପ୍ରତିମା ପୂଜାରେ ପରିଣତ ହୁଏ, ସେତେବେଳେ ମନୁଷ୍ୟର ଆଉ ରକ୍ଷା ନାଇ । ଏ କ୍ଷେତ୍ରରେ ଗୁଣ ଓ ଗୁଣୀର ଭେଦ ଭୁଲି ଯଦି ଗୁଣକୁ ଐଶ କଳା ମନେ କରି ସଂଗେ ସଂଗେ ମନୁଷ୍ୟ ଗୁଣୀର ଈଶ୍ୱର ପରି ଶାରୀରିକ ପୂଜା ଆରଂଭ କରେ, ତେବେ ପ୍ରତିଭା ପୂଜାର ଫଳ ହଠାତ୍ ବିପର୍ଯସ୍ତ ହୁଏ ଓ ମନୁଷ୍ୟର ଅନୁକରଣ ବୃତ୍ତି ବିପଥଗାମୀ ହୁଏ । ଏଇ ନିୟମର ବଶବର୍ତ୍ତୀ ହୋଇ ମନୁଷ୍ୟ ବ୍ୟକ୍ତିବିଶେଷଠାରେ ଅଲୌକିକତ୍ୱ କଳ୍ପନା କରି ସେ ଲୋକର ଗୁଣ ନିଜର ଅଲଭ୍ୟ ବୋଲି ସ୍ଥିର କରି ଦୂରରେ ରହେ, ପ୍ରତିଭାକୁ ପ୍ରତିମାରେ ପରିଣତ କରି ପତିତ ହୁଏ ।"

ଏହିପରି ଅବିଋରିତ, ବୁଦ୍ଧିବିବେକ ରହିତ ପ୍ରତିମା ପୂଜା ଦ୍ୱାରା ସାମାଜିକ ଜୀବନରେ କିପରି ନୈତିକ ଅଧୋଗତି ଦେଖାଦିଏ ପ୍ରାବନ୍ଧିକ ନୀଳକଣ୍ଠ ସେ ସଂପର୍କରେ ବିଶେଷ ଆଲୋକପାତ କରିଛନ୍ତି । ସେ ଲେଖିଛନ୍ତି 'ଏପରି ଅଂଧ ମୂର୍ତ୍ତି ପୂଜା ଥରେ ଦୃଢ଼ମୂଳ ହେଲେ ଯେ କୌଣସି ଦାର୍ଶନିକ ବିଶ୍ଳେଷଣ ଅତିଶୀଘ୍ର ସେଇ ମାର୍ଗ ଅବଲଂବନ କରେ । ଏପରିକି ଯେଉଁ ମାନବର ପ୍ରତିଭାରେ ସେ ଚମତ୍କୃତ ହୁଏ, ତାହାର ଜୀବଦ୍ଦଶାରେ ତାହାକୁ ଗୋଟିଏ ମୂର୍ତ୍ତିପରି ପୂଜା କରେ । ତାହାର ମାହାତ୍ମ୍ୟ ଆଡ଼କୁ ଆଉ ଦୃଷ୍ଟି ଦିଏ ନାଇ । କେବଳ ତାହାକୁ ଦେବତାପରି ପୂଜା କରିବାଦ୍ୱାରା ପୂଜକ - ଏପରିକି ଅନେକ ସମୟରେ ପୂଜ୍ୟ ମଧ - ଅବନତିର ପଥ ଅବଲଂବନ କରଂତି । ପୁଣି ଗୁଣ ବିହୀନ ମହାତ୍ମା ଶରୀରର ପୂଜା ଅନେକ ସମୟରେ 'ଗାଦି' ପୂଜାରେ ପରିଣତ ହୁଏ । ଗୁଣହୀନ କେବେକେବେ ପାପପ୍ରକୃତିକ ପୁତ୍ରପୌତ୍ରାଦି ପ୍ରଭୃତି ସେଇ ମହାତ୍ମାଂକର ଉତ୍ତରାଧିକାରୀମାନେ ସମାନଭାବରେ ପୂଜାପାଇବାରୁ ଧର୍ମାନୁଷ୍ଠାନ କୁରୁଚିସମ୍ପନ୍ନ ବିଳାସ କ୍ରୀଡ଼ାରେ ପରିଣତ ହୁଏ । ଏଇଭଳି ପ୍ରତିମା ପୂଜା ନାନାବିଧ ଭାବରେ ନୈତିକ ଓ ଆଧ୍ୟାତ୍ମିକ ଜୀବନରେ ମନୁଷ୍ୟର ତଥା ସମାଜର ଅଧୋଗତି ସାଧନ କରେ' । ଯେଉଁ

Digitized by PPRACHIN, SOA

କଥା ମନୀଷୀ ନୀଳକଣ୍ଠ ଆଜକୁ ଶହେ ବର୍ଷ ତଳେ ସେତେବେଳକାର ସମାଜକୁ ଆଖିଆଗରେ ଲେଖିଥିଲେ, ସେହି ଭ୍ରାନ୍ତ, ଉଦ୍‌ଭଟ, ଯୁକ୍ତିହୀନ ଚିନ୍ତନ ପ୍ରକ୍ରିୟା ଆଜି ବି ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ତଥାକଥିତ ଶିକ୍ଷିତ ମଣିଷଙ୍କ ଭିତରେ ଦେଖାଯାଉଛି । ଆଜି ବି ମଣିଷକୁ ଦେବତା ସଜାଇ କିମ୍ବା କୌଣସି ତଥାକଥିତ ଗୁଣୀବ୍ୟକ୍ତିଙ୍କ ଅଯୋଗ୍ୟ ଓ ଅବାଞ୍ଛିତ ପୁତ୍ରପୌତ୍ରାଦିଙ୍କୁ ପ୍ରତିମା ସଜାଇ ମଣିଷ ପୂଜା କରୁଛି ।

ପଣ୍ଡିତ ନୀଳକଣ୍ଠ ହିନ୍ଦୁଧର୍ମରେ ପ୍ରତିମା ପୂଜାର ପ୍ରାବଲ୍ୟକୁ ସହଜରେ ଗ୍ରହଣ କରିପାରିନାହାନ୍ତି । ପ୍ରସଙ୍ଗକ୍ରମେ ସେ ପ୍ରବନ୍ଧରେ ଅବତାରବାଦ କଥା ଅବତାରଣା କରିଛନ୍ତି । ସେ ଲେଖିଛନ୍ତି "ଏଇ ଅବତାରରେ ସତ୍ୟ ଥାଇପାରେ । ତାହା ଆମମାନଂକର ଏଠାରେ ସମାଲୋଚ୍ୟ ନୁହେଁ । ତାହାର କିପରି ପ୍ରତିମା ପୂଜାରେ ପରିଣତ ହେଲା, ତାହାର ଏଠାରେ ବୁଝିବାକୁ ହେବ । ଅବଶ୍ୟ ସ୍ୱୀକାର କରିବାକୁ ହେବ, ଏ ବିଷୟ ବୁଝିବାକୁ ଆମମାନଙ୍କୁ ବେଶି ପରିଶ୍ରମ କରିବାକୁ ହେବ ନାଇ ; କାରଣ ଅବତାରବାଦରୁ ମତ୍ସ୍ୟ, କଚ୍ଛପାଦିର ପ୍ରସ୍ତରରୂପ ପୂଜା ଗ୍ରାମେ ଗ୍ରାମେ ହିଂଦୁର ରକ୍ଷଣଶୀଳତା ସ୍ପଷ୍ଟଭାବରେ ଘୋଷଣା କରୁଅଛି ।" ପ୍ରତିମା ପୂଜା ଆମର ଜାତୀୟ ଚରିତ୍ରକୁ କିପରି ଖର୍ବ ଓ ପଙ୍ଗୁ କରିବାରେ ବଳିଷ୍ଠ ଭୂମିକା ନିଭାଉଛି, ତାହା ପ୍ରବନ୍ଧକାର ନୀଳକଣ୍ଠ ଏହି ପ୍ରବନ୍ଧରେ ଖୁବ୍ ଦାୟିତ୍ୱନିଷ୍ଠ ଓ ସଚେତନଭାବରେ ଉପସ୍ଥାପନ କରିଛନ୍ତି । ଅନ୍ୟକୁ ପ୍ରତିଭାର କେନ୍ଦ୍ର ବିନ୍ଦୁ ସଜାଇ, ପ୍ରତିମା ମନାଇ ପୂଜା କରିବା ଦ୍ୱାରା ମଣିଷ ନିଜ ଭିତରେ ଥିବା ଶକ୍ତିର ବୀଜକୁ, ଭ୍ରୂଣକୁ ବିକଶିତ ହେବାକୁ ନ ଦେଇ, ତା' ଭିତରେ ସୁପ୍ତଭାବରେ ଥିବା ଉଦ୍‌ଯୋଗପଣକୁ, ସମ୍ଭାବନାକୁ ହତ୍ୟା କରିଦିଏ । ପ୍ରତିକୂଳ ପରିବେଶରେ ତାହା ବଢଲେ ନାହିଁ, ବାଧହୋଇ ମଉଳି ଯାଏ । ପ୍ରବନ୍ଧକାରଙ୍କ ଭାଷାରେ 'ଆଶା ନ ଥିଲେ ଜ୍ଞାତ ହେଉ ବା ଅଜ୍ଞାତ ହେଉ ଉଦ୍ୟମ ଆସେ ନାଇ । ମନୁଷ୍ୟ ପାଇପାରେ ଏହା ଧାରଣା ନ ହେଲେ ମନୁଷ୍ୟ ପାଇବାକୁ ଯତ୍ନ କରେ ନାଇ ।" ଅର୍ଥାତ୍ ମଣିଷ ଚେଷ୍ଟାରୁ ବିରତ ରହେ, ଫଳ ବା ଉନ୍ନତି ଆସିବ କାହୁଁ ?

'ଅଛୁ ଓ ହେବୁ' ପଣ୍ଡିତ ନୀଳକଣ୍ଠଙ୍କ ରଚିତ ସମାଜ -ସଂସ୍କାରଧର୍ମୀ ଏକ ଉପାଦେୟ ପ୍ରବଂଧ । ବ୍ୟକ୍ତି ଜୀବନ ଓ ସାମାଜିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ, ଯାହା ବ୍ୟବସ୍ଥା ଓ ବିଚାରବୋଧକୁ ପ୍ରଭାବିତ ଓ ନିୟନ୍ତ୍ରଣ କରୁଥାଏ, ଲକ୍ଷ୍ୟରେ ଓ ଅଲକ୍ଷ୍ୟରେ, ସେ ସଂପର୍କରେ ଏଥିରେ ପୁଙ୍ଖାନୁପୁଙ୍ଖଭାବରେ ଆଲୋଚନା ଓ ଅନୁଶୀଳନ କରାଯାଇଛି । ଗୋଟିଏ ପଟେ ପ୍ରାଚୀନତା -ଉଦାସପଣ -ରକ୍ଷଣଶୀଳ ଭାବ 'ଅଛୁ', ଅନ୍ୟପଟେ ମହତ -ଆକାଂକ୍ଷା, ଅଗ୍ରଗାମୀ ଦୃଷ୍ଟିବୋଧ-ପ୍ରଚଣ୍ଡ ପ୍ରୟାସ 'ହେବୁ' । ଦୁଇଟା ଶକ୍ତି । ଉଭୟ କ୍ରିୟାଶୀଳ । କେହି ନିର୍ବଳ ନୁହନ୍ତି । ମଝିରେ ସଂଘାତ । ବୁଦ୍ଧିର, ବିବେକର, ବିଚାରଶୀଳତାର, ଆଧୁନିକତାର । ଏହାକୁ ନେଇ ପ୍ରବନ୍ଧରେ ମନସ୍ୱୀ ଦୂରଦ୍ରଷ୍ଟା ନୀଳକଣ୍ଠଙ୍କର ତାତ୍ତ୍ୱିକ ଅନୁଶୀଳନ ଏବଂ ସଂସ୍କାରଶୀଳ ଓ ଯୁକ୍ତିନିଷ୍ଠ ପର୍ଯ୍ୟାଲୋଚନା ।

ଆଜକୁ ଠିକ୍ ଶହେବର୍ଷ ତଳେ ଯୋଗଜନ୍ମା ବାଗ୍ମୀ ବିଶ୍ୱନାଥ କରଙ୍କ ଦ୍ୱାରା ସଂପାଦିତ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ଏହି ପ୍ରବନ୍ଧର ଉପୋଦ୍‌ଘାତରେ ନୀଳକଣ୍ଠ

Digitized by PPRACHIN, SOA

ପ୍ରବନ୍ଧର ପୃଷ୍ଠଭୂମି ସଂପର୍କରେ କହିଛନ୍ତି 'ସମାଜର ପ୍ରାଚୀନତା, ଅନୁଷ୍ଠାନମାନଂକର ସଂରକ୍ଷଣ, ସଂଶୋଧନ ପରିବର୍ତ୍ତନ ପ୍ରଭୃତି ଯାବତୀୟ ସାମାଜିକ ପ୍ରକ୍ରିୟା ଦୁଇଶକ୍ତିର ସଂଘର୍ଷତାରେ ପର୍ଯ୍ୟବସିତ । ସେଥିମଧ୍ୟରୁ ଗୋଟିଏ ରକ୍ଷଣଶୀଳତା ଓ ଅନ୍ୟଟି ପରିବର୍ତ୍ତନ ପ୍ରବଣତା । ଗୋଟିଏ କହେ, ଆଂଭେମାନେ ଚିରଦିନ ପୁରୁଷାନୁକ୍ରମେ ଏଇପରି ଚଳି ଆସୁଅଛୁ, 'ସୁଖରେ ଅଛୁ, ଏଇପରି ଥିବୁ' । ଅନ୍ୟଟି କହେ, ଏପରି ଅଛୁ ସତ୍ୟ, କିଂତୁ ଏପରି ରହିବା ଉଚିତ ନୁହେଁ, ଅତଏବ ଯେପରି ଉଚିତ ସେଇପରି ହେବୁ ।" କିନ୍ତୁ 'ଅଛୁ'ରୁ 'ହେବୁ'କୁ ଗତି ବା ଆଗକୁ ଯିବାର ପଥ ସବୁବେଳେ ସହଜ ହୁଏ ନାହିଁ । ଏଥିରେ ନାନା ପ୍ରତିବନ୍ଧକ ଜାତ ହୁଏ । ଘାତ -ପ୍ରତିଘାତ ସୃଷ୍ଟି ହୁଏ । କୌଣସି ନୂତନତାକୁ ଗ୍ରହଣ କରିବାକୁ, ଚଳି ଆସୁଥିବା ଧାରା, ଦେହ ସୁହା ହୋଇସାରିଥିବା ଚଳଣି ବା ବହୁଦିନର ପରମ୍ପରାକୁ ଭାଙ୍ଗିବାକୁ ମଣିଷ ବ୍ୟକ୍ତିଗତଭାବରେ ଅବା ଗୋଷ୍ଠୀଗତ ଭାବରେ ପ୍ରସ୍ତୁତ ହୁଏ ନାହିଁ । କେତେବେଳେ ଆଳସ୍ୟରୁ, କେତେବେଳେ ଅଜ୍ଞତାରୁ, କେତେବେଳେ ପ୍ରଗତିଶୀଳଚେତନାର ଅଭାବରୁ  ଅବା ଆଉ କେତେବେଳେ ଭୟ ବା ଭୀରୁତାରୁ ସେ ପଛଘୁଂଆ ଦିଏ । ହଟିଯାଏ । ପ୍ରାବନ୍ଧିକଙ୍କ ଭାଷାରେ "ମନୁଷ୍ୟ ଯେତେବେଳେ ଉଚିତ ବୋଲି କୌଣସି ପରିବର୍ତ୍ତନ ସାଧନରେ ପ୍ରବୃତ୍ତ ହୁଏ, ଯେତେବେଳେ ତା'ର 'ହେବୁ' ଶକ୍ତି ଖୁବ୍ ବଳବତୀ ହୋଇଉଠେ, ସେତେବେଳେ ନାନା କୁଶଂକା କୁତର୍କ ଆସି ଦ୍ୱାର ରୋଧ କରେ । ସେ ମନେକରେ 'ଏଇପରି ତ ଭଲ ଅଛି, କୌଣସି ମତେ କାମ ଚଳି ଯାଉଛି, ବିଶେଷ କିଛି ଅସୁବିଧା ହେଉନାଇ, ଏପରିବେଳେ ପରବର୍ତ୍ତନ କଲେ ମହାଅସୁବିଧା, ଆବଶ୍ୟକ କ'ଣ ?

ଉନ୍ନତ ବିଚାରଶୀଳତା, ଗବେଷଣାଧର୍ମୀ ପ୍ରଗତିଶୀଳ ଚିନ୍ତା ଦ୍ରୁତଭାବରେ, ଦୃଢ଼ ଭାବରେ ଜାତ ନ ହେଲେ ମଣିଷ ବ୍ୟକ୍ତିଗତ ବା ସାମାଜିକ ଭାବରେ 'ଅଛୁ' ଶକ୍ତିକୁ ସହଜରେ ଅତିକ୍ରମ କରିପାରେ ନାହିଁ । ପ୍ରାବନ୍ଧିକ ତତ୍‌କାଳୀନ ହିନ୍ଦୁ ସମାଜ ବ୍ୟବସ୍ଥାରେ 'ଅଛୁ' ଶକ୍ତିର ପ୍ରାଧାନ୍ୟ ହେତୁ ବହୁ କୁସଂସ୍କାର, ଅନ୍ଧବିଶ୍ୱାସ ପରମ୍ପରାଗତ ଭାବରେ ଚଳି ଆସୁଥିବା ଅନୁଭବ କରି କ୍ଷୋଭ ପ୍ରକଟ କରିଛନ୍ତି । ନୀଳକଣ୍ଠଙ୍କ ଭାଷାରେ 'ଅଛୁ ପ୍ରଭାବରେ ପ୍ରସ୍ତରୀଭୂତ କାଠିଣ୍ୟକୁ ତରଳ କରିବାକୁ ଏପରି କ୍ଷୀଣ 'ହେବୁ' ର ଉଷ୍ମତା କିଛି ମାତ୍ର ନୁହେଁ । ଚିର ପରଂପରାରେ ହିଂଦୁ ସମାଜର କଠୋର କୁସଂସ୍କାର ରୂପ ଗୋଟିଏ ଦେହ ପ୍ରସ୍ତୁତ ହୋଇଅଛି ।". ବ୍ୟକ୍ତିଗତ 'ଅଛୁ' ଶକ୍ତି ସାମାନ୍ୟ ବା ନଗଣ୍ୟ ହୋଇପାରେ ମାତ୍ର ସାମଗ୍ରିକ 'ଅଛୁ' ପ୍ରବଳ ଶକ୍ତିଶାଳୀ । ତାହା ସକଳ ସ୍ୱାଧୀନ ଚିନ୍ତା, କର୍ମପ୍ରବଣତାକୁ ପ୍ରତିହତ କରେ, ଗତିରୋଧ କରିଥାଏ । ପ୍ରାବନ୍ଧିକ ହିନ୍ଦୁସମାଜକୁ 'ପାଶବ ପୁରୋଦୃଷ୍ଟିହୀନ ରକ୍ଷଣଶୀଳତାର ଅବତାର' ବୋଲି ଆକ୍ଷେପ କରିବା ସହିତ 'ପ୍ରକୃତ ରକ୍ଷଣଶୀଳତା କହିଲେ ଆମେମାନେ ଯାହା ବୁଝୁ , ହିଂଦୁର ରକ୍ଷଣଶୀଳତା ତହିଁରୁ ମଧ୍ୟ ହୀନ' ବୋଲି କହି ସେ ହିଂଦୁ ସମାଜକୁ ଅତ୍ୟନ୍ତ କୁସଂସ୍କାରଗ୍ରସ୍ତ ବୋଲି ସୂଚିତ କରିଛନ୍ତି ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ କହିଛନ୍ତି 'ଅଛୁ ଶକ୍ତି ବା ରକ୍ଷଣଶୀଳତା ମନୁଷ୍ୟର ଚିଂତାଶକ୍ତିକୁ ଆବଦ୍ଧ କରେ । ମନୁଷ୍ୟ ଏହାର ଦାସ ହେଲେ କ୍ରମଶଃ ସାମାଜିକ ତଥା ବ୍ୟକ୍ତିଗତ ପାରଂପରିକ ବିଧିମାତ୍ରକୁ ସମାଜର ସର୍ବସ୍ୱ ମନେକରି ପଶୁଧର୍ମ ଅବଲଂବନ କରେ । ତାହାର ସ୍ୱାଧୀନ ଶକ୍ତି ଆଉ ଉଦ୍ରିତ ହୁଏ ନାଇ । ଆପାତତଃ ସନ୍ତୋଷରେ ନିରୁଦ୍‌ବେଗରେ ରହିବାରୁ ତାହାର ଜ୍ଞାନପିପାସା ଓ ଅନୁସଂଧିତ୍ସା ଦୂର ହୁଏ" । ଏହି ରକ୍ଷଣଶୀଳ 'ଅଛୁ' ଶକ୍ତିର କାରଣକୁ ଲେଖକ ତିନି ଭାଗରେ ବିଭକ୍ତ କରିଛନ୍ତି । ଜଡ଼ତା, ଯୁକ୍ତି -ବିତଣ୍ଡା ଓ ନୈତିକ ସାହସହୀନତା । ଏହି ତିନି ରୂପରେ ବା ତିନି ପର୍ଯ୍ୟାୟରେ ପରାକ୍ରମୀ 'ଅଛୁ' ଶକ୍ତି 'ହେବୁ' କୁ ପ୍ରତିହତ କରେ । ସେ ପୁଣି ଆଶା ପୋଷଣ କରିଛନ୍ତି "'ଅଛୁ'ର ସୂଚୀଭେଦ୍ୟ ତମଃ ମଧ୍ୟରେ ମଧ୍ୟେ ମଧ୍ୟେ ସେଇ 'ହେବୁ' ପ୍ରବର୍ତନର ସ୍ଫୁରଣ ଦେଖାଯାଏ ଓ ସମୟର ପ୍ରଭାବ ଅର୍ଥାତ୍ ଅନ୍ୟ ସମାଜ ସଂପର୍କର ପ୍ରାକୃତିକ ଫଳରେ ବେଳେବେଳେ 'ହେବୁ' ଶକ୍ତି ଜାଗି ଉଠେ ।' 'ହେବୁ' ଶକ୍ତି ମଧ୍ୟ ଲେଖକଙ୍କ ବିଚାରରେ ସେହିପରି ତିନିଟି ପର୍ଯ୍ୟାୟଦେଇ 'ଅଛୁ'କୁ ଅତିକ୍ରମ କରିଥାଏ । ତାଙ୍କ ଭାଷାରେ ' ପ୍ରଥମତଃ ଲୋକେ ସମୟବଳରେ ପରିବର୍ତିତ ହୁଅଂତି । ଦ୍ୱିତୀୟତଃ ବୁଦ୍ଧି ପ୍ରୟୋଗରେ 'ହେବୁ'ର ଔଚିତ୍ୟ ଓ ଉପକାରିତା ହୃଦୟଂଗମ କରଂତି ଓ ସର୍ବଶେଷରେ ନୈତିକ ସାହାସବଳରେ 'ହେବୁ' ଅବଲଂବନ କରି ସମାଜର ତଥା ବ୍ୟକ୍ତିଗତ ଜୀବନର ଉଦ୍ଧାର ସାଧନ କରଂତି ।"

ପ୍ରାଚୀନ କାଳରେ ଯେ କିଛି ଭଲ ନ ଥିଲା, ଏ କଥା ଭାବିବା ଉଚିତ ନୁହେଁ ବୋଲି ମଧ୍ୟ ଲେଖକ ପ୍ରବନ୍ଧରେ ଅବତାରଣା କରିଛନ୍ତି । ପ୍ରାଚୀନ ସମାଜ ବ୍ୟବସ୍ଥା ଭିତରେ ନୂତନତାର ସଂଯୋଗ ଫଳରେ ସମାଜ ପ୍ରଗତିଶୀଳ ହୋଇଥାଏ । ଲେଖକ କହିଛନ୍ତି, "ପ୍ରତ୍ୟେକ ପ୍ରାଚୀନ ସମାଜରେ ଅନେକ ବସ୍ତୁଥିଲା ଓ କୁସଂସ୍କାର ମଧ୍ୟରେ ମଧ୍ୟ ବହୁତ ସାମାଜିକ, ନୈତିକ, ପାରିବାରିକ, ପାରମାର୍ଥିକ ଇତ୍ୟାଦି ତତ୍ତ୍ୱ ପ୍ରଚ୍ଛନ୍ନଭାବରେ ରହିଅଛି - ଏହା କେହି ଅସ୍ୱୀକାର କରିପାରିବେ ନାଇ । ମାନବପରି ସମାଜର ବର୍ତମାନ ମଧ୍ୟ ଅତୀତର ଜୀବଂତ ସ୍ମୃତି ଓ ଭବିଷ୍ୟତର ଆଶାମୟୀ ସଂଭାବନାରେ ପୂର୍ଣ୍ଣ । ଅତୀତର ଭୂୟୋଦର୍ଶନବଳରେ ଭବିଷ୍ୟତର ସଂଭାବନା କରାଯାଏ ଓ ତଦନୁଯାୟୀ ବର୍ତମାନର କ୍ରିୟାବିଧାନ କରିବାକୁ ହୁଏ । ସମାଜରେ 'ଅଛୁ' ଶକ୍ତି ଯେପରି ଅତୀତ ସ୍ମୃତି, 'ହେବୁ' ସେଇପରି ଭବିଷ୍ୟତ ସଂଭାବନାର ଅବତାରଣାସ୍ୱରୂପ , ଅତଏବ 'ଅଛୁ' ଓ 'ହେବୁ' କଦାପି ସଂପୂର୍ଣ୍ଣ ରୂପେ ପୃଥକ ହୋଇ ପାରିବ ନାଇ' । 'ଅଛୁ' ଓ 'ହେବୁ' ପରସ୍ପର ସହଯୋଗୀ – ପରସ୍ପର ପରିପୂରକ । ଗୋଟିଏକୁ ଆଧାର କରି ଯଥାଯଥ ଭାବରେ ଅନ୍ୟଟିର ସଂଯୋଜନା କରାଗଲେ ଉଭୟର ସମବାୟରେ ତାହା ତ୍ରୁଟିହୀନ, ଉପାଦେୟ ଓ ଉନ୍ନତ ହୋଇଥାଏ ବୋଲି ପ୍ରାବନ୍ଧିକ ସୂଚନା ପ୍ରଦାନ କରିଛନ୍ତି । ପ୍ରାବନ୍ଧିକ ଉଦାହରଣ ଛଳରେ କହିଛନ୍ତି 'ଘରଟି ଗଢ଼ିବାଠାରୁ ଭାଂଗିବା ସହଜ; ତେଣୁ ଯଦି ନୂଆ ଘର ତୋଳିବା ଉଦ୍ଦେଶ୍ୟ ହୁଏ; ତେବେ ସମସ୍ତ ଉପକରଣ ଠିକ୍ କରି ପୁରୁଣା ଘର ଭାଂଗିବାକୁ ହେବ ଓ ପୁରୁଣାଘରୁ ଉପଯୁକ୍ତ ଉପକରଣ ଯେତେ ଆୟୋଜନ କରାଯିବ ସେତେ ଅଳ୍ପ ବ୍ୟୟ ଓ ପରିଶ୍ରମରେ

Digitized by PPRACHIN, SOA

କାର୍ଯଟି ସଂପନ୍ନ ହେବ । × × ସମାଜ ମଧ୍ୟ ସେଇପରି ଗୋଟିଏ ଗୃହ, ତେଣୁ ତାହାକୁ ଭାଂଗିବା ପୂର୍ବରୁ ପୁଣି ଗଢ଼ିବାର ସରଂଜାମ ଓ ବ୍ୟବସ୍ଥା ସ୍ଥିର କରି ରଖିବା ଉଚିତ । ଏହା ଯେ କେବଳ ସମାଜ ପକ୍ଷରେ କୁହାଯିବ, ତାହା ନୁହେ, ବ୍ୟକ୍ତିଗତ ଜୀବନ ଓ ମାନବର ଯେ କୌଣସି କର୍ମ କ୍ଷେତ୍ରରେ ମଧ୍ୟ ଏଇ ଉଦାହରଣ ଅନୁସାରେ କ୍ରିୟାବିଧି ଅନୁମାନ କରି ସାବଧାନ ହେବା ବିହିତ । କେବଳ 'ଅମୁକ କଥା ବଡ଼ ଖରାପ, ତାକୁ ଛାଡ଼'- ଏହା କହିଲେ ହେବ ନାଇ । 'ତାକୁ ଛାଡ଼ି ଏହାକୁ ଧର'- ବୋଲି ନ କହିଲେ ମନୁଷ୍ୟ ନିଷ୍ଠୟ ଶୂନ୍ୟ ନୀତିର ଆଶ୍ରୟରେ ଶୀଘ୍ର ବିପଥଗାମୀ ହେବ ।"

'ହେବୁ' ଶକ୍ତି ଭବିଷ୍ୟତର ସ୍ୱପ୍ନ ଓ ସଂଭାବନାରୁ ଜାତ ହୋଇଥାଏ । ଚିନ୍ତାଶୀଳ, ଉଦ୍‌ଯୋଗୀ ଓ ସାହସୀ ବ୍ୟକ୍ତିମାନେ ଏ କ୍ଷେତ୍ରରେ କେବଳ ଅଗ୍ରଣୀ ଭୂମିକା ନିର୍ବାହ କରିଥାନ୍ତି । ସାଧାରଣ ସ୍ତରର ମଣିଷ ଏପରି ଭବିଷ୍ୟତର ସମ୍ଭାବନାକୁ ସହଜରେ ଦେଖିପାରନ୍ତି ନାହିଁ ବା ଦେଖିପାରିଲେ ମଧ୍ୟ ସେଥିପ୍ରତି ତତ୍ପରତା ପ୍ରକାଶ କରନ୍ତି ନାହିଁ । ଅନେକ କହନ୍ତି 'ହଁ ସମୟ ଏହା କରିଦେବ' । ଏ ଧାରଣାର ବଶବର୍ତ୍ତୀ ମଣିଷ ଓ ଭବିଷ୍ୟତକୁ ଆଗୁଆ ଗଢ଼ିବାପାଇଁ ତତ୍ପର ଦୂରଦର୍ଶୀ ମଣିଷଙ୍କ ସଂପର୍କରେ ତୁଳନାତ୍ମକ ଚିତ୍ର ଦେଇ ପଣ୍ଡିତ ନୀଳକଣ୍ଠ ଖୁବ୍ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ କହିଛନ୍ତି 'କିଂତୁ ଯେଉଁ ମନୀଷୀ ମହାତ୍ମାଗଣ ସମୟ ସ୍ରୋତରେ ଭାସମାନ ଭବିଷ୍ୟତରେ ସମାଜକୁ ବର୍ତମାନପଟରେ ଚିତ୍ରିତ ଦେଖି ସମାଜକୁ ସେଇ ଚିତ୍ରର ଅବତାରରେ ତତ୍‌କ୍ଷଣାତ ପରିଣତ କରିବାକୁ ଦୃଢ଼ସଂକଳ୍ପ ହୋଇ ସାହସିକତାର ସହିତ କାର୍ଯ ଆରଂଭ କରଂତି, ଯେଉଁମାନେ ସମୟର ଦାସ ସ୍ୱରୂପ ସମୟ ଦ୍ୱାରା ନିଜେ ପ୍ରସ୍ତୁତ ହେବାକୁ ଅପେକ୍ଷା ନ କରି, ସମୟ ପ୍ରସ୍ତୁତ ହେବା ପୂର୍ବରୁ ତାକୁ ପ୍ରସ୍ତୁତ କରିବାକୁ ନିର୍ଭୟରେ ଉଦ୍ୟମ କରଂତି, ସ୍ଥୂଳ କଥାରେ ସମୟକୁ ଖୋଜିଯିବା ପୂର୍ବରୁ ସମୟ ଯାହାଂକୁ ଖୋଜି ଆସେ ଓ ଯେଉଁମାନେ ସମୟରେ ଯାହା ହେବ ତାହା ନିଜ ନିଜ ମଧ୍ୟରେ ଅନୁଭବ କରି ଭବିଷ୍ୟତରେ ଜାତୀୟ ବା ସାମାଜିକ ଇତିହାସକୁ ନିଜ ମଧ୍ୟରେ ପ୍ରତିବିଂବିତ ଦେଖି ନିଜେ କୃତାର୍ଥ ହୁଅଂତି ଓ ସମସ୍ତ ଜାତିକୁ ସେଇ ଅର୍ଥରେ ଅନୁପ୍ରାଣିତ କରି ନବୀନ ଜାତୀୟ ନାଟକରେ ଅଭିନେତା ରୂପେ ବରଣ କରଂତି, ସେଇମାନେ ପ୍ରକୃତ ହେବୁ ଶକ୍ତିର ଅବତାର କହିଲେ ଚଳେ ଓ ସେଇଭଳି ଲୋକଂକ ଦ୍ୱାରା ସମାଜର ଯୁଗ ପରିବର୍ତନ ହୁଏ ସତ; କିଂତୁ ସେ ସମସ୍ତ ଯୁଗ ପରିବର୍ତନ ମଧ୍ୟରେ ସର୍ବଦା ସମାଜ ନିଜର ବ୍ୟକ୍ତିତ୍ୱରେ ପରିଚିତ ହୁଏ ।" ଏହି ତାତ୍ପର୍ଯ୍ୟପୂର୍ଣ୍ଣ, ବେଶ୍ ସରଳ ଓ ଅଥଚ ଗମ୍ଭୀର ବାକ୍ୟଟି ଭିତରେ କେବଳ ପ୍ରାବନ୍ଧିକ ନୀଳକଣ୍ଠ ନୁହଁନ୍ତି, ପ୍ରାବନ୍ଧିକ ଭାବରେ ସମାଜ-ପ୍ରାଣ, ଦିବ୍ୟଦ୍ରଷ୍ଟା ମନୀଷୀ ନୀଳକଣ୍ଠ ଏ ଜାତି ଆଗରେ ଉଦ୍‌ଭାସିତ ହୋଇଛନ୍ତି । ଅନୁପ୍ରେରିତ କରିଛନ୍ତି ।

ପ୍ରାବନ୍ଧିକ 'ଅଛୁ' ଓ 'ହେବୁ'ର ସଫଳ ସମନ୍ୱୟପାଇଁ ଏହି ପ୍ରବନ୍ଧରେ ଆହ୍ୱାନ ଶୁଣାଇଛନ୍ତି । ଜାତିର ଜାଗ୍ରତ ସେନାପତିଭାବରେ ସେ ସଚେତନତାର ବାଣୀ ଶୁଣାଇଛନ୍ତି

Digitized by PPRACHIN, SOA

ଓ ଆହ୍ୱାନ ଦେଇଛନ୍ତି । ମୁଖ୍ୟତଃ ହିନ୍ଦୁ ଜାତି ଭିତରେ ରହିଥିବା କୁସଂସ୍କାର, ଅନ୍ଧ ରକ୍ଷଣଶୀଳତାକୁ ପରିହାର ପୂର୍ବକ ନୂତନ ବାସ୍ତବବାଦୀ ଯୁକ୍ତିନିଷ୍ଠ ବୈଜ୍ଞାନିକ ଚିନ୍ତାଧାରାରେ ଅନୁପ୍ରାଣୀତ ହେବାକୁ ବିଭିନ୍ନ ପ୍ରାସଙ୍ଗିକ ଉଦାହରଣ ଦେଇ ସେ ସମାଜକୁ ସଚେତନତାର ମନ୍ତ୍ର ଶୁଣାଇଛନ୍ତି । ପ୍ରାବନ୍ଧିକ କହିଛନ୍ତି, କିଂତୁ ବୁଝିବା ଉଚିତ, ଏଇ ପରିବର୍ତ୍ତନ, ଆମର ପରିବର୍ତ୍ତନ - ଆମଠାରୁ ଭିନ୍ନ ନୁହେଁ । ଅର୍ଥାତ୍, ଆମେ ଆମେ ଥାଇ ଏ ପରିବର୍ତ୍ତନ ଉପଭୋଗ କରିବୁ । ଆମେ ପରିବର୍ତ୍ତିତ ହୋଇ ଅନ୍ୟ ପ୍ରକାର ଅବସ୍ଥାକୁ ଯିବୁ; କିଂତୁ ପରିବର୍ତ୍ତିତ ହୋଇ ଯାହା ହେବୁ, ତାହାର ସତ୍ତା ଆମ ସତ୍ତାଠାରୁ ପୃଥକ ନୁହେ । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି, 'ହେବୁ' 'ଅଛୁ' ଉପରେ ଯୁକ୍ତିଯୁକ୍ତ ଭାବରେ ପ୍ରତିଷ୍ଠିତ ହେବା ବିଧେୟ" । ନୀଳକଣ୍ଠ ପରିବର୍ତ୍ତିତ ସମୟର ସ୍ପନ୍ଦନ ସ୍ପଷ୍ଟ ଶୁଣି ପାରୁଛନ୍ତି । ଅନ୍ୟ ଭାଷାରେ କହିଲେ, ଦେଶପ୍ରାଣ ନୀଳକଣ୍ଠ କେବଳ ହିନ୍ଦୁ ସମାଜକୁ ନୁହେଁ, ପରୋକ୍ଷରେ ତତ୍କାଳୀନ ପରାଧୀନ ଭାରତର ଜନଗଣଙ୍କ ଉଦ୍ଦେଶ୍ୟରେ ବରଂ କହିଛନ୍ତି "ଅତଏବ ହେ ହିଂନ୍ଦୁ ସଂତାନ ! ତୁମର ସାମାଜିକ ମୋହନିଦ୍ରା ଭାଂଗିବାର ବେଳ ଆସିଲାଣି । ସମୟର ପ୍ରତାପ ତୁମଂକୁ ଉଠାଇବା ପୂର୍ବରୁ ତୁମେ ନିଜେ ଜାଗ୍ରତ ହୁଅ । ଆଜି ଆଉ ସମାଜରେ ଜଡ଼ତାର ଏକାଧିପତ୍ୟ ବା କୌଳିକ ଅଧିକାର ରହିବାର ସମୟ ନୁହେ । ଆଉ କାହାରି ଭ୍ରାଂତ ଧାରଣା 'ବେଦର ଗାର' ବୋଲି ଗୃହୀତ ହେବ ନାଇ । ଏଇ ସ୍ୱାଧୀନ ଚିଂତାର ଯୁଗରେ ଭଗବାନଂକ ରଜ୍ୟରେ କେଇ ନୈତିକଭାବରେ କାହାରି ଅଧୀନ ନୁହେଁ । ସମସ୍ତେ ନୀତିର ଅଧୀନ । ସମସ୍ତେ ଆଂଜି ନିଜ ନିଜ ଚିଂତା ରାଜ୍ୟରେ ସମ୍ରାଟ ଓ ସ୍ୱାଧୀନତାରେ ସଂଯତ । ଅତଏବ ଏଇ ଆଶାର ଯୁଗରେ ଉଠି ଥରେ ଛିଡ଼ା ହୁଅ, ଦେଖ ସମସ୍ତ ମାନବ ସମାଜର ପ୍ରଜାତଂତ୍ର ତୁମର ଅପେକ୍ଷାରେ ବସିଅଛି ।" ଏହି 'ଅଛୁ ଓ ହେବୁ' ପ୍ରବନ୍ଧରେ ଏ ଜାତି ଉଦ୍ଦେଶ୍ୟରେ ସେ ପୁଣି କହିଛନ୍ତି "ଏତିକିବେଳେ ସାବଧାନ ହେଲେ ସମୟ ଆସିବା ପୂର୍ବରୁ ତୁମେ ସମୟକୁ ପାଇବ ଓ ନୂତନ ଓ ଆଶାମୟ ସାମାଜିକ ତଥା ବ୍ୟକ୍ତିଗତ ଜୀବନରେ ଅନୁପ୍ରାଣିତ ହୋଇ ଗାଢ଼ ନିଦ୍ରା ଛାଡ଼ି ପୁଣି ଜଗତରେ ଜୀବଂତ ଜାତି ବୋଲି ପରିଗଣିତ ହେବ ।" ଏ ପ୍ରବନ୍ଧଟି ପଣ୍ଡିତ ନୀଳକଣ୍ଠଙ୍କ ରଚିତ କେବଳ ଏକ ସମାଜ ସଂସ୍କାର ଚେତନାଧର୍ମୀ ପ୍ରବନ୍ଧ ନୁହେଁ, ଏହା ମଧ୍ୟ ଏକ ଉଚ୍ଚାଙ୍ଗ ଜାତୀୟବାଦୀ ରଚନା ।

ନୀଳକଣ୍ଠଙ୍କ ରଚିତ 'ମୋ ନିଶ' ଓ 'ନିଶ' ଏହିପରି ଦୁଇଟି ଶିରୋନାମରେ ଦୁଇଟି ପ୍ରବନ୍ଧ ୧୯୧୬ ମସିହାରେ ବ୍ରଜସୁନ୍ଦର ଦାସଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ମୁକୁର' ପତ୍ରିକାରେ ପ୍ରକାଶ ପାଇଥିଲା । ଗୋଟିଏ ବିଷୟବସ୍ତୁକୁ ଆଧାର କରି ଏହି ଦୁଇଟି ପ୍ରବନ୍ଧ ପତ୍ରିକାର ଭିନ୍ନ ଭିନ୍ନ ସଂଖ୍ୟାରେ ପ୍ରକାଶ ପାଇଥିଲେ ହେଁ ଆମେ ଏହାକୁ ଆଲୋଚନାପାଇଁ ଏକକଭାବରେ ଗ୍ରହଣ କରିପାରିବା । ପ୍ରବନ୍ଧଟି ନିଛକ ସମାଜ ସଂସ୍କାର ମୂଳକ ରଚନା । ଏହା ହୃଦୟଗ୍ରାହୀ ବ୍ୟକ୍ତିନିଷ୍ଠ ଶୈଳୀରେ ରଚିତ । ବ୍ୟକ୍ତିନିଷ୍ଠ ଶୈଳୀକୁ ଆମେମାନେ ରମ୍ୟରଚନାର ସମଧର୍ମୀ ଶୈଳୀ ଭାବରେ ଗ୍ରହଣ କରିଥାଉ । ପ୍ରାବନ୍ଧିକ ଗୋବିନ୍ଦ ତ୍ରିପାଠୀ (୧୮୯୯-୧୯୬୨) ଏହି ଶୈଳୀରେ ପ୍ରବନ୍ଧ ଲେଖି ବେଶ୍ ପ୍ରଖ୍ୟାତି

Digitized by PPRACHIN, SOA

ଅର୍ଜନ କରିଥିଲେ । 'ବଟୁଆ', 'କଖାରୁ ଫୁଲ' ଇତ୍ୟାଦି ତାଙ୍କର ଏହି ଶ୍ରେଣୀୟ ଅତି ଚର୍ଚ୍ଚିତ ରଚନା । ସମାଜରେ ସଂସ୍କାର ଆଣିବାକୁ, ଉପଯୁକ୍ତ ଶିକ୍ଷା-ଦୀକ୍ଷା ଅଭାବରୁ ସମାଜରେ ଯୁଗ ଯୁଗ ଧରି ଚଳି ଆସୁଥିବା ଅନ୍ଧ ବିଶ୍ୱାସର ନିରାକରଣପାଇଁ ପଣ୍ଡିତ ନୀଳକଣ୍ଠ ଏହି ପ୍ରବନ୍ଧରେ ଆଲୋଚନା କରିଛନ୍ତି । 'ମୋ ନିଶ'ରେ ନିଜର ବ୍ୟକ୍ତିଗତ 'ନିଶ' ରଖିବାକୁ କେନ୍ଦ୍ରବିନ୍ଦୁ କରି ତତ୍କାଳୀନ ବ୍ରାହ୍ମଣ ସମାଜରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ବା ଭ୍ରାନ୍ତିର ଚିତ୍ର ସହିତ ସମାଜରେ ପ୍ରଚଳିତ ବହୁ କୁସଂସ୍କାର ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଛି । ସମାଜରେ ପ୍ରଚଳିତ ଅନ୍ଧ ବିଶ୍ୱାସକୁ ସୂଚିତ କରି ପ୍ରବନ୍ଧରେ ନୀଳକଣ୍ଠ ଲେଖିଛନ୍ତି, 'ସେଇ ରୁଚି ହେଉ ବା ଅନ୍ୟ କୌଣସି ବିଶିଷ୍ଟ କାରଣରୁ ହେଉ, ମୋର ନିଜର ଇଚ୍ଛାରେ ବା ସୁବିଧାପାଇଁ ମୁଁ ଦାଢ଼ିଟାକୁ କାଟି ସଫା କରିଦେଲି, ନିଶଟା ଥାଏ । କେତେଦିନ ଚାଲିଗଲା । ମୁଁ ଗ୍ରାମକୁ ଆସିଲି । ଦେଖିଲି ଯେ ଲୋକେ ଅନାହୂତ ଭାବରେ ମୋ ପାଇଁ ପ୍ରାୟଶ୍ଚିତ ବ୍ୟବସ୍ଥା ଘେନି ପ୍ରସ୍ତୁତ । ବିଚାରିଲି ଏ କି ଅଦ୍ଭୁତ କଥା ! ମୁଁ ତ ଏ ନିରକ୍ଷର ବେଦଶାସ୍ତ୍ର ବିଶାରଦମାନଂକୁ କେବେ ବିନା ଅର୍ଥଲାଭରେ ବ୍ୟବସ୍ଥା ଦେବାର ଦେଖିନାଇ ।" ପ୍ରାବନ୍ଧିକ ତତ୍କାଳୀନ ସମାଜରେ ବିନା ବିଦ୍ୟାଧ୍ୟୟନରେ ନିଜକୁ ବେଦଜ୍ଞ ପଣ୍ଡିତ ମଣୁଥିବା ଓ ଅର୍ଥଲାଳସାର ବଶବର୍ତ୍ତୀ ହୋଇ କାରଣହୀନ ମନଗଢ଼ା ପ୍ରାୟଶ୍ଚିତ୍ତର ବିଧି ବ୍ୟବସ୍ଥାମାନ ବଖାଣୁଥିବା, କୁସଂସ୍କାର-ମନସ୍କ ମୁରବୀପଣିଆର ଚରିତ୍ରଗୁଡ଼ିକ ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି । ମୋଟ ଉପରେ ଏହା ହିଁ ଥିଲା ସେତେବେଳକାର ସାମାଜିକ ବ୍ୟବସ୍ଥା ଓ ପଣ୍ଡିତ ନୀଳକଣ୍ଠ ଏପରି ଦୃଢ଼ମୂଳ ଭ୍ରାନ୍ତ ବିଚାରଧାରାର ମୂଳୋତ୍ପାଟନପାଇଁ ପ୍ରବନ୍ଧ ମାଧ୍ୟମରେ ପ୍ରୟାସ କରିଛନ୍ତି ।

ସମାଜରେ ନିଶାଖୋର ବ୍ୟକ୍ତିମାନେ ଅଫିମ ସେବନକୁ 'କଳା କହ୍ନେଇର ଭଜନ' କହି ମନ୍ଦକାର୍ଯ୍ୟକୁ କିପରି ଆଦର୍ଶଭାବରେ ପ୍ରଚଳନ କରୁଥିଲେ ଓ ପ୍ରତିଷ୍ଠା କରୁଥିଲେ ଏବଂ ତାହା ସଂପୂର୍ଣ୍ଣଭାବରେ ଅଶିକ୍ଷା ଓ କୁସଂସ୍କାରର ଫଳଶ୍ରୁତି ବୋଲି ଲେଖକ ବର୍ଣ୍ଣନା କରିଛନ୍ତି । ସେତେବେଳକାର ସମାଜରେ 'ଜାତିଆଣ ବା 'ଜାତି ପାଟକ' କେତେକ ନିମ୍ନବର୍ଗର ବୋଲି କୁହାଯାଉଥିବା ଜାତିବିଶେଷରେ ପ୍ରଚଳିତ ଥିଲା । ତାହାର ବର୍ଣ୍ଣନା ଦେଇ ସେ ପ୍ରକାରର ବ୍ୟବସ୍ଥା କେତେ କଠୋର ଓ ସ୍ଥଳବିଶେଷରେ ନୃଶଂସ ଥିଲା, ସେ ଚିତ୍ର ପଣ୍ଡିତ ନୀଳକଣ୍ଠ ଉକ୍ତ ପ୍ରବନ୍ଧରେ ଆଲୋଚନା କରି ଲେଖିଛନ୍ତି । ଏ ସବୁ ବିପଜ୍ଜନକ ଘଟଣା ପଛରେ 'ଶାସ୍ତ୍ର' ନାମରେ ଯେଉଁ ଅକାଟ୍ୟ ଯୁକ୍ତି ଉପସ୍ଥାପିତ କରାଯାଉଥିଲା, ତା'ର ଭିତ୍ତି ସଂପର୍କରେ ନୀଳକଣ୍ଠ ବେଶ୍ ହାସ୍ୟକର ଢଙ୍ଗରେ ଚିତ୍ର ପ୍ରଦାନ କରିଛନ୍ତି, "ଆପଣମାନେ ଜାଣିଥାଂତୁ ଏଇଭଳି ଶାସ୍ତ୍ରଜ୍ଞ ବହୁତ ପଂଡିତଂକ ଠାରୁ ମୁଁ ଶୁଣିଅଛି ଶାସ୍ତ୍ର ଆଉ କିଛି ନୁହେଁ । କେବଳ ବାପେ, ବଡ଼ବାପେ ଯାହା କହୁଅଛଂତି ବୋଲି ଆମର ଧାରଣା ହୋଇଅଛି ଓ ଲୋକେ ଯାହା କରୁଅଛଂତି, ତାହା ଇ ଶାସ୍ତ୍ର, ତାହା ଇ ସବୁ ।" ତାଳପତ୍ର ଛତା ପରିବର୍ତ୍ତେ କନା ତିଆରି ଛତା ଧରି ସେଦିନ ଜଣେ କ୍ୱାଇଁ ପକ୍ଷର ବ୍ୟକ୍ତି 'ସୁମତି ମିଶ୍ର'ଙ୍କ ଝିଅ ବିଭାଘରରେ ଆସିଥିବାରୁ ସୁମତି ମିଶ୍ରଙ୍କୁ କିପରି ହାନସ୍ତା ହେବାକୁ

Digitized by PPRACHIN, SOA

ପଡ଼ିଥିଲା ତା'ର ବର୍ଣ୍ଣନା କରି ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି, "ସେଇ ମକଦ୍ଦମା ରାତି ଶେଷକୁ ଛିଡ଼ିଲା ଓ ମିଶ୍ରେ ଅନ୍ୟାୟ ସ୍ୱୀକାର କରି ଗୋଡ଼ତଳେ ପଡ଼ି ଗାଁ ଦିଅଁକୁ ଭୋଗପାଇଁ ଗରାଏ ଭାଂଗ ପଣା ଜରିମାନା ଦେଲେ' । ଏଠାରେ ଠାକୁରଙ୍କ ନାମରେ ଭାଙ୍ଗପଣା ପିଇବାର ବ୍ୟବସ୍ଥା ପ୍ରତି ଶାସ୍ତ୍ରୀୟ ସ୍ୱୀକୃତିକୁ ନୀଳକଣ୍ଠ କଟାକ୍ଷ କରିଛନ୍ତି । 'ନିଶ'ରଖିବାକୁ କିପରି ସେତେବେଳେ ସମାଜରେ କାରଣ ହୀନ ଭାବରେ ବାରଣ କରାଯାଉଥିଲା ସେ ପ୍ରସଙ୍ଗର ଅବତାରଣା ସହିତ ସମାଜରେ ପ୍ରଚଳିତ ପ୍ରବନ୍ଧରେ ଅନ୍ୟାନ୍ୟ କୁସଂସ୍କାର ସଂପର୍କରେ ଲେଖକ ସୂଚନା ପ୍ରଦାନ କରିଛନ୍ତି ।

"ଆମର ଥିଲା ଓ କାରଣ ଥାଇପାରେ' ବା ସାମାଜିକ କୁସଂସ୍କାର ପ୍ରବନ୍ଧଟି· ସାମାଜିକ କୁସଂସ୍କାର ବିରୋଧରେ ଲେଖକଙ୍କର ଅନ୍ୟ ଏକ ଉଲ୍ଲେଖନୀୟ ରଚନା । "ଆମର ଥିଲା ଓ କାରଣ ଥାଇପାରେ' ବୋଧଟି ସମଗ୍ର ବ୍ୟକ୍ତି ଓ ସମାଜବ୍ୟବସ୍ଥାକୁ କିପରି ପଙ୍ଗୁ ଓ କ୍ରିୟାହୀନ କରୁଛି; 'ଆମର ଥିଲା'ର ମିଛ ଆତ୍ମସନ୍ତୋଷ ଲୋକଙ୍କୁ କିପରି ଦିଗ୍‌ଭ୍ରଷ୍ଟ କରୁଛି, ଲେଖକ ଏହି ପ୍ରବନ୍ଧରେ ତା'ର ଚିତ୍ର ପ୍ରଦାନ କରିଛନ୍ତି । ନୀଳକଣ୍ଠ ନିଜର ବ୍ୟଥା ପ୍ରକଟ କରି ଲେଖିଛନ୍ତି, "ଏଇପରି ଅନେକ କଥା ପ୍ରତିଦିନ ଶିକ୍ଷିତ ପ୍ରାଣରେ ଘୋର ଆଘାତ ଦେଉଅଛି ।" ସେ ଲେଖିଛନ୍ତି 'ଲୋକଂକର ଚୂଡ଼ାଂତ ଯୁକ୍ତି 'ଏହା ବାପେ କରିଥିଲେ' । ଏହା ବ୍ୟତୀତ ସେ ଆଉ କାରଣ ଶୁଣିବେ ନାଇ । ବିଷୟଟି ବୁଝିବାକୁ ଚେଷ୍ଟା କଲେ, ଧର୍ମ ଗଲା, କୂଳଗଲା, ସମାଜ ଗଲା ! ଯାହା ଥରେ କୌଣସି ପ୍ରକାରେ ସମାଜରେ ଚଳି ଯାଇଅଛି, ତାହା ଈଶ୍ୱରୋପମ ପୂର୍ବପୁରୁଷମାନଂକର ଆଦେଶ, ଏହା ଲୋକଂକର ଦୃଢ଼ ବିଶ୍ୱାସ । × × × ସମାଜରେ ଜ୍ଞାନର ଅଭାବ ଓ କାରଣ ଜିଜ୍ଞାସାର ହୀନତା ଏଇପରି ଆମମାନଂକ ସମାଜକୁ ପଶୁ ସମାଜରେ ପରିଣତ କରିଅଛି । ସର୍ବଦା ଅତୀତର ବିଶ୍ୱାସରେ ଏଇପରି ଭବିଷ୍ୟତର ଆଶା ଲୋପକରି ଲୋକେ ଆତ୍ମଗ୍ଲାନିରେ ହୀନ ପଶୁଧର୍ମ ଅବଲଂବନ କରୁଅଛନ୍ତି ।' ହିନ୍ଦୁ ଧର୍ମରେ ପ୍ରଚଳିତ ଜାତିଭେଦ ପ୍ରଥାକୁ ନାନା ସାମାଜିକ ଅଧୋଗତିର ହେତୁ ଭାବରେ ପଣ୍ଡିତ ନୀଳକଣ୍ଠ ବିଚାର କରିଛନ୍ତି । ସେପରି ବିଚାରରୁ ଊର୍ଦ୍ଧ୍ୱକୁ ନ ଉଠିଲେ ଜାତୀୟ ଜୀବନର ବିକାଶ ସମ୍ଭବ ହୋଇପାରିବ ନାହିଁ ବୋଲି ସେ କ୍ଷୋଭର ସହିତ ପ୍ରବନ୍ଧର ବିଭିନ୍ନ ସ୍ଥାନରେ ବ୍ୟକ୍ତ କରିଛନ୍ତି । ହିନ୍ଦୁଧର୍ମରେ ପ୍ରଚଳିତ ତୀବ୍ର ଜାତିଭେଦ୍ ସଂପର୍କରେ ବ୍ୟଙ୍ଗ କରି ସେ କହିଛନ୍ତି, 'ଏଇ ଭେଦମନ୍ତ୍ର ଆମମାନଙ୍କର ଜାତୀୟତା, ଏଇ ମନୁଷ୍ୟ ଘୃଣା ଆମମାନଙ୍କର ହିଂଦୁତ୍ୱ ।" ପଣ୍ଡିତ ନୀଳକଣ୍ଠ କହିଛନ୍ତି 'କୁସଂସ୍କାର ଗୋଟିଏ ଚିତ୍ତବୃତ୍ତି, ଯେକୌଣସି ରୂପରେ ପ୍ରକାଶ ପାଉ ପଛକେ, ତାହାର ସାଧାରଣ ପ୍ରକୃତି ନିର୍ଦ୍ଦେଶ କରିବାକୁ ଗଲେ ବୋଲାଯିବ, ଏହା କାରଣ ନ ବୁଝି ପଶୁପରି କାର୍ଯ କରିଯିବାର ଗୋଟାଏ ପ୍ରବୃତ୍ତି ।" କୁସଂସ୍କାରଗ୍ରସ୍ତ ଲୋକଟିଏ ବା ସମାଜ 'ଆମର ଥିଲା' ଓ 'କାରଣ ଥାଇପାରେ' ଚିନ୍ତାରେ ବା ନିର୍ଣ୍ଣୟରେ ଏତେ ଆତ୍ମବିହ୍ୱଳ ଯେ ସେ ଭାବେ, ପ୍ରଥମତଃ 'ଏହା ନିଶ୍ଚୟ ଶାସ୍ତ୍ରରେ ଥିବ ବା ଆମମାନଙ୍କ ପ୍ରାଚୀନ ପୁରୁଷମାନେ କହିଥିବେ, ଦ୍ୱିତୀୟତଃ 'ଏତେ ଲୋକ ଯାହାର ଅନୁବର୍ତ୍ତନ କରଂତି, ତାହା

Digitized by PPRACHIN, SOA

କିପରି ହୀନ ହୋଇପାରେ ? ତୃତୀୟତଃ, କାରଣ ଖୋଜିବା ପୂର୍ବରୁ, ଆମର ଜାଣିବା ଉଚିତ ଯେ ପ୍ରାଚୀନ ପୁରୁଷମାନେ ତ ଓଲୁ ନଥିଲେ, ସେମାନେ ଯାହା କରିଯାଇ ଅଛଂତି, ତାହା ଆମମାନଂକ ପରି ମୂଢ଼ ନ ବୁଝି କରିଯିବା ବିହିତ" ଇତ୍ୟାଦି । ପଣ୍ଡିତ ନୀଳକଣ୍ଠଙ୍କର ମତ ହେଉଛି 'କିଂତୁ ପ୍ରକୃତରେ ବୁଝିବାକୁ ଗଲେ କୁସଂସ୍କାରର ମୂଳ ପିଂଡ ସେଇ 'ଆମର ଥିଲା ଓ କାରଣ ଥାଇପାରେ' ।

'ତଂତ୍ର ଉପାସନା ସଂବଂଧରେ ଦୁଇ ଏକ କଥା' ଶୀର୍ଷକ ପ୍ରବନ୍ଧରେ ପଣ୍ଡିତ ନୀଳକଣ୍ଠ ଧର୍ମ ନାମରେ ତନ୍ତ୍ର ସାଧନା ସମାଜ ଜୀବନରେ ଭ୍ରଷ୍ଟାଚାର ଓ ଅସାମାଜିକତାର ପ୍ରସାର ଘଟାଉଛି ବୋଲି ବ୍ୟଙ୍ଗ କରିଛନ୍ତି । ସେ ଲେଖିଛନ୍ତି 'ଧର୍ମ ନାମରେ ଯଦି ମଦ୍ୟପାନ, ମାଂସଭୋଜନ ଓ ଅଗମ୍ୟାଗମନ ପରି ପରମପଦର ଆଶା କରାଯାଏ, ତେବେ ସଂଯମ ପଂଥା କେତେଦିନ ତିଷ୍ଠିପାରେ ? × × × ଧର୍ମ ନାମରେ ମଦକୁ ଦୁଧ କରି ପିଇଲେ ଆଉ ରାକ୍ଷା କାହିଁ ?

ପଣ୍ଡିତ ନୀଳକଣ୍ଠ ଥିଲେ ଦେଶଭକ୍ତ । ସମାଜ, ଜାତି ଓ ଦେଶର କଲ୍ୟାଣପାଇଁ ସେ ଅହରହ ସ୍ୱପ୍ନ ଦେଖୁଥିଲେ ଓ ସେହି ମହନୀୟ ଲକ୍ଷ୍ୟରେ ସମଗ୍ର ଜୀବନ ଅତିବାହିତ କରିଛନ୍ତି । ତାଙ୍କ ସାହିତ୍ୟର ଛତ୍ରେ ଛତ୍ରେ ସୁନ୍ଦର ପ୍ରଗତିଶୀଳ ସମାଜର ସ୍ୱପ୍ନ ଖୁନ୍ଦି ହୋଇଛି । ତାଙ୍କର ମତ ଓ ଦୃଷ୍ଟିକୋଣ ଚିରକାଳ ପ୍ରାସଙ୍ଗିକ ଓ ପ୍ରାଣବନ୍ତ ହୋଇ ରହିବ । ସେ ଏ ଜାତିର ପ୍ରଣମ୍ୟ ପୁରୁଷ ।

Digitized by PPRACHIN, SOA

# ନୀଳକଣ୍ଠଙ୍କ ପ୍ରବନ୍ଧରେ ଜାତୀୟତାର ପଦଧ୍ୱନି

ଡ. ସଂଜିତା ମିଶ୍ର

"ସମୟ ବିଶେଷରେ ଜାତି ମଧ୍ୟରେ ପ୍ରବଳ ଆକାଂକ୍ଷା, ଉଦ୍ଦୀପନା, ଆଶା ଓ ଅନୁରାଗ ଜାତୀୟ ଜୀବନରେ ପ୍ରବେଶ କରି ଜାତୀୟ ସାହିତ୍ୟ ସୃଷ୍ଟି କରେ । ଜାତି ମଧ୍ୟରେ ଏହି ପ୍ରବଳ ଭାବ ଜାତୀୟ ସାହିତ୍ୟ ଗଠନର ବିଶେଷ ଅନୁକୂଳ ଅବସ୍ଥା । ଇତିହାସ ଆଲୋଚନା କଲେ ଦେଖି ପାରିବା ଯେ, ଗୋଟିଏ ଗୋଟିଏ ସମୟରେ ଜାତି ମ୍ନରେ ଗୋଟିଏ ଗୋଟିଏ ପ୍ରବଳ ଆକାଂକ୍ଷା ପ୍ରବେଶ କରି ଜାତୀୟ ଜୀବନ ଓ ତାହା ସଙ୍ଗେ ସଙ୍ଗେ ସାହିତ୍ୟକୁ ଗଠନ କରିଦେଇଅଛି । (ବିଶ୍ୱନାଥ କର) ଉତ୍କଳ ସାହିତ୍ୟ ସମାଜର ଦ୍ୱିତୀୟ ବାର୍ଷିକ ଅଧିବେଶନ କାଳରେ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କର ଏହି ଉକ୍ତିର ସତ୍ୟତା ସତ୍ୟବାଦୀ ଯୁଗରେ ପ୍ରତିଭାତ ହୋଇଥିବା ପରି ମନେ ହୁଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ସମସ୍ତ ସୃଷ୍ଟି ସମ୍ଭାର ମଧ୍ୟରେ ଏହି ଜାତୀୟ ଭାବନାର ପଦଧ୍ୱନି ସ୍ପଷ୍ଟ ପ୍ରତିଧ୍ୱନିତ ହୁଏ । ପଣ୍ଡିତ ଦାସଙ୍କର ପ୍ରବନ୍ଧ ଏବଂ ଅଭିଭାଷଣରେ ମଧ୍ୟ ଜାତି ପ୍ରେମର ମହନୀୟ ଭାବ କିପରି ନିନାଦିତ ତାହା ଉଲ୍ଲେଖ କରିବା ଆଲୋଚ୍ୟ ନିବନ୍ଧର ଉଦ୍ଦେଶ୍ୟ । ଜାତୀୟ ସାହିତ୍ୟ ଆତ୍ମ ବଡ଼ିମା ଗାନ କରୁଥିବା ଅନ୍ତଃସାରଶୂନ୍ୟ ସାହିତ୍ୟ କୃତି ନୁହେଁ । ଏହା ଜାତିର ଅତୀତକୁ ଏପରି ପ୍ରକାଶମାନ କରେ, ଯଦ୍ୱାରା ବର୍ତ୍ତମାନ ଅବସାଦର ବନ୍ଧନରୁ ଆପଣାକୁ ମୁକ୍ତ କରି, ଅମାପ ତେଜ ତଥା ଶୌର୍ଯ୍ୟର ସହ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ହୁଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଭିଭାଷଣଧର୍ମୀ ପ୍ରବନ୍ଧରେ ଏହି ଜାତୀୟ ସାହିତ୍ୟ ଭାବ କିପରି ପ୍ରକାଶିତ ତାହା ଆଲୋଚନା କରିବା ନିମେନ୍ତ, ତାଙ୍କର ଦୁଇଗୋଟି ଅଭିଭାଷଣକୁ ଏଠାରେ ଗ୍ରହଣ କରାଯାଇଛି ।

ଅଭିଭାଷଣ: 'ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ' । ୧୯୬୪ ମସିହାରେ ରେଭେନ୍‌ସା କଲେଜର ଓଡ଼ିଆ ସାହିତ୍ୟ ସମାଜରେ ପ୍ରଦତ୍ତ ଭାଷଣର ସାରାଂଶ । (ନବଭାରତ ନୂଆପ୍ରସ୍ଥ ୧ମ ଭାଗ / ୧ମ ସଂଖ୍ୟାରେ ଏହା ପ୍ରକାଶିତ ହୋଇଥିଲା) । ଏହି ଅଭିଭାଷଣଧର୍ମୀ ପ୍ରବନ୍ଧରେ "ଅତୀତ ବିଭବ କାହାଣୀ" ବିବିଧ ରୂପରେ ବର୍ଣ୍ଣିତ ।

ପ୍ରବନ୍ଧର ପ୍ରାରମ୍ଭରେ ପଣ୍ଡିତ ଦାସ ଗୋଟିଏ ପ୍ରଶ୍ନ ଉପସ୍ଥାପନ କରିଛନ୍ତି । ଓଡ଼ିଶା ବୋଇଲେ କ'ଣ ? ଆଜି ଓଡ଼ିଶା କହିଲେ, ଆମେ ଯେଉଁ ଭୌଗୋଳିକ ପରିସୀମାକୁ ବୁଝୁଛୁ ଲେଖକ ସେହି ଓଡ଼ିଶାକୁ ଆଲୋଚନାର ପରିସରଭୁକ୍ତ କରିନାହାନ୍ତି । ଏପରିକି

Digitized by PPRACHIN, SOA

ଉପାନ୍ତ ଓଡ଼ିଆ ଭୂମିକୁ ମିଶ୍ରିତ କରି ଯେଉଁ ଭୂମିଖଣ୍ଡ ପରିଦୃଷ୍ଟ, ତାହା ମଧ୍ୟ ନୀଳକଣ୍ଠଙ୍କ ଓଡ଼ିଶା ନୁହେଁ । ନୀଳକଣ୍ଠଙ୍କ ମତରେ, "ପ୍ରାଚୀନ ଓଡ଼ିଶା କହିଲେ ବିଶେଷତଃ ସଂସ୍କୃତି ହିସାବରେ, ଏହା ସମସ୍ତ ପୂର୍ବ ଭାରତର ପଶ୍ଚିମଖଣ୍ଡ ଘେନି ମଧ୍ୟପ୍ରଦେଶ ଓ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।" ରାଜନୀତିକ ସୀମା ଦ୍ୱନ୍ଦ୍ୱ ମଧ୍ୟରେ ସେ ଓଡ଼ିଶା ଆଜି ସଙ୍କୁଚିତ । କେବଳ ସେତିକି ନୁହେଁ ବହୁ କଷ୍ଟରେ ଶ୍ମଶାନରୁ ବାହୁଡ଼ିବା ପରି ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖରେ ଓଡ଼ିଶା ପ୍ରଦେଶ ଗଠିତ ହୋଇ, ନିଜର ପ୍ରାଣ ପ୍ରତିଷ୍ଠା କରି ନିଃଶ୍ୱାସ ମାରୁଚି । ଅର୍ଥାତ ଓଡ଼ିଶାର ବର୍ତ୍ତମାନ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥାଇ ମଧ୍ୟ ଏହାର ପୂର୍ବ ବିଭବର ପ୍ରାମାଣିକ ତଥ୍ୟ ପ୍ରଦାନ ନୀଳକଣ୍ଠଙ୍କ ପାଣ୍ଡିତ୍ୟର ପରିଚୟ ବହନ କରେ । ସେହି ପରିବ୍ୟାପ୍ତ ସୁବୃହତ ଓଡ଼ିଶାର ବିଶ୍ୱ ସଂସ୍କୃତିକୁ କ'ଣ ଅବଦାନ ରହିଛି, ତାହାର ସୂଚନା ଏଠାରେ ପ୍ରଦତ୍ତ ।

ସଂସ୍କୃତିର ବିକାଶ, ପ୍ରସାର ତଥା ଆଦାନ ପ୍ରଦାନ ଦୁଇଟି କ୍ଷେତ୍ରରେ ଦେଖିବାକୁ ମିଳେ । ୧ମ - ଭୌତିକ ବିକାଶ ଏବଂ ୨ୟ - ଆତ୍ମିକ ବିକାଶ । ବିଶ୍ୱ ସଂସ୍କୃତିର ଭୌତିକ ବିକାଶ ସାଧନ ନିମନ୍ତେ ଉତ୍କଳର ଅବଦାନ: ଆଚାର, ବ୍ୟବହାର, ବ୍ୟବସାୟ, କଳା, କବିତା, ଲେଖା ଖୋଦନ ଇତ୍ୟାଦିକୁ ଲେଖକ ସଂସ୍କୃତିର ବହିର୍ବିକାଶ ରୂପେ ଗ୍ରହଣ କରିଛନ୍ତି । ଏସବୁ କ୍ଷେତ୍ରରେ ଓଡ଼ିଶାର ଦାନ ଏବଂ ଆଦାନ ପ୍ରଦାନ କ'ଣ ରହିଛି । ତାହା ନିମ୍ନୋକ୍ତ ଐତିହାସିକମାନଙ୍କର ମତାନୁଯାୟୀ ସୂଚିତ କରାଯାଇଛି ।

'ରାସୀ ପଣ୍ଡିତ ସିଲ୍‌ଭାନ ଲେଭିଙ୍କ ମତରେ:- 'ଏହି ଫରାସୀ ପଣ୍ଡିତ ୬୧୫ ଖ୍ରୀଷ୍ଟାବ୍ଦରେ ଚୀନଦେଶ ସହ ଓଡ଼ିଶାର ସମ୍ପର୍କକୁ ନେଇ ଗୋଟିଏ ଆବିଷ୍କ୍ରିୟା ପ୍ରଦାନ କରନ୍ତି । ଯାଜପୁର ନଗରର ତତ୍କାଳୀନ ସମ୍ରାଟ "ଶିବକରକେଶରୀ ଗଣ୍ଡବ୍ୟୂହ୍ୟ" ନାମକ ଗୋଟିଏ ପୁସ୍ତକ ରଚନା କରି ଚୀନ ସମ୍ରାଟଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହି ପୁସ୍ତକଟିରେ ଯୋଗ ସମ୍ବନ୍ଧରେ ସୂଚନା ଥିଲା ଏବଂ ଏହା ଏକ ବୌଦ୍ଧ ଧର୍ମ ଗ୍ରନ୍ଥ । ପୁନଶ୍ଚ ଏହି ଗ୍ରନ୍ଥଟି ଯାହାଙ୍କ ହସ୍ତରେ ପ୍ରେରଣ କରାଯାଇଥିଲା ସେ ଥିଲେ ଜଣେ ଆଫଗାନିସ୍ଥାନର ବ୍ୟକ୍ତି ବିଶେଷ । ସେ ବୌଦ୍ଧଧର୍ମ ଶିକ୍ଷା ଓ ଯୋଗସାଧନ ନିମନ୍ତେ ଓଡ଼ିଶାର ପୁଷ୍ପଗିରି ବିହାର ଠାରେ ଅବସ୍ଥାନ କରିଥିଲେ ଏବଂ ତାଙ୍କର ନାମ ପ୍ରାଜ୍ଞ । ଏହାଙ୍କର ପୂର୍ବନାମ ପରିବର୍ତ୍ତିତ ହୋଇଯାଇଥିଲା ଏବଂ ସମସ୍ତେ ତାଙ୍କୁ ଯୋଗସିଦ୍ଧ ପଣ୍ଡିତବୀର ପ୍ରାଜ୍ଞ ନାମରେ ଜାଣିଥିଲେ । ପଣ୍ଡିତ ବିନାୟକ ମିଶ୍ର ଏହି ଘଟଣାଟି ୬୧୫ ଖ୍ରୀଷ୍ଟାବ୍ଦରେ ନ ଘଟି, ଏହାର ଦେଢ଼ଶହ ବର୍ଷ ପରେ ଅର୍ଥାତ ୭୬୫ ଖ୍ରୀଷ୍ଟାବ୍ଦରେ ଘଟିଥିବାର ଅନୁମାନ କରନ୍ତି । ତେବେ ପ୍ରାଜ୍ଞଙ୍କ ଭଳି ମୀନକ୍ଷୀ ବିଦେଶରୁ ଜ୍ଞାନ ଲାଭ ନିମନ୍ତେ ଓଡିଶା ଆଗମନ କରିବା ଏବଂ ଓଡ଼ିଶାର ସମ୍ରାଟ ଯୋଗସାଧନା ସମ୍ପର୍କରେ ଗ୍ରନ୍ଥ ରଚନା କରି ଚୀନ ଦେଶକୁ ପ୍ରେରଣ କରିବା ଓଡ଼ିଶାର ସଂସ୍କୃତିକ ଅବଦାନର ମହିମା ବହନ କରେ ।'

Digitized by PPRACHIN, SOA

ପ୍ରାତ୍ନିକ ରମାପ୍ରସାଦ ଚନ୍ଦଙ୍କ ମତାନୁଯାୟୀ ଏବର କଟକ ଜିଲ୍ଲାର ରତ୍ନଗିରି, ଉଦୟ ଗିରି ଓ ଲଳିତଗିରି ପ୍ରଭୃତି ସ୍ଥାନମାନଙ୍କୁ ଧରି ବିରାଟ ପୁଷ୍ପଗିରି ବିହାର ନାମକ ଏକ ପ୍ରଖ୍ୟାତ ବୌଦ୍ଧବିହାର ବା ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଥିଲା । ପୁଷ୍ପଗିରିରେ ମୁଖ୍ୟତଃ ହୀନଯାନ ଯୋଗସାଧନା ବିକଶିତ ହୋଇଥିଲା । ଏଇ ଯୋଗସାଧନାରେ କଠୋର ବ୍ରହ୍ମଚର୍ଯ୍ୟ ତଥା ବୀର୍ଯ୍ୟ ସ୍ତମ୍ଭନାଦି କ୍ରିୟା ଭିତରେ ନିର୍ବାଣ ଖୋଜିବାର ନୀରସ ପନ୍ଥା ଧରି ରହିଥିଲା । ହାର୍ଭେ ସାହେବ ବ୍ରହ୍ମଦେଶର ଇତିହାସରେ ଓଡ଼ିଶାର ସାଂସ୍କୃତିକ ଅବଦାନ ସମ୍ପର୍କରେ ସ୍ପଷ୍ଟ ସୂଚନା ରହିଛି । ଖ୍ରୀଷ୍ଟାବ୍ଦ ସପ୍ତମ ଶତକରେ ଓଡ଼ିଶାରୁ ୯ଜଣ ବୌଦ୍ଧଭିକ୍ଷୁ ବ୍ରହ୍ମଦେଶର ପେଗୁ ନାମକ ରାଜ୍ୟକୁ ଗମନ କରିଥିଲେ । ସେମାନେ ସେଠାରେ ଉଦୟଗିରି ଗୁମ୍ଫାର ଅନୁକରଣରେ ଗୁମ୍ଫା ଓ ମନ୍ଦିରମାନ ସ୍ଥାପନ କରିଥିଲେ । ସେ ଦେଶର ରାଜା ମଧ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଓଡ଼ିଶାର ଲୋକମାନେ ସେହି ସ୍ଥାନରେ ବସତି ସ୍ଥାପନ କରିଥିଲେ । ପେଗୁ ରାଜ୍ୟର ପରିବର୍ତ୍ତିତ ନାମ ହୋଇଥିଲା "ଓସା" । ଯାହା ଓଡ଼ିଶା ଶବ୍ଦର ଅପଭ୍ରଂଶରୁ ସୃଷ୍ଟି ହୋଇଥିବା ଅନୁମେୟ । ପଣ୍ଡିତ ଦାସଙ୍କ ମତରେ ଏବେ ମଧ ଓଡ଼ିଶାର ବହୁରୀତିନୀତି, ପେଗୁରେ ଅନୁସନ୍ଧାନ କରାଯାଇପାରେ । ପେଗୁର ଭାଷାରେ ଓଡ଼ିଆ ଶବ୍ଦାବଳୀର ସ୍ଥାନ ମଧ ଅନ୍ୱେଷଣ ସାପେକ୍ଷ । ଜାଭା ପ୍ରଭୃତି ପୂର୍ବ ଦୀପାଞ୍ଚଳଗୁଡ଼ିକର ପ୍ରାଚୀନ ମଠ, ମନ୍ଦିର ଓ ପ୍ରାସାଦମାନଙ୍କର ଶୈଳୀ ଉପରେ ଗବେଷଣା କରି ପ୍ରାତ୍ନିକ ମାନେ ଅନେକ ଗ୍ରନ୍ଥ ତଥା ପ୍ରବନ୍ଧ ପ୍ରକାଶ କରୁଛନ୍ତି । ସେମାନଙ୍କ ମତରେ ଏସବୁ ନିର୍ମାଣ ଶୈଳୀ ପଶ୍ଚାତରେ ଓଡ଼ିଆ ଶିଳ୍ପୀମାନଙ୍କର ହାତ ରହିଛି । କାରଣ, ଓଡ଼ିଶାରେ ଦେଉଳ ତୋଳା ରୀତି ମୁଖ୍ୟତଃ ଦୁଇ ପ୍ରକାରର - ରେଖ ଓ ପୀଢ଼ । ରେଖଟି ପ୍ରାଚୀନ ମଗଧରୁ ଆସିଥିଲା, କିନ୍ତୁ ଓଡ଼ିଆ ଶିଳ୍ପୀମାନଙ୍କ ହାତରେ ଏହାର ପ୍ରକୃତ ସୌନ୍ଦର୍ଯ୍ୟ ଓ ସୌଷ୍ଠବ ବିକଶିତ ହୋଇଥିଲା । ଜାଭା ଶିଳ୍ପରେ ଏହି ଓଡ଼ିଶୀ ଶିଳ୍ପର କଳା ଆପାତତଃ ସ୍ପଷ୍ଟ ରୂପ ଗ୍ରହଣ କରିଥିଲା ।

ସ୍ୱର୍ଗତଃ ରାଖାଲଦାସ ବନ୍ଦ୍ୟୋପାଧ୍ୟାୟ ତାଙ୍କ 'ଓଡ଼ିଶା ଇତିହାସ'ର ସପ୍ତମ ଅଧ୍ୟାୟରେ ପ୍ରାଚୀନ ଓଡ଼ିଶାର ବହିର୍ବାଣିଜ୍ୟ ଏବଂ ଉପନିବେଶ ସ୍ଥାପନ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ସେ ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଅବଦାନ ପ୍ରସଙ୍ଗକୁ ଆହୁରି ପ୍ରଲମ୍ବିତ କରିଦେଇଛନ୍ତି । ତାଙ୍କର ମତାନୁଯାୟୀ ଜାଭାଦି ଦେଶରେ ଯେଉଁ ଶିଳ୍ପଭାସ୍କର୍ଯ୍ୟର ଆଭାସ ପ୍ରଦାନ କରାଗଲା, ତାହା ପ୍ରଶାନ୍ତ ମହାସାଗରର ଦ୍ୱୀପପୁଞ୍ଜ ପଥ ଦେଇ ଆମେରିକାରୁ ପେରୁ ଓ ମେକ୍‌ସିକୋ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି । ପ୍ରଶାନ୍ତ ମହାସାଗରର ଦ୍ୱୀପ ମାନଙ୍କରେ ଯେଉଁ ସବୁ ବିରାଟ ଶିଳା ଶିଳ୍ପର ଅବଶେଷ ପରିଦୃଶ୍ୟ ହେଉଛି ଏବଂ ଇଉକାଟାରେ ମୟଭୂମି ପ୍ରଭୃତି ଆମେରିକୀୟ ଦେଶଗୁଡ଼ିକରେ ଯେଉଁ ପ୍ରାଚୀନ ମନ୍ଦିରରାଜିର ଅବଶିଷ୍ଟାଂଶ ଦେଖିବାକୁ ମିଳୁଛି ସେ ସବୁ କଳା ଭାସ୍କର୍ଯ୍ୟ କଳିଙ୍ଗରୁ ହିଁ ସୁଦୂର ଆମେରିକା ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା ।

Digitized by PPRACHIN, SOA

ଏହି ମତକୁ ଦୃଢ଼ କରିବା ନିମନ୍ତେ ପଣ୍ଡିତ ଦାସ ଦୁଇ ଖଣ୍ଡ ଇଂରାଜୀ ପୁସ୍ତକର ନାମୋଲ୍ଲେଖ କରିଛନ୍ତି । ଯଥା ଭେରିଲ ସାହେବଙ୍କ ରଚିତ 'Old Civilizatin of the new world myths and Legend' ଅନ୍ୟଟି ଚମନ୍‌ଲାଲଙ୍କର 'Hindu America' ଗ୍ରନ୍ଥ । ପୁନଶ୍ଚ ଲେଖକ କୁହନ୍ତି ଯେ ଏହି ହିନ୍ଦୁ ଆମେରିକା ପୁସ୍ତକର ମଲାଟ ଉପରେ ଓ ଭିତରେ ଯେଉଁ ମେକ୍‌ସିକୋ ରମଣୀରଙ୍କର ଚିତ୍ର ରହିଛି, ତାହା ଓଡ଼ିଆଣୀ ଛବି ପରି ମନେ ହେଉଛି । 'ମୟ' ହେଉଛନ୍ତି ମହାଭାରତ ଯୁଗର ଶ୍ରେଷ୍ଠ ଅନାର୍ଯ୍ୟ ଶିଳ୍ପୀ । ରାଜସୂୟ ଯଜ୍ଞକୁଣ୍ଡ, ମଣ୍ଡପ ଏବଂ ଯଜ୍ଞଶାଳାଦି ଏହି ମୟ ହିଁ ନିର୍ମାଣ କରିଥିଲେ । ଚମନଲାଲ ସାହେବଙ୍କର ମତାନୁଯାୟୀ ଆମେରିକାର ଇଉକାଟାନ ଅଞ୍ଚଳର ମୟବଂଶୀମାନେ ବସତି ସ୍ଥାପନ କରୁଥିଲେ ଏବଂ ତାଙ୍କର ନାମ ଅନୁସାରେ ଏହି ଅଞ୍ଚଳ ମଧ୍ୟ ନାମିତ ହୋଇଛି । ଭୌତିକ ବିକାଶ କ୍ଷେତ୍ରରେ ଓଡ଼ିଶାର ଅବଦାନ ସମ୍ପର୍କରେ ସୂଚନା ଦେବା ପରେ ଲେଖକ ଆତ୍ମିକ ସଂସ୍କୃତି ପ୍ରସଙ୍ଗ ବିଚାରକୁ ନେଇଛନ୍ତି ।

### ବିଶ୍ୱ ସଂସ୍କୃତିର ଆତ୍ମିକ ବିକାଶ କ୍ଷେତ୍ରରେ ଓଡ଼ିଶାର ଅବଦାନ:-

ଆତ୍ମିକ ସଂସ୍କୃତି ସମ୍ପର୍କରେ ସୂଚନା ଦେବାକୁ ଯାଇ ପ୍ରାବନ୍ଧିକ ଦାସ ଧର୍ମ ପ୍ରସଙ୍ଗ ଉଲ୍ଲେଖ କରି ପୃଥିବୀର ଧର୍ମମତକୁ ତିନିଭାଗରେ ବିଭକ୍ତ କରିଛନ୍ତି ।

ସେମିଟିକ୍ ଧର୍ମ – (ଆରବ ଓ ଇହୁଦୀ ପ୍ରଭୃତି ଜାତିଙ୍କ ମଧ୍ୟରେ ପ୍ରକାଶ ପାଏ) । ଆର୍ଯ୍ୟ ଜାତିର ଧର୍ମ – (ଏହି ଆର୍ଯ୍ୟମାନେ ଭାରତୀୟ ନୁହନ୍ତି) । ପୃଥିବୀର ପ୍ରାଚୀନତମ ସଂସ୍କୃତି – (ଭାରତର ସିନ୍ଧୁଠାରୁ ଗୋଦାବରୀ, କୃଷ୍ଣା, ମହାନଦୀ ଓ ଗଙ୍ଗା ପର୍ଯ୍ୟନ୍ତ ଉପତ୍ୟକା ମାନଙ୍କରେ ତଥା ଟାଇଗ୍ରିସ୍ ଇଉଫ୍ରେଟିସ୍ ଭୂମି, ଏବର ଦକ୍ଷିଣ ପାରସ୍ୟ, ଏସିଆ ମାଇନର, ଇଜିପଟ୍, କୀଟ୍ ପ୍ରଭୃତି ସ୍ଥାନରେ ବିକାଶ ପାଇଥିଲା) । ଏହାର ନାମ ଆଦିମ ଆଫ୍ରେସିଅ ସଭ୍ୟତା ଓ ଏହି ସଭ୍ୟତା ସହ ଭାରତୀୟ ବୈଦିକ ସଭ୍ୟତାର ସଂଶ୍ଳେଷଣ ଘଟିଛି । ଏହି ଆଫ୍ରେସିଅ ବା ଭାରତ ଧର୍ମ ମଧ୍ୟରେ ଓଡ଼ିଶାର ଆଧ୍ୟାତ୍ମିକ ଅବଦାନକୁ ଶ୍ରୀଯୁକ୍ତ ଦାସ ଏକତ୍ର ଗ୍ରଥିତ କରିଛନ୍ତି । କେତେଗୁଡ଼ିଏ କାମନାରେ ବାନ୍ଧି ହୋଇ ପୁରୁଷ ବା ବ୍ୟକ୍ତି ନିଜକୁ ନାମ ରୂପ ମଧ୍ୟରେ ସୀମିତ କରିଦେଉଛି । ଏହି କାମନାର ସୂତ୍ରକୁ ଲୋପ କରିଦେଲେ ସେ ଶୂନ୍ୟ ହୋଇପାରିବ । କାମନା ଛିଣ୍ଡାଇବାର ଉପାୟ ଜୀବେଦୟା । କାମନା ଶୂନ୍ୟ ହେବା ନିମନ୍ତେ ଯେଉଁ ସବୁ ସାଧନାର ମାର୍ଗ ଉନ୍ମୋଚିତ ହୋଇଥିଲା ତନ୍ମଧ୍ୟରୁ 'ବୀର୍ଯ୍ୟ ସ୍ତମ୍ଭନ' ଓ 'ଅଷ୍ଟାଙ୍ଗ ସାଧନା' ଅନ୍ୟତମ । ଜଗନ୍ନାଥ, ବଳରାମ ଆଦି ୧୬ଶ ଶତାବ୍ଦୀର ସାଧକ ତଥା ସାହିତ୍ୟକମାନେ ଏହି ମୌଳିକ ବିଶ୍ୱଧର୍ମକୁ ବୈଷ୍ଣବ ଧର୍ମ ନାମରେ ନାମିତ କରିଛନ୍ତି । ବୈଦିକ ସାହିତ୍ୟର ଅକ୍ଷର ବ୍ରହ୍ମ, ନାମରୂପୀ ଓଁ ତତ୍ତ୍ୱ ଏହି ଧର୍ମରୁ ସୃଷ୍ଟ । 'ନାମେଭକ୍ତି', ଓ 'ଜୀବେଦୟା' ମଧ୍ୟ ଓଡ଼ିଶାର ଧର୍ମୀୟ ସ୍ରୋତର ଅବଦାନ ।

Digitized by PPRACHIN, SOA

ଉପର୍ଯ୍ୟୁକ୍ତ ସମସ୍ତ ଅବଦାନ ସମ୍ପର୍କରେ ଉଲ୍ଲେଖ କରିବା ପରେ ଏହାର ଚିରନ୍ତନ ଗୁଣ ବିଷୟରେ ସୂଚନା ଦେଇ ପଣ୍ଡିତ ଦାସ କୁହନ୍ତି, "ଆଜିର ବିରାଟ ବିଶ୍ୱ ସଂସ୍କୃତି ଏତେ କ୍ଷୀପ୍ର ଗତିରେ ମଧ୍ୟ ପରମାଣୁ ବୋମାଠାରୁ ଦୂରତମ ନିହାରିକାର ସେପାଖେ ଥିବା ବିଶ୍ୱରଶ୍ମି (Cosmic Raod) ବୁଲି ଆସି ଗତି ଫେରାଇ ଦିନେ ପୁଣି ଭିତରକୁ ଚାହିଁ ସମାଜର ପରିସ୍ଥିତି ଠିକ୍ କରିବ, ସେତେବେଳେ ମଧ୍ୟ ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଏଦାନ, ବିଶ୍ୱ ସମାଜର କାମରେ ଲାଗିବ ।

ଲେଖକଙ୍କର ୨ୟ ଅଭିଭାଷଣଧର୍ମୀ ପ୍ରବନ୍ଧର ନାମ 'ସାରଳା ଦାସ' । (ତା ୧୩.୦୧.୧୯୪୭ ମକର ସଂକ୍ରାନ୍ତି ଦିନ ଝଙ୍କଡ଼ର ସାରଳା ଦାସଙ୍କ ଗାଦିରେ ଦେଇଥିବା ବକ୍ତୃତାର ସାରାଂଶ । ଏହା ନୂଆ ପ୍ରସ୍ଥ 'ନବଭାରତ' ର ୧ମ ବର୍ଷ ୫ମ ସଂଖ୍ୟା ୧୯୪୭ ଫେବୃଆରୀରେ ପ୍ରକାଶ ପାଇଥିଲା) ମାଟିର ମହାକବି ସାରଳା ଦାସଙ୍କର ଅସାଧାରଣ ପ୍ରତିଭା, କବିତ୍ୱଶକ୍ତି, ଅକଳନ ଜାତିପ୍ରୀତି, ଅସୀମ ଦମ୍ଭ ଓ ସାହାସ ସମ୍ପର୍କରେ ସୂଚନା ଦେଇଛନ୍ତି ପ୍ରାବନ୍ଧିକ ଦାସ । ସାରଳା ଦାସଙ୍କର ପ୍ରଚଣ୍ଡ କବିତ୍ୱ ଶକ୍ତିକୁ ଅଲୌକିକତାର ଆବରଣ ତଳେ ପୋତି ଦିଆଯାଇଥିଲା । ସାରଳା ଦାସ ମୂର୍ଖ ଥିବା ପ୍ରସଙ୍ଗରେ ଯେଉଁ ପ୍ରବାଦମାନ ବିସ୍ତାର ଲାଭ କରିଛି, ପଣ୍ଡିତ ଦାସ ସେହି ପ୍ରବାଦଗୁଡ଼ିକୁ ସମାଲୋଚନା କରିଛନ୍ତି । ଏପରି ପ୍ରବାଦ ଦେବୀଙ୍କର ଦେବୀତ୍ୱ ପ୍ରତିପାଦିତ କରିଛି, କିନ୍ତୁ ଜଣେ ପ୍ରତିଭାସମ୍ପନ୍ନ ଲେଖକଙ୍କର ବ୍ୟକ୍ତିତ୍ୱକୁ କ୍ଷୁଣ୍ଣ କରିଦେଇଛି ।

ସାରଳା ଦାସ କିପରି ମୁକ୍ତ ସାହିତ୍ୟ ସୃଷ୍ଟି କରିଛନ୍ତି, ତାହା ପ୍ରତିପାଦିତ କରିବାକୁ ଯାଇ, ପଣ୍ଡିତ ଦାସ ଯୁଧିଷ୍ଠିର- ଭୀମ ଏବଂ କୁବେରଙ୍କ ଉପାଖ୍ୟାନ ପ୍ରଦାନ କରିଛନ୍ତି । ଏହି ଗଳ୍ପଟି ଉଲ୍ଲେଖ କରି ପ୍ରାବନ୍ଧିକ କୁହନ୍ତି, 'ଏ ବ୍ୟାସଙ୍କ ମହାଭାରତ ନୁହେଁ କି କାଶୀରାମ ଦାସଙ୍କ ମହାଭାରତ ନୁହେଁ - ଏ ଓଡ଼ିଆ ମହାଭାରତ । ଯୁଧିଷ୍ଠିରଙ୍କ ରାଜ୍ୟରେ ଧାନ ଶଗଡ଼ରେ ବୁହା ହେଉ ନଥିଲା, କି ଶଗଡ଼ ପଟରେ ପଡୁ ନଥିଲା । କୁବେର ମଧ୍ୟ ଧାନ ଗୋଟାଇ ନଥିଲେ କି ପଠାଉ ନଥିଲେ । ଏଇପରି ଓଡ୍ର ରାଷ୍ଟ୍ରମଣ୍ଡଳ ବର୍ଣ୍ଣନା ଠାରୁ ଭୀମ୍, ଦୁର୍ଯ୍ୟୋଧନଙ୍କ 'ଝିମିଟି ଖେଳ'ରୁ ମହାଭାରତ ପର୍ଯ୍ୟନ୍ତ, ଲକ୍ଷ୍ମୀ ପାର୍ବତୀଙ୍କର ଗାଁ ମାଇପଙ୍କ ପରି କାହା ବର ବଡ଼ ବୋଲି କଳି କରିବା ଠାରୁ ଦେବତାଙ୍କ ଭିତରେ ରାଜୁସ୍ତତି ଓ ମାମଲତକାରୀ ପର୍ଯ୍ୟନ୍ତ, ସବୁ ସାରଳାଦାସଙ୍କ ମହାଭାରତରେ ଅଛି । ତାକୁ ଦେବୀ ଲେଖାଇ ନାହାନ୍ତି, କି ମୂର୍ଖ ସିଦ୍ଧେଶ୍ୱର ନ ଜାଣି ଲେଖି ନାହାନ୍ତି । ସଂସ୍କୃତ ସେବୀ ଓ ସ୍ମାର୍ତ୍ତଙ୍କ ତୋଟିଚିପା ସହି ନପାରି ମନୀଷୀ ସିଦ୍ଧେଶ୍ୱର, ମୁକ୍ତ, ସ୍ୱାଧୀନ ଓଡ଼ିଆ ସାହିତ୍ୟ, ଓଡ଼ିଆ ପ୍ରାଣକୁ ଫୁଟାଇ ଛାଡ଼ି ଦେଇଛନ୍ତି । ଏହା ହିଁ ସାରଳା ଦାସଙ୍କ ମହାଭାରତ ।

ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରବନ୍ଧରେ ଓଡ଼ିଶାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସମୟରେ ଜଗନ୍ନାଥ ଧର୍ମ ବିଷୟରେ ତାଙ୍କର ବକ୍ତବ୍ୟ ଗ୍ରହଣୀୟ । ସୁସମାଲୋଚକ

Digitized by PPRACHIN, SOA

ଡ଼କ୍ଟର ବାଉରୀବନ୍ଧୁ କର "ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧରେ ଆଧ୍ୟାତ୍ମିକ ଓ ଦାର୍ଶନିକ ଚେତନା ପ୍ରବନ୍ଧ"ରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । 'Religious and Philosophical Development in Orissa', ଏବଂ 'Hints on the Significance and History of Jagannath' ଶୀର୍ଷକ ଦୁଇଟି ଇଂରାଜୀ ପ୍ରବନ୍ଧରେ ଜଗନ୍ନାଥ ଧର୍ମର ବିଶେଷତ୍ୱ ପ୍ରତିପାଦିତ । ପଣ୍ଡିତ ଦାସଙ୍କ ମତରେ ଜଗନ୍ନାଥ ଧର୍ମ ସାମ୍ୟ, ସମତା ବା ଭ୍ରାତୃତ୍ୱକୁ ସୂଚିତ କରୁନାହିଁ । ଏହା ଏସବୁ ଠାରୁ ଅଧିକ ଗଭୀର, ବିଶଦ ଓ ପ୍ରଶସ୍ତ ମୈତ୍ରୀ ଧର୍ମକୁ ଇଙ୍ଗିତ କରୁଛି । ତାଙ୍କ ମତରେ "This is Maitri or feeling of Universal, kinship in which the individual is identified with the universe. This is distinct from Samya (Equality), brotherhood or any such term of the kind generally used in authoritative religion". (ନୀଳକଣ୍ଠ ପରିକ୍ରମା -ପୃ-୧୯୬) ଜଗନ୍ନାଥ ବିଶ୍ୱ ମାନବିକତାର ପ୍ରତୀକ । ଏକେଶ୍ୱର ବାଦର ଜୀବନ୍ତ ପ୍ରତୀକ । ଜଗନ୍ନାଥ ଧର୍ମ ପରି ସମାନ୍ତରାଳ ମୈତ୍ରୀ ଧର୍ମ ବିଶ୍ୱରେ ଅନ୍ୟତ୍ର ପରିଲକ୍ଷିତ ହୁଏ ନାହିଁ ।

ଏତଦ୍‌ବ୍ୟତୀତ 'ଜାତୀୟତାର ଭିତ୍ତିଭୂମି' 'ଆର୍ଯ୍ୟ ଜୀବନ' ଆଦି ପ୍ରବନ୍ଧ ମାନରେ ସେହି ଜାତୀୟ ସାହିତ୍ୟାଦର୍ଶର ଚିରନ୍ତନ ପ୍ରଭାବ ପରିଲକ୍ଷିତ ହୁଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ସୃଷ୍ଟି ସମ୍ଭାର ପର୍ଯ୍ୟାଲୋଚନା କଲେ, ତାଙ୍କୁ ପଣ୍ଡିତ ନୀଳକଣ୍ଠ ନ କହି ପ୍ରେମିକ ନୀଳକଣ୍ଠ କହିବାକୁ ଇଚ୍ଛା ହୁଏ । ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ଏକନିଷ୍ଠ ପ୍ରେମିକ ନୀଳକଣ୍ଠଙ୍କ ସମସ୍ତ ସୃଷ୍ଟି ସମ୍ଭାର ପରି ପ୍ରବନ୍ଧ ଏବଂ ଅଭିଭାଷଣରେ ମଧ୍ୟ ଉତ୍କଳ ପ୍ରୀତିର ଗୁରୁଗମ୍ଭୀର ନିନାଦ ପ୍ରତିଧ୍ୱନିତ ହୋଇଥାଏ । ପଣ୍ଡିତ ନୀଳକଣ୍ଠଙ୍କ ଏହି ଜାତି ପ୍ରୀତିକୁ ତାଙ୍କର ଜାତୀୟ ସାହିତ୍ୟ ରୂପେ ଗ୍ରହଣ କରାଯାଇପାରେ ।

Digitized by PPRACHIN, SOA

# ନୀଳକଣ୍ଠଙ୍କ ଆତ୍ମଜୀବନୀର କେତୋଟି ଦିଗ

ଶ୍ରୀ ଚନ୍ଦ୍ରଶେଖର ହୋତା

ଜୀବନକୁ ଜୀଇଁବାକୁ ହୁଏ ବୋଲି ତ ମଣିଷ ଜିଇଁବାକୁ ଚେଷ୍ଟାକରେ । ଯାବତୀୟ ସଂଘର୍ଷ ଭିତରେ ଜୀବନକୁ ବଂଚିବାର ପ୍ରଚଣ୍ଡ ଅଭୀପ୍ସା ତା ଭିତରେ ଜାଗ୍ରତ ହୁଏ । ଅହରହ ଯୁଝିବାର ଅମୃତପଣ ତାକୁ ଜୀବନୋନ୍ମେଷ କରାଏ । ସେ ବଂଚିବାର ରାହାକୁ ପ୍ରଲମ୍ବିତ, ଦୀର୍ଘ ଓ ମଜ୍‌ଭୁତ୍ କରାଏ । ଜୀବନ ହିଁ ତା'ର ସନ୍ଦେଶ ପାଲଟେ । ଗାନ୍ଧୀଙ୍କ ସତ୍ୟ ଅନ୍ୱେଷଣର ମହନୀୟ ଧାରା ହେଉ ଅଥବା ମାଣ୍ଡେଲାଙ୍କ ମାନବୀୟ ସଂଘର୍ଷର ଚରମ ଉତ୍କର୍ଷ ହେଉ ସବୁଠି ଜୀବନର ଜୟଗାନ । ବର୍ଣ୍ଣବୈଷମ୍ୟ ସହ ଯୁଦ୍ଧ ଘୋଷଣା କରି ମାଣ୍ଡେଲା କେବଳ ନିଜର ହିତ ସାଧନ କରିନଥିଲେ ବରଂ ଅଗଣିତ ନିଷ୍ପେଷିତ ମାନବାତ୍ମାର କଲ୍ୟାଣ କରିଥିଲେ । ଜୀବନ କେବଳ ନିଜ ପାଇଁ ହୋଇନଥାଏ ବରଂ ସମାଜ ପାଇଁ ଓ ଅନ୍ୟାୟ ବିରୁଦ୍ଧରେ ବୋଲି ସେ ପ୍ରମାଣ କରିଦେଇଥିଲେ । ସୌଭାଗ୍ୟବଶତଃ ଓଡ଼ିଆ ଆତ୍ମଜୀବନୀ ସାହିତ୍ୟ କ୍ଷୀଣ ହେଲେ ବି ଦୁର୍ବଳ ନୁହେଁ । ଅନେକ ମହାପୁରୁଷଙ୍କ ଜୀବନର କୁସୁମ- ଅର୍ଘ୍ୟ ପରି ଏହା ନିରନ୍ତରତାର ଏକ ପ୍ରାଣମନ୍ତ୍ର ପ୍ରକାଶ । ସେମାନଙ୍କ ସମର୍ପିତ ଜୀବନର ଆଲେଖ୍ୟ ହିଁ ଇତିହାସର ପୃଷ୍ଠା । ଅର୍ଥାତ୍ ସମୟ ଓ କାଳକୁ ସାକ୍ଷୀରଖି ବଂଚିବାର ଦୁର୍ନିର୍ବାର ପଥକୁ ବିସ୍ତାରିତ, ରସମୟ ଓ ପ୍ରେରଣାଦାୟକ ବନଉଥିବା ସାହିତ୍ୟ ହିଁ ଆତ୍ମଜୀବନୀ- ଆଜି ଯଦି ଫକୀରମୋହନଙ୍କ ଜୀବନୀ ଆମପାଖରେ ନଥାନ୍ତା ତେବେ ସେ କାଳର ଗଡ଼ଜାତପ୍ରକ୍ରିୟା, ମାନବିକ ଉଦ୍‌ବେଗ, ଭାଷାଭିତ୍ତିକ ସଂଘର୍ଷ ଆମେ ବୁଝିବାରେ ସକ୍ଷମ ହୋଇନଥାନ୍ତେ । ଆତ୍ମନିଷ୍ଠ ହୋଇବି ବସ୍ତୁନିଷ୍ଠ ହେବା ଆତ୍ମଜୀବନୀର ଲକ୍ଷଣ । ନିର୍ଲିପ୍ତ ଓ ନିରନ୍ତର ମାନବୀୟ ରୂପର ମହାଭାରତୀୟ ବର୍ଣ୍ଣନା ହିଁ ଆତ୍ମଜୀବନୀ । ଅନ୍ତର୍ଦେବତାକୁ ଜାଗ୍ରତ କରି ମହାନୁଭବ ହୋଇ ନିରପେକ୍ଷ ଜୀବନର ଛବି ଚିତ୍ରଣ ହିଁ ଆତ୍ମଜୀବନୀ । ଓଡ଼ିଆ ଆତ୍ମଜୀବନୀ ସାହିତ୍ୟ ଏ ସମୟାତୀତ, କାଳାତୀତ ଉଚ୍ଚାରଣକୁ ଉତ୍ତରିତ କରିବାର ଏକ ସମଷ୍ଟିଗତ ପ୍ରୟାସ ମାତ୍ର ।

୧

ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ଆତ୍ମଜୀବନୀ' ଓଡ଼ିଆ ସାହିତ୍ୟ, ସମାଜ, ସଂସ୍କୃତି ଓ ରାଜନୀତି ଜଗତର ଏକ ଦେଦୀପ୍ୟମାନ ଶିଖା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କ

Digitized by PPRACHIN, SOA

ପୂର୍ବରୁ ରଚିତ ଅନେକ ଆତ୍ମଜୀବନୀ ଠାରୁ ଏହା ଭିନ୍ନ ଓ ସ୍ୱତନ୍ତ୍ର, ପୁଣି ନିଆରା । ନୀଳକଣ୍ଠଙ୍କ ବହୁବିଧ ପରିଚୟର ମାର୍ମିକ ଉଚ୍ଛ୍ୱାସ ଏଠି ଦେଖିବାକୁ ମିଳେ । ଯଦିଓ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଗୋଦାବରୀଶଙ୍କ ସଫଳ ସୃଷ୍ଟି ଓ ନୀଳକଣ୍ଠଙ୍କ ପୂର୍ବରୁ ଏହା ରଚିତ ତଥାପି ନୀଳକଣ୍ଠଙ୍କ ରଚନା ଭାରି କଅଁଳିଆ ମନେହୁଏ, ଆଉଁସିହେଲା ପରି ଲାଗେ । ଗୋଦାବରୀଶ ନିଜ ଆତ୍ମଜୀବନୀରେ ନିଗୂଢ଼ ସତ୍ୟକୁ ଚିପୁଡ଼ି ରଖି ଦେଇଛନ୍ତି । ମଣିଷର ଭଲ, ମନ୍ଦ ଉଭୟ ଦିଗକୁ ସେ ବିଚାର କରି ତହିଁରେ ନିଜର ସ୍ଥାନ ସନ୍ଧାନ କରିଛନ୍ତି । ସେ ଏପରିକି ଗୋପବଂଧୁଙ୍କ ପରି ମନୀଷୀଙ୍କ ଭିତରେ ଥିବା ବିରୋଧାଭାଷକୁ ପ୍ରକଟିତ କରିଛନ୍ତି । ମଣିଷଟେ ଗୋଟାପଣେ ସ୍ୱୟଂସମ୍ପୂର୍ଣ୍ଣ ପୁଣି ଦୋଷରହିତ ହେବା ସହଜ କଥା ନୁହେଁ । ସତ୍ୟବାଦୀର ଢାଞ୍ଚା ଓ ଆଭ୍ୟନ୍ତରୀଣ Contradictionକୁ ଉଭୟ ନୀଳକଣ୍ଠ ଓ ଗୋଦାବରୀଶ ସ୍ୱୀକାର କରିଛନ୍ତି । ନୀଳକଣ୍ଠ ଗୋପବନ୍ଧୁଙ୍କୁ ଗୁରୁତୁଲ୍ୟ ମନେ କରୁଥିବାବେଳେ, ଗୋଦାବରୀଶ ନୀଳକଣ୍ଠଙ୍କୁ ଗୁରୁତୁଲ୍ୟ ମନେ କରୁଥିଲେ । ତେଣୁ ଗୋପବନ୍ଧୁଙ୍କ ନୀଳକଣ୍ଠ ଓ ନୀଳକଣ୍ଠଙ୍କ ଗୋଦାବରୀଶ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୋଦାବରୀଶ ତାଙ୍କ ଆତ୍ମଜୀବନୀରେ ନୀଳକଣ୍ଠଙ୍କୁ ପ୍ରଥମ ତ୍ୟାଗୀ ପୁରୁଷ ଭାବେ ବର୍ଣ୍ଣନା କରିଛନ୍ତି । ନିଜକୁ ପୁଣି ତାଙ୍କ ଅନୁଗତ ଭୃତ୍ୟ ଭାବରେ ଚିତ୍ରଣ କରିଛନ୍ତି । ଉଭୟଙ୍କ ଆତ୍ମଜୀବନୀ ସତ୍ୟବାଦୀ ଯୁଗର ଏକ ସୁବିସ୍ତୃତ ଭାବୋଚ୍ଛନ୍ଦ ପରିପ୍ରକାଶ । ନୀଳକଣ୍ଠଙ୍କ ଆତ୍ମଜୀବନୀ ଗୋଦାବରୀଶଙ୍କ ପରେ ପ୍ରକାଶ ପାଇଛି । ଏହା ନିଶ୍ଚିତ ଯେ ଉଭୟେ ଥିଲେ ଗୁଣର ପିପାସକ, ପାଣ୍ଡିତ୍ୟର ନିଦର୍ଶନ । ସାଥିହୋଇ କାର୍ଯ୍ୟକରି ଓ ଅସମୟରେ ଏକଜୁଟ ହୋଇ ସେମାନେ ଗଢ଼ିଥିଲେ ଶିକ୍ଷାର କୋଣାର୍କ । ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଗୋଦାବରୀଶଙ୍କ ଚକ୍ରଧରପୁରର ଦୁଃଖ କଥା ବର୍ଣ୍ଣନା କରିଛନ୍ତି ପୁଣି ତାଙ୍କୁ "Perfect Gentlemen' ବୋଲି ଅଭିହିତ କରିଛନ୍ତି । ଗୋଦାବରୀଶଙ୍କ ଠାରେ ଦାରିଦ୍ର୍ୟ ଥିଲେ ବି ଦୈନ୍ୟ ନଥିଲା ବୋଲି ସେ ମତ ଦେଇଛନ୍ତି । ଗୋଦାବରୀଶଙ୍କ କବି ହୃଦୟ ଓ ଭାବଗତ ସଂପର୍କ କଥା ସେ କହିଛନ୍ତି । ବନବିଦ୍ୟାଳୟର ଅସ୍ତ ପାଇଁ ଗୋଦାବରୀଶ କର୍ମ-ପ୍ରବଣତାର ଅଭାବ ଓ ମନୋମାଳିନ୍ୟକୁ ଦାୟୀ କରିଥିବା ବେଳେ ନୀଳକଣ୍ଠ ହେଡ଼ମାଷ୍ଟର ଦୌଡ଼ ଓ ଉଚ୍ଚ ଆକାଂକ୍ଷାକୁ ଏଥିପାଇଁ ଦାୟୀ କରିଛନ୍ତି । ଉଭୟଙ୍କ ଆତ୍ମଜୀବନୀରେ ଅନେକ ସାମ୍ୟ ରହିଛି ଯଥା ପୁରୀ ସ୍କୁଲ୍, ବିଦ୍ୟାଳୟର ଅବସ୍ଥା, ରାଜନୀତିର ଧାର, ଗୋପବଂଧୁଙ୍କ ସମ୍ବେଦନଶୀଳ ହୃଦୟ ପୁଣି ସମୟ ସମୟର ଅନ୍ତର୍ଦ୍ୱନ୍ଦ୍ୱ । ତତ୍‌ସକାଶେ ଉଭୟ ଆତ୍ମଜୀବନୀକୁ ଏକାସଙ୍ଗେ ନ ପଢ଼ିଲେ ଅନେକ କିଛି ଅଧୁରା ରହିଯାଇପାରେ ।

୨

ନୀଳକଣ୍ଠ ଥିଲେ ଜଣେ ସ୍ପଷ୍ଟବାଦୀ ମଣିଷ । କ୍ଷମତା କି ଲାଳସାର ମୋହ ତାଙ୍କର ଯେ ନଥିଲା ଏଇୟା ନୁହଁ ବରଂ ତାଙ୍କର ଯେଉଁ ସଂସ୍କାରକ, ସଂଗ୍ରାମୀ, ଜନନାୟକ

Digitized by PPRACHIN, SOA

ଓ ସାହିତ୍ୟିକ ରୂପ ଆମେ ଦେଖିବାକୁ ପାଉ ତାହା ଅନନ୍ୟ ଚିନ୍ତନର ମାନମୟୀ ପ୍ରକାଶ । ତାଙ୍କର ସ୍ପଷ୍ଟବାଦିତାର ପରିଚୟ ତାଙ୍କ ଆତ୍ମଜୀବନୀରୁ ମିଳେ । ସେ ମୋ ନିଶ, ନୀତି, ପ୍ରକୃତି, ପ୍ରତିଭା ପୂଜା, ପ୍ରତିମା ପୂଜା ଆଦିରେ ନିଜର ସ୍ୱକୀୟ କୃତିର ପରିଚୟ ମିଳେ । ନୀଳକଣ୍ଠ ବି ଥିଲେ ଭାଷା, ଆନ୍ଦୋଳନର ଅନ୍ୟତମ ପୁରୋଧା । ସେ ସର୍ବଭାରତୀୟ କଂଗ୍ରେସ କମିଟିରେ ଉତ୍କଳର ଦାବି ଉପସ୍ଥାପନ କରିଥିଲେ । ଅସହଯୋଗ ଆନ୍ଦୋଳନରେ ଭାଗ ନେଇ କାରାବରଣ କରିଥିଲେ ତିନିଥର (ଆତ୍ମଜୀବନୀ ପୃ -୧୧୬) । ନିଜର ଶିଶୁକନ୍ୟାର ମୃତ୍ୟୁକୁ ବି ସେ ଖାତିର କରିନଥିଲେ । କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ମାନନୀୟ ସଭ୍ୟ ଭାବରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଥିଲେ । ପ୍ରାଦେଶିକ କଂଗ୍ରେସ କମିଟିର ସଂପାଦକ ହିସାବରେ ୧୯୩୧ ରେ ସେ ବହୁ ଗୁରୁଦାୟିତ୍ୱ ତୁଲାଇଥିଲେ । ବାଉଣ୍ଡାରୀ ବା ସୀମା କମିଶନ୍ ଉପରେ ସେ ସିଂହଭୂମରେ ସଦସ୍ୟଙ୍କୁ ଭେଟିଥିଲେ । ଆଉ ପ୍ରଦେଶର ହିତ ସକାଶେ ଦଳର ଅଙ୍କୁଶ ଭିତରେ ସେ ଅଣନିଃଶ୍ୱାସୀ ହୋଇପଡୁଥିଲେ । ମଧୁସୂଦନ ଦାସଙ୍କ ପରି ସେ କଂଗ୍ରେସ ଛାଡ଼ିବା ଚିନ୍ତା କରିନଥିଲେ ବି ୧୯୨୭, ୮ ଫେବୃଆରୀରେ ଓଡ଼ିଆ କଥିତ ଅଞ୍ଚଳର ଏକତ୍ରୀକରଣ ପାଇଁ ଏକ ପ୍ରଶାସନୀୟ ପ୍ରସ୍ତାବ ଆଣିଥିଲେ । କିଛି ସମୟ ସ୍ୱରାଜ ଦଳରେ ରହି ସେ Pro-changer ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ । ନୀଳକଣ୍ଠ ଦଳର ଆନୁଗତ୍ୟ ସ୍ୱୀକାର କରି କୃଷକ ସମ୍ମିଳନୀ କଂଗ୍ରେସର ଅଙ୍ଗ ହେଉ ବୋଲି ବିଚାର କରୁଥିଲେ, ତାଙ୍କ ମତରେ ଏହାଦ୍ୱାରା କୃଷକଙ୍କ ସଂଗ୍ରାମ ଆହୁରି ତୀବ୍ର ହେବ । ଉପନିବେଶବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେ ମୁକୁନ୍ଦପୁର ସଭାରେ ଏହାକୁ ଦାରିଦ୍ର୍ୟ, ଗରିବ କୃଷକଙ୍କ ଜମି ହଡ଼ପର ମୁଖ୍ୟ କାରଣ ବୋଲି ଦର୍ଶାଇଛନ୍ତି । ଗଭୀର ଗଣତନ୍ତ୍ରରେ ବିଶ୍ୱାସୀ ନୀଳକଣ୍ଠ ବାଚସ୍ପତି ଭାବରେ ବି ଗୃହର ମର୍ଯ୍ୟାଦା ରକ୍ଷା କରିଥିଲେ । ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ଆର୍ଯ୍ୟଜୀବନ ଆଦି ପୁସ୍ତକ ଲେଖି ସେ ନିଜର ସ୍ୱକୀୟ ବିଦ୍‌ବତ୍ତାର ପରିଚୟ ଦେଇଛନ୍ତି । ପ୍ରଫେସର ପ୍ରଳୟ କାନୁନ୍‌ଗୋଙ୍କ ମତରେ ସେ ବି ହିନ୍ଦୁତ୍ୱଧାରା ଏକ ଉତ୍କଳୀୟ ଆଦ୍ୟ ପ୍ରବର୍ତ୍ତକ । ତାଙ୍କର ପରୋକ୍ଷ ଉଦ୍ୟମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓ ହିନ୍ଦୁ ମହାସଭାର ଉନ୍ନତି ସାଧିତ ହୋଇଥିଲା ବୋଲି ପ୍ରଫେସର କାନୁନ୍‌ଗୋ ମତ ଦିଅନ୍ତି । (See "Hindutva's Entry into Hindu province say Prof. Pralay Kanungo; Economic Political weekly, August 2-4, 2003) ନୀଳକଣ୍ଠଙ୍କ ଜୀବନ ବହୁରାଗ ରଙ୍ଗ ଖଚିତ । ତାଙ୍କର ଆତ୍ମଜୀବନୀ ଏହାର ଏକ ସ୍ମୃତିଉଚ୍ଛଳ, ଭାବଗର୍ଭକ ପରିପ୍ରକାଶ । କାରଣ ଉପରୋକ୍ତ ସମସ୍ତ ବିବରଣୀର ଝଲକ ତାଙ୍କ ଆତ୍ମଜୀବନୀରେ ଦେଖିବାକୁ ମିଳେ । ମନେହୁଏ, ଯେମିତି ଏ ଆତ୍ମଜୀବନୀ ତାଙ୍କ ଅନ୍ତର୍ଜଗତର ଏକ ଆବେଗମୟ ବର୍ଣ୍ଣନା । ଯଦିଓ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀକୁ ଏକ Systematic treatiseରେ ଲେଖିନାହାନ୍ତି ତଥାପି ନିଜର ସବୁ ସ୍ମୃତି ଓ ଅନୁଭବକୁ

Digitized by PPRACHIN, SOA

ସେ ସହଜେ ଅଜାଡ଼ି ଦେଇଛନ୍ତି ପାଠକ ସାମ୍ନାରେ । ଜୀବନର ଯାବତୀୟ ସଂଘର୍ଷ ଭିତରେ ସେ ମାଟି, ମା, ମଣିଷ ଓ ମାତୃଭାଷା ପାଇଁ ଲଢ଼େଇ କରିଛନ୍ତି । ତାଙ୍କ ଆତ୍ମଜୀବନୀକୁ ଅଧ୍ୟୟନ କଲେ ତାକୁ ମୋଟାମୋଟି ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ବାଲ୍ୟ ଓ ଛାତ୍ରଜୀବନ, ଦ୍ୱିତୀୟତଃ ଶିକ୍ଷକ ଓ ପଣ୍ଡିତ ଜୀବନ, ତୃତୀୟତଃ ସଂଗ୍ରାମୀ, ସଂସ୍କାରୀ ଓ ରାଜନୈତିକ ଜୀବନ ଓ ଶେଷରେ ସାହିତ୍ୟିକ ଜୀବନ ।

### ୩

ନୀଳକଣ୍ଠ ତାଙ୍କର ବାଲ୍ୟ ଜୀବନର ଛଳ ଛଳ ସ୍ମୃତିକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ବାଲ୍ୟକାଳର ଯାତନା ଓ ସଂଘର୍ଷକୁ ମଧ୍ୟ ସେ ଖୁବ୍ ନିକଟରୁ ପରଖିଛନ୍ତି । ନିଜ ଜନ୍ମପ୍ରସଙ୍ଗ ଓ ଆଧ୍ୟାତ୍ମିକ ନାମକରଣର ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ତାଙ୍କ ପିତାଙ୍କ ଭାଙ୍ଗ ଓ ଅଫିମ ନିଶାକୁ ମଧ୍ୟ ସେ ଛାଡ଼ିନାହାନ୍ତି । ପୁରୁଣା ଔଷଧି ବା ବଇଦ ବ୍ୟବସ୍ଥାକୁ ସେ କଟାକ୍ଷ କରିଛନ୍ତି । ଏଠି ମନେହୁଏ ଯେ ନୀଳକଣ୍ଠ ଆଧୁନିକ ଔଷଧିକୁ ପସନ୍ଦ କରି ପୁରାତନ କାଳର ଏ ଅନ୍ଧବିଶ୍ୱାସକୁ ସମାଲୋଚନା କରିଛନ୍ତି । ଆଗକାଳରେ ମରିବାଟା ଏକ ସାଧାରଣ କଥା ବୋଲି ସେ ଭାବ ଗଦ୍‌ଗଦ୍ ସ୍ୱରରେ ଉଚ୍ଚାରଣ କରିଛନ୍ତି । ଠିକ୍ ସେମିତି ନୂଆଁକରି ଆଗତ କିରୋସିନିର ଉତ୍କଣ୍ଠା, ଶୁଙ୍ଘିବା, ମୂର୍ଚ୍ଛାଯିବା ଆଦି ଘଟଣାକୁ ସେ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ନୂଆ ବସ୍ତୁର ଆଗମନର ହର୍ଷ ଓ ବିଷାଦ ଉଭୟକୁ ସେ ନିଜର ଲେଖନୀକୁ ସମଭାବରେ ଚିତ୍ରଣ କରିଛନ୍ତି । ତାଙ୍କ ଆତ୍ମଜୀବନୀରୁ ଆମେ ତାତ୍‌କାଳିକ ଚାହାଳି ବ୍ୟବସ୍ଥା, ଦଣ୍ଡ ବ୍ୟବସ୍ଥା ଏପରିକି ପିନ୍ଧୁଥିବା କୌପୀନ କଥା ସେ ବର୍ଣ୍ଣନା କରିଛନ୍ତି- "ସେତେବେଳେ ପିଲାଏ ବଡ଼ କମ ଲୁଗା ପିନ୍ଧୁଥିଲେ । ପ୍ରାୟ ସମସ୍ତେ 'କୌପୀନ' ମାରିଥାନ୍ତି । ଅବଶ୍ୟ ଏହା ପିଲରେ ସୁବିଧାରେ ବେତମାଡ଼ ବାଜିବା ପାଇଁ ନା ଲୁଗାର ଅଭାବ ହେତୁରୁ, ତା ମୁଁ କରିପାରୁନାହିଁ । ଆମ ନାହାକେ ଦରମା ପାଉଥିଲେ ପିଲା ଗୋଟିକେ ମାସକୁ ଚାରିଅଣା । ତା ଛଡ଼ା ପିଲା-ମାନଙ୍କ ଘରେ ସେ ପାଳି କରି ଖାଉଥିଲେ ।" (ପୃ -୬)

ଏତତ୍‌ବ୍ୟତୀତ ନୀଳକଣ୍ଠ ସେ ସମୟର ଶିକ୍ଷକଙ୍କ ବିଦ୍‌ବତ୍ତା, ହୃଦୟବତ୍ତା ଓ ମାନବିକତାକୁ ବର୍ଣ୍ଣନା କରିଛନ୍ତି । ଚନ୍ଦ୍ରମୋହନ ମହାରଣାଙ୍କ ପରି ଶିକ୍ଷକଙ୍କ ଶିଶୁବତ୍ସଳ ମନୋଭାବ କଥା କହିଛନ୍ତି ପୁଣି କାକୁଡ଼ି ଚୋରି ବିଷୟ ବଖାଣି ଶିକ୍ଷିତ ଶିକ୍ଷକଙ୍କ ଅନୁରାଗର ରାଗକୁ ଶାଣିତ କରିଛନ୍ତି । ନୀଳକଣ୍ଠଙ୍କ ଆତ୍ମଜୀବନୀରୁ ଏବେ ଆମେ ସେ ସମୟର ଖର୍ଚ୍ଚ ବିଷୟରେ ଅନୁମାନ କରିପାରିବା । ନୀଳକଣ୍ଠ କହନ୍ତି-

"ତେବେ ଖର୍ଚ୍ଚର କଥା କହୁଥିଲି । ଆମ୍ଭେମାନେ ନିଜେ ପାଳିକରି ମାସକୁ ମାସ ଜଣେ ଜଣେ ମେସ୍‌ର କଥା ବୁଝୁଥିଲୁ । ପ୍ରାୟ ଗୋଟିଏ ପୂଜାରୀ ଥାଏ । ନହେଲେ

Digitized by PPRACHIN, SOA

କେବେ ହାତରେ ପାଳିକରି ରାନ୍ଧୁ । ଖର୍ଚ୍ଚପଡ଼େ ଚାଉଳ ସହିତ ମାସକୁ ଦେଢ଼ଟଙ୍କା । ଚାଉଳ ଥାଏ ଟଙ୍କାରେ କଟକି ୧୬ ସେର ଠାରୁ ୧୮ ସେର । ମାଛ ବଜାରରେ ବଡ଼ବଡ଼ ବିଛାବାଲିଆ, ଚିଲିକା ବା ସମୁଦ୍ରର ଚିଙ୍ଗୁଡ଼ି ସାଧାରଣତଃ ପଇସାକୁ ଦଶଟା କି ପନ୍ଦରଟା । ବାଇଗଣ ଓଜନ ହୋଇ ବିକ୍ରି ହେଉନଥିଲା ।" (ପୁରୀରେ ମୋର ପାଠପଢ଼ା, ପୃ -୧୧)

ତେବେ ଏକଥା ମଧ୍ୟ ସତ ଯେ ଟିକେ ବୁଦ୍ଧି ହେଲା ଦିନରୁ ସେ ଥିଲେ ବ୍ରିଟିଶ୍ ସାମ୍ରାଜ୍ୟବାଦର ଘୋର ବିରୋଧୀ । ଦୁର୍ଭିକ୍ଷ ସମୟରେ ଶାସନକଳ ବନଉଥିବା ରିପୋର୍ଟକୁ ସେ ସମାଲୋଚନା କରିଛନ୍ତି । ପୁଣି ସ୍ୱଦେଶୀର ବାର୍ତ୍ତାରେ ଅନୁପ୍ରାଣିତ ହୋଇ ଗାଇଛନ୍ତି ଆପଣାର ସଙ୍ଗୀତ । ପୁଣି ହଲୱାର୍ଡ଼ ସାହେବଙ୍କୁ ବର୍ଣ୍ଣନା କରିବାକୁ ଯାଇ ଶିକ୍ଷା ବ୍ୟବସ୍ଥାରେ କୁର୍ତ୍ତା, କୋତା ଆଦିର ୟୁରୋପୀୟ ସଂକ୍ରମଣ ବିଷୟରେ ସେ ସୂଚନା ଦେଇଛନ୍ତି । ଯେତେବେଳେ ଲେଖକଙ୍କୁ ହଇଜା ସେତେବେଳେ ଗୋପବନ୍ଧୁ ଓ ହରିହରଙ୍କ ସେବା ଓ ସମ୍ବେଦନାକୁ ସେ ମନେପକାଇ ଝୁରିହୋଇଛନ୍ତି ।

୪

ସଂସ୍କାରୀ, ସଂଗ୍ରାମୀ ଓ ରାଜନେତା ହିସାବରେ ନୀଳକଣ୍ଠଙ୍କ ଅବଦାନ ଥିଲା ଅତୁଳନୀୟ । ସେ ନିଶ ଆନ୍ଦୋଳନ କରି ଧର୍ମ ସହ ଚଳଣିକୁ ନ ଯୋଡ଼ିବାର ଯେଉଁ ମହତ୍‌ପ୍ରୟାସ କରିଥିଲେ ତାହା ବନ୍ଦନୀୟ । ଏପରିକି କୋବି, ବିଲାତି ଇତ୍ୟାଦିକୁ ବିଦେଶୀ ଭାବି କେମିତି ଲୋକ ଖାଉନଥିଲେ ତାହା ବି ତାଙ୍କ ଆତ୍ମଜୀବନୀରୁ ସ୍ପଷ୍ଟ ଜାଣିହୁଏ । ବ୍ରାହ୍ମଣମାନଙ୍କ ଭିତରେ ଥିବା ଜାତିପ୍ରଥାକୁ ତାଙ୍କ ଆତ୍ମଜୀବନୀ ଉଦ୍‌ଗାର କରିଛି । ମଧୁସୂଦନ ଦାସଙ୍କ ସମର୍ପଣ ନୀଳକଣ୍ଠଙ୍କୁ ଭାବପ୍ରବଣ ଓ ନିର୍ବାକ୍ କରିଛି । ସେ କହିଛନ୍ତି :-

"୧୯୦୨ ଖ୍ରୀ:ଅ ହେବ, ବଂଗଦେଶରେ ହେଉଥାଏ ପ୍ରାଦେଶିକ ସମ୍ମିଳନୀ । ମଧୁବାବୁ ବଡ଼ ଉତ୍ସାହରେ ଲାଗିଲେ ଓଡ଼ିଆବାସୀମାନଙ୍କ ପାଇଁ, ସ୍ୱତନ୍ତ୍ର ଓ ଏକ ପାଇଁ । ଏଇ ଭାବରେ ଗୋଟିଏ ପ୍ରସ୍ତାବ ଏଇ ବଂଗୀୟ କଂଗ୍ରେସ ସମ୍ମିଳନୀରେ ଧାର୍ଯ୍ୟ କରାଇଦେବେ । ବହୁ ଉତ୍ସାହରେ ସେ ଏକ ପ୍ରସ୍ତାବଟି ବିଷୟ ନିର୍ବାଚନ କମିଟିରେ ଦେଲେ । ସେଇଠାରେ ବଙ୍ଗାଳୀମାନଙ୍କ ଘୋର ଅନିଚ୍ଛା ପ୍ରକଟିତ ହେଲା । ସ୍ୱର୍ଗତ ସାର୍ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ପର୍ଯ୍ୟନ୍ତ ଏଥିରେ ମଧୁବାବୁଙ୍କ ବିରୋଧରେ ହେଲେ ବଡ଼ପଣ୍ଡା । ଏ ପ୍ରସ୍ତାବଟି ଗୃହୀତ ହୋଇ ପାରିଲା ନାହିଁ । ମଧୁବାବୁ ସଙ୍ଗେ ସଙ୍ଗେ କଂଗ୍ରେସରୁ ବିଦାୟ ନେଲେ । ସେଇଦିଠାରୁ ମଧୁବାବୁ ମରିବାଯାଏ ଆଉ ମୁହଁ ଫେରାଇ ନାହାନ୍ତି ।" (ମଧୁବାରିଷ୍ଟର - ପୃ - ୩୫)

Digitized by PPRACHIN, SOA

ମଧୁବାବୁ ଓ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟ ଥିଲା ଏକ । ତାଙ୍କର ବ୍ୟକ୍ତିତ୍ୱ ଥିଲା ଭିନ୍ନ । ଜଣେ ଥିଲେ ନେତା, ପ୍ରବୀଣ, ଗମ୍ଭୀର ପୁଣି ଭୂୟୋଦର୍ଶୀର ବିଶାଳ ମୂର୍ତ୍ତି । ଅନ୍ୟଜଣେ ଥିଲେ ସଦାଳାପୀ, ସରସ, କୌତୁକପୂର୍ଣ୍ଣ । ଏ ଦୁଇ ମହନୀୟ ବ୍ୟକ୍ତିଙ୍କୁ ଲେଖକ ନିଜ ଆତ୍ମଜୀବନୀରେ ବେଶ୍ ସହୃଦୟତାର ସହ ହୃଦୟ ସିଂହାସନରେ ବସାଇଛନ୍ତି । ଏବେ ଯେତେବେଳେ ଆମେ ଏକବିଂଶ ଶତାବ୍ଦୀର ପ୍ରଥମ ନବକଳେବରରେ ମହାଭିଭୂତ ହେବା ପାଇଁ ଯାଉଛେ ସେ ସମୟରେ ନୀଳକଣ୍ଠଙ୍କ ଆତ୍ମଜୀବନରେ ବିଂଶଶତାବ୍ଦୀର ପ୍ରଥମ ନବକଳେବରର ଦୁଃଖ ମନେପକାଇବା ବାଞ୍ଛନୀୟ । ୧୯୧୨ରେ ଏହି ନବକଳେବରରେ ଦୁର୍ଦ୍ଦମ୍ୟ ହଇଜାର ପ୍ରାଦୁର୍ଭାବ କେବଳ ଏମିତି ଆତ୍ମଜୀବନୀରୁ ହିଁ ମିଳିଥାଏ । ଆତ୍ମଜୀବନୀରେ ଆତ୍ମାହିଁ ଥାଏ ସାକ୍ଷୀ ଓ ସେ ହିଁ ପ୍ରାମାଣିକତାର ପରିଚୟ ପ୍ରଦାନ କରେ । ଜାତିକୁ ସର୍ବାଗ୍ରେ ସମାନି ଦେଉଥିବା ଲେଖକ ଧର୍ମର ଉପରେ ଏସବୁକୁ କଳନା କରୁଥିଲେ । ଓଡ଼ିଆ ଭାଷା ଓ ଜାତିର ଉନ୍ନତି ପାଇଁ, ପ୍ରଚାର ପ୍ରସାର ପାଇଁ ସେ ଖ୍ରୀଷ୍ଟିଆନ୍ ପାଦ୍ରିମାନଙ୍କୁ ଶ୍ରେୟ ଦେଇଛନ୍ତି :-

"ହେଲେ ହେଁ ସବାଆଗେ ପାଦ୍ରିମାନେ ଓଡ଼ିଆକୁ ସଂସ୍କୃତ କରି ନ ଦେଖି କିମ୍ବା ବଂଗଳାର ଭ୍ରାତୁଷ୍ପୁତ୍ର ଭାବେ କଳନା ନ କରି ଓଡ଼ିଆର ନିଜ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ଦେଇ ଲେଖା ଆରମ୍ଭ କରିଥିଲେ । ଶୁଣିଚି କୌଣସି ପାଦ୍ରି ବାଇବେଲ ଅନୁବାଦ କରିବାପାଇଁ ଜଣେ ଓଡ଼ିଆ ଖୀରସ୍ତାନକୁ ଗୋଟିଏ ଅଂଶ ଦେଇଥିଲେ ।' (ପାଦ୍ରିଙ୍କ ଧର୍ମ ପ୍ରଚାର, ପୃ - ୪୬)

ଏଥିରୁ ଜଣାପଡ଼େ ନୀଳକଣ୍ଠ କେତେ ନିରପେକ୍ଷ, ସ୍ପଷ୍ଟବାଦୀ । ତତ୍କାଳିକ ବିବାହ ବଜାରର ଦୁଃଖଦ ଚିତ୍ର ମଧ୍ୟ ନୀଳକଣ୍ଠ ସ୍ଥାନିତ କରିଛନ୍ତି । ବିବାହ ନାଆଁରେ ଚାଲିଥିବା ପ୍ରଲୋଭନ, କିଣାବିକା ଓ ଯୌତୁକକୁ ସେ ଘୋର ବିରୋଧ ଜାରି କରିଛନ୍ତି । ବେଠିପ୍ରଥା ବିଷୟରେ ଘୋର ବିରୋଧ ଜାରି କରିଛନ୍ତି । ଶଗଡ଼ିଆ ଓ ମଜୁରିଆଙ୍କ ପାଇଁ ସମ୍ବେଦନ ବ୍ୟକ୍ତ କରିଛନ୍ତି । ଭାକ୍ତିକ ମିଥ୍ୟାର ବଶବର୍ତ୍ତୀ ନ ହୋଇ (ପୃ-୧୦୪) ସେ ଉଦାର ହେବାର ମନୋବୃତ୍ତି ପୋଷଣ କରିଛନ୍ତି । ଗାନ୍ଧୀଙ୍କ ୧୯୨୩ର ଉତ୍କଳ ଭ୍ରମଣର ଚିତ୍ର ସେ ତାଙ୍କ ଆତ୍ମଜୀବନୀରେ ସ୍ଥାନିତ କରିଛନ୍ତି । ୧୯୨୭ର କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସ୍ୱତନ୍ତ୍ର ଓଡ଼ିଶା ଭାଷା, ପ୍ରଦେଶ ସପକ୍ଷରେ ବକ୍ତୃତା ଦେଇଛନ୍ତି । ପୁଣି ତିନିଥର ଦେଶପାଇଁ କାରାବରଣ କରିଛନ୍ତି । ୧୯୩୭ର କଂଗ୍ରେସ ଦଳର ନିର୍ବାଚନୀ ନେତୃତ୍ୱ ନେଇ ବି ଗୋଷ୍ଠୀକନ୍ଦଳ ଯୋଗୁଁ କ୍ଷମତା ବାହାରେ ରହିଛନ୍ତି । ୧୯୫୭ରେ ବାଚସ୍ପତି ହୋଇ ଗୃହର ମର୍ଯ୍ୟାଦାକୁ ରକ୍ଷା କରିଛନ୍ତି । ୧୯୬୧ରେ ତାଙ୍କୁ ନିର୍ବାଚନୀ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ନ ମିଳିବାରୁ ସେ ନିଜର ବୃଦ୍ଧାବସ୍ଥାକୁ ଦାୟୀ କରି କହିଛନ୍ତି :-

Digitized by PPRACHIN, SOA

"ଗତ ନିର୍ବାଚନରେ ମୁଁ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ନିର୍ବାଚିତ ହୋଇଥିବା ସ୍ଥଳେ ଏ ନିର୍ବାଚନରେ ମୋର ପ୍ରାର୍ଥୀପତ୍ର କାହିଁକି ଓ କିପରି ନାକଚ ହେଲା । ମୁଁ ଭାବିପାରୁନି । ବୃଦ୍ଧ ହେଲେ ଅବାଞ୍ଛିତ ହୋଇପଡ଼ିବା ଦୁନିଆଁର ନୀତି । ପିଲାଦିନେ ହଡ଼ାବଳଦର ଆତ୍ମକାହାଣୀ ଲେଖିଲାବେଳେ ମାଷ୍ଟରଙ୍କଠାରୁ ଶୁଣି କିମ୍ବା ଅନୁମାନରେ ଉଦ୍ଭାବନ କରି ବଳଦର ଅନ୍ତିମ ଜୀବନର ଅସହାୟତା ବିଷୟରେ ଲେଖିବାକୁ ହେଉଥିଲା । ବର୍ତ୍ତମାନ ରାଜନୀତିରେ ହୁଏତ ମୁଁ ସେହିପରି, ଅନାବଶ୍ୟକ ହୋଇ ପଡ଼ିଥିବା ଯୁବକ ନେତାମାନେ ଅନୁଭବ କଲେ, ତେବେ ଏହାକୁ ଭାବିବାକୁ ଆଉ ଅବସର ନାହିଁ । ବେଳ ଆଖିର ହେଲାଣି । (ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ, ପୃ - ୧୪୧)

ନିଜର ଆତ୍ମଜୀବନୀରେ ନୀଳକଣ୍ଠଙ୍କ ଅପ୍ରତିମ ସଂଗ୍ରାମୀ, ସଂସ୍କାର ପୁରୁଷ ଓ ରାଜନୈତିକ ନେତାର ଅପ୍ରତିମ, ଅପ୍ରମେୟ ରୂପ ଦେଖିବାକୁ ମିଳେ । ଏହାହିଁ ତାଙ୍କ ଜୀବନର ପରମ ସାର୍ଥକତା ବୋଲି ମନେହୁଏ ।

୫

ଏକ ଶୃଙ୍ଖଳିତ ଓ ଅନୁଶାସନ ପ୍ରିୟ ଶିକ୍ଷକ ହିସାବରେ ନୀଳକଣ୍ଠ ଯେତିକି କଠୋର ଜଣାପଡୁଥିଲେ, ଭିତରେ କିନ୍ତୁ ସେତିକି ରସସିକ୍ତ, ସମ୍ବେଦନମୟ ହୋଇଥିଲେ । ସତ୍ୟବାଦୀ ପାଇଁ ନୀଳକଣ୍ଠଙ୍କ ତ୍ୟାଗ ଅତୁଳନୀୟ । ସେ, ଗୋପବନ୍ଧୁ ଓ ହରିହର ଏ କଳ୍ପନାର ପ୍ରତିଭୂ ଓ ପ୍ରତିଷ୍ଠାତା ଥିଲେ । ନିଜର ଜୀବଦ୍ଦଶା ଭିତରେ ନୀଳକଣ୍ଠ କେବେ ବି ସତ୍ୟବାଦୀକୁ ଅତୀତ କିମ୍ବା ଇତିହାସ ବୋଲି କରିନାହାନ୍ତି । ଏହା ତାଙ୍କର ଚାରିପଟେ ସଦା ଘୂରୁଥିବା ଏକ ସଜଳ ବର୍ତ୍ତମାନର ପ୍ରତୀକ ପାଲଟିଛି । ସତରେ ପ୍ରାରମ୍ଭିକ ଜୀବନରେ ସେ ସତ୍ୟବାଦୀର ସ୍ୱପ୍ନ ନେଇ ବଂଚିଛନ୍ତି । ପ୍ରଚାରକ ଅନନ୍ତ ମିଶ୍ରଙ୍କ ସତ୍ୟବାଦୀ ପ୍ରତି ଥିବା ଅଗାଧ ଶ୍ରଦ୍ଧା ଓ ତାଙ୍କର ଦୁଃଖଦ ଅନ୍ତିମ ଜୀବନ ବର୍ଣ୍ଣନା କରି ନୀଳକଣ୍ଠ ଏକ ଦରଦୀ ପ୍ରାଣର ପରିଚୟ ପ୍ରଦାନ କରିଛନ୍ତି । ଲାଞ୍ଚ ଓ ବ୍ୟବସ୍ଥା ପ୍ରତି ବିମୁଖ ହୋଇ ରାମଚନ୍ଦ୍ର ରଥ କେମିତି ପେସ୍କାର ଚାକିରି ଛାଡ଼ି ସତ୍ୟବାଦୀରେ ମାସକ ଛଅଟଙ୍କାରେ ରହିଥିଲେ ସେ କଥା ବି ସେ ଉଲ୍ଲେଖ କରିଛନ୍ତି । ବ୍ୟକ୍ତିସତ୍ତାର ଏ ପ୍ରକାର ନିଃସର୍ତ୍ତ ସମର୍ପଣ ନୀଳକଣ୍ଠଙ୍କ ପରି ବର୍ଷୀୟାନଙ୍କ ଆତ୍ମଜୀବନୀଗୁଡ଼ିକରେ ଦେଖିବାକୁ ମିଳେ । ଶିକ୍ଷକଙ୍କ ଦରମା ପ୍ରତି ଆକର୍ଷଣ ବିଷୟରେ ନୀଳକଣ୍ଠ କହନ୍ତି :-

"କାରଣ ସତ୍ୟବାଦୀରେ ଏଇ ଟଙ୍କା ପାଇଁ କେହି କେବେ ଭାବିତ ହେଉନଥିଲେ । ସମସ୍ତଙ୍କ ଭିତରେ ତ୍ୟାଗ ଓ ତିତିକ୍ଷାର ପ୍ରଚ୍ଛନ୍ନ ଉତ୍ତାପ ଗୋପବନ୍ଧୁ ବାବୁ ଲକ୍ଷ୍ୟ କରି ପାରୁଥିଲେ ।" (ସତ୍ୟବାଦୀ ବିଦ୍ୟାଳୟର ଆରମ୍ଭ - ପୃ -୭୪)

Digitized by PPRACHIN, SOA

ନୀଳକଣ୍ଠ ସତ୍ୟବାଦୀ ବନବିଦ୍ୟାଳୟର ସଂଘର୍ଷ, ଉଦ୍ୟମ, ଚେଷ୍ଟା ବିଷୟରେ ବହୁ ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି । ସତ୍ୟବାଦୀରେ ଘରପୋଡ଼ିରେ ମାର୍ମିକ ଦୁଃଖକୁ ସେ ଅନ୍ତେ ଅନ୍ତେ ମର୍ମେ ମର୍ମେ ଅନୁଭବିଛନ୍ତି । ସମସ୍ତେ ବିଷଣ୍ଣ ଲାଗୁଥିବା ବେଳେ ଗୋପବନ୍ଧୁ କିପରି, ସରସ, ପ୍ରଫୁଲ୍ଲ ଓ ସହାସ୍ୟ ଥିଲେ ଓ ଏ ଘରପୋଡ଼ି ସତ୍ୟବାଦୀର କୋଠାଘର ହେବାର ଅଭୀପ୍ସା ବୋଲି ମତ ଦେଇଥିଲେ ତାହା ସେ ବର୍ଣ୍ଣନା କରିଛନ୍ତି । ସତ୍ୟବାଦୀରେ ଗଣତନ୍ତ୍ରର ପରୀକ୍ଷା, ବିଶ୍ୱଭାରତୀ ରୀତିରେ ମନିଟର ବ୍ୟବସ୍ଥା ଆଦିକୁ ସେ ଖୁବ୍ ସୁନ୍ଦର ଭାବରେ ସଜାଇଛନ୍ତି କଲମ ମୁନରେ । ନୀଳକଣ୍ଠ ନିଜର ପ୍ରଧାନ ଶିକ୍ଷକତ୍ୱ ସମୟର ସ୍ମୃତିକୁ ଅଜାଡ଼ି ଦେଇଛନ୍ତି ଖୁବ୍ ଭାବ-ଗର୍ଭକ ଭାବରେ । ଏଥିରୁ ତାତ୍‌କାଳିକ ଶିକ୍ଷା ବ୍ୟବସ୍ଥାର ଏକ ପ୍ରତିରୂପ ଦେଖିବାକୁ ମିଳେ । ଇଂରେଜ ସାହେବ ମାନଙ୍କ ପରିଦର୍ଶନ, ଲାଇବ୍ରେରୀ, ଶୃଙ୍ଖଳା, ନୈତିକ ଶିକ୍ଷା ଆଦିକୁ ଦେଇଥିବା ଗୁରୁତ୍ୱ ସେ ବର୍ଣ୍ଣନା କରିଛନ୍ତି । ସେ ମଧ୍ୟ ସ୍କୁଲ ପିକ୍‌ନିକ୍‌କୁ ଖୁବ୍ ରସସିକ୍ତ ଭାବରେ ବର୍ଣ୍ଣନା କରିଛନ୍ତି । ସ୍କୁଲର ବାର୍ଷିକୋତ୍ସବରେ ମଧୁବାବୁଙ୍କ ଯୋଗଦାନ ଓ ସତ୍ୟବାଦୀକୁ ନାଳନ୍ଦା ସହ ତୁଳନାକୁ ସେ ବର୍ଣ୍ଣନା କରିଛନ୍ତି । ପୁଣି ସତ୍ୟବାଦୀ ଛାତ୍ରଙ୍କ ଉତ୍କଳ ସମ୍ମିଳନୀରେ  ସେବା ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଚିହ୍ନିନପାରିବା ଘଟଣା ସେ ଖୁବ୍ ହାସ୍ୟରୋଳରେ ବର୍ଣ୍ଣନା କରିଛନ୍ତି । ସମ୍ବଲପୁର ଜାତୀୟ ସ୍କୁଲରେ ତାଙ୍କର ସେବା ନୈପୁଣ୍ୟ ଓ ପ୍ରବୃତ୍ତ ମନୋଭାବର ପରିଚୟ ଦେଇଛନ୍ତି । ନିଜର ଶିକ୍ଷକ ଜୀବନକୁ ନୀଳକଣ୍ଠ କଟେଇଛନ୍ତି ଖୁବ୍ ସନ୍ତର୍ପଣରେ । ଶିକ୍ଷା ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି କ୍ୱଚିତ୍ ବ୍ୟକ୍ତିଙ୍କ ଠାରେ ଦେଖିବାକୁ ମିଳେ । ଗୋଦାବରୀଶ ଯଥାର୍ଥରେ ତାଙ୍କ ଆତ୍ମଜୀବନୀରେ କହିଛନ୍ତି ଯେ ସତ୍ୟବାଦୀର ଶିକ୍ଷକଙ୍କ ଭିତରୁ ନୀଳକଣ୍ଠଙ୍କ ତ୍ୟାଗ ସବୁଠୁ ବେଶି ।

୬

ନୀଳକଣ୍ଠଙ୍କ ଆତ୍ମଜୀବନୀରେ ଏକ ଉଚ୍ଚତର ସାହିତ୍ୟିକର ଜୀବନ ପ୍ରତିଭାତ ହୁଏ । ସେ ସମୟର ସାହିତ୍ୟିକ ପାଣିପାଗ ବିଷୟରେ ବି  ନୀଳକଣ୍ଠଙ୍କ ଆତ୍ମଜୀବନୀ ସାକ୍ଷୀ ପାଲଟେ । ସେ ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ, ପ୍ରଭାବିତ ହୁଅନ୍ତି ସତ; କିନ୍ତୁ ସ୍ୱକୀୟ ଚିନ୍ତାରେ ପାଲଟିଯାନ୍ତି ମାନବବାଦୀ, ସଂସ୍କାରଧର୍ମୀ, ସାହିତ୍ୟିକ । ତାଙ୍କର ଅନେକ ପ୍ରବନ୍ଧ ଯଥା ଆର୍ଯ୍ୟଜୀବନ, ନୀତି ଓ ପ୍ରବୃତ୍ତି, ଆମର ଥିଲା ଓ କାରଣ ଥାଇପାରେ ପ୍ରଭୃତି ଦୀର୍ଘ ମନନଶୀଳ ପ୍ରବନ୍ଧ ଲେଖି ସେ ଉର୍ଦ୍ଧ୍ୱମୂଳ କରିଛନ୍ତି ସାହିତ୍ୟର ଭଣ୍ଡାର । ନୀଳକଣ୍ଠ ତତ୍‌କାଳୀନ ଇନ୍ଦ୍ରଧନୁ ଓ ବିଜୁଳିର ଯୁଦ୍ଧରେ ନିଜକୁ ଇନ୍ଦ୍ରଧନୁରେ ସାମିଲ କରିଥିଲେ ସମ୍ଭବତଃ ଗୋପବନ୍ଧୁଙ୍କ ପ୍ରଭାବରେ ପଡ଼ି । କିନ୍ତୁ ପରବର୍ତ୍ତୀ ସମୟରେ ସେ ଏ ଧାରଣାରୁ

Digitized by PPRACHIN, SOA

ନିବୃତ୍ତ ହୋଇଥିଲେ । ରାଧାନାଥ ସାହିତ୍ୟ ପଢ଼ି ସେ ଅଭିଭୂତ ହୋଇପଡ଼ିଥିଲେ । ଓଡ଼ିଆ ମାଟିକୁ ସାହିତ୍ୟର ରୂପକଳ୍ପ ଦେଇ ସେ ଦେଇଥିବା ଅବଦାନକୁ ନୀଳକଣ୍ଠ ସ୍ୱୀକାର କରିଛନ୍ତି । ତାଙ୍କ ମତରେ,

"ନୂତନ ଓଡ଼ିଆ ସାହିତ୍ୟ ଭିତରେ, ବିଶେଷରେ ରାଧାନାଥଙ୍କ କାବ୍ୟ ଓ କବିତା ଚର୍ଚ୍ଚା ଚାଲିଲା । ମୁଁ ଦେଖିଲି, ରାଧାନାଥଙ୍କ ସମ୍ବନ୍ଧରେ ମୋର ପିଲାଦିନର ଅନେକ ଧାରଣା ବଦଳିଗଲା ।"

(ମୋର କାବ୍ୟ ଲେଖା -ପୃ - ୯୪)

ସମ୍ଭବତଃ ନୀଳକଣ୍ଠଙ୍କ ସାହିତ୍ୟିକ ଜୀବନରେ ଉତ୍ତରଣ ଘଟିସାରିଥିଲା ବୋଲି ଏ ଉକ୍ତିରୁ ମନେହୁଏ । ଯଦିଓ ସେ ସମୟର ବିରୋଧାଭାସକୁ ନୀଳକଣ୍ଠ ସମାଲୋଚନା କରିଛନ୍ତି; ମଧୁସୂଦନ ରାଓ ଓ ରାଧାନାଥ ରାୟଙ୍କ କ୍ଷମତାର ପ୍ରୟୋଗ ଓ ସାହିତ୍ୟରେ ତା'ର ସ୍ଥାନ ନିରୂପଣ କରି ଦୁଃଖିତ ହୋଇଛନ୍ତି । ନିଜର ପ୍ରଥମ ଲେଖା ବିଷୟରେ ନୀଳକଣ୍ଠ ଉଦାହରଣ ଦେଇ କହନ୍ତି ଯେ, ଗୋପବନ୍ଧୁଙ୍କ କଥାରେ ପଡ଼ି ସେ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନୀ ଲେଖିଥିଲେ । କିନ୍ତୁ ନୀଳକଣ୍ଠଙ୍କ ଭିତରେ ଏକ ଆହରଣର ଅମ୍ଳ, ନିଜ ପ୍ରତି ସନ୍ତୁଷ୍ଟ ନ ହେବାର ସାହିତ୍ୟିକ ଭାବ ଅହରହ ବିଚରଣ କରୁଥିଲା:- "ସେ ଯାହାହେଉ, ମୋର ଏବେ ମଧ ନିଜ ଲେଖାରେ ଆତ୍ମଦୈନ୍ୟର ଭାବ ବରାବର ଯାଇନାହିଁ । ଏବେ ବି କିଛି ଲେଖିଲେ ଯାହାକୁ ହେଲେ ଶୁଣାଇ ଭଲ ଅନୁମୋଦନ ନ ପାଇଲେ ମୁଁ ପ୍ରାୟ ସାହସ କରି ପ୍ରକାଶ କରେ ନାହିଁ ।" (ପୃ -୫୨)

କେବଳ ପ୍ରବନ୍ଧର କାଠିନ୍ୟତା ଭିତରେ ସୀମିତ ନଥିଲେ ନୀଳକଣ୍ଠ ବରଂ କବିତାର କୋମଳ ପରଶଟିଏ ସେ ଅନୁଭବି ଥିଲେ ବାରମ୍ବାର । 'କୋଣାର୍କେ' କବିତାରେ ତାଙ୍କ ବିମୁଗ୍ଧ ପ୍ରାଣର ଦ୍ରବୀଭୂତ କମନୀୟ ରୂପର ଝଲକ ମିଳେ । କୁମାରପୂର୍ଣ୍ଣିମାରେ ଛାତ୍ରଙ୍କ ସ୍ମୃତି ଓ ଅନୁଭବକୁ ମନେପକାଇ ସେ ହୋଇ ଉଠିଛନ୍ତି ଭାବଗର୍ଭକ । ସତ୍ୟବାଦୀ ଛାଡ଼ିଲା ପରେ ସେ ହୋଇ ଉଠିଛନ୍ତି ଆହୁରି ଚଳଚଞ୍ଚଳ । ଆଉ ଏହାର ଫଳଶ୍ରୁତି ସ୍ୱରୂପ ସୃଷ୍ଟି ହୋଇଛି "ପ୍ରଣୟିନୀ" ବା The Princess ର ଅନୁବାଦ ପୁସ୍ତକ । ପରେ ନୀଳକଣ୍ଠ 'ନବ ଭାରତ, 'ସେବା' ପରି ପତ୍ରିକା ସ୍ଥାପନ କରି ଦେଖେଇଛନ୍ତି ଓଡ଼ିଆ ଭାଷା ପ୍ରତି ଥିବା ମମତାର ମମତ୍ୱ ପରିଚୟ । ଓଡ଼ିଆ ଓ ତୁଳନାତ୍ମକ ସାହିତ୍ୟକୁ ନବଦିଗ୍‌ଦର୍ଶନ ପାଇଁ ସେ ସଦା ଚେଷ୍ଟିତ ଥିଲେ । ସେ ଲିପି ସଂସ୍କାର ପାଇଁ (ଯଥା ଶରେ ବ୍ରାହ୍ମଣ ସରେ କରଣ) ଯଥେଷ୍ଟ ଚେଷ୍ଟା କରିଥିଲେ । 'ଉତ୍କଳ ସାହିତ୍ୟ' ସମାଜ ଓ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ରେ ଜଡ଼ିତ ହୋଇ ଓଡ଼ିଆ ସାହିତ୍ୟର ସୁରଭିତ ଯାତ୍ରାକୁ ମଧୁସ୍ରାବୀ ବନେଇଥିଲେ ।"

Digitized by PPRACHIN, SOA

ଦୀର୍ଘ ଷାଠିଏ ବର୍ଷ ଧରି ସେ ଦୌଡ଼ି ଚାଲିଥିଲେ । କେବେ ସଂସ୍କାରୀ ତ କେବେ ସଂଗ୍ରାମୀ, କେବେ ଶିକ୍ଷକ ତ ପୁଣି କେବେ ସାହିତ୍ୟିକ, କେବେ ଜନନେତା ପୁଣି ତ କେବେ ସୁବକ୍ତା । ସେଥିପାଇଁ ସେ ଆତ୍ମଜୀବନୀରେ ସୁଭାଷ ବୋଷ, ରାଜେନ୍ଦ୍ର ପ୍ରସାଦ, ଲିଙ୍ଗରାଜ ମିଶ୍ର, ବ୍ରଜସୁନ୍ଦର ଦାସ, ଅନନ୍ତ ମିଶ୍ର, ରାମଚନ୍ଦ୍ର ରଥ, କୃପାସିନ୍ଧୁ ମିଶ୍ର, ବେନୁଗୋପାଳ ଆଚାରୀ, ନଗେନ୍ଦ୍ର ନାଥ ରକ୍ଷିତ, ଯମେଶ୍ୱର ମିଶ୍ର ଆଦିଙ୍କୁ ଜୀବନ୍ତ ଭାବରେ ଥୋଇଛନ୍ତି ମନ ମନ୍ଦିରରେ । ଏସବୁ ବର୍ତ୍ତମାନ ପାଇଁ ଏକ ଐତିହାସିକ ଗବେଷଣାର ଉପାଦାନ ପାଲଟିଛି । ଅତି ସରଳ ଭାଷା ଓ ଛୋଟ ଛୋଟ ଶିରୋନାମାରେ ନିଜର ଆତ୍ମଜୀବନୀକୁ ବିଭକ୍ତ କରି ସେ ଏହାକୁ ସୁଖପାଠ୍ୟ କରାଇଛନ୍ତି ।

ନୀଳକଣ୍ଠଙ୍କ ଆତ୍ମଜୀବନୀରେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଘଟିତ ଅନେକ ଘଟଣା ଯଥା ଦୁର୍ଭିକ୍ଷ, ଭାଷା ଆନ୍ଦୋଳନ, ଶିକ୍ଷା ଓ ସାହିତ୍ୟ, ସଂସ୍କାର ମନସ୍କ ଚିନ୍ତନ ଆଦିର ଝଲକ ଦେଖିବାକୁ ମିଳେ । ଯଦିଓ ତାଙ୍କ ଆତ୍ମଜୀବନୀରେ ଆମେ କୌଣସି ବ୍ୟକ୍ତିଗତ ଅବଶୋଷ କିମ୍ବା ସ୍ୱୀକାରୋକ୍ତି (Confession) ପାଇ ପାରିବା ନାହିଁ ତଥାପି ଏହା ପାଣ୍ଡିତ୍ୟପୂର୍ଣ୍ଣ । ଜୀବନର ଅପରାହ୍ନରେ ନିଜର ଅନେକ ସ୍ମୃତିକୁ ମନେପକାଇ ସେ ଲେଖିଛନ୍ତି ଏକ ସହଜ ଇତିହାସ । ତାଙ୍କ ଅବର୍ତ୍ତମାନରେ ଘଟିଥିବା ଅନେକ ଘନଘଟାର ଏହା ପ୍ରଥମ ପୁରୁଷ ଅଭିବ୍ୟକ୍ତି । ନୀଳକଣ୍ଠଙ୍କ ଆତ୍ମଜୀବନୀ ବିଂଶ ଶତାବ୍ଦୀର ସମାଜ, ଇତିହାସ, ଶିକ୍ଷା, ସାହିତ୍ୟ, ଅନ୍ଧବିଶ୍ୱାସ, ଚଳଣିର ଏକ ସୁବିସ୍ତୃତ ଦସ୍ତାବେଜ । ଏହା ଜଣେ କର୍ମପ୍ରବଣ ସିଦ୍ଧପୁରୁଷର ନିର୍ଭେଜାଲ୍ ବୟାନ । ସମଗ୍ର ଆତ୍ମଜୀବନୀରେ ନୀଳକଣ୍ଠ ଯେଉଁ ଚିତ୍ର ଓ ଚରିତ୍ର ଫୁଟାଇଛନ୍ତି ତାହା ଅବର୍ଣ୍ଣନୀୟ । ଗୋପବନ୍ଧୁଙ୍କ ପ୍ରତି ତାଙ୍କର ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ ଭାରି ମାର୍ମିକ ଓ ଅତୁଳନୀୟ । ତେଣୁ ଏହା କହିବା ଅତିଶୟୋକ୍ତି ହେବନାହିଁ ଯେ ନୀଳକଣ୍ଠଙ୍କ ଜୀବନରେ ଗୋପବନ୍ଧୁଙ୍କ ପ୍ରଭାବ ଓ ଗୋଦାବରୀଶଙ୍କ ଜୀବନରେ ନୀଳକଣ୍ଠଙ୍କ ପ୍ରଭାବ ଗଭୀର ଓ ପ୍ରଶସ୍ତ । ଏଣୁ ନୀଳକଣ୍ଠଙ୍କ ଆତ୍ମଜୀବନୀ ପଢ଼ିଲେ ଆଖିସାମ୍ନାରେ ଚିତ୍ର ପରି ଆଙ୍କି ହୋଇଯାଏ ଆମ ଅତୀତ, ବ୍ୟକ୍ତିତ୍ୱ, ଭାଷା, ସାହିତ୍ୟ, ସମାଜର ଜୀବନ୍ତ ପଟ୍ଟଚିତ୍ର ।

Digitized by PPRACHIN, SOA

# ସଂସ୍କୃତ ଓ ସଂସ୍କୃତି ଅନ୍ୱେଷଣରେ ପଣ୍ଡିତ ନୀଳକଣ୍ଠ

ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ

ସତ୍ୟବାଦୀ ସାହିତ୍ୟର ଅନ୍ୟତମ ବିଶିଷ୍ଟ ସାଧକ, ମୂଲ୍ୟବୋଧଭିତ୍ତିକ ରାଜନୀତିର ଜୀବନ୍ତ ପ୍ରତୀକ, ଜ୍ଞାନୀ, ବାଗ୍ମୀ ନୀଳକଣ୍ଠ ଜୀବନ ଦୀର୍ଘ ଅର୍ଦ୍ଧଶତ ବର୍ଷରୁ ଊର୍ଦ୍ଧ୍ୱ ଓଡ଼ିଶାର ସାମାଜିକ - ସାଂସ୍କୃତିକ-ରାଜନୀତିକ -ଶୈକ୍ଷିକ ଓ ସର୍ବୋପରି ସାହିତ୍ୟିକ ଜୀବନର ଚଳନ୍ତି ଇତିହାସ । ଜଣେ ଜ୍ଞାନ- ତପସ୍ୱୀ ଓ ସଂସ୍କୃତିବିତ୍ ଭାବରେ ତାଙ୍କର ଯେଉଁ ପରିଚୟ ରହିଛି, ତାହା ଏବେ ମଧ୍ୟ ମଳିନ ପଡ଼ିଯାଇନାହିଁ ଭାରତୀୟ ସଂସ୍କୃତିର ଉତ୍ସ ନିରୂପଣ ପାଇଁ ସେ ଘାଣ୍ଟିଛନ୍ତି ବିଶ୍ୱର ଜ୍ଞାନକୋଷ । ଭାରତମାଟିରେ ଆର୍ଯ୍ୟ - ଅନାର୍ଯ୍ୟର ସଂଘର୍ଷ ଜାଣିବା ପାଇଁ, ବିଶେଷ କରି ଅସୁର ସଭ୍ୟତାର ଇତିହାସ ଖୋଜିବାକୁ ଯାଇ ବୈଦିକ କାଳରୁ ଏଯାବତ୍ ରଚିତ ବିଭିନ୍ନ ଭାରତୀୟ ଶାସ୍ତ୍ର ଓ ଆବଶ୍ୟକ କେବଳ ବିଶ୍ୱର ଉଚ୍ଚକୋଟୀର ଗବେଷଣା ପୁସ୍ତକମାନଙ୍କୁ ସେ ସୂକ୍ଷ୍ମ ଭାବରେ ପର୍ଯ୍ୟବେକ୍ଷଣ କରିଛନ୍ତି ଓ ତନ୍ମଧ୍ୟରେ ନିହିତ ସାର୍ବଜନୀନ ଚିନ୍ତାଧାରା ଅନୁସରଣରେ ନିଜର ସିଦ୍ଧାନ୍ତକୁ ପ୍ରତିପାଦନ କରିଛନ୍ତି । ତାଙ୍କର ପ୍ରତ୍ୟେକଟି ଚିନ୍ତାଧାରା ଥିଲା ମୌଳିକ ଓ ସୂକ୍ଷ୍ମ ବିଚାର-ବୁଦ୍ଧି ସମ୍ମତ । ଅବଶ୍ୟ ବେଳେବେଳେ ସେ ଯେ ଅଧିକ ପ୍ରତିକ୍ରିୟାଶୀଳ ହୋଇପଡୁନଥିଲେ ତାହାନୁହେଁ; ଏହା ସତ୍ତ୍ୱେ ଗୋଟିଏ ଜାତିର, ଗୋଟିଏ ସଂସ୍କୃତିର ମୂଳଉତ୍ସ ଖୋଜିବାରେ ଯେତେ ଅଧିକ ନିଷ୍ଠା ଦେଖାଯାଇପାରେ, ତାହା ସେ ଦେଖାଇଛନ୍ତି । ଭାବପ୍ରବଣତା ଅପେକ୍ଷା ଉଗ୍ର ଜାତୀୟତାବୋଧ ତାଙ୍କ ସିଦ୍ଧାନ୍ତର ହୋଇଛି ପ୍ରମୁଖ ବୈଶିଷ୍ଟ୍ୟ । ଭାରତର ପ୍ରଚଳିତ ବହୁ ଭାଷା ମଧ୍ୟରୁ ସଂସ୍କୃତ ଭାଷାର ସ୍ୱାତନ୍ତ୍ର୍ୟ ସହଜରେ ଅନୁମେୟ ଏବଂ ତଦନୁରୂପ ଭାରତୀୟ ସଂସ୍କୃତି । ଭାରତୀୟ ଭାଷା ସଂସ୍କୃତି ଓ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ଆକଳନ ନିମିତ୍ତ 'ସଂସ୍କୃତ ଓ ସଂସ୍କୃତି' ଗ୍ରନ୍ଥର ପରିକଳ୍ପନା ।

'ସଂସ୍କୃତ ଓ ସଂସ୍କୃତି'ର ମୂଳ ରୂପ ଥିଲା ଏକ ଅଭିଭାଷଣ । ପଣ୍ଡିତ ନୀଳକଣ୍ଠ ସଭାପତି ରୂପେ ତା ୧୧/ ୭ / ୧୯୪୭ରେ ଓଡ଼ିଶା ସଂସ୍କୃତି ଆସୋସିଏସନ୍‌ର ସମାବର୍ତ୍ତନ ଉତ୍ସବରେ ଦୀର୍ଘ ଅଢ଼େଇଘଣ୍ଟା ଧରି ଯେଉଁ ଅଭିଭାଷଣ ପ୍ରଦାନ କରିଥିଲେ 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକଟି ହେଉଛି ତାର ପରିବର୍ଦ୍ଧିତ ଓ ପରିମାର୍ଜିତ ରୂପ । ୧୯୫୧ ମସିହାରେ ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ ଦ୍ୱାରା ପ୍ରଥମେ ଏହା ପ୍ରକାଶିତ ହୋଇଥିଲା ଏବଂ ଏହାର ଦ୍ୱିତୀୟ ସଂସ୍କରଣ ସେହି ପ୍ରକାଶନ ସଂସ୍ଥା ଦ୍ୱାରା ୧୯୭୨ରେ ପ୍ରକାଶିତ ହୋଇଛି । ଏହି

Digitized by PPRACHIN, SOA

ଗ୍ରନ୍ଥରେ ସଂସ୍କୃତ ଭାଷାର ମହତ୍ତ୍ୱ ପ୍ରତିପାଦନ ସହିତ ଭାରତୀୟ ସଂସ୍କୃତିର ମୂଳ ଉତ୍ସ ତଥା ସଂପ୍ରତି ଏହାର ସ୍ଥିତି ଓ ଦୁଃସ୍ଥିତି ସମ୍ବନ୍ଧରେ ତଥ୍ୟପୂର୍ଣ୍ଣ ବିଶ୍ଳେଷଣାତ୍ମକ ଆଲୋଚନା କରାଯାଇଛି । ଅଭିଭାଷଣ ସମୟରେ ପଣ୍ଡିତ ନୀଳକଣ୍ଠ ଜଗନ୍ନାଥ 'ପତିତପାବନ' ନୁହେଁ ବୋଲି କହିଥିବାରୁ ସଂସ୍କୃତ ଆସୋସିଏସନ୍‌ର ତତ୍‌କାଳୀନ ସଭାପତି ଏମାରମଠ ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ କ୍ଷୁବ୍‌ଧ ହୋଇଥିଲେ । ତତ୍‌ସହିତ କିଛି ବିଦ୍ୱାନ 'ଫଳିତ ଜ୍ୟୋତିଷ' ବିଦ୍ୟାନୁହେଁ ଶୁଣି ବିମନା ହୋଇଥିଲେ । ପାରମ୍ପରିକ ବିଶ୍ୱାସବୋଧରେ ପରିଚାଳିତ ଏବଂ ପ୍ରତିଷ୍ଠିତ ସଂସ୍କାରବୋଧ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କ ପକ୍ଷରେ ଏପରି ପ୍ରତିକ୍ରିୟା ପ୍ରକାଶ କରିବା ଏକ ସ୍ୱାଭାବିକ ଘଟଣା । ମାତ୍ର ନୀଳକଣ୍ଠ ଜଗନ୍ନାଥଙ୍କୁ 'ପତିତପାବନ' ନୁହନ୍ତି ବୋଲି କହିବାଦ୍ୱାରା ଜଗନ୍ନାଥଙ୍କ ମହତ୍ତ୍ୱ କ୍ଷୁଣ୍ଣ କରିନାହାନ୍ତି, ବରଂ ତାହା ଶାଶ୍ୱତ ସତ୍ୟରେ ଉଜ୍ଜ୍ୱଳ ହୋଇଛି ଏବଂ ଫଳିତ ଜ୍ୟୋତିଷକୁ ଅପବିଦ୍ୟା ବା ଅବିଦ୍ୟା କହିବାରେ ବିଦ୍ୟାର ଅପବାଦ ବା ସତ୍ୟର ଅପଳାପ ହୋଇନାହିଁ, ବରଂ ସ୍ମୃତିର ପ୍ରେରଣା ଜାଜ୍ୱଲ୍ୟମାନ ହୋଇଛି ବୋଲି ମୂଳକଥା ପର୍ଯ୍ୟାୟରେ ଦୃଢ଼ୋକ୍ତି କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ତାଙ୍କ ଅଭିଭାଷଣଟିକୁ ପୁସ୍ତକାରରେ ସଜାଇବା ସମୟରେ ତାହାକୁ ଆଠୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । ପ୍ରତ୍ୟେକ ପର୍ଯ୍ୟାୟ ବା ପରିଚ୍ଛେଦ ଆନୁପାତିକ ଭାବରେ ଅନ୍ୟ ପରିଚ୍ଛେଦ ସହିତ ସଂପର୍କ ରକ୍ଷା କରିଛି, ଯଦିଓ ଗୋଟିଏ ଦୁଇଟି ପରିଚ୍ଛେଦ ଏହାର ବ୍ୟତିକ୍ରମ ପରି ମନେ ହୋଇଥାଆନ୍ତି । ଏହି ଆଠଟି ପରିଚ୍ଛେଦ ବା ବିଭାଗୀକରଣର ନାମ ହେଉଛି ଯଥାକ୍ରମେ 'ଆର୍ଯ୍ୟଭାଷା', 'ଆର୍ଯ୍ୟେତର ପ୍ରଭାବ ଓ ସଂସ୍କୃତିର ସମୀକରଣ' 'ଲିପି, ଆର୍ଯ୍ୟଭାଷା, ସନାତନ ଓ ସାର୍ବଜନୀନ', 'ସ୍ୱର୍ଗତ ପଣ୍ଡିତ ହରିହର ଦାସ', 'ସଂସ୍କୃତ ଶିକ୍ଷା ଚିକିତ୍ସା ଓ ବିଜ୍ଞାନ', ଜ୍ୟୋତିଷ ଓ ଫଳିତ ଜ୍ୟୋତିଷ', 'ଉଦାର ଶିକ୍ଷା -ମଠ, ଜଗନ୍ନାଥ - ସଦାବ୍ରତ ।' ଆଲୋଚନା ସମୟରେ ମୁଖ୍ୟ ପର୍ଯ୍ୟାୟଗୁଡ଼ିକ କେତେକ ଉପ-ପର୍ଯ୍ୟାୟରେ ମଧ୍ୟ ବିଭକ୍ତ ହୋଇଛି । ଭାରତୀୟ ସଂସ୍କୃତିର ସ୍ୱରୂପ ଓ ଉତ୍ସ ଜାଣିବା ନିମିତ୍ତ ସେ ଏହି ମାଟିରେ ଆର୍ଯ୍ୟମାନଙ୍କର ପ୍ରବେଶ ପୂର୍ବରୁ ଯେଉଁ ସଂସ୍କୃତି ପ୍ରଚଳିତ ଥିଲା, ତା'ର ଅନ୍ୱେଷଣ କରିବା ସହିତ ଆର୍ଯ୍ୟାଗମନ ପରେ ବିଭିନ୍ନ ଧର୍ମର ଦାର୍ଶନିକ ସିଦ୍ଧାନ୍ତ ସହିତ ଅସୁର ସଂସ୍କୃତିର ସାମ୍ୟ -ବୈଷମ୍ୟ ନିରୂପଣ କରିବା ସଙ୍ଗେ ସଙ୍ଗେ ତାର ଏକ ତାତ୍ତ୍ୱିକ ରୂପ ଆକଳନ କରିଛନ୍ତି ଏହି ପୁସ୍ତକରେ । ତତ୍ ସଙ୍ଗେ ସଙ୍ଗେ 'ସଂସ୍କୃତ'ର ରୂପଗତ ବିଭବ ସହିତ ଏହି ଭାଷାର ବୈଶିଷ୍ଟ୍ୟ ତଥା ବିଶ୍ୱ- ଭାଷା ପ୍ରସଙ୍ଗରେ ସଂସ୍କୃତ ଭାଷାର ମହତ୍ତ୍ୱ ଆକଳନ କରି ଭାରତୀୟ ଲିପିର ବିକାଶକ୍ରମ ନିର୍ଦ୍ଧାରଣ କରିଛନ୍ତି । ଅବଶ୍ୟ କେତେ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କ ମତ ଏକଦେଶଦର୍ଶିତାର ଶିକାର ହୋଇଥିଲେ ହେଁ, ତାଙ୍କ ମତ ଅନ୍ତରାଳରେ ରହିଥିବା ଯୁକ୍ତିବତ୍ତାକୁ ମଧ୍ୟ ଅସ୍ୱୀକାର କରାଯାଇ ନପାରେ । ଏହି ଦୃଷ୍ଟିରୁ 'ସଂସ୍କୃତ ଓ ସଂସ୍କୃତି' ଗ୍ରନ୍ଥର ଉପଯୋଗିତାକୁ ଉପଲବ୍ଧି କରାଯାଇପାରେ । ବର୍ତ୍ତମାନ ପଣ୍ଡିତ ନୀଳକଣ୍ଠଙ୍କ ମତାମତକୁ ବିଶ୍ଳେଷଣ କରାଯାଉ ।

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ ବିଶ୍ୱାସ ଆର୍ଯ୍ୟମାନେ ଭାରତର ମୂଳ ବାସିନ୍ଦା ନୁହନ୍ତି । ସାଢ଼େ ତିନିହଜାର ବର୍ଷ ପୂର୍ବେ ଆଜିର ପଞ୍ଚନଦ ବା ଅତୀତର ଗାନ୍ଧାର ଦେଶରେ ସେମାନଙ୍କର ଆବିର୍ଭାବ ଘଟିଥିଲା । ସେମାନେ ମୂଳରୁହିଁ ଥିଲେ ଦେବ - ଉପାସକ । ସିନ୍ଧୁନଦୀଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ ଅର୍ଥାତ୍ କରାଚିଠାରୁ ପ୍ରାୟ ସିମଳା ପର୍ଯ୍ୟନ୍ତ ସିନ୍ଧୁର ପଞ୍ଚନଦ ଦେଶ - ଗୋଟିଏ ବିରାଟ ସଭ୍ୟତା କ୍ରୀଡ଼ାଭୂମି ଥିଲା ଏବଂ ଏଠାରେ ଯେଉଁମାନେ ବସବାସ କରୁଥିଲେ ସେମାନେ ସମସ୍ତେ ଥିଲେ ଅସୁର ଉପାସକ, ଆର୍ଯ୍ୟମାନଙ୍କ ଉପସ୍ଥିତି ଏବଂ ଏଠାକାର ମୂଳ ଅଧିବାସୀଙ୍କ ଅଧିକାରକୁ ନେଇ କ୍ରମଶଃ ବିବାଦ ଏବଂ ବଳଶାଳୀ ତଥା ତେଜସ୍ୱୀ ଆର୍ଯ୍ୟମାନଙ୍କ ନିକଟରେ ସେମାନଙ୍କର ପରାଜୟ ଥିଲା ଏକ ସ୍ୱାଭାବିକ ଘଟଣା । ମାତ୍ର ମୂଳ ଅଧିବାସୀଙ୍କ ସଭ୍ୟତା ଓ ସଂସ୍କୃତିକୁ ସଂପୂର୍ଣ୍ଣ ଅସ୍ୱୀକାର କରିବା ଏମାନଙ୍କ ପକ୍ଷରେ ସମ୍ଭବ ନଥିବାରୁ ସେମାନଙ୍କ ଉପାସନାର ଶ୍ରେଷ୍ଠତ୍ୱ ସ୍ୱୀକାର କରି ତାକୁ ନିଜର କରିନେବାକୁ ବାଧ ହୋଇଥିଲେ ନୀଳକଣ୍ଠଙ୍କ ମତାନୁଯାୟୀ ସେକାଳର ପାରସିକ ଆର୍ଯ୍ୟଗଣ ଅସୁର ସଭ୍ୟତାକୁ ନିଜ ସଭ୍ୟତା ସହିତ ମିଶାଇ ତାକୁ ନିଜର ବୋଲି ପ୍ରଚାର ଓ ପ୍ରସାର କରାଇଥିଲେ । ଜାରାଥୁଷ୍ଟ୍ରୀୟ ଏବଂ ପାର୍ସିମାନଙ୍କ ଧର୍ମରେ ତା'ର ସୂଚନା ମିଳିଥାଏ । ନୀଳକଣ୍ଠ ତେଣୁ କୁହନ୍ତି - "ପ୍ରତିଷ୍ଠିତ ଅସୀରିଆ ବା ଅସୁର ସଭ୍ୟତାର ଉପାସ୍ୟ, 'ଅସୁର' ଓ ସୁମେରୁ ତଥା ବାବିଲନ୍‌ର ମେରୋଡ଼ାଚ୍ ବା ମାର୍ଦୁକ୍ ଅଥବା ମରଦ୍ ଦୁହେଁ ମିଶି ହେଲେ, ଆର୍ଯ୍ୟ ପାରସିକ ଅସୁର-ମରଦ, ଅହୁର -ମାଜ୍‌ଦା ବା ଅର୍‌ମଜ । ଇନ୍ଦ୍ରାଦିଦେବ ସେଠି ହେଲେ, କ୍ରିୟାହୀନ ସୃଷ୍ଟି -ନାଶକ ଦୁରାତ୍ମା । ଜାଗତିକ ଭଲ -ମନ୍ଦ ବା ସୁଖ - ଦୁଃଖାଦି ଦ୍ୱନ୍ଦ୍ୱର ସମାଧାନ ପାଇଁ ସେମାନେ ଗ୍ରହଣ କଲେ, ସେଇ ଅସୁରଙ୍କୁ -ବାବିଲନ୍ ବା ଇହୁଦୀଙ୍କ ଧର୍ମର ବାଳସୁଲଭ ଯୁକ୍ତି ବା ଦର୍ଶନ -ହୀନ କଳ୍ପନାକୁ । ପରବର୍ତ୍ତୀ ବାଇବେଲ ଓ କୋରାଣର ସଇତାନ୍ ତଥାକଥିତ ସର୍ବଶକ୍ତିମାନ, ସର୍ବଜ୍ଞ ଏକ ଈଶ୍ୱରଙ୍କ ସାଙ୍ଗେ ଲାଗିଲା ପରି ସେକାଳେ ଆର୍ଯ୍ୟ ପାରସିକଙ୍କ ଧର୍ମରେ ଅର୍‌ମଜଂକ ପାଖେ ପ୍ରକାଶ ପାଇଥିଲେ, ଏକ ସୃଷ୍ଟିନାଶକ ଦୁରାତ୍ମା, 'ଅର୍ହିମନ୍' ବା 'ଅଂଗ୍ରମୈନୁ' (ସଂସ୍କୃତ ଓ ସଂସ୍କୃତି - ପଣ୍ଡିତ ନୀଳକଣ୍ଠ ଦାସ; ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, ବିନୋଦବିହାରୀ, କଟକ -୨, ୨ୟ ସଂ - ୧୯୭୨; ପୃ -୩) ସେତେବେଳେ ଭାରତରେ ବସବାସ କରୁଥିବା ଦ୍ରାବିଡ଼ମାନଙ୍କ ମଧ୍ୟରେ ଅସୁର -ଉପାସକ ରହିଥିଲେ ଏବଂ ଆର୍ଯ୍ୟମାନେ ପାରସିକ ଆର୍ଯ୍ୟଙ୍କ ପରି ଆଧିପତ୍ୟ ବିସ୍ତାର ସହିତ ସେମାନଙ୍କ ସଭ୍ୟତା ଓ ଧର୍ମଦ୍ୱାରା ପ୍ରଭାବିତ ହୋଇଥିଲେ ।

ନୀଳକଣ୍ଠଙ୍କ ମତରେ ଆର୍ଯ୍ୟସଭ୍ୟତା ବିସ୍ତାର ଲାଭ କରିବା ମୂଳରେ ରହିଛି ସେମାନଙ୍କ ଭାଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା । ସେମାନଙ୍କ ଭାଷାରେ ଯେଉଁ ନମନୀୟତା ଥିଲା, ସୂକ୍ଷ୍ମାତିସୂକ୍ଷ୍ମ ଭାବପ୍ରକାଶରେ ଯେଉଁ ସ୍ୱାଚ୍ଛନ୍ଦ୍ୟ ଥିଲା ଓ ସ୍ୱାତନ୍ତ୍ର୍ୟ ରହିଥିଲା, ତାହାହିଁ ଥିଲା ସେମାନଙ୍କର ବୈଶିଷ୍ଟ୍ୟ ଏବଂ ସେହି ବୈଶିଷ୍ଟ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରିଥିଲା ତାଙ୍କ ସଭ୍ୟତା ତଥା ବିଚାରଧାରାକୁ ପ୍ରକାଶ କରିବା ପାଇଁ । ଆର୍ଯ୍ୟମାନଙ୍କର ଏହି ମାନସିକ

Digitized by PPRACHIN, SOA

ବିଭବ ତାଙ୍କୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛି । ଏହି ଭାଷା ହେଉଛି ସେମାନଙ୍କର ମାନସିକ ବିଭବ ଏବଂ ଏହି ବିଭବର ଅଧିକାରୀ ହୋଇଥିବାରୁ ସେମାନେ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ସମର୍ଥ ।

ଭାରତୀୟ ସଂସ୍କୃତିର ମୂଳ ଠାବ କରିବାକୁ ଯାଇ ପଣ୍ଡିତ ନୀଳକଣ୍ଠ ବୌଦ୍ଧ, ଜୈନ, ବ୍ରାହ୍ମଣ୍ୟଧର୍ମ ଦେଇ ବୈଦିକ ଯୁଗରେ ପଦାର୍ପଣ କରିଛନ୍ତି । ସେ ଅସୁର ସଭ୍ୟତାରେ ପରିଲକ୍ଷିତ ହୋଇଥିବା ବୌଦ୍ଧଧର୍ମକୁ ଆର୍ଯ୍ୟଭାଷାରେ ଉଦ୍‌ଭାବିତ ହୋଇଥିବା କିମ୍ବା ପ୍ରଚରିତ ହୋଇଥିବା ଘଟଣାକୁ ସ୍ୱୀକାର କରନ୍ତି ନାହିଁ । ସେ ବୌଦ୍ଧଧର୍ମର ଆରମ୍ଭ ଶାକ୍ୟମୁନି ବୁଦ୍ଧଙ୍କଠାରୁ ହୋଇଥିବା ସ୍ୱୀକାର ନ କରି ବରଂ ତାହା ଆଦିମ 'ଜିଣ' ମାନଙ୍କ ଧର୍ମ ବା ଜୈନଧର୍ମର ବିକାଶ ବୋଲି ମତଦେବା ସହିତ ବୁଦ୍ଧଦେବ ଏହାର ଶେଷ ସଂସ୍କାରକ ଓ ପ୍ରଚାରକ ବୋଲି କହିଛନ୍ତି । ପୁଣି ସେ କୁହନ୍ତି ବୌଦ୍ଧ ସାଧନାର ନିର୍ବାଣ ତତ୍ତ୍ୱ ବୈଦିକ ସାହିତ୍ୟ ଉପରେ ମଧ୍ୟ ପ୍ରଭାବ ବିସ୍ତାର କରିଥିଲା । ଆଦିମ ଶୂନ୍ୟ-ବାଦ ଦର୍ଶନ ପରେ ଆର୍ଯ୍ୟ ଭାଷାରେ ପ୍ରକାଶ ପାଇଛି । ବୌଦ୍ଧତନ୍ତ୍ର ଓ ହିନ୍ଦୁ ତନ୍ତ୍ରରେ ଭାଷାଗତ ଶରୀର ହ୍ରୀଂ, କ୍ଲୀଂ, ଶ୍ରୀଂ ପରି ବୀଜମନ୍ତ୍ରର ପ୍ରକୃତ ଅର୍ଥ ଜାଣିବା କଷ୍ଟ । ବୈଦିକ ମନ୍ତ୍ରର ଏହି ଅକ୍ଷର ବିନ୍ୟାସ ଓ ସ୍ୱର ନିୟମ ଜୈନଯୋଗ ମନ୍ତ୍ରର ପ୍ରଭାବ ବୋଲି ସେ ବିଶ୍ୱାସ କରନ୍ତି । ଶୂନ୍ୟ ସାଧନାର ମନ୍ତ୍ର ପରମ୍ପରା ନୁହେଁ । କାରଣ ବେଦକୁ 'ନିଗମ' (ଯାହା ସୁଖଗମ୍ୟ ବା ସୁବୋଧ) ଏବଂ ତନ୍ତ୍ରକୁ 'ଆଗମ' (ଯାହା ବାହାରୁ ଆସିଛି) କୁହାଯାଇଥାଏ । ଅନୁମାନ କରାଯାଇପାରେ ଆଦିମ ଜୈନ ସାଧନାର ତନ୍ତ୍ର ଓ ତହିଁରୁ ଉଦ୍ଭୁତ ହିନ୍ଦୁତନ୍ତ୍ର ବେଦ-ବିଦ୍ୟା ପରିଭାଷାରେ ପ୍ରକାଶ ପାଉନଥିଲା । ସେଇଥିପାଇଁ ସେ ଆଗମ ପରମ୍ପରାକୁ ବେଦ ବହିର୍ଭୂତ ସାଧନା ବୋଲି କୁହନ୍ତି । ଅବଶ୍ୟ ଆର୍ଯ୍ୟଭାଷା ପରବର୍ତ୍ତୀ ସମୟରେ ଏହାକୁ ବଞ୍ଚାଇ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ଅନେକ ପୌରାଣିକ ଆଚାର ତଥା ତତ୍‌ସହିତ ଜଡ଼ିତ କେତେକ ପର୍ବ-ପର୍ବାଣି ମନ୍ତ୍ରଝଡ଼ା, ଗୁଣି ଗାରେଡ଼ି ପରି ଆଭିଚାରିକ କ୍ରିୟା ଆଗମିକ । ଶାସ୍ତ୍ରୀୟ ହଠଯୋଗ ମଧ୍ୟ ତା'ର ପ୍ରଭାବ ପ୍ରସୂତ ବୋଲି ପଣ୍ଡିତ ନୀଳକଣ୍ଠଙ୍କ ବିଶ୍ୱାସ । ସେ ଶାକ୍ତ ଓ ଶୈବଧର୍ମକୁ ଆଗମିକ ବୋଲି କୁହନ୍ତି । ତାଙ୍କ ମତରେ ଅନାର୍ଯ୍ୟମାନଙ୍କର ଦେବରୂପ 'ଲିଙ୍ଗ' ଏଇ ଶିବଙ୍କ ସଙ୍ଗେ ମିଶି ଏକ ହୋଇଯାଇଛନ୍ତି ଓ ଶୈବଧର୍ମଟି ବେଦାନ୍ତ-ଦର୍ଶନ-ପୀଠରେ ବହୁକାଳୁ ଆର୍ଯ୍ୟଭାଷା ବରାବର ଆତ୍ମପ୍ରକାଶ କରିଆସିଛି । ତନ୍ତ୍ରଟି ରହସ୍ୟମୟ ଓ ତମସାଚ୍ଛନ୍ନ ସାଧନାରେ ଲୋପ ପାଇଚି, କହିଲେ ଚଳେ ।" ପ୍ରାକୃତ ମାନବର ଏକମାତ୍ର ଧର୍ମ ଭାବରେ ସେ ଭକ୍ତିଧର୍ମକୁ ଗ୍ରହଣ କରନ୍ତି । ମଣିଷର ଭାଗ୍ୟ, ଭବିଷ୍ୟତ ଆଦି ସହିତ ଆଦିମ କାଳରୁ ଦେବଦେବୀଙ୍କ ଆବିର୍ଭାବ ଓତପ୍ରୋତ ଜଡ଼ିତ ହୋଇଆସିଛି । ଆମର 'କାଳେସୀ' ଲାଗିବା ପରମ୍ପରାଟିଏହି ବିଶ୍ୱାସବୋଧରୁ ଆସିଛି । ଏହି ପରମ୍ପରା କେବଳ ଭାରତରେ ନୁହେଁ, ସୁମେରୁ, ଇଜିପ୍ଟ, ଗ୍ରୀସ୍ ପ୍ରଭୃତି ଦେଶରେ ଏହାକୁ oracle ବା ଦୈବୀଦେଶ ବୋଲି କୁହାଯାଉଥିଲା । ଆଜି

Digitized by PPRACHIN, SOA

ସେହି ସଂପର୍କରୁହିଁ ପୃଥିବୀରେ ଭକ୍ତିଧର୍ମର ବିକାଶ ହୋଇଛି । ଭକ୍ତିଧର୍ମରେ ମଣିଷ ଜଣକୁ ସର୍ବଶ୍ରେଷ୍ଠ ମନେକରି ନିଜକୁ ତାଙ୍କଠାରେ ସମର୍ପଣ କରିଥାଏ । ପୃଥିବୀର ସମସ୍ତ ଧର୍ମରକ୍ଷକମାନେ ସେହି ପରମ୍ପରାକୁ ଗ୍ରହଣ କରନ୍ତି । ଭାରତୀୟ ଧାର୍ମିକ ପରମ୍ପରାରେ ଏହା 'ବାସୁଦେବ-କୃଷ୍ଣ' ବା ବୈଷ୍ଣବ ଧର୍ମ ରୂପେ ପରିଚିତ । ଏହା ମଧ୍ୟ ଆଗମିକ ହେଲେ ହେଁ ଆର୍ଯ୍ୟ ଭାଷାରେ ଏହାର ପ୍ରଚାର-ପ୍ରସାର ହୋଇ ଆସିଥିବାରୁ ତାହାକୁ ଆମେ ନୈଗମିକ ଭାବରେ ଗ୍ରହଣ କରିନେଇଛୁ ।

ନୀଳକଣ୍ଠ ଭାରତୀୟ ସଂସ୍କୃତିରେ ସଂସ୍କୃତ ଭାଷାକୁ ଜାତୀୟ ଭାଷା ଭାବରେ ଗ୍ରହଣ କରିଥାନ୍ତି । ବୈଦିକ ଭାଷା ହେଉଛି ଏହାର ଉତ୍ସ । ଭାରତୀୟ ସଂସ୍କୃତି ଓ ସାହିତ୍ୟର ମାଧ୍ୟମ ଏହା ହୋଇଥିବାରୁ ଏହାର ଗୁରୁତ୍ୱ ସର୍ବାଧିକ । ସଂସ୍କୃତ ବ୍ୟାକରଣକୁ ସେ 'ମାନବ ମନୀଷାର ଅଦ୍ଭୁତକୃତି' ଏବଂ ବିଶ୍ୱର ସର୍ବଶ୍ରେଷ୍ଠ 'ସ୍ୱର-ବିଜ୍ଞାନ ଶାସ୍ତ୍ର' ବୋଲି କହିଥାନ୍ତି । ମାକ୍ସମୁଲାରଙ୍କ ପରି ପଣ୍ଡିତ ସଂସ୍କୃତ ବ୍ୟାକରଣ ଶାସ୍ତ୍ରର ବହୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହାକୁ ପୃଥିବୀ ସର୍ବଶେଷ୍ଠ ସ୍ୱର ବିଜ୍ଞାନ ଶାସ୍ତ୍ରର ମାନ୍ୟତା ପ୍ରଦାନ କରିଛନ୍ତି । ହେଲମ୍ ହୋଲ୍, ଏଲିସ୍ ଓ ବେନ୍‌ଫିଙ୍କ୍ ପରି ପଣ୍ଡିତମାନେ ମଧ୍ୟ ଏହାର ବିଜ୍ଞାନ-ସମ୍ମତ ଚର୍ଚ୍ଚାକୁ ପୃଥିବୀରେ ଅଦ୍ୱିତୀୟ ବୋଲି ଗ୍ରହଣ କରଛନ୍ତି । ଭାରତୀୟ ସଂସ୍କୃତିର ସମସ୍ତ ଶ୍ରେଷ୍ଠଧନ ଏହି ବ୍ୟାକରଣ ଶାସ୍ତ୍ର ମଧ୍ୟରେ ଗୁମ୍ଫିତ ହୋଇ ରହିଛି । ପ୍ରାଚୀନ ଗ୍ରୀକ୍ ଭାଷା ସହିତ ତୁଳନା କରି ସଂସ୍କୃତିକୁ ଯେଉଁମାନେ ମଲା ଭାଷା କୁହନ୍ତି, ବାସ୍ତବରେ ସେମାନେ ଭୁଲ୍ ହିଁ କହିଥାନ୍ତି । କାରଣ ପ୍ରାଚୀନ ଗ୍ରୀସ୍‌ରେ ଏବେ ସକ୍ରେଟିସ୍, ପ୍ଲାଟୋ ଆଦିଙ୍କୁ କବରରୁ କାଢ଼ି ନୂଆ କରି ପଢ଼ିବାର ଉଦ୍ୟମ ହେଉଥିବା ସମୟରେ ସଂସ୍କୃତ ଭାଷା ଭାଗ୍ୟରେ ତାହା ଘଟିନାହିଁ । କାରଣ ସଂସ୍କୃତ ବ୍ୟାକରଣ ଏବଂ ତାର ଶୁଦ୍ଧତା ସୃଷ୍ଟିକାଳରୁ ଯେପରି ଥିଲା, ସେହିପରି ରହିଛି । ଗ୍ରୀକ୍ ଭାଷାପରି ତା'ର ପରିବର୍ତ୍ତନ ବା ସଂସ୍କାର ହେଉନାହିଁ । ପଣ୍ଡିତ ନୀଳକଣ୍ଠ ବିଭିନ୍ନ ଯୁକ୍ତି ଦର୍ଶାଇ ସଂସ୍କୃତକୁ ମୂଳରୁ କଥିତ ଭାଷା ଥିଲା ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ଏହାଦ୍ୱାରା ଭାରତୀୟ ସଂସ୍କୃତି ସହିତ ସଂସ୍କୃତ ଭାଷାର ରହିଥିବା ନିଗୂଢ଼ ଯୋଗସୂତ୍ରଟିଏ ଆବିଷ୍କାର କରିବାର ପ୍ରୟାସ ରଖିଛନ୍ତି । ଅତୀତରେ ଭାରତରେ ସଂସ୍କୃତ ଥିଲ ଜାତୀୟ ସାହିତ୍ୟର ଏକମାତ୍ର ବାହନ । ଏହି ଭାଷାରେ ରାମାୟଣଠାରୁ ଆରମ୍ଭ କରି ନାଟକ, କଥାଗ୍ରନ୍ଥସବୁ ଲେଖାଯାଉଥିଲା ତାମ୍ରଶାସନଠାରୁ ବିଭିନ୍ନ ଲେଖମାନ ସଂସ୍କୃତରେ ଲେଖାଯାଇଥିବାରୁ, ପୁଣି ଆଇନ୍ କାର୍ଯ୍ୟଠାରୁ ଧର୍ମାଧିକରଣରେ ଏହାର ବ୍ୟବହାର ହୋଇଥିବାରୁ ଏକଦା ଏହା ଯେ ଜନସାଧାରଣଙ୍କ ଭାଷାଥିଲା, ତାହା ପଣ୍ଡିତ ନୀଳକଣ୍ଠ ଦୃଢ଼ ଦାବୀ କରିଛନ୍ତି ।

ଆର୍ଯ୍ୟେତର ପ୍ରଭାବ ଓ ସଂସ୍କୃତର ସମୀକରଣ ଦର୍ଶାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ ପ୍ରାକୃତ ଭାଷାର ପ୍ରଭାବ; ଏହି ଭାଷା ସହିତ ଅନ୍ୟାନ୍ୟ ପ୍ରାକୃତର ସଂପର୍କ ଦେଖାଇବା

Digitized by PPRACHIN, SOA

ସହିତ ଏହାର ପରମ୍ପରା ଏବଂ ଏହା ସହିତ ବିଭିନ୍ନ ଦର୍ଶନର ନିଗୂଢ଼ ସଂପର୍କ ଆଲୋଚନା ପରିସରଭୁକ୍ତ କରିଛନ୍ତି । ପ୍ରାକୃତ ହେଉଛି ପ୍ରକୃତି ବା ଜନସାଧାରଣଙ୍କ ଭାଷା । ନୀଳକଣ୍ଠଙ୍କ ମତରେ ସଂସ୍କୃତ ମୂଳରୁ ଏକ ପ୍ରାକୃତ ଭାଷା ଥିଲା ଏବଂ ସେଥିରେ ଶାସ୍ତ୍ର, ପୁରାଣାଦି ରଚନା କରାଯାଉଥିଲା । ତାହାହିଁ ପରବର୍ତ୍ତୀ କାଳରେ ହେଲା ସଂସ୍କୃତ 'ସାଧୁଭାଷା' । ଏହି ଭାଷା ପ୍ରାକୃତମାନଙ୍କର ଉଚ୍ଚାରଣ ଓ ସ୍ୱର ପରିଣାମକୁ ଆପଣେଇ ନେଇଛି । ସଂସ୍କୃତର ଏହି ସର୍ବଗ୍ରହଣୀୟ ନୀତି ତାକୁ ଏକ ଶ୍ରେଷ୍ଠଭାଷାର ମାନ୍ୟତା ପ୍ରଦାନ କରିଛି । ଭାରତର ଆଦିମଭାଷା ଆର୍ଯ୍ୟଭାଷା ବା ସଂସ୍କୃତ ନଥିଲା । ବରଂ ଆର୍ଯ୍ୟେତର ଭାଷା ଥିଲା ଏହାର ମୂଳ । ସେହି ଆର୍ଯ୍ୟେତର ଭାଷାରୁ ଶବ୍ଦସବୁ ଗ୍ରହଣ କରି ନିଜକୁ ପୁଷ୍ଟ କରିବା ସହିତ ତାକୁ ପ୍ରଭାବିତ କରି ନିଜକୁ ପ୍ରତିଷ୍ଠିତ କରିପାରିଛି । ଅବୈଦିକ ଭାଷାମାନଙ୍କ ମଧ୍ୟରେ ସବୁଠାରୁ ପ୍ରଭାବଶାଳୀ ଲୋକଭାଷା ଥିଲା ଦ୍ରାବିଡ଼ । ସିନ୍ଧୁ ନଦୀ ଉପତ୍ୟକା ଥିଲା ଏମାନଙ୍କର ଆବାସସ୍ଥଳୀ । ବର୍ତ୍ତମାନର ପ୍ରତ୍ନତାତ୍ତ୍ୱିକ ଖନନ ବହୁ ନୂତନ ସମ୍ଭାବନା ଓ ତଥ୍ୟ ପ୍ରଦାନ କରି ଚାଲିଛି । ଏହା ସତ୍ତ୍ୱେ ଅନୁମାନ କରାଯାଇପାରେ ଯେ, ଦ୍ରାବିଡ଼ - ପ୍ରାକୃତରେ ବଢ଼ି ଉଠିଥିବା ଗ୍ରାମୀଣ ସଭ୍ୟତାଟି ପରବର୍ତ୍ତୀ ସମୟରେ ନାଗର ସଭ୍ୟତାରେ ପରିଣତ ହୋଇଛି ବୋଲି କେହି କେହି ଗବେଷକ ଅନୁମାନ କରନ୍ତି । ଦ୍ରାବିଡ଼ଠାରୁ ପୂର୍ବ ଭାରତରେ ବହୁ ପୂର୍ବରୁ 'ଶବର' ଭାଷା ପ୍ରଚଳିତ ଥିଲା ବିନ୍ଧ୍ୟ ର୍ପବତରୁ ଦକ୍ଷିଣ ଏବଂ ଓଡ଼ିଶାର ଉପକୂଳ ଯାଏ । ଏହି ବିସ୍ତୃତ ଅଞ୍ଚଳରେ ସେମାନେ ବସବାସ କରି ନିଜ କଥିତ ଭାଷାକୁ ସମୃଦ୍ଧିଶାଳୀ କରିଥିଲେ । ଶବର ପ୍ରଭାବିତ ଦ୍ରାବିଡ଼ ପରବର୍ତ୍ତୀ କାଳରେ ଦ୍ରାବିଡ଼ ପ୍ରାକୃତରେ ପରିଣତ ହୋଇଥିଲା । ସଂସ୍କୃତ ଭାଷାର ପ୍ରଭାବ ସତ୍ତ୍ୱେ ଏବଂ ତା'ର ବ୍ୟାକରଣ ନିୟମ ସତ୍ତ୍ୱେ ଦ୍ରାବିଡ଼ ଭାଷା ସଂସ୍ପର୍ଶରେ ଆସିବା ଦ୍ୱାରା ତାହା କେତେକାଂଶରେ ପ୍ରଭାବିତ ହୋଇଥିଲା । ସେଇଥିପାଇଁ ଆର୍ଯ୍ୟେତର ଶବ୍ଦ ଆର୍ଯ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହେଲା । ସଂସ୍କୃତ ଭାଷାରେ ଏହିପରି ବହୁ ଶବ୍ଦ ଦେଖିବାକୁ ମିଳେ, ଯାହାର ମୂଳ ହେଉଛି ଦ୍ରାବିଡ଼ ।

ଯେକୌଣସି ଭାଷାରେ ଆଗମ ଶବ୍ଦର ପ୍ରଭାବ ଏକ ସ୍ୱାଭାବିକ ଘଟଣା । ଯାସ୍କଙ୍କ ନିରୁକ୍ତରୁ ଜଣାପଡ଼େ ଯେ ତାଙ୍କ ବହୁ ପୂର୍ବରୁ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି କ୍ରମକୁ ନେଇ ଦ୍ୱନ୍ଦ୍ୱ ରହିଥିଲା । ମଳୟ, ଯବନ, ଚୀନ ଆଦି ଶବ୍ଦର ବ୍ୟୁତ୍ପତ୍ତିକ୍ରମ ଦେଖାଇ ତାର ମୂଳଅର୍ଥ, ବ୍ୟାକରଣ ଅର୍ଥ ଏବଂ ଭାଷାକୋଷ ଅର୍ଥରେ କିପରି ସମୟକ୍ରମେ ପରିବର୍ତ୍ତନ ଆସିଛି, ତା'ର ସୂଚନା ଦେଇଛନ୍ତି । ତେବେ ଦ୍ରାବିଡ଼ ଭାଷାର ବ୍ୟାକରଣରେ ଯେପରି କର୍ତ୍ତା କର୍ମାନୁଯାୟୀ ବା କର୍ତ୍ତୃବାଚ୍ୟ ଓ ଭବିଷ୍ୟତ କାଳ ପ୍ରୟୋଗରେ ହିନ୍ଦୀ ତଥା ଦ୍ରାବିଡ଼ ଭାଷାରେ ଯେଉଁ ରୀତି ଗ୍ରହଣ କରାଯାଏ, ସଂସ୍କୃତରେ ତାହା ନାହିଁ । ଅନ୍ୟ ଭାବରେ କହିଲେ ପ୍ରାକୃତ ବ୍ୟାକରଣର କୌଣସି ଭଙ୍ଗୀକୁ ସଂସ୍କୃତ ବ୍ୟାକରଣରେ ଗ୍ରହଣ କରାଯାଇନାହିଁ । ତେଣୁ ବ୍ୟାକରଣଗତ ଶୁଦ୍ଧତା ଦୃଷ୍ଟିରୁ ସଂସ୍କୃତର ସ୍ୱାତନ୍ତ୍ର୍ୟ ସ୍ୱୀକାର୍ଯ୍ୟ ନିଶ୍ଚୟ । ଏହି ସ୍ୱାତନ୍ତ୍ର୍ୟ ଦର୍ଶାଇବାକୁ ସେ କେତୋଟି ଶବ୍ଦର ବ୍ୟୁତ୍ପତ୍ତି ନିର୍ଦ୍ଦେଶ କରିଅଛନ୍ତି । ଜୈନ ବା ଜିନ

Digitized by PPRACHIN, SOA

ଶବ୍ଦଟି ଦ୍ରାବିଡ଼ ବା ଅସୁର । 'ଜିଣ' ଶବ୍ଦ ବୋଲି ତାଙ୍କର ବିଶ୍ୱାସ । ପ୍ରାଚୀନ ସୁମେର୍‌ରେ ଏହି 'ଜୀ' ହେଉଛି 'ପ୍ରାଣଶକ୍ତି' । ଏହି 'ଜୀ' ଶବ୍ଦରୁ 'ଜୀବ' ଶବ୍ଦ ଆସିଛି ଏବଂ ପ୍ରାଗ୍-ବୈଦିକ ଯୁଗରୁ ଭାରତରେ ଜୀବ ଉପାସନାର ପରମ୍ପରା ଥିବା ବିଷୟ ଜଣାଯାଇଥାଏ । ଏହି ଉପାସନାକୁ 'ଯୋଗ' କୁହାଯାଏ । ଯେଉଁମାନେ ଯୋଗ ସାଧନା କରନ୍ତି ସେମାନଙ୍କୁ 'ମୁନି' କୁହାଯାଇଥାଏ । ଜୀବ ହେଉଛି ଅଜୀବର ନିୟାମକ । ତେଣୁ ଅଜୀବରୁ ଜୀବକୁ ଅଲଗା କରିଦେଲେ ବ୍ୟକ୍ତି ହୋଇଯାଏ 'କେବଳୀ' ମାତ୍ର । ଏହି 'କେବଳୀ ଭାବ ' ବା କୈବଲ୍ୟ ଆସିବା ପରେ ତାର ପରବର୍ତ୍ତୀ ସୋପାନ ହେଉଛି 'ନିର୍ବାଣ' । ଏହି ଭାବ ଲାଭ ପାଇଁ ଯୋଗର ଆବଶ୍ୟକତା ରହିଛି । ଜୈନମାନଙ୍କର ତ୍ରିରତ୍ନ ଏହି ଦର୍ଶନ ଉପରେ ଆଧାରିତ । ପ୍ରାକୃତ ଧର୍ମ ସମୟକ୍ରମେ ଭକ୍ତିଧର୍ମରେ ପରିଣତ ହୋଇଛି । ତନ୍ତ୍ର ସାଧନାରେ ଜ୍ଞାନ ଓ ଦର୍ଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ସମୟରେ ଭକ୍ତିରେ ଆତ୍ମ ସମର୍ପଣର ଗୁରୁତ୍ୱ ସର୍ବାଧିକ । ତେବେ ଏହି ଆତ୍ମ ସମର୍ପଣ ପଛରେ ଏକ ଆସୁରିକ ଶକ୍ତିର ପ୍ରଭାବ ଯେ ରହିଛି, ଅସ୍ୱୀକାର କରାଯାଇନପାରେ । କ୍ଷମତା ନିକଟରେ ଆତ୍ମ ସମର୍ପଣ ବୋଧହୁଏ ପରବର୍ତ୍ତୀ ସମୟରେ ଭକ୍ତିଧର୍ମକୁ ଜନ୍ମ ଦେଇଛି । ବର୍ତ୍ତମାନ ଆର୍ଯ୍ୟ ସଭ୍ୟତାର ବା ସଂସ୍କୃତିର ଯେଉଁ ପରମ୍ପରା ଦେଖାଯାଏ, ତା'ର ପ୍ରକୃତ ପ୍ରାଣପ୍ରତିଷ୍ଠା ହୋଇଛି ଆର୍ଯ୍ୟେତର ସଭ୍ୟତାରେ । ତେଣୁ ନୀଳକଣ୍ଠ କୁହନ୍ତି - ଆର୍ଯ୍ୟେତର ସଭ୍ୟତାଇ ଆମର ଆଦି ଆର୍ଯ୍ୟ ସଭ୍ୟତା । ହୁଏତ ଏଇ ଆର୍ଯ୍ୟେତର ଦ୍ରାବିଡ଼, ଅସୁର ଓ ଶବରମାନେ କେତେ ନିଜକୁ ଆର୍ଯ୍ୟ ବୋଲି ପରିଚୟ ଦେଇ ଏଇ ଆର୍ଯ୍ୟ ସଭ୍ୟତାକୁ ବିଶାଳ ଓ ପୁଷ୍କଳ କରିବାରେ ସେଇ କାଳୁ ଲାଗି ଯାଇଥିଲେ । ଏହା ସେଇ ଆଦିକାଳରୁ ଆରମ୍ଭ ହୋଇଥିଲା । କୃଷ୍ଣ ନାମଧାରୀ ଅନାର୍ଯ୍ୟରାଜାଙ୍କୁ ଇନ୍ଦ୍ର ବା ଇନ୍ଦ୍ର-ପୂଜକ ଆର୍ଯ୍ୟମାନେ ପରାସ୍ତ କରିଥିବା କଥା ଋଗ୍‌ବେଦରେ ଅଛି । ସେଇ କୃଷ୍ଣନାମୀ, ବାସୁଦେବ କୃଷ୍ଣ , କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ, ଯାଜ୍ଞସେନୀ ଦ୍ରୌପଦୀ କୃଷ୍ଣା ଓ ଅର୍ଜୁନ - ପାଣ୍ଡବ ପ୍ରଭୃତି ଜନ୍ମତଃ ଆର୍ଯ୍ୟନଥିବା କଦାପି ଅସମ୍ଭବ ନୁହେଁ, ବରଂ ସମ୍ଭବ । ଦଶରଥପୁତ୍ର ରାମ ମଧ କଳାଥିବାର ପରମ୍ପରା ପ୍ରସିଦ୍ଧ । ସଂସ୍କୃତ ହିସାବରେ ପୁଣି ଏ ସମସ୍ତେ ଆଗମିକ ଏଇପରି ଅନୁସଂଧାନରେ ଦେଖିହେବ, ଆର୍ଯ୍ୟମାନେ ଜିଣି ମଧ ବିଦ୍ୟା, ସଂସ୍କୃତି ଓ ସଭ୍ୟତାରେ ବିଜିତ । ଧର୍ମରେ ବା ଦର୍ଶନରେ - କାହିଁରେ ହୁଏତ ଆମେ ପୂରାପୂରି ଆର୍ଯ୍ୟ ନୋହୁ ।" ( ପୃ - ୩୫) ଯଦି ଆମେ ବର୍ତ୍ତମାନ ନିଜକୁ ଆର୍ଯ୍ୟ ମନେ କରୁଥାଉ, ତା' ମୂଳରେ ଯେ ସଂସ୍କୃତ ରହିଛି, ତାହା ଦୃଢ଼ ଭାବରେ ବିଶ୍ୱାସ କରନ୍ତି ପଣ୍ଡିତ ନୀଳକଣ୍ଠ ।

ପଣ୍ଡିତ ନୀଳକଣ୍ଠ ପ୍ରତ୍ୟେକ କ୍ଷେତ୍ରରେ ଆମର ପରମ୍ପରାକୁ ଖୋଜିଛନ୍ତି । ଏହି ପରମ୍ପରା ହେଉଛି ସଂସ୍କୃତିର ମୂଳପିଣ୍ଡ । ସଂସ୍କୃତିର ବାହ୍ୟ ପ୍ରକାଶର ମାଧ୍ୟମ ଶବ୍ଦ ବା ଭାଷା ବେଦ ହେଉ କିମ୍ବା ପୁରାଣ - ଏ ସମସ୍ତ ହେଉଛି ଶବ୍ଦଶାସ୍ତ୍ର ଏବଂ ସଂସ୍କୃତ ହେଉଛି ଏହି ଶାସ୍ତ୍ରର ସବୁଠାରୁ ଶକ୍ତିଶାଳୀ ପ୍ରକାଶକ । ସଂସ୍କୃତିର ଗୋଟିଏ ବଡ଼ ଅଙ୍ଗ ଧର୍ମ ।

Digitized by PPRACHIN, SOA

ସାଧାରଣତଃ ଧର୍ମ କହିଲେ ଭକ୍ତି ବା ପାପରୁ ମୁକ୍ତି- ଏହି ଧାରଣାଟି ରହିଛି । ଭକ୍ତିଧର୍ମର ପ୍ରକାଶକ ଗ୍ରନ୍ଥ ହେଉଛି ବେଦ, ପୁରାଣ ଶାସ୍ତ୍ର । କଥିତ ଅଛି ଗୀତାଦିରେ ଭକ୍ତିଧର୍ମ ଠିକ୍ ଭାବରେ କୁହାଯାଇ ପାରିଲା ନାହିଁ ବୋଲି ବ୍ୟାସଦେବ ପରବର୍ତ୍ତୀ ସମୟରେ ଭାଗବତ ରଚନା କରିଥିଲେ । ମୂଳବେଦ ଋକ୍‌ବେଦରେ ପାପରୁ ମୁକ୍ତି ପାଇବା ବିଷୟ ନାହିଁ । କେବଳ ଗୋଟିଏ ପ୍ରସଙ୍ଗରେ 'ବରୁଣ'ଙ୍କ ସ୍ତୁତିରେ ଭକ୍ତିଧର୍ମର ସୂଚନା ରହିଛି । ମାତ୍ର ବରୁଣ ଦେବତା ନୁହନ୍ତି; ଅସୁର । ସେ ଅସୁର -ବରୁଣ ରୂପେ ବେଦରେ ପରିଚିତ । ଏହି ବରୁଣଙ୍କ ସହିତ ପାରସ୍ୟର ଅହୁର ମେଜଦା ବା ସୁମେରର 'ଇଆ'ର ସାମଞ୍ଜସ୍ୟ ରହିଛି । ଏପରିକି ମିତ୍ର ଓ ରୁଦ୍ର ମଧ୍ୟ ଅସୁର । ବେଦରେ ଏମାନେ ବିଭିନ୍ନ ସୂତ୍ରରୁ ଗ୍ରହଣୀୟ ହୋଇଛନ୍ତି । ବୋଧହୁଏ ବୈଦିକ ଋଷି କିଛି ଅସୁରଙ୍କୁ ସେମାନଙ୍କ କାର୍ଯ୍ୟ ପଦ୍ଧତି ଅନୁଯାୟୀ ବେଦରେ ସ୍ଥାନ ଦେଇଥିଲେ । ନିଜର ଯୁକ୍ତିକୁ ସିଦ୍ଧ କରିବାକୁ ସେଥିପାଇଁ ସେମାନେ କହିଥିଲେ ଦେବ ଯାହା, ଅସୁର ସେଇଆ ।  ଅଥର୍ବ ବେଦରେ ଅନେକ ଅବୈଦିକ ଅନୁଷ୍ଠାନ ସମ୍ବନ୍ଧରେ ସୂଚନା ଦିଆଯାଇଛି । 'ଶାବରୀବିଦ୍ୟା'ର ବହୁ ଉଦାହରଣ ଏଥିରେ ରହିଛି । ଜର୍ମାନ୍ ପଣ୍ଡିତ ବ୍ଲୁମ୍ ଫିଲଡ୍ (Bloom field) ଅଥର୍ବ ଶବ୍ଦର ଅର୍ଥ । ଦୈବୀ ଜାଦୁବିଦ୍ୟା' ବୋଲି କହିଛନ୍ତି । ଏହାର ଆଉ ଗୋଟିଏ ନାମ 'ଭେଷଜା', ଅର୍ଥାତ୍ ଆରୋଗ୍ୟକର ମନ୍ତ୍ରଶକ୍ତି । ବର୍ତ୍ତମାନର Medical science ଶବ୍ଦଟି ଏଥିରୁ ଆସିଥିବା ଅନୁମେୟ । ଆର୍ଯ୍ୟମାନେ ଏହି ଦୃଷ୍ଟିରୁ ଅସୁରମାନଙ୍କର ବହୁ ସମାଜ ହିତକାରୀ ଜିନିଷ ଗ୍ରହଣ କରିଛନ୍ତି । ଋକ୍ ବେଦର 'ନାରଦୀୟ ସୂକ୍ତି'ର ଆଗମିକ ଦର୍ଶନର ପୂର୍ଣ୍ଣ ବିକାଶ ପରିଲକ୍ଷିତ ହୋଇଥାଏ ଉପନିଷଦରେ । ଏହାର ଅନ୍ୟ ଏକ ରୂପ ହେଉଛି ସ୍ମୃତି । ମହାଭାରତ, ଗୀତାଦି ହେଉଛି ଏହାର ପ୍ରଧାନ ଶାସ୍ତ୍ର । ଏଥିରେ ବେଦାନ୍ତ ଦର୍ଶନ, ସାଂଖ୍ୟ, ଲୋକପ୍ରଚଳିତ ଧର୍ମ ସହିତ ନାରାୟଣୀୟ ଭକ୍ତିଧର୍ମ ଓ ପୁରୁଷୋତ୍ତମ ତତ୍ତ୍ୱ ଆଦିର ସମନ୍ୱୟ ରହିଛି । ସେହି ଧର୍ମଦର୍ଶନ ପୁରାଣ ଆଦିରେ ଆର୍ଯ୍ୟ ସଂସ୍କୃତିର ବହୁଦିଗ ଉନ୍ମୋଚିତ ଏବଂ ଏସବୁର ପ୍ରକାଶିତ ରୂପ ହେଉଛି ସଂସ୍କୃତ ଭଷା । ଭାଷା ଦୃଷ୍ଟିରୁ ବିଚାର କଲେ ସଂସ୍କୃତିର ଆଦର୍ଶ କେହି ହୋଇପାରିବେ ନାହିଁ । ଏପରିକି ଦ୍ରାବିଡ଼ରେ ମଧ୍ୟ ସଂସ୍କୃତର ଆଦର୍ଶ ରହିଛି । ଦ୍ରାବିଡ୍ ଭୂମିରେ ବି ସଂସ୍କୃତ ହୋଇଛି ସଂସ୍କୃତିର ଶ୍ରେଷ୍ଠ ବାହନ । ଶଙ୍କରାଚାର୍ଯ୍ୟଙ୍କ ଠାରୁ ସଂସ୍କୃତ ହୋଇଛି ସଂସ୍କୃତିର ସର୍ବଶ୍ରେଷ୍ଠ ପ୍ରେରଣା ।

ପଣ୍ଡିତ ନୀଳକଣ୍ଠ ସଂସ୍କୃତ ଓ ପରମ୍ପରାର ବିଚାର ପରେ ଲିପି ସମ୍ବନ୍ଧରେ ନିଜସ୍ୱ ବିଚାର ପ୍ରକଟ କରିଛନ୍ତି । ଭାଷା ସହିତ ଲିପି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଅବଶ୍ୟ ପୃଥିବୀରେ ଅନେକ ଭାଷା ମୌଖିକ ରୀତିରେ ମଧ୍ୟ ଚାଲିଛି । ଅନେକ ଜାତିର ଲିପି ନଥିଲେ ମଧ୍ୟ ସେମାନଙ୍କର ମୌଖିକ ଭାଷା ରହିଛି । ବହୁ କାହାଣୀ, କିମ୍ବଦନ୍ତୀ ମୌଖିକ ରୀତିରେ ମଧ୍ୟ ଚଳିଆସିଛି । ମାତ୍ର ଲିପିର ଯେ ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି ତାହା ସମସ୍ତେ ସ୍ୱୀକାର କରିବେ । ବିକଶିତ ସମାଜଗୋଷ୍ଠୀ ପାଇଁ ଲିପିର ଆବଶ୍ୟକତା ଅପରିହାର୍ଯ୍ୟ । ସେହି

Digitized by PPRACHIN, SOA

ଗୋଷ୍ଠୀର ସାଂସ୍କୃତିକ ରୂପରେଖ ଏହି ଲିପି ମାଧ୍ୟମରେ ପ୍ରତ୍ୟକ୍ଷୀଭୂତ ହୋଇଥାଏ । ଆଦିମ କାଳରେ ଇଜିପ୍ଟ, ସୁମେର ଓ ଭାରତରେ ଲିପିର ପ୍ରଚଳନ ଥିବା କେତେକ ପ୍ରମାଣ ମିଳିଥାଏ । ଭାରତରେ ପାଣିନୀଙ୍କ ସମୟକୁ ଆର୍ଯ୍ୟ ଭାଷାରେ ଲିପି ପ୍ରଚଳନ ହୋଇ ସାରିଥିଲା । ଆମର ମୂଳ ହେଉଛି ବ୍ରାହ୍ମୀଲିପି । ଏହି ବ୍ରାହ୍ମୀଲିପିରୁ ପାଲି, ଦେବନାଗରୀ ସମେତ ଅଧିକାଂଶ ଭାରତୀୟ ଲିପି ପ୍ରକାଶ ପାଇଛି । ପଣ୍ଡିତ ନୀଳକଣ୍ଠ ପୃଥିବୀରେ ପ୍ରଚଳିତ ବିଭିନ୍ନ ଲିପି ସଂପର୍କରେ ଆଲୋଚନା କରିବା ସହିତ ଭାରତୀୟ ବର୍ଣ୍ଣ ଓ ଲିପିର ସ୍ୱାତନ୍ତ୍ର୍ୟ ସମ୍ବନ୍ଧରେ ସୂଚାଇ ଏହାର ବିଶେଷତ୍ୱ ପ୍ରମାଣିତ କରିଛନ୍ତି । ବର୍ଣ୍ଣ ବିଚାର ସଂସ୍କୃତ ବ୍ୟାକରଣ ଶାସ୍ତ୍ରର ଏକ ଅନନ୍ୟ ସାଧାରଣ ବିଶେଷତ୍ୱ ବୋଲି ସେ ଦୃଢ଼ମତ ପୋଷଣ କରନ୍ତି । ଇଂରାଜୀ Three R's ବା ଇଉରୋପର letters ହେଉଛି ଆମ ପରମ୍ପରାର ଶ୍ରୁତି । ଯାହା ଶୁଣି ଶୁଣି ଶିଖାଯାଏ, ତାହାହିଁ ଶ୍ରୁତି । ଉଚ୍ଚାରିତ ଶବ୍ଦ ବ୍ୟତିରେକେ ଅଙ୍ଗଭଙ୍ଗୀରେ ଯାହା ଜଣାଇ ଦିଆଯାଏ, ତାଙ୍କୁ ଜୈନ ଶାସ୍ତ୍ରରେ ଶ୍ରୁତି କୁହନ୍ତି । ଅନୁମାନ କରାଯାଇପାରେ ଏହି ଶ୍ରୁତିରୁ ହିଁ 'ବ୍ରାହ୍ମଣ' କାଳରୁ ସୂତ୍ରମାନ ନିର୍ମାଣ ହୋଇଥିଲା । ଆର୍ଯ୍ୟଭାଷାର ବର୍ଣ୍ଣବିଚାର ପୃଥିବୀରେ କ୍ୱଚିତ୍ ପରିଲକ୍ଷିତ ହୋଇଥାଏ । ସ୍ୱରଯନ୍ତ୍ରରୁ ବାହାରୁଥିବା ବର୍ଣ୍ଣର ବୈଜ୍ଞାନିକ ବିଚାର ଆର୍ଯ୍ୟମାନଙ୍କ ସଂସ୍କୃତ ଭାଷାରେ ଦେଖାଯାଏ, ଯାହା ସଂସ୍କୃତ ବ୍ୟାକରଣର ଏକ ବିଶେଷତ୍ୱ । ପାଣିନୀ ବ୍ୟାକରଣ ରଚନା କରିବା ପୂର୍ବରୁ ସଂସ୍କୃତର ବର୍ଣ୍ଣ ସଂକେତରେ ଲିପି ପ୍ରତିଷ୍ଠିତ ହୋଇ ସାରିଥିଲା । ତେବେ ପାଣିନୀଙ୍କ ବ୍ୟାକରଣ ସୂତ୍ର ସଂସ୍କୃତ ଭାଷାକୁ ସଂପୂର୍ଣ୍ଣ ପ୍ରତିଷ୍ଠା ଦେଇଥିଲା । ପ୍ରକୃତରେ ପ୍ରାକୃତ ଭାଷା ଉପରେ ସଂସ୍କୃତର ବ୍ୟାପକ ପ୍ରଭାବ ଲିପି ମାଧ୍ୟମରେ ସାଧିତ । ତେଣୁ ନୀଳକଣ୍ଠ କୁହନ୍ତି – "ପ୍ରାକୃତ ଭାଷାରୁ ଏହାର ଆରମ୍ଭ ହୋଇଥାଇପାରେ । ମାତ୍ର ସଂସ୍କୃତର ବର୍ଣ୍ଣବିଚାର ଉପରେ ଏହା ଯେ ପ୍ରତିଷ୍ଠିତ, ଏଥିରେ ସଂନ୍ଦେହ କରିବାର କିଛି ନାଇ । ସେଇ ସୂତ୍ରରେ ସଂସ୍କୃତର ସର୍ବତୋମୁଖ ପ୍ରଭାବ ଭାରତରେ ସର୍ବତ୍ର ପରେିତ ହୋଇ, ଏହା ପୁଣି ସିଂହଳ, ବ୍ରହ୍ମ ପ୍ରଭୃତି ବୌଦ୍ଧ ଭୂମିରେ ପ୍ରସରିଥିଲା ।' (ପୃ ୬୨) ମହାଭାରତୀୟ ସଂସ୍କୃତିରେ ସଂସ୍କୃତ ବର୍ଣ୍ଣ ଏବଂ ତା' ଉପରେ ପ୍ରତିଷ୍ଠିତ ଲିପିର ଗୁରୁତ୍ୱ ବେଶ୍ ଉପଲବ୍ଧି କରି ହୋଇଥାଏ ।

ପଣ୍ଡିତ ନୀଳକଣ୍ଠ ସବୁ କ୍ଷେତ୍ରରେ ପାଣିନୀଙ୍କ ବ୍ୟାକରଣର ମହତ୍ତ୍ୱ ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି । କାରଣ ଏହା ମଧ୍ୟରେ ଭାରତୀୟ ସଂସ୍କୃତି ଓ ସଂସ୍କୃତର ଏକ ମହାନ୍ ପରମ୍ପରାକୁ ସେ ଲକ୍ଷ୍ୟ କରିଛନ୍ତି । ଅବଶ୍ୟ ପାଣିନୀଙ୍କ ବ୍ୟାକରଣର ବୈଜ୍ଞାନିକ ଧାରା ଏତେ ଯୁକ୍ତିସିଦ୍ଧ ଯେ ବିଶ୍ୱରେ ତାର ପଟାନ୍ତର ନାହିଁ । ଇଉରୋପୀୟ ପଣ୍ଡିତମାନେ ପାଣିନୀଙ୍କ ସ୍ୱର ପରିଣାମ ଧାରାକୁ ପରୀକ୍ଷା କରି ଦେଖିଲେ ପାର୍ସିଠାରୁ ଇଂରାଜୀ ପର୍ଯ୍ୟନ୍ତ ସବୁ ଭାଷାରେ ଏହି ସ୍ୱର ପରିଣାମର ଧାରା ଏକାପରି; ମାତ୍ର ପ୍ରଥମେ ଏହି ସୂତ୍ରଟି ପାଣିନୀଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ଭାଷା ମାଧ୍ୟମରେ ସଭ୍ୟତା ଓ ସଂସ୍କୃତିର ପରିପ୍ରକାଶ ଘଟିଥାଏ । ଭାଷା ଆଲୋଚନାରୁ ସମାଜ ବିଜ୍ଞାନ ଆଲୋଚନାର ବାଟ ଫିଟିଛି ।

Digitized by PPRACHIN, SOA

ଗବେଷଣାରୁ ଜଣାପଡ଼ିଚି ଯେ, ମାନବଜାତି ଏକଦା ଗୋଟିଏ ସ୍ଥାନରେ ବସତି ସ୍ଥାପନ କରିଥିଲା । ପାଣିନୀ ଯେଉଁ ଭାଷା ବ୍ୟବହାର କରିଛନ୍ତି ବା ପ୍ରାଚୀନ ବେଦରେ ଯେଉଁ ଭାଷା ରହିଛି, ତାହା ଆଦିମ ଆର୍ଯ୍ୟ ଭାଷାର ନିକଟବର୍ତ୍ତୀ । ନିର୍ଦ୍ଦିଷ୍ଟ ସ୍ଥାନରୁ ବିଭିନ୍ନ କାରଣ ପାଇଁ ଭିନ୍ନ ଭିନ୍ନ ସ୍ଥାନକୁ ଆଦିମ ମଣିଷ ଯିବାବେଳେ ସେଠାରେ ସେମାନେ ଯେଉଁ ଭାଷା ବ୍ୟବହାର କରୁଥିଲେ ସେହି ଭାଷା ସେହିପରି ଅପରିବର୍ତ୍ତିତ ରହିଛି ବୋଲି ପଣ୍ଡିତ ନୀଳକଣ୍ଠଙ୍କ ବିଶ୍ୱାସ । ସେହି ଆର୍ଯ୍ୟ ପରମ୍ପରାର ଆମେମାନେ ହେଉଛୁ ଦାୟାଦ ।

ପୁଣି ପଣ୍ଡିତ ନୀଳକଣ୍ଠ ସଂସ୍କୃତ ଓ ସଂସ୍କୃତିର ଅନ୍ୱେଷଣ କରିବାକୁ ଯାଇ ପହଞ୍ଚି ଯାଇଛନ୍ତି ଆମର ପ୍ରାଚୀନ ଚିକିତ୍ସା ଶାସ୍ତ୍ର ନିକଟରେ । ଏହା ମଧ୍ୟ ସଂସ୍କୃତିର ଗୋଟିଏ ଦିଗ । ସେ କୁହନ୍ତି ଆମ ଦେଶର ଯଥାର୍ଥ ଚିକିତ୍ସା ହେଉଛି 'କବିରାଜୀ' । ଆମର ଦୁର୍ଭାଗ୍ୟ ଯେ ସମୟର ପରିବର୍ତ୍ତନ ଅନୁସାରେ ଆମେ ତା'ର ପରୀକ୍ଷା-ନିରୀକ୍ଷା ପୂର୍ବକ ତାକୁ କାଳୋପଯୋଗୀ କରିବା ପରିବର୍ତ୍ତେ ସେ ବିଦ୍ୟାକୁ ସଂପୂର୍ଣ୍ଣ ପରିତ୍ୟାଗ କରିସାରିଛୁ । ଏପରିକି ଜୈନ-ବୌଦ୍ଧ ଯୁଗୀୟ ଶରୀରତତ୍ତ୍ୱ ସମ୍ପର୍କରେ ଉଚ୍ଚତର ବିଦ୍ୟାଶିକ୍ଷା ଏବେ ଆଉ ଗ୍ରହଣୀୟ ହେଉ ନାହିଁ । ଆମେ ଭୁଲିଯାଉଛୁ ଯେ ଆଜିର ଭେଷଜ ବିଦ୍ୟା ବା ଡାକ୍ତରୀ ବିଦ୍ୟାର ମୂଳ ଏହି ଭାରତବର୍ଷ । ଜୈନମାନଙ୍କ ମଧ୍ୟରେ ଅନେକ ରସାୟନବିତ୍ ଥିଲେ । ଏମାନେ ଏକଦା ସେମାନଙ୍କ ଔଷଧ ମାଧ୍ୟମରେ ମଣିଷକୁ ଚିର ଯୌବନ ପ୍ରଦାନ କରିବାକୁ ଅନୁସନ୍ଧାନରେ ବ୍ରତୀ ଥିଲେ । ବୈଦିକ ରୁଦ୍ର ତ ଥିଲେ ଜଣେ ବିଶିଷ୍ଟ ଭେଷଜଜ୍ଞ । ବୌଦ୍ଧ ଯୁଗରେ ବୌଦ୍ଧ ସନ୍ନ୍ୟାସୀମାନେ ବିଭିନ୍ନ ଚିକିତ୍ସା ପଦ୍ଧତିରେ ସିଦ୍ଧହସ୍ତ ଥିଲେ । ଏହି ସନ୍ନ୍ୟାସୀମାନେ 'ଥେର' ବା 'ଥେରପୁତ୍ତ' ନାମରେ ପରିଚିତ ଥିଲେ ଏବଂ ସେମାନେ ଯେଉଁ ଚିକିତ୍ସା ପଦ୍ଧତିରେ ଲୋକମାନଙ୍କୁ ଆରୋଗ୍ୟ କରୁଥିଲେ, ତାହା 'ଥେର ପୁତ୍ତିକ' ରୂପେ ପରିଚିତ ଥିଲା । ଇଉରୋପରେ ଏକଦା ଏହି ଚିକିତ୍ସା ପଦ୍ଧତି ବିଶେଷ ଆଦୃତି ଲାଭ କରିଥିଲା । ଏବେ ଆମେ ଆମର ସେହି ବିଦ୍ୟାକୁ ବିଶ୍ୱରେ ପରିଚିତ କରାଇବାରେ ଚେଷ୍ଟା ନ କରିବା ଆମର ଦୁର୍ଭାଗ୍ୟ ନିଶ୍ଚୟ । ବର୍ତ୍ତମାନ ଚିକିତ୍ସାବିଦ୍ୟାକୁ ବିଜ୍ଞାନର ସବୁଠାରୁ ବଡ଼ ଅବଦାନ ରୂପେ ବିବେଚନା କରାଯାଉଛି । ଆଜି 'ପାରଦ'ର ଉପଯୁକ୍ତ ବ୍ୟବହାର କରାଯାଇ ବହୁ ବଡ଼ ବଡ଼ ରୋଗରୁ ଉପଶମ କରାଯାଇପାରୁଛି । ଜୈନ ଯୁଗରେ ଏହି ଜୈନ୍ୟ- ବୈଦ୍ୟ (ସେମାନେ ଯୋଗୀ ମଧ୍ୟ ଥିଲେ ) ପାରଦ ଶୋଧନ ତଥା ବ୍ୟବହାରରେ ବିଶେଷ ପାରଦର୍ଶିତା ଅବଲମ୍ବନ କରିଥିଲେ । ଯଦି ସେହି ସମୟରୁ ଭାରତରେ ଏହା ଉପରେ ଅଧିକ ଗବେଷଣା ଲାଗି ରଖାଯାଇ ପାରିଥାନ୍ତା, ତେବେ ବୋଧହୁଏ ବିଶ୍ୱରେ ଭାରତ ହୋଇଥାନ୍ତା ପ୍ରଥମ ବୈଜ୍ଞାନିକ ପଦ୍ଧତିରେ ଚିକିତ୍ସା ଶାସ୍ତ୍ର ପ୍ରଣୟନର ଅଧିକାରୀ । ଏହା ସହିତ ଆମ ବିଦ୍ୟାରେ ରହିଯାଇଥିବା କିଛି କୁସଂସ୍କାରକୁ ଦୂର କରିବା ମଧ୍ୟ ଆମର କର୍ତ୍ତବ୍ୟ । ସେଥିପାଇଁ ନୀଳକଣ୍ଠ କୁହନ୍ତି – "ବିଦ୍ୟା ଓ ବିଷୟର ବ୍ୟାପ୍ତି ତଥା ପରମ୍ପରାର

Digitized by PPRACHIN, SOA

ଗତି ଜାଣି ତାର ସଂସ୍କାର କରିବାରେ, ସେ ସଂସ୍କାରରେ ନିଜର ସ୍ୱଷ୍ଟଜ୍ଞାନ ଓ ତଦ୍‌ଜନିତ ଆତ୍ମପ୍ରତ୍ୟୟ ଥିଲେ ଏକାପରର ପ୍ରତ୍ୟୟ ଦୃଢ଼, ସ୍ଥାୟୀ ଓ ସହଜରେ କାର୍ଯ୍ୟକର ହୁଏ । × × × ଦେଶରେ ଏବେ ବି ଅନେକ ନିଜକୁ ପଣ୍ଡିତ ବୋଲାଉଥିବା ଲୋକେ 'ତନ୍ତ୍ର'ର ଅଦ୍ଭୁତ ସିଦ୍ଧି ଓ ବାମାଚାରର ତଥା ଫଳିତ ଜ୍ୟୋତିଷର ଅମୂଳକ ଗଣନା ଫଳକୁ ବିଦ୍ୟା ବୋଲି ଚର୍ଚ୍ଚା କରନ୍ତି ଓ ସେଥିରେ ଆତ୍ମଶ୍ଳାଘାରେ ଅଭିଭୂତ ହୁଅନ୍ତି; ଏସବୁ ଧାରଣା, ଯୁକ୍ତିରେ ବାଧା ପାଇଲେ ପୁଣି ଅସହିଷ୍ଣୁ ମଧ୍ୟ ହୁଅନ୍ତି । କିନ୍ତୁ ଏସବୁ ବିଦ୍ୟା ଜନିତ 'ବିନୟ'ର ଲକ୍ଷଣ ନୁହେଁ । ଏହା ମଧ୍ୟ ବୁଝି ରଖିବାର ଅଛି ।" ( ପୃ - ୮୫)

ଏହାପରେ ପଣ୍ଡିତ ନୀଳକଣ୍ଠ ଭାରତୀୟ ସଂସ୍କୃତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅବଦାନ ଜ୍ୟୋତିଷ ଶାସ୍ତ୍ର ସଂପର୍କରେ ଆଲୋଚନା କରିଛନ୍ତି । ଶାସ୍ତ୍ରରେ ଏହା ଆକାଶଦର୍ଶନ ନାମରେ ଖ୍ୟାତ । ଋଗ୍‌ବେଦରେ ମଧ୍ୟ ଏହି ଜ୍ୟୋତିଷଶାସ୍ତ୍ରର ଚର୍ଚ୍ଚା ହୋଇଥିବାର ଉଲ୍ଲେଖ ରହିଛି । ଆର୍ଯ୍ୟମାନେ ବିଭିନ୍ନ ଗ୍ରହ, ନକ୍ଷତ୍ରମାନଙ୍କର ସ୍ଥିତିକୁ ପରୀକ୍ଷା କରି ଭବିଷ୍ୟତର ଗଣନା କରିପାରୁଥିଲେ । ବର୍ଷ, ମାସ, ଦିନର ସଠିକ୍ ହିସାବ ଦେବାକୁ ସେମାନେ ସମର୍ଥ ଥିଲେ । 'ବ୍ରାହ୍ମଣ' ସମୟକୁ 'ନକ୍ଷତ୍ର ବିଦ୍ୟା' ଏକ ଗୁରୁତ୍ୱପୂର୍ଣ୍ଣ ବିଦ୍ୟାଭାବରେ ଗୃହୀତ ହୋଇ ସାରିଥିଲା । ଭାରତରେ ଆଉ ଗୋଟିଏ ବିଶେଷ ବିଦ୍ୟା ଗୁରୁତ୍ୱ ପାଇଥିଲା, ତାହା ହେଉଛି 'ଗ୍ରହଗତି ଗଣନା' ଓ 'ଗ୍ରହଫଳ- ଗଣନା' । ଏହାର ଅନ୍ୟନାମ ଜ୍ୟୋତିଷ ବା ସିଦ୍ଧାନ୍ତ ଜ୍ୟୋତିଷ । କେହି କେହି ଏହାକୁ 'ତନ୍ତ୍ର ଜ୍ୟୋତିଷ' ବୋଲି କହିଥାନ୍ତି । ଗ୍ରହଫଳ ଗଣନାତ୍ମକ ଜ୍ୟୋତିଷର ଅନ୍ୟନାମ 'ଫଳିତ ଜ୍ୟୋତିଷ' ଏବଂ ଯେଉଁଥିରେ ଏହାର ବିଚାରାଲୋଚନା କରାଯାଏ, ତାହା ହେଲା 'ଜ୍ୟୋତିଷ -ସଂହିତା' । ଏହା ମଧ୍ୟ ବିଜ୍ଞାନସମ୍ମତ ଶାସ୍ତ୍ର । ଅତୀତରେ ଏହାର ଗୁରୁତ୍ୱ ଉପଲବ୍ଧ କରାଯାଇ ଏହାର ଗବେଷଣା ଓ ପ୍ରୟୋଗ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପମାନ ନିଆଯାଇଥିଲା । ମାତ୍ର ସଂପ୍ରତି ସେଥିରେ ସ୍ଥାଣୁତା ପରିଲକ୍ଷିତ ହେଉଛି, ଯାହା ଆମ ସଂସ୍କୃତିର ଏକ ବଡ଼ ଦିଗ ଅବହେଳିତ ହୋଇ ପଡୁଛି ।

ଆଜି ବିଜ୍ଞାନର ଯଥେଷ୍ଟ ଉନ୍ନତି ସାଧିତ ହୋଇଛି । ଗ୍ରହ, ନକ୍ଷତ୍ର, ଅଣୁ, ପରମାଣୁ ସଂପର୍କରେ ଗବେଷଣା କରି ବୈଜ୍ଞାନିକ ଓ ଗବେଷକଗଣ ବହୁ ତଥ୍ୟ ଲାଭ କରିପାରିଛନ୍ତି । ଅତୀତର ଦୃକ୍‌ସିଦ୍ଧ ଗଣନାରେ ଏହା ଯଥେଷ୍ଟ ଆଗରୁ ପ୍ରମାଣିତ ହୋଇ ସାରିଥିଲା । ଜଗତର ଉପାଦାନ କାରଣ ଜାଣିବା ପାଇଁ ଭାରତରେ ଅତୀତରେ ବହୁ ଗବେଷଣା ହୋଇଛି । ଜ୍ୟୋତିଷ - ବିଜ୍ଞାନରେ ଏହାର ବହୁ ପ୍ରମାଣ ରହିଛି । ଯେଉଁ ପରମାଣୁକୁ ଆମେ ଜଗତର ମୂଳଭୂତ ଉପାଦାନ ଭାବରେ ଗ୍ରହଣ କରିଥିଲୁ ବିଜ୍ଞାନ ଶାସ୍ତ୍ରରେ, ଜ୍ୟୋତିଷ -ବିଜ୍ଞାନ ଗବେଷଣାରେ ଜଣାଯାଇଛି ଜଗତର ଉପାଦାନ - ମୂଳବସ୍ତୁ ବୋଲି କିଛି ନାହିଁ । ସବୁ ମୂଳରେ ରହିଛି ଗୋଟିଏ ଶକ୍ତି, ଯାହା ଅନନ୍ତ କାଳଧରି ଆକାଶରେ ବହୁ ପରମାଣୁ ସୃଷ୍ଟି କରି ଚାଲିଛି । ତା'ରି ଆଧୁନିକ ଉଦ୍ଭାବନ ହେଉଛି 'ପରମାଣୁ ବୋମା' ।

Digitized by PPRACHIN, SOA

ନୀଳକଣ୍ଠଙ୍କ ଦୃଷ୍ଟିଭଙ୍ଗୀ ଥିଲା ପ୍ରଗତିଶୀଳ । ପ୍ରତ୍ୟେକ ଘଟଣା ପଛରେ ରହିଥିବା କାରଣକୁ ଅନୁସନ୍ଧାନ କରିବା ଏବଂ ସେହି କାରଣକୁ ବିଶ୍ଳେଷଣ କରି ଏକ ଯୌକ୍ତିକ ସିଦ୍ଧାନ୍ତରେ ଉପନୀତ ହେବା ଥିଲା ନୀଳକଣ୍ଠଙ୍କ ମୂଳ ଉଦ୍ଦେଶ୍ୟ । ଏଥିପାଇଁ ଯେତେ ଅପ୍ରିୟ ସତ୍ୟ କଥା କହିବାକୁ ଥିଲେ ମଧ୍ୟ ତାହା କହିବାକୁ ତାଙ୍କର କୁଣ୍ଠା ନଥିଲା । ସେ ଜାଣିଥିଲେ କୌଣସି କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ସଂସ୍କାର କରି ଏକ ସତ୍ୟ ଆବିଷ୍କାର କରିବା ହେଉଛି ସଂସ୍କୃତିର ଉଦ୍ଦେଶ୍ୟ । ଆକାଶର ଗ୍ରହ, ତାରା, ସୂର୍ଯ୍ୟ, ଚନ୍ଦ୍ର ଆଦିକୁ ନେଇ ଆଦିମାନବ ଯେଉଁ ଅସମ୍ଭବ ପରିକଳ୍ପନାମାନ କରିଥିଲେ ସେଗୁଡ଼ିକୁ କୁସଂସ୍କାର ଆଧାରିତ ହୋଇଥିବାରୁ ତାହାକୁ ସେ ଗ୍ରହଣ କରିପାରିନାହାନ୍ତି । 'ଧ୍ରୁବ', ସପ୍ତର୍ଷି', ନାରାୟଣ', 'ଅଗ୍ନି', 'ବ୍ରହ୍ମା', 'ଅଗସ୍ତି' ଆଦି ବହୁ ଉପାଖ୍ୟାନ ଓ ରୂପକ ସୃଷ୍ଟି କରାଯାଇଛି ଆମ ପରମ୍ପରାରେ ମାତ୍ର ନୀଳକଣ୍ଠ ଏହି ଉପାଖ୍ୟାନ ଓ ରୂପକକୁ ବିଶ୍ୱାସ ନ କରି ବାସ୍ତବ ସତ୍ୟ କ'ଣ ତାହା ଅନୁସନ୍ଧାନ କରିବାକୁ ଆହ୍ୱାନ ଦେଇଛନ୍ତି । ଅବଶ୍ୟ ପ୍ରାଚୀନତାର ଉପାସକମାନଙ୍କ ଦ୍ୱାରା ହଠାତ୍ ଏହି ବାସ୍ତବତାକୁ ଗ୍ରହଣ କରିବା ସମ୍ଭବ ହୋଇନପାରେ; କିନ୍ତୁ ସତ୍ୟବିଚାର ପାଇଁ ସାଂପ୍ରତିକ ସମୟରେ ଆମକୁ ତାହା କରିବାକୁ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । କୁସଂସ୍କାରକୁ ଏହି କୃତିତ୍ୱ ଫୁଟାଇବା ବର୍ତ୍ତମାନ ସମୟର ଆହ୍ୱାନ ବୋଲି ସେ ସତର୍କ କରାଇଦେଇଛନ୍ତି ।

ପଣ୍ଡିତ ନୀଳକଣ୍ଠ ଥିଲେ ବହୁଶାସ୍ତ୍ରଦର୍ଶୀ, ଯଥାର୍ଥରେ ଜଣେ ପଣ୍ଡିତ । ଜ୍ଞାନ - ଆହରଣ ଏବଂ ସଂସ୍କୃତିର ପ୍ରକୃତ ସ୍ୱରୂପ ଉଦ୍‌ଘାଟନ ଥିଲା ତାଙ୍କ ଅଧ୍ୟୟନ ଓ ଗବେଷଣାର ଉଦ୍ଦେଶ୍ୟ । କୂପ ଭିତର ବେଙ୍ଗ ନିକଟରେ ତା'ର କ୍ଷୁଦ୍ର ପୃଥିବୀଟି ସତ୍ୟ ହୋଇପାରେ; କିନ୍ତୁ ସେହି ପୃଥିବୀକୁ ସାର୍ବଜନୀନ ବୋଲି ଗ୍ରହଣ କରିବା ଆଦୌ ସ୍ପୃହଣୀୟ ନୁହେଁ । ଭାବାବେଗ ବିଚାରର ଆଦର୍ଶ ନୁହେଁ । ସେଇଥିପାଇଁ ଆମର ପୁରୋଦୃଷ୍ଟିସଂପନ୍ନ ଆର୍ଯ୍ୟମାନେ ଅସୁରମାନଙ୍କ ଉଚିତ୍ ବିଚାର ଓ ସଂସ୍କାରବୋଧକୁ ଆପଣେଇ ନେଇଥିଲେ । 'ଆଗମ'କୁ ନିଜର କରିଥିଲେ । ସମୟକ୍ରମେ ଦ୍ରାବିଡ଼ଙ୍କଠାରୁ ଯବନ ପର୍ଯ୍ୟନ୍ତ ସମସ୍ତଙ୍କ ସଙ୍ଗେ ଭାବର ଆଦାନ ପ୍ରଦାନ କରିଥିଲେ । ଫିନିସୀୟ ଲିପି ସଂକେତ ଅପୂର୍ଣ୍ଣ ହେବା ସତ୍ତ୍ୱେ ତନ୍ମଧ୍ୟରେ ଥିବା କିଛି ସଂକେତକୁ ଉପଯୋଗୀ ମନେକରି ଆହରଣ କରିଥିଲେ । ସେମାନଙ୍କର ସେହି 'ଉଦାର ଶିକ୍ଷା' ଯୋଗୁଁ ସେମାନେ ଜ୍ଞାନ ରାଜ୍ୟର ଶୀର୍ଷକୁ ଆରୋହଣ କରିବାରେ ସମର୍ଥ ହୋଇଥିଲେ । ଅଥଚ ଆଜିବି ଆମେ ସେହି ଉଦାର ଶିକ୍ଷାକୁ ଗ୍ରହଣ ନକରି ରକ୍ଷଣଶୀଳ ହୋଇ ପଡ଼ିଥିବାରୁ ଆମର ଜ୍ଞାନର ବିକାଶ ଯଥାନୁରୂପ ହୋଇପାରୁନାହିଁ । ଆଜି ଇଂରାଜୀ ହୋଇଛି ସର୍ବବିଦ୍ୟାର ଦ୍ୱାର ସଦୃଶ । ତାକୁ ଅବହେଳା କଲେ ଚଳିବ ନାହିଁ । ଭୂଗୋଳ, ଇତିହାସ, ଗଣିତ, ବିଜ୍ଞାନାଦି ଶିକ୍ଷା ଯାହା ଜୀବନ ଓ ଜଗତ ପାଇଁ ପ୍ରୟୋଜନ ତାକୁ ସାଦରେ ଗ୍ରହଣ କରିବାକୁ ପଡ଼ିବ । ଏକଦେଶଦର୍ଶୀ ବିଚାରରୁ ଦୂରେଇ ଯାଇ ଆଗାମୀ ପାଇଁ ଆବଶ୍ୟକତାର ଯୋଜନା ପ୍ରସ୍ତୁତ କରିବାକୁ ହେବ । ସରକାରୀ ସ୍ତରରେ ମଧ୍ୟ

Digitized by PPRACHIN, SOA

ଏହାର ଯୋଜନା ଓ କାର୍ଯ୍ୟକାରିତା ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ପଡ଼ିବ । ଆଜି ଗୁରୁମନ୍ତ୍ର ନେବା ଏକ କ୍ଷୁଦ୍ର କର୍ମକାଣ୍ଡରେ ପରିଣତ ହୋଇଯାଇଛି । ସେଥିରେ ବିଦ୍ୟାନାହିଁ ବା ସାଧନତତ୍ତ୍ୱ ନାହିଁ । ଏହାଠାରୁ ଯଥାସମ୍ଭବ ଦୂରରେ ରହି ବାସ୍ତବବାଦୀ ହେବାକୁ ପଡ଼ିବ । କାଙ୍ଗାଳ ସେବା, ଦରିଦ୍ରନାରାୟଣ ସେବା ଆମ ସଂସ୍କୃତି ଓ ସାମାଜିକ ଜୀବନ ପାଇଁ ଏକ କଳଙ୍କ । ତାକୁ ତ୍ୟାଗ କରିବାକୁ ହେବ । ଜଗନ୍ନାଥଙ୍କୁ ପତିତପାବନ ଭାବରେ ଗ୍ରହଣ କରବାକୁ ପଣ୍ଡିତ ନୀଳକଣ୍ଠ କୁଣ୍ଠିତ । ସମାଜର ସନାତନ ଗତିକୁ ନିୟମିତ କରିବାକୁ ହେଲେ, ବିଭିନ୍ନ କୁସଂସ୍କାରଠାରୁ ଦୂରରେ ରହିବାକୁ ପଡ଼ିବ ତାହା ଯେତେ ଅପ୍ରୀତିକର ହେଲେ ମଧ୍ୟ । ତାଙ୍କ ବିଚାରରେ ଜୈନଧର୍ମ, ବୌଦ୍ଧଧର୍ମରୁଏହି 'ପତିତପାବନ' ଧାରଣାଟି ଆସିଛି । ବର୍ତ୍ତମାନ ପ୍ରେକ୍ଷାପଟ୍ଟରେ ତାର କୌଣସି ମୂଲ୍ୟ ନାହିଁ ।

ପଣ୍ଡିତ ନୀଳକଣ୍ଠ ଆମ ସମାଜରେ ପ୍ରଚଳିତ । 'କାଙ୍ଗାଳସେବା'ର ଘୋର ବିରୋଧୀ । ଏହା ଆମ ସଂସ୍କୃତିର ଅଙ୍ଗବିଶେଷ ନୁହେଁ ବୋଲି ସେ ଦୃଢ଼ଯୁକ୍ତି ଉପସ୍ଥାପନ କରିଥାନ୍ତି । ଅବଶ୍ୟ ସମାଜରେ ଭୋଜନ ଦେବା 'କଦାଚର ନୁହେଁ; କିନ୍ତୁ ଏହାକୁ ଯେଉଁ ଢଙ୍ଗରେ ଶ୍ରାଦ୍ଧ ବା ଜୟନ୍ତୀରେ ପ୍ରଦାନ କରାଯାଉଛି, ତାହାହିଁ କଦାଚର । ଆମେ ଯାହାଙ୍କୁ ନିମନ୍ତ୍ରଣ କରିଥାଉ, ସେ ଯେଉଁ ଜାତି, ବର୍ଣ୍ଣ ବା ଧର୍ମର ହୋଇଥାଆନ୍ତୁ ନା କାହିଁକି; ସେ ଆମର ଅତିଥି । ତେଣୁ ତାଙ୍କ ସେବା କାଙ୍ଗାଳସେବା ହେବ କାହିଁକି ? ତେଣୁ ପଣ୍ଡିତ ନୀଳକଣ୍ଠ କାଙ୍ଗାଳ ସେବାକୁ ପତିତପାବନ ଧର୍ମର ଏକ ନଗ୍ନରୂପ ଭାବରେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏହି ଧର୍ମର କଳ୍ପିତ ଈଶ୍ୱରରେ ଆଧ୍ୟାତ୍ମିକତା ଗୋଟିଏ ଆରୋପ ବୋଲି କହିଥାନ୍ତି । ଆତ୍ମ ଦର୍ଶନର ଅଭାବଥିବାରୁ ଆଜି ଧର୍ମ ଓ ଈଶ୍ୱରଙ୍କ ବିରୋଧରେ ବିଦ୍ରୋହ ଦେଖାଯାଉଛି । ସେ ପୁଣି କୁହନ୍ତି 'ପତିତପାବନ' ନାମଟି 'ପୁରୁଷୋତ୍ତମ-ଜଗନ୍ନାଥ' ନାମରେ ଗୋଟିଏ କଦର୍ଯ୍ୟ ଅପଳାପ । ଏପରି ଚିନ୍ତାଧାରାକୁ କଠୋର ସମାଲୋଚନା କରି କହିଛନ୍ତି "ସମାଜରୁ ଦଳେ ଲୋକଙ୍କୁ ବା ସମସ୍ତ ସମାଜକୁ ପତିତ ମଣି ସାରା ଜଗତରେ ସାମ୍ୟ ନିୟାମକ, ବିଶ୍ୱ -ସତ୍ୟ ଓ ବିଶ୍ୱ ଋତର ପ୍ରତୀକ ଜଗନ୍ନାଥଙ୍କଠାରେ ଏ ନାମଟିର ଆରୋପ ଅଯଥାର୍ଥ । ଜଗନ୍ନାଥଙ୍କ ପାଖେ କେହି ପତିତ ନୁହେଁ - କେହି ଉନ୍ନତ ନୁହେଁ । ସେ କାହାକୁ ପତିତ କରନ୍ତି ନାଇ- ମଣନ୍ତି ନାଇ । ତାଙ୍କ ପାଖେ କାଂଗାଳ ଅପବିତ୍ର ନୁହେଁ, ବ୍ରାହ୍ମଣ, ରାଜା, ଶିଳ୍ପୀ, ବଣିକ, ଜମିଦାର ବା ମଠାଧୀଶ ସମାଜରେ ଧନୀ ବା ପ୍ରଭାବଶାଳୀ ବୋଲି ବେଶି ପବିତ୍ର ନୁହନ୍ତି । ଯାହାଙ୍କ ଦୃଷ୍ଟିରେ ପତିତ ନାଇ ବା ପତିତ ବୋଲି କେହି ଅପବିତ୍ର ନୁହେଁ, ସେ ପୁଣି 'ପତିତପାବନ' ହେବେ କିପରି ? 'ଜଗନ୍ନାଥ', 'ପତିତପାବନ' ନୁହନ୍ତି । ସେ ହେଉଛନ୍ତି, ଅନନ୍ତ ବିଶ୍ୱପ୍ରକାଶର ବହୁରେ ଏକ ; ପୁଣି ବିଶ୍ୱତତ୍ତ୍ୱର ଏକରେ ପ୍ରକାଶ-ରୂପ ବହୁ । ସେ ବିଶ୍ୱ ମୈତ୍ରୀର ପ୍ରତୀକ, ମୈତ୍ରୀଦେବ ପୁରୁଷୋତ୍ତମ ।" (ପୃ-୧୦୭) ପ୍ରକୃତରେ ଭାରତର ଧର୍ମ ହେଉଛ

Digitized by PPRACHIN, SOA

ମାନବଧର୍ମ । ଆଜି ବିଶ୍ୱରେ ବହୁ ସଭ୍ୟତା ବିଲୋପ ସତ୍ତ୍ୱେ ଭାରତ କେବଳ ଏହି ବିଶ୍ୱମାନବଧର୍ମ ଯୋଗୁଁ ଜୀବନ୍ତ ରହି ପାରିଛି ।

ଭାରତର ସଭ୍ୟତା ଓ ସଂସ୍କୃତି ଅତ୍ୟନ୍ତ ମହାନ୍ । ଧର୍ମ ଅର୍ଥ ଏଠାରେ କେବଳ ସତ୍ ଆଚରଣକୁ ବୁଝାଏ । ସଂଘ, ଗୁରୁକୁଳ ଆଶ୍ରମ, କୁଳଗୃହ- ସବୁଠି ଥିଲା ସେହି ଆଚରଣର ଶୁଦ୍ଧପୂତ ରୂପ । ଅତୀତରେ ମଠ, ଆଶ୍ରମ, ପୀଠ ଆଦି ଥିଲା ଏହି ସଦାଚରର ଗୋଟିଏ ଗୋଟିଏ ନମୁନା । ନୀଳକଣ୍ଠ ସଂସ୍କୃତ ମାଧ୍ୟମରେ ଭାରତୀୟ ସଂସ୍କୃତିକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ଏଥିପାଇଁ ସେ ବୌଦ୍ଧ-ଜୈନ-ବୈଦିକ ସଂସ୍କୃତିଠାରୁ ଉପନିଷଦ- ବ୍ରାହ୍ମଣ ସଂସ୍କୃତି ଦେଇ ପୌରାଣିକ ସଂସ୍କୃତିର ପାଣ୍ଡିତ୍ୟପୂର୍ଣ୍ଣ ବିଶ୍ଳେଷଣ କରିଛନ୍ତି । ଭାରତୀୟ ସଭ୍ୟତା ଓ ସଂସ୍କୃତି କେଡ଼େ ମହାନ୍, ତାହା ଦେଖାଇଦେବା ସହିତ ସଂପ୍ରତି ତାହା କିପରି ମିଥ୍ୟାଚରର ଅନ୍ଧବିଶ୍ୱାସ ଓ କୁସଂସ୍କାରାଚ୍ଛନ୍ନ ହୋଇ ଧୀରେ ଧୀରେ ବିଲୀନ ହୋଇଯିବାକୁ ଆରମ୍ଭ କରିଛି ବିଭିନ୍ନ କ୍ଷେତ୍ରରୁ ଉଦାହରଣ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ବିଶ୍ୱରେ ଭାରତୀୟ ସଂସ୍କୃତିର ମହାନତା ତଥା ବୈଶିଷ୍ଟ୍ୟକୁ ବର୍ତ୍ତମାନ ପିଢ଼ିଙ୍କ ସମ୍ମୁଖରେ ତୋଳିଧରି ଭାରତୀୟ ଆଦର୍ଶ ଏବଂ ମହାନୁଭବତାର ପରିଚୟ ଦେଇଛନ୍ତି ତାଙ୍କ 'ସଂସ୍କୃତ ଓ ସଂସ୍କୃତି' ଗ୍ରନ୍ଥରେ । ତାଙ୍କ ଦୃଷ୍ଟିରେ ସଂସ୍କୃତ ଓ ସଂସ୍କୃତି ଅଭିନ୍ନ ନୁହେଁ, ପରସ୍ପରର ପରିପୂରକ । ଭାରତୀୟ ସଂସ୍କୃତିର ମୂଳରୂପ ଓ ବୈଶିଷ୍ଟ୍ୟ ବୁଝିବା କ୍ଷେତ୍ରରେ ଏହି ଗ୍ରନ୍ଥଟିର ମହତ୍ତ୍ୱ ଯେ ଅପରିସୀମ, ଅସ୍ୱୀକାର କରାଯାଇନପାରେ ।

Digitized by PPRACHIN, SOA

# 'ଲାବଣ୍ୟବତୀ'ର ଟୀକାକାର ପଣ୍ଡିତ ନୀଳକଣ୍ଠ

ଡ. ନଟବର ଶତପଥୀ

'ଲାବଣ୍ୟବତୀ'ର ଦୁଇଟି ଟୀକା ଓଡ଼ିଆରେ ଜଣାଶୁଣା । ଜଣେ ପଣ୍ଡିତ ନୀଳକଣ୍ଠ ଦାସ, ଅନ୍ୟ ଜଣେ ରାୟସାହେବ ଆର୍ତ୍ତବଲ୍ଲଭ ମହାନ୍ତି ଟୀକା ଦୁଇଟିର ବ୍ୟାଖ୍ୟାତୃ । ଉଭୟେ ବିଦ୍ୱାନ, ସାହିତ୍ୟ ରୁଚି ଅସାମାନ୍ୟ, ନିଷ୍ଠାରେ ଅକୃପଣ ଓ ସାଧନାରେ ମହିମ୍ନ । ଭଞ୍ଜପ୍ରେମୀମାନେ ଏ ଦୁଇ ଗ୍ରନ୍ଥକୁ କେତେ ପଢ଼ିଛନ୍ତି ବା ତଦ୍ୱାରା ପ୍ରଭାବିତ ହୋଇଛନ୍ତି ତାହା ଭିନ୍ନ କଥା; କିନ୍ତୁ ତାକୁ ଅତିକ୍ରମ କରିବା ପରି ପ୍ରୟାସ କେହି କରିନାହାନ୍ତି । କଲେଜ ପାଠ ପାଇଁ କେତୋଟି ଅଧ୍ୟାୟ ବାଛି ଅଧ୍ୟାପକମାନେ କେଉଁ ଗୋଟିଏ ବା ଦୁଇଟିରୁ ମିଶାଇ ନୋଟ୍ ତିଆରି କରିବାରେ ନିଜର ପାଣ୍ଡିତ୍ୟ ପ୍ରକଟ କରିଛନ୍ତି ଯାହା । ଆମ ଭିକ୍ଷୁସୁଲଭ ଜ୍ଞାନାକର୍ଷଣ ଦଶା ଏତିକିରେ ଭଞ୍ଜଙ୍କୁ ନୋବେଲ ପୁରସ୍କାର ମିଳିବା ପରି ଚତୁର ସ୍ୱପ୍ନଦେଖା ଦାବି ଉପସ୍ଥାପନା କରନ୍ତି - ବିଶ୍ୱର ସର୍ବଶ୍ରେଷ୍ଠ କବିର କିରୀଟ ପିନ୍ଧାନ୍ତି ଭଞ୍ଜପ୍ରେମୀମାନେ । କଥିତ ଦୁଇ ଜ୍ଞାନଧୂରୀଣ ପଣ୍ଡିତଙ୍କ କୃତିର ଆକଳନ ଓ ତା'ର ସମ୍ଭାବ୍ୟ ବିକଳ୍ପ ବା ପରିବର୍ତ୍ତନ ପ୍ରୟାସ ପ୍ରତି କେହି ଯତ୍ନଶୀଳ ନୁହନ୍ତି । ଏହା କ୍ଷୋଭର କଥା । ଏ କ୍ଷୋଭର କାରଣ ଆଲୋଚନାକ୍ରମେ ସ୍ପଷ୍ଟ ହୋଇଉଠିବ ବୋଲି ମୋର ଆଶା ।

ପଣ୍ଡିତ ନୀଳକଣ୍ଠ ୧୯୩୦ରେ ହଜାରିବାଗ ଜେଲ୍‌ରେ ବନ୍ଦୀ ଥିବାବେଳେ (୫ମାସ ପାଇଁ) ଟୀକା ପ୍ରସ୍ତୁତ କରିଥିଲେ । ଏହା ପୁଣି ତାଙ୍କ ଅନୁଗତ ଜଗନ୍ନାଥ ରଥଙ୍କୁ ଜେଲ୍‌ରେ ଘଣା ପେଡ଼ିବା ପରି କାମରୁ ତ୍ରାହି କରିବା ପରି ଲାଗେ । "ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର କାଳିଆକେରାର ଶ୍ରୀଯୁକ୍ତ ଜଗନ୍ନାଥ ରଥ ହଜାରିବାଗ ଜେଲ୍‌ରେ 'ଗ' ଶ୍ରେଣୀ ବନ୍ଦୀ ରୂପେ ରହୁଥିଲେ । ଦିନେ ନନା ତାଙ୍କୁ ଚକିରେ ଗହମ ପେଷୁଥିବାର ଦେଖି ପଚାରିଲେ- "କିଓ ଜଗନ୍ନାଥ, କ'ଣ କରୁଚ ?"" × × × "ହରଡ଼ଘଣା ପକାଉଚି, ଆରେ କ'ଣ କରିବି ?" ଏହାପରେ ଜେଲ୍ କର୍ତ୍ତୃପକ୍ଷଙ୍କୁ କହିଲେ, "ହଇଓ, ମୁଁ ଟିକିଏ ଲେଖାପଢ଼ି କରେ, ଜାଣ ?" × × × ଆଜ୍ଞା, ଆମେ ତା ଜାଣୁ । ଆପଣ ତ ପଣ୍ଡିତ ଲୋକ- ପଣ୍ଡିତ ନୀଳକଣ୍ଠ ଦାସ ।" ଏହାପରେ ତାଙ୍କୁ ଲେଖାରେ ସାହାଯ୍ୟ କରିବା ପାଇଁ ଜଗନ୍ନାଥଙ୍କୁ ନିଯୁକ୍ତ କରିବା କଥା କହିଲେ ।' 'ଲାବଣ୍ୟବତୀ'ର ଟୀକା ସେଇଠୁ ଆରମ୍ଭ । ପଣ୍ଡିତେ ଡାକନ୍ତି, ଲେଖନ୍ତି ରଥେ (ଲା. ବ. ନିବେଦନ, ପୃ -କ-ଖ, ଇନ୍ଦିରା ଦେବୀ, ଗ୍ରନ୍ଥ ପ୍ରକାଶକ-ନୀଳକଣ୍ଠଙ୍କ ଝିଅ) । ଜେଲ୍‌ରୁ ମୁକୁଳିବା ପରେ ନୀଳକଣ୍ଠ

Digitized by PPRACHIN, SOA

ଦେଇଥିଲେ ଜଗନ୍ନାଥ ରଥଙ୍କୁ ଗ୍ରନ୍ଥ ପ୍ରକାଶର ବ୍ୟବସ୍ଥା କରିବାକୁ । ମାତ୍ର ତାହା କୌଣସି କାରଣରୁ ହୋଇନାହିଁ । ରଥ ମହାଶୟ ପାଣ୍ଡୁଲିପିଟିକୁ ୧୯୬୭ ମସିହାରେ ହସ୍ତାନ୍ତର କଲେ ପଣ୍ଡିତ ନୀଳକଣ୍ଠଙ୍କୁ । ଏହା ତାଙ୍କ ସ୍ୱର୍ଗବାସର ତିନିବର୍ଷ ପୂର୍ବର କଥା । ଟୀକା ସହ ସମ୍ପ୍ରତି ପ୍ରକାଶିତ ଗ୍ରନ୍ଥରେ ସଂଯୋଜିତ 'ଉପୋଦ୍‌ଘାତ' ଜେଲ୍‌ରେ ରଚନା କରାଯାଇଥିଲା । ଏହାପୂର୍ବରୁ ୧୯୧୭ରେ ସେ ଲେଖିଥିଲେ ସତ୍ୟବାଦୀରେ (ପ୍ରଥମ ବର୍ଷ ୮ମ- ୧୨ଶ ଓ ଦ୍ୱିତୀୟ ବର୍ଷର ୧ମ ଓ ୨ୟ ସଂଖ୍ୟା- ୭ଟି ସଂଖ୍ୟାରେ ପ୍ରକାଶିତ) 'ଲାବଣ୍ୟବତୀ' କାବ୍ୟର ଏକ ତାତ୍ତ୍ୱିକ ଆଲୋଚନା । ୧୬/୫/୧୯୫୬ ଭଞ୍ଜ ଜୟନ୍ତୀରେ ଦେଇଥିଲେ ଏକ ଭାଷଣ । ଏହି ସମସ୍ତ ଲେଖାକୁ ଏକତ୍ର କରି ପୂର୍ବୋକ୍ତ ଟୀକା ସହ ଝିଅ ଇନ୍ଦିରା ଓ ଜୋଇଁ ଇଞ୍ଜିନିୟର ମଧୁସୂଦନ ଦାଶ ପ୍ରକାଶ କରିଲେ 'ଲାବଣ୍ୟବତୀ' ୧୯୮୩ରେ ଅର୍ଥାତ୍ ରଚନାର ୫୩ ବର୍ଷ ପରେ । ଏହି ଗ୍ରନ୍ଥରେ 'ସ୍ମୃତିତର୍ପଣ' ଶିରୋନାମାରେ ଡକ୍ଟର ମହତାବ ଏବଂ 'ଗ୍ରନ୍ଥପ୍ରବେଶ' ନାମରେ ଅଧ୍ୟାପକ ଗୌରୀକୁମାର ବ୍ରହ୍ମାଙ୍କ ଲେଖା ଯୋଡ଼ାଯାଇଛି । ସମୁଦାୟ ପୃଷ୍ଠା ସଂଖ୍ୟା ୫୯୨ + ଶୁଦ୍ଧିପତ୍ର + ୩ + (ଅସମ୍ପୂର୍ଣ୍ଣ ) = ୭୦୦ରୁ ଉର୍ଦ୍ଧ୍ୱ ।

ଜେଲ୍ କର୍ତ୍ତୃପକ୍ଷ ପଣ୍ଡିତଙ୍କୁ ତାଙ୍କ ନାମ ସହ ଖାତାର ପୃଷ୍ଠା ସଂଖ୍ୟା ଲେଖି ଦସ୍ତଖତ କରୁଥିବାର ପ୍ରତିଲିପି ପ୍ରକାଶିତ ଗ୍ରନ୍ଥରେ 'ଦିଆଯାଇଛି' । 'ଲାବଣ୍ୟବତୀ ୨ୟ ବହି' ବୋଲି ଓଡ଼ିଆରେ ଲେଖା ଅଛି, ତା ତଳେ Issued to Nilakanta Das containing 42 sheets, ଦସ୍ତଖତ, 19/7 । ପ୍ରକାଶିତ ଗ୍ରନ୍ଥରେ 'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦର ପ୍ରଥମ ପୃଷ୍ଠା ଚତ୍ୱାରିଂଶ ଛାନ୍ଦର ତୃତୀୟ ପଦରୁ ସାଢ଼େନଅ ପଦ ପର୍ଯ୍ୟନ୍ତ ଏବଂ ଜଗନ୍ନାଥ ରଥ ଲେଖିଥିବା ଟୀକା ଗ୍ରନ୍ଥର ଉପୋଦ୍‌ଘାତର ପ୍ରଥମ ପୃଷ୍ଠାର ଫଟୋକପି ଯୋଡ଼ାଯାଇଛି । ପ୍ରଦତ୍ତ ଏହି ପୃଷ୍ଠାଗୁଡ଼ିକରୁ କୌଣସିଠାରେ 'ଲାବଣ୍ୟବତୀ'ର ପ୍ରକାଶକ, ପ୍ରକାଶ ସମୟାଦି ମିଳେନାହିଁ । ପ୍ରଥମ ଛାନ୍ଦ ଓ ଚତ୍ୱାରିଂଶ ଛାନ୍ଦର କଥିତ ପୃଷ୍ଠାରେ ଅନେକ ସ୍ଥାନରେ ପଣ୍ଡିତଙ୍କ ସ୍ୱହସ୍ତଲିଖିତ ବର୍ଣ୍ଣାଶୁଦ୍ଧି ବା ପାଠାନ୍ତର ବା ମନ୍ତବ୍ୟ ରହିଛି । ପାଠୋଦ୍ଧାରବେଳେ ଅନେକ ସ୍ଥଳରେ ନୀଳକଣ୍ଠ ପାଠାନ୍ତର ଦେଇଛନ୍ତି । ଏଥିରୁ ଜଣାଯାଏ ସେ ଏକାଧିକ ଛପାବହି ଓ ଛପାବହି ସହ ପୋଥି ବ୍ୟବହାର କରିଥିବେ । ଏ ସମ୍ପର୍କରେ ସେ କିଛି ସୂଚନା କେଉଁଠି ଦେଇନାହାନ୍ତି । ଏହିହେତୁ ପାଠାନ୍ତରର ଭିତ୍ତି ବିଷୟ ଜାଣିହୁଏନାହିଁ । ଟୀକା ପ୍ରସ୍ତୁତ ବେଳେ ଶୁଦ୍ଧପାଠ ହୁଏତ ଅତ୍ୟାବଶ୍ୟକ ନହୋଇପାରେ, ମାତ୍ର ପାଠାନ୍ତର ପ୍ରଦାନ ସ୍ଥଳେ ବ୍ୟବହୃତ ଗ୍ରନ୍ଥର ସୂଚନା ରହିବା ଆବଶ୍ୟକ । ପଣ୍ଡିତ ନୀଳକଣ୍ଠ ବ୍ୟବହାର କରିଥିବା ଏକ ବା ତତୋଽଧିକ ବହି ହୁଏତ ଜଗନ୍ନାଥ କିମ୍ବା ଅନ୍ୟମାନେ ସଂରକ୍ଷଣ କରିନଥିବେ ।

ସ୍ୱର୍ଗତ ରାୟସାହେବଙ୍କ ଟୀକା ଶେଷ ହୁଏ ସମ୍ଭବତଃ ୧୮ / ୧୨ / ୪୪ରେ (ମୁଖବନ୍ଧରେ ପ୍ରଦତ୍ତ ତାରିଖ) । ଏହା ପ୍ରକାଶ କରନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ଦୁଇଖଣ୍ଡରେ

Digitized by PPRACHIN, SOA

ବିଶୁଦ୍ଧ ଦ୍ୱିତୀୟ ସଂସ୍କରଣ ଭାବେ ୧୯୫୨ ଓ ୧୯୫୩ରେ । ବହିର ପ୍ରଚ୍ଛଦରେ ପ୍ରାଚୀ ଗ୍ରନ୍ଥମାଳା (୩) ଲେଖାଅଛି । ଏଥିରୁ ଅନୁମାନ କରିହେବ କି ଆର୍ତ୍ତବାବୁ ପ୍ରାଚୀ ଗ୍ରନ୍ଥମାଳାରେ ପ୍ରଥମେ ଲାବଣ୍ୟବତୀର ଟୀକା ପ୍ରକାଶ କରିଥିଲେ ? ଏବଂ ପରେ ବିଶୁଦ୍ଧ ଦ୍ୱିତୀୟ ସଂସ୍କରଣ ଉ.ବି. ହାତରେ ଟେକିଦେଇଥିଲେ । ମୁଖବନ୍ଧରେ ସେ ଲେଖିଛନ୍ତି ଯେ ପୋଥି ଓ ମୁଦ୍ରିତ ଗ୍ରନ୍ଥ ମିଶାଇ ବାରଖଣ୍ଡ, ଲାବ. ମିଳାଇ ଶୁଦ୍ଧପାଠ ଉଦ୍ଧାର ପ୍ରୟାସ କରିଛନ୍ତି । ତାଙ୍କ ଦ୍ୱାରା ସଂଗୃହୀତ ପୋଥିରେ ଥିଲା ଘୁମୁସର ଓ ଗଞ୍ଜାମ ଅଞ୍ଚଳର ଚାରିଖଣ୍ଡ ପୋଥି । କଟକ, ପୁରୀ ଓ ଗଡ଼ଜାତରୁ ଲବ୍ଧ ପାଞ୍ଚଖଣ୍ଡ ପୋଥି । ଏହା ବ୍ୟତୀତ ସିଂହଳର ଜନୈକ 'କିଂ' ସାହେବଙ୍କ ପ୍ରଦତ୍ତ ଚିତ୍ରିତ ଛପା 'ଲାବଣ୍ୟବତୀ'ର ଚାରିଗୋଟି ଖେଦା । ଏସବୁ ମିଶାଇ ସେ ଯେଉଁ ପାଠୋଦ୍ଧାର କରିଥିଲେ, ସେଥିରେ ପ୍ରାଚୀନ ଟୀକାକାର ଲୋକନାଥ ଦାସଙ୍କ ପୋଥି ଓ ଅର୍ଥଅର୍ଥାନ୍ତରର ସାହାଯ୍ୟ ନେଇଛନ୍ତି । ଏହା ମଧ୍ୟ ସୂଚାଇଛନ୍ତି ଯେ ବିଶିଷ୍ଟ ପଣ୍ଡିତ ଲୋକନାଥ ଦାସ ସ୍ଥାନେ ସ୍ଥାନେ ଟିପ୍‌ପଣୀ ଦେଇଥିବା ହେତୁ ତାଙ୍କୁ ପୂର୍ଣ୍ଣତଃ ଗ୍ରହଣ କରିନାହାନ୍ତି, ତେବେ ବହୁଭାବେ ସେଥିରୁ ଉପକୃତ ହୋଇଛନ୍ତି । ଏତେ ପୋଥି ସଂଗ୍ରହ ଏବଂ ଶୁଦ୍ଧପାଠର ଆୟୋଜନ କରିଥିଲେ ମଧ୍ୟ 'ଲାବଣ୍ୟବତୀ'ର କୌଣସି ସ୍ଥାନରେ ପାଠାନ୍ତର ପରିଲକ୍ଷିତ ହୁଏନାହିଁ । ଏଥିରୁ ଧାରଣା ହେଉଛି ଯେ ସେ ୧୨ଟି ପୋଥି ବା ଗ୍ରନ୍ଥରୁ ବେଶିଭାଗ ଶୁଦ୍ଧ ପରି ଜଣାପଡ଼ିଥିବା ପଦସମୂହ ଗ୍ରହଣ କରିଛନ୍ତି । କୌଣସି ପୋଥିର ବିକଳ୍ପ ପଦ ପଦାନ୍ତର ଗ୍ରହଣ କରିନାହାନ୍ତି ।

ଉଭୟ ବିଦ୍ୱାନ ଏପରି କାହିଁକି କଲେ ? ଉଭୟ ଟୀକାକାର ଟୀକା କରିବାବେଳକୁ କଟକ ପ୍ରିଣ୍ଟିଂ କମ୍ପାନୀ 'ଲାବଣ୍ୟବତୀ' ଛପାଇଥିଲେ ୧୯୧୦ରେ । ପରେ ମନମୋହନ ପୁସ୍ତକାଳୟ ୧୯୫୦ରେ ଏବଂ ଓଡ଼ିଶା ଜଗନ୍ନାଥ କମ୍ପାନୀ ୧୯୬୯ରେ ଗ୍ରନ୍ଥ ପ୍ରକାଶ କରନ୍ତି । ତେବେ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶିତ ବହିଠାରୁ ଉଭୟ ନୀଳକଣ୍ଠ ଓ ଆର୍ତ୍ତବଲ୍ଲଭଙ୍କ ଗ୍ରନ୍ଥ କେତେ ଭିନ୍ନ ବା ସାଦୃଶ୍ୟ ରକ୍ଷା କରେ ତାହା ଏବେ ଜାଣିବା ସହଜ ନୁହେଁ । ଆର୍ତ୍ତବାବୁଙ୍କ ସମ୍ପାଦିତ ଅନେକ ଗ୍ରନ୍ଥ ପାଠାନ୍ତର ଯୁକ୍ତ । 'ଲାବଣ୍ୟବତୀ'ରେ ବ୍ୟତିକ୍ରମ ହୋଇଥିବା ସମ୍ଭାବନା ନାହିଁ । ସ୍ୱର୍ଗତ ଡକ୍ଟର ନଟବର ସାମନ୍ତରାୟ 'ଓଡ଼ିଆ ସାହିତ୍ୟକୁ ଆର୍ତ୍ତବଲ୍ଲଭଙ୍କ ଦାନ' ଗ୍ରନ୍ଥରେ ସୂଚାଇଛନ୍ତି ଯେ ଉ.ବି. ଗ୍ରନ୍ଥପ୍ରକାଶବେଳେ ପାଠାନ୍ତର ବାଦ୍ ଦେଇଛନ୍ତି । ଏହା ଯଦି ସତ୍ୟ ହୁଏ ଉ.ବି. ପୃଷ୍ଠା ସଂଖ୍ୟା କମ୍ କରିବା ଲକ୍ଷ୍ୟରେ କରିଥିବେ । ଗ୍ରନ୍ଥର ଆକାର ଓ ଅର୍ଥବ୍ୟୟ ଭାର ଉଭୟ ଦୃଷ୍ଟିରେ ଥିବ । ଯାହାହେଉ, ଏପରି କର୍ତ୍ତନ ଅସାହିତ୍ୟିକ ବ୍ୟାପାର ବୋଲି କୁହାଯାଇପାରେ । ଶିକ୍ଷାନୁଷ୍ଠାନ ନାପିତବୃତ୍ତପଟୁ ହେଲେ କାହାକୁ କହିବା ? ବ୍ରାହ୍ମଣର ଶିଖାଛେଦନ ବ୍ରାହ୍ମଣର ଇଚ୍ଛାରେ ହେବା ଦରକାର । ଆର୍ତ୍ତବାବୁ ସ୍ୱୀକୃତି ଦେଇଥିବେ କି ? ଅପରପକ୍ଷରେ ନୀଳକଣ୍ଠଙ୍କ ଗ୍ରନ୍ଥରେ ବହୁସ୍ଥଳରେ ପାଠାନ୍ତର ମିଳେ । ଏ ପାଠାନ୍ତର କେଉଁ ପ୍ରକାଶନର ବା ପୋଥିର ଜଣାପଡୁନାହିଁ, କିନ୍ତୁ ଆର୍ତ୍ତବାବୁଙ୍କ ସମ୍ପାଦିତ ତଥା ଉ.ବି. ପ୍ରକାଶିତ ଗ୍ରନ୍ଥର ପାଠୋଦ୍ଧାର

Digitized by PPRACHIN, SOA

ସହ ଏ ପାଠାନ୍ତର ବହୁ ପରିମାଣରେ ମିଳିଯାଏ । ଉଭୟ ଗ୍ରନ୍ଥକୁ ମିଳାଇ ଦେଖିଲେ ନୀଳକଣ୍ଠଙ୍କ ପାଠୋଦ୍ଧାର ଆର୍ତ୍ତବାବୁଙ୍କ ପାଠୋଦ୍ଧାର ମଧ୍ୟରେ ବିଶେଷ ବୈଷମ୍ୟ ମିଳେନାହିଁ ।

ଯେକୌଣସି ପ୍ରାଚୀନ ଗ୍ରନ୍ଥର ସମ୍ପାଦନା ପ୍ରଥମେ ଶୁଦ୍ଧ ପାଠୋଦ୍ଧାର ଆବଶ୍ୟକ କରେ । ପଦବିଭ୍ରାଟ ଦ୍ୱାରା ଅର୍ଥ ଅସଙ୍ଗତି ସହ ବ୍ୟାକରଣ ତ୍ରୁଟି ଉତ୍ପନ୍ନ ହୋଇଥାଏ । ଅନେକ କାବ୍ୟରେ ଶେଷ ତ୍ରୁଟିଟିକୁ ଗ୍ରହଣ କରନ୍ତି ନାହିଁ । କିନ୍ତୁ ପ୍ରାଚୀନ ସାହିତ୍ୟ କ୍ଷେତ୍ରରେ ଏହା ସେପରି ଘଟିବା ନଜିର ବିରଳ, ଯେଉଁଠି ଏହା ପରିଦୃଷ୍ଟ ତାହା ପାଠୋଦ୍ଧାରକାରୀଙ୍କ ଅଜ୍ଞତାବଶତଃ ଘଟିଥାଇପାରେ । ଓଡ଼ିଆ ଭାଷାର ଇତିହାସ ଓ ବ୍ୟାକରଣର ବ୍ୟାବହାରିକ ଦୃଷ୍ଟାନ୍ତ ପାଇଁ କାବ୍ୟକୁ ଆଶ୍ରୟ କରିବାକୁ ହୁଏ । ଏଇଠି ଗୋଟିଏ ଉଦାହରଣ ନିଆଯାଇପାରେ । ନୀଳକଣ୍ଠଙ୍କ ଗ୍ରନ୍ଥରେ ପ୍ରସିଦ୍ଧ ପଦଟି – "ମୂର୍ତ୍ତିମନ୍ତ କରି ମୃଦୁ ଗୀତ ବିଚାରଇ" ପଦର ମୂର୍ତ୍ତିମନ୍ତ ସ୍ଥାନରେ ଆର୍ତ୍ତବାବୁ ମୂର୍ତ୍ତିବନ୍ତ ଉଦ୍ଧାର କରିଛନ୍ତି । 'ବ' ସ୍ଥଳରେ 'ମ' ଏପରି ଧ୍ୱନି ପରିବର୍ତ୍ତନ ତାଙ୍କ ଦୃଷ୍ଟିରେ ଅନୁଚିତ । ନିଜ ପାଠୋଦ୍ଧାର ସପକ୍ଷରେ ନୁହେଁ, ଓଡ଼ିଆ ପ୍ରଚଳିତ ପ୍ରାଚୀନ ନିୟମର ଅବତାରଣ କରିଛନ୍ତି । ସଂସ୍କୃତରେ ଅସ୍ତି ଅର୍ଥରେ 'ମତୁପ୍' ପ୍ରତ୍ୟୟର 'ମ' 'ବ' ବିକଳ୍ପରେ ହୁଏ ଯେପରି ଶ୍ରୀମନ୍ତ, ବିଦ୍ୟାମନ୍ତ । କିନ୍ତୁ ଓଡ଼ିଆରେ 'ବ' ହୁଏ । ଯଥା ଶ୍ରୀବନ୍ତ, ବିଦ୍ୟାବନ୍ତ, ଲକ୍ଷ୍ମୀବନ୍ତ, ଧନବନ୍ତ, ଯଶୋବନ୍ତ. ଧୀବନ୍ତ (ଧୀବାନ) , କୀର୍ତ୍ତିବନ୍ତ ଇତ୍ୟାଦି । ପ୍ରାଚୀନ ଓଡ଼ିଆର ଏ ବୈଶିଷ୍ଟ୍ୟ ପ୍ରତି ହେଳାଭାବ ଦେଖାଇ ଓଡ଼ିଆଏ ପୁଣି ସଂସ୍କୃତକୁ ଫେରିଯିବା ଫଳରେ ସଂସ୍କୃତରୁ ସ୍ୱାତନ୍ତ୍ୟ ରକ୍ଷା ହୋଇପାରୁନାହିଁ । କେହି କେହି ପଣ୍ଡିତ ବ୍ୟାକରଣିକ ନିୟମ ବର୍ଗର ତୃତୀୟ ଓ ପଞ୍ଚମ ବର୍ଣ୍ଣ ମଧ୍ୟରେ ପ୍ରତିବଦଳ ପରି ଅଶୁଦ୍ଧ ନିୟମ ଦେଖାଇ ଧୀବନ୍ତକୁ ଧୀମନ୍ତ କରିଥାନ୍ତି । କିନ୍ତୁ ବୁଝନ୍ତିନାହିଁ ମୂଳ ପ୍ରତ୍ୟୟ ଓ ତତ୍‌ଜାତ ଶବ୍ଦଟି କ'ଣ । ଆର୍ତ୍ତବାବୁ ଏଇ ରୀତି ନିଜର ପାଠୋଦ୍ଧାରବେଳେ ସଂସ୍କୃତ ନିୟମର ବିକଳ୍ପ ବ୍ୟବସ୍ଥାକୁ ମାନିନେଇଛନ୍ତି । ଅପରପକ୍ଷରେ ନୀଳକଣ୍ଠ ଅନେକ କ୍ରିୟାପଦସ୍ଥ 'ବ' ବିକଳ୍ପରେ 'ମ' କରିଥିବାର ଦେଖାଯାଏ । ଯେଉଁ ୪୦ ତମ ଛାନ୍ଦର ତୃତୀୟ ପଦରୁ ସାଢ଼େ ନ ପଦର ଫଟୋଲିପି ଗ୍ରନ୍ଥରେ ଯୋଡ଼ାଯାଇଛି, ସେଥିରେ ଏପରି ପଦକୁ କେଉଁ କେଉଁ ଅଞ୍ଚଳରେ କ୍ରିୟାପଦ ବି ବିକଳ୍ପରେ ଅନୁନାସିକ 'ମ' ହୋଇଥିବାର ସ୍ୱାଭାବିକତାକୁ ଗ୍ରହଣ କରିବା ଫଳରେ ସମ୍ଭବତଃ ଭଞ୍ଜକାଳୀନ ଏପରି ଏକ ଧ୍ୱନ୍ୟାତ୍ମକ ନିଦର୍ଶନ ଦେବାକୁ ନୀଳକଣ୍ଠ ପ୍ରଶସ୍ତ ମନେକରିଛନ୍ତି ।

ଉପରେ କଥିତ ୪୦ତମ ଛାନ୍ଦର ତୃତୀୟ ପଦର ପ୍ରଥମ ପାଦ ନୀଳକଣ୍ଠଙ୍କ ବ୍ୟବହୃତ ଛପା ବହି ଓ ଆର୍ତ୍ତବାବୁଙ୍କ ପାଠୋଦ୍ଧାର ଉଭୟତ୍ର "ଜନେ ଚନ୍ଦ୍ରମାରେ ରାଜିତ ହୋଇଲେ ଚାନ୍ଦିନୀ ନିଶା ଯେମନ୍ତ"ରେ 'ନିଶା' ପରିବର୍ତ୍ତେ 'ରାତି' କରାଯାଇଛି । 'ନିଶା' ପରିବର୍ତ୍ତେ 'ରାତି' ପଦ ଗ୍ରହଣ କରିବାର ତାତ୍ପର୍ଯ୍ୟ କ'ଣ ବୁଝାପଡୁନାହିଁ । ଅନୁପ୍ରାସ ଦୃଷ୍ଟିରୁ 'ନ' ଓ 'ତ' ବର୍ଣ୍ଣରେ ସମାନଭାବେ ପ୍ରାସ ଘଟିବାରେ ଅସୁବିଧା ନଥିଲା । ସମ୍ଭବତଃ ନୀଳକଣ୍ଠ 'ରାତି' ପଦକୁ ଅଧିକ ଲଳିତ ('ନ' ଅନୁନାସିକ ହେତୁ ରୁକ୍ଷ ?) ମାନିଛନ୍ତି

Digitized by PPRACHIN, SOA

ଏବଂ ଲୋକମୁଖରେ 'ଚାନ୍ଦିନୀ ନିଶା' ଅପେକ୍ଷା 'ଚାନ୍ଦିନୀ ରାତି' ଅଧିକ ସୁଲଭ ବ୍ୟବହାର ବୋଲି ଭାବିଛନ୍ତି ? ଏହି ପଦର କଳ୍ପନାରେ କବି ଉପେନ୍ଦ୍ର କବିତ୍ୱ ସହିତ ପାଣ୍ଡିତ୍ୟ ଛାଡ଼ିଯାଇଛନ୍ତି । ପୂରାପଦଟିର ଉଦ୍ଧାର ଦରକାର ହେଉଛି ।

"ଜନେ ଚନ୍ଦ୍ରମାରେ ରାଜିତ ହୋଇଲେ ଚାନ୍ଦିନୀ ରାତି (ନିଶା) ଯେମନ୍ତ,
ତୁଳା ରାଶିରେ ଯୁକ୍ତହେଲେ ଶାଳ୍ମଳୀ ମୃଗ -ମଳିମସବତ ।
କରେ ତାପିତ କରେ ରବିମଣ୍ଡଳ ପ୍ରତାପୀ ପ୍ରତାପୀ ରାଜା ଯେସନ,
ଭୁଜଙ୍ଗ ପକ୍ଷ ଛାଇରେ ରଖି ଶିଖୀ କୁଳଟା ନାରୀ ସମାନ ।" (୩ୟ ପଦ )

ବିରହରେ ଗ୍ରୀଷ୍ମଋତୁ ବର୍ଣ୍ଣନା ପ୍ରସଙ୍ଗରେ ଏ ଛାନ୍ଦ । ରୀତିକବି ପ୍ରାୟ ବିରହ ବର୍ଣ୍ଣନାରେ ଏକାଧିକ ଛାନ୍ଦ ରଚନା କରିଛନ୍ତି । ଭଞ୍ଜ ବସନ୍ତ ଋତୁରେ ବିଚ୍ଛେଦ ଘଟାଇ ଗ୍ରୀଷ୍ମ ବର୍ଷା ଶରତାଦି ଋତୁରେ ବିରହ ଦେଇ ପୁଣି ବସନ୍ତରେ ମିଳନ ଆଣି କାବ୍ୟକୁ ମିଳନାତ୍ମକ କରିଛନ୍ତି । ତେବେ ଶଂସିତ ପଦରେ ଏକାଧିକ ଉପମାଦାନରେ ଗ୍ରୀଷ୍ମର ଦହନ ସ୍ମରଣ କରାଉଛନ୍ତି । ପ୍ରଥମ ଦୁଇପାଦରେ ଚାନ୍ଦିନୀରାତିର ଉପମା ତୁଳାଯୁକ୍ତ ଶାଳ୍ମଳୀ । କବି ଭଞ୍ଜ ଉପମା ଆହରଣ କରିବାକୁ ଯାଇ ଶାଳ୍ମଳୀ ତୁଳାଯୁକ୍ତ ହେଲେ ଯେପରି ଶୋଭାବନ୍ତ ହୁଏ ତା'ର ଉଦାହରଣ ଖଞ୍ଜିବାକୁ ଉଚିତ ମନେକରିଛନ୍ତି । ତା'ର କାରଣ ଶ୍ଳେଷରେ ସେ କହିବେ । ଶ୍ଳେଷ ହେତୁ ଦ୍ୱିଅର୍ଥକ । ଏ ସମ୍ବନ୍ଧ ଜ୍ୟୋତିଷଜ୍ଞାନର ପରିଚୟ ଦେଉଛି । ଜ୍ୟୋତିଷମତେ ଗ୍ରୀଷ୍ମ ବା ବୈଶାଖ ପୂର୍ଣ୍ଣମୀରେ ଚନ୍ଦ୍ର ତୁଳା ରାଶିରେ (ଚିତ୍ରା ଓ ସ୍ୱାତୀରେ ମୁଖ୍ୟତଃ) ଅବସ୍ଥାନ କରନ୍ତି । ଏଇଟି ମୁଖ୍ୟ କଥା । ଏଇ କାଳରେ ଶିମୂଳୀ ଗଛ ତୁଳା ଉଡ଼ାଏ । ଏହା ଉପମା ହେତୁକ ହେତୁ ପ୍ରଥମ ବା ବର୍ଣ୍ଣ୍ୟବିଷୟକୁ ବିସ୍ତାରିତ କରୁଛି । ଶିମୂଳୀଗଛ ତୁଳା ଉଡ଼ାଇବା ପରି ଚାନ୍ଦିନୀରାତି, କିନ୍ତୁ ପ୍ରେମୀଯୁଗଳ କି ବିରହରେ ସନ୍ତପ୍ତ ନହେଉଛନ୍ତି । ଯରପାଦରେ ସନ୍ତାପର ଗାଢ଼ତା ପ୍ରତାପୀ ରାଜା (ଖଜଣା ଆଦାୟାର୍ଥେ ) ତଣ୍ଡିଲା ପରି କିମ୍ବା ଏତେ ତାପ ଦହନ ଯେ ମୟୂରପୁଚ୍ଛର ଛାଇରେ ସାପ ଆସି ବିଶ୍ରାମ କଲେ ମଧ ଖାଦ୍ୟଖାଦକର ସମ୍ପର୍କ ବି ନାହିଁ । ପଦଟିରେ ଅର୍ଥ ଓ କବିତ୍ୱ ଦ୍ୱିତୀୟ ପାଦରେ ଆରୂଢ଼ । ତୁଳାରାଶି, ଶାଳ୍ମଳୀ ଓ ମୃଗମଳିମସ । ମୃଗ ଓ ମଳିମସ ଯଥାକ୍ରମେ ମୃଗ ଓ କଳଙ୍କ = ମୃଗାଙ୍କ = ଚନ୍ଦ୍ର । ପ୍ରଥମ ପାଦରେ ଚନ୍ଦ୍ରମା ପଦ, ଚନ୍ଦ୍ରମା ରାଜିତ ଚାନ୍ଦିନୀ ପଦ ଯୋଗ କରିବା ପରେ ମୃଗ ମଳିମସ ପଦର ତାତ୍ପର୍ଯ୍ୟ ଥିବା ପରି ଲାଗେ ନାହିଁ । ରଘୁବଂଶରେ କାଳିଦାସ ମଳିମସକୁ ମଳିନାର୍ଥେ ବ୍ୟବହାର କରିଛନ୍ତି- "ରାଜ୍ୟେନ କିଂ ତଦ୍‌ବିପରୀତ ବୃତ୍ତେଃ ପ୍ରାଣୈ ରୂପକ୍ରୋଶମଳୀମସୈର୍ବ ।" ୨ ।୫୩ ଅପକୀର୍ତ୍ତିରେ ମଳିନ ରାଜ୍ୟରେ କି ପ୍ରୟୋଜନ ? "ମା ତେ ମଳୀମସବିକାର ଘନା ମତିର୍ଭୂତ", ମାଘ ୧ ।୩୨ । କଳା କୃଷ୍ଣବର୍ଣ୍ଣ ଅର୍ଥରେ ମଧ ନୈଷଧ ଓ ଶିଶୁପାଳ ବଧରେ ବର୍ଣ୍ଣନା ମିଳେ । ମନେହୁଏ ଭଞ୍ଜକବି ଶ୍ଳେଷାର୍ଥରେ ବିରହୀ ଲୋକ ପାଇଁ ଚନ୍ଦ୍ରନିଶା ଉଜ୍ଜ୍ୱଳ ନୁହେଁ କାଳିମାଯୁକ୍ତ ଏଇ ସିଧା କଥା ମଳିମସ ପଦରେ ସୂଚାଇଛନ୍ତି । ଟୀକାକାର ନୀଳକଣ୍ଠ ଏହି ପଦରେ ଅର୍ଥର ନିଷ୍ପାପର

Digitized by PPRACHIN, SOA

ବ୍ୟାଖ୍ୟା ସହ ଆର୍ତ୍ତବଲ୍ଲଭଙ୍କ ଠାରୁ ଅଧିକ ସୂଚନାଧର୍ମୀ କରିଛନ୍ତି । ଚନ୍ଦ୍ରରଗୋଟିଏ ଅର୍ଥ କର୍ପୂର ଅର୍ଥାତ୍ ଚାନ୍ଦିନୀରାତି କାହାକୁ କର୍ପୂର ପରି ଶୀଳତ ତ କାହାକୁ (ବିରହୀ) ପୀଡ଼ାଦାୟକ । ଏରୂପ ଅର୍ଥ ଆର୍ତ୍ତବାବୁଙ୍କ ଟୀକାରେ ଦେଖାଯାଏନାହିଁ । ଉପେନ୍ଦ୍ର ପ୍ରଥମ ଛାନ୍ଦରେ ଲେଖିଛନ୍ତି - "ଜାଣିନାହୁଁ ଅଭିଧାନ ବିଧାନମାନଙ୍କୁ, କହନ୍ତି ବିଧୁଚନ୍ଦ୍ରମା, ବିଷ୍ଣୁ କର୍ପୂରକୁ ଯେ," ଲାବ ୧/୪୧ । ଅର୍ଥାତ୍ କାବ୍ୟରେ ବିଧୁ = ଚନ୍ଦ୍ର = କର୍ପୂର ଏ ଅର୍ଥ ପ୍ରଶସ୍ତ ରହିଛି । ନୀଳକଣ୍ଠ ବରାବର ମନେରଖିଛନ୍ତି ଉକ୍ତିଟିକୁ ।

ଆଉ ଏକ ଉଦାହରଣ, ଦ୍ୱିତୀୟ ଛାନ୍ଦରେ ସିଂହଳ ଦ୍ୱୀପ ଶୋଭା ବର୍ଣ୍ଣନା ବିଷୟ । ଏହାର ପ୍ରଥମ ପଦ - "ଶୁଣ ହେ ରସିକେ (ସୁଜନେ- ପାଠାନ୍ତର ) ରସ କର୍ଣ୍ଣମନଲୋଭା, ରତ୍ନାକର ମଧ୍ୟରେ ସିଂହଳ ଦ୍ୱୀପ ଶୋଭା ଯେ," ୨/୧ । ନୀଳକଣ୍ଠ 'ରସ' ପଦର ଅର୍ଥ ବ୍ୟାଖ୍ୟା କରିବାକୁ ଯାଇ ନବରସ (ବା ଦଶ) ଅବତାରଣା କରି ଲାବଣ୍ୟବତୀର" ବହୁତ ଛାନ୍ଦର ପ୍ରଥମରେ ରସ ଓ ରସିକ ଶବ୍ଦ ଯଥା ୩ୟ, ୪ର୍ଥ, ୮ମ, ୧୦ମ, ୧୩ଶ, ୧୪ଶ, ୩୨ଶ, ୩୩ଶ, ୩୫ଶ ଏବଂ କେତେକର ଶେଷରେ ଯଥା ୪ର୍ଥ - ସେହି ଅର୍ଥରେ ବ୍ୟବହୃତ ହୋଇଛି" ବୋଲି ସୂଚାଇଛନ୍ତି । ରୀତିକାବ୍ୟ ଓ ତତ୍‌ପୂର୍ବବର୍ତ୍ତୀ କାବ୍ୟର ପ୍ରଧାନ ରସ ଶୃଙ୍ଗାର । ଶୃଙ୍ଗାରକୁ ଆଳଙ୍କାରିକମାନେ ଆଦିରସ କହି ତା'ର ଦୁଇଟି ଭେଦ (ସମ୍ଭୋଗ ଓ ବିପ୍ରଲମ୍ଭ) କରିଛନ୍ତି । ଏହି ଦୁଇ ମଧ୍ୟରେ ବିପ୍ରଲମ୍ଭ ଅର୍ଥାତ୍ ବିଚ୍ଛେଦ ବିରହ 'ଶୁଶ୍ରୂବେ ପ୍ରିୟଜନସ୍ୟ କାତରଂ ବିପ୍ରଲମ୍ଭ ପରିଶଂକିନୋ ବଚଃ', ରଘୁ ୧୯/ ୧୮ । ବିଚ୍ଛେଦ ସନ୍ତାପ ପୀଡ଼ାଦାୟକ, କରୁଣ; ବସ୍ତୁତ ହୃଦ୍ୟ । ବିରହାଶ୍ରୁରେ ପ୍ରେମର ଔଜଲ୍ୟ ପ୍ରମାଣିତ ହୁଏ କଷଟି ପଥରରେ ସୁନା ପରି । ବିରହ ଦଶାର ବ୍ୟଥା ବେଦନା ବିଭକ୍ତ କରେ ଆଶା ଓ ଆଶଙ୍କାକୁ ହୃଦୟର ପ୍ରାପ୍ତି ମୋହଗର୍ବରୁ । ଅହରହ ଦ୍ୱନ୍ଦ୍ୱଲୀଳାରେ ଆଚ୍ଛନ୍ନ ରଖେ । ଭାରତୀୟ କାବ୍ୟସଂସାରର ପ୍ରତ୍ୟେକ ଉଚ୍ଚକୋଟୀର କୃତି ଏଣୁ ବିରହର ବର୍ଣ୍ଣନାକୁ ଆଶ୍ରୟ କରୁଥିବାରୁ ଶୃଙ୍ଗାରରସକୁ ନେଇ କାବ୍ୟପରମ୍ପରାର ଶୋଭନାଶ୍ରୟୀ କବିତ୍ୱ ପ୍ରଦର୍ଶନ କରିଛନ୍ତି ତାହା ଦେଖାଇବାର ଅଭିଳାଷ କରିଛନ୍ତି । କିନ୍ତୁ ଏଇ ପ୍ରସଙ୍ଗରେ ବିଶ୍ୱନାଥ କବିରାଜଙ୍କ ଉକ୍ତି । 'କାବ୍ୟାଂରସାତ୍ମକଂ କାବ୍ୟଂ' ବୋଲି ଯାହା ଦର୍ଶାଇ ଏହାର ରସକୁ ଶୃଙ୍ଗାରରସ ମନେକରିବା ସନ୍ଦେହାଶ୍ରିତ ହେଉଛି । ଏହା ଅସାବଧାନତାବଶତଃ ନୁହେଁ ତ ? 'ରସାତ୍ମକଂ' ଯେ ଶୃଙ୍ଗାର କେବଳ ନୁହେଁ, ଏହା ପରବର୍ତ୍ତୀ ଉଲ୍ଲେଖରୁ ଜଣାଯାଏ । ଏହି ଛାନ୍ଦର ଗୋଟିଏ ସୁନ୍ଦର ବ୍ୟାଖ୍ୟା ୧୫ ଓ ୧୬ପଦ । ସିଂହଳ ଦୀପ "କଟକ ଛଟକକୁ ରତ୍ନ ଝଟକରେ ହସେ ଆନ କଟକକୁ" । ଏହାର ପ୍ରଜା ଦରିଦ୍ର ଶବ୍ଦ ମାତ୍ର ଶୁଣିଛନ୍ତି, ଦେଖିନାହାନ୍ତି । ତହୁଁ କବି ଉତ୍ସାହିତ ହୋଇ ବର୍ଣ୍ଣନା କରୁକରୁ କହିପକାଇଲେ-

ଗଜ ହୟ ଉପଜୀବୀ ଭ୍ରମନ୍ତି କେଦାରେ
ମାରାଗ ଜ୍ୟୋତିକି କରି ଜବ ସମାନରେ ଯେ, ୧୫ ।

Digitized by PPRACHIN, SOA

ବାମକର ଗ୍ରହଣୁ ମଣନ୍ତି ଏହୁ ମିଛ,
ଭାବନ୍ତି ଏହୁ ପଥରେ ପଥରେକ ସ୍ୱଛ ଯେ, ୧୬ ।

ତାତ୍ପର୍ଯ୍ୟ ହେଉଛି ସେ କଟକର ପଥ ମାରାଗ ଜ୍ୟୋତି (ପଥର)ରେ ତିଆରି । ହାତୀ ଘୋଡ଼ାର ମାଲିକ ବା ସେମାନଙ୍କ ପାଇଁ ଘାସ କାଟୁଥିବା ଲୋକେ ଘାସ ଆଶାରେ ଯାଇ ପଥରାଜିକୁ କିଆରି ମନେକରି ଭୁଲ୍‌ରେ ଘାସ ବୋଲି ଭାବିନିଅନ୍ତି । ଏ ବିଚାରରେ ବାମହାତ ବଢାଇ ଧରିବାବେଳକୁ ଘାସ କାହିଁ ? ଭ୍ରମ ହେବାର ଏ କଳ୍ପନାର କାବ୍ୟିକ ଅତିଶୟୋକ୍ତି ଯେତିକି ଚମତ୍କାର, ତତୋଽଧିକ ସ୍ୱାଭାବିକତା ପ୍ରସନ୍ନ ହୋଇଛି 'ବାମ କର ଗ୍ରହଣ' ପଦରେ । ରାଜପୁତ୍ର ହେଲେ ବି ଭଞ୍ଜ ଘାସକଟାଳିର ବୃତ୍ତି ଜାଣିଥିଲେ । ବାଁ ହାତରେ ଘାସ ଧରି ଡା'ଣ ହାତରେ କଟାଯାଏ । ନୀଳକଣ୍ଠ ଏଇ ଅତି ସାଧାରଣ କଥାଟି ଜାଣିଛନ୍ତି - ଏଣୁ ଅର୍ଥ କରିଛନ୍ତି ସ୍ୱାଭାବିକ ରୀତିରେ । ମାତ୍ର ଆର୍ତ୍ତବଲ୍ଲଭ କାହିଁକି ଭୁଆଁ ବୁଲାଇବା ପରି ହେଲେ ଏହାର ଅର୍ଥ ବେଳେ ବୁଝିହୁଏନାହିଁ । ଲେଖିଲେ "ବାମ କର ଗ୍ରହଣ" (ବାମ ସ୍ୱାର୍ଥେକ) ପ୍ରତିକୂଳ ଭାବର ବିଷୟର ଘେନା ବା ଆଦର । ବା ବାମାକର - ସ୍ତ୍ରୀର ହାତ ଧରିବା ପରସ୍ତ୍ରୀ ହରଣ - ମିଛ ମଣନ୍ତି (ପାଠାନ୍ତର ଲୋକନାଥ ଧୃତ ପାଠ) ବା ବାମକର ପ୍ରତିକୂଳ ବି ନିଷିଦ୍ଧ ଖଜଣା ନେବା ମିଛ ମଣନ୍ତି ।" ଏ ଅର୍ଥ ପୂର୍ବୋକ୍ତ ଅର୍ଥଠାରୁ ସ୍ୱାଭାବିକ ହେଉନାହିଁ । ରାୟସାହେବ ଲୋକନାଥ ଟୀକାର ପାଠାନ୍ତରରେ ବାମ କର ସ୍ଥଳେ ବାମାକର ଥିବା ଉଲ୍ଲେଖ କରିଛନ୍ତି । ବାମ ଓ ବାମା ମଧ୍ୟରେ ତଫାତ ଉତ୍ପନ୍ନ ହେଲେ ଶ୍ଳେଷାର୍ଥରେ ପଦଟି ଗ୍ରହଣ କରିହୁଅନ୍ତା, କିନ୍ତୁ ପୂର୍ବ ପଦ (୧୫)ର ଭାବରେ ଅସଙ୍ଗତି ଆସିବ । ଯେତେଦୂର ମନେହୁଏ ପଣ୍ଡିତ ନୀଳକଣ୍ଠଙ୍କ ପାଠୋଦ୍ଧାର ଅଧିକ ସୁନ୍ଦର ଓ ସ୍ୱାଭାବିକ । ମାତ୍ର ନୀଳକଣ୍ଠ ୧୭ ପଦରେ ଥିବା 'ବାରବାନି ପଦରେ ଭୁଲ୍ ଅର୍ଥଟି ଦର୍ଶାଇବା ପରି ମନେହୁଏ । ପୂର୍ଣ୍ଣପଦଟି ହେଉଛି -

ଜଉଁ ହେମୁ କମନୀୟ କମ କରେ ହୋଇ
ସେ ଗ୍ରହଣୁ ବାରବାନେ ଦୃକ୍‌ପାତ ନାହିଁ ଯେ ।୧୭ ।

ସିଂହଳରେ ମିଳୁଥିବା ସୁନା ଏପରି ଯେ ସେଥିରେ କମନୀୟ ଅଳଂକାର ବିନା ହତିଆରରେ ତିଆରି କରିହୁଏ । ସେଠାର ଲୋକ ବାରବାନିକି କାହିଁକି ଖାତିର କରିବେ ? ନୀଳକଣ୍ଠ ବାରବାନି ପଦର ଅର୍ଥ କରିଛନ୍ତି ଭେଲମିଶା ସୁନା । ଆର୍ତ୍ତବଲ୍ଲଭ କହିଛନ୍ତି ବାରଥର ନିଆଁରେ ପୋଡ଼ିଥିବା ସୁନା । ଭାଷାକୋଷ ଖାଣ୍ଟିସୁନା ଅର୍ଥ ସହ ରାଧାନାଥଙ୍କ ଉକ୍ତିଟିଏ ଉଦ୍ଧାର କରିଛନ୍ତି- "ନୀଳ ବ୍ୟୋମ ନିକଷେ ହଳଦୀବସନ୍ତ ସୁକାନ୍ତି ସୁନା, ମୁହୁର୍ମୁହୁଃ କଷି କରୁଥାଇ ବାରବାଣୀ ସୁନା ଦର୍ପ ଚୂନା", ଯଯାତିକେଶରୀ । ପଣ୍ଡିତ ନନ୍ଦ ଏହି ଅର୍ଥରେ ଯଯାତିକେଶରୀରୁ ଉଦ୍ଧାର କରିଛନ୍ତି "ଝଳି ଗୌରବପୁ ଆଭାପୁଞ୍ଜ ବାରବାଣି ସୁନା ଦର୍ପ ହରେ (ଶବ୍ଦତତ୍ତ୍ୱ ବୋଧ ଅଭିଧାନ) । କବି ଦୀନକୃଷ୍ଣ ନାମରତ୍ନ ଗୀତାରେ "ଭଲମନ୍ଦ ଦୁଇକଥା ବିଚାରିଣ ଦେଖି, ବାରମାଢ଼ି ସୁନା କି ପିତଳ ସଙ୍ଗେ ଲେଖି" ? ପୁଣି

Digitized by PPRACHIN, SOA

—"ବାରବାନି ସୁନାପ୍ରାୟ ସବୁଦିନେ ଝଳି" (ତତ୍ରୈବ) । ନୀଳକଣ୍ଠଙ୍କ ବ୍ୟତୀତ ଅନ୍ୟତ୍ର ଖାଣ୍ଟି ବା ଉତ୍କୃଷ୍ଟ ସୁନାର ଅର୍ଥ ପ୍ରଶସ୍ତ ହେଉଥିବାସ୍ଥଳେ 'ଭେଲମିଶା' ଅର୍ଥଟି ପାଠକଙ୍କୁ ସନ୍ଦେହରେ ପକାଇବାର ସମ୍ଭାବନା ଅଛି । ମହାକବି ଭଞ୍ଜଙ୍କ ବର୍ଣ୍ଣନା ଅନୂଢ଼ା ନୁହେଁ, ନୀଳକଣ୍ଠ ଆକ୍ଷରିକ ଅର୍ଥ ଦେବାରେ କୁଣ୍ଠିତ ବି ନୁହନ୍ତି । କାରଣ ସୁନା ଏକ ମୌଳିକ ଧାତୁ ଓ ଏହି ଅବସ୍ଥାରେ ତାହା ଅତି ନରମ । ତାର ତାରକୁ ମୋଡ଼ିମାଡ଼ି ବିନା ହତିଆରରେ ସୁନ୍ଦର ଅଳଙ୍କାର ତିଆରି କରିହୁଏ । ଏହି ଅବସ୍ଥାରେ ଖାଦମିଶା ସୁନାରେ ଅଳଙ୍କାର ଯେତେ ସୁନ୍ଦର ହେଲେ ବି ଲୋକଙ୍କ ଖାତିର ନଥାଏ । ସ୍ମରଣୀୟ ଯେ, କୌଣସି କାଳରେ ସୁନାରି ଖାଦ ନମିଶାଇ ସୁନା ଅଳଙ୍କାର ଗଢ଼େନାହିଁ । ଭଞ୍ଜେ ସାଧାରଣରେ ବାରବାନି ସୁନାକୁ ଉତ୍କୃଷ୍ଟ ବା ଖାଣ୍ଟି ସୁନା କୁହାଯାଇଥିବାକୁ ଅସ୍ୱୀକାର କରି କହୁଛନ୍ତି । ଏ କି ସୁନା, ସିଂହଳରେ ଦେଖିବ ସୁନା ହାତରେ ମୋଡ଼ିମାଡ଼ି କମ କରାଯାଇପାରେ । ନୀଳକଣ୍ଠ ଏହି ମର୍ମରେ ପଦର ଅର୍ଥ କରିଛନ୍ତି । ବସ୍ତୁତଃ ଉପରେ ସୂଚିତ ବାରବାନି ଯେ ଅପକୃଷ୍ଟ ସୁନା ତାହା ନୁହେଁ; ଚାଲୁ ଅର୍ଥରେ ତାହା ଖାଦମିଶା । ବାରମ୍ବାର (ଆଠଥର = ଆଠବନି ବା ବାରଥର = ବାରବାନି - ଏପରି ଦୁଇ ପ୍ରକାର ବ୍ୟବହାର) ପୋଡ଼ି ତାହାକୁ ଉଜ୍ଜ୍ୱଳ କରାଯାଏ ବା ଖାଦ ଅଂଶ ଊଣା କରାଯାଏ ।

ଟୀକାକାରଙ୍କ ଇଚ୍ଛାଟିଏ ଲୁକ୍କାୟିତ ଥାଏ । ନୀଳକଣ୍ଠ କାହିଁକି ଏପରି ଇଚ୍ଛା କଲେ ? ଉପୋଦ୍‌ଘାତରେ କହିଛନ୍ତି, ତାଙ୍କ କାଳରେ ଓଡ଼ିଆ ପଢ଼ିବା (ସ୍କୁଲରେ) ଦରକାର ନଥିଲା । ମଧ୍ୟଇଂରାଜୀ ସ୍କୁଲରେ ଯାହା ପଢ଼ାଯାଉଥିଲା ତାହା ଇଂରାଜୀ ବା ବଙ୍ଗଳାର ଅନୁକରଣରେ ହେଉଥିଲା । ଯେଉଁମାନେ ପଢୁଥିଲେ ସେମାନଙ୍କ କଥା ଓ ଲେଖା ଲୋକେ ବୁଝୁନଥିଲେ ଏବଂ ଏପରି ଅବୁଝା ଭାଷା କହିବାକୁ ପିଲାମାନେ ଗୌରବ ଜ୍ଞାନ କରୁଥିଲେ । ଏଥିର କାରଣ ତାଙ୍କ ମତରେ ପ୍ରାଚୀନ ସାହିତ୍ୟ ସମ୍ବନ୍ଧରେ ଅନଭିଜ୍ଞତା । ଉପେନ୍ଦ୍ରଙ୍କ କାବ୍ୟ ଅଳଙ୍କାରଗହନ ଓ ଶବ୍ଦକଠିନତା ସତ୍ତ୍ୱେ ଗୋପବନ୍ଧୁଙ୍କ ଉକ୍ତି ହେତୁ ଅନେକଙ୍କୁ ଟାଣୁଥିଲା । ଏହି ଟାଣିହୋଇ ସେ ୧୯୦୮-ବେଳକୁ ପ୍ରାୟ ଲାବଣ୍ୟବତୀର ବାଳକପାଠ୍ୟ ସଂସ୍କରଣ ତିଆରି କରିଥିଲେ । ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ହେତୁ ସେ ମୂଳର କିଛି କାଟ୍‌ଛାଣ୍ଟ କରିଥିଲେ । ମାତ୍ର ଗ୍ରନ୍ଥ ଖଣ୍ଡିତ ହେବାରୁ କେହି ପ୍ରକାଶକ ଛାପିଲେ ନାହିଁ (ଉପୋଦ୍‌ଘାତ - ପୃ ୨୫) । ଦୁର୍ଭାଗ୍ୟ, ସୁନ୍ଦର ଉଦ୍ଦେଶ୍ୟ ପଣ୍ଡ ହୋଇଗଲା । ଏହି ଉପୋଦ୍‌ଘାତରେ କହିଛନ୍ତି "ଜାତୀୟ ଭାଷା ଜାତୀୟ ସଂସ୍କୃତିର ବିଗ୍ରହ । ପୃଥିବୀରେ ଆଜି ମଧ୍ୟ ଏପରି ଅନେକ ଜାତି ଅଛନ୍ତି, ଯେଉଁମାନଙ୍କ ସଂସ୍କୃତି ନଗଣ୍ୟ । ପାଦ୍ରିମାନେ ସେମାନଙ୍କୁ ବର୍ଣ୍ଣମାଳା ଭାଷାଠାରୁ ଟୋପି କୁରୁତା ପର୍ଯ୍ୟନ୍ତ ଦେଇ ତାଙ୍କ ସଂସ୍କୃତି ତିଆରି କରିବାର ଉଦ୍ୟମ କରୁଛନ୍ତି । ପ୍ରାୟ ତିନିଶ ବର୍ଷ ରାଜନୀତିକ ନିଷ୍ପେଷଣରେ ଓଡ଼ିଆ କଥଞ୍ଚିତ ଆତ୍ମବିସ୍ମୃତ ହୋଇଥିଲେ ମଧ୍ୟ ଭାରତ ଜାତୀୟତାରେ ଓଡ଼ିଆର ପୁଷ୍କଳ ସଂସ୍କୃତି କାଳେ କାଳେ ନିଜର ପ୍ରଭାବ ମିଶାଇ ଆସିଅଛି - ସେହି ସଂସ୍କୃତିର ବିଗ୍ରହ ସ୍ୱରୂପ ସେହି ଇତିହାସର ଆଧ୍ୟାତ୍ମିକ ପୀଠ ସ୍ୱରୂପ ତାହାର ଭାଷା ଅଛି ଏବଂ ସେହି ଭାଷାରେ ହିଁ ଆଶା ଅଛି (ପୃ. ୨୫) ।

Digitized by PPRACHIN, SOA

ଏପରି ଆଶା ସଂସ୍କୃତିରୁ ଉତ୍ପନ୍ନ ହୁଏ ଏବଂ ସଂସ୍କୃତି ଭାଷାର ପରିଧି ଭିତରେ ବର୍ଦ୍ଧମାନ ଗୁଣାତ୍ମକ ମାନ ସାଇତିଦିଏ । ଓଡ଼ିଆ ସାହିତ୍ୟର ପରମ୍ପରା -ପୁରୋଦୃଷ୍ଟି ଓ ପରିସ୍ଥିତି (ଲାବଣ୍ୟବତୀର କବି ପ୍ରସଙ୍ଗରେ ତାଙ୍କ ଉକ୍ତି ) ଏଇପରି ତିନୋଟି ଉପାଦାନକୁ ବିଶ୍ଳେଷଣ କରି ସେ ସବୁବେଳେ ତତ୍ପର ହୋଇଛନ୍ତି । ଜାତି ଇତିହାସ ଓ ଭାଷାର ଇତିହାସ ପରସ୍ପର ଆଶ୍ରୟ ଲଭନ୍ତି, ଏଣୁ ଯେକୌଣସି ନୂତନ ଯୁଗର ଭାଷା ଓ ଶୈଳୀ ପ୍ରାଚୀନ ଗଣ୍ଡି ଭିତରୁ ଫୁଟିଉଠିବା ଦରକାର । ପଣ୍ଡିତ ମହାଶୟ ଶବ୍ଦାଦି ବିଭବରେ ନୂତନତାକୁ ହୁଏତ ଅପସନ୍ଦ କରିନାହାନ୍ତି; କିନ୍ତୁ କ୍ଷୋଭ କରିଛନ୍ତି ମୂଳ ବୈଶିଷ୍ଟ୍ୟରୁ, ଶୈଳୀଗତ ସ୍ୱାତନ୍ତ୍ର୍ୟରୁ ବିଚ୍ୟୁତି ଘଟିଥିବାରୁ । "ଜାତିର ପ୍ରାଚୀନ ସଂସ୍କୃତି ତଥା ଭାଷାର ପ୍ରତିଷ୍ଠିତ ଶୈଳୀ ଅନୁଧାବନ କରିବାକୁ ହେବ । ଏହା ନହେଲେ ବିଜାତୀୟ ଚାପ ପଡ଼ି ବିକାଶ ହ୍ରସ୍ୱ ହେବାର ସମ୍ଭାବନା ।" ୧୯୦୮ରୁ ଏ ଉପଲବ୍ଧିର ଉଦୟ ଘଟି ୧୯୩୦ ବେଳକୁ ଟୀକା ଲେଖିବା ସମୟରେ ବୃଦ୍ଧିପାଇଛି ଏବଂ ୧୯୫୭ରେ ଭଞ୍ଜଜୟନ୍ତୀରେ ଭାଷଣ ଦେବା କାଳକୁ ଆହୁରି ପାଳନ ହୋଇଛି । ତାଙ୍କ ଆଶଙ୍କା ଆଜି ସତ୍ୟରେ ପରିଣତ । ଓଡ଼ିଆ ଭାଷା ନିଜର ଐତିହ୍ୟ ଭୁଲି ସଂସ୍କୃତାଭିମୁଖୀ ହେଲାଣି, ଇଂରାଜୀ ଓ ହିନ୍ଦୀର ଅନାବଶ୍ୟକ ଟୋପି ଆବୃତ୍ତ ହେଲାଣି । ଶବ୍ଦ ଗ୍ରହଣ ଯେତିକି ଦୋଷାବହ ନୁହେଁ, ତା'ଠାରୁ ବହୁଗୁଣ ଦୋଷ ରହିଛି ଭାଷାର ଶୈଳୀ ବିଘଟନରେ । ହଠାତ୍ ବାହାର ଭାଷା ଶବ୍ଦ ଗ୍ରହଣ କରିବା ଅପେକ୍ଷା ନିଜ ଭାଷାରେ ତା'ର ରୂପ ଖୋଜିବା ଯେକୌଣସି ସ୍ୱଦେଶପ୍ରେମୀ ବ୍ୟକ୍ତିର ହୁଅନ୍ତା ପ୍ରଥମ କର୍ତ୍ତବ୍ୟ । ଏହା କହିବାବେଳେ ନୀଳକଣ୍ଠ ଦେଖିଥିଲେ ଭଞ୍ଜଙ୍କୁ ଓ ଆଧୁନିକ କାବ୍ୟକଳାରୁ ଏକ ତୁଳନାତ୍ମକ ଦୃଷ୍ଟିରେ । ଭଞ୍ଜଙ୍କୁ ଅନୁକରଣ କରିବା ପରି କାବ୍ୟକଳା ଭଞ୍ଜସାହିତ୍ୟରେ ନାହିଁ ଏହା ସତ୍ୟ, ମାତ୍ର ଏକ କାଳର ସାହିତ୍ୟ ଭିତରେ ଜାତୀୟ ସାହିତ୍ୟ ତଥା କାବ୍ୟକଳାର କ୍ରମବିକାଶର ମିଳୁଥିବା ପରିଚୟକୁ ଭ୍ରୂକ୍ଷେପ କରିହେବ ନାହିଁ । "ଜାତୀୟ ଜୀବନର ସ୍ୱାଭାବିକ ଉନ୍ମୁଖତା ଓ ଭୂୟୋବିକାଶ ଏଥିରୁ ସ୍ପଷ୍ଟ ହୁଏ । ଫଳର ପ୍ରାଚୀନ ସଂସ୍କୃତିର ମୂଳଦୁଆ ଉପରେ ନୂତନ ସଂସ୍କୃତି ପ୍ରତିଷ୍ଠିତ ହୁଏ" (ତତ୍ରୈବ) । ଆଉ ଏକ କାରଣ - ସେଇ ଜାତୀୟ ଜୀବନରେ ଶୁଦ୍ଧତାର ପରିଚୟ । ୮ମ ଶତାବ୍ଦୀର ବଜ୍ରଯାନରେ ଥିବା ଭାଷାଭକ୍ଷ୍ୟ ବା ଗମ୍ୟାଗମ୍ୟର ବିଚାରରୁ ପୁରୀ (ଜଗନ୍ନାଥ) ମୁକ୍ତ ଥିଲା । ଉଡ୍ଡୀୟାନ ପୀଠରେ ଗୃହୀତ ଶରୀରସାଧନା ସଂଯମ ଉପରେ ପ୍ରତିଷ୍ଠିତ ଥିଲା । ଏହାର ପ୍ରଭାବ ବହୁଦିନଯାଏ ଅବ୍ୟାହତ ରହିବା ଏବଂ ଚୈତନ୍ୟ ଆଗମନ ପରେ ସହଜିୟା ଧର୍ମର ପ୍ରଭାବ ପଡ଼ିଲା । ଏହାସତ୍ତ୍ୱେ ଭଞ୍ଜ ବିଶୁଦ୍ଧପ୍ରେମ - ଦାମ୍ପତ୍ୟଜୀବନ - ଏକପତ୍ନୀବ୍ରତର ପ୍ରଚାର କରିବସିଲେ । ନୀଳକଣ୍ଠଙ୍କୁ ଏଇଟି ସବୁଠୁ ଅଧିକ ଆକୃଷ୍ଟ କରିଥିବା ପରି ମନେହୁଏ । ତେଣୁ 'ଲାବଣ୍ୟବତୀ' କାବ୍ୟରେ ତାଙ୍କର ଅନୁରାଗ ଅଧିକ । ତେଣୁ ତା'ର ଟୀକା ଓ ଭଞ୍ଜଙ୍କ କବିତ୍ୱର ପ୍ରଶଂସାଗାନ ।

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ଅନାଲୋଚିତ ପ୍ରବନ୍ଧ

ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ

ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ଯୁଗର ମହାନାୟକ, ବିଶିଷ୍ଟ ଜାତୀୟ କବି, ପ୍ରବୀଣ ଶିକ୍ଷାବିତ୍, ଗୀତାଭାଷ୍ୟର ପ୍ରବକ୍ତା, ଯଶସ୍ୱୀ ପ୍ରାବନ୍ଧିକ, ପ୍ରଖ୍ୟାତ ସମାଜ ସଂସ୍କାରକ, ସର୍ବୋପରି ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି । ବିଂଶ ଶତକର ଦ୍ୱିତୀୟ ଦଶକରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପରେ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ସାମିଲ ହୋଇ ସତ୍ୟବାଦୀଠାରେ ମଣିଷ ଗଢ଼ା କାରଖାନାର ସେ ହେଲେ ଅନ୍ୟତମ ବିନ୍ଧାଣି । ବିଦ୍ୟାଳୟ ଅଧ୍ୟୟନ କାଳରେ ପଣ୍ଡିତ ନୀଳକଣ୍ଠଙ୍କ ସ୍ରଷ୍ଟା ଜୀବନର ଅୟମାରମ୍ଭ ହୋଇଥିଲେ ହେଁ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତା କାଳରୁ ହିଁ ତାଙ୍କ ସାହିତ୍ୟିକ ଜୀବନର ବାସ୍ତବ ବିକାଶ ଘଟିଥିଲା । ଏହିକାଳରେ ସତ୍ୟବାଦୀର ଛାତ୍ରମାନଙ୍କୁ ଶିକ୍ଷାଦାନ ଅବସରରେ ପ୍ରାର୍ଥନା ସଙ୍ଗୀତ, କାବ୍ୟ-କବିତା, ପ୍ରବନ୍ଧାଦି ରଚନା ପାଇଁ ଯେଉଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିଲା- ପଣ୍ଡିତ ନୀଳକଣ୍ଠ ତାହାର ସଦୁପଯୋଗ କରିଥିଲେ । ସେ ଥିଲେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର । ଓଡ଼ିଶାର ଇତିହାସ, କିମ୍ବଦନ୍ତୀ, ପୁରାଣ, ଧର୍ମ, ରାଜନୀତି, ସାହିତ୍ୟ, ସଂସ୍କୃତି ପ୍ରତି ତାଙ୍କର ଗଭୀର ଶ୍ରଦ୍ଧାଭାବ ରହିଥିଲା । ଊନବିଂଶ ଶତକରେ ଅଶିକ୍ଷା ଜନିତ ଅନ୍ଧକାର ଫଳରେ ଉତ୍କଳୀୟ ସମାଜରେ ଯେତେସବୁ କୁସଂସ୍କାର ଭରିରହିଥିଲା, ପଣ୍ଡିତ ନୀଳକଣ୍ଠ ସେସବୁ ବିରୋଧରେ ସ୍ୱର ଉତ୍ତୋଳନ ସହିତ ନିଜ ରଚିତ ପ୍ରବନ୍ଧମଧ୍ୟରେ ତାଙ୍କର ପ୍ରତିକ୍ରିୟାକୁ ପ୍ରକାଶ କରିଥିଲେ । ବିଂଶ ଶତକର ପ୍ରଥମ ଭାଗରେ ଗୋପବନ୍ଧୁଙ୍କ ସହିତ ଏକତ୍ର ହୋଇ ସମଗ୍ର ଉତ୍କଳୀୟ ମାନବଙ୍କୁ ଜାତୀୟ ମନ୍ତ୍ରରେ ଦୀକ୍ଷିତ କରିବା ପାଇଁ ସେ ରଚନା କରିଥିଲେ 'ପ୍ରଣୟିନୀ', 'କୋଣାର୍କେ', 'ଖାରବେଳ', 'ଦାସନାଏକ' ପରି ଜାତୀୟବାଦୀ କାବ୍ୟ । ନୀଳକଣ୍ଠ ଥିଲେ 'ନବଭାରତ' ସମେତ ଏକାଧିକ ପତ୍ରିକାର ଜଣେ ଯୋଗ୍ୟ ସଂପାଦକ । ସତ୍ୟବାଦୀ ବନବିଦ୍ୟାଳୟର ଜଣେ ଶିକ୍ଷକ ଭାବରେ ଛାତ୍ରମାନଙ୍କୁ ଶିକ୍ଷାଦାନ ଅବସରରେ ତାଙ୍କର ସାହିତ୍ୟିକ ଜୀବନର ଯଥାର୍ଥ ଅୟମାରମ୍ଭ ହୋଇଥିଲା । 'ନବଭାରତ'ର ସଂପାଦନା ମଧ୍ୟ ଦେଇ ସ୍ରଷ୍ଟା ଜୀବନର ବିକାଶ ଏବଂ ଓଡ଼ିଶାର ସଂସ୍କୃତି, ପରମ୍ପରା, ଜୀବନଧାରା ଚର୍ଚ୍ଚାମଧ୍ୟରେ ତାଙ୍କ ସାହିତ୍ୟକ ଜୀବନର କ୍ରମ ଉତ୍ତରଣ ଘଟିଥିଲା । ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟିକ ଦିଗନ୍ତ ଯେତିକି ବ୍ୟାପକ ଥିଲା ଓଡ଼ିଶା ରାଜନୀତିରେ ତାଙ୍କର ଅନୁପ୍ରବେଶ ସେତିକି ଗଭୀର ଥିଲା । ମାତ୍ର ରାଜନୀତିକ ନୀଳକଣ୍ଠ ଅପେକ୍ଷା ପଣ୍ଡିତ, ସଂସ୍କୃତିବିତ୍, ସଂସ୍କାରକ, କବିମନୀଷୀ ଏବଂ ପ୍ରାବନ୍ଧିକ ନୀଳକଣ୍ଠ ଭାବେ ସେ ସର୍ବଜନ ପ୍ରଶଂସିତ । ଆମ ସାହିତ୍ୟର ଏହି ମହାନାୟକଙ୍କର

Digitized by PPRACHIN, SOA

ଅନେକ ପ୍ରବନ୍ଧ ଓ ରଚନା ଆଜି ବି ଲୋକଲୋଚନର ଅଗୋଚରରେ । ନୀଳକଣ୍ଠ କେବଳ କେତେଗୋଟି କାବ୍ୟ-କବିତା ବା 'ଗୀତା' (ଭାଷ୍ୟ), 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ', 'ଓଡ଼ିଆ ଭାଷା ଓ ସାହିତ୍ୟ', 'ଓଡ଼ିଆ ବ୍ୟାକରଣ', 'ସଂସ୍କୃତ ଓ ସଂସ୍କୃତି', 'ଆତ୍ମଜୀବନୀ' ପରି ଗ୍ରନ୍ଥ ବା 'ମହାତ୍ମା ଚନ୍ଦ୍ରଶେଖର ସିଂହସାମନ୍ତ', 'ସ୍ତ୍ରୀ ଶିକ୍ଷା', 'ରାଧାନାଥ ଓ ଉତ୍କଳ ସାହିତ୍ୟ', 'ଅଛୁଁ ଓ ହେବୁଁ', 'ନୀତି ଓ ପ୍ରକୃତି', 'ପ୍ରତିଭା ପୂଜା ଓ ପ୍ରତିମା ପୂଜା', 'ମୋ ନିଶ', 'ଆର୍ଯ୍ୟଜୀବନ', 'ଲାବଣ୍ୟବତୀ' ପରି କେତେକ ପ୍ରବନ୍ଧର ସ୍ରଷ୍ଟା ନୁହନ୍ତି; ତାଙ୍କର ସ୍ରଷ୍ଟା ଜୀବନର ବିଭିନ୍ନ ପର୍ଯ୍ୟାୟରେ ସେ ବହୁ ଆଲୋଚନା ସହିତ ଅନେକ ଜୀବନୀଧର୍ମୀ ସ୍ମୃତିଭିତ୍ତିକ ଏବଂ ଧର୍ମ, ଦର୍ଶନ, ଇତିହାସ, ବିଜ୍ଞାନଭିତ୍ତିକ ପ୍ରବନ୍ଧର ଜଣେ ଯଥାଯୋଗ୍ୟ ସ୍ରଷ୍ଟା । ଆଲୋଚନାର ସୀମିତତା ଦୃଷ୍ଟିରୁ ଆମେ ସ୍ରଷ୍ଟାଙ୍କର ଶିକ୍ଷା ଓ ସାହିତ୍ୟଭିତ୍ତିକ ଅଳ୍ପ କେତେଗୋଟି ରଚନାକୁ ଏହି ଆଲୋଚନା ପରିସରଭୁକ୍ତ କରିଛୁ ।

ପଣ୍ଡିତ ନୀଳକଣ୍ଠ ଥିଲେ ପ୍ରବୀଣ ଶିକ୍ଷାବିତ୍ ଓ ସତ୍ୟବାଦୀ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ । ଶିକ୍ଷାର ପ୍ରସାର ନହେଲେ ସମାଜର ସାମଗ୍ରିକ ବିକାଶ ସାଧିତ ହୋଇପାରିବ ନାହିଁ - ଏହା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଏହି ହେତୁ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ରସମାଜ ମାଧ୍ୟମରେ ସେକାଳରେ ଓଡ଼ିଶାର ଯୁବଗୋଷ୍ଠୀଙ୍କୁ ଶିକ୍ଷିତ କରାଇବାର ପ୍ରୟାସ ସେ ଜାରି ରଖିଥିଲେ। ପୁନଶ୍ଚ ଏହି ଯୁବଶକ୍ତି ମାଧ୍ୟମରେ ସେ ନୂତନ ଓ ସଂସ୍କାରମୁକ୍ତ ଭାରତ ଗଠନର ସ୍ୱପ୍ନ ଦେଖିଥିଲେ । ଜାତି ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ନୀଳକଣ୍ଠ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାକୁ ନେଇ ବହୁ ପ୍ରବନ୍ଧ ରଚନା କରିଥିଲେ । ସ୍ରଷ୍ଟାଙ୍କର ଏପରି ରଚନା ମଧ୍ୟରେ ପ୍ରଧାନ ଥିଲା 'ଉତ୍କଳରେ ବିଶ୍ୱବିଦ୍ୟାଳୟ', 'ଓଡ଼ିଆ ସାହିତ୍ୟର ଅପମାନ', 'ଓଡ଼ିଶା ବିଶ୍ୱବିଦ୍ୟାଳୟ', 'ସାହିତ୍ୟରେ ଜାତିର ଇତିହାସ', 'ସାଧୁଭାଷା ଓ ସାହିତ୍ୟ', 'ସାହିତ୍ୟ ସମ୍ମିଳନୀରେ ସଭାପତିଙ୍କ ଅଭିଭାଷଣ', 'ବାରିପଦା ସାହିତ୍ୟ ସମାଜରେ ସଭାପତି ଅଭିଭାଷଣ', 'ଭାଷା ସଂସ୍କାରର ବିଚାର', 'ଭାରତ ସାହିତ୍ୟ ଓ ସାହିତ୍ୟରେ ଜୀବୀଧର୍ମ', 'ବିକ୍ରମାଦିତ୍ୟ ଓ କାଳିଦାସ', 'ସାରଳା ଦାସ', 'ଆଲୋଚନା-ଉପେନ୍ଦ୍ରଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ' ଇତ୍ୟାଦି ।

ପଣ୍ଡିତ ନୀଳକଣ୍ଠଙ୍କ 'ଓଡ଼ିଶା ବିଶ୍ୱବିଦ୍ୟାଳୟ' ଶୀର୍ଷକ ଆଲୋଚନାଟି 'ନବଭାରତ' ୧୩୪୬ ସାଲରେ ପ୍ରକାଶ ପାଇ ଓଡ଼ିଆଙ୍କୁ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସଂପର୍କରେ ସଚେତନ କରାଇଥିଲା । ଏହାପୂର୍ବରୁ ପଣ୍ଡିତ ଗୋପବନ୍ଧୁ ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶ ପାଇଁ ବାରମ୍ବାର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ 'ସତ୍ୟବାଦୀ', 'ସମାଜ' ପ୍ରଭୃତିରେ ଉଠାଇଥିଲେ । ମାତ୍ର ନୀଳକଣ୍ଠ ତାଙ୍କ ଆଲୋଚନା ମଧ୍ୟରେ ଓଡ଼ିଶାରେ କାହିଁକି ବିଶ୍ୱବିଦ୍ୟାଳୟ ଆବଶ୍ୟକ, ବିଶ୍ୱବିଦ୍ୟାଳୟ ସହିତ ପ୍ରାଥମିକ ଶିକ୍ଷାର ବିକାଶ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ବିଶେଷଜ୍ଞଙ୍କ ମତ, ସ୍ୱାଧୀନ ଜୀବନରେ ମୁକ୍ତ ଚିନ୍ତା, ବିଶ୍ୱବିଦ୍ୟାଳୟ

Digitized by PPRACHIN, SOA

ଅଧ୍ୟାପକ ଓ ଛାତ୍ରମାନଙ୍କ ଆଭିମୁଖ୍ୟ ଓ କାର୍ଯ୍ୟ ପ୍ରଭୃତି ସଂପର୍କରେ ପ୍ରବନ୍ଧମଧ୍ୟରେ ସାରଗର୍ଭକ ସୂଚନା ଦେଇଛନ୍ତି । 'ଉତ୍କଳରେ ବିଶ୍ୱବିଦ୍ୟାଳୟ' ଶୀର୍ଷକ ଅନ୍ୟ ଏକ ଆଲୋଚନା (ନବଭାରତ, ମୀନ, ୧୩୪୩ ସାଲ)ରେ 'ଆମ୍ଭେମାନେ ବିଶ୍ୱବିଦ୍ୟାଳୟ କାହିଁକି ଲୋଡୁ ?' ର ଉତ୍ତରରେ ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି- ''ବିଶ୍ୱବିଦ୍ୟାଳୟ ଜାତୀୟ ବିଶେଷତ୍ୱର ଗୋଟିଏ ପ୍ରଧାନ ରକ୍ଷକ । ସେଦିନ ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ଶିକ୍ଷକ ସମ୍ମିଳନୀରେ କହୁଥିଲେ ଯେ ଇଟାଲୀର ଶାସକ ମୁସୋଲିନ ଶିକ୍ଷକ ଓ ଶିକ୍ଷା ମନ୍ଦିର ଦ୍ୱାରା ଇଟାଲୀୟ ଜାତିର ଚରିତ୍ର ବଦଳାଇ ଦେଇ ପାରିଅଛନ୍ତି । ଏହା ଯଦି ସତ୍ୟ ହୁଏ, ତେବେ ଓଡ଼ିଆଙ୍କ ବିଶେଷତ୍ୱ ରକ୍ଷା କରିବା ପାଇଁ ବିଶ୍ୱବିଦ୍ୟାଳୟ ନିଶ୍ଚୟ ଲୋଡ଼ା । କାରଣ ନିଜର ବିଶ୍ୱବିଦ୍ୟାଳୟ ନହେଲେ ଜାତି ମନରେ ଦମ୍ଭ ଆସିବ କାହୁଁ ? ବିଶ୍ୱବିଦ୍ୟାଳୟ ସିନା ଜାତିର ସମସ୍ତ ଶିକ୍ଷକ ଗଢ଼େ । ଆମେ ଯଦି ବାର ଦ୍ୱାର ତେର ପିଣ୍ଡା ହେଉଥିବା ତାହାହେଲେ କେବେହେଲେ ନିଜର ବିଶେଷତ୍ୱ ଫୁଟିବ କି ?'' (ପୃ. ୩୩) ଓଡ଼ିଶାରେ ଜନସାଧାରଣଙ୍କର ଉଚ୍ଚଶିକ୍ଷା ପ୍ରତି ରହିଥିବା ସମକାଳର ସଂକୀର୍ଣ୍ଣ ଦୃଷ୍ଟିକୋଣକୁ ପଣ୍ଡିତ ନୀଳକଣ୍ଠ ଆଲୋଚ୍ୟ ପ୍ରବନ୍ଧ ମଧ୍ୟରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ବିଶ୍ୱବିଦ୍ୟାଳୟଟିଏ ପ୍ରତିଷ୍ଠା ହେଲେ ଗ୍ରାଜୁଏଟ ସଂଖ୍ୟା ବୃଦ୍ଧି ହୋଇଯିବ ଏବଂ ଏପରି ସୃଷ୍ଟିରେ ଲାଭ କ'ଣ ? ପ୍ରଶ୍ନର ଉତ୍ତରରେ ପ୍ରବନ୍ଧ ମଧ୍ୟରେ ସେ ଉଲ୍ଲେଖ କରିଛନ୍ତି- ''ଏହାଦ୍ୱାରା ଜାତୀୟ ଗୌରବ ରକ୍ଷା ହେବ, ଅନ୍ୟମାନଙ୍କ ଆଗରେ ମୁଣ୍ଡ ଟେକି ହେବ । ମଧ୍ୟପ୍ରଦେଶରେ ପ୍ରଥମେ ବିଶ୍ୱବିଦ୍ୟାଳୟ ନଥିଲା । କିନ୍ତୁ ସେମାନେ ଅଚିରେ ବିଦ୍ୟାଳୟ ଗଢ଼ିଲେ । ପ୍ରଥମେ ସେମାନଙ୍କ ଛାତ୍ରସଂଖ୍ୟା ଓଡ଼ିଶାର ଛାତ୍ରସଂଖ୍ୟାଠାରୁ ବେଶି ନଥିଲା । ପୁଣି ଆସାମରେ ବିଶ୍ୱବିଦ୍ୟାଳୟ ନାହିଁ । କିନ୍ତୁ ଆମ୍ଭେମାନେ ଦେଖୁଁ ସେମାନେ ବିଶ୍ୱବିଦ୍ୟାଳୟ ପାଇଁ ବର୍ତ୍ତମାନ ରଡ଼ି ଛାଡ଼ିଲେଣି । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ମଧ୍ୟ ଖାଇବାର ବିଶ୍ୱବିଦ୍ୟାଳୟ ପାଇଁ ତତ୍ପର । ଖାଲି ଓଡ଼ିଶା ପାଇଁ ବିଶ୍ୱବିଦ୍ୟାଳୟ ଲୋଡ଼ା ନାହିଁ ପରା ! କେତେ ଓଡ଼ିଆ ମଧ୍ୟ ଏହିପରି ଭାବନ୍ତି ।'' (ପୃ. ୩୪) ସେ ଏ ସଂପର୍କରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ''ବିଶ୍ୱବିଦ୍ୟାଳୟରେ ବିଦ୍ୟାର ଚର୍ଚ୍ଚା ହେବ ଓ ସେହି ବିଦ୍ୟାରେ ଉତ୍କଳର ବିଶିଷ୍ଟ ବ୍ୟକ୍ତିତ୍ୱ ଓ ଉପେୟ ଭାରତ ତଥା ପୃଥିବୀରେ ଫୁଟିବ । ଏହାହିଁ ମୋଟାମୋଟି ବିଶ୍ୱବିଦ୍ୟାଳୟର ଅର୍ଥ ।''(ପୃ. ୩୯)

ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସଂପର୍କିତ ଚର୍ଚ୍ଚା ସହିତ ନୀଳକଣ୍ଠ ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ । ପ୍ରାଥମିକ ଶିକ୍ଷାର ବିକାଶ ଫଳରେ ରାଷ୍ଟ୍ରରେ ସଂସ୍କାରର ସୂଚନା ମିଳିଥାଏ ଓ ସାକ୍ଷରଙ୍କ ସଂଖ୍ୟା ବୃଦ୍ଧି ହୋଇଥାଏ । ମାତ୍ର ଉଚ୍ଚ ଚିନ୍ତା ଓ ଗବେଷଣାଦିର ମାର୍ଗ ଉନ୍ମୁକ୍ତ କରେ ଉଚ୍ଚଶିକ୍ଷା । ସେଥିପାଇଁ ସେ କାଳରେ ଅନ୍ୟାନ୍ୟ ପ୍ରଦେଶ ପରି ନୀଳକଣ୍ଠ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ । ଆଲୋଚକ ଏ ସଂପର୍କରେ ପ୍ରବନ୍ଧ ମଧ୍ୟରେ ଆହୁରି ଉଲ୍ଲେଖ କରିଥିଲେ ଯେ ବାସ୍ତବରେ ଉଚ୍ଚଶିକ୍ଷାର ବିକାଶ ଘଟିଲେ ମନୁଷ୍ୟ ମଧ୍ୟରେ ସ୍ୱାଧୀନତା ଆସେ ଓ ମୁକ୍ତ ଚିନ୍ତା ତା'

Digitized by PPRACHIN, SOA

ହୃଦୟକୁ ପ୍ରବେଶ କରେ । ମାତ୍ର ଓଡ଼ିଶାରେ ବିଶ୍ୱବିଦ୍ୟାଳୟଟିଏ ପ୍ରତିଷ୍ଠା ହୋଇପାରିନଥିବାରୁ ଏହି ପ୍ରଦେଶରେ କେତେଜଣ ବିଶ୍ୱବିଦ୍ୟାଳୟ ଉପାଧିଧାରୀ ଶିକ୍ଷିତ ବିଦ୍ୟା ପାଇଁ ବିଦ୍ୟାଚର୍ଚ୍ଚା କରନ୍ତି ଓ ଆଉ କେତେଜଣ ବା ନୂତନ ଚିନ୍ତାକୁ ବିଳାସ କରି ଜୀବନ କାଟନ୍ତି ? ବୋଲି ସେ ଓଲଟା ନିନ୍ଦୁକମାନଙ୍କୁ ପ୍ରଶ୍ନ କରିଥିଲେ ।

'ନବଭାରତ'ର ମିଥୁନ ୧୩୪୬ ସାଲରେ ପ୍ରକାଶିତ 'ସାହିତ୍ୟରେ ଜାତିର ଇତିହାସ' ପ୍ରସଙ୍ଗରେ ସ୍ରଷ୍ଟା ଭାରତବର୍ଷରେ ଧାରାବାହିକ ଇତିହାସ ରଚନାର ଅୟମାରମ୍ଭ ହୋଇନଥିବା ପ୍ରସଙ୍ଗ ଉଲ୍ଲେଖ କରି ଆମ ଭାଷାରେ 'ଦୁର୍ଭିକ୍ଷ' ପରି ଶବ୍ଦର କିପରି ଦୁରୂପଯୋଗ କରାଯାଉଛି ସେଥିନେଇ ସେ ଚିନ୍ତା ପ୍ରକଟ କରିଛନ୍ତି । ଭାରତବର୍ଷରେ କୁହାଯାଏ- 'ଅତିଥି ଦେବୋ ଭବଃ' । ଆମର ଯାହା ଖାଦ୍ୟ ଥାଏ, ତାହାର ମୁଖ୍ୟ ଭାଗ ଅତିଥିମାନଙ୍କର । ଏହା ଆମର ଶିଷ୍ଟାଚାରକୁ ପ୍ରକାଶ କରିଥାଏ । ସୁତରାଂ 'ଦୁର୍ଭିକ୍ଷ' ସହିତ ଭିକ୍ଷାର ଅଭାବକୁ ସ୍ରଷ୍ଟା ଯୋଡ଼ିପାରି ନାହାନ୍ତି । ବରଂ ଯେଉଁମାନେ ଲୋକସାହିତ୍ୟ ଓ ମାନବ ଇତିହାସ ଚର୍ଚ୍ଚା କରନ୍ତି ସେହି ସୁଜ୍ଞ ସୁଧୀଜନଙ୍କୁ ସେହିପରି ଶବ୍ଦର ଯଥାଯଥ ବ୍ୟବହାର କରି ଭାଷା ସମୃଦ୍ଧି କରିବା ସହିତ ସାହିତ୍ୟ ମଧ୍ୟ ଦେଇ ଜାତିର ଯଥାର୍ଥ ଇତିହାସ ପ୍ରକାଶ କରିବାକୁ ସେ ନିବେଦନ କରିଛନ୍ତି । ନୀଳକଣ୍ଠଙ୍କର 'ସାଧୁଭାଷା ଓ ସାହିତ୍ୟ' ସମ୍ପର୍କିତ ଆଲୋଚନା ମଧ୍ୟରେ ଓଡ଼ିଆରେ ପ୍ରଚଳିତ ସାଧୁଭାଷା ପ୍ରୟୋଗ କ୍ଷେତ୍ରରେ କିପରି ନାନା ଭ୍ରାନ୍ତି ପରିଲକ୍ଷିତ ହେଉଛି ସେ ତାହାର ଚର୍ଚ୍ଚା ଓ ଆଲୋଚନା କରିଛନ୍ତି । ତାଙ୍କ ମତରେ- ''ସାଧୁ ଭାଷା ସଂସ୍କୃତ ଭାଷା ନୁହେ ବା ସାଧୁ ଶବ୍ଦ ସଂସ୍କୃତ ଶବ୍ଦ ନୁହେ । ସାଧୁ ବୋଇଲେ ଶୁଦ୍ଧ ଅର୍ଥ ହୋଇପାରେ । ମାତ୍ର ଓଡ଼ିଆରେ ଏହି ସାଧୁ କଥାଟି ଏ ଅର୍ଥରେ ପ୍ରାଚୀନ । ଏହାର ବିପରୀତବୋଧକ କଥାଟି ହେଉଛି ସଂସ୍କୃତରେ ଗ୍ରାମ୍ୟଭାଷା । ଓଡ଼ିଶାରେ ସାଧୁଶବ୍ଦଟି ବଡ଼ ପ୍ରାଚୀନ ଓ ପରଂପରାର ପ୍ରତିଷ୍ଠିତ ଭାବରେ ପୂର୍ଣ୍ଣ । ସାଧୁ ବୋଇଲେ ବଣିକ ବା ବେପାରୀ । କଥାରେ ଏହାକୁ ସାଧବ ବା ସାଧୁତ କହୁଥିଲେ । ସାଧବାଣି ବୋହୂ (ଅବଶ୍ୟ ଏବର ତଥାକଥିତ ଓଡ଼ିଆ ବୈୟାକରଣିକ ପଣ୍ଡିତମାନଙ୍କ ମତରେ ଏ ଶବ୍ଦଟି ଅଶୁଦ୍ଧ, ଶୁଦ୍ଧ ଶବ୍ଦଟି ସାଧବବୋହୂ) ଚିତା ମୁରୁଜରେ ବୋଇତ ଲେଖି ଏବେ ମଧ୍ୟ ପପେଇ ଉଆଁସ ବାସି ଦିନ ସକାଳୁ ବନ୍ଦାଇ ଆଣୁଚି । ଏ ସାଧୁ କିଏ ? ଓଡ଼ିଶାରେ କୃଷି ଓ ବାଣିଜ୍ୟ ଏକା ଲୋକ ବା ଜାତିର ବ୍ୟବସାୟ ଥିଲା । ସେହିମାନେ ପୁଣି ଭୂସେନା ଓ ନୌସେନାର କାର୍ଯ କରୁଥିଲେ । ଭୂସେନାର ନାମ ଥିଲା ଖଣ୍ଡାଇତ ବା ଖଣ୍ଡେଇତ ଅର୍ଥାତ୍ ଖଣ୍ଡା ଅଛି ଯାହାର । କିମ୍ବା ଏହା ଖଣ୍ଡାୟତ୍ତ ଏହି ସଂସ୍କୃତି ଶବ୍ଦରୁ ବାହାରିଛି । ଏହାର ଅର୍ଥ ଖଣ୍ଡା ଆୟତ୍ତରେ ଯାହାର ।''(ପୃ.୪୨-୪୩)

ନୀଳକଣ୍ଠ ଓଡ଼ିଆରେ ସାଧୁଭାଷା ଆଲୋଚନା କ୍ରମରେ ଓଡ଼ିଶାରେ ସମକାଳରେ ପାଠ୍ୟପୁସ୍ତକର ଘୋର ବିଭ୍ରାଟ ଲକ୍ଷ୍ୟ କରିଛନ୍ତି । ପ୍ରାବନ୍ଧିକଙ୍କ ଦୃଷ୍ଟିରେ ଯଦି କୌଣସି ଲେଖକଙ୍କ ଭାଷା ଦେଶରେ ସର୍ବତ୍ର ବ୍ୟାପିଯାଏ ତେବେ ହୁଏତ ତାହା ସାଧୁଭାଷା ହୋଇପାରେ । ମାତ୍ର ବିଂଶ ଶତକର ପ୍ରଥମ ତ୍ରିଦଶକ ବେଳକୁ ରାଧାନାଥ ରାୟ ଓ

Digitized by PPRACHIN, SOA

ମଧୁସୂଦନ ରାଓଙ୍କର କିଛି ରଚନାକୁ ବାଦ୍‌ଦେଲେ ଅନ୍ୟ କୌଣସି ସ୍ରଷ୍ଟାଙ୍କର ସୃଷ୍ଟି ସେହି ପରିସରଭୁକ୍ତ ହୋଇପାରିନଥିଲା । ଗଂଜାମୀ ବା ସମ୍ବଲପୁରୀ ଆଲୋଚକ ନିଜ ନିଜର ଆଞ୍ଚଳିକ ବୋଲିରେ ସାହିତ୍ୟ ସର୍ଜନାରେ ମନୋନିବେଶ କରୁଥିଲାବେଳେ ଓଡ଼ିଶାର ପୂର୍ବ, ପଶ୍ଚିମ ବା ଦକ୍ଷିଣକୁ ନେଇ ଭାଷା ଶିକ୍ଷାରେ ଦ୍ୱନ୍ଦ୍ୱ ପରିଲକ୍ଷିତ ହେଉଥିଲା । ପୁଣି ଏହିଭାଷାକୁ କେନ୍ଦ୍ରକରି ଓଡ଼ିଆରେ କିଛି ବ୍ୟାକରଣ ନଥିବାରୁ ତାହା ଭାଷାଶିକ୍ଷାରେ ବିଭ୍ରାଟ ସୃଷ୍ଟି କରୁଥିଲା । ଏଯାବତ୍ ଆମ ଭାଷାରେ ଶବ୍ଦର ପ୍ରକୃତି, ପ୍ରୟୋଗ, ଭାବପ୍ରକାଶ ଶୈଳୀ ଗୋଟିଏ ନିର୍ଦ୍ଦିଷ୍ଟ ମାପକାଠିରେ ସ୍ଥିର ହୋଇପାରିନାହିଁ । ଏପରି ଅବସ୍ଥାରେ ସାଧୁଭାଷା ଚର୍ଚ୍ଚା ସହିତ ସାହିତ୍ୟ ଶିକ୍ଷାର ଆବଶ୍ୟକତା ଦୃଷ୍ଟିରୁ ତାହା କିପରି ସାହିତ୍ୟରେ ସଂଶ୍ଳିଷ୍ଟ ହୋଇପାରିବ, ନୀଳକଣ୍ଠ ଆଲୋଚନା ମଧ୍ୟରେ ଚିନ୍ତାପ୍ରକଟ ସହିତ ଉଲ୍ଲେଖ କରିଛନ୍ତି- ''ଅତଏବ ଓଡ଼ିଶାର ସାଧୁଭାଷା ଅତିଶୀଘ୍ର ଠିକ୍ କରିବାକୁ ହେବ । ଓଡ଼ିଶା ଭାଷାର ପ୍ରକୃତି ଓ ପ୍ରୟୋଗ ବୈଷୟିକ ଭାବରେ ଆଲୋଚନା କରି ବାଟ ଦେଖାଇବାକୁ ହେବ । ଶିକ୍ଷା ବିଭାଗ ତଥା ସାହିତ୍ୟ ସମାଜ ଏଥିରେ ମନ ଦିଅନ୍ତୁ । ପୁଣି ରାଜନୀତିର ପ୍ରଭାବରେ ସାଧୁଭାଷା ଓ ସାହିତ୍ୟର ଗତି ଯେପରି କଳୁଷିତ ନ ହୁଏ ତାହା ଜଗନ୍ତୁ ।''(ପୃ.୪୫)

ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ ଅବସରରେ ୧୯୩୮ ମସିହା ଏପ୍ରିଲ୍ ୨୩ ତାରିଖରେ ସଭାପତି ଆସନ ଅଳଂକୃତ କରି ପଣ୍ଡିତ ନୀଳକଣ୍ଠ ଯେଉଁ ବକ୍ତବ୍ୟ ପ୍ରଦାନ କରିଥିଲେ ତାହାର ଶିରୋନାମା ଥିଲା 'ସାହିତ୍ୟ ସମ୍ମିଳନୀରେ ସଭାପତିଙ୍କ ଅଭିଭାଷଣ' । ସ୍ରଷ୍ଟାଙ୍କର ଏହି ବକ୍ତବ୍ୟ ପରବର୍ତ୍ତୀ କାଳରେ 'ନବଭାରତ' ପତ୍ରିକାର ମୀନ, ୧୩୪୫ ସାଲରେ ଏକ ଦୀର୍ଘ ପ୍ରବନ୍ଧ ଭାବରେ ପ୍ରକାଶ ପାଇ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସାହିତ୍ୟ ସମ୍ମିଳନୀର ସଭାପତି ତଥା ଓଡ଼ିଆ ସାହିତ୍ୟର ଜଣେ ସଚେତନ ସମକାଳୀନ ସ୍ରଷ୍ଟା ଭାବରେ ପଣ୍ଡିତ ନୀଳକଣ୍ଠ ନିଜ ବକ୍ତବ୍ୟରେ 'ଉତ୍କଳ ସାହିତ୍ୟ ସମାଜ'ର ସ୍ଥିତି ଠାରୁ ଆରମ୍ଭ କରି ଆତ୍ମବିକାଶ ଓ ସାହିତ୍ୟ, ସାହିତ୍ୟର ଅର୍ଥ, ସାହିତ୍ୟ ଓ ଭାଷା, ଭାଷାର ସଂକେତ, କିମ୍ବଦନ୍ତୀ ଓ ଅନୁଷ୍ଠାନ, ସାହିତ୍ୟ ବିଜ୍ଞାନ, ଦୁର୍ଗତିର ଦୃଷ୍ଟାନ୍ତ, ଉତ୍କଳ ସାହିତ୍ୟର ସ୍ଥାନ, ଭାରତର ପରମ୍ପରା, ଓଡ଼ିଆ ପ୍ରାଣରେ ପରମ୍ପରାର ସଂକେତ, ଓଡ଼ିଆ ସାହିତ୍ୟ, ଲୋକଭାଷା, ଲୋକ ସାହିତ୍ୟରେ ଅଭାବ, ଆହରଣରେ ଅକ୍ଷମତା, ବିଦ୍ୟାର ପ୍ରକାଶ ଓ ପ୍ରୟୋଗ, ଉଚ୍ଚସାହିତ୍ୟ ପ୍ରଭୃତି ବିଭିନ୍ନ ପ୍ରସଙ୍ଗର ଉପସ୍ଥାପନ ମଧ୍ୟରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ନେଇ ନିଜ ହୃଦୟରେ ଦୀର୍ଘଦିନରୁ ବାଷ୍ପରୁଦ୍ଧ ହୋଇ ରହିଥିବା ବ୍ୟାକୁଳତାକୁ ପ୍ରକାଶ କରିଛନ୍ତି ।

ଓଡ଼ିଶାର ପ୍ରାଚୀନ ସାହିତ୍ୟାନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'ର ମୁମୂର୍ଷୁ ଅବସ୍ଥାକୁ ଲକ୍ଷ୍ୟ କରି ଆଜି, ମୟୂରଭଞ୍ଜ ରାଜାଙ୍କ ସମେତ ଶଶିଭୂଷଣ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠିତ ଏହି ପ୍ରମୁଖ ସାହିତ୍ୟାନୁଷ୍ଠାନର ଭବିଷ୍ୟତ ନେଇ ପଣ୍ଡିତ ନୀଳକଣ୍ଠ ଆଶଙ୍କା ଓ ଚିନ୍ତାବ୍ୟକ୍ତ କରିଛନ୍ତି । 'ସମାଜରେ ମାନବ ବିକାଶର ପ୍ରକାଶକୁ ସାହିତ୍ୟ' ଭାବରେ

Digitized by PPRACHIN, SOA

ଗ୍ରହଣ କରି ମାନବ ଓ ସମାଜକୁ ବାଦ୍ ଦେଇ ସାହିତ୍ୟର ପରିକଳ୍ପନା କରାଯାଇନପାରେ ବୋଲି ନିଜର ବକ୍ତବ୍ୟରେ ସେ ଏଥିନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ମାନବ ବ୍ୟତୀତ ସାହିତ୍ୟ କାହିଁ ? ମାନବ ବିକାଶର ଗତି ସାହିତ୍ୟରେ ପ୍ରକାଶ ପାଏ ଓ ସାହିତ୍ୟରେ ପରୀକ୍ଷିତ ହୁଏ । ସାହିତ୍ୟର ସାମୂହିକ ବିକାଶରେ ଭାଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କଳା, କବିତା, କ୍ରିୟାଦିରେ ଏହି ବିକାଶର ଭିତ୍ତି, ପ୍ରକୃତି ଓ ପରିମାଣର ପରମ୍ପରା ପ୍ରକାଶ ପାଏ । ସୁତରାଂ କଳା, କବିତା ଓ କ୍ରିୟା- ଏସବୁ ସାହିତ୍ୟ ଅନ୍ତର୍ଗତ ହୋଇଥାଏ । ଏ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ଗ୍ରଥିତ କରେ ଭାଷା । ''ଭାଷା ଛଡ଼ା ମାନବ ତଥା ସମାଜ ବିକାଶର ଆଧାର ବା ସାଧନ ନାହିଁ । ସାହିତ୍ୟ କଥା କହିଲା ବେଳେ ତେଣୁ ଭାଷାର ବିଚାର ଅନିବାର୍ଯ୍ୟ ହୋଇପଡ଼େ । ଗଣିତ ଜ୍ୟୋତିଷବିଜ୍ଞାନ ପ୍ରଭୃତିକୁ ସାହିତ୍ୟଠାରୁ ଭିନ୍ନ ବୋଲି ବିଚାର କରିବାର ଏକ ପାରିଭାଷିକ ପଦ୍ଧତି ଅଛି । ମାତ୍ର ଯଥାର୍ଥ ସାହିତ୍ୟ ବିଚାରରେ ସେ ସବୁ ଅଂଗୀଭୂତ- ଗଣିତ ବା ବିଜ୍ଞାନ ଅଲଗା ନୁହେ । ଶିଳ୍ପ , ବିଜ୍ଞାନରୁ ଅଲଗା ହୋଇପାରେ, ମାତ୍ର ଶିଳ୍ପ ବା ବିଜ୍ଞାନ କେହି ସାହିତ୍ୟରୁ ଅଲଗା ନୁହନ୍ତି । କେବଳ ବିଜ୍ଞାନ ଗଣିତ ପ୍ରଭୃତିରେ ଚିନ୍ତା ଅତି ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ, ମାତ୍ର ଦର୍ଶନାଦିର ଯୁକ୍ତିରେ ତାହା ସେପରି ନ ହୋଇ ବିସ୍ତୀର୍ଣ୍ଣ ଓ ଅଂଳକୃତ ଭାଷାରେ ପ୍ରକାଶିତ ହୁଏ । ସେଥିପାଇଁ ପାରିଭାଷିକ ପଦ୍ଧତିରେ ସାହିତ୍ୟ, ଗଣିତ ଓ ବିଜ୍ଞାନାଦିରୁ ଅଲଗା ବୋଲି ସୁବିଧା ପାଇଁ କୁହା ହୋଇଥାଏ ମାତ୍ର ।''(ପୃ.୫୧) ପରିସ୍ଥିତି ଭେଦରେ ଏହି ଭାଷା ସମାଜରେ ନାନା ରୂପରେ ପ୍ରକାଶିତ ଓ ପରିବର୍ତ୍ତିତ ହୁଏ । ଯୁଗରଚି ସହିତ ତାଳଦେଇ ଭାଷା ଗତି କରେ । ଦିନେ 'ସତୀ', 'ଜେନା', 'ମଂଥର' ପ୍ରଭୃତି ଶବ୍ଦ ଉଚ୍ଚାରଣ କାଳରେ ଯାହା ବୁଝାଯାଉଥିଲା ଆଜି ସେସବୁ ଶବ୍ଦ ଆଉ ସେହି ନିର୍ଦ୍ଦିଷ୍ଟ ଅର୍ଥ ପ୍ରକାଶ କରୁନାହାନ୍ତି । ପଣ୍ଡିତ ନୀଳକଣ୍ଠ ସମାଜରେ ପ୍ରଚଳିତ ଏହିପରି ବହୁ ଶବ୍ଦର ଉଦାହରଣ ଆଲୋଚନା ମଧ୍ୟରେ ଦେଇଛନ୍ତି ।

ପ୍ରବନ୍ଧର ଅନ୍ୟ ଏକ ଅଂଶରେ ମାନବ ସାହିତ୍ୟର ବିକାଶ ମଧ୍ୟରେ ସ୍ରଷ୍ଟା ଉତ୍କଳ ସାହିତ୍ୟର ସ୍ଥାନ ନିରୂପଣକୁ ନେଇ ନାନା ପ୍ରଶ୍ନ ଉଠାଇଛନ୍ତି । ଏହି ପର୍ଯ୍ୟାୟରେ ଗଂଷିଆର ଶିଳ୍ପ ଶ୍ରମିକମାନଙ୍କ ସହିତ ଜୟପୁରର ଗାଦବା କିମ୍ବା ଆଇନ୍‌ଷ୍ଟାଇନଙ୍କ ଆବିଷ୍କୃତ ବିଶ୍ୱତତ୍ତ୍ୱର ଆପେକ୍ଷିକତାକୁ ସେ ଉଦାହରଣ ଭାବେ ଗ୍ରହଣ କରିଛନ୍ତି । ଯେତେବେଳେ ମାନବ ସମାଜରୁ କଳ୍ପନା ଛିଣ୍ଡି ଛିଣ୍ଡି ଯାଉଛି, ପରିସ୍ଥିତି ବିଘଟନ ହେଉଛି- ସେତିକିବେଳେ ମାନବର ସାମଗ୍ରିକ ବିକାଶରେ ଉତ୍କଳ ସାହିତ୍ୟ ପରି ଏକ ଦେଶୀ ସାହିତ୍ୟର ମାପ ଠିକ୍ ନଥିଲେ ସବୁକଥା ଇତସ୍ତତଃ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦେଇପାରିନାହାନ୍ତି ପଣ୍ଡିତ ନୀଳକଣ୍ଠ । ଏହା ସହିତ ବିଶ୍ୱସାହିତ୍ୟ ଓ ଭାରତୀୟ ସାହିତ୍ୟର ବିକାଶ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ସ୍ୱାତନ୍ତ୍ର୍ୟ ଦୃଷ୍ଟି ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ପରିସ୍ଥିତିକୁ ଦୃଷ୍ଟି ନ ଦେଇ, ପରିସ୍ଥିତି କଥା ଭୁଲିଯାଇ ଅନ୍ୟର ଅନୁକରଣର ବଶବର୍ତ୍ତୀ ହୋଇ ସମତା ଓ ଶ୍ରୀବୃଦ୍ଧି ପାଇଁ ଉଦ୍ୟମଶୀଳ ହେଲେ କେବଳ ଓଡ଼ିଆ ସାହିତ୍ୟ କାହିଁକି, ମାନବ ସାହିତ୍ୟ ଓ

Digitized by PPRACHIN, SOA

ସଭ୍ୟତାର ସମଷ୍ଟିଗତ ବ୍ୟକ୍ତିତ୍ୱ ଓ ବିକାଶ ପଥ କଣ୍ଠରୋଧ ହେବାର ଉଜ୍ଜ୍ୱଳ ସମ୍ଭାବନା ରହିଛି ବୋଲି ପ୍ରବନ୍ଧ ମଧ୍ୟରେ ନୀଳକଣ୍ଠ ଆମ ସମାଜକୁ ସତର୍କବାଣୀ ଶୁଣାଇଛନ୍ତି ।

ପରମ୍ପରାରେ ବିଶ୍ୱାସୀ ନୀଳକଣ୍ଠ ତାଙ୍କ ସାହିତ୍ୟ ମଧ୍ୟରେ ବାରମ୍ବାର ପରମ୍ପରାର ଚର୍ଚ୍ଚା କରିଛନ୍ତି । ଧନୀ-ନିର୍ଦ୍ଧନ, ନାରୀ-ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆ ପରମ୍ପରାରେ ବିଶ୍ୱାସୀ ହେବା ଓ ପରମ୍ପରାକୁ ନେଇ ଗର୍ବ କରିବାକୁ ସେ ପ୍ରବନ୍ଧ ମଧ୍ୟରେ ଆହ୍ୱାନ ଦେଇଛନ୍ତି । ସେଥିପାଇଁ ସିଂହଭୂମିଠାରୁ ଷଢ଼େଇକଳାର ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନେ ଓଡ଼ିଶାକୁ ଆସି ଉତ୍କଳ ଆତ୍ମାରେ ନିଜ ଆତ୍ମାକୁ ମିଶାଇବାର ଉଦ୍ୟମ କରୁଛନ୍ତି । ଦକ୍ଷିଣୀ ଓଡ଼ିଆ ଧନୀ ମାନ୍ଦ୍ରାଜ ସରକାରଙ୍କୁ ଉପେକ୍ଷା କରି କ୍ଷୁଧା ଓ ଦାରିଦ୍ର୍ୟ ସତ୍ତ୍ୱେବି ଓଡ଼ିଶାରେ ମିଳିତ ହେବାକୁ ନିଜର ପ୍ରୟାସ ଜାରି ରଖିଛନ୍ତି । ଜୟଦେବଙ୍କ ମଧ୍ୟରେ ଓଡ଼ିଆତ୍ୱ ସ୍ୱୀକୃତ କରାଇ ଓ ଖାରବେଳଙ୍କ ସମୟର ଓଡ଼ିଶା ଇତିହାସର ସ୍ମୃତିକୁ ମନେପକାଇ ଓଡ଼ିଆର ପରମ୍ପରାକୁ ଦୃଢ଼, ସରସ ଓ ଜୀବନ୍ତ କରିବାକୁ ପ୍ରୟାସୀ ହୋଇଛନ୍ତି ନୀଳକଣ୍ଠ ।

ଆଲୋଚ୍ୟ ଦୀର୍ଘ ପ୍ରବନ୍ଧମଧ୍ୟରେ ଓଡ଼ିଆ ସାହିତ୍ୟ ସଂପର୍କରେ ସୂଚନା ଦେଇ ପଣ୍ଡିତ ନୀଳକଣ୍ଠ ଶୂନ୍ୟ, ବିନ୍ଦୁ, ନାଦଠାରୁ ଆରମ୍ଭ କରି ସଂକେତତତ୍ତ୍ୱ ମଧ୍ୟଦେଇ ଓଡ଼ିଆ ସାହିତ୍ୟ କିପରି ସଂକେତରେ ପରିପୂର୍ଣ୍ଣ ତାହା ପଞ୍ଚସଖା ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ ପ୍ରଭୃତିଙ୍କ ସୃଷ୍ଟିର ଉଦାହରଣ ମଧ୍ୟରେ ପ୍ରକାଶ କରିଛନ୍ତି । ଆମ ସାହିତ୍ୟରେ ପ୍ରାକୃତ ସାଧନା ଓ ଦେବଦାସୀ ପ୍ରସଙ୍ଗ ଉଲ୍ଲେଖ ସହିତ ଜଗନ୍ନାଥଙ୍କ ମାଧ୍ୟମରେ କିପରି ସମଗ୍ର ବିଶ୍ୱରେ ମୈତ୍ରୀବୋଧ ପ୍ରତିଷ୍ଠାରେ ଓଡ଼ିଆ ସାହିତ୍ୟର ସ୍ୱରୂପ ପ୍ରକଟ ହୋଇଛି ତାହା ଓଡ଼ିଆ ସାହିତ୍ୟର ଆଲୋଚନା ମଧ୍ୟରେ ଏହି ପର୍ଯ୍ୟାୟରେ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି । ଓଡ଼ିଆ ପ୍ରବାଦ, ପ୍ରବଚନାଦି ମଧ୍ୟରେ ଲୋକକଳା, ସାହିତ୍ୟ, ସଂସ୍କୃତିର ବୈଶିଷ୍ଟ୍ୟ ପ୍ରତିପାଦିତ ହେଲାବେଳେ ଓଡ଼ିଆ କଳାକଳ୍ପନା ମଧ୍ୟଦେଇ କିପରି ବିଶ୍ୱ ମାନବିକତା ପ୍ରକାଶ କରିଛି, ନୀଳକଣ୍ଠ ଆଲୋଚ୍ୟ ପ୍ରବନ୍ଧ ମଧ୍ୟରେ ତାହାର ସୂଚନା ଦେଇଛନ୍ତି । ଓଡ଼ିଆ ଲୋକଭାଷା, ଏହାର ଛାନ୍ଦ, ପ୍ରକାଶଶୈଳୀରେ ସ୍ୱାତନ୍ତ୍ର୍ୟ ଯୋଗୁଁ ଓଡ଼ିଆ ସାହିତ୍ୟର ମର୍ଯ୍ୟାଦା ବୃଦ୍ଧିପାଇଛି । ଦୀର୍ଘ ପ୍ରବନ୍ଧ ମଧ୍ୟରେ ସେ ଏକଥାର ମଧ୍ୟ ଉଲ୍ଲେଖ କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ତା.୨୩.୦୪.୧୯୪୦ ରିଖରେ 'ବାରିପଦା ସାହିତ୍ୟ ସମାଜ'ର ଷଷ୍ଠ ବାର୍ଷିକ ଅଧିବେଶନରେ ସଭାପତି ଭାବରେ ଯୋଗଦେବା ଅବସରରେ ଯେଉଁ ବକ୍ତବ୍ୟ ରଖିଥିଲେ ତାହା ପରବର୍ତ୍ତୀ କାଳରେ 'ବାରିପଦା ସାହିତ୍ୟ ସମାଜରେ ସଭାପତି ଅଭିଭାଷଣ' ଶିରୋନାମାରେ 'ନବଭାରତ'ର କୁମ୍ଭ, ୧୩୪୭ ସାଲ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । 'ବାରିପଦା ସାହିତ୍ୟ ସମାଜ' ୧୯୩୩-୩୪ ମସିହାରେ ମୟୂରଭଞ୍ଜ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସ୍ୱୟଂସମ୍ପୂର୍ଣ୍ଣ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ । ଏହି ଅନୁଷ୍ଠାନ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ନାଟକ ଅଭିନୟ, ସଂଗୀତଚର୍ଚ୍ଚା ଓ ସାହିତ୍ୟ ସମାଲୋଚନା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଏହି ସାହିତ୍ୟ

Digitized by PPRACHIN, SOA

ସମାଜ ପକ୍ଷରୁ ଆୟୋଜିତ ଉତ୍ସବରେ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ସେଦିନ ଯେଉଁ ବକ୍ତବ୍ୟ ରଖିଥିଲେ ତାହା ମୁଖ୍ୟତଃ ଓଡ଼ିଆ ସାହିତ୍ୟର ପ୍ରାଚୀନ ପରମ୍ପରା, ସାଂପ୍ରତିକ ଓଡ଼ିଆ ସାହିତ୍ୟ, ବାରିପଦା ସାହିତ୍ୟ ସମାଜର ଉପଯୋଗିତା, ସ୍ୱାଧୀନ ସାହିତ୍ୟ ଓ ରାଜତନ୍ତ୍ର, କଳା ଓ କଥା, ସାହିତ୍ୟରେ ବ୍ୟକ୍ତିତ୍ୱ, ଓଡ଼ିଆର ବିଶେଷତ୍ୱ, ଓଡ଼ିଆ କଥାସାହିତ୍ୟ, ଓଡ଼ିଆଭାଷାର ଆଭିଜାତ୍ୟ ଓ ଆଦିମ ପ୍ରକାଶ, ସଂସ୍କୃତିର ଆକ୍ରମଣ, ସାରଳା ଦାସ ଓ ଆଦି ବୈଷ୍ଣବ ସାହିତ୍ୟ, ଆଧୁନିକ ଯୁଗ ଓ ଅନୁକରଣରେ କୃତ୍ରିମତା, ସମାଲୋଚନା ସାହିତ୍ୟ ଓ ସର୍ଜନକଳା, ବଙ୍ଗ ସଙ୍ଗେ ତୁଳନା ଓ ଓଡ଼ିଶାରେ କଳନା ଇତ୍ୟାଦି ସାହିତ୍ୟ ସଂସ୍କୃତିର ବିଭିନ୍ନ ଦିଗ ଉପରେ ପର୍ଯ୍ୟବସିତ ଥିଲା ।

ସମକାଳୀନ ଜଟିଳ ପରିସ୍ଥିତିର ପ୍ରଭାବରେ ସାହିତ୍ୟ ସହିତ ସମାଜରେ ଯେଉଁ କୃତ୍ରିମତା ପ୍ରବେଶ କରି ଉଭୟ ସାହିତ୍ୟ ଓ ସମାଜକୁ ଗ୍ରାସ କରିଥିଲା, ପଣ୍ଡିତ ନୀଳକଣ୍ଠ ଆଲୋଚନା ସଭା ପ୍ରାରମ୍ଭରେ ନିଜର ବ୍ୟସ୍ତତା ପ୍ରକଟ କରିବା ସହିତ ପଡ଼ୋଶୀ ବଙ୍ଗଳା ଓ ତେଲୁଗୁ ସମାଜର କଥାକୁ ମନେ ପକାଇଥିଲେ । "ବଙ୍ଗଳାରେ ଏପରି କହୁଚନ୍ତି, ଆମର ସେଇପରି ଅଛି ବୋଲି ଦେଖାଇ ଦେବାକୁ ହେବ । ତେଲେଙ୍ଗାରେ ଅମୁକ ରାଜା ବା ଧନପତି ସାହିତ୍ୟକୁ ଏତେ ଲକ୍ଷ ଟଙ୍କା ଦେଇଚନ୍ତି, ଆମର ମଧ୍ୟ ସାହିତ୍ୟ ସମାଜ ପାଇଁ ଟଙ୍କା ଚାନ୍ଦା କରିବାକୁ ହେବ । ଏଇ ଦୃଷ୍ଟିରେ ନାନା ବିଭାଗରେ କାମ ଦେଖାଇବାର ଉଦ୍ୟମ ଖୁବ୍ ହେଉଚି । ସେଇ ଉଦ୍ୟମର ପ୍ରେରଣାରେ ମଧ୍ୟ କାବ୍ୟ, ନାଟକ, ଉପନ୍ୟାସ ସବୁ ଲେଖାଯାଉଚି; ପ୍ରବନ୍ଧ ପାଇଁ ପୁରସ୍କାର ଦିଆ ହେଉଚି ଓ ପୁରସ୍କାରର ପ୍ରବନ୍ଧ ସେଇ ଦୃଷ୍ଟିର ପ୍ରଭାବରେ ମଧ୍ୟ ଲେଖାଯାଉଚି । ପ୍ରାଚୀନ ପୁସ୍ତକ ସଂଗ୍ରହ ଓ ପ୍ରକାଶ ପାଇଁ କମିଟି ଗଢ଼ାଯାଉଚି । କେତେଖଣ୍ଡ ତାଳପତ୍ର ପୋଥି ମଧ୍ୟ ସଂଗ୍ରହ କରାଯାଉଚି । ମିଉଜିୟମ୍ ହେଉଚି । ଗବେଷଣାର ଅନୁଷ୍ଠାନ ବା ଏକାଡ଼େମୀ ତିଆରି ହେଉଚି ।"(ପୃ.୮୩) ମାତ୍ର ଏସବୁମଧ୍ୟରେ ଆମ ସାହିତ୍ୟ ଓ ସ୍ୱାଭାବିକ ଜୀବନ ବିକାଶର ସ୍ପଷ୍ଟ ସଂକେତ ନୀଳକଣ୍ଠ ପାଇପାରିନାହାନ୍ତି । କେତେଜଣ ମୁଷ୍ଟିମେୟ ଗବେଷକ ଭୁବନେଶ୍ୱର ଅନ୍ତର୍ଗତ କପିଳେଶ୍ୱରରେ ବୁଦ୍ଧଙ୍କ ଜନ୍ମଭୂମି କପିଳାବସ୍ତୁର ସନ୍ଧାନ କରି ସେହିଭିତରେ ଆତ୍ମହରା ହୋଇପଡ଼ିବା, ଜୟଦେବଙ୍କୁ ଓଡ଼ିଆ ନ କହି ବଙ୍ଗାଳୀ କହିବା, କୋଣାର୍କକୁ ଓଡ଼ିଆ ଶିଳ୍ପ ନ କହି ବଙ୍ଗାଳୀ ଶିଳ୍ପ କହିବାରୁ ଗ୍ରାମ୍ୟ ଗାଳିକୁ ଧରି ଆମ ପ୍ରାବନ୍ଧିକମାନେ ଓଡ଼ିଆ ପ୍ରବନ୍ଧ ମଧ୍ୟରେ ପ୍ରତିବାଦ ଜଣାଇଛନ୍ତି । ୟୁରୋପର କେହି ଗବେଷକ କେଉଁଦିନ ଅବାନ୍ତର ଭାବରେ ଓଡ଼ିଆ ସମ୍ବନ୍ଧରେ ଶବ୍ଦଟିଏ ଲେଖିଦେଇ କିମ୍ବା ଜାଭା, ବାଲି ପ୍ରଭୃତି ଶିଳ୍ପ ସଭ୍ୟତାକୁ ଓଡ଼ିଶାର ଅତୀତ ସହିତ ନ ଯୋଡ଼ିବାରୁ ଆମେ ବିଚାରିଛୁ ତାହା ନିତାନ୍ତ ଭାବେ ଓଡ଼ିଆ ହେବାର କଥା ବୋଲି । ମାତ୍ର ଏସବୁକୁ ଓଡ଼ିଶାଭୁକ୍ତ କରିବା ବା ଓଡ଼ିଶାର ବୋଲି ଦାବି କରିବା ପାଇଁ ଆମ ଭିତରେ ଯେତିକି ବୈଜ୍ଞାନିକ ଓ ଯୁକ୍ତିନିଷ୍ଠ ଆଲୋଚନା ହେବା କଥା ତାହା କାଇଁ ? ଏଥିପାଇଁ ନୀଳକଣ୍ଠ ସମକାଳୀନ ଓଡ଼ିଆଙ୍କୁ ଦୋଷାରୋପ କରିବା ସହିତ ଆମ ସାହିତ୍ୟ ଓ ସମାଜରେ ତାହାର ମୂଳଦୁଆ ପଡ଼ିପାରି ନଥିବାରୁ ଆଲୋଚିତ ପ୍ରବନ୍ଧ ମଧ୍ୟରେ ଖେଦୋକ୍ତି ପ୍ରକାଶ କରିଛନ୍ତି । ଓଡ଼ିଆ ସାହିତ୍ୟ ବିଶେଷତଃ ପ୍ରାଚୀନ ଓଡ଼ିଆ

Digitized by PPRACHIN, SOA

ସାହିତ୍ୟରେ ରହିଥିବା କୃତ୍ରିମତାକୁ କବି ମନୀଷୀ ଖୁବ୍ ଦୃଢ଼ ଭାବରେ ବିରୋଧ କରିବା ସହିତ ଓଡ଼ିଆ ବୈଷ୍ଣବ ସାହିତ୍ୟ ସହିତ ଭଞ୍ଜ ସାହିତ୍ୟରେ କୃତ୍ରିମତା ଭରପୁର ରହିଛି ବୋଲି ନିର୍ଭୀକ ଭାବରେ ଆଲୋଚ୍ୟ ପ୍ରବନ୍ଧରେ ଉଦାହରଣ ମାଧ୍ୟମରେ ସ୍ୱମତ ପ୍ରତିପାଦନ କରିଛନ୍ତି । ସ୍ରଷ୍ଟା ଉଲ୍ଲେଖ କରିଛନ୍ତି - ''ଲିଖିତ ସାହିତ୍ୟ ଦେଖିଲେ ଦେଖାଯିବ ଓଡ଼ିଶାର ବୈଷ୍ଣବ ସାହିତ୍ୟ କାଳରୁ ଏହି କୃତ୍ରିମତାର ଧାରା ପଡ଼ି ଆସୁଚି । ସେଇ ବୈଷ୍ଣବ ସାହିତ୍ୟ ଓଡ଼ିଆର ଯଥାର୍ଥ ଧର୍ମ ମୂଳତଃ ପ୍ରକାଶ କରି ପାରିନାଇଁ; ଭଞ୍ଜ ଯୁଗର କାବ୍ୟ ସାହିତ୍ୟରେ ରଜାଘର ବର୍ଣ୍ଣନା କରି ଦେଖାଇବାର ପ୍ରୟାସ ହୋଇଚି । କିନ୍ତୁ ସେଥିରେ ରଜା ନାଇଁ କି ଘର ନାଇଁ ।''(ପୃ-୮୪)

କବିବର ରାଧାନାଥଙ୍କୁ ତୀବ୍ର ଭାବରେ ସମାଲୋଚନା କରିବାକୁ ଯାଇ ପଣ୍ଡିତ ନୀଳକଣ୍ଠ ଆଲୋଚନା ମଧ୍ୟରେ ଆହୁରି ପ୍ରକାଶ କରିଛନ୍ତି – ''ରାଧାନାଥଙ୍କ କାବ୍ୟଗୁଡ଼ିକରେ ଯଥାର୍ଥ ଓଡ଼ିଆର ଚିତ୍ର ମିଳେନାଇଁ । ଉଷା, କେଦାରଗୌରୀ, ଯଯାତି ଓ ପାର୍ବତୀ ପରି କାବ୍ୟ ସବୁ ଦେଖିଲେ ସେଥିରେ ଓଡ଼ିଆ ସଭ୍ୟତା, ଜୀବନ, ଆଦର୍ଶ, ବ୍ୟବହାର ପ୍ରଭୃତି କିଛି ସ୍ୱଷ୍ଟ ହୃଦୟରେ ଅଙ୍କିତ ହୁଏ ନାଇଁ । ସେ ସବୁର କଥାବସ୍ତୁ ପର୍ଯ୍ୟନ୍ତ ଓଡ଼ିଆ ଭୂମିରୁ ଫୁଟି ନାଇଁ । ଆଉରି ନବୀନ ଯୁଗରେ ମଧ୍ୟ ଗୀତ, କାବ୍ୟ, ଉପନ୍ୟାସ, ନାଟକ ସବୁଥିରେ ବେଳେ ବେଳେ ଧକ୍କା ମାରି ଭର୍ତ୍ତି କଲାଭଳି ଅତି ସ୍ୱଷ୍ଟ ଅନୁକରଣ ଦେଖାଯାଏ । ଭାଷାରେ ମଧ୍ୟ ସେଇପରି ଅଯଥା ଅନୁକରଣ ଖୁବ୍ ପଶିଯାଉଚି ।'' (ପୃ-୮୫) ସୁତରାଂ 'ବାରିପଦା ସାହିତ୍ୟ ସମାଜ' ପ୍ରତିଷ୍ଠାର ଉପଯୋଗିତା ଓ ଆବଶ୍ୟକତାକୁ ସେ ସ୍ୱୀକାର କରି ଅସ୍ଥିରତା, ଅସହାୟତା ଓ ଘୋର ଦୁର୍ବିପାକ ମଧ୍ୟରେ ଓଡ଼ିଆ ସାହିତ୍ୟ ଯେପରି ରହି ଆସିଛି ତାହାକୁ ସେ ସ୍ୱୀକାର କରିଛନ୍ତି ଏବଂ ବାରିପଦାର ଭଞ୍ଜ ଭୂମିରୁ ସାହିତ୍ୟ ଗବେଷଣାର ଶୁଦ୍ଧତା, ବୈଜ୍ଞାନିକ ଧାରା ସମେତ ଜାତୀୟ ଆଲୋଚନାକୁ ପ୍ରସ୍ଫୁଟିତ କରିବା ପାଇଁ ଏହି ସାହିତ୍ୟ ସମାଜ ମାଧ୍ୟମରେ ଯେପରି ପଯନ୍ କରାଯାଇଛି ସେଥିପାଇଁ ସେହି ଅନୁଷ୍ଠାନର ଭୂମିକାକୁ ସେ ପ୍ରଶଂସା କରିଛନ୍ତି । ବାରିପଦା ଭଞ୍ଜଭୂମିର ପ୍ରେରଣାରେ ରାଖାଲ୍ ଦାସ ବନ୍ଦ୍ୟୋପାଧ୍ୟାୟ, ପଣ୍ଡିତ ବିନାୟକ ମିଶ୍ର, ପରମାନନ୍ଦ ଅଧିକାରୀ ପ୍ରମୁଖ ଐତିହାସିକ ଉଦ୍‌ବୁଦ୍ଧ ହୋଇ ବୈଜ୍ଞାନିକ ପଦ୍ଧତିରେ ଓଡ଼ିଶାର କଳା, ସାହିତ୍ୟ ଏବଂ ଇତିହାସ ରଚନାରେ ପ୍ରୟାସୀ ହୋଇଥିବା ବେଳେ 'ଉତ୍କଳ ପ୍ରଭା' ପରି ସାହିତ୍ୟ ପତ୍ରିକାର ଜନ୍ମ ମଧ୍ୟ ଏହି ଭଞ୍ଜ ଭୂମିରେ ଘଟି କଳା, ସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି ସାଧନରେ ସହାୟକ ହୋଇଛି । ଓଡ଼ିଶାର ପ୍ରଥମ ଉପନ୍ୟାସ 'ପଦ୍ମମାଳୀ' ଏହି ଭୂମିରୁ ପ୍ରକାଶ ପାଇଛି । ପୁଣି ସରସ ଓ ସମାଲୋଚନାଧର୍ମୀ ଲୋକ ସାହିତ୍ୟ ମନୋରମାର 'ଟପକ୍ ନବିସ୍'ର ସୃତି ମଧ୍ୟ ସେହି ଭୂମିରେ ଆଦରଣୀୟ ହୋଇ ରହିଛି । ପୃଥିବୀର ଅନ୍ୟାନ୍ୟ ଦେଶ ପରି ଓଡ଼ିଶାର ରାଜା ମହାରାଜାଙ୍କ ସହାୟତାରେ ସାହିତ୍ୟ, କଳା, ସଂସ୍କୃତିର ଶ୍ରୀବୃଦ୍ଧି ସାଧନ ହୋଇଛି । ତାହା ଭୁବନେଶ୍ୱର ବା କୋଣାର୍କ ମନ୍ଦିର ହେଉ ବା ଭଞ୍ଜ ସାହିତ୍ୟ ହେଉ । 'ବାରିପଦା ସାହିତ୍ୟ ସମାଜ' ରାଜାଙ୍କର ସେହି ସମାଦରର ଏକ ଅଙ୍ଗ ବୋଲି ପଣ୍ଡିତ ନୀଳକଣ୍ଠ ପ୍ରବନ୍ଧ ମଧ୍ୟରେ ଦୃଢ଼ ଭାବରେ ସ୍ୱୀକାର କରିଛନ୍ତି ।

Digitized by PPRACHIN, SOA

ଓଡ଼ିଆ ଲୋକ ଭାଷା ଓ ସାହିତ୍ୟ ସମ୍ପର୍କରେ ଆଲୋଚ୍ୟ ଦୀର୍ଘ ପ୍ରବନ୍ଧ ମଧ୍ୟରେ ସୂଚନା ଦେଇ ସ୍ରଷ୍ଟା ଅନେକ ଲୋକ ପ୍ରଚଳିତ କଥାମାନଙ୍କର ଉଦାହରଣ ଦେଇଛନ୍ତି । 'ହଂସା ଉଡ଼ିଗଲାଣି', 'ଅଠା ଠିକ୍ ହେଲା' ପରି କଥାମାନଙ୍କର ଉଦାହରଣ ଦେଇ ଲୋକ ସମାଜରେ ଯୁଗଯୁଗରୁ ପ୍ରଚଳିତ ଏହି କଥା ବୈଜ୍ଞାନିକ ପଦ୍ଧତିରେ ସଂଗୃହୀତ ହୋଇ ପାରିନଥିବାରୁ ତାହା କ୍ରମଶଃ ଆମ ସମାଜରୁ ମରିହଜିଯିବାକୁ ବସିଛି ବୋଲି ପଣ୍ଡିତ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି । ଦାରିଦ୍ର୍ୟ, ଜୀବନ ସଂଗ୍ରାମର କ୍ରୂରତା ଓ ଜଟିଳତା, ପରିସ୍ଥିତିର ଅସ୍ଥିରତା ପ୍ରଭୃତି ନାନା କାରଣରୁ ଭାରତବର୍ଷରେ ବୈଦିକ ସାହିତ୍ୟ ଲୋକଭାଷାରେ ପ୍ରଚଳିତ ନହେବାରୁ ସମାଜରେ ଆଦର୍ଶର ଅଭାବ ସହିତ ଲୋକ ସାହିତ୍ୟର ବିକାଶ ଉପଯୁକ୍ତ ଧାରାରେ ହୋଇପାରିନାହିଁ । ଭୀମଭୋଇଙ୍କ ସାହିତ୍ୟ ସମଗ୍ର ପୃଥିବୀରେ ଶ୍ରେଷ୍ଠତମ ସାହିତ୍ୟ ବା କୋରାପୁଟ, ଜୟପୁରର କନ୍ଧ, ଗାଦବାଙ୍କ ଭିତରେ ଶାସ୍ତ୍ରୀୟ ବୈଦ୍ୟବୃତ୍ତି / କଳା ସ୍ପଷ୍ଟ ଭାବରେ ରହିଥିବା ବେଳେ ଆମ ସାହିତ୍ୟରେ ତାହା ଯଥାର୍ଥ ଭାବେ ପ୍ରକାଶିତ ହୋଇପାରୁନାହିଁ । ସ୍ରଷ୍ଟା ଏହି ପର୍ଯ୍ୟାୟରେ ଆମ ସାହିତ୍ୟର ଆଦିକବି ସାରଳା ଦାସଙ୍କର ଉଦାହରଣ ଦେଇ କହିଛନ୍ତି – ''ଓଡ଼ିଆ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ବେଳେ ସାରଳା ଦାସଙ୍କ ଲେଖାରେ ଏଇ ଲୋକ ସାହିତ୍ୟର ଧାରା ପରିସ୍ଫୁଟ । ବୈଦିକ ପୁରାଣ ସାହିତ୍ୟ ଭିତରେ ଶୂଦ୍ରମୁନି ସାରଳା ଦାସ ଯେଉଁ ସ୍ୱାଧୀନ ଓ ସ୍ୱାଚ୍ଛନ୍ଦ୍ୟ ଲୋକ ସାହିତ୍ୟ ଫୁଟାଇଚନ୍ତି ତାହା ଏକାବେଳକେ ନୂତନ ଓ ଅଦ୍ୱିତୀୟ । ସାହିତ୍ୟର କଳା ହିସାବରେ ଏହା ଅପରିଣତ ଓ ଅର୍ଦ୍ଧସ୍ଫୁଟ ହେଲେ ହେଁ କୃତ୍ରିମ ସଂସ୍କୃତିର ଚାପ ବିରୋଧରେ ଏହା ଏକ ସ୍ପଷ୍ଟ ପ୍ରତିବାଦ ।'' (ପୃ-୯୫)

କୃତ୍ରିମତାଜନିତ ପରିସ୍ଥିତି ପାଇଁ ଓଡ଼ିଆ ସାହିତ୍ୟର ପ୍ରଗତି ଓ ସମୃଦ୍ଧିରେ ସବୁ ଯୁଗରେ ବାରମ୍ବାର ପ୍ରତିରୋଧ ଆସିଛି । ଆମ ସାହିତ୍ୟରେ ଲୋକ ସାହିତ୍ୟର ପ୍ରେରଣା ନଥିବାରୁ ସାହିତ୍ୟ ଆଲୋଚନା ତଥା ଉଦ୍‌ଭାବନରେ ଆମର ସାଧାରଣ ଜନତା ଆମ ଚକ୍ଷୁ ସାମ୍ନାରୁ ଦୂରେଇ ଯାଇଛନ୍ତି । ଆମ ସାହିତ୍ୟ ସାଧାରଣ ଜନତାଙ୍କ ନିମିତ୍ତ ଉଦ୍ଦିଷ୍ଟ ଥିବା ବେଳେ ପ୍ରକୃତ ଦୃଷ୍ଟିରେ ଦେଖିଲେ ସାଧାରଣ ଜନତାଙ୍କର ସେଥିରେ ସଂପୃକ୍ତି ନଥିବା ପରି ମନେହୁଏ । ବାଧ୍ୟ ବାଧକତାରେ ସେଥିରେ ଯେଉଁମାନେ ଭାଗୀ ହେବାକୁ ପ୍ରୟାସୀ ହୁଅନ୍ତି, ସେମାନଙ୍କୁ ନିରାଶ ହେବାକୁ ହୁଏ । କାରଣ ସାହିତ୍ୟରେ ଭାବର ଆଦାନପ୍ରଦାନ ନହୋଇ ତାହା ସ୍ରଷ୍ଟା ନୀଳକଣ୍ଠଙ୍କ ଦୃଷ୍ଟିରେ ହୀନ ଅନୁକରଣ ମଧ୍ୟରେ ସୀମିତ ହୋଇଯାଏ । ଆଲୋଚନା ମଧ୍ୟରେ ଏହି ପର୍ଯ୍ୟାୟରେ ନୀଳକଣ୍ଠ ଉପେନ୍ଦ୍ରଙ୍କ ଠାରୁ ଆରମ୍ଭ କରି ରାଧାନାଥଙ୍କ ପର୍ଯ୍ୟନ୍ତ କବିମାନଙ୍କ କଥା ଉଲ୍ଲେଖ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି – ''ଉପେନ୍ଦ୍ର ଭଞ୍ଜଙ୍କ ଅନେକ ଲେଖା ନୈଷଧାଦିର ଠିକ ଓଡ଼ିଆ ଅନୁବାଦ ପରି ଜଣାଯାଏ । × × × ଏହି ବଟା, ଛଣା, ଚିପୁଡ଼ା, ଆଳଙ୍କାରିକ ଧ୍ୱନି ବା ସଙ୍କେତ କଳା ଅନୁକରଣ କରିବାକୁ ଯାଇ ଭାଷା ତଥା ଭାବକୁ ଭଞ୍ଜାଦିମାନେ କିପରି ଅତିଶୃଙ୍ଖଳିତ ଓ ଭାରାକ୍ରାନ୍ତ

Digitized by PPRACHIN, SOA

କରିଚନ୍ତି, ତାହା ସେହି ଯୁଗର କାବ୍ୟ, ତଥା କୋଣାର୍କ ଓ ତତ୍‌ପରବର୍ତ୍ତୀ ଶିଳ୍ପ କଳାରେ ସୁନ୍ଦର ଦେଖାଯାଇପାରେ । କୁହାଯାଇଚି, କୋଣାର୍କ ଯେଉଁମାନେ ଦେଖିଥିବେ, ସେମାନେ ଅନୁଭବରେ ଜାଣିଥିବେ କିପରି ଖୋଦନର ଚାରୁତା ସେଠାରେ ଅତି ଭାରାକ୍ରାନ୍ତି । ଶିଳ୍ପ ଶାସ୍ତ୍ରର କଳା ବିଜ୍ଞାନ ବୁଝି ତନ୍ନ ତନ୍ନ କରି ନ ଦେଖିଲେ ଅନୁଭବରେ ସ୍ୱାଦ୍ୟତା ନାହିଁ; କିମ୍ୱା ସ୍ୱାଭାବିକ ଆଦର ସେଥିରେ ସହଜ ଭାବରେ ଫୁଟେ ନାହିଁ । ଓଡ଼ିଆର ଅଳଙ୍କାର ଓ ଶରୀର ଶୋଭାର ରୁଚି ଅନୁସନ୍ଧାନ କଲେ ମଧ୍ୟ ସେଥିରେ ଏହି ଅନୁକରଣ ତଥା ଭାରାକ୍ରାନ୍ତତା ଦେଖାଯିବ ।'' (ପୃ-୯୭)

ଏହି ଆଲୋଚନାର ଅନ୍ୟ ଏକ ଅଂଶ 'ସମାଲୋଚନାର ସାହିତ୍ୟ ଓ ସର୍ଜନ କଳା' ମଧ୍ୟରେ ଓଡ଼ିଆ ସମାଲୋଚନା ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଅତ୍ୟନ୍ତ ଅପ୍ରିୟ ଓ ବାସ୍ତବ କଥା କହିଛନ୍ତି । ତାଙ୍କ ମତରେ - ''ଓଡ଼ିଶାରେ ସମାଲୋଚନାର ସାହିତ୍ୟ ଫୁଟୁନାହିଁ । କୁହାଯାଇଚି, ଗବେଷଣାର ବାନା ଧରି ଗତି କଲାବେଳେ ଗୌଣ ମନୋବୃତ୍ତିର ଆକ୍ରମଣରେ ପଡ଼ି ଆମେ ବେଳେ ବେଳେ ଗବେଷଣାର ବିଜ୍ଞାନ ଅନୁଧାବନ ନକରି କେବଳ ନିଜକୁ ବଡ଼ କରିବା ଓ ନିଜ କଳ୍ପନା ଅନୁସାରେ ଗବେଷଣାର ସାମଗ୍ରୀ ସବୁ ଅର୍ଥ କରିଯିବାରେ ଅତ୍ୟନ୍ତ ବ୍ୟାକୁଳତା ଦେଖାଇ ଥାଉଁ । କବିତା, ଉପନ୍ୟାସ, ନାଟକ ପ୍ରଭୃତିରେ ସୃଷ୍ଟି କରିବାର ମନୀଷା ଦେଖାଇବାକୁ ଆମେ ବଡ଼ ବ୍ୟଗ୍ର । କିନ୍ତୁ ଆଲୋଚନାର ସାହିତ୍ୟ ନ ଫିଟିଲେ ଆଜି ସ୍ୱଭାବ କବି ହେବା ସମସ୍ତଙ୍କର ପ୍ରାପ୍ୟ ନୁହେ । ତେଣୁ ଅତ୍ୟନ୍ତ ହୀନ ଅନୁକରଣହିଁ ସାର ହେଉଚି ।'' (ପୃ-୯୮) ବଙ୍ଗୀୟ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟକୁ ତୁଳନା କରି ଓଡ଼ିଆମାନଙ୍କର ଓଡ଼ିଆ ପତ୍ରପତ୍ରିକା, ପାଠ୍ୟପୁସ୍ତକ ବା ଗ୍ରନ୍ଥଟିଏ କ୍ରୟ କରିବାର ନକାରାତ୍ମକ ମାନସିକତା ଅଥଚ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ କିଣିବାରେ ଆଗ୍ରହ ଅନେକ ସମୟରେ ଓଡ଼ିଆ ସାହିତ୍ୟର ବିକାଶରେ ଘୋର ଅନ୍ତରାୟ ହୋଇ ଦଣ୍ଡାୟମାନ ହୋଇଛି । ନୀଳକଣ୍ଠ ଏହି ପ୍ରସଙ୍ଗରେ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟର ଉଦାହରଣ ଦେଇ ତାହା ବଙ୍ଗଳାରୁ ଅନୁକରଣ ହୋଇଥିଲେ ହେଁ କିପରି ତାଙ୍କ ଯାତ୍ରାପୁସ୍ତକ ସବୁ ଓଡ଼ିଶାରେ ବହୁ ସଂଖ୍ୟାରେ ବିକ୍ରୀ ହୋଇଯାଇଛି ତାହା ପ୍ରକାଶ କରିଛନ୍ତି । ଗଣକବିଙ୍କ ଯାତ୍ରା ପୁସ୍ତକଗୁଡ଼ିକ ଆଲୋଚନା ପୀଠରେ ପ୍ରତିଷ୍ଠିତ ନୁହେଁ ବା ତହିଁରେ ସର୍ବତ୍ର ରୁଚି ପ୍ରସ୍ଫୁଟିତ ହୋଇପାରେ ନାହିଁ । ମାତ୍ର ଆମ ମାନବ ଓ ସାହିତ୍ୟର ପ୍ରାଣସତ୍ତାଟି ତାହା ମଧ୍ୟରେ ସ୍ପଷ୍ଟ ଭାବରେ ପ୍ରତିବିମ୍ବିତ ହେଉଥିବାରୁ ଓଡ଼ିଆ ଲୋକଜୀବନକୁ ତାହା ଖୁବ୍ ଆକର୍ଷିତ କରିଛି । ନୀଳକଣ୍ଠ ଆମ ସାହିତ୍ୟରେ ସେହି ପ୍ରାଣସଞ୍ଚାର ପାଇଁ ଆଲୋଚନାର ଶେଷାଂଶରେ ସମଗ୍ର ଓଡ଼ିଆ ଜାତିକୁ ଆହ୍ୱାନ ଦେଇ କହିଛନ୍ତି- ''ଆମ ସାହିତ୍ୟରେ ସେହି ପ୍ରାଣର ସ୍ପନ୍ଦନ - ସେଇ ସ୍ୱାତନ୍ତ୍ର୍ୟ ଆଣିବାକୁ ହେବ । ସଂଗେ ସଂଗେ ବିଶ୍ୱସାହିତ୍ୟର ଆଲୋଚନା ବଳରେ ମାର୍ଜିତ ରୁଚି ଫୁଟାଇବାକୁ ହେବ । ପ୍ରଚାର ସଂଗେ ପ୍ରସାର ମଧ୍ୟ ବଢ଼ାଇବା ଆମର କାର୍ଯ୍ୟ । ସେଥିପାଇଁ ନାନା ବିଭାଗରେ ବିଦ୍ୟାର ଆଦାନ ଓ ଆହରଣ ମଧ୍ୟ ଲୋଡ଼ା ।'' (ପୃ-୧୦୦)

Digitized by PPRACHIN, SOA

ଜାତୀୟ ଜୀବନରେ ପ୍ରାଚୀନ ପୁରାଣ, ପ୍ରଥା ଓ ପରମ୍ପରା ଉପରେ ନୂତନତାର ସ୍ୱରୂପ ଉନ୍ମୋଚନ କରି ଦେଶରେ ନବ ନବ ସଂସ୍କୃତି ଓ ସଭ୍ୟତାର ସ୍ରୋତ ଖେଳାଇ ସ୍ୱାଧୀନ ଚିନ୍ତା ଓ ଉଦାର ମନୋଭାବ ନେଇ ମାନବର ଚିରାଚରିତ ନୀତି, ବଦ୍ଧମୂଳ ଧାରଣା, ପୁଞ୍ଜିଭୂତ କୁସଂସ୍କାର ଏବଂ ଚିନ୍ତାଶୂନ୍ୟତା ଭିତରେ ଜୀବନରେ ଚଞ୍ଚଳତାର ସୂଚନା ଦେଇ କେତେକ ମୁଷ୍ଟିମେୟ ପ୍ରଗତିଶୀଳ ଓଡ଼ିଆ ଲେଖକଙ୍କ ସହଯୋଗରେ ଓଡ଼ିଶାରେ ଯେଉଁ ସାହିତ୍ୟାନୁଷ୍ଠାନ ୧୯୩୫ ମସିହାରେ ଗଢ଼ି ଉଠିଥିଲା ତାହା ଥିଲା 'ନବଯୁଗ ସାହିତ୍ୟ ସଂସଦ'। ଏହି ସାହିତ୍ୟ ସଂସଦ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ 'ନବଭାରତ'ର ଧନୁ, ୧୩୪୨ ସଂଖ୍ୟାରେ ଏକ କ୍ଷୁଦ୍ର ପ୍ରବନ୍ଧ 'ଆଲୋଚନା' ଶିରୋନାମାରେ ପ୍ରକାଶ କରିଥିଲେ। ସେହି ଆଲୋଚନାମଧ୍ୟରେ ପ୍ରାବନ୍ଧିକ ଉଲ୍ଲେଖ କରିଥିଲେ – ''ଜଗତ ବିକାଶମୟ। ନିତ୍ୟ ନୂତନ ବିଭବର ପରମ୍ପରା ହିଁ ବିକାଶ। ଏହି ନୂତନତା ବିନା ବିକାଶ ବିନାଶରେ ପରିଣତ ହୁଏ। ସମାଜରେ ଦୃଢ଼ ଓ ବଦ୍ଧମୂଳ ଧାରଣା ସବୁ ଭେଦକରି ନୂତନ କରି ଗଢ଼ିବାର ଦିନ ପୁଣି ଭାତରରେ ଆସିଚି ନୁହେଁ, ସେ ଦିନର ସୁଯୋଗ ଦେବା କାଳ ଅତୀତ ହୋଇଚି କହିଲେ ଚଳେ। ବିଶେଷରେ ଓଡ଼ିଶା ଆମର କର୍ମକ୍ଷେତ୍ର। ଏହି ଓଡ଼ିଶାରେ ଜନପ୍ରାଣରେ ନବସ୍ପନ୍ଦନ ଦେବାର ପ୍ରୟୋଜନ ବହୁଦିନରୁ ପଡ଼ିଲାଣି।ସେ ପ୍ରୟୋଜନ ସମାଧାନରେ ଯଥେଷ୍ଟ ଉଦ୍ୟମ ହୋଇଚି ବୋଲି ମନେ ହେଉନାହିଁ। ଯୁବକମାନଙ୍କର ଏ ନବୀନ ଉଦ୍ୟମ ସମୂହ ଭାବରେ ଦେଶକୁ ପ୍ରଭାବିତ କରୁ ବୋଲି ଆଶା କରି, ଆମେ ଚାହିଁରହିଲୁ। ଯୁବଶକ୍ତି ହିଁ ଦେଶର ଭବିଷ୍ୟତ। ପ୍ରବୀଣର ଫଳାଫଳଦର୍ଶିତା ଯୁବଶକ୍ତିର ପ୍ରେରଣାରେ ସର୍ବଦା ଉଜ୍ଜୀବିତ ହେବା ଉଚିତ। ନବଯୁଗ ସାହିତ୍ୟ ସଂସଦ ଜାତିରେ ସେ ଜୀବନର ବାର୍ତ୍ତା ପ୍ରଚାର କରୁ।'' (ପୃ-୧୦୩)

ସମାଜରେ ଯୁବକମାନଙ୍କୁ ଦେଶ ଓ ଜାତିର ପ୍ରଗତିର ମେରୁଦଣ୍ଡ ରୂପେ ଗ୍ରହଣ କରି ଉଦ୍‌ଭ୍ରାନ୍ତ ଓ ଉଦ୍ଦାମ ତରୁଣମାନଙ୍କୁ ଭବିଷ୍ୟତର ନିର୍ଦ୍ଦିଷ୍ଟତାରେ ସ୍ୱୀକାର କରିବା ହେଉଚି ଗୋଟିଏ ଦେଶର ନୈତିକ ଦାୟିତ୍ୱ। ଚୈତନ୍ୟ ଓ ଯୀଶୁଖ୍ରୀଷ୍ଟଙ୍କ ପରି ମନୀଷୀଙ୍କର ଉଦାହରଣ ଦେଇ ପ୍ରାବନ୍ଧିକ ନୀଳକଣ୍ଠ ସ୍ୱୀକାର କରିଛନ୍ତି ଯେ ସେମାନେ ନିଜ ନିଜ ସମୟରେ ସମାଜକୁ ନୂତନତାର ଉଚ୍ଛ୍ୱାସରେ ଭସାଇ ଦେଇଥିଲେ। ମ୍ରିୟମାଣ ହୋଇପଡିଥିବା ମାନବର ମେରୁଦଣ୍ଡ ଟେକ ରଖି ଅତି ସଙ୍କଟକାଳରେ ସେମାନେ ସମାଜକୁ ନୂତନ ଭାବରେ ଉଜ୍ଜୀବିତ କରିଥିଲେ। ସେଥିପାଇଁ ଓଡ଼ିଶାରେ ସେହି ଉଦ୍ଦେଶ୍ୟରେ 'ନବଯୁଗ ସାହିତ୍ୟ ସଂସଦ'ର ପ୍ରାରମ୍ଭିକ ଉତ୍ସବରେ ସଂସ୍କୃତିର ବିଭିନ୍ନ ବିଭାଗରେ ଯେଉଁ ସାହିତ୍ୟିକମାନଙ୍କର ପ୍ରବନ୍ଧ ଆଲୋଚନା କରାଯାଇ ପରବର୍ତ୍ତୀ କାଳରେ ପୁସ୍ତକମାନ ପ୍ରକାଶ କରିବାର କଳ୍ପନା କରାଯାଇଥିଲା, ପଣ୍ଡିତ ନୀଳକଣ୍ଠ ସେହିପରି ବିଦ୍ୱାନମାନଙ୍କର ସାଧୁ ଉଦ୍ୟମର ପ୍ରଶଂସା କରିଛନ୍ତି। ଦେଶରେ ଏହିପରି ସାହିତ୍ୟ ସଂସଦ ମାଧ୍ୟମରେ ସଂସ୍କୃତି ଓ ସଭ୍ୟତାର ଉତ୍ତରଣର ସ୍ରୋତ ପ୍ରବାହିତ ହୋଇପାରିବ ବୋଲି ସେ ଆଲୋଚ୍ୟ ପ୍ରବନ୍ଧମଧ୍ୟରେ ଆଶାବାଦୀ ହୋଇଛନ୍ତି।

Digitized by PPRACHIN, SOA

'ନବଭାରତ'ର ନୂତନ ପ୍ରସ୍ଥ ୩/୩ ସଂଖ୍ୟାରେ ପଣ୍ଡିତ ନୀଳକଣ୍ଠଙ୍କର 'ସାହିତ୍ୟରେ କାହାଣୀ ଓ କିମ୍ବଦନ୍ତୀ' ଶିରୋନାମାରେ ଏକ ଆଲୋଚନା ପ୍ରକାଶ ପାଇଥିଲା । ଇଂରାଜୀ 'myth' ର ଓଡ଼ିଆ ପ୍ରତିଶବ୍ଦ 'କିମ୍ବଦନ୍ତୀ' । ସଂସ୍କୃତ 'ମିଥ୍ୟା' ଶବ୍ଦ ସଙ୍ଗେ ଏହାର ଆଦିମ ବ୍ୟୁତ୍ପତ୍ତିଗତ ସମ୍ପର୍କ ଏ କ୍ଷେତ୍ରରେ ଅନୁସନ୍ଧାନ କରାଯାଇପାରେ । ଏହି 'myth' ବା 'କିମ୍ବଦନ୍ତୀ' ଇଂରାଜୀ ସାହିତ୍ୟଠାରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସର୍ବତ୍ର ସବୁ ଦେଶରେ ରହିଛି । ଏହାର କଳ୍ପନା ବଡ଼ ବ୍ୟାପ୍ତି ଏବଂ ଖୁବ୍ ପ୍ରାଚୀନ । ପଣ୍ଡିତ ନୀଳକଣ୍ଠ ଉଦାହରଣ ଭାବେ ଖ୍ରୀଷ୍ଟଙ୍କର ଈଶା ଖଣ୍ଡେ ରୁଟିରେ ଚାରି ହଜାର ଲୋକଙ୍କୁ ପେଟପୁରା ଖୁଆଇବା ଭିତରେ ଗତ ଶତକରେ ଷ୍ଟ୍ରଅସ୍ (D.F.Strauss) ସେହି ଉଦ୍ଦେଶ୍ୟରେ ଯେଉଁ ଗ୍ରନ୍ଥଟିଏ ଲେଖିଥିଲେ ସେଥିରେ ସେ ଉଲ୍ଲେଖ କରିଥିଲେ ଯେ ତାହା ହେଉଛି ତାଙ୍କର ମନଗଢ଼ା କାହାଣୀ ଏବଂ ତାହା କଳ୍ପନାରୁ ସୃଷ୍ଟ । ଏହି କାଳ୍ପନିକ କାହାଣୀଭିତ୍ତିରେ ଯୀଶୁଖ୍ରୀଷ୍ଟ ବିନା ବାପରେ ମାତୃଗର୍ଭରେ ଗର୍ଭସ୍ଥ ହେବା, ମାତାମାନେ ଯଜ୍ଞରେ ଚାରୁ ଅନ୍ନ ଭକ୍ଷଣ କରିବାରୁ ରାମଚନ୍ଦ୍ର ଏବଂ ତାଙ୍କର ଭ୍ରାତାମାନେ ଜନ୍ମ ଲାଭ କରିବା, ରାମକୃଷ୍ଣଙ୍କ ପିତା ଘରେ ନଥିବା ବେଳେ ତାଙ୍କର ମାତା ରାତ୍ରିକାଳରେ ଜଣେ ଜଟାଜୁଟଧାରୀ ମହାଦେବଙ୍କୁ ସ୍ୱପ୍ନରେ ଦେଖି ତାଙ୍କ ଠାରୁ ସେହି ସ୍ୱପ୍ନରେ ଗୋଟିଏ ପାଚିଲା କଦଳୀ ଖାଇବାରୁ ରାମକୃଷ୍ଣ ଗର୍ଭସ୍ଥ ହେବା ପରି ଘଟଣାର ପଶ୍ଚାଦ୍‌ଭାଗରେ ମିଥ୍ ବା ମିଥ୍ୟା କାହାଣୀ ବ୍ୟତୀତ ଆଉ କ'ଣ ଥାଇପାରେ ! ଓଡ଼ିଆରେ ଅନୁରୂପ ଭାବେ କବି ଦୀନକୃଷ୍ଣଙ୍କ ଠାରୁ ଆରମ୍ଭ କରି 'ଅଦ୍ଭୁତ ରାମାୟଣ', 'ବିଲଙ୍କା ରାମାୟଣ' ପ୍ରଭୃତି ରଚନା ମଧ୍ୟରେ ସେହିପରି ଅନେକ କାଳ୍ପନିକ ଆଖ୍ୟାୟିକା ବା ମିଥ୍ ରହିଛି, ଯାହା ସାହିତ୍ୟ, ଜୀବନ ଓ ସମାଜ ସହିତ ଏପରି ଓତପ୍ରୋତ ଜଡ଼ିତ ହୋଇଯାଇଛି ଯେ ତହିଁରୁ ତାହାକୁ କଦାପି ଅଲଗା କରାଯାଇନପାରେ ।

'ବିକ୍ରମାଦିତ୍ୟ ଓ କାଳିଦାସ' ପଣ୍ଡିତ ନୀଳକଣ୍ଠଙ୍କର 'ଉତ୍କଳ ସାହିତ୍ୟ ସମାଜ'ର ତା.୧୫।୪।୧୯୧୭ରିଖରେ ଅନୁଷ୍ଠିତ ଅଧିବେଶନରେ ପଠିତ ଏକ ଇତିହାସ ଓ ସାହିତ୍ୟଭିତ୍ତିକ ପ୍ରବନ୍ଧ । ଭାରତବର୍ଷରେ ଧାରାବାହିକ ଇତିହାସ ରଚନାର ପରମ୍ପରା ଆରମ୍ଭ ହୋଇନଥିବା ବେଳେ ଯାହା ବିକ୍ଷିପ୍ତ ଭାବରେ ରହିଛି ତାହାକୁ ନିର୍ଦ୍ଦିଷ୍ଟ କରିବା ଖୁବ୍ କଠିନ ବ୍ୟାପାର । ଭାରତବର୍ଷରେ କେଉଁଠି ଶିଳାଲିପି, କେଉଁଠି କଳଙ୍କିତ ଅର୍ଦ୍ଧଭଗ୍ନ ପ୍ରାଚୀନ ମୁଦ୍ରା ଏବଂ କେଉଁଠି ଭାରତୀୟମାନଙ୍କର ତତ୍‌କାଳୀନ ଲେଖାକୁ ଭିତ୍ତି କରି କୌଣସି କଥାର ସତ୍ୟାସତ୍ୟ ନିରୂପଣ କରିବା ଖୁବ୍ କଠିନ ବ୍ୟାପାର । ପଣ୍ଡିତ ନୀଳକଣ୍ଠ ଏହି କ୍ରମରେ ଆଲୋଚ୍ୟ ପ୍ରବନ୍ଧମଧ୍ୟରେ ବିକ୍ରମାଦିତ୍ୟଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରି କହିଛନ୍ତି - ''ବିକ୍ରମାଦିତ୍ୟଙ୍କ ସଭାରେ ନବରତ୍ନ' ଏ କିମ୍ବଦନ୍ତୀର ଅର୍ଥ କଅଣ ? ଯଦି ନବରତ୍ନ ଥିଲେ ତେବେ ସେମାନେ କଦାପି ଏକ କାଳରେ ଏକ ସ୍ଥାନରେ ନ ଥିଲେ ଓ ଯଦି ସେମାନେ ବିକ୍ରମାଦିତ୍ୟଙ୍କ ସଭାକୁ ମଣ୍ଡନ କରିଥିଲେ; ତେବେ ସେ

Digitized by PPRACHIN, SOA

ବିକ୍ରମାଦିତ୍ୟ କଦାପି ଏକ ବ୍ୟକ୍ତି ନୁହନ୍ତି । ବାସ୍ତବିକ ଇତିହାସରୁ ଯାହା ପ୍ରମାଣ ମିଳେ, ସେଥିରୁ ଜଣାଯାଏ ବିକ୍ରମାଦିତ୍ୟ ନାମରେ କୌଣସି ଏକ ରାଜା ଏ ଦେଶରେ ରାଜତ୍ୱ କରିନାହାନ୍ତି । ବିକ୍ରମାଦିତ୍ୟ ଗୋଟିଏ ଉପାଧି ।'' (ପୃ-୧୨୩) ଅନ୍ୟପକ୍ଷରେ ଏତେ ସଂଖ୍ୟାରେ ବିକ୍ରମାଦିତ୍ୟଙ୍କ ମଧ୍ୟରେ କାଳିଦାସ ପ୍ରଭୃତି ରତ୍ନମାନେ ବିଭିନ୍ନ କାଳରେ ପ୍ରାଚୀନ ବିକ୍ରମାଦିତ୍ୟମାନଙ୍କ ସଭାକୁ ଅଳଙ୍କୃତ କରିଥିଲେ ଏବଂ ଏହି ବିକ୍ରମାଦିତ୍ୟମାନେ ନିଜ ନିଜ ସଭାର ଶ୍ରେଷ୍ଠ କବିଙ୍କୁ କାଳିଦାସ, ଶ୍ରେଷ୍ଠ ବୈଦ୍ୟଙ୍କୁ ଧନ୍ୱନ୍ତରୀ, ଶ୍ରେଷ୍ଠ କୋଷଜ୍ଞଙ୍କୁ ଅମରସିଂହ, ଶ୍ରେଷ୍ଠ ଜ୍ୟୋତିଙ୍କୁ ବରାହମିହିର ପ୍ରଭୃତି ଉପାଧିରେ ଘୋଷିତ କରି ନିଜର ସଭାକୁ ସର୍ବଦା ନବରତ୍ନରେ ଅଳଙ୍କୃତ ଦେଖିବା ପ୍ରୟାସ କରିଥିବା ସ୍ୱାଭାବିକ ଓ ଏହି କାଳିଦାସାଦି ଉପାଧିକ ବ୍ୟକ୍ତିମାନଙ୍କର କୌଣସି କୌଣସି କୃତି ଯେ ପ୍ରକୃତ କାଳିଦାସାଦିଙ୍କ ନାମରେ ଲୋକପରମ୍ପରାରେ ପ୍ରଚାରିତ ହୋଇଥିବ, ଏଥିରେ ମଧ୍ୟ ସନ୍ଦେହ କରିବାର କିଛି ନାହିଁ ।'' (ପୃ-୧୨୪)

ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ ପୁତ୍ର କୁମାରଗୁପ୍ତ । ପ୍ରଥମ କୁମାରଗୁପ୍ତଙ୍କ ସଭାର ବରେଣ୍ୟ କବି ଥିଲେ କାଳିଦାସ । କୁମାରଗୁପ୍ତଙ୍କ ନାମ ସହିତ 'କୁମାର ସମ୍ଭବ' କାବ୍ୟର ନାମଗତ ସାମଞ୍ଜସ୍ୟ ରହିଥିଲା । ରାଜ କବିମାନେ ସମଗ୍ର ପୃଥିବୀର ବିଭିନ୍ନ ରାଜାମାନଙ୍କ ନାମରେ କାବ୍ୟ ରଚନା କରନ୍ତି, କାବ୍ୟ ଭଣିତା କରନ୍ତି, ରାଜାଙ୍କ ନାମରେ କାବ୍ୟ ମଧ୍ୟ ଉତ୍ସର୍ଗ କରନ୍ତି । ମାତ୍ର କାଳିଦାସ ଏସବୁ ଦୃଷ୍ଟିରୁ ଥିଲେ ସମ୍ପୂର୍ଣ୍ଣ ନିଆରା । ଚନ୍ଦ୍ରଗୁପ୍ତ ଓ ତାଙ୍କର ପୁତ୍ର କୁମାର ଗୁପ୍ତ ଥିଲେ ବିଦ୍ୟାବାନ୍ ଓ ବିନୟୀ । ମାତ୍ର ଗୁପ୍ତ ବଂଶର ବିନୟ ଓ ବିଭବରେ କାଳିଦାସଙ୍କ ହୃଦୟ ଥିଲା ପୂର୍ଣ୍ଣ । ସୁତରାଂ ଏସବୁକୁ ପ୍ରମାଣ ତଥା ପ୍ରମାଣିକ ତଥ୍ୟ ଭାବେ ଗ୍ରହଣ କରି ପଣ୍ଡିତ ନୀଳକଣ୍ଠ 'ବିକ୍ରମାଦିତ୍ୟ ଓ କାଳିଦାସ' ପ୍ରବନ୍ଧ ରଚନା ମଧ୍ୟରେ ଉଭୟଙ୍କ ସମ୍ପର୍କରେ ଯେପରି ପ୍ରାମାଣିକ, ଐତିହାସିକ ଏବଂ ଯୁକ୍ତି ସମ୍ବଳିତ ତଥ୍ୟ ପ୍ରଦାନ କରିଛନ୍ତି ତାହା ବାସ୍ତବରେ ଆମ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ବିରଳ ।

ଆମ ସାହିତ୍ୟର ଆଦିକବି ସାରଳା ଦାସଙ୍କ ସମ୍ପର୍କିତ ପଣ୍ଡିତ ନୀଳକଣ୍ଠଙ୍କର ଗୋଟିଏ ଶିରୋନାମାରେ ପ୍ରକାଶିତ ଦୁଇଗୋଟି ସଂକ୍ଷିପ୍ତ ପ୍ରବନ୍ଧ ହେଉଛି 'ସାରଳା ଦାସ' । ଏଥିରୁ ଗୋଟିଏ ପ୍ରବନ୍ଧ ତା.୧୩।୦୧।୧୯୪୭ରିଖରେ ସାରଳା ଦାସଙ୍କ ଜନ୍ମପୀଠ ଝଙ୍କଡ଼ରେ ପଣ୍ଡିତ ନୀଳକଣ୍ଠ ଉପସ୍ଥାପିତ କରିଥିବା ବକ୍ତବ୍ୟର ସାରାଂଶ, ଯାହା ପରବର୍ତ୍ତୀ ସମୟରେ 'ନବଭାରତ' ର ନୂତନ ପ୍ରସ୍ଥରେ ୧/୫ ସଂଖ୍ୟାରେ ୧୯୪୭ ମସିହା ଫେବୃୟାରୀ ମାସରେ ପ୍ରକାଶ ପାଇ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସାରଳା ଦାସ ଥିଲେ ଆମ ସାହିତ୍ୟର ଆଦିକବି । ପଣ୍ଡିତ ନୀଳକଣ୍ଠଙ୍କ ଭାଷାରେ ସେ ଥିଲେ 'ବିପ୍ଳବୀ' । ସମାଜରେ ଉନ୍ନତି ଓ ପ୍ରଗତି ସମ୍ଭବ ହୁଏ ସାମାଜିକ ବିପ୍ଳବ ଫଳରେ । ଏହି ବିପ୍ଳବ ଯେତେ ପ୍ରବଳ ହୁଏ ଦେଶରେ ଜନକଲ୍ୟାଣକାରୀ ଯୋଜନା ଓ ପ୍ରଚେଷ୍ଟା ସେତେ ବ୍ୟାପକ ଓ ସ୍ଥାୟୀ ହୁଏ । ବିଦ୍ରୋହୀ ମଣିଷଟି ସେତିକିବେଳେ ମହାପୁରୁଷର ସମ୍ମାନ ଲାଭ କରେ ।

Digitized by PPRACHIN, SOA

ଏହି ଦୃଷ୍ଟିରୁ ସାରଳା ଦାସ ଥିଲେ ଜଣେ ବିଦ୍ରୋହୀ ଓ ଯୁଗପ୍ରବର୍ତ୍ତକ ସ୍ରଷ୍ଟା । ନୀଳକଣ୍ଠଙ୍କ ଦୃଷ୍ଟିରେ- ''ମହାମନୀଷୀ ଦ୍ରଷ୍ଟା ସିଦ୍ଧେଶ୍ୱର ଥିଲେ ଏକ ଯୁଗପ୍ରବର୍ତକ ବିଦ୍ରୋହୀ । ସେ ପୁଣି ଥିଲେ ଏ ଦେଶର ଯଥାର୍ଥ ଦେଶୀ-କଞ୍ଚା ଓ ଖାଣ୍ଟି ଓଡ଼ିଆ । ତାଙ୍କର ଏ ବିଦ୍ରୋହ ଅଣଓଡ଼ିଆ ବା ଅଣଓଡ଼ିଶୀଙ୍କ ତୋଟିଚିପା ପ୍ରଭାବ ବିରୁଦ୍ଧରେ ଓଡ଼ିଆ ବୀରର ଆତ୍ମରକ୍ଷାର ବିଦ୍ରୋହ । ଜଗନ୍ନାଥଙ୍କ ସେବକ ଶବର 'ବିଶ୍ୱାବସୁ'ଙ୍କ ବିଦ୍ରୋହ ପୁରାଣ ଓ କିମ୍ବଦନ୍ତୀର କଥା । କିନ୍ତୁ ଶୂଦ୍ର ସିଦ୍ଧେଶ୍ୱରଙ୍କ ବିଦ୍ରୋହ ସତ୍ୟ । ସମାଜ ସାହିତ୍ୟ ଓ ସଂସ୍କୃତି ରକ୍ଷା ଓ ପ୍ରତିଷ୍ଠା ପାଇ ଏହା ଓଡ଼ିଆର ପ୍ରଥମ, ସ୍ପଷ୍ଟ, ପ୍ରଧାନ ଓ ସଫଳ ବିଦ୍ରୋହ । ସେ ଏଯୁଗ ଓଡ଼ିଆ ସାହିତ୍ୟ ଓ ସଭ୍ୟତାର ଜନ୍ମଦାତା ଓ ପ୍ରେରଣାରେ ଏବେ ବି ଜୀବନ୍ତ । ଇତିହାସ ପୁଣି ଏହାର ସାକ୍ଷୀ । (ପୃ.୧୩୭-୧୩୮) ଆମ ସାହିତ୍ୟରେ ଆଲୋଚକମାନେ ସାରଳା ଦାସଙ୍କ ନାମରେ ବିଶେଷ କରି ତାଙ୍କ କବିତ୍ୱ ପ୍ରାପ୍ତି ସମ୍ପର୍କରେ ବହୁ କିମ୍ବଦନ୍ତୀ ଯୋଡ଼ିଥାନ୍ତି । ମାତ୍ର କିମ୍ବଦନ୍ତୀ ତ ସର୍ବଦା କିମ୍ବଦନ୍ତୀ । ସାରଳା ଦାସ ଅନେକ ସମୟରେ ନିଜକୁ ମୂର୍ଖ, ଅପଣ୍ଡିତ ଓ ଅଶିକ୍ଷିତ କହିବା ମଧ୍ୟରେ ତାଙ୍କର ପାଣ୍ଡିତ୍ୟକୁ ନେଇ ସେ ଖୁବ୍ ବିନମ୍ରତା ପ୍ରକାଶ କରିଛନ୍ତି । ସମକାଳୀନ ଗଜପତି କପିଳେନ୍ଦ୍ର ଦେବଙ୍କ ସମେତ ଯୁଗପ୍ରବର୍ତ୍ତନରେ ସଂସ୍କୃତରୁ ଓଡ଼ିଆକୁ ଯିଏ ଲମ୍ଫ ପ୍ରଦାନ କରିଥିଲେ ସେ ଥିଲେ ସାରଳା ଦାସ । ସଂସ୍କୃତର ଶିକୁଳି ମଧ୍ୟରୁ ଭାଷାକୁ ମୁକ୍ତ କରି ସେ ହିଁ ମହାଭାରତ ପରି ଏକ ମହାକାବ୍ୟ ମାଧ୍ୟମରେ ପ୍ରଥମେ ଓଡ଼ିଆ ସାହିତ୍ୟର ଭିତ୍ତିକୁ ଦୃଢ଼ କରିଥିଲେ । ଅଶିକ୍ଷିତ ଓଡ଼ିଆକୁ ସ୍ୱାକ୍ଷର, ଶିକ୍ଷିତ ଏବଂ ସ୍ୱାଭିମାନୀ କରାଇବାର ପ୍ରୟାସ କରି ଅସଂଖ୍ୟ ଆଖ୍ୟାୟିକା, ଉପାଖ୍ୟାନ, କାହାଣୀ ଇତ୍ୟାଦି ତାଙ୍କର ମହାଭାରତ ପରିସରଭୁକ୍ତ କରିଥିଲେ । ପୁଣି ନିଜସ୍ୱ 'ଦାଣ୍ଡୀ' ବୃତ୍ତରେ ମହାଭାରତ ରଚନା କରି ଓଡ଼ିଆ ପ୍ରାଣର ସ୍ୱାଭାବିକ ସ୍ଫୁର୍ତ୍ତିକୁ ତାହାରି ମଧ୍ୟରେ ପ୍ରକାଶ କରିଥିଲେ । ମାତ୍ର ପରବର୍ତ୍ତୀ କାଳରେ ପଞ୍ଚସଖା, ଉପେନ୍ଦ୍ର ଭଞ୍ଜ ବା ରାଧାନାଥ-ମଧୁସୂଦନଙ୍କ ସମୟରେ ଆମ ଭାଷାକୁ ଚିପି ବୁଡ଼ାଇ ମାରିଦେବାର ଯେଉଁ ହୀନ ଉଦ୍ୟମ ହୋଇଥିଲା - ସାରଳା ଦାସଙ୍କ କୃତି ଓ କୃତିତ୍ୱ ଯୋଗୁଁ ବିଦେଶୀ ଓ ଅଣଓଡ଼ିଆର ସେହି ହୀନ ଉଦ୍ୟମ କୁଜ୍‌ଝଟିକା ପରି ମିଳେଇ ଯାଇଥିଲା । ଫଳତଃ ମନୀଷୀ ନୀଳକଣ୍ଠଙ୍କ ଦୃଷ୍ଟିରେ ସାରଳା ଦାସ ହୋଇଥିଲେ- ''ଓଡ଼ିଶାର ଦର୍ଶନବନ୍ତ ମହାପୁରୁଷ । ଆଜି ଓଡ଼ିଆ ସଭ୍ୟତା, ଓଡ଼ିଆ ଭାଷା ତଥା ଓଡ଼ିଆ ସାହିତ୍ୟର ସେ ପିତା ଓ ପ୍ରତିଷ୍ଠାତା । ଏହା ଯିଏ ଦେଖେ, ସେଇ ଏକା ସାରଳା ଦାସଙ୍କୁ ଦେଖେ । ଏଥିରୁ ଟିକିଏ ହେଲେ ବୁଝିଲେ, ଲୋକ ସାରଳାଦାସଙ୍କୁ ବୁଝିବ, ଓଡ଼ିଶାକୁ ବୁଝିବ, ଓଡ଼ିଆକୁ ବୁଝିବ ।''(ପୃ.୧୪୨)

ପଣ୍ଡିତ ନୀଳକଣ୍ଠଙ୍କ ଦ୍ୱାରା ରଚିତ 'ସାରଳା ଦାସ' ଶୀର୍ଷକ ଅନ୍ୟ ଏକ ଆଲୋଚନା ତା.୧୭ ।୨ ।୧୯୪୮ ରିଖରେ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ପ୍ରଚାରିତ ହୋଇଥିଲା । ଏହା ପରବର୍ତ୍ତୀ କାଳରେ 'ନବଭାରତ'ର ନୂତନ ପ୍ରସ୍ଥରେ ଜାନୁୟାରୀ-ଫେବୃୟାରୀ, ୧୯୪୯ ସଂଖ୍ୟାରେ ପ୍ରକାଶ ପାଇ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

Digitized by PPRACHIN, SOA

ସାରଳା ଦାସଙ୍କୁ ଓଡ଼ିଶାର ଶିକ୍ଷିତ, ଅଶିକ୍ଷିତ, ଆବାଳବୃଦ୍ଧବନିତା ନିର୍ବିଶେଷରେ ସମସ୍ତ ଓଡ଼ିଆଙ୍କ ନିକଟରେ ପରିଚିତ କରାଇବା ପାଇଁ ପଣ୍ଡିତ ନୀଳକଣ୍ଠ ଏପରି ଏକ କାର୍ଯ୍ୟପନ୍ଥା ଗ୍ରହଣ କରି ସେ କାଳରେ ନୂତନ ଭାବେ ଓଡ଼ିଶାରେ ପ୍ରତିଷ୍ଠିତ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ 'ସାରଳା ଦାସ' ଆଲୋଚନା ପ୍ରସାର ପାଇଁ ଉଦ୍ୟମ କରିଥିଲେ । ଆଲୋଚନାର ପ୍ରାରମ୍ଭରେ ସ୍ରଷ୍ଟା ଉଲ୍ଲେଖ କରିଥିଲେ - ''ସାରଳା ଦାସ ହେଉଚନ୍ତି, ଓଡ଼ିଆରେ ମହାକବି - ତୁଳନାରେ, ଓଡ଼ିଶାର ବ୍ୟାସଦେବ । ଓଡ଼ିଆ ମହାଭାରତ, ଓଡ଼ିଆ ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣ- ଏଇ ତିନିଖଣ୍ଡି ଜଣାଶୁଣା ତାଙ୍କ ନିଜ ରଚିତ କାବ୍ୟ । ତାଙ୍କ ମହାଭାରତଟି ଗୋଟିଏ ବିରାଟ ମହାକାବ୍ୟ । ସଂସ୍କୃତରେ ମହାଭାରତ ଅଛି, ଚଣ୍ଡୀପୁରାଣ ବି ଅଛି । କିନ୍ତୁ ଓଡ଼ିଆ ଚଣ୍ଡୀପୁରାଣ, ଠିକ୍ ସଂସ୍କୃତ ଚଣ୍ଡୀପୁରାଣ ପରି ନୁହେ । ସାରଳା ମହାଭାରତ ସଂସ୍କୃତ ମହାଭାରତର ଅନୁବାଦ ତ ନୁହେ; ଅନୁଧାବନ ବି ନୁହେ । ଏହା ଓଡ଼ିଆ ସଭ୍ୟତା ଓ ସାହିତ୍ୟର ଗୋଟିଏ ଯଥାର୍ଥ 'ବିଶ୍ୱକୋଷ' ।'' (ପୃ.୧୪୩)

ସାରଳାଦାସ ଥିଲେ ସ୍ୱାଧୀନଚେତା । ସ୍ୱାଧୀନଚେତା ନହେଲେ, ବାକ୍ ସ୍ୱାଧୀନତା ନ ରହିଲେ ଜଣେ ବିପ୍ଳବୀ ଦ୍ରଷ୍ଟା ଓ ସ୍ରଷ୍ଟା ହୋଇପାରେ ନାହିଁ । ସାରଳାଦାସଙ୍କ ମଧ୍ୟରେ ରାଷ୍ଟ୍ରର ଭୟ ବା କ୍ଷମତାର ବନ୍ଧନ କିଛି ନ ଥିଲା । ସ୍ୱାଧୀନ ଭାବରେ ଚିନ୍ତା କରିବାର ଆଗ୍ରହ ସହିତ ଓଡ଼ିଶାର ସାଧାରଣ ଜନତାଙ୍କୁ ସ୍ୱାକ୍ଷର କରିବାର ଅଦମ୍ୟ ଇଚ୍ଛାରୁ ତାଙ୍କ କାବ୍ୟର ସ୍ୱରୂପ ପ୍ରକଟିତ ହୋଇଥିଲା ଓ ଏହାର ଅନ୍ତରାତ୍ମା ସାରଳା ଦାସଙ୍କୁ ବାରମ୍ବାର ଦିଶି ଯାଉଥିଲା । ପୁଣି ସାରଳା ଦାସଙ୍କ ସାହିତ୍ୟ ମଧ୍ୟରେ ''ବ୍ରହ୍ମଚର୍ଯ୍ୟ ଓ ତହିଁରେ ନିରାଟ ଯୌନ-ସଂଯମ ହେଉଚି, ଓଡ଼ିଆ ସାଧନାର ପ୍ରାଣ । ଭାରତରେ ଏହା ଅଦ୍ୱିତୀୟ କହିଲେ ଚଳେ । ଦକ୍ଷିଣର ଦେବଦାସୀ, ତଥା ବଙ୍ଗ ଦେଶର ବଜ୍ରଯାନ, ସହଜଯାନ ଓ ତନ୍ତ୍ର ପ୍ରଭାବ ଭିତରେ ଓଡ଼ିଆର ବିଶେଷ ଏଇଠାରେ । ଖାଲି ବିଶେଷ ନୁହେ, ଏଇ ସବୁ ପ୍ରଭାବର ଜ୍ଞାତ, ଅଜ୍ଞାତ ତଥା ପ୍ରାଣବନ୍ତ ପ୍ରତିବାଦ ଓ ପ୍ରତିରୋଧରେ ଆତ୍ମପ୍ରତିଷ୍ଠା ହେଉଚି, ଓଡ଼ିଆ ପରମ୍ପରା, ଓଡ଼ିଆ ସାହିତ୍ୟ, ପୁଣି ଓଡ଼ିଆ ସଭ୍ୟତାର ଯଥାର୍ଥ ଅନ୍ତରାତ୍ମା ।''(ପୃ.୧୪୬) ଏହି ହେତୁ ସ୍ରଷ୍ଟାଙ୍କର ମହାଭାରତ, ରାମାୟଣ, ଚଣ୍ଡୀପୁରାଣ - ସବୁଥିରେ ଓଡ଼ିଆ ଲୋକଜୀବନ, ପରୋକ୍ଷରେ ଲୋକ ସାହିତ୍ୟର ବଳିଷ୍ଠ ସ୍ୱରୂପ ପ୍ରକାଶ ପାଇଥିଲା । ଏସବୁ ଭିତରେ ପଣ୍ଡିତ ନୀଳକଣ୍ଠ ସମଗ୍ର ଭାରତବର୍ଷରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତାକୁ ଦୃଢ଼ ଭାବରେ ଉପସ୍ଥାପିତ କରିଥିଲେ । ଓଡ଼ିଶାର ମାଟି, ମଣିଷ, ଏହାର ସଂସ୍କୃତି ବିଶେଷତଃ ଉତ୍କଳର ଜାତୀୟ ଦେବତା ଶ୍ରୀଜଗନ୍ନାଥଙ୍କ ଉପରେ ବାରମ୍ବାର ବହିଃ ଶତ୍ରୁମାନଙ୍କର ଆକ୍ରମଣ ହୋଇଛି, ଜଗନ୍ନାଥଙ୍କୁ ଏଥିପାଇଁ ଏକଦା ଚିଲିକାଠାରୁ ଗଞ୍ଜାମର ବୁଡ଼ାମ୍ବ ଅନ୍ତର୍ଗତ ମାରଦା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘବର୍ଷ ଲୁକ୍କାୟିତ ଭାବରେ କଟାଇବାକୁ ପଡିଛି । କର୍ଣ୍ଣାଟୀ ଓ ତୈଲଙ୍ଗୀ ଠାରୁ ଆରମ୍ଭ କରି ବଙ୍ଗୀୟ ସଂସ୍କୃତିର ଅଖଣ୍ଡ ଓ ଅପ୍ରତିହତ ପ୍ରଭାବ ଫଳରେ ଏ ଭୂମିର ସଭ୍ୟତା ଓ ସଂସ୍କୃତିକୁ ଲୋପ କରିବାର ହୀନ ଉଦ୍ୟମ ଅଣଓଡ଼ିଆଙ୍କ ପକ୍ଷରୁ ଆରମ୍ଭ ହୋଇଛି । ଓଡ଼ିଆ ସାହିତ୍ୟ ଓ ସମାଜରେ

Digitized by PPRACHIN, SOA

ଏଥିନେଇ ବାରମ୍ବାର ବିଦ୍ରୋହ ସୃଷ୍ଟି ହୋଇଛି । ଏସବୁ ସତ୍ତ୍ୱେ ''ଜଗନ୍ନାଥର ମୈତ୍ରୀ ଧର୍ମ ତଥା ଓଡ଼ିଆର ସମାଜ ଓ ସାହିତ୍ୟ ମରି ନାଇ । ସାରଳାଦାସ ଏଇ ବିଦ୍ରୋହର ଗୋଟିଏ ପୁଷ୍କଳ, ପ୍ରଚଣ୍ଡ ସ୍ଫୁରଣର ସ୍ପଷ୍ଟ ପ୍ରତୀକ । ଗଙ୍ଗଙ୍କ ସାମ୍ରାଜ୍ୟର ନିଷ୍ପେଷଣ ପରେ ଲୋକେ ସମ୍ରାଟ୍ କରି ବାଛିଲେ, କପିଳା ଗଉଡ଼ଙ୍କୁ । ଏଣେ ଓଡ଼ିଆଙ୍କୁ ମହାଭାରତ ଫିଟାଇ ଦେଖାଇଦେଲେ, ଶୂଦ୍ର ସିଦ୍ଧ, ସାରଳା ଦାସ । କପିଳେନ୍ଦ୍ର ଦେବ ଥିଲେ, ସାମ୍ରାଜ୍ୟରେ ତଥା ସାହିତ୍ୟରେ, ଓଡ଼ିଶାର ବିକ୍ରମାଦିତ୍ୟ ।'' (ପୃ.୧୪୬)

ପଣ୍ଡିତ ନୀଳକଣ୍ଠ ଅଜସ୍ରସ୍ରାବୀ । ତାଙ୍କ ରଚିତ ସାହିତ୍ୟ ସମ୍ଭାରକୁ ନିର୍ଦ୍ଦିଷ୍ଟ ସୀମା ସରହଦ ମଧ୍ୟରେ ସୀମିତ କରାଯାଇନପାରେ । ଓଡ଼ିଆ କାବ୍ୟ-କବିତା କ୍ଷେତ୍ରରେ ସେ ଯେପରି ସ୍ୱନାମଧନ୍ୟ ଓ ବହୁଚର୍ଚ୍ଚିତ, ପ୍ରବନ୍ଧ ସହିତ ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ, ଗୀତାଭାଷ୍ୟ ଏବଂ ଭାରତୀୟ ସଂସ୍କୃତିର ପ୍ରବକ୍ତା ଭାବରେ ତାଙ୍କର ଭୂମିକା ସେହିପରି ସର୍ବଜନ ପ୍ରଶଂସିତ । ସ୍ରଷ୍ଟାଙ୍କର ରଚିତ ପ୍ରବନ୍ଧଗୁଡ଼ିକୁ ଶିକ୍ଷା-ସାହିତ୍ୟ, ଭାଷା-ସଂସ୍କୃତି, ଧର୍ମ-ଦର୍ଶନ, ସମାଜ, ରାଜନୀତି, ଇତିହାସ, ବିଜ୍ଞାନ, ସ୍ମୃତିଚାରଣ, ସଂସ୍କାର ଚେତନା ପ୍ରଭୃତି ନାନା ଭାବରେ ବିଭକ୍ତ କରାଯାଇଥାଏ । ମାତ୍ର ବିଡ଼ମ୍ବନାର ବିଷୟ, ସ୍ରଷ୍ଟାଙ୍କ ଗ୍ରନ୍ଥାବଳୀର ତୃତୀୟ ଖଣ୍ଡରେ ରହିଥିବା ୭ଗୋଟି ପ୍ରବନ୍ଧ ଓ ଅନ୍ୟାନ୍ୟ ସ୍ଥାନରେ ପ୍ରକାଶିତ ୭।୮ ଗୋଟି ପ୍ରବନ୍ଧ ବ୍ୟତୀତ 'ନବଭାରତ'ରେ ତାଙ୍କ ରଚିତ ଶତାଧିକ ପ୍ରବନ୍ଧ ଆଦୌ ଚର୍ଚ୍ଚା ହୋଇନାହିଁ ବା ଆଲୋଚକଙ୍କର ଦୃଷ୍ଟି ଆକର୍ଷଣ କରିନାହିଁ । ପଣ୍ଡିତ ନୀଳକଣ୍ଠଙ୍କ ସୁପୁତ୍ର ଡ଼ାକ୍ତର ବିକ୍ରମ ଦାସଙ୍କ ଦ୍ୱାରା ଗ୍ରନ୍ଥମନ୍ଦିର ପକ୍ଷରୁ 'ପଂଡିତ ନୀଳକଂଠ: ଦୁଷ୍ପ୍ରାପ୍ୟ ରଚନାବଳୀ' ୨୦୧୪ ମସିହାରେ ପ୍ରକାଶିତ ହୋଇଛି । ସଂପାଦନା ନେଇ ଏହି ଗ୍ରନ୍ଥରେ କେତେକ ଭୁଲଭ୍ରାନ୍ତି ଥିଲେ ବି ତହିଁରେ ରହିଛି ସ୍ରଷ୍ଟାଙ୍କର ଶତାଧିକ ପ୍ରବନ୍ଧ ଓ ଆଲୋଚନା । ନୀଳକଣ୍ଠଙ୍କ ସେହିସବୁ ପ୍ରବନ୍ଧ ଆଲୋଚନାରୁ ସ୍ରଷ୍ଟାଙ୍କର ପ୍ରବନ୍ଧ ରଚନାକୌଶଳ, ତାଙ୍କ ରଚନାର ଆଭିମୁଖ୍ୟ ଓ ଲକ୍ଷ୍ୟ ବିଶେଷତଃ ତାଙ୍କ ପ୍ରବନ୍ଧର ମୂଳଭିତ୍ତି ସହିତ ସଂସ୍କୃତିପ୍ରାଣତା ସହଜରେ ହୃଦୟଙ୍ଗମ କରିହୁଏ । ଏତଦ୍‌ବ୍ୟତୀତ ଏସବୁ ପ୍ରବନ୍ଧ ଓ ଆଲୋଚନାରୁ ସ୍ରଷ୍ଟାଙ୍କର ପ୍ରବନ୍ଧଗୁଡ଼ିକର ସୀମା, ସମ୍ଭାବନା, ଦୀପ୍ତି ଓ ବ୍ୟାପ୍ତି ମଧ୍ୟ ପାଠକ ହୃଦୟଙ୍ଗମ କରିପାରେ । ଆଲୋଚ୍ୟ ପ୍ରବନ୍ଧମଧ୍ୟରେ ଆମେ ଦୁଷ୍ପ୍ରାପ୍ୟ ରଚନାବଳୀର 'ଶିକ୍ଷା ଓ ସାହିତ୍ୟ' ଶିରୋନାମା ଅନ୍ତର୍ଗତ ଅଳ୍ପ କେତେଗୋଟି ପ୍ରବନ୍ଧକୁ ଆଲୋଚନା ପରିସରଭୁକ୍ତ କରିଛୁ । ପରବର୍ତ୍ତୀ କାଳରେ ସ୍ରଷ୍ଟାଙ୍କର ରଚନା ସମଗ୍ର ଆଲୋଚନା ହେଲେ ସମକାଳୀନ ଓଡ଼ିଶା ଓ ଓଡ଼ିଆ ସାହିତ୍ୟର ବହୁ ଅନାଲୋଚିତ ଦିଗ ଉନ୍ମୋଚିତ ଓ ଆଲୋକିତ ହୋଇପାରିବ ।

ସହାୟକ ଗ୍ରନ୍ଥସୂଚୀ:

୧. ପଂଡିତ ନୀଳକଂଠ: ଦୁଷ୍ପ୍ରାପ୍ୟ ରଚନାବଳୀ, ୨୦୧୪, ସଂପାଦନା: ଡ଼ାକ୍ତର ବିକ୍ରମ ଦାସ, ଗ୍ରନ୍ଥମନ୍ଦିର, କଟକ-୭୫୩୦୦୨ ।

Digitized by PPRACHIN, SOA

# ପ୍ରାବନ୍ଧିକ ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସ : ଏକ ମନ୍ମୟ ବିଶ୍ଳେଷଣ

ପ୍ରଫେସର ବୈଷ୍ଣବ ଚରଣ ସାମଲ

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦିପର୍ବରେ କବିବର ରାଧାନାଥ ରାୟଙ୍କ 'ବିବେକୀ' (୧୮୭୩) ପ୍ରବନ୍ଧ ପ୍ରଥମ ପ୍ରତିଶ୍ରୁତି ବହନ କରି ଆତ୍ମପ୍ରକାଶ କରିବା ପରେ ପରେ ଭକ୍ତକବି ମଧୁସୂଦନ ରାଓ, ସାଧୁଚରଣ ରାୟ, ଗଣପତି ଦାସ, ରାମଶଙ୍କର ରାୟ, ବିଶ୍ୱନାଥ କର ପ୍ରମୁଖ ନାନା ଦୃଷ୍ଟିକୋଣରୁ ପ୍ରବନ୍ଧ ରଚନା କରିଥିଲେହେଁ ପଣ୍ଡିତ ନୀଳକଣ୍ଠ ଦାସ ସଂପୂର୍ଣ୍ଣ ସ୍ୱକୀୟ ଧରା ଓ ଧାରା ସୃଷ୍ଟି କରି ସେକାଳର କେବଳ ନୁହେଁ; ଏକାଳରେ ମଧ୍ୟ ଏକ ଉଜ୍ଜ୍ୱଳ ନକ୍ଷତ୍ର ରୂପେ ଦୀପ୍ତିମନ୍ତ ହୋଇ ରହିଅଛନ୍ତି । ତାଙ୍କର ମୌଳିକ ପ୍ରବନ୍ଧ ସହିତ ସମାଲୋଚନାତ୍ମକ ପ୍ରବନ୍ଧ ଓଡ଼ିଆ ସାହିତ୍ୟରେ ସୃଷ୍ଟି କଲା ଏକ ନୂତନ ମାର୍ଗ । ରାଧାନାଥଙ୍କ ବିବେକ-ଚିନ୍ତନ ସହିତ ଆଦିପର୍ବର ଅନ୍ୟାନ୍ୟ ଲେଖକଙ୍କ ବିବେକ-ଚିନ୍ତନର ପ୍ରେରଣା ନୀଳକଣ୍ଠଙ୍କ ବିବେକ-ବିଚାରରେ ମିଶି ଜାତୀୟ ବିବେକରେ ପରିଣତ ହୋଇ ଗ୍ରହଣ କଲା ଏକ ସ୍ନାତ ସୁନ୍ଦର ସ୍ୱର୍ଦ୍ଧିତ ରୂପ । ଏହା ଭାରତୀୟ ତଥା ଉତ୍କଳୀୟ ସଂସ୍କୃତିର ହୋଇଗଲା ଜୀବନ୍ତ ବାଣୀ-ମନ୍ତ୍ର । ଏହି ବିବେକ ଯାବତୀୟ ଭାନ୍ତିକ ମିଥ୍ୟା, ଯାହା ଜାତୀୟ, ଧର୍ମୀୟ ଓ ସାମାଜିକ ଜୀବନକୁ ମୋହଗ୍ରସ୍ତ କରି ରଖିଥିଲା, ତାହାର ମୁଖା ଉନ୍ମୋଚନ କରି ପ୍ରକୃତ ସତ୍ୟକୁ ଦେଖାଇଦେବା ପାଇଁ ସତତ ଉତ୍କଣ୍ଠିତ । ଦର୍ଶନ ଶାସ୍ତ୍ରରେ ସେ ସର୍ବୋଚ୍ଚ ଉପାଧି ପ୍ରାପ୍ତ ହୋଇଥିଲେ ଓ ପରେ ପରେ ବେଦବେଦାନ୍ତ ସଂହିତା ତଥା ବିବିଧ ଭାରତୀୟ ଶାସ୍ତ୍ର ଅଧ୍ୟୟନ ତଥା ମହାଭାରତ, ରାମାୟଣ, ଭାଗବତ ଇତ୍ୟାଦିରେ ଅଭିଜ୍ଞତା ଅର୍ଜନ ସହିତ ଆସିରୀୟ ସଭ୍ୟତାର ଇତିହାସ, ଭାରତବର୍ଷର ତଥା ଉତ୍କଳର ଇତିହାସ ଓ ସର୍ବୋପରି ଜଗନ୍ନାଥ -ସଂସ୍କୃତିର ସତ୍ୟ ଉଦ୍‌ଘାଟନ ତାଙ୍କ ସାରସ୍ୱତ ପ୍ରତିଭାର ହୋଇଗଲା ଆଦର୍ଶ । ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରୁ ହିଁ ତାଙ୍କର କବିତ୍ୱ ଓ ତର୍କନିଷ୍ଠ ପ୍ରବନ୍ଧ -ମାନସର ହେଲା ଉନ୍ମେଷ । ସେକାଳରେ ସମାଜରେ ପ୍ରଚଳିତ ଥିବା ନାନା ଅନ୍ଧବିଶ୍ୱାସ ବିରୋଧରେ ତାଙ୍କର ଯେଉଁ ବିବେକାନୁମୋଦିତ ପ୍ରତିକ୍ରିୟା ସୃଷ୍ଟି ହେଲା ତାହାକୁ କେତେକ ପ୍ରବନ୍ଧରେ ପ୍ରକାଶ କରିବା ସଂଗେ ସଂଗେ ଓଡ଼ିଆ ସାହିତ୍ୟ ଓ ଭାଷା ଉପରେ ନୂତନ ଆଲୋକପାତ କଲେ । ସାରଳା ଦାସ, ଉପେନ୍ଦ୍ର ଭଞ୍ଜ, ବୈଷ୍ଣବ କବି, ଫକୀରମୋହନ, ରାଧାନାଥ ପ୍ରମୁଖ ଲେଖକଙ୍କ ବିଷୟରେ ସେ ଯେଉଁ ବିଚାର-ବିମର୍ଶ କଲେ ତାହା ହୋଇଗଲା ସ୍ୱତନ୍ତ୍ର । ପରେ ପରେ ସେ ଓଡ଼ିଆ ସାହିତ୍ୟର କ୍ରମପରିଣାମ ରଚନା କଲେ, ସଂସ୍କୃତି ଓ ଜାତୀୟ ଜୀବନ ସଂପର୍କରେ ମୌଳିକ ଚର୍ଚ୍ଚା

Digitized by PPRACHIN, SOA

ଆରମ୍ଭ କରିଦେଲେ । 'ମୋ ନିଶ', 'ନିଶ' ପରି ପ୍ରବନ୍ଧରେ ନିଜର ସଂସ୍କାର ମାନସିକତା ଓ ରକ୍ଷଣଶୀଳ ସମାଜ ବିରୋଧରେ ସ୍ୱର ଉତ୍ତୋଳନ କଲେ । ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସ ତେଣୁ ଶାଣିତ, ସୁତୀବ୍ର, ଅକୁତୋଭୟ । ଯାହା ସତ୍ୟ ତାହାକୁ ପ୍ରକାଶ କରିବାରେ ତାଙ୍କର ଆଦୌ କୁଣ୍ଠା ନଥିଲା । ଯାବତୀୟ ଲୌକିକ ଉପଚାରର ସେ ପରିପନ୍ଥୀ । ତାଙ୍କର ପ୍ରଜ୍ଞା-ମାନସ ସତତ ଥିଲା ପ୍ରଜ୍ଞାଦୀପ୍ତ । କୌଣସି ସଂକୀର୍ଣ୍ଣତା ତାଙ୍କୁ ସ୍ପର୍ଶ କରି ନଥିଲା । ବାସ୍ତବିକ ନୀଳକଣ୍ଠ ଥିଲେ ପ୍ରଜ୍ଞାର ଏକ ବିକ୍ଷୁବ୍ଧ ସାଗର । ତେବେ ତାଙ୍କର ପ୍ରଜ୍ଞା-ମାନସର କେନ୍ଦ୍ର କେଉଁଠି ? ଏହି କେନ୍ଦ୍ରର ବଳୟ କ'ଣ ? ତାହାର ଭୂମି ଓ ଭୂମିକାଟି ମଧ୍ୟ କ'ଣ ? ସାରସ୍ୱତ ଜଗତରେ ତାଙ୍କର ପ୍ରତିଷ୍ଠା କେଉଁଥିରେ ? ରାଜନୀତିରେ ବା କାବ୍ୟକବିତାରେ ଅଥବା ପ୍ରଜ୍ଞା- ସଚେତନତାରେ, ପ୍ରବନ୍ଧର ବିପୁଳ ସୃଷ୍ଟି ସମ୍ଭାରରେ ?

କୋଣାର୍କେ କାବ୍ୟର ମୁଖବନ୍ଧରେ ଡକ୍‌ଟର ମାୟାଧର ମାନସିଂହ ଲେଖିଛନ୍ତି - "ରାଜନୈତିକ ନୀଳକଣ୍ଠ କାଲି ଧୂଳିରେ ମିଶି ବିସ୍ମୃତ ହୋଇଯିବେ । କିନ୍ତୁ 'କୋଣାର୍କେ'ର ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ" । ଅବଶ୍ୟ ନୀଳକଣ୍ଠ କବି । ତେବେ କବିଭାବରେ ତାଙ୍କର ପ୍ରତିଷ୍ଠା କେତେ ? ରାଜନୀତିକ ନେତା ଭାବରେ ତାଙ୍କର ଅମରତ୍ୱ କେତେ ? କୁଳବୃଦ୍ଧ ମଧୁସୂଦନ ଆପଣାର ମୃତ୍ୟୁ ଶଯ୍ୟା ନିକଟରେ ନୀଳକଣ୍ଠଙ୍କୁ ଓଡ଼ିଶା ତଥା ଓଡ଼ିଶାର ରାଜନୀତିରେ ଭରସା ରୂପେ ପ୍ରକାଶ କରି ଯାଇଥିଲେ । ରାଜନୀତି କ୍ଷେତ୍ରରେ କିଛି ପ୍ରତିଷ୍ଠା ସେ ଅର୍ଜନ କରିଥିଲେ, ଜୀବଦଶା ମଧ୍ୟରେ ରାଜନୀତିଜ୍ଞ ନୀଳକଣ୍ଠଙ୍କର ମୃତ୍ୟୁ ହୋଇ ସାରିଥିଲା । ତେବେ କବିଭାବରେ ସେ କେତେଦୂର ସ୍ଥାୟୀ ? 'କୋଣାର୍କେ', ପ୍ରଣୟିନୀ, 'ଖାରବେଳ', 'ଦାସ ନାଏକ' ଓ 'ଭକ୍ତି ଗାଥା' ପରି କେତେକ କବିତା ପୁସ୍ତକ ରଚନା କରି ସେ କଣ ବିଶ୍ୱ ବିସ୍ମୃତ କବିମାନଙ୍କ ସାଙ୍ଗରେ ବସିପାରିବେ ? ଏ ସବୁ କାବ୍ୟ କବିତାରେ ତାଙ୍କର ମୌଳିକତା କେତେ ? ଆବେଗଦୀପ୍ତ କବିତ୍ୱର ମହନୀୟତା କେତେ ? ଅବଶ୍ୟ 'କୋଣାର୍କେ'ରୁ କବିଙ୍କର ଐତିହାସିକ ମିଥ୍ୟାଚାର ବିରୋଧୀ ପ୍ରଜ୍ଞା - ମାନସର ସଂକେତ ମିଳେ ଯେତେବେଳେ ଆମେ ପଢୁ-

"କବିଙ୍କ କେଦାର -ଗଉରୀ ଆସି ଯବନ ଦେଶୁଁ
ନାଚି ଯିବେ ତିଳେ ସ୍ୱପନେ ତବ ଅଭ୍ୟାସ ବଶୁ ।
ସୁବର୍ଣ୍ଣ -ଦୁହିତା ବରିବେ ଚୋରଗଙ୍ଗ -ରାଜନ,
କେରଳ -ମହଲେ ଉତ୍କଳ -ଭେରି ଶୁଭିବ ପୁଣ ।
ଘରଛାଡ଼ି କିମ୍ବା ଯିବେ ସେ ବୀରବାଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ।
କଉଶୁଲା ଗଂଗ ଧଉଳି ଏହି ନୟନେ ନାଚେ
କବିକି ସୁମରି ବିରାଗେ ମୁଖ ଫେରାଅ ପଛେ ।"

-କୋଣାର୍କେ -

Digitized by PPRACHIN, SOA

କବିବର ରାଧାନାଥ ଓଡ଼ିଦ୍‌ଙ୍କ 'ମେଟାମୋରଫସିସ୍'ର କାହାଣୀ ଭିତରେ ଆପଣାର କାବ୍ୟ ସୃଷ୍ଟିରେ ଯେଉଁ ଇତିହାସ ସଂଯୋଜନା କରିଅଛନ୍ତି ତାହାପ୍ରତି ନୀଳକଣ୍ଠଙ୍କର ଥିଲା ଏକ ପ୍ରଚଣ୍ଡ ପ୍ରତିବାଦ । ତେବେ ନୀଳକଣ୍ଠଙ୍କର ଏହା କଣ ପ୍ରଜ୍ଞା-ମାନସର ପରିଚୟ ଅଥବା ଅତୀତ ଇତିହାସର ଆବେଗିକ ବର୍ଣ୍ଣନା ମଧ୍ୟ ଦେଇ କବି ଭବିଷ୍ୟତ ପାଇଁ ଯେପରି ଇଙ୍ଗିତ ଦେଇଛନ୍ତି ତାହାର ସଂକେତ ? କେତୋଟି ଦୃଷ୍ଟାନ୍ତ ଦେଖାଯାଉ :-

"କେବେ ବା ବୋଇତ ଲାଗିବ ବଙ୍ଗ ସାଗର କୂଳେ
ଓଡ଼ିଆ ନାବିକ ରସିବେ ତାମ୍ରଲିପ୍ତି ମଣ୍ଡଳେ ।
ତାମ୍ରଲିପି ଛାଡ଼ି ଉଠିବ ତରୀ ସିଂହଳ -ତଟେ
ଉତ୍କଳ -କମଳା ହସିବେ ପୁଣ୍ୟ ଜୈତ୍ର ମୁକୁଟେ ।
ବାଣିଜ୍ୟ -ବିଜୟ ଉନ୍ମାଦେ ପୁଣି କୋଣାର୍କେ ଫେରି
ସ୍ୱାଧୀନ ବିଳାସେ ରସିବ ଦେଖି ଏ ପୁରୀ ଶିରୀ ।"

-କୋଣାର୍କେ-

ଏହି ବର୍ଣ୍ଣନା -ବିନ୍ୟାସ କଣ କବିଙ୍କର ପ୍ରଜ୍ଞା-ମାନସର ସୃଷ୍ଟି ସମ୍ପଦ ? କେଉଁଠି ତାହାହେଲେ ଏହି ସ୍ପର୍ଦ୍ଧିତ ବ୍ୟକ୍ତିତ୍ୱର ପ୍ରଜ୍ଞାବିନ୍ଦୁ ନିହିତ ? ପ୍ରଜ୍ଞା-ମାନସର କେଉଁ କେନ୍ଦ୍ର ତାଙ୍କର ସମଗ୍ର ସୃଷ୍ଟି -ସଂପଦକୁ ନିୟନ୍ତ୍ରଣ କରିଛି ? ଊନବିଂଶ ଶତାବ୍ଦୀର ଷ୍ଟର୍ଲିଂ ଓ ହଣ୍ଟର ପ୍ରଭୃତି ବିଦେଶୀୟ ଐତିହାସିକମାନେ ଭାରତୀୟ ସଂସ୍କୃତିକୁ ଓଡ଼ିଶାର କଳା, ସଂସ୍କୃତି ଓ ସାହିତ୍ୟର ଅବଦାନ ଅତ୍ୟନ୍ତ ନଗଣ୍ୟ ବୋଲି କହିଥିବା ବିକୃତିକୁ ନୀଳକଣ୍ଠ ନିଶ୍ଚିତ ଭାବରେ ଉପଲବ୍ଧି କରିଥିବେ । ଏକ ଜାତୀୟ ଅବସାଦ ମଧ୍ୟରୁ ନୀଳକଣ୍ଠଙ୍କ ସ୍ୱାଭିମାନ ନୂତନ ରୂପ ନେବାକୁ ଉତ୍କଣ୍ଠିତ ହୋଇଥିବ । ସେହି ଦୁର୍ଦ୍ଧର୍ଷ ସ୍ୱାଭିମାନର ଆମ୍ରଲିପି 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ନୁହେଁ କି ? ଏହା କ'ଣ ସାମନ୍ତବାଦ ଲାଞ୍ଛିତ ଓଡ଼ିଆମାନସର ଏକ ବିକଳ ପ୍ରତିସ୍ପର୍ଦ୍ଧା ? ନା ଏକ ଜାତୀୟ ସ୍ୱାଭିମାନ ସ୍ପର୍ଦ୍ଧିତ ଦୀପ୍ତ ବ୍ୟକ୍ତିତ୍ୱର ପ୍ରଜ୍ଞାର ଇସ୍ତାହାର ? ଏହା ସତ୍ୟ ଯେ ନୀଳକଣ୍ଠ କୌଣସି ପ୍ରକାର ସଂକୀର୍ଣ୍ଣତା ବା ମୋହର ବଶବର୍ତ୍ତୀ ହୋଇ ଜାତୀୟତାର ଆସ୍ଫାଳନ କରୁ ନଥିଲେ । ତାଙ୍କର ଜାତୀୟତା ଯୁକ୍ତିନିଷ୍ଠ । ପ୍ରଜ୍ଞା ତାର ଭିତ୍ତିଭୂମି । କୌଣସି କଥାକୁ ସେ ଯୁକ୍ତି ଓ ବିଚାର ବିନା ମାନିନେଇ ନାହାନ୍ତି । ଏହି ଯୁକ୍ତି ଓ ତାର୍କିକତା ତାଙ୍କର କାବ୍ୟରୁ ମଧ୍ୟ ଦେଖିବାକୁ ମିଳେ । ଓଡ଼ିଶାର ଐତିହ୍ୟ ଖୋଜି ଖୋଜି ସେ ଯାଇଛନ୍ତି ଆସିରୀୟ ସଭ୍ୟତା ପର୍ଯ୍ୟନ୍ତ । ଇତିହାସର ପୁରାବୃତ୍ତ ଭେଦକରି ପ୍ରକୃତ ସତ୍ୟକୁ ଅନୁଶୀଳନ କରିଅଛନ୍ତି । ତାଙ୍କ ପ୍ରଜ୍ଞା-ମାନସ-ଭୂମିର ଭୌଗୋଳିକ ସୀମା କଳିଙ୍ଗରାଟ -ଉତ୍କଳରାଟ ଓ ବୌଦ୍ଧ ବିଳାସ ପୁରଯାଏ ଲମ୍ବିଥିବା ଉଡ୍ରକୋଶଳ । ଏହି ସୀମା ମଧ୍ୟରେ ନିଷାଦ ସଭ୍ୟତା ଶବର ସଭ୍ୟତା - ଦ୍ରାବିଡ଼ ସଭ୍ୟତା ଦେଇ ଆର୍ଯ୍ୟ ସଭ୍ୟତା ମଧ୍ୟରେ ବିଚରଣ କରି ପ୍ରକୃତ ଆଲୋକର ସନ୍ଧାନ କରିଛି ଏ ମାନସ । ତାରି ମଧ୍ୟ ଦେଇ ଜିଣ-ବୌଦ୍ଧ-ବୈଦିକ-ଆର୍ଯ୍ୟ ଧର୍ମର ତତ୍ତ୍ୱକୁ ଉପଲବ୍ଧି କରିଛି । ପୁରୁଷୋତ୍ତମ-

Digitized by PPRACHIN, SOA

ଧର୍ମର ଇତିହାସ ଓ ଐତିହ୍ୟକୁ ଉଦ୍‌ଘାଟନ କରିଛି । ରଇଲଡ଼ସ, ହାଲ୍‌ସ୍, ମନିଅର ଉଇଲିୟମସ୍, ଭଣ୍ଡାରକାରଙ୍କଠାରୁ ଆରମ୍ଭ କରି ଓଡ଼ିଶାର ନବୀନକୁମାର ସାହୁଙ୍କ ପର୍ଯ୍ୟନ୍ତ ତାଙ୍କର ପ୍ରଜ୍ଞା-ମାନସ ପରିକ୍ରମା କରିଛି । ବୌଦ୍ଧ ଜାତକ, ଥେରା ପଟ୍ଟୀ, ଇନ୍ଦ୍ରଭୂତି, ତୀର୍ଥଙ୍କର, ଆସିରୀୟ, ସୁମେର, ମିଟାନି, ମିଶର, ବ୍ୟାବିଲୋନ ପ୍ରଭୃତି ଇତିହାସର ତଥ୍ୟକୁ ସେ ଅନୁଶୀଳନ କରି ଜଗନ୍ନାଥ ପୀଠହିଁ ପୁରୁଷୋତ୍ତମ ପୀଠ ଥିଲା ବୋଲି ମତବ୍ୟକ୍ତ କରିଅଛନ୍ତି । ଏହି ପୁରୁଷୋତ୍ତମ ଧର୍ମହିଁ- "ପୁରୁଷଧର୍ମ ବା ସ୍ୱଧର୍ମ । ଦ୍ରାବିଡ଼ ସଭ୍ୟତାର ମୂଳଧର୍ମ । ଏହାହିଁ ଜିଣ ବା ଜିନାସନ ଧର୍ମ । ଏହା ଥିଲା ଦକ୍ଷିଣ ଭାରତର ସ୍ୱଧର୍ମ ।" ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସ ଉତ୍କଳର ଐତିହ୍ୟ ପରମ୍ପରାକୁ ଅନୁଶୀଳନ କରିବାକୁ ଯାଇ ପୁରୁଷୋତ୍ତମ -ପରମ୍ପରାର ମୈତ୍ରୀ ଧର୍ମକୁ ଉଦ୍‌ଘାଟନ କରିଛି । ପ୍ରଜ୍ଞା-ମାନସର କେନ୍ଦ୍ରବିନ୍ଦୁ ଏହି ମୈତ୍ରୀଧର୍ମରେ ଘନୀଭୂତ ହୋଇ ଏକ ଜାତୀୟ ସ୍ୱାଭିମାନଧର୍ମୀ ଭାବ-ବଳୟ କାଟି ଦେଇଛି । ଏହି ମୈତ୍ରୀଧର୍ମରେ କେତେବେଳେ ଆସିଛି ଜାତୀୟ ସ୍ୱାଭିମାନ, କେତେବେଳେ ପ୍ରକାଶ ପାଇଛି ଅନ୍ୟ ଧର୍ମର ବ୍ୟଭିଚାର ପ୍ରତି ବ୍ୟଙ୍ଗ ବିଦ୍ରୂପ, କେତେବେଳେ ନିଜ ଧର୍ମ ତଥା ଅନ୍ୟଧର୍ମର ଭାକ୍ତିକ ମିଥ୍ୟା ପ୍ରତି ହୋଇଛି ପ୍ରଚଣ୍ଡ ଆକ୍ରମଣ । ତେଣୁ ନୀଳକଣ୍ଠଙ୍କ ପ୍ରଜ୍ଞାମାନସର କେନ୍ଦ୍ର ମୈତ୍ରୀଧର୍ମ । ଆଘାତ ତାର ଭାକ୍ତିକ ମିଥ୍ୟା ପ୍ରତି । ଭାକ୍ତିକ ମିଥ୍ୟାର ସଂହାର ଅଭିଯାନ ହିଁ ତାଙ୍କ ପ୍ରଜ୍ଞା -ମାନସର ଦୀପ୍ତି ଓ ଦ୍ୟୁତି । ଏହାକୁ ନେଇ ସେ ଗଢ଼ି ଦେଇଛନ୍ତି ଗୋଟାଏ ନୂତନ ଭୂମି ଓ ଭୂମିକା ।

ନୀଳକଣ୍ଠ ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି ଏକଦା ସେ ତାଙ୍କର କେତେଜଣ ସାଙ୍ଗଙ୍କ ସହିତ ସତ୍ୟବାଦୀ ଯାଇଥିଲେ ଗୋପବନ୍ଧୁଙ୍କ ନିକଟକୁ । ସେତେବେଳେ ଗୋପବନ୍ଧୁ ପ୍ରାତଃ ସ୍ନାନ ସାରି ମଠା ପିନ୍ଧି ପିଢ଼ାରେ ବସି ଆଗରେ ଭାଗବତ ପୋଥି ଥୋଇ ପଢୁଥାନ୍ତି । ଭାଗବତ ପାଠ ପରେ ଭୋଗ ଦିଆହେଲା । କଦଳୀ ପତ୍ର ପକାଇ ଦାସେ ଆପଣେ ହବିଷରେ ବସିଲେ । ନୀଳକଣ୍ଠ ମଧ୍ୟ ସେଦିନ ବିନା ଚଳୁରେ ପ୍ରସାଦ ସେବନ କଲେ । ସେଦିନର ଅନୁଭୂତି ତାଙ୍କ ପକ୍ଷରେ ନୂଆ । ସେଥିରେ ପୁଣି କପିଳେଶ୍ୱରପୁର ଶାସନ ପୁରୀ ଶାସନ ବ୍ରାହ୍ମଣମାନଙ୍କ ନିକଟରେ ଅସ୍ପୃଶ୍ୟ । "ସଂସ୍କୃତ ପୁରାଣ ପାଠ ହେଲା ପରି ଜଗନ୍ନାଥ ଦାସଙ୍କ ଭାଗବତ ପାଠ ଶାସନରେ ହୋଇ ନାଇ । ସେଦିନ ଆମ୍ଭେ ଚଳୁ ନ କରି ସମସ୍ତେ ସେ ଭାତ ତିଅଣ ଖାଇଲୁ । କିନ୍ତୁ ମୋର ମନେ ଅଛି, ଅଧାଖିଆ ପର୍ଯ୍ୟନ୍ତ ମୋ ପେଟକୁ ଭାତ ଯାଉ ନଥାଏ ।" (୨) ଏଥିରୁ ସେଦିନର ଯୁବକ ନୀଳକଣ୍ଠଙ୍କର ମନ ଭିତରେ ଥିବା ସଂକୀର୍ଣ୍ଣତାର ପରିଚୟ ମିଳେ । କିନ୍ତୁ ସେହି ମନ କ୍ରମେ ସଂକୀର୍ଣ୍ଣତାରୁ ହେଲା ମୁକ୍ତ । ଏକ ଉଦାର ଜୀବନବୋଧ ପ୍ରତି ଏହା ହେଲା ଉନ୍ମୁଖ । ସେଦିନ ସନ୍ଧ୍ୟାରେ ଗୋପବନ୍ଧୁ ନୀଳକଣ୍ଠଙ୍କୁ ଭାର୍ଗବୀ ନଦୀକୂଳକୁ ବୁଲାଇ ନେଇ ଶପଥ କରାଇ ଦେଲେ- "ଆମେ ପାଠ ପଢ଼ି ସରକାରୀ ଚାକିରି କରିବା ନାଇ । ଦେଶ ପାଇଁ କିଛି କରିବା । ଜନ୍ମ ବେଳେ ଦେଶକୁ ଯାହା ଦେଖିଥାଇଁ 'ତା'ଠାରୁ ଉନ୍ନତ ଦେଖି ମରିବା ।" (୩) ଗୋପବନ୍ଧୁଙ୍କର ନୀଳକଣ୍ଠଙ୍କୁ ଏହି ଶପଥ କରାଇବା ଦ୍ୱାରା ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସ

Digitized by PPRACHIN, SOA

କ୍ରମେ ପ୍ରସ୍ତୁତ ହୋଇ ଯାଇଛି ସଂସ୍କାର ପାଇଁ । ନିଜେ ନିଶ ରଖି ସମାଜ-ସଂସ୍କାର ପାଇଁ ଆହ୍ୱାନ ଦେଇଛନ୍ତି ସେ । ପିଲାଦିନରୁ ଧର୍ମ ବିଶ୍ୱାସ ଓ ତଦନୁଗତ କ୍ରିୟାସବୁ ପ୍ରତି ତାଙ୍କର ସମାଲୋଚନା ପ୍ରକାଶ ପାଇଛି । (୪) ସେ ମନେକରି ଅଛନ୍ତି -"ସମାଜରେ ଜ୍ଞାନର ଅଭାବ ଓ କାରଣ ଜିଜ୍ଞାସାର ହୀନତା ଏଇପରି ଆମମାନଙ୍କ ସମାଜକୁ ପଶୁ ସମାଜରେ ପରିଣତ କରିଅଛି । ସର୍ବଦା ଅତୀତର ବିଶ୍ୱାସରେ ଏଇପରି ଭବିଷ୍ୟତର ଆଶା ଲୋପ କରି ଲୋକେ ଆତ୍ମଗ୍ଲାନିରେ ହୀନ ପଶୁଧର୍ମ ଅବଲମ୍ବନ କରୁଅଛନ୍ତି ।" (୫) ଯୁବକ ଅବସ୍ଥାରୁ ନୀଳକଣ୍ଠ ପ୍ରଜ୍ଞା ସଚେତନ ହୋଇ ଉଠିଲେ । କୌଣସି କଥାକୁ ସେ ଯୁକ୍ତି ଓ ତର୍କ ବିନା ସ୍ୱୀକାର କରିବାକୁ ପ୍ରସ୍ତୁତ ହେଲେ ନାହିଁ । ସକଳ ଭାକ୍ତିକ ମିଥ୍ୟା ପ୍ରତି ତାଙ୍କର ପ୍ରଜ୍ଞା-ମାନସ କ୍ରମେ ଘୃଣା ପ୍ରକାଶ କରିଛି । ଯାହା ସତ୍ୟ ତାକୁ ପ୍ରକାଶ କରିବା ପାଇଁ ସେହି ମାନସ ହୋଇଛି ସତତ ଉନ୍ମୁଖ ।

ସତ୍ୟବାଦୀ ବନବିଦ୍ୟାଳୟରେ ୧୯୧୬ ବା ୧୯୧୭ ମସିହାବେଳକୁ ଭୁବନେଶ୍ୱର ରଥ ସଂସ୍କୃତ ମହାଭାରତ ପଢ଼ି ଶୁଣାଉଥାନ୍ତି । ନୀଳକଣ୍ଠ ଓ ଗୋପବନ୍ଧୁ ଶ୍ରୋତା । ଦଶ ପନ୍ଦର ଦିନ ପଢ଼ା ହେଲା ପରେ ଗୋପବନ୍ଧୁ ନୀଳକଣ୍ଠଙ୍କୁ ପଚାରିଲେ - "କି ଓ ନୀଳକଣ୍ଠ, କିପରି ଲାଗୁଛି ?" ମୁଁ କହିଲି - 'ଏ ମହାଭାରତରେ କୃଷ୍ଣଙ୍କ ଚରିତ୍ର ଯେ ଖଞ୍ଜି ଦେଇଛି ସେ ବଡ଼ ବିଚକ୍ଷଣ ବୈଷ୍ଣବ । ସେଥିପାଇଁ ଲାଗୁଚି କୃଷ୍ଣ ନଥିଲେ ଯେପରି ମହାଭାରତ ବି ନଥାନ୍ତା; କିନ୍ତୁ ଯଥାର୍ଥତାରେ ସମସ୍ତ କୃଷ୍ଣ ବିଷୟଟି ମହାଭାରତରୁ କାଢ଼ିଦେଲେ ଯଥାର୍ଥ ମହାଭାରତର ଯେ 'ଜୟ' ବୋଲି ନାମଟି ଅଛି ତାହା ଖଣ୍ଡିତ ହେବ ନାହିଁ । ମତେ ଏଇଆ ଲାଗୁଚି ।" (୬) ଏକଥା ଶୁଣି ଗୋପବନ୍ଧୁ କହିଲେ - 'ନୀଳକଣ୍ଠ ! ଏପରି ଚିନ୍ତା କରିବ ନାଇ । ଏଥିରେ ପାପ ହେବ ।' (୭) ସେଦିନ ନୀଳକଣ୍ଠଙ୍କୁ ଏକଥା ଭଲ ଲାଗି ନଥିଲା । ବରଂ ସେହିଦିନଠାରୁ ସେ କୃଷ୍ଣଙ୍କ ବିଷୟରେ ପଛକୁ ରହିଁଲେ । ଏକ ନିବିଡ଼ ପ୍ରଜ୍ଞାବୋଧ ନେଇ କୃଷ୍ଣ ବିଷୟକ ଓ ଧର୍ମ ବିଷୟକ ପ୍ରତ୍ୟେକ କଥାକୁ ବିଚାର କଲେ । 'ସତ୍ୟବାଦୀ' ମାସିକ ପତ୍ରିକାରେ ଗୋପବନ୍ଧୁ 'ସତ୍ୟବାଦୀ ବା ସାକ୍ଷୀଗୋପାଳ' ଶୀର୍ଷକ ଯେଉଁ କୃଷ୍ଣ ବିଷୟକ ପ୍ରବନ୍ଧ ଲେଖିଥିଲେ ତାହା ଥିଲା ଭାକ୍ତିକ ମିଥ୍ୟାରେ ପରିପୂର୍ଣ୍ଣ । ନୀଳକଣ୍ଠ ଏହାକୁ ଲକ୍ଷ୍ୟ କରି କହିଛନ୍ତି - "ମୋତେ ଏହିପରି ଭାକ୍ତିକ ମିଥ୍ୟା ସୁଖ ଲାଗେନାଇ । ବିଶେଷରେ ସେହି ଦିନଠାରୁ ମୋ ମନରେ ପ୍ରତିକ୍ରିୟା ହେଲା । ଏହିପରି ଭାକ୍ତିକ ମିଥ୍ୟା ପ୍ରତି ମୋର କ୍ରମେ ଘୃଣା ଆସିଲା ।" (୮) ସେ ପୁଣି କହିଛନ୍ତି - "ମୌଳିକ ଧର୍ମରେ ଭକ୍ତିଭାବ ପଶିଲେ ମନୁଷ୍ୟ କ୍ରମେ କ୍ଷୁଦ୍ର ହୁଏ ଓ ଆତ୍ମିକତା ତଥା ଚରିତ୍ରବତ୍ତା ପ୍ରଭୃତି ମନୁଷ୍ୟର ଯେଉଁ ଗୁଣ ବିକଶିତ ହେଲେ ପୃଥିବୀରେ ସାମ୍ୟ ଓ ମୈତ୍ରୀଭାବ ଫୁଟିବ ବୋଲି ଆଜି କଳ୍ପନା କରାଯାଉଛି, ତାହା ବ୍ୟାହତ ହୁଏ ।" (୯) ଏହି ସିଦ୍ଧାନ୍ତରେ ଉପନୀତ ହେଲା ପରେ ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସ ଭାକ୍ତିକ ମିଥ୍ୟାଠାରୁ ଦୂରେଇ ଗଲା । ଭକ୍ତି ନାମରେ ଯେଉଁ ବ୍ୟଭିଚାର ଓ ଯଥେଚ୍ଛାଚାର ଧର୍ମଭିତରେ ସୃଷ୍ଟି

Digitized by PPRACHIN, SOA

ହୋଇଛି ସେ ସବୁ ପ୍ରତି ସେ ପ୍ରଚଣ୍ଡ ଆକ୍ରମଣ କଲେ । 'ଆର୍ତ୍ତ ବାଣୀ' କବିତାରେ ଏହାର ବୌଦ୍ଧିକ ବିଶ୍ଳେଷଣ ନିହିତ ।

ବିଶାଳ ମନ୍ଦିରେ କାହିଁ ମହାଧର୍ମ ଲୀଳା
ଧାର୍ମିକେ ବସଇ ସ୍ଫୀତ କଷାୟ ବସନେ,
ଧୂପେ ଘଣ୍ଟା ନାଦେ, କେତେ ପୁରାଣ ଶୃଙ୍ଖଳା
ବିକାଶଇ ପଦେ ପଦେ ଗୁରୁ ଦେବାର୍ଚ୍ଚନେ ।
ଅର୍ଚ୍ଚନାର ସେ ଚହଲେ,
ପଶିବିକି ସେ ମନ୍ଦିରେ,
ଲୋଡ଼ିବାରେ ତବ ସେହୁ ମଙ୍ଗଳ ନିଦାନେ ?

-ଆର୍ତ୍ତବାଣୀ- (୧୦)

ମନୁଷ୍ୟର ଜ୍ଞାନହିଁ ତାର ଅଦ୍ଭୁତ ଗର୍ବ ଓ ଗୌରବର ବିଷୟ । ଜ୍ଞାନହିଁ ତାକୁ ଉଦ୍ଭୋଳିତ କରି ରଖେ ଇନ୍ଦ୍ରିୟର ଦ୍ୱାର ଦେଶରେ । ଜ୍ଞାନରେହିଁ ବିଶ୍ୱପିତା ବିରାଜିତ । (୧୧) ମଣିଷ କ୍ଷୁଦ୍ର ଜୀବ । ଆତ୍ମଶକ୍ତିର ଚିନ୍ମୟ ଚଳନ ହେତୁ ସେ କୋଟି କୋଟି ସବିତୃ ମଣ୍ଡଳ ଜିଣିପାରେ । (୧୨)

ବିଭିନ୍ନ କାବ୍ୟ-କବିତା ଭିତରେ ନୀଳକଣ୍ଠଙ୍କ ମନୀଷା ବିଦ୍ୟମାନ । ଏହି ମନୀଷା ଜ୍ଞାନକୁ ଉପାସନା କରିଛି, ଜ୍ଞାନର ଅନ୍ତର୍ଦୃଷ୍ଟି ଦେଇ ସତ୍ୟକୁ ଉଦ୍‌ଘାଟନ କରିଛି । ଯେଉଁ ମିଥ୍ୟା ମାୟା -ପରଳ ସତ୍ୟକୁ ଆବୃତ୍ତ କରି ରଖିଛି ତାକୁ ସେ ଆପଣାର ପ୍ରଜ୍ଞା -ଖଡ଼ଗ ସାହାଯ୍ୟରେ ଛେଦନ କରିଅଛନ୍ତି । ଜାତୀୟତାର ମୋହରେ ସେ ସତ୍ୟକୁ ଲୁଚାଇ ନାହାନ୍ତି । ବରଂ ଜାତୀୟମାନସକୁ ଯେଉଁ ଭାନ୍ତିକ ମିଥ୍ୟା କୁହେଳି ଘେରି ରହିଛି ତା' ଉପରେ ସେ ପ୍ରଚଣ୍ଡ ଆକ୍ରମଣ କରି ଅଛନ୍ତି ଏବଂ ସେଥିରୁ ଜାତୀୟ ମୌଳିକତା ଓ ବୈଶିଷ୍ଟ୍ୟକୁ ଦେଖାଇ ଦେଇଛନ୍ତି । 'ଗୀତା ପ୍ରବେଶ'ରେ ଭ୍ରାନ୍ତ ଗବେଷଣା ବିରୋଧରେ ଆପଣାର ପ୍ରତିକ୍ରିୟା ପ୍ରକାଶ କରି ତ୍ରିନାଥ ମେଳା ସଂପର୍କିତ ଭାନ୍ତିକ ମିଥ୍ୟାକୁ ଉଲ୍ଲେଖ କରିଛନ୍ତି 'ଆଜକୁ ପ୍ରାୟ ୩୬ ବର୍ଷତଳେ କଟକର ସାହୁ ଉପାଧିଧାରୀ ଜଣେ ବହି ଦୋକାନୀ ନିଜେ ଚିଲମ ଖାଉଥିଲେ । ତାକୁ ଧର୍ମର ଦ୍ୱାହି ଦେଇ ଯୋଗୀ ମହାଦେବଙ୍କ ଦ୍ୱାହି ଦେଲେ ବି ଲୋକେ ମାନିଲେ ନାହିଁ । ସେ ଧର୍ମ କ୍ରିୟା ବୋଲି ଚିଲମ ଖାଇ ନପାରି ହୁଏତ ଲଜ୍ଜିତ ହେଲେ ଓ ଫଳରେ 'ତ୍ରିନାଥ ମେଳା' ବୋଲି ଖଣ୍ଡିଏ ଯଜ୍ଞର ଶାସ୍ତ୍ର (ବେଦ ?) ଲେଖି ତାକୁ ଛପାଇ ପଇସାଏ ଲେଖାଏଁ ଅନ୍ୟାନ୍ୟ ବହି ସଙ୍ଗେ ବିକିଲେ । ସେ ପୁସ୍ତକରେ ସାହୁଙ୍କର ନାମ ହେଲା, ହେଲେହେଁ ଲୋକେ କ୍ରମେ 'ତ୍ରିନାଥ ମେଳା'ର ମହାଯଜ୍ଞରେ ବଂଶଧାରାଠାରୁ ସୁବର୍ଣ୍ଣରେଖାଯାଏ, ପୁଣି ସୁବର୍ଣ୍ଣ ରେଖା ଡେଇଁ କଲିକତା, ରେଙ୍ଗୁନ୍, ଜାମସେଦପୁର ଓ ଆସାମର ଚା ବଗିଚା କୁଲି ବସ୍ତି ପର୍ଯ୍ୟନ୍ତ ସର୍ବତ୍ର କଲିକତା କଲି ଓ ତାମ୍ରକୁଟର ଯେଉଁ ପବନ ହବିର୍ଦ୍ଧୂମ ଉଠାଇ ଏ ଦେଶରେ ଶୁଭ୍ରାପଦରେ ମନ୍ଦିର ଘଟା ଦେଖାଇଲେ ତାହା ବିଶେଷ ଅଜଣା କଥା ନୁହେଁ । କେବଳ ଶିଷ୍ଟ ଲୋକେ ଏହାର ସୃଷ୍ଟି ତତ୍ତ୍ୱ ବୁଝିଲେ ମଧ୍ୟ

Digitized by PPRACHIN, SOA

ପିଲାଙ୍କପାଇଁ ପୀରପୂଜା ଓ ପାଲା ଯାଚିଲା ପରି ତ୍ରିନାଥ ମେଳା' ଯାଚି ସମାଜର ଗତାନୁଗତିକ ଚକ୍ର ଛାଡ଼ି ପାରିଲେ ନାହିଁ । ଶେଷକୁ ପୁରୀର ଜଣେ ପ୍ରସିଦ୍ଧ ପଣ୍ଡିତ ଗଞ୍ଜାମର କୌଣସି ଜମିଦାରଙ୍କ ଆନୁକୂଲ୍ୟ ଓ ଗଭୀର ପୃଷ୍ଠପୋଷକତାରେ ସେହି ସାହୁ ରଚିତ ବହୁ ସଂସ୍କରଣଗତ 'ତ୍ରିନାଥମେଳା'କୁ ସଂସ୍କୃତରେ ଏକ ଶାସ୍ତ୍ରରୂପେ ଅନୁଷ୍ଟୁପ୍ ଶ୍ଳୋକରେ ବାନ୍ଧିଦେଇ ମୁଦ୍ରାଯନ୍ତ୍ରରୁ କାଢ଼ି ଚାରିପଇସା ମୂଲ୍ୟରେ ବଜାରରେ ପକାଇଦେଲେ । ପଣ୍ଡିତ ମହାଶୟଙ୍କ ବିଶ୍ଳେଷଣ ଭିତରେ ପୁସ୍ତକଟିର ମୂଳରେ ଏବେ ଲେଖା ହେଲା; -

କୈଳାସ ଶିଖରେ ରମ୍ୟେ ଗୌରୀ ପୃଚ୍ଛତି ଶଙ୍କରଃ
ଅଦ୍ୟୈବ ବ୍ରୂହିମେ ନାଥ ତ୍ରିନାଥ ମିଳନାଂ କଥା ।

ଏହିପରି ବ୍ୟାଖ୍ୟାଯୁକ୍ତ ହେବାରୁ 'ତ୍ରିନାଥ ମେଳା' ଏବେ କେବଳ ତିନି ପଇସାର ଗଞ୍ଜାଇ ଧୂଆଁପତ୍ର, ତେଲ ମାତ୍ରରେ ନ ରହି ନାମକୁ ମାତ୍ର ଗ୍ରହଣ ଦିନ ପ୍ରତିପଦ ଲାଗିଲା ପରି ଗଞ୍ଜାଇର ତାତ୍ତ୍ୱିକ ସମ୍ପର୍କ ରଖି ଚୁଡ଼ାଘଷା କଦଳୀ ଚକଟାର ଘୋର ଘଟାରେ ହୁଏତ ପରିଣତ ହୋଇ ସତ୍ୟନାରାୟଣ ପୂଜାର ଶିରିଣି ଅବଲମ୍ବନରେ ଅତିଥିଭୋଜନର ଆଡ଼ମ୍ବରକୁ ବଳିଗଲାଣି ।" (୧୩)

ଗୀତାପ୍ରବେଶ ଲେଖିଲାବେଳେ ନୀଳକଣ୍ଠ ଏହିପରି ଭାକ୍ତିକ ମିଥ୍ୟାପ୍ରତି ଦୃଷ୍ଟିପାତ କରିଅଛନ୍ତି । ସେ ନିଜେ ଭକ୍ତିଧର୍ମର ପକ୍ଷପାତୀ ନୁହନ୍ତି । ତାଙ୍କ ମତରେ ମାନବସମାଜରେ ଭକ୍ତି ଗୋଟିଏ ବିପଦଜନକ ବସ୍ତୁ । ଭକ୍ତ ବଡ଼ ଅସହିଷ୍ଣୁ । ସେ ବିରାଟ ମିଥ୍ୟାବାଦୀ । ସେ ବହୁତ ଅଦ୍ଭୁତ କୃତି କଳ୍ପନା କରେ ଓ ସତ ବୋଲି କହେ । ନିଜର ଆଦର୍ଶବାଦରେ ଉପାସ୍ୟକୁ ଜଡ଼ିତ କରି ସାଧାରଣ ଆଗେ ଥୁଏ । ମାନବ ସମାଜରେ ଏ ଗୋଟିଏ ସାଧାରଣ ଦୁର୍ବଳତା ଓ ଦୁରାରୋଗ୍ୟ ବ୍ୟାଧି ।' (୧୪) ଭକ୍ତି ଧର୍ମ ଉପାସ୍ୟଠାରେ ସଂପୂର୍ଣ୍ଣ ଆତ୍ମସମର୍ପଣର ଧର୍ମ । ଉପାସ୍ୟଙ୍କର ସତ୍ୟାସତ୍ୟ ବିଚାର ଏଥିରେ ନାହିଁ । ପ୍ରଜ୍ଞା ଓ ଯୁକ୍ତି ସଚେତନ ମନ ଏହାକୁ ମାନିନିଏ ନାହିଁ । ଯୁକ୍ତି ବଳରେ ସତ୍ୟକୁ ଖୋଜେ । ମହାଭାରତ, ଭାଗବତ, ଗୀତା ଓ ପରବର୍ତ୍ତୀ ପୁରାଣ, ଉପପୁରାଣ ଏବଂ ଗୌଡ଼ୀୟ ବୈଷ୍ଣବ ପ୍ରଚାରିତ କୃଷ୍ଣ ସାହିତ୍ୟ ଭିତରେ କାହାଣୀ- କଳ୍ପନା ମଧ୍ୟଦେଇ ଭାକ୍ତିକ ମିଥ୍ୟା କେତେ ତାକୁ ସବୁ ବାହାର ନକଲେ ଧର୍ମର ପ୍ରକୃତ ରହସ୍ୟ ଓ ମହତ୍ତ୍ୱ ଜାଣିହୁଏ ନାହିଁ । ଉଦାହରଣ ସ୍ୱରୂପ ସତ୍ୟବାଦୀଙ୍କ ପାଖରେ ଛିଡ଼ା ହୋଇଥିବା ରାଧାଙ୍କ ମୂର୍ତ୍ତି କପୋଳକଳ୍ପିତ । ମନ୍ଦିରର ଜନୈକ ସେବକଙ୍କ କନ୍ୟା ଲକ୍ଷ୍ମୀର ଗର୍ଭବେଦନା ଓ ୧୮୬୨ ମସିହାରେ ତାର ମୃତ୍ୟୁ ସତ୍ୟଘଟଣା ପରେ ଲକ୍ଷ୍ମୀକୁ ରାଧା ରୂପେ ସତ୍ୟବାଦୀଙ୍କ ନିକଟରେ ପ୍ରତିଷ୍ଠା- ଏକ ଭାକ୍ତିକ ମିଥ୍ୟା । ଅଥଚ "ସ୍ୱର୍ଗତ ରାଧାନାଥ ରାୟଙ୍କଠାରୁ ଆରମ୍ଭ କରି ଏବର କବି ମାୟାଧର ମାନସିଂହଙ୍କ ପର୍ଯ୍ୟନ୍ତ ସମସ୍ତେ ସେହି ବ୍ୟଭିଚାରର କଳ୍ପନାରେ ମୁହ୍ୟମାନ ଓ ସେଥିପାଇଁ ସେମାନେ କବି । ସେ କଥା ସତ୍ୟ ହୋଇ ନପାରେ ବୋଲି ଆଜି ଯୁକ୍ତି କରି ବସିଲେ ଗୌଡ଼ୀୟ ବୈଷ୍ଣବ ମାତ୍ରେ ମାରିବେ କି ମରିବେ ।" (୧୫) ତ୍ରିନାଥ ମେଳାକୁ ଯେପରି ନୀଳକଣ୍ଠ

Digitized by PPRACHIN, SOA

ଭାକ୍ତିକ ମିଥ୍ୟା କହିଛନ୍ତି ସେହିପରି ସତ୍ୟବାଦୀ ଲକ୍ଷ୍ମୀ କାହାଣୀକୁ ମଧ୍ୟ ଭାକ୍ତିକ ମିଥ୍ୟାରୂପେ ମତବ୍ୟକ୍ତ କରିଅଛନ୍ତି । ସଂପ୍ରତି ପାଶ୍ଚାତ୍ୟ ଦେଶମାନଙ୍କରେ ହରେକୃଷ୍ଣ ଚେତନାର ସଂକ୍ରମଣ ଯେପରି ହେଉଛି ତାହା ମଧ୍ୟ ଭାକ୍ତିକ ମିଥ୍ୟାରେ ଯେ ପରିଣତ ନହେବ କିଏ କହିବ ? କୃଷ୍ଣ- ରାଧା- ସାକ୍ଷୀଗୋପାଳ -ଜଗନ୍ନାଥ - ରାମ ସଂପର୍କିତ ଯେଉଁସବୁ କପୋଳକଳ୍ପିତ କାହାଣୀ ଯୋଡ଼ି ଦେଇ ଭକ୍ତି ଧର୍ମର ପ୍ରଚାର ପାଇଁ ଉଦ୍ୟମ ହୋଇ ଆସିଅଛି ତାହାକୁ ନୀଳକଣ୍ଠ ନିର୍ମମ ଭାବରେ ଆଘାତ କରିଅଛନ୍ତି । ସେ କହନ୍ତି- "ଏଇ ଭକ୍ତିଧର୍ମରେ ମାନବ ଗୋଟିଏ ବିଶ୍ୱସମ୍ରାଟ କଳ୍ପନା କରି ତାଙ୍କରିଠି ଆପଣାକୁ ଦାସ ପରି ସମର୍ପଣ କରେ । ତାଙ୍କର ଆଦେଶମାନ ଶୁଣେ । ନିଜ ମଙ୍ଗଳ ଓ ମାଫିପାଇଁ ତାଙ୍କର ସ୍ତୁତି କରେ ଓ ତାଙ୍କର ପ୍ରିୟ ବୋଲି ନିଜକୁ ମଣି ନାନା ଆଶା ଓ ଦର୍ପରେ ସମାଜରେ ଶାନ୍ତି ଓ ସମତା ନାମରେ ହୁଏତ ମମତା ଓ ଭେଦ ପ୍ରଚାର କରେ । ଏହାଇ ହେଲା ଭକ୍ତିଧର୍ମ । ମହାପୁରୁଷମାନେ ଈଶ୍ୱରଙ୍କଠାରୁ ସାକ୍ଷାତ୍ ଧର୍ମ ଦର୍ଶନ ପାଇଲା ପରି ବା ନିଜେ ଈଶ୍ୱର ହୋଇ କରିଲା ପରି ଏହା ପ୍ରଚାର କରିଯାଇ ଅଛନ୍ତି ।" (୧୬) ଯେତେପ୍ରକାର ଭକ୍ତିଧର୍ମ ଆସିଛି ତାହା ନିଜ ନିଜ ସଂପ୍ରଦାୟର ବୈଶିଷ୍ଟ୍ୟ ପ୍ରଚାର କରିଛି । ଫଳରେ ବିଭିନ୍ନ ଧର୍ମ ମଧ୍ୟରେ ଭେଦହିଁ ବୃଦ୍ଧିପାଇଛି । ନୀଳକଣ୍ଠ ଏହି କାରଣରୁ ଭକ୍ତି ଧର୍ମରେ ଥିବା ଅସମ୍ଭବ କାହାଣୀଗୁଡ଼ିକୁ ଭାକ୍ତିକ ମିଥ୍ୟାରୂପେ ସମାଲୋଚନା କରିଅଛନ୍ତି । ସେ କହନ୍ତି- "ଆମ ସମାଜ ଓ ସାହିତ୍ୟରେ ଏ ଅତି ଜୀର୍ଣ୍ଣରୋଗ । ଅସହିଷ୍ଣୁତା ପୁଣି ଭକ୍ତି ଧର୍ମରେ ନିତ୍ୟ ସଂଗୀ ଥିବାରୁ ଅନାସକ୍ତ ସମୀକ୍ଷାରେ ପ୍ରତୀକ୍ଷା ପର୍ଯ୍ୟନ୍ତ କରିବାର ଧୈର୍ଯ୍ୟ ଆମର ଅନେକ ତଥାକଥିତ ଭକ୍ତ ଓ ଭକ୍ତି ସାହିତ୍ୟିକଙ୍କର ନାଇ ।" (୧୭) ପୁନଃ କଟକର ବହି ଦୋକାନୀ ପଦନ ସାହୁ ୧୯୦୨ /୦୩ ମସିହାରେ ତ୍ରିନାଥ ମେଳା ଲେଖିଥିଲେ । ବଡ଼ଖେମୁଣ୍ଡିର ସ୍ୱର୍ଗତ କୃପାମୟ ଦେବ ସେହି ବହିକୁ ନେଇ ପୁରୀର ସ୍ୱର୍ଗତ ସୁଦର୍ଶନ ମିଶ୍ରଙ୍କ ଦ୍ୱାରା ସଂସ୍କୃତରେ ଅନୁବାଦ କରାଇ ୧୯୧୩ ମସିହାରେ ଛାପିଲେ ଅଥଚ ଲୋକେ କହିଲେ ଏହା ଅଛି କେଉଁ ପୁରାଣରେ । ଅଧିକନ୍ତୁ ପରକୀୟା ପ୍ରେମନିବଦ୍ଧ ବୈଷ୍ଣବ ଧର୍ମରେ ଅତିକାୟ ଭାକ୍ତିକ ମିଥ୍ୟା ଅତ୍ୟନ୍ତ ପ୍ରବଳ । ଏହା ସ୍ୱାଭାବିକ ମନୁଷ୍ୟତାର ବିକାଶର ହୁଏ ପରିପନ୍ଥୀ । ଏହି ଧର୍ମାଶ୍ରୟୀ ମଣିଷ ପ୍ରତିମା ଓ ପ୍ରତିଭା ମଧ୍ୟରେ କୌଣସି ଭାବ -ମର୍ମ ଜାଣେ ନାହିଁ । ପ୍ରତିମା ପୂଜା ଓ ପ୍ରତିଭା ପୂଜାରେ ଅଛି ବ୍ୟକ୍ତିତ୍ୱଯୁକ୍ତ ପ୍ରତିଭା । ପ୍ରତିମା ବ୍ୟତୀତ ପ୍ରତିଭା ରହେ ନାହିଁ । କେବଳ ପ୍ରତିଭା ବା କେବଳ ପ୍ରତିମା ପୂଜା ମଧ୍ୟ ସମୀଚୀନ ନୁହେଁ । ତେଣୁ ପ୍ରତିଭାର ବ୍ୟକ୍ତିତ୍ୱ ଧାରଣା କରି ସମସ୍ତ ଶକ୍ତିରେ ସେହି ବ୍ୟକ୍ତିତ୍ୱକୁ ଅନୁଭବ କରି ପ୍ରକୃତ ପ୍ରତିଭା ପୂଜାରେ ଦୀକ୍ଷିତ ହେବାକୁ ସମାଜର ଆଦର୍ଶ । (୧୮) ଏହା ଦ୍ୱାରାହିଁ ମନୁଷ୍ୟତାର ବିକାଶ ହୁଏ । ଭାକ୍ତିକ ମିଥ୍ୟାର କୁହେଳିକା ଦୂର ହୋଇଯାଏ । ସତ୍ୟର ଆଲୋକ ପ୍ରକାଶିତ ହୁଏ । "ଏଇ ଧର୍ମ ଉପରେ ଦଣ୍ଡାୟମାନ ହେଲେ ସେ କ୍ଷୀଣ ସ୍ୱାର୍ଥ ପରିବର୍ତ୍ତରେ ଏକ ମହାସ୍ୱାର୍ଥ ଦେଖିବାକୁ ଆରମ୍ଭ କରେ । ସେ ଆଉ ଆତ୍ମତୃପ୍ତିର ସମ୍ପାଦନାରେ ସୀମାବଦ୍ଧ ହୁଏ ନାହିଁ । ସମସ୍ତ ଜଗତର ଅସ୍ତିତ୍ୱରେ ନିଜର ଅସ୍ତିତ୍ୱ ଅନୁଭବ କରେ । ସେତେବେଳେ

Digitized by PPRACHIN, SOA

ତାହାର ପ୍ରକୃତ ସାମାଜିକ ପ୍ରାଣ ପ୍ରକଟିତ ହୁଏ ଓ କ୍ରମଶଃ ତାହା ସର୍ବଜନୀନତା ଦିଗକୁ ପ୍ରଧାବିତ ହୁଏ । ଏଇପରି ମନୁଷ୍ୟ ତାର ଜଗତରେ ଥାଇ ଅମୃତମୟ ଐଶୀଭାବର ଅଧିକାରୀ ହୁଏ । ତାହାର ସୀମାବଦ୍ଧ ଶାନ୍ତ ପ୍ରକୃତି ଏଇପରି ଅନନ୍ତର ଆଭିମୁଖୀନ ହୁଏ ।" (୧୯) ଯେତେବେଳେ ଅହୈତୁକୀ ମମତା ବା ଆତ୍ମ ଶ୍ରଦ୍ଧା ଆସେ ସେତିକିବେଳେ ଆସେ ଆତ୍ମପ୍ରବଞ୍ଚନା । ଭାକ୍ତିକ ମିଥ୍ୟା କବଳରୁ ମନୁଷ୍ୟ ଆଉ ମୁକ୍ତି ପାଇପାରେ ନାହିଁ । ନୀଳକଣ୍ଠଙ୍କର ସମଗ୍ର ଗଦ୍ୟ ସାହିତ୍ୟ ଭିତରେ ମୁଖ୍ୟ ଭାବ-ସ୍ପନ୍ଦନ ହେଉଛି ଭାକ୍ତିକ ମିଥ୍ୟାପ୍ରତି ସଚେତନ ହେବା । ଏଥିପାଇଁ ଦରକାର ଦୃଢ଼ ନୈତିକ ମନୋବଳ, ଗଭୀର ପ୍ରଜ୍ଞାବୋଧ ଓ ନିର୍ଭୀକତା । ଏହା ଦ୍ୱାରା ହିଁ ହେବ ମାନବିକତାର ବିକାଶ ବୋଲି ତାଙ୍କର ମତ ।

ମାନବିକତାଧର୍ମୀ ନିଃସ୍ୱାର୍ଥପରତା ଦ୍ୱାରା ମନୁଷ୍ୟ ଦୃଢ଼ ନୈତିକତାର ବଶବର୍ତ୍ତୀ ହୁଏ । ନୈତିକତା ଆସିଲେ ସାହସ ଆସେ । ଯେକୌଣସି ମିଥ୍ୟା ଓ ଅସାର ବସ୍ତୁକୁ ବିରୋଧ କରିବା ପାଇଁ ପ୍ରେରଣା ଆସେ । ମନୁଷ୍ୟର ନିଃସ୍ୱାର୍ଥପରତା ଅର୍ଥ ନୁହେଁ ଯେ ସେଥିରେ ମନୁଷ୍ୟର କୌଣସି ସ୍ୱାର୍ଥ ନାହିଁ । ଏହି ନିଃସ୍ୱାର୍ଥପରତା ଭିତରେ ପରାର୍ଥପରାୟଣତା ପ୍ରକଟିତ ହୁଏ । ଏହାର ଉଦ୍ଦେଶ୍ୟ ସମାଜ କଲ୍ୟାଣ-ମାନବ କଲ୍ୟାଣ । "ମନୁଷ୍ୟ ଚିରଦିନ ମନୁଷ୍ୟ ରହିବ । ତାହାର ନିଃସ୍ୱାର୍ଥପରତା କଦାପି ସ୍ୱାର୍ଥଭିନ୍ନ ରହି ନପାରେ । ସେ ନିଃସ୍ୱାର୍ଥପର ହେଲେହେଁ, ଯେତେଦିନ ସେହି ନିଃସ୍ୱାର୍ଥପରତା ମଧ୍ୟରେ ସେ ନିଜର କିଛି ସ୍ୱାର୍ଥ ଦେଖିନାଇ ତେତେଦିନ ସେ କୌଣସି ନିଃସ୍ୱାର୍ଥପର କାର୍ଯ୍ୟରେ ଅନ୍ତରର ସହିତ ବ୍ରତୀ ହୋଇ ପାରିବ ନାଇ । ନିଃସ୍ୱାର୍ଥପରତା କହ, ସାମାଜିକ ଜୀବନ କହ, ସର୍ବଜନୀନ ପ୍ରେମ କହ, ସେ ସବୁ ମନୁଷ୍ୟକୁ ଆଦର୍ଶ ଦେଇପାରେ; କିନ୍ତୁ ଯେତେଦିନ ମନୁଷ୍ୟ ଏଇ ଆଦର୍ଶ ମଧ୍ୟରେ ନିଜର କିଛି ସ୍ୱାର୍ଥ ଅନୁଭବ କରି ନାଇ, ତେତେଦିନ ଏହା ତାଙ୍କର ପ୍ରକୃତିକୁ କର୍ମ କ୍ଷେତ୍ରକୁ ଟାଣି ଆଣିପାରିବ ନାହିଁ । ତେଣୁ ତାକୁ ଅପରର ସ୍ୱାର୍ଥରେ ନିଜର ସ୍ୱାର୍ଥ ଦେଖିବାକୁ ହେବ; ଅପରର ଦୁଃଖରେ ନିଜର ଦୁଃଖ ଓ ଅପରର ସୁଖରେ ନିଜର ସୁଖ ଅନୁଭବ କରିବାକୁ ହେବ । ତାହା ନହେଲେ ତାହାର ନିଃସ୍ୱାର୍ଥପରତାର କିଛି ଅର୍ଥ ନାଇ ।" (୨୦) ନୀଳକଣ୍ଠ ନୈତିକତା -ନିଃସ୍ୱାର୍ଥପରତା ଓ ନିଃସ୍ୱାର୍ଥପରତା ଭିତରେ ସ୍ୱାର୍ଥପରତା ଓ ମାନସିକ ଦୃଢ଼ତା ସଂପର୍କରେ ବିଶ୍ଳେଷଣ କରି ପ୍ରଜ୍ଞାବୋଧ ଉପରେ ଗୁରୁତ୍ୱ ଆରୋପ କରିଅଛନ୍ତି । ଏ ସବୁର ଉଦ୍ଦେଶ୍ୟ ଭାକ୍ତିକ ମିଥ୍ୟାକୁ ବିରୋଧ କରିବା । ମନୁଷ୍ୟ ଯେତେବେଳେ ଦୃଢ଼ ନୈତିକ ବଳ ଲାଭ କରେ ଓ ପ୍ରଜ୍ଞାସଚେତନ ହୋଇ ଉଠେ ସେତେବେଳେ ସେ ଭାକ୍ତିକ ମିଥ୍ୟାର ସକଳ ଆବେଗିକ ମୋହକୁ କାଟି ସତ୍ୟର ଆଲୋକ ସନ୍ଧାନ କରେ । କୌଣସି କଥାକୁ ସେ ନିର୍ବିଚାରରେ ମାନିନିଏ ନାହିଁ । ଯାହା ପରମ୍ପରାକ୍ରମେ ଗଢ଼ି ଆସୁଛି ତାକୁ ମଧ ସେ ଉତ୍ତମ କହେ ନାହିଁ । ପ୍ରଜ୍ଞାର ତରାଜୁରେ ସେ ସବୁକିଛିକୁ ତୁଳନା କରେ । "ଅନ୍ଧ ଶକ୍ତି ବା ରକ୍ଷଣଶୀଳତା ମନୁଷ୍ୟର ଚିନ୍ତା ଶକ୍ତିକୁ ଆବଦ୍ଧ କରେ । ମନୁଷ୍ୟ ଏହାର ଦାସ ହେଲେ କ୍ରମଶଃ ସାମାଜିକ ତଥା ବ୍ୟକ୍ତିଗତ ପାରମ୍ପରିକ ବିଧି ମାତ୍ରାକୁ ସମାଜର ସର୍ବସ୍ୱ ମନେକରି ପଶୁଧର୍ମ ଅବଲମ୍ବନ କରେ । ତାହାର ସ୍ୱାଧୀନ ଶକ୍ତି

Digitized by PPRACHIN, SOA

ଉଦ୍ରିକ୍ତ ହୁଏ ନାହିଁ । ଆପାତତଃ ସନ୍ତୋଷରେ ନିରୁଦ୍ ବେଗରେ ରହିବାରୁ ତାହାର ଜ୍ଞାନ ପିପାସା ଓ ଅନୁସନ୍ଧିତ୍ସା ଦୂରହୁଏ । ନୂତନ ପ୍ରାପ୍ତି ଆଶା ରହେ ନାଇଁ ।" (୨୧) ତେଣୁ ସମାଜ ଜୀବନରେ ଅଛୁଶକ୍ତିର ମାୟା ବନ୍ଧନ ଭିତରେ ଭାକ୍ତିକ ମିଥ୍ୟା ପ୍ରାଧାନ୍ୟ ଲାଭ କରେ । "ସମାଜରେ ଜ୍ଞାନର ଅଭାବ ଓ କାରଣ ଜିଜ୍ଞାସାର ହୀନତା ଏଇପରି ଆମମାନଙ୍କ ସମାଜକୁ ପଶୁ ସମାଜରେ ପରିଣତ କରିଅଛି । ସର୍ବଦା ଅତୀତର ବିଶ୍ୱାସରେ ଏଇପରି ଭବିଷ୍ୟତର ଆଶା ଲୋପକରି ଲୋକେ ଆତ୍ମଗ୍ଲାନିରେ ହୀନ ପଶୁଧର୍ମ ଅବଲମ୍ବନ କରିଅଛନ୍ତି ।" (୨୨) ଜ୍ଞାନ ଓ ଜିଜ୍ଞାସାର ଅଭାବହିଁ ମନୁଷ୍ୟକୁ ସେଇ ଭାକ୍ତିକ ମିଥ୍ୟା - ବଳୟ ମଧ୍ୟକୁ ନେଇଯାଏ । ବୁଦ୍ଧି ପ୍ରୟୋଗରେ ମନୁଷ୍ୟ 'ହେବୁ' ଶକ୍ତିର ଔଚିତ୍ୟ ଓ ଉପକାରିତା ହୃଦୟଙ୍ଗମ କରେ । ନୈତିକ ସାହସ ଓ ଦୃଢ଼ତାବଳରେ ସେ 'ଅଛୁ'ର ବନ୍ଧନରୁ ମୁକ୍ତ ହୋଇ 'ହେବୁ' ପଥରେ ଅଗ୍ରସର ହୁଏ । 'ଅଛୁ' ଶକ୍ତିର ଅତୀତ ସ୍ମୃତିଭିତରେ 'ହେବୁ' ଶକ୍ତିର ଭବିଷ୍ୟତ ଓ ସମ୍ଭାବନାର ଅବତାରଣା କରି ଜୀବନର ସତ୍ୟ ଓ ଆଲୋକର ଅନୁସନ୍ଧାନ କରିବାହିଁ ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସର ଉଦାତ୍ତ ପ୍ରେରଣା ।

ଏହି ଭାକ୍ତିକ ମିଥ୍ୟାକୁ କେନ୍ଦ୍ରବିନ୍ଦୁ ଭାବରେ ରଖି ନୀଳକଣ୍ଠ ରାଧାକୃଷ୍ଣ ପରକୀୟା ପରମ୍ପରାକୁ ତୀବ୍ର ଭାବରେ ଆକ୍ରମଣ କରିଅଛନ୍ତି । ଏଥିରୁ ତାଙ୍କର ଦୃଢ଼ ନୈତିକତା ଓ ପ୍ରଜ୍ଞାବୋଧର ପରିଚୟ ମିଳେ । ଭକ୍ତି ଓ ଧର୍ମ ନାମରେ ଯୌନ ବ୍ୟଭିଚାର ଓ ପରକୀୟା ରତି ସୁଖ ସାରକୁ ସେ ଆଦୌ ପ୍ରଶ୍ରୟ ଦେଇ ନାହାନ୍ତି । ଏହି କାରଣରୁ ଶ୍ରୀଜୟଦେବ ଓ ଗୀତଗୋବିନ୍ଦ ତାଙ୍କ ପ୍ରଜ୍ଞା-ବ୍ୟକ୍ତିତ୍ୱ ନିକଟରେ ବାରମ୍ବାର ସମାଲୋଚିତ ହୋଇଅଛି । ଗୀତଗୋବିନ୍ଦକୁ ନେଇ ଓଡ଼ିଶାରେ ଗର୍ବ କରାଯାଉଥିଲା ବେଳେ ସେ ତାକୁ ବିରୋଧ କରିଅଛନ୍ତି । ଏ ସଂପର୍କରେ ନୀଳକଣ୍ଠ ଲେଖିଛନ୍ତି - "ପୁଣି ଲେଖନ ଶୈଳୀରେ ଯେତେ ଓଡ଼ିଆ ହେଲେ ବି ଗୀତ ଗୋବିନ୍ଦର ରାଧାକୃଷ୍ଣ ପ୍ରୀତି ଜନିତ ଲଳିତ ରସ ମାଧୁରୀ ଯେ କଦାପି ଓଡ଼ିଆ ହୋଇ ନପାରେ, ଏହା ଚିନ୍ତା ଓ ବିଚାର କରିବାର ଅବକାଶ ଖୋଜିବା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ବିଚାରକଙ୍କୁ ଦିଶୁନାଇ । ରାଧାକୃଷ୍ଣଙ୍କ ପରକୀୟା ରତିରଙ୍ଗ ଯେତେ ରସୁଆଳ ହେଲେ ମଧ୍ୟ, ତା କଦାପି ବ୍ରହ୍ମଚର୍ଯ୍ୟ ନିବଦ୍ଧ ଓଡ଼ିଆ ସାହିତ୍ୟର ପ୍ରାଣ ପ୍ରକାଶ କରୁନାଇ । ଏହା ଏକାବେଳକେ ଆଗନ୍ତୁକ ଓ ଓଡ଼ିଆ ସାହିତ୍ୟର ଭ୍ରଷ୍ଟାଚାର ।" (୨୩) ଗୀତଗୋବିନ୍ଦର ପରକୀୟା ରତି-ରସ-ସୁଖ-ସାର ଓଡ଼ିଆ ଜାତୀୟ ଐତିହ୍ୟର ପ୍ରଚ୍ଛେଦକ ନୁହେଁ । ଏହା ଥିଲା ବଙ୍ଗାଳୀ ଧର୍ମର ପରମଗତି । ଓଡ଼ିଆ ପରମ୍ପରା ଜ୍ଞାନପିଣ୍ଡିତ ଯୋଗମାର୍ଗୀ ପରମ୍ପରା । ଧର୍ମରେ ଯୌନବ୍ୟଭିଚାର ଓ ଏଥିରେ ପରକୀୟାତ୍ୱର ମୋହର ଏ ଧର୍ମର ବୈଶିଷ୍ଟ୍ୟ ନୁହେଁ । ପରକୀୟା ଧର୍ମ ଧାରଣା ସମ୍ପର୍କରେ ବିଶ୍ଳେଷଣ କରି ନୀଳକଣ୍ଠ ପୁନର୍ବାର ମତବ୍ୟକ୍ତ କରିଅଛନ୍ତି -" ଏଇ ନାରୀ ସଙ୍ଗମରେ ଅଦ୍ୱୟର ମହାସୁଖ ଲାଭ କରିବାର ଥିଲା ବଙ୍ଗାଳୀ ଧର୍ମରେ ପରମଗତି । କୁହାଯାଇଛି, ବିବାହିତା ପତ୍ନୀର ଏଥିରେ ଆଦୌ ପ୍ରସିଦ୍ଧି ନଥିଲା । ଅନ୍ୟକୁ ବିଭାହୋଇ ଥିବା ନାରୀ ଏଥିପାଇଁ ଭାରି ଲୋଡ଼ା ହେଉଥିଲେ କାଇଁକିନା ନିଜ ବିବାହିତା ପତ୍ନୀ ସହିତ ପ୍ରୀତି ବା ରତିର ଧରାବନ୍ଧା ସୁଖଭୋଗରେ

Digitized by PPRACHIN, SOA

ଅଦ୍ୱୟର ସେ ତନ୍ମୟତା ନାଇ । ସେ ସୁଖ 'ମହାସୁଖ' ହୋଇ ନ ପାରେ । ତେଣୁ ସ୍ୱକୀୟା ପ୍ରେମ ଆଦୌ ସରସ ନୁହେଁ । ପରକୀୟା ପ୍ରେମ, ଅଗମ୍ୟ ଗମନ ତଥା ଚଣ୍ଡାଳୀ ସଙ୍ଗମଇ ଶ୍ରେଷ୍ଠ ପନ୍ଥା । × × × ପରେ ଏଥିରୁ ବାହାରିଥିବା ଗୌଡ଼ୀୟ ବୈଷ୍ଣବ ଧର୍ମରେ ରାଧାକୃଷ୍ଣଙ୍କ ବାସ୍ତବ ରତିସୁଖ ସାର ଅଭିସାରରେ ଏକା ସେଇ ପରକୀୟା ପ୍ରେମର ପ୍ରତିଷ୍ଠା । ଏଇ ପରକୀୟା ରତି ତେଣୁ ଗୌଡୀୟ ବୈଷ୍ଣବର ପଞ୍ଚମ ଓ ଶ୍ରେଷ୍ଠ ପୁରୁଷାର୍ଥ । ଧର୍ମ, ଅର୍ଥ, କାମ, ମୋକ୍ଷ - ଏଇ ଚାରି ପୁରୁଷାର୍ଥରୁ ବଡ଼ । ସେଥିପାଇଁ ରୁକ୍ମିଣୀ, ସତ୍ୟଭାମା ପ୍ରଭୃତି ଆଠ ପଟ୍ଟମହିଷୀ କୃଷ୍ଣଙ୍କର ଥିଲେ ବୋଲି ହରିବଂଶ ଆଦି ପୁରାଣ କହୁଥିଲେ ମଧ୍ୟ ନିଜ ପାଇଁ ରାଧାଙ୍କ ଗୁପ୍ତପ୍ରଣୟରେ କୃଷ୍ଣ ବଙ୍ଗାଳୀ ହୋଇ ଯାଇଛନ୍ତି ଓ ସମସ୍ତ ଗୋପୀଙ୍କ ବସ୍ତ୍ର ହରଣ ପର୍ଯ୍ୟନ୍ତ କରି ତାଙ୍କ ସଙ୍ଗେ ସେଇ ଲୀଳା ଲଗାଇ ଥାନ୍ତି ବୋଲି ବଙ୍ଗାଳୀଙ୍କର ଉପାସ୍ୟ ହୋଇଛନ୍ତି ।" (୨୪) ଧର୍ମଭିତରେ ଯୌନ ଭ୍ରଷ୍ଟାଚାର ପ୍ରତି ନୀଳକଣ୍ଠଙ୍କ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ସତତ ବିକ୍ଷୁବ୍‌ଧ । ବଜ୍ରଯାନ ବା ସହଜଯାନ ପରମ୍ପରାର ସେଇ ଯୌନ ବୀଭତ୍ସତାଠାରୁ ଆରମ୍ଭ କରି ଗୌଡ଼ୀୟ ବୈଷ୍ଣବ ଧର୍ମର ପରକୀୟା ତତ୍ତ୍ୱ ଭିତ୍ତିକ ଯୌନ ସ୍ୱେଚ୍ଛାଚାର ପର୍ଯ୍ୟନ୍ତ ସେ ଅଙ୍ଗୁଳି ନିର୍ଦ୍ଦେଶ କରିଅଛନ୍ତି । ଶ୍ରୀଚୈତନ୍ୟଙ୍କ ଆଗମନ ଫଳରେ ଓଡ଼ିଶାରେ ପରକୀୟା ଧର୍ମ କିପରି ପ୍ରସାର ଲାଭ କରିଥିଲା ଓ ସାମାଜିକ ଜୀବନରେ କଳଙ୍କ କାଳିମା ବୋଳି ଦେଇଥିଲା ସେ ସମ୍ପର୍କରେ ମଧ୍ୟ ସେ ଚେତେଇ ଦେଇଛନ୍ତି- "ଚୈତନ୍ୟଙ୍କ ସଙ୍ଗେ ଅନେକ ବଙ୍ଗାଳୀ ଶିଷ୍ୟ ଲୋକେ ପୁରୀକୁ ଆସି ସେଠାରେ ରହିଥିଲେ । ଦେଶର ଧର୍ମ ଉପରେ ସେମାନେ ରାଧାକୃଷ୍ଣ ଭକ୍ତିଜନିତ ପରକୀୟା ପ୍ରେମର ଭାବ ସ୍ପଷ୍ଟ ଭାବରେ ଚିପି ଭର୍ତ୍ତି କରିଥିଲେ । ପରକୀୟା ସଙ୍ଗେ ରତି ସ୍ୱାଦରେ ଧର୍ମ ଆସ୍ୱାଦନ କରିବାର ନାମ କେବଳ ସହଜିଆ ବୈଷ୍ଣବ ଧର୍ମ ନୁହେଁ; କାର୍ଯ୍ୟରେ ଏହା ବଡ଼ ସହଜ ଓ ସୁଖ ସ୍ୱାଦ୍ୟ ଧର୍ମ ।" (୨୫) ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସ ତେଣୁ ସ୍ପଷ୍ଟ ଭାବରେ ଉପଲବ୍ଧି କରିଛି ଯେ ଓଡ଼ିଶାର ଐତିହ୍ୟ ପରକୀୟା ପ୍ରୀତି ରସାଣିତ କୃଷ୍ଣ - ପରମ୍ପରା ନୁହେଁ । ଏଥିନେଇ କୌଣସି ଗର୍ବ କରିବାର କାରଣ ମଧ୍ୟ ନାହିଁ । ଏଇ ପରିପ୍ରେକ୍ଷୀରେ ଗୀତଗୋବିନ୍ଦ ଓ ଜୟଦେବ ମଧ୍ୟ ଗର୍ବର କାରଣ ନୁହନ୍ତି । ଏ ସଂପର୍କରେ ନୀଳକଣ୍ଠଙ୍କର ଅଭିମତ ତାତ୍ପର୍ଯ୍ୟପୂର୍ଣ୍ଣ । "ଓଡ଼ିଶାର ଅସଲ ଐତିହ୍ୟ ଯାହା ଅଛି ତାହା ତ ବିଶ୍ୱରେ ତୁଙ୍ଗ ସ୍ପର୍ଦ୍ଧାର ସାମଗ୍ରୀ । ତାହାକୁ ଠିକ୍ ଭାବରେ ଉପଲବ୍ଧି ନ କରି ବଙ୍ଗ ଦେଶରେ ଥୋକେ ପଣ୍ଡିତମ୍ମନ୍ୟ ନିର୍ବୋଧ କଲିକତାର କାଳୀମନ୍ଦିର ଅଗଣା ତଳୁ କାଳୀଦାସଙ୍କର କଲମ 'ଆବିଷ୍କାର' କରି ସେଥିପାଇଁ ପ୍ରଚାର ଢୋଲ ବଜାଇଲା ପରି, ଓଡ଼ିଆମାନଙ୍କୁ କେନ୍ଦୁଲୀ ବୋଲି କୌଣସି ଏକ ଗାଁକୁ ଆବିଷ୍କାର କରି ତାହାକୁ ଜୟଦେବଙ୍କ ଜନ୍ମସ୍ଥାନ ବୋଲି ଡିଣ୍ଡିମ ପିଟି ପ୍ରତି ସ୍ପର୍ଦ୍ଧାରେ ମାତିବା ଶୋଭା ପାଏନାହିଁ । ଜୟଦେବଙ୍କ ପଦାବଳୀ ତ ସଂସ୍କୃତରେ ଲେଖା । ତାଙ୍କ ବେଳେ ଆଜିର ଓଡ଼ିଶା, ବିହାର, ବଙ୍ଗ ଦେଶର ଭୌଗୋଳିକ ସୀମା ରେଖା ପରି କଣ କିଛି ରାଜନୈତିକ ସୀମାଥିଲା ? ସେତେବେଳେ କଣ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାବରେ ଯେଉଁ ଭାଷା ପ୍ରକଟିଛି, ତାହା ପ୍ରାକୃତରୁ ଫୁଟି ସାରିଥିଲା । ତା'ଛଡ଼ା ରାଧାକୃଷ୍ଣର

Digitized by PPRACHIN, SOA

ପ୍ରେମଲୀଳାର 'ଦେହି ପଦପଲ୍ଲବ ମୁଦାରମ୍'ର ରସିକରାଜ କବି ଜୟଦେବ ଓଡ଼ିଶାରେ ଜନ୍ମହେଲେ ନହେଲେ କଳିଙ୍ଗ-ଉତ୍କଳ -ଓଡ୍ରର ଐତିହ୍ୟରୁ କଣ ଭାସି ଚାଲିଗଲା ? ଯଦିବା ଜୟଦେବ ଆଜିର ରାଜନୈତିକ ଭୌଗୋଳିକ ସୀମା ଭିତରେ ଭୂମିଷ୍ଠ ହୋଇଥିଲେ, ତଥାପି ତାଙ୍କର କବିତା ଓ ସୃଷ୍ଟି କଳିଙ୍ଗ-ଉତ୍କଳର ଉଜ୍ଜ୍ୱଳ ଐତିହ୍ୟରେ ଅବାନ୍ତର ଓ ଦୂଷଣୀୟ ।" (୨୬) ଏହାହିଁ ଥିଲା ପରକୀୟା ଧର୍ମ -ରାଧାକୃଷ୍ଣ ପରମ୍ପରା - ସହଜିଆ କୃଷ୍ଣ ଧର୍ମ - ଜୟଦେବ ଓ ଗୀତଗୋବିନ୍ଦ ଏବଂ ଚୈତନ୍ୟ ପ୍ରଚାରିତ ପ୍ରେମ ମାର୍ଗ ଅବଲମ୍ବିତ କବିମାନଙ୍କ ପ୍ରତି ପ୍ରଜ୍ଞା ବିକ୍ଷୁବ୍ଧ ନୀଳକଣ୍ଠଙ୍କର ସ୍ପର୍ଦ୍ଧିତ ବିଦ୍ରୂପ ।

ନୀଳକଣ୍ଠଙ୍କର ଏହି ବିଦ୍ରୂପ ଓ ବିଦ୍ରୋହ ଓଡ଼ିଶାର ପ୍ରକୃତ ବୈଶିଷ୍ଟ୍ୟ ଓ ମହତ୍ତ୍ୱକୁ ଦେଖାଇଦେବାପାଇଁ । କାରଣ "ବିଦ୍ରୋହ ଓ ବିପ୍ଳବରେ ସମାଜର ଉନ୍ନତି ଓ ପ୍ରଗତି । ଏହି ବିଦ୍ରୋହ ଯେତେ ପ୍ରବଳ, ଏଥିରେ ଲୋକ କଲ୍ୟାଣର ପ୍ରଚେଷ୍ଟା ଯେତେ ବ୍ୟାପକ ଓ ସ୍ଥାୟୀ, ସେ ବିଦ୍ରୋହୀ ସେତିକି ମହାପୁରୁଷ ।" (୨୭) ସାରଳା ଦାସଙ୍କର ବ୍ୟକ୍ତିତ୍ୱ ଓ ତାଙ୍କର ସାହିତ୍ୟ କୃତିର ଅନୁଶୀଳନ ପ୍ରସଙ୍ଗରେ ନୀଳକଣ୍ଠ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ତାହାହିଁ ତାଙ୍କର ପ୍ରଜ୍ଞାଗତ ସିଦ୍ଧାନ୍ତ । ଏହି ସିଦ୍ଧାନ୍ତ ତାଙ୍କୁ ସାହିତ୍ୟ ଓ ସମାଲୋଚନା କ୍ଷେତ୍ରରେ କରିଛି ଏକାନ୍ତ ସ୍ୱାଧୀନ । ସଂସ୍କୃତି ଓ ଐତିହ୍ୟର ମୌଳିକ ଭାବବୋଧକୁ ଧରି ସେ ବିଚାର କରିଅଛନ୍ତି । ସେହି ବିଚାରରେ ଯେଉଁଠି ଓଡ଼ିଶାର ସଂସ୍କୃତି ଐତିହ୍ୟ ଓ ଧର୍ମକୁ କଳଙ୍କିତ କଲାପରି ଭାବ ଟଉଳିଛନ୍ତି ସେଠି ସେ ପ୍ରଚଣ୍ଡ ଭାବରେ ଆଘାତ ଦେଇଛନ୍ତି । ଭ୍ରଷ୍ଟାଚାର ଧର୍ମୀ ସାହିତ୍ୟ, ସ୍ୱୈରାଚାର ଓ ତାନ୍ତ୍ରିକ ମିଥ୍ୟା ହୋଇଛି ତାଙ୍କ ଆକ୍ରମଣର ଶରବ୍ୟ । ପୁରାଣଠାରୁ ଆରମ୍ଭ କରି କାବ୍ୟଯୁଗ ପର୍ଯ୍ୟନ୍ତ; ଏପରିକି ବିଗତ ଶତାବ୍ଦୀ ପର୍ଯ୍ୟନ୍ତ ଅଯଥା ତାନ୍ତ୍ରିକ ମିଥ୍ୟା ଧର୍ମଧାରାରେ ପ୍ରବେଶ କରି ମୌଳିକ ଧର୍ମବୋଧକୁ ନଷ୍ଟ କରିଦେଇଥିବାରୁ ସେ ସମାଲୋଚନା କରିଅଛନ୍ତି । ଏପରିକି ଚଳିତ ଶତାବ୍ଦୀରେ ଗାନ୍ଧିଜୀଙ୍କୁ ନେଇ ଯେପରି ଅଲୌକିକ କାହାଣୀ ଯୋଡ଼ି କାବ୍ୟ ରଚନା କରାଯାଇଛି ତାକୁ ସେ ନିନ୍ଦାକରି ଅଛନ୍ତି । ତାନ୍ତ୍ରିକ ମିଥ୍ୟା ଧର୍ମର କଳଙ୍କ, ସାମାଜିକ ଜୀବନର କଳଙ୍କ । ଏହା ଧର୍ମର ବିକାଶ କରେ ନାହିଁ । ଧର୍ମର ମୌଳିକତା ନଷ୍ଟ କରି ଦିଏ । ମିଥ୍ୟାପରିମଣ୍ଡଳ ସୃଷ୍ଟି କରେ । ଜନସାଧାରଣଙ୍କ ଭିତରେ ଭୟ ସୃଷ୍ଟି କରେ । ନାନାପ୍ରକାର ବ୍ୟଭିଚାର ଓ ସ୍ୱେଚ୍ଛାଚାରକୁ ପ୍ରଶୟ ଦିଏ ।

ନୀଳକଣ୍ଠଙ୍କ ଧର୍ମ ଅନୁଶୀଳନରେ ଜଗନ୍ନାଥ ଧର୍ମର ବିଚାର ଆଲୋଚନା ମୁଖ୍ୟ । ଏହି ଧର୍ମର ପ୍ରାଚୀନତ୍ୱକୁ ଅନୁଶୀଳନ କରି କରି ଆସିରୀୟ ସଭ୍ୟତା ପର୍ଯ୍ୟନ୍ତ ଯାଇଅଛନ୍ତି । ଏତି ଧର୍ମର ମୂଳ କେଉଁଠି, ଏହାର ସ୍ୱରୂପ କଣ; ବୈଶିଷ୍ଟ୍ୟ କଣ; ଇତ୍ୟାଦି ସଂପର୍କରେ ତାତ୍ତ୍ୱିକ ଆଲୋଚନା କରିଅଛନ୍ତି । ଶବର ଉପାସ୍ୟ ଦେବତା ଜଗନ୍ନାଥ କ୍ରମେ ଆର୍ଯ୍ୟଦେବତାରେ ହୋଇଛନ୍ତି ପରିଣତ । ସେ ପୁଣି ଜିନ ଓ ବୌଦ୍ଧ । ସେ ପୁଣି ଶୂନ୍ୟ ଓ ଯୋଗ ସାଧନାର ପ୍ରତିଭୂ । ଅଥଚ ରତ୍ନବେଦୀରେ ଜଗନ୍ନାଥଙ୍କୁ ଦେଖି ଶ୍ରୀଚୈତନ୍ୟ କୃଷ୍ଣ ଓ ଗୋପାଙ୍ଗନାମାନଙ୍କର ରତିକେଳି କଥା ମନେ ପକାଇଲେ । ଜଗନ୍ନାଥଙ୍କୁ କୃଷ୍ଣ ବୋଲି

Digitized by PPRACHIN, SOA

ଭାବିଥିଲେ ମଧ୍ୟ ସେହି କୃଷ୍ଣ ଯେ ଘୋର ଅଙ୍ଗୀରସଙ୍କଠାରୁ ବ୍ରହ୍ମବିଦ୍ୟା ଶିକ୍ଷା କରିଥିଲେ ଏକଥା ମଧ୍ୟ ଚୈତନ୍ୟଙ୍କୁ ଦିଶିଲା ନାହିଁ । ପୁରୀ ମନ୍ଦିରରେ ଜଗନ୍ନାଥଙ୍କୁ ଦେଖି ଶ୍ରୀଚୈତନ୍ୟ ନିଜର ତାତ୍‌କାଳିକ କବିତାରେ ସ୍ତୋତ୍ର ଆରମ୍ଭ କଲେ । ଏହି ଶ୍ଳୋକ ଶଙ୍କରାଚାର୍ଯ୍ୟଙ୍କ ନାମରେ କୁହାଯାଉଥିଲେ ମଧ୍ୟ ନୀଳକଣ୍ଠ ଏହାକୁ ଶ୍ରୀଚୈତନ୍ୟଙ୍କର ରଚନା ବୋଲି କହିଛନ୍ତି ।

"କଦାଚିତ୍ କାଳିନ୍ଦୀ -ତଟ-ବିପିନ ସଙ୍ଗୀତ କରବୋ
ମୁଦାଭିରୀ ନାରୀ -ବଦନ-କମଳା ସ୍ୱାଦ ମଧୁପଃ ।"

ଅର୍ଥାତ୍ (ଜଗନ୍ନାଥ ତାଙ୍କୁ ଦିଶିଲେ) ଯମୁନାକୂଳରେ ସଙ୍ଗୀତ କରି କରି ଗଉଡ଼ୁଣୀଙ୍କ ମୁହଁରେ ରସିକତାର ଆମୋଦରେ ଚୁମ୍ବନ ଦେଇ ଦେଇ ବୁଲୁଥିବା ଗୋଟିଏ ଟୋକାପରି ଏଥିରୁ ସ୍ପଷ୍ଟ ହେଉଛି । ସେ ଯଥାର୍ଥ ଜଗନ୍ନାଥଙ୍କୁ 'ଦର୍ଶନ' କରିବାର ଶକ୍ତି ହରାଇଥିଲେ । ସହଜିଆ ବୈଷ୍ଣବ ଜୟଦେବଙ୍କ "ପୀନ-ପୟୋଧର-ପରିସର-ମର୍ଦ୍ଦନ ଚଞ୍ଚଳ-କରଯୁଗ ଶାଳୀ" ବନମାଳୀଙ୍କ ଛଡ଼ା ଆଉ କିଛି ଦେଖିବାର ଅଧିକାର ବା ଆଭିମୁଖ୍ୟ ତାଙ୍କର ଲୋପ ପାଇଥିଲା । ସମାଜ ଓ ସାହିତ୍ୟର ଶ୍ରେଷ୍ଠ ପ୍ରକାଶ ହେଉଛି, ଧର୍ମ । ସେଥିରେ ସଂଯମ ବା ବ୍ରହ୍ମଚର୍ଯ୍ୟର ଯଥାର୍ଥ ଦର୍ଶନ ତାଙ୍କର ନଥିଲା ।" (୨୮) ଏହି ସମସ୍ତ ଆଲୋଚନାରୁ ଜଣାଯାଏ ସେ ନୀଳକଣ୍ଠଙ୍କ ସ୍ରଷ୍ଟା -ମାନସ ଏକାନ୍ତ ଭାବରେ ପରକୀୟା ଧର୍ମ-ବିଳାସ ପ୍ରତି ଅସହିଷ୍ଣୁ ଥିଲା । ସେ ମଧ୍ୟ ପ୍ରଚଣ୍ଡ ଭାବରେ ଆକ୍ରମଣ କରିଛନ୍ତି ବୌଦ୍ଧ ସହଜଯାନ ଓ ବୌଦ୍ଧତନ୍ତ୍ରର ଯୌନଲୀଳା ଓ ପରକୀୟା ତତ୍ତ୍ୱକୁ । ଭାରତୀୟ ଯୋଗପିଣ୍ଡିତ ତାତ୍ତ୍ୱିକ ଧର୍ମକୁ ଇନ୍ଦ୍ରଭୂତିଙ୍କ ଉଡ୍‌ଡ଼ୀୟାନ ଓ ଲକ୍ଷ୍ମୀଙ୍କରାଙ୍କର ବଜ୍ରଯାନ ନଷ୍ଟକରି ଓଡ଼ିଶାର ଧର୍ମଧାରାର ତୁଙ୍ଗିମାକୁ ବିଲୟମୁଖୀ କରି ଦେଇଥିଲା ବୋଲି ନୀଳକଣ୍ଠଙ୍କର ଅଭିମତ । ଜଗନ୍ନାଥଙ୍କ ଧର୍ମହିଁ ତାଙ୍କ ପ୍ରଜ୍ଞା-ଚେତନାର ସାରତତ୍ତ୍ୱ । ଏହି ଧର୍ମ ମାନବ-ମୈତ୍ରୀ-ଧର୍ମ । ପୁରୁଷୋତ୍ତମଙ୍କ ବିକାଶ ଜଗତଜନଙ୍କ ଉପାସନା ପାଇଁ । ବେଦରେ ମଧ୍ୟ ସେଇ ପୁରୁଷୋତ୍ତମ, ଜ୍ଞାନରେ ଓ ତତ୍ତ୍ୱ ଦର୍ଶନରେ ସେଇ ପୁରୁଷୋତ୍ତମ ପ୍ରତିଷ୍ଠିତ । "ଲୋକରେ ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ହେଉଛନ୍ତି ପ୍ରାଚୀନ କଳିଙ୍ଗ ବା ଏବ ଓଡ଼ିଶାର ପୁରୁଷୋତ୍ତମପୁରୀ ବା ପୁରୀର 'ଜଗନ୍ନାଥ' । ଗୀତା ବେଳକୁ ଆଉ କୁତ୍ରାପି ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ନାହାନ୍ତି । ତେଣୁ ଏକ ଜଗନ୍ନାଥଙ୍କ ସ୍ଥାନ ବା ପୁରୁଷୋତ୍ତମ କ୍ଷେତ୍ର ହେଉଛି, ଶ୍ରେଷ୍ଠଧାମ- ଭକ୍ତର ପରମସ୍ଥାନ । ଭାରତ ଧର୍ମ, ଭାରତ ସଭ୍ୟତା ଓ ଭାରତ ସାହିତ୍ୟର ଏ ମହାମହନୀୟ ସମାଧାନ ହେଉଛି କଳିଙ୍ଗର ପୁଣ୍ୟ କୀର୍ତ୍ତି– ଓଡ଼ିଆ ସାହିତ୍ୟର ଏହା ଶ୍ରେଷ୍ଠ ସଂପଦ ।" (୨୯) ଜଗନ୍ନାଥ ମୈତ୍ରୀଧର୍ମ ବା ପୁରୁଷୋତ୍ତମ ଧର୍ମର ସଂପର୍କ ଅସୁର ସଭ୍ୟତା ସହିତ । ତେଣୁ କଳିଙ୍ଗ -ପୁରୁଷୋତ୍ତମ -ଧର୍ମପରମ୍ପରାର ଶୂନ୍ୟ ଧର୍ମ, ଶାକ୍ୟମୁନି ପ୍ରଚାରିତ ଶୂନ୍ୟ -ଧର୍ମ ନୁହେଁ । ଏହା କଳିଙ୍ଗ-ସୃଷ୍ଟ ଏକ ମହାନ ଧର୍ମ-ପରମ୍ପରା । "ସାରା ସମାଜ ଇ କଳିଙ୍ଗ -ଧର୍ମର କର୍ମକ୍ଷେତ୍ର ।" ଏହି ଧର୍ମ ଆଦିମ କାଳର

Digitized by PPRACHIN, SOA

ଶୂନ୍ୟ ଧର୍ମ । ଏଇ ଶୂନ୍ୟ-ଧର୍ମରେ ପୁଣି ଜଗନ୍ନାଥ ହୋଇଛନ୍ତି ପୁରୁଷୋତ୍ତମ ବୌଦ୍ଧ-ଅବତାର । ଜଗନ୍ନାଥ ନିରାକାରଙ୍କ ବିକାଶ ତତ୍ତ୍ୱର ପ୍ରତୀକତା । ଏହା ହିଁ ବୁଦ୍ଧରୂପ । ଓଡ଼ିଆ ପରମ୍ପରାରେ ଏହାହିଁ ଜଗନ୍ନାଥ -ବୁଦ୍ଧ । ଜଗନ୍ନାଥ ବିଶ୍ୱ ମୈତ୍ରୀର ପ୍ରତୀକ । ସେ ଜଗତର ନାଥ ଜଗନ୍ନାଥ । ନିର୍ବାଣ ସାଧନାର ସେ ଭୌତିକ ସଂକେତ । ସେ ମଧ୍ୟ ବୁଦ୍ଧଙ୍କର ତାତ୍ତ୍ୱିକ ଅବତାର । ବିଶ୍ୱଧର୍ମର ସେ ପ୍ରତୀକ । ସେ ଶୂନ୍ୟ । ସେ ମଧ୍ୟ ପୂର୍ଣ୍ଣ । "ଓଡ଼ିଆ ସଭ୍ୟତା ତଥା ସାହିତ୍ୟ ଶୁଷ୍କ ଶୂନ୍ୟ ସାଧନା ବା ନିର୍ବାଣ ଯୋଗରେ ପର୍ଯ୍ୟବସିତ ବା ପରିସମାପ୍ତ ନୁହେଁ, ନିର୍ବାଣ ଯୋଗ ମୂଳ ହେଉଛି; ସମାଜରେ ବିଶ୍ୱମୈତ୍ରୀର ନିତ୍ୟ ସାଧନା ।" (୩୦) ଜଗନ୍ନାଥଙ୍କୁ କେନ୍ଦ୍ର କରି ଏହି ଧର୍ମ ଓ ସଭ୍ୟତାର ବିକାଶ । ଜଗନ୍ନାଥହିଁ ଓଡ଼ିଆ ବୈଷ୍ଣବଙ୍କର ନିତ୍ୟକୃଷ୍ଣ-ରୂପ । ଏହାହିଁ ଚତୁର୍ଦ୍ଧାମୂର୍ତ୍ତିର 'ଜଗନ୍ନାଥ' ସ୍ୱରୂପ ବା ବିଶ୍ୱମୂଳ ଅଣାକାରଙ୍କ 'ଜଗନ୍ନାଥ' ରୂପ ଧାରଣା । ସୁଭଦ୍ରା ରଜୋରୂପିଣୀ ଯୋଗମାୟା ପ୍ରକୃତି । ସେଇହିଁ ଓଡ଼ିଆ ବୈଷ୍ଣବଙ୍କ ନିତ୍ୟରାଧା-ରୂପ । ଶୂନ୍ୟ ସଙ୍ଗେ ଯୋଗମାୟାଙ୍କର ନିତ୍ୟ ଯୁଗଳରୂପର ପ୍ରକାଶହିଁ ବରାଟ ରୂପ ବା ବ୍ୟକ୍ତିର ମୂଳ । ଏହାହିଁ ଶୂନ୍ୟର ଠୂଳ ରୂପ । ସେହିହିଁ ବଡ଼ଠାକୁର ବଳଭଦ୍ର । ତେଣୁ ଜଗନ୍ନାଥ ଧର୍ମ; ପ୍ରାକୃତ ଧର୍ମ ନୁହେଁ, ମହାଭାରତୀୟ ମୈତ୍ରୀଧର୍ମ (୩୧) ସାରା ବିଶ୍ୱର ଅବବୋଧ ଉପରେ ଏହା ପ୍ରତିଷ୍ଠିତ । ନୀଳକଣ୍ଠ ଏ ସଂପର୍କରେ କହନ୍ତି "ଓଡ଼ିଆର ଶବର ଦେବତା ଜଗନ୍ନାଥ । ସେ କୌଣସି ସ୍ଥାନ ବା ବ୍ୟକ୍ତିର ନାଥ ନୁହନ୍ତି । ସେ ରାମନାଥ ନୁହନ୍ତି । ଦ୍ୱାରକାନାଥ ନୁହନ୍ତି । ବଦ୍ରିନାଥ ନୁହନ୍ତି । ସେ ଚାରିଧାମର ଶ୍ରେଷ୍ଠଧାମ ଜଗତର ନାଥ, ସେ ଜଗନ୍ନାଥ । ସେଇ ଏକା ସମାଜ ସାଧନାରେ ସବୁସ୍ତରରେ ମାନବ ପାଇଁ ବିଶ୍ୱମୈତ୍ରୀର ମହାପ୍ରତୀକ । ଓଡ଼ିଆର ପରମ ଦେବତା । ବିଷ୍ଣୁଙ୍କର ବୁଦ୍ଧ ଅବତାର । ଓଡ଼ିଆ ସଭ୍ୟତା ତଥା ସମାଜର ଗତିନିୟାମକ । ସାହିତ୍ୟର ପରମ ଆଦର୍ଶ । ମାନବ ପ୍ରେରଣାର ପରମସଙ୍କେତ, ସେଇ । ସେଇ ଏକା ଓଡ଼ିଆର ନିତ୍ୟ ଦେବତା, ସେଇ ଜଗନ୍ନାଥ.... । ଜଗନ୍ନାଥ ଏକା ଆମର ମୂର୍ତ୍ତିମନ୍ତ ସଭ୍ୟତା ଓ ସାହିତ୍ୟ । (୩୨) ତେଣୁ ଜଗନ୍ନାଥ ଧର୍ମହିଁ ମାନବ ମୈତ୍ରୀଧର୍ମ । ସମାଜ ଓ ଜଗତର କର୍ମ ଶୃଙ୍ଖଳା ଭିତରେ ନିଜକୁ ନିର୍ବିକଳ୍ପ ଭାବରେ ମିଶାଇବା କର୍ମହିଁ ଜଗନ୍ନାଥ ଧର୍ମ ।

ଜଗନ୍ନାଥ ପତିତପାବନ ନୁହନ୍ତି । ଜଗନ୍ନାଥ ଧର୍ମ ମଧ୍ୟ ପତିତପାବନ ଧର୍ମ ନୁହେଁ । ବୌଦ୍ଧ ମହାଯାନରେ କରୁଣା ଓ ପତିତର ସେବା ପ୍ରବେଶ କରି ପତିତପାବନ ଧର୍ମର ବିକାଶ ହୋଇଅଛି । ଜଗନ୍ନାଥ ମୈତ୍ରୀ ଧର୍ମ ସହିତ ଏହାର ସଂପର୍କ ନାହିଁ । ଅଥଚ ମୈତ୍ରୀଦେବ ଜଗନ୍ନାଥ ପତିତପାବନ ବାନା ଉଡ଼ାଉଛନ୍ତି । କାଙ୍ଗାଳସେବା ବା କାଙ୍ଗାଳ ଭୋଜନ ଏହି ଧର୍ମର ଅବକ୍ଷୟର ପରିଣତି । ଜଗନ୍ନାଥ କିନ୍ତୁ ବିଶ୍ୱମୈତ୍ରୀର ପ୍ରତୀକ । ସେ ମୈତ୍ରୀଦେବ ପୁରୁଷୋତ୍ତମ । "ସ୍ୱୟଂ ଜଗନ୍ନାଥ ମଧ୍ୟ ଆଜ ନିଜର ଭୁକ୍ତାବଶେଷ କୈବଲ୍ୟ ଦାନକରି ପତିତପାବନ ବୋଲାଇବାକୁ ଲୋଡୁ ନାହାନ୍ତି । ପୁଣି ବୁଝିବାର ଅଛି 'ପତିତପାବନ' ନାମଟି 'ପୁରୁଷୋତ୍ତମ ଜଗନ୍ନାଥ' ନାମର ଗୋଟିଏ କଦର୍ଯ୍ୟ ଅପଳାପ । କରୁଣାଧର୍ମର ସାଧକମାନଙ୍କ ଅନୁକରଣରେ ଭେଦଧର୍ମୀ ସ୍ମାର୍ତ୍ତମାନେ ମଧ୍ୟ ଏଇ ନାମଟି

Digitized by PPRACHIN, SOA

ଗ୍ରହଣ କରିଛନ୍ତି ବୋଲି ମନେହୁଏ । ସମାଜରୁ ଦଳେ ଲୋକଙ୍କୁ ବା ସମସ୍ତ ସମାଜକୁ ପତିତ ମଣି ସାରା ଜଗତରେ ସାମ୍ୟ ନିୟମାକ, ବିଶ୍ୱ ସତ୍ୟ ଓ ବିଶ୍ୱ ଋତର ପ୍ରତୀକ ଜଗନ୍ନାଥଙ୍କ ଠାରେ ଏହି ନାମଟିର ଆରୋପ ଅଯଥାର୍ଥ । ଜଗନ୍ନାଥଙ୍କ ପାଖେ କେହି ପତିତ ନୁହେଁ - କେହି ଭିନ୍ନ ନୁହେଁ । ସେ କାହାକୁ ପତିତ କରନ୍ତି ନାହିଁ ମଣନ୍ତି ନାଇ । ତାଙ୍କ ପାଖେ କାଙ୍ଗାଳ ଅପବିତ୍ର ନୁହେଁ, ବ୍ରାହ୍ମଣ, ରାଜା, ଶିଳ୍ପୀ, ବଣିକ, ଜମିଦାର ବା ମଠାଧୀଶ ସମାଜରେ ଧନୀ ବା ପ୍ରଭାବଶାଳୀ ବୋଲି ବେଶି ପବିତ୍ର ନୁହନ୍ତି । ଯାହାଙ୍କ ଦୃଷ୍ଟିରେ ପତିତ ନାଇ ବା ପତିତ ବୋଲି କେହି ଅପବିତ୍ର ନୁହେଁ । ସେ ପୁଣି ପତିତପାବନ ହେବେ କିପରି ? 'ଜଗନ୍ନାଥ' ପତିତପାବନ ନୁହନ୍ତି । ସେ ହେଉଛନ୍ତି ଅନନ୍ତ ବିଶ୍ୱପ୍ରକାଶର ବହୁରେ ଏକ; ପୁଣି ବିଶ୍ୱତତ୍ତ୍ୱର ଏକରେ ପ୍ରକାଶ -ରୂପ ବହୁ । ସେ ବିଶ୍ୱ ମୈତ୍ରୀର ପ୍ରତୀକ ମୈତ୍ରୀ ଦେବ ପୁରୁଷୋତ୍ତମ । ସେ ହେଉଛନ୍ତି ଶୁଦ୍ଧ, ବୁଦ୍ଧ, ଜଗନ୍ନାଥ" (୩୩) ଏହି କାରଣରୁ ଜଗନ୍ନାଥକୁ ପତିତପାବନ କହିବା ଠିକ୍ ନୁହେଁ ବୋଲି ପଣ୍ଡିତ ନୀଳକଣ୍ଠଙ୍କର ଅଭିମତ । ଜଗନ୍ନାଥହିଁ ବ୍ୟକ୍ତିର ଅପ୍ରକାଶ, ପୁରୁଷ, କର୍ମର ପ୍ରକାଶମୟ ସତ୍ୟ । ସେହି ହିଁ ବ୍ୟକ୍ତି ତଥା ବିଶ୍ୱର ଅପ୍ରକାଶ ଓ ପ୍ରକାଶର ସମୁଚ୍ଚୟ ତଥା ସମାଧାନର ସ୍ୱରୂପ । ସେ କର୍ମର ଅନନ୍ତ ବୈଷମ୍ୟ । ଅଥଚ ସକଳ ବୈଷମ୍ୟ ଭିତରେ ବିଶ୍ୱ ଋତରେ ମହାଶୃଙ୍ଖଳା । ସେ ହେଉଛନ୍ତି ଘୋର ଅପ୍ରକାଶ- ସୁଦର୍ଶନ, ସମସ୍ତ ପ୍ରକାଶର ଅବ୍ୟକ୍ତ କାରଣ -ଜଗନ୍ନାଥ, ତପସ୍ୟାର ଯୋଗମାୟା ସୁଭଦ୍ରା । ସତ୍ୟ ଓ ବିଶ୍ୱପ୍ରକାଶନର ପ୍ରତୀକ ଅନନ୍ତ ଠୂଳରୂପ ଜଗନ୍ନିବାସ ବଡ଼ଠାକୁର -ବଳଭଦ୍ର । (୩୪) ତେଣୁ ଜଗନ୍ନାଥ ଧର୍ମହିଁ ଅନାସକ୍ତ କର୍ମରେ ଆତ୍ମଦାନ ଓ ସେଇ ତପସ୍ୟାରେ ମୁକ୍ତିର ପନ୍ଥା । ଏଥିରେ ସମ୍ପ୍ରଦାୟ ନାହିଁ । ସାମ୍ପ୍ରଦାୟିକତା ଏହାର ପାଖ ମାଡ଼େନାହିଁ । ସମଗ୍ର ବିଶ୍ୱହିଁ ଏହିଧର୍ମର ଲୀଳା କ୍ଷେତ୍ର । ସମଗ୍ର ବିଶ୍ୱ ମଣିଷ ହିଁ ଏ ଧର୍ମର ଦାୟାଦ । ମୈତ୍ରୀ ବନ୍ଧନ ହିଁ ଏହାର ଲକ୍ଷ୍ୟ । ନୀଳକଣ୍ଠଙ୍କ ପ୍ରଜ୍ଞା ମାନସ ତେଣୁ ଘୋଷଣା କରିଛି -" କଳିଙ୍ଗର ଧର୍ମ ଓ ସଂସ୍କୃତିକୁ ଏଇ କଥାରେ କହିଲେ କୁହାଯିବ ଏହା ଜଗନ୍ନାଥ । ଏଠାରେ କର୍ମରେ ଭେଦଜ୍ଞାନ ନାଇ -ଧର୍ମରେ ଅନ୍ଧତା ନାଇ । ଏହାହିଁ ବିଶ୍ୱଧର୍ମରେ ମହାସମନ୍ୱୟର ବିଗ୍ରହ । କଳିଙ୍ଗର ବୃଦ୍ଧ ଶବର ଦୃପ୍ତ ମାଳବରାଜାକୁ ଏହାଶିଖାଇ ଚିରକାଳ ପାଇଁ ଭାରତର ଧର୍ମର ଏଇ ନିତ୍ୟ ପ୍ରତିଷ୍ଠାନରେ ପ୍ରାଣ ପ୍ରତିଷ୍ଠା କରିଯାଇଛନ୍ତି । ଏହା କଳିଙ୍ଗ ତଥା ଶବର ସଂସ୍କୃତିର ନିତ୍ୟ ସଂକେତ ରୂପେ ଭେଦ ଧର୍ମ ଜଡ଼ିତ ଭାରତ ତଥା ପୃଥିବୀର ସନାତନ ସତ୍ୟର ମହାବାଣୀ ସିନ୍ଧୁ ସମୀର ଦୋଳିତ ସମୁନ୍ନତ ଚିରାଳ ସଂକେତର ପ୍ରଚାର କରୁଅଛି ।" (୩୫) ଭାକ୍ତିକ ମିଥ୍ୟା ଧର୍ମ ପ୍ରବାହ ପ୍ରତି ତୀବ୍ର କଟାକ୍ଷପାତ କରିବା ସଙ୍ଗେ ସଙ୍ଗେ ଇତିହାସର କ୍ରମବିବର୍ତ୍ତନରେ ଜଗନ୍ନାଥ ମୈତ୍ରୀ ଧର୍ମ ମଧ୍ୟକୁ ଅନ୍ୟାନ୍ୟ ଯେଉଁସବୁ ଭ୍ରାନ୍ତି ପଶି ଆସିଛି ତାକୁ ପ୍ରଜ୍ଞାଦୀପ୍ତ ଯୁକ୍ତିରେ ପଦାରେ ପକାଇ ଦେଇ ଜଗନ୍ନାଥ - ମାନବ ମୈତ୍ରୀ ଧର୍ମର ପ୍ରକୃତ ସତ୍ୟକୁ ଦେଖାଇଅଛନ୍ତି । ଜଗନ୍ନାଥ ମୈତ୍ରୀ ଧର୍ମର ମହତ୍ତ୍ୱ ଓ ମହିମାହିଁ ତାଙ୍କ ପ୍ରଜ୍ଞା ମାନସର ତାତ୍ତ୍ୱିକ ବିଶ୍ଳେଷଣ । "This is Maitri or feeling of universal Kinship in which the

Digitized by PPRACHIN, SOA

individual is identified with the Universe. This is distinct from samya ( Equality), Brother hood or any such term of the kind generally used in the authoritative religions ." (୩୬) ଏହି ଜଗନ୍ନାଥ ଧର୍ମହିଁ ସ୍ୱଧର୍ମ । ଏହା କୌଣସି ସଂପ୍ରଦାୟଗତ ଧର୍ମ ନୁହେଁ । ମାନବଧର୍ମ କର୍ମହିଁ ଏହାର ମନୋଭୂମି । ଅଧିକାରବୋଧ ଏହି କର୍ମରେ ସ୍ୱୀକୃତ । "ସମସ୍ତେ ନିଜ ଅଧିକାରରେ ଠିକ୍ ରହି କର୍ମ କଲେ ସମାଜ ଶୃଙ୍ଖଳାରେ ବିକାଶ ପାଏ ଓ ଏହି ଧର୍ମ ଆତ୍ମଜ୍ଞାନ ଲାଭର ବିକାଶରେ କ୍ରମେ ବିକଶିତ ହୁଏ । ସ୍ୱଧର୍ମ ଛାଡ଼ିବା ଠିକ୍ ନୁହେଁ । ସ୍ୱଧର୍ମରେ ଆତ୍ମତତ୍ତ୍ୱର ଏଇ ବିକାଶ ଶୃଙ୍ଖଳା ହୃଦୟଙ୍ଗମ କରି ଗ୍ରେଦନାର ପାଠ ଓ ପ୍ରକୃତି କ୍ରମେ ବଦଳାଇବାକୁ ହୁଏ । ଏହାହିଁ ସ୍ୱଧର୍ମରେ ପୁରୁଷୋତ୍ତମଙ୍କର ଅର୍ଚ୍ଚନା ।" (୩୭) ପୁରୁଷୋତ୍ତମ ଜଗନ୍ନାଥ ମୈତ୍ରୀଧର୍ମ ଆଲୋଚନା ପ୍ରସଙ୍ଗରେ ଆର୍ଯ୍ୟ ଜୀବନ ଧାରାର ଭାବମୂର୍ତ୍ତ ଅବସ୍ଥାକୁ ବିଶ୍ଳେଷଣ କରି ମତ ଦେଇଛନ୍ତି- "ରକ୍ତ, ମାଂସ, ପିଣ୍ଡ ବା ଅପରିବର୍ତ୍ତିତ ଭୂମିଖଣ୍ଡରେ ଜାତୀୟତା ରହେ ନହିଁ । ଜାତୀୟତା ରହେ ଭାବରେ, ଆଦର୍ଶରେ, ଜାତୀୟ ଜୀବନର ମୌଳିକତା ଓ ଶକ୍ତିରେ ।" (୩୮) ମନୀଷୀ ନୀଳକଣ୍ଠଙ୍କର ଏହାହିଁ ପ୍ରଜ୍ଞା-ମନୀଷା । ଏହା ଆବେଗ ସମ୍ବଳିତ ଭାବଦୀପ୍ତ ଆହ୍ୱାନ ନୁହେଁ; ପ୍ରଜ୍ଞାଦୀପ୍ତ ଯୁକ୍ତିନିଷ୍ଠ ପ୍ରେରଣା । ଭାକ୍ତିକ ମିଥ୍ୟାର କୁହେଳିକା ମଧ୍ୟରୁ ମୁକ୍ତ ହୋଇ ମାନବମୈତ୍ରୀବୋଧରେ ଅନୁପ୍ରାଣିତ ହେବା ଓ ସମାଜ ଜୀବନକୁ ଭ୍ରଷ୍ଟାଚାରର କବଳରୁ ମୁକ୍ତ କରି ଏକ ନୀତିନିଷ୍ଠ ଆଚାର ନିବଦ୍ଧ ସମାଜ କଳ୍ପନା କରିବା ନୀଳକଣ୍ଠଙ୍କ ପ୍ରଜ୍ଞା -ମାନସ-ବଳୟର ଏକ ନିତ୍ୟଗତ ସ୍ୱର୍ଣ୍ଣାଭଦୀପ୍ତି । "ସଂଯମରେ ସଂଭୋଗ କରିବାହିଁ ସମାଜ । ତାହାହିଁ ମାନବର ସ୍ପୃହଣୀୟ ଚରିତ୍ର ।" (୩୯) ଏଥିପାଇଁ ବ୍ରହ୍ମଚର୍ଯ୍ୟ ପାଳନଠାରୁ ନୀତିନିଷ୍ଠ ଜୀବନ ଯାପନ ଭିତରେ ଏକ ମହାମାନବିକ ମୈତ୍ରୀଧର୍ମ ପ୍ରତିଷ୍ଠା ଥିଲା ତାଙ୍କର ଲକ୍ଷ୍ୟ । ଜଗନ୍ନାଥ ଧର୍ମ ଭିତରୁ ସେଇ ସତ୍ୟ ଲାଭକରି ସେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଦେଇ ଅଛନ୍ତି ମୈତ୍ରୀଧର୍ମ ପାଇଁ ପ୍ରେରଣା । ଜଗନ୍ନାଥ ଧର୍ମ ମଧ୍ୟରେ ମାନବ -ମୈତ୍ରୀ - ଧର୍ମକୁ ଉପଲବ୍ଧି କରି ବିଶ୍ୱଧର୍ମରେ ପର୍ଯ୍ୟବସିତ କରିବାହିଁ ତାଙ୍କ ମନୀଷାର କେନ୍ଦ୍ର । ଏହି ସିଦ୍ଧାନ୍ତରେ ଉପନୀତ ହେବାପାଇଁ ନୀଳକଣ୍ଠ ଆସିରୀୟ ସଭ୍ୟତାଠାରୁ ଶବର ଦ୍ରାବିଡ଼-ଆର୍ଯ୍ୟ -ସଭ୍ୟତା ଆଦିକୁ ଅନୁଶୀଳନ କରିଅଛନ୍ତି । ପୌରାଣିକ ଓ ଭକ୍ତି ଧର୍ମରେ ଥିବା ଭାକ୍ତିକ ମିଥ୍ୟା ପ୍ରତି ସେ ତୀବ୍ର ସମାଲୋଚନା କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଜାତୀୟତାର ଭୂମି ସନ୍ଧାନ କରିଛନ୍ତି । ବିଗତ ଶତାବ୍ଦୀରେ ଓଡ଼ିଆ ଭାଷା, ସଂସ୍କୃତି ଓ ଅର୍ଥନୀତି ପ୍ରତି ବଙ୍ଗୀୟମାନଙ୍କର ଆକ୍ରମଣ ହିଁ ନୀଳକଣ୍ଠଙ୍କ ଅବଚେତନରେ ସୃଷ୍ଟି କରିଛି ପ୍ରତିକ୍ରିୟା । ତେଣୁ ତାଙ୍କର ଅସିଛି କୃଷ୍ଣଧର୍ମ ପ୍ରତି ବିଦ୍ୱେଷ । ଶରୀର ସାଧନା ଭିତରେ ସଂଯମ ପ୍ରତିଷ୍ଠା କରି ଜାତୀୟତାର ନବ ଅଭ୍ୟୁଦୟର ବାର୍ତ୍ତା ଓ ସାହିତ୍ୟରେ ସ୍ୱାଭିମାନର ସ୍ୱର ଉତ୍ତୋଳନ କରିବାହିଁ ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସର କେନ୍ଦ୍ର ଓ ବଳୟର ଭାବମୂର୍ତ୍ତ ଅଭିବ୍ୟକ୍ତି । ସେ ପୁଣି-ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ, ଭାରତୀୟ

Digitized by PPRACHIN, SOA

ସଂସ୍କୃତିକୁ ଓଡ଼ିଶାର ଦାନ, ଓଡ଼ିଶାର ଜୈନ ଧର୍ମ, ଜାତୀୟ ଜୀବନ ପରି ପ୍ରବନ୍ଧମାନଙ୍କରେ ନିଜର ପ୍ରଜ୍ଞାମାନସର ପରିଚୟ ଦେଇଅଛନ୍ତି ଓ ଓଡ଼ିଶା ପ୍ରତି ତାଙ୍କର ଗଭୀର ମମତ୍ୱବୋଧକୁ ଯେପରି ପ୍ରକଟ କରିଛନ୍ତି ତାହା ଅଭିନନ୍ଦନୀୟ ।

ନୀଳକଣ୍ଠଙ୍କ ମାନସ ସତତ ପ୍ରଜ୍ଞା- ସଚେତନ । ଏହା ପୁଣି ଜାତୀୟ ଭାବଚେତନାରେ ରଶ୍ମିମନ୍ତ । ଏହି ଜାତୀୟତା ସଂକୀର୍ଣ୍ଣ ନୁହେଁ; ବିଶ୍ୱବୋଧରେ ଅନୁପ୍ରାଣିତ । ଜାତୀୟ ଜୀବନରେ ଯେଉଁ ଧାର୍ମିକ ତଥା ଦାର୍ଶନିକ ପ୍ରବାହ ଅଛି ସେଥିରେ ମୌଳିକତା କେତେ, ଆହୃତ ଓ ଆରୋପ କେତେ, ସମସ୍ତ ଫେଡ଼ି ଦେଖାଇ ଜାତୀୟ ଜୀବନର ମୌଳିକ ଦ୍ୟୁତି ଫୁଟାଇବା ଥିଲା ତାଙ୍କ ମନୀଷାର ଲକ୍ଷ୍ୟ । ତାଙ୍କ ମନୀଷାର ଭାବ -କେନ୍ଦ୍ର ଜଗନ୍ନାଥ -ମାନବମୈତ୍ରୀଧର୍ମ । ସେହି କେନ୍ଦ୍ରର ବଳୟକୁ ଆଚ୍ଛାଦନ କରି ରହିଥିବା ଭ୍ରାନ୍ତିକ ମିଥ୍ୟାକୁ ବିଲୋପ କରି ବିଶ୍ୱକୈନ୍ଦ୍ରିକ ମୈତ୍ରୀବୋଧ ଜାଗ୍ରତ କରିବାହିଁ ତାଙ୍କର ଉଦ୍ଦେଶ୍ୟ । ଏଥିପାଇଁ ବିଶ୍ୱପରିକ୍ରମା କରିଛି ତାଙ୍କର ମନୀଷା । କେତେ ଗ୍ରନ୍ଥ, କେତେ ଶାସ୍ତ୍ର ,କେତେ ପଣ୍ଡିତଙ୍କର ସିଦ୍ଧାନ୍ତକୁ ସେ ଅନୁଶୀଳନ କରି ସେଥିରୁ ଆପଣାର ସତ୍ୟ -ବୃତ୍ତଟିଏ କାଟିଦେଇଛନ୍ତି । ଏହି ଭିତ୍ତିଭୂମି ଉପରେ ସେ ତଉଲିଛନ୍ତି ପୁରାଣକୁ ଓ ସନ୍ଥ ସାହିତ୍ୟକୁ, କାବ୍ୟକୁ ଓ ଆଧୁନିକ ସାହିତ୍ୟକୁ, ଇତିହାସ ଓ କିମ୍ବଦନ୍ତୀକୁ, ଧର୍ମ ଓ ଦର୍ଶନକୁ । ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂସ୍କାର ମୁକ୍ତ କରି ଏକ ନୂତନ ସାହିତ୍ୟ ଓ ସଂସ୍କୃତିର ପ୍ରତିଷ୍ଠା ଓ ବିକାଶ ପାଇଁ ନୀଳକଣ୍ଠଙ୍କ ପ୍ରଜ୍ଞା-ମାନସର ଅଛି ଆଶ୍ୱାନ୍ୱିତ ଆହ୍ୱାନ । ଏହି ପ୍ରଜ୍ଞା-ମାନସ ଓଡ଼ିଆ ସାହିତ୍ୟରେ ଯେଉଁ ସ୍ୱାଭିମାନୀ ଭୂମିଟିଏ ତିଆରି କରି ଦେଇଛି ଓ ସେହି ଭୂମି ଉପରେ ସେ ନିଜର ଯେଉଁ ସାରସ୍ୱତ ଭୂମିକାଟି ଛାଡ଼ି ଯାଇଅଛନ୍ତି ତାହା ବାସ୍ତବିକ ଓଡ଼ିଆ ଆଲୋଚକଙ୍କ ପରଳ କାଟି ନୂଆ ଆଲୋକ ଦେଖାଇ ପାରିବ ବୋଲି ବିଶ୍ୱାସ ।

ସହାୟକ ଗ୍ରନ୍ଥସୂଚୀ:


୧. ଡକ୍ଟର ମାୟାଧର ମାନସିଂହ– 'କୋଣାର୍କେ' ମୁଖବନ୍ଧ ।

୨. ନୀଳକଣ୍ଠଙ୍କ ଆତ୍ମଜୀବନୀ (ଗ୍ରନ୍ଥାବଳୀ) ପ୍ରଥମ ଭାଗ – ପୃ. ୨୦ ।

୩. ଅତ୍ରୈବ – ପୃ. ୨୧ ।

୪. ଅତ୍ରୈବ – ପୃ. ୨୮ ।

୫. ନୀଳକଣ୍ଠ ଗ୍ରନ୍ଥାବଳୀ – ଦ୍ୱିତୀୟ ଭାଗ – ପୃ. ୪୯୦ ।ୟ
(ଆମର ଥିଲା ଓ କାରଣ ଥାଇପାରେ)

୬. ଆତ୍ମଜୀବନୀ (ନୀଳକଣ୍ଠ ଗ୍ରନ୍ଥାବଳୀ, ପ୍ରଥମ ଭାଗ)– ପୃ. ୯୨ ।

୭. ଆତ୍ମଜୀବନୀ ( " )– ପୃ. ୯୨ ।

୮. ନୀଳକଣ୍ଠ ଗ୍ରନ୍ଥାବଳୀ – ପ୍ରଥମ ଭାଗ – (ଆତ୍ମଜୀବନୀ) – ପୃ. ୯୨ ।

୯. ଅତ୍ରୈବ – ପୃ. ୯୩ ।

୧୦. ଭକ୍ତିଗାଥା– (ନୀ.ଗ୍ର.) ପ୍ରଥମ ଭାଗ, ପୃ. ୧୭୪ ।


Digitized by PPRACHIN, SOA

୧୧. କ୍ଷୁଦ୍ର ଇନ୍ଦ୍ରିୟ ଦୁଆରେ ଧରି ରଖେ ଜ୍ଞାନ ପରେ
ଜ୍ଞାନେ ଜ୍ଞାନେ ବିଶ୍ୱପିତା ତୁମ୍ଭେ ମୂଳାଧାର । – ଭକ୍ତିଗାଥା – 'ଆତ୍ମବାଣୀ'–
୧୨. କ୍ଷୀଣ-ନର ଆତ୍ମ-ଶକ୍ତି ଚିନ୍ମୟ ଚଳନେ
ଜିଣିପାରେ ହେଲେ କୋଟି ସବିତୃ ମଣ୍ଡଳ
ଅନନ୍ତ-ବ୍ରହ୍ମାଣ୍ଡ-ମହାଚଳନ ଚାତୁରୀ – – ଭକ୍ତିଗାଥା – 'ବିଶ୍ୱବାଣୀ'–
୧୩. ଗୀତା ପ୍ରବେଶ – ୨ୟ ସଂ –ପୃ. ୮୪/୮୫ ।
୧୪. ନୀଳକଣ୍ଠ ଗ୍ରନ୍ଥାବଳୀ, ପ୍ରଥମ ଭାଗ– ଆତ୍ମଜୀବନୀ – ପୃ. ୧୪୯ ।
୧୫. ନୀଳକଣ୍ଠ ଗ୍ରନ୍ଥାବଳୀ, ପ୍ରଥମ ଭାଗ – ଆତ୍ମଜୀବନୀ – ପୃ. ୧୪୯ ।
୧୬. ସଂସ୍କୃତ ଓ ସଂସ୍କୃତି – ପୃ. ୧୨ ।
୧୭. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭା–ଓ. ସା. କ୍ର. ପ – ପୃ. ୨୭୨ ।
୧୮. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭା–ପ୍ରତିଭା ପୂଜା ଓ ପ୍ରତିମା ପୂଜା– ପୃ. ୪୩୫ ।
୧୯. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭା–ନୀତି ଓ ପ୍ରକୃତି– ପୃ. ୪୦୭ ।
୨୦. ଅତ୍ରୈବ – ପୃ. ୪୨୧ ।
୨୧. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ–ଅଛୁ ଓ ହେବୁ – ପୃ. ୪୪୨ ।
୨୨. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ– ଆମର ଥିଲା ଓ କାରଣ ଥାଇପାରେ, ପୃ. ୪୯୦ ।
୨୩. ଅତ୍ରୈବ – ଓ. ସା. କ୍ର. ପ. – ପୃ. ୩୫୮ ।
୨୪. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ– ଓ. ସା. କ୍ର. ପ– ପୃ. ୮୩/୮୪ ।
୨୫. ଅତ୍ରୈବ – ପୃ. ୩୪ ।
୨୬. ନୀଳକଣ୍ଠ ଦାସ - ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ।
୨୭. ନୀଳକଣ୍ଠ ଦାସ – 'ସାରଳା ଦାସ' ନବ ଭାରତ (ନୂତନ ପ୍ରସ୍ଥ)
୧ମ ବର୍ଷ/ ୧ମ ଭାଗ (ତା୧୩/୧/୧୯୪୭)
୨୮. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭାଗ – ଓ:ସା.କ୍ର.ପ. – ପୃ. ୩୮୯/୩୯୦ ।
୨୯. ଅତ୍ରୈବ, ପୃ. ୧୦୦ ।
୩୦. ଅତ୍ରୈବ, ପୃ. ୧୧୫ ।
୩୧. ନୀଳକଣ୍ଠ ଗ୍ରନ୍ଥାବଳୀ, ଦ୍ୱିତୀୟ ଭା – ଓ:ସା.କ୍ର.ପ. – ପୃ. ୧୨୫ ।
୩୨. ଅତ୍ରୈବ, ପୃ. ୧୩୦ ।
୩୩. ନୀଳକଣ୍ଠ ଦାସ - ସଂସ୍କୃତ ଓ ସଂସ୍କୃତି – ପୃ. ୧୦୭ ।
୩୪. ଅତ୍ରୈବ, ପୃ. ୧୦୮/୧୦୯ ।
୩୫. ନୀଳକଣ୍ଠ ଦାସ - ଗୀତା ପ୍ରବେଶ – ପୃ. ୨୮୬ ।
୩୬. Pandit Nilakantha Dash
Journal of the Utkal University, Vol. I, December 1961, Pg. 7.
୩୭. ଗୀତା ପ୍ରବେଶ – ପୃ. ୩୪୨/୩୪୩ ।
୩୮. ଆର୍ଯ୍ୟ ଜୀବନ – ପୃ. ୧୪୧ ।
୩୯. ନୀଳକଣ୍ଠ ଦାସ – ଲାବଣ୍ୟବତୀ ଟୀକା – ପୃ. ୪୪ ।

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ ଦାସ:
# ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ

ପ୍ରଫେସର ଦାଶରଥି ଦାସ

ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ ଏକ ବିରାଟ ଗ୍ରନ୍ଥ । ଏହାର ପରିକଳ୍ପନା ପଛରେ ଯେଉଁ ଉଜ୍ଜ୍ୱଳ ମନସ୍ୱିତା ଓ ଗଭୀର ଅନ୍ତର୍ଦୃଷ୍ଟି ସକ୍ରିୟ, ତାହା ଆଦୌ ସାଧାରଣ କଥା ନୁହେଁ । ଗ୍ରନ୍ଥଟି ଶେଷପର୍ଯ୍ୟନ୍ତ ଅବଶ୍ୟ ଅସଂପୂର୍ଣ୍ଣ ରହିଛି । ପ୍ରଥମଭାଗର ଭୂମିକାରେ ଥିଲା, "ଏହା ପର ପୁସ୍ତକ ଖଣ୍ଡିକର ନାମ ହେବ 'ପରିଣାମରେ ଗତି' । କିନ୍ତୁ 'ପରିଣାମରେ ସମୟର ସ୍ତରଭେଦରେ ଗତି ଦେଖାଇ ଓଡ଼ିଆ ସାହିତ୍ୟ ଆଲୋଚନା କରିବାର ସାମଗ୍ରୀ' ଅଭାବରୁ ସେହି ପରିକଳ୍ପନା ଚରିତାର୍ଥ ହୋଇନାହିଁ । ଅଧିକନ୍ତୁ ଦ୍ୱିତୀୟ ଭାଗର ସମାପ୍ତି ବେଳକୁ ଲେଖକ ଲକ୍ଷ୍ୟ କରିଛନ୍ତି ଯେ, "ଏଥିରେ ସଂସ୍କୃତିର ସେହି ମୂଳ ପ୍ରାଚ୍ୟ ଦାର୍ଶନିକ ଧର୍ମଟି ପ୍ରତି ବରାବର ସଙ୍କେତ ଥିଲେ ମଧ୍ୟ ସେହି ମୂଳଟିର ଇତିହାସ ଓ କ୍ରମ-ପରିଣାମ ଆଲୋଚନା କରାଯାଇ ନାହିଁ । ପୁଣି ସେହି ସାହିତ୍ୟ ଓ ଶିଳ୍ପକୁ ମଧ୍ୟ ଆଉ ଥରେ ଧାରାବାହିକ ଭାବରେ ସ୍ତରକୁ ସ୍ତର ଉଦାହରଣ ସହିତ ଫିଟାଇ ଦେଖି ନେବାର ଅଛି । ଏଣୁ ଏ ଦୁଇଟି ଭାଗ ସହିତ ଆଉ ଦୁଇଟି ଭାଗ ଲେଖିବାର କଳ୍ପନା ଅଛି । ଏହା ପରର ଭାଗ ହୋଇଥାନ୍ତା, "ପୃଥିବୀର ଧର୍ମ ଓ ତହିଁରେ ଜଗନ୍ନାଥ ଧର୍ମର ଗତି ଓ ପରିଣତି" । ତା'ପରେ ସେଇଦୃଷ୍ଟିରେ ଲିଖିତ "ସାହିତ୍ୟ ଓ ଶିଳ୍ପାଦିର ସ୍ତରମାନଙ୍କର ଆଲୋଚନା" । ଭାଗ ଦୁଇଟିଯାକ ବାସ୍ତବ ରୂପ ପାଇ ନାହାନ୍ତି । ତେଣୁ ଗ୍ରନ୍ଥଟି ଅସମ୍ପୂର୍ଣ୍ଣ ବୋଲି କୁହାଯାଉଛି । ମଝିରେ ମଝିରେ ଏଥିରେ ମଧ୍ୟ ଅନେକ କଥା ପରେ କୁହାଯିବ ବୋଲି ସୂଚିତ ହୋଇଛି । ମାତ୍ର ଶେଷ ପର୍ଯ୍ୟନ୍ତ କୁହାଯାଇ ନାହିଁ । ପଦେ ପଦେ ପୁଣି ଅତ୍ୟୁକ୍ତି, ପୁନରୁକ୍ତି ଓ ଅସ୍ୱଷ୍ଟତା ବର୍ତ୍ତମାନ; ଓଡ଼ିଆ ସାହିତ୍ୟର କ୍ରମ ନାହିଁ କି ପରିଣାମ ନାହିଁ । ଏସବୁ ସତ୍ତ୍ୱେ ମଧ୍ୟ କହିବାକୁ ହୁଏ ଯେ, ଓଡ଼ିଆ ସମାଲୋଚନା ସାହିତ୍ୟର ଏହା ଅନ୍ୟତମ ପ୍ରଧାନ ସମ୍ପଦ । ଏହାର ଗବେଷଣା ମହା ମୂଲ୍ୟବାନ, ଜିଜ୍ଞାସା ବହୁମୁଖୀ ଓ ଭାଷା ଗଭୀର, ସତେଜ ତଥା ସୁଖପାଠ୍ୟ ।

ଓଡ଼ିଆ ସାହିତ୍ୟର କ୍ରମ-ପରିଣାମର ଦୁଇଟି ଭାଗ ପ୍ରକାଶିତ; ପ୍ରଥମ ଭାଗ ୧୯୪୮ରେ ଓ ଦ୍ୱିତୀୟ ଭାଗ ୧୯୫୩ରେ । ଆଜି ଆମ ସମାଲୋଚନା ସାହିତ୍ୟରେ ନଗଦ ବିଦାୟର ଦିନ । ଏଠାରୁ 'କ୍ରମ-ପରିଣାମ'ର ମୂଲ୍ୟାଙ୍କନ କରିବା ସହଜ ନୁହେଁ । ପଣ୍ଡିତ ନୀଳକଣ୍ଠଙ୍କ ନିଷ୍କାମ ସାଧନା, ଦୃଢ଼ ନିଷ୍ଠା ଓ ନିଶ୍ଚିନ୍ତ ସଂସ୍କୃତିବୋଧ ଏବେ ପ୍ରବିରଳ

Digitized by PPRACHIN, SOA

ବିଷୟ । ଅଧିକନ୍ତୁ ଆମ ଶିକ୍ଷାବିଧି ଗୁଣରୁ ହେଉ କି ସମାଲୋଚକମାନଙ୍କ ମାନସିକ ଖର୍ବତା ଯୋଗୁ ହେଉ କେଉଁଠି ନିଷ୍ଠା ଓ ପାଣ୍ଡିତ୍ୟ ନାହିଁ । ଗବେଷଣା ମାନେ ପ୍ରାୟଶଃ ଆବର୍ଜନା ସଂଗ୍ରହ । ଅଳ୍ପ ବିଦ୍ୟାକୁ ତୁମୂଳ କରି ଘୋଷଣା କରିବାର ସହଜ ଉପାୟ ଆମକୁ ଜଣା । ବିଦ୍ୟାର ସାଧନା ଯଥାସମ୍ଭବ ହାଲୁକା ଓ ବୁଦ୍ଧିର ତପସ୍ୟା ଯଥାସମ୍ଭବ କ୍ଷୀଣ ବଳ । ସେଇଥିପାଇଁ ପ୍ରଥମରୁ ମନେ ରଖିବାକୁ ହେବ ଯେ, କ୍ରମ-ପରିଣାମର ନୀଳକଣ୍ଠ ଆମ ଗୋତ୍ରର ନୁହନ୍ତି । ବିଦ୍ୟା ସଂଗ୍ରହ ପାଇଁ ତାଙ୍କର ଅଧ୍ୟବସାୟ ଥିଲା, ଅଧିତ ବିଦ୍ୟାକୁ ନିଜର ତଥା ଅନ୍ୟର ମନରେ ସହଜ ଭାବରେ ଉପସ୍ଥାପନ କରିବାର ଧୀଶକ୍ତି ବି ଥିଲା । ତେଣୁ ତାଙ୍କୁ ସେହିସବୁ ଭାରତୀୟ ବିଦ୍ୱାନଙ୍କ ପରମ୍ପରାରେ ବୁଝିବାକୁ ହୁଏ, ଯେଉଁମାନେ ଏକାଧାରରେ ଉଭୟ ପ୍ରାଚୀନ ପଦ୍ଧତିରେ ସଂସ୍କୃତ ବିଦ୍ୟା ଓ ଆଧୁନିକ ବିଶ୍ୱବିଦ୍ୟାଳୟ ଶିକ୍ଷାରେ ପ୍ରାବୀଣ୍ୟ ଅର୍ଜନ କରିଥିଲେ, ଜାତିର ଭାଷା ଓ ସାହିତ୍ୟକୁ ଭଲ ପାଉଥିଲେ, ଜାତୀୟ ସଂସ୍କୃତିକୁ ଆତ୍ମସ୍ଥ ଓ ପରିପୁଷ୍ଟ କରିବାକୁ ଚାହୁଁଥିଲେ । ସେମାନେ ହେଉଛନ୍ତି ରାମକୃଷ୍ଣ ଗୋପାଳ ଭଣ୍ଡାରକର, ଭଗବାନ ଲାଲ ଇନ୍ଦ୍ରଜୀ, ଭାଉ ଦାଜୀ, ସୁଧାକର ଦ୍ୱିବେଦୀ, ଗଙ୍ଗାନାଥ ଝା, ଗୌରୀଶଙ୍କର ହୀରାଚନ୍ଦ ଓଝା, କୁପ୍ପୁସ୍ୱାମୀ ଶାସ୍ତ୍ରୀ, ଗଣପତି ଶାସ୍ତ୍ରୀ ଓ ହରପ୍ରସାଦ ଶାସ୍ତ୍ରୀ ଇତ୍ୟାଦି । ଏମାନେ ପ୍ରାଚୀନ ଭାରତର ଇତିହାସ, ବିଦ୍ୟା ଓ ସଂସ୍କୃତିକୁ ଆଧୁନିକ ଶିକ୍ଷାସମ୍ମତ ଐତିହାସିକ ଯୁକ୍ତିସଙ୍ଗତ ଦୃଷ୍ଟିଭଙ୍ଗୀ ଘେନି ଆଲୋଚନା କରିଛନ୍ତି: ତଥ୍ୟ ଓ ତତ୍ତ୍ୱ ଉଭୟ ଦିଗରୁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ବିଚାର କରିଛନ୍ତି । ନୀଳକଣ୍ଠ ଦାସ ପ୍ରାଦେଶିକ ସ୍ତରରେ ସେହିପରି ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଆଲୋଚନା କରିଛନ୍ତି । କ୍ଷେତ୍ର ଅଲଗା - ମାତ୍ର ଲକ୍ଷ୍ୟ ଏକା । ସେ ହୁଏତ ସାରା ଜୀବନ ଅଧ୍ୟୟନ ଓ ଗବେଷଣା କାର୍ଯ୍ୟରେ ସେମାନଙ୍କ ପରି ବ୍ୟାପୃତ ରହିପାରି ନାହାନ୍ତି କି ସର୍ବଭାରତୀୟ ସ୍ତରରେ ଯଶସ୍ୱୀ ହୋଇପାରି ନାହାନ୍ତି, ତେବେ ସେମାନଙ୍କ ପରି ତାଙ୍କର ମନୀଷା ଥିଲା, ଯାହାକୁ କହନ୍ତି ମନର ଚରିତ୍ର ବଳ । ଏଇଠି ତାଙ୍କର ଆଭିମୁଖ୍ୟଟିକୁ ବୁଝାଇବାକୁ ମାକ୍ସମୁଲାରଙ୍କର ଏକ ଉକ୍ତି ଉଦ୍ଧାର କରାଯାଇ ପାରେ । ସେ କହନ୍ତି, "ଯେଉଁ ଦେଶର ଜନସାଧାରଣ ତାଙ୍କ ପ୍ରାଚୀନ ଇତିହାସ ଓ ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଅବହିତ ନୁହନ୍ତି ଅଥବା ତାହା ସ୍ମରଣ କରି ଗୌରବବୋଧ ନ କରନ୍ତି, ସେମାନେ ସେମାନଙ୍କ ଜୀବନରେ ଜାତୀୟ ଚରିତ୍ରର ଏକ ପ୍ରଧାନ ଅବଲମ୍ବନକୁ ବିସ୍ମୃତ ହୁଅନ୍ତି ।" ଏହି ସତ୍ୟଟିକୁ ସାହିତ୍ୟରେ ଆତ୍ମାନୁସନ୍ଧାନୀ ସତ୍ୟବାଦୀ ଗୋଷ୍ଠୀର ନୀଳକଣ୍ଠ ଦାସ ବେଶ୍ ଭଲ ଭାବରେ ବୁଝିଥିଲେ । ସେ ତେଣୁ ଆମ ଆତ୍ମବିସ୍ମୃତିର ଅଗୌରବ ଦୂର କରି ସବୁଦିନ ପାଇଁ ଆମକୁ ଏକ ଅପରିଶୋଧନୀୟ ଋଣରେ ଆବଦ୍ଧ କରି ଯାଇଛନ୍ତି । ଜାତୀୟ ଜୀବନର ଉତ୍କର୍ଷ ଧର୍ମ, ସମାଜବୋଧ ଓ ସାହିତ୍ୟରୂପୀ ଯେଉଁ ତ୍ରିଧାରା ଉପରେ ନିର୍ଭରଶୀଳ, ଯାହା ସବୁ ସଂସ୍କୃତି ମୂଳରେ ଜଳସିଞ୍ଚନ କରିଥାଏ, ସେ ସବୁକୁ ସେ ଫେଡ଼ି ଦେଖାଇଛନ୍ତି । ସେହି ସୂତ୍ରରେ ଓଡ଼ିଶାର ଇତିହାସ, ଧର୍ମ, ସାହିତ୍ୟ ଓ ସାହିତ୍ୟର ଭାଷା, ଛନ୍ଦ ତଥା ରାଗ,

Digitized by PPRACHIN, SOA

ତାଳ ପର୍ଯ୍ୟନ୍ତ ସବୁ ସେ ଆଲୋଚନା କରିଛନ୍ତି । ତେଣୁ 'କ୍ରମ -ପରିଣାମ' ତା'ର ସମସ୍ତ ଅସଂପୂର୍ଣ୍ଣତା ସତ୍ତ୍ୱେ ଏକ ଉପାଦେୟ ଗ୍ରନ୍ଥ, ଯାହା ଆମକୁ ଆତ୍ମପରିଚୟ ଦିଏ, ଆତ୍ମସମ୍ମାନବୋଧରେ ଦୀକ୍ଷିତ କରେ, ସମାଜର ଅନୁଦାର ରକ୍ଷଣଶୀଳତା ଓ ଅଯୌକ୍ତିକ କୁସଂସ୍କାର ହାତରୁ ମୁକ୍ତ କରେ । ଅନେକେ ଓଡ଼ିଆ -ସାହିତ୍ୟର ଇତିହାସ ଲେଖିଛନ୍ତି । ଅନେକେ ଠିକ୍ କ୍ରମ-ପରିଣାମ ରକ୍ଷା କରି ଧାରାବାହିକ ଇତିହାସ ଲେଖିବେ ମଧ୍ୟ; ମାତ୍ର ପଣ୍ଡିତ ନୀଳକଣ୍ଠ ସ୍ୱଦେଶାନୁରାଗ ଘେନି ଓଡ଼ିଆ ସାହିତ୍ୟକୁ ଜାତୀୟ ଇତିହାସର ପୃଷ୍ଠଭୂମିରୁ ଯେପରି ବିଶ୍ଳେଷଣ କରିଛନ୍ତି, ତାହା କେହି କରିନାହାନ୍ତି କି ନିକଟ ଭବିଷ୍ୟତରେ କରିବେ ନାହିଁ ।

ପଣ୍ଡିତ ନୀଳକଣ୍ଠଙ୍କ ପାଇଁ 'ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ' । ସେ ପ୍ରଥମରୁ ବୁଝାଇଛନ୍ତି, "ଏଇ ବିକାଶର ଚଳଣି ସଂସ୍କୃତିରେ ମପାଯାଏ, ତେଣୁ ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର-ସ୍ଥାପତ୍ୟ ପ୍ରଭୃତି ସବୁସାହିତ୍ୟ ଅନ୍ତର୍ଗତ" ଇତ୍ୟାଦି । ଦୃଷ୍ଟି ବଡ଼ ପ୍ରସାରିତ । ସେଇଥିପାଇଁ ଓଡ଼ିଆ-ସାହିତ୍ୟର କ୍ରମ ପରିଣାମ ନିରୂପଣ କ୍ଷେତ୍ରରେ ଓଡ଼ିଶାର ଲୋକକଥା, ଲୋକଗୀତି, ଲୋକ -ସଂସ୍କୃତି, ଜୈନଧର୍ମ, ଜଗନ୍ନାଥ ତତ୍ତ୍ୱ, ପ୍ରତ୍ନତତ୍ତ୍ୱ, ଶିଳ୍ପ ସ୍ଥାପତ୍ୟାଦି ସବୁ ବିଷୟର କଥା ଉଠିଛି । ଯାହାକୁ ସବୁ କେନ୍ଦ୍ରକରି ଓଡ଼ିଆ ସାହିତ୍ୟ ଓ ଓଡ଼ିଆଙ୍କ ମନ ପ୍ରକୃତି ବିକଶିତ ହୋଇଛି, ଯାହାକୁ ପ୍ରକୃତ ପକ୍ଷେ ଓଡ଼ିଆଙ୍କ ପୈତୃକ ସଂସ୍କାର କୁହାଯାଏ, ତାହାକୁ ପଣ୍ଡିତ ନୀଳକଣ୍ଠ ଦୁର୍ଜ୍ଞେୟତାର ଜଟିଳତାରୁ ମୁକ୍ତ କରି ଓଡ଼ିଆ ଚିତ୍ତଭୂମିରେ ପ୍ରବାହିତ କରି ଦେବାକୁ ଋହିଁଛନ୍ତି, ପରମ୍ପରାର ଗତି ଓ ପ୍ରଭାବ ବୁଝିଛନ୍ତି । ତେଣୁ କେବଳ ଓଡ଼ିଆ- ସାହିତ୍ୟର କ୍ରମ ବିବର୍ତ୍ତନ ଧାରାଟି ସେ ଦେଖାଇ ନାହାନ୍ତି, ତତ୍ ସହିତ ଧର୍ମ, ରାଜନୀତି ଓ ସାମାଜିକ ଉତ୍‌ଥାନ - ପତନ ସାଙ୍ଗରେ ସାରସ୍ୱତ ସୃଷ୍ଟିର ଯେଉଁ ନିଗୂଢ଼ ସମ୍ପର୍କ ଅଛି, ତାହା ମଧ୍ୟ ଦର୍ଶାଇଛନ୍ତି । ଓଡ଼ିଆ- ସାହିତ୍ୟ ସମ୍ପର୍କରେ ତାଙ୍କ ମନ୍ତବ୍ୟ ତେଣୁ ଇତିହାସ- ସମ୍ମତ, ଯଦିଓ ପ୍ରୀତିକର ନୁହେଁ । ସାରଳା - ସାହିତ୍ୟକୁ ନୀଳକଣ୍ଠ ଜାତୀୟ ସାହିତ୍ୟର ମହିମା ଦାନ କରିଛନ୍ତି । ସାରଳା ଦାସ ତାଙ୍କ ପାଇଁ ଓଡ଼ିଶାର ବ୍ୟାସଦେବ । ତାଙ୍କ ମହାଭାରତରେ ଓଡ଼ିଆ ସମାଜର ନିତ୍ୟ ଚଳଣି ଓ ଓଡ଼ିଆ ଜୀବନର ନିତ୍ୟ ଅନୁଭବ ଜୀବନ୍ୟାସ ପାଇ ଝଟକୁଚି । ଚର୍ଯ୍ୟା ଗୀତିକାକୁ ସେ ଓଡ଼ିଆ - ସାହିତ୍ୟ ବୋଲି ଭାବି ପାରନ୍ତି ନାହିଁ । ସାରଳା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଘେନି ମଧ୍ୟ ସ୍ଫୀତ କି ପ୍ରୀତ ହୁଅନ୍ତି ନାହିଁ । ଯଥାକ୍ରମେ ଜଗନ୍ନାଥ ଓ ବଳରାମଙ୍କ ଭାଗବତ ଓ ରାମାୟଣରେ କିଛିଟା ସାହିତ୍ୟିକ କୃତିତ୍ୱ ଲକ୍ଷ୍ୟ କଲେ ମଧ୍ୟ ସେହି ସାହିତ୍ୟରେ ପରାଧୀନତା ଓ ଆତ୍ମରକ୍ଷାର ଆର୍ତ୍ତନାଦି ଶୁଣିପାରନ୍ତି । ତାଙ୍କ ପାଇଁ ଏତିକି ମାତ୍ର ସାନ୍ତ୍ୱନା ଯେ, ସେମାନେ ରାଧାକୃଷ୍ଣ ଭକ୍ତିର ପ୍ଳାବନୀ ଭିତରେ ଓଡ଼ିଶାର ପାରମ୍ପରିକ ଧର୍ମାଋରକୁ ଅକ୍ଷୁଣ୍ଣ ରଖିବାର ଉଦ୍ୟମ କରିଥିଲେ । ଏଣିକି ଓଡ଼ିଶା ଓ ଓଡ଼ିଆ ସାହିତ୍ୟର ଘୋର ଦୁର୍ଗତିର କାଳ ମୋଗଲ ଯୁଗରୁ ଆରମ୍ଭ ହୋଇ ଯାଇଛି । ଭଞ୍ଜଯୁଗ ବା ମଧ୍ୟଯୁଗୀନ ଓଡ଼ିଆ-

Digitized by PPRACHIN, SOA

ସାହିତ୍ୟରେ ଓଡ଼ିଶାର ମୈତ୍ରୀଧର୍ମ ଓ ସ୍ୱାଧୀନ ତଥା ସ୍ୱଚ୍ଛନ୍ଦ ମାନବୀୟ ବିକାଶ ବୁଝିନେବା ସାହିତ୍ୟର ଧାରା ଫିଟାଇବା ଭଳି ବିଶ୍ୱପ୍ରେରଣା ନଥିଲା । ତେଣୁ ସେଥିରେ ନୀଳକଣ୍ଠ ଘୋର ଚର୍ବିତ ଚର୍ବଣ ଛଡ଼ା ଆଉ ବିଶେଷ କିଛି ପ୍ରକାଶ ପାଇଥିବାର ଦେଖି ନାହାନ୍ତି । ତାଙ୍କର ମନ୍ତବ୍ୟ ସବୁଦିନ ପାଇଁ ପ୍ରଣିଧାନଯୋଗ୍ୟ, "ଶବ୍ଦ- ବିନ୍ୟାସ ଚତୁରୀରୁ ଆନନ୍ଦ ପାଇବା ଭଳି ସାହିତ୍ୟିକ ନାହାନ୍ତି ବୋଲି ଆମେ କହୁନାଉଁ, ଅଛନ୍ତି; ମାତ୍ର ସେତିକି ଯଦି ଆମ ଜାତୀୟ କବିଙ୍କର ବିଶେଷତ୍ୱ ହୁଏ, ତେବେ ଜଗତରେ ପ୍ରତିଷ୍ଠା ପାଇବାରେ ତାହା ଆମକୁ କିପରି ସାହାଯ୍ୟ କରିବ, ଏହା ଏକାନ୍ତ ବିଚାର୍ଯ୍ୟ ।" ତେବେ ଭଞ୍ଜଯୁଗରେ ଅନ୍ତତଃ ଶବ୍ଦ ଓ ଶବ୍ଦାଳଙ୍କାର କସରତରେ "ଆମେ ବୋଲି ହେଲେ ଯାହା ଟିକିଏ ଆତ୍ମଜ୍ଞାନ ଥିଲା" ପରବର୍ତ୍ତୀ କାଳରେ ତା' ଘୋର ଅନୁକରଣରେ ଅଭିଭୂତ ହୋଇଛି । ପଣ୍ଡିତ ନୀଳକଣ୍ଠଙ୍କ ପାଇଁ "ଇଂରେଜ ଯୁଗ ବେଳକୁ ଓଡ଼ିଶାରେ ଆଉ ଯେପରି ରକ୍ତ ନ ଥିଲା ।" ସେ ଆଧୁନିକ ଓଡ଼ିଆ ସାହିତ୍ୟ ଘେନି ଉତ୍ସାହିତ ହୋଇପାରି ନାହାନ୍ତି । ୧୯୪୮ ପର୍ଯ୍ୟନ୍ତ ସେ "ପରାଧୀନତାର ପ୍ରତି ସ୍ପର୍ଦ୍ଧା ଓ ଜ୍ଞାତ-ଅଜ୍ଞାତ ଅନୁକରଣକୁ ନାନା ରଙ୍ଗରେ ନାନା ରୂପରେ ପ୍ରକଟିତ ହେଉଥିବାର ଲକ୍ଷ୍ୟ କରିଛନ୍ତି । ଓଡ଼ିଆ ସାହିତ୍ୟରକ୍ରମ -ପରିଣାମର ଏତିକି କଥା ପାଇଁ ସେ ଏକ ବିରାଟ ଗ୍ରନ୍ଥର ପ୍ରୟୋଜନ ଦେଖିଛନ୍ତି; ଅଥଚ ବଡ଼ ସଂକ୍ଷେପରେ ସେ ସତ୍ୟ-ସାରଟିକୁ ଆମ ଆଗରେ ଥୋଇ ଦେଇ ଯାଇଛନ୍ତି; ଭାବାଳୁତାର ବଶବର୍ତ୍ତୀ ନ ହେଲେ ତାଙ୍କ ଯୁକ୍ତିର ପ୍ରତିବାଦ କରିବା ଅସମ୍ଭବ ।

'କ୍ରମପରିଣାମ"ରେ ପଣ୍ଡିତ ନୀଳକଣ୍ଠଙ୍କ ରାଷ୍ଟ୍ରପ୍ରୀତି ଓ ଦେଶାତ୍ମବୋଧ ମଧ୍ୟ ଦେଖିବାର କଥା । ଓଡ଼ିଶା ତାଙ୍କର ଉପାସ୍ୟ । ସ୍ୱାଧୀନ ବିଶ୍ୱମୈତ୍ରୀର ଜୀବନ୍ତ ଦେବତା ଜଗନ୍ନାଥଙ୍କ ଦେଶ ଏ ଓଡ଼ିଶା- ଏଇ ଭୂମିରେ ସବୁ ତୀର୍ଥ - ସବୁଦେବତା । ସେ ଓଡ଼ିଆମାନଙ୍କୁ ଡାକି କହିଛନ୍ତି, "ଓଡ଼ିଆ ପରି ଆଉ ଗୋଟିଏ ପ୍ରାଚୀନ ଓ ଜୀବନ୍ତ ମାନବ ଗୋଷ୍ଠୀ ପୃଥିବୀରେ ଅଛି କି ନାହିଁ ସନ୍ଦେହ ।" "ଓଡ଼ିଶା ପୁଣ୍ୟଭୂମି"- ବହୁ କାଳର ପ୍ରତିଷ୍ଠିତ ଭୂମି -ଜୈନ ଭୂମି । ଉଭୟ ଓଡ଼ିଆ ଜାତି ଓ ଓଡ଼ିଶା ଭୂମିର ତୁଙ୍ଗ ଇତିହାସ ଅଛି । ଏସବୁ ଉକ୍ତିରେ ଅତିରଞ୍ଜନ ନାହିଁ କହିଲେ ଭୁଲ ହେବ, ମାତ୍ର ନୀଳକଣ୍ଠଙ୍କ ଅଛିଦ୍ର ଜାତୀପ୍ରୀତିକୁ ସନ୍ଦେହ କରିବାର କିଛି ନାହିଁ । ଭାଷା, ସାହିତ୍ୟ, ସଂସ୍କୃତିରେ, ଧର୍ମ, ସମାଜ ଓ ଆସନ ବ୍ୟବସ୍ଥାରେ ତଥା ନୀତିବୋଧ, ସୌନ୍ଦର୍ଯ୍ୟ ରୁଚି ଓ ଆଚାର ବ୍ୟବହାରରେ - ଯାହା କିଛି ଓଡ଼ିଆଙ୍କର ନିଜସ୍ୱ ଜିନିଷ ଯାହା କିଛି ସହିତ ଓଡ଼ିଶା ମାଟିର ଅଚ୍ଛେଦ୍ୟ ସଂସ୍ପର୍ଶ ଅଛି - ତାହା ପ୍ରତି ନୀଳକଣ୍ଠଙ୍କର ନିବିଡ଼ ଅନୁରାଗ । ତେଣୁ ତାଙ୍କୁ ବୁଝିବାକୁ ହେଲେ, ତାଙ୍କ ସାହିତ୍ୟ -କର୍ମର ମୂଲ୍ୟାୟନ କରିବାକୁ ହେଲେ ଏହି ଅନୁରାଗ କଥାକୁ ମନେ ରଖିବାକୁ ହୁଏ ।

କ'ଣ ଓଡ଼ିଆ ଜାତିର ସହଜାତ ସଂସ୍କାର ? ଓଡ଼ିଶା ଭୂମିରେ ଶବର, ଦ୍ରାବିଡ଼ ଓ ଆର୍ଯ୍ୟ ଗୋଷ୍ଠୀର ଲୋକଙ୍କ ସମାଗମ ଓ ମିଶ୍ରଣ ସୂତ୍ରରେ ଯେଉଁ ଓଡ଼ିଆ ଜାତିର ଉଦ୍ଭବ

Digitized by PPRACHIN, SOA

ଘଟିଛି, ତାହାର ବିଶେଷତ୍ୱ କେଉଁଠି ? ହଠାତ୍ ଦେଖିବା ପାଇଁ ଓଡ଼ିଆ ସଭ୍ୟତା ଆର୍ଯ୍ୟସଭ୍ୟତା - ଶବର ଓ ଦ୍ରାବିଡ଼ ସଭ୍ୟତା ଧାରା ଦିଓଟି ସେଥିରେ ପ୍ରଚ୍ଛନ୍ନ । ପଣ୍ଡିତ ନୀଳକଣ୍ଠ ଦୂର ଇତିହାସକୁ ଉହିଁଛନ୍ତି, ଓଡ଼ିଆଙ୍କ ବୈଶିଷ୍ଟ୍ୟ ଦେଖାଇବାକୁ ତିନୋଟି ଧାରାର ପ୍ରକାର ଓ ପ୍ରଭାବ ପ୍ରତି ସଙ୍କେତ କରିଛନ୍ତି । ଶବ୍ଦ, ଅନୁଷ୍ଠାନ, ସାଧନା, ଲୋକକଥା, ଚଳଣି, ଧର୍ମ ସବୁଥିରୁ ଶଙ୍କୁ ଓ ସରଞ୍ଜାମ  ସଂଗ୍ରହ କରିଛନ୍ତି । ଫଳରେ ଏତେକଥା ବିଉରକୁ ଆସିଛି ଯେ, କ୍ରମପରିଣାମରେ ଧାରାବାହିକତାର ଯେଉଁ ଅର୍ଥ ଅଛି, ତାହା ବିଡ଼ମ୍ବିତ ହୋଇ ଯାଇଛି । ତେବେ ଶେଷ ପର୍ଯ୍ୟନ୍ତ ନୀଳକଣ୍ଠ ଘୋଷଣା କରିଛନ୍ତି, "ବ୍ରହ୍ମଚର୍ଯ୍ୟ ଓ ତହିଁରେ ନିରାଟ ଯୌନ-ସଂଯମ ହେଉଛି ଓଡ଼ିଆ ସାଧନାର ପ୍ରାଣ । ଭାରତରେ ଏହା ଅଦ୍ୱିତୀୟ କହିଲେ ଚଳେ ।" ସେହି ସୂତ୍ରରେ ଜୈନଭୂମି ଓଡ଼ିଶାର ଜାତୀୟ ବୈଶିଷ୍ଟ୍ୟ ହେଲା ଶୁଚିମନ୍ତ, ଗୃହସ୍ଥତା ଓ ସ୍ୱକୀୟା ପ୍ରତିଷ୍ଠା । 'କ୍ରମପରିଣାମ'ର ନୀଳକଣ୍ଠ ଯୌନ ଶୌଚ ଓ ବ୍ରହ୍ମଚର୍ଯ୍ୟକୁ ନୀତିରୂପେ ଧରି ସମଗ୍ର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଆକଳନ କରିଛନ୍ତି । ସେଇଥିପାଇଁ ମଧ ବାଲିତୃତୀୟା ବ୍ରତ ଓ ରଜପର୍ବକୁ ସେ ଓଡ଼ିଆଙ୍କ ଜାତୀୟ ବ୍ରତ ଓ ପର୍ବ ବୋଲି ଘୋଷଣା କରନ୍ତି । ଏଥିରେ ଓଡ଼ିଆଙ୍କ ବ୍ୟକ୍ତିତ୍ୱ ଓ ପ୍ରାଣ ଫୁଟିଛି । ଓଡ଼ିଆ ନାରୀଙ୍କ ସ୍ୱାମୀନିଷ୍ଠା ଓ ଋତୁ ପାଳଣା ଗୃହସ୍ଥ ସମାଜରେ ଯୌନ-ଶୃଙ୍ଖଳା ପ୍ରତିଷ୍ଠା କରିଥାଏ । ଓଡ଼ିଆ ମାଇପେ ସତୀସାଧ୍ୱୀ ହେବାକୁ ତପସ୍ୟା କରନ୍ତି ଓ ଓଡ଼ିଆ ଗୃହସ୍ଥ ନାରୀର ଋତୁସ୍ନାନ ପରେ ସଙ୍ଗମକୁ ଏକ ବିଧି ବୋଲି ମାନେ । ଯୌନ-ଶୌଚ ଓ ବ୍ରହ୍ମଚର୍ଯ୍ୟ ସାଙ୍ଗକୁ ପଣ୍ଡିତ ନୀଳକଣ୍ଠ ଓଡ଼ିଆଙ୍କ କର୍ମ ବିଶ୍ୱାସ (ପୁନର୍ଜନ୍ମ ବିଶ୍ୱାସ), ଜନସେବା, ଆତିଥେୟତା ଉପରେ ମଧ ଗୁରୁତ୍ୱ ଦିଅନ୍ତି । ରାଜନୀତିରେ ଓଡ଼ିଆମାନେ ବୁଝନ୍ତି 'ସାମ୍ରାଜ୍ୟ' ସେବାହିଁ ଜଗନ୍ନାଥ ସେବା', ଏଥିପାଇଁ ଓଡ଼ିଶାର ଲୋକ ଶାସନ ବ୍ୟବସ୍ଥା, ମହାସାମନ୍ତ ଚକ୍ର ପ୍ରବର୍ତ୍ତନ ଓ ସମାଜର ଶ୍ରମଶୃଙ୍ଖଳା ସଂସ୍ଥାନ (ଛେରାପହଁରା) ଆଦିକୁ ନୀଳକଣ୍ଠ ଓଡ଼ିଆ ଜାତିର ବୈଶିଷ୍ଟ୍ୟ ବୋଲି ପ୍ରତିପାଦନ କରନ୍ତି । ଏଇଠି ସ୍ମରଣ ରଖିବାକୁ ହେବ ଯେ ପଣ୍ଡିତ ନୀଳକଣ୍ଠଙ୍କ ସ୍ୱଜାତି ପ୍ରୀତି ଅନ୍ୟ ଜାତି ପ୍ରତି ବିଦ୍ୱେଷରୁ ମୁକ୍ତ ନୁହେଁ । ବିଶେଷତଃ ବଙ୍ଗବିଦ୍ୱେଷ ଅବିସମ୍ବାଦିତ ଓଡ଼ିଆ ସଂସ୍କୃତିରେ ଯାହା ଯେଉଁଠି କିଛି ଆବିଳତା ଅଛି, ସେସବୁ ତାଙ୍କ ଦୃଷ୍ଟିରେ ପ୍ରାୟ ବଙ୍ଗ-ପ୍ରଭାବର ଫଳ । ମୃଣ୍ମୟୀ ମୂର୍ତ୍ତିପୂଜା ଓ କାଙ୍ଗାଳି ଭୋଜନଠାରୁ ଆରମ୍ଭ କରି ଗୁରୁଗିରି ଓ ମନ୍ତ୍ର ଘେନା ପର୍ଯ୍ୟନ୍ତ, ଭ୍ରାତୃ ଦ୍ୱିତୀୟା ବ୍ରତଠାରୁ ବୀଭତ୍ସ ଭକ୍ତିବାଦ ଓ ବାବାଜୀ-ମାତା ପର୍ଯ୍ୟନ୍ତ ସବୁ କଥା ବଙ୍ଗଳାରୁ ଓଡ଼ିଶାକୁ ଆସିଛି । ବ୍ରହ୍ମଚର୍ଯ୍ୟ ବା ବୀର୍ଯ୍ୟଧାରଣରେ ଟିକିଏ ଏପାଖ ସେପାଖ ନ ହେବା ଯେବେ ଓଡ଼ିଆ ସାଧନାର ପ୍ରାଣ ହୁଏ, ତେବେ ପରକୀୟା ପ୍ରେମ ଓ ସ୍ୱଚ୍ଛନ୍ଦ ଯୌନାଚାର ଓ ବଙ୍ଗାଳୀଙ୍କ ଚରିତ୍ର ପ୍ରକାଶ କରେ । ତେଣୁ ଚର୍ଯ୍ୟାଗୀତିକୁ ସେ ବଙ୍ଗଳା ସାହିତ୍ୟ ବୋଲି ଘୋଷଣା କରନ୍ତି । ପଣ୍ଡିତ ନୀଳକଣ୍ଠଙ୍କ ପାଇଁ ଯୌନଶୁଦ୍ଧି ଓ ବ୍ରହ୍ମଚର୍ଯ୍ୟ ଯେକୌଣସି ସାଧନାର ଶେଷକଥା । ସାରଳା ସାହିତ୍ୟରେ ଯୁଦ୍ଧରେ ଭୀଷ୍ମଙ୍କ ବୀର୍ଯ୍ୟସ୍ଖଳନକୁ ସେ ଶିକ୍ଷଣୀୟ ବୋଲି (ଯେଉଁ ମାନବ

Digitized by PPRACHIN, SOA

ହେଉନା କାହିଁକି ବୀର୍ଯ୍ୟ ଧାରଣରେ ଏପାଖ ସେପାଖ କଲେ କ୍ଷମା ନାହିଁ) ଦାସଙ୍କ ନିଜ ଲେଖାରେ ଗଣନ୍ତି; କିନ୍ତୁ କୃଷ୍ଣଙ୍କ ଦୂତୀ ସଙ୍ଗମକୁ ପ୍ରକ୍ଷିପ୍ତ ମନେ କରନ୍ତି । ମାତ୍ର ଉଭୟ ଯୌନ ବିକୃତିର ପରିଚୟକ ନୁହନ୍ତି କି ? କଳିଙ୍ଗକୁ ଦ୍ରାବିଡ଼ ଭୂମି କହି ସେ ଗର୍ବବୋଧ କରନ୍ତି, ଅଥଚ ଜୟଦେବ କି ଦେବଦାସୀ ପ୍ରଥା ବା ମନ୍ଦିରଗାତ୍ରରେ ଅଶ୍ଳୀଳ ଚିତ୍ର ପ୍ରସଙ୍ଗ ଉଠିଲେ ସେସବୁ ଗଙ୍ଗରାଜାଙ୍କ କୀର୍ତ୍ତି ବୋଲି ଉଡ଼େଇ ଦିଅନ୍ତି । ଗଙ୍ଗମାନେ ଦ୍ରାବିଡ଼ ଗୋଷ୍ଠୀର ଲୋକ ନୁହନ୍ତି କି ? ଏ ସବୁଥିରେ ତାଙ୍କ ଅହଙ୍କାରୀ ସ୍ୱମତ ପ୍ରତିଷ୍ଠା ପ୍ରୟାସର ଦୁର୍ବଳତା ହୁଏତ ଅଛି । ସଂସ୍କୃତି ଓ ଓଡ଼ିଆଙ୍କର ନିଜସ୍ୱ; ଅପସଂସ୍କୃତି ମାତ୍ରେ ବଙ୍ଗାନୁସାରୀ । ପ୍ରକୃତରେ ବଙ୍ଗାଳୀମାନେ ଆମରି ଗୋତ୍ରର ଲୋକ, ଅନେକ ବିଷୟରେ ତାଙ୍କ ସହିତ ଆମର ସମତା ଅଛି, ବିଶେଷ ଭୌଗୋଳିକ ପରିବେଶରେ ଭିନ୍ନ ଜଳବାୟୁ ଉପଯୋଗୀ ବିଶେଷ ଜୀବନ ଯାତ୍ରା ପଦ୍ଧତିକୁ ଅବଲମ୍ବନ କରି ସେମାନେ ଆମଠାରୁ ପୃଥକ ହୋଇ ଯାଇଛନ୍ତି ଯାହା । ସହଜିୟା ବୈଷ୍ଣବଙ୍କ ଅବାଧ ଯୌନ-ମିଳନରେ ବଙ୍ଗାଳୀ ଜାତିର ଚରିତ୍ର ଲକ୍ଷଣ ଫୁଟି ନାହିଁ କି ରାଧାକୃଷ୍ଣଙ୍କ ପରକୀୟା ପ୍ରେମରେ ସବୁବେଳେ କାମକଳୁଷତା ପ୍ରକଟିତ ହୋଇ ନାହିଁ । ଓଡ଼ିଆଏ ରାଧାକୃଷ୍ଣଙ୍କୁ ପୁରୁଷୋତ୍ତମରେ ସମାଧାନ କରି ନେଇଛନ୍ତି ବୋଲି ନୀଳକଣ୍ଠ ଯାହା କହନ୍ତି, ତାହା ମଧ ସତ୍ୟର ନିକଟବର୍ତ୍ତୀ ନୁହେଁ । ଜୟଦେବ ନ ହୁଅନ୍ତୁ, ଦେବଦୁର୍ଲଭ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଅଭିମନ୍ୟୁ, ବଳଦେବ ଓ ଗୋପାଳକୃଷ୍ଣ କ'ଣ ଓଡ଼ିଆ ନୁହନ୍ତି ? ଏମାନେ ସମସ୍ତେ ପରକୀୟା ପ୍ରେମର ଉଦ୍‌ଗାତା । ପ୍ରକୃତରେ ଆମ ଭିତରେ ରାଧାକୃଷ୍ଣ ପ୍ରେମର କୌଣସି ବିକୃତ ଅର୍ଥ କରିବାର ପ୍ରବଣତା ଦେଖାଯାଏ ନାହିଁ । ଏଥିରୁ ଆମେ ଆମ ବ୍ୟକ୍ତିଗତ ଜୀବନରେ ଅବାଧ ଲାଳସା ଓ ଉଚ୍ଛୃଙ୍ଖଳତାର କୌଣସି ପ୍ରଶୟ ବା ସମର୍ଥନ ଲାଭ କରୁନାହୁଁ । ବରଂ ଏକ ପ୍ରକାର ସହଜ, ନିର୍ମଳ ଧର୍ମବୁଦ୍ଧି ଓ ନୀତିଜ୍ଞାନ ସାହାଯ୍ୟରେ ଏହାକୁ ଐଶୀଲୀଳାର ବିକାଶ ବୋଲି ସ୍ୱୀକାର କରିନେଉ । ମାନବ ଧର୍ମର କଳୁଷିତ ଆଦର୍ଶର ମାନଦଣ୍ଡରେ ଏହାର ବିଚାର କେହି କରେନା, ଏଥିରୁ ଓଡ଼ିଆଙ୍କ ଧର୍ମଜ୍ଞାନର ଅନନ୍ୟ ସାଧାରଣ ବିଶୁଦ୍ଧି ବରଂ ପ୍ରମାଣିତ ହୁଏ । ପଣ୍ଡିତ ନୀଳକଣ୍ଠ କିନ୍ତୁ ରାଧାକୃଷ୍ଣ ପ୍ରେମକୁ ଭୟ କରିଛନ୍ତି, ସମାଜକୁ ତାହା କଳୁଷିତ କରିଦେବ ବୋଲି ଆତଙ୍କିତ ହୋଇ ଉଠିଛନ୍ତି ।

ପଣ୍ଡିତ ନୀଳକଣ୍ଠ ଭକ୍ତିଧର୍ମର ପ୍ରତିବାଦ କରନ୍ତି । ବିଶେଷତଃ ବୈଷ୍ଣବଙ୍କ ପ୍ରତି ତାଙ୍କର ଆକ୍ଷେପ, ଅଭିଯୋଗ ଓ ଉପହାସର ସୀମା ନାହିଁ । ଜଗନ୍ନାଥ ତାଙ୍କ ପାଇଁ ମୂର୍ତ୍ତିମନ୍ତ ସଭ୍ୟତା ଓ ସାହିତ୍ୟ; "ବ୍ୟବହାରରେ ସେଇ, ସମାଜରେ ସେଇ, ଦର୍ଶନରେ ସେଇ, ସାଧନାରେ ସେଇ, ସିଦ୍ଧିରେ ସେଇ ।" ଓଡ଼ିଆର ଶବର ଦେବତା ଏହି ଜଗନ୍ନାଥ – ମାତ୍ର କଥାଟି ଏଇଠି ଶେଷ ନୁହେଁ । 'କ୍ରମପରିଣାମ'ରୁ ମନେ ହୁଏ ବରଂ ନୀଳକଣ୍ଠ ଜୈନଧର୍ମାବଲମ୍ବୀ ଥିଲେ । ଓଡ଼ିଶାକୁ ଶ୍ରେଷ୍ଠ ଜୈନଭୂମି ବୋଲି ସେ ଘୋଷଣା କରନ୍ତି ଓ ଜଗନ୍ନାଥଙ୍କୁ ଜୈନଧର୍ମ ପରମ୍ପରାରେ ବୁଝନ୍ତି । କହନ୍ତି, "ଜୈନଧର୍ମର ମହାସଂସ୍କାରକ

Digitized by PPRACHIN, SOA

ମଧ୍ୟପନ୍ଥୀ ଶାକ୍ୟମୁନି, ଜ୍ଞାନ ବା ବୁଦ୍ଧ, ଏଇ ପୀଡ଼ାରେ ଆତ୍ମଦାନ କରି ଦିନେ ମହାଯାନର କରୁଣାମୟ ବୁଦ୍ଧଦେବରେ ପରିଣତ ହୋଇଥିଲେ। ଜଗନ୍ନାଥଙ୍କୁ ସେଇ କରୁଣାମୟ ବୁଦ୍ଧ ରୂପେ ଦେଖିବାର ପ୍ରଚେଷ୍ଟା ଯେ ହୋଇଛି ତା ବୁଝାଇବା ଦରକାର ନାହିଁ।" ତାଙ୍କ ମତରେ ଆମ ଜଗନ୍ନାଥ ଉପାସନାରେ ଦାର୍ଶନିକ ଜୈନଧର୍ମ ନାନା ଭାବରେ ମହାଯାନର ଭକ୍ତିଧର୍ମ ଓ ବୈଷ୍ଣବବାଦି ବ୍ରାହ୍ମଣିକ ଧର୍ମରେ ପ୍ରଭାବିତ ହୋଇ ମଧ୍ୟ ବ୍ରହ୍ମଚର୍ଯ୍ୟମୂଳକ ଜୈନର ସାଧନା ଏକ ପ୍ରକାର ଜୀବନ୍ତ ରଖିଛି। ଶେଷ ପର୍ଯ୍ୟନ୍ତ କିନ୍ତୁ ସେ ଏ ଜୈନଧର୍ମର ସ୍ୱରୂପ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆମକୁ ନିଃସଂଶୟ କରିପାରି ନାହାନ୍ତି। ସେ ମଧ୍ୟ ଏ ବିଷୟରେ ସଚେତନ ଥିଲେ। ଲେଖିଥାନ୍ତେ 'କ୍ରମ ପରିଣାମ'ର ତୃତୀୟଭାଗ "ପୃଥିବୀର ଧର୍ମ ଓ ତହିଁରେ ଜଗନ୍ନାଥ ଧର୍ମର ଗତି ଓ ପରିଣତି।" ଗ୍ରନ୍ଥଟି ରଚିତ ହୋଇ ନଥିବାରୁ ଜୈନଧର୍ମ ସମ୍ପର୍କରେ ତାଙ୍କର ପୂର୍ଣ୍ଣ ବିଚାର ଆମର ହସ୍ତଗତ ହୋଇନାହିଁ, ଭକ୍ତିଧର୍ମରୁ ପୃଥକ କରି ତାଙ୍କ ଜଗନ୍ନାଥଙ୍କୁ ଠିକ୍ ଦେଖି ହୋଇ ନାହିଁ। ସେ ଜୈନ ଥିଲେ କି ସ୍ମାର୍ତ୍ତ ବ୍ରାହ୍ମଣ ଥିଲେ ତାହା ମଧ୍ୟ ନିରୂପିତ ହୋଇ ପାରୁନାହିଁ। ତେବେ ସେ ସ୍ମାର୍ତ୍ତ ଥିଲେ ବୋଲି ବିଚାରିଲେ ବିଶେଷ ଭୁଲ ହେବ ନାହିଁ। ସ୍ମାର୍ତ୍ତ ବିଚାରରେ ବୈଷ୍ଣବ ଭକ୍ତିଧର୍ମର ବିଶେଷ ସ୍ଥାନ ନଥାଏ। ଜଗନ୍ନାଥ ତାଙ୍କର ମୈତ୍ରୀ ଦେବ। 'ଗୀତା'ର ପୁରୁଷୋତ୍ତମ ଓ ଜ୍ଞାନ ସିଦ୍ଧିର 'ଜଗନ୍ନାଥ'ଙ୍କ ସହିତ ଆମ ଜଗନ୍ନାଥଙ୍କୁ ଯୋଡ଼ିବା କେତେଦୂର ସମୀଚୀନ ତାହା ଘେନି ମଧ୍ୟ ପ୍ରଶ୍ନ ଉଠାଯାଇ ପାରେ। ସେ ସବୁ ବାଦବିସମ୍ବାଦକୁ ଅତିକ୍ରମ କରି ଏଠି ଏତିକି କହିଲେ ଯଥେଷ୍ଟ ହେବ ଯେ, ସ୍ମାର୍ତ୍ତ ନୀଳକଣ୍ଠଙ୍କ ଜଗନ୍ନାଥ ଧର୍ମରେ ଭକ୍ତିଧର୍ମର ମତାନ୍ଧତା ନାହିଁ କି ଅଦ୍ୱୈତବାଦର ଅହଂକାର ନାହିଁ। ତେଣୁ ସେ ଭାକ୍ତିକ ମିଥ୍ୟାକୁ ସବୁଠି ଆକ୍ରମଣ କରନ୍ତି। ଏପରିକି "ଦାର୍ଢ୍ୟତା ଭକ୍ତି" କୁ ଓଡ଼ିଆରେ ଲେଖା ବଙ୍ଗଳା ସାହିତ୍ୟ କହି ଉପେକ୍ଷା କରନ୍ତି। ସେଥିରେ ବଙ୍ଗଳା ପତିତପାବନ ଧର୍ମର ସ୍ପଷ୍ଟ ଓ ସୁନ୍ଦର ଚିତ୍ର ଥାଇ ପାରେ, ମାତ୍ର ପୁରୁଷୋତ୍ତମ ମୈତ୍ରୀଧର୍ମ ନାହିଁ। ପଣ୍ଡିତ ନୀଳକଣ୍ଠ ଜଗନ୍ନାଥଙ୍କ ମୈତ୍ରୀଧର୍ମ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି। ମାତ୍ର ସେହି ମୈତ୍ରୀ ଧର୍ମରେ ବୈଷ୍ଣବ, ବଙ୍ଗାଳୀ କି ମୁସଲମାନଙ୍କ ପାଇଁ ସ୍ଥାନ ଦେଖନ୍ତି ନାହିଁ। ତାଙ୍କ ପାଇଁ ମହାତ୍ମା ଗାନ୍ଧିଙ୍କ ଧର୍ମ ସହିଷ୍ଣୁତା ସହିତ ଜଗନ୍ନାଥଙ୍କ ମୈତ୍ରୀ ଧର୍ମର ଜ୍ଞାତିତ୍ୱ ମଧ୍ୟ ନାହିଁ। ତେଣୁ ସେ ମହାତ୍ମା ଗାନ୍ଧିଙ୍କୁ ମଧ୍ୟ ସମାଲୋଚନା କରନ୍ତି, ତାଙ୍କର ତଥାକଥିତ ଧର୍ମ ସମନ୍ୱୟ ଜୀବନ୍ତ ମୈତ୍ରୀକୁ ବୁଝିବାରେ ଏକ ଭ୍ରାନ୍ତି। ବରଂ ତତ୍ତ୍ୱ ଦୃଷ୍ଟିରୁ ଜଗନ୍ନାଥ ଧର୍ମରେ କାହାକୁ ଘୃଣା କରିବାର କି ନିଜର ବଡ଼ାଇ କରିବାର ଅବକାଶ ନ ଥିଲେହେଁ ବାସ୍ତବତଃ ସେଥିରେ ଉପେକ୍ଷା ଓ ଅହଂକାରର ଭୂମିକା ଅଛି। ପଣ୍ଡିତ ନୀଳକଣ୍ଠଙ୍କ 'କ୍ରମ ପରିଣାମ'ରେ ତାହାର ସଂକେତ ଯେ କେହି ଲକ୍ଷ୍ୟ କରିପାରନ୍ତି।

"କ୍ରମ ପରିଣାମ" ରେ ନୀଳକଣ୍ଠ ଠାଏ ଠାଏ ଆମ ସମାଲୋଚନା ସାହିତ୍ୟକୁ ଫେରି ଚାହିଁଛନ୍ତି। ସାରଳା ସାହିତ୍ୟ ତାଙ୍କ ପାଇଁ ଆମର ଜାତୀୟ ସାହିତ୍ୟ। ସାରଳା ଦାସଙ୍କ କଳ୍ପନା ଓ ଚିତ୍ର ତାଙ୍କୁ ପ୍ରୀତ ଓ ବିସ୍ମିତ କରିଥିଲା – ମାତ୍ର ସେହି ସାହିତ୍ୟ

Digitized by PPRACHIN, SOA

ସମାଲୋଚନା ଘେନି ସେ କୃତାର୍ଥ ନୁହନ୍ତି । ତେଣୁ ସେ କାହିଁ ନାମୋଲ୍ଲେଖ ନ କରି କହନ୍ତି, "ସାରଳା ଦାସଙ୍କ ସାହିତ୍ୟର ମୁଖ୍ୟ ଓ ଅବାନ୍ତର ଭାବରେ ଯାହା କିଛି ସମାଲୋଚନା ହୋଇଛି, ସେଥିରେ ସଂସ୍କୃତ ମହାଭାରତ ସଙ୍ଗେ କେଉଁଠାରେ କେତେ ସାମ୍ୟ ଓ ବୈଷମ୍ୟ ଅଛି, ସେଇକଥା ଘେନି ବହୁତ ଲେଖା ହୋଇଛି । ମାତ୍ର ସାରଳା -ସାହିତ୍ୟକୁ ମାପି ବୁଝିବାରେ ଏ ପ୍ରକାର ପ୍ରାଣହୀନ ସମାଲୋଚନାର ସ୍ଥାନ ଏଡ଼େ ବଡ଼ ନୁହେଁ ।" ଧର୍ମ -ସାହିତ୍ୟ ସମାଲୋଚନା ମଧ୍ୟ ତାଙ୍କ ପାଇଁ ବିଶେଷ କୃତିତ୍ୱ ଦାବି କରେ ନାହିଁ । ଠାଏ କହିଛନ୍ତି, "ଓଡ଼ିଆ ଲିଖିତ ସାହିତ୍ୟରେ ସମାଲୋଚନାମୂଳକ ଲେଖା ପ୍ରାୟ ନାହିଁ କହିଲେ ହୁଏ । ଯାହା ବା ଅଛି ସେଥିରେ ରନ୍ଧ୍ରେ ରନ୍ଧ୍ରେ ଭକ୍ତର ପ୍ରଭାବ ଓ ଭକ୍ତି ସାହିତ୍ୟର ମୋହ ପୂର୍ଣ୍ଣ । ଭକ୍ତିରେ ସ୍ୱାଧୀନ ଚିନ୍ତା ଓ ନିର୍ବିକଳ୍ପ ଆଲୋଚନା ଫୁଟିବାର ନୁହେଁ ।" ଆଉ ଭଞ୍ଜ ସାହିତ୍ୟ ଆଲୋଚନାରେ ଭଞ୍ଜ ଜୟନ୍ତୀର କର୍ମକର୍ତ୍ତାଙ୍କୁ ଘେନି ତାଙ୍କର ବିଶେଷ ଉତ୍ସାହ ନଥିଲା । ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କର ରଚିତ ପ୍ରବନ୍ଧଟିକୁ ତଥାକଥିତ କୌଣସି ଭଞ୍ଜପ୍ରେମିକ ଶ୍ରଦ୍ଧା କରିପାରିବ ନାହିଁ । ସାରଳା ସାହିତ୍ୟ, ଭକ୍ତି ସାହିତ୍ୟ ଓ ଭଞ୍ଜସାହିତ୍ୟ ଏ ସବୁର ଆଲୋଚନାରେ ନୀଳକଣ୍ଠଙ୍କ ଦିଗଦର୍ଶନ ଅସାମାନ୍ୟ ଧୀ-ଶକ୍ତିର ପରିଚୟ ଦିଏ । ନାମ ଉଚ୍ଚାରଣ ନ କଲେ ମଧ୍ୟ ପ୍ରକାରାନ୍ତରେ ସେ ଯେ ସାରଳା ସାହିତ୍ୟ ଉପଲକ୍ଷ୍ୟେ ଗୋପୀନାଥ ନନ୍ଦଙ୍କୁ ଓ ଭକ୍ତି-ସାହିତ୍ୟ ଉପଲକ୍ଷ୍ୟେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କୁ ଇଙ୍ଗିତ କରିଛନ୍ତି, ତାହା ଅବୁଝା ରହେନାହିଁ । ଗୋପୀନାଥ, ଆର୍ତ୍ତବଲ୍ଲଭ ଓ ନୀଳକଣ୍ଠ - ତିନିହେଁ ଆମର ଅବଲମ୍ବନ । ଏହି ତିନିଙ୍କ ଦୃଷ୍ଟିଭଙ୍ଗୀର ସମନ୍ୱୟ ଘଟିଲେ ଆମ ସମାଲୋଚନା ସାହିତ୍ୟ କୃତାର୍ଥ ହୁଅନ୍ତା ।

କ୍ରମ-ପରିଣାମରେ ନୀଳକଣ୍ଠ ଯଥାର୍ଥରେ ଜଣେ ପଣ୍ଡିତ ବ୍ୟକ୍ତି । ତାଙ୍କ ଅଧ୍ୟୟନରେ ବ୍ୟାପକତା ଓ ପରିଶ୍ରମର ଅଖଣ୍ଡତା ଲକ୍ଷ୍ୟ କରିବାର ବିଷୟ । ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ଭାଷାର ଯେଉଁସବୁ ବହିର ନାମୋଲ୍ଲେଖ ଏଥିରେ ଅଛି, ସେଗୁଡ଼ିକ ତାଙ୍କ ପ୍ରାଜ୍ଞ ଓ ପ୍ରସାରିତ ଦୃଷ୍ଟିର ସାକ୍ଷ୍ୟ ବହନ କରିଛନ୍ତି । ଏବେ ପାଣ୍ଡିତ୍ୟର ପରାକାଷ୍ଠା ସ୍ୱରୂପ ଗବେଷଣାତ୍ମକ ନିବନ୍ଧ ଶେଷରେ ଗୁଡ଼ିଏ ବହିର ନାମ ଲେଖାଯାଉଛି । ଓଡ଼ିଆ ଗବେଷକ ସେଥିରୁ ଯେବେ ଏକ ଚତୁର୍ଥାଂଶ ବହି ପଢ଼ିଥାନ୍ତେ, ଜ୍ଞାନର କେତେ ଦିଗଦିଗନ୍ତ ଉନ୍ମୋଚିତ ନ ହୁଅନ୍ତା ! ପାଣ୍ଡିତ୍ୟ ଆଜି ଧୂର୍ତ୍ତତାର ବିଷୟ । ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟ କିନ୍ତୁ ଅଛିଦ୍ର । ଓଡ଼ିଆ ଗବେଷକମାନଙ୍କ ବିଦ୍ୟା ଓ ବ୍ୟକ୍ତିତ୍ୱ ପ୍ରତି ତାଙ୍କର ଶ୍ରଦ୍ଧା ବି ଥିଲା - ଶ୍ୟାମସୁନ୍ଦର ରାଜଗୁରୁ, ବାନାମ୍ବର ଆଚାର୍ଯ୍ୟ, କୁଞ୍ଜବିହାରୀ ଦାଶ ଓ ବଂଶୀଧର ମହାନ୍ତି ଆଦିଙ୍କ ନାମ ସେ ସ୍ମରଣ କରିଛନ୍ତି ।

କ୍ରମ-ପରିଣାମରେ ନୀଳକଣ୍ଠଙ୍କ ପ୍ରଭୂତ ଜ୍ଞାନ, ମନନ, ପରିଶ୍ରମ, ସାହିତ୍ୟ ରୁଚି, ଧର୍ମବୋଧ ଓ ଜୀବନାଦର୍ଶର ବିସ୍ମୟକର ସମନ୍ୱୟ ଅନାୟାସ ଲକ୍ଷ୍ୟ । ଗ୍ରନ୍ଥଟିର ସବୁଠୁ ତ

Digitized by PPRACHIN, SOA

ବଡ଼ ଆକର୍ଷଣ ହେଉଛି ତା'ର ମୌଳିକତା ଓ ଆନ୍ତରିକତା । ନୀଳକଣ୍ଠ କେଉଁଠି ଗଡ଼ଡ଼ାଳିକ ପ୍ରବାହରେ ଭାସିଯିବାର ଲୋକନୁହନ୍ତି । ତାଙ୍କର ସ୍ୱକୀୟ ବଳିଷ୍ଠତା ସବୁଠି ଦେଦୀପ୍ୟମାନ । ସ୍ୱତନ୍ତ୍ର ସ୍ୱଚ୍ଛନ୍ଦ ଏକ ନିଜସ୍ୱ ଦୃଷ୍ଟିଭଙ୍ଗୀ ଘେନି ସେ ସାହିତ୍ୟ ସମାଲୋଚନାରେ ପ୍ରବୃତ୍ତ ହୋଇଥିଲେ, ସେହି ଦୃଷ୍ଟିଭଙ୍ଗୀ ସେ ଅକ୍ଷୁଣ୍ଣ ରଖିଛନ୍ତି । ଅନ୍ୟ ପକ୍ଷରେ ସେ ଓଡ଼ିଆ ଐତିହ୍ୟ ପ୍ରତି ପରମ ଶ୍ରଦ୍ଧାଶୀଳ ଥିଲେ । ତାଙ୍କର ଜ୍ଞାନ ଯେତେ, ଶ୍ରଦ୍ଧା ତତୋଧିକ । ସେଇଥିପାଇଁ ନାନା ତ୍ରୁଟି -ବିଚ୍ୟୁତି ସତ୍ତ୍ୱେ ଗ୍ରନ୍ଥଟି ପ୍ରାଣକୁ ଛୁଏଁ । ରଚନାଭଙ୍ଗୀ ମଧ୍ୟ ସରସ, ପ୍ରାଣବନ୍ତ, ସୁଷମାଯୁକ୍ତ, ଭାଷାରେ ସୃଜନୀ ପ୍ରତିଭାର ଗୁଣ ପ୍ରକଟିତ । ନୀଳକଣ୍ଠ ଆମର ଅନ୍ୟତମ ଶ୍ରେଷ୍ଠ ଗଦ୍ୟଶିଳ୍ପୀ । ଭାଷାରେ ସେ ବିଚାରଶୈଳୀର ଯୌକ୍ତିକତା ଓ ସତେଜତା ଫୁଟାଇ ପାରନ୍ତି, ସାହିତ୍ୟ ସଂକ୍ରାନ୍ତ ସହଜାତ ରସବୋଧ ଉକୁଟାଇ ଦିଅନ୍ତି । ତାଙ୍କ ଗଦ୍ୟର ସୁସଭ୍ୟ ଚେହେରାଟି ଆମର ଆଦର୍ଶ ହେଉ ।

ଓଡ଼ିଆ ସାହିତ୍ୟର କ୍ରମପରିଣାମ ଆମର ଅନ୍ୟତମ ପ୍ରଧାନ ସମ୍ପଦ । ଏଥିରେ ଆମ ଜାତୀୟ ସଂସ୍କୃତିର ସାମଗ୍ରିକ ରୂପ ଯେପରି ସ୍ୱଷ୍ଟ ହୋଇ ଉଠିଛି, ସେପରି ଗଭୀର ଅନ୍ତର୍ଦୃଷ୍ଟି – ସମ୍ମତ ସାହିତ୍ୟ ସମାଲୋଚନାତ୍ମକ ମନ୍ତବ୍ୟର ପରିଚୟ ମଧ୍ୟ ରହିଛି । କ୍ରମ - ପରିଣାମର ନୀଳକଣ୍ଠ ନ ଥିଲେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବୋଲି ଏଡ଼େ ବଡ଼ ଗୋଟାଏ ବ୍ୟାପାର ଅଛି ବୋଲି ସେତେବେଳେ ଆମେ ଜାଣିଥାନ୍ତୁ କିପରି ?

Digitized by PPRACHIN, SOA

କାହ୍ନ ପବ୍ଲିସର୍ସ

ISBN81-86091-74-4
ISBN 81-86091-74-4

Digitized by PPRACHIN, SOA